# ଫଟା ଫତେଇ

## ସନ୍ତୋଷ ରଥ

ଘୁଞ୍ଚା ଶୀତର ରାତି । ସମୁଦ୍ରକୂଳିଆ ଘର, ପୁଣି ତିନିମହଲା ଉପରେ । ଶୀତ ଫେରିଯାଇଥିଲେ ବି ଶୀତୁଆ ଭାବଟା ଅଧାଉକୁଟା ମଳୁକୁଟି ପରି ରାତିର ଦେହରୁ ଛାଡ଼ିଯାଇ ନ ଥାଏ । କାଲୁଆ ପବନଟା ଧସେଇ ପଶି ଆସେ ଉତ୍ତରମୁହଁ ଝରକା ଦେଇ । ପବନର ଅବାଧ ଗତି ମୋ ରୁମ୍‌ରେ । କାରଣ କବାଟ ଝରକା ସବୁ ଖୋଲା ମେଲା ପୁଣି ମୁହାଁ ମୁହିଁ । ଦକ୍ଷିଣକୁ ବାଲ୍‌କୋନି, ଉତ୍ତର ପଟେ ବିରାଟ ଖୋଲା ବାରଣ୍ଡା । ଟିକିଏ ବେନଜର ହେଇ ସାମ୍ନାସାମ୍ନି କବାଟ ଦୁଇଟାକୁ ସାହାଣ ମେଲା କରିଦେଲେ କଥା ଶେଷ । କାନ୍ଥ ଲଟକା କ୍ୟାଲେଣ୍ଡର ସବୁ ଧୁମ୍ ଧାମ୍ ହୋଇ ବିଛାଡ଼ି ହୋଇ ପଡ଼ନ୍ତି ଝଡ଼ ସାଉଁଟା ଧାନ କିଆରୀ ପରି ରୁମ୍‌ଟା ସାରା । ତେଣୁ ଗୋଟିଏ ତରଫ ବନ୍ଦ କରି ଆର ତରଫକୁ ଖୋଲିବାର ନିଘା ରଖିଥାଏ । ହେଲେ ରାତିରେ ଝରକା ଦୁଇଟାକୁ ଦରଆଉଜା କରିଦେଲେ ଢେର । ସବୁଦିନ ପରି ରାତି ଶୋଇବାବେଳକୁ ପିନ୍ଧାକୁର୍ତ୍ତାକୁ ଦୋହରେଇ ପିନ୍ଧିବାକୁ ଆଜି କାହିଁକି ଇଚ୍ଛା ହେଲାନି । ମନେ ପଡ଼ିଗଲା : ''ବାବା, ଶୋଇବା ବେଳେ ପିନ୍ଧି ପକାଇବ... ।''

ଲଣ୍ଡ୍ରି ଫେରନ୍ତା କପଡ଼ା ଥାକ ଭିତରୁ ଧଳା ଧପ୍ ଧପ୍ କଡ଼ା ଇସ୍ତିରିଆ ଫତେଇଟାକୁ ବାହାର କରିନେଲି । ଓଡ଼ିଶାର ତନ୍ତବୁଣା ଖଦିକପଡ଼ାରେ ତିଆରି । ବହୁତ ସାଧାସିଧା କାରିଗରି, ହେଲେ ବିଶେଷତ୍ୱ ରହିଛି ତିଆରି ଶୈଳୀରେ । ଫତେଇ ଖଣ୍ଡିକ ଖଣ୍ଡିଏ କପଡ଼ାରେ ତିଆରି ଯେମିତି କୋଣାର୍କର ନବଗ୍ରହ ମୂର୍ତ୍ତି, ପୁରୀ ମନ୍ଦିରର ଅରୁଣ ଖମ୍ବ । ଗୋଟିଏ ପଥରରେ ଗଢ଼ା ପୂରାପୂରି ନିଖୁଣ । କପଡ଼ାରେ ଯୋଡ଼ାଯୋଡ଼ି ନାହିଁ କି ବେକରେ ବୋତାମ ନାହିଁ । ସଫେଇ ଜନିତ ସିଲେଇ ଫିଟିବାର କି ବୋତାମ ଛିଣ୍ଡିବାର ଝାମେଲା ମଧ୍ୟ ନାହିଁ । ଢେର ଦିନ ହେଲାଣି ଢେର ପିନ୍ଧିଛି ।

ସେତେବେଳେ ପଢ଼ାସାରି ନୂଆ ନୂଆ ଚାକିରି କରୁଥାଏ । ଅଫିସ୍ ଫେରନ୍ତା ରାସ୍ତାକଡ଼ର ଖଦି ଓ ଗ୍ରାମୋଦ୍ୟୋଗ ଦୋକାନରେ ଲଟକିଥିବା ଏଇ ଫତେଇଗୁଡ଼ାକ ଆଡ଼େ ନଜର ଲାଗିଗଲା । ଭଲ ଲାଗିଲା, ନିଜ ମାପର ଖଣ୍ଡିଏ ମାଗିନେଲି । ହେଲେ ପାଖରେ ଥିବା ସହକର୍ମୀ ଜଣକ ଚିଲେଇ ଉଠିଲା, ''ଆରେ ତୁ କ'ଣ ପାଗଳ ହୋଇଗଲୁ ନା କ'ଣ ? ଫତେଇ ପିନ୍ଧିବୁ ପୁଣି ଖଦି କପଡ଼ାର ।''

ଦୋକାନୀ ବାପୁଡ଼ା ତା' ସହ ତାଳ ଦେଇ କହି ପକାଇଲା :

— ବାବୁ ତାଙ୍କ ବୁଢ଼ା ବାପାଙ୍କ ପାଇଁ ନେଉଥିବେ ନା । ଆପଣମାନଙ୍କ ବୟସର ବାବୁମାନେ କେହି କ'ଣ ଫତେଇ ପିନ୍ଧିବେ ? ପୁଣି ଆଜି ଯୁଗରେ ! ଯୁଗ ଥିଲା ଗାନ୍ଧିଜିଙ୍କ ଅମଳରେ ଏଇ ଖଦି କପଡ଼ାକୁ କେତେ ଆଦର କରୁଥିଲେ ଆମେମାନେ । ସ୍ୱଦେଶୀମାନଙ୍କ ପିନ୍ଧା ଟୋପିଠାରୁ ଜାତୀୟ ପତାକା ଯାଏଁ ସବୁ ଏଇଥିରେ ହେଉଥିଲା । କୁଟି ଖାଇବା କାଟି ପିନ୍ଧିବା ଥିଲା ସେତେବେଳର ଗୋଟାଏ ଆଦର୍ଶ । ବିଦେଶୀ କପଡ଼ା ବର୍ଜନ କରିବା ଥିଲା ସ୍ୱରାଜବାଦର ଚିହ୍ନ । ହେଲେ ଆଜି ଯୁଗରେ ସେଇ ବିଦେଶୀମାନଙ୍କ ଢଙ୍ଗରେ ନିଜକୁ ଅଧା ଫୁଙ୍ଗୁଳା କରି ରାସ୍ତାରେ ଘୂରି ବୁଲିବା ହେଉଛି ଆମ ପିଲାମାନଙ୍କର ସବୁଠାରୁ ବଡ଼ଫେସନ୍ । ହେଲେ ବାବୁଙ୍କ ବିନା ସେମାନେ କେହି ମୋ ଦୋକାନ ମାଡ଼ନ୍ତିନି ।

— ଥାଉ, ଢେର କହିଲଣି । ପୁରୁଣା କାଳିଆ ଲୋକମାନଙ୍କର ଏଇଟା ଗୋଟାଏ ରୋଗ । ଆଜିର ଚଳଣିଟା କାଲିକି ପୁରୁଣା ହୋଇଗଲେ ସେଇସବୁ ଭାରି ସୁନ୍ଦର, ହେଲେ ଆଜି ନୁହେଁ । ଏଇଭଳି ପରିବର୍ତ୍ତନ-ବିମୁଖତା ଯୋଗୁଁହିଁ ଦେଶର ଆଜି ଏ ଅବସ୍ଥା ।

ବନ୍ଧୁଙ୍କ ଚଢ଼ାଗଳାର ଉତ୍ତରରେ ବିଚରା ଚୁପ୍ ହୋଇଗଲା । କଥା ନ ବଢ଼ାଇ ପଇସା ବଢ଼ାଇ ଫେରି ଆସିଲି । ଭୁଲ୍‌ଟା କାହାରି ନୁହେଁ । କିଏ ବା କାହିଁକି ଜାଣିବ ମୋ ମନକଥା ! ସାଧାରଣ ସଂସାରୀ ଜୀବନରୁ ଓହରିଯାଇ ଆଶ୍ରମରେ ରହିବାର ମନବଳିବା ଦିନଠୁ ମୋ ପୋଷାକ ସଉକି ମନଟାର ରଙ୍ଗ ବଦଳି ଯାଇଥିଲା । ଭାବିଲି ଆଶ୍ରମରେ ରହିବି ପୁଣି ପୋଷାକପତ୍ରରେ ଏତେ ସଉକି କ'ଣ ଦରକାର ? ଆମ ଆଶ୍ରମରେ ସିନା ପୁରୁଣାକାଳିଆ ଗେରୁଆ କପଡ଼ା, ଶିଖା ତିଳକର ପ୍ରଥା ନାହିଁ ହେଲେ ସାଧା

ସରଳତାର ସୀମା ପାରିହେବାରେ ଲାଭ କ'ଣ ? ଘୋଡ଼ାର ବେକରୁ ଲଗାମ କାଢ଼ିନେଇ ଦୌଡ଼ାଇବା ସଇସର ଧର୍ମ ନୁହେଁ କି ପ୍ରତିଯୋଗିତାର ଲକ୍ଷ୍ୟ ମଧ୍ୟ ନୁହେଁ । ବରଂ ଲଗାମ, ଚାବୁକ ଓ ଘୋଡ଼ା ସମସ୍ତଙ୍କୁ ନିଜର ଆୟତ୍ତାଧୀନ କରି ଦୌଡ଼ିବାରେ ରହିଛି ପ୍ରକୃତ ସାର୍ଥକତା । ପ୍ରଗତିର ପ୍ରକୃତ ପନ୍ଥା । ଗୁରୁଦେବଙ୍କର ଏଇ ଧାରାଟା ମୋ ମନକୁ ବେଶ୍ ଛୁଇଁ ଯାଇଥିଲା । ଅତ୍ୟାବଶ୍ୟକ ବସ୍ତୁସକଳ ପ୍ରତି ବିରାଗ ନୁହେଁ କି ଅସଂଯମତା ପ୍ରତି ଅନୁରାଗ ମଧ୍ୟ ନୁହେଁ । ଲୋକଦେଖାଣିଆ ବାହ୍ୟ ବୈରାଗ୍ୟଠାରୁ ଆନ୍ତର ବୈରାଗ୍ୟରେହିଁ ରହିଥାଏ ପ୍ରାଣିକ ଗତିବୃତ୍ତି ଉପରେ ପ୍ରକୃତ ବିଜୟ ।

ଆଶ୍ରମରେ ରହିବା ବର୍ଷ ମୋର ଏବେ ପାଞ୍ଚ ପୂରି ଛଅ ଚାଲିବ । ପଣ୍ଡିଚେରୀର ଗରମ ହାଓ୍ୱାକୁ ହାଫ୍‌ପ୍ୟାଣ୍ଟ ଓ ଫତେଇ ମୋତେ ବେଶ୍ ପୋଷାଏ । କେଇଜଣଙ୍କୁ ବହୁତ ଭଲ ଲାଗିଲା, ପୁଣି କେଇଜଣ ପୁରୁଣା କାଳିଆ ସାଧକ ମାନଙ୍କ ନାମ ଧରି ମୃଦୁ ସମାଲୋଚନାମୂଳକ ସ୍ତୁତିଚାରଣ କଲେ । ମୋର କିନ୍ତୁ ସେ ସବୁ ପ୍ରତି ଖାତିର ନ ଥାଏ । ଆଶ୍ରମ କାମରେ ଜିନିଷ ଲଦା ଟ୍ରଲିରିକ୍ସା ଟାଣି ଆଣିବା ବେଳେ ଫତେଇଟା ମୋ ମନ ପସନ୍ଦର ପୋଷାକ ହୋଇଉଠେ । ସତ କହିବାକୁ ଗଲେ ସାମାଜିକ ଓ ପାରିବାରିକ ପଦମର୍ଯ୍ୟାଦାକୁ ଚାହିଁ କାମ, ପୁଣି କାମ ଜନିତ ପଦମର୍ଯ୍ୟାଦା— ଏଇ ଦୁଇଟାର ଠେଲାପେଲା ଭିତରୁ ଓହରି ଯିବା ପାଇଁ ବାହାର ଦୁନିଆର ଲୋକେ କେହି ବି ଚାହାନ୍ତିନି । ମାତ୍ର କଥା କଥାକେ କହି ପକାନ୍ତି— ଘାସକଟାଠାରୁ ଘୋଡ଼ାଚଢ଼ା ଯାଏଁ ସବୁକାମ ତ ଭଗବାନଙ୍କର । ଏଥିରେ ଛୋଟ ବଡ଼ର ବାଛ ବିଚାର କରିବା ଠିକ୍ ନୁହେଁ । ବିବେକାନନ୍ଦ ତ ପୁଣି ମୋଚି ମେହେନ୍ତରଙ୍କୁ ନିଜର ଭାଇ ବୋଲି ଆଦରି ନେଇଥିଲେ । ଖୁସୀ ଲାଗେ— ବାହାରେ ଥିଲେ ମୁଁ ସିନା ଘୋଡ଼ାଚଢ଼ି ପାରିଥା'ନ୍ତି ହେଲେ ସମସ୍ତ ଅପ୍ରତିକୂଳ ପରିସ୍ଥିତିରେ ରିକ୍ସା ଟାଣିବାର ସୌଭାଗ୍ୟ କେବେବି ଜୁଟି ନ ଥା'ନ୍ତା । ହେଲେ ଜପତପ, ଭଜନପ୍ରବଚନ ଛାଡ଼ି ରିକ୍ସା ଟାଣିବା, ଲୁଗା କାଚିବା, ଝାଡୁ ମାରିବା ମାଧ୍ୟମରେ ଯେ ସାଧନା କରାଯାଇପାରେ, ଏକଥା କେବଳ ଏଇ ଆଶ୍ରମରେହିଁ ଦେଖିବାକୁ ମିଳେ । ପୁଣି ଉପଯୁକ୍ତ ମନୋବୃତ୍ତି ସହ କରିପାରିଲେ ଧ୍ୟାନ କରିବାଠାରୁ କାମରେ କୁଆଡ଼େ ଦଶଗୁଣ ଫଳ ।

ସନ୍ଧ୍ୟାରେ ଦିନେ ଆଶ୍ରମରୁ ଆସୁ ଆସୁ ସାଧକବନ୍ଧୁ ଜଣେ ତାଙ୍କର ମାମୁମାଈଁଙ୍କ ସହ ପରିଚୟ କରାଇଦେଲେ । ସମ୍ଭ୍ରମରେ ନମସ୍କାର ଜଣାଇଲି । ଜାଣିଲି ପ୍ରଥମଥର ପାଇଁ ଆସିଛନ୍ତି । ପୋଷାକପତ୍ରରୁ ଜଣାପଡୁଥାଏ ବେଶ୍ ଉଚ୍ଚପଦବିର ଅଧିକାରୀ । ବହୁତ ଖୁସିରେ ମାମୁ ତାଙ୍କର କହି ପକାଇଲେ :

— ହଁ ଆମେ ଦେଖିଛୁ । ପ୍ରଥମଦିନ ତୋତେ ଖୋଜି ବୁଲିବା ବେଳେ ତୁମେଦୁହେଁ ରିକ୍ସାଟାଣି ଆସୁଥିବାର ଆମେ ଦେଖିଛୁ ।

— ତୁମେ ଆମକୁ ସେତେବେଳେ ଡାକିଲନି ?

ବନ୍ଧୁଙ୍କ ପ୍ରଶ୍ନର ଉତ୍ତର ନ ଦେଇପାରି ସେ ଚୁପ୍ ହୋଇଗଲେ । ଟିକିଏ ଅପ୍ରସ୍ତୁତ ବୋଧହେଲେ । ବୁଝିଗଲି । ଏତେ ପାଠପଢ଼ି, ଏତେ ଧନସମ୍ପତ୍ତି ଛାଡ଼ି ଭଣଜା ତାଙ୍କର ରାସ୍ତାରେ ରିକ୍ସା ଟାଣୁଥିବାର ଦେଖି ହଠାତ୍ ନିଜକୁ ସାଲିସ ନ କରି ପାରିବାଟା ଅସ୍ୱାଭାବିକ ନୁହେଁ । କାରଣ ସେଇ ମନ ଆଜିଯାଏଁ ସାଇପଡ଼ିଶା, ବନ୍ଧୁବାନ୍ଧବଙ୍କ ଆଗରେ ନ୍ୟାୟ ଅନ୍ୟାୟ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଭିତରେ ବାଛ ବିଚାର କରି ରାୟ ଦେଉଥିଲା— ସଂସାରରେ ରହି କ'ଣ ଭଗବାନଙ୍କୁ ଲାଭ କରିହେବ ନି ? ସମସ୍ତେ ଯଦି ବାବାଜି ହେବେ ସଂସାର ତିଷ୍ଠିବ କେମିତି ? ବାପା— ମାଆ, ଭାଇ— ଭଉଣୀ ଏମାନଙ୍କ ପ୍ରତି କ'ଣ କିଛି କର୍ତ୍ତବ୍ୟ ନାହିଁ ? ସମାଜ ପ୍ରତି କ'ଣ କିଛି ପ୍ରତିଦାନ ନାହିଁ ? କିଛି ନୁହେଁ, କିଛି ନୁହେଁ ବୋଝବୋହିବାକୁ ପଡ଼ିବ ବୋଲି ଏସବୁ ଖାଲି ଗୋଟାଏ ବାହାନା । ଏମାନେ ସବୁ ସୁବିଧାବାଦୀ ସ୍ୱାର୍ଥପର । ନିଷ୍କର୍ମା ଅକର୍ମା ହୋଇ ଭକ୍ତ ଭିକ୍ଷାରେ ଭୋଜନ କରିବା ନ୍ୟାୟ । ହେଲେ ଏବେ ତ ନିଜ ଆଖିରେ ଦେଖିନେଲେ ଭଣଜା ତାଙ୍କର କେତେ ଖୁସି । ମୁଖର ଦ୍ୟୁତି ସୂଚାଇ ଦେଉଥାଏ ବ୍ରହ୍ମଚାରୀର ବ୍ରତନିଷ୍ଠାକୁ । ପୁଣି ଦୁଇ ତିନିଦିନର ରହଣି ଭିତରେ ଆଶ୍ରମର ଢଙ୍ଗରଙ୍ଗ, ରୀତିନୀତି ଦେଖି ବେଶ୍ ବୁଝିଗଲେଣି, ଗୀତାର କର୍ମଯୋଗଠାରୁ ଆହୁରି ସ୍ପଷ୍ଟ ଏହାର ଧାରା । ସାଧନାର ଏହା ଏକ ସର୍ବାଧୁନିକ ଦୃଷ୍ଟିଭଙ୍ଗୀ । ନିର୍ବାଣଠାରୁ ଆହୁରି ସୁଦୂରପ୍ରସାରୀ ଏହାର ଲକ୍ଷ୍ୟ । ପଥପିଚ୍ଛିଳ ହେଲେ ବି ଚେତନାରୁ ଅତିଚେତନା, ମାନସରୁ ଅତିମାନସକୁ ଏକ କ୍ରମାନ୍ୱୟ ଆରୋହଣ ପାଇଁ ସଭିଏଁ ସଂକଳ୍ପବଦ୍ଧ । ଲାଗୁଥାଏ ସେ ଯେମିତି ବର୍ଷା ଉଛୁଳା କୂଅ

ଭିତରୁ ଡେଇଁ ପଡ଼ିଛନ୍ତି ଭିନ୍ନ ଗୋଟାଏ ଜଳାଶ୍ରୟକୁ । ଆଉ ସେଇଟାହିଁ ତାଙ୍କ ପାଇଁ ସୀମାହୀନ ସମୁଦ୍ର । ନିଜର ଲଜ୍ଜିତ ଭାବକୁ ପ୍ରକାଶ ନ କରି କଥାକୁ ମୋଡ଼ଦେଇ କହିପକାଇଲେ :

— ତୁମର ଏଇ ଫତେଇଟା କିନ୍ତୁ ବହୁତ ଭଲ ହେଇଛି, ବେଶ୍ ମାନୁଛି, ଏଇଟା କ'ଣ ଓଡ଼ିଶାରୁ ଆଣିଥିଲ ?

— ହଁ ଭରି ଫେରି ଆସିଲି । ହେଲେ ଫତେଇଗତ ପ୍ରାଣଟା ମୋର ଚହଲିଉଠିଲା । ପୁରୁଣିଆ ଭାବଟା ସାରା ଫତେଇଟାକୁ ଜଡ଼ିଯାଇଥାଏ । ବୟସାଧିକ ଅବସ୍ଥା । ଆଉ ବେଶୀଦିନ ନୁହେଁ ।

ଭାବନାର ଧାଁ ଦଉଡ଼ ଭିତରେ ନିଦ ସେପର୍ଯ୍ୟନ୍ତ ଆସି ନ ଥାଏ । ଫତେଇର ଜନ୍ମ ଜାତକରୁ ଜୁଇଯାତ୍ରାଯାଏ ଲେସି ହୋଇରହିଥିବା ଘଟଣ ଅଘଟଣସବୁ ବିଜୁଳି ପରି ଝଟକି ଆସୁଥା'ନ୍ତି ରାତିର ବହଳିଆ ଅନ୍ଧାର ଭିତରୁ ।

ଡିପାର୍ଟମେଣ୍ଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ କାମରେ ମ୍ୟାନେଜରଙ୍କ ସାଙ୍ଗରେ ଯାଇଥାଏ ଜଣେ ପଦସ୍ଥ ସରକାରୀ ଅଫିସରଙ୍କ ପାଖକୁ । ପ୍ରାୟ ୧୫ମିନିଟ ଧାରଣା ଦେବା ପରେ ଚପରାସୀଠାରୁ ସଦୟ ସ୍ୱୀକୃତି ମିଳିଲା ଦପ୍ତର ଅନୁପ୍ରବେଶ ନିମନ୍ତେ । ଶୀତତାପ ନିୟନ୍ତ୍ରିତ ବେଶ୍ ବଡ଼ କୋଠରି । ସାରା ଚଟାଣ ଗାଲିଚାରେ ଭର୍ତ୍ତି । ଚଟାଣଛୁଆଁ ପରଦାଗୁଡ଼ାକ ଲମ୍ବିଆସିଥା'ନ୍ତି ଉପରୁ ତଳଯାଏଁ କବାଟ ଝରକାକୁ ଆଢୁଆଳ କରି । ଫୋନ୍‌ଟା ଥୋଇଦେଇ ଅଧାଶୁଆ ଚଉକି ଭିତରୁ ଚିହିଁକି ଉଠିଲେ ଅଫିସର ଜଣକ, ସ୍ପ୍ରିଙ୍ଗଦିଆ କଣ୍ଢେଇପରି । ନୂଆ ହେଇ ଆସିଥା'ନ୍ତି, ବୟସ ବେଶୀ ନୁହେଁ । ତିର୍ଯ୍ୟକ ଚାହାଣିରେ ଚାହିଁଦେଲେ ଆମକୁ । ପାଖାପାଖି ହେବାକୁ ଅଳ୍ପ ବାକି ଅଛି ହଠାତ ଶୁଭିଲା :

— ଦୟାକରି ଆପଣ ଟିକେ ବାହାରକୁ ଯିବେ ! ଅଫିସ୍‌ର ଶାଳୀନତାକୁ ବ୍ୟାହତ କରୁଛି ।

ଆଶ୍ଚର୍ଯ୍ୟ ହେଲୁ । ସାରା ରୁମ୍‌ଟା ଭିତରେ ସିଏ ଏବଂ ଆମେ । ଆଉ ତ କେହି ନାହାନ୍ତି । ପୁଣି ଅନୁମତି ସହ ଏକ ଅବ୍ୟକ୍ତିକ କାମ ନେଇ ପ୍ରବେଶ କରିଛୁ । କାହାପାଇଁ ଏ କଟୂକ୍ତି । ଅଫିସରଙ୍କ ଇସାରା ବୁଝିପାରି ନୀରବରେ ବାହାରି ଆସିଲି । ବାହାରେ ବସିଥାଏ, କାମ ସାରି ମ୍ୟାନେଜର୍ ଜଣକ ଫେରିଲେ ।

— ଆଚ୍ଛା ! ଆମ ଦେଶର ଆଇନ୍‌ରେ ଏପରି କ'ଣ କିଛି ନିୟମ ରହିଛି ?

ସେତେବେଳକୁ ମୁଁ କେତେକ'ଣ ଭାବି ଚାଲିଥାଏ । ଏଇ ହେଉଛି ସେଇ ଦେଶ ଯାହାର ପ୍ରତିନିଧି ଆଣ୍ଠୁଢ଼ଙ୍କା ଖଦିଲୁଗା ଖଣ୍ଡେ ପିନ୍ଧି ବ୍ରିଟିଶ ଦରବାରରେ ନିଜର ସ୍ୱତନ୍ତ୍ରତାକୁ ଜାହିର କରିଥିଲା । ଏଇ ହେଉଛି ସେଇ ଧର୍ମ ଯାହାର ପ୍ରତିନିଧି ମୁଣ୍ଡରେ ଠେକା ଭିଡ଼ି ଦେହରେ ଗେରୁଆ ପିନ୍ଧି ବିଶ୍ୱଧର୍ମ ମହାସଭାରେ ନିଜ ଧର୍ମର ମହାନ୍ ଉଦାରତାକୁ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ କରାଇ ପାରିଥିଲା, ସେଠି ପୁଣି ସର୍ବସାଧାରଣଙ୍କ ପୋଷାକ ପରିଚ୍ଛଦ ଉପରେ ନିୟମ କାନୁନ ? ପୁଣି ସ୍ୱାଧୀନତାର ପଚାଶ ବର୍ଷ ପରେ ? ଆଶ୍ଚର୍ଯ୍ୟ ଲାଗେ ଏତେ ସମ୍ପ୍ରଦାୟ, ଏତେ ସଂସ୍କୃତି ଯେଉଁଠି ଗୋଟିଏ ପାଣି ପବନରେ ବଢ଼ି ଉଠନ୍ତି ସେଠି ଫୁଲପ୍ୟାଣ୍ଟ-ସାର୍ଟ ଆଉ ହାଫପ୍ୟାଣ୍ଟ-ଫତେଇ ଲାଗି ନାଗରିକର ଅଧିକାରରେ ଫରକ ଆସିବ ବା କିପରି ?

...ହେଲେ ମୋ ଭିତରର କୁହୁଳା ନିଆଁଟା ଧପ୍‌କରି ଶୀତଳେଇ ଗଲା । ମୁହଁରୁ ମୋର ବାହାରି ଆସିଲା ଭିନ୍ନ ଉତ୍ତରଟାଏ— ନାଁ, ଆଇନରେ ସେମିତି କିଛି ଧରାବନ୍ଧା ବିଧିବ୍ୟବସ୍ଥା ନାହିଁ, ହେଲେ ଆମ କାମଟା ତାଙ୍କ ପାଖରେ ।

ହଠାତ୍ ମନେହେଲା ମୋ ଅହଂକାରର ଲବଣ ପିତୁଳା ସମୁଦ୍ରର ଗଭୀରତା ମାପିବା ପାଇଁ ଡେଇଁ ପଡ଼ିଛି । ମ୍ୟାନେଜରବି ମୋ କଥାରେ ବେଶ୍ ଖୁସି ହୋଇଗଲେ । ଫେରି ଆସିଲୁ । ପରେ କିନ୍ତୁ ମାତ୍ର ଚାରିଦିନ ଭିତରେ ପ୍ରାୟ ମାସକର କାମ ଆପଣାଛାଏଁ ହୋଇଯାଇଥିବାର ଖବର ପାଇ ଆଶ୍ଚର୍ଯ୍ୟ ଲାଗିଲା । ସେତେବେଳକୁ ଫତେଇ ପାଇଁ ଫତୁଆ ହେବା କଷ୍ଟଟା ଭୁଲି ଯାଇଥିଲି । ତଉଲି ନେଲି, ଗୋଟିଏ ପଟେ ଅଫିସରଙ୍କର ସାହେବୀ ଆଦବ କାଇଦା, ଅନ୍ୟପଟେ କର୍ମନିଷ୍ଠା, ଉଣିଶବିଶ । ତାଙ୍କ ପ୍ରତି ଥିବା ଅଶ୍ରଦ୍ଧା ଭାବଟା ବି ଦୂରେଇ ଗଲା । ବୁଝିଗଲି ବାହାର ଦୁନିଆରେ ସବୁ ମାଠିଆ ଗୁଡ଼ାକ ଯେ ଫମ୍ପା ସେକଥା ନୁହେଁ, ହେଲେ ସମସ୍ତେ ଶବ୍ଦ ଜୋର୍ କରନ୍ତି ।

ଫଟା ଫତେଇଟି ପ୍ରତି ମୋ ଦରଦ ଭାବଟା ବଢ଼ିଗଲାବେଳେ ଜାଣୁଥାଏ ସଂପର୍କର ଶେଷ ଶିଖାଟା କ୍ରମଶଃ ନିସ୍ତେଜ ହୋଇ ଯାଉଛି । ଆରମ୍ଭ ପରି ଶେଷ ମୁହୂର୍ତ୍ତ ଗୁଡ଼ାକ ଭିତରେ ରହିଥାଏ ସଂପର୍କର ଗୋଟାଏ ନିବିଡ଼ତା, ନିଶ୍ଚିହ୍ନତାର ଗୋଟାଏ ଦକ୍‌ଦକ୍ ଭାବ ।

ସେତେବେଳେ ସବୁକଥା ମନକୁ ଛୁଇଁଯାଏ, ସ୍ମୃତିକୁ ଚେଇଁଦିଏ । ମନେହୁଏ ନୂଆ ପୁରୁଣା ସବୁକଥା ଆଉଥରେ ସାଉଁଟି ନେବା ପାଇଁ । ଆଜି ସକାଳର ଫିକା ବାସ୍ନାଟା ମନଟାକୁ ମହକେଇ ଦେଲା ।

ଲଣ୍ଡ୍ରିରୁ ଲୁଗା ଥାକ ଆଣି ଦେଖେ ଚିଠାଠାରୁ ଗୋଟାଏ କମ୍ । ଭାବିଲି, ହେଲେ ଠଉରେଇ ପାରିଲିନି ମୋ ହଜିବା କୁର୍ତ୍ତାର କଳେବରକୁ । କ'ଣ କରିବି, କାହାକୁ କହିବି, ନିଜ ହଜିବା କୁର୍ତ୍ତାକୁ ହେଜି ନ ପାରୁଥିବାର ଅସାମର୍ଥ୍ୟକୁ । ଲାଭ ବା କ'ଣ ? ଆଜିର ପୋଷାକ ସଉକି ଦୁନିଆରେ ଯେଉଁଠି ଛୁଆର କାନ୍ଥୁ ଶାଢ଼ିର ଭାଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ, ସେଠି ମୋର ଏ ଭାବକୁ କିଏ ବା କାହିଁକି ବିଶ୍ୱାସ କରିବ ? ସାମ୍ନାଦେଇ ଚାଲିଯାଉଥିଲେ ବୟସ୍କା ସାଧିକା ଜଣେ, ମା'ଙ୍କ ଅମଳର । ସ୍ନେହୀ ଯେମିତି, ସରଳ ସେମିତି । କଥାବାର୍ତ୍ତା, ବେଶପୋଷାକ ସବୁଥିରେ ପିଲାଳିଆର ଢଙ୍ଗ । ...ଅଧ୍ୟାପିକା ଚାକିରି ଛାଡ଼ି ଆଶ୍ରମ ଆସିଥିଲେ ଖାଲି ମା'ଙ୍କ ମୋହରେ । ଆଶ୍ରମରେ ଲାବୋରେଟୋରିରୁ ଲଣ୍ଡ୍ରି, ଅଧ୍ୟାପନାରୁ ଲୁଗା ସଫେଇ କିଛି ଫରକ ପଡ଼େନି ତାଙ୍କ ପାଇଁ । ବିଭାଗୀୟ କର୍ମୀ ହେତୁ ଅତି ସନ୍ତର୍ପଣରେ କଥାଟା ଜଣାଇଲି ସିନା ହେଲେ ଉତ୍ତର ଶୁଣି ହତବମ୍ଭ ।

– ତୁମର ଫତେଇଟା ତ ? ବହୁତ ଜାଗା ଫାଟି ଯାଇଥିଲା । ମୁଁ ମେସିନରେ ନ ପକାଇ ହାତରେ ସଫାକରି ରଖିଛି । ହଜିବ କାହିଁକି ? ତାଙ୍କ କଥା ଶୁଣି ନିରର୍ଥକ ଉଦାସୀନତାର କଳାମେଘଟା ମୋ ମନରୁ ଅପସରି ଗଲା । ପାଟିରୁ ମୋର ଆପଣାଛାଏଁ ବାହାରିଗଲା :

– ବାହାର ଦୁନିଆରେ ମଣିଷ ନିଜ ପରିବାର ମଣିଷଙ୍କ ହିସାବ ରଖିବାକୁ କର୍ତ୍ତବ୍ୟ ବୋଲି ମଣୁନି, ହେଲେ ହଜାର ହଜାର ଲୁଗା ଭିତରେ ଆପଣ ଏଇ ଫଟା ଫତେଇଟାକୁ ମନେ ରଖିଛନ୍ତି; ପୁଣି ତା ପ୍ରତି ଏତେ ଯତ୍ନଶୀଳ ! ଧନ୍ୟ ଆପଣଙ୍କର କାର୍ଯ୍ୟନିଷ୍ଠା ।

ଧନ୍ୟବାଦର ପ୍ରତ୍ୟୁତ୍ତରରେ ଏତିକି ମାତ୍ର ଶୁଣିଲି : ନାଁ, ନାଁ, ଏଇଟା ତ ଆମ କାମ । ଏଥର ରାତିରେ ଶୋଇବାବେଳେ ପିନ୍ଧି ପକାଇବ । ଏଇଟି ତା ପାଇଁ ଶେଷ ସଫେଇ । ଆଉ ଆଣିବନି ।

ଛୋଟବଡ଼ ପ୍ରତିଟି ବସ୍ତୁ ପ୍ରତି ଯତ୍ନଶୀଳ ହେବାର ମା'ଙ୍କ ଉପଦେଶକୁ ସମର୍ଥନ ଜଣାଇ ଫେରି ଆସିଲି ସିନା, ହେଲେ ଫତେଇଟି ପ୍ରତି ମୋର ଆସକ୍ତି ଢେର ବଢ଼ିଗଲା । ଜାଣିଲି ସବୁଦିନ ପାଇଁ ମୋତେ ତା'ହେଲେ ତାକୁ ଭୁଲିଯିବାକୁ ହେବ । ଟାଣି ଦେବାକୁ ହେବ ସବୁ ସଂପର୍କ ଆଉ ସଂସର୍ଗରେ ଶେଷ ପୂର୍ଣ୍ଣଚ୍ଛେଦ । ଭାବନାଟା ପାଣିଛୁଆଁ ଭଉଁରି ପରି ମେଲିଯାଉଥାଏ ଥରକୁ ଥର । ରାତି ସେତେବେଳକୁ ଢେର ହେଲାଣି । ଆସକ୍ତି-ଆତୁର ପ୍ରାଣଟାକୁ ଚେତାଇଦେଇ ଭାବଟାଏ ଉଙ୍କିଉଠିଲା । ମୁଁ ବି ଏମିତି ଦିନେ ବୁଢ଼ା ହୋଇଯିବି, ମୋ ଆଦର ସାଇତା ଦେହଟା ବି ଦଦରା ହୋଇଯିବ । ହେଲେ ଫଟା ଫତେଇଟାକୁ ବିସର୍ଜିଦେବାକୁ ଯଦି ଏତେ ଖଟ୍‌କା ଲାଗୁଛି ତେବେ ଆତ୍ମା ଓ ଶରୀରର ଅଛିଣ୍ଡା ସଂପର୍କ ମଧ୍ୟରେ ମୃତ୍ୟୁକୁ ପରିବର୍ତ୍ତନର ଗୋଟିଏ ନିହାତି ସାଧାରଣ ପ୍ରକ୍ରିୟା ଭାବରେ ଗ୍ରହଣ କରିବା ତାହେଲେ କେତେ କଷ୍ଟକର ନ ହୋଇଥିବ ? ମନ, ପ୍ରାଣ ଯାହାକୁ ପରିଧାନ କରି ଲୀଳା ଖେଳା କରନ୍ତି, ନିଜର ସୁରକ୍ଷା ପାଇଁ ଯାହାକୁ ଦୁର୍ଗ ବନାଇଛନ୍ତି, ସେହି ଶରୀରକୁ ଛିଣ୍ଡା ପରିଧାନ ପରି ପରିବର୍ତ୍ତନ କରିଦେବା କ'ଣ ସତରେ ଏତେ ସହଜ ! ହେଲେ... ମୁଁ ତ ଶରୀର ନୁହେଁ, ଶରୀରଟା ମୋ ପାଇଁ । କେବଳ ସୁରକ୍ଷାର ଭାରଟା ମୋର । କିନ୍ତୁ ଉଡ଼ା ଚଢ଼େଇଟା ଉଡ଼ିଯିବା ପରେ ସେ କାହାର ନୁହେଁ କି କେହି ତା'ର ନୁହେଁ । ତେବେ ତା'ପ୍ରତି ମୋର ଏତେ ଆସକ୍ତି କାହିଁକି ? ମୃଗୟା ଅନ୍ୱେଷୀ ମନଟାକୁ ଫେରାଇଆଣି ବୁଝେଇଦେଲି, ବିନ୍ଦୁରେ ସିନ୍ଧୁ ଦର୍ଶନ ଅପେକ୍ଷା ସିନ୍ଧୁରେ ବିନ୍ଦୁର ସଂସିଦ୍ଧ ଅସ୍ତିତ୍ୱକୁ ଅନୁଭବ କରିବା ବୋଧହୁଏ ସହଜ ସାଧ୍ୟ ହୋଇପାରିଥାଏ । ତା'ଛଡ଼ା ଭଗବାନ ଯେତେବେଳେ କହୁଛନ୍ତି ''ବାସାଂସି ଜୀର୍ଣାନି ଯଥା ବିହାୟ...'' ସେତେବେଳେ ଯୁକ୍ତି ବୁଦ୍ଧିର ପ୍ରୟୋଗ ବିନା ସହଜ ସରଳରେ କଥାଟାକୁ ମାନିନେବାଟା ବରଂ ଶ୍ରେୟସ୍କର ।

ଅର୍ଜୁନର ଆବେଗ ଆକୁଳ ଆଖି ଦୁଇଟା ପ୍ରସରିଗଲା ଦେହରୁ ଦେହାନ୍ତର, ପରିଧାନରୁ ପରିଧାନକୁ । ଭଗବାନଙ୍କ ପ୍ରତିଶ୍ରୁତିକୁ ପ୍ରତିବାଦ ନ କରିବାର ସଂକଳ୍ପ ନେଇ ଫଟା ଫତେଇଟି ସହ ସମର୍ପିଦେଇ ଶୋଇଗଲି, କାଲିର କାମ ପାଇଁ ମୋତେ ପ୍ରସ୍ତୁତ କରିବାର ପ୍ରାର୍ଥନା କରି ।

❑❑❑

# ଅଲେଖା ଫର୍ଦ୍ଦ

## ସନ୍ତୋଷ ରଥ

ଫିକା ଅନ୍ଧାରଟା ସେ ଯାଏଁ ଫର୍ଚ୍ଚା ପଡ଼ି ନ ଥାଏ । ଫୁଙ୍ଗୁଳା ଆକାଶଟାରେ ତାରା କେତେଟା ତଥାପି ମିଟ୍ ମିଟ୍ କରୁଥା'ନ୍ତି । ହେଲେ ଆଖିରୁ ନିଦଟାକୁ ଓହ୍ଲେଇ ଦେଇ ଧଡ଼ ପଡ଼ ହୋଇ ଉଠିପଡ଼ିବାଟା ତାଙ୍କର ଗୋଟାଏ ନିତିଦିନିଆ ଅଭ୍ୟାସ । ଅଧା ପାହାନ୍ତାରୁ ବାସିକାମ ସାରି ମନ୍ଦିର ଯିବା ପାଇଁ ନିତି ସେ ଯେମିତି ତରତର ହୋଇ ବାହାରି ପଡ଼ନ୍ତି । ଦରଫୁଟା ସକାଳଟା ମଧ୍ୟ ଠିକ୍ ସେମିତି ତାଙ୍କୁ ଚାହିଁ ରହିଥାଏ ଚେଇଁ ଉଠିବା ପାଇଁ । ଫେରନ୍ତା ବେଳକୁ ଯାଇ ରାସ୍ତାଘାଟ ଫରଚା, ପକ୍ଷୀଙ୍କ କେଁକଟର । କାଁଭା କେଉଁଠି ଗୋଟାଏ ଗୋଟାଏ ଲୋକ ଟହଲ ମାରୁଥା'ନ୍ତି ସାରା ବସ୍ତିଘେରା ରାସ୍ତାଟା ଉପରେ । ହେଲେ ସେ ନିକାଞ୍ଚନିଆ ରାସ୍ତାର ନିଶ୍ଚଳ ନୀରବତା, ଦରଭଙ୍ଗା ମନ୍ଦିରର ଗୁଞ୍ଜୁଗୁଞ୍ଜିଆ ଅନ୍ଧାର ଭିତରେ ଚେମେଣିଙ୍କର ଚେଁ ଚବର ଶବ୍ଦ, କାହାରି ପ୍ରତି ତାଙ୍କର ନଜର ନ ଥାଏ । ଲୟ ସେଇ ଅଧାଛନ୍ଦା ପଦଯୁଗଳରେ । ମୁରଲୀଧାରୀଙ୍କ ପହିଲି ଦର୍ଶନଟା ବାଦ୍ ପଡ଼ିଗଲେ ସାରା ଦିନଟା ଯେମିତି ତାଙ୍କୁ ଅଲଣିଆ ବୋଧ ହୁଏ । ବରଂ ଭଗବାନଙ୍କୁ ଭରସି ନେଲେ ସବୁ ଭରସା ଯେ ଆପଣା ଛାଏଁ ଆସିଯାଏ ଏ ଭାବଟା ପ୍ରଣୀତା ଦେବୀଙ୍କର ଏବେ ବେଶ୍ ଦୃଢ଼ । ତା' ନ ହୋଇଥିଲେ ଏଭଳି ଦୁଃସାହସ ନିହାତି ଅସମ୍ଭବ । ପୁଣି ସହରତଳି ଅଞ୍ଚଳରେ ଫ୍ୟାକ୍ଟେରି କେତେଟା ଗଢ଼ି ଉଠିବା ଦିନଠୁ ଫତୁରିଆ ଟୋକାଙ୍କ ଦୌରାତ୍ମ୍ୟ ଆକାଶ ଛୁଆଁ । ଆଗର ଶାନ୍ତି ଆଉ ନାହିଁ । ବେଶୀକରି ସେ ତଳ ସାହିର ପିଲାଗୁଡ଼ାକଙ୍କର ଖାଲି ନିଶା ପାଣିରେ କାରବାର । ଓର ଉଣ୍ଡୁଥିବେ ଫାଇଦା ମାରିବା ପାଇଁ । ହେଲେ ସଞ୍ଜ ହେଉକି ସକାଳହେଉ ଛକ ଦେଇ ଚାଲିଗଲେ, ପୋଲଟା ଉପରେ ଖଟି ମାରୁଥିବା ସାହିଟୋକାମାନେ ତାଙ୍କୁ ଦେଖି ଚୁପ୍ ପଡ଼ି ଯାଆନ୍ତି ଘଡ଼ିକ ପାଇଁ । ରାସ୍ତା ମଝିଟାରୁ ସାଇକେଲକୁ ଆଡ଼େଇ ନିଅନ୍ତି ବେଶ୍ ସଂଭ୍ରମତାରେ ।

ଚଳଣିରେ ଆଭିଜାତ୍ୟ ରହିଥିଲେ ବି ଆଧୁନିକତାର ଆଦବକାଇଦାଠାରୁ ଢେର ଦୂରେଇ ଗଲେଣି ପ୍ରଣୀତା ଦେବୀ । ବେଶ୍ ସାଧାସରଳ ଢଙ୍ଗ ରଙ୍ଗ, ଖାଇବା ପିଇବା, ବିଧି ବେଭାର ସବୁକିଛି । ନିଜ ଧନ୍ଦାରେ ଆଉଟି ପାଉଟି ହେବାରେ ତାଙ୍କର ଯେମିତି ପରମ ଆନନ୍ଦ । କେତେବେଳେ ଯେ ସଞ୍ଜ ନଇଁ ସକାଳ ଆସେ ତାଙ୍କୁ ବୁଝା ପଡ଼େନି । ତଥାପି ମନଟା ତାଙ୍କର କେବେ ବି ବୁଝେନି । ସବୁ ଥାଇ ନ ଥିଲା ପରି ଲାଗେ । ସବୁ ପାଇ ବି ଗୋଟାଏ ଅଜଣା ଖୋଜାର ଭାବଟା ଭିତରେ ଭିତରେ ଗୁମୁରୁଥାଏ । ଲାଗେ ସବୁ ଯେମିତି ଅସଜଡ଼ା ହୋଇଯାଉଛି । ଆଗରୁ ନ ଥିଲା, ପିଲାଟା ବଡ଼ ହେବାଠୁ ଏଇ ଭାବଟା ତାଙ୍କର ଯେମିତି ବଢ଼ି ବଢ଼ି ଚାଲିଛି ।

ବାର ଜାଗାରୁ ତେର ଜାତିର ଲୋକ ଆସି ବସା ବାନ୍ଧିଥିଲେ ବି ଘର ପାଇଟି ସାରିଦେଇ ମେଳି ହେଇ ପରଚର୍ଚ୍ଚା କରିବାରେ ସାହି ସ୍ତ୍ରୀଲୋକମାନେ ବାଦ୍ ପଡ଼ନ୍ତିନି । ସହରୀ ଚଳଣି, ସଂଭ୍ରମତା ଯେତିକି ସଂଭ୍ରାନ୍ତତା ସେତିକି । ତଥାପି ଅଭିଶପ୍ତ ଗୁଣଟା ଭିତରୁ ଉକୁଟି ଉଠେ । ପ୍ରଣୀତା ଦେବୀଙ୍କର କିନ୍ତୁ ଏସବୁ ଜମା ପସନ୍ଦ ନୁହେଁ । ନିଜ ଭିତରେ ନିଜକୁ ସାଇତି ରଖିବାରେ ଆଜିକାଲି ସେ ବେଶ୍ ତତ୍ପର । ବେଶୀକରି ଗୁରୁଦେବଙ୍କ ଆଶ୍ରମ ଓ ଆଦର୍ଶ ସହ ସାମିଲ ହୋଇଯିବା ଦିନଠୁ ଉପଚାରଗତ ମନଟା ତାଙ୍କର ଧାର୍ମିକ ଧାରାରେ ଧାରଣା ଦେବାକୁ ଆଉ ବାଧ କରେନି । ବରଂ ଦୂରନ୍ତ ଦୁଇ ରେଳଧାରଣା ପରସ୍ପର ସହ ମିଶିଗଲା ପରି ମନେ ହେଉଥିଲେ ବି ତାଙ୍କ ବିଚାର ଧାରାରେ ଧର୍ମ ଓ ଆଧ୍ୟାତ୍ମିକତାର ସମାନ୍ତରାଳ ବ୍ୟବଧାନକୁ ସେ କେବେ ବି ମିଶାଇ ଦେବାକୁ ଚାହାନ୍ତିନି । ଠିକ୍ ବୁଝିଯାଇଛନ୍ତି ଦୁହିଁଙ୍କ ଭିତରେ ଥିବା ଅବିମିଶ୍ରତାକୁ । ସେଇ ଦିନଠୁ ଧର୍ମ ଧନ୍ଦାରେ ବନ୍ଧା ସେ ପୁରୁଣା ଅଭ୍ୟାସଗୁଡ଼ାକୁ ଫିଙ୍ଗିଦେବାରେ ମନରେ ଏବେ ଦ୍ୱିଧା ନାହିଁ, କି ସନ୍ଦେହ ପ୍ରତି ସମବେଦନା ମଧ୍ୟ ନାହିଁ । ଗୁରୁଦେବ ତ ସ୍ୱୟଂ ଶ୍ରୀକୃଷ୍ଣଙ୍କ ସହ ଏକାତ୍ମତା ଲାଭ କରିଛନ୍ତି । ପରମ ଦିବ୍ୟପୁରୁଷଙ୍କର ସେ ମୂର୍ତ୍ତ ସ୍ୱରୂପ । ପୁଣି ଚେତନାର ସ୍ତରରେ ଅଧିମାନସରୁ ଅତିମାନସକୁ ଆରୋହଣ ହେଉଛି ତାଙ୍କର ଏକ ଅଭିନବ ଉପଲବ୍ଧି । ଏଇ ପଥର ଆରୋହୀ ପାଇଁ ସତ୍ତାର ରୂପାନ୍ତର ଯଦି ସମ୍ଭବ, ତେବେ ସେ ବୁଦ୍ଧଙ୍କ ନିର୍ବାଣ କିଂବା ଗୀତୋକ୍ତ ମୁକ୍ତିର ଦୁଆରେ ଅଟକି ଯିବେ ବା କାହିଁକି ! ଅବଶ୍ୟ ଆଗକୁ ଚାହିଁଲେ ବେଶ୍ ଅଜଣା ମନେହୁଏ ଏ ରାସ୍ତା । ଗହଳି ନାହିଁ କି ଗୁଳା ମଧ୍ୟ ନାହିଁ । ଅସ୍ପଷ୍ଟ

କେତେଟା ପାଦଚିହ୍ନକୁ ପାଥେୟ କରି ପଥ ଚାଲିବା କଥା । ତଥାପି ପଥ ପାରିହେବାର ଭରସା ପ୍ରଣୀତାଦେବୀଙ୍କର ବେଶ୍ ଦୃଢ଼ । ପଥର ନିୟନ୍ତାଙ୍କୁ ସାରଥି କରିଛନ୍ତି ଯେତେବେଳେ ରଥ ଉପରେ ଆଉ ଭରସିବେ ବା କାହିଁକି ? ମାଙ୍କଡ଼ଛୁଆର ପ୍ରଚେଷ୍ଟାଠାରୁ ବିରାଡ଼ିଛୁଆର ସମର୍ପଣ ଭାବ ପ୍ରତି ସେ ଅଧିକ ସହମତ । ହେଲେ ତାଙ୍କର ଏ ବୋଧକୁ ବୁଝିବାକୁ କେହି ପ୍ରସ୍ତୁତ ନୁହନ୍ତି । ସାଇପଡ଼ିଶା, ବଂଧୁବାନ୍ଧବ ସଭିଙ୍କ ପାଇଁ ଏସବୁ ଅଦରକାରୀ, ଅଯୁଗଧର୍ମୀ । ସେଥିରେ ତାଙ୍କର ଦୁଃଖ ନାହିଁ । ଗୋଟାଏ ଅଲୋଡ଼ା ଖୋସା ସାଇତା ଶଁବାଳୁଆର ଜୀବନରେ ଯେ ସମ୍ଭାବନା ରହିଛି ଏକଥା ତାଙ୍କୁ ବେଶ୍ ଜଣା ।

ଯେତେ ଦୂରେଇ ରହିଲେ ବି ସାଇପଡ଼ିଶାଙ୍କ ଟାହୁଲି ଟାପରାରୁ ପ୍ରଣୀତା ଦେବୀଙ୍କୁ ମୁକ୍ତି ମିଳେ ନି । ଭେଟ ପଡ଼ିଗଲେ ଉଆଁସୀ ରାତିର ଫୁଲିଲା ଜୁଆରଗୁଡ଼ାକ ତାଙ୍କ ଆଡ଼କୁ ମାଡ଼ି ଆସନ୍ତି ସାଉଁଟି ନେବାକୁ ତାଙ୍କ ଅଧା ବନ୍ଧା ବନ୍ଧଗୁଡ଼ାକୁ ।

— ଏବେ ପୁଣି କାହା ଭକ୍ତ ପାଲଟିଲଣି ଯେ ସୂର୍ଯ୍ୟଚନ୍ଦ୍ରଙ୍କୁ ଦେଖା ଦେଉନ ? ଧ୍ୟାନ ଧାରଣା କରିବାକୁ କ'ଣ ବୟସ ଗଡ଼ିଯାଉଛି ଯେ ଏବେଠୁ ଏଡ଼େ ଚିନ୍ତା । ସଂସାରୀ ହେଇ ସଂସାର ପ୍ରତି ଏତେ ବିରାଗ କାହିଁକି । ଧନ ଜନ କେଉଁଥିରେ ତ ଭଗବାନ ତୁମକୁ ଊଣା କରି ନାହାନ୍ତି !

ବଡ଼ ଆଶ୍ଚର୍ଯ୍ୟ ଲାଗେ ! କି ଅଦ୍ଭୁତ ଏମାନଙ୍କର ଯୁକ୍ତି ! ପ୍ରତିଟି ମୁହୂର୍ତ୍ତ ଆମେ ଜୀବନର ବ୍ୟବଧାନକୁ ବ୍ୟୟ କରିଚାଲିଛେ, ପୁଣି ଯେଉଁ ଭଗବାନ ସବୁର ନିୟନ୍ତା, ତାଙ୍କ କଥା ଭାବିବାକୁ, ତାଙ୍କୁ ଜାଣିବାକୁ ପୁଣି ଏତେ ହିସାବ ନିକାଶ । ସତରେ କେତେ ଅକୃତଜ୍ଞ ଏଇ ମଣିଷ ! କହି ଦେବାକୁ ଇଚ୍ଛା ହେଉଥିଲେ ବି ପ୍ରଣୀତା ଦେବୀ ନିଜକୁ ଓହରେଇ ନିଅନ୍ତି ସେମାନଙ୍କ ଯୁକ୍ତିର ପଶାପାଲିରୁ । ମନକୁ ବୁଝାଇ ଦିଅନ୍ତି, କ'ଣ ବା ମିଳିବ ଏସବୁଥିରୁ । ନ ବୁଝିବା ଲୋକକୁ ବୁଝାଇ ଲାଭ ନାହିଁ, କି ଜାଣି ଶୋଇଥିବା ଲୋକକୁ ଜଗାଇ ଫାଇଦା ନାହିଁ । ଚେତନାର ପରିବର୍ତ୍ତନ ନ ହେବା ଯାଏ କାହାକୁ ଚେତେଇ ହେବ ନି । ଛାତିଟା ତାଙ୍କର ଧକ୍ କିନି ହୋଇଗଲା ନିଜ ଭାବନାରେ ।

— ପରଲୋକଙ୍କୁ ସିନା ପରିବର୍ତ୍ତନ କରିହେବନି, ହେଲେ ନିଜର ପିଲାଟାକୁ— ଯାହାକୁ ଏଡ଼େରୁ ଏଡ଼େଟେ କରିଛି, ହାତ ଧରି ଚାଲି ଶିଖାଇଛି, ବାଟ ଦେଖାଇଛି, ଯାହାପାଇଁ ଏତେ କଷ୍ଟ ଏତେ ଆଶା, ତାକୁ କଣ... ?

ନୂଆ ପୁରୁଣା ଘଟଣାଗୁଡ଼ାକ ଆଉଟି ପାଉଟି ହେଇ ପୁଣି ଫେରି ଆସନ୍ତି, ଭାସି ଯାଆନ୍ତି ଶରତର ଭସା ବାଦଲ ପରି ତାଙ୍କ ଆକାଶରେ । ପିଲାଟାର ପଢ଼ା ସରିବା ବର୍ଷେ ପୂରିବ ଏଇ ଫଗୁଣକୁ । ଭଲ ପଢ଼େ ଯେତେବେଳେ ଚାକିରିଟାଏ ତ ମିଳିଯିବ କେଉଁଠି । ଘର ଛାଡ଼ିଲେ ଦିଲ୍ଲୀ ଯାହା ବମ୍ବେ ତାହା । ପୁଣି ମୁଣ୍ଡକୁ ହାତ ପାଇଗଲେ କଥା ନିଆରା । ସେତେବେଳେ ଯେତେ ଦରଦି କହିଲେ ବି ନିଜଲୋକଙ୍କ କଥା ମନକୁ ଛୁଏଁନି । ଦିନ କେଇଟାରେ ସବୁ ପର ଆପଣାର ବନିଯାଆନ୍ତି ରାତାରାତି । ସାଇ ପଡ଼ିଶା, ବନ୍ଧୁବାନ୍ଧବ ସବୁରି ଘରେ ସେଇ ଏକଇ ଢାଞ୍ଚା । ସତେ ଯେମିତି ଏଇଟା ଗୋଟାଏ ଯୁଗଧର୍ମ । ବୟସ ଗଡ଼ିଗଲେ ସେଇମାନେ ପୁଣି ଅଲୋଡ଼ା ହୋଇଯିବେ, ହଡ଼ା ବଳଦ ପରି । ତେବେ ଏଡ଼େ ବଡ଼ ଜୀବନର ପରିଣାମ କ'ଣ ଏଇଆ ? ବଂଶ ପରେ ବଂଶ ଆମେ କ'ଣ ଖାଲି ମୁଣ୍ଡେଇ ଚାଲିଥିବା ଆମ କୃତ ଅପରାଧକୁ ? ତେବେ ଆମ ସଭ୍ୟତା, ଆମ ପ୍ରଗତିର ଅର୍ଥ କ'ଣ ଖାଲି ପୁନରାବୃତ୍ତି, ପରଂପରାର ପରିବର୍ତ୍ତନ ନୁହେଁ ? କ'ଣ କ୍ଷତି ହୋଇଯାଇଥିଲା ଗୋଟାଏ ପୁତ୍ର ହୋଇ ଶଙ୍କର ସନ୍ନ୍ୟାସୀ ହୋଇଯିବାରେ ? କ'ଣ ବା ନିହାଲ ହୋଇଗଲା ଗଢ଼ା ସଂସାରକୁ ଉଜାଡ଼ି ଦେଇ ଗୌତମ ବୁଦ୍ଧ ପାଲଟି ଯିବାରେ ? ବରଂ ସେଇମାନେ ତ ଏଇ ଦୁନିଆକୁ ଆଲୋକ ଦେଖାଇଛନ୍ତି । ନିଜେ ଧନ୍ୟ ହୋଇ ଅନ୍ୟକୁ ସାହାରା ଦେଇଛନ୍ତି । ତେବେ ବିକାଶର ଧାରାରେ ଯେଉଁମାନେ ଅପରିହାର୍ଯ୍ୟ ସେମାନଙ୍କ ଜୀବନ ପ୍ରତି ଆମେ ଏତେ ବିତୃଷ୍ଣ କାହିଁକି ? କାହିଁକି ନିଜର ପିଲାକୁ ସନ୍ନ୍ୟାସୀ କରିଦେବା କଥା ଭାବିଲା ବେଳକୁ ଭିତରଟା ଶିହରି ଉଠେ ?

ଏକା ବସିଗଲେ ଭିନ୍ନ ଛନ୍ଦା ଭାବନାଗୁଡ଼ାକ ତକ୍ଷକର ଦଂଶନ ପରି କ୍ଷତ ବିକ୍ଷତ କରି ପକାନ୍ତି ପ୍ରଣୀତା ଦେବୀଙ୍କ ମାତୃତ୍ୱକୁ । ତଥାପି ସେ ଭଲ ପାଆନ୍ତି ନିଜ ଗଢ଼ା କାଗଜ ଡଙ୍ଗାକୁ ସୁଅରେ ମେଲି ଆଞ୍ଜୁଳା ଆଞ୍ଜୁଳା ପାଣି ଟେକି ଦେଇ ବାଟକଢ଼ାଇ ନେବାକୁ । ହେଲେ ସେଇ ଡଙ୍ଗା ଯେତେବେଳେ ଆଖି ଆରପାରିକୁ ଚାଲିଯାଏ, ସେ ଅଣନିଶ୍ୱାସୀ ହେଇଉଠନ୍ତି, ସାଉଁଟି ନିଅନ୍ତି ନିଜକୁ, ନିଜ ଡଙ୍ଗାକୁ ।

— ନା, ନା, ତା ହୋଇ ନ ପାରେ । ସତ୍ୟର ସୁରକ୍ଷା ପାଇଁ ନିଜର ପିଲାଟାକୁ କ'ଣ ବଣକୁ ପଠାଇ ଦେବାକୁ ହେବ ? ଦିନେ ଅଧେ ନୁହେଁ, ବାରବର୍ଷ ବନବାସରେ । ସମ୍ରାଟରୁ-ସନ୍ନ୍ୟାସ, ଅସମ୍ଭବ । କୌଶଲ୍ୟା ହୃଦୟଧାରୀ ମା'ହେବା ଅସମ୍ଭବ ।

ଫାଟକ ଫିଟା ଶବ୍ଦରେ ଚମକି ଚାହିଁଲେ ପ୍ରଣୀତା ଦେବୀ । ଆଶାଟା ଆଉଜି ଆସିଲା । ତାଙ୍କର ନୁହେଁ, ପଡ଼ିଶା ଘରକୁ କେହି ଜଣେ ଆସିଲେ । ସରକାରୀ କ୍ୱାଟରର ଏଇ ଯେ ରୀତି । ସମସ୍ତଙ୍କର ଏଇ ବାଉଳା ।

— ରାତି ଆସି ଦଶଟା, ପିଲାଟାର ଦେଖା ନାହିଁ । ବାପ ଯେମିତି ପୁଅ ସେମିତି । ଘରେ ରହିବା ନାଁ ଧରିବେନି । ଏବେ ତ ସହଜେ ଟୁର୍ ଯାଇଛନ୍ତି । ଥିଲେ ବି ଅଫିସ୍ ଛାଡୁ ଛାଡୁ ରାତି ନ'ଟା । କେବେ ଥରେ ଭାବିଛନ୍ତି ପିଲାଟା କଥା, ଘରକଥା, କାଲିର କଥା ? କହିଲେ କହିବେ– ପିଲାଗଢ଼ିବା ଦାୟିତ୍ୱ ମା'ର । ନିଜେ ଭଲ ହୁଅ ସେ ଆପେ ଆପେ ଗଢ଼ି ଉଠିବ । ବ୍ୟାସେଦେବ, ଅଭିମନ୍ୟୁ ଏମାନେ ତ ପୁଣି ମା'ପେଟରୁ ଶିକ୍ଷାଲାଭ କରିଥିଲେ । ସୁବିଧାବାଦୀ ହେଲେ ଚଳିବନି । ଏମିତି କଥାଗୁଡ଼ାକ ଶୁଣିଲେ ମଣିଷ ତ ଛାର ଋଷି ବି ଜଟା ଛିଣ୍ଡାଇ ଦେବ ।

ସତରେ ପିଲାଟା ପାଇଁ ପ୍ରଣୀତା ଦେବୀଙ୍କର ଆଜି ଏତେ ପରିବର୍ତ୍ତନ । ଅନ୍ୟ କେହି ବିଶ୍ୱାସ ନ କରିଲେ ବି ସେ ନିଜକୁ ଭୁଲାଇ ଦେଇ ପାରିବେନି, କି ହଜାଇ ଦେଇ ପାରିବେନି, ତାଙ୍କ ଭିଜା ଅତୀତର ଶିହରିତ ମୁହୂର୍ତ୍ତଗୁଡ଼ିକୁ । ଗାଁ ଛାଡ଼ିବା ଦିନଠୁଁ ଚୌଧୁରୀ ବଂଶର ବୋହୂ ସାଜିବାର ସ୍ୱାଭିମାନର ଚିହ୍ନଟା ପଣତରେ ଲିଭିଗଲା । ସେତେବେଳକୁ ବୋହୂ ହୋଇ ଆସିବା ମୋଟେ ବର୍ଷ କେଇଟା । ସୁମନ୍ତର ପଢ଼ା ଆରମ୍ଭ । ସହରରେ ନ ରହିଲେ ନ ଚଳେ । ସ୍ୱତନ୍ତ୍ରତାର ଭିନ୍ନ ସ୍ୱାଦରେ ନିଜ ଢଙ୍ଗରେ ନିଜ ପରିବାରକୁ ଗଢ଼ି ତୋଳିବାର ସ୍ୱପ୍ନଟା ନୂଆ ନୂଆ ବେଶ୍ ଭଲ ଲାଗୁଥିଲେ ବି ଦିନ କେଇଟାରେ ସେ ସବୁ ଫିକା ପଡ଼ିଗଲା । ସେ ଅନୁଭବ କଲେ ପରିବାରର ଦାୟିତ୍ୱବୋଧଟା ଯେମିତି ତାଙ୍କ ଗଳାକୁ ଚାପିଧରୁଛି । କାରଣ ଘର କଥାରେ ମୁଣ୍ଡ ପୂରାଇବାକୁ ଚୌଧୁରୀବାବୁ ସଂପୂର୍ଣ୍ଣ ନାରାଜ । ନିଜକୁ ଜଣେ ସଚ୍ଚୋଟ ଓ କାର୍ଯ୍ୟଦକ୍ଷ ଅଫିସର୍ ବୋଲାଇବାର ନିଶା ତାଙ୍କର ସର୍ବସ୍ୱ । ଛୁଟିଦିନରେ ବି ଅଫିସ୍ ଧାଇଁବା ବାଦ୍ ପଡ଼େନି । ସହର ଜାଗା, ଯେଝା ଘରେ ଯେ ସାଆନ୍ତ । ଗାଁ ହୋଇନି ଯେ କାହାକୁ କହି ବୋଲହାକ ଟିକେ କରାଇନେବେ । ଦୋକାନ ବଜାର, ବଂଧୁ ବେଭାରଠୁଁ ଦେହପା ପର୍ଯ୍ୟନ୍ତ ସବୁକଥା ନ ବୁଝିବା ପାଇଁ ପ୍ରଣୀତା ଦେବୀଙ୍କର ଚାରା ନ ଥିଲା । ଆଗକୁ ପଛକୁ କେହି ନାହିଁ । ପିଲାଟି ଦିନରୁ ସୁମନ୍ତ ଅସୁସ୍ଥ, ଗୋଟାଏ ନୁହେଁ, ବାରପ୍ରକାରର ରୋଗ । ଥରେ ଥରେ ଏତେ ମୁମୂର୍ଷୁ ଅବସ୍ଥା ଆସିଯାଏ ଯେ ଡାକ୍ତରମାନେ ମଧ୍ୟ କହିପକାନ୍ତି– ''ଏ ପିଲାକୁ ଭଗବାନହିଁ ଚାହିଁଲେ ରଖିବେ । ଡାକ୍ତର ନୁହେଁ ।'' ସେତେବେଳେ ମା'ମନ ତାଙ୍କର ସନ୍ତୁଳି ହୋଇଯାଏ । ଭାବନ୍ତି ନିଜର ସୁସ୍ଥତାକୁ ଅଜାଡ଼ିଦେଇ ତା'ର କଷ୍ଟକୁ ନେଇ ଆସନ୍ତେ କି ! ନିଜର ଆୟୁଷକୁ ବିସର୍ଜି ଦେଇ ତା'ର ଆୟୁଷକୁ ଦୁଇଗୁଣ କରି ଦିଅନ୍ତେ କି ! ଏମିତି କେତେ ଶଙ୍କାକୁଳ ରାତି ତାଙ୍କର କଟି ଯାଇଛି ରୋଗିଣା ଶିଶୁର ବିଛଣା ପାଖରେ । ପାପଛୁଆଁ ମନକୁ ଯେତେ ବୁଝେଇଲେ ବି ବୁଝାଇ ପାରନ୍ତିନି, ସନ୍ଦେହ ଭଲ ମନ୍ଦ ନେଇ । ଠିକ୍ ଯେମିତି ନାଉରି ବାପୁଡ଼ା ତା ଦଦରା ନାଆକୁ ବାହିନେଲା ବେଳେ ମଝିନଈରେ ଅଝାଳ ଛିଣ୍ଡାଇ ବସେ, ଝଡ଼ ଦୋହଲା ନାଆକୁ କାତ ବି ଭରସା ଦେଇ ପାରେନା, ସେତେବେଳେ ଭଗବାନଙ୍କୁ ଭରସିବା ଛଡ଼ା ତା'ର କିଛି ବି ଉପାୟ ନ ଥାଏ । ଭଗବାନ ମଧ୍ୟ ଯେମିତି ଚକେଇ ରହିଥାନ୍ତି ସେଇ ମୁହୂର୍ତ୍ତକୁ, ମୃଗୁଣୀର ଆତୁର ନିବେଦନକୁ, ବିବସନା ଦ୍ରୌପଦୀର ଅନ୍ତିମ ପ୍ରାର୍ଥନାକୁ । ତାହାହିଁ ଘଟିଲା ପ୍ରଣୀତା ଦେବୀଙ୍କ ଜୀବନରେ । ନିଜକୁ ଓ ସୁମନ୍ତକୁ ପୂର୍ଣ୍ଣରୂପେ ସମର୍ପି ଦେଲେ ଭଗବାନଙ୍କ ଚରଣରେ । ସେ ଅନୁଭବ କଲେ ସବୁର ଊର୍ଦ୍ଧ୍ୱରେ ଗୋଟିଏ ପରମ ଦିବ୍ୟଶକ୍ତି ରହିଛି, ଯିଏ ସବୁକିଛିର ନିୟନ୍ତା । ହେଲେ ଆମେ ତାଙ୍କ ପ୍ରତି ଅଭୀପ୍ସୁ ନ ହୋଇ ତାଙ୍କଠାରୁ ଦୂରେଇ ଯାଉଛେ କାହିଁକି ? କାହିଁକି ନିଜକୁ ଅନ୍ଧ ବନାଇ ଅଯଥା ଅନ୍ଧାରକୁ ଆବୋରି ଧରୁଛେ ? ଏଥିରୁ କ'ଣ ମୁକ୍ତି ନାହିଁ ? ସମସ୍ତେ କ'ଣ ସେଇ ଗୋଟିଏ ପଥରେ ଯିବା ପାଇଁ ବାଧ୍ୟ ?

ଗୁରୁଦେବଙ୍କ ଆଶ୍ରମର ପହିଲି ଦର୍ଶନରେ ପ୍ରଣୀତା ଦେବୀଙ୍କର ସବୁ ସନ୍ଦେହ, ସବୁ ପ୍ରଶ୍ନର ସମାଧାନ ହୋଇଗଲା । ବେଶ୍ ଅନୁଭବ କରିପାରିଲେ ଭଗବାନଙ୍କୁ ଖୋଜିବାରେହିଁ ପ୍ରକୃତ ଶାନ୍ତି ରହିଛି । ଆଉ ଏଥିପାଇଁ ଆଶ୍ରମ

ଜୀବନହିଁ ସବୁଠାରୁ ଉପଯୋଗୀ । ଅନୁଭବ କରିପାରିଲେ, ଯୋଗ-ସାଧନା କରିପାରିଲେ ଜଣେ କିପରି ଅମାପଶକ୍ତିର ଅଧିକାରୀ ହୋଇପାରିବ । ଆଖି ଆଗରେ ଭାସିଗଲା ରୋଗିଣା ସୁମନ୍ତର ନିଠର ମୁହଁଟା ।... ସେ ଯେମିତି ତେଜୋଦୀପ୍ତ ହୋଇଉଠୁଛି । ସାଧକ ପାଲଟିଛି । ପ୍ରଭୁଙ୍କ ସେବାରେ ନିମଗ୍ନ । ଆଶ୍ରମର ପ୍ରତିଟି ତରୁଣ ସାଧକ ତାଙ୍କ ପାଇଁ ପାଲଟିଗଲେ ସୁମନ୍ତ, ଆଖିରୁ ଝରି ଆସିଲା ଆନନ୍ଦର ଅଶ୍ରୁ ।

ସୁମନ୍ତ ଆଜି ବେଶ୍ ସୁସ୍ଥ, ଉଚ୍ଚଶିକ୍ଷିତ । ଆଧୁନିକ ଯୁବଗୋଷ୍ଠୀରେ ସଭିଙ୍କ ଭିତରେ ଜଣେ । ପାଠଶାଠ ସବୁଥିରେ ଧୁରନ୍ଧର । ଗୋଡ଼ ନ ଖସିଥିଲେ ବି ଖସଡ଼ା ବାଟରେ ଚାଲିବାର ଶୈଳୀ ତାକୁ ବେଶ୍ ଜଣା । ସାଇପଡ଼ିଶା, ବନ୍ଧୁବାନ୍ଧବ ଯେତେବେଳେ ତା' ପାଇଁ ବିବାହ ପ୍ରସ୍ତାବ ବାଢ଼ି ବସନ୍ତି, ତାଙ୍କ ସଣ୍ଢଣା ଝିଅର ରୂପକୁ ତିଳକୁ ତାଳକରି ବଖାଣି ବସନ୍ତି ସେତେବେଳେ ପ୍ରଣୀତା ଦେବୀ ସଫା ସଫା କହିଦିଅନ୍ତି, ''ତା' ଜୀବନ ଧାରା ଭଗବାନ ଠିକ୍ କରିବେ । ମୁଁ ବା କିଏ ? ପୁଣି ତା' ହଁ-ନାହିଁରେ ମୁଁ ବା କାହିଁକି ଭାଗୀଦାର ହେବି । ସେ ତ ଆଉ ଛୁଆ ନୁହେଁ, ଏଣିକି ତା'ଇଚ୍ଛା ।''

ଏମିତି ଉତ୍ତରରେ କ୍ଷୁବ୍ଧ ହୋଇ ଉଠନ୍ତି ସମସ୍ତେ । କାହାରି ମନକୁ ପାଏନା । ସବୁ ମଣିଷଙ୍କ ଭିତରେ ଗୋଟାଏ ଅନ୍ତର-ଈର୍ଷା ରହିଛି । ଆନ ସୁଖରେ ଖୁସୀ ହେବାଠୁ ବରଂ ଦୁଃଖରେ ଦରଦୀ ହେବାଟା ବହୁତ ସହଜ ମଣନ୍ତି । ଆଉ ମେଢ଼ିଛନ୍ଦା ହୋଇ ଦୁଃଖ ଭୋଗିବାରେ ଯେମିତି ଗୋଟାଏ ପରମ ତୃପ୍ତି । ନିଜର କୁହୁଳା ନିଆଁକୁ ଚାପିଧରି ଆନକୁ ସଜାଡ଼ିବାରେ ସମସ୍ତେ ବେଶ୍ ଧୁରନ୍ଧର—

ମା' ହୋଇ ଏସବୁ କ'ଣ କହୁଛ ? ସୁମନ୍ତ ପରି ପିଲାକୁ ବାବାଜି କରିଦେବ ନା କ'ଣ ? ଏମିତି କଥାଗୁଡ଼ାକ ଅନ୍ତରକୁ ବାଧୁଥିଲେ ବି ବାଧା ଦେବାକୁ ପ୍ରଣୀତା ଦେବୀ ଚାହାନ୍ତିନି । ଜାଣନ୍ତି ଯାହାର ଚିନ୍ତାଶକ୍ତି ଯେତେ କମ୍ ତାହାର କହିବା ଅଭ୍ୟାସଟା ସେତେ ଅଧିକ । ମନକୁ ବୁଝାଇ ନିଅନ୍ତି, ଭୂଇଁଗୁମୁରା ପକ୍ଷୀ ବା କାହୁଁ ଜାଣିବ ନୀଳ ଆକାଶ ବେଭାର ?

ଯେତେ ଯିଏ କହିଲେ ବି ପ୍ରଣୀତା ଦେବୀ ସୁମନ୍ତର ଅତୀତ ଅବସ୍ଥାକୁ ଭୁଲି ପାରନ୍ତିନି, ଭୁଲି ପାରନ୍ତିନି ଆଶ୍ରମ ଦର୍ଶନର ପହିଲି ଅନୁଭୂତି । ହେଲେ ଭରସି ପଚାରି ପାରନ୍ତିନି । ଆଜିକାଲିକା ପିଲା ମୁହଁରେ ଜବାବ ନ ଦେଲେ ବି ଇଚ୍ଛାରେ ଚଉଦ ପା । ପିଲାଦିନେ ସିନା ରାମାୟଣ, ମହାଭାରତର କାହାଣୀ ଶୁଣାଇ ଭଲ ମଣିଷ ହେବା ପାଇଁ ଉପଦେଶ ଦେଉଥିଲେ, ଧ୍ରୁବ, ପ୍ରହ୍ଲାଦଙ୍କ ଛବି ତା' ମନରେ ଆଙ୍କିଦେଇ ସାନ୍ତ୍ୱନା ପାଉଥିଲେ । ସ୍ୱପ୍ନ ଦେଖୁଥିଲେ ଋଷି ଆଶ୍ରମରେ ନିଜକୁ ତପସ୍ୱିନୀ ଆଉ ସୁମନ୍ତକୁ ମୁନିକୁମାର ସଜାଇ । ହେଲେ ଏବେ କେମିତି କହିବେ...

ରାତି ସେତେବେଳକୁ ଏଗାରଟା । ସାରା ସହରଟା ଚୁପ୍ ପଡ଼ିଗଲାଣି । ମନଟା ନ ବୁଝିବାରୁ ଦାଣ୍ଡପଟ ବାରଣ୍ଡା ଚୌକିରେ ଆସି ବସିଲେ, ଲାଇଟ୍ ଲିଭାଇ ଗ୍ରିଲ୍‌ଟା ଭିତରେ । ଗାଡ଼ିଟା ନେଇ ଯାଉଛି ମନଟା ସେଥିପାଇଁ ବେଶୀ ଦକ୍ ଦକ୍ । ସହର ଜାଗା କିଏବା କାହାକୁ ଚିହ୍ନୁଛି ଯେ ବିପଦର ସାହାହେବ । ତା'ଛଡ଼ା କାହା ସହିତ ମିଶୁଛି, କ'ଣ କରୁଛି ଜାଣିବାର ଉପାୟ ନାହିଁ । ଥରେ ଅବାଟକୁ ଗଲେ ଆଉ କ'ଣ ଫେରିହୁଏ ? ଭଗବାନଙ୍କୁ ଡାକିବା ଛଡ଼ା ତାଙ୍କର ବା ଉପାୟ କ'ଣ ?

ସଟର୍‌ପକା ଶବ୍ଦରେ ଚମକି ଚାହିଁଲା ନିଦୁଆ ଅନ୍ଧାରଟା । ଆଶ୍ୱସ୍ତ ହେଲେ ବି ବିରକ୍ତିଟା ଉକୁଟି ଉଠୁଥାଏ ପ୍ରଣୀତା ଦେବୀଙ୍କର ।

— ସୁମନ୍ତ ! ତୁ ଆଉ ପିଲା ନୋହୁ ଯେ ସବୁକଥା ବୁଝାଇ କହିବାକୁ ପଡ଼ିବ । ଏଣିକି ତୋ ଜୀବନଧାରା ତୁହିଁ ବାଛିନେ । ଏମିତି, ଖିଆଲି ହେଲେ ଚଳିବନି ।

ବାରଣ୍ଡାରୁ ଡ୍ରଇଂରୁମ୍ ଭିତରକୁ ପଶିଯାଉ ଯାଉ ଚମକି ଚାହିଁଲା ସୁମନ୍ତ । ହାତରେ ଘୂରନ୍ତା ଚାବି ପେଣ୍ଡାଟା ହଠାତ୍ ସ୍ତବ୍ଧ ହେଇଗଲା ।

— ଜାଣେ ବୋଉ । ତୁ ଯାହା କହିବାକୁ ଚାହୁଁଛୁ ଭରସି କହିପାରୁନୁ । ସାଇପଡ଼ିଶା, ବନ୍ଧୁବାନ୍ଧବ ସଭିଙ୍କ ଆଖିରେ ତୁ ଗୋଟାଏ ନିଆରା ମଣିଷ । ସମସ୍ତେ ଚାହାନ୍ତି ତାଙ୍କ ବଞ୍ଚା ମନିପ୍ଲାଣ୍ଟଟା ଶାଖାପ୍ରଶାଖା ମେଲି ଭର୍ତ୍ତି ହୋଇଯାଉ ନୂଆ ନୂଆ କଅଁଳ ପତ୍ରରେ । ସେଥିରେ ଯେମିତି ତାଙ୍କ ଜୀବନର ସାର୍ଥକତା । ହେଲେ ତୋର ଗୋଟାଏ ଭିନ୍ନ ଆଦର୍ଶ । ସବୁ ନଈ ଯଦି ସାଗରରେ ମିଶିବେ ତେବେ ଉପତ୍ୟକାରୁ ସମତଳ, ସମତଳରୁ ଉପତ୍ୟକା ଘୂରି ବୁଲିବାରେ ଲାଭ ବା କ'ଣ

ଅଛି ? ତୁ ଦେଖୁ ପୂର୍ଣ୍ଣଚ୍ଛେଦ ଭିତରେ ପୂର୍ଣ୍ଣତାର ଗୋଟାଏ ପ୍ରତିବିମ୍ବ ।

— ଏ କ'ଣ କହୁଛୁ ସୁମନ୍ତ ? ତୁ ଯୋଗ-ଜୀବନ ଗ୍ରହଣ କରିବା ପାଇଁ ମୋର ଇଚ୍ଛା ଥିଲେ ବି ମୁଁ ତ ତୋତେ ବାଧ କରୁନି । ତା'ଛଡ଼ା ନିଜର ସଂକଳ୍ପ ଓ ଭଗବାନଙ୍କ ସ୍ୱୀକୃତି ବିନା କେହି କ'ଣ କେବେ ଶାଶ୍ୱତ ପଥର ଯାତ୍ରୀ ହୋଇପାରିବ ?

— ସେଇଥିପାଇଁ ତ ତୁ ଏତେ ବିବଶ, ଏତେ ବିଷଣ୍ଣ । ଆଜିକାଲି ତୋର ଆଉ ଭରସା ପାଉନି ସେଇ ନଈର ଜୁଆରିଆ ରୂପକୁ ଦେଖି । ଭାବୁ ସେ ଯେମିତି ବନ୍ଧ ଭାଙ୍ଗି କୂଳ ଲଂଘିଯିବ । ବିଚ୍ଛୁଡ଼ି ଯିବ ଭିନ୍ନ ଏକ ପଥରେ, ସବୁ ନଈ ପରି । ଭୁଲିଯିବ ସାଗରକୁ, ତା' ଫେରନ୍ତା ମୁହାଣକୁ । ସେଥିପାଇଁ କେବେ କେମିତି ଡେରିରେ ଘରକୁ ଫେରିଲେ ତୋ ଭିତର କୋହଟା କୋହରି ଉଠେ । ମୁଁ ବି କିଛି କହି ପାରେନି । ହେଲେ ଏତିକି ଜାଣି ରଖ ମୁଁ ଏବେ ବି ତୋ ଆଶାର ବଳୟ ଭିତରୁ ବାହାରି ଯାଇନି । ବରଂ ଖୋଜୁଛି ସାଗରଛୁଆଁ ସେ ସଂକ୍ଷିପ୍ତ ରାସ୍ତାକୁ ।

ସୁମନ୍ତର କଣ୍ଠଟା ଆସ୍ତେ ଗମ୍ଭୀର ହୋଇ ଆସୁଥାଏ । ତଥାପି ସେ ଯେମିତି ଇଚ୍ଛା କରୁଥାଏ ଆଜିହିଁ ସବୁକିଛି କହିଦେବ । କହିଦେବ ତା' ଭବିଷ୍ୟତ ଜୀବନର ଯୋଜନା ଓ ତା'ର ପ୍ରସ୍ତୁତି । ପଢ଼ା ଟେବୁଲ ଆଡ଼କୁ ଦୁଇପାଦ ଘୁଞ୍ଚିପଡ଼ି ଫେରି ଚାହିଁଲା । ହେଲେ କେହି କାହାରିକୁ ସାମ୍ନା କରିପାରୁ ନ ଥା'ନ୍ତି । ଆସ୍ତେ ସ୍ୱଷ୍ଟ ହୋଇ ଉଠିଲା ସୁମନ୍ତ—

ଶୁଣ ବୋଉ ! ତୋ'ଠାରୁ ଗୁରୁଦେବଙ୍କ ବିଷୟରେ ବହୁବାର ଶୁଣିଥିଲେ ବି ମୋ ଭିତରେ ଥିଲା ବିଶ୍ୱାସ ଓ ସନ୍ଦେହର ଗୋଟାଏ ମିଶ୍ରିତ ସ୍ୱାଦ । ପରୀକ୍ଷା ପରେ ତାଙ୍କ ଲିଖିତ ଗ୍ରନ୍ଥ କେତୋଟି ପଢ଼ିବା ଆରମ୍ଭ କଲି । ବହୁତ ଭଲ ଲାଗିଲା । ଭାବିଲି ଗବେଷଣା କରିବାକୁ ନାମ ଲେଖାଇଛି ଯେତେବେଳେ ଦର୍ଶନ ଛାତ୍ର ଭାବରେ ପୁରାତନ ଯୋଗ ଓ ପୂର୍ଣ୍ଣାଙ୍ଗ ଯୋଗର ଏକ ତୁଳନାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରିବାରେ ବିଶେଷ କିଛି କଷ୍ଟ ହେବନି । ଏବେ ଜାଣୁଛି ମନ୍ଦିର ନୁହେଁ, ମୁଖଶାଳାର ମୁଣ୍ଡିମାରିବା ମଧ୍ୟ ମୋ ପକ୍ଷରେ ଅସମ୍ଭବ । ଯେତେ ପଢ଼ିଲେ ବି ମନେ ହେଉଛି ଅଜଣା ଇଲାକାର ଇୟତ୍ତା ନାହିଁ ଯେମିତି । ଯେତେ ଧାଇଁଲେ ବି ଦିଗ୍‌ବଳୟ ସେଇ ଆକାଶଛୁଆଁ ହୋଇ ରହିଯିବ । ବୁଝିଗଲି ଗୁରୁଦେବଙ୍କ ଗ୍ରନ୍ଥର ତାତ୍ତ୍ୱିକ ତର୍ଜମା କରି ନିଜର ମୂର୍ଖତା ପ୍ରକାଶ କରିବାଠାରୁ ତା'ର ପ୍ରୟୋଗାତ୍ମକ ଦିଗଟି ପ୍ରତି ବିନ୍ଦୁଟିଏ ସଚେତନ ହେବାରେ ବରଂ ରହିଛି ଜୀବନର ପ୍ରକୃତ ସାର୍ଥକତା । ସମୁଦ୍ର ମନ୍ଥନରେ ନୁହେଁ । ତା'ଛଡ଼ା ଗୁରୁଦେବଙ୍କ ଜୀବନଚର୍ଯ୍ୟା ହେଉଛି ଗ୍ରହାଣୁ ପୁଞ୍ଜିର ଜନ୍ମଜାତକ ପ୍ରସ୍ତୁତି ସହ ସମାନ । ତାଙ୍କ ବିଷୟରେ ମୁଁ ବା କ'ଣ ପରିଚୟ ଦେବି ! ଅଧ୍ୟବସାୟ ବଳରେ ସାଗରର ଗଭୀରତା ସିନା ମାପିହେବ, ଆକାଶର ବ୍ୟାପ୍ତି ମାପିବା ପାଇଁ ସହସ୍ର ଆଲୋକବର୍ଷ ମଧ୍ୟ ସମର୍ଥ ନୁହେଁ । ସେ ନିଜେହିଁ ନିଜର ମାପକ । ହେଲେ ଏହି ମଣିଷ ନିଜର ଅଜ୍ଞାନତା ଓ ଅହଂକାରରେ ନିଜକୁ ବଡ଼ ବୋଲାଉଛି । ଯେଉଁଦିନ ସେ ନିଜର ଆତ୍ମାକୁ ଆବିଷ୍କାର କରିପାରିବ ସେଦିନ ଚନ୍ଦ୍ର ଓ ମଙ୍ଗଳରୁ ମାଟି ଗୋଡ଼ି ଆଣିବା ତା'ପାଇଁ ପିଲାଖେଳ ହୋଇଯିବ । ସେତେବେଳେ ସେ ବୁଝିବ ପରମଙ୍କ ଦୃଷ୍ଟିରେ ନା ପୃଥିବୀ ନା ସୂର୍ଯ୍ୟ କେହି କାହାକୁ ପରିକ୍ରମା କରୁ ନାହାନ୍ତି । କେବଳ ସେମାନଙ୍କ ଚେତନାଗତ ସଂପର୍କରେ ପରିବର୍ତ୍ତନ ଛଡ଼ା ସମସ୍ତେ ନିଜ ନିଜ ସ୍ଥାନରେ ସ୍ଥିର । ଏଭଳି ରହସ୍ୟ ଉଦ୍‌ଘାଟନର ସାମର୍ଥ୍ୟ କେବଳ ଗୁରୁଦେବଙ୍କରହିଁ ରହିଛି । ଆଉ ମୁଁ ଚାହେଁ ମୋ ଜୀବନର ଅଲେଖା ଫର୍ଦ୍ଦକୁ ମୁଁ ତାଙ୍କରି ପାଖରେ ଅର୍ପିଦେବି । ମୋର ନୁହେଁ ତାଙ୍କରି ଇଚ୍ଛାହିଁ ଅବିମିଶ୍ରିତ ଭାବରେ ଲେଖା ହେବ, ମୋ ଜୀବନପୃଷ୍ଠାରେ ।

ସୁମନ୍ତର ଶେଷ କଥା ପଦକ ଆବୋରା ଅନ୍ଧାରକୁ ଅପସରେଇ ଦେଇ ମିଶିଗଲା ଇଥରରେ । ଆନନ୍ଦରେ ଅଧୀର ହେଇ ଉଠିଲେ ପ୍ରଣୀତା ଦେବୀ । ନିଜକୁ ସମ୍ଭାଳି ନ ପାରି ଫେରିପଡ଼ିଲେ ଗୁରୁଦେବଙ୍କ ଫଟୋ ରଖା ଠାକୁର ଘରକୁ ।

❑❑❑

ଯାହା ଏକ ପରିଣାମ ଥିଲା ତାହା ବର୍ତ୍ତମାନ ଏକ ପ୍ରସ୍ତୁତି ମାତ୍ର ।

— ଶ୍ରୀମା

# ତଥାପି ସମ୍ଭବ

## ସନ୍ତୋଷ ରଥ

ନଈର ଯେମିତି ବୟସ ନାହିଁ, ସୁଅର ସେମିତି ଇୟତ୍ତା ନାହିଁ । ବହି ଯିବାରେ ତା'ର ଦ୍ୱିଧା ନାହିଁ, କି ବାହି ନେବାରେ ବାଧା ନାହିଁ । ଗୋଟାଏ ସ୍ୱଧର୍ମ, ଅନ୍ୟଟି କର୍ତ୍ତବ୍ୟ କର୍ମ । ହେଲେ ମଙ୍ଗୁଆ ବୁଝେ ସମଞ୍ଜସତାହିଁ ଜୀବନ ।

ନଈ ଏପାରି ସେପାରି ସାତଖଣ୍ଡ ଗାଁର ଦେଖନ୍ତା ମଣିଷଙ୍କ ଭିତରେ ମଙ୍ଗୁଆ ଖଣ୍ଡେ ଜୀଅନ୍ତା ନାଆ । ସକାଳୁ ସଞ୍ଜଯାଏ ନଈରେ ପଡ଼ିଥାଏ । ବେଳପଡ଼ିଲେ ରାତି ଅଧରେ ସାହା । ଆଖି ଦେଖନ୍ତାରେ ଢେର ଦିନରୁ ତା'ର ଏ ବୃତ୍ତି । ପିଲାରୁ ବୁଢ଼ାଯାଏଁ ସଭିଁଙ୍କର ସେ ମଙ୍ଗୁଆ ଭାଇ, ଭାରି ପ୍ରିୟ । ହେଲେ ତା' କଥା ସଭିଙ୍କୁ ଅଜଣା । ପୁରୁଣା ଅତୀତକୁ ପଚାରି ବସିଲେ ଫିକା ପଡ଼ିଯାଏ ମନଟା ତା'ର । ଘଡ଼ିକ ପାଇଁ ଗୁମ୍ ମାରିଯାଏ । ବନ୍ଧା ଗାମୁଛାର ଠେକୋଟାକୁ ମୁଣ୍ଡରୁ ଖୋଲି, ଅଣ୍ଟାରେ ଆଣ୍ଠି କହେ– ''ସେସବୁ ଭାବି ଲାଭ କ'ଣ ? ସବୁ ତ ଏଇ ସୁଅରେ ମେଲି ଦେଇଛି । ଭଗବାନ ତ ମୋତେ ନାଆ ଦେଇଛନ୍ତି, ବାହା ବି ଦେଇଛନ୍ତି । ବୋହୁଥିବି ଯେତେଦିନ ଯାଏଁ ସେ ମୋତେ ବାହୁଥିବେ ।

ମଙ୍ଗୁଆ ସାତ ହାତିଆ ମଣିଷ ଖଣ୍ଡେ । ଲମ୍ବା ଲମ୍ବା ହାତଗୋଡ଼ ଶକ୍ତ ଆଉ ପେଶୀଯୁକ୍ତ । ରଂଗ ଶ୍ୟାମଳ, ଗଢ଼ଣ ବି ସୁନ୍ଦର । ହେଲେ ଚାନ୍ଦରେ କଳଙ୍କ ପରି ତା' ବାଁ ପଟ ଗୋଡ଼ଟା ଟିକେ ବଙ୍କା । ଚାଲିଲା ବେଳକୁ ଗୋଇଠିରେ ବଙ୍କେଇ ଚାଲେ । ତଥାପି ସେଥିକି ତା'ର ଭ୍ରୂକ୍ଷେପ ନାହିଁ, ଦୁଃଖ ବି ନାହିଁ । ମୋଟା ଚିଙ୍ଗୁଡ଼ିଆ ନିଶପଟାକ ତାର ସମ୍ପତ୍ତି, ମରଦ ବିଭବ । ଏବେ କସରା ଧରିଲାଣି । ବୟସ ତା' ନିଜକୁ ଅଜଣା । ପଚାରିଲେ କହେ– ନଈ କ'ଣ କେବେ ମାପୁଛି ତା ବହି ଯାଉଥିବ ପାଣିକୁ, ନା ପାଣି କେବେ କଳିଛି ବାକି ପଡ଼ିଥିବା ବାଟକୁ ? ସମୁଦ୍ରରୁ ନଈ ପୁଣି ନଈରୁ ସମୁଦ୍ର । ନିଜ ହିସାବ ନିଜେ ରଖି ଲାଭ କ'ଣ ? ସଂସାର ବୋଇଲେ ମୋର ଏ ନାଆ ଖଣ୍ଡକ, ଦୁହେଁ ସୁଅରେ ଭାସୁଛୁ । ଏତିକି ଜାଣେ, ମୁଣ୍ଡୁଳାର ଆରମ୍ଭ ଯେଉଁଠୁ ଶେଷ ବି ସେଇଠି ।

ପାଠପଢୁଆ ଶିକ୍ଷିତଙ୍କ ଗୋଷ୍ଠୀରେ ମଙ୍ଗୁଆର ନାଁ ନ ଥିଲେ ମଧ୍ୟ ବେଶ୍ ମାର୍ଜିତ ତା'ର ଚାଲିଚଳଣ, ଆଚାର ବେଭାର । କଥାରେ ଥାଏ ତା'ର ଗୋଟାଏ ଗହୀରିଆ ଭାବ । ସଭିଁଙ୍କ ଅନ୍ତରକୁ ଛୁଏଁ । ତୁଣ୍ଡ ହୁଡ଼ା କଥା ପଦେ କହିବା, କି ପରନିନ୍ଦା କରିବା ତା' ଜାତକରେ ନାହିଁ । କାମରେ ତା'ର ଆଦର ଯେମିତି, ନିଷ୍ଠା ସେମିତି । ପୁଣି ଖୋଲାମେଲା ଅନ୍ତରର ତା' ଉଚ୍ଛୁଳା ହସ ଖଣ୍ଡକ ସଂସାରୀଙ୍କ ପାଇଁ ସାତ ସପନ । ଏମିତିକି ହାଟ ବାରିରେ ଫେରନ୍ତା ଗରାଖଙ୍କ ଭିତରୁ କେହି ଯଦି ତା' ମୂଲ ବାବଦକୁ ପଇସା ନ ଦେଇପାରେ, ତେବେ ହଟହଟା କରିବା ତ ଦୂରର କଥା ବରଂ ନିଜକୁ ନିଜେ କହି ବସେ– ରାତି ପାହିଲେ ମୁହାଁ ମୁହିଁ, ସାଆନ୍ତେ କ'ଣ ଘର ଭାଙ୍ଗି ଚାଲି ଯାଉଛନ୍ତି ଯେ ଏଥିପାଇଁ ଏତେ ଚିନ୍ତା ! ମହଙ୍ଗା ବଜାରକୁ ଲମ୍ବାତାଲିକା, ତା' ସାଙ୍ଗକୁ ପୁଣି ଦେଣା ପଇଠ । ମୁଁ କ'ଣ ବୁଝୁନି, ସଂସାରୀ ମଣିଷ, ଯେତେ ରୋଜଗାର ସେତେ ନିଅଣ୍ଟ । ପୁଣି ବହୁ କୁଟୁମ୍ବୀ ହେଲେ ପାଇଟି ଶେଷ । କଥାରେ ଅଛି ପରା ଫୁଟା ନାଆ; ଛାଡ଼ିପାରିବୁନି କି ରଡ଼ି ପାରିବୁନି । ଖାଲି ବାହୁଥିବୁ– ବାହୁନୁଥିବୁ ।

ନିଜ ଗାଁର ଭିଟା ମାଟି ପରି ନଈ ପ୍ରତି ମଙ୍ଗୁଆର ଆସକ୍ତି ଜନ୍ମରୁ । ସତେ ଯେମିତି ତା'ର ଜୀବନ । ନଈ ଯୋଗୁଁହିଁ ଏ ଗଡ଼, ଗଢ଼ି ଉଠିଛି କାହିଁ କେଉଁ ଯୁଗରୁ । ଗଡ଼ ମୁହଁଟି ନଈ ଟିକିଏ ଅଣଓସାରିଆ, ହେଲେ ସୁଅ ବେଶ୍ ଧାରୁଆ ପ୍ରାୟ ଦୁଇକୋଶ ଯାଏଁ । ବାଙ୍କ ପରେ ଯାଇ ନଈ ଶାନ୍ତ ଓ ପ୍ରଶସ୍ତ । ଦୁଇପଟରେ ଧାଡ଼ିକି ଧାଡ଼ି ଗାଁ, କ୍ଷେତ, ଆଉ ନଡ଼ିଆଗଛ । ଦିନକୁ ଦିନ ଜନବସତି ବଢ଼ିବା ସହ ଏପାଖ ସେପାଖ ଯାତାୟାତ ବଢ଼ିଚାଲିଛି । ବାଙ୍କ ମୁହଁର ଗଣ୍ଡକୁ କିନ୍ତୁ ସଭିଙ୍କ ଭୟ । ସୁଅ ସାତ ଚକର କାଟି ଭଉଁରି ଖେଳେ । ବଢ଼ି ଦିନରେ ଫେଣର ହାବୁକା ତଳେ ଚୋରା ଭଉଁରି ସବୁ ଅଜଣା ନାଉରୀ ସହ ଲୁଚକାଳି ଖେଳନ୍ତି । ମଙ୍ଗୁଆ ଉପରେ କିନ୍ତୁ ସଭିଙ୍କ ଭରସା । ଯେତେ ପାରିବାର ହେଲେବି ଉଚ୍ଛୁଳା ନଈରେ ଉଜାଣୀ ସୁଅ କାଟି ନାଆ ବାହିବାରେ ତା ସହ କେହି ତାଳ ଦେଇ ପାରନ୍ତିନି । ବାଇଶି ହାତିଆ କାତ ଖଣ୍ଡକ ତା' ହାତରେ ଥିଲେ, ମଙ୍ଗ ପୂରା ସଳଖ । ଭଁଉରି

କାଟି କାଟି ନାଆ ତା'ର ଆଗେଇ ଚାଲେ । ଅକାତ କାତ ପାଣିକୁ ତା'ର ଅକୁତୋଭୟ, କଥା ପଡ଼ିଲେ କହେ– ମା' ଭରସା । ପାଣିରେ ଘର-ପୁଣି ପାଣିକୁ ଡ଼ର ।

ମଙ୍ଗୁଆ ଚାହିଁ ରହେ ନଈକୁ । ତା' ମୁହଁରେ ପତର ଆଉ ପଥର । ପଥର ଧକ୍କା ଖାଏ ପୁଣି ଧକ୍କା ଦିଏ । ଗଡ଼ି ଗଡ଼ି ବାଲି ଗରଡ଼ା ହୁଏ । ନଈ ତା'ର ସାଥୀ, ତା' ସାହସର ମୂକସାକ୍ଷୀ । ସେହିଁ କେବଳ ଦେଖିଛି ଓ ମନେ ରଖିଛି ସେ ଦିନକୁ । ବେଳ ମୁହଁ ସଞ୍ଜ, ଘାଟ ସେତେବେଳକୁ ପୂରା ନିକାଞ୍ଚନିଆ । ମାଛରଙ୍କା ତା' ଆଶା ଛାଡ଼ି ଫେରନ୍ତା ଚକର କାଟିଲାଣି । ମଙ୍ଗୁଆ ତଥାପି ନିଘା ରଖିଥାଏ । କାଳେ କିଏ ରହିଯାଇଥିବ, ପାରି ହେବା ପାଇଁ ହିନିମାନିଆଟା ହେବ । ହଠାତ୍ ଟପ୍ ଟପ୍ ଶବ୍ଦ ଶୁଣି ଚମକି ଚାହିଁଲା, ବୁଝିଗଲା । ଗୋରା ସାହେବର ଆଖି ଗଡ଼ ଧରିବା ଦିନଠୁ ଫୌଜ ଲୋକଙ୍କ ଉପରେ ତା'ର କଡ଼ା ନଜର । ଦାରୋଗା ଘୋଡ଼ା ଛାଡ଼ି ଘାଟ ଧରିଲା ବେଳକୁ ମଙ୍ଗୁଆ ଯାଇ ମଝି ନଈରେ । ଯେତେ ଡାକିଲେ ବି ଶୁଣିଲା ନାହିଁ । ସୁନା ମୋହରରୁ ଧମକ ଚମକ, ସବୁ ପାଣି ଫାଟିଗଲା । ଶେଷକୁ ବଂଧୁକ ଉଠିବା ବେଳ । ମଙ୍ଗୁଆ କାତ କିଳିଦେଇ ନାଆ ସଳଖି ଛାତି ଭିଡ଼ି ଠିଆ ହେଲା, ସେଇ  ମଝିନଈରେ । ସାମ୍ନା ଘାଟରେ ଦାରୋଗା ସହ ପାଞ୍ଚ ସିପାହୀ । ହାତରେ ବନ୍ଧୁକ ତଥାପି ତା'ର ଡର ନାହିଁ । ବଡ଼ ପାଟିରେ ଚିଲେଇ କହିଲା– ''ରାତି ଅଧରେ ବାଳୁତ ପିଲାଟାକୁ ଗୁଳିକରି ମାରିଦେଲ, ଆଜି ପୁଣି ଆସିଛ ? ବନ୍ଧୁକ ଗୁଳିରେ ଏ ଜାତି ଡରିବାର ନୁହେଁ । ଏଇ ନଈ, ଆଉ ଏ ନାଉରୀ ଥିବା ଯାଏଁ ତୁମେ ଏ ଗଡ଼ ମାଡ଼ି ପାରିବନି । ଏଦେଶ ତୁମର ନୁହେଁ, ଏ ଧନ ତୁମର ନୁହେଁ । ବେଇମାନି ଫିରିଙ୍ଗି ଜାତି ବେପାର ନାଁରେ ଶାସନ ଚଳେଇଛ, ଆମ ପେଟକୁ ମାରି । ଫେରିଯାଅ, ତୁମ ଦେଶକୁ ତୁମେ ଫେରିଯାଅ ।''

ବହଳ ଅନ୍ଧାର ଭିତରେ ସେତେବେଳକୁ କେହି କାହାକୁ ଦେଖିପାରୁ ନ ଥାନ୍ତି । ଆରପଟରୁ ଖାଲି ଏତିକି ଶୁଭିଲା– ''ଛେଉଣ୍ଡ ଟୋକାଟାର ଗୁମାନ ବେଶୀ । ସରକାରଙ୍କ ଆଜ୍ଞାକୁ ପୁଣି ଅବଜ୍ଞା ! ଚଳାଅ ଗୁଳି !'' ମଙ୍ଗୁଆ ଗଛ କାଟିଲା ପରି ପାଣିରେ ପଡ଼ିଲା । ଗୁଳିବର୍ଷା ଥମିଗଲା ।

ସେମାନେ ଫେରିଯିବାର ଘଡ଼ିକ ପରେ ମଙ୍ଗୁଆ ନାଆକୁ ଉଠିଲା । ତା ବାଁ ଗୋଡ଼ରେ କେବଳ ଆଘାତ ଲାଗିଥାଏ । ଅସହ୍ୟ ଯନ୍ତ୍ରଣା, ତଥାପି ଗାମୁଛାଟାକୁ ଗୋଡ଼ରେ ଭିଡ଼ି ଦେଇ ଘାଟକୁ ଫେରିଲା । ଘରକୁ ନ ଫେରି ସିଧା ଧାଇଁଲା ଜମିଦାର ପାଖକୁ । ଗଡ଼ରେ ଡିଣ୍ଡିମ ଦେବା ପାଇଁ ଜମିଦାର ପାଖରେ କେତେ ନେହୁରା ହେଲା । ହେଲେ କିଛି ଲାଭ ହେଲାନି, ଫେରିଆସିଲା । ଗାଁ ବୈଦ୍ୟଙ୍କ ହେପାଯତ୍ନରେ ଦିନ କେଇଟାରେ ସେ ଭଲ ହୋଇଗଲା । ଗୋଡ଼ଟା ବି ରକ୍ଷା ପାଇଗଲା ହେଲେ ଆଉ ସିଧା ହେଲାନି । ସବୁଦିନ ପାଇଁ ଛୋଟା ହୋଇଗଲା । ସେହିଦିନଠୁ ସେ ରାତିରେ ଭଲରେ ଶୋଇ ପାରେନି । ଅଧରାତିରୁ ଉଠି ଘାଟରେ ପଇଁତରା ମାରେ । ଭାବେ, ମାଆର ଛାତିରେ ବସି ସଇତାନ ରକ୍ତ ପିଇବ, ଆଉ ଏ ସବୁକୁ ବରଦାସ୍ତ କରି ଶୋଇ ରହିବାଟା କ'ଣ ଠିକ୍ ହେବ ? ତା'ପରଠୁ ମଙ୍ଗୁଆ ବୁଝିଯାଇଛି ଏସବୁ ଚରଣ ପଟ୍ଟନାୟକର କାରସାଦି । ସେ ତା' ଗାଁ ଜମିଦାରଙ୍କ ଗୁମାସ୍ତା । ଦାରୋଗା ପାଖରେ ଗୋଇନ୍ଦାଗିରି କରେ ବୋଲି ଆଗରୁ ଜଣା । ସେଥିପାଇଁ ସେ ତାକୁ ଘୃଣା କରେ । ତା'ର ବି ମଙ୍ଗୁଆକୁ ପ୍ରାଣରେ ଡର । କେବେ କେବେ ଘାଟରେ ସାମ୍ନାସାମ୍ନି ହୋଇଗଲେ ଚରଣ ପଟ୍ଟନାୟକ ମୁହଁପୋତି ଆଡ଼େଇ ହୋଇ ଚାଲିଯାଏ । ହେଲେ ଶୁଣିପାରେ– ''ଏଇଭଳି ନମକ୍‌ହାରାମ୍‌ଙ୍କ ଯୋଗୁହିଁ ଦେଶର ଆଜି ଏ ଅବସ୍ଥା । ମୁଁ କାହିଁକି କର ଦେବି ? ସରକାର ତ ଦେଇ ନାହାନ୍ତି ଏ ନଈରେ ପାଣି, କି ଏହି ବାହାରେ ଜୁ । ନଈ ତାଙ୍କର ନୁହେଁ, କି ନାଉରୀ ତାଙ୍କର ନୁହେଁ । ଏ ନଈ ଯାହାର ମୁଁ ତାହାର । ମୁଁ ତା'ରି ପାଖରେ ଋଣୀ ।''

ନାଆରେ ବସିବା ତ ଦୂରର କଥା ସେଇ ଦିନରୁ ଗୁମାସ୍ତା ଗୋସେଇଁ ମଙ୍ଗୁଆର ଛାଇ ମାଡ଼ନ୍ତିନି । ଘାଟକର ବାବଦକୁ ଫଟାପାହୁଲାଟାଏ ବି ତା'ଠାରୁ ମିଳେନି ।

ଆଗୁଆ ସତ୍ୟାଗ୍ରହୀ ଭାବରେ ସାରା ଗଡ଼ଟା ଭିତରେ ମଙ୍ଗୁଆର ନାଁ ଡାକ । ଘାଟ ରୋକ, ଲୁଣମରା, ଧର୍ମଘଟ ସବୁଥିକି ସେ ଆଗୁଆ । ଏସବୁ ତୋଷାମଦିଆଙ୍କ ଆଖିରେ ଯାଏନି । ତାସଲ୍ୟ କରି କହନ୍ତି, 'ଛୋଟା ନାଉରୀର ବହପ ଦେଖ, ପତକା ଧରି ଆଗରେ ଡିପେଇ ଧାଇଁଛି ।' ତଥାପି ମଙ୍ଗୁଆ ଦବିଯିବାର ନୁହେଁ । ମଣ୍ଡଳ ସଭାରେ ହାତ ତା'ର ଆଗ ଉଠେ । ସବୁକଥାରେ 'ହଁ' ।

ମଙ୍ଗୁଆର ହୃଦୟଟା କେତେବେଳେ ବରଫ ପରି ଟାଣ ତ କେତେବେଳେ ପୁଣି ପାଣି ପରି ସ୍ୱଚ୍ଛ ଆଉ ତରଳ ।

ସେ ଆନକୁ ମାପି ଜାଣେ, ପୁଣି ନିଜକୁ ଦେଇ ଜାଣେ । ମେଘ ହୋଇ ଭାସି ବୁଲେ, ପୁଣି ବରଷି ଯାଏ । ସଞ୍ଜହେଲେ ହାତରେ ଡାକୁଡ଼ି ଧରି ମଙ୍ଗୁଆ ବାହାରିପଡ଼େ ଗାଁ ମୁଣ୍ଡ ଚାନ୍ଦିନୀ ଆଡ଼େ । ପାଖ ନିମ ମୂଳର ଚଉତରା ଉପରେ ଗଛକୁ ଆଉଜି, ଆଡ଼େଇ ବସିଥାଏ ରାତି ଦିଘଡ଼ି ଯାଏ । ମନଟା ଥାଏ ଭାଗବତ ଚର୍ଚ୍ଚାରେ, ହେଲେ ହାତ ଦୁଇଟା ଚରଖା ପରି ଘୂରୁଥାଏ ସୂତା ପାଗ ମାରିବାରେ । ଶୁଣି ଶୁଣି ଢେର ଶାସ୍ତ୍ର ପୁରାଣ ମନେ ରହିଗଲାଣି । ନଜର କେବଳ ଭଗବାନଙ୍କ ସେବାରେ ନିଜକୁ ଜଡ଼େଇ ରଖିବ । ଦିନଓଳା ଘଡ଼ିଏ ସମୟ ପାଇଲେ ନାଆକୁ ଘାଟରେ ସିନ୍ଦୋଳି ଦେଇ, ସେଇ ସୂତାରେ ଜାଲ ବୁଣେ । ଏବେ ଆଖି ଜାଲଜାଲୁଆ ଧରିଲାଣି । ଘର ଧରିବା ବେଳକୁ ଘଡ଼ିକ ପାଇଟି ତାକୁ ଦିଘଡ଼ି ଲାଗେ । ତଥାପି ବର୍ଷକୁ ଦିଖଣ୍ଡ ଉଠାଏ । ସୂତା ପାକଳ ଯେମିତି ବୁଣା ମଜଭୁତ ସେମିତି । କଳବୁଣା ଜାଲ ତା' ପାସଙ୍ଗରେ ପଡ଼ିବନି । ଲୋକେ କହନ୍ତି– ''ମଙ୍ଗୁଆର ଜାଲ ଜାହଜ ଓଗାଳିବ । ବେହୁସିଆର ନ ହେଲେ ଜାଲ ଖଣ୍ଡକ ପୁରୁଷ ବିତିଯିବ ।''

ଜାଲ ବୁଣୁବୁଣୁ ଟିକେ କ୍ଲାନ୍ତ ଲାଗିଲେ ଗଛଛାଇତଳେ ଅଣ୍ଟା ସଳଖି ନିଏ, ସେଇ ନାଆ ଉପରେ । ଆଖି ମାଡ଼ି ମାଡ଼ି ପଡ଼େ । ଭାବେ କେଡ଼େ ଭାଗ୍ୟ ସେ ବୁଢ଼ା କୈବର୍ତ୍ତର । ଯିଏ ସମସ୍ତଙ୍କୁ ଏ ଭବସାଗରରୁ ପାର କରୁଛନ୍ତି ତାଙ୍କୁ ପୁଣି ନିଜ ନାଆରେ ବସାଇ ପାର କରିଦେଲା । ଧନ୍ୟ ସେ ନାଉରୀ ଧନ୍ୟ ତା' ଜୀବନ । କୈବର୍ତ୍ତ କୂଳରେ ଜନମ ନେଇଛି ସିନା କେବେ କ'ଣ ଥରେ ପ୍ରଭୁଙ୍କ ଦର୍ଶନ ମିଳିବ, ନା ଶ୍ରୀପାଦ ପଖାଳିବାର ସୌଭାଗ୍ୟ ମିଳିବ ଏ ଜନ୍ମରେ ।

ପାହାନ୍ତି ପହରୁ ନଈରେ ଡୁବ ଦେଇ ବଡ଼ ମୁଣ୍ଡିଆ ଉପରେ ଥିବା ମନ୍ଦିରକୁ ମଙ୍ଗୁଆ ନିତି ଯାଏ, ସାଙ୍ଗରେ ମାଠିଆ ଦୁଇଟି ନେଇ । ଗୋଟାକରୁ ଥପର ଥପର ପାଣି ଗଳୁଥାଏ ବାଟ ସାରା, ହେଲେ ସେଥିରେ ତା'ର ଦୁଃଖ ନ ଥାଏ । କେହି ଘାଟ ଧରିବା ପୂର୍ବରୁ ମନ୍ଦିରରେ ପୂଜା ଆରାଧନା ସାରି ଝଟଝଟ ଫେରିଆସେ । ବାଟ ଅପହଞ୍ଚ ଯୋଗୁଁ ପୂଜାପାର୍ବଣ ନ ଥିଲେ ଗଡ଼ ଲୋକ କେହି ମନ୍ଦିର ଦୁଆର ମାଡ଼ନ୍ତିନି । ମଙ୍ଗୁଆ ନ ଥିଲେ ବୋଧେ ଠାକୁର ନିପାଣିଆ ରହିଯାଇ ଥାନ୍ତେ । ମନ୍ଦିର ପୁରୁଣା ହେଲେ କ'ଣ ହେବ କଳା ମୁଗୁନିପଥରରେ ଗଢ଼ା, ବଡ଼ ସୁନ୍ଦର ସେ ମୂର୍ତ୍ତି । ନଈ ବନ୍ଧରୁ ଯିବା ଆସିବା ବାଟ ମାଇଲିଏ । ରାସ୍ତା ସରୁ, ଅଙ୍କାବଙ୍କା ପୁଣି ତିଖ । ଛୋଟବଡ଼ ଗେଙ୍ଗୁଟିରେ ପୂର୍ଣ୍ଣ । ମୁଣ୍ଡିଆ ଉପରେ ବଡ଼ ବଡ଼ ପଥରଗୁଡ଼ାକ ଠେଲାପେଲା ହୋଇ ଝୁଲୁଥା'ନ୍ତି, ଗଡ଼ିଆସିବା ଭଙ୍ଗୀରେ । ବର୍ଷା ହେଲେ ପଥର ସନ୍ଧାରୁ ଅନାବନା ଗଛ ବାହାରି ଢାଙ୍କି ହେଇଯାଏ ମୁଣ୍ଡିଆଟା ସାରା । ହେଲେ ଖରା ଚାରିମାସ ଦୁବ କଅଁଳେ ନାହିଁ । ରାସ୍ତା ଘାଟ ରୂଢ଼ିଆଟା ହୋଇ ପଡ଼ିଥାଏ । ଏମିତି ଗୋଟାଏ ଗରମ ସକାଳେ ନଈତୁଠରୁ ଗାଧୁଆ ସାରି ମାଠିଆ ସଜାଡୁଛି ମଙ୍ଗୁଆ । ଜାଣିଲା କେହି ଯେମିତି ତାକୁ କ'ଣ କହୁଛି ।

— ''ମୁଁ କ'ଣ ଏଡ଼େ ହତଭାଗା ! ମୋ କପାଳରେ କ'ଣ ଏଇଆ ଲେଖାଅଛି ? ତେବେ ମୋର ଅପରାଧ କେଉଁଠି ?

ବୁଝିଗଲା ଫଟା ମାଠିଆର ଏ ଗୁଞ୍ଜରଣ । ବହୁତ ଶାନ୍ତଭାବରେ କହିଲା —

— ''କାହିଁ ମୁଁ ତ ତୋ ପ୍ରତି କିଛି ଅବିଚାର କରିନି ।''

— ''ସେଇଟାହିଁ ତ ମୋର ଦୁଃଖ । ସାରା ଜୀବନ ତୁମେ ମୋତେ ଏମିତି କାମରେ ଲଗାଇ ଥିବ, ଆଉ ମୁଁ ଏମିତି ହିନିମାନିଆ ଜୀବନ ଧରି ରହିଥିବି ? ଥରଟିଏ ପାଇଁ ବି ମୁଁ ମୋର ପୂର୍ଣ୍ଣ କଳେବରକୁ ଉପଭୋଗ କରିବିନି, କି ଅରପି ଦେଇ ପାରିବିନି ପ୍ରଭୁଙ୍କ ଚରଣରେ । ଏମିତି ଜିଇଁ ରହି ଲାଭ କ'ଣ ?

ତଥାପି ମଙ୍ଗୁଆ ସ୍ଥିର, ଅବିଚଳିତ । ପାଣିରୁ ଉଠିଆସି କହିଲା–

''ଭାବି ନ ଥିଲି ଏ ଛୋଟା ନାଉରିଟାକୁ ତୁ ଏମିତି ଏକ ପ୍ରଶ୍ନ ପଚାରି ବସିବୁ ବୋଲି । ଠିକ୍ ଅଛି, ଏଠି ନୁହେଁ । ମୁଣ୍ଡିଆ ଯିବା ବାଟରେ ସବୁ କହିବି, ବେଳ ଉଛୁର ହେଉଛି ।''

ମଙ୍ଗୁଆ ଢିପେଇ ଧାଇଁଲା । ଆଗେଇ ଗଲାବେଳେ ଶିକା ଦୁଇଟା ଲସର ପସର ହେଇ ଧାଇଁଥାନ୍ତି ତା' ଆଗରେ ପଛରେ । ବାଟ ସେତେବେଳକୁ ଅଧା ପାହାନ୍ତି, ଫଟା ମାଠିଆ ଉତ୍ତର ପାଇବା ଆଶାରେ ଚାହିଁ ରହିଥାଏ । ବାହାଙ୍ଗୀକୁ ବାଁ କାନ୍ଧକୁ ସଳଖି ନେଇ ମଙ୍ଗୁଆ କହିଲା–

''ଦେଖ, ତୋ ଅଭିମାନର କିଛି ବି ଯଥାର୍ଥତା ନାହିଁ । ଅଭିମାନ ହେଉଛି ସବୁଠୁ ଗୋଟାଏ ବଡ଼ ଅହଂକାର । ମୁଁ ଯେତେବେଳେ କୁମ୍ଭାରଶାଳରୁ ମାଠିଆ ଦୁଇଟି ଆଣିଥିଲି ଜାଣି ନ ଥିଲି ଗୋଟିକରେ ସରୁ ଫଟା ଦାଗଟିଏ ଅଛି ବୋଲି । ଜାଣିବା ପରେ ବି ମୁଁ ତୋତେ ଭଲ ମାଠିଆଟି ସହ ଶିକାରେ

ବସାଇ ବୋହି ନେଇଛି ମୋର ପ୍ରଭୁଙ୍କ ପାଖକୁ । ଫଟା ମାଠିଆ ବୋଲି ତୋ ମନର ଗ୍ଲାନି କେବଳ ତୋ ନିଜର । କାରଣ ଭଗବାନ କହନ୍ତି– ମୁଁ ପ୍ରତ୍ୟେକ ବସ୍ତୁରେ ପ୍ରତ୍ୟେକ ସତ୍ତା ଭିତରେ ପରିପୂର୍ଣ୍ଣ ହୋଇ ରହିଛି । ମୁଁ ବି ସେଇଆ ବୁଝି ନଇତୁଠରୁ ନିତି ଦୁଇ ମାଠିଆ ପାଣି ଭରେ, ହେଲେ ପ୍ରଭୁଙ୍କ ଚରଣରେ ଦେଢ଼ମାଠିଆ ପାଣି ଢାଳେ । ତଥାପି ମୋର ଦୁଃଖ ନାହିଁ । କି କେବେ ଭାବିନି ମୋର ଶ୍ରମ ଅଯଥା ଯାଉଛି, କି ତୋର ଜୀବନ ଅଲୋଡ଼ା ହୋଇଛି । ପୁଣି ଭଲ ମାଠିଆ ତୁଳ ଭଗବାନଙ୍କ ସେବା ପାଇଁ ତୋର ଯେ ପୂର୍ଣ୍ଣ ଯୋଗ୍ୟତା ନାହିଁ ଏକଥା ଭାବିବା ମଧ୍ୟ ଗୋଟାଏ ମସ୍ତବଡ଼ ଭୁଲ । କାହିଁକି ଜାଣୁ ? ଏଇ ଦେଖ, ସାରା ମୁଣ୍ଡିଆଟା ଟାଙ୍ଗରା ପଡ଼ିଥିବା ବେଳେ ରାସ୍ତାକଡ଼ରେ କଅଁଳ ଦୁବଧାରେ କେମିତି ଖିଲି ଖିଲି ହେଇ ହସୁଛି । ତା' ଦେହରେ ପୁଣି ଭଳିକି ଭଳି ଅନାବନା ଫୁଲ । ସେଇଟି କେବଳ ତୋରି ପଟେ । ଭଲ ମାଠିଆ ପଟେ ନୁହେଁ । ତୋରିଠାରୁ ବୋହିଯାଉଥିବା ପାଣି ପାଇ ଏଠି ବାରମାସୀ ଫୁଲ ଫୁଟେ । ଆଉ ଏଇ ଉଦୁଉଦିଆ ଖରା ମାସରେ ସାରା ମୁଣ୍ଡିଆଟାରେ କଢ଼ିଟିଏ ନ ଥିଲାବେଳେ ସେଇ ଫୁଲକୁ ନେଇ ମୋ ପ୍ରଭୁଙ୍କ ଶ୍ରୀଚରଣରେ ସମର୍ପି ଦିଏ । କହ ତ ଦେଖି ଏମିତି ସୌଭାଗ୍ୟ କାହାର ଅଛି !

ଶିକାକୁ ସଜାଡ଼ି ମଙ୍ଗୁଆ ପୁଣି କହିଲା, – ଗୋସେଇଁ କହନ୍ତି; ମଣିଷଟିଏ ଯାହା ହେଉନା କାହିଁକି ତା ଜୀବନ ଅଦରକାରୀ ନୁହେଁ, ଅକିଞ୍ଚନ ନୁହେଁ, ଅପାଂକ୍ତେୟ ନୁହେଁ । ବରଂ ତାହାର ଏକ ମହାନ୍ ଉଦ୍ଦେଶ୍ୟ ରହିଛି, ଜଳନ୍ତା ଦୀପଶିଖା ପରି । ଆଉ ଏମିତି କୌଣସି ଦୁଃଖ ବା କଷ୍ଟ ନାହିଁ ଯାହାକି ପରେ ତା ଲାଗି ଗୌରବର କାରଣ ହୋଇ ନ ଉଠିବ । ସତକୁ ସତ ସ୍ୱରାଜ ପାଇଁ ମୁଁ ଲାଠି ଖାଇଛି, ଜେଲ ବି ଯାଇଛି । ଦୌଡ଼ି ପାରେନି ବୋଲି ମୋ ପିଠିରେ ପାହାର ବେଶୀ, ତଥାପି ଆଗୁଆ ଥାଏ । ହେଲେ ଯେଉଁଦିନ ଫିରିଙ୍ଗି ଫେରିଗଲା, ମା' ମୋର ଶୋଷଣରୁ ମୁକ୍ତ ହେଲା ସେଦିନ ମୋର ସବୁକଷ୍ଟକୁ ମୁଁ ଭୁଲିଗଲି । ଏଇ ଛୋଟା ଗୋଡ଼ରେ ପୁଣି ନିତି ମୁଣ୍ଡିଆ ଧାଉଁଛି । ଜୀବନରେ ହାରିଯାଇଛି ବୋଲି କେବେ ବି ଭାବିନି, ବରଂ ଭାବେ ମୋର ଆଗେଇ ଧାଇଁବାଟା ସମ୍ଭବ ହୋଇଛି ମୋ ଛୋଟା ଗୋଡ଼ର ପଛେଇ ନ ଯିବା ପ୍ରେରଣା ହେତୁ ।

ସୂର୍ଯ୍ୟ ସେତେବେଳକୁ ଉଠି ଆସୁ ଥାଆନ୍ତି ମୁଣ୍ଡିଆର ଉହାଡ଼ରୁ । ଅରୁଣିମାର ଆଭାରେ ଅଧା ଫର୍ଚ୍ଚା ଅନ୍ଧାରୁଆଟା ନିମିଷକେ ଅପସରି ଗଲା । ତୋଫାନ ସଫା ଆକାଶର ଉଜ୍ଜ୍ୱଳ ଇନ୍ଦ୍ରଧନୁ ପରି ଝଲସି ଉଠିଲା ଫଟା ମାଠିଆର ମୁହଁଟା । ତା ସହ ତାଳ ଦେଇ ହସି ଉଠିଲେ ରାସ୍ତା କଡ଼ର ଗେଙ୍ଗୁଟି, ପାଦ ତଳର ଘାସ ଆଉ ଅନାବନା ଫୁଲମାନେ ।

# ବିଧାନ

## ସନ୍ତୋଷ ରଥ

ପାଣୁ କହେ ତା' ଶଗଡ଼ କୁଆଡ଼େ କଥା କହେ । ମାନ କରେ । ମାନ ଭାଙ୍ଗିଗଲେ ଲାଜେଇ ବଉଳି ଯାଏ । ମିଛ ନୁହେଁ । ଆଖି ପାଆନ୍ତାରେ କେହି ନ ଥିଲେ ବି ଏକା ଏକା କୁନ୍ଦା ପଇ ଦେହରୁ ପଙ୍କର ଶୁଖିଲା ଖୋଳପା ଛଡ଼ାଉଥିବା ବେଳେ ପାଣୁ ଗୁଣୁରୁ ଗୁଣୁରୁ ହେଉଥାଏ । ବେଳେ ପୁଣି ହସି ଉଠେ । ଏମିତି ମନଖୋଲା ହସ ସେ କାହାରି ପାଖରେ ହସି ପାରେନି । କପଟିଆ ଲୋକଗୁଡ଼ାଙ୍କୁ ତା'ର ହାଲେ ଡର । ଜମିଦାରଙ୍କ ଛାଇ ପଡ଼ିଲେ ତା' ଦେହରେ ନିଆଁ ଚରିଯାଏ । ବର୍ଷା ବତାସିରେ କାମ ନ ଜୁଟିଲେ ପେଟରେ ଓଦାକନା ପକାଇ ଶୋଇ ଯିବାକୁ ଇଚ୍ଛା ଥିଲେ ବି, ଅନିଚ୍ଛା ପାଖରେ ମୁଣ୍ଡ ନୁଆଁଏ କେବଳ ଗୁହାଳ ବନ୍ଧା ଗୋରୁ ଦି'ଟାଙ୍କ ପାଇଁ ।

କାଳିଆ ବଳିଆଙ୍କ ଚଉଁରୀ ବନ୍ଧା ଯାଉଁଳି ଘଣ୍ଟିରେ କୁକୁର କାଉମାନେ ନିତି ଚେଇଁ ଉଠନ୍ତି । ପାହାନ୍ତି ପହଡ଼ ପଲଟାଏ । ଦୋକତା ଡବାଟା ଅଣ୍ଟାରେ ଖୋସିଦେଇ ପାଣୁ ବାହାରି ପଡ଼େ ବିଲକୁ ନ ହେଲେ ମାଲ ଗୋଦାମକୁ । ଫେରୁ ଫେରୁ ଦିନ ଦିପହର । କେବେ କେବେ ଅଢ଼େଇ ପହର । ହେଲେ ବଳଦଙ୍କ ପେଟ ଚିହ୍ନେ । ଶୀତୁଆ ସକାଳେ ଉଷୁମ ଉଷୁମ କୋଳଥ ସିଝା ଆଉ ଖରାକାଳରେ ଚୋକଡ଼ ଭସା ଆମ୍ବିଳା ତୋରାଣିରେ ତାଙ୍କ ଜାଲି ଭରିଦିଏ । ତଥାପି ଶଗଡ଼ ଯୋଚିବା ଆଗରୁ ନଡ଼ା ଚାରି ବିଡ଼ା ନ ଥୋଇଲେ ତା' ମନ ବୁଝେନା । ପଶୁ ଜାତିକୁ ପ୍ରକୃତି ସିନା ଭୋକ ଦେଇଛି ହେଲେ ମୁହଁରେ ତ ଭାଷା ଦେଇନି ।

ସାରା ପଞ୍ଚକୋଶରେ ଏମିତି ହଳେ ସମୟୁଝିଆ ଦାମୁଡ଼ି ପାଇବା ସତରେ ସହଜ ନୁହେଁ । ନାଲ ବନ୍ଧା ଶକ୍ତ ଖୁରା, ତମ୍ବା ଗୋବ ଦିଆ ସଳଖ ଶିଙ୍ଗ, ପୁଣି ଚାଲିଲେ ଘୋଡ଼ାର ଠାଣି । ତାଙ୍କ ଟିଙ୍କ ଖସଡ଼ା ମଖମଲ ଦେହ ଉପରେ ଜମିଦାରଙ୍କର ଭାରି ନଜର ।

— ନା ସାଆନ୍ତେ ତା କେମିତି ହେବ । ଆପଣଙ୍କ ଶଗଡ଼ରେ ମୋ କାଳିଆ ବଳିଆ ଯୋଚା ହେବେ, ସେମାନେ ଯୁଆଳି ବାରିବେ । ପୁଣି ଶାଳୁଆ ଦଣ୍ଡାକୁ, ଝୁରା ଶଗଡ଼, ଦିନ ଦି'ଟାରେ ଦୋହଲି ଯିବେ । କ୍ଷମା କରନ୍ତୁ ଆଜ୍ଞା ।

ପାଣୁର କଥାରେ ଜମିଦାର ସଳଖି ଚାହିଁଲେ । ମୁଛ ଗୋଛାକ ଝିଙ୍କ କାଠି ପରି ଟାଆଁଶି ଉଠିଲା । ଦୁଇ ସୋରାରେ ବଳି ନେଇ କହିଲେ — ବାଃ ! ଭାରି ବହପ ତ ! ଆଉ ମୁଁ ଯେ ସାରା ଜଗତର ଯୁଆଳି ମୋ କାନ୍ଧରେ ବୋହୁଛି ।

— ସାଆନ୍ତେ ଗରିବର ବାପା ମା' ।

ପାଣୁର ଅଧା ଢୋକା କଥା ପଦକୁ ଜମିଦାରଙ୍କର ଗରଜ ନ ଥିଲା । ବରଂ ଗୋଟାଏ ଲହରରେ କହି ପକାଇଲେ — ଠିକ୍ ଅଛି ଆଷାଢ଼ ନିଗଡ଼ା ଆସୁଛି, ଦେଖିବି ସେତେବେଳକୁ କିଏ ତୋତେ ଆଉ ତୋ' ଜିଅନ୍ତା ବଳଦେବଙ୍କୁ ଘଣ୍ଟ ଘୋଡ଼ାଇ ରଖିବ ।

ବଡ଼ଲୋକଙ୍କୁ ଉତ୍ତର ନାହିଁ । ମୁହଁ ଖୋଲି ଭୁଲ୍ କରିଛି ବୋଲି ପାଣୁ ପସ୍ତେଇ ହେଲା । ଗାଁ ପଣ୍ଡିତଙ୍କଠୁ ବହିଣା ନେଇଛି ବୋଲି କହି ଦେଇଥିଲେ ପାଇଟି ଶେଷ । ହେଲେ ମିଛକୁ ଢୋକିଲା ବେଳକୁ ପାଣୁର ତଣ୍ଟିରେ କଣ୍ଟା ଲାଗେ ।

ସର୍ବଜନ ସ୍ପୃହା ସଂସାର ଗୁଳାଟା ତାକୁ ସୁହାଏନି । ରାତିରେ ପାଣୁ ସପନ ଦେଖେ । ଥରେ ନୁହେଁ, କେତେ ବାର ଦେଖିଛି । ସାତ ପୁରୁଷର ସେଇ ଅଙ୍କାବଙ୍କା ଗୁଳା ଛାଡ଼ି ସେ ଚାଲିଛି ଗୋଟାଏ ସିଧା ରାସ୍ତାରେ ଏକା ଏକା । କାଁ ଭାଁ ଗୋଟାଏ ଗୋଟାଏ ମଣିଷ ତା' ଆଗରେ ପଛରେ । ଶେଷ ମୁଣ୍ଡରେ ଦିଶେ ଗୋଟେ ଆଲୁଅ । ଆଲୁଅ ଢେର ଦୂରରେ । ତଥାପି ତାକୁ ଭଲ ଲାଗେ । ସପନ ଭାଙ୍ଗିଲେ ଭାବେ ରାସ୍ତା ଉଠାଣି ପକାଣି ହେଲେ କ'ଣ ହେବ ସୋଜା-ସଳଖ ତ । ସେ କିଛି ବୁଝିପାରେନି କି କେହି ତା' ସପନର ମାନେ ତାକୁ ବୁଝାଇ ପାରନ୍ତିନି । ହେଲେ ଗୁଳାବନ୍ଧା ସେଇ ଅଙ୍କାବଙ୍କା ରାସ୍ତାରେ ଯିବା ପାଇଁ ସେ ସବୁବେଳେ ନାରାଜ । ଅପନ୍ତରା ପାଟ ଭିତରେ ସେ ତା' ନିଜ ବାଟ ବାଛିବାକୁ ବରଂ ଶ୍ରେୟଃ ମଣେ ।

ସପନ ଗୁମର ବୁଝିଥିଲେ ବୁଝିଥା'ନ୍ତା ମେଘି । ନ ବୁଝିଥିଲେ ବି ବଡ଼ ଦରଦି ମଣିଷଟାଏ । ରନ୍ଧା ପାଇଟି ସାରିଦେଇ ଓଳି ତଳେ ସେମିତି ଅନେଇ ବସିଥିବ । ପାଣୁ ଯେତେ କହିଲେ ବି ଶୁଣିବନି । ଧଡ଼ପଡ଼ ହେଇ ଉଠିପଡ଼ି କହିବ — ମଲା, ତା' କେମିତି ହେବ । କାମ ଫେରନ୍ତା

ଭୋକିଲା ପେଟକୁ ନ ଅନେଇ ମୁଁ ମାଇପି ମଣିଷ ଟା ଖାଇ ପିଇ ଘୁଙ୍ଗୁଡ଼ି ମାରିବି ।

ତା'ଆଖିରେ ପାଣୁ ଗୋଟାଏ ଅଧା ଦେବତା । ସାହି ଭାଇରେ କହେ – ମୁଁ ଏମିତି ମରଦ ଦୁନିଆରେ ଦେଖିନି । ଗୁହାଳର ଗୋରୁ ଦିଟାଙ୍କୁ ଛାଡ଼ିଦେଲେ ସଂସାର ପ୍ରତି ଟିକିଏ ମୋହ ନାହିଁ ।

ଦଇବ ସହିଲାନି । ବର୍ଷ ଦି'ଟାର ସଂସାର ପାହାନ୍ତି ତାରା ପରି ଆସିଲା ଗଲା । ସାହି ଭାଇରେ କେତେ ଲଗେଇଲେ – ଝଡ଼ ଆସି ଥରେ ନଡ଼ା ଉଲାରି ଦେଲା ବୋଲି, ତୁ କ'ଣ ମାନ କରି ପୁଣି ଚାଳ ବାନ୍ଧିବୁନି ? ମରଦ ପିଲାର ପୁଣି ବେଳ ଉଛୁର କ'ଣ ରେ ?

ହେଲେ ପାଣୁର କିନ୍ତୁ ଗୋଟାଏ ଜିଦ୍ । ସଂସାର ନ କରି ମଣିଷ କ'ଣ ଜିଇଁ ପାରିବନି । ମନେମନେ ଭାବେ ଭଲ ପାଇବାଟା କ'ଣ ଗୋଟାଏ ହାଟର ସଉଦା ଯେ ଘଡ଼ିକି ଘଡ଼ି ବିକିକିଣି ହେବ ଏଠି ସେଠି ସଭିଙ୍କ ପାଖରେ ।

ତା' ଉଜୁଡ଼ା ଫଗୁଣ କଥା ପଚାରିଲେ ପାଣୁ ଆଜି କାଲି କିଛି କହେନି, ହେଲେ ଟିକିଏ ଆନମନା ହୋଇଯାଏ । କାଳିଆ ବଳିଆଙ୍କ ମୁଣ୍ଡ ବନ୍ଧା ଚାନ୍ଦଟିକୁ ଛୁଇଁ ଦେଇ ନିଜ ମୁଣ୍ଡରେ ହାତକୁ ବୁଲେଇ ଆଣେ ।

ବେଳ ରତ ରତ, କେହି ଆସି ନ'ଥାନ୍ତି ବୋଲି ବୈଠକ ଘରର ହିନ୍ଦୋଳାରେ ଝୁଲୁ ଥାଆନ୍ତି ମର୍ଦରାଜ ସାମନ୍ତ ସିଂହ । ଗଡ଼ର ଜମିଦାର । ଗୁମାସ୍ତାଙ୍କ ହାତରୁ ରୁପା ପିକଦାନିଟା ନେଉ ନେଉ କହିଲେ – ବୁଝିଲ ପଟ୍ଟନାୟକ ସବୁ ହେଲା ଯେ ଗୋଟାଏ ଅବଶୋଷ ରହିଯିବ । କାହିଁ ତୁମେ ତ ସେ ଆଡ଼କୁ ନଜର ଦେଇନ ।

– ଏ ସାତ ମୌଜାରେ ପୁଣି ଏମିତି କ'ଣ ଆଉ ଭଲ ଚିଜ ଅଛି ଯେ ହଜୁରଙ୍କ ମଣୋହି ନ ହୋଇ ରହିଯିବ । ତୋଳା ବୋଲିଲେ ପରା ସାପ ପେଡ଼ି ଭିତରେ । ପେଡ଼ି ପଶା ସାପର ବିଷ ଦାନ୍ତ ଝାଡ଼ିବାଟା ଏ ବୟସରେ କ'ଣ ଗୋଟାଏ ବଡ଼ କଥା ? ଗୁମାସ୍ତା ଗୋସେଇଁ ଆଉ ଟିକେ ପାଖଲଗା ହୋଇ ତୁନି ତୁନି କହିଲେ – ଦିନ ପନ୍ଦରଟା ସତାରି ଯାଆନ୍ତୁ । ଏଇ ପୁନିଅଟା ହେଉଛି ଗହ୍ମା ପୁନିଅ । ସେଇଦିନ ସବୁ ଫଇସଲା ହୋଇଯିବ ।

ମର୍ଦରାଜଙ୍କ ହସରେ ଚୁଆ ଚନ୍ଦନ ଦିଆ ପାନର ବାସ୍ନାଟା ଘର ସାରା ଚହଟି ଗଲା । – ସତରେ ପଟ୍ଟନାୟକ ! ତୁମେ ବଡ଼ ବିଚକ୍ଷଣ । ପୋଡ଼ା ପାଉଁଶରୁ ପତରର ରଙ୍ଗ ବାରି ନେବା ଲୋକ । ତା' ନ ହୋଇଥିଲେ ମହାଜନୀ କାରବାର ସାଙ୍ଗକୁ ପଚାଶ ବାଟି ସମ୍ପତ୍ତିର ଜବର ଦଖଲ କ'ଣ ସହଜ କଥା ? ସରକାରଙ୍କ କାନୁନ ସୁଦ୍ଧା ହାର ମାନିଲାଟି । ଏ ଯୁଗର ଚକ୍ରୀ ତୁମେ । ମଜୁରିଆ ମହାସଂଘକୁ ନ ଫଟେଇ ଥିଲେ ଏ ଗଡ଼ ଲୋକେ ଏତେ ବେଳକୁ ମୁଣ୍ଡ ଉପରକୁ ଉଠନ୍ତେଣି । ଅଣ୍ଟା ସଳଖା ତକିଆଟାକୁ କୋଳେଇ ନେଇ ଜମିଦାର ପୁଣି କହିଲେ – ତୁମ ଚକ୍ରବ୍ୟୂହରେ ମୋର ଭରସା ଅଛି ଯେ, ହେଲେ ପାଣୁଆଟା ଗୋଟେ ନିଆରା ମଣିଷ । ଆଗକୁ ପଛକୁ କେହି ନାହିଁ ଯେତେବେଳେ ସହଜରେ ଫାନ୍ଦରେ ପଡ଼ିବନି ।

– ସେଦିନ ଆଜ୍ଞା ବଳଭଦ୍ର ଜନ୍ମ । କାଳିଆ ବଳିଆ ଆପଣଙ୍କ ଗୁହାଳରେ ବନ୍ଧା ହେଲେ ହେଲା । ଆରବର୍ଷ ଜିଣି ଗଲା ବୋଲି ଏ ବର୍ଷ ବି କ'ଣ ବର୍ତ୍ତି ଯିବ ? ଗଡ଼ରେ ଡେଙ୍ଗୁରା ଦେଇ ଦେଇଛି । ଦିନ ତିନିଟା ବେଳକୁ ମେଳଣ ପଡ଼ିଆରେ ସଭିଏଁ ଜମା ହେବେ । ତା' ପରର କାମ ମୋର ... ...

ପୂର୍ଣ୍ଣମୀ ଅବସରରେ ସାର୍ବଜନୀନ ଅଭିବାଦନ ଜଣାଇ ମଞ୍ଚ ଉପରକୁ ଉଠିଲେ ମର୍ଦରାଜ ସାମନ୍ତ ସିଂହ କିଛି ଗୋଡାଣିଆଙ୍କ ମେଳରେ । ବରହମ୍ପୁରୀ ଧଳା ପାଟ ସାଙ୍ଗକୁ ମଠା ତିଆରି କୁର୍ତ୍ତାଟା ତାଙ୍କୁ ବେଶ୍ ମାନୁ ଥାଏ । କାନ୍ଧରୁ ତଳକୁ ଝୁଲି ପଡ଼ିଥାଏ ଉତ୍ତରୀୟଟା ଚାରି ଚଉତ ହେଇ । ଗଡ଼ର ଅଧୀଶ୍ୱର ରୂପେ ମଞ୍ଚର ମଝିଲା ଖଟୁଲିରେ ଆସନ ଗ୍ରହଣ କଲେ ମର୍ଦରାଜ । ଏବେ ଆରମ୍ଭ ହେବ ମେଳଣର ଶେଷ ପର୍ବ ଶଗଡ଼ ଦୌଡ଼ ପ୍ରତିଯୋଗିତା । ସାରା ପଞ୍ଚୁ କୋଶରୁ ଶଗଡ଼ସବୁ ସଜିଲ ହେଇ ଆସିଥା'ନ୍ତି । କାହାରି ମଥାରେ ଛତି ତ କାହାର ଘାଗୁଡ଼ିର ମାଳ । ବଡ଼ ରୋମାଞ୍ଚକର ସେ ଦୃଶ୍ୟ । ଲାଗେ ଗୋଟାଏ ଛୋଟ କାଟିଆ ସମରସଜ୍ଜା ।

ଗୁମାସ୍ତା ଗୋସେଇଁ ଉପରୁ ଥାଇ ଘୋଷଣା କଲେ – ଏ ବର୍ଷର ଗହ୍ମା ଉତ୍ସବ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ ପ୍ରତିଯୋଗୀ ମାତ୍ର ଦୁଇ ଜଣ । ସେମାନେ ହେଲେ ସାତମୁଣ୍ଡିଆର ପାଣୁ ବେହେରା ଓ ଅଢ଼େଇ ଡିହର ମଦନ ରାଉତ । ଆମ୍ଭେ ଦୁଃଖର ସହ ପ୍ରକାଶ କରୁ ଯେ ଅନ୍ୟମାନଙ୍କର ନାଁ ନିର୍ଧାର୍ଯ୍ୟ ସମୟ ପୂର୍ବରୁ ନ ମିଳି ଥିବାରୁ ନାକଚ ହୋଇଯାଇଛି । ଜନତାଙ୍କ ପ୍ରତିବାଦ ପୂର୍ବରୁ ସମର୍ଥକଙ୍କ ତାଳିରେ ପ୍ରସ୍ତାବ ଗୃହୀତ ହୋଇ ଗଲା । ଶବ୍ଦ ଟିକିଏ ଥମିବାରୁ ପୁଣି ଶୁଭିଲା – ଏ ବର୍ଷର ନିୟମାବଳୀ; ଜଣେ ମଞ୍ଚର ପୂର୍ବ ଓ ଆଉ ଜଣେ ପଶ୍ଚିମ

ଦିଗରେ ଯାଇ ମାଇଲିଏ ଦୂରରେ ପୋତା ଯାଇଥିବା ନାଲି ଝଣ୍ଡା ଧରି ଫେରିବେ । ଯିଏ ଆଗ ପହଞ୍ଚିବ ସିଏ ହାରିବ ଆଉ ଯିଏ ପଛେ ପହଞ୍ଚିବ ସେ ଜିତିବ । ହାରିବା ବଳଦ ହଳକୁ ନିଲାମ କରାଯାଇ ଟଙ୍କା ମନ୍ଦିର ମରାମତି ପାଣ୍ଠିକୁ ଦାନ କରାଯିବ ।

ବରଗଛ ଚେରରେ ଚିରୁଡ଼ା ଚିରୁଡ଼ା ହେଇ ପଥର ଖସୁଥିବା ପୁରୁଣା ଶିବ ମନ୍ଦିରର ମରାମତି କଥା ଶୁଣି ଗଡ଼ ଲୋକେ ଭାରି ଖୁସୀ ହୋଇଗଲେ । ଏ ଲିଭିଲା ବୟସରେ ଗୁମାସ୍ତା ଗୋସେଇଁଙ୍କର ଏମନ୍ତ ଧର୍ମପ୍ରୀତି କଥା ଭାବି ଥୋକେ ମଧ ତାଜୁବ ହେଲେ । ହେଲେ ପ୍ରତିଯୋଗିତା ହେବ କେମିତି ? ଏମିତି ନିୟମ ତ କାନ ଉଠିବା ଦିନୁ କେହି କେବେ ଶୁଣିନି । ଶଙ୍ଖ ବାଜିଲା, ମର୍ଦରାଜ ବାଁ ଡାହାଣ କରି ଦୁଇଥର ପତାକା ହଲାଇଲେ । ଗୋଟାଏ ପଟେ ପାଣୁ ତା କାଳିଆ-ବଳିଆଙ୍କୁ ଓଗାଳି ଧରିଛି, ଆରପଟେ ମଦନା ତା ହଡ଼ା ଦି'ଟାଙ୍କୁ ଯୋଚି ଠିଆ ହୋଇଛି । କେହି ଚଙ୍କିବା ପାଇଁ ନାରାଜ । ମଞ୍ଚ ଉପରୁ ଦୁଇ ଚାରିଜଣ ମାମଲତକାର ହାକିମାତି ଦେଖେଇ କହିଲେ – ଆଉ ଘଡ଼ିକି ସଞ୍ଜ ନଇଁବ । ତୁମେ ଶଗଡ଼ ଛାଡୁନ କାହିଁକି ?

– କ'ଣ କହୁଛନ୍ତି ଆଜ୍ଞା ! ଏ ତ ନିଆଁ ବାଜିର ଖେଳ । ଆଗେଇଲେ ତ ହାରିବି । ନିଲାମ ଧରିବାକୁ ମୋ ପାଖରେ ପାଉଣା କାହିଁ ? ପାଣୁର କଥା ସରୁ ନ ସରୁଣୁ ଆରପଟୁ ମଦନା କହୁ ଥିବାର ଶୁଭିଲା – ବଳଦ ମୋର ନ ହେଲେ କ'ଣ ହେବ । ମୁଁ ତ ପୁଣି ଗୋଟାଏ ହଳିଆ । ଜାଣି ଜାଣି ତାଙ୍କୁ ହରେଇବି କେମିତି ?

ସମସ୍ତେ ଚୁପ୍ । ଏମନ୍ତ ପ୍ରଶ୍ନର ଜବାବ ଦେବା ପାଇଁ କାହାରି ତୁଣ୍ଡରେ ଯେମିତି କଥା ନାହିଁ । ନିଜର ସବ୍‌ଜାନତା ଢଙ୍ଗରେ ମର୍ଦରାଜ ଯାହା ଟିକେ ମୁରୁକି ହସା ଦେଉଥା'ନ୍ତି । ମଞ୍ଚାସୀନ ଅନ୍ୟମାନଙ୍କର ଧାରଣା ଗୋସେଇଁ ବୋଧେ ବାଉଳାରେ କହି ପକାଇଛନ୍ତି । ହେଲେ ଗୋସେଇଁଙ୍କ କଥାକୁ ହୁଡ଼ିବ ବା କିଏ । ପୁଣି ମର୍ଦରାଜଙ୍କ ସାମ୍ନାରେ । ଯୋଗକୁ ବେଶୀ ଡେରି ନ କରି ଗୋସେଇଁ ଆଗେଇ ଆସିଲେ – ଆରେ ଏମିତି ଠିଆଟା ହୋଇଛ କ'ଣ ? ତୁମେ କ'ଣ ଭାବିଛ ଏସବୁ ଅକଲ-ବିହୀନ ନିୟମାବଳୀ । ଏ ହେଲା ଶଗଡ଼ ଦୌଡ଼ ପ୍ରତିଯୋଗିତା । ଏଥିରେ ଜିତିବାକୁ ହେଲେ ବଳଦ, ଶଗଡ଼ ଆଉ ଶଗଡ଼ିଆ ସମସ୍ତଙ୍କୁ ଯୁଝିବାକୁ ହେବ । ହଡ଼ା ଦାମୁଡ଼ିରେ କିଛି ଫରକ ନାହିଁ । ପ୍ରତିଯୋଗିତା ଠିକ୍ ହୋଇ ପାରିବ । ତା'ଛଡ଼ା ହାରଜିତ୍ ତ ଆମର ଲକ୍ଷ୍ୟ ନୁହେଁ । ପ୍ରତିଯୋଗିତାକୁ ଡେଇଁଛେ ମାନେ ଯୁଝିବାଟା ହେଲା ମରଦ ପଣିଆ ।

ମଞ୍ଚରୁ ଶୁଭିଲା – ଠିକ୍ ଠିକ୍ – ପୂରା ଠିକ୍ ।

ଗୁମାସ୍ତା ଗୋସେଇଁ ଆଉଟିକେ ଦମ୍ଭିଲା ହୋଇଉଠିଲେ – ପ୍ରତିଯୋଗିତାର ସୂତ୍ରଟି ହେଲା ଶଗଡ଼ିଆ ଅଦଳବଦଳ । ଅର୍ଥାତ୍ ପାଣୁ ଚଲେଇବ ମଦନା ଶଗଡ଼ ଆଉ ମଦନା ଅଡ଼େଇ ନେବ ପାଣୁର କାଳିଆ ବଳିଆଙ୍କୁ । ବାସ୍ ଏଥର ହଜୁରଙ୍କ ପତାକାକୁ ଚାହିଁ ଶଗଡ଼ ଛାଡ଼ । ଏକ... ଦୁଇ... ।

ଘଡ଼ିଏ ଡେରି ନ କରି ମଦନା ସଜ ହୋଇଗଲା । କାଳିଆ ବଳିଆଙ୍କ ପିଠିରେ ଛାଟ ବାଜିବାରୁ ସେମାନେ ଘୋଡ଼ା ପରି ଚେହେଁକି ଉଠିଲେ । ପୂର୍ବପଟେ ଧୂଳି ଉଡ଼ାଇ ନିମିଷକେ ଅଦୃଶ୍ୟ ହେଇଗଲା ମଦନାର ଶଗଡ଼ । ମର୍ଦରାଜ ତାଜୁବ୍ ହେଇ ଭାବୁଥା'ନ୍ତି – ଗୋଟାଏ ଲୋକର ମୁଣ୍ଡରେ ସତରେ କେତେ ବୁଦ୍ଧି !

ପାଣୁ କ'ଣ ଭାବୁଥିଲା କେଜାଣି ଟିକେ ପ୍ରକୃତିସ୍ଥ ହେଇ ମୁଣ୍ଡରୁ ଠେକା ଖୋଲି ମଦନାର ହଡ଼ା ଦିଟାକୁ ଟିକେ ଆଉଁସି ନେଲା । ଯୁଆଳିରେ ମୁଣ୍ଡ ରଖି ଜୁହାର ହେଲା – ହେ ଭଗବାନ୍, ହେ ସୂର୍ଯ୍ୟ ଦେବତା ! ତୁମେ ଭରସା । ତୁମେ ମୋ କାଳିଆ ବଳିଆକୁ ସାହା ହୁଅ । ତା'ପରେ ଚଉପାଢ଼ିର ଜନତାଙ୍କୁ, ଜମିଦାରଙ୍କୁ, ଗୁମାସ୍ତାଙ୍କୁ – ସମସ୍ତଙ୍କୁ ଜୁହାର ହେଇ ପାଣୁ ଶଗଡ଼ ଛାଡ଼ିଲା ବଡ଼ ଧୀର ମିଜାଜରେ ଟାକରା ଫୁଟାଇ ଫୁଟାଇ ।

ଗାଁବାଲା ତାଟକା ହେଇ ଅନାଇଥା'ନ୍ତି । ଅଧାଅଧି ବୁଝି ଗଲେଣି ଜମିଦାରଙ୍କ ପାଇଁ ଗୋସେଇଁଙ୍କର ଏ ପଶାଖେଳ । ଦରଦ ଖାଲି ପାଣୁ ପାଇଁ – ବିଚରା କାହିଁକି ମିଶୁଥିଲା । କାଳିଆ ବଳିଆଙ୍କୁ ଛାଡ଼ି ସେ କ'ଣ ଦେହ ଧରି ରହିପାରିବ ।

ସଭିଏଁ ପୂର୍ବ ମୁହାଁ ହେଇ କାନ ଡେରି ଥା'ନ୍ତି ମଦନାକୁ । ଗୋସେଇଁ ଖାଲି କୁରୁଳି ଉଠୁଥାଆନ୍ତି । ସଞ୍ଜ ନଇଁବା ପୂର୍ବରୁ ସୂର୍ଯ୍ୟଙ୍କୁ ପିଠି କରି ଶଗଡ଼ ଆସି ହାଜର ହେଲା । ମହଣ୍ତାର ବଂଧା ନାଲି ଧଣ୍ଡା ଫର୍ ଫର୍ ହେଇ ଉଡୁଥାଏ । ଗାଁ ବାଲା ବୁଲି ଚାହିଁଲେ । ତାଜୁବ୍ ହେଲେ । ମଦନା ଏ ଯାଏଁ ଫେରିନି ହେଲେ ପାଣୁ ହଡ଼ା ଦି'ଟାଙ୍କୁ ଧରି ଫେରି ଆସିଲା । – ଦେଖିଲ ଧର୍ମର ଜୟ । ସୂର୍ଯ୍ୟ ଚନ୍ଦ୍ର ତ ପୁଣି ଅଛନ୍ତି ।..... ଜନତାଙ୍କ ଭିତରୁ ଗୁଞ୍ଜରି ଉଠିଲା ।

ଘଡ଼ିକ ପରେ ଯାଇ ମଦନା ପହଞ୍ଚିଲା । ଦେହ ମୁଣ୍ଡ ଖଣ୍ଡିଆ ଖାବରା ଧୂଳି ସରସର । ତା' ଶଗଡ଼ର ହାଲ ହୁଗୁଳା ଚକ ଠାଏ ଠାଏ ଦଉଡ଼ିରେ ବନ୍ଧା ହେଇଥାଏ । ଶଗଡ଼ ପଲଟିଛି ନିଶ୍ଚୟ । କାଳିଆ ବଳିଆଙ୍କ ପିଠିରେ ଗହୀରିଆ ପାଞ୍ଚଣ ପିଟା

ଦାଗ ଦେଖି ପାଣୁର ଆଖି ଖୋସି ହେଇଗଲା । ତଥାପି ସମ୍ଭାଳି ନେଲା ।

ମର୍ଦ୍ଦରାଜ ଗୋଟାଏ ଉପର ଠାଉରିଆ ହସ ହସି ପାଣୁର ମୁଣ୍ଡରେ ପଗଡ଼ି ଆଉ କାଳିଆ ବଳିଆଙ୍କ ବେକରେ ବିଜୟ ଗଜରା ବାନ୍ଧିଲେ । ଏଥର ନିଲାମ ଡାକରାର ପାଳି । ନିଜ ପକା ଫାଶରେ ଯେ ନିଜେ ପଡ଼ିବେ ଏକଥା ଗୋସେଇଁ କେବେ ବି ଭାବି ନ ଥିଲେ । ହେଲେ ଉପାୟ ନାହିଁ । ଗୋସେଇଁ ସାତଭେଲା କରି ନିଲାମ ଡାକିଲେ । ଆଗକୁ ବଢ଼ିବା ତ ଦୂରର କଥା ପହିଲି ପାଉଣା ଦେଇ ହଡ଼ାଦି'ଟାକୁ ନିଲାମ ଧରିବାକୁ କାହାରି ହାତ ଉଠିଲାନି । ବରଖାସ୍ତ ଡକରା ହେବା ପୂର୍ବରୁ ଉତ୍ତରପଡ଼ାର ରମଜାନ ମିଆଁ ନିଲାମ ଧରିଲା । ସମସ୍ତଙ୍କର ମୁହଁ କଳା ପଡ଼ିଗଲା । ତଣ୍ଟି ଅଠା ଅଠା ହେଇଗଲା । ପାଣୁର ମୁଣ୍ଡ ସେତେବେଳକୁ ଚକ୍‌କର୍ ଖାଇଲାଣି । ତାକୁ ଲାଗିଲା କାଳିଆବଳିଆ ଯେମିତି କହୁଛନ୍ତି – ସେମନେ କ'ଣ ତୋ ଜିଅନ୍ତା ବଳଦେବ ନୁହନ୍ତି । ସେଇମାନଙ୍କ ଯୋଗୁଁ ତ ତୁ ଆଜି ଜିତିଛୁ । ଆଉ ସେମାନେ ଯଦି କଂସେଇ ଘରକୁ ଯିବେ ...

ହେଲେ ପାଣୁ କରିବ କ'ଣ ? ଜମି ମାଣକ ତ ଜମିଦାର ପାଖରେ ବଂଧା ପଡ଼ିଛି । ତା' ପାଖରେ ପଇସା ଥିଲେ ସେ କ'ଣ କେବେ ପଛେଇ ଯାଇଥାଆନ୍ତା । କିଛି ନ ହେଲେ ବି ବର୍ଷ ଦିଟା ପରେ ହଡ଼ା ଦିଟାଙ୍କୁ ଲୁଣ ମୁଠେ ତ ଦେଇଥା'ନ୍ତା ।

ଗୋସେଇଁ ଦ୍ୱିତୀୟ ଥର ହାତୁଡ଼ି ପିଡ଼ିଲେ । ଆଉ ଥରକୁ ନିଲାମ ଫଇସଲା ହେଇଯିବ । ରମଜାନ ମିଆଁ ମୁଣ୍ଡରେ ଜାଲି ଟୋପି ଲଗାଇ ବଡ଼ ଦମ୍ଭରେ ଠିଆ ହେଇଥାଏ । ଗାମୁଛାରେ ଡାଆଁଶ ଉଡ଼ାଇ ପାଣୁ ପାଖେଇ ଆସିଲା ହଡ଼ା ଦି'ଟାଙ୍କ ଆଡ଼କୁ । ତାଙ୍କ ପରଳ ଢଙ୍କା ପେଜୁଆ ଆଖିରୁ ସେ କେବଳ ଏତିକି ବୁଝୁଥାଏ – ଦେଖୁଛୁ ପାଣୁ ! ବୟସ ଗଡ଼ି ଯାଇଛି ବୋଲି ସାଆନ୍ତ କେମିତି ଆଡ଼ ଆଖିରେ ଅନାଉନି । ହେଲେ ଆମ ବଳବୟସ ତ ତା'ରି କ୍ଷେତରେ ନିଗଡ଼ା ହୋଇଛି । ଚାରିହଳ ଦାମୁଡ଼ି ଥାଉ ଥାଉ ବାଜି ଲଗାଇଲା ବେଳକୁ ଆମର ଏଇ ନିପାରିବାର ପଣଟା ଏଡ଼େ ଦରକାରୀ ଥିଲା, ହେଲେ ଏବେ ...

ଜମିଦାରଙ୍କ ଏମନ୍ତ ରୀତିକୁ ଦେଖି ଗାଁବାଲା ଖାଲି ହାରାମ ହାରାମ ହେଉଥା'ନ୍ତି । କାଳିଆ ବଳିଆ ନ ହେଲା ବୋଲି ନିଜ ହଡ଼ାଟିକୁ ମୁକୁଳେଇ ନେବାରେ କ୍ଷତି କ'ଣ ? ଭଗବାନ୍ କ'ଣ ଧନ ଦେଇ ନାହାନ୍ତି ? ଏମିତି ଧର୍ମଛଡ଼ା ହେଲେ ଲକ୍ଷ୍ମୀ ଛାଡ଼ିଯିବେ ଯେ ।

ପାଣୁର ଲୁହ ଭିଜା ଆଖିରେ ଝଟକି ଉଠିଲା କାଳିଆବଳିଆଙ୍କ ମୁଣ୍ଡବନ୍ଧା ଚାନ୍ଦ ଦି'ଟା । ସେମାନଙ୍କ ନିରିମାଖୀ ଚାହାଣି ଯେମିତି ଚୁପିଚୁପି କହିଦେଲା – ଯାହାର ପରାଜୟରେ ଆମ ବିଜୟ ସେମାନେ ଯଦି ହାଣ ମୁହଁକୁ ଯିବେ ତେବେ କି ଲାଭ ଏ ସୁନାଚାନ୍ଦରେ, ପୁଣି ଆଜି ଭଳି ଦିନରେ ...

ପାଣୁର ଚେତା ପଶିଲା । ଆଖି ଆଗରେ ଭାସିଗଲା ମେଘିର ସେ ପାଣ୍ଡୁରିଆ ମୁହଁର ଶେଷ କଥା ପଦକ – ମୁଁ ଯଦି ମରିଯାଏ ତେବେ ମୋ ରୁପା ମଲ-ପାହୁଡ଼ ନେଇ ଦେଉଳ ହୁଣ୍ଡିରେ ପକାଇଦେବ । ଆଉ ସୁନା କାନ ଫାସିଆରେ ଚାନ୍ଦ ଦିଟା କରି କାଳିଆବଳିଆଙ୍କ ମଥାରେ ନାଇ ଦେବ । ମୋର ଆଉ କିଏ ଅଛି ଯେ ।

ପାଣୁ ଘଡ଼ିଏ ଭାବିଲା – ଭଲ ହେଲା । ଆଜି ତା'ହେଲେ ମେଘିର ସବୁ ଋଣ ଭଗବାନଙ୍କୁ କଡ଼ାଗଣ୍ଡା କରି ପରିଶୋଧ କରିଦେବି । ଗୋସେଇଁଙ୍କର ତୃତୀୟ ଡାକରା ରୋକି ପାଣୁ ମଞ୍ଚ ଉପରକୁ ଉଠିଲା । ସମସ୍ତେ ତାଜୁବ୍ । ଚାନ୍ଦର ମୂଲକୁ ବହକି ନିଲାମ ଧରିବାକୁ ରମଜାନ ମିଆଁର ସାହସ ହେଲାନି । ଗାଁ ଲୋକଙ୍କ ହାତ ତାଳିରେ ସାରା ମେଳଣ ପଡ଼ିଆଟା ଉଚ୍ଛୁଳି ଉଠିଲା । ସଭିଙ୍କ ଆଖିରେ ଖାଲି ଆନନ୍ଦର ଲୁହ । ପାଣୁ ଭାବୁଥାଏ – ''ସତରେ ଭଗବାନଙ୍କର ବିଧାନକୁ କେହି କ'ଣ କେବେ ବଦଳାଇ ଦେଇପାରିବ ।''

❑❑❑

ଚରମ ପରିଣତିରେ ଅନ୍ତରସ୍ଥ ବିଶ୍ୱାସ ରଖି ଦିବ୍ୟ ଶକ୍ତିକୁ ନିଜ କାର୍ଯ୍ୟ କରିବାକୁ ସମୟ ଦିଅ ।

– ଶ୍ରୀଅରବିନ୍ଦ

# ସଂଭୂତି

ସନ୍ତୋଷ କୁମାର ରଥ

ତୁମେ ତ ଭରିଛ ଫୁଲରେ ମହକ
ବିଜୁରେ ଦେଇଛ ଝଲକ
ଦମ୍ଭୋଳି ନାଦେ ଦମ୍ଭ ବିନାଶ
ବର୍ଷଣେ ଆଣ ପୁଲକ ।୧।

ମୃଦୁ ସମୀରଣ ମଧୁ ଶିହରଣ
ସଲିଳେ ସଲୀଳ ଜୀବନ
କଳ-ନିକ୍ୱଣା ଝରଣା ଝରାଇ
ଶିଳାରେ ଜଗାଅ ସ୍ପନ୍ଦନ ।୨।

ମୋହନ ମୁରଲୀ-ସ୍ୱନ କୁହୁତାନ
ହୋଇ ସଂଚାରେ ମୂର୍ଚ୍ଛନା
ଘନ ଅନ୍ଧାରେ ଜ୍ୟୋତିଃପୁଞ୍ଜର
ଅରପ ଆଭାର ଅର୍ଚ୍ଚନା ।୩।

ନଭ-ନୀଳ ତୁମେ ବଉଦ-ମେଦୁର
ଇନ୍ଦ୍ରଧନୁରେ ବିକଶ
ଜନମେ ମରଣେ ହରଷ-ବିଷାଦେ
ଅକ୍ଷର ରୂପେ ବିଳସ ।୪।

ନାଟ୍ୟଶାଳାର ଆଲୋକ ଅନ୍ଧାରେ
ଦୃଶ୍ୟ ଦର୍ଶକ ସାଥେ
ତୁମେ ଅଭିନେତା ଅଭିନୟ ତୁମେ
ସୃଷ୍ଟି ସୃଜନ ହିତେ ।୫।



### ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୧)

# ଗୁରୁକୃପା

## ସନ୍ତୋଷ କୁମାର ରଥ

ପ୍ରଥମ ମହାଯୁଦ୍ଧର ଅବସାନ ପରେ ଭାରତରୁ ଆମେରିକା ଯାତ୍ରା ପାଇଁ ଉଦ୍ଦିଷ୍ଟ ଥିଲା ପ୍ରଥମ ଯାତ୍ରୀବାହୀ ଜାହାଜ ''ଦି ସିଟି ଅଫ୍ ସ୍ପାର୍ଟା'' । ସେଥିରେ ବସିଥା'ନ୍ତି ଜଣେ ଯୁବ ସନ୍ନ୍ୟାସୀ, ଦେହରେ ତାଙ୍କର ଗୈରିକ ବସ୍ତ୍ର, ମୁଖ ମଣ୍ଡଳରେ ବାଳସୂର୍ଯ୍ୟର ଦ୍ୟୁତି । ଘନ କୁଞ୍ଚିତ କେଶରାଶି ଲମ୍ବି ଆସିଥାଏ ବକ୍ଷ ଦେଶ ପର୍ଯ୍ୟନ୍ତ । ତାଙ୍କ ଆୟତ ଆଖିର କରୁଣାର୍ଦ୍ର ଚାହାଣି ପରଶି ଦେଉଥାଏ ମାନବିକତାର ମହାନ୍ ମନ୍ତ୍ର । ହେଲେ ସେ ନୀରବ, ପ୍ରେମର ପ୍ରମୂର୍ତ୍ତ ଅବତାର ।

ଦୀର୍ଘ ଦୁଇ ମାସର ସମୁଦ୍ର ଯାତ୍ରା ମଧ୍ୟରେ ହଠାତ୍ ଜଣେ ଯାତ୍ରୀ ଜାଣିପାରିଲେ ସନ୍ନ୍ୟାସୀଙ୍କର ବିଦେଶ ଯାତ୍ରାର ରହସ୍ୟ । କଥାଟା ନିମିଷକ ମଧ୍ୟରେ ପ୍ରସରି ଗଲା ଜାହାଜର ଅନ୍ୟାନ୍ୟ ଯାତ୍ରୀଙ୍କ ପାଖକୁ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଅନୁରୋଧ ଆସିଲା – ବୋଷ୍ଟନ୍ କଂଗ୍ରେସକୁ ଭାରତୀୟ ପ୍ରତିନିଧି ଭାବରେ ଆପଣ ଯେତେବେଳେ ନିର୍ବାଚିତ ହୋଇଛନ୍ତି ଦୟାକରି ଗୋଟିଏ ବକ୍ତୃତା ଦେଇ ଆମମାନଙ୍କୁ ଅନୁଗୃହୀତ କରାନ୍ତୁ । ଆପଣ ଯଦି ''ଜୀବନ ସଂଗ୍ରାମ ଓ କିପରି ଲଢ଼ିବାକୁ ହେବ'' ସେ ବିଷୟରେ କିଛି କୁହନ୍ତି ତେବେ ଆମେମାନେ ବେଶ୍ ଉପକୃତ ହେବୁ ।

ସହଯାତ୍ରୀମାନଙ୍କର ଅନୁରୋଧକୁ ଏଡ଼ାଇ ନ ପାରି ସମ୍ମତି ଦେଲେ ସନ୍ନ୍ୟାସୀ । ସ୍ଥିର ହେଲା, ଆଗାମୀ ଗୁରୁବାର ରାତିରେ ଜାହାଜର ସାଲୁନ୍‌ରେ ସେ ଦେବେ ତାଙ୍କର ବକ୍ତବ୍ୟ ।

ପୂର୍ବ ଦିନରୁହିଁ ଆରମ୍ଭ ହୋଇଗଲା ବକ୍ତାଙ୍କର ଜୀବନ ସଂଗ୍ରାମ । ସେ ଯେତେବେଳେ ଆଗାମୀ ବକ୍ତୃତା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଇଚ୍ଛାକଲେ ଆବିଷ୍କାର କଲେ ନିଜକୁ ଏକ ରଣ-କ୍ଷେତ୍ରରେ । ଚିନ୍ତାରାଶି ସବୁ ଇତସ୍ତତଃ ହୋଇ ଧାଇଁବାରେ ଲାଗିଥା'ନ୍ତି, ବଣୁଆ ଘୋଡ଼ାଛୁଆ ଜିନ୍ ଦେଖିଲେ ଯେପରି ହୁଏ । ନିଜର ସମସ୍ତ ଚେଷ୍ଟା ସତ୍ତ୍ୱେ ସେ ଇଂରାଜୀ ଭାଷାର ବ୍ୟାକରଣ-ଗତ ନିୟମଗୁଡ଼ିକୁ ସ୍ମରଣ କରି ପାରିଲେ ନାହିଁ, କି ପ୍ରସ୍ତୁତ କରିପାରଲେ ନାହିଁ ଆଗାମୀ ବକ୍ତବ୍ୟର ବିଷୟବସ୍ତୁକୁ । ଶେଷରେ ଅତୀତରେ ଗୁରୁଦେବଙ୍କଠାରୁ ପାଇଥିବା ଆଶ୍ୱାସନାକୁ ସମ୍ବଳ କରି ଯଥା ସମୟରେ ଜାହାଜର ସାଲୁନ୍ ଉପରକୁ ଉଠିଲେ । ସାମ୍ନାରେ ଉତ୍ସୁକ ଶ୍ରୋତୃମଣ୍ଡଳୀ, ଆଉ ସେମାନଙ୍କ ସାମ୍ନାରେ ଦଣ୍ଡାୟମାନ ନୀରବତାର ଏକ ଜୀବନ୍ତ ପ୍ରତିମୂର୍ତ୍ତି । ଏମିତି ଏକ ନୈଶବ୍ଦ୍ୟଭରା ପରିବେଶରେ କଟିଗଲା ଦୀର୍ଘ ଦଶ ମିନିଟ୍ । ସମସ୍ତେ ଆଶ୍ଚର୍ଯ୍ୟ – ଏ କ'ଣ ସନ୍ନ୍ୟାସୀ ଯେ କିଛି କହୁ ନାହାନ୍ତି ? ସେ କ'ଣ ଧ୍ୟାନସ୍ଥ ?

ହେଲେ କିଏ ବୁଝିପାରିବ ତାଙ୍କର ପ୍ରକୃତ ସମସ୍ୟାର ରହସ୍ୟ । ତାଙ୍କ ତୁଣ୍ଡକୁ ଯେ ଗୋଟିଏ ବି ବାକ୍ୟ ଆସୁ ନାହିଁ । ଅବଶ୍ୟ ଏଇଟା ହେଉଛି ତାଙ୍କ ଜୀବନର ପ୍ରଥମ ଇଂରାଜୀ ବକ୍ତୃତା । ଗୁରୁଦେବଙ୍କ ଉପରେ ଅଭିମାନ ଆସିଲା । ଭାବିଲେ – ତେବେ କ'ଣ ତାଙ୍କ ଆମେରିକା ଗସ୍ତ, ପାଶ୍ଚାତ୍ୟ ଭୂମିରେ କ୍ରିୟାଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପାଇଥିବା ପ୍ରେରଣାସବୁ ଈଶ୍ୱର ପ୍ରଦତ୍ତ ନୁହେଁ । କିନ୍ତୁ ଏସବୁ ତ ରାଞ୍ଚିରେ ଧ୍ୟାନସ୍ଥ ଅବସ୍ଥାରେ ସେ ଦେଖିଥିଲେ ଏବଂ ତା'ର ଅଳ୍ପ ଦିନ ପରେ ଆମେରିକାରେ ରିଲିଜିଅସ୍ ଲିବରାଲ୍‌ସ୍‌ଙ୍କ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଧର୍ମ ସମ୍ମିଳନୀରୁ ପାଇଥିଲେ ଏକ ନିମନ୍ତ୍ରଣ ପତ୍ର । ଆଉ ସେଇ ପତ୍ରଟି ପାଇ ଧାଇଁ ଯାଇଥିଲେ ଗୁରୁଦେବଙ୍କ ନିକଟକୁ, ''ଗୁରୁଜି ! ଆମେରିକାରେ ଏକ ଧର୍ମ ସମ୍ମିଳନୀରେ ବକ୍ତୃତା ଦେବା ପାଇଁ ଏବେ ମୁଁ ଗୋଟିଏ ନିମନ୍ତ୍ରଣ ପାଇଛି । ମୁଁ ସେଠାକୁ ଯିବି କି ?''

ଗୁରୁଦେବ ଖୁବ୍ ସରଳ ଭାବରେ ଉତ୍ତର ଦେଲେ, ''ତୁମ ପାଇଁ ଦ୍ୱାର ଉନ୍ମୁକ୍ତ । ବର୍ତ୍ତମାନ ଯାଅ, ନଚେତ୍ କେବେ ନୁହେଁ ।''

ଗୁରୁଦେବଙ୍କର ଏମନ୍ତ ଉତ୍ତରରେ – ସେ ଦ୍ୱିଧା ପ୍ରକାଶ କରି କହିଲେ, ''ଆଜ୍ଞା ! ସାଧାରଣ ସଭାରେ ଭାଷଣ ଦେବା ବିଷୟରେ ମୁଁ ବା କ'ଣ ଜାଣେ ? ମୁଁ କ୍ୱଚିତ୍ ବକ୍ତୃତା ଦେଇଛି । ପୁଣି ଇଂରାଜୀରେ କେବେ ବି ନୁହେଁ ।''

ଗୁରୁଦେବ କିନ୍ତୁ ନଛୋଡ଼ବନ୍ଧା, ''... ଯୋଗ ଉପରେ ତୁମର ବକ୍ତୃତା ପାଶ୍ଚାତ୍ୟ ଜଗତ୍ ଶୁଣିବ । ତୁମକୁ ଯିବାକୁ ହେବ ।''

ଗୁରୁଦେବଙ୍କ କଥା ଶୁଣି ସେ ହସି ଉଠି କହିଲେ, ''ଆଚ୍ଛା ଗୁରୁଜି, ଆମେରିକାନ୍‌ମାନେ ଯେ ବଙ୍ଗଳା ବୁଝିବେ, ମୁଁ ଏକଥା ଭାବିପାରୁ ନାହିଁ । ଇଂରାଜୀ ଭାଷାରେ କହିବାର ମୋର ଯେଉଁ

ଅସୁବିଧା, ତାକୁ ଅତିକ୍ରମ କରିବା ପାଇଁ ଦୟାକରି ମୋତେ ଆଶୀର୍ବାଦ କରନ୍ତୁ ।''

''ତେବେ ମୋର ଭୁଲ୍ ରହିଲା କେଉଁଠି ? କ'ଣ ପାଇଁ ଗୁରୁଦେବ ମୋତେ ଏଭଳି ପରୀକ୍ଷା କରୁଛନ୍ତି ।'' – ସନ୍ନ୍ୟାସୀ ଜଣକ ଏକାଗ୍ର ଭାବରେ ନିଜକୁ ଅଭିନିବିଷ୍ଟ କଲେ ଗୁରୁଦେବଙ୍କ ପାଦପଦ୍ମରେ । ବିକଳ ପ୍ରାର୍ଥନା ଜଣାଇଲେ । ହଠାତ୍ ତାଙ୍କ ଚେତନାରେ ଗୁରୁଦେବଙ୍କ କଣ୍ଠସ୍ୱର ପ୍ରତିଧ୍ୱନିତ ହୋଇ ଉଠିଲା, ''ତୁମେ ପାରିବ, କୁହ ।'' ସଙ୍ଗେ ସଙ୍ଗେ ତାଙ୍କ ଚିନ୍ତାଧାରା ସହିତ ଇଂରାଜୀ ଭାଷାର ଏକ ବନ୍ଧୁତ୍ୱ ସ୍ଥାପନା ହୋଇଗଲା । ଆରମ୍ଭ ହେଲା ତାଙ୍କ ବାଗ୍ମିତା । ଉଛୁଳା ନଈର ସ୍ରୋତ ଯେମିତି ଭାଙ୍ଗିଦେଲା ତା' ସୀମା ବନ୍ଧନକୁ । ଦୀର୍ଘ ପଞ୍ଚଚାଳିଶ ମିନିଟ୍‌ର ବକ୍ତୃତା ପରେ ସହଯାତ୍ରିଗଣ କରତାଳି ଦେଇ ଅଭିନନ୍ଦନ ଜଣାଇଲେ, ''ଧନ୍ୟ ସନ୍ନ୍ୟାସିନ୍ ! ଶୁଦ୍ଧ ଇଂରାଜୀରେ ଏଭଳି ଉଦ୍ଦୀପନାମୂଳକ, ହୃଦୟଗ୍ରାହୀ ଓ ତଥ୍ୟପୂର୍ଣ୍ଣ ବକ୍ତୃତା ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ।''

ସନ୍ନ୍ୟାସୀ ଜଣକ ଭଗବାନଙ୍କ ନିକଟରେ ପ୍ରଣତି ଜଣାଇଲେ, ''ପ୍ରଭୋ ! ଆପଣହିଁ ମୋ ପ୍ରେରଣାର ଉତ୍ସ ହୁଅନ୍ତୁ !''

ଦୀର୍ଘ ଦୁଇ ମାସର ଜଳଯାତ୍ରା ପରେ ଜାହାଜଟି ବୋଷ୍ଟନ୍ ସହର ନିକଟରେ ଲଙ୍ଗର ପକାଇଲା । ୧୯୨୦ ମସିହା ଅକ୍ଟୋବର ଛଅ ତାରିଖରେ ବୋଷ୍ଟନ୍ କଂଗ୍ରେସରେ ସେ ଦେଲେ ତାଙ୍କର ପ୍ରଥମ ବକ୍ତୃତା । ସମସ୍ତ ପାଶ୍ଚାତ୍ୟବାସୀ ତାଙ୍କ ଓଜସ୍ୱିନୀ ବକ୍ତୃତା ଶୁଣି ସ୍ତବ୍ଧ, ଚକିତ ହେଲେ । ଚାରିଆଡ଼େ ପ୍ରସରି ଗଲା ତାଙ୍କ ଖ୍ୟାତି । 'ଧର୍ମବିଜ୍ଞାନ' ଉପରେ ଦେଇଥିବା ତାଙ୍କ ଭାଷଣଟି ପୁସ୍ତିକା ଆକାରରେ ଛାପାଯାଇ ବିତରଣ କରାଗଲା । ସଂସଦ୍‌ର ସଂପାଦକ ମହୋଦୟ ମୁଗ୍ଧ ହୋଇ ତାଙ୍କ ବକ୍ତବ୍ୟରେ ପ୍ରକାଶ କଲେ, ''ସ୍ୱାମିଜି କହିଛନ୍ତି, ଧର୍ମ ସାର୍ବଜନୀନ ଏବଂ ଏକ । କୌଣସି ବିଶିଷ୍ଟ ପ୍ରଥା, ରୀତି ବା ଦେଶାଚାରକୁ ସମ୍ଭବତଃ ଆମେ ସାର୍ବଜନୀନର ରୂପ ଦେଇ ପାରିବା ନାହିଁ, କିନ୍ତୁ ଧର୍ମରେ ଯେଉଁ ସାଧାରଣ ଉପାଦାନ ଅଛି, ତାହା ସାର୍ବଜନୀନ କରାଯାଇ ପାରିବ; ଏବଂ ଏହାକୁ ଅନୁସରଣ କରିବାକୁ ଏବଂ ମାନିନେବାକୁ ଆମେ ସମସ୍ତଙ୍କୁ କହିପାରିବା ।''

ଏବେ ସନ୍ନ୍ୟାସୀ ଜଣକ ବୁଝିପାରିଲେ ତାଙ୍କ ଆମେରିକା ଆଗମନର ଉଦ୍ଦେଶ୍ୟ । ପାଶ୍ଚାତ୍ୟ ଭୂମିରେ ଭଗବତ୍ ଉପଲବ୍ଧି ପାଇଁ କ୍ରିୟାଯୋଗର ଧାରା ଯେ ଏତେ ଉପଯୋଗୀ ହେବ ସେ କଥା ଏବେ ଉପଲବ୍ଧି କରିପାରିଲେ । ମନେ ପକାଇଲେ ଗୁରୁଦେବଙ୍କ ଉପଦେଶକୁ, ''କ୍ରିୟାଯୋଗ ଈଶ୍ୱର ଉପଲବ୍ଧି ପାଇଁ ଏକ ବୈଜ୍ଞାନିକ କୌଶଳ । ଏହା ଅବଶେଷରେ ସବୁ ଦେଶରେ ପ୍ରସାର ଲାଭ କରିବ ଏବଂ ମନୁଷ୍ୟକୁ ତା'ର ବ୍ୟକ୍ତିଗତ ଅତୀନ୍ଦ୍ରିୟ ଅନୁଭୂତି ଫଳରେ ପରମ ପିତାଙ୍କୁ ଉପଲବ୍ଧି କରିବାର ସୁଯୋଗ ପ୍ରଦାନ କରି, ଏହା ବିଭିନ୍ନ ଜାତି ମଧ୍ୟରେ ସମନ୍ୱୟ ଆଣିବାରେ ସାହାଯ୍ୟ କରିବ ।''

ଗୁରୁଦେବଙ୍କର ସସ୍ନେହ ଜ୍ଞାନୋପଦେଶ କଥା ମନେ ପଡ଼ିଗଲା ବେଳେ ସେ ଆହୁରି ବିଗଳିତ ହୋଇ ଉଠିଲେ । ନିଜର ଜନ୍ମଭୂମିକୁ, ଗୁରୁଦେବଙ୍କୁ ଛାଡ଼ି ଯେ ବିଦେଶଯାତ୍ରା କରିବାକୁ ହେବ, ତାଙ୍କର ଏଇ ଦୁଃଖକୁ ଗୁରୁଦେବ ବୁଝି ପାରିଥିଲେ । ଆଉ ସେଇଥିପାଇଁ ବୋଧେ ଏମିତି ଆଶ୍ୱାସନା ଦେଇ କହିଥିଲେ, ''ତୁମେ ହିନ୍ଦୁମାନଙ୍କ ମଧ୍ୟରେ ଜନ୍ମ ଗ୍ରହଣ କରିଥିଲ, ଏହା ଭୁଲିଯାଅ ଓ ଆମେରିକାନ୍‌ମାନଙ୍କର ସବୁ ରଙ୍ଗଢଙ୍ଗ ଗ୍ରହଣ କର ନାହିଁ । ଉଭୟ ଦେଶର ଯାହା ସବୁଠାରୁ ଭଲ ତାହା ଗ୍ରହଣ କର । ଭଗବାନଙ୍କର ସନ୍ତାନ ତୁମେ, ନିଜର ସ୍ୱ-ରୂପରେ ରୁହ । ପୃଥିବୀର ଚାରିଆଡ଼େ ବିଭିନ୍ନ ଜାତି ମଧ୍ୟରେ ବିକ୍ଷିପ୍ତ ହୋଇ ରହିଥିବା ତୁମ ଭାଇମାନଙ୍କର ଯେଉଁ ଗୁଣଗୁଡ଼ିକ ସବୁଠାରୁ ଭଲ, ତାହାକୁ ଖୋଜି ବାହାର କର ଏବଂ ସେଥିରେ ନିଜ ଜୀବନକୁ ଗଢ଼ ।''

ସେଇ ଯୁବ ସନ୍ନ୍ୟାସୀ ଜଣକ ହେଉଛନ୍ତି ଶ୍ରୀ ଯୋଗାନନ୍ଦ, ଆଉ ତାଙ୍କର ଗୁରୁଦେବ ହେଉଛନ୍ତି ଶ୍ରୀ ଯୁକ୍ତେଶ୍ୱର । ଯୋଗାନନ୍ଦ ଗୋରଖପୁରଠାରେ ଏକ କ୍ଷତ୍ରିୟ ବଙ୍ଗାଳୀ ପରିବାରରେ ୧୮୯୩ ମସିହା ଜାନୁଆରି ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିଲାଦିନର ନାମ ଥିଲା – ମୁକୁନ୍ଦ ଲାଲ ଘୋଷ । ସେମାନେ ଚାରି ଭାଇ ଓ ଚାରି ଭଉଣୀ, ତାଙ୍କର ସ୍ଥାନ ଥିଲା ଚତୁର୍ଥରେ । ତାଙ୍କର ପିତା ଭଗବତୀ ଚରଣ ଘୋଷ ଥିଲେ ବଡ଼ ଦୟାଳୁ ଓ ଗମ୍ଭୀର ସ୍ୱଭାବର । ଗଣିତ ଓ ତର୍କଶାସ୍ତ୍ରରେ ତାଙ୍କର ବ୍ୟୁତ୍ପତ୍ତି ଥିଲା ଅସାଧାରଣ । ବେଙ୍ଗଲ୍ ନାଗପୁର ରେଳବାଇ କମ୍ପାନୀର ଉପସଭାପତି ପଦରେ ଥାଇ ମଧ୍ୟ ସମସ୍ତ କାର୍ଯ୍ୟବ୍ୟସ୍ତତା ଭିତରେ ସେ ପିଲାମାନଙ୍କର ଶିକ୍ଷାଦୀକ୍ଷା ପ୍ରତି ବହୁତ ସଚେତନ ଥିଲେ । ମାତା ଜ୍ଞାନପ୍ରଭା ଘୋଷ ଦୀନ ଦୁଃଖୀଙ୍କ ପାଇଁ ଥିଲେ ମୁକ୍ତହସ୍ତା । ଉଭୟେ କାଶୀର ପ୍ରଖ୍ୟାତ ଗୁରୁ ଶ୍ରୀ ଶ୍ରୀ ଲାହିଡ଼ି ମହାଶୟଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

ଯୋଗାନନ୍ଦ ଥିଲେ ଜାତିସ୍ମର । ଶିଶୁ ଅବସ୍ଥାରେ ତାଙ୍କ ମାନସପଟରେ ପୂର୍ବ ଜନ୍ମର ସ୍ମୃତିସବୁ ପ୍ରମୂର୍ତ୍ତ ହୋଇ ଉଠୁଥିଲା ।

ଅନୁଭବ କରୁଥିଲେ ସେ ଯେମିତି ତୁଷାର ମଣ୍ଡିତ ହିମାଳୟରେ ଘୂରି ବୁଲୁଛନ୍ତି ଜଣେ ଯୋଗୀ ରୂପେ । ବୟସ ଦୃଷ୍ଟିରୁ ଭାଷା ମାଧ୍ୟମରେ ବ୍ୟକ୍ତ କରିବାର ସାମର୍ଥ୍ୟ ନ ଥିବାରୁ, ଏଭଳି ଏକ ଉଚ୍ଚତର ମାନସିକ ଆଲୋଡ଼ନ ଯୋଗୁଁ ସେ ବହୁ ସମୟରେ ରାହାଧରି କାନ୍ଦୁଥିଲେ । ହେଲେ ତାଙ୍କ ପରିବାରର ଆତ୍ମୀୟ-ମାନଙ୍କ ପାଇଁ ଏସବୁ ଥିଲା ଅଗୋଚର ।

ଇଚ୍ଛାପୁରଠାରେ ଥିବା ପୈତୃକ ଜମିଦାରି ବଙ୍ଗଳାରେ ବାପା ମା'ଙ୍କ ସହ ରହୁଥା'ନ୍ତି ଯୋଗାନନ୍ଦ । ବୟସ ମାତ୍ର ଆଠବର୍ଷ । ଥରେ ସେ ହଇଜାରେ ଆକ୍ରାନ୍ତ ହୋଇ ପଡ଼ିଲେ । ବଞ୍ଚିବାର ଆଶା ହରାଇ ବସିଲେ ଡାକ୍ତରମାନେ । ମୁଣ୍ଡ ଉପରେ ଝୁଲୁଥିବା ଶ୍ରୀ ଲାହିଡ଼ି ମହାଶୟଙ୍କର ଫଟୋକୁ ଚାହିଁ ତାଙ୍କ ମା' ବାରଂବାର ଇସାରା ଦେଉଥା'ନ୍ତି ପ୍ରଣାମ କରିବା ପାଇଁ । କିନ୍ତୁ ଅତ୍ୟନ୍ତ ଦୁର୍ବଳତା ଯୋଗୁଁ ସେ ଯେ ହାତଯୋଡ଼ି ପ୍ରଣାମ କରିବାକୁ ଅକ୍ଷମ ଏକଥା ଜାଣିପାରି ମା' କହିଲେ, ''ମନେ ମନେ ତାଙ୍କୁ ପ୍ରଣାମ କର । ତୁ ଯଦି ତୋର ପ୍ରକୃତ ଭକ୍ତି ଦେଖାଇବୁ ଏବଂ ମନେ ମନେ ତାଙ୍କ ଆଗରେ ଆଣ୍ଠୁମାଡ଼ି ବସିବୁ, ତେବେ ତୋର ଜୀବନ ରକ୍ଷା ହେବ ।''

ସତକୁ ସତ ତାହାହିଁ ହେଲା । ଫଟୋ ମଧ୍ୟରୁ ଗୋଟିଏ ଆଖି ଝଲସିଆ ଆଲୋକ ଆସି ତାଙ୍କର ଶରୀର ଓ କୋଠରିକୁ ଆଲୋକିତ କରିଦେଲା । ଅବିଳମ୍ବେ ଆରୋଗ୍ୟ ଲାଭ କଲେ ଯୋଗାନନ୍ଦ । ସେ ଦେଖିଲେ ସେଇ ଫଟୋଟି ପାଖରେ ମା' ମୁଣ୍ଡ ଲଗାଇ ଅଶ୍ରୁସଜଳ ଆଖିରେ କହୁଥା'ନ୍ତି, ''ହେ ସର୍ବ-ବିଦ୍ୟମାନ ଗୁରୁଦେବ ! ଆପଣଙ୍କୁ ଅଶେଷ ଧନ୍ୟବାଦ । ଆପଣଙ୍କର ଆଲୋକ ମୋର ପୁଅକୁ ସୁସ୍ଥ କରିଛି ।''

ଶ୍ରୀ ଲାହିଡ଼ି ମହାଶୟ ନିଜେ ସେହି ଫଟୋଟି ତାଙ୍କ ବାପାଙ୍କୁ ଦେଇଥିଲେ । ସେ ଫଟୋରେ ଥିଲା ଏକ ପବିତ୍ର ସ୍ପନ୍ଦନ । ଘରର ଅନ୍ୟାନ୍ୟ ସବୁକିଛିଠାରୁ ସେଇଟି ଥିଲା ତାଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ । ଫଟୋର ଆବିର୍ଭାବ ସମ୍ବନ୍ଧରେ ସେ ଖୁବ୍ ରହସ୍ୟପୂର୍ଣ୍ଣ ଗଳ୍ପଟିଏ ତାଙ୍କ ବାପାଙ୍କର ଜଣେ ଗୁରୁଭାଇଙ୍କଠାରୁ ଶୁଣିଥିଲେ ।

ଶ୍ରୀ ଲାହିଡ଼ି ମହାଶୟ ନିଜ ଫଟୋ ଉଠାଇବାକୁ ସବୁବେଳେ ଅନିଚ୍ଛା ପ୍ରକାଶ କରୁଥିଲେ । ଗୁରୁଦେବଙ୍କ ଅଜାଣତରେ ଜଣେ ଶିଷ୍ୟ ଅନ୍ୟାନ୍ୟ ଭକ୍ତମାନଙ୍କର ଗହଣରେ ଥିବାବେଳେ ଗୁରୁଦେବଙ୍କର ଫଟୋଟିଏ ଉଠାଇଦେଲେ । ଫଟୋଟି ଧୁଆ ହେଲା । ଦେଖାଗଲା ଅନ୍ୟ ସମସ୍ତଙ୍କ ଫଟୋ ବହୁତ ସୁନ୍ଦର ଆସିଛି ହେଲେ ଯେଉଁଠାରେ ଗୁରୁଦେବ ବସିଥିଲେ ସେଠାରେ ଗୋଟିଏ ଶୂନ୍ୟସ୍ଥାନ ରହିଛି । ଏମିତି ବହୁବାର ଘଟିବା ପରେ ଫଟୋଗ୍ରାଫର୍ ଜଣକ ନିଜର ଚୂର୍ଣ୍ଣୀଭୂତ ଅହଂକାର ଓ ଆଖିରେ ଆଖିଏ ଲୁହ ଧରି ଗୁରୁଦେବଙ୍କ ନିକଟରେ ଅନୁନୟ ପ୍ରାର୍ଥନା କଲେ । ବହୁ ସମୟ ପରେ ଲାହିଡ଼ି ମହାଶୟ ତାଙ୍କର ମୌନ ଭଙ୍ଗ କରି ମନ୍ତବ୍ୟ ଦେଲେ, ''ମୁଁ ଯେ ଆତ୍ମା ! ତୁମ କ୍ୟାମେରା କ'ଣ ଅଦୃଶ୍ୟ ନିରାକାରଙ୍କର ପ୍ରତିବିମ୍ବ ଉଠାଇ ପାରିବ ।''

ଶେଷରେ ଶିଷ୍ୟ ଜଣକ କ୍ଷମା ଭିକ୍ଷା କରି କହିଲେ, ''ଗୁରୁଦେବ ! ମୁଁ ଜାଣେ ମୁଁ ତାହା ପାରିବି ନାହିଁ । କିନ୍ତୁ ହେ ପୁଣ୍ୟାତ୍ମନ୍ ! ଆପଣଙ୍କ ଶରୀର ମନ୍ଦିରର ଛବିଟିଏ ରଖିବା ପାଇଁ ମୋର ଏକାନ୍ତ ଇଚ୍ଛା । ମୋର ବୁଦ୍ଧି ଅତ୍ୟନ୍ତ କ୍ଷୁଦ୍ର । ଆପଣଙ୍କ ଭିତରେ ଯେ ବ୍ରହ୍ମ ସମ୍ପୂର୍ଣ୍ଣ ରୂପେ ବିରାଜମାନ, ଏହା ମୁଁ ଆଜି ପର୍ଯ୍ୟନ୍ତ ଅନୁଭବ କରି ନ ଥିଲି ।

ଗୁରୁଦେବଙ୍କଠାରୁ ସଦୟ ସ୍ୱୀକୃତି ମିଳିଲା, ''ଠିକ୍ ଅଛି, ତା'ହେଲେ କାଲି ସକାଳେ ଆସ । ତୁମ ଫଟୋ ଉଠାଇବା ପାଇଁ ମୁଁ ବସିବି ।'' ତାହାହିଁ ଥିଲା ଲାହିଡ଼ି ମହାଶୟଙ୍କର ଜୀବଦ୍ଦଶା ଭିତରେ ଏକମାତ୍ର ଫଟୋ ।

(*'ଯୋଗୀର ଆତ୍ମଚରିତ' ପୁସ୍ତକ ସହାୟତାରେ*)

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୨)

# ଶେଷ ଆଶୀର୍ବାଦ

## ସନ୍ତୋଷ କୁମାର ରଥ

ଦଲକାଏ ପବନରେ ପତଳା ମଶାରିଟା ଫଟ୍ ଫଟ୍ ଶବ୍ଦକରି ହଠାତ୍ ଖୋଲିଗଲା । ରାତି ସେତେବେଳକୁ ଅଧା । ବହଳିଆ ଅନ୍ଧାର ବେଢ଼ି ରହିଥାଏ ଚାରିଆଡ଼କୁ । ଏଗାର ବର୍ଷର ବାଳକ ମୁକୁନ୍ଦ (ଯୋଗାନନ୍ଦଙ୍କର ପିଲାଦିନର ନାମ) ବାପାଙ୍କ ସହିତ ଶୋଇଥା'ନ୍ତି ଗେଷ୍ଟ୍ ହାଉସ୍‌ର ବାରଣ୍ଡାରେ । ନିଦଟା ତାଙ୍କର ଭାଙ୍ଗିଗଲା । ସେଇ ଅନ୍ଧାର ଭିତରୁ ଭାସି ଆସୁଥିବା ଗୋଟାଏ ଧୀର ଅଥଚ ସ୍ପଷ୍ଟ କଣ୍ଠ ସ୍ୱର ସେ ଶୁଣି ପାରିଲେ, ''ତୋର ବାପାଙ୍କୁ ଉଠାଇଦେ । ମୋତେ ଦେଖିବାକୁ ଯଦି ଚାହଁ, ଆଜି ସକାଳେ ୪ଟା ବେଳ ଟ୍ରେନ୍ ଧରି ଶୀଘ୍ର କଲିକତା ଆସ ।'' ପ୍ରେତ ଭଳି ଦିଶୁଥିବା ମୂର୍ତ୍ତିଟି କ୍ରମେ ଅଦୃଶ୍ୟ ହୋଇଗଲା ସେଇ ଅନ୍ଧାର ଭିତରେ ।

ଭୟାର୍ତ୍ତ କଣ୍ଠରେ ସେ ଚିତ୍କାର କରି ଉଠିଲେ – ''ବାପା ! ବାପା ! ମା' ମରି ଯାଇଛନ୍ତି ।''

ବାପା କିନ୍ତୁ ତାଙ୍କର ଏକଥାକୁ ମାନିନେବାକୁ ଆଦୌ ପ୍ରସ୍ତୁତ ନ ଥିଲେ । ସେ ସମ୍ପୂର୍ଣ୍ଣ ନାରାଜ – ଜଣେ ସୁସ୍ଥ ସବଳ ମଣିଷର ହଠାତ୍ ମୃତ୍ୟୁ ହେବ ବା କେମିତି । ଏସବୁ କେବଳ ସ୍ୱପ୍ନମାତ୍ର । ପୁତ୍ରର ତନ୍ଦ୍ରା ବିଜଡ଼ିତ ଭାବକୁ ଉପେକ୍ଷା କରି କହିଲେ – ''ତୋର ମତିଭ୍ରମ ହୋଇଛି । ତୋର ମା'ଙ୍କର ସ୍ୱାସ୍ଥ୍ୟ ବେଶ୍ ଭଲ ଅଛି । ଯଦି ସେମିତି କୌଣସି ଦୁଃସମ୍ବାଦ ମିଳେ ତେବେ ଯାଇ ଆମେ ଯିବା ।''

ଯୋଗାନନ୍ଦ କିନ୍ତୁ ନିଃସନ୍ଦେହ । ନିଜର ସ୍ନେହମୟୀ ମା'ଙ୍କର ମୂର୍ତ୍ତିକୁ ସେ ଯେ ସମ୍ମୁଖରେ ଦର୍ଶନ କରିଛନ୍ତି, ସେକଥାକୁ ସେ ଅସ୍ୱୀକାର କରିବେ ବା କେମିତି ? ସେ ଦର୍ଶନ ସ୍ୱପ୍ନରେ ନୁହେଁ, ଜାଗ୍ରତରେ । ପୁଣି ନିଜ ମା'ର ରୂପକୁ କେହି କ'ଣ କେବେ ଅଚିହ୍ନା ମଣିପାରିବ ! ସେଥିପାଇଁ ସେ ଖୁବ୍ ଦୃଢ଼ତାର ସହ କହିଲେ – ''ବାପା ! ଯିବା ପାଇଁ ବର୍ତ୍ତମାନ ନ ବାହାରିଲେ ତୁମେ ନିଜକୁ କେବେହେଲେ କ୍ଷମା କରିପାରିବ ନାହିଁ । ମୁଁ ମଧ୍ୟ ତୁମକୁ କେବେ ବି କ୍ଷମା ଦେବି ନାହିଁ ।''

ସତକୁ ସତ ସେଦିନର ସକାଳ ଆଣିଦେଲା ସେଇ ଭୟଙ୍କର ଦୁଃସମ୍ବାଦ – ''ମା' ସାଂଘାତିକ ବେମାର, ସଙ୍ଗେ ସଙ୍ଗେ ଆସ ।'' ବାପାଙ୍କ ସହ ଟ୍ରେନ୍‌ରେ ସେ ବରେଲୀରୁ କଲିକତା ଯାତ୍ରାକଲେ । ଟ୍ରେନ୍ ଯାତ୍ରା ସମୟରେ ଅନୁଭବ କଲେ ସେ ଯେ ମାତୃହୀନ ହୋଇ ସାରିଲେଣି । ଏତେ ବଡ଼ ସଂସାରରେ ତାଙ୍କ ପାଇଁ ସତେ ଯେମିତି ନିଜର ବୋଲି ଆଉ କେହି ଜଣେ ବି ନାହିଁ । ପାଦ ଥାପିବା ପାଇଁ ଭୂଇଁ ଟିକିଏ ବି ନାହିଁ । ସଂସାରରେ ସବୁଠାରୁ ପ୍ରିୟବନ୍ଧୁ ରୂପେ ସେ ମା'ଙ୍କୁହିଁ ଅଧିକ ଭଲ ପାଉଥିଲେ । ଆଖି ଆଗରେ ଭାସିଗଲା ଅତୀତର ସ୍ମୃତିସବୁ । ମା'ଙ୍କର ସେହି ଅଭୟପ୍ରଦ କଳା କଳା ଆଖି ଦୁଇଟି ଥିଲା ତାଙ୍କର ଆଶ୍ରୟ, ଆଉ ତାଙ୍କ ଚାହାଣି ଥିଲା ସଂପୂର୍ଣ୍ଣ ଠିକ୍ ମାର୍ଗ ଦର୍ଶନ ପାଇଁ ଏକ ଯଥାର୍ଥ ନିର୍ଦ୍ଦେଶ ।

କଲିକତା ଘରେ ପାଦ ଦେଉ ଦେଉ ନିଜ ଅନୁଭୂତିର ସତ୍ୟତାକୁ ସେ ସାମ୍ନା କଲେ । ସେତେବେଳକୁ ସବୁକିଛି ଶେଷ ହୋଇ ସାରିଥାଏ ... ଭୋ' ଭୋ'କରି କାନ୍ଦି ଉଠିଲେ । ତାଙ୍କ ଆର୍ତ୍ତବିଳାପର ପ୍ରଚଣ୍ଡତାରେ ସ୍ୱର୍ଗର ଦ୍ୱାର ସତେ ଯେମିତି ଉନ୍ମୁକ୍ତ ହୋଇଗଲା । ସେତେବେଳେ ହୃଦୟରେ ତାଙ୍କର ସ୍ପନ୍ଦିତ ହେଲା ଜଗନ୍ମାତାଙ୍କର ବାଣୀ – ''ଅନେକ ମାତୃହୃଦୟର କୋମଳତା ଏକାଠି କରି ମୁଁହିଁ ଜନ୍ମ ପରେ ଜନ୍ମ ତୋର ଦେଖାଶୁଣା କରି ଆସୁଛି । ଦେଖ୍ ! ଯେଉଁ ହରାଇଥିବା ସୁନ୍ଦର କଳା କଳା ଆଖି ଦୁଇଟିକୁ ତୁ ଖୋଜୁଛୁ, ସେଇ ଆଖି ଦୁଇଟିକୁ ତୁ ମୋରି ଦୃଷ୍ଟିରେ ପାଇବୁ ।''

ସ୍ନେହମୟୀ ମା'ଙ୍କର ଶୁଦ୍ଧିକ୍ରିୟା ସମାପନ କରି ସେ ବାପାଙ୍କ ସହିତ ବରେଲୀକୁ ଫେରି ଆସିଲେ । ନିଜ ମନକୁ କିନ୍ତୁ ବୁଝାଇବାକୁ ତାଙ୍କୁ ଢେର ଦିନ ଲାଗିଲା । ବାପା ଯଦିଓ ଉଭୟ ବାପା ଓ ମା'ର ଦାୟିତ୍ୱ ତୁଲାଉ ଥିଲେ ତଥାପି ସମୟେ ସମୟେ ମା'ର ସ୍ନେହ ଆଦର କଥା ମନେ ପଡ଼ିଗଲେ ସେ ବ୍ୟଥିତ ହୋଇ ଉଠୁଥିଲେ । ସତରେ ମା'ର ସ୍ନେହକୁ କେହି କ'ଣ କେବେ ତଉଲି ପାରିବ, ନା ଭରଣା କରି ପାରିବ, ସେ ଯେ ଗୋଟାଏ ଅବିଭକ୍ତ ଆକାଶ ।

ମା'ଙ୍କର ଶରୀର ଛାଡ଼ିବା ସେତେବେଳକୁ ପ୍ରାୟ ବର୍ଷେ ପୂରି ଆସିଲାଣି । ଦିନେ ସଂଧ୍ୟାରେ ତାଙ୍କର ବଡ଼ଭାଇ 'ଅନନ୍ତ'

ତାଙ୍କୁ ଗୋଟିଏ ଛୋଟ ବାକ୍ସ ଓ ଗୋଟାଏ ଲମ୍ବା ଚିଠି ବଢ଼ାଇ ଦେଇ କହିଲେ – ''ବାକ୍ସ ଭିତରେ ରହିଛି ଗୋଟାଏ ରୁପାର କବଚ ଯାହା ବର୍ଷକ ପରେ ତୋତେ ହସ୍ତାନ୍ତର କରିବା ପାଇଁ ମା'ଙ୍କର ନିର୍ଦ୍ଦେଶ ଥିଲା । ଆଉ ମା'ଙ୍କର ଯାହାସବୁ ତୋତେ କହିବାର ଥିଲା ସେସବୁ ଏଇ ଚିଠିରେ ମୁଁ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଲେଖିଛି ।''

ବଡ଼ ଭାଇଙ୍କର ଏମନ୍ତ କଥା ଶୁଣି ସେ ଅବାକ୍ ହୋଇଗଲେ । ତାଙ୍କର ହତଚକିତ ଭାବକୁ ଲକ୍ଷ୍ୟ କରି ବଡ଼ ଭାଇ ପୁଣି କହିଲେ – ''ତୋର ହିମାଳୟ ଯାତ୍ରାରେ ବାଧା ଦେଇ ମୁଁ ଭୁଲ୍ କରିଛି । ମୁଁ ଏବେ ବୁଝିପାରିଛି ତୋ ହୃଦୟ ଭଗବତ୍ ଅନୁରାଗରେ ଭରି ଉଠିଛି । ତୁ ଯେ ଗୁରୁଦେବ ଲାହିଡ଼ି ମହାଶୟଙ୍କ ମାର୍ଗ ଅନୁସରଣ କରିବୁ ଏକଥା ଲାହିଡ଼ି ମହାଶୟ ତୋର ଜନ୍ମ ପୂର୍ବରୁ ମା'ଙ୍କୁ କହିଥିଲେ । ଆଉ ମା'ର ଶେଷ ଅଭିଳାଷ ...''

ବଡ଼ ଭାଇଙ୍କଠାରୁ ଆଉ କୌଣସି କଥା ଶୁଣିବାକୁ ତାଙ୍କର ଧୈର୍ଯ୍ୟ ନ ଥିଲା । ଅତି ଶୀଘ୍ର ସେ ଚିଠିଟି ପଢ଼ିବାକୁ ଆରମ୍ଭ କରିଦେଲେ । ଆଖି ଆଗରେ ଭାସି ଯାଉଥାଏ ମା'ଙ୍କର ସେହି ରୂପ, କାନରେ ବାଜୁଥାଏ ତା'ର ସ୍ନେହଭରା ଦରଦୀ ସ୍ୱର, ''ମୋର ପ୍ରିୟ ମୁକୁନ୍ଦ ! ମୋର ଏହି ବାଣୀ ତୋ ପାଇଁ ମୋର ଶେଷ ଆଶୀର୍ବାଦ ହେଉ । ତୋର ଜନ୍ମ ପରେ ଯାହାସବୁ ଘଟିଛି, ସେ ସବୁ କହିବାର ବେଳ ଆସିଯାଇଛି । ତୁ ଯେତେବେଳେ ମୋ କୋଳରେ ଛୋଟ ଶିଶୁ, ମୁଁ ତୋତେ କୋଳରେ ଧରି ଗୁରୁଦେବ (ଲାହିଡ଼ି ମହାଶୟ)ଙ୍କ ପାଖକୁ ବାରାଣସୀ ଯାଇଥିଲି । ଗୁରୁଦେବ ଗଭୀର ଧ୍ୟାନରେ ବସିଥା'ନ୍ତି । ଚାରିଦିଗରେ ଅନେକ ଶିଷ୍ୟଙ୍କର ଭିଡ଼ । ମୁଁ ପଛରେ ବସି ଲୁଚିଯାଇ ଥିବାରୁ ଗୁରୁଦେବଙ୍କୁ ସାମ୍ନାରେ ଦେଖି ପାରୁ ନ ଥିଲି । ମୁଁ ତୋତେ ହାତରେ ଥାପୁଡ଼ାଉ ଥାଏ ଆଉ ଗୁରୁଦେବଙ୍କୁ ପ୍ରାର୍ଥନା କରୁଥାଏ ଯେ ସେଇ ମହାନ୍ ଗୁରୁଙ୍କର ଦୃଷ୍ଟି ତୋ ଉପରେ ପଡୁ ଏବଂ ସେ ଟିକିଏ ତୋତେ ଆର୍ଶୀବାଦ କରନ୍ତୁ । ମୋର ନୀରବ ଭକ୍ତିପ୍ଲୁତ ପ୍ରାର୍ଥନା ଯେତେବେଳେ ଗଭୀର ହେଲା, ସେ ଆଖି ଖୋଲିଲେ ଏବଂ ତାଙ୍କ ନିକଟକୁ ଆସିବାକୁ ମୋତେ କହିଲେ । ମୁଁ ଯାଇ ସେହି ପବିତ୍ର ପାଦ ତଳେ ମୁଣ୍ଡିଆ ମାରିଲି । ଗୁରୁଦେବ ତୋତେ କୋଳରେ ବସାଇଲେ ଆଉ ଅଧ୍ୟାତ୍ମ ମାର୍ଗରେ ଦୀକ୍ଷିତ କରିବା ପରି ତୋ କପାଳରେ ହାତ ରଖି ମୋତେ କହିଲେ –

''ଛୋଟ ମା ! ତୋର ପୁଅ ଜଣେ ଯୋଗୀ ହେବ । ଏକ ରେଳ ଇଞ୍ଜିନ ପରି ବହୁ ଆତ୍ମାକୁ ଅଧ୍ୟାତ୍ମ ମାର୍ଗରେ ନେଇ ସେ ଭଗବାନଙ୍କ ରାଜ୍ୟରେ ପହଞ୍ଚାଇବ ।''

ଆଖିରେ ତାଙ୍କର ଆନନ୍ଦର ଅଶ୍ରୁ । ମା'ଙ୍କର ଏକଥା-ଗୁଡ଼ାକ ପଢ଼ି ତାଙ୍କର ଉଦ୍‌ବେଗ ଆହୁରି ବଢ଼ି ଯାଉଥାଏ, ସାମ୍ନାରେ ଖୋଲି ଯାଉଥାଏ ତାଙ୍କର ଈପ୍ସିତ ମାର୍ଗଟି, ଦୀର୍ଘ ଅଥଚ ସ୍ପଷ୍ଟ । ଛାତି ଉପରେ ଜଡ଼େଇ ନେଲେ ଲୁହଭିଜା ଚିଠିଟିକୁ, ମା'ଙ୍କ କଥାରେ ଫେରି ପାଇଲେ ସଂବିତ୍ – ''ପୁଅରେ ! ପରେ ପରେ, ତୁ ଯେତେବେଳେ ମହାନ୍ ଜ୍ୟୋତିଃ ଦର୍ଶନ କଲୁ, ସେତେବେଳେ ମୁଁ ଓ ତୋର ଭଉଣୀ ପାଖ ଘରେ ଥାଇ ସେ କଥା ଜାଣିପାରିଲୁ । ତୁ ଶେଯ ଉପରେ ନିଶ୍ଚଳ ହୋଇ ପଡ଼ିଥିଲୁ । ତୋର ଛୋଟ ମୁହଁଟି ବେଶ୍ ଉଜ୍ଜ୍ୱଳ ଦିଶୁଥିଲା । ଭଗବତ୍ ଅନ୍ୱେଷଣରେ ହିମାଳୟ ଯିବା କଥା ତୁ କହୁଥିଲୁ । ତୋର କଣ୍ଠରେ ଥିଲା ଏକ ଲୌହ ସଂକଳ୍ପର ଧ୍ୱନି ।

''ଏହିପରି ଭାବରେ ମୁଁ ଜାଣିପାରିଥିଲି ଯେ ତୋର ପଥ ହେଉଛି ସାଧାରଣ ସାଂସାରିକ ସୀମାରେଖାର ଅନେକ ଦୂରରେ । ମୋ ଜୀବନର ସବୁଠାରୁ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ଘଟଣା ମୋର ଏଇ ଧାରଣାକୁ ଆହୁରି ଦୃଢ଼ୀଭୂତ କଲା । ବର୍ତ୍ତମାନ ମୋର ମୃତ୍ୟୁଶଯ୍ୟାରେ ସେହି ଘଟଣାଟିହିଁ ତୋ ପାଇଁ ଏକ ସନ୍ଦେଶ ରୂପେ ଛାଡ଼ି ଯିବା ପାଇଁ ବାଧ୍ୟ କରୁଛି ।

''ଦିନେ ସକାଳେ ଜଣେ ବିଚିତ୍ର ସନ୍ନ୍ୟାସୀ ଆସି କହିଲେ – ''ମା ! ମହାନ୍ ଯୋଗୀମାନେ ତୁମକୁ ଜଣାଇ ଦେବାକୁ ଚାହାନ୍ତି ଯେ ପୃଥିବୀରେ ତୁମର ରହଣି ଆଉ ବେଶୀ ଦିନ ନୁହେଁ । ତୁମର ପରବର୍ତ୍ତୀ ଅସୁସ୍ଥତାହିଁ ହେବ ତୁମର ଶେଷ ଅସୁସ୍ଥତା ।... ତୁମ ଜିମାରେ ଗୋଟିଏ ରୁପା କବଚ ରହିବ । ତାହା ମୁଁ ତୁମକୁ ଆଜି ଦେବି ନାହିଁ । ଆସନ୍ତା କାଲି ତୁମେ ଧ୍ୟାନ କରୁଥିବା ସମୟରେ କବଚଟି ତୁମ ହାତକୁ ଆସିବ ଏବଂ ମୋର ଏକଥାର ସତ୍ୟତା ପ୍ରମାଣ କରିବ । ତୁମର ମୃତ୍ୟୁ-ଶଯ୍ୟାରେ ତୁମେ କବଚଟିକୁ ତୁମର ବଡ଼ ପୁଅ ଅନନ୍ତକୁ ନିଶ୍ଚୟ ଦେବ ଏବଂ ତାକୁ ନିର୍ଦ୍ଦେଶ ଦେବ ଯେ ସେ କବଚଟିକୁ ଗୋଟିଏ ବର୍ଷ ରଖି ତା'ପରେ ତାକୁ ତୁମ ଦ୍ୱିତୀୟ ପୁତ୍ର ମୁକୁନ୍ଦକୁ ଦେବ । ମହାନ୍ ଗୁରୁମାନଙ୍କଠାରୁ ପ୍ରାପ୍ତ ଏହି କବଚଟିର ତାତ୍ପର୍ଯ୍ୟ ସେହିଁ ବୁଝିବ । କବଚଟି ପାଇଲା ବେଳକୁ ସେ ତା'ର ସମସ୍ତ ସାଂସାରିକ ଅଭିଳାଷ ପରିତ୍ୟାଗ କରି ଭଗବତ୍ ପ୍ରାପ୍ତି ପାଇଁ ତା'ର ଶେଷ ଅନ୍ୱେଷଣରେ ବାହାରୁଥିବ । ସେ କବଚଟିକୁ

କିଛି ବର୍ଷ ରଖିବା ପରେ କବଚଟି ତା'ର ଉଦ୍ଦେଶ୍ୟ ସାଧନ କରି ସାରି ଆପେ ଆପେ ଅନ୍ତର୍ହିତ ହୋଇଯିବ । ସବୁଠାରୁ ଗୋପନୀୟ ସ୍ଥାନରେ ରଖିଲେ ମଧ୍ୟ କବଚଟି ଯେଉଁଠାରୁ ଆସିଥିଲା ସେଇଠାକୁ ଫେରିଯିବ ।

''ସାଧୁଙ୍କୁ ଭିକ୍ଷା ଦେଇ ମୁଁ ଅତ୍ୟନ୍ତ ଭକ୍ତିର ସହିତ ପାଦ ତଳେ ପ୍ରଣାମ କଲି । ଭିକ୍ଷା ଗ୍ରହଣ ନ କରି ସେ ମୋତେ ଆଶୀର୍ବାଦ ଦେଇ ଚାଲିଗଲେ । ତା' ଆରଦିନ ସନ୍ଧ୍ୟାରେ ମୁଁ ହାତ ଯୋଡ଼ି ଧ୍ୟାନରେ ବସିଥିଲି । ସାଧୁଙ୍କର ପ୍ରତିଶ୍ରୁତି ଅନୁରୂପ ରୁପାର କବଚଟିଏ ମୋର ହାତ ପାପୁଲି ଭିତରକୁ ଆସିଲା । ତା'ର ସ୍ନିଗ୍ଧ, ଶୀତଳ ସ୍ପର୍ଶ ମୋତେ ତା'ର ଆଗମନ ଜଣାଇଦେଲା । ଦୁଇବର୍ଷରୁ ଅଧିକ ହେବ ମୁଁ ତାହାକୁ ଉତ୍କଣ୍ଠାର ସହ ସାଇତି ରଖିଛି । ଏବଂ ବର୍ତ୍ତମାନ ତାହାକୁ ଅନନ୍ତ ଜିମାରେ ଛାଡ଼ି ଯାଉଛି । ମୋ ପାଇଁ ଦୁଃଖ କରିବୁ ନାହିଁ । କାରଣ ମୋର ମହାନ୍ ଗୁରୁଦେବ ନିଶ୍ଚୟ ମୋତେ ପରମାତ୍ମାଙ୍କ କୋଳକୁ ଟେକି ଦେବେ । ପୁତ୍ର ମୋର ! ବିଦାୟ । ମା' ଜଗଜ୍ଜନନୀ ତୋତେ ରକ୍ଷା କରିବେ ।''

କବଚଟି ପାଇବା ପରେ ଯୋଗାନନ୍ଦଙ୍କ ଶରୀରରେ ଏକ ଉଜ୍ଜ୍ୱଳ ଦୀପ୍ତିର ଆଭା ଖେଳିଗଲା । ଅତୀତର ବହୁ ସୁପ୍ତ ସ୍ମୃତି ଜାଗିଉଠିଲା । ସେ ବୁଝି ପାରିଲେ ପୂର୍ବଜନ୍ମମାନଙ୍କର ଗୁରୁମାନେ ଏହାକୁ ପଠାଇଛନ୍ତି ଏବଂ ଅଦୃଶ୍ୟରେ ରହି ଏବେ ବି ସେମାନେ ତାଙ୍କର ଏହି ଜୀବନର ପ୍ରତ୍ୟେକ ପଦକ୍ଷେପକୁ ପରିଚାଳନା କରୁଛନ୍ତି । ସେ ଆଶ୍ୱସ୍ତ ହେଲେ ସତ, ମାତ୍ର ଭୁଲି ଯାଇଥିବା ସ୍ମୃତିସବୁ ତାଙ୍କ ଭିତରେ ପୁଣି ଜୀବନ୍ୟାସ ପାଇଗଲେ । ସବୁ ବୁଝୁଥିଲେ ବି ସେ ସେଥିରୁ ମୁକୁଳି ପାରିଲେ ନାହିଁ । ତାଙ୍କର ମନେ ପଡ଼ିଗଲା ମା'ଙ୍କର ସେଇ ରୂପ, କଳା କଳା ଆଖିର ସ୍ନେହଭରା ଚାହାଣି, ପିଲାଦିନର କାହାଣୀ କୁହା । ମନେ ପଡ଼ିଗଲା ଜଗନ୍ମାତାଙ୍କର ଦୈବବାଣୀ – ''ଅନେକ ମାତୃହୃଦୟର କୋମଳତା ଏକାଠି କରି ମୁଁହିଁ ଜନ୍ମ ପରେ ଜନ୍ମ ତୋର ଦେଖା ଶୁଣା କରି ଆସୁଛି । ...'' ନିଶ୍ଚିତ ହେଲେ ମା' ତାଙ୍କର ସତରେ ଦେବୀ-ସ୍ୱରୂପା । ଆଖିରୁ ତାଙ୍କର ଝରି ଆସିଲା ଆନନ୍ଦର ଅଶ୍ରୁ, ସ୍ମୃତିର ତର୍ପଣ । ନୀରବରେ ପ୍ରଣାମ ଜଣାଇ କବଚ ଓ ଚିଠିକୁ ସାଇତି ରଖିଲେ । ସବୁଦିନ ପାଇଁ ସାଇତି ରଖିଲେ ମା'ଙ୍କର ଶେଷ ଆଶୀର୍ବାଦ ଟିକକୁ ।

(କ୍ରମଶଃ)

### ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୩)

# ସଂସାର ନୁହେଁ ସନ୍ନ୍ୟାସ

## ସନ୍ତୋଷ କୁମାର ରଥ

ସକାଳକୁ ଅପେକ୍ଷା କରି ରାତି ସାରା ଆଖିକୁ ନିଦ ନ ଥାଏ । କେତେ ଯୋଜନା, କେତେ କଳ୍ପନା ଜଳ୍ପନା । ଯେଉଁ ଗୁରୁଙ୍କର ମୁଖ ମଣ୍ଡଳକୁ ବାରଂବାର ସ୍ୱପ୍ନରେ ଦେଖୁଥା'ନ୍ତି, ସେ ଯେ ତୁଷାର ମଣ୍ଡିତ ହିମାଳୟରେ ପ୍ରାପ୍ତ ହେବେ, ଏ ବୋଧକୁ ଏଡାଇ ଦେବା ପାଇଁ କିନ୍ତୁ କୌଣସି ଭାବନା ତାଙ୍କ ମନରେ ସେ ଯାଏଁ ସ୍ଥାନ ପାଇ ନ ଥାଏ । ସଂକଳ୍ପ ଅଚଳ, ଅଟଳ । ଦୃଢ଼ ପ୍ରତ୍ୟୟ ହୋଇ ସ୍ଥିର କଲେ, ଆଉ ଡେରି କରି ଲାଭ ନାହିଁ । ନୀରବରେ ଅନୁଭବ କଲେ ଆଧାତ୍ମିକ ଶକ୍ତି ସଂମ୍ପନ୍ନ କବଚଟିର ସ୍ପନ୍ଦନକୁ । ସବୁଦିନ ରାତିରେ ସେହି କବଚ ଡେଣାରେ ବସି ସେ ବହୁ ଦୂରକୁ ଯାତ୍ରା କରନ୍ତି, ପାଆନ୍ତି ଅସୀମ ଆନନ୍ଦ । ହେଲେ ସେଇ ସୀମାହୀନ ଆନନ୍ଦର ପ୍ରାପ୍ତି ପାଇଁ ଗୁରୁଦେବ ତାଙ୍କୁ ନିଶ୍ଚୟ ଏବେ ସାହା ହେବେ । ସବୁ ଯୋଜନା ତାଙ୍କର ନିଶ୍ଚୟ ସିଦ୍ଧ ହେବ । ବିଶ୍ୱାସକୁ ଆପଣେଇ ନେଲେ ବାଳକ ଯୋଗାନନ୍ଦ ।

ପାହାନ୍ତା ପହର । ରାସ୍ତାରେ ଶୁଭିଲା ଘୋଡ଼ା ଗାଡ଼ି ଚକର ଶବ୍ଦ । କାନ ଡେରିଲେ, ଶବ୍ଦଟି ହଠାତ୍ ଆଗେଇ ଯାଇ ଥମିଗଲା, ମନେହେଲା ଗାଡ଼ିଟି ଅଳ୍ପଦୂର ଯାଇ ଅଟକି ରହିଲା । ଆଶ୍ୱସ୍ତ ହେଲେ । ''ତୁ କୌଣସି ଆଳ ଦେଖାଇ କ୍ଲାସ୍ ଛାଡ଼ି ଚାଲି ଆସିବୁ । ଘୋଡ଼ା ଗାଡ଼ିଟିଏ ଭଡ଼ା କରିବୁ । ଗଳିରେ ଗାଡ଼ିଟିକୁ ଏପରି ଯାଗାରେ ରଖିବୁ ଯେ ଆମ ଘରେ ଯେମିତି କେହି ତୋତେ ଦେଖି ପାରିବେ ନାହିଁ''– ଭାବି ଦେଖିଲେ, ଅମର ତାହାହେଲେ ଗତକାଲିର ତାଙ୍କ ଯୋଜନାକୁ ଠିକ୍ ଠିକ୍ ମନେ ରଖିଛି । ଏବେ ଆଉ ବିଳମ୍ବର ପ୍ରୟୋଜନ ନାହିଁ । କଲିକତାର ଗଳିରେ ସେତେବେଳକୁ ଗହଳି ଜମାଟ ବାନ୍ଧି ନ ଥାଏ । ଯୋଗକୁ ପୁଣି ସକାଳୁ ଅସରାଏ ଅସରାଏ ବର୍ଷା । ତିନି ମହଲା କୋଠା ଉପରୁ ଝରକା ବାଟ ଦେଇ ପୂର୍ବ ପ୍ରସ୍ତୁତ ଗଣ୍ଠିରିଟି ରାସ୍ତାକୁ ପକାଇ ଦେଲେ । ଗଣ୍ଠିରିଟିରେ ଥିଲା ଗୋଟାଏ କମ୍ବଳ, ହଳେ ଚପଲ, ଦୁଇଟା କୌପୁନି, ଗୋଟିଏ ଜପମାଳା, ଲାହିଡ଼ୀ ମହାଶୟଙ୍କର ଫଟୋ ଏବଂ ଖଣ୍ଡେ ଭଗବତ୍ ଗୀତା । ଦୌଡ଼ି ଦୌଡ଼ି ଶିଡ଼ିରୁ ଓହ୍ଲାଇ ଆସିବା ବେଳେ ସାମ୍ନାରେ ହାବୁଡ଼ି ଗଲେ କକେଇ । କକେଇ ମାଛ ମୂଲଚାଲରେ ମନ ଦେଇଥିଲେ ବି ଟିକିଏ ସନ୍ଦେହମିଶା ଗଳାରେ ପଚାରିଦେଲେ – ''ଏତେ ତରତର କ'ଣ ପାଇଁ ?''

କିଛି ନ ଜାଣିଲା ଭଙ୍ଗୀରେ ଗଳି ଭିତରୁ ଗଣ୍ଠିରିଟି ଉଠାଇ ବଡ଼ ସାବଧାନରେ ଯୋଗାନନ୍ଦ ଘୋଡ଼ାଗାଡ଼ିରେ ବସି ପଡ଼ିଲେ ଅମର ସହିତ । ଗାଡ଼ି ଆଗେଇ ଚାଲିଲା ଚାନ୍ଦିନୀ ଚୌକ ଆଡ଼କୁ । ଚାରିଆଡ଼କୁ କିନ୍ତୁ ତୀକ୍ଷ୍ଣ ଦୃଷ୍ଟି ରଖିଥାଆନ୍ତି । କାଳେ ପ୍ରିୟଜନଙ୍କ ହାବୁଡ଼ରେ ପଡ଼ିଯିବେ ବୋଲି । ବେଶୀ ଡ଼ର ତାଙ୍କର ବଡ଼ ଭାଇଙ୍କୁ । ବହୁ ଦିନରୁ ଜଳଖିଆ ନ ଖାଇ ସଞ୍ଚିଥିବା ପଇସାରେ କିଣା ହେଲା ବିଲାତି ପୋଷାକ ତିନି ହଳ, ଆଃ, କି ଆନନ୍ଦ । ଇଉରୋପୀୟ ପୋଷାକ ପରିଧାନ ପରେ ବନ୍ଧୁ ଦୁଇଜଣ ପରସ୍ପରକୁ ଛଦ୍ମବେଶୀ ବିଲାତି ବୋଲି ସନ୍ଦେହ କରିବାକୁ ମଧ୍ୟ ଭୁଲିଗଲେ ।

ଷ୍ଟେସନ୍‌କୁ ଯିବା ରାସ୍ତାରେ ଯତୀନ୍ ସେମାନଙ୍କ ସହିତ ଯୋଗ ଦେଲେ, ଯତୀନ୍ ଥିଲେ ଯୋଗାନନ୍ଦଙ୍କର କକେଇ ପୁଅ ଭାଇ ଏବଂ ହିମାଳୟ ଯାଇ ଗୁରୁ ପାଇବା ଆଶାରେ ସେ ବି ସ୍ୱପ୍ନ ଦେଖୁଥିଲେ । ନବ ଦୀକ୍ଷିତ ବିଲାତିଙ୍କ ହାଓ୍ୱାରେ ସେ ମଧ୍ୟ ନିଜର ରୂପକୁ ବଦଳାଇ ଦେଲେ । ହଠାତ୍ ଯୋଗାନନ୍ଦଙ୍କ ମନରେ ଏକ ଅଦ୍ଭୁତ ଭାବ ଜାତ ହେଲା । ଏମିତି ଏକ ପବିତ୍ର ଯାତ୍ରାରେ ମୃତଜୀବ ଜନ୍ତୁଙ୍କ ଚମଡ଼ାରେ ତିଆରି ଜିନିଷ ପାଖରେ ରଖିବାକୁ ତାଙ୍କ ମନ ବଳିଲାନି । ସେ ସଙ୍ଗେ ସଙ୍ଗେ ତାଙ୍କ ଭଗବତ୍ ଗୀତା ବହିରୁ ଚମଡ଼ା ଖୋଳ ଏବଂ ଇଂଲିଶ୍ ସୋଲ ଟୋପିରୁ ଚମଡ଼ାର ଫିତା କାଢ଼ି ଫିଙ୍ଗିଦେଲେ ।

ବେଶ୍ ସତର୍କତାର ସହ ବନ୍ଧୁ ତିନିଜଣ ଷ୍ଟେସନ୍‌ରେ ପହଞ୍ଚିଗଲେ । ସେଠାରୁ ବର୍ଦ୍ଧମାନ ଯାଇ ତା'ପରେ ହରିଦ୍ୱାର ଯିବା ପାଇଁ ମନସ୍ଥ କଲେ । ଚଳନ୍ତା ଗାଡ଼ିର ପାର୍ଶ୍ୱସ୍ଥ ପ୍ରାକୃତିକ ଦୃଶ୍ୟରେ ଅନ୍ୟ ଦୁଇଜଣ ବିଭୋର ହୋଇ ଉଠୁଥିବା ବେଳେ ଯୋଗାନନ୍ଦ ଦେଖୁଥିଲେ ଭବିଷ୍ୟତର ଦୃଶ୍ୟ – ହିମାଳୟର ମହାନ୍ ଗୁରୁମାନେ ସେମାନଙ୍କୁ ଦୀକ୍ଷା ଦେବେ । ସେମାନେ ସମାଧି ସୁଖ ଅନୁଭବ କରିବେ । ସେମାନଙ୍କ ଶରୀରରେ ଏଭଳି

ଅଦ୍ଭୁତ ଶକ୍ତି ସୃଷ୍ଟି ହେବ ଯେ ହିମାଳୟର ବନ୍ୟଜନ୍ତୁ ସେମାନଙ୍କ ନିକଟରେ ପୋଷା ଜୀବ ଭଳି ବିଚରଣ କରିବେ । ବାଘମାନେ ବିରାଡ଼ି ପରି ଆଦର ପାଇବା ପାଇଁ ଅପେକ୍ଷା କରି ରହିବେ ।

ଅନେକ ସମୟର ନୀରବତାକୁ ଭଙ୍ଗ କରି ଯତୀନ୍ ଏକ ପ୍ରସ୍ତାବ ଉପସ୍ଥାପନା କଲେ – ଚାଲ ଆମ ପାଖରେ ଥିବା ଟଙ୍କାକୁ ଆମେ ତିନି ଭାଗ କରିଦେବା । ବର୍ଦ୍ଧମାନ ଷ୍ଟେସନ୍‌ରୁ ସମସ୍ତେ ନିଜ ନିଜ ଟିକେଟ୍ କିଣିବା । ଯାହାଫଳରେ ଆମେ ଯେ ଲୁଚିକରି ପଳାଇ ଯାଉଛୁ ସେ କଥା କାହାରି ନଜରକୁ ଆସିବ ନାହିଁ । ପ୍ରସ୍ତାବଟି ଅନ୍ୟ ଦୁଇଜଣ ବନ୍ଧୁଙ୍କ ଦ୍ୱାରା ଗୃହୀତ ହୋଇଗଲା । ଅଳ୍ପ ସମୟ ପରେ ଟ୍ରେନ୍ ବର୍ଦ୍ଧମାନ ଷ୍ଟେସନ୍‌ରେ ପହଞ୍ଚିଲା ଏବଂ ସମସ୍ତେ ନିଜ ନିଜ ଟିକେଟ୍ କିଣିବା ଲାଗି ତତ୍ପର ହୋଇ ଉଠିଲେ । ବେଳ ସେତେବେଳକୁ ମୁହଁସଞ୍ଜ । ଜାକୁଜାକୁଆ ଅନ୍ଧାର ଚାରିଆଡୁ ଘୋଡ଼େଇ ଆସୁଥାଏ ଷ୍ଟେସନ୍‌ର ବତିଖୁଣ୍ଟ ଆଡ଼କୁ । ସେଇ ଅଳ୍ପ ଅନ୍ଧାର ଭିତରେ ଯତୀନ୍ ଯେ କୁଆଡ଼େ ନିଖୋଜ ହୋଇଗଲେ, ସେ କଥା କେହି ବୁଝିପାରିଲେ ନାହିଁ । ବହୁତ ଖୋଜିଲେ, ପଚରାଉଚରା କଲେ, ହେଲେ ତାଙ୍କର କୌଣସି ପତ୍ତା ପାଇଲେ ନାହିଁ ।

ଶେଷକୁ ପଳାୟନ ପାଇଁ ତାଙ୍କ ଚତୁର ପ୍ରସ୍ତାବର ଅର୍ଥ ବୁଝିପାରିଲେ । କିନ୍ତୁ ଯୋଗାନନ୍ଦଙ୍କ ସରଳ ବିଶ୍ୱାସରେ ଏକ ବିରାଟ ଆଘାତ ଲାଗିଲା । ସେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ । ଭାବିଲେ ତାଙ୍କ ହିମାଳୟ ଯାତ୍ରା ପାଇଁ ଏହା ଏକ ଅଶୁଭ ସଂକେତ । ବିଫଳତାହିଁ ବୋଧେ ବିଧି ନିର୍ଦ୍ଦିଷ୍ଟ ।

''ଏହା କ'ଣ ତୋର ଭଗବତ୍ ପ୍ରେମ ? ଜଣେ ବିଶ୍ୱାସଘାତକ ବନ୍ଧୁର ଏହି ସାମାନ୍ୟ ପରୀକ୍ଷାରେ ତୁ ଉତ୍ତୀର୍ଣ୍ଣ ହୋଇ ପାରିବୁ ନାହିଁ ?'' ଅମରର ଦୃଢ଼ୋକ୍ତିରେ ଯୋଗାନନ୍ଦ ଫେରିପାଇଲେ ସଂବିତ୍ । ବିନା ଦ୍ୱିଧାରେ ପୂର୍ବ କଳ୍ପିତ ଯୋଜନା ଅନୁଯାୟୀ ବରେଲି ଦେଇ ହରିଦ୍ୱାର ଯିବା ପାଇଁ ଦୁହେଁ ଟ୍ରେନ୍‌ରେ ବସିଲେ । ପରଦିନ ମୋଗଲସରାଇ ଷ୍ଟେସନ୍‌ରେ ଗାଡ଼ି ବଦଳାଇବା ପାଇଁ ପ୍ଲାଟଫର୍ମରେ ବୁଲୁଥିବା ବେଳେ ଜଣେ ଇଉରୋପୀୟ ରେଳବାଇ ଅଫିସରଙ୍କ ସନ୍ଦେହ ଦୃଷ୍ଟି ପଡ଼ିଲା ଦୁଇଜଣଙ୍କ ଉପରେ । ଅଫିସର୍ ଜଣକ ଟିକିଏ ଧମକପୂର୍ଣ୍ଣ କଣ୍ଠରେ ପଚାରିଲେ, ''ଏବେ ସତ କହିଦିଅ, ତୃତୀୟ ବାଳକ ଜଣକ କାହିଁ ?''

ଜଣେ ଅପରିଚିତ ବ୍ୟକ୍ତିଙ୍କର ଏଭଳି ଅଚାନକ ପ୍ରଶ୍ନକୁ ଅସଙ୍ଗତ ମନେ କରି ଅମର ବଡ଼ ବେଖାତିର କରି କହିଲେ, ''ମହାଶୟ ! ଆପଣ ଯେ ଚଷମା ପିନ୍ଧିଛନ୍ତି ତାହା ମୁଁ ଦେଖିପାରୁଛି । ହେଲେ ଆପଣ କ'ଣ ଦେଖିପାରୁ ନାହାନ୍ତି ଆମେ କେବଳ ଦୁଇଜଣ ? ମୁଁ ଯାଦୁକର ନୁହେଁ ଯେ ତୃତୀୟ ବାଳକଟିଏ କୁଆଡୁ ସୃଷ୍ଟି କରିଦେଇ ପାରିବି ।''

ନିଜକୁ ବୟୋଜ୍ୟେଷ୍ଠ ଓ ସବ୍‌ଜାନତା ମଣୁଥିବା ଅଫିସର୍ ଜଣକ ବାଳକର ଔଦ୍ଧତ୍ୟରେ ଅପ୍ରତିଭ ହୋଇ ପଡ଼ିଲେ । ତଥାପି ସେସବୁକୁ ନିଜ ଭିତରେ ଚାପିରଖି ଚଡ଼ାଗଳାରେ ପଚାରିଲେ – ''ତୁମର ନାଁ କ'ଣ ?''

''ମୋତେ ଥୋମାସ୍ ବୋଲି ଡାକନ୍ତି । ମୋର ମା' ଜଣେ ଇଂରେଜ ଏବଂ ବାପା ଜଣେ ଭାରତୀୟ ଖ୍ରୀଷ୍ଟିଆନ୍''– ଉତ୍ତର ପାଇଲେ ।

''ତୁମର ବନ୍ଧୁଙ୍କର ନାଁ କ'ଣ ?'

ଅନତି ବିଳମ୍ବରେ ଅମର ଉତ୍ତର ଦେଲେ – ''ମୁଁ ତାକୁ ଥମସନ୍ ବୋଲି ଡାକେ ।''

ଯୋଗାନନ୍ଦ ବଡ଼ ଶିଷ୍ଟତାର ସହ ଏସବୁ ଶୁଣୁଥା'ନ୍ତି ଓ ମନେ ମନେ ଆନନ୍ଦିତ ହେଉଥା'ନ୍ତି ଅମରର ସାହସିକତା ଓ ପ୍ରତ୍ୟୁତ୍ପନ୍ନମତିତା ପାଇଁ । ଯୋଗକୁ ଗାଡ଼ି ଛାଡ଼ିବ ବୋଲି ହୁଇସିଲ୍ ମାରିବାରୁ ସମସ୍ତେ ତତ୍ପର ହୋଇ ଉଠିଲେ । ଅମରର ସ୍ୱଷ୍ଟୋକ୍ତିରେ ଅଫିସର୍ ଜଣକ ସେତେବେଳକୁ ସନ୍ଦେହମୁକ୍ତ ହୋଇ ସାରିଥା'ନ୍ତି ଯେ ସେମାନେ ନିରୁଦ୍ଦିଷ୍ଟ ବାଳକମାନଙ୍କ ଅନ୍ତର୍ଭୁକ୍ତ ନୁହନ୍ତି । ତେଣୁ ଏଭଳି ଅଧା ଇଉରୋପୀୟ ବାଳକ ଦୁଇଜଣ ଦେଶୀ ଲୋକଙ୍କ ଡବାରେ ବସି ଯାତ୍ରା କରିବାକୁ ଅସଙ୍ଗତ ମଣି, ସେ ସେମାନଙ୍କୁ ନେଇ ଇଉରୋପୀୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଡବାରେ ବସାଇଦେଲେ । ଟ୍ରେନ୍ ଛାଡ଼ିବା ପରେ ଅମର ବୁଦ୍ଧିକୁ ତାରିଫ୍ କରି ଯୋଗାନନ୍ଦ ହୋ ହୋ କରି ହସିବାକୁ ଲାଗିଲେ । ବୁଝିଗଲେ ଭୁଲ୍‌ଟା ପ୍ରକୃତରେ ସେହିଁ କରିଛନ୍ତି । ଚିହ୍ନ ଦିଆହୋଇ ଟ୍ରେନ୍ ସମୟ ନିର୍ଘଣ୍ଟ ପୁସ୍ତିକାଟିକୁ ସଙ୍ଗରେ ନ ଆଣି ଘରେ ଛାଡ଼ି ଆସିଥିବାରୁ ତାଙ୍କ ବଡ଼ ଭାଇ ସେଇଟିକୁ ପାଇ ସବୁକିଛି ଠଉରେଇ ନେଇଛନ୍ତି ଏବଂ ପ୍ରତି ଷ୍ଟେସନ୍‌କୁ ଟ୍ରେଲିଗ୍ରାମ୍ କରି ଜଣାଇ ଦେଇଛନ୍ତି ଯେ ତିନିଜଣ ବଙ୍ଗାଳୀ ପିଲା ବିଲାତି ପୋଷାକ ପିନ୍ଧି ମୋଗଲସରାଇ ଦେଇ ହରିଦ୍ୱାର ପଳାଇ ଯାଉଛନ୍ତି, ସେମାନଙ୍କୁ ଅଟକାଇ ରଖିପାରିଲେ ଯଥେଷ୍ଟ ପୁରସ୍କାର ଦିଆଯିବ । ଅମର ସେଇ ଟେଲିଗ୍ରାମଟି ଅଫିସରଙ୍କ ହାତରେ ଥିବା ବେଳେ କୌଶଳରେ ପଢିନେଇଥିବା କଥା ଅଫିସରଙ୍କୁ କିନ୍ତୁ ଅଗୋଚର ଥିଲା ।

ରାତି ସେତେବେଳକୁ ଅଧା । ନିଦ୍ରିତ, ଅର୍ଦ୍ଧନିଦ୍ରିତ ଯାତ୍ରୀମାନଙ୍କୁ ଧରି ଟ୍ରେନ୍ ଆଗେଇ ଚାଲିଥାଏ । ହଠାତ୍ ଡବା ଭିତରେ ଜଣେ ରେଳ କର୍ମଚାରୀଙ୍କ ମୁହଁରେ 'ଥୋମାସ୍' ଓ 'ଥମସନ୍' ଶବ୍ଦ ଦୁଇଟି ଶୁଣି ସେମାନେ ଟିକିଏ ଚକିତ ହୋଇ ଉଠିଲେ । ହେଲେ ଆହୁରି ଗାଢ଼ ନିଦରେ ଶୋଇ ଯିବାର ବାହାନା ଦେଖାଇ ବିପଦକୁ ଚଳନ୍ତା ଗାଡ଼ିର ତଳକୁ ଠେଲି ଦେଲେ । ଗାଡ଼ି ହରିଦ୍ୱାରରେ ପହଞ୍ଚିଲା । ଇଉରୋପୀୟ ଛଦ୍ମବେଶ ସମ୍ବନ୍ଧରେ ଜଣା ପଡ଼ିଯାଇ ଥିବାରୁ ବହୁତ ଶୀଘ୍ର ପୋଷାକ ବଦଳାଇ ହରିଦ୍ୱାର ତ୍ୟାଗ କରିବାକୁ ସେମାନେ ଉଚିତ ମଣିଲେ । ତେଣୁ ସେଠାରେ ଋଷିକେଶ ଯାତ୍ରା ପାଇଁ ଟିକେଟ କାଟି ଗାଡ଼ି ଚଢ଼ିବାକୁ ଯାଉଛନ୍ତି, ଜଣେ ପୁଲିସ କର୍ମଚାରୀ ବଡ଼ ପାଟିରେ ଅଟକିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଲେ । ସେଇ ଅଫିସର୍ ଜଣକ ସେମାନଙ୍କୁ ପୋଲିସ୍ ଷ୍ଟେସନ୍‌ର ବଙ୍ଗଳାକୁ ନେଇଗଲେ ଏବଂ ତାଙ୍କଠାରୁ ସମସ୍ତ ଟଙ୍କା କାଢ଼ିନେଲେ । ସେମାନଙ୍କର ବଡ଼ଭାଇ ଆସି ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କୁ ଅଟକାଇ ରଖିବା ତାଙ୍କର କର୍ତ୍ତବ୍ୟ ବୋଲି ବଡ଼ ଭଦ୍ରତା ସହକାରେ ଜଣାଇଲେ । ହେଲେ ପଳାତକମାନଙ୍କର ଗନ୍ତବ୍ୟସ୍ଥଳ ଯେ ହିମାଳୟ ଏବଂ ଅନ୍ୱେଷଣ ସଦ୍‌ଗୁରୁ ପ୍ରାପ୍ତି ଏକଥା ଜାଣି ଅଫିସର୍ ଜଣକ ଅତି ଖୁସିରେ ଡାକି ନିଜ ଜୀବନର ଗୋଟିଏ ବିସ୍ମୟକର ଘଟଣା ବର୍ଣ୍ଣନା କଲେ ।

''... ମୁଁ ଓ ମୋର ଜଣେ ବନ୍ଧୁ ଜଣେ ଖୁଣୀ ଆସାମୀର ସନ୍ଧାନରେ ସତର୍କ ଦୃଷ୍ଟିରଖି ଦୁହେଁ ଗଙ୍ଗା ନଦୀ କୂଳରେ ପଇଁତରା ମାରୁଥିଲୁ । ଜୀବିତ ଅଥବା ମୃତ ଅବସ୍ଥାରେ ତାକୁ ପାଇବା ପାଇଁ ଆମକୁ କଡ଼ା ନିର୍ଦ୍ଦେଶ ଥିଲା । ଆମେ ଖବର ପାଇଥିଲୁ ଯେ ଯାତ୍ରୀମାନଙ୍କୁ ଲୁଟିବା ପାଇଁ ସେହି ଆସାମୀ ଜଣକ ସାଧୁଙ୍କ ଛଦ୍ମବେଶ ଧରି ବୁଲୁଥିଲା । ଆମଠାରୁ ଅଳ୍ପ କେତେ ଗଜ ଦୂରରେ ଜଣେ ସାଧୁଙ୍କୁ ଦେଖିଲୁ ଯାହାଙ୍କର ଚେହେରାରେ ସେଇ ଅପରାଧୀର ଚେହେରା ସହିତ ବହୁ ସାମ୍ୟ ଥିଲା । ଆମର ସନ୍ଦେହ ହେଲା ଏ ନିଶ୍ଚୟ ସେହି ଛଦ୍ମବେଶୀ ଅପରାଧୀ । ତାକୁ ଅଟକିବା ପାଇଁ ଆଦେଶ ଦେଲୁ । କିନ୍ତୁ ସେ ଆମ ଆଦେଶକୁ ଭ୍ରୁକ୍ଷେପ କଲା ନାହିଁ । ତାକୁ କାବୁ କରିବା ପାଇଁ ଆମେ ଦୁହେଁ ଦୌଡ଼ିଲୁ । ତା'ର ପଛପଟୁ ଯାଇଁ ମୁଁ ଖୁବ୍ ଜୋର୍‌ରେ ମୋର ଫାର୍ସାରେ ତାକୁ ଚୋଟେ ପକାଇଲି । ଲୋକଟାର ଡାହାଣ ହାତ ତା'ର ଶରୀରରୁ ପ୍ରାୟ ସମ୍ପୂର୍ଣ୍ଣ ରୂପେ ଖସିଗଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, କୌଣସି ଚିତ୍କାର ନ କରି କିଂବା ତା'ର ଭୟାନକ କ୍ଷତ ପ୍ରତି ଦୃଷ୍ଟି ନ ଦେଇ ସେ ବେଶ୍ ସ୍ୱାଭାବିକ ଢଙ୍ଗରେ ଚାଲିବାକୁ ଲାଗିଲା । ଆମେ ତା'ର ସାମ୍ନାକୁ ଡେଇଁ ପଡ଼ିବାରୁ ସେ ଧୀର ଭାବରେ କହିଲା, 'ତୁମେ ଯେଉଁ ଖୁଣୀ ଆସାମୀକୁ ଖୋଜୁଛ, ମୁଁ ସେହି ଲୋକ ନୁହେଁ ।'

''ଜଣେ ଦେବପ୍ରତିମ ମହାତ୍ମାକୁ ଆଘାତ କରିଛି ଜାଣି, ମୁଁ ଗଭୀର ଦୁଃଖରେ ତାଙ୍କ ଗୋଡ଼ ତଳେ ଲମ୍ବା ହୋଇ ପଡ଼ି କ୍ଷମା ଭିକ୍ଷା କଲି । ମୋ ଆଡ଼କୁ କୃପା ଦୃଷ୍ଟିରେ ସେ ଚାହିଁ କହିଲେ, 'ବତ୍ସ ! ତୁମ୍ଭକୃତ ଅପରାଧର କାରଣ ମୁଁ ବୁଝିପାରୁଛି । ନିଜକୁ ଧିକ୍କାର କର ନାହିଁ । ତୁମେ ତୁମ ରାସ୍ତାରେ ଅଗ୍ରସର ହୁଅ । ସ୍ନେହମୟୀ ମା' ମୋର ସବୁ ଠିକ୍ କରି ଦେବେ । ଆଜିଠାରୁ ତିନିଦିନ ପରେ ଏଇଗଛ ମୂଳକୁ ଆସି ଦେଖିବ ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ଯାଇଥିବି ।'

''ତାହାହିଁ ହେଲା । ସାଧୁ ସେହିଠାରେ ଥିଲେ । ସେ ଆମକୁ ତାଙ୍କ ବାହୁ ପରୀକ୍ଷା କରିବା ପାଇଁ କହିଲେ । ସେଥିରେ କୌଣସି କ୍ଷତ ବା ଆଘାତର ଚିହ୍ନ ନ ଥିଲା । ସେ ଆମ ଦୁହିଙ୍କୁ ଆଶୀର୍ବାଦ କରି ଋଷିକେଶ ଛାଡ଼ି ହିମାଳୟ ଚାଲିଗଲେ । ମୁଁ ଅନୁଭବ କରିଛି ଯେ ତାଙ୍କର ପବିତ୍ରତା ମୋ ଜୀବନକୁ ଧନ୍ୟ କରିଛି ।''

ଏଭଳି ଏକ ଅଲୌକିକ ଅଭିଜ୍ଞତା ଶୁଣି ଯୋଗାନନ୍ଦ ଆହୁରି ବିହ୍ୱଳ ହୋଇ ଉଠିଲେ । ସେ ଅମରକୁ କହିଲେ, ''ସୁଯୋଗ ପାଇଲେ ଚାଲ ଖସି ପଳାଇବା, ପାଦରେ ଚାଲି ଚାଲି ଆମେ ପବିତ୍ର ଋଷିକେଶ ପର୍ଯ୍ୟନ୍ତ ଯାଇପାରିବା ।''

''ଏପରି ବିପଦସଙ୍କୁଳ ଜଙ୍ଗଲୀ ରାସ୍ତାରେ ପାଦରେ ଚାଲିବା ଆରମ୍ଭ କଲେ ଆମର ଯାତ୍ରା ଶେଷ ହେବ ସାଧୁ ମହାତ୍ମାଙ୍କ ନିବାସରେ ନୁହେଁ, ବାଘମାନଙ୍କ ପେଟ ଭିତରେ ।''– ଅମରର ଉତ୍ତର ଥିଲା ବଡ଼ ଯୁକ୍ତିସଙ୍ଗତ ।

ତିନି ଦିନ ପରେ ଦୁଇ ବନ୍ଧୁଙ୍କର ବଡ଼ଭାଇମାନେ ଆସି ପହଞ୍ଚିଲେ । ଅମର ତା ଭାଇଙ୍କ ସହ ଦେଖା ହୋଇଯିବା ପରେ ପାରିବାରିକ ସ୍ନେହର ଉଷ୍ମତାରେ ବଶୀଭୂତ ହୋଇ ଫେରିଯିବାକୁ ମନସ୍ଥ କଲା । ଯୋଗାନନ୍ଦ କିନ୍ତୁ କୌଣସି ବିକଳ୍ପ ସହ ସାଲିସ କରିବାକୁ ପ୍ରସ୍ତୁତ ନ ଥା'ନ୍ତି । ତାଙ୍କ ବଡ଼ ଭାଇ ଅନନ୍ତଦା ବହୁତ ଅନୁନୟ ବିନୟ ହୋଇ ବୁଝାଇ ଚାଲିଥା'ନ୍ତି । ଶେଷରେ ସେ ଅଳ୍ପ କିଛି ଦିନ କଲିକତାରେ ଶୋକାତୁର ପିତାଙ୍କ ନିକଟରେ କଟାଇ, ପୁଣି ଗୁରୁ ଅନ୍ୱେଷଣ ଯାତ୍ରା ଆରମ୍ଭ କରିବାର ପ୍ରସ୍ତାବରେ ରାଜିହେଲେ ।

ଫେରିବା ବାଟରେ ବାରାଣସୀର ଜଣେ ଶାସ୍ତ୍ରୀ କି ପଣ୍ଡିତଙ୍କ ଘରେ ସମସ୍ତେ ଆତିଥ୍ୟ ଗ୍ରହଣ କଲେ । ତାଙ୍କର ପୁତ୍ର ଯୋଗାନନ୍ଦଙ୍କୁ ଦେଖି ହଠାତ୍ କହିଉଠିଲେ, – ''ଦୈବୀଶକ୍ତି ବଳରେ ମୁଁ ତୁମର ଭବିଷ୍ୟତ୍ ଦେଖିପାରୁଛି । ସାଧାରଣ ଦାୟିତ୍ୱମାନ ପରିତ୍ୟାଗ କରି ଯଦି ତୁମେ ପଳାଇଯିବା ପାଇଁ ଜିଦ୍ ଧର, ଭଗବାନଙ୍କୁ ତ ପାଇବ ନାହିଁ, ବରଂ କ୍ରମାଗତ ଭାବେ ଦୁର୍ଭାଗ୍ୟର ସମ୍ମୁଖୀନ ହେବ । ସାଂସାରିକ ଅନୁଭୂତି ବିନା ତୁମର ପୂର୍ବଜନ୍ମର କର୍ମଫଳ ଭୋଗ ସମାପ୍ତ ହେବ ନାହିଁ ।''

ଯୁବକଙ୍କର ଦାମ୍ଭିକ ଭବିଷ୍ୟତ୍ ବାଣୀ ଶୁଣି ଯୋଗାନନ୍ଦ ଟିକିଏ ବିଚଳିତ ହୋଇ ଉଠିଲେ । ତାଙ୍କର ଦୃଢ଼ ଆତ୍ମବିଶ୍ୱାସ କ୍ଷଣକ ପାଇଁ ଦୋହଲି ଉଠିଲା । ଅନ୍ତରରେ ସେ ଭଗବାନଙ୍କୁ ପ୍ରାର୍ଥନା ଜଣାଇଲେ – ''ଦୟାକରି ମୋ ଦ୍ୱନ୍ଦ୍ୱର ସମାଧାନ କର । ମୁଁ ସନ୍ନ୍ୟାସୀ ହେବି, ନା ସଂସାରୀ ଜୀବନ ଯାପନ କରିବି ?'' ପଣ୍ଡିତଙ୍କ ହତାର ଠିକ୍ ବାହାରେ ଜଣେ ସୌମ୍ୟକାୟ ସାଧୁ ଠିଆ ହୋଇଥିବାର ସେ ଦେଖିଲେ । ସାଧୁ ଜଣକ ଅତି ଆଦରରେ ତାକୁ ପାଖକୁ ଡାକି କହିଲେ, ''ବତ୍ସ ! ଏହି ଅଜ୍ଞାନ ବ୍ୟକ୍ତିର କଥା ଶୁଣ ନାହିଁ । ତୁମର ପ୍ରାର୍ଥନାର ଉତ୍ତରରେ ଭଗବାନ୍ ତୁମକୁ ନିଶ୍ଚିନ୍ତ ରହିବା ପାଇଁ ମୋତେ କହିଛନ୍ତି ଯେ ଏ ଜୀବନରେ ସଂସାର ତ୍ୟାଗର ପଥ ତୁମର ଏକମାତ୍ର ପଥ ।'' ଯୋଗାନନ୍ଦ ସାଧୁଙ୍କ କଥାରେ ଆଶ୍ୱସ୍ତ ହେଲେ ଏବଂ ସଂକଳ୍ପ କଲେ ସନ୍ନ୍ୟାସହିଁ ତାଙ୍କ ଜୀବନର ଧ୍ୟେୟ । ପରେ ସେ ଜାଣିଲେ ଯେ ତାଙ୍କ ବଡ଼ ଭାଇ ପଣ୍ଡିତଙ୍କ ପୁଅ ସହିତ ଏଭଳି ଏକ ଚତୁର ଯୋଜନା ଯିବା ସମୟରେ ଆଗରୁ ପ୍ରସ୍ତୁତ କରିଥିଲେ ।

କଲିକତାରେ ତାଙ୍କର ବାପା ପୁଅର ଫେରନ୍ତା ବାଟକୁ ବଡ଼ ଉତ୍କଣ୍ଠାର ସହ ଚାହିଁ ରହିଥା'ନ୍ତି, ଆଶା ଓ ନିରାଶାର ଦ୍ୱନ୍ଦ୍ୱ ଭିତରେ, ପିଲାମାନଙ୍କର ମା' ଛେଉଣ୍ଡଜନିତ ଦୁଃଖକୁ ଦୂରେଇ ଦେବା ପାଇଁ ସବୁ କଷ୍ଟକୁ ସେ ଆବୋରି ନିଅନ୍ତି ନିଜ ଉପରେ । ଗୁରୁଦେବଙ୍କୁ ପ୍ରାର୍ଥନା ଜଣାଉଥା'ନ୍ତି । ପୁଅକୁ ପାଇ ବଡ଼ ଖୁସୀ ହୋଇଗଲେ । ତାଙ୍କ ବୀଣାର ହଜିଲା ସୁରକୁ ସେ ଯେମିତି ଫେରି ପାଇଲେ । ପୁଅ ପାଖରେ ବିକଳ ହୋଇ ଅନୁରୋଧ କଲେ ହାଇସ୍କୁଲ ପଢ଼ା ଶେଷ ନ ହେବା ଯାଏଁ ସେ ଯେମିତି ଘର ଛାଡ଼ି ଆଉ ନ ଯାଏ ଏବଂ ତା'ର ସଂସ୍କୃତ ଶିକ୍ଷା ପାଇଁ ଋଷିପ୍ରତିମ ପଣ୍ଡିତ ସ୍ୱାମୀ କେବଳାନନ୍ଦଙ୍କୁ ଘରୋଇ ଶିକ୍ଷକ ରୂପେ ନିଯୁକ୍ତ କରିଦେଲେ ।

ଭଗବାନଙ୍କ ବିଧାନ ବଡ଼ ବିଚିତ୍ର । ମଣିଷ କ'ଣ କେବେ ବି ତାହା ପରିବର୍ତ୍ତନ କରିପାରିବ ? ଠିକ୍ ତାହାହିଁ ଘଟିଲା । ଫଳସବୁ ଓଲଟା ହେଲା । ସ୍ୱାମୀ କେବଳାନନ୍ଦ ଶୁଷ୍କ, ବୌଦ୍ଧିକ ଜ୍ଞାନ ଦେବା ପରିବର୍ତ୍ତେ ଯୋଗାନନ୍ଦଙ୍କୁ ଆଧ୍ୟାତ୍ମିକ ଦିଗରେ ଆହୁରି ପ୍ରବୁଦ୍ଧ କରାଇଲେ । ତାଙ୍କ ଭିତରର ଅଗ୍ନିକୁ ପ୍ରଜ୍ୱଳିତ କରାଇଲେ । ସେ ଯେ ଲାହଡ଼ୀ ମହାଶୟଙ୍କର ଜଣେ ଉଚ୍ଚକୋଟୀର ଶିଷ୍ୟ ଏକଥା ତାଙ୍କ ବାପାଙ୍କୁ ଜଣା ନ ଥିଲା । ସେ ନୀରବତାକୁ ବହୁତ ଭଲ ପାଆନ୍ତି । ଗୁରୁଦେବଙ୍କ କଥାକୁ ଉଦ୍ଧାର କରି ସବୁବେଳେ କୁହନ୍ତି, ''ଶବ୍ଦଗୁଡ଼ାକ ହେଲା କେବଳ ଖୋଳ । ଧ୍ୟାନବଳରେ ନିଜେ ଭଗବାନଙ୍କର ଆନନ୍ଦମୟ ସଂସ୍ପର୍ଶରେ ଆସି ଭଗବତ୍ ସତ୍ତାରେ ବିଶ୍ୱାସ କରିବା ହେଲା ସବୁଠାରୁ ବଡ଼ କଥା ।''

ଯୋଗାନନ୍ଦ ବେଳେ ବେଳେ ବସି ଭାବନ୍ତି । ହେଲେ ତାଙ୍କ ମନରେ ଆଉ ଦୁଃଖ ନାହିଁ । ବରଂ ଗୁରୁ ଅନ୍ୱେଷଣ ପାଇଁ ହିମାଳୟ ଯାତ୍ରାର ବିଫଳତାକୁ ସେ ଏବେ ପୂରାପୂରି ଭୁଲି ଗଲେଣି । ସ୍ୱାମୀ କେବଳାନନ୍ଦ ତାଙ୍କ ପାଇଁ ଆଉ ଜଣେ ସାଧାରଣ ଗୃହ ଶିକ୍ଷକ ନୁହନ୍ତି । ସେହିଁ ହେଉଛନ୍ତି ତାଙ୍କ ସନ୍ନ୍ୟାସ ଜୀବନର ଗୁପ୍ତ ପଥପ୍ରଦର୍ଶକ । ଆଉ ତାଙ୍କ ଯାତ୍ରାର ବିଫଳତାହିଁ ହେଉଛି ସଫଳତାର ମାର୍ଗ ପ୍ରସ୍ତୁତି ।

(କ୍ରମଶଃ)

❑❑❑

ଏହି ବର୍ଷଟି ଯାହା ମୋ ଲାଗି ଆରମ୍ଭ ହେବାକୁ ଯାଉଛି ତାହା ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ ଓ ଆସ୍ଥା ଏବଂ ଏକ ନିରବଚ୍ଛିନ୍ନ ଅଭୀପ୍ସାରେ ଗଠିତ ଏକ ନୂତନ ବର୍ଷର ଆରମ୍ଭ ହେଉ ।

– ଶ୍ରୀମା

## ଶ୍ରୀ ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୪)

# ପ୍ରଥମ ଦର୍ଶନ

## ସନ୍ତୋଷ କୁମାର ରଥ

ଜାଣୁଥିଲେ ବି ଦିନ ଗଡ଼ିଚାଲିଥାଏ । ହାତ ଗଣତିରେ ଆଉ ମାତ୍ର ସାତ ଦିନ । ସମସ୍ତଙ୍କର କୋକୁଆ ଭୟ । ଏତେ ଦିନର ଶ୍ରମ ଯେମିତି ବ୍ୟର୍ଥ ନ ହୁଏ, ଯାହା ଉପରେ ନିର୍ଭର କରୁଛି ଜୀବନର ଭବିଷ୍ୟତ୍, ଆଗାମୀ ସ୍ୱପ୍ନର ସୌଧ । ସେଥିପାଇଁ ଭୋକ, ଶୋଷ ଭୁଲି ହିନ୍ଦୁ ହାଇସ୍କୁଲର ପିଲାମାନେ ରାତି ଦିନ ଲାଗିଥା'ନ୍ତି । ହାଇସ୍କୁଲ୍ ପଢ଼ାର ଏ ଯେ ଅନ୍ତିମ ପରୀକ୍ଷା, ପାଠ ନ ପଢ଼ିଲେ ହେବ କେମିତି । ହେଲେ ନିର୍ଜନ ସ୍ଥାନମାନଙ୍କରେ ଭ୍ରମଣ, ଶ୍ମଶାନରେ ରାତ୍ରିଯାପନ, ମୁକୁନ୍ଦଙ୍କର (ଯୋଗାନନ୍ଦଙ୍କର ପିଲାଦିନର ନାମ) ଧାରାବାହିକତାରୁ ବାଦ୍ ପଡ଼ି ନ ଥାଏ । କ୍ଲାସ୍ ରୁମ୍ ଛାଡ଼ି ମାସ ପରେ ମାସ ସେ ଘୂରି ବୁଲିଛନ୍ତି ନଈଘାଟର କଡ଼େ କଡ଼େ, ନ ହେଲେ ନିଛାଟିଆ ମନ୍ଦିର ବେଢ଼ାରେ । ପାଠପଢ଼ାରେ ଖିଲାପ ହେବା କଥା ତାଙ୍କୁ ବେଶ୍ ଜଣାଥିଲା ମାତ୍ର ବାପାଙ୍କୁ ଦେଇଥିବା ପ୍ରତିଶ୍ରୁତି କଥା ସେ ଭୁଲି ନ ଥା'ନ୍ତି – ହାଇସ୍କୁଲ୍ ପଢ଼ା ତାଙ୍କୁ ଶେଷ କରିବାକୁ ହେବ ।

ପରୀକ୍ଷା ଏତେ ନିକଟରେ ଥାଇ ବି ସେ ଆଦୌ ଉଦ୍‌ବିଗ୍ନ ନୁହନ୍ତି । ତାଙ୍କର ନିତିଦିନର ଗତିବିଧି ଲକ୍ଷ୍ୟ କଲେ ଲାଗେ ସତେ ଯେମିତି ଗୋଟିଏ ଅଳସ ନଈର ଧାର । ସ୍ଥିର ଅଥଚ ପ୍ରବହମାନ । ସବୁକିଛି ସ୍ୱାଭାବିକ । ଗୋଟାଏ ଖିଆଲୀ ମୁହୂର୍ତ୍ତରେ ଥାକରୁ ବହି ଖଣ୍ଡିଏ ଆଣି ପଢ଼ିବାକୁ ଇଚ୍ଛା କଲେ । ସେଇଟି ଯେ ପଢ଼ା ବହିର ଅନ୍ତର୍ଭୁକ୍ତ, ତା ବି ନୁହେଁ । ପୃଷ୍ଠା ଓଲଟାଉ ଓଲଟାଉ ହଠାତ୍ ଆଖି ପଡ଼ିଗଲା ଧାଡ଼ି କେଇଟି ଉପରେ – ''ଈଶ୍ୱର ବିଶ୍ୱାସ ଫଳରେ ସବୁ ଅସାଧ କାର୍ଯ୍ୟ ସମ୍ଭବ, କେବଳ ଗୋଟିଏ ବିଷୟ ବାଦ୍ ଦେଇ – ପାଠ ନ ପଢ଼ି ପରୀକ୍ଷାରେ ପାସ୍ କରିବା ।'' ପଢ଼ା ସେଇଠି ଶେଷ ହୋଇଗଲା । ବିରକ୍ତିରେ ବହିଟି ଥାକରେ ରଖିଦେଇ ଭାବିଲେ – ଲେଖକଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସର ନିତାନ୍ତ ଅଭାବ । ବିଚରାର ରାତି ଦିନ ଉଜାଗର ରହି ଦୀପ ଜାଳି ପଢ଼ିବା ଉପରେ ନିଶ୍ଚୟ ଅଧିକ ବିଶ୍ୱାସ ରହିଛି ।

ପରଦିନ ଉପରଓଳି ଘୂରି ବୁଲୁଥିବା ବେଳେ ସହପାଠୀ ନାଣ୍ଟୁ ସହିତ ରାସ୍ତାରେ ଦେଖାହୋଇଗଲା । ନାଣ୍ଟୁ କ୍ଲାସର ସବୁଠାରୁ ମେଧାବୀ ଛାତ୍ର । ତା'ର ବନ୍ଧୁତ୍ୱପୂର୍ଣ୍ଣ ସମ୍ଭାଷଣରେ ମୁଗ୍ଧ ହେଇ ହୃଦୟ କଥା ଖୋଲି କହିଲେ, 'ଆରେ ନାଣ୍ଟୁ ! ସ୍କୁଲକୁ ନ ଯାଇ ମୁଁ ଏବେ ବଡ଼ ମୁସ୍କିଲ୍‌ରେ ପଡ଼ିଛି । ପରୀକ୍ଷା ଯେ ମୁଣ୍ଡ ଉପରେ ।''

ନାଣ୍ଟୁ କ'ଣ ଭାବିଲା କେଜାଣି, ଦୈବ ଆଶ୍ୱାସନା ପରି କହି ପକାଇଲା, ''ମୁକୁନ୍ଦ ! ଦେଖୁଛି ପରୀକ୍ଷା ପାଇଁ ତୁ ତା'ହେଲେ ଆଦୌ ପ୍ରସ୍ତୁତ ହୋଇ ନାହୁଁ । ତୋତେ ସାହାଯ୍ୟ କରିବା ବୋଧହୁଏ ମୋରହିଁ କାମ । ... ଠିକ୍ ଅଛି, ମୁଁ ବତାଉଥିବା ଉତ୍ତରଗୁଡ଼ିକ ମନେ ରଖିଲେ ବିନା ଦ୍ୱିଧାରେ ତୁ ପରୀକ୍ଷାରୁ ଉଦ୍ଧାର ପାଇଯିବୁ ।''

ଠିକ୍ ତାହାହିଁ ହେଲା । ମୁକୁନ୍ଦ ପ୍ରତିଦିନ ନାଣ୍ଟୁ ଘରକୁ ଯାଇ ଆଗାମୀ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଓ ତା'ର ଉତ୍ତର ନେଇ ଆସନ୍ତି । ଭଗବାନଙ୍କ ଉପରେ ତାଙ୍କର ଥାଏ ଗଭୀର ବିଶ୍ୱାସ । ଗୋଟିଏ ପରେ ଗୋଟିଏ ପରୀକ୍ଷା ଅତିକ୍ରାନ୍ତ ହେବାକୁ ଲାଗିଲା । କିନ୍ତୁ ସମୟ ଅଭାବରୁ ନାଣ୍ଟୁ ସଂସ୍କୃତ ପାଠ୍ୟକ୍ରମ ସମ୍ବନ୍ଧରେ କିଛି କହିବାକୁ ପୂରାପୂରି ଭୁଲି ଯାଇଥିଲା । ବ୍ୟାକୁଳ ହୃଦୟର ଭଗବାନଙ୍କୁ ପ୍ରାର୍ଥନା ଜଣାଇଲେ ମୁକୁନ୍ଦ । ପରଦିନ ପ୍ରାତଃଭ୍ରମଣ ସମୟରେ ନୂଆ ପଢ଼ା ପାଠକୁ ମନେ ପକାଉଥା'ନ୍ତି । ହଠାତ୍ ପାଦ ତଳେ ଛପା କାଗଜର କିଛି ଟୁକୁରା ଅଂଶ ତାଙ୍କ ଆଖିରେ ପଡ଼ିଲା । ତଳୁ ଉଠାଇନେଇ ଦେଖନ୍ତି ଦେବନାଗରୀ ଲିପିରେ କିଛି ସଂସ୍କୃତ ଶ୍ଳୋକ ଲେଖା ହୋଇଛି । କିନ୍ତୁ ସେଗୁଡ଼ିକର ଅର୍ଥ ବୋଧଗମ୍ୟ ନ ହେବାରୁ ଜଣେ ପଣ୍ଡିତଙ୍କ ପାଖକୁ ଯାଇ ସେସବୁ ବୁଝିନେଲେ । ଆଉ ସଂସ୍କୃତ ପରୀକ୍ଷାରେ ପାସ୍ କରିବା ପାଇଁ ତାହାହିଁ ସାହାଯ୍ୟ କରିଥିଲା ।

ଭଗବାନଙ୍କର କରୁଣା ଓ ନାଣ୍ଟୁର ସାହାଯ୍ୟ ବଳରେ ସର୍ବନିମ୍ନ ନମ୍ବର ରଖି ପରୀକ୍ଷାରେ ତାଙ୍କର ପାସ୍ ହୋଇଗଲା । ବାପାଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା ହୋଇଗଲା । ଭଗବାନଙ୍କୁ ଅଶେଷ କୃତଜ୍ଞତା ଜଣାଇଲେ । ପୂର୍ବ ସର୍ତ୍ତ ଅନୁଯାୟୀ ଏଥର ଆରମ୍ଭ ହେଲା ପ୍ରକାଶ୍ୟ ଭାବରେ ଘରଛାଡ଼ି ସନ୍ନ୍ୟାସ ହୋଇ ଯିବାର ଯୋଜନା । ହେଲେ ମନଟା ତାଙ୍କର କୋହରି ଉଠିଲା –

ସାନ ଭାଇଭଉଣୀଙ୍କର ମମତା, ବାପାଙ୍କ ସ୍ନେହ, ଘରର ଆକର୍ଷଣ ସବୁକିଛିକୁ ସବୁଦିନ ପାଇଁ ଛାଡ଼ି ଦେବାକୁ ହେବ । ଧାଇଁ ଗଲେ ଶିଡ଼ି ଉପରର ଛୋଟ ପୂଜା ଘରକୁ । ସେଇଠି ବସି ମା'କୁ ମନେ ପକାଇ ବହୁତ କାନ୍ଦିଲେ । ତା'ର ସେଇ କଳା କଳା ଆଖି ଦୁଇଟାର ଦରଦ, ପଣତ ପୋଛା ଆଦର, ଗୁରୁଦେବଙ୍କ ପାଖରେ ସଅଁପି ଦେବାର ଭାବ, ସବୁ ଗୋଟି ଗୋଟି ହୋଇ ତାଙ୍କର ମନେ ପଡ଼ିଗଲା । ଯେତେ ଚେଷ୍ଟା କଲେ ବି ସେ ବନ୍ଦ କରିପାରିଲେନି ନିଜର କୋହକୁ । ଦୀର୍ଘ ଦୁଇଘଣ୍ଟା ପରେ ହଠାତ୍ ତାଙ୍କର ମନେ ହେଲା ତାଙ୍କ ଆଖିର ଲୁହ ସତେ ଯେମିତି ଧୋଇ ପୋଛି ଦେଇଛି ତାଙ୍କର ସବୁ ମୋହ-ମାୟାକୁ । ବର୍ଷା ପରର ଆକାଶ ପରି ସବୁକିଛି ପରିଷ୍କାର । ସେ ଗୋଟାଏ ଭିନ୍ନ ମଣିଷ ପାଲଟି ଯାଇଛନ୍ତି । ସବୁ ବନ୍ଧୁଙ୍କର ବନ୍ଧୁ । ସବୁଠାରୁ ଶ୍ରେୟଃ ଯେଉଁ ଈଶ୍ୱର, ତାଙ୍କରି ଅନୁସନ୍ଧାନ ପାଇଁ ତାଙ୍କୁ ଏବେ ଦୃଢ଼-ସଂକଳ୍ପ ନେବାକୁ ହେବ । ଆରମ୍ଭ କରିବାକୁ ହେବ ଅନ୍ୱେଷଣର ଯାତ୍ରା ।

ମନକୁ ଦୃଢ଼ କରି ଆଶୀର୍ବାଦ ନେବା ପାଇଁ ବାପାଙ୍କ ଆଗରେ ଯାଇ ଠିଆ ହେଲେ । ବାପା ଅତ୍ୟନ୍ତ ବ୍ୟଥିତ ହୋଇ କହିଲେ, ''ମୁଁ ମୋର ଶେଷ ଅନୁରୋଧ ଟିକକ ତୋତେ ଜଣାଉଛି । ତୁ ମୋତେ ଏବଂ ତୋର ଶୋକ ସନ୍ତପ୍ତ ଭାଇ-ଭଉଣୀଙ୍କୁ ଛାଡ଼ି ଯା' ନାହିଁ ।''

ତାଙ୍କ ବାପାଙ୍କର ଆଖି ସେତେବେଳକୁ ଲୁହରେ ଜୁଳୁବୁଳୁ । ସେ ଭଲଭାବରେ ଜାଣନ୍ତି ବାପାଙ୍କର ଦୁଃଖ । ମା' ଚାଲିଯିବା ପରେ ପିଲାମାନେହିଁ ତାଙ୍କର ସବୁକିଛି । ସେଇମାନଙ୍କୁ ଆଶ୍ରା କରି ବାପା ତାଙ୍କର ସବୁ ଦୁଃଖକୁ ସହି ନେଇଛନ୍ତି, ପ୍ରତିବଦଳରେ ଦେଇଛନ୍ତି ଉଭୟ ବାପା-ମା'ର ସ୍ନେହ । ହେଲେ ସେ ଆଜି ନିରୁପାୟ । ନିଜର ଲକ୍ଷ୍ୟ କଥା ଭାବି ଛାତିକୁ ପଥର କରି କହିଲେ, ''ପୂଜ୍ୟ ବାପା, ମୁଁ ଆପଣଙ୍କୁ କେତେ ଭଲ ପାଏ, ସେ କଥା କହିବି କିପରି ? କିନ୍ତୁ ଆପଣଙ୍କ ପରି ଆଦର୍ଶ ପିତା ପାଇବାର ସୌଭାଗ୍ୟ ଯେ ମୋତେ ଏ ଜନ୍ମରେ ଦେଇଛନ୍ତି, ସେହି ପରମ ପିତାଙ୍କ ପ୍ରତି ମୋର ପ୍ରେମ ଆହୁରି ଅଧିକ । ତାଙ୍କରି ଅନୁସନ୍ଧାନହିଁ ମୋର ଧେୟ । ମୋତେ ଯିବାକୁ ଦିଅନ୍ତୁ । ଆଉ ମୋତେ ଆଶୀର୍ବାଦ କରନ୍ତୁ ମୁଁ ଯେପରି ଦିନେ ଅଧିକ ଭଗବତ୍ ଜ୍ଞାନ ପ୍ରାପ୍ତ ହୋଇ ଫେରି ଆସେ ।''

ପୁଅର ଅନୁରୋଧ ରକ୍ଷା ନ କରିବାର ଉପାୟ ନ ଥିଲା ବାପାଙ୍କର । କିନ୍ତୁ କିଛି ନ କହିପାରି ଚୁପ୍ ରହିଲେ । ଶେଷରେ ବାପାଙ୍କଠାରୁ ନିସ୍ପୃହ ସମ୍ମତି ଲାଭକରି ମୁକୁନ୍ଦ ବାରାଣସୀ ଯାତ୍ରା କଲେ । ସେଠାରେ ସେ ଶ୍ରୀଭାରତ ଧର୍ମ ମହାମଣ୍ଡଳରେ ଯୋଗ ଦେଇ ଆଧ୍ୟାତ୍ମିକ ସାଧନା କରିବା ପାଇଁ ସ୍ଥିର କଲେ । ସେତେବେଳେ ଆଶ୍ରମର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ ସ୍ୱାମୀ ଦୟାନନ୍ଦ । ବୟସରେ ତରୁଣ ହେଲେ ବି ବଡ଼ ଭାବୁକ ପ୍ରକୃତିର ସନ୍ନ୍ୟାସୀ । ତାଙ୍କ ଗୌରବର୍ଣ୍ଣ ମୁଖ ମଣ୍ଡଳରେ ଥିଲା ବୁଦ୍ଧଦେବଙ୍କ ପରି ଏକ ପ୍ରଶାନ୍ତିର ଭାବ ।

ଦୟାନନ୍ଦଙ୍କ ସ୍ୱୀକୃତି ମିଳିବା ପରେ ମୁକୁନ୍ଦଙ୍କର ଆଶ୍ରମରେ ରହିବାର ବ୍ୟବସ୍ଥା ହୋଇଗଲା । ତାଙ୍କୁ ମିଳିଥିଲା ଗୋଟିଏ ଛୋଟ କୋଠରି, ଯେଉଁଠି ସେ ଘଣ୍ଟା ଘଣ୍ଟା ଧରି ଧ୍ୟାନ ଧାରଣାରେ ବିତାଇ ଦିଅନ୍ତି । କିନ୍ତୁ ତାଙ୍କର ଏତେ ବେଶୀ ଧ୍ୟାନ କରିବାର ଭାବଟା ଅନ୍ୟ ଅନ୍ତେବାସୀମାନଙ୍କୁ ସୁହାଇଲାନି । ଆଶ୍ରମ କାମ ଶେଷ କରି ସାରି ନିଜ କୋଠରିକୁ ଯାଉଥିବା ସମୟରେ ଜଣେ ଅନ୍ତେବାସୀ କହି ପକାଇଲେ, ''ଭଗବାନଙ୍କୁ ଏତେ ଶୀଘ୍ର ଧରିବାକୁ ଚେଷ୍ଟା କରନା ।'' ଚମକି ଚାହିଁଲେ ମୁକୁନ୍ଦ, ଉତ୍ତର ନ ଦେଇ ନୀରବ ରହିଲେ । ସେ ବା କାହିଁକି ମାପିବେ କାହାକୁ ? ସେ ଜାଣନ୍ତି ଉଡ଼ନ୍ତା ପାରାର ଉଚ୍ଚତାହିଁ ତା' ଦୃଷ୍ଟିର ବ୍ୟାପକତା । ତଥାପି ଭିତରର ଦ୍ୱନ୍ଦ୍ୱକୁ ପ୍ରଶ୍ରୟ ଦେବାକୁ ସେ ଚାହିଁଲେନି । ଅଧ୍ୟକ୍ଷଙ୍କୁ ସିଧା ସିଧା ଯାଇ କହିଲେ, ''ସ୍ୱାମିଜି, ମୋଠାରୁ ଏଠାରେ କ'ଣ ଆଶା କରାଯାଉଛି, ତାହା ମୁଁ ବୁଝି ପାରୁ ନାହିଁ । ମୁଁ ତ ଚାହେଁ ଭଗବାନଙ୍କୁ, ତାଙ୍କ ଛଡ଼ା ସଂଘ, ସଂପ୍ରଦାୟ ବା ସତ୍‌କର୍ମ କିଛି ବି ମୋତେ ସନ୍ତୁଷ୍ଟ କରିପାରିବନି ।''

ଗୈରିକ ବସନଧାରୀ ସ୍ୱାମିଜି ଜଣକ ସ୍ନେହରେ ପିଠି ଥାପୁଡ଼େଇ ଦେଲେ । ଆଉ ଅନ୍ୟ ଶିଷ୍ୟମାନଙ୍କୁ କୃତ୍ରିମ ଭର୍ତ୍ସନା ସ୍ୱରରେ କହିଲେ, ''ତୁମେମାନେ କେହି ମୁକୁନ୍ଦକୁ ବିରକ୍ତ କର ନାହିଁ । ଆସ୍ତେ ଆସ୍ତେ ସେ ଏଠାର ଚଳଣି ଶିଖି ଯିବନି ।''

କ୍ରମେ ଆଶ୍ରମ ଅନ୍ତେବାସୀଙ୍କ ସହ ମୁକୁନ୍ଦଙ୍କର ମନର ଅମେଳ ଘଟିଲା । ସଂପର୍କ ତିକ୍ତ ହେଲା । ଆଶ୍ରମର କେତେକ ଧାରା ସହ ସେ ନିଜକୁ ଖାପ ଖୁଆଇ ପାରିଲେ ନାହିଁ । ବିଶେଷ କରି ଆଶ୍ରମରେ ପ୍ରଥମ ଭୋଜନ ପରିବେଷଣ କରାହେଉଥିଲା ଦିନ ବାରଟାରେ । ଜଠର ଜ୍ୱାଳାକୁ ସହ୍ୟ କରି ସେତେବେଳ ଯାଏଁ ଅପେକ୍ଷା କରି ରହିବା ତାଙ୍କ ପାଇଁ ଅସହ୍ୟ ହୋଇ ପଡ଼ିଲା । ହେଲେ ଭଗବାନଙ୍କୁ ଭଣତି ହେବା ଛଡ଼ା ତାଙ୍କର ଉପାୟ ନ ଥିଲା । ନିଜ କୋଠରିରେ ବସି ସେ ଭାବିଗଲେ

ଅତୀତରୁ ଆଜିଯାଏ । ମନେ ପଡୁଥାଏ – ଭାଇଭଉଣୀଙ୍କ ମେଳରେ ବସି ପ୍ରତିଦିନର ପ୍ରାତଃ-ଭୋଜନ, ନ ଖାଇଥିଲେ ମା'ର ସ୍ନେହଭରା ଗାଳି । ମନେ ପଡ଼ିଗଲା ଅନ୍ତିମ ମୁହୂର୍ତ୍ତରେ ମା'ଙ୍କଠାରୁ ପାଇଥିବା ରୁପାର କବଚଟିର କଥା, ଯାହାକୁ ଏକମାତ୍ର ସମ୍ପତ୍ତି ରୂପେ କଲିକତାରୁ ଆଣି ସଯତ୍ନେ ସାଇତି ରଖିଥିଲେ ଜଉମୁଦ ଦିଆ ଖୋଳ ଭିତରେ । ଖୋଳକୁ ପୁଣି ରଖିଥିଲେ ଗୋଟିଏ ବନ୍ଦ ବାକ୍ସ ଭିତରେ । ମୁକୁନ୍ଦ ବାକ୍ସ ଖୋଲିଲେ । ହେଲେ ଆଶ୍ଚର୍ଯ୍ୟ – ଆଜି ପର୍ଯ୍ୟନ୍ତ ସମସ୍ତଙ୍କ ଅଗୋଚରରେ ନିଜ କୋଠରି ଭିତରେ ଲୁଚାଇ ରଖିଥିବା ବାକ୍ସ ଭିତରୁ କବଚଟି ଅନ୍ତର୍ଦ୍ଧାନ ହେଲା କିପରି । ଭଲ କରି ପରଖି ନେଲେ, ଖୋଳର ଜଉମୁଦ ପୂର୍ବପରି ଅତୁଟ ରହିଥାଏ । ମନେ ପଡ଼ିଗଲା ତାଙ୍କ ମା'ଙ୍କୁ କହିଥିବା ସାଧୁଙ୍କର ଭବିଷ୍ୟଦ୍‌ବାଣୀ, ''... ମା' ! ତୁମର ଜିମାରେ ଏହି ରୁପାର କବଚଟି ଦେଇ ଯାଉଛି । ତୁମର ମୃତ୍ୟୁ ଶଯ୍ୟାରେ ତୁମେ କବଚଟିକୁ ତୁମର ବଡ଼ ପୁଅ ଅନନ୍ତକୁ ଦେବ ଏବଂ ପରେ ସେ ତୁମର ଦ୍ୱିତୀୟ ପୁତ୍ର ମୁକୁନ୍ଦକୁ ଦେବ । ମହାନ୍ ଗୁରୁମାନଙ୍କଠାରୁ ପ୍ରାପ୍ତ ଏହି କବଚଟିର ତାତ୍ପର୍ଯ୍ୟ ମୁକୁନ୍ଦହିଁ ବୁଝିବ । ଏହି କବଚଟିକୁ ପାଇବା ବେଳକୁ ସେ ତା'ର ସମସ୍ତ ସାଂସାରିକ ଅଭିଳାଷ ପରିତ୍ୟାଗ କରି ଗୁରୁ ଅନ୍ୱେଷଣରେ ବାହାରୁଥିବ । ସେ କବଚଟି କିଛି ବର୍ଷ ରଖିବା ପରେ କବଚଟି ତା'ର ଉଦ୍ଦେଶ୍ୟ ସାଧନ କରି ଆପେ ଆପେ ଅନ୍ତର୍ହିତ ହୋଇଯିବ । ସବୁଠାରୁ ଗୋପନୀୟ ସ୍ଥାନରେ ରଖିଲେ ମଧ୍ୟ କବଚଟି ଯେଉଁଠାରୁ ଆସିଥିଲା ସେହିଠାକୁ ଫେରିଯିବ ।''

କବଚଟିକୁ ହରାଇ ପାଣିଛଡ଼ା ମାଛପରି ଆଧ୍ୟାତ୍ମିକ ଯନ୍ତ୍ରଣାରେ ଛଟପଟ ହୋଇ ଉଠିଲେ ମୁକୁନ୍ଦ । କେମିତି ନିଜର ଆରାଧ୍ୟ ଗୁରୁଙ୍କୁ ଖୋଜି ପାଇବେ ସବୁବେଳେ ସେଇ ଚିନ୍ତା । ଦିନେ ପ୍ରତ୍ୟୁଷରୁ ଉତ୍ତର ନ ପାଇବା ପର୍ଯ୍ୟନ୍ତ ପ୍ରାର୍ଥନା କରିବାର ସଂକଳ୍ପ ନେଇ ନିଜ କୋଠରିରେ ବସି ରହିଲେ । ଜଗନ୍ମାତାଙ୍କୁ ବଡ଼ ବିକଳରେ ପ୍ରାର୍ଥନା ଜଣାଇଲେ, ''ହେ କରୁଣାମୟି ଜଗଜ୍ଜନନି ! ତୁମେ ନିଜେ ମୋତେ ସ୍ୱପ୍ନରେ ଦେଖାଦିଅ, ନ ହେଲେ କୌଣସି ଗୁରୁଙ୍କୁ ପଠାଇ ମୋତେ ଶିକ୍ଷା ଦିଅ ।''

ଘଣ୍ଟା ପରେ ଘଣ୍ଟା ସେଇ କୋଠରି ଭିତରେ ବିତିଗଲା । ସେମିତି ନିଶ୍ଚଳ ହୋଇ ବସିଥା'ନ୍ତି । ହଠାତ୍ ତାଙ୍କର ମନେ ହେଲା କେହି ଯେମିତି ସଶରୀରେ ତାଙ୍କୁ ଅସୀମ ଶୂନ୍ୟ ରାଜ୍ୟକୁ ଉଠାଇ ନେଉଛି । ସ୍ତମ୍ଭୀଭୂତ ହେଲେ । ସେଇ ଶୂନ୍ୟତା ଭିତରୁ ଶୁଭିଲା ଏକ ଦିବ୍ୟନାରୀ କଣ୍ଠସ୍ୱର – ''ତୋର ଗୁରୁଦେବ ଆଜିହିଁ ଆସିବେ ।''

ଠିକ୍ ସେତିକି ବେଳକୁ ତଳ ମହଲାର ରୋଷେଇ ଘରୁ ଆଶ୍ରମ ପୂଜକ ଜଣକ ଡାକ ଛାଡ଼ିଲେ, ''ମୁକୁନ୍ଦ, ଧ୍ୟାନ ବହୁତ ହେଲା । ତୋତେ ଏବେ ମୋ ସହିତ ବଜାର ଯିବାକୁ ହେବ ।'' ବର୍ଷା ପୂର୍ବର ଘଡ଼ ଘଡ଼ି ପରି ମନେ ହେଲା ତା'ର ନିର୍ଦ୍ଦେଶ । କାନ୍ଦି କାନ୍ଦି ଫୁଲି ଯାଇଥିବା ମୁହଁକୁ ପୋଛି ବଡ଼ ନିରୀହ ଭାବରେ ତଳକୁ ଓହ୍ଲାଇଲେ ମୁକୁନ୍ଦ । ଆଦେଶ ପାଳନ କଲେ, ଦୁହେଁ ମିଶି ବଜାର ବାହାରିଲେ । ସଉଦା କିଣାକିଣି ଶେଷ ହେଲା ବେଳକୁ ସୂର୍ଯ୍ୟ ଆସି ମୁଣ୍ଡ ଉପରେ । ଅସହ୍ୟ ଗରମ, ଝାଳନାଳରେ ଦେହ ମୁଣ୍ଡ ଆଣ୍ଠୁଏ । ବଜାରର ସେଇ ଠେଲାପେଲା ଭିତରେ ଫେରନ୍ତା ବାଟ ଖୋଜୁଥା'ନ୍ତି ମୁକୁନ୍ଦ । ନଜର ପଡ଼ିଗଲା ଗୋଟିଏ ସାଧାରଣ ସରୁଗଳି ଆଡ଼କୁ । ଗଳି ମୁଣ୍ଡରେ ଠିଆ ହୋଇଥା'ନ୍ତି ଗୈରିକ ବସନଧାରୀ ଜଣେ ସନ୍ନ୍ୟାସୀ । ଈଶ୍ୱରତୁଲ୍ୟ ତାଙ୍କ ଚାହାଣି । ମନେହେଲା ସେ ଯେମିତି ବହୁ ପରିଚିତ, ଆଉ ତାଙ୍କରି ପାଇଁ ଅପେକ୍ଷା କରି ରହିଛନ୍ତି । ଅଚାନକ ବାଦଲ ପରି ମନକୁ ଢାଙ୍କି ଦେଲା ସନ୍ଦେହ – ''ଏହି ପରିବ୍ରାଜକ ସନ୍ନ୍ୟାସୀକୁ ତୁ ତୋର ପରିଚିତ ଭାବି ଭୁଲ କରୁଛୁ । ହେ ସ୍ୱପ୍ନ ବିଳାସୀ ! ଆଗକୁ ଆଗେଇ ଚାଲ ।''

ଯେତେ ଚେଷ୍ଟା କଲେ ବି ସେ ଗୋଟାଏ ପାଦ ଆଗକୁ ଆଗେଇ ପାରିଲେ ନାହିଁ । ପାଦ ତାଙ୍କର ଅବଶ ହୋଇ ଉଠୁଥାଏ । ଅନୁଭବ କଲେ ଚୁମ୍ବକ ପରି ସାଧୁ ଜଣକ ଯେମିତି ତାଙ୍କ ଆଡ଼କୁ ଟାଣି ନେଉଛନ୍ତି । ଆଗରୁ ସେ ଅନେକ ସାଧୁସନ୍ଥଙ୍କୁ ଭେଟିଛନ୍ତି । ହେଲେ ଏଭଳି ଏକ ଅସ୍ୱାଭାବିକ ଆକର୍ଷଣ ତାଙ୍କ ପାଇଁ ପ୍ରଥମ । ଜିନିଷପତ୍ର ସବୁ ଆଶ୍ରମ-ପୂଜକ ହାତରେ ଧରାଇ ଦେଇ ନୀରବରେ ଗଳି ଆଡ଼କୁ ମୁହାଁଇଲେ । ବିଚରା ପୂଜକଟି ମୁକୁନ୍ଦର ଏମନ୍ତ ବାଚାଳତା ଦେଖି ହୋ ହୋ ହୋଇ ହସି ଉଠିଲା, ''ଆରେ ତୋର ଏ କ'ଣ ହେଲା ? ମୁଣ୍ଡ ଖରାପ ହେଲା ନା କ'ଣ ?''

ମୁକୁନ୍ଦ କିନ୍ତୁ ସେତେବେଳକୁ ପାଲଟି ସାରିଥା'ନ୍ତି ଗୋଟାଏ ଭିନ୍ନ ମଣିଷ । ଦୃଷ୍ଟି ତାଙ୍କର ସ୍ଥିର । କୋଳାହଳପୂର୍ଣ୍ଣ ବଜାର ତାଙ୍କ ପାଇଁ ଗୋଟାଏ ମରୁ ପ୍ରାନ୍ତର । ସେଇ ନୈଶବ୍ଦ୍ୟ ମଧ୍ୟରେ ସେ ଆଗେଇ ଚାଲିଲେ ଅଣଓସାରିଆ ଗଳି ଆଡ଼କୁ । ଦେହରେ ବିଦ୍ୟୁତ୍‌ର ଶିହରଣ, ପ୍ରାଣ ଭାବାବେଗରେ ଉବୁଟୁବୁ ।

ଦୂରତ୍ୱକୁ ଦୂରେଇ ଦେଉଥିବା ପ୍ରତିଟି ମୁହୂର୍ତ୍ତ ତାଙ୍କୁ ଦେଉଥାଏ ସାଧୁଙ୍କର ଆଶ୍ଳେଷ । କ୍ରମେ ଦୃଷ୍ଟି ତାଙ୍କର ସ୍ଥିର ହେଲା ସାଧୁଙ୍କର ଅପଲକ ନୟନ ଯୁଗଳରେ । ନିର୍ବାକ୍, ନିସ୍ପନ୍ଦ ମୂର୍ତ୍ତିଭଳି ସାଧୁ ଜଣକ ଠିଆ ହୋଇ ରହିଥା'ନ୍ତି, ସେଇ ଗହଳି ଭିତରେ । ସ୍ୱପ୍ନ ଦର୍ଶନକୁ ତଉଲି ନେଲେ ମୁକୁନ୍ଦ,— ଠିକ୍ ଏମିତି, ସିଂହ ପରି ଉଚ୍ଚ ମସ୍ତକ, ଜ୍ୟୋତିଷ୍ମାନ ଚକ୍ଷୁ ଯୁଗଳ, ତୀକ୍ଷ୍ଣ ଶ୍ମଶ୍ରୁ ଆଉ ଲମ୍ବିତ କେଶଯୁକ୍ତ ଶରୀରକୁ ସେ କେତେବାର ସ୍ୱପ୍ନରେ ନ ଦେଖିଛନ୍ତି ସତେ । କିନ୍ତୁ ତାଙ୍କର ଇଙ୍ଗିତକୁ ସେତେବେଳେ ସେ ବୁଝି ପାରି ନ ଥିଲେ । ଚିହ୍ନିପାରି ନ ଥିଲେ ଏହିଁ ହେଉଛନ୍ତି ତାଙ୍କର ଇପ୍‌ସିତ ।

ମାତ୍ର କେତେଟା ପାହୁଣ୍ଡରେ ଦୂରତ୍ୱ ନିମିଷେ ଅପସରି ଗଲା । ଭୂମି ଓ ଭୂମାର ମିଳନ ଆଉ ଦିଗନ୍ତ ସେପାରି ନୁହେଁ, ତାଙ୍କ ହାତ ପାଆନ୍ତାରେ । ଆନନ୍ଦରେ ଉଚ୍ଛୁଳି ଉଠିଲେ, ମୁହାଣ ଖୋଜା ନଈ ଆଜି ପାଇଛି ସାଗରର ସ୍ପର୍ଶ । ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ ମୁକୁନ୍ଦ । ଅନ୍ତରରୁ ତାଙ୍କର ଆପଣାଛାଏଁ ବାହାରି ଆସିଲା, 'ଗୁରୁଦେବ' ।

''ହେ ମୋର ପ୍ରିୟ ! ତୁମେ ଆସିଗଲ । କେତେ ବର୍ଷ ଧରି ମୁଁ ଯେ ତୁମକୁ ଅପେକ୍ଷା କରି ରହିଛି ।'' — ଏତିକି କହି ସାଧୁ ଜଣକ ସାଦରେ ଉଠେଇ ନେଲେ ମୁକୁନ୍ଦଙ୍କୁ । ନୀରବ ଭାଷାର ସ୍ରୋତରେ ଗୁରୁ-ଶିଷ୍ୟ ଦୁହେଁ ଏକାକାର ହୋଇଗଲେ । ଗନ୍ତବ୍ୟ ଏଥର ଅଜ୍ଞେୟଙ୍କ ଅନୁସନ୍ଧାନରେ ।

ମୁକୁନ୍ଦ ଗୁରୁଦେବଙ୍କ ହାତ ଧରି ଆଗେଇ ଚାଲିଲେ । ମନରେ ଦ୍ୱିଧା ନ ଥାଏ, ଶଙ୍କା ବି ନ ଥାଏ । ବରଂ ଥାଏ ଗୋଟାଏ ନିଶ୍ଚିତବୋଧ — ଭଗବାନଙ୍କୁ ପାଇଥିବା ଗୁରୁଦେବହିଁ ତାଙ୍କୁ ଦେଖାଇବେ ସମ୍ପୂର୍ଣ୍ଣ ଠିକ୍ ମାର୍ଗ । ଅନୁଗତ ଭାବେ ଅନୁସରଣ କରିବାହିଁ ହେଉଛି ତାଙ୍କର କର୍ତ୍ତବ୍ୟ ମାତ୍ର ।

କିଛି ବାଟ ଯିବାପରେ ଗୁରୁଦେବ ଗଙ୍ଗାନଦୀ କୂଳରେ ଥିବା ଅସ୍ଥାୟୀ ବାସଭବନରେ ଅଟକିଲେ । ଅପରାହ୍ଣରେ ଘରର ବାରଣ୍ଡାରେ ପଦଚାରଣା କରୁକରୁ ସସ୍ନେହେ କହିଲେ, ''ମୋର ସବୁ ଆଶ୍ରମ, ଆଉ ଯାହା କିଛି ଅଛି ସେସବୁ ମୁଁ ତୁମକୁ ଦେବି ।''

''ଗୁରୁଦେବ, ମୁଁ ଯେ ଆସିଛି ଦିବ୍ୟଜ୍ଞାନ ପାଇବାକୁ ଏବଂ ଈଶ୍ୱର ପ୍ରାପ୍ତି ପାଇଁ । ମୋତେ ଆପଣ ସେହି ଧନ ପ୍ରଦାନ କରନ୍ତୁ । ମୋର ତାହାହିଁ ଲୋଡ଼ା ।'' — ମୁକୁନ୍ଦଙ୍କର ଉତ୍ତର ଥିଲା ବଡ଼ ସ୍ପଷ୍ଟ ଆଉ ସ୍ୱତଃସ୍ଫୂର୍ତ୍ତ ।

ଗୁରୁଦେବଙ୍କର ମୁଖମଣ୍ଡଳରେ ଖେଳିଗଲା ସ୍ମିତହାସ୍ୟ । ଅଭୟ ପ୍ରଦାନପୂର୍ବକ କହିଲେ, ''ବତ୍ସ ! ତୁମକୁ ମୁଁ ମୋର ନିଃସ୍ୱାର୍ଥ ପ୍ରେମ ପ୍ରଦାନ କଲି । ତୁମେ ମୋତେ ସେହିପରି ନିଃସ୍ୱାର୍ଥ ପ୍ରେମ ଦେଇ ପାରିବ ତ ?''

''ପାରିବି ଗୁରୁଦେବ, ମୁଁ ଚିରକାଳ ଆପଣଙ୍କୁ ଭଲ ପାଇବି ।'' — ମୁକୁନ୍ଦଙ୍କ ପ୍ରତ୍ୟୁତ୍ତରରେ ଗୁରୁଦେବଙ୍କ କୋମଳ ଆଖିପତା ଦୁଇଟି ଆହୁରି ନଇଁ ଆସିଲା । ପ୍ରତିଶ୍ରୁତିରେ ପ୍ରୀତ ହେଲେ ।

ଅଳ୍ପକ୍ଷଣ ନୀରବତା ପରେ ଗୁରୁଦେବ ପୁଣି କହିଲେ, ''କବଚ ପାଇଁ ଦୁଃଖ କର ନାହିଁ । ତା'ର କାମ ସେ କରିସାରିଛି । ଏବେ ଆଉ ସେ ଆଶ୍ରମର ଅସ୍ୱସ୍ତିକର ପରିସ୍ଥିତିରେ ତୁମକୁ ରହିବାକୁ ପଡ଼ିବ ନାହିଁ । ସ୍ଥାନ ପରିବର୍ତ୍ତନର ସମୟ ଆସିଯାଇଛି ।''

ମୁକୁନ୍ଦ ଏବେ ସଂଶୟରେ ପଡ଼ିଲେ । ଦିବ୍ୟ ଦର୍ପଣ ସଦୃଶ ଗୁରୁଦେବଙ୍କଠାରେ ତାଙ୍କର ସମଗ୍ର ଜୀବନର ପ୍ରତିଛବି ପ୍ରତିବିମ୍ବିତ ହେଉଛି ସିନା, ହେଲେ ସେ କେମିତି ଜାଣିବେ ଗୁରୁଦେବଙ୍କ ପରିଚୟ । ସାହସ ସଂଚୟ କରି କହିଲେ, ''ଗୁରୁଦେବ ! ଯେକୌଣସି ପ୍ରତୀକ ଅପେକ୍ଷା ଆପଣଙ୍କ ସାକ୍ଷାତ୍ ଉପସ୍ଥିତି ମୋ ପାଇଁ ଅଧିକ ଆନନ୍ଦଦାୟକ । ମୁଁ ଆଉ ଏଠାରୁ ଫେରିଯିବି ନାହିଁ । ଆପଣ ଯେ କୌଣସି ଜାଗାକୁ ଯିବେ ମୁଁ ଆପଣଙ୍କୁ ଅନୁସରଣ କରିବି । ଦୟାକରି ମୋତେ ଆପଣଙ୍କର ନାମ ଓ ଠିକଣା କୁହନ୍ତୁ ।''

ବଡ଼ ବିନମ୍ରତାର ସହ ନିଜର ପରିଚୟ ପ୍ରଦାନ କଲେ ଗୁରୁଦେବ, ''ସ୍ୱାମୀ ଯୁକ୍ତେଶ୍ୱର ଗିରି, ମୋର ମୁଖ୍ୟ ଆଶ୍ରମ ଶ୍ରୀରାମପୁରର ରାୟଘାଟ ଲେନ୍‌ରେ । ମୁଁ ମୋର ମା'ଙ୍କୁ ଦେଖିବା ସକାଶେ ଏଠାକୁ ଆସିଥିଲି ।''

ସନ୍ଧ୍ୟା ସେତେବେଳକୁ ନଇଁ ଆସୁଥାଏ । ଗୁରୁଦେବଙ୍କ ଉତ୍ତରରେ ମୁକୁନ୍ଦ ହତଭମ୍ବ ହୋଇ ଉଠିଲେ । ଶ୍ରୀରାମପୁର କଲିକତାଠାରୁ ମାତ୍ର ବାର ମାଇଲ ଦୂର । କଲିକତାର ଗଳିକନ୍ଦି ତାଙ୍କ ପାଇଁ ଅପରିଚିତ ନୁହେଁ । ହେଲେ ସେ ଏତେ ଦିନ ପର୍ଯ୍ୟନ୍ତ ଯାହାଙ୍କର ଆଭାସ ଲେଶମାତ୍ର ପାଇ ନ ଥିଲେ ତାଙ୍କୁ ଆଜି ସୁଦୂର ବାରାଣସୀର ବଜାରରେ ପାଇଲେ କେମିତି ! ପହିଲି ଦର୍ଶନର ଅନୁଭୂତିରେ ସେ ଆହୁରି ରୋମାଞ୍ଚିତ ହୋଇ ଉଠିଲେ । ପ୍ରଣତି ଜଣାଇଲେ ଭଗବାନଙ୍କର ବିଧାନକୁ । ପ୍ରଣତି ଜଣାଇଲେ ଗୁରୁଦେବଙ୍କୁ ।

(*କ୍ରମଶଃ...*) ❑

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୫)

# ପୁନଶ୍ଚ ପ୍ରତ୍ୟାବର୍ତ୍ତନ

## ସନ୍ତୋଷ କୁମାର ରଥ

ସାମନା ବାରଣ୍ଡାର ଚଟାଣ ଉପରେ ବାଘଛାଲ ବିଛାଇ ବସିଥା'ନ୍ତି ଗୁରୁଦେବ ଶ୍ରୀ ଯୁକ୍ତେଶ୍ୱର ଗିରି; ଶ୍ରୀରାମପୁର ଆଶ୍ରମର ଶାନ୍ତ ପରିବେଷ୍ଟନୀ ମଧ୍ୟରେ । ଶ୍ରୀରାମପୁର କଲିକତାଠାରୁ ବାର ମାଇଲ ଦୂରରେ, ଉତ୍ତର ଦିଗରେ । ଗୁରୁଦେବଙ୍କର ମୁଖ୍ୟ ଆଶ୍ରମ । ଫୁଲ ଫଳଭରା ମନୋଲୋଭା ପରିବେଶ ସହ ଅତିଥି-ଅଭ୍ୟାଗତଙ୍କ ପ୍ରତି ସାଦର ସମ୍ଭାଷଣ ଆଶ୍ରମ ପରିବେଶରେ ଭରିଦିଏ ନୈସର୍ଗିକ ଆନନ୍ଦ । ବିରାମହୀନ ତତ୍ପରତା ସତେ ଯେମିତି ସେଠାର ଅଧିପତି, ଆଉ ନୀରବତା ତାହାର ସହୋଦର । ବାରଣାସୀରେ ପ୍ରଥମ ସାକ୍ଷାତର ଦୀର୍ଘ ଚାରି ସପ୍ତାହ ପରେ ମୁକୁନ୍ଦ (ଯୋଗାନନ୍ଦଙ୍କ ପିଲାଦିନର ନାମ) ଆସି ପହଞ୍ଚିଲେ ସେହି ଆଶ୍ରମରେ । ବେଶ୍ ଉତ୍ଫୁଲ ହୋଇ ଉଠିଲେ ଗୁରୁଦେବଙ୍କୁ ଦେଖି ।

''ତୁମେ ଆସିଗଲ ।'' – ଗୁରୁଦେବଙ୍କର ନିରାସକ୍ତ-ପୂର୍ଣ୍ଣ ପ୍ରଶ୍ନକୁ ସମ୍ମତି ଜଣାଇ ମୁକୁନ୍ଦ ଉତ୍ତର ଦେଲେ, ''ହଁ ଗୁରୁଦେବ, ଆପଣଙ୍କର ଅନୁଗାମୀ ହେବା ପାଇଁ ମୁଁ ଏବେ ଆସିଗଲି ।'' ସାଷ୍ଟାଙ୍ଗ ପ୍ରଣାମ ଜଣାଇ କୃତାର୍ଥ ହେଲେ ।

ନତଜାନୁ ହୋଇ ମୁକୁନ୍ଦ ଅପେକ୍ଷା କରି ରହିଥା'ନ୍ତି ଗୁରୁଦେବଙ୍କ ପ୍ରତ୍ୟୁତ୍ତରକୁ । ବିସ୍ମୟ ବିମୂଢ଼ ମନଟା ତାଙ୍କର ପୁଣି ଚେଇଁ ଉଠିଲା ଫିଙ୍ଗା ଅତୀତକୁ ସାଉଁଟି ନେଇ । ସେ କିନ୍ତୁ ନଛୋଡ଼ବନ୍ଧା, ଯାହା ହେଲେ ବି ସେ ଆଉ ପଛକୁ ଫେରି ଚାହିଁବେ ନି କି ଫେରିଯିବେ ନି ତାଙ୍କ ପୁରୁଣା ଜୀବନକୁ । ଗୁରୁଦେବଙ୍କ ପାଦତଳେ ଅର୍ପଣ କରିଦେଇଛନ୍ତି ଯେତେବେଳେ ଆଶ୍ରମହିଁ ହେବ ତାଙ୍କର ସବୁକିଛି ।

''ବତ୍ସ ! ମୋର ପ୍ରଥମ କଥା, ତୁମର ଘର ଓ ପରିବାରକୁ ତୁମେ ଫେରିଯାଅ । ମୋର ଇଚ୍ଛା, ତୁମେ କଲିକତାରେ ଗୋଟିଏ କଲେଜରେ ପଢ଼ । ତୁମର ପାଠପଢ଼ା ଅବ୍ୟାହତ ରହୁ ।''– ଗୁରୁଦେବଙ୍କର ଉତ୍ତର ଥିଲା ନମ୍ର ଅଥଚ ସ୍ପଷ୍ଟ ।

ମୁକୁନ୍ଦଙ୍କର ଗଢ଼ା ସୌଧ ସତେଯେମିତି ଗୋଟାଏ ବଜ୍ରାଘାତରେ ଧୂଳିସାତ୍ ହୋଇଗଲା । ଭାବିଲେ ଏ ବୋଧେ ତାଙ୍କ ଭାଗ୍ୟର ବିଡ଼ମ୍ବନା । ପୁଣି ସେଇ ପାଠପଢ଼ା; ପୁଣି ସେଇ ପରୀକ୍ଷା; ବର୍ଷ ବର୍ଷ ଧରି ସେଇ ଡିଗ୍ରୀବାହୀ ପୁସ୍ତକଗୁଡ଼ାକ କ'ଣ ତାଙ୍କର ପିଛା ଛାଡ଼ିବେ ନି । ପ୍ରଥମେ ବାପା ଆଉ ଏବେ ଗୁରୁଦେବ । ''ଠିକ୍ ଅଛି ଗୁରୁଦେବ ! ଆପଣଙ୍କ ଇଚ୍ଛାହିଁ ମୋ ପାଇଁ ଆଦେଶ ।''– ମୁକୁନ୍ଦ ଦୃଢ଼ତାର ସହ ଉତ୍ତର ଦେଲେ । ପୋଛିଦେଲେ ତାଙ୍କ ମନରୁ ଅଙ୍କା ସମସ୍ତ ସ୍ୱପ୍ନକୁ ।

ଗୁରୁଦେବ ଠିକ୍ ବୁଝିନେଲେ ଶିଷ୍ୟର ଅନାଗ୍ରହତା । ହେଲେ ଯେ ତ୍ରିକାଳଦ୍ରଷ୍ଟା, ସେ କ'ଣ କେବେ ଏଡ଼ାଇଦେଇ ପାରିବ ଭବିଷ୍ୟତର ସମ୍ଭାବନାକୁ । ବର୍ତ୍ତମାନ ତ ଭବିଷ୍ୟତ୍ ପ୍ରସ୍ତୁତିର ସରଣୀ ମାତ୍ର । ଆଶ୍ୱାସନା ଦେଇ କହିଲେ, ''ବତ୍ସ ! ଦିନେ ତୁମେ ପାଶ୍ଚାତ୍ୟ ଜଗତକୁ ଯିବ । ସେଠାକାର ଲୋକେ ଯଦି ଜାଣିବେ ଯେ ଏହି ଅପରିଚିତ ହିନ୍ଦୁ ଗୁରୁର ଗୋଟିଏ ବିଶ୍ୱବିଦ୍ୟାଳୟ ଡିଗ୍ରୀ ରହିଛି, ତାହାହେଲେ ସେମାନେ ଭାରତର ଅଧ୍ୟାତ୍ମଜ୍ଞାନ ସମ୍ବନ୍ଧେ ଅଧିକ ଆଗ୍ରହୀ ହେବେ ।''

''ଗୁରୁଦେବ, ମୋ ପାଇଁ କ'ଣ ଭଲ ସେକଥା ଆପଣହିଁ ସବୁଠାରୁ ଅଧିକ ଭଲ ଭାବରେ ଜାଣନ୍ତି ।''– ମୁକୁନ୍ଦଙ୍କ ଉତ୍ତରରେ ଗୁରୁଦେବ ପ୍ରୀତ ହେଲେ ଏବଂ କହିଲେ, ''ତୁମେ ନିକଟରେ, କଲିକତାରେ ରହିବ । ଯେତେବେଳେ ସମୟ ପାଇବ ଏଠାକୁ ଚାଲି ଆସିବ ।''

''ସମ୍ଭବ ହେଲେ ପ୍ରତିଦିନ ଆସିବି ଗୁରୁଦେବ । ମୋର ସମ୍ପୂର୍ଣ୍ଣ ଜୀବନ ଉପରେ ଆପଣଙ୍କର କର୍ତ୍ତୃତ୍ୱ ମୁଁ କୃତଜ୍ଞତାର ସହ ସ୍ୱୀକାର କରୁଛି – କିନ୍ତୁ ଗୋଟାଏ ସର୍ତ୍ତରେ ।''– ମୁକୁନ୍ଦ ନିଜ ସର୍ତ୍ତର ରହସ୍ୟ ଉନ୍ମୋଚନ ପାଇଁ ଅଭୟ ପ୍ରତିଶ୍ରୁତି ଗୁରୁଦେବଙ୍କଠାରୁ ପାଇବା ପରେ ପୁନର୍ବାର କହିଲେ, ''ଆପଣ ମୋତେ ଭଗବାନଙ୍କର ଦର୍ଶନ କରାଇଦେବେ, ଏହି ପ୍ରତିଶ୍ରୁତି ମୋତେ ଆଜି ଦିଅନ୍ତୁ ।''

ଏଭଳି ଏକ ବିଷମ ପ୍ରତିଶ୍ରୁତିରେ ସମ୍ମତ ହେବା ପୂର୍ବରୁ ଗୁରୁଦେବ ଟିକିଏ ନୀରବ ରହିଲେ । ହେଲେ ମୁକୁନ୍ଦ ଛାଡ଼ିବାର ପାତ୍ର ନୁହନ୍ତି । ଗୁରୁଲବ୍ଧଜ୍ଞାନର ଅଂଶୀଦାର ହେବାର ଅଧିକାର ତ ଶିଷ୍ୟର ରହିଛି; ସେ କାହିଁକି ଏ ସୁଯୋଗକୁ ବିଳମ୍ବିତ କରିବେ ।

''ଦେଖୁଛି, ତୁମେ ବଡ଼ ନଛୋଡ଼ବନ୍ଦା । ବେଶ୍, ତୁମର ଇଚ୍ଛାହିଁ ମୋର ଇଚ୍ଛା ହେଉ । ଚାଲ, ତୁମକୁ ଆଶ୍ରମ ବୁଲାଇ ଦେଖାଇ ଦେବି ।''– ଏହା କହି ଗୁରୁଦେବ ବାଘଛାଲ ଆସନରୁ ଉଠିଲେ । ମୁକୁନ୍ଦ ଆଶ୍ୱସ୍ତ ହେଲେ ଏବଂ ତାଙ୍କୁ ଅନୁସରଣ କଲେ ।

ଆଶ୍ରମଟି ବେଶ୍ ବଡ଼ । ପୁରୁଣାକାଳିଆ, କିନ୍ତୁ ସୁବ୍ୟବସ୍ଥିତ । ଚାରିପାଖରେ ବଡ଼ ବଡ଼ ସ୍ତମ୍ଭ, ମଝିରେ ଗୋଟାଏ ପ୍ରଶସ୍ତ ଅଗଣା; ଯେଉଁଠାରେ ପଙ୍‌କ୍ତିଭୋଜନ, ମାସିକ ସମାରୋହ ଓ ବାର୍ଷିକ ଦୁର୍ଗାପୂଜା ସବୁକିଛି ସ୍ଥାନ ପାଇଥା'ନ୍ତି । ଉପର ମହଲାରେ ଗୁରୁଦେବଙ୍କ ବସିବା ଘର, ଘରକୁ ଗୋଟାଏ ଅଣଓସାରିଆ ଶିଡ଼ିର ରାସ୍ତା । ମୁକୁନ୍ଦଙ୍କ ଦୃଷ୍ଟିରୁ ଏସବୁ କିଛି ବି ବାଦ୍ ପଡୁ ନ ଥାଏ ବରଂ ଗୋଟାଏ ଦେଖାରେ ସେ ଆପଣେଇ ନେଉଥା'ନ୍ତି ପରିବେଶକୁ । ହଠାତ୍ ତାଙ୍କ ନଜର ପଡ଼ିଗଲା କାନ୍ଥ ଲଟକା ଫୁଲ ହାର ପିନ୍ଧା ଫଟୋଟି ଉପରେ । ଆଶ୍ଚର୍ଯ୍ୟ ହୋଇ କହି ଉଠିଲେ, ''ଏ ଯେ ଲାହିଡ଼ି ମହାଶୟ !''

''ହଁ, ମୋର ଦିବ୍ୟ ଗୁରୁଦେବ । ସାଧନା ପଥରେ ମୋର ଅନ୍ୱେଷଣ ଦ୍ୱାରା ମୁଁ ଯେଉଁ ଗୁରୁମାନଙ୍କର ସଂସ୍ପର୍ଶରେ ଆସିଛି, ସେମାନଙ୍କ ମଧ୍ୟରେ ଉଭୟ ମନୁଷ୍ୟ ଓ ଯୋଗୀ ହିସାବରେ ତାଙ୍କର ସ୍ଥାନ ସବୁଠାରୁ ଉଚ୍ଚରେ ।''– ଗୁରୁଦେବଙ୍କର ଭକ୍ତିପୂତ ଉତ୍ତରରେ ମୁକୁନ୍ଦ ଆହୁରି ଭାବ ବିହ୍ୱଳ ହୋଇ ଉଠିଲେ, ପାଦ ତଳେ ନୀରବରେ ପ୍ରଣତି ଜଣାଇଲେ । ଆଶୈଶବ ଯାହାଙ୍କ ଆଶୀର୍ବାଦ ତାଙ୍କ ଜୀବନକୁ ପରିଚାଳିତ କରି ଆସୁଛି, ସେ ଯେ ଗୁରୁଦେବଙ୍କ ଗୁରୁ, ଏମନ୍ତ ବିଧାନକୁ ଜାଣି କୃତାର୍ଥ ହେଲେ । ମନେ ପଡ଼ିଗଲା ତାଙ୍କ ମା'ଙ୍କ କଥା –''ମୁକୁନ୍ଦ, ତୁ ଯେତେବେଳେ ମୋ କୋଳରେ ଛୋଟ ଶିଶୁ, ତୋତେ କୋଳରେ ଧରି ମୁଁ ମୋର ଗୁରୁଦେବ ଲାହିଡ଼ି ମହାଶୟଙ୍କ ଘରକୁ ଯାଇଥିଲି । ସେ ଗଭୀର ଧ୍ୟାନରେ ବସିଥିଲେ ।... ମୋର ନୀରବ ଭକ୍ତିପୂତ ପ୍ରାର୍ଥନା ଯେତେବେଳେ ଗଭୀର ହେଲା ସେତେବେଳେ ସେ ଆଖି ଖୋଲିଲେ ଏବଂ ମୋତେ ତାଙ୍କ ନିକଟକୁ ଆସିବାକୁ କହିଲେ । ସେ ତୋତେ କୋଳରେ ବସାଇଲେ ଏବଂ ଅଧ୍ୟାତ୍ମ ମାର୍ଗରେ ଦୀକ୍ଷିତ କରିବା ପରି ତୋ କପାଳରେ ହାତ ରଖି କହିଲେ –'ଛୋଟ ମା' ! ତୋର ପୁଅ ଜଣେ ଯୋଗୀ ହେବ, ଏକ ରେଳ ଇଞ୍ଜିନ ସଦୃଶ ବହୁ ଆତ୍ମାଙ୍କୁ ଅଧ୍ୟାତ୍ମ ମାର୍ଗରେ ନେଇ, ସେ ଭଗବାନଙ୍କ ପାଖରେ ପହଞ୍ଚାଇବ' ।... ଖାଲି ଏତିକି ନୁହେଁ, ତୋ ଜନ୍ମର ଅଳ୍ପ ପୂର୍ବରୁ ସେ କହିଥିଲେ ଯେ ତୁ ତାଙ୍କରି ମାର୍ଗ ଅନୁସରଣ କରିବୁ ।''

ଗୁରୁଦେବଙ୍କ ନିମନ୍ତ୍ରଣ ରକ୍ଷା କରି ମୁକୁନ୍ଦ ସେଦିନଟି ଆଶ୍ରମରେ କଟାଇଲେ । ପରଦିନ ସକାଳେ ସେ ଗୁରୁଦେବଙ୍କଠାରୁ କ୍ରିୟାଯୋଗ ଦୀକ୍ଷା ଗ୍ରହଣ କଲେ । ଅବଶ୍ୟ ସେ ଏହି ଯୋଗ ପ୍ରଣାଳୀ ସମ୍ବନ୍ଧରେ ଲାହିଡ଼ି ମହାଶୟଙ୍କର ଦୁଇଜଣ ଶିଷ୍ୟ – ଜଣେ ତାଙ୍କ ବାପା ଓ ଆଉ ଜଣେ ତାଙ୍କ ଗୃହ ଶିକ୍ଷକ ସ୍ୱାମୀ କେବଳାନନ୍ଦଙ୍କଠାରୁ କିଛି ଜ୍ଞାନ ଲାଭ କରିଥିଲେ । କିନ୍ତୁ ଗୁରୁଦେବଙ୍କ ପାଖରେ ଥିଲା ରୂପାନ୍ତର କରିଦେବାର ଅଦ୍ଭୁତ ଶକ୍ତି । ସେହି ଶକ୍ତିର କ୍ଷଣିକ ସ୍ପର୍ଶରେ ତାଙ୍କର ସର୍ବାଙ୍ଗ ଶରୀରରେ ଅସଂଖ୍ୟ ସୂର୍ଯ୍ୟ ଏକତ୍ର ପ୍ରଜ୍ୱଳିତ ହେବା ଭଳି ଏକ ପ୍ରଚଣ୍ଡ ଜ୍ୟୋତିଃ ଖେଳିଗଲା । ସେ ଅନୁଭବ କଲେ ଏକ ଅନିର୍ବଚନୀୟ ଆନନ୍ଦର ବନ୍ୟା ତାଙ୍କ ଅନ୍ତରକୁ ପ୍ଲାବିତ କରିଦେଉଛି ।

ପରଦିନ ସେ ଆଶ୍ରମରୁ ଘରକୁ ଫେରି ଆସିଲେ । ତାଙ୍କୁ ଦେଖି ଘର ଲୋକଙ୍କର ଖୁସି ଅକୁହା । ମନେହେଲା ଉଡ଼ନ୍ତା ଚଢ଼େଇର ନୀଡ଼ ଫେରନ୍ତା ବାଟକୁ ସତେ ଯେମିତି ସେମାନେ ଚାହିଁ ରହିଥିଲେ । ସନ୍ଧ୍ୟାରେ ସେ ଚୁପ୍‌ଚାପ୍ ବସିଥିଲା ବେଳେ ବାପା ଆସି କହିଲେ, '' ପୁଅ, ମୁଁ ଆମ ଦୁହିଙ୍କ ପାଇଁ ବହୁତ ଖୁସୀ । ମୁଁ ଯେମିତି ଆଶ୍ଚର୍ଯ୍ୟଜନକ ଭାବେ ମୋର ଗୁରୁଙ୍କୁ ପାଇଥିଲି, ତୁ ମଧ୍ୟ ତୋର ଗୁରୁଙ୍କୁ ସେହିପରି ପାଇଛୁ । ଲାହିଡ଼ି ମହାଶୟଙ୍କର ଦିବ୍ୟ ହସ୍ତ ଆମକୁ ରକ୍ଷା କରୁଛି । ତୋ'ର ଗୁରୁ ହିମାଳୟର ଦୁଷ୍ପ୍ରାପ୍ୟ ଯୋଗୀ ନୁହନ୍ତି, ସେ ଆମର ଅତି ନିକଟସ୍ଥ । ମୋର ପ୍ରାର୍ଥନା ସଫଳ ହୋଇଛି, ଈଶ୍ୱର ଅନ୍ୱେଷଣ ପାଇଁ ତୁ ମୋର ଦୃଷ୍ଟିପଥରୁ ଦୂରେଇ ଯାଇ ନାହୁଁ ।''

ପାଠପଢ଼ା ପୁଣି ଆରମ୍ଭ ହେବ ଜାଣି ବାପା ତାଙ୍କର ବହୁତ ଖୁସୀ । ଖୁବ୍ ଶୀଘ୍ର କଲିକତାର ସ୍କଟିସ୍ ଚର୍ଚ୍ଚ କଲେଜରେ ତାଙ୍କ ନାମ ଲେଖା ହୋଇଗଲା । ହେଲେ ଯମୁନା ଉଜାଣି ବହିବାଟା ବିଚିତ୍ର ନୁହେଁ । କଲେଜକୁ ଯିବା ପରିବର୍ତ୍ତେ ମୁକୁନ୍ଦ ପ୍ରାୟ ନିତି ହାଜର ହୋଇଯାଉଥିଲେ ଶ୍ରୀରାମପୁର ଆଶ୍ରମରେ । ଆଶ୍ରମ ଆକର୍ଷଣ ଓ ଗୁରୁଦେବଙ୍କ ସାନ୍ନିଧ୍ୟ ତାଙ୍କ ପାଇଁ ଥିଲା ଗୋପର ବଂଶୀସ୍ୱନ । ଦିନେ ନ ଗଲେ ରାସହରା ଗୋପୀଙ୍କ ପରି ପାଗଳ ହୋଇ ଉଠୁଥିଲେ । ଯୋଗକୁ ଗୁରୁଦେବ ପଢ଼ା ସମ୍ବନ୍ଧରେ କିଛି ନ ପଚାରିବାଟା ତାଙ୍କୁ ବେଶ୍ ସୁହାଉଥିଲା । ସେ ଯେ ଜଣେ କୃତିଛାତ୍ର ହେବେ ନାହିଁ ଏକଥା ଗୁରୁଦେବ କାହିଁକି ସର୍ବସାଧାରଣଙ୍କୁ ମଧ୍ୟ ଅଜଣା ନ ଥିଲା ।

ସନ୍ଧ୍ୟାର ଶାନ୍ତ ପରିବେଶରେ ଗୁରୁଦେବଙ୍କ ପ୍ରବଚନ ଶୁଣି ମୁକୁନ୍ଦ ମୁଗ୍ଧ ହୋଇ ଯାଉଥିଲେ । ଗୁରୁଦେବଙ୍କ ପ୍ରତିଟି କଥାରେ ଫୁଟି ଉଠୁଥିଲା ଆତ୍ମପ୍ରତ୍ୟୟର ଭାବ । ଭାଷା ସଂକ୍ଷିପ୍ତ ଓ ଶାଣିତ । ହେଲେ ସେଥିରେ ଭରି ରହିଥିଲା ସ୍ନେହର ପୀୟୂଷ । ମିଛ ନୁହେଁ, ତାଙ୍କ ସ୍ନେହର ବନ୍ଧନରୁ ମୁକୁଳିବା ଖାଲି ପାର୍ଷଦମାନଙ୍କ ପାଇଁ ନୁହେଁ, ଏମିତି କି ହିଂସ୍ର ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଥିଲା ଏକ ସମସ୍ୟା । ଗୁରୁଦେବ ଥରେ ପୁରୀର ସମୁଦ୍ରକୂଳରେ ଥିବା ତାଙ୍କ ଶାଖା ଆଶ୍ରମରେ ଶିଷ୍ୟମାନଙ୍କ ଗହଣରେ ବସିଥା'ନ୍ତି । ହଠାତ୍ ଗୋଟାଏ ଚାରି ଫୁଟିଆ ନାଗ ସାପ ଫଣା ଟେକି ଗର୍ଜି ମାଡ଼ି ଆସିଲା । ସମସ୍ତେ ଏକ ଅତର୍କିତ ଆତଙ୍କରେ ଚିହିଁକିଉଠିଲେ । ଗୁରୁଦେବ ତ ସହଜେ ସମତା-ସୁହାଗୀ, ତେଣୁ ତାଙ୍କ ପାଇଁ ଘଟଣାଟି ଅସାଧାରଣ ମନେ ହେଲା ନାହିଁ । ବରଂ ସେ ଗୋଟିଏ ଛୋଟ ପିଲାକୁ ଅଭ୍ୟର୍ଥନା କଲାଭଳି ଟିକିଏ ହସିଦେଇ ତାକୁ ସ୍ୱାଗତ ଜଣାଇଲେ । ସାପଟି ତାଙ୍କର ଅତି ନିକଟକୁ ଆସି ନିଶ୍ଚଳ ହୋଇ ରହିଗଲା । ମନେ ହେଲା ସେ ବି ତାଙ୍କର ନିହାତି ନିଜର । ତା'ର ଭୟଙ୍କର ଫଣା କ୍ରମେ ସଂକୁଚିତ ହୋଇଗଲା ଓ ସେ ସୁଧାର ଶିଷ୍ୟଟିଏ ପରି ଗୁରୁଦେବଙ୍କ ପାଦ ପାଖ ଦେଇ ଅଦୂର ଅରମାରେ ହଜିଗଲା ।

ମୁକୁନ୍ଦଙ୍କର ଆଶ୍ରମ ଗତାଗତ ସେତେବେଳକୁ ଛଅ ମାସ ପୂରି ଗଲାଣି । ଅନ୍ତେବାସୀ ନ ହେଲେ ବି ଆଶ୍ରମର ଦାୟିତ୍ୱ ତୁଲାଇବାରେ ସେ ଅନ୍ୟ ଶିଷ୍ୟମାନଙ୍କ ପରି ସମତୁଲ । କିନ୍ତୁ ପାଣି ପହଁରା ମାଛ ଜଳର ଶୀତଳତା ହରାଇବା ପରି ଆଶ୍ରମ କାମ ଓ ପାଠପଢ଼ା ପ୍ରତି ସେ ଆସ୍ତେ ଅନାଗ୍ରହୀ ହୋଇଉଠିଲେ । ମନରେ ଜାଗିଉଠିଲା ତାଙ୍କର ସେଇ ପୁରୁଣା ସ୍ୱପ୍ନ । ଦିନେ ସିଧା ଯାଇ ଗୁରୁଦେବଙ୍କୁ କହିଲେ, ''ଅନୁଗ୍ରହ କରି ମୋତେ ହିମାଳୟକୁ ଯିବା ପାଇଁ ଅନୁମତି ଦିଅନ୍ତୁ । ଆଶା କରୁଛି, ଅଖଣ୍ଡ ନୀରବତା ମଧ୍ୟରେ ମୁଁ ଅବିରତ ଭଗବତ୍ ସାନ୍ନିଧ୍ୟ ଲାଭ କରିବି ।''

''ଅନେକ ପାହାଡ଼ୀ ଲୋକ ହିମାଳୟରେ ବାସ କରନ୍ତି । କିନ୍ତୁ ସେମାନଙ୍କର ଈଶ୍ୱର ଲାଭ ହୋଇ ନ ଥାଏ । ପ୍ରାଣହୀନ ପର୍ବତ ଅପେକ୍ଷା ଈଶ୍ୱରୋପଲବ୍ଧି କରିଥିବା ଜଣେ ବ୍ୟକ୍ତିଙ୍କଠାରୁ ଜ୍ଞାନ ଅନ୍ୱେଷଣ କରିବା ଅଧିକ ଲାଭ ଦାୟକ ।''– ଗୁରୁଦେବ ଏତିକି କହି ନୀରବ ରହିଲେ । ତାଙ୍କ କଥାର ମର୍ମ ନ ବୁଝି ବରଂ ନୀରବତାକୁ ସମ୍ମତିର ସୂଚନା ମଣିଲେ ମୁକୁନ୍ଦ । ସନ୍ଧ୍ୟାରେ ଘରକୁ ଫେରିଆସି ଯାତ୍ରାର ଆୟୋଜନ କଲେ । ଖଣ୍ଡେ କମ୍ୱଳରେ ଅଳ୍ପକିଛି ଜିନିଷ ସଜିଲ କଲାବେଳେ ପୂର୍ବଥର ହିମାଳୟ ଯାତ୍ରାର ବିଫଳତା ଏବଂ ଏଥର ଗୁରୁଦେବଙ୍କୁ ଛାଡ଼ି ଯାଉଥିବାର ଗ୍ଳାନି ତାଙ୍କ ଭିତରେ ଭିତରେ ଗୁମୁରୁ ଥାଏ । ତଥାପି ଆଶୁ ଫଳ ଆଶାର ଆତୁରତା କୁହୁଡ଼ି ଘୋଡ଼ିଆ ସକାଳ ପରି ଆବୋରି ବସିଥାଏ ତାଙ୍କ ବିବେକକୁ । ପରଦିନ କଲେଜର ସଂସ୍କୃତ ଅଧ୍ୟାପକ ବିହାରୀ ପଣ୍ଡିତଙ୍କଠାରୁ ଲାହିଡ଼ି ମହାଶୟଙ୍କର ଅନ୍ୟତମ ଶିଷ୍ୟ ଶ୍ରୀ ରାମଗୋପାଳ ମଜୁମଦାରଙ୍କ ଠିକଣା ସଂଗ୍ରହ କରିନେଲେ ମୁକୁନ୍ଦ । ସମାଧି ଅବସ୍ଥାରେ ସଦାସର୍ବଦା ଜାଗ୍ରତ୍ ରହିଥିବାରୁ ଲୋକେ ତାକୁ 'ବିନିଦ୍ରସାଧୁ' ବୋଲି ଡାକନ୍ତି । ତାଙ୍କ ଘର ତାରକେଶ୍ୱର ନିକଟସ୍ଥ ରଣବାଜପୁରରେ ।

ସାଧୁଙ୍କଠାରୁ ଅନୁମତି ନେଇ ନିର୍ଜନ ହିମାଳୟରେ ଧ୍ୟାନଧାରଣାରେ ସମୟ କଟାଇବେ ବୋଲି ସ୍ଥିର କରି ଶେଷରେ ମୁକୁନ୍ଦ ଟ୍ରେନ୍ ଯୋଗେ ତାରକେଶ୍ୱର ଯାତ୍ରା କଲେ । ସାଧୁଙ୍କର ଘର ନିପଟ ମଫସଲରେ । ସେଠାରେ ପହଞ୍ଚି ସାଧୁଙ୍କୁ ପାଇବା ପାଇଁ ସେ ନହୁନୁହାଣ ହୋଇଗଲେ । ମାଇଲ ପରେ ମାଇଲ ଧାନ ବିଲର ହିଡ଼େ ହିଡ଼େ ଚାଲିଥା'ନ୍ତି । ହେଲେ ବାଟର ଯେମିତି ଶେଷ ନାହିଁ । କାମ ଫେରନ୍ତା ବାଟୋଇଙ୍କୁ ଭେଟିଲେ ଉତ୍ତର ମିଳୁଥାଏ – 'ସାଧୁଜିଙ୍କ ଘର, ଏଇ ମାତ୍ର ଏକ କୋଶ ।' ବେଳ ଗଡ଼ି ଦ୍ୱିପହର ହେଲା । ଖରାରେ ମୁଣ୍ଡ ଝାଇଁ ମାରିଯାଉଥାଏ, ପୂରା ମୂର୍ଚ୍ଛା ହେବା ଭଳି । ହଠାତ୍ ଜଣେ ଆଗନ୍ତୁକ ତାଙ୍କ ସାମ୍ନାରେ ଅଟକି ଗଲେ । ଦେଖିବାକୁ ଛୋଟ, ଦେହ ପତଳା । ଉଜ୍ଜ୍ୱଳ କଳା କଳା ଅନ୍ତର୍ଭେଦୀ ଆଖିଦୁଇଟିକୁ ଛାଡ଼ିଦେଲେ ଶରୀରର ସୌଷ୍ଠବରେ ସେମିତି କିଛି ଆକର୍ଷଣ ନ ଥିଲା ।

''କ'ଣ ଭାବିଥିଲ ଆଗରୁ କିଛି ନ ଜଣାଇ ମୋ ଉପରେ ହଠାତ୍ କୁଦି ପଡ଼ିବ ? ଭାରି ଚାଲାକ୍ ତ ? ତୁମକୁ ମୋର ଠିକଣା ଦେବାକୁ ସେହି ଅଧ୍ୟାପକ ବିହାରୀର କୌଣସି ଅଧିକାର ନ ଥିଲା ।''– ଆଗନ୍ତୁକଙ୍କ ଏମନ୍ତ ଉକ୍ତିରେ ମୁକୁନ୍ଦ ବିରକ୍ତିବୋଧ କରୁଥିଲେ ବି, ଜାଣି ଆଶ୍ୱସ୍ତ ହେଲେ ସେ'ହିଁ ହେଉଛନ୍ତି ତାଙ୍କର ଈପ୍‌ସିତ ବିନିଦ୍ର ସାଧୁ । ନିଜର ଆତ୍ମପରିଚୟ ଦେବାକୁ ସେ ଆବଶ୍ୟକ ମଣିଲେ ନାହିଁ । ଚୁପ୍‌ଚାପ୍ ଠିଆ ହୋଇ ରହିଲେ । ସାଧୁଙ୍କର ତିରସ୍କାର ଭାବ ସଙ୍ଗେ ସଙ୍ଗେ ଉଭେଇଗଲା । ତାଙ୍କ କାନ୍ଧରେ ହାତରଖି ସସ୍ନେହେ କହିଲେ, ''ତରୁଣ ଯୋଗୀ ! ଦେଖୁଛି, ତୁମେ ତୁମର ଗୁରୁଙ୍କୁ ଛାଡ଼ି ପଳାଇ ଆସିଛ । ତୁମର ଯାହା ଆବଶ୍ୟକ, ସେସବୁ ତାଙ୍କ ପାଖରେ ଅଛି । ତାଙ୍କ ନିକଟକୁ ତୁମେ ଫେରିଯିବା ଉଚିତ ।'' ଗୁରୁଦେବଙ୍କ

ଉକ୍ତିକୁ ଦୋହରେଇ ନେଇ ସେ ପୁଣି କହିଲେ, ''ପାହାଡ଼ ତୁମର ଗୁରୁ ହୋଇ ନ ପାରେ।''

ବିସ୍ମୟ ବିମୂଢ଼ ହୋଇ ଚାହିଁ ରହିଥା'ନ୍ତି ମୁକୁନ୍ଦ । ମୁହଁରେ ତାଙ୍କର ଭାଷା ନ ଥାଏ । ସାଧୁ ମହାଶୟ ପୁଣି କହିଲେ, ''ଦୁଆର ବନ୍ଦ କରି ଏକୁଟିଆ ବସି ପାରିବା ଭଳି ଗୋଟିଏ ଛୋଟ କୋଠରି ତୁମେ ଯୋଗାଡ଼ କରି ନିଅ । ତାହାହିଁ ହେବ ତୁମର ଗୁମ୍ଫା । ତାହାହିଁ ହେବ ତୁମର ପବିତ୍ର ପର୍ବତ । ଆଉ ସେହିଠାରେହିଁ ତୁମେ ଭଗବାନଙ୍କର ରାଜ୍ୟ ପାଇବ ।''

ସାଧୁଙ୍କର ଏଇ କଥା କେଇପଦରେ ଖରାଛୁଆଁ କୁହୁଡ଼ି ପରି ମକୁନ୍ଦଙ୍କ ମନରେ ହିମାଳୟ ପ୍ରତି ରହିଥିବା ସମସ୍ତ ମୋହ ନିମିଷକେ ଦୂର ହୋଇଗଲା । ସେ ସାଧୁଙ୍କର ଆହୁରି ଅନୁଗତ ହୋଇଗଲେ । ତାଙ୍କ ସହିତ ଯାଇ ପାଖ ପଲ୍ଲୀର ଗୋଟିଏ ଛୋଟ କୁଡ଼ିଆରେ ଟିକିଏ ସାଷ୍ଟମ ହେଲେ । କିଛି ସମୟ ପରେ ସାହସ ସଞ୍ଚୟ କରି କହିଲେ, ''ମହାଶୟ, ମୋତେ ସମାଧି ଲାଭ କରାଇ ଦେଉନାହାନ୍ତି କାହିଁକି ?''

''ବାବା, ତୁମକୁ ଦିବ୍ୟ ଅନୁଭୂତି ଦେଇପାରିଲେ ମୁଁ ଖୁସୀ ହୁଅନ୍ତି । କିନ୍ତୁ ତାହା ମୋର କାମ ନୁହେଁ । ଅଳ୍ପ କେତେ ଦିନ ଭିତରେ ତୁମର ଗୁରୁ ତୁମକୁ ସେହି ଅନୁଭୂତି ପ୍ରଦାନ କରିବେ । ତୁମର ଶରୀର ସେଥିପାଇଁ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ । ... ଯଦି ମୁଁ ତୁମକୁ ଏହିକ୍ଷଣି ଅଖଣ୍ଡ ବ୍ରହ୍ମାନନ୍ଦର ଅନୁଭୂତି ଉପଲବ୍ଧ କରାଇଦିଏ, ତୁମେ ଜଳିପୋଡ଼ି ଯିବ, ଯେପରି ତୁମର ପ୍ରତ୍ୟେକ ଶରୀରକୋଷରେ ନିଆଁ ଲାଗି ଯାଇଛି ।''— ସାଧୁଙ୍କର ଉକ୍ତିରେ ସଂଶୟର ଅବକାଶ ନ ଥିଲା । ବରଂ ମୁକୁନ୍ଦ ଅନୁଭବ କଲେ ତାଙ୍କ ଭିତରର ଆକାଶଟା ଯେମିତି ଆହୁରି ପ୍ରଶସ୍ତ ହୋଇଯାଉଛି, ଆଉ ସେଥିରେ ଖାଲି ବିଜୁଳିର ଚମକ । ଆଖି ବନ୍ଦ କଲେ ସେହି ଚମକ ବଢ଼ିବାରେ ଲାଗିଲା । ଏମିତିକି ସେଦିନ ରାତିରେ ଶୋଇବା ତାଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଲା । ସାଧୁ ମହାଶୟ ତାଙ୍କ ତନ୍ଦ୍ରାହୀନତାର କାରଣ ଜାଣିବାରୁ କହିଲେ, ''ଏଭଳି ଅନୁଭୂତି ଲାଭ କରିଥିବାରୁ ତୁମେ ଭାଗ୍ୟବାନ । ଆଧ୍ୟାତ୍ମିକ ଜ୍ୟୋତିଃର ଏପରି ଦର୍ଶନ ସହଜେ ଲବ୍ଧ ହୁଏ ନାହିଁ । ତୁମର ଭଗବତ୍ ଆକାଙ୍‌କ୍ଷା ବାସ୍ତବିକ ପ୍ରଶଂସନୀୟ ।''

ପରଦିନ ପ୍ରଭାତରେ ମୁକୁନ୍ଦ ସାଧୁଙ୍କ ଚରଣ ସ୍ପର୍ଶକରି ଆନନ୍ଦରେ ଟ୍ରେନ୍ ଚଢ଼ିଲେ । ତାଙ୍କର ଯାତ୍ରା ଶେଷ ହେଲା ଉତ୍ତୁଙ୍ଗ ଶିଖର-ଧାରୀ ପାର୍ବତ୍ୟ ଉପତ୍ୟକାରେ ନୁହେଁ, ହିମାଳୟ ପରି ମହାନ୍ ତାଙ୍କର ଗୁରୁଦେବଙ୍କ ଚରଣରେ । ଶ୍ରୀରାମପୁର ଆଶ୍ରମରେ ପଶୁପଶୁ ଆପଣାଛାଏଁ ତାଙ୍କ ପାଟିରୁ ବାହାରି ଆସିଲା, ''ଗୁରୁଦେବ, ମୁଁ ଆସିଗଲି ।''

ଗୁରୁଦେବଙ୍କ ଆଦର ଅଭ୍ୟର୍ଥନା ଜଣାଇ ଦେଲା ସେ ବି ଯେମିତି ଅନାଇ ରହିଥିଲେ ତାଙ୍କ ଫେରନ୍ତା ବାଟକୁ । ❑

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୬)

# ସିଦ୍ଧିର ଅପପ୍ରୟୋଗ

ସନ୍ତୋଷ କୁମାର ରଥ

ଗଙ୍ଗା ନଦୀକୁ ମୁହଁ କରି ଠିଆ ହୋଇଥିବା ପକ୍କି ବୋଡ଼ିଂ, ଦିଶୁଥିବା ବୟସଠାରୁ ଆହୁରି ପୁରୁଣା । ଶ୍ରୀରାମପୁର କଲେଜର ଛାତ୍ରମାନଙ୍କ ପାଇଁ ଏକମାତ୍ର ସାହାରା । ସେଥିରୁ ଛୋଟ ବଖରାଟିଏ ଭଡ଼ା ନେଇ ରହୁଥିଲେ ମୁକୁନ୍ଦ (ଯୋଗାନନ୍ଦଙ୍କ ପିଲାଦିନର ନାମ) । ମୁକୁନ୍ଦ ସେତେବେଳକୁ କଲେଜର ଏ. ବି. (ଆଜିର ବି.ଏ.) ଛାତ୍ର । ହଠାତ୍ ଦିନେ ଗୁରୁଦେବ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର ଆବିର୍ଭାବ ହେଲା ସେହି ବୋଡ଼ିଂରେ, ତାଙ୍କ ଆସବାବ ଭର୍ତ୍ତି ବଖରାରେ । ଫର୍ଚ୍ଚା ଆକାଶର ଅଦିନିଆ ମେଘ ଅସରାରୁ ବର୍ତ୍ତିଯିବା ଆଶାରେ ମୁକୁନ୍ଦ ଆଶ୍ଚର୍ଯ୍ୟ-ଆତୁରେ ସଜାଡ଼ି ନେଲେ ନିଜର ଅସଜଡ଼ା ବହିଗୁଡ଼ିକୁ । ଗୁରୁଦେବଙ୍କର ନଜର କିନ୍ତୁ ଥିଲା ଭିନ୍ନ ଜାଗାରେ । ଘରର କାନ୍ଥ ଆଡ଼କୁ ଚାହିଁ ଅଚହଲା ପାଣିର ପ୍ରତିବିମ୍ବ ସଦୃଶ ଠିଆ ହୋଇଥା'ନ୍ତି । ମନେ ହେଉଥାଏ କିଛି ଗୋଟାଏ ଅଦୃଶ୍ୟ ଦୃଶ୍ୟରେ ଯେମିତି ବିଭୋର । ନୀରବତାକୁ ଆଡ଼େଇ ଦେଇ ମୁକୁନ୍ଦ ପ୍ରଶ୍ନ କଲେ, ''ଗୁରୁଦେବ ! ଏଇ ନୂଆ ରଙ୍ଗିଆ କାନ୍ଥଗୁଡ଼ିକ ଭିତରେ କ'ଣ ପୁରୁଣା ସ୍ମୃତିସବୁ ଏବେ ବି ଜିଇଁ ରହିଛନ୍ତି ?''

''ଠିକ୍ ଏଇ ବଖରାରେ ସେ ରହୁଥିଲେ ।'' — ଗୁରୁଦେବ ମୃଦୁ ହସି ନୀରବ ରହିଲେ । ମୁକୁନ୍ଦ କିନ୍ତୁ ଚମକି ଚାହିଁଲେ । ଉତ୍କଣ୍ଠାରେ ଅଧୀର । ସେଇ ଅଜଣା ଅତୀତର ରହସ୍ୟ ଉନ୍ମୋଚନ କରିବା ପାଇଁ ସେ ଗୁରୁଦେବଙ୍କୁ ଅନୁରୋଧ ଜଣାଇଲେ । ଗୁରୁଦେବ ବଡ଼ ଦ୍ୱିଧାରେ କହିଲେ, ''ବହୁ ବର୍ଷ ତଳର କଥା । ଏଇ ବଖରାରେ ଆଫଜାଲ ଖାଁ ନାମକ ଜଣେ ଫକିର (ମୁସଲମାନ ଯୋଗୀ) ରହୁଥିଲେ । ଥରେ ଜଣେ ହିନ୍ଦୁ ଯୋଗୀଙ୍କ ସହିତ ତାଙ୍କର ଅଚାନକ ଭେଟ ହେବା ପରେ ସେ ଅସାଧାରଣ ଶକ୍ତି ହାସଲ କରିଥିଲେ । ଅବଶ୍ୟ ତାହା ଏକ ଲମ୍ବା କାହାଣୀ ।''

ଗୁରୁଦେବଙ୍କ ଏଭଳି ସଂକ୍ଷିପ୍ତ ଉତ୍ତରରେ ମୁକୁନ୍ଦଙ୍କର ଜିଜ୍ଞାସା ଆହୁରି ବଢ଼ିଗଲା । ସେ ଭାବିଲେ ଏମିତି କିଛି ଦୀର୍ଘତା ନାହିଁ ଯାହା ଗୁରୁଦେବଙ୍କ ପକ୍ଷେ ସାଧ୍ୟାତୀତ । ଆଉ କାହାଣୀଟି ଯଦି ବା ଲମ୍ବା ହୁଏ ତେବେ ଦୀର୍ଘ ସମୟ ଧରି ଗୁରୁଦେବଙ୍କ ସାନ୍ନିଧ୍ୟ ସହ ମୁଖ-ନିସୃତ ବାଣୀ ଶୁଣିବା ଲାଗି ଏହାହିଁ ହେବ ଏକ ପରମ ସୌଭାଗ୍ୟ । ଏଇ ସୁଯୋଗକୁ ଆଜି ଆଉ ହାତଛଡ଼ା କରିବାର ନୁହେଁ । ତେଣୁ ଫକିରଙ୍କର ସେଇ ଡାଙ୍ଗୁଣୀ-ଡଙ୍କା କାହାଣୀର ଗଣ୍ଠି ଖୋଲିବା ପାଇଁ ସେ ଗୁରୁଦେବଙ୍କ ନିକଟରେ ଅଳି କଲେ । ଗୁରୁଦେବ ଶେଷରେ କହିବା ପାଇଁ ବାଧ୍ୟ ହେଲେ :

ଆଫଜାଲ୍ ଖାଁ ସେତେବେଳକୁ ଛୋଟ ପିଲାଟିଏ । ପୂର୍ବବଙ୍ଗର ଗୋଟିଏ ନିପଟ ମଫସଲୀ ଗାଁ ରାସ୍ତାରେ ଖେଳୁଥା'ନ୍ତି । ଦିନେ ଜଣେ ସନ୍ନ୍ୟାସୀ ଆସି ସେହି ଗାଁରେ ପହଞ୍ଚିଲେ । ଦେହସାରା ଭସ୍ମ, ମୁଣ୍ଡରେ ଜଟା ଓ ହାତରେ କମଣ୍ଡଳୁ । ବେଶ୍ ବଳିଷ୍ଠ ଚେହେରା, ହେଲେ ବଡ଼ ତୃଷାର୍ତ୍ତ ମନେ ହେଉଥା'ନ୍ତି । ବଡ଼ ସନ୍ତର୍ପଣରେ କହିଲେ, ''ପୁଅ, ମୋତେ ଭାରି ଶୋଷ ହେଉଛି । ମୋ ପାଇଁ ପାଣି ମୁନ୍ଦିଏ ଆଣିଦିଅ ।''

''ମହାତ୍ମା ! ମୁଁ ଜଣେ ମୁସଲମାନ । ଆପଣ ଜଣେ ହିନ୍ଦୁ ହୋଇ ମୋ ହାତରୁ କେମିତି ପାଣି ପିଇବେ ।'' — ଆଫଜାଲଙ୍କର ଏଭଳି ସରଳ ଓ ନିର୍ଭୀକ ଉତ୍ତରରେ ସନ୍ନ୍ୟାସୀ ମୁଗ୍ଧ ହୋଇ କହିଲେ, ''ବାବା, ତୁମର ସତ୍ୟବାଦିତା ମୋତେ ଖୁସି କରିଛି । ଏସବୁ ଭଗବତ୍ ବିରୋଧୀ ଜାତିପତି, ଛୁଆଁଅଛୁଆଁ ନିୟମ ମୁଁ ମାନେ ନାହିଁ । ଯାଅ, ମୋ ପାଇଁ ଶୀଘ୍ର ପାଣି ମୁନ୍ଦିଏ ଆଣ । ମୁଁ ବଡ଼ ଶୋଷିଲା ।''

ସନ୍ନ୍ୟାସୀଙ୍କର ଏଇ କଥା କେଇପଦରେ ଆଫଜାଲ ସବୁକିଛି ଭୁଲିଗଲେ । ଭୁଲିଗଲେ ସମାଜର ବାଛବିଚାର ଓ ତାଙ୍କ ପରିବାରର ଉଗ୍ର ରକ୍ଷଣଶୀଳତା । ସେ ଖାଲି ଶୁଣି ପାରୁଥା'ନ୍ତି ଗୋଟାଏ ଅତୃପ୍ତ କଣ୍ଠସ୍ୱର, ''ବାବା, ମୋ ପାଇଁ ପାଣି ମୁନ୍ଦିଏ ଆଣ । ମୁଁ ବଡ଼ ଶୋଷିଲା ।''

ନିମିଷକେ ଧର୍ମ-ସଂକଟର ଶଙ୍କାରୁ ଓହରିଯାଇ ଧାଇଁ ଆସିଲେ ଆଫଜାଲ । ସନ୍ନ୍ୟାସୀ ତୃପ୍ତ ହେଲେ । ବାହୁଡ଼ି ଯିବା ବେଳେ ପ୍ରସନ୍ନ ଚିତ୍ତରେ ଆଶୀର୍ବାଦ କରି କହିଲେ, ''ବତ୍ସ ! ପୂର୍ବଜନ୍ମମାନଙ୍କରୁ ତୁମର ଭଲ କର୍ମଫଳ ରହିଛି । ମୁଁ ତୁମକୁ ଗୋଟିଏ ଯୌଗିକ କୌଶଳ ଶିଖାଇବି । ଯାହାଦ୍ୱାରା ତୁମେ

ଏକ ଅଦୃଶ୍ୟ ଜଗତ୍ ଉପରେ ଆଦେଶ ଦେବାର କ୍ଷମତା ଲାଭ କରିପାରିବ । ତୁମେ ଯେଉଁ ପ୍ରଭୂତ ଶକ୍ତିର ଅଧିକାରୀ ହେବ, ତାହାକୁ ସତ୍‌କାର୍ଯ୍ୟରେ ଲଗାଇବ । ନିଜର ସ୍ୱାର୍ଥ ପାଇଁ ତାହା କେବେ ବି ବ୍ୟବହାର କରିବ ନାହିଁ । ମୁଁ ଏକଥା ମଧ୍ୟ ଦେଖିପାରୁଛି ଯେ ପୂର୍ବଜନ୍ମରୁ ତୁମେ କେତେଗୁଡ଼ିଏ ଧ୍ୱଂସକାରୀ ପ୍ରବୃତ୍ତିର ବୀଜ ସଙ୍ଗରେ ଆଣିଛ । କୁକର୍ମ ଦ୍ୱାରା ସେଇ ବୀଜ ପୁଣି ଅଙ୍କୁରିତ ହୋଇଯିବ । ସେଥିପ୍ରତି ସାବଧାନ ।''

ଏକ ଜଟିଳ ଯୌଗିକ କୌଶଳ ଶିଖାଇଦେବା ପରେ ସନ୍ନ୍ୟାସୀ ଜଣକ ସେ ଦିନ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ଆଫଜାଲ ଯେତେ ଖୋଜିଲେ ବି ଆଉ ପାଇଲେ ନାହିଁ । ଘରକୁ ଫେରିଆସି କାହାକୁ କିଛି ନ ଜଣାଇ ସନ୍ନ୍ୟାସୀଙ୍କ କଥାକୁ ମନରେ ରଖିଲେ । ଗୋପନରେ ଖୁବ୍ ନିଷ୍ଠାର ସହ ସେହି ଯୌଗିକ କୌଶଳକୁ ନିଜେ ଅଭ୍ୟାସ କଲେ । ଦୀର୍ଘ କୋଡ଼ିଏ ବର୍ଷ ପରେ ଆସ୍ତେ ଆସ୍ତେ ତାଙ୍କର ଖ୍ୟାତି ବଢ଼ିବାକୁ ଲାଗିଲା । ସେ ଏକ ଅଶରୀରୀ ଆତ୍ମା ସହିତ ସବୁବେଳେ ସଂପର୍କ ରକ୍ଷା କରିପାରୁ ଥିଲେ । ସେହି ଅଦୃଶ୍ୟ ଆତ୍ମା ଫକିରଙ୍କର ଯେକୌଣସି ଇଚ୍ଛାକୁ ପୂରଣ କରୁଥିଲା । ସେ ତାକୁ ହଜରତ୍ ବୋଲି ଡାକୁଥିଲେ ।

କ୍ରମେ ବହୁ ଦୂର ଦୂରାନ୍ତରୁ ଲୋକମାନେ ଆଫଜାଲଙ୍କର ଦ୍ୱାରସ୍ଥ ହେଲେ ନିଜ ନିଜର କାମନାର ପୂର୍ତ୍ତି ପାଇଁ । କାମନା ତ ଗୋଟାଏ କୁହୁଳା ନିଆଁ, ମଣିଷ କାହୁଁ ଜାଣିବ ତା'ର ଦାଉ । ଯାଚନାରେ ତା'ର ଯେମିତି ଶେଷ ନାହିଁ । ଥୋକେ ଜାଣୁଥିଲେ ବି ଅଜଣା ହେବାକୁ ଶ୍ରେୟଃ ମଣନ୍ତି । ଆଫଜାଲ ବି ସେଥିରୁ ବାଦ୍ ପଡ଼ିଲେନି । ଧନ ଓ ଯଶଃ ପାଇଁ ସେ ନିଜ ଶକ୍ତିର ଅପବ୍ୟବହାର କରିବାକୁ ଲାଗିଲେ । ଭୁଲିଗଲେ ଗୁରୁଦେବଙ୍କର ସାବଧାନ ବାଣୀ ।

ଆଫଜାଲ ସେତେବେଳକୁ ଏମିତି ଶକ୍ତିର ଅଧିକାରୀ ହୋଇଥିଲେ ଯେ ସେ ଯେଉଁ ଜିନିଷକୁ ଛୁଇଁ ଦେଉଥିଲେ ପର ମୁହୂର୍ତ୍ତରେ ସେଇଟି କୁଆଡ଼େ ଉଭାନ୍ ହୋଇଯାଉଥିଲା । କେହି ତା'ର ଟେର୍ ପାଉ ନ ଥିଲେ । ସମୟ ସମୟରେ ସେ ଗହଣା କିଣିବା ଆଳରେ କଲିକତାର ବଡ଼ ବଡ଼ ଅଳଙ୍କାର ଦୋକାନକୁ ଯାଉଥିଲେ । ସେଠାରେ ସେ ଯାହାସବୁ ଛୁଇଁ ଦେଉଥିଲେ ଫେରି ଆସିବାପରେ ସେସବୁ ଦୋକାନରୁ କୁଆଡ଼େ ଉଭେଇ ଯାଉଥିଲା । ଦୋକାନୀମାନଙ୍କର ଭାଳେଣି ପଡ଼ିଗଲା । ତାଙ୍କୁ ଅତିଥି ରୂପେ ଗ୍ରହଣ କରିବା ପାଇଁ ଲୋକେ ଶେଷକୁ ଭୟ ପାଇଲେ ।

ତାଙ୍କଠାରୁ ଏଇ ଗୁପ୍ତ ଯୌଗିକ କୌଶଳ ଶିଖିବା ପାଇଁ କଲେଜ ଛାତ୍ରମାନେ ଭାରି ଆଗ୍ରହୀ ଥିଲେ । ସେମାନେ ସବୁବେଳେ ତାଙ୍କୁ ଘେରି ରହୁଥିଲେ । ଥରେ ସେ ଦଳେ ପିଲାଙ୍କୁ ଧରି ଯାତ୍ରା କରିବା ଉଦ୍ଦେଶ୍ୟରେ ରେଳଷ୍ଟେସନ ଗଲେ । ସେଠାରେ କିରାଣିଠାରୁ ତାଡ଼େ ଟିକେଟ ଆଣି, ଏବେ ଦରକାର ନାହିଁ ବୋଲି କହି ଫେରାଇ ଦେଲେ । ହେଲେ ସେ ଯେତେବେଳେ ନିଜର ଅନୁଚରବର୍ଗଙ୍କ ସହ ଯାତ୍ରା କରିବାକୁ ଇଚ୍ଛା କରୁଥିଲେ, ରେଳଟିକେଟଗୁଡ଼ିକ ଆପେ ଆପେ ତାଙ୍କ ହାତକୁ ଆସି ଯାଉଥିଲା । ବିଚରା କିରାଣିକୁ କିନ୍ତୁ ତା'ର ମୂଲ୍ୟ ଭରଣ କରିବାକୁ ହେଉଥିଲା ।

ଅପରାଧର ସଂଖ୍ୟା ବଢ଼ି ଚାଲିଥିଲେ ବି ଆଫଜାଲକୁ ଅପରାଧୀ ବୋଲି ଦଣ୍ଡିତ କରିବାରେ ପୁଲିସର ଚାରା ନ ଥିଲା । କାରଣ ଅପରାଧର ସ୍ପଷ୍ଟ ପ୍ରମାଣ ଥାଇ ପୁଲିସ କେତେବାର ତାଙ୍କୁ ଗିରଫ କରିଛି । କିନ୍ତୁ ସେ ଯେତେବେଳେ, ''ହଜରତ୍, ଏଇସବୁ ନେଇଯାଅ'' ବୋଲି କହି ଦିଅନ୍ତି, ସେତେବେଳେ ଅପରାଧର ସମସ୍ତ ଚିହ୍ନ କୁଆଡ଼େ ଉଭେଇ ଯାଏ । ବିଚରା ପୁଲିସହିଁ କେବଳ ଅପଦସ୍ଥ ହୁଏ । ଏତିକି କହି ଗୁରୁଦେବ ନିଜ ଆସନରୁ ଉଠି ଗଙ୍ଗାନଦୀକୁ ସାମନା କରି ରହିଥିବା ଘରର ବାରଣ୍ଡା ଆଡ଼କୁ ମୁହାଁଇଲେ । ମୁକୁନ୍ଦ ମଧ୍ୟ ଧେନୁ ଅନୁଗାମୀ ବତ୍ସା ପରି ତାଙ୍କ ସଙ୍ଗେ ସଙ୍ଗେ ଗଲେ । ଫକିରଙ୍କର ଏଭଳି ରୋମାଞ୍ଚକର କାହାଣୀ ଶୁଣି ସେ ପୂରାପୂରି ବିହ୍ୱଳ । ତାଙ୍କ ଅନ୍ତିମ ପରିଣତି କଥା ଜାଣିବା ପାଇଁ ସେ ସେତେବେଳକୁ ଉଦ୍‌ବିଗ୍ନ । ଆହୁରି ପାଖକୁ ଆସି କହିଲେ, ''ଗୁରୁଦେବ ଏଇ ପଛି ବୋଡିଂ ସହ ତାଙ୍କର ପୁଣି କେମିତି ସଂପର୍କ ହେଲା ?''

ଗୁରୁଦେବଙ୍କର ଦୃଷ୍ଟି ପ୍ରସରି ଯାଉଥାଏ ଗଙ୍ଗାନଦୀର ସ୍ଥିର ପ୍ରବହମାନ ସ୍ରୋତ ଆଡ଼କୁ । ସ୍ରୋତ ଓ ସମୟକୁ ସତେଯେମିତି ସେ ସାମିଲ କରି ଦେଖୁଥା'ନ୍ତି । ଦୁହେଁ ଗତିଜ ପୁଣି ତା' କବଳରୁ ମୁକୁଳିବାର କାହାରି ଗତ୍ୟନ୍ତର ନାହିଁ । ସେ ତାଙ୍କର ସେହି ପ୍ରସାରିତ ଦୃଷ୍ଟିକୁ ଆନତ ନ କରି ପୁଣି କହିବାକୁ ଆରମ୍ଭ କଲେ :

ଏଇ ପଛି ବୋଡିଂଟି ପୂର୍ବରୁ ମୋର ଜଣେ ବନ୍ଧୁଙ୍କର ଥିଲା । ତାଙ୍କର କୌଣସି କାରଣରୁ ଆଫଜାଲଙ୍କ ସହ ପରିଚୟ ହୋଇଗଲା । ସେ ଆଫଜାଲଙ୍କୁ ଏଠାକୁ ଡାକିଲେ । ଅନ୍ୟାନ୍ୟ ପ୍ରାୟ କୋଡ଼ିଏ ଜଣ ପ୍ରତିବେଶୀଙ୍କ ସହ ମୁଁ ମଧ୍ୟ ସେଦିନ ନିମନ୍ତ୍ରିତ ହୋଇଥିଲି । ସେତେବେଳେ ମୁଁ ଜଣେ ଯୁବକ । ଯୁବ-

ସୁଲଭ ଉଦ୍ଦାମତାରେ ଏଭଳି କୁଖ୍ୟାତ ଫକିରଙ୍କ ବିଷୟରେ ଜାଣିବା ପାଇଁ ମୋର ପ୍ରବଳ ଆଗ୍ରହ ଥାଏ । ତାଙ୍କର କରାମତି ଜାଣିଥିବାରୁ ଜାଣିକରି ମୁଁ କୌଣସି ମୂଲ୍ୟବାନ୍ ଜିନିଷ ପିନ୍ଧିକରି ଆସି ନ ଥିଲି ।

ଚମତ୍କାରିତା-ପ୍ରଦର୍ଶନ ଉତ୍ସବ ଆରମ୍ଭ ହେଲା । ସମସ୍ତେ ବଡ଼ ଆଶ୍ଚର୍ଯ୍ୟ ହୋଇ ଅନାଗତକୁ ଅନାଇ ରହିଥା'ନ୍ତି । ମୋତେ ପାଖକୁ ଡାକି ମୋର ଆପାଦ-ମସ୍ତକ ନିରୀକ୍ଷଣ କରିବା ପରେ ଆଫଜାଲ କହିଲେ, ''ତୁମର ହାତ ଦୁଇଟି ଭାରି ଶକ୍ତ । ତଳ ବଗିଚାକୁ ଯାଅ; ଖଣ୍ଡିଏ ଚିକ୍କଣିଆ ପଥର ନେଇ ତା' ଉପରେ ଚକ୍‌ଖଡ଼ିରେ ନିଜର ଦସ୍ତଖତ କରି, ତାକୁ ଯେତେ ଦୂର ପାର ଗଙ୍ଗାନଦୀ ଭିତରକୁ ଫୋପାଡ଼ି ଦିଅ ।''

ସମସ୍ତଙ୍କର ଦୃଷ୍ଟି ମୋରି ଆଡ଼କୁ । ଫକିରଙ୍କର କହିବା ମୁତାବକ କାମଟି ମୁଁ ଅନୁରୂପ ଢଙ୍ଗରେ କଲି । ପଥରଟି ଗଙ୍ଗାନଦୀର ଗର୍ଭରେ କେଉଁ ଆଡ଼େ ଅଦୃଶ୍ୟ ହୋଇଗଲା । ହେଲେ ପରବର୍ତ୍ତୀ ପର୍ଯ୍ୟାୟ ସମ୍ବନ୍ଧରେ ସମସ୍ତେ ଉତ୍‌କଣ୍ଠିତ । ମୋତେ ପାଖକୁ ଡାକି କହିଲେ, ''ଏଇ ଘରର ସାମନାରେ ଗଙ୍ଗାଜଳ ଭର୍ତ୍ତିକରି ଗୋଟିଏ ପାତ୍ର ରଖିଦିଅ ।'' ଅନତି ବିଳମ୍ବେ ମୁଁ ତାଙ୍କର ନିର୍ଦ୍ଦେଶ ପାଳନ କଲି, ତା'ପରେ ସେ ଚିତ୍କାର କରି ଉଠିଲେ, ''ହଜରତ, ପାତ୍ରରେ ପଥରଟିକୁ ରଖିଦିଅ ।'' ସତକୁ ସତ ତାହାହିଁ ହେଲା । ପାତ୍ର ଭିତରୁ ପଥରଟିକୁ ବାହାର କରିନେଇ ମୁଁ ତନଖି କରି ଦେଖିଲି ଯେ ମୋର ଦସ୍ତଖତ ପୂର୍ବବତ୍ ଅକ୍ଷୁଣ୍ଣ ରହିଛି ।

ଆଫଜାଲଙ୍କର ଏଭଳି ବିସ୍ମୟକର କାଣ୍ଡ ଦେଖି ସମସ୍ତେ ଅଭିଭୂତ ହୋଇଗଲେ । ସେ ଯେ ଏତେ ବଡ଼ ଶକ୍ତିର ଅଧିକାରୀ ତାହା ଆଉ ଅସ୍ୱୀକାର ଯୋଗ୍ୟ ହୋଇ ରହିଲା ନାହିଁ । ମୁକୁନ୍ଦ ସେତେବେଳକୁ ବିସ୍ମୟ-ବିମୂଢ଼ । ଅଜାଣତରେ ପାଟିରୁ ତାଙ୍କର ବାହାରି ଆସିଲା, ''ଗୁରୁଦେବ ! ତା'ପରେ'' ଗୁରୁଦେବ ଟିକିଏ ଗମ୍ଭୀର ସ୍ୱରରେ କହିଲେ :

ସେଇ ରୁମ୍‌ରେ ମୋର ଜଣେ ବନ୍ଧୁ ଥାଆନ୍ତି । ସେ ପୁରୁଣା କାଳିଆ ଗୋଟିଏ ଓଜନଦାର ସୁନା ଘଣ୍ଟା ଓ ସୁନା ଚେନ୍ ପିନ୍ଧିଥା'ନ୍ତି । ଫକିର ସେ ଦୁଇଟିକୁ ହାତରେ ଧରି ଖୁବ୍ ତାରିଫ୍ କଲେ, ହେଲେ ଦେଖାଗଲା କ୍ଷଣକ ମଧ୍ୟରେ ସେ ଦୁଇଟି ଯାକ କୁଆଡ଼େ ଉଭାଇଗଲା । ବିଚରା ବନ୍ଧୁ ଜଣକ କାନ୍ଦ କାନ୍ଦ ହୋଇ ତାଙ୍କ ଜିନିଷ ଫେରାଇ ଦେବାକୁ ଫକିରଙ୍କୁ ଅନୁରୋଧ କଲେ । ଫକିର ଖୁବ୍ ଅନାସକ୍ତ ଭାବ ଦେଖାଇ କିଛିକ୍ଷଣ ନୀରବ ରହିବା ପରେ କହିଲେ, ''ଠିକ୍ ଅଛି, ତୁମର ଲୁହା ସିନ୍ଦୁକରେ ରଖିଥିବା ପାଞ୍ଚଶହ ଟଙ୍କା ମୋ ପାଖକୁ ଆଣ, ମୁଁ ତୁମର ଘଣ୍ଟା ଓ ଚେନ୍ ପାଇବା କଥା ବତାଇ ଦେବି ।''

ଉପସ୍ଥିତ ଜନତାଙ୍କ ମନରେ ସେତେବେଳକୁ ବିରକ୍ତିର ଭାବ । ଫକିରଙ୍କର ମସୁଧାକୁ ଅପେକ୍ଷା କରି ରହିଥା'ନ୍ତି, ନିଜର ନ ପାରିବାର ପଣିଆକୁ ଆଶ୍ରା କରି । ଆଫଜାଲ ପାଞ୍ଚଶହ ଟଙ୍କା ପାଇଯିବା ପରେ ହଜରତ୍‌କୁ ନିର୍ଦ୍ଦେଶ ଦେବାରୁ ଘଣ୍ଟା ଓ ଚେନ୍ ଶୂନ୍ୟରୁ ଝୁଲି ଝୁଲି ବନ୍ଧୁଙ୍କର ହାତକୁ ଫେରିଆସିଲା । ସମସ୍ତେ ତାଜୁବ । କରତାଳିରେ କମ୍ପି ଉଠିଲା । ତା'ପରେ ଆଖି ଆଗରେ ସୁସ୍ୱାଦୁ ଖାଦ୍ୟସବୁ ସୁନାଥାଳିରେ ଶୂନ୍ୟରୁ ଆସି ଚଟାଣ ଉପରେ ଥୁଆ ହୋଇଗଲା । ଆଫଜାଲ ସେସବୁ ପରିବେଷଣ କରି ସମସ୍ତଙ୍କୁ ଆପ୍ୟାୟିତ କଲେ ।

''ଗୁରୁଦେବ ! ଆଫଜାଲ ଯଦି ଏତେ ସହଜରେ ସୁନାର ଥାଳି ଯୋଗାଡ଼ କରିପାରୁଥିଲେ, ତେବେ ଅନ୍ୟର ଧନ-ସମ୍ପତ୍ତି ନେବା ପାଇଁ ଏତେ ଲାଳାୟିତ ହେଉଥିଲେ କାହିଁକି ?''— ମୁକୁନ୍ଦଙ୍କର ପ୍ରଶ୍ନରେ ଗୁରୁଦେବ ଜାଣି ଖୁସି ହେଲେ ଯେ ରହସ୍ୟର ପ୍ରକୃତ ହେତୁ ପ୍ରତି ସେ ବର୍ତ୍ତମାନ ଜିଜ୍ଞାସୁ । ଏବେ ଶିକ୍ଷା ଦେବାର ସମୟ ଆସିଛି । ଅନ୍ଧ ହୋଇ ଆରାଧନା କରିବାଠାରୁ ଅନୁଶୀଳନ ମାଧ୍ୟମରେ ସଂଶୟ ଦୂର କରିବା ବରଂ ଶ୍ରେୟସ୍କର । ଦରକାର ହେଲେ ସ୍ୱାଭାବିକ ତର୍କର ଆଶ୍ରୟ ମଧ୍ୟ ନିଆଯାଇ ପାରେ ।

ଗୁରୁଦେବ ବଡ଼ ଆଗ୍ରହରେ କହିଲେ, — ''ବତ୍ସ ! ତୁମ ସଂଶୟର ଯଥାର୍ଥତା ରହିଛି । ଆଫଜାଲ ଜଣେ ସାଧାରଣ ଲୋକ ଥିଲେ । ଆଧ୍ୟାତ୍ମିକତା ଦୃଷ୍ଟିରୁ ତାଙ୍କର ବିଶେଷ କିଛି ଅଗ୍ରଗତି ହୋଇ ନ ଥିଲା । ମାତ୍ର ସେ ଏକ ଅସାଧାରଣ ଶକ୍ତି ହାସଲ କରିଥିଲେ, ଯାହା ମାଧ୍ୟମରେ ସେ ଗୋଟିଏ ସୂକ୍ଷ୍ମ ଜଗତକୁ ପ୍ରବେଶ କରିପାରୁଥିଲେ, ଯେଉଁଠାକୁ ସାଧାରଣତଃ ମରଜଗତର ଲୋକେ ମୃତ୍ୟୁ ପୂର୍ବରୁ ଯାଇ ପାରନ୍ତି ନାହିଁ । ସେଠାରେ ସେ ହଜରତ ନାମକ ଏକ ଅଶରୀରୀ ପ୍ରାଣୀ ମାଧ୍ୟମରେ ନିଜର ପ୍ରବଳ ଇଚ୍ଛାଶକ୍ତି ବଳରେ ବ୍ୟୋମ ଶକ୍ତିରୁ ଯେ କୌଣସି ବସ୍ତୁର ଅଣୁ, ପରମାଣୁ ସଂଗ୍ରହ କରିପାରୁଥିଲେ । ଫଳରେ ସେ ତାଙ୍କର ଈପ୍ସିତ କାମନାକୁ ପୂର୍ଣ୍ଣ କରିପାରୁଥିଲେ । କିନ୍ତୁ ଏପରି ସୂକ୍ଷ୍ମ ଶକ୍ତିରୁ ଗଠିତ ଦ୍ରବ୍ୟସବୁ ଜାଗତିକ ବସ୍ତୁ ପରି ଚିରସ୍ଥାୟୀ ନୁହନ୍ତି । ସେଥିପାଇଁ ପାର୍ଥିବ ବସ୍ତୁ ପ୍ରତି ଆଫଜାଲଙ୍କର ଏତେ ବେଶୀ ଲାଳସା ରହିଥିଲା ।''

ଆଫଜାଲଙ୍କର ଅନ୍ତିମ ପରିଣତି ସମ୍ବନ୍ଧରେ ମୁକୁନ୍ଦ ଜାଣିବାକୁ ଆଗ୍ରହୀ ହେବାରୁ ଗୁରୁଦେବ କହିଲେ,— ''ସେହି ଘଟଣା ପରଠାରୁ ମୁଁ ଆଉ ତାଙ୍କୁ ଭେଟି ନ ଥିଲି । କିନ୍ତୁ ଅଳ୍ପ କେତେ ବର୍ଷ ପରେ ଏଇ ବଖରାରେ ରହୁଥିବା ମୋର ସେହି ବନ୍ଧୁ ଜଣକ ଗୋଟିଏ ଖବର କାଗଜ ଆଣି ଦେଖାଇଲେ । ସେଥିରେ ଆଫଜାଲ ନିଜର ସ୍ୱୀକାରୋକ୍ତି ପ୍ରକାଶ କରି କହିଥିଲେ, ''ମୁଁ ଆଫଜାଲ ଖାଁ, ମୋର ପ୍ରାୟଶ୍ଚିତ୍ତ କର୍ମ ସ୍ୱରୂପ ଏବଂ ଯେଉଁମାନେ ଅଲୌକିକ ଶକ୍ତି ହାସଲ କରିବା ଉଦ୍ଦେଶ୍ୟରେ ଲାଳାୟିତ, ସେମାନଙ୍କୁ ସାବଧାନ କରିବା ପାଇଁ ଏ ବିବରଣୀ ଦେଉଛି । ଭଗବତ୍ କୃପାରୁ ଓ ମୋର ଗୁରୁଦେବଙ୍କର ଅନୁଗ୍ରହରୁ ମୋତେ ମିଳିଥିବା ଅଦ୍ଭୁତ ଶକ୍ତିର ମୁଁ ବହୁ ବର୍ଷ ଧରି ଅପବ୍ୟବହାର କରିଛି । ଅହଂଭାବାପନ୍ନ ହୋଇ ମୁଁ ମନେ କଲି ମୁଁ ସବୁ ନୈତିକ ବିଧିବିଧାନର ଊର୍ଦ୍ଧ୍ୱରେ । ଅବଶେଷରେ, ମୋର ଶେଷ ବିଚାର ଦିନଟି ଆସି ପହଞ୍ଚିଲା ।

''ଦିନେ କଲିକତା ବାହାରେ ଜଣେ ବୁଢ଼ା ଲୋକକୁ ମୁଁ ରାସ୍ତାରେ ଭେଟିଲି । ସେ ଛୋଟେଇ ଛୋଟେଇ ଚାଲୁଥିଲେ ହେଲେ ହାତରେ ସୁନା ପରି ଚକ୍ ଚକ୍ କରୁଥିବା ଜିନିଷଟିଏ ଧରିଥିଲେ । ସେଇଟି ପ୍ରତି ମନରେ ମୋର ଲୋଭ ଜାତ ହେଲା । ପାଖକୁ ଯାଇ କହିଲି, 'ମୁଁ ବିଖ୍ୟାତ ଫକିର ଆଫଜାଲ ଖାଁ । ତୁମେ ହାତରେ କ'ଣ ଧରିଛ ?'

''ବୃଦ୍ଧ ଜଣକ ଉତ୍ତରରେ କହିଲେ, 'ଏହି ସୁନା ମୁଣ୍ଡାଟି ସଂସାରରେ ମୋର ଏକମାତ୍ର ଧନ । ଜଣେ ଫକିରର ଏଥିରେ କୌଣସି ଲୋଡ଼ା ନାହିଁ । ମହାଶୟ ! ମୁଁ ବିନତି କରୁଛି – ମୋର ଏହି ଛୋଟା ଗୋଡ଼ଟିକୁ ଭଲ କରି ଦିଅନ୍ତୁ ।'

''ସୁନାମୁଣ୍ଡାଟିକୁ ଛୁଇଁଦେଇ ମୁଁ ଚାଲିଗଲି, ଅଳ୍ପ ସମୟ ପରେ ବୃଦ୍ଧଜଣକ ଖୁବ୍ ଜୋର୍‌ରେ ପାଟିକରି କହିଲେ – 'ମୋର ସୁନା ମୁଣ୍ଡାଟି ଚାଲିଗଲା ।' ମୁଁ ତାଙ୍କ ଆଡ଼କୁ ନଜର ନ ପକାଇବାରୁ ହଠାତ୍ ଗର୍ଜିଉଠି କହିଲେ – 'ତୁମେ ମୋତେ ଚିହ୍ନି ପାରୁ ନାହଁ ?'

''ସେତେବେଳକୁ ମୁଁ ନିର୍ବାକ୍ ହୋଇ ଛିଡ଼ା ହୋଇଥାଏ । ସେହି ବୃଦ୍ଧ ଜଣକ ଯେ ବହୁ ବର୍ଷ ପୂର୍ବେ ମୋତେ ଯୋଗ ଶିକ୍ଷା ଦେଇଥିବା ଶ୍ରେଷ୍ଠ ମହାତ୍ମାଙ୍କ ଛଡ଼ା ଅନ୍ୟ କେହି ନୁହନ୍ତି ତାହା ମୁଁ ବୁଝିପାରିଲି । ସେହି ଶରୀରଟି ସଙ୍ଗେ ସଙ୍ଗେ ସବଳ ଓ ଯୁବସୁଲଭ ହୋଇଗଲା । ଗୁରୁଦେବଙ୍କ ଆଖିରେ କ୍ରୋଧର ଅଗ୍ନି । ଦୃଢ଼ସ୍ୱରରେ କହିଲେ, 'ମୁଁ ନିଜ ଆଖିରେ ଦେଖୁଛି ତୁମେ ତୁମ କ୍ଷମତାର ପ୍ରୟୋଗ ଦୁଃଖ ପ୍ରପୀଡ଼ିତ ମନୁଷ୍ୟର ସେବା ପାଇଁ ନ ଲଗାଇ ନିଜର ସ୍ୱାର୍ଥ ସାଧନରେ ଲଗାଇଛ । ମୁଁ ଏବେ ତୁମର ସେହି ଅଲୌକିକ ଶକ୍ତି ଫେରାଇ ନେଉଛି ।'' ହଜରତ୍ ତୁମଠାରୁ ବର୍ତ୍ତମାନ ମୁକ୍ତ ।'

''ବିକଳ ହୋଇ ମୁଁ ହଜରତ୍‌କୁ ଡାକିଲି । ପ୍ରଥମ ଥର ପାଇଁ ମୋର ଅନ୍ତର୍ଦୃଷ୍ଟିରେ ସେ ଦେଖା ଦେଲା ନାହିଁ । କିନ୍ତୁ ହଠାତ୍ ମୋର ଆଖି ଉପରୁ ଗୋଟିଏ କଳା ପରଦା ଅପସରି ଗଲା । ମୁଁ ମୋର ଜୀବନର ସବୁ ଅପକର୍ମ ପରିଷ୍କାର ଭାବେ ଦେଖିପାରିଲି । ସଙ୍ଗେସଙ୍ଗେ ଗୁରୁଦେବଙ୍କ ପାଦତଳେ ପଡ଼ି କହିଲି, 'ଗୁରୁଦେବ ! ଆପଣ ମୋର ବହୁଦିନର ଭ୍ରାନ୍ତି ଦୂର କରିଦେଇ ଥିବାରୁ ମୁଁ ଚିରକୃତଜ୍ଞ । ମୋର ସମସ୍ତ ସାଂସାରିକ ଅଭିଳାଷ ପରିତ୍ୟାଗ କରି ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ଏକାକୀ ରହି ଭଗବତ୍ ଆରାଧନା କରିବି । ତାହାହିଁ ମୋ ଅତୀତ ଜୀବନର କୁକର୍ମର ପ୍ରାୟଶ୍ଚିତ୍ତ ହେବ ।'

''ଗୁରୁଦେବ ସଦୟ ହୋଇ କହିଲେ, 'ତୁମ କଥାରେ ଆନ୍ତରିକତା ରହିଛି, ତୁମେ ଯେ ଅନୁତପ୍ତ, ଏହା ମୁଁ ଅନୁଭବ କରୁଛି । ମୁଁ ଗୋଟିଏ ବର ଦେଉଛି – ତୁମର ଯେତେବେଳେ ଖାଦ୍ୟ ଓ ବସ୍ତ୍ର ଆବଶ୍ୟକ ହେବ ହଜରତ୍ କେବଳ ସେତିକି ମାତ୍ର ତୁମକୁ ଯୋଗାଇଦେବ । ତୁମେ ବର୍ତ୍ତମାନ ପର୍ବତର ନିକାଞ୍ଚନତା ଭିତରେ ମନ, ପ୍ରାଣ ଦେଇ ଭଗବତ୍ ଚିନ୍ତା ଓ ଆରାଧନାରେ ନିଜକୁ ଉତ୍ସର୍ଗ କର ।'

''ତା' ପରେ ମୋର ଗୁରୁଦେବ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ପଛକଥା ଭାବି ବହୁତ କାନ୍ଦିଲି । ତା'ପରେ ଚାଲିଲି ମୋ ପରମ ପିତାଙ୍କର ଅନୁସନ୍ଧାନରେ ।''

ଗୁରୁଦେବଙ୍କଠାରୁ ବିଦାୟକାଳୀନ ଆଶୀର୍ବାଦ ଗ୍ରହଣ କରି ମୁକୁନ୍ଦ ଫେରି ଆସିଲେ ତାଙ୍କର କୋଠରିକୁ, ମନରେ ଗୋଟିଏ ପ୍ରଶାନ୍ତ ଭାବ ନେଇ ।

❑❑❑

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୭)

# ବିସ୍ମୟାନୁଭୂତି

**ସନ୍ତୋଷ କୁମାର ରଥ**

ଶ୍ରୀରାମପୁର କଲେଜର ଅନ୍ୟାନ୍ୟ ଛାତ୍ରମାନଙ୍କଠାରୁ ମୁକୁନ୍ଦଙ୍କର (ଯୋଗାନନ୍ଦଙ୍କ ପିଲାଦିନର ନାମ) ସ୍ୱଭାବ ଥିଲା ପୂରାପୂରି ନିଆରା । ଏ. ବି. (ଆଜିର ବି. ଏ.) ପରୀକ୍ଷା ପାଖେଇଆସିଲେ ବି ସେଥିପ୍ରତି ତାଙ୍କର ଉଦ୍‌ବେଗ ନ ଥିଲା, କି ପରୀକ୍ଷାକୁ ପାହାଚ ମଣି ଉନ୍ନତିର ଶିଖରାରୋହଣ ତାଙ୍କର ସ୍ୱପ୍ନ ନ ଥିଲା । ଧର୍ମ ଧାରଣାରେ ସେ ସଦା ବିଭୋର । ଏମନ୍ତ ବେଭାର ଯୋଗୁଁ ସମସ୍ତେ ତାଙ୍କୁ ''ପାଗଳା ସନ୍ନ୍ୟାସୀ'' ବୋଲି ଡାକୁଥିଲେ । କଲେଜ ପଢ଼ାର ଶେଷ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ତାଙ୍କର ନାଯ୍ୟ ପ୍ରାପ୍ୟ ବୋଲି ମଣି ନେଇଥିଲେ ତାଙ୍କର ସମସ୍ତ ସହପାଠୀ ଓ ଅଧ୍ୟାପକବୃନ୍ଦ । ମୁକୁନ୍ଦଙ୍କର କିନ୍ତୁ ସେଥିପ୍ରତି ପରବାୟ ନ ଥିଲା । ଗୁରୁଦେବ ଥିଲେ ତାଙ୍କର ସାଥୀ, ତାଙ୍କର ସାରଥି । ଭବିଷ୍ୟତ୍ ଭାବନାକୁ ତାଙ୍କରି ଚରଣରେ ସମର୍ପି ଦେବାହିଁ ଥିଲା ତାଙ୍କର ବର୍ତ୍ତମାନର ବେଉସା ।

ସକାଳ ହେଲେ ମୁକୁନ୍ଦ ନିତି ସାଇକେଲ ଧରି ବାହାରି ପଡ଼ନ୍ତି କିଛି ଗୋଟାଏ ବାହାନା କରି । ବହିଖାତା ବଦଳରେ ହାତରେ ଥାଏ ପଛି ବୋର୍ଡ଼ିଂ ବଗିଚାର ସଜଫୁଟା ଫୁଲ । ଫୁଲ ତୃଷିତ ହୋଇଉଠେ, ଆଉ ସେ ମଧ୍ୟ ତା' ସହିତ ସାମିଲ ହୋଇ ଯାଆନ୍ତି । କଲେଜରେ ନ ପହଞ୍ଚି, ସେ ପହଞ୍ଚନ୍ତି ଶ୍ରୀରାମପୁର ଆଶ୍ରମରେ, ଗୁରୁଦେବ ଶ୍ରୀଯୁକ୍ତେଶ୍ୱରଙ୍କ ପାଖରେ । ଗୁରୁଦେବ ସସ୍ନେହେ ସାଉଁଟି ନିଅନ୍ତି; ଦୁହେଁ ମଣନ୍ତି – ''ଜୀବନ ଧନ୍ୟ ହୋଇଛି'' । ମୁକୁନ୍ଦ ମାତିଯାଆନ୍ତି ଆଶ୍ରମ କାମରେ । ଅଧିକାଂଶ ଦିନ ରାତି ଅଧା ବେଳକୁ ସେ ବୋର୍ଡ଼ିଂକୁ ଫେରନ୍ତି । କେବେ କେବେ ରାତି ପାହି ସକାଳ ହୁଏ ଗୁରୁଦେବଙ୍କ ସହ ଧ୍ୟାନ-ଧାରଣା, ଆଳାପ-ଆଲୋଚନାରେ ।

ଟେଷ୍ଟ୍ ପରୀକ୍ଷାର ଦିନ ଧାର୍ଯ୍ୟ ହୋଇଗଲା । ଅଧ୍ୟୟନ ହେଲା ସମସ୍ତଙ୍କର ଅନନ୍ୟ ପନ୍ଥା । କିନ୍ତୁ ମୁକୁନ୍ଦଙ୍କର ସାକ୍ଷାତ୍ ନ ଥାଏ । ତାଙ୍କର ଉପସ୍ଥିତି ଦେଖିଲେ କଲେଜରେ ସମସ୍ତେ ଚମକି ଚାହାନ୍ତି, ଅଦିନିଆ କରକାପାତ ପରି । ଦିନେ ଦର୍ଶନ ଅଧ୍ୟାପକ ପ୍ରଫେସର ଘୋଷାଲଙ୍କ କଟୁକ୍ତି ତାଙ୍କ କର୍ଣ୍ଣଗୋଚର ହେଲା, ''ମୁଁ ଭଲ କରି ଜାଣେ, ଦର୍ଶନ-ଶାସ୍ତ୍ର ପାଇଁ ଉଦ୍ଦିଷ୍ଟ ପାଠ୍ୟ ପୁସ୍ତକସବୁ ତୁମେ ଆଦୌ ପଢୁ ନାହଁ । ପରୀକ୍ଷାରେ ପାସ୍ କରିବାକୁ ହେଲେ ତୁମକୁ କଠୋର ପରିଶ୍ରମ କରିବାକୁ ହେବ । ତୁମେ ଯଦି ପାଠ ନ ପଢ଼, ମୁଁ ଦେଖିବି ତୁମେ କେମିତି ପରୀକ୍ଷାରେ ପାସ୍ କରିବ ।''

ମୁକୁନ୍ଦ ନୀରବତାକୁ ଛତ୍ର କଲେ । ସେ ଜାଣନ୍ତି ପ୍ରଫେସର ଘୋଷାଲଙ୍କ କ୍ଲାସ ପରୀକ୍ଷାରେ ପାସ୍ ନ କଲେ ସେ ଫାଇନାଲ୍ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ପୁଣି ପ୍ରଫେସର୍ ଯେ ତାଙ୍କ ପ୍ରତି ସଦୟ ନୁହନ୍ତି ଏ ସିଦ୍ଧାନ୍ତରେ ତାଙ୍କର ସନ୍ଦେହ ନ ଥିଲା । ଆଉ ଏକଥା ମଧ୍ୟ ତାଙ୍କର ଅଜଣା ନୁହେଁ ଯେ ଡିଗ୍ରୀ ପରୀକ୍ଷାର ନିୟମ କାନୁନ ବେଶ୍ କଡ଼ାକଡି । କାରଣ ଶ୍ରୀରାମପୁର କଲେଜ କଲିକତା ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ଶାଖା ମଧ୍ୟରୁ ଗୋଟିଏ । ଯେକୌଣସି ଗୋଟିଏ ବିଷୟରେ ଫେଲ୍ ହେଲେ ପୁଣି ଥରେ ସବୁ ବିଷୟରେ ପରୀକ୍ଷା ଦେବାକୁ ହେବ । ଏସବୁ ଭାବିଲା ବେଳକୁ ମୁକୁନ୍ଦ ଅଣନିଃଶ୍ୱାସୀ ହୋଇ ଉଠନ୍ତି । ସବୁକିଛିକୁ ଛାଡ଼ି ଦିଅନ୍ତି ନିଅନ୍ତାଙ୍କ ହାତରେ ।

ଟେଷ୍ଟ୍ ପରୀକ୍ଷା ଶେଷ ହୋଇଗଲା । ପରୀକ୍ଷାର ଫଳ ବାହାରିବା ପୂର୍ବରୁ ଜଣେ ସହପାଠୀକୁ ସାଙ୍ଗରେ ଧରି ମୁକୁନ୍ଦ ପ୍ରଫେସର ଘୋଷାଲଙ୍କ ଘରକୁ ଯାଇ ବୁଝି ଆସିବାକୁ ଯୋଜନା କଲେ । ଛାତ୍ର ଦୁଇଜଣଙ୍କର ଅଚାନକ ଆଗମନକୁ ସ୍ୱାଗତ ଜଣାଇଲେ ପ୍ରଫେସର ଏବଂ ଆଶ୍ଚର୍ଯ୍ୟ ହେଲେ ମୁକୁନ୍ଦଙ୍କୁ ଦେଖି । ପରୀକ୍ଷାରେ କେତେ ନମ୍ବର ମିଳିଛି ବୋଲି ମୁକୁନ୍ଦ ପଚାରିବାରୁ ପ୍ରଫେସର୍ ବଡ଼ ଦର୍ପରେ କହିଲେ, ''ତୁମ ନାଁ ପାସ୍ କରିଥିବା ପିଲାମାନଙ୍କ ଭିତରେ ନାହିଁ ।'' ଟେବୁଲ ଉପରେ ଗଦା ହୋଇଥିବା ଖାତାଗୁଡ଼ିକୁ ଟିକିଏ ଖେଳାଇ ନେଇ ପ୍ରଫେସର୍ ପୁଣି କହିଲେ, ''ତୁମ ଖାତା ଏଠାରେ ନାହିଁ । ଯାହାହେଉ, ପରୀକ୍ଷା ନ ଦେଇ ଥିବାରୁ ତୁମେ ଫେଲ୍ ହୋଇଛ ।''

''ସାର୍ ! ମୁଁ ପରୀକ୍ଷା ଦେଇଛି । ଆଉ ନିଶ୍ଚୟ ପାସ୍ କରିବି । ଏହି ଖାତା ଗଦାଟି ମୁଁ ଟିକିଏ ଦେଖି ପାରେ କି ?'' – ହସି ହସି ଉତ୍ତର ଦେଲେ ମୁକୁନ୍ଦ ।

ପ୍ରଫେସରଙ୍କର ବୁଦ୍ଧି ହଜିଗଲା । ଅନୁମତି ପାଇ ମୁକୁନ୍ଦ ସେଇ ଗଦା ଭିତରୁ ନିଜର ଖାତାଟି ବାହାର କରି ଦେଖାଇଲେ । ଚାଲାକି କରି ସେ ନିଜ ଖାତା ଉପରେ କେବଳ ରୋଲନମ୍ବର ବ୍ୟତୀତ ନାଁ ଲେଖି ନ ଥିଲେ । ଫଳରେ 'ପାଗଳା ସନ୍ୟାସୀ' ପ୍ରଫେସରଙ୍କ ତିର୍ଯ୍ୟକ୍ ଦୃଷ୍ଟିର ଶରବ୍ୟ ହୋଇ ପାରି ନ ଥିଲେ । ପାଠ୍ୟ ପୁସ୍ତକରୁ କୌଣସି ଉଦ୍ଧୃତି ନ ଥାଇ ଲେଖିଥିବା ଉତ୍ତରରେ ଏତେ ଭଲ ନମ୍ବର ପାଇଥିବା କଥା ଜାଣି ପ୍ରଫେସର ଲଜ୍ଜିତ ହୋଇ କହିଲେ, ''ତୁମର ଭାଗ୍ୟ ଭଲ । କିନ୍ତୁ ଫାଇନାଲ୍ ପରୀକ୍ଷାରେ ତୁମେ ନିଶ୍ଚୟ ଫେଲ୍ ହେବ ।'' କଥାଟା ଅବଶ୍ୟ ମିଛ ନୁହେଁ । ଶ୍ରୀରାମପୁର କଲେଜର ଟେଷ୍ଟ୍ ପରୀକ୍ଷା କଲିକତା ବିଶ୍ୱବିଦ୍ୟାଳୟ ପରୀକ୍ଷା ତୁଳନାରେ ପିଲାଖେଳ ମାତ୍ର । ତଥାପି ସେ ଯେ ଫାଇନାଲ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ ସେତିକି ମଧ୍ୟ କାହାରି ବିଶ୍ୱାସ ନ ଥିଲା । ସେ ଜାଣନ୍ତି ଅଥଳ ଘାଟ ପାରିହେବା ତାଙ୍କର ସାଧ୍ୟାତୀତ । ଭାବନାକୁ ପେଡ଼ି ଘୋଡ଼ିଆ କରି ରଖିଦେଲେ ।

ଦିନେ ରାତି ପ୍ରାୟ ଏଗାରଟା ହେବ, ବୋର୍ଡ଼ିଂକୁ ଫେରିଆସିବା ପାଇଁ ଜୋତା ପିନ୍ଧି ପ୍ରସ୍ତୁତ ହେଉଥା'ନ୍ତି ମୁକୁନ୍ଦ । ''ତୁମର ଏ. ବି. ପରୀକ୍ଷା କେବେ ଆରମ୍ଭ ହେଉଛି ।''– ଗୁରୁଦେବଙ୍କ ଗୁରୁଗମ୍ଭୀର ସ୍ୱରରେ ଲେଉଟା ଲହଡ଼ିରେ ଟାଣି ହୋଇଗଲା ପରି ସେ ପଛକୁ ଫେରି ଚାହିଁଲେ ଏବଂ କହିଲେ, ''ଆଉ ମାତ୍ର ପାଞ୍ଚଦିନ ।''

''ତୁମେ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ବୋଲି ଆଶା କରୁଛି ।'' – ଗୁରୁଦେବଙ୍କ ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବା ପାଇଁ ତାଙ୍କର ସାମର୍ଥ୍ୟ ନ ଥିଲା । ଭୟରେ ସେ ଜଡ଼ ପାଲଟି ଗଲେ । ହାତର ଜୋତା ପଟକ ଶୂନ୍ୟରେ ଲଟକି ରହିଗଲା । ସାହସ ସଂଚୟ କରି ଶେଷକୁ କହିଲେ, ''ଆଜ୍ଞା, ଆପଣ ତ ଜାଣନ୍ତି ପ୍ରଫେସରମାନଙ୍କ ପାଖକୁ ନ ଯାଇ ମୁଁ ମୋର ସବୁ ସମୟ ଆପଣଙ୍କ ପାଖରେହିଁ କଟାଇ ଦେଇଛି । ଏ. ବି. ଫାଇନାଲ୍ ପରୀକ୍ଷା ଭଳି କଷ୍ଟ ପରୀକ୍ଷା ଦେଇ ମୁଁ ପୁଣି ଲୋକହସା ହେବି କାହିଁକି ?''

ଗୁରୁଦେବଙ୍କ ନେତ୍ର ମଧ୍ୟାହ୍ନ ସୂର୍ଯ୍ୟସମ ଦୀପ୍ତ ହୋଇଉଠିଲା । ସମବେଦନାକୁ ପ୍ରଶ୍ରୟ ନ ଦେଇ ଦୃଢ଼ କଣ୍ଠରେ କହିଲେ, ''ତୁମେ ନିଶ୍ଚୟ ପରୀକ୍ଷା ଦେବ । ତୁମେ ଯେ ଆଶ୍ରମ ଜୀବନକୁ ବେଶୀ ପସନ୍ଦ କରୁଛ, ଏଥିପାଇଁ ତୁମର ବାପା ଓ ଅନ୍ୟାନ୍ୟ ବନ୍ଧୁମାନଙ୍କୁ ସମାଲୋଚନା କରିବାର ସୁଯୋଗ ଦେବା ଉଚିତ ନୁହେଁ । ମୋତେ କେବଳ ପ୍ରତିଶ୍ରୁତି ଦିଅ ଯେ ତୁମେ ପରୀକ୍ଷା ଦେବା ପାଇଁ ଯିବ ଏବଂ ତୁମର ସାଧ୍ୟ ଅନୁଯାୟୀ ଉତ୍ତମ ରୂପେ ପ୍ରଶ୍ନ ସବୁର ଉତ୍ତର ଲେଖିବ ।''

ଅଭିମାନର କୋହ ସେତେବେଳକୁ ଅକ୍ଷିଆରର ବାହାରେ । ବନ୍ଧ ଉଛୁଳା ନଈର ଫୁଲିଲା ଫୁଲିଲା ରୂପ । ମୁକୁନ୍ଦ ସମ୍ଭାଳି ନ ପାରି ଲୁହରେ ଭସାଇଦେଲେ ସେଇ ଉଚ୍ଛୁଳା କୋହକୁ, ''ଆପଣ ଯଦି ଚାହାନ୍ତି ମୁଁ ପରୀକ୍ଷା ଦେବି । କିନ୍ତୁ ଉପଯୁକ୍ତ ପ୍ରସ୍ତୁତି ପାଇଁ ଆଉ ସମୟ ନାହିଁ ।'' ସୀମା ଉବୁରି ନ ଯାଇ ଭାବିଲେ – ପରୀକ୍ଷା ଖାତାରେ ମୁଁ ତ ଆଉ ଆପଣଙ୍କ ଉପଦେଶାବଳି ଲେଖି ଖାତା ଭରି ଦେଇ ଆସିବି ନି । ପାଠ ଦରକାର, ପଢ଼ିଥିଲେ ତ ହେବ ।

ପରଦିନ ସକାଳେ ଯଥାରୀତିରେ ମୁକୁନ୍ଦ ଆଶ୍ରମରେ ପହଞ୍ଚିଗଲେ, ହାତରେ ଫୁଲ ଧରି । ମୁହଁଟା କିନ୍ତୁ ପାଣିଛିଞ୍ଚା ମଉଳା ଫୁଲପରି ଦିଶୁଥାଏ । ଗୁରୁଦେବ ସବୁ ବୁଝିନେଲେ ଏବଂ ହସକୁ ଚାପି କହିଲେ, ''ପରୀକ୍ଷା ବା ଅନ୍ୟ କୌଣସିଥିରେ ଭଗବାନ୍ ତୁମକୁ କ'ଣ କେବେ ବି ନିରାଶ କରିଛନ୍ତି ? ଏତେ ବ୍ୟସ୍ତ କାହିଁକି ?''

''ନାହିଁ ଆଜ୍ଞା, ତା' କେବେ ନୁହେଁ ।'' – ମୁକୁନ୍ଦ ନିଜ ଅଜାଣତରେ ଉତ୍‌ଫୁଲ୍ଲ ହୋଇ ଉଠିଲେ । କୃତଜ୍ଞତା ପୁନର୍ବାର ଗୁରୁଦେବଙ୍କ ଚରଣ ସ୍ପର୍ଶ କଲା । ଗୁରୁଦେବ ଦୟା ପରବଶ ହୋଇ କହିଲେ, ''ଆଳସ୍ୟ ନୁହେଁ, ଭଗବାନଙ୍କ ପ୍ରତି ତୁମର ଜ୍ୱଳନ୍ତ ଅଭୀପ୍‌ସାହିଁ ତୁମକୁ ପାଠ ପଢ଼ିବାରେ ବାଧା ଦେଇଛି । ପଛି ବୋଡ଼ିଂରେ ରହୁଥିବା ତୁମର ବନ୍ଧୁ ରମେଶ ସହିତ ତୁମେ ସମ୍ପର୍କ ରଖ । ପରୀକ୍ଷାରେ ତୁମକୁ ସାହାଯ୍ୟ କରିବା ପାଇଁ ଭଗବାନ୍ ତାକୁ ପ୍ରେରଣା ଦେବେ ।''

''ଠିକ୍ ଅଛି ଗୁରୁଦେବ । କିନ୍ତୁ ରମେଶ ଖୁବ୍ ବ୍ୟସ୍ତ । ସେ ଆମ କ୍ଲାସରେ ଅନର୍ସ ଛାତ୍ର, ଅନ୍ୟମାନଙ୍କ ତୁଳନାରେ ତା'ର ପଢ଼ା ଅଧିକ ।'' – ମୁକୁନ୍ଦଙ୍କର କଳ୍ପନାର କଳାମେଘକୁ ଆଡ଼େଇ ଦେଇ ଗୁରୁଦେବ ଦୃଢ଼ ସ୍ୱରରେ ଉତ୍ତର ଦେଲେ, ''ରମେଶ ତୁମ ପାଇଁ ସମୟ ଦେବ, ବର୍ତ୍ତମାନ ତୁମେ ଯାଅ ।''

ଆଶ୍ରମରୁ ଫେରି ଆସିଲେ ମୁକୁନ୍ଦ । ସେ ଦିନ ତାଙ୍କର ମନେହେଲା ଅସରନ୍ତି ଫେରନ୍ତା ରାସ୍ତାଟି ସତେ ଯେମିତି ତା'ର ଦୀର୍ଘତା ହରାଇ ବସିଛି । ସାଇକେଲ ରଖିଦେଇ ବୋର୍ଡିଂ ଭିତରେ ପଶୁ ପଶୁ ପ୍ରଥମେ ଦେଖା ହେଲା ରମେଶଙ୍କ ସହ । ବଡ଼ କୁଣ୍ଠିତ ଭାବରେ ନିଜର ଅସୁବିଧା ଜଣାଇବା ପରେ ଉତ୍ତର

ପାଇଲେ, ''ନିଶ୍ଚୟ, ତୁମକୁ ସାହାଯ୍ୟ କରିବା ପାଇଁ ମୁଁ ପ୍ରସ୍ତୁତ ।'' ମୁକୁନ୍ଦ ଆଶ୍ଚର୍ଯ୍ୟ ହେଲେ ଏବଂ ଭାବିଲେ ପୂର୍ବ-ନିର୍ଦ୍ଧାରିତ ଘଟଣାସବୁକୁ ଆମେମାନେ ଯେ ଆକସ୍ମିକତାର ଆଳରେ ଏଡ଼ାଇ ଦେଇ କେତେ ବଡ଼ ବୋଧରୁ ବଞ୍ଚିତ ହେଉଛୁ, ଏକଥା କିଏ ବା ବୁଝୁଛି ।

ରମେଶ ଯେ ତତ୍ତ୍ୱାବଧାରକ ସାଜି ଘଣ୍ଟା ଘଣ୍ଟା ସମୟ ଦେଇ ମୁକୁନ୍ଦକୁ ପାଠ ପଢ଼ାଉଛି; ଏକଥା ଦେଖି ସମସ୍ତେ ତାଜୁବ ହେଲେ । କ୍ଲାସ୍ ପିଲା କେଇଜଣ ଛଳକରି କହି ପକାଇଲେ, ''ରମେଶ ତୋତେ ଭୁଲ ବାଟରେ ନେଉଛି ।'' ମୁକୁନ୍ଦ କିନ୍ତୁ ସନ୍ଦେହକୁ ସହୋଦର ନ ମଣି ଶତ୍ରୁ ମଣିବାରେ ବେଶ୍ ସଚେତନ । ଗୁରୁଦେବଙ୍କ କଥା ସ୍ମରଣରେ ରଖି ସେ ପଢ଼ାରେ ଲାଗିଗଲେ । ପରୀକ୍ଷା ଆରମ୍ଭ ହେଲା । ଇଂରାଜୀ ପରୀକ୍ଷାରେ ପ୍ରଶ୍ନ ପାଇ ଲେଖିବେ କ'ଣ, ଖାତା ଅଧା ଓଦା । କ୍ଲାସର ମନିଟର୍ ଆସି ସହାନୁଭୂତି ଦେଖାଇ କାନ୍ଦିବାର କାରଣ ପଚାରିବାରୁ କହିଲେ, ''ମୋର ଗୁରୁଦେବ ପୂର୍ବରୁ କହିଥିଲେ ଯେ ରମେଶ ମୋତେ ସାହାଯ୍ୟ କରିବ । ଦେଖ, ଯେଉଁସବୁ ପ୍ରଶ୍ନ ପଡ଼ିବ ବୋଲି ରମେଶ କହିଥିଲା ସେହି ସବୁ ପ୍ରଶ୍ନ ପଡ଼ିଛି । ପୁଣି ମୋର ସୌଭାଗ୍ୟ ଯେ ଏ ବର୍ଷ ବ୍ରିଟିଶ୍ ଲେଖକମାନଙ୍କ ଉପରେ ଖୁବ୍ କମ୍ ପ୍ରଶ୍ନ ପଡ଼ିଛି । ମୋ ପାଇଁ ବ୍ରିଟିଶ୍ ଲେଖକମାନଙ୍କର ଜୀବନୀ ରହସ୍ୟାବୃତ ।''

ବୋର୍ଡିଂ ସାରା ଚହଳ ପଡ଼ିଗଲା । ରମେଶ ଉପରେ ବିଶ୍ୱାସ କରୁଥିବାରୁ ଯେଉଁ ପିଲାମାନେ ତାକୁ ଥଟ୍ଟା କରୁଥିଲେ ସେମାନେ ଲଜ୍ଜିତ ହେଲେ । ଥୋକେ ଚୁପିଚୁପି କହି ବୁଲିଲେ – ଅମନୋଯୋଗୀ 'ପାଗଳା ସନ୍ୟାସୀ' ଏଥର ପାସ୍ କରିଯିବ । ମୁକୁନ୍ଦ ସବୁଶୁଣି ଟିକିଏ ଭାବିଲେ – ଭୁଲ ସେମାନଙ୍କର ନୁହେଁ । ଖୋସାଲଗା ପୋକ ଯେ ଦିନେ ପ୍ରଜାପତି ହେବ ଏକଥା କାହାରି ପରତେ ନ ଥାଏ । କିନ୍ତୁ ଏ ଯେ ଭଗବାନଙ୍କର ବିଧାନ । ମାନି ନେବାରେ ଅସୁବିଧା କେଉଁଠି ।

ପରୀକ୍ଷା ଶେଷ ହୋଇଯିବାରୁ ମୁକୁନ୍ଦ ଆଶ୍ୱସ୍ତ । ଏବେ ପୁଣି ଆରମ୍ଭ ହେବ ତାଙ୍କର ନିତିଦିନିଆ କାର୍ଯ୍ୟକ୍ରମ, ପରିଧି ପରିକ୍ରମା ଗୁରୁଦେବଙ୍କୁ କେନ୍ଦ୍ର କରି । ସଜାଡ଼ି ନେଲେ ନିଜର ବହିପତ୍ର, ପ୍ରଶ୍ନପତ୍ରସବୁ ପାଠପଢ଼ାର ଶେଷ ଡୋରି ବାନ୍ଧିଦେଇ । ଇଂରାଜୀ ସାହିତ୍ୟର ପ୍ରଶ୍ନପତ୍ର ଉପରେ ନଜର ପଡ଼ିଯିବାରୁ ହଠାତ୍ ତାଙ୍କ ଦେହରେ ଗୋଟାଏ ଚମକ ଖେଳିଗଲା । ଜାଣିଲେ ସେ ଗୋଟାଏ ବିରାଟ ଭୁଲ୍ କରି ବସିଛନ୍ତି – ଦୁଇଟି ବିଭାଗରୁ ଗୋଟିଏ କରି ଉତ୍ତର ଦେବା ପରିବର୍ତ୍ତେ ସେ ଗୋଟିଏ ବିଭାଗରୁ ଦୁଇଟି ଯାକ ଉତ୍ତର ଦେଇ ଅନ୍ୟ ବିଭାଗଟିକୁ ସଂପୂର୍ଣ୍ଣ ରୂପେ ଛାଡ଼ି ଦେଇଛନ୍ତି । ସେହି ବିଷୟରେ ୩୩ ନମ୍ବର ରହିବ, ମାତ୍ର ପାସ୍ କରିବା ପାଇଁ ୩୬ ନମ୍ବର ଦରକାର । ଅନନ୍ୟୋପାୟ ହୋଇ ମୁକୁନ୍ଦ ଗୁରୁଦେବଙ୍କ ନିକଟକୁ ଦୌଡ଼ିଲେ । ବଡ଼ ବିଷଣ୍ଣ ବଦନରେ ପ୍ରଣାମ ଜଣାଇ କହିଲେ, ''ଆଜ୍ଞା, ମୋର ତ୍ରୁଟି ଅକ୍ଷମଣୀୟ । ରମେଶ ମାଧ୍ୟମରେ ପ୍ରେରିତ ଭଗବତ୍ କୃପାକୁ ଗ୍ରହଣ କରିବାରେ ମୁଁ ଯୋଗ୍ୟ ନୁହେଁ । ମୁଁ ନିତାନ୍ତ ଅପଦାର୍ଥ ।''

''ମୁକୁନ୍ଦ ! ଉଠ, ବ୍ୟସ୍ତ ହୁଅ ନାହିଁ । ମହାକାଶର ସୂର୍ଯ୍ୟ, ଚନ୍ଦ୍ର ନିଜ ନିଜର ସ୍ଥାନ ପରିବର୍ତ୍ତନ କରିବେ ପଛେ ତୁମେ ତୁମର ଡିଗ୍ରୀ ପାଇବାରେ ଅକୃତକାର୍ଯ୍ୟ ହେବ ନାହିଁ ।'' – ଗୁରୁଦେବଙ୍କ କଣ୍ଠସ୍ୱର ଥିଲା କୋମଳ ଓ ନିରୁଦ୍‌ବିଗ୍ନ । ମୁକୁନ୍ଦ ହତଭମ୍ବ – ଏତେ ବଡ଼ ପ୍ରତିଶ୍ରୁତି କେହି କ'ଣ କେବେ କାହାଠାରୁ ପାଇପାରେ, ନା କେହି କେବେ କାହାକୁ ଦେଇପାରେ ।

ଗାଣିତିକ ହିସାବ ଅନୁସାରେ ପାସ୍ କରିବା ଅସମ୍ଭବ ମନେ ହେଉଥିଲେ ବି ଗୁରୁଦେବଙ୍କ ପ୍ରତିଶ୍ରୁତି ସହ ପ୍ରତାରଣା ନ କରି ବଡ଼ ଶାନ୍ତ ମନରେ ଫେରି ଆସିଲେ ମୁକୁନ୍ଦ । ବାଟରେ ଆସୁଥିବା ସମୟରେ ମନେ ପଡ଼ିଯାଉଥାଏ ପରୀକ୍ଷା ଦିନର କଥାସବୁ । ସତରେ ଗୁରୁଦେବଙ୍କର ଅପାର କୃପା ନ ଥିଲେ ଏସବୁ କ'ଣ କେବେ ବି ସମ୍ଭବ ହୋଇଥାଆନ୍ତା : ବଙ୍ଗଳା ସାହିତ୍ୟ ପରୀକ୍ଷା ଦିନ ରମେଶ ଯଦି ପଛରୁ ଡାକି ନ କହି ଥାଆନ୍ତା ତେବେ ସେ କ'ଣ କେବେ ବି ବିଦ୍ୟାସାଗରଙ୍କ ବଦାନ୍ୟତା ସମ୍ବନ୍ଧରେ ଲେଖି ପାରି ଥାଆନ୍ତେ, ପୁଣି ''ତୁମର ଜୀବନକୁ ଉଦ୍‌ବୁଦ୍ଧ କରିଥିବା ଜଣେ ବ୍ୟକ୍ତିଙ୍କ ଜୀବନ ବୃତ୍ତାନ୍ତ'' ଭଳି ପ୍ରଶ୍ନ ନ ପଡ଼ିଥିଲେ ସେ କ'ଣ କେବେ ବି ଗୁରୁଦେବଙ୍କ ଉପଦେଶାବଳୀ ପୃଷ୍ଠା ପରେ ପୃଷ୍ଠା ଲେଖି ସାହିତ୍ୟ ଖାତାର କଳେବର ବୃଦ୍ଧି କରି ପାରିଥାଆନ୍ତେ !

ଭାବନାର ଶେଷ ମାଇଲ ଖୁଣ୍ଟି ପଡ଼ିଲା ବୋର୍ଡିଂ ସାମ୍ନା ସାମ୍ନି । ଭିତରକୁ ଯାଇ ଜଣେ ସହପାଠୀଙ୍କଠାରୁ ଜାଣିବାକୁ ପାଇଲେ ଯେ ଇଂରାଜୀ ସାହିତ୍ୟର ସର୍ବନିମ୍ନ ପାସ୍ ନମ୍ବର ୩୬ ରୁ ୩୩ କୁ କମାଇ ଦିଆଯାଇଛି । ସତ୍ୟତାକୁ ତନଖି ନେବା ପରେ ଆନନ୍ଦରେ ଅଧୀର ହୋଇ ଉଠିଲେ ମୁକୁନ୍ଦ । ନିଜ ରୁମ୍ ଭିତରକୁ ଯାଇ ଆଣ୍ଠୁମାଡ଼ି ପ୍ରଣତି ଜଣାଇଲେ

ଭଗବାନଙ୍କୁ, ହୃଦୟର କୃତଜ୍ଞତା ଜଣାଇଲେ ରମେଶର ବଦାନ୍ୟତା ପ୍ରତି ।

ଡିଗ୍ରୀ ପରୀକ୍ଷାର ଫଳ ବାହାରିଲା । ''ତୁ ଏତେ ସମୟ ତୋର ଗୁରୁଦେବଙ୍କ ନିକଟରେ କଟାଉଥିଲୁ, ମୁଁ କେବେ ବି ଭାବି ନ ଥିଲି ତୁ ପାସ୍ କରିବୁ ବୋଲି ।'' — ବାପାଙ୍କର ଆନନ୍ଦରେ ଆନନ୍ଦିତ ହେଲେ ମୁକୁନ୍ଦ । ହେଲେ ସେ ଏବେ ବୁଝିପାରିଲେ ବାପାଙ୍କର ଅନ୍ତର୍ନିହିତ କଟୁକ୍ତି ପ୍ରତି ଗୁରୁଦେବଙ୍କର ଚେତାବନୀ — ''ତୁମେ ଯେ ଆଶ୍ରମ ଜୀବନକୁ ବେଶୀ ପସନ୍ଦ କରୁଛ, ସେଥିପାଇଁ ତୁମର ବାପାଙ୍କୁ ସମାଲୋଚନା କରିବାର ସୁଯୋଗ ଦେବା ଉଚିତ ନୁହେଁ ।''

୧୯୧୫ ମସିହା ଜୁନ୍ ମାସରେ ମୁକୁନ୍ଦ କଲିକତା ବିଶ୍ୱବିଦ୍ୟାଳୟରୁ ପାଇଲେ ସ୍ନାତକ ଡିଗ୍ରୀ । ଗୁରୁଦେବଙ୍କ ଚରଣ ତଳେ ନତଜାନୁ ହୋଇ ପ୍ରଣାମ ଜଣାଇବା ସମୟରେ ସାରା ପରିବେଶରେ ଖେଳିଗଲା ଏକ ଆନନ୍ଦର ଲହରୀ । କୋଳାଗ୍ରତ କରି ଗୁରୁଦେବ ହସି ହସି କହିଲେ, ''ଉଠ ମୁକୁନ୍ଦ ! ସୂର୍ଯ୍ୟ ଚନ୍ଦ୍ରଙ୍କୁ ନିଜ ନିଜର ସ୍ଥାନ ବଦଳାଇବା ପରିବର୍ତ୍ତେ, ଭଗବାନ୍ ତୁମକୁ ଗ୍ରାଜୁଏଟ୍ କରିବା ଅଧିକ ସହଜ ମଣିଲେ ।''

❑❑❑

### ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୮)

# କ୍ରିୟାଯୋଗ ଓ ତା'ର ପ୍ରବର୍ତ୍ତକ ଶ୍ରୀ ବାବାଜି

## ସନ୍ତୋଷ କୁମାର ରଥ

ଅଳ୍ପ କେତେ ସପ୍ତାହ ପୂର୍ବରୁ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ଲାଭ କରି ଫେରି ଥାଆନ୍ତି ମୁକୁନ୍ଦ । ବାପାଙ୍କର ଇଚ୍ଛା ପୁଅ ବେଙ୍ଗଲ-ନାଗପୁର ରେଳବାଇ କମ୍ପାନୀରେ ପ୍ରଶାସକ ପଦ ଗ୍ରହଣ କରି ତାଙ୍କର ଯଥାର୍ଥ ଉତ୍ତରାଧିକାରୀ ହେବ । ଅବଶ୍ୟ କଥାଟା ଶିଡ଼ିରେ ସ୍ୱର୍ଗାରୋହଣ ସମ ନୁହେଁ, ବରଂ ବିପରୀତ । ଯେହେତୁ ବାପା ସେଇ କମ୍ପାନୀର ଉପସଭାପତି ପୁଣି ଜଣେ ସୁଦକ୍ଷ ପ୍ରଶାସକ ରୂପେ ତାଙ୍କର ଯଥେଷ୍ଟ ସୁଖ୍ୟାତି ରହିଛି, ତେଣୁ ପୁଅ ପାଇଁ ଏଇ ସାମାନ୍ୟ ଇଚ୍ଛାର ପୂର୍ତ୍ତିକୁ ଯେ କମ୍ପାନୀ ଅଗ୍ରାହ୍ୟ କରିବ ନାହିଁ, ସେହି ଭୟରେ ଆତୁର ହୋଇ ଉଠିଥିଲେ ମୁକୁନ୍ଦ । ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣିଲେ । ପୂର୍ବ ପ୍ରତ୍ୟାଶା ପୂରଣ ହୋଇ ପାରିଲେ ଯାଇ ଏହି ସମସ୍ୟାର ଆଶୁ ସମାଧାନ ହୋଇ ପାରିବ ଭାବି ସେ ଅବିଳମ୍ବେ ଯାତ୍ରାକଲେ ଗୁରୁଦେବଙ୍କ ନିକଟକୁ । ଶ୍ରୀରାମପୁର ଆଶ୍ରମରେ ପହଞ୍ଚି ବଡ଼ ଅନୁନୟ ହୋଇ ପ୍ରାର୍ଥନା ଜଣାଇଲେ, ''ଗୁରୁଦେବ, ଆପଣ କ'ଣ ମୋତେ ସ୍ୱାମୀ ସଂପ୍ରଦାୟର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରିବେ ନାହିଁ !''

ଗୁରୁଦେବ ସେତେବେଳେ ଥିଲେ ଧ୍ୟାନସ୍ଥ । ତାଙ୍କର ନିଶ୍ଚଳ ମୁଦ୍ରା ସୂଚାଇ ଦେଉଥାଏ ସତେ ଯେମିତି ସେଇ ଅଥଳ ପ୍ରଶାନ୍ତ ନୀରବତା ମଧ୍ୟରେ ସେ କେଉଁଠି ହଜି ଯାଇଛନ୍ତି । ମୁକୁନ୍ଦଙ୍କର ଅନୁରଣିତ ଅନୁରୋଧରେ ମୁଦ୍ରିତ ଚକ୍ଷୁ ଦୁଇଟି ଅର୍ଦ୍ଧନିମିଳିତ ହେଲା; ବହି ଆସିଲା ମନ୍ଦାକିନୀର ଧାରା ସମ କରୁଣାର ଏକ ପ୍ରବାହ, ''ଠିକ୍ ଅଛି, କାଲିହିଁ ମୁଁ ତୁମକୁ ସନ୍ନ୍ୟାସ ଦେବି । ସନ୍ନ୍ୟାସ ନେବା ପାଇଁ ତୁମେ ଯେଉଁଭଳି ଜିଦ୍ ଧରି ବସିଛ ଏଥିପାଇଁ ମୁଁ ବହୁତ ଖୁସୀ । ମୋର ଗୁରୁଦେବ (ଲାହିଡ଼ି ମହାଶୟ) କୁହନ୍ତି, 'ଯଦି କେହି ଜୀବନର ବସନ୍ତକାଳରେ ଭଗବାନଙ୍କୁ ତା'ର ଅତିଥି ହେବାକୁ ନିମନ୍ତ୍ରଣ ନ କରେ, ତେବେ ସେ କେବେ ବି ତା' ଜୀବନର ଶୀତକାଳରେ ଆସିବେ ନାହିଁ ।' ''

ପୂର୍ବପରି ଗୁରୁଦେବ ଯେ ତାଙ୍କର ଅନୁରୋଧକୁ ଏଥର ପ୍ରତ୍ୟାଖ୍ୟାନ କରୁ ନାହାନ୍ତି ସେ କଥା ଜାଣି ଅଭିମାନର ଅଧା ଘୋଡ଼ିଆ ମେଘକୁ ଆଡ଼େଇ ଦେଲେ ମୁକୁନ୍ଦ; ଆକାଶଟା ଫର୍ଚ୍ଚା ହୋଇଗଲା । ଏବେ ସେ ବୁଝିପାରିଲେ ଗୁରୁଦେବଙ୍କ ପ୍ରତ୍ୟାଖ୍ୟାନ ଥିଲା ତାଙ୍କ ସଂକଳ୍ପର ଗଭୀରତା କଳନା କରିବାର ପ୍ରୟାସ ମାତ୍ର । ସେ ଆନନ୍ଦରେ ଅଧୀର ହୋଇ ଉଠିଲେ । ବଡ଼ ଧୀର ଓ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ''ପୂଜନୀୟ ଗୁରୁଦେବ, ମୁଁ ଆପଣଙ୍କ ପରି ଜଣେ ସନ୍ନ୍ୟାସୀ ହେବାର ଇଚ୍ଛାକୁ କଦାପି ପରିତ୍ୟାଗ କରି ନ ଥିଲି, କି ପାରିବି ନାହିଁ ।''

ଜୀବନରେ ଭଗବାନଙ୍କୁ ଗୌଣ ସ୍ଥାନ ଦେବା ମୁକୁନ୍ଦଙ୍କ ପକ୍ଷରେ କଳ୍ପନାତୀତ । ବରଂ ସେ ଜାଣନ୍ତି ଭଗବାନହିଁ ନିଖିଳ ଜଗତର ଏକମାତ୍ର ସ୍ୱାମୀ । ମଣିଷ ଉପରେ ସେ ତାଙ୍କର ଦାନ ଜନ୍ମ ଜନ୍ମ ଧରି ନୀରବରେ ଅଜାଡ଼ି ଚାଲିଛନ୍ତି । ଏହାର ପ୍ରତିଦାନରେ ମଣିଷ ତାଙ୍କୁ ଗୋଟିଏ ମାତ୍ର ଉପହାର ଦେଇପାରେ । ଇଚ୍ଛାକଲେ ସେ ତା'ର ପ୍ରେମ ଦେଇପାରେ, ଅଥବା ନ ଦେଇପାରେ ।

ପରଦିନର ଗୋଧୂଳି ଲଗ୍ନ ମୁହୂର୍ତ୍ତଟି ଥିଲା ଜୁଲାଇ ମାସର ଗୋଟାଏ ଗୁରୁବାର । ମୁକୁନ୍ଦଙ୍କର ଜୀବନର ସବୁଠାରୁ ସ୍ମରଣୀୟ ଦିନ । ଉଦ୍‌ବେଗ ମିଶା ଆନନ୍ଦକୁ ପାଥେୟ କରି ଗୁରୁଦେବଙ୍କ ନିକଟରେ ଆସି ପହଞ୍ଚିଲେ । ଭିତରପଟ ବାରଣ୍ଡାରେ ଗୁରୁଦେବ ସେତେବେଳକୁ ଖଣ୍ଡେ ନୂଆ ଧଳା ରେଶମୀ କନା ଗେରୁଆ ରଙ୍ଗରେ ବୁଡ଼ାଉଥା'ନ୍ତି । ଗେରୁଆ ବସ୍ତ୍ର ହେଲା ସନ୍ନ୍ୟାସୀମାନଙ୍କର ଚିରାଚରିତ ପରିଧାନ; ବୈରାଗ୍ୟର ନମୁନା । କନାଖଣ୍ଡିକ ଶୁଖିଯିବା ପରେ ସେଥିରେ ନିଜର ଅତି ପ୍ରିୟ ଶିଷ୍ୟକୁ ଆବୃତ କରି ଗୁରୁଦେବ କହିଲେ, ''ତୁମେ ବିଦେଶକୁ ଯିବ । ସେଠାରେ ରେଶମୀ କନା ଅଧିକ ପସନ୍ଦ । ତେଣୁ ପ୍ରତୀକ ଭାବରେ ମୁଁ ତୁମ ପାଇଁ ପ୍ରଚଳିତ ସୂତାଲୁଗା ବଦଳରେ ଏହି ରେଶମୀ ଲୁଗା ବାଛିଚି । ମୋତେ ଅନୁଷ୍ଠାନ ଆଦି ଭଲ ଲାଗେ ନାହିଁ । ତେଣୁ ମୁଁ ତୁମକୁ ଆଜି ଅଣ-ଆନୁଷ୍ଠାନିକ ରୀତିରେ ସନ୍ନ୍ୟାସ ପ୍ରଦାନ କରୁଛି, ଏବଂ ତୁମେ ନିଜେ ନିଜର ନାମ ନିର୍ଦ୍ଧାରଣ କର ।''

ଗୁରୁଦେବଙ୍କଠାରୁ ମିଳିଥିବା ସୌଭାଗ୍ୟର ସତ୍ତ୍ୱାଧିକାରୀ ହେବାରେ ଅମଙ୍ଗ ନ ହୋଇ ମୁକୁନ୍ଦ କିଛି ସମୟ ପାଇଁ ନିଜ

ମଧ୍ୟରେ ତଲ୍ଲୀନ ହୋଇଗଲେ । ପାଟିରୁ ତାଙ୍କର ସକାଳ ଉଠା ସୂର୍ଯ୍ୟପରି ସ୍ୱତଃ ବାହାରି ଆସିଲା ''ଯୋଗାନନ୍ଦ'' ।

''ଯୋଗାନନ୍ଦ ! ବେଶ୍ ତାହାହିଁ ହେଉ । ଏଣିକି ତୁମେ ତୁମର ପାରିବାରିକ ନାମ 'ମୁକୁନ୍ଦ ଲାଲ ଘୋଷ' ପରିତ୍ୟାଗ କରି ସ୍ୱାମୀ ସଂପ୍ରଦାୟର ଗିରିଶାଖାର 'ସ୍ୱାମୀ ଯୋଗାନନ୍ଦ' ନାମରେ ପରିଚିତ ହେବ ଅର୍ଥାତ୍ ଯୋଗରେ ଆନନ୍ଦ'' – ଗୁରୁଦେବଙ୍କର ଉତ୍ତର ଶୁଣି ନବ ଦୀକ୍ଷିତ ସନ୍ନ୍ୟାସୀ ନତଜାନୁ ହୋଇ ପ୍ରଣାମ ଜଣାଇଲେ । ହୃଦୟ ତାଙ୍କର ଉଚ୍ଛ୍ୱସିତ ହୋଇ ଉଠୁଥାଏ ଗୁରୁଦେବଙ୍କ ମୁଖରେ ନିଜର ନୂତନ ନାମଟି ଶୁଣି । ଜୀବନ ସାର୍ଥକ ହୋଇଛି – ଯୁବକ ମୁକୁନ୍ଦ ଆଜି ସ୍ୱାମୀ ଯୋଗାନନ୍ଦରେ ପରିଣତ ହୋଇଛନ୍ତି । ଗୁରୁଦେବଙ୍କ ଶ୍ରୀଚରଣ ତଳେ ବସି ସେ ଶଙ୍କରଙ୍କର କେତୋଟି ସଂସ୍କୃତ ଶ୍ଳୋକ ଆବୃତ୍ତି କରି ଭଗବାନଙ୍କ ଉଦ୍ଦେଶ୍ୟରେ ନିଜର ଭକ୍ତି-ଅର୍ଘ୍ୟ ପ୍ରଦାନ କଲେ ।

ସମଗ୍ର ମାନବଜାତିର ନିଃସ୍ୱାର୍ଥପର ସେବା, ବ୍ୟକ୍ତିଗତ ବନ୍ଧନ ଓ ଅଭିଳାଷ ବର୍ଜନର ଆଦର୍ଶ ହେଉଛି ସନ୍ନ୍ୟାସ-ଜୀବନର ଆଭିମୁଖ୍ୟ । ଜାତି, ଧର୍ମ, ଶ୍ରେଣୀ, ବର୍ଣ୍ଣ, ସ୍ତ୍ରୀ, ପୁରୁଷ – ସବୁପ୍ରକାର ଭେଦ-ଭାବ ଭୁଲି ଜଣେ ସ୍ୱାମୀ ବିଶ୍ୱମାନବ ଭ୍ରାତୃତ୍ୱର ଆଦର୍ଶ ଅନୁସରଣ କରନ୍ତି, ପରମାତ୍ମାଙ୍କ ସହିତ ସଂପୂର୍ଣ୍ଣ ମିଳନହିଁ ତାଙ୍କର ଲକ୍ଷ୍ୟ । ଜାଗ୍ରତ୍ ଓ ସୁପ୍ତ ଅବସ୍ଥାରେ ଚେତନାକୁ 'ସୋଽହଂ' ଚିନ୍ତାରେ ଉଦ୍‌ବୁଦ୍ଧ କରି ସେ ସନ୍ତୋଷରେ ସଂସାର ଭ୍ରମଣ କରନ୍ତି । ମାତ୍ର ସଂସାରର ହୋଇ ରହନ୍ତି ନାହିଁ । ସ୍ୱାମୀହିଁ ହେଉଛି ପ୍ରକୃତରେ ସିଏ, ଯିଏ 'ସ୍ୱ' ଅର୍ଥାତ୍ ଆତ୍ମା ସହିତ ମିଳନ କାମନା କରନ୍ତି ।

ସ୍ୱାମୀ ଯୋଗାନନ୍ଦ କ୍ରମେ ବେଦ, ଉପନିଷଦ୍ ଆଦି ଗ୍ରନ୍ଥ ଅଧ୍ୟୟନ ସହିତ ପ୍ରାଚୀନ ମୁନିଋଷିମାନଙ୍କ ପ୍ରଣୀତ ଯୋଗ ପଦ୍ଧତି ଶିକ୍ଷା କରିବାରେ ବ୍ରତୀ ହେଲେ । ପତଞ୍ଜଳିଙ୍କ ପ୍ରଣୋଦିତ 'ଅଷ୍ଟାଙ୍ଗ ଯୋଗ', ଯଥା : ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ଅଭ୍ୟାସ ମାଧ୍ୟମରେ ଯେ ଚରମ ଲକ୍ଷ୍ୟ ପ୍ରାପ୍ତି ସମ୍ଭବ ଏବଂ ଜଣେ ଯୋଗୀର କୈବଲ୍ୟ ପ୍ରାପ୍ତି ହୋଇ ପାରିବ, ଏଥିରେ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ତାଙ୍କ ମତରେ ଜଣେ ଯୋଗୀ ସଂସାରରେ ରହି ତା'ର କର୍ତ୍ତବ୍ୟ ସଂପାଦନ କରିପାରେ । ସେ ରହେ ପାଣିରେ ଲହୁଣି ଭାସିଲା ପରି, ଅନୁଶାସନହୀନ ଉଚ୍ଛୃଙ୍ଖଳ ମନୁଷ୍ୟ ପରି ନୁହେଁ – ଯିଏ ଅମନ୍ଥିତ ଦୁଗ୍ଧ ଭଳି ଜଳରେ ସହଜରେ ମିଶିଯାଏ । ଯଦି ମନୁଷ୍ୟ ଆତ୍ମାଭିମାନର କାମନା ବାସନାରୁ ନିଜର ମନକୁ ନିର୍ଲିପ୍ତ ରଖେ ଏବଂ ଈଶ୍ୱରଙ୍କ ପରିଚାଳିତ ଯନ୍ତ୍ର ପରି ନିଜର କର୍ତ୍ତବ୍ୟ କରିଯାଏ, ତା'ର ସାଂସାରିକ ଦାୟିତ୍ୱ ସଂପାଦନ କରିବା ପାଇଁ ଭଗବାନଙ୍କଠାରୁ ପୃଥକ୍ ହୋଇ ରହିବାର କୌଣସି ପ୍ରୟୋଜନ ନାହିଁ ।

ସ୍ୱାମୀ ଯୋଗାନନ୍ଦ ଗୁରୁଦେବଙ୍କଠାରୁ କ୍ରିୟାଯୋଗ ଶିକ୍ଷାକଲେ । କ୍ରିୟା ଯୋଗ ଗୋଟିଏ ପ୍ରାଚୀନ ବିଜ୍ଞାନ । ଲାହିଡ଼ି ମହାଶୟ ତାଙ୍କର ମହାନ୍ ଗୁରୁ ବାବାଜିଙ୍କଠାରୁ ଏହା ପାଇଥିଲେ । ବହୁପ୍ରାଚୀନ ଯୁଗରେ ଏହା ବିସ୍ମୃତ ହୋଇଯିବା ପରେ ବାବାଜି ଏହାକୁ ପୁନରୁଦ୍ଧାର କରି ଏହି ପ୍ରକ୍ରିୟାକୁ ଅଧିକ ବିଜ୍ଞାନ ସମ୍ମତ ଓ ସହଜସାଧ୍ୟ କରାଇ 'କ୍ରିୟାଯୋଗ' ନାମରେ ଅଭିହିତ କରିଥିଲେ । କୌଣସି କ୍ରିୟା ବା ଆନୁଷ୍ଠାନିକ ବିଧି ମାଧ୍ୟମରେ ପରମାତ୍ମାଙ୍କ ସହ ଯୁକ୍ତ ହେବା ହେଲା କ୍ରିୟାଯୋଗର ଆଭିମୁଖ୍ୟ । ଏହି ଯୌଗିକ କ୍ରିୟା ମାଧ୍ୟମରେ ମସ୍ତିଷ୍କ ଓ ମେରୁଦଣ୍ଡ ସ୍ଥିତ ଚକ୍ରଗୁଡ଼ିକ ସଂଜୀବିତ ହୁଅନ୍ତି । ଫଳରେ ଯୋଗୀ ତା'ର ଶରୀରର କୋଷଗୁଡ଼ିକୁ ଶକ୍ତିରେ ରୂପାନ୍ତରିତ କରିପାରେ ।

ଗୁରୁଦେବ କୁହନ୍ତି, ''କ୍ରିୟାଯୋଗ ସାଧନ ଦ୍ୱାରା ମନୁଷ୍ୟର ବିବର୍ତ୍ତନ ତ୍ୱରାନ୍ୱିତ କରାଯାଇପାରେ । ପ୍ରାଚୀନ ଯୋଗୀମାନେ ଆବିଷ୍କାର କରିଥିଲେ ଯେ ବ୍ରହ୍ମଜ୍ଞାନର ରହସ୍ୟ ଶ୍ୱାସ-ପ୍ରଶ୍ୱାସର ନିୟନ୍ତ୍ରଣ ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ସାଧାରଣତଃ ପ୍ରାଣଶକ୍ତି ହୃତ୍‌ପିଣ୍ଡ ପରିଚାଳନାରେ ବ୍ୟବହୃତ ହୁଏ । ଶ୍ୱାସପ୍ରଶ୍ୱାସର ଅବିରାମ ଗତିକୁ କୌଣସି ପ୍ରକାରେ ସ୍ଥିର ଓ ଶାନ୍ତ ରଖି ପ୍ରାଣଶକ୍ତିକୁ ଉଚ୍ଚତର କାର୍ଯ୍ୟ ସାଧନ ସକାଶେ ମୁକ୍ତ କରିବାକୁ ହୁଏ । ଜଣେ କ୍ରିୟାଯୋଗୀ ନିଜର ମାନସିକ ଶକ୍ତି ଦ୍ୱାରା ଏହି ପ୍ରାଣଶକ୍ତିକୁ ମେରୁଦଣ୍ଡର ଷଡ଼ଚକ୍ର ମଧ୍ୟ ଦେଇ (ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଓ ଆଜ୍ଞା) ଆରୋହଣ ଓ ଅବରୋହଣ କରାଇ ପାରିଲେ ପ୍ରତି ଅଧ ମିନିଟ୍‌ରେ ଏକ 'କ୍ରିୟା' ସଂପାଦିତ ହୋଇଥାଏ । ଏହି ଅଧ ମିନିଟର ଗୋଟିଏ କ୍ରିୟା ବର୍ଷକର ସ୍ୱାଭାବିକ ଆଧ୍ୟାତ୍ମିକ ବିକାଶ ସଙ୍ଗେ ସମାନ ।''

ବାବାଜି ଥରେ ଲାହିଡ଼ୀ ମହାଶୟଙ୍କୁ କଥା ପ୍ରସଙ୍ଗରେ କହି ପକାଇଥିଲେ, ''ଏହି ଊନବିଂଶ ଶତାବ୍ଦୀରେ ତୁମ ମାଧ୍ୟମରେ ଜଗତକୁ ମୁଁ ଯେଉଁ 'କ୍ରିୟାଯୋଗ' ଶିକ୍ଷା ଦେଉଛି, ତାହା ସେହି ବିଜ୍ଞାନର ପୁନରୁଦ୍ଧାରଣ – ଯାହା ହଜାର ହଜାର ବର୍ଷ ତଳେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିଲେ ଏବଂ ପରେ ପତଞ୍ଜଳି,

ଯିଶୁଖ୍ରୀଷ୍ଟ, ସେଣ୍ଟଜନ୍, ସେଣ୍ଟପଲ୍ ଓ ଅନ୍ୟାନ୍ୟ ଶିଷ୍ୟମାନଙ୍କୁ ଏହି ଜ୍ଞାନ ପ୍ରାପ୍ତ ହୋଇଥିଲା ।''

ଗୁରୁ ପରମ୍ପରା କ୍ରମରେ ନିଜକୁ ବାବାଜିଙ୍କର ଶିଷ୍ୟ ରୂପେ ମଣି ସ୍ୱାମୀ ଯୋଗାନନ୍ଦ ଖୁବ୍ ଗୌରାବାନ୍ୱିତ ହେଲେ । ସେ ଜାଣିଲେ ବାବାଜିଙ୍କର ସଶରୀର ଉପସ୍ଥିତି ଏବେ ବି ହିମାଳୟର ଶୈଳଶିଖରମାନଙ୍କୁ ଆଶୀର୍ବାଦ ପୂତ କରୁଛି । ଏହି ଏକାନ୍ତବାସୀ ନିଭୃତ ଯୋଗୀ ଶହ ଶହ ବର୍ଷ ଧରି, ବୋଧହୁଏ ଯୁଗ ଯୁଗ ଧରି, ମୃତ୍ୟୁଞ୍ଜୟ ଶରୀର ଧାରଣ କରି ରହିଛନ୍ତି । ଐତିହାସିକମାନଙ୍କର ବହୁ ପ୍ରଚେଷ୍ଟା ସତ୍ତ୍ୱେ ବାବାଜିଙ୍କର ପରିବାର, ଜନ୍ମସ୍ଥାନ ଆଦି ବିଷୟକ ତଥ୍ୟମାନ ଅବଧି ଅନାବିଷ୍କୃତ ହୋଇ ରହିଛି । ସାଧାରଣତଃ ସେ ହିନ୍ଦୀରେ କଥାବାର୍ତ୍ତା କରନ୍ତି, ମାତ୍ର ସେ ସବୁଭାଷା କହିପାରନ୍ତି । ସେ ଗୋଟିଏ ସରଳ ନାମ ନିଜ ପାଇଁ ବାଛିନେଇ ଥିଲେ – ବାବାଜି ।

ଗୁରୁଦେବ କୁହନ୍ତି, ''ବାବାଜିଙ୍କର ଆଧ୍ୟାତ୍ମିକ ସ୍ଥିତି ମନୁଷ୍ୟର ଧାରଣାତୀତ । ମନୁଷ୍ୟର କ୍ଷୁଦ୍ର ଦୃଷ୍ଟି ତାଙ୍କର ଅତୀନ୍ଦ୍ରିୟ ଆଧ୍ୟାତ୍ମିକ ତାରକାକୁ ଭେଦ କରିପାରେ ନାହିଁ, ଏପରିକି ଏହି ଅବତାରଙ୍କର ଯୋଗର ସ୍ଥିତି କଳନା କରିବାର କଳ୍ପନା କରିବା ମଧ୍ୟ ବୃଥା । ସେ କାଳାତୀତ, କଳ୍ପନାତୀତ ।''

ବାବାଜିଙ୍କର ଏମନ୍ତ ଜୀବନ ବୃତ୍ତାନ୍ତ ଶୁଣିଲାବେଳକୁ ସ୍ୱାମୀ ଯୋଗାନନ୍ଦଙ୍କର ଶରୀରରେ ବିଦ୍ୟୁତ୍‌ର ଶିହରଣ; ମନରେ ବାରଂବାର ପ୍ରଶ୍ନ – ଜଣେ ଯୋଗୀ କ'ଣ ସତରେ ଏମିତି ହୋଇପାରେ ! ତାଙ୍କର ଜିଜ୍ଞାସା ଜାଣି ସଂସ୍କୃତ ଗୃହ-ଶିକ୍ଷକ ଋଷିପ୍ରତିମ ସ୍ୱାମୀ କେବଳାନନ୍ଦ ଖୁବ୍ ଆଗ୍ରହରେ ବାବାଜିଙ୍କ ଜୀବନର ଦୁଇଟି ଘଟଣା ବର୍ଣ୍ଣନା କଲେ :

''ଦିନେ ରାତିରେ ଏକ ପବିତ୍ର ବୈଦିକ ଯଜ୍ଞାନୁଷ୍ଠାନର ଆୟୋଜନ କରାଯାଇଥିଲା । ଯଜ୍ଞକୁଣ୍ଡର ଚାରିପାଖେ ଶିଷ୍ୟମାନେ ଘେରି ବସିଥା'ନ୍ତି, ବାବାଜିଙ୍କୁ ପୁରୋଧା କରି । ଯଜ୍ଞର ଲେଲିହାନ ଅଗ୍ନିଶିଖା ଅଭୀପ୍‌ସାର ଉତ୍ତରଣ ସଦୃଶ ଉଠିଚାଲିଥାଏ ଭୂମିରୁ ଭୂମାକୁ । ସମସ୍ତେ ତନ୍ମୟ । ହଠାତ୍ ବାବାଜି ଯଜ୍ଞର ଖଣ୍ଡେ ଅଧାଜଳା କାଠ ଧରି ପାଖରେ ବସିଥିବା ଜଣେ ଶିଷ୍ୟର ଖୋଲା କାନ୍ଧ ଉପରେ ମୃଦୁ ପ୍ରହାର କରିବାକୁ ଲାଗିଲେ । ସମସ୍ତେ ଅବାକ୍, ହେଲେ ଗୁରୁଦେବଙ୍କୁ ପ୍ରତିରୋଧ କରିବ ବା କିଏ ? ଯୋଗକୁ ଲାହିଡ଼ି ମହାଶୟ ସେଠାରେ ଉପସ୍ଥିତ ଥିଲେ । ସେ ପ୍ରତିବାଦ କରି କହିଲେ, 'ଗୁରୁଦେବ, ଏ ଯେ ଏକ ନିର୍ଦ୍ଦୟତା !'

'' 'ତା'ର ପୂର୍ବ ଜନ୍ମର କର୍ମଫଳ ଅନୁସାରେ, ତୁମରି ଆଖି ଆଗରେ ସେ ଜଳିପୋଡ଼ି ଭସ୍ମ ହୋଇଯାଇଥା'ନ୍ତା, ଏହା କ'ଣ ତୁମେ ଦେଖି ସହ୍ୟ କରିପାରି ଥାଆନ୍ତ ?' – ଏତିକି କହି ବାବାଜି ଶିଷ୍ୟଟିର କ୍ଷତବିକ୍ଷତ କାନ୍ଧ ଉପରେ ତାଙ୍କର ଉପଶମକାରୀ ହାତଟି ରଖି କହିଲେ, 'ଆଜି ରାତିର ଯନ୍ତ୍ରଣା-ଦାୟକ ମୃତ୍ୟୁରୁ ମୁଁ ତୁମକୁ ମୁକ୍ତି ଦେଇଛି । ନିଆଁରେ ପୋଡ଼ି ହୋଇ ତୁମେ ଯେଉଁ ସାମାନ୍ୟ କଷ୍ଟ ଭୋଗିଲ, ତଦ୍ୱାରା ତୁମ କର୍ମଫଳର ସମସ୍ତ ଦୋଷ ଖଣ୍ଡନ ହୋଇଛି । ତୁମେ ନବଜନ୍ମ ପାଇଲ ।' ''

ସ୍ୱାମୀ ଯୋଗାନନ୍ଦଙ୍କ ହୃଦୟ ସେତେବେଳକୁ କୃତଜ୍ଞତାରେ ଭରପୂର । ଅନତି ବିଳମ୍ବେ ଦ୍ୱିତୀୟ ଘଟଣାଟି କହିବା ପାଇଁ ସେ କେବଳାନନ୍ଦଜିଙ୍କୁ ଅନୁରୋଧ କଲେ । କେବଳାନନ୍ଦଜି ନିଜ ଗୁରୁଦେବଙ୍କ (ବାବାଜି) ସହ କିଛି କାଳ ହିମାଳୟରେ କଟାଇଥିଲେ । କେବଳାନନ୍ଦଜି କହିଲେ : ''ସେତେବେଳେ ବାବାଜି ନିଜ ଶିଷ୍ୟଦଳକୁ ନେଇ ସେଇ ପାର୍ବତ୍ୟ ଅଞ୍ଚଳରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇ କିଛିଦିନ ଅନ୍ତରରେ ଡେରା ପକାଉଥିଲେ । ଥରେ ଗୋଟିଏ ଅଗମ୍ୟ ଶିଖର ପ୍ରଦେଶରେ ଡେରାବନ୍ଧା ହୋଇଥାଏ । ହଠାତ୍ ଜଣେ ଅପରିଚିତ ବ୍ୟକ୍ତିର ଆବିର୍ଭାବ ଦେଖି ଶିଷ୍ୟମାନେ ଚକିତ ହୋଇଉଠିଲେ । ସେହି ବ୍ୟକ୍ତିଟି ବାବାଜିଙ୍କ ସମ୍ମୁଖକୁ ଆସି କହିଲା, 'ଆଜ୍ଞା ! ଆପଣ ନିଶ୍ଚୟ ସେଇ ମହାନ୍ ବାବାଜି । ମାସ ମାସ ଧରି ମୁଁ ଏହି ଅଗମ୍ୟ ପର୍ବତମାଳ ଭିତରେ ଆପଣଙ୍କୁ ଖୋଜି ବୁଲୁଛି । ମୋର ନିବେଦନ, ଆପଣ ମୋତେ ଶିଷ୍ୟ ରୂପେ ଗ୍ରହଣ କରନ୍ତୁ ।'

''ବାବାଜିଙ୍କଠାରୁ କୌଣସି ପ୍ରତ୍ୟୁତ୍ତର ନ ପାଇ ବ୍ୟକ୍ତିଟି ପର୍ବତର ଅତଳ ଗହ୍ୱର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା, 'ଆପଣ ଯଦି ମୋତେ ପ୍ରତ୍ୟାଖ୍ୟାନ କରନ୍ତି, ମୁଁ ଏହି ପର୍ବତ ଉପରୁ ଡେଇଁ ପଡ଼ିବି । ଭଗବତ୍ ପ୍ରାପ୍ତି ଲାଗି ଆପଣଙ୍କ ପଥ ଅନୁସରଣ ବିନା ମୋ ଜୀବନର ଆଉ କୌଣସି ମୂଲ୍ୟ ନାହିଁ ।'

'' 'ତେବେ ଡେଇଁପଡ଼ ! ଆଧ୍ୟାତ୍ମିକ ମାର୍ଗରେ ବର୍ତ୍ତମାନ ତୁମର ଯେଉଁ ସ୍ଥିତି, ସେଥିରେ ମୁଁ ତୁମକୁ ଶିଷ୍ୟ ରୂପେ ଗ୍ରହଣ କରି ପାରିବି ନାହିଁ ।' – କୌଣସି ଭାବପ୍ରବଣତା ନ ଦେଖାଇ ବାବାଜି ସିଧା ସିଧା ଉତ୍ତର ଦେଲେ ।

''ଲୋକଟି ସଙ୍ଗେ ସଙ୍ଗେ ଶିଖର ଉପରୁ ଡେଇଁ ପଡ଼ିଲା । ଆଗନ୍ତୁକର ଶରୀରକୁ ଉପରକୁ ଆଣିବା ପାଇଁ ବାବାଜି

ତଟସ୍ଥ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ । ଖଣ୍ଡବିଖଣ୍ଡିତ ସେହି ଶରୀରକୁ ଧରି ଶିଷ୍ୟମାନେ ଉପରକୁ ଆସିଲେ । ଗୁରୁଦେବ ସେହି ମୃତ ବ୍ୟକ୍ତିର ଶରୀର ଉପରେ ହାତ ରଖିଲେ । କି ଆଶ୍ଚର୍ଯ୍ୟ ! ଲୋକଟି ନିମିଷକେ ନିଦରୁ ଉଠିଲା ପରି ଆଖି ଖୋଲିଲା ଓ ଗୁରୁଦେବଙ୍କୁ ତା'ର ବିନମ୍ର ପ୍ରଣିପାତ ଜଣାଇଲା ।

''ପୁନର୍ଜୀବିତ ଶିଷ୍ୟଟି ଉପରେ ସସ୍ନେହ ଦୃଷ୍ଟିପାତ କରି ବାବାଜି କହିଲେ, 'ତୁମେ ମୋର ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ବର୍ତ୍ତମାନ ପ୍ରସ୍ତୁତ । ଖୁବ୍ ସାହସର ସହିତ ତୁମେ ଏହି କଠିନ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଛ । ମୃତ୍ୟୁ ଆଉ ତୁମକୁ ସ୍ପର୍ଶ କରିପାରିବ ନାହିଁ । ବର୍ତ୍ତମାନ ତୁମେ ଆମର ଏଇ ଅମର ସାଧୁଦଳ ଭିତରେ ଜଣେ ହୋଇ ରହିଲ । ଏଥର ଡେରା ଉଠାଅ, ଚାଲ ଅନ୍ୟ ସ୍ଥାନକୁ ଯିବା ।' ''

ଏସବୁ ଶୁଣି ସ୍ୱାମୀ ଯୋଗାନନ୍ଦ ପୂରାପୂରି ସ୍ତମ୍ଭୀଭୂତ । ନିଜକୁ ନିଜେ କହି ଉଠିଲେ – ''ସତରେ ବାବାଜିଙ୍କ ଜୀବନରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ କାଳର ସମସାମୟିକ ଆପେକ୍ଷିକତାର କିଛି ବି ଅର୍ଥ ନାହିଁ । ସେ ଗୋଟିଏ ଜଡ଼ ଶରୀର ମାତ୍ର ନୁହନ୍ତି କି ଭୌତିକ ଜଗତ୍ ମଧ୍ୟରେ ଆବଦ୍ଧ ନୁହନ୍ତି । ଏହି ପୃଥିବୀ ପାଇଁ କୌଣସି ଏକ ବିଶେଷ ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଗବତ୍ ଇଚ୍ଛାରେ ସେ ନିୟୋଜିତ ରହିଛନ୍ତି ମାତ୍ର ।''

❑❑❑

### ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୯)

# ପ୍ରତିଶ୍ରୁତି

## ସନ୍ତୋଷ କୁମାର ରଥ

ସନ୍ନ୍ୟାସ ପ୍ରାପ୍ତି ପରେ ସ୍ୱାମୀ ଯୋଗାନନ୍ଦ ଯୋଗ ସାଧନାରେ ବ୍ରତୀ ରହିଲେ । ଯୋଗ ପଥରେ ଅଗ୍ରସର ହେବା ଦ୍ୱାରା 'ବିଭୂତି' ରୂପେ ମିଳୁଥିବା ଆନୁଷଙ୍ଗିକ ଫଳଲାଭ ତାଙ୍କର ଧ୍ୟେୟ ହୋଇ ରହିଲା ନାହିଁ, ଧ୍ୟେୟ ହେଲା ପରମାତ୍ମାଙ୍କ ସହ ମିଳନ । ସାଂଗଠନିକ କ୍ରିୟାକଳାପ ପ୍ରତି ତାଙ୍କର ରହିଥିବା ପୂର୍ବର ଆଗ୍ରହ ଓ ଉଦ୍ୟମରେ ଭଟ୍ଟା ପଡ଼ିଲା । ମନେ ହେଲା ଏସବୁ ଅଯଥାର୍ଥ । ଶିଷ୍ୟର ଏମନ୍ତ ବେଭାରକୁ କିନ୍ତୁ ଲକ୍ଷ୍ୟ କରିପାରିଥିଲେ ଶ୍ରୀ ଯୁକ୍ତେଶ୍ୱର ଗିରି, ତାଙ୍କର ଆରାଧ୍ୟ ଗୁରୁଦେବ ।

''ସାଂଗଠନିକ କାମ କରିବାକୁ ତୁମର ଏତେ ବିତୃଷ୍ଣା କାହିଁକି ?''– ଗୁରୁଦେବଙ୍କର ଏଭଳି ଏକ ବିସ୍ଫୋରଣାତ୍ମକ ପ୍ରଶ୍ନରେ ସ୍ୱାମୀ ଯୋଗାନନ୍ଦ ଚମକି ଚାହିଁଲେ । ଭାବିଲେ ଗୁରୁଦେବଙ୍କ ଅନ୍ତର୍ଦୃଷ୍ଟିର ଆଢ଼ୁଆଳରେ କିଛି ବି ରଖି ହେବ ନି । ବଡ଼ ସଂକୋଚରେ ନିଜକୁ ଅନାବରଣ କଲେ – ''ଗୁରୁଦେବ ! ମୋ ମତରେ ଏହା ଏକ କୃତଜ୍ଞତା ବିହୀନ କାର୍ଯ୍ୟ । ଦଳପତି ଯାହା କରୁ ନା କାହିଁକି, ସବୁବେଳେ ସମାଲୋଚନାର ଶରବ୍ୟ ହୋଇଥାଏ ।''

ଗୁରୁଦେବଙ୍କର କଟାକ୍ଷ ସୂଚାଇ ଦେଉଥାଏ ଅପ୍ରତିରୋଧ ତୀରର ତୀକ୍ଷ୍ଣତା । ଯୋଗାନନ୍ଦଙ୍କ ଆନତ ଦୃଷ୍ଟି ସଜାଗ ହୋଇ ଉଠିଲା । ପ୍ରତିବାଦକୁ ପ୍ରଶ୍ରୟ ନ ଦେଇ ସ୍ୱାଗତ ଜଣାଇଲେ ଗୁରୁଦେବଙ୍କ ଉକ୍ତିକୁ : ''ଭଗବତ୍ ପ୍ରସାଦ ରୂପକ ସବୁତକ ଛେନା ତୁମେ କ'ଣ ଏକୁଟିଆ ଖାଇବାକୁ ଚାହୁଁଛ ? ଥରେ ଭାବି ଦେଖ, ଉଦାର-ହୃଦୟ ଗୁରୁବୃନ୍ଦ ପରମ୍ପରାକ୍ରମେ ଯଦି ସେମାନଙ୍କର ଲବ୍ଧଜ୍ଞାନକୁ ଅକାତରେ ବିତରଣ କରିବାକୁ ଇଚ୍ଛା ପ୍ରକାଶ କରି ନ ଥା'ନ୍ତେ, ତେବେ ତୁମେ କିଂବା ଆଉ କେହି କେବେ ବି ଯୋଗମାର୍ଗରେ ଭଗବତ୍ ସାନ୍ନିଧ ଲାଭ କରିବା ପାଇଁ ଯୋଗ୍ୟ ହୋଇ ପାରିଥା'ନ୍ତେ କି ?'' ଯୋଗାନନ୍ଦ ସେତେବେଳକୁ ନିଶ୍ଚୁପ୍ । ଯୁକ୍ତିର ଯଥାର୍ଥତା ଅବଶ୍ୟ ବରଣୀୟ । ଗୁରୁଦେବ ନୀରବତାକୁ ନାହିଁ କରିଦେଇ ପୁଣି କହିଲେ, ''ଭଗବାନ୍ ହେଉଛନ୍ତି ମଧୁ, ସଂଗଠନ ହେଉଛି ମଧୁଚକ୍ର । ଏ ସୃଷ୍ଟିରେ ଉଭୟଙ୍କର ଆବଶ୍ୟକତା ରହିଛି । ଅବଶ୍ୟ ଏକଥା ସତ ଯେ ଭଗବାନଙ୍କ ବିନା ଯେକୌଣସି ସଂଗଠନ ନିରର୍ଥକ । କିନ୍ତୁ ତୁମେ ଅଧ୍ୟାତ୍ମ ଅମୃତଭରା କର୍ମମୁଖର ମଧୁଚକ୍ରମାନ ଆରମ୍ଭ କରିବ ନାହିଁ କାହିଁକି ?''

ତେଜା ଦୀପଶିଖା ଆବୋରା ଅନ୍ଧାରକୁ ଆଡ଼େଇ ଦେଲା ପରି ଗୁରୁଦେବଙ୍କ ଉପଦେଶ ତାଙ୍କ ମନର ଭ୍ରାନ୍ତିକୁ ନିମିଷକେ ଦୂର କରିଦେଲା । ପ୍ରକାଶ୍ୟରେ ପ୍ରତ୍ୟୁତ୍ତରର ପକ୍ଷ ଗ୍ରହଣ ନ କରିଥିଲେ ବି, ହୃଦୟରେ ତାଙ୍କର ଜାଗରିତ ହେଲା ଏକ ଅଦମ୍ୟ ସଂକଳ୍ପ । ନୀରବରେ ପ୍ରାର୍ଥନା ଜଣାଇଲେ, ''ପ୍ରଭୁ ! ମୋର ଭକ୍ତି ମନ୍ଦିରରେ ଆପଣଙ୍କ ପ୍ରେମ ଚିର ଉଜ୍ଜ୍ୱଳ ରହିଥାଉ ଓ ମୁଁ ଯେପରି ଆପଣଙ୍କ ପ୍ରେମ ସମସ୍ତଙ୍କ ହୃଦୟରେ ଜାଗରିତ କରିବାକୁ ସକ୍ଷମ ହୁଏ ।''

ସଂକଳ୍ପହିଁ ଖୋଜିପାଏ ସଠିକ୍ ସରଣୀ । ହଠାତ୍ ତାଙ୍କ ମନରେ ଏକ ନୂତନ ପ୍ରେରଣାର ଉନ୍ମୋଚନ ହେଲା । ସେ ବୁଝିପାରିଲେ, ଯେପର୍ଯ୍ୟନ୍ତ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାର ଉପାଦେୟତାକୁ ଅଗ୍ରାଧିକାର ନ ଦିଆଯାଇଛି, ସେପର୍ଯ୍ୟନ୍ତ ଯଥାର୍ଥ ମଣିଷ ଗଠନ ସ୍ୱପ୍ନ ମାତ୍ର । ତେଣୁ ପ୍ରଚଳିତ ପାଠ୍ୟକ୍ରମ ମାଧ୍ୟମରେ ଛୋଟ ଛୋଟ ପିଲାମାନଙ୍କୁ ପ୍ରଥମରୁହିଁ ଶାରୀରିକ ଓ ବୌଦ୍ଧିକ ବିକାଶ ସହିତ ଚେତନାଗତ ଅଭିବୃଦ୍ଧି ପ୍ରତି ସଚେତନ କରାଇବା ଆବଶ୍ୟକ । ଏଥି ନିମନ୍ତେ ଦରକାର ଆଧ୍ୟାତ୍ମିକ ଶିକ୍ଷା । ଏହି ଉଦ୍ଦେଶ୍ୟକୁ ଭିତ୍ତି କରି ୧୯୧୮ ମସିହାରେ ମହାରାଜା ସାର୍ ମନୀନ୍ଦ୍ର ଚନ୍ଦ୍ର ନନ୍ଦୀଙ୍କର ଅକୁଣ୍ଠ ସାହାଯ୍ୟରେ ସେ ବିହାରର ରାଞ୍ଚିଠାରେ ଆରମ୍ଭ କଲେ ତାଙ୍କ ସ୍ୱପ୍ନର ପ୍ରଥମ ସୌଧ । ମହାରାଜାଙ୍କ ରାଜପ୍ରାସାଦ ହେଲା, ''ଯୋଗଦା ସତ୍‌ସଙ୍ଗ ବ୍ରହ୍ମଚର୍ଯ୍ୟ ବିଦ୍ୟାଳୟ''ର ଶ୍ରେଣୀଗୃହ । ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ପାଠ୍ୟକ୍ରମରେ କୃଷି, ଶିଳ୍ପ, ବାଣିଜ୍ୟ ସହିତ ଧ୍ୟାନ, ଆସନ, ପ୍ରାଣାୟାମ ମାଧ୍ୟମରେ ଯୋଗ ସାଧନାକୁ ବିଶେଷ ଗୁରୁତ୍ୱ ଦିଆଗଲା ।

ମାତ୍ର ଅଳ୍ପ କେତେଦିନ ମଧ୍ୟରେ ଅନୁଷ୍ଠାନର କଳେବର ମାତ୍ରାଧିକ ବୃଦ୍ଧି ପାଇଲା । ପ୍ରାୟ କୋଡ଼ିଏ ଏକର ଉର୍ବର ଜମି

ବିଦ୍ୟାଳୟ ପରିସରର ଅନ୍ତର୍ଭୁକ୍ତ ହୋଇଗଲା । ମୁକ୍ତାଙ୍ଗନ ଶିକ୍ଷା ସହ ବଗିଚା କାମ ହେଲା ଛାତ୍ର ଓ ଶିକ୍ଷକମାନଙ୍କର ଅନ୍ୟ ଏକ ଆକର୍ଷଣ । ଆରମ୍ଭ ହେଲା ଭିନ୍ନ ଏକ ପର୍ବ । ଫୁଲର ମହକ ପରି ପ୍ରସରିଗଲା ସ୍ୱାମୀ ଯୋଗାନନ୍ଦଙ୍କ ପ୍ରଶଂସା; ଚର୍ଚ୍ଚା ହେଲା ଦେଶର ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍, ମନୀଷିଗଣଙ୍କ ମହଲରେ । କେହି କେହି ପରିଦର୍ଶନରେ ଆସିଲେ; ଚାକ୍ଷୁଷ ପ୍ରମାଣ ଆଶାରେ । ସହରର ଅଭିଭାବକମାନଙ୍କର ଭିଡ଼ ଜମିଲା ନିଜ ପିଲାର ନାମ ଲେଖା ପାଇଁ । ଫଳରେ ଆବାସିକ ଶିକ୍ଷା ସହିତ ଦିବାଧାୟୀ ଛାତ୍ରମାନଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା କରାଗଲା ।

ଦିନେ ସ୍ୱୟଂ ପିତୃଦେବ ଆସି ହାଜର, ଦୀର୍ଘ ଦିନର ବ୍ୟବଧାନ ପରେ । ନିଜର ପୁତ୍ର ପ୍ରତି ଛାତ୍ରମାନଙ୍କର ଶ୍ରଦ୍ଧା ଓ ସମ୍ମାନ ଦେଖି ବହୁ ଦିନର ସଞ୍ଚିତ ଦୁଃଖ ତାଙ୍କର ଅପସରି ଗଲା । ରେଳବାଇ କମ୍ପାନୀରେ ଚାକିରି ନ କରିବା ଜନିତ ଅଭିମାନକୁ ଆଡ଼େଇ ଦେଇ ସେ କହିଲେ, ''ବାବୁ ! ଜୀବନରେ ତୁମେ ଏ ଯେଉଁ ଆଦର୍ଶ ବାଛି ନେଇଛ ମୁଁ ତାକୁ ସ୍ୱୀକାର କରୁଛି । ଏହି ଆନନ୍ଦମୁଖର ସରଳ ଶିଶୁମାନଙ୍କ ଗହଣରେ ତୁମକୁ ଦେଖି ମୁଁ ବହୁତ ଖୁସୀ । ଏହାଠାରୁ ମହତ୍ତର କିଛି ବି ନାହିଁ । ତୁମ ସ୍ଥାନ ଏହିଠାରେ – ରେଳବାଇ କମ୍ପାନୀର ନିର୍ଜୀବ ସମୟ ନିର୍ଘଣ୍ଟର ନୀରସ ରକ୍ଷକ ଭାବେ ନୁହେଁ । ମୋର ସିନା ଆଠଟି ସନ୍ତାନ ଥିଲେ, ହେଲେ ଏମାନେ ସମସ୍ତେ ତୁମର ସନ୍ତାନ ।'' ପିତାଙ୍କ ଖୁସୀରେ ଖୁସୀ ହେବାଠାରୁ ଆହୁରି ଅଧିକ ଖୁସୀ ହେଲେ ନିଜର ନିର୍ଦ୍ଦୋଷ ପ୍ରତିବିମ୍ବକୁ ଦେଖି । ମନେ ପଡ଼ିଗଲା ଗୁରୁଦେବଙ୍କ ଚେତାବନୀ, ''ମନେରଖ, ଯେଉଁ ଲୋକ ସାଧାରଣ ସାଂସାରିକ କର୍ତ୍ତବ୍ୟସବୁ ପରିହାର କରି ସନ୍ୟାସ ଗ୍ରହଣ କରେ, ସେ ଆହୁରି ବୃହତ୍ତର ପରିବାରର କୌଣସି ଦାୟିତ୍ୱ ବହନ କଲେ ଯାଇ ନିଜକୁ ଦୋଷମୁକ୍ତ କରେ ।''

ଥରେ ଗୋଟିଏ ବଣଭୋଜି ଅବସରରେ ସ୍ୱାମୀ ଯୋଗାନନ୍ଦ କିଛି ଛାତ୍ରଙ୍କ ଗହଣରେ ବସିଥା'ନ୍ତି ଗୋଟିଏ ଗଛମୂଳରେ । ଗଳ୍ପର ଆସରକୁ ଜୀବନ୍ତ କରୁଥାଏ ପିଲାମାନଙ୍କର ସ୍ୱାଭାବିକ ଓ ଅସ୍ୱାଭାବିକ ପ୍ରଶ୍ନସବୁ । ଅଧାଫୁଟା କଢ଼ର ଯେତେସବୁ କଳ୍ପନାଜଳ୍ପନା ଭବିଷ୍ୟତକୁ ନେଇ । କାଶୀ ଥିଲା ସେମାନଙ୍କ ଭିତରେ ସବୁଠାରୁ ଧୀମାନ୍ ଓ ସମସ୍ତଙ୍କର ପ୍ରିୟ । ତା'ର ବୟସ ସେତେବେଳକୁ ମାତ୍ର ବାର ବର୍ଷ । ଅନ୍ୟ ପିଲାମାନଙ୍କ ପ୍ରତି ଗୁରୁଜିଙ୍କର ଭବିଷ୍ୟତ୍ ଉକ୍ତି ଶୁଣି ସେ ଅତିଷ୍ଠ ହୋଇ ପଚାରି ପକାଇଲା, ''ଆଜ୍ଞା ! କୁହନ୍ତୁ ତ ମୋ ଭାଗ୍ୟରେ କ'ଣ ଅଛି ?''

''ତୁମ ଭାଗ୍ୟରେ ଖୁବ୍ ଶୀଘ୍ର ମୃତ୍ୟୁ ଯୋଗ ରହିଛି ।''– କହି ପକାଇଲେ ସ୍ୱାମୀ ଯୋଗାନନ୍ଦ ।

ପରମୁହୂର୍ତ୍ତରେ ସେ ଜାଣିପାରିଲେ ଏକ ଦୁର୍ବାର ଶକ୍ତି ଯେମିତି ଜୋର୍ କରି ତାଙ୍କ ତୁଣ୍ଡରୁ ଏପରି କଥାକୁ ବାହାର କରିନେଲା । ନିଜର କାଳତୁଣ୍ଡକୁ ଧିକ୍କାର୍ କଲେ ଏବଂ ସେହି ମୁହୂର୍ତ୍ତରୁ ପିଲାମାନଙ୍କୁ ଆଉ ଭବିଷ୍ୟବାଣୀ ଦେବେ ନାହିଁ ବୋଲି ମନା କରିଦେଲେ । ହେଲେ ବଣଭୋଜିର ଆମୋଦ ପ୍ରମୋଦରେ କାଶୀର ଆଉ ମନ ନ ଥାଏ । ଅବିଶ୍ୱାସୀ ହେବା ପାଇଁ ମିଳୁଥିବା ଆଶ୍ୱାସନାସବୁ ଶେଷକୁ ନିରସ୍ତ ହେଲା । ତା'ର ପୂର୍ଣ୍ଣ ବିଶ୍ୱାସ; ଗୁରୁଜିଙ୍କ କଥା କେବେ ବି ଅନ୍ୟଥା ହେବ ନି ।

ବିଦ୍ୟାଳୟକୁ ଫେରିବା ପରେ ଗୁରୁଜିଙ୍କୁ ଏକାକୀ ଦେଖି ଭିତରକୁ ଆସିଲା କାଶୀ । କୋଠରିର ନିଃଶବ୍ଦତାକୁ ବ୍ୟାହତ କରୁ ନ ଥାଏ ତା'ର ପାଦଶବ୍ଦ । ଆଖିରେ ତା'ର ଆଖିଏ ଲୁହ, ବନ୍ଧରୋକା ନଈର ଉଚ୍ଛୁଳା ପତନ । ଗୁରୁଜିଙ୍କ ସ୍ନେହର ସ୍ପର୍ଶରେ ସେଇ ରୋକା ବନ୍ଧରେ ଗଳିଆ ପଡ଼ିଲା । କାନ୍ଦ ସହିତ ଥର ଥର କଣ୍ଠରୁ ତା'ର ବାହାରି ଆସିଲା, ''ମୋତେ କଥା ଦିଅନ୍ତୁ ଗୁରୁଜି, ମୁଁ ଯଦି ମରିଯାଏ ମୋର ପୁନର୍ଜନ୍ମ ହେଲେ ଆପଣ ମୋତେ ଖୋଜି ବାହାର କରି ଆଧ୍ୟାତ୍ମିକ ମାର୍ଗକୁ ପୁଣି ଆଣିବେ ତ ?''

ଇଥରର ତରଙ୍ଗ ଗୁରୁଜିଙ୍କ ହୃଦୟତନ୍ତ୍ରୀକୁ ସ୍ପନ୍ଦିତ କଲା ସତ, ମାତ୍ର ଏଭଳି ଏକ କଠିନ ଓ ଗୂଢ଼ ଦାୟିତ୍ୱ ସ୍ୱୀକାର କରି ନେବାକୁ ସେ ସମ୍ମତ ହୋଇ ପାରିଲେ ନାହିଁ । ହେଲେ କାଶୀ କିନ୍ତୁ ତାଙ୍କର ପିଛା ଧରିଥାଏ । ତା'ର ଉଦାସ ଅନୁରୋଧକୁ ଏଡ଼ାଇ ଯିବା ଗୁରୁଜିଙ୍କ ପକ୍ଷରେ କଷ୍ଟକର ହୋଇ ପଡ଼ିଲା । ସେ ଲକ୍ଷ୍ୟ କଲେ କାଶୀର ମୃତ୍ୟୁଭୟଠାରୁ ତାଙ୍କ ନେତିସୂଚନାହିଁ ତାକୁ ଅଧିକ ଅବଶ କରି ଦେଉଛି । ସାନ୍ତ୍ୱନା ସବୁ ତା' ପାଇଁ ପାଣି ଫୋଟକା । ଶେଷକୁ ଗୁରୁଜି ଅନନ୍ୟୋପାୟ ହୋଇ କହିଲେ, ''ମୁଁ ପ୍ରତିଶ୍ରୁତି ଦେଉଛି, ଭଗବାନ୍ ଯଦି ମୋତେ ସାହାଯ୍ୟ କରିବେ ତେବେ ମୁଁ ତୁମକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବି ।'' ମେଘ-ଢଙ୍କା ଆକାଶଟା ଦକ୍ଷିଣା ବାଆରେ ନିମିଷକେ ଫର୍ଚ୍ଚା ହୋଇଗଲା । କୃତଜ୍ଞତାରେ ପ୍ରଣାମ ଜଣାଇଲା କାଶୀ ।

ସକାଳ ଯାଇ ସଞ୍ଜ ଛୁଏଁ, ପୁଣି ସକାଳ ହୁଏ । ସୂର୍ଯ୍ୟଙ୍କୁ

କେନ୍ଦ୍ର କରି ପୃଥିବୀର ଆବର୍ତ୍ତନ ପରି ସ୍ୱାମିଜିଙ୍କ ପରିସରରେ ଚାଲିଥାଏ ଛାତ୍ରମାନଙ୍କର ପରିଧି ପରିକ୍ରମା । ଅଳ୍ପଦିନ ପରେ ଗ୍ରୀଷ୍ମ ଅବକାଶ । ସେଇ ଅବକାଶରେ ସ୍ୱାମିଜିଙ୍କୁ ବାହାରକୁ ଯିବାକୁ ହେଲା । ସଙ୍ଗରେ କାଶୀକୁ ନେଇ ଯିବାର ସୁବିଧା ନ ହେବାରୁ ତାକୁ ଡାକି ଅନେକ କିଛି ଉପଦେଶ ଦେଲେ । ନିର୍ଦ୍ଦେଶ ଦେଲେ ଆଶ୍ରମର ଆଧ୍ୟାତ୍ମିକ ପରିବେଶ ଛାଡ଼ି ବାହାରକୁ ନ ଯିବା ପାଇଁ । ବେଶ୍ କିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ତା' ଉପରେ ନ୍ୟସ୍ତ କରାଗଲା, ଯେମିତି ଆଶ୍ରମ ଛାଡ଼ି ଯିବା ପାଇଁ ସେ କେବେ ବି ମନ ନ ବଳାଏ । କାଶୀର ନିଷ୍ଠାପରତା ଉପରେ ବିଶ୍ୱାସ ଥିଲେ ବି ଗୋଟିଏ ଆସନ୍ନ ବିପଦର ଛାୟା ତାଙ୍କ ଦିଗ୍‌ବଳୟରେ ଯେମିତି ସ୍ପଷ୍ଟ ହୋଇଯାଉଥିଲା ।

ସ୍ୱାମିଜିଙ୍କ ଅନୁପସ୍ଥିତିରେ ଆଶ୍ରମ ବେଶ୍ ସୁରୁଖୁରୁରେ ଚାଲିଥାଏ । ସବୁଦାୟିତ୍ୱ କାଶୀ ଉପରେ । ଦିନ କେଇଟା ଯାଇଛି କି ନାହିଁ ତା'ର ବାପା ଆସି ରାଞ୍ଚିରେ ହାଜର, ପୁଅକୁ ସାଙ୍ଗରେ ନେଇଯିବା ପାଇଁ । ପୁଅ ଯେତେ ବୁଝାଇ କହିଲେ ବି ତା' କଥା ମାନିବାକୁ ସେ ପ୍ରସ୍ତୁତ ନୁହନ୍ତି । ସତେ ଯେମିତି ସବୁକିଛିକୁ ଜଳାଞ୍ଜଳି ଦେଇ ବାପାଙ୍କ କଥା ମାନିନେବାକୁ ପୁଅ ଷୋଳପଣେ ବାଧ୍ୟ । ଏମିତି ପନ୍ଦର ଦିନ ବିତିଗଲା । ''ପୁଅ ହୋଇ, ଅସୁସ୍ଥ ମା'କୁ ଦିନ ଚାରିଟା ପାଇଁ ଦେଖି ଆସିବା ପାଇଁ ତୋର ମନ ବଳୁ ନି ? ଠିକ୍ ଅଛି ପରେ ମନସ୍ତାପ କରିବୁ ନି ।'' ଧମକ ଦେଇ କହିଲେ ବାପା । କାଶୀ କିନ୍ତୁ ଆଶ୍ରମ ଛାଡ଼ି ଯିବା ପାଇଁ ନାରାଜ । ''ଗୁରୁଜିଙ୍କ ନିର୍ଦ୍ଦେଶକୁ ମୁଁ ଅବମାନନା କରିପାରିବି ନାହିଁ, ଆପଣ ଫେରି ଯାଆନ୍ତୁ'' – କାଶୀର ଏମନ୍ତ ଉତ୍ତରରେ ତା'ର ବାପା ଅଧିକ କ୍ରୁଦ୍ଧ ହୋଇ ଉଠିଲେ । ଶେଷରେ ପୋଲିସର ସହାୟତାରେ ତାକୁ ଆଶ୍ରମରୁ ନେଇ ଯିବାର ଧମକ ଦେଲେ ।

ବାପାଙ୍କର ଏଭଳି ଅମାନୁଷିକ ଆଚରଣରେ କାଶୀ ବିଚଳିତ ହୋଇ ଉଠିଲା । ''ମୋ ପାଇଁ ପୁଲିସ ଆଶ୍ରମ ଭିତରେ ପଶିବ, ଲୋକେ କ'ଣ କହିବେ । ଆଶ୍ରମର ଖ୍ୟାତି ଓ ଗୁରୁଜିଙ୍କ ସମ୍ମାନ ନଷ୍ଟ ହେବା ପରିବର୍ତ୍ତେ ମୁଁ ଆଶ୍ରମ ଛାଡ଼ି ଚାଲିଯିବା ଶ୍ରେୟସ୍କର । ଗୁରୁଦ୍ରୋହୀ ହେବି ପଛେ ।'' ସିଦ୍ଧାନ୍ତ ନେଲା କାଶୀ ।

କିଛିଦିନ ପରେ ସ୍ୱାମୀ ଯୋଗାନନ୍ଦ ରାଞ୍ଚି ଫେରି ଆସିଲେ । କାଶୀର ସ୍ଥାନାନ୍ତର କଥା ଶୁଣି ଆଶ୍ରମ ନ ଯାଇ ସଙ୍ଗେ ସଙ୍ଗେ ଟ୍ରେନ୍ ଧରି କଲିକତା ଯାତ୍ରା କଲେ । ସେଠାରୁ ଘୋଡ଼ା ଗାଡ଼ିରେ ମୁହାଁଇଲେ କାଶୀର ଗାଁକୁ । ଗାଡ଼ିର ଗତିଶୀଳତା ମନର ଉଦ୍‌ବେଗ ସହିତ ସାମିଲ ନ ହୋଇ ପାରୁଥିବାରୁ ସେ ବିରକ୍ତ ହୋଇ ଉଠୁଥା'ନ୍ତି । ହାଓ୍ୱାଡ଼ା ପୋଲ ଉପର ଦେଇ ଗଲାବେଳେ ହଠାତ୍ ସେ ଦେଖି ପାରିଲେ କାଶୀର ବାପା କେଇ ଜଣ ଲୋକଙ୍କ ସହ ଅଶୌଚ ବେଶରେ ଗଙ୍ଗାଘାଟରୁ ଫେରୁଛନ୍ତି । କଚୁଆନ୍‌କୁ ଗାଡ଼ି ରୋକିବାକୁ କହି, ଧାଇଁଗଲେ କାଶୀର ହତଭାଗ୍ୟ ପିତାଙ୍କ ନିକଟକୁ । କ୍ରୋଧ ଓ ଦୁଃଖରେ ସେତେବେଳକୁ ସେ ମ୍ରିୟମାଣ । ନିଜକୁ ସମ୍ଭାଳି ନ ପାରି କହିପକାଇଲେ, ''ଖୁଣୀ ମହାଶୟ, ଆପଣ ମୋ ପିଲାଟାକୁ ମାରିଦେଲେ ।''

କାଶୀକୁ ଜବରଦସ୍ତି ଆଶ୍ରମରୁ ନେଇ ଆସି ସେ ଯେ ଭୁଲ୍ କରିଛନ୍ତି ସେକଥା ତା'ର ବାପା ବୁଝି ସାରିଥା'ନ୍ତି । ସଂକ୍ରମିତ ହଇଜା ତା' ମୃତ୍ୟୁର କାରଣ ନୁହେଁ, କାରଣ ସେ ନିଜେ; ଏକଥା ସ୍ୱୀକାର କରି ନିଜ କୃତକର୍ମ ପାଇଁ କ୍ଷମା ଭିକ୍ଷା କଲେ । ସ୍ୱାମୀ ଯୋଗାନନ୍ଦ ନିଜକୁ ସଂଯତ କରି ଆଶ୍ରମ ଫେରିଆସିଲେ, ହେଲେ ସବୁବେଳେ ତାଙ୍କ ଆଖି ଆଗରେ ଭାସି ଉଠିଲା କାଶୀର ସେଇ ପ୍ରତିଶ୍ରୁତି ପ୍ରୟାସୀ ମୁହଁଟା । ସଂକଳ୍ପ ନେଲେ – ଭଗବାନ୍ ମୋତେ ଯେଉଁ ଐଶୀ ପ୍ରତିଭା ଦେଇଛନ୍ତି, ମୁଁ ତା'ରି ସଦ୍‌ଉପଯୋଗ କରିବି । ମୋର ସମସ୍ତ ଶକ୍ତି ବିନିମୟରେ ସୂକ୍ଷ୍ମ ଜଗତରେ କାଶୀର ଅବସ୍ଥିତିକୁ ଅନୁସନ୍ଧାନ କରିବି ।

ସ୍ୱାମୀ ଯୋଗାନନ୍ଦ ତାଙ୍କ ପ୍ରଚେଷ୍ଟା ଚାଲୁ ରଖିଲେ । ସେ ଜାଣନ୍ତି ତା'ର ଆତ୍ମା ଅତୃପ୍ତ କାମନା-ବାସନା ନେଇ ସୂକ୍ଷ୍ମଜଗତରେ ଲକ୍ଷ ଲକ୍ଷ ଉଜ୍ଜ୍ୱଳ ଆତ୍ମା ମଧ୍ୟରେ ଏକ ଆଲୋକ ପିଣ୍ଡ ଭାବରେ କେଉଁଠି ଭାସି ବୁଲୁଛି । ହେଲେ ତାକୁ ନିର୍ବାଚନ କରି ତା' ସହିତ ଯୋଗାଯୋଗ ସ୍ଥାପନ କରିବେ ବା କିପରି ! ବହୁ ପ୍ରକାରର ଗବେଷଣା ପରେ ସେ ଏକ ଗୁପ୍ତ ଯୋଗ ପଦ୍ଧତି ଅବଲମ୍ବନରେ ନିଜର ଭ୍ରୂଲତା ମଧ୍ୟରେ ଥିବା ଆଧ୍ୟାତ୍ମିକ ଚକ୍ଷୁ ସାହାଯ୍ୟରେ କାଶୀର ଆତ୍ମା ନିକଟକୁ ପ୍ରେମର ତରଙ୍ଗ ପଠାଇବାକୁ ସକ୍ଷମ ହୋଇପାରିଲେ । ଏବଂ ସେ ଯେ ଖୁବ୍ ଶୀଘ୍ର ପୃଥିବୀକୁ ଫେରି ଆସୁଛି; ଏକଥା ଜାଣି ପାରିଲେ । ସେହିଦିନଠାରୁ ସେହି ତରଙ୍ଗର ସ୍ପର୍ଶକୁ ଗ୍ରହଣ କରିବା ଉଦ୍ଦେଶ୍ୟରେ ବହୁତ ସମୟରେ ସେ ନିଜର ବାହୁଦ୍ୱୟକୁ ଆଣ୍ଟିନା ସଦୃଶ ଉପରକୁ ଟେକି ରଖିଲେ ।

ଏଇ କ୍ରମରେ ପ୍ରାୟ ଛଅମାସ ବିତିଗଲା । ଯଦିଓ ସେ ସ୍ଥିର ନିଶ୍ଚିତ ଯେ କାଶୀ ଭ୍ରୂଣ ରୂପେ ପୃଥିବୀପୃଷ୍ଠକୁ ଫେରି ଆସିଛି ତଥାପି ତା'ର ସନ୍ଧାନ ପାଇ ନ ଥା'ନ୍ତି । ଦିନେ ସକାଳେ

କଲିକତାର 'ବହୁବଜାର' ଅଞ୍ଚଳରେ କେଇଜଣ ବନ୍ଧୁଙ୍କ ସହ ବୁଲୁଥିବା ବେଳେ ସେ ନିଜର ଉତ୍ତୋଳିତ ବାହୁର ଅଙ୍ଗୁଳିରେ ହଠାତ୍ ଏକ ବିଦ୍ୟୁତ୍‌ର ସ୍ପର୍ଶ ପାଇଲେ । ସାରା ଶରୀରଟି ତାଙ୍କର ରୋମାଞ୍ଚିତ ହୋଇ ଉଠିଲା । ସେହି ତରଙ୍ଗ ତାଙ୍କ ଚେତନାର ଗଭୀର ପ୍ରଦେଶକୁ ପ୍ରବେଶ କରି ଏକ ଶକ୍ତିଶାଳୀ ଚିନ୍ତା ରୂପରେ ଧ୍ୱନିତ ହେଲା, ''ମୁଁ କାଶୀ, ମୁଁ କାଶୀ, ମୋ ପାଖକୁ ଆସନ୍ତୁ ।''

ସ୍ୱାମୀ ଯୋଗାନନ୍ଦ ଆନନ୍ଦରେ ଅଧୀର ହୋଇଉଠିଲେ । ସେହି ସ୍ପନ୍ଦନର ଗତି ଓ ସ୍ଥିତି ନିରୂପଣ ପାଇଁ ସେ ନିଜକୁ ଅଧିକ ସଂକେନ୍ଦ୍ରିତ କରିନେଲେ, ଏବଂ ଅନୁଭବ କଲେ ଗୋଟିଏ ନିର୍ଦ୍ଦିଷ୍ଟ ଦୂରତା ପରେ ସେହି ବୈଦ୍ୟୁତିକ ସ୍ପର୍ଶ କେଉଁଆଡ଼େ ଅନ୍ତର୍ହିତ ହୋଇଯାଉଛି । ତେଣୁ ସେ ସ୍ଥିର ନିଶ୍ଚିତ ହେଲେ – କାଶୀର ଆତ୍ମା ଯେଉଁ ମାତୃଗର୍ଭରେ ଅଛି ତାଙ୍କର ଘର ନିଶ୍ଚୟ ଏଇ ଗଳିରେ । ତା'ପରେ ଚୁମ୍ବକୀୟ ଆକର୍ଷଣ ସଦୃଶ ଗୋଟିଏ ଘରର ସାମ୍ନାରେ ପହଞ୍ଚି କବାଟରେ ଠକ୍ ଠକ୍ କଲେ । ବାହାରି ଆସିଲେ ଗୃହସ୍ୱାମୀ । କିନ୍ତୁ ଏଭଳି ଏକ ଅସ୍ୱାଭାବିକ ପ୍ରଶ୍ନ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ସେ ବା ପଚାରିବେ କେମିତି ? ବଡ଼ ଅଡୁଆରେ ପଡ଼ିଲେ ସନ୍ନ୍ୟାସୀ । ତଥାପି ସାହସ ସଞ୍ଚୟ କରି କହିଲେ, ''ମହାଶୟ, ଆପଣଙ୍କ ପତ୍ନୀ କ'ଣ ସନ୍ତାନ-ସମ୍ଭବା କି ?''

''ହଁ, ତାହା ତ ଠିକ୍, ହେଲେ ମୋ ଘରକଥା ଆପଣ କେମିତି ଜାଣିଲେ ?'' – ଉତ୍ତର ଦେଲେ ଗୃହସ୍ୱାମୀ ।

ଗୃହସ୍ୱାମୀଙ୍କ ବିନମ୍ରତା ଦେଖି ଆଶ୍ଚର୍ଯ୍ୟ ହେଲେ ସ୍ୱାମୀ ଯୋଗାନନ୍ଦ । ଭାବିଲେ ଗୃହତ୍ୟାଗୀ ସନ୍ନ୍ୟାସୀଟେ ବୋଲି ଗୋଟିଏ ନିଶ୍ଚିତ ଭର୍ତ୍ସନାରୁ ଆଜି ରକ୍ଷା ମିଳିଗଲା । କାଶୀର ପୂର୍ବ ବୃତ୍ତାନ୍ତ ଓ ନିଜର ପ୍ରତିଶ୍ରୁତି କଥା କହିବା ପରେ ଗୃହସ୍ୱାମୀ ସଂଶୟଶୂନ୍ୟ ହେଲେ । ତାଙ୍କର ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ସେ କହିଲେ, ''ଆପଣଙ୍କର ଗୋଟିଏ ପୁତ୍ର ସନ୍ତାନ ହେବ । ତା'ର ବର୍ଣ୍ଣ ଗୌର, ମୁଖର ଆକୃତି ଚଉଡ଼ା । ବାଳସବୁ ଉପରକୁ ଠିଆ ଠିଆ । ବାଳକଟିର ମତିଗତି ବିଶେଷ ଭାବରେ ଆଧ୍ୟାତ୍ମିକ ଭାବାପନ୍ନ ହେବ ।''

ନିର୍ଦ୍ଦିଷ୍ଟ ଦିନରେ ଗୃହସ୍ୱାମୀଙ୍କର ପୁତ୍ର ସନ୍ତାନଟିଏ ଜନ୍ମ ହେଲା ଏବଂ କିଛିଦିନ ପରେ ସ୍ୱାମୀ ଯୋଗାନନ୍ଦ ତାକୁ ଦେଖିବାକୁ ଯାଇଥିଲେ । ତା'ର ବାପାମା' ବହୁତ ଖୁସୀରେ ତା'ର ନାଁ ମଧ୍ୟ କାଶୀ ରଖିଥିଲେ । ମନେ ହେଉଥିଲା ସତେ ଯେମିତି ସେ କିଶୋର କାଶୀର ଏକ ନୂତନ ସଂସ୍କରଣ ମାତ୍ର ।

ଶିଶୁରୁ କିଶୋର ହେବା ପରେ କାଶୀ ସ୍ୱତଃପ୍ରବୃତ୍ତ ଭାବେ ସ୍ୱାମୀ ଯୋଗାନନ୍ଦଙ୍କୁ ଚିଠି ଲେଖିଲା ନିଜ ଜୀବନର ପଥ ନିର୍ଦ୍ଧାରଣ ପାଇଁ । ସ୍ୱାମିଜି ସେତେବେଳେ ଆମେରିକାରେ । ସ୍ୱାମିଜିଙ୍କ ନିର୍ଦ୍ଦେଶରେ ହିମାଳୟର ଜଣେ ଯୋଗୀ ତାକୁ ଶିଷ୍ୟ ରୂପେ ସାଦରେ ଗ୍ରହଣ କଲେ ।

❑❑❑

ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୧୦)

# ପୁନର୍ଜନ୍ମ

## ସନ୍ତୋଷ କୁମାର ରଥ

୧୯୧୫ ମସିହାରେ ସନ୍ନ୍ୟାସ ଗ୍ରହଣ କରିବାର ଅଳ୍ପ କିଛି ଦିନ ପରର ଘଟଣା । ସେତେବେଳେ ୟୁରୋପରେ ମାସ ମାସ ଧରି ଚାଲିଥାଏ ପ୍ରଥମ ମହାସମରର ତାଣ୍ଡବଲୀଳା । ଅସୁମାରି ଲୋକଙ୍କ ମୃତ୍ୟୁ, ପରାହତ ଓ ଅପରାହତ ସୈନିକମାନଙ୍କର ମୁମୂର୍ଷୁ ଅବସ୍ଥାର ସମ୍ବାଦ ଥିଲା ବିଶ୍ୱବାସୀଙ୍କ ପାଇଁ ପ୍ରଧାନ ଆଲୋଚ୍ୟ । ସ୍ୱାମୀ ଯୋଗାନନ୍ଦଙ୍କୁ ମଧ୍ୟ ଆକ୍ରାନ୍ତ କରିଥିଲା ଏଇ ମର୍ମବ୍ୟଥା, କିନ୍ତୁ ଏକ ଭିନ୍ନ ଢଙ୍ଗରେ । ଯୁଦ୍ଧର ବିଭୀଷିକା କଥା ଶୁଣିଲେ ସେ ବଡ଼ ବିଷଣ୍ଣ ହୋଇଉଠନ୍ତି; ସତରେ ମଣିଷ ତା'ର ଅସୀମ ଶକ୍ତି ଓ ସମ୍ଭାବନାକୁ କେତେ ସୀମିତତା ମଧ୍ୟରେ ପରିଧିଭୁକ୍ତ କରି ଦେଉଛି ! ତା' ଚେତନାର ଆପେକ୍ଷିକତା ସମ୍ବନ୍ଧରେ ସେ କେତେ ଅଚେତନ, ମାୟାର ଦୁଃଖଦାୟକ ଦ୍ୱୈତରୂପ ପଶ୍ଚାତରେ ରହିଥିବା ଚିରନ୍ତନତା ପ୍ରତି ସେ କିପରି ପରାଙ୍ମୁଖ – ଭାବନ୍ତି ଯୋଗାନନ୍ଦ । ସାମିଲ କରିଦିଅନ୍ତି ନିଜକୁ ।

ଦିନକର ଘଟଣା । ସୂର୍ଯ୍ୟ ଉଇଁବା ସେତେବେଳକୁ ବେଶୀ ଡେରି ନ ଥାଏ । ଯୁଦ୍ଧ ଜାହାଜଟି ଚାଲିଥାଏ ସମୁଦ୍ରର ବକ୍ଷ ଚିରି; ସେ ଥାଆନ୍ତି ତା'ର କ୍ୟାପ୍‌ଟେନ୍ । ଜାହାଜ ଉପରକୁ ବର୍ଷି ଚାଲିଥାଏ କୂଳର କମାଣରୁ ଅଜସ୍ର ଗୁଳି । ଗଗନ-ପବନ ବିଦୀର୍ଣ୍ଣ ହୋଇଉଠୁଥାଏ ତା'ର ଶବ୍ଦ ଓ ଧୂମାଳ ଶିଖାର ରକ୍ତିମ ଆଭାରେ । ତଥାପି ନିର୍ଭୀକ ସେ, ଚରୈବେତି ନୀତିରେ । ହଠାତ୍ ଗୋଟିଏ ବିରାଟ ଗୋଳା ତୀବ୍ର ବେଗରେ ଆସି ପଡ଼ିଲା ଜାହାଜର ବାରୁଦ ଭଣ୍ଡାର ଉପରେ । ନିମିଷକେ ବିସ୍ଫୋରଣର ଅଗ୍ନି ପ୍ରସରି ଗଲା ଜାହାଜର ଏମୁଣ୍ଡରୁ ସେମୁଣ୍ଡକୁ । ଜାହାଜଟି ଖଣ୍ଡ ବିଖଣ୍ଡିତ ହୋଇଗଲା । ଅନ୍ୟ କେତେଜଣ ନାବିକଙ୍କ ସହ ସେ ନିଜର ଜୀବନରକ୍ଷା ପାଇଁ ପାଣିକୁ ଡେଇଁ ପଡ଼ିଲେ ।

ଛାତି ସେତେବେଳକୁ ଦମ୍‌ଦମ୍ ହେଉଥାଏ । କିନ୍ତୁ ଗଭୀର ସମୁଦ୍ରରୁ ନିରାପଦରେ ଆସି ସେ କୂଳରେ ପହଞ୍ଚିଗଲେ । ବଞ୍ଚିଗଲେ । ହେ ଭଗବାନ୍ ! ତୁମେହିଁ ରକ୍ଷା କଲ – ଭାବିଲା ବେଳକୁ ଗୋଟିଏ ଗୁଳି ବଡ଼ ଅଚାନକ ଭାବେ ଆସି ତାଙ୍କ ବକ୍ଷ ଭେଦ କଲା । ଆର୍ତ୍ତନାଦ କରି ସେ ସେଇଠି ଟଳି ପଡ଼ିଲେ । ରୁଦ୍ଧ କୋଠରିର ସୀମା ପାର ନ ହୋଇପାରି ସେଇ ଶବ୍ଦ ପ୍ରତିଧ୍ୱନିତ ହେଲା କୋଠରି ଭିତରେ ।

ସ୍ୱାମୀ ଯୋଗାନନ୍ଦ ଚକ୍ଷୁ ଉନ୍ମୀଳନ କଲେ । ସୁଷୁପ୍ତିରୁ ସଚେତନ ହେଲେ । ସେ ପଦ୍ମାସନରେ ନିଜ ବିଛଣା ଉପରେ ବସିଥା'ନ୍ତି ଛୋଟ କୋଠରିଟି ଭିତରେ । କୋଠରିଟି ଥିଲା ତାଙ୍କ ବାପାଙ୍କର ଗରପା ରୋଡ଼ସ୍ଥିତ ବାସଭବନରେ । ସେ ଧ୍ୟାନସ୍ଥ ଥିବା ଅବସ୍ଥାରେ ତାଙ୍କ ଚେତନା ଯୁଦ୍ଧ ଜାହାଜକୁ ପରିଚାଳନା କରୁଥିବା ସେଇ କ୍ୟାପ୍‌ଟେନ୍‌ଙ୍କ ଶରୀରକୁ ସ୍ଥାନାନ୍ତରିତ ହୋଇ ଯାଇଥିଲା । ସେ ଏବେ ତାଙ୍କ ନିଜ ଶରୀରକୁ ଫେରି ଆସିଥିଲେ ବି ଶରୀରରେ ଅନୁଭବ କରୁଥା'ନ୍ତି ପକ୍ଷାଘାତଗ୍ରସ୍ତ ଅବଶ ଭାବ । ଫେରିପାଇଥିବା ଶରୀରକୁ ଆନନ୍ଦରେ ବାରଂବାର ଚିମୁଟି ଥାପୁଡେଇଲେ । ଦେଖିଲେ – ଛାତିରେ ଗୁଳିର ଚିହ୍ନ ସୁଦ୍ଧା ନାହିଁ । ଅତି ଆବେଗରେ ଆଖିରୁ ତାଙ୍କର ବହିଗଲା ଆନନ୍ଦର ଅଶ୍ରୁ । ଭାବିଲେ – ଅବଶେଷରେ ମୃତ୍ୟୁର ରହସ୍ୟମୟ ପଦଧ୍ୱନି ଆସି ତାହାହେଲେ ମୋତେ ଛୁଇଁ ଦେଇଗଲା । ଠିକ୍ ଏମିତି ଦିବ୍ୟାନୁଭୂତି ଅନୁଭୂତ ହେଉଥିବା ବେଳେ ତାଙ୍କ ଚେତନା ପୁନର୍ବାର ସମୁଦ୍ରକୂଳରେ ପଡ଼ିଥିବା କ୍ୟାପ୍‌ଟେନ୍‌ଙ୍କର ମୃତ ଶରୀର ମଧ୍ୟକୁ ଫେରିଗଲା । ବିଷଣ୍ଣ ମନଟା ଉବୁଟୁବୁ ହେଲା ଦ୍ୱନ୍ଦ୍ୱର ମହାସାଗରରେ । ଅଥଳତାରୁ ଥଳ ପାଇଁ ପ୍ରାର୍ଥନା ଜଣାଇଲେ, ''ଭଗବାନ୍ ! ମୁଁ ମୃତ ନା ଜୀବିତ ।''

ସମଗ୍ର ଦିଗ୍‌ବଳୟ ଉଦ୍‌ଭାସିତ ହୋଇଉଠିଲା ଏକ ଉଜ୍ଜ୍ୱଳ ଆଲୋକରେ । ଆକାଶ ବକ୍ଷରୁ ପ୍ରତିଧ୍ୱନିତ ହେଲା ଏକ ବାଣୀ, ''ଆଲୋକର ଜୀବନ ଓ ମୃତ୍ୟୁ ସହିତ କି ସମ୍ପର୍କ ? ତୁମେ ତ ମୋ ଆଲୋକର ପ୍ରତିମୂର୍ତ୍ତି, ଆଲୋକ-ସମ୍ଭୂତ । ଜୀବନ ଓ ମୃତ୍ୟୁର ଆପେକ୍ଷିକତା ବିଶ୍ୱ-ସ୍ୱପ୍ନର ଏକ ଅଂଶ ମାତ୍ର । ତୁମର ତୁରୀୟ ଅବସ୍ଥାକୁ ତୁମେ ଅବଲୋକନ କର । ଜାଗ୍ରତ୍ ହୁଅ, ବତ୍ସ ! ଜାଗ୍ରତ୍ ହୁଅ ।''

ଯୋଗାନନ୍ଦ ତଥାପି ସଂଶୟ-ମୁକ୍ତ ନୁହନ୍ତି । ଭାବନ୍ତି ଜଗତର କଥା । ବେଳେବେଳେ ଯୁଦ୍ଧର ମର୍ମନ୍ତୁଦତା ବିଷୟରେ ଶୁଣିବାବେଳେ ସେମିତି ବ୍ୟଥିତ ହୋଇଉଠନ୍ତି । ଦିନେ ସେ

ତାଙ୍କ କୋଠରିରେ ଥିବାବେଳେ ଅତ୍ୟନ୍ତ ବିକଳ ହୋଇ ପ୍ରାର୍ଥନା ଜଣାଇଲେ, ''ହେ ଭଗବାନ୍ ! ଆପଣ ଏତେ ଦୁଃଖ-ଯନ୍ତ୍ରଣା ଦିଅନ୍ତି କାହିଁକି ?''

ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା, ସେ ନିଜ ଅନ୍ତଶ୍ଚେତନାରୁ ଶୁଣିପାରିଲେ ଏକ ମୃଦୁ କଣ୍ଠସ୍ୱର : ''ନିରେଖ୍ ଦେଖ, ଫ୍ରାନ୍ସରେ ଘଟୁଥିବା ଘଟଣାସବୁ ଆଲୋକ ଓ ଛାୟାର ଏକ ଖେଳ ମାତ୍ର । ଏ ବିଶ୍ୱ ଏକ ଚଳଚ୍ଚିତ୍ର; ଆଉ ତା' ଭିତରେ ଘଟୁଥିବା ଘଟଣାସବୁ – ନାଟକ ଭିତରେ ନାଟକ ।''

ଯୋଗାନନ୍ଦଙ୍କର ହୃଦୟ ତଥାପି ଆଶ୍ୱସ୍ତ ହେଲା ନାହିଁ । ଦୈବବାଣୀ ସେମିତି କହି ଚାଲିଥାଏ : ''ସୃଷ୍ଟି ହେଉଛି ଆଲୋକ ଓ ଛାୟାର ଏକ ମିଶ୍ରିତ ରୂପ । ଚିରକାଳ ମାୟାର ଭଲ ଓ ମନ୍ଦ ଗୁଣ ପର୍ଯ୍ୟାୟକ୍ରମେ ତା'ର ପ୍ରାଧାନ୍ୟ ବିସ୍ତାର କରିଥାଏ । ଯଦି ଏଇ ସଂସାରରେ ଅଖଣ୍ଡ ଆନନ୍ଦ ମିଳୁଥା'ନ୍ତା, ତେବେ ମଣିଷ କ'ଣ କେବେ ବି ଉଚ୍ଚତର ଜଗତକୁ ଯିବାକୁ ଇଚ୍ଛା କରନ୍ତା ? ଦୁଃଖ ଓ କ୍ଳେଶ ଭୋଗୁ ନ ଥିଲେ ମଣିଷ କେବେ ବି ଭାବନ୍ତା ନାହିଁ ଯେ ସେ ଶାଶ୍ୱତ ଧାମରୁ ବିଚ୍ୟୁତ ହୋଇ ଆସିଛି, ପୁଣି ଫେରିଯିବା ପାଇଁ । ତା'ର ଯଥାର୍ଥ ଜ୍ଞାନ ପାଇଁ ଏସବୁ ଅଙ୍କୁଶ ମାତ୍ର । ଆଉ ଯିଏ ଏସବୁକୁ ସମ୍ମୁଖୀନ ନ ହୋଇ ଭୟରେ ଥରନ୍ତି ସେମାନେ ଏଇ ରଙ୍ଗମଞ୍ଚର ଅଜ୍ଞ ଅଭିନେତା । ସେମାନେ ବନ୍ଧୁକର ଫାଙ୍କା ଆବାଜ ଶୁଣି ଭୟରେ ମରି ଶୁଅନ୍ତି । କିନ୍ତୁ ମୋର ସନ୍ତାନମାନେ ଆଲୋକ-ସନ୍ତାନ, ସେମାନେ ମାୟା ମୋହରୁ ମୁକ୍ତ, ସଦା ଜାଗ୍ରତ୍ ।''

ଆନ୍ତରବାଣୀ କ୍ରମଶଃ ନିଃଶବ୍ଦ ହୋଇଗଲା । ଯୋଗାନନ୍ଦ ସେମିତି ପଦ୍ମାସନରେ ବସିଥା'ନ୍ତି ନିଜ ବିଛଣା ଉପରେ । ତାଙ୍କ ଜୁଆରିଆ ଚିନ୍ତାସବୁ ସମୁଦ୍ରର ଗଭୀରତା ଲାଭ କରି ସାରିଥାଏ; ସ୍ଥିର, ପ୍ରଶାନ୍ତ । ଡାଙ୍କୁଣୀ ଢଙ୍କା ଟେବୁଲ୍-ଲ୍ୟାମ୍ପର ସ୍ତିମିତ ଆଲୋକ, ଭରା ଅନ୍ଧାରକୁ ଆଡ଼େଇ ଦେଇ ବନ୍ଧା ପଡ଼ିଥାଏ କୋଠାରିର ଚଟାଣ ଉପରେ । ସେ ଆଖି ଖୋଲିଲେ । ଉପରକୁ ଚାହିଁ ଦେଖନ୍ତି ସାରା ଛାତଟି ଛୋଟ ଛୋଟ ଆଲୋକ ବିନ୍ଦୁରେ ଭରା । ସେସବୁ ରେଡ଼ିୟମ୍‌ର ଜ୍ୟୋତିଃ ସଦୃଶ ଚକ୍ ଚକ୍ କରୁଥାଆନ୍ତି । କ୍ରମେ ସେହି ଆଲୋକର ବିନ୍ଦୁସବୁ ଏକତ୍ରିତ ହୋଇ ବର୍ଷାର ଧାରା ସମ ଅଜାଡ଼ି ହୋଇ ପଡ଼ିଲେ ତାଙ୍କ ମସ୍ତକ ଉପରେ । ତାଙ୍କର ଆନ୍ତର ବୋଧି ଜାଗ୍ରତ୍ ହୋଇ ଉଠିଲା ଏବଂ ତତ୍‌କ୍ଷଣାତ୍ ସେ ଫେରି ପାଇଲେ ଏକ ଶୁଦ୍ଧ ଦ୍ୱନ୍ଦ୍ୱାତୀତ ଅବସ୍ଥା ।

ସେଦିନ ଥିଲା ଏକ ସୂର୍ଯ୍ୟସ୍ନାତ ସକାଳ । ସ୍ୱାମୀ ଯୋଗାନନ୍ଦ ରାଞ୍ଚି ସ୍କୁଲର କିଛି ପିଲାଙ୍କୁ ସାଙ୍ଗରେ ନେଇ ପହଞ୍ଚିଲେ ଗୁରୁଦେବ ଶ୍ରୀଯୁକ୍ତେଶ୍ୱରଙ୍କ ନିକଟରେ । ଗୁରୁଦେବ ସେତେବେଳେ ଶ୍ରୀରାମପୁର ଆଶ୍ରମର ଉପର ମହଲାରେ ବାରଣ୍ଡାରେ ବସି ଶିଷ୍ୟମାନଙ୍କୁ ଖ୍ରୀଷ୍ଟିଆନ ଧର୍ମଶାସ୍ତ୍ରର ବ୍ୟାଖ୍ୟାନ କରୁଥା'ନ୍ତି :

ଲାଜାରସ୍ ନାମକ ଜଣେ ବ୍ୟକ୍ତିର ଅସୁସ୍ଥତା କଥା ଜାଣି ଯିଶୁଖ୍ରୀଷ୍ଟ କହିଲେ, ''ଏହି ରୋଗରେ ତା'ର ମୃତ୍ୟୁ ହେବ ନାହିଁ, ବରଂ ପ୍ରଭୁଙ୍କର ମହିମା ଫଳରେ ଭଗବାନଙ୍କର ପୁତ୍ର ଏଥିପାଇଁ ଗୌରାବନ୍ୱିତ ହେବେ ।''– କଥାଟିର ସତ୍ୟତା ସାବ୍ୟସ୍ତ କରିବାକୁ ଯାଇ ଗୁରୁଦେବ କହି ପକାଇଲେ, ''ଅନୁରୂପ ଘଟଣାଟି ଘଟିଥିଲା ମୋ ଜୀବନରେ । ମୋର ଗୁରୁଦେବ ଲାହିଡ଼ୀ ମହାଶୟଙ୍କ ଅପାର କରୁଣାରୁ ମୋର ବନ୍ଧୁ ପୁନର୍ଜୀବନ ଲାଭ କରିଥିଲେ ।''

ଗୁରୁଦେବଙ୍କ ଏଭଳି ସଂକ୍ଷିପ୍ତ ସୂଚନା ଯେ ବଟବୃକ୍ଷର ଅଙ୍କୁରୋଦ୍‌ଗମ ବୁଝିନେଲେ ସ୍ୱାମୀ ଯୋଗାନନ୍ଦ । ଉପସ୍ଥିତ ଛାତ୍ରମାନେ ମୁରୁକି ହସା ଦେଉଥା'ନ୍ତି । ସୁଯୋଗର ସଦ୍‌ବ୍ୟବହାର ହେଉଛି ସୌଭାଗ୍ୟର ସୂର୍ଯ୍ୟୋଦୟ । ଛାତ୍ରଗଣ ଏ ସୁଯୋଗକୁ ଛାଡ଼ନ୍ତେ ବା କାହିଁକି । ଗଣ-ଅନୁରୋଧକୁ ଏଡ଼ାଇ ନ ପାରି ଶେଷରେ ଗୁରୁଦେବ ଘଟଣାଟିର ବ୍ୟାଖ୍ୟାନ ଆରମ୍ଭ କଲେ :

''ରାମ ମୋର ବନ୍ଧୁ ଓ ଗୁରୁଭାଇ । ଆମେ ଦୁହେଁ ଥିଲୁ ଅଭିନ୍ନ ହୃଦୟ । କିନ୍ତୁ ସେ ଥିଲା ଆମ ସଭିଙ୍କ ଭିତରେ ସବୁଠାରୁ ବେଶୀ ଲାଜକୁଳା ଓ ନିର୍ଜନତାପ୍ରିୟ । ତା'ର ନିଷ୍ପାପରତା କିନ୍ତୁ ଅନନ୍ୟ । ନିଃସଙ୍ଗତାକୁ ସାଥୀ କରି ସାରା ଦିନଟି ତା'ର କଟିଯାଉଥିଲା ଆଧ୍ୟାତ୍ମିକ ଅଭିଜ୍ଞତା ଆହରଣରେ । ଗୁରୁଦେବଙ୍କ ସହ ଥିଲା ଆମର ଘନିଷ୍ଠ ଅନ୍ତରଙ୍ଗତା । ସେ କିନ୍ତୁ ତା'ର ଲାଜକୁଳା ସ୍ୱଭାବ ଯୋଗୁଁ ଦିନରେ କେବେ ବି ଗୁରୁଦେବଙ୍କ ନିକଟକୁ ଯାଉ ନ ଥିଲା । ମଧ୍ୟରାତ୍ରିହିଁ ଥିଲା ତା' ପାଇଁ ଉପଯୁକ୍ତ ସମୟ । ଗୁରୁଦେବ ମଧ୍ୟ ସମ୍ମତି ଦେଇଥିଲେ । କିନ୍ତୁ ଦିନେ ...''

ଶ୍ରୀଯୁକ୍ତେଶ୍ୱର ହଠାତ୍ ନୀରବ ହୋଇଗଲେ । ଘଟଣାର ସୁଅ ଯେ କେଉଁ ଆଡ଼କୁ ମୁହାଁଇବ ସମସ୍ତଙ୍କୁ ଅଜଣା । ସମସ୍ତେ କିନ୍ତୁ ଉତ୍କଣ୍ଠିତ । ନୀରବତାକୁ ଅସହ୍ୟ ମଣି କହିପକାଇଲେ, ''ଗୁରୁଦେବ ! ତା'ପରେ ।'' କ୍ଷଣେ ଅଟକି ଯାଇ ସ୍ୱର୍ଣ୍ଣ ପରି ଅନୁଭୂତ ହେଉଥିବା ସ୍ମୃତିକୁ ଗୁରୁଦେବ ପୁଣି ଉଦ୍ଧାର କଲେ :

''ରାମ ଦିନେ ଦୁରାରୋଗ୍ୟ ଏସିଆଟିକ୍ କଲେରାରେ ଆକ୍ରାନ୍ତ ହୋଇ ପଡ଼ିଲା । ତା'ର ଅବସ୍ଥା ଖରାପ ଆଡ଼କୁ ଗତିକରୁ ଥିବାର ଦେଖି ଆମେ ଦୁଇ ଜଣ ବରିଷ୍ଠ ଚିକିତ୍ସକଙ୍କୁ ଡକାଇଲୁ । ଚିକିତ୍ସା ଖୁବ୍ ଜୋର୍‌ସୋର୍‌ରେ ଚାଲିଲା । ମୁଁ ବିକଳ ହୋଇ ଲାହିଡ଼ୀ ମହାଶୟଙ୍କ ନିକଟକୁ ଦଉଡ଼ିଯାଇ କାନ୍ଦି କାନ୍ଦି ସବୁକଥା କହିଲି । ଆନନ୍ଦରେ ଈଷତ୍ ହସି ମୋର ଗୁରୁଦେବ କହିଲେ, 'ଡାକ୍ତରମାନଙ୍କ ଚିକିତ୍ସାରେ ରାମ ଭଲ ହୋଇଯିବ ।'

ଲାହିଡ଼ି ମହାଶୟଙ୍କ ପ୍ରତିଶ୍ରୁତି ଉପରେ ଭରସା କରି ବଡ଼ ଖୁସିରେ ଫେରିଆସିଲେ ଶ୍ରୀଯୁକ୍ତେଶ୍ୱର, ନିଜର ବନ୍ଧୁ ପାଖକୁ । ରାମର କିନ୍ତୁ ସେତେବେଳକୁ ଶେଷ ଅବସ୍ଥା । ଘଣ୍ଟା ବା ଦୁଇଘଣ୍ଟାରୁ ଆଉ ଅଧିକ ନୁହେଁ । ଡାକ୍ତରମାନେ ଆଶା ହରାଇ ସାରିଥା'ନ୍ତି । ସମସ୍ତେ ନିରୁପାୟ । ସେ ପୁଣି ଧାଇଁଲେ ଗୁରୁଦେବଙ୍କ ନିକଟକୁ ।

''ଗୁରୁଦେବ, ରାମର ଯେ ଶେଷ ଅବସ୍ଥା ।''– ବିନମ୍ର ପ୍ରାର୍ଥନା ଜଣାଇଲେ ଶ୍ରୀଯୁକ୍ତେଶ୍ୱର । କିନ୍ତୁ ଲାହିଡ଼ୀ ମହାଶୟଙ୍କ ପ୍ରତିଶ୍ରୁତିରେ କିଛି ପରିବର୍ତ୍ତନ ନ ଥିଲା; ''ଡାକ୍ତରମାନେ ବଡ଼ ବିବେକବାନ୍ ଲୋକ । ରାମ ସୁସ୍ଥ ହୋଇଯିବ । ଏ ବିଷୟରେ ମୁଁ ନିଶ୍ଚିତ ।'' ବିଶ୍ୱାସକୁ ସମିଧ କରି ଫେରିଆସି ସେ ଦେଖନ୍ତି, ଡାକ୍ତର ଦୁଇଜଣ ରୋଗୀ ପାଖରୁ ବିଦାୟ ନେଇ ସାରିଥା'ନ୍ତି, ଚିଠି ଖଣ୍ଡିଏ ଲେଖିଦେଇ : ''ଆମେ ଆମର ପାରୁପର୍ଯ୍ୟନ୍ତ ଚେଷ୍ଟାକଲୁ । କିନ୍ତୁ ଏ କ୍ଷେତ୍ରରେ ଆଉ କୌଣସି ଆଶା ନାହିଁ ।''

ବନ୍ଧୁ-ବିଚ୍ଛେଦର କୋହକୁ ହୃଦୟରେ ଚାପିରଖି ରାମର ବିଛଣା ନିକଟରେ ଠିଆ ହୋଇଥାଆନ୍ତି ଶ୍ରୀଯୁକ୍ତେଶ୍ୱର । ସେ ଜାଣନ୍ତି ଲିଭା ଦୀପର ସଳିତାକୁ ତେଜି ଆଉ କିଛି ଲାଭ ନାହିଁ । ଆଖିରେ ତାଙ୍କର ଭରା ଶ୍ରାବଣ, ମନରେ ବିଶ୍ୱାସ ଓ ସନ୍ଦେହର ଲୁଚକାଳି ଖେଳ । ଏମିତି ଦୋଦୁଲ୍ୟମାନ ଅବସ୍ଥାରେ ସେ ରାମର ଶରୀର ଉପରେ ଥରେ ହାତ ବୁଲାଇନେଲେ ଏବଂ ଭାବିଲେ – ଏହାହିଁ ହେଉଛି ଅନ୍ତିମ ସ୍ପର୍ଶ । ତତ୍‌କ୍ଷଣାତ୍ ରାମ ନିଜର ସମସ୍ତ ଶକ୍ତି ସଞ୍ଚୟ କରି କୌଣସିମତେ ଉଠିପଡ଼ି ଚିତ୍କାର କରି କହିଲା, ''ଯୁକ୍ତେଶ୍ୱର ! ଗୁରୁଦେବଙ୍କ ନିକଟକୁ ଦଉଡ଼ିଯାଅ । ତାଙ୍କୁ କହିବ ମୁଁ ଚାଲିଲି । ମୋର ଶେଷକ୍ରିୟା ପୂର୍ବରୁ ସେ ଯେମିତି ମୋର ଶରୀରକୁ ଆଶୀର୍ବାଦ ଦେବେ ।'' ଗୋଟାଏ ଦୀର୍ଘ ନିଃଶ୍ୱାସ ପରେ ସେ ନିସ୍ତେଜ ହୋଇଗଲା । ତାହାହିଁ ଥିଲା ଲିଭାଦୀପର ଶେଷ ଦଲ୍‌କା ପବନ ।

ସେମିତି ସ୍ଥାଣୁ ପରି ଠିଆ ହୋଇଥା'ନ୍ତି ଶ୍ରୀଯୁକ୍ତେଶ୍ୱର । ନିର୍ଜନତା ପ୍ରିୟ ବନ୍ଧୁ ତାଙ୍କର ଆଜି ମୃତ୍ୟୁର ଶୀତଳ ସ୍ପର୍ଶରେ ସମ୍ପୂର୍ଣ୍ଣ ନୀରବ । ଆଉ ଜଣେ ଗୁରୁଭାଇଙ୍କୁ ଜଗାଇଦେଇ ସେ ଗୁରୁଦେବଙ୍କ ନିକଟକୁ ଆସିଲେ । ବେଳ ସେତେବେଳକୁ ଅପରାହ୍ନ ।

''ବର୍ତ୍ତମାନ ରାମ କିପରି ଅଛି ?''– ଲାହିଡ଼ୀ ମହାଶୟଙ୍କ ମୁହଁରେ ଫୁଟିଲା ଫୁଲର ହସ । ଶ୍ରୀଯୁକ୍ତେଶ୍ୱର ଆଶ୍ଚର୍ଯ୍ୟ ହେଲେ : ଗୁରୁଦେବ କ'ଣ ତାଚ୍ଛଲ୍ୟ କରୁଛନ୍ତି, କିନ୍ତୁ ... । ନିଜକୁ ସମ୍ଭାଳି ନ ପାରି କାନ୍ଦ କାନ୍ଦ ହୋଇ କହିଲେ, ''ଆଜ୍ଞା, ସେ କିପରି ଅଛି ଆପଣ ଅଚିରେ ଜାଣିବେ । ଅଳ୍ପ କେଇ ଘଣ୍ଟା ଭିତରେ ତା'ର ଶବ ଯେତେବେଳେ ଶ୍ମଶାନକୁ ନିଆହେବ, ତା' ପୂର୍ବରୁ ଆପଣ ତାକୁ ଦେଖିବେ । ଆଉ ଆଶୀର୍ବାଦ ଦେବେ ।''

''ଯୁକ୍ତେଶ୍ୱର, ନିଜକୁ ସଂଯତ କର । ଶାନ୍ତ ହୋଇ ବସି ଧ୍ୟାନ କର ।'' ଏତିକି କହି ଲାହିଡ଼ୀ ମହାଶୟ ସମାଧିସ୍ଥ ହୋଇଗଲେ । ନିରବଚ୍ଛିନ୍ନ ନୀରବତା ମଧ୍ୟରେ ବେଳ ଗଡ଼ିଚାଲିଥାଏ । ରାତି ଯାଇ ସକାଳ ହେଲା ଯୁକ୍ତେଶ୍ୱର ସେମିତି ଅପେକ୍ଷମାଣ । ଲାହିଡ଼ୀ ମହାଶୟ ଆଖି ଖୋଲିଲେ, ''ମୁଁ ଦେଖୁଛି ତୁମେ ବର୍ତ୍ତମାନ ମଧ୍ୟ ଅଶାନ୍ତ । ପ୍ରତ୍ୟକ୍ଷ ଭାବରେ ରାମକୁ ସାହାଯ୍ୟ କରିବା ପାଇଁ ତୁମେ ମୋଠାରୁ ଯଦି କିଛି ଔଷଧ ଆଶା କରୁଥାଅ ସେକଥା କାଲି କହିଲ ନାହିଁ କାହିଁକି ?... ଠିକ୍ ଅଛି ଏ ଦୀପରୁ କିଛି ଜଡ଼ା ତେଲ ଗୋଟିଏ ଛୋଟ ଶିଶିରେ ନେଇ ସେଥିରୁ ସାତଟୋପା ରାମ ପାଟିରେ ପକାଇଦିଅ ।''

ଗୁରୁଦେବଙ୍କର ଏମନ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରି ବଡ଼ ଦୃଢ଼ଭାବରେ ଯୁକ୍ତେଶ୍ୱର ଉତ୍ତର ଦେଲେ, ''ଆଜ୍ଞା ! ସେତ ଗତ କାଲି ମଧ୍ୟାହ୍ନରୁ ମୃତ୍ୟୁବରଣ କଲାଣି । ବର୍ତ୍ତମାନ ଆଉ ଏ ତେଲର ବା କି ଆବଶ୍ୟକତା ଅଛି ?''

''ସେସବୁ ଚିନ୍ତା ଛାଡ଼ । ମୁଁ ଯାହା କହୁଛି ତାହାହିଁ କର ।'' ବଡ଼ ଧୈର୍ଯ୍ୟର ସହ ପ୍ରସନ୍ନ ଚିତ୍ତରେ ଗୁରୁଦେବ ଉତ୍ତର ଦେଲେ । କିନ୍ତୁ ବନ୍ଧୁବିୟୋଗଜନିତ ଶୋକର ଯନ୍ତ୍ରଣା ଯୁକ୍ତେଶ୍ୱରଙ୍କର ହୃଦୟରୁ ପ୍ରଶମିତ ହୋଇ ନ ଥାଏ । ତଥାପି ସେ ଗୁରୁଦେବଙ୍କ ଆଜ୍ଞା ପାଳନ କଲେ । ରାମର ମୃତ ଶରୀର ସେତେବେଳକୁ କାଠ ପରି ହୋଇ ଯାଇଥାଏ । ସେହି ବୀଭତ୍ସ ଅବସ୍ଥା ପ୍ରତି ଦୃଷ୍ଟି ନ ଦେଇ ସେ ତା'ର ଓଠ ଖୋଲି ବନ୍ଦ ହୋଇ ଯାଇଥିବା ଦାନ୍ତ ଉପରେ ଟୋପା ଟୋପା କରି ତେଲ ପକାଇଲେ । ସପ୍ତମ ଟୋପାଟି ତା'ର ଶୀତଳ ଓଠ ଉପରେ

ପଡ଼ିବା ମାତ୍ରେ ସେ ଭୟଙ୍କର ଭାବେ ଥରିବାକୁ ଆରମ୍ଭ କଲା ଏବଂ ସ୍ୱପ୍ନଜଗତରୁ ଫେରି ଆସିବା ପରି ଉଠି ବସିପଡ଼ିଲା । ଯୁକ୍ତେଶ୍ୱର ତାଜୁବ୍ ହୋଇ ଅନାଇ ଥାଆନ୍ତି । ଆନନ୍ଦ ଅଭିବ୍ୟକ୍ତ କରିବାର ସାମର୍ଥ୍ୟ ଯେମିତି ତାଙ୍କର ନ ଥାଏ । ରାମର କଥା ଶୁଣି ସେ ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ; '' ଗୋଟିଏ ଆଲୋକମଣ୍ଡଳ ଭିତରେ ମୁଁ ମୋର ଗୁରୁଦେବ ଲାହିଡ଼ୀ ମହାଶୟଙ୍କୁ ଦେଖିଲି । ସେ ଥିଲେ ସୂର୍ଯ୍ୟଙ୍କ ପରି ଜାଜ୍ଜ୍ୱଲ୍ୟମାନ । ସେ ମୋତେ ଆଦେଶ ଦେଲେ । ''ଉଠ ବତ୍ସ ! ତୁମର ନିଦ୍ରା ପରିତ୍ୟାଗ କର । ଯୁକ୍ତେଶ୍ୱର ସହିତ ଆସି ମୋତେ ସାକ୍ଷାତ୍ କର ।''

ଦୁହେଁ ଗୁରୁଦେବଙ୍କ ଚରଣ ତଳେ ସାଷ୍ଟାଙ୍ଗ ପ୍ରଣାମ ଜଣାଇଲେ, ଆଖିରେ କୃତଜ୍ଞତାର ଅଶ୍ରୁ । ଗୁରୁଦେବ ମଧ ଆନନ୍ଦରେ ଉଲ୍ଲସିତ । ସେ ଯୁକ୍ତେଶ୍ୱରଙ୍କୁ ଟିକିଏ ଥଟ୍ଟା କରି କହିଲେ, ''ତୁମେ ଏଣିକି ସାଙ୍ଗରେ ଜଡ଼ା ତେଲ ବୋତଲଟିଏ ନେବ । କେବେ ଯଦି କେଉଁଠି ମୁର୍ଦାରଟିଏ ଦେଖ, ଟିକିଏ ଜଡ଼ା ତେଲ ପିଆଇ ଦେବ । ସାତ ଟୋପା ଜଡ଼ାତେଲ ଯମର ଶକ୍ତିକୁ ପରାହତ କରିଦେବ ।''

''ଗୁରୁଦେବ, ଆପଣ ମୋତେ ପରିହାସ କରୁଛନ୍ତି । ହେଲେ ମୋର ଭୁଲ କେଉଁଠି ରହିଲା, ଦୟାକରି ମୋତେ ବୁଝାଇ ଦିଅନ୍ତୁ ।''– ଅନୁରୋଧ ଜଣାଇଲେ ଯୁକ୍ତେଶ୍ୱର । ଗୁରୁଦେବଙ୍କର ପ୍ରତ୍ୟୁତ୍ତର ଥିଲା ବଡ଼ ସ୍ୱଷ୍ଟ – ''ମୁଁ ତୁମକୁ ଦୁଇଥର କହିଲି ଯେ ରାମ ସୁସ୍ଥ ହୋଇଯିବ । ତଥାପି ତୁମେ ମୋତେ ସମ୍ପୂର୍ଣ୍ଣ ବିଶ୍ୱାସ କରିପାରିଲ ନାହିଁ । ମୁଁ ଡାକ୍ତରମାନଙ୍କର ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଚାହୁଁ ନ ଥିଲି । ... ଏକଥା ତୁମେ ସବୁବେଳେ ମନେ ରଖିଥିବ ଯେ ସର୍ବଶକ୍ତିମାନ୍ ପରମାତ୍ମା ଯେକୌଣସି ଲୋକକୁ ସୁସ୍ଥ କରିଦେଇ ପାରିବେ, ଡାକ୍ତର ଥା'ନ୍ତୁ ବା ନ ଥା'ନ୍ତୁ ।''

ଘଟଣାର ମର୍ମସ୍ପର୍ଶୀ ବର୍ଣ୍ଣନାକୁ ସମସ୍ତେ ତନ୍ମୟ ହୋଇ ଶୁଣୁଥା'ନ୍ତି । ହଠାତ୍ ପିଲାଟିଏ ପଚାରିଲା, ''ଆଜ୍ଞା ! ଆପଣଙ୍କର ଗୁରୁ ଜଡ଼ାତେଲ ପଠାଇଲେ କାହିଁକି ?''

ଗୁରୁଦେବଙ୍କ ମହିମାରେ ତଲ୍ଲୀନ ହୋଇ ଯାଇଥା'ନ୍ତି ଶ୍ରୀଯୁକ୍ତେଶ୍ୱର, ଉପଲବ୍ଧି କରୁଥା'ନ୍ତି ତାଙ୍କ ଉପସ୍ଥିତିକୁ । ବାଳକର ପ୍ରଶ୍ନରେ ଚମକି ଚାହିଁଲେ । ବୁଝିଗଲେ ଉପଶମ ହୋଇଯାଇଥିବା ଅତୀତର ସେଇ କ୍ଷତ ଉପରେ ପୁଣି ଏକ ଶରାଘାତ । ସ୍ୱୀକାରୋକ୍ତି ଭଙ୍ଗୀରେ କହିଲେ, ''ବତ୍ସ ! ତେଲ ଦେବାର ସେମିତି କିଛି ବିଶେଷ ତାତ୍ପର୍ଯ୍ୟ ନାହିଁ । ମୁଁ କୌଣସି ଗୋଟିଏ ଜଡ଼ ପଦାର୍ଥ ଆଶା କରୁଥିଲି ବୋଲି ଲାହିଡ଼ୀ ମହାଶୟ ତାଙ୍କ ନିକଟରେ ଥିବା ଜଡ଼ା ତେଲକୁ ବାଛିଥିଲେ । ମୋ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ଏହା ଏକ ପ୍ରତୀକ ମାତ୍ର । ମୁଁ ସନ୍ଦେହ କରିଥିଲି ବୋଲି ମୋର ଗୁରୁଦେବ ରାମକୁ ମରିବାକୁ ଦେଲେ ଏବଂ ପୁଣିଥରେ ତାକୁ ମୃତ୍ୟୁ ମୁଖରୁ ବଞ୍ଚାଇଲେ । କାରଣ ମୋର ଗୁରୁଦେବ ଏକଥା ଜାଣିଥିଲେ ଯେ ତାଙ୍କ କହିବା ଅନୁଯାୟୀ ରାମ ନିଶ୍ଚୟ ଭଲ ହେବ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ ।''

ସ୍ୱାମୀ ଯୋଗାନନ୍ଦ ଛାତ୍ରମାନଙ୍କ ଗହଣରେ ବସି ଏକାଗ୍ର ଚିତ୍ତରେ ଗୁରୁଦେବଙ୍କ ବର୍ଣ୍ଣିତ କାହାଣୀ ଶୁଣୁଥା'ନ୍ତି । ଆଖିରେ ତାଙ୍କର କୃତଜ୍ଞତାର ଅଶ୍ରୁ । ଶ୍ରୀଯୁକ୍ତେଶ୍ୱର ଶିଷ୍ୟ ଓ ଛାତ୍ରମାନଙ୍କୁ ବିଦାୟ ଦେଇ ତାଙ୍କ ପାଦତଳେ ପଡ଼ିଥିବା ଗୋଟିଏ କମ୍ବଳ-ଆସନ ଉପରେ ବସିବା ପାଇଁ ସ୍ୱାମୀ ଯୋଗାନନ୍ଦଙ୍କୁ ଇଙ୍ଗିତ ଦେଲେ ।

❑❑❑

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୧୧)

# ଆବିର୍ଭାବ

## ସନ୍ତୋଷ କୁମାର ରଥ

ଗୋଧୂଳି ଆଲୋକ ସେତେବେଳକୁ ପାହାଡ଼ ଚୂଡ଼ା ଛୁଇଁଲାଣି । ଆଉ ଟିକିଏ ତଳକୁ ଓହ୍ଲାଇଗଲେ ବହଳିଆ ଅନ୍ଧାର ସମସ୍ତଙ୍କୁ ଏକାକାର କରିଦେବ । ନୂଆ ଛୁଆଁ ବଣ ପାହାଡ଼, ଭୟଟା ମାଡ଼ି ପଡ଼ିଲା । ବାଟବଣା ନ ହୋଇଯିବା ଭୟରେ ସେ ଦ୍ରୋଣଗିରି ପାହାଡ଼ ଉପରକୁ ତରତରରେ ଚଢ଼ିବାକୁ ଲାଗିଲେ, କେମିତି ଫେରି ଆସିବେ ବସାକୁ । ହଠାତ୍ ଶୁଭିଲା କେହି ଜଣେ ଯେମିତି ତାଙ୍କ ନାଁ ଧରି ଡାକୁଛି । ସେ ବିସ୍ମିତ ହେଲେ – ଜନମାନବ-ଶୂନ୍ୟ ହିମାଳୟର ପାର୍ବତ୍ୟ ଅଞ୍ଚଳରେ ଶ୍ରୀ ଶ୍ୟାମାଚରଣ ଲାହିଡ଼ୀଙ୍କୁ କିଏ ବା କାହିଁକି ଚିହ୍ନିବ !

ଲାହିଡ଼ୀ ମହାଶୟଙ୍କର ଚାକିରି ଆରମ୍ଭ ହୋଇଥିଲା ଦାନାପୁରରେ, ସାମରିକ ବିଭାଗର ଇଞ୍ଜିନିୟରିଂ ଡିପାର୍ଟମେଣ୍ଟର ଆକାଉଣ୍ଟାଣ୍ଟ ଭାବରେ । ଦିନେ ଅଫିସ୍‌ରେ ଟେଲିଗ୍ରାମ୍ ଆସି ପହଞ୍ଚିଲା ତାଙ୍କର ରାଣୀଖେତ ସେନାଘାଟିକୁ ବଦଳି ହୋଇଯାଇଛି । ରାଣୀଖେତ ଆଲମୋରା ଜିଲାରେ । ଏହା ହିମାଳୟର ସର୍ବୋଚ୍ଚ ଶିଖରମାନଙ୍କ ମଧ୍ୟରେ ଅନ୍ୟତମ ନନ୍ଦାଦେବୀର ପାଦଦେଶରେ । ଅଫିସ୍‌ରେ ବେଶୀ କାମ ନ ଥିବା ଯୋଗୁଁ ଦିନେ ସେ ଏକା ବାହାରି ଯାଇଥିଲେ ପାର୍ବତ୍ୟ ଅଞ୍ଚଳର ଶୋଭାରେ ବିମୁଗ୍ଧ ହେବା ପାଇଁ । ଜଙ୍ଗଲ ଘେରା ଜୁକୁଜୁକୁଆ ଅନ୍ଧାର ଭିତରେ ଯେ ସନ୍ଧ୍ୟା ନଇଁ ଆସିଲାଣି ସେ କଥା ତାଙ୍କୁ ଜଣା ନାହିଁ । ଦରଓହ୍ଲା ଅନ୍ଧାରର ନୀରବତାକୁ ପୁଣି ଥରେ ଆଘାତ ଦେଲା ତାଙ୍କ ନାଁର ପ୍ରତିଧ୍ୱନି । ଗୋଟିଏ ଖୋଲା ଜାଗାରେ ପହଞ୍ଚି ସେ ନିଶ୍ଚିତ ହେଲେ ଯେ ଅଦୂରରେ ଦଣ୍ଡାୟମାନ ହୋଇଥିବା ଯୁବକଙ୍କର ତାହା ଥିଲା ଗମ୍ଭୀର କଣ୍ଠ-ସ୍ୱର ଏବଂ ସେଇ ଅପରିଚିତ ଯୁବକ ଜଣକ ଥିଲେ ଜଣେ ସନ୍ନ୍ୟାସୀ । ସେ ସ୍ମିତହାସ୍ୟ ସହ ସମ୍ଭାଷଣ ଜଣାଇ କହିଲେ – '' ଲାହିଡ଼ି, ତୁମେ ଏବେ ଆସିଗଲ । ଏହି ଗୁମ୍ଫାରେ ଟିକିଏ ବିଶ୍ରାମ କର । ମୁଁହିଁ ତୁମକୁ ଡାକୁଥିଲି ।''

ଆଶଙ୍କାକୁ ଆବୋରି ଧରିବାର ଅବକାଶ ସେତେବେଳକୁ ଅନାବଶ୍ୟକ ମନେ ହେଉଥାଏ । ଗୋଟିଏ ଛୋଟ ଗୁମ୍ଫା ଭିତରେ ପ୍ରବେଶ କଲେ ଲାହିଡ଼ୀ ମହାଶୟ । ଗୁମ୍ଫା ଭିତରଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଏବଂ ତା' ଭିତରେ ସଯତ୍ନେ ସଜାହୋଇ ରହିଥିଲା ଅନେକଗୁଡ଼ିଏ ପଶମର କମ୍ବଳ ଓ କେତୋଟି କମଣ୍ଡଳୁ । କଣ ମୁଣ୍ଡରେ ଚଉତା ହୋଇ ରଖାଯାଇଥିବା କମ୍ବଳକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସନ୍ନ୍ୟାସୀ ଜଣକ କହିଲେ – ''ଲାହିଡ଼ି, ଏହି ଆସନ କଥା ତୁମର ଏବେ ମନେ ପଡୁଛି ।''

''ନାହିଁ ଆଜ୍ଞା'' – ଉତ୍ତର ଦେଲେ ଲାହିଡ଼ୀ ମହାଶୟ । ଟିକିଏ ରହିଯାଇ ପୁଣି ଉତ୍ତର ଦେଲେ – ''ମୋତେ ରାତି ହୋଇଯିବା ପୂର୍ବରୁ ଫେରିଯିବାକୁ ହେବ । କାଲି ସକାଳେ ଅଫିସ୍‌ରେ ମୋର ବହୁତ କାମ ଅଛି ।''

ଦରହସା ଦେଇ ସନ୍ନ୍ୟାସୀ ଜଣକ କହିଲେ – ''ତୁମରି ସକାଶେ ଅଫିସ୍ ଏଠାକୁ ଅଣାହେଲା, ଅଫିସ୍ ପାଇଁ ତୁମେ ନୁହଁ । ମୋର ଟେଲିଗ୍ରାମ୍ ତା'ହେଲେ ଠିକ୍ କାମ ଦେଇଛି ।''

ଲାହିଡ଼ୀ ମହାଶୟଙ୍କର ସଂଶୟ ସେତେବେଳକୁ ସୁଦୂର ପ୍ରସାରି । ସେ ଜାଣନ୍ତି ହିମାଳୟରେ ବହୁତ ବଡ଼ ବଡ଼ ସାଧୁ ସନ୍ନ୍ୟାସୀ ଅଛନ୍ତି ସତ, ମାତ୍ର ଏମିତି ଏକ ରହସ୍ୟମୟ ସନ୍ନ୍ୟାସୀଙ୍କ ହାବୁଡ଼ରେ ସେ ଯେ ପଡ଼ିବେ ସେକଥା ତାଙ୍କର ପରତେ ନ ଥିଲା । ଅପରିଚିତ ସନ୍ନ୍ୟାସୀଙ୍କର ତାଙ୍କ ପ୍ରତି ଆଦର ଅଭ୍ୟର୍ଥନା ତାଙ୍କୁ ଆହୁରି ଆଶ୍ଚର୍ଯ୍ୟ ଲାଗୁଥାଏ । ସେ ଜଡ଼ବତ୍ ନୀରବ ହୋଇ ଯାଇଥା'ନ୍ତି । ସମଗ୍ର ପରିବେଶ ତାଙ୍କର ମନେ ହେଉଥାଏ ଏକ ଐନ୍ଦ୍ରଜାଲିକ ବ୍ୟାପାରରେ ଭରପୂର । ସନ୍ନ୍ୟାସୀ ଜଣକ ଆଉ ଟିକିଏ ପାଖଲଗା ହୋଇ ଆସିଲେ, ଅନ୍ଧାର ଆଡ଼େଇଗଲା । ଦୃପ୍ତ କଣ୍ଠ ତାଙ୍କର ପୁଣିଥରେ ପ୍ରତିଧ୍ୱନିତ ହେଲା – ''ଲାହିଡ଼ି ! ଏହି ଗୁମ୍ଫାଟି ନିଶ୍ଚୟ ତୁମର ପରିଚିତ ମନେ ହେଉଥିବ । ରାଣୀଖେତକୁ ତୁମର ବଦଳି ହେବାର ପ୍ରସ୍ତାବଟି ମୁଁହିଁ ତୁମ ଉପରିସ୍ଥ ହାକିମର ମୁଣ୍ଡରେ ନୀରବରେ ଭରି ଦେଇଥିଲି, ଟେଲିଗ୍ରାମ୍ ବଳରେ ତୁମେ ଏହି ନିର୍ଜନ ଅଞ୍ଚଳକୁ ଆସିଗଲ । ମନେରଖ ଜଣେ ବ୍ୟକ୍ତି ଯେତେବେଳେ ସମଗ୍ର ମାନବସମାଜ ସହ ଐକ୍ୟ ସ୍ଥାପନା କରିପାରେ ସେତେବେଳେ ଅନ୍ୟମାନଙ୍କର ମନ ତା' ପାଇଁ ବେତାର ବାର୍ତ୍ତା ପ୍ରେରଣ

କରିବାର ଗୋଟିଏ ଗୋଟିଏ ବେତାର କେନ୍ଦ୍ରରେ ପରିଣତ ହୁଏ । ଆଉ ସେତେବେଳେ ସେ ନିଜର ଇଚ୍ଛା ଅନୁସାରେ ସେଠାରେ କାର୍ଯ୍ୟ କରିପାରେ ।''

ହତବୁଦ୍ଧି ଲାହିଡ଼ୀ ମହାଶୟ ପଥର ମୂର୍ତ୍ତିଟି ପରି ଠିଆ ହୋଇ ରହିଥା'ନ୍ତି; ନିର୍ବାକ୍, ନିଶ୍ଚଳ । କରୁଣାବଶ ହୋଇ ସନ୍ନ୍ୟାସୀ ତାଙ୍କ କପାଳରେ ମୃଦୁ ଆଘାତ ଦେଲେ । ସଙ୍ଗେ ସଙ୍ଗେ ସେ ଫେରି ପାଇଲେ ତାଙ୍କ ସଂବିତ୍; ଅନୁଭବ କଲେ ଗୋଟିଏ ଚୁମ୍ବକୀୟ ସ୍ପର୍ଶ ମସ୍ତିଷ୍କ ଦେଇ ଖେଳିଯାଉଛି ସମଗ୍ର ଶରୀରକୁ । ପୂର୍ବ ଜନ୍ମର ବହୁ ମଧୁର ସ୍ମୃତି ତାଙ୍କ ମନରେ ଜାଗି ଉଠିଲା । ଆନନ୍ଦରେ ଅଧୀର ହୋଇ କହି ପକାଇଲେ – ''ମୋର ଏବେ ମନେ ପଡ଼ିଲା । ଆପଣ ମୋର ପ୍ରିୟ ଗୁରୁଦେବ, ବାବାଜି । ଆପଣ ତା'ହେଲେ ସବୁଦିନ ମୋର ହୋଇ ରହିଛନ୍ତି । ଅତୀତର ସମସ୍ତ କଥା ମୋର ଏବେ ସ୍ପଷ୍ଟ ମନେ ପଡ଼ିଛି । ପୂର୍ବ ଜନ୍ମରେ ମୁଁ ଏଇ ଗୁମ୍ଫାରେ ଅନେକ ବର୍ଷ କଟାଇଛି ।''

କୃତଜ୍ଞତାର ଅଶ୍ରୁ ଗୁରୁଦେବଙ୍କର ଚରଣ ପଖାଳି ଦେଲା । ସସ୍ନେହେ ଆଲିଙ୍ଗନ କରି ବାବାଜି କହିଲେ – ''ତୁମେ ମୋ ପାଖକୁ ଫେରି ଆସିବ ବୋଲି ତିରିଶ ବର୍ଷରୁ ଅଧିକ କାଳ ମୁଁ ତୁମ ପାଇଁ ଅପେକ୍ଷା କରି ରହିଛି ।''

''ଗୁରୁଦେବ''– ଅଜାଣତରେ କହି ପକାଇଲେ ଲାହିଡ଼ୀ ମହାଶୟ । ''ହଁ, ମୁଁ ତୁମ ଉପରୁ କେବେ ବି ଦୃଷ୍ଟି ଫେରାଇ ନେଇ ନାହିଁ । ସୂକ୍ଷ୍ମ ଜ୍ୟୋତିର୍ମୟ ଆଲୋକ ଜଗତ୍, ଯେଉଁଠାରେ ଦେବତାମାନଙ୍କର ଅବସ୍ଥାନ ସେହି ରାଜ୍ୟରୁ ମୁଁ ତୁମର ଅନୁଧ୍ୟାନ କରୁଛି । ମା' ପକ୍ଷୀ ତା'ର ଶାବକର ଯତ୍ନ ନେବା ଭଳି ସମସ୍ତ ବାଧା ବିପତ୍ତି ଭିତରେ ମୁଁ ତୁମକୁ ଅନୁସରଣ କରିଚାଲିଛି । ଏପରିକି ଶୈଶବ ଅବସ୍ଥାରେ ନଦୀ ବାଲିର ଘୂର୍ଣ୍ଣି ଭିତରେ ତୁମର ଶରୀରକୁ ପୋତି ତୁମେ ଯେତେବେଳେ ପଦ୍ମାସନରେ ବସୁଥିଲ, ସେତେବେଳେ ମୁଁ ଅଦୃଶ୍ୟ ଭାବରେ ତୁମରି ପାଖରେ ଉପସ୍ଥିତ ରହୁଥିଲି ।''

ଗୁମ୍ଫା ଭିତରକୁ ଅଙ୍ଗୁଳି ନିର୍ଦ୍ଦେଶ କରି ବାବାଜି ପୁଣି କହିବାକୁ ଆରମ୍ଭ କଲେ – ''ଆଜି ତୁମେ ମୋ ପାଖରେ । ତୁମର ବହୁଦିନର ପ୍ରିୟ ଗୁମ୍ଫାଟିକୁ ମୁଁ ପରିଷ୍କାର ପରିଚ୍ଛନ୍ନ କରି, ତୁମରି ପାଇଁ ସାଇତି ରଖିଛି । ଏଇଟି ତୁମର ସେଇ ପବିତ୍ର କମ୍ବଳ ଆସନ, ଯାହା ଉପରେ ବସି ତୁମେ ଧ୍ୟାନ କରୁଥିଲ; ଆଉ ଏଇଟି ତୁମର କମଣ୍ଡଳୁ, ଯେଉଁଥିରେ ମୁଁ ପ୍ରସ୍ତୁତ କରୁଥିବା ଅମୃତ ତୁମେ ପାନ କରୁଥିଲ । ବସ୍ସ ! ଏଇ ପିତଳ ପାତ୍ରଟିକୁ ମାଜିମୁଜି ଏବେ ବି ଚକ୍‌ଚକ୍ କରି ରଖିଛି ତୁମେ ଅମୃତ ପାନ କରିବା ପାଇଁ ।''

''ହେ ମୋର ଆରାଧ୍ୟ ଗୁରୁଦେବ ! ମୁଁ ଅଧିକ କ'ଣ ବା କହି ପାରିବି ? ଏଭଳି ଅମର ପ୍ରେମର କାହାଣୀ କେହି କ'ଣ କେବେ ଶୁଣିଛି ।''– କୃତଜ୍ଞତାରେ ପ୍ରତ୍ୟୁତ୍ତର ପ୍ରଦାନ କଲେ ଲାହିଡ଼ୀ ମହାଶୟ । ବାବାଜି ଶିଷ୍ୟର ଶୁଦ୍ଧି ପାଇଁ ଗୋଟିଏ ପାତ୍ରରେ ଥିବା ତେଲତକ ପିଇଦେଇ ନଈ କୂଳକୁ ଯାଇ ଶୋଇ ରହିବାକୁ ନିର୍ଦ୍ଦେଶ ଦେଲେ ।

ହିମାଳୟର ତୁଷାର-ଶୀତଳ ରାତି ସେତେବେଳକୁ ଗଭୀରରୁ ଗଭୀରତର ହୋଇ ଆସୁଥାଏ । ଭୀଷଣ ଥଣ୍ଡା ପବନ ସୁସୁ ହୋଇ ବହି ଯାଉଥାଏ ସେଇ ଅନ୍ଧାରି ଇଲାକାରେ । ମଝିରେ ମଝିରେ ଭାସି ଆସୁଥାଏ ବାଘମାନଙ୍କର ଭୟଙ୍କର ଗର୍ଜନ । ଗୁରୁଦେବଙ୍କର ଆଦେଶ ପାଳନ କରି ଲାହିଡ଼ୀ ମହାଶୟ ଗୋଗସ୍ ନଦୀ କୂଳରେ ନିଜର ଦେହକୁ ବିଛାଇ ଦେଲେ ପଥୁରିଆ ଶେଯରେ । ସେଇ ନଦୀର ଛୋଟ ଛୋଟ ହିମ-ଶୀତଳ ଢେଉ ଆସି ତାଙ୍କୁ ଛୁଇଁ ଯାଉଥାଏ । କିନ୍ତୁ ଆଶ୍ଚର୍ଯ୍ୟ, ସେ ଟିକିଏ ବି ଥଣ୍ଡା ଅନୁଭବ କରୁ ନ ଥା'ନ୍ତି । ସେଇ ତେଲ ଟିକକ ସତେ ଯେମିତି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଉତ୍ତାପ ଭରି ଦେଇଥିଲା ତାଙ୍କ ଶରୀରରେ । ନିର୍ଜନ ଅନ୍ଧାର ଭିତରେ ସେ ଅନୁଭବ କରୁଥା'ନ୍ତି ଅଭୟ ଓ ସୁରକ୍ଷାର ଆଶ୍ୱାସନା । ରାତି ସେତେବେଳକୁ ଅଧା । ଦୂରରୁ ନିକଟତର ହେଉଥିବା ଏକ ମଣିଷର ପାଦଶବ୍ଦ ସେ ଶୁଣି ପାରିଲେ । ଅଳ୍ପ ସମୟ ପରେ ଏହା ସ୍ତବ୍ଧ ହୋଇଗଲା । ସେ ଅନୁଭବ କଲେ କେହି ଜଣେ ଯେମିତି ଇଙ୍ଗିତ ଦେଉଛି ଉଠି ଠିଆହେବା ପାଇଁ । ତାଙ୍କ ହାତକୁ କିଛି ଲୁଗାପଟା ବଢ଼ାଇ ଦେଇ ଆଗନ୍ତୁକ ଜଣକ କହିଲେ – ''ଭାଇ, ଆସ ଗୁରୁଦେବ ତୁମ ପାଇଁ ଅପେକ୍ଷା କରି ରହିଛନ୍ତି ।''

ସେଇ ଅଦେଖା ଅନ୍ଧାର ଭିତରେ ଅପରିଚିତ ଦୁଇଜଣ ପାଇଲେ ଆତ୍ମୀୟତାର ସ୍ପର୍ଶ । ଆଗନ୍ତୁକ ଜଣକ ଜଙ୍ଗଲ ଭିତରେ ବାଟ କଢ଼ାଇ ନେଲେ ଏବଂ ଲାହିଡ଼ୀ ମହାଶୟ ତାଙ୍କୁ ଅନ୍ଧ ପରି ଅନୁସରଣ କରି ଚାଲିଲେ । ବାଙ୍କ ବୁଲାଣି ଦେଇ କିଛି ବାଟ ଯିବାପରେ ହଠାତ୍ ସେ ଦେଖିବାକୁ ପାଇଲେ ଏକ ସ୍ଥିର ଆଲୋକର ପ୍ରଭା । ଆଶ୍ଚର୍ଯ୍ୟ ହୋଇ ପଚାରି ଦେଲେ – ''ସୂର୍ଯ୍ୟୋଦୟ ହୋଇଗଲା ନା' କ'ଣ ? ତେବେ କ'ଣ ରାତି ପାହିଗଲା ?''

''ବର୍ତ୍ତମାନ ମଧ୍ୟରାତ୍ର, ଭାଇ । ସେ ପୁରର ଆଲୋକ ହେଉଛି ଗୋଟିଏ ସ୍ୱର୍ଣ୍ଣାଭ ରାଜପ୍ରାସାଦର ଆଭା । ଅତୀତରେ ଥରେ ତୁମେ ରାଜପ୍ରାସାଦର ଆତିଥ୍ୟ ଉପଭୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲ ବୋଲି ଗୁରୁଦେବ ଆଜି ରାତିରେ ଏହାକୁ ତୁମ ପାଇଁ ସୃଷ୍ଟି କରିଛନ୍ତି । ଆଉ ସେହିଠାରେହିଁ ସେ ତୁମକୁ କ୍ରିୟା-ଯୋଗରେ ଦୀକ୍ଷିତ କରାଇବେ । ସେଥିପାଇଁ ସବୁ ଗୁରୁଭାଇମାନେ ତୁମକୁ ଅଭ୍ୟର୍ଥନା ଜଣାଇବା ପାଇଁ ଅପେକ୍ଷା କରି ରହିଛନ୍ତି ।'' — ବାଟଚଲା ଭିତରେ ବୁଝାଇ ଚାଲିଥା'ନ୍ତି ସେଇ ଅପରିଚିତ ଗୁରୁଭାଇ ଜଣକ ।

ଅବିଳମ୍ବେ ଦୁହେଁ ସେହି ସ୍ୱର୍ଣ୍ଣାଭ ରାଜପ୍ରାସାଦ ନିକଟରେ ପହଞ୍ଚିଗଲେ । ପ୍ରାସାଦର ଶୋଭା ଅବର୍ଣ୍ଣନୀୟ; ସ୍ତମ୍ଭ ଓ ଖିଲାଣ ସବୁ ମଣିମୁକ୍ତା ଖଚିତ, ପାବଚ୍ଛ ଶ୍ରେଣୀ ବହୁମୂଲ୍ୟ ପ୍ରସ୍ତରରେ ନିର୍ମିତ । ପଦ୍ମରାଗ ମଣିର ରକ୍ତିମ ଆଭାରେ ଶୋଭିତ ହୋଇଥିବା ତୋରଣଗୁଡ଼ିକର ସାମନାରେ ଠିଆ ହୋଇଥା'ନ୍ତି ଦେବଦୂତ ସଦୃଶ ରୂପବାନ୍ ପୁରୁଷମାନେ । ସେମାନେ ତାଙ୍କୁ ସାଦର ଅଭ୍ୟର୍ଥନା ଜଣାଇଲେ । ଦୁହେଁ ପ୍ରବେଶ କଲେ ଏକ ପ୍ରଶସ୍ତ ସୁସଜ୍ଜିତ ଅଭ୍ୟର୍ଥନା କକ୍ଷ ମଧ୍ୟକୁ । ସେଠାରେ କେହି କେହି ଧୀର ମଧୁର କଣ୍ଠରେ ସ୍ତୋତ୍ର ପାଠ କରୁଥା'ନ୍ତି ତ, କେହି କେହି ଗଭୀର ଧ୍ୟାନମଗ୍ନ । ସମଗ୍ର ପରିବେଶରେ ରହିଥାଏ ଫୁଲ ଓ ଧୂପର ସୁଗନ୍ଧ; ଆନନ୍ଦର ଏକ ସ୍ନିଗ୍ଧତା ।

ଲାହିଡ଼ୀ ମହାଶୟଙ୍କର ବିସ୍ମୟବିହ୍ୱଳ ଭାବଦେଖି ଗୁରୁଭାଇ ଜଣକ କହିଲେ — ''ଭାଇ, ଭଲ କରି ଦେଖିନିଅ । ଏହି ପ୍ରାସାଦର କଳାକୌଶଳ ଉପଭୋଗ କର । କାରଣ ତୁମରି ସମ୍ମାନାର୍ଥେ ଏହା ସୃଷ୍ଟି ହୋଇଛି । ଏହି ପ୍ରାସାଦର ଉଦ୍ଦେଶ୍ୟ ଯେତେବେଳେ ପୂର୍ଣ୍ଣ ହୋଇଯିବ ସେତେବେଳେ ଗୁରୁଦେବ ଏହାକୁ ଅପ୍ରକଟ କରିଦେବେ ।''

ହଠାତ୍ ବାବାଜିଙ୍କର ଆବିର୍ଭାବ ହେଲା ସେଇ କକ୍ଷ ମଧ୍ୟରେ । ସୁବିଶାଳ ସୁନ୍ଦର ଶରୀର, ନୀଳାଭ ଜ୍ୟୋତିଃଯୁକ୍ତ ତାଙ୍କର ଚକ୍ଷୁ ଯୁଗଳ । ବଜ୍ର ଦୃପ୍ତ କଣ୍ଠରେ ସେ କହିଲେ — ''ଲାହିଡ଼ି, ଏବେ ବି ତୁମେ ଏଇ ସ୍ୱର୍ଣ୍ଣାଭ ପ୍ରାସାଦର ସ୍ୱପ୍ନାଭିଳାଷରେ ବିଭୋର ହୋଇ ରହିଛ ।'' ଗୁରୁଦେବଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣାଇଲେ ଲାହିଡ଼ୀ ମହାଶୟ । ଆବକ୍ଷ ଆଲିଙ୍ଗନ କରି ବାବାଜି କହିଲେ — ''ଏବେ ଉଠ, ତୁମର ସମସ୍ତ ସାଂସାରିକ ଭୋଗତୃଷ୍ଣା ଚିରଦିନ ପାଇଁ ବିଲୁପ୍ତ ହୋଇ ଯାଇଛି । ଏବେ ତୁମେ ଶୁଦ୍ଧ, ମୁକ୍ତ, ପବିତ୍ର । କ୍ରିୟାଯୋଗ ଗ୍ରହଣ କରି ଭଗବାନଙ୍କ ରାଜ୍ୟରେ ପ୍ରବେଶ କର ।''

ବାବାଜିଙ୍କ ହସ୍ତ ପ୍ରସାରରେ ହୋମାଗ୍ନି ପ୍ରଜ୍ୱଳିତ ହୋଇ ଉଠିଲା । ପ୍ରତ୍ୟୁଷ ପୂର୍ବରୁ ଦୀକ୍ଷାଦାନର ସମସ୍ତ ବିଧି ସେ ଶେଷ କରିଦେଲେ । ସେହି ଜ୍ୱଳନ୍ତ ଅଗ୍ନିକୁଣ୍ଡ ସମ୍ମୁଖରେ ଧ୍ୟାନସ୍ଥ ହେଲେ ଲାହିଡ଼ୀ ମହାଶୟ । ଧ୍ୟାନ ଭାଙ୍ଗିବା ପରେ ଦେଖନ୍ତି ସେହି ମନୋମୁଗ୍ଧକର ପ୍ରାସାଦ କେଉଁଆଡ଼େ ଅନ୍ତର୍ହିତ ହୋଇଯାଇଛି । ସେ, ଗୁରୁଦେବ ଓ ଅନ୍ୟ ଗୁରୁଭାଇମାନେ ବସିଥା'ନ୍ତି ମାଟି ଉପରେ, ଗୁମ୍ଫାର ଅନତିଦୂରରେ । ସେତେବେଳକୁ ସକାଳ ହୋଇ ଆସୁଥାଏ । ବାବାଜି ଏଥର ବୁଝାଇବାକୁ ଆରମ୍ଭ କଲେ — ''ଯେଉଁ ଉଦ୍ଦେଶ୍ୟରେ ଏହି ପ୍ରାସାଦ ସୃଷ୍ଟି ହୋଇଥିଲା ବର୍ତ୍ତମାନ ତାହା ପୂର୍ଣ୍ଣ ହୋଇଛି । ଭଗବାନଙ୍କ ରାଜ୍ୟ ଭିତରେ ଆମର ସମସ୍ତ ପାର୍ଥିବ ପ୍ରୟୋଜନ ଓ ତା'ର ପରିତୃପ୍ତି ରହିଛି । ଏହା ଖୁବ୍ କମ୍ ଲୋକହିଁ ଜାଣନ୍ତି । କିନ୍ତୁ ପାର୍ଥିବ ଜଗତ୍ ହେଲା ମାୟାପୂର୍ଣ୍ଣ; ଏଥିରେ ସତ୍ୟ ଅନ୍ତର୍ନିହିତ ହୋଇ ରହିଛି ।''

ସେଦିନ ଓପରଓଳି ଲାହିଡ଼ୀ ମହାଶୟ ତାଙ୍କର ପୂର୍ବଜନ୍ମର ସେଇ କମ୍ବଳ ଆସନ ଉପରେ ବସିଥା'ନ୍ତି । ବାବାଜି ଆସି ତାଙ୍କୁ ଆଶୀର୍ବାଦ ଦେଲେ । ସେ ନିର୍ବିକଳ୍ପ ସମାଧି ଲାଭ କଲେ । ଏକାଦିକ୍ରମେ ସେ ସେହି ଅବସ୍ଥାରେ ସାତଦିନ ସାତ ରାତି ରହିବାପରେ ବାହ୍ୟଚେତନା ଲାଭ କରି ବାବାଜିଙ୍କୁ ପ୍ରାର୍ଥନା ଜଣାଇଲେ, — ''ଗୁରୁଦେବ, ମୁଁ ଆପଣଙ୍କ ନିକଟରେ ଏହିଠାରେ ରହିବି । ଅରଣ୍ୟର ପରିବେଶ ମୋତେ ବହୁତ ଭଲ ଲାଗୁଛି ।''

''ବତ୍ସ ! ଏହି ଜନ୍ମରେ ତୁମକୁ ସଂସାରରେ ରହି ସଂସାରୀମାନଙ୍କ ଭିତରେ ମିଳିମିଶି କାମ କରିବାକୁ ହେବ । ତୁମର ଜୀବନ ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଜନ୍ମ ପୂର୍ବରୁ ବହୁ ଜନ୍ମ ଧରି ତୁମେ ନିର୍ଜନ ସ୍ଥାନରେ ଧ୍ୟାନ କରି ଆଶୀର୍ବାଦ ଲାଭ କରିଛ । ହିମାଳୟରେ ଆମର ଏହି ଗୁପ୍ତ ଦଳ ସହିତ ଯୋଗ ଦେବାର ଇଚ୍ଛା ତୁମକୁ ପରିତ୍ୟାଗ କରିବାକୁ ହେବ । ତୁମର ଜୀବନ କଟିବ ସହରର ଜନତା ମଧ୍ୟରେ, ଏକ ଆଦର୍ଶ ଗୃହସ୍ଥ ଯୋଗୀର ଦୃଷ୍ଟାନ୍ତ ଭାବରେ, ତୁମେ ଲୋକ ଶିକ୍ଷାଦେବ । ସଂସାର ତ୍ୟାଗ କରିବାର ତୁମର କୌଣସି ପ୍ରୟୋଜନ ନାହିଁ ।''

କିଛିକ୍ଷଣ ନୀରବ ରହି କୃପାଳୁ ଗୁରୁଦେବ ପୁଣି କହିଲେ, ''ଠିକ୍ ଅଛି, ଯେଉଁମାନେ ବିନୀତ ଭାବରେ ତୁମର ସାହାଯ୍ୟ ପ୍ରାର୍ଥନା କରିବେ, ତୁମେ ସେମାନଙ୍କୁ କ୍ରିୟା ଯୋଗରେ ଦୀକ୍ଷିତ କରାଇବ ।''

ଗୁରୁଦେବଙ୍କ ପ୍ରସ୍ତାବକୁ ପ୍ରତିଶ୍ରୁତି ରୂପେ ଆଦରି

ନେଲେ ଲାହିଡ଼ୀ ମହାଶୟ । ହିମାଳୟ ପରି ଦୃଢ଼ ଓ ଉତ୍ତୁଙ୍ଗ ତାଙ୍କର ପ୍ରତିଶ୍ରୁତି । ପରଦିନ ସକାଳେ ବିଦାୟକାଳୀନ ଆଶୀର୍ବାଦ ନେବା ପାଇଁ ନତଜାନୁ ହୋଇ ପ୍ରଣାମ କରିବା ବେଳେ ସେ ସ୍ନେହରେ ତୋଳିନେଇ କହିଲେ – ''ବତ୍ସ ! ଆମ ପାଇଁ କୌଣସି ବିଚ୍ଛେଦ ନାହିଁ । ଯେଉଁଠାରେ ଥିଲେ ମଧ ତୁମେ ଯେତେବେଳେ ମୋତେ ଡାକିବ ମୁଁ ସେହି ମୁହୂର୍ତ୍ତରେ ତୁମ ପାଖରେ ପହଞ୍ଚିଯିବି ।''

ଦଶଦିନ ପରେ ଲାହିଡ଼ି ମହାଶୟଙ୍କୁ ଅଫିସ୍‌ରେ ଦେଖି ସମସ୍ତେ ତାଜୁବ । ସମସ୍ତଙ୍କର ଧାରଣା ସେ ହିମାଳୟର ଜଙ୍ଗଲ ମଧ୍ୟରେ ନିଖୋଜ କିଂବା ନିଶ୍ଚିହ୍ନ ହୋଇ ଯାଇଛନ୍ତି । ଖୁସିରେ ଅଭ୍ୟର୍ଥନାର ଆୟୋଜନ କରିବା ସମୟରେ ହେଡ୍ ଅଫିସରୁ ଟେଲିଗ୍ରାମ୍‌ଟିଏ ମିଳିଲା : ''ଲାହିଡ଼ୀ ଦାନାପୁର ଅଫିସ୍‌କୁ ଫେରି ଆସିବେ । ରାଣୀଖେତ ଅଫିସ୍‌କୁ ତାଙ୍କର ବଦଳି ଭୁଲ୍‌ବଶତଃ ହୋଇଥିଲା । ସେଠାରେ କାମ ପାଇଁ ଆମେ ଆଉ ଜଣେ ଲୋକଙ୍କୁ ପଠାଉଛୁ ।''

ଲାହିଡ଼ୀ ମହାଶୟ ଏବେ ବୁଝିପାରିଲେ ଗୁରୁଦେବଙ୍କ ଯୋଜନାର ପ୍ରକୃତ ରହସ୍ୟ । ସେ ଦାନାପୁରକୁ ଫେରିବା ବାଟରେ ଗୋଟିଏ ବଙ୍ଗାଳୀ ପରିବାରରେ କିଛିଦିନ ପାଇଁ ଆତିଥ୍ୟ ଗ୍ରହଣ କରିଥିଲେ । ଦିନେ କଥାର ଆସର ମଧ୍ୟରେ ଗୃହସ୍ୱାମୀ ବଡ଼ ଦୃଢ଼ ଭାବରେ କହିଲେ – ''ଭାରତ ବର୍ଷ ଆଜିକାଲି ସାଧୁବିହୀନ ହୋଇଗଲାଣି ।'' ନିଜର ହୃଦୟରେ ତୀର ଧାରଣ କରି ଲାହିଡ଼ୀ ମହାଶୟ ନିଜସ୍ୱ ଅଭିଜ୍ଞତାକୁ ବର୍ଣ୍ଣନା କଲେ ବି କିଛି ଲାଭ ହେଲା ନି । ବରଂ ପ୍ରତିବାଦ କରି ଗୃହସ୍ୱାମୀ କହିଲେ, ''ଏସବୁ ଦିବାସ୍ୱପ୍ନ ।''

ସତ୍ୟକୁ ପ୍ରକାଶ କରିବା ପାଇଁ ଉତ୍ସାହ-ଉଦ୍ଦୀପ୍ତ ହୋଇ ଆଗପଛ ବିଚାର ନ କରି ଲାହିଡ଼ୀ ମହାଶୟ ଶେଷକୁ କହି ପକାଇଲେ – ''ମୁଁ ଯଦି ମୋର ଗୁରୁଦେବଙ୍କୁ ଡାକିବି ସେ ଏଇ ମୁହୂର୍ତ୍ତରେ, ଏହିଠାରେ ଉପସ୍ଥିତ ହେବେ ।'' ପ୍ରତ୍ୟେକଙ୍କ ଚକ୍ଷୁରେ ଆଗ୍ରହର ଚମକ ଖେଳିଗଲା ଏବଂ ସମସ୍ତେ ଚାହିଁଲେ ଚାକ୍ଷୁଷ ପ୍ରମାଣ । ଲାହିଡ଼ୀ ମହାଶୟ କୋଠରିର ବାହାରେ ସମସ୍ତଙ୍କୁ ବସିବା ପାଇଁ କହି ନିଜେ ଧ୍ୟାନସ୍ଥ ହେଲେ । କୋଠରିଟି ଗୋଟିଏ କ୍ଷୀଣ ଅଥଚ ସ୍ନିଗ୍ଧ ଆଲୋକରେ ଉଦ୍‌ଭାସିତ ହୋଇ ଉଠିଲା । ସେଇ ଆଲୋକରୁ ବାବାଜିଙ୍କର ଉଜ୍ଜ୍ୱଳ ମୂର୍ତ୍ତି ସମସ୍ତଙ୍କର ଦୃଷ୍ଟିଗୋଚର ହେଲା ।

''ଲାହିଡ଼ୀ, ଗୋଟିଏ ସାମାନ୍ୟ କଥାରେ ତୁମେ ମୋତେ ଡାକୁଛ ? ଯେଉଁମାନଙ୍କର ଆନ୍ତରିକ ଅନୁସନ୍ଧିତ୍ସା ରହିଛି, ସତ୍ୟ କେବଳ ସେହିମାନଙ୍କ ପାଇଁ । କାହାର ଅଳସ କୌତୂହଳ ମେଣ୍ଟାଇବା ପାଇଁ ନୁହେଁ ।'' – ଗୁରୁଦେବଙ୍କ ଉତ୍ତରରେ ନିଜର ତ୍ରୁଟି ବୁଝିପାରି ବଡ଼ ବିନୀତ ଭାବରେ କ୍ଷମା ଭିକ୍ଷା କଲେ ଲାହିଡ଼ୀ ମହାଶୟ ।

''ବେଶ୍, ଅଳ୍ପକିଛି କ୍ଷଣ ପାଇଁ ମୁଁ ରହିବି । ତୁମର ବନ୍ଧୁମାନଙ୍କର ସମ୍ମୁଖରେ ତୁମ କଥା ମିଥ୍ୟା ହେଉ, ଏହା ମୁଁ ଚାହେଁ ନାହିଁ ।'' – ଅଳ୍ପ ସମୟପରେ ବାବାଜିଙ୍କ ଆବିର୍ଭୂତ ଶରୀର ଆପେ ଆପେ ଶୂନ୍ୟରେ ଅଦୃଶ୍ୟ ହୋଇଗଲା ।

ଲାହିଡ଼ୀ ମହାଶୟ ହେଉଛନ୍ତି ସ୍ୱାମୀ ଯୋଗାନନ୍ଦଙ୍କ ଗୁରୁ (ଶ୍ରୀ ଯୁକ୍ତେଶ୍ୱର ଗିରି)ଙ୍କ ଗୁରୁଦେବ ଏବଂ ତାଙ୍କ ପିତାମାତା ମଧ ଥିଲେ ଲାହିଡ଼ୀ ମହାଶୟଙ୍କ ଅନୁଗତ ଶିଷ୍ୟ ।

❒❒❒

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୧୨)

# ଅନ୍ତିମ ଯାତ୍ରା

## ସନ୍ତୋଷ କୁମାର ରଥ

ସବୁଦିନ ପରି ସେଦିନ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ଧ୍ୟାନସ୍ଥ ହେଲେ ସ୍ୱାମୀ ଯୋଗାନନ୍ଦ, ଭଣ୍ଡାର ଘରର ଆଉଜା କବାଟ ପଛକୁ ଥିବା ବାକ୍ସକୁ ଆଢୁଆଳ କରି । ରାଞ୍ଚି ସ୍କୁଲର ପିଲାମାନଙ୍କ କୋଳାହଳ ମଧ୍ୟରୁ ଅଳ୍ପେ ବହୁତେ ଦୂରେଇ ରଖିବାର ଅନ୍ୟାନ୍ୟ ସ୍ଥାନଠାରୁ ତାହାହିଁ ଥିଲା ତାଙ୍କ ପାଇଁ ଶ୍ରେଷ୍ଠତର । ହଠାତ୍ ତାଙ୍କ ଅନ୍ତଃଚକ୍ଷୁ ସମ୍ମୁଖରେ ଉଦ୍‌ଭାସିତ ହୋଇ ଉଠିଲା ଏକ ଅଦ୍ଭୁତ ଦୃଶ୍ୟ – ଏକ ବିରାଟ ଜନ ସମୁଦ୍ର ତାଙ୍କ ଆଡ଼କୁ ଉଦ୍‌ବିଗ୍ନ ହୋଇ ଚାହିଁ ରହିଛନ୍ତି; ସମସ୍ତେ ପାଶ୍ଚାତ୍ୟବାସୀ । ଭଣ୍ଡାର ଘରର କବାଟ ଖୋଲିଲା । ସବୁଦିନ ପରି କୁନିପିଲାଟି ଧାଇଁ ଆସିଲା ଲୁଚି ବସିଥିବା ସ୍ଥାନରୁ ଗୁରୁଜିଙ୍କୁ ଆବିଷ୍କାର କରିବା ପାଇଁ । ସ୍ୱାମିଜି ସେତେବେଳକୁ ଆନନ୍ଦରେ ବିହ୍ୱଳ । ତାକୁ କୋଳେଇ ନେଇ କହିଲେ,– ''ବିମଳ, ଏଠାକୁ ଆସ । ତୁମ ପାଇଁ ଗୋଟିଏ ଭଲ ଖବର ଅଛି : ଆମେରିକା ଯିବା ପାଇଁ ଭଗବାନଙ୍କଠାରୁ ମୋତେ ସୂଚନା ମିଳିଛି ।'' ଖୁସିରେ ଡିଆଁମାରି ବିମଳ ହାଜର ହୋଇଗଲା ସ୍କୁଲ ପଡ଼ିଆରେ, ଆଉ ଖବରଟା ଅଳ୍ପସମୟ ମଧ୍ୟରେ ପ୍ରଚାର ହୋଇଗଲା ସେଇ ଦୁଇ ଗୋଡ଼ିଆ ଖବର-କାଗଜ ମାଧ୍ୟମରେ ।

ସ୍ୱାମୀ ଯୋଗାନନ୍ଦ ତଥାପି ସନ୍ଦିହାନ – ଏହା ତାଙ୍କ ପ୍ରଚ୍ଛନ୍ନ ଇଚ୍ଛାର ଏକ ମାନସିକ ପରିକଳ୍ପନା ନୁହେଁ ତ ! ସନ୍ଦେହ ମୁକ୍ତ ହେବା ଆଶାରେ ସେ ଧାଇଁଲେ ଶ୍ରୀରାମପୁର ଆଶ୍ରମକୁ, ଗୁରୁଦେବ ଶ୍ରୀଯୁକ୍ତେଶ୍ୱର ଗିରିଙ୍କ ନିକଟକୁ । ''ଆମେରିକା ଯାତ୍ରା ପାଇଁ ତୁମର ସମସ୍ତ ଦ୍ୱାର ଉନ୍ମୁକ୍ତ । ବର୍ତ୍ତମାନ ଯାଅ । ନଚେତ୍ ଆଉ କେବେ ନୁହେଁ ।''– ଗୁରୁଦେବଙ୍କ ଉତ୍ତର ଥିଲା ଖୁବ୍ ସରଳ ଓ ସଂକ୍ଷିପ୍ତ ।

ଆଶ୍ରମରୁ ଘରକୁ ଫେରି ଆସିଲେ ଏବଂ ବିଦେଶ ଯିବା ଯୋଜନା ନିର୍ଧାର୍ଯ୍ୟ ବୋଲି ଘରେ ଜଣାଇଦେଲେ । ବୟସ ଦୃଷ୍ଟିରୁ ତାଙ୍କ ବାପାଙ୍କର ମାତ୍ର ଆଉ ଅଳ୍ପ କେଇଟା ପାହାଚ ବାକି ଥାଏ । ପୁଅର ବିଦେଶ ଯାତ୍ରା କଥା ଶୁଣି ବଡ଼ ଦୁଃଖରେ କହି ପକାଇଲେ, ''ଏ ଜୀବନରେ ବୋଧହୁଏ ଆମର ଆଉ ଦେଖା ହେବ ନି ।''

''ବାପା, ଭଗବାନ୍ ଆମ ଦୁହିଙ୍କୁ ନିଶ୍ଚୟ ଆଉ ଥରେ ଏକାଠି କରିବେ । ତୁମେ ବ୍ୟସ୍ତ ହୁଅ ନି ।''– ସାନ୍ତ୍ୱନା ଦେଇ କହିଲେ ସ୍ୱାମୀ ଯୋଗାନନ୍ଦ ।

ଏବେ ଆରମ୍ଭ ହେଲା ଯାତ୍ରାର ପ୍ରସ୍ତୁତି ପର୍ବ । ସେ ବୁଝିନେଇଥିଲେ ପାଶ୍ଚାତ୍ୟ ଜଗତ୍‌ର ଆବହାଓ୍ୱା ସହ ସାମିଲ ହେବା ପାଇଁ ପ୍ରାଚ୍ୟ ଜଗତ୍‌ର ଜଣେ ଗୁରୁଙ୍କୁ ହିମାଳୟର ହିମ ପ୍ରବାହ ସହ୍ୟ କରିବାର କଷ୍ଟଠାରୁ ଅଧିକ କଷ୍ଟ ସ୍ୱୀକାର କରିବା ପାଇଁ ନିଜକୁ ପ୍ରସ୍ତୁତ ହେବାକୁ ହେବ । ସେଥିପାଇଁ ବେଳେ ବେଳେ ତାଙ୍କ ମନରେ ପ୍ରଶ୍ନ ଆସେ; ସେ କ'ଣ ଏଥିପାଇଁ ପ୍ରସ୍ତୁତ, ସତରେ କ'ଣ ଭଗବାନ୍ ଏସବୁ ଚାହାନ୍ତି । ଦିନେ ପ୍ରତ୍ୟୁଷରୁ ନିଜ କୋଠରି ବନ୍ଦକରି ପ୍ରାର୍ଥନାରେ ବସିଲେ । ମନରେ ଅଟଳ ସଂକଳ୍ପ – ମରିଯିବି ପଛେ ଭଗବାନଙ୍କ ଶ୍ରୀମୁଖ ଆଶୀର୍ବାଦ ଓ ନିର୍ଭର ପ୍ରତିଶ୍ରୁତି ନ ପାଇବା ଯାଏଁ ଉଠିବି ନି । ସକାଳ ଯାଇ ମଧ୍ୟାହ୍ନ ହେଲା, ହେଲେ କୌଣସି ଉତ୍ତର ମିଳିଲା ନି । ସେତେବେଳକୁ ଅଭିମାନର କୋହ ଜମାଟବାନ୍ଧି ଆସୁଥାଏ । ତଥାପି ସେ ସେହି ଯନ୍ତ୍ରଣାକୁ ଚାପିରଖି ପ୍ରାର୍ଥନା କରୁଥା'ନ୍ତି । କ୍ରମେ ସେହି ଚାପର କଷ୍ଟ ଅସହ୍ୟ ବୋଧ ହେଲା, ମନେହେଲା କୋଠରିଟି ତାଙ୍କ ଚାରିପାଖରେ ସତେଯେମିତି ଘୂରିବାକୁ ଆରମ୍ଭ କରିଦେଇଛି । ନିଜର ଆକୁଳ ବିନତି ଜଣାଇଲେ ଭଗବାନଙ୍କ ଶ୍ରୀଚରଣରେ । ଅଳ୍ପସମୟ ପରେ କବାଟରେ ଠକ୍ ଠକ୍ ଶବ୍ଦ ଶୁଭିଲା । କବାଟ ଖୋଲି ଦେଖନ୍ତି, ଜଣେ ଅଳ୍ପ ବୟସ୍କ ଅପରିଚିତ ସନ୍ୟାସୀ ସୁଲଭ ଯୁବକ । ଦେହରେ ଗୈରିକ ବସ୍ତ୍ର, ମୁଖମଣ୍ଡଳରେ ସୂର୍ଯ୍ୟସମ ଦୀପ୍ତି । ସେହି ଯୁବକ ଜଣକ ଅନୁମତିକୁ ଅପେକ୍ଷା ନ କରି ଭିତରକୁ ପଶି ଆସିଲେ, ତାଙ୍କ ଆତିଥ୍ୟ ପାଇଁ ସତେ ଯେମିତି ସ୍ୱାମିଜି ଅପେକ୍ଷମାଣ ।

ସ୍ୱାମୀ ଯୋଗାନନ୍ଦ ସେତେବେଳକୁ ସ୍ତମ୍ଭୀଭୂତ । ମନେ ମନେ ଭାବିଲେ, ''ଇଏ ନିଶ୍ଚୟ ବାବାଜି ।'' କାରଣ ସନ୍ୟାସୀ ଜଣକ ଦେଖିବାକୁ ଯୁବବୟସର ଲାହିଡ଼ୀ ମହାଶୟଙ୍କ ପରି ଦିଶୁଥା'ନ୍ତି । ତାଙ୍କ ମନର କଥା ବୁଝିପାରି ସନ୍ୟାସୀ କହିଲେ – ''ହଁ, ମୁଁ ବାବାଜି । ଆମର ପରମପିତା ପରମେଶ୍ୱର ତୁମର

ପ୍ରାର୍ଥନା ଶୁଣିଛନ୍ତି । ତୁମକୁ କହିବା ପାଇଁ ସେହିଁ ମୋତେ ନିର୍ଦ୍ଦେଶ ଦେଇଛନ୍ତି; ତୁମେ ତୁମର ଗୁରୁଙ୍କ ଆଦେଶ ପାଳନ କରି ଆମେରିକା ଯାଅ । ଭୟକର ନାହିଁ । ତୁମେ ପୂର୍ଣ୍ଣରୂପେ ସୁରକ୍ଷିତ ।''

ଦୁହିଙ୍କ ନୀରବତାକୁ ଗ୍ରହଣ କରି କୋଠରି ଆହୁରି ଗମ୍ଭୀର ହୋଇଉଠିଲା । ବାବାଜିଙ୍କ ଆଖି ସ୍ଥିର ହୋଇ ରହିଲା ସ୍ୱାମିଜିଙ୍କ ଉପରେ । ନିର୍ଦ୍ଦେଶ ଦେବା ଭଙ୍ଗୀରେ ପୁଣି କହିଲେ – ''ପାଶ୍ଚାତ୍ୟ ଦେଶମାନଙ୍କରେ କ୍ରିୟା ଯୋଗର ପ୍ରଚାର ଓ ପ୍ରସାର ପାଇଁ ମୁହିଁ ତୁମକୁ ବାଛିଛି । ବହୁ ବର୍ଷ ପୂର୍ବେ କୁମ୍ଭମେଳାରେ ମୁଁ ତୁମର ଗୁରୁ ଶ୍ରୀଯୁକ୍ତେଶ୍ୱର ଗିରିଙ୍କୁ ଭେଟିଥିଲି । ଏବଂ ସେତେବେଳେ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲି ପ୍ରଶିକ୍ଷଣ ପାଇଁ ମୁଁ ତୁମକୁ ତାଙ୍କ ନିକଟକୁ ପଠାଇବି । କେବଳ ତାହାହିଁ ହୋଇଛି ।''

ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଥା'ନ୍ତି ସ୍ୱାମୀ ଯୋଗାନନ୍ଦ । କଣ୍ଠ ସେତେବେଳକୁ ତାଙ୍କର ରୁଦ୍ଧ । ଚଳଚ୍ଚିତ୍ରର ଛବି ପରି ଅତୀତର ସମସ୍ତ ଘଟଣା ତାଙ୍କ ସ୍ମୃତି ପଟରେ ଜୀବନ୍ତ ହୋଇ ଉଠୁଥାଏ । ବାବାଜିଙ୍କର ପୂର୍ବ ନିର୍ଦ୍ଧାରିତ ଯୋଜନା ଯେ କାର୍ଯ୍ୟକାରୀ ହେଉଛି ଏବଂ ସେ ନିମିତ୍ତ ମାତ୍ର, ଜାଣି ଆଶ୍ୱସ୍ତ ହେଲେ । ସେହି ଅମର ଗୁରୁଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ ଜଣାଇ ନିବେଦନ କଲେ ନିଜର କୃତଜ୍ଞତା । ବାବାଜି ଆଦରରେ ଉଠାଇନେଇ ଆଗାମୀ ଜୀବନ ସମ୍ବନ୍ଧରେ ଅନେକ ଉପଦେଶ ଓ ଭବିଷ୍ୟବାଣୀ ଶୁଣାଇଲେ । ଶେଷରେ ସେ ଏତିକି କହିଲେ – ''କ୍ରିୟାଯୋଗ ଈଶ୍ୱର ଉପଲବ୍ଧି ପାଇଁ ଏକ ବୈଜ୍ଞାନିକ କୌଶଳ । ଏହା ଅବଶେଷରେ ସବୁ ଦେଶରେ ପ୍ରସାର ଲାଭ କରିବ ଏବଂ ମଣିଷ ତା'ର ବ୍ୟକ୍ତିଗତ ଅତୀନ୍ଦ୍ରିୟ ଅନୁଭୂତି ଫଳରେ ପରମ ପିତାଙ୍କୁ ଉପଲବ୍ଧି କରିବାର ସୁଯୋଗ ପାଇବ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଦେଶ ମଧ୍ୟରେ ସଂପର୍କ ରକ୍ଷା ହେବ ଏବଂ ସବୁଜାତିର ମଣିଷ ଭିତରେ ସମନ୍ୱୟ ସ୍ଥାପନା ହୋଇପାରିବ ।''

ନିଜର ବକ୍ତବ୍ୟ ଶେଷ ହୋଇଯିବା ପରେ ବାବାଜି ସଙ୍ଗେ ସଙ୍ଗେ ଦୁଆର ଆଡ଼କୁ ମୁହାଁଇଲେ । ''ମୋତେ ଅନୁସରଣ କରିବାକୁ ଚେଷ୍ଟା କର ନାହିଁ । ତୁମେ ତାହା କରିପାରିବ ନାହିଁ''– ବଡ଼ ଗମ୍ଭୀର ଭାବରେ କହିଲେ ବାବାଜି । ସ୍ୱାମିଜିଙ୍କ ଆଗ୍ରହରେ କିନ୍ତୁ ଭଟ୍ଟା ପଡ଼ିଲା ନି । ବଡ଼ ନେହୁରା ହୋଇ କହିଲେ,– ''ବାବାଜି, ଦୟାକରି ଚାଲିଯାଆନ୍ତୁ ନାହିଁ । ମୋତେ ଆପଣଙ୍କ ସହିତ ନିଅନ୍ତୁ ।'' ଉତ୍ତର ମିଳିଲା – ''ବର୍ତ୍ତମାନ ନୁହେଁ, ଆଉ କେତେ ବେଳେ ।''

ଦୁଆର ଆରପାରି ବାବାଜି ଶେଷଥର ପାଇଁ ସସ୍ନେହ ଦୃଷ୍ଟିପାତ କଲେ । ସ୍ୱାମିଜି ଚେଷ୍ଟା କଲେ ବି ଆଉ ଗୋଟିଏ ପାଦ ଆଗେଇ ପାରିଲେ ନାହିଁ । ଅନୁଭବ କଲେ ସତେ ଯେମିତି ତାଙ୍କ ପାଦ ଦୁଇଟି ଚଟାଣରେ ଚେର ଲାଗିଲା ପରି ଦୃଢ଼ ଭାବରେ ବାନ୍ଧି ହୋଇଯାଇଛି । ଆଶୀର୍ବାଦ ଦେବା ଭଙ୍ଗୀରେ ବାବାଜି ହାତ ଉଠାଇ ଚାଲିଗଲେ ଏବଂ ଅଳ୍ପ ସମୟ ପରେ ସ୍ୱାମିଜିଙ୍କର ପାଦ ବନ୍ଧନ ମୁକ୍ତ ହେଲା । ଏବେ ସେ ନିଶ୍ଚିତ ହେଲେ ଯେ ବିଦେଶ-ଯାତ୍ରା ତାଙ୍କ ପାଇଁ ଅଭିପ୍ରେତ ।

ସ୍ୱାମୀ ଯୋଗାନନ୍ଦ ୧୯୨୦ ମସିହା ଅକ୍‌ଟୋବର ୬ ତାରିଖରେ ଆମେରିକାର ବୋଷ୍ଟନ୍ ସହରରେ ତାଙ୍କର ପ୍ରଥମ ବକ୍ତୃତା ପ୍ରଦାନ କଲେ । ଉପସ୍ଥିତ ଜନତାଙ୍କର କରତାଳି ଓ ଉଚ୍ଛ୍ୱସିତ ଅଭିନନ୍ଦନରେ ସଭାସ୍ଥଳ ଉଚ୍ଛୁଳି ଉଠିଲା । ତାଙ୍କ ଅଭିମତକୁ ସମସ୍ତେ ସାଦରେ ଗ୍ରହଣ କଲେ : ଧର୍ମ ସାର୍ବଜନୀନ ଓ ଏକ । କେତେକ ବିଶିଷ୍ଟ ପ୍ରଥା, ରୀତି ବା ଦେଶାଚାର ଦୃଷ୍ଟିର ସେପରି ବୋଧ ନ ହେଉଥିଲେ ବି ଧର୍ମର ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ନିହିତ ମୌଳିକ ତତ୍ତ୍ୱ ସାର୍ବଜନୀନ ଅଟେ । ଏବଂ ଏହାକୁ ଅନୁସରଣ କରିବାକୁ ଆମେ ସମସ୍ତଙ୍କୁ ପ୍ରବର୍ତ୍ତାଇ ପାରିବା ।

କ୍ରମେ ସ୍ୱାମୀ ଯୋଗାନନ୍ଦଙ୍କର ଖ୍ୟାତି ଦେଶ ବିଦେଶରେ ପ୍ରସରିଗଲା । ତାଙ୍କ ପ୍ରଚାରିତ କ୍ରିୟାଯୋଗ ପ୍ରତି ପାଶ୍ଚାତ୍ୟବାସୀମାନେ ବହୁ ସଂଖ୍ୟାରେ ଆଗ୍ରହୀ ହୋଇ ଉଠିଲେ । ବିଭିନ୍ନ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ବକ୍ତୃତା ଦେବା ପାଇଁ ସେ ପାଇଲେ ଅଜସ୍ର ଆମନ୍ତ୍ରଣ । ଏପରିକି ଅଳ୍ପ କେତେ ବର୍ଷ ଭିତରେ ସେ ମହାଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରି ପ୍ରଧାନ ପ୍ରଧାନ ସହରରେ ତାଙ୍କର ବକ୍ତବ୍ୟ ପ୍ରଦାନ କଲେ । କେତେକ ଉଦାର ହୃଦୟ ଛାତ୍ରମାନଙ୍କର ଅକୁଣ୍ଠ ସାହାଯ୍ୟ ଫଳରେ ସେ ୧୯୨୫ ମସିହା ଶେଷ ଆଡ଼କୁ କାଲିଫର୍ଣ୍ଣିଆର ଲସ୍‌ଏଞ୍ଜେଲସ୍ ସହରରେ ମାଉଣ୍ଟ ୱାସିଙ୍ଗ୍‌ଟନ୍ ଇଷ୍ଟେଟ୍‌ରେ ପ୍ରତିଷ୍ଠା କଲେ ତାଙ୍କର ପ୍ରଧାନ କେନ୍ଦ୍ର । ଫଳରେ ଆମେରିକାବାସୀ କ୍ରିୟାଯୋଗ ଅଭ୍ୟାସ କରିବା ପାଇଁ ଆଗ୍ରହୀ ହେଲେ । କ୍ରମଶଃ ସେମାନଙ୍କର ସଂଖ୍ୟା ସଞ୍ଜଛୁଆଁ ଆକାଶର ତାରାମାନଙ୍କ ପରି ବଢ଼ିବାକୁ ଲାଗିଲା । ବଢ଼ିବାକୁ ଲାଗିଲା ସେମାନଙ୍କର ଆଗ୍ରହ ଦୀପ୍ତି ।

କ୍ରିୟାଯୋଗର ପ୍ରଚାର ଓ ପ୍ରସାର କାର୍ଯ୍ୟରେ ମଜ୍ଜିଯାଇ ସ୍ୱାମୀ ଯୋଗାନନ୍ଦ ଭୁଲି ଯାଇଥା'ନ୍ତି ସମୟ ସ୍ରୋତର ଅତିକ୍ରାନ୍ତ ଦୂରତ୍ୱକୁ । ଦିନେ ଧ୍ୟାନ କରୁଥିବା ଅବସ୍ଥାରେ ତାଙ୍କ

ଅନ୍ତଃକରଣରେ ଧ୍ୱନିତ ହୋଇ ଉଠିଲା ଗୁରୁଦେବ ଶ୍ରୀଯୁକ୍ତେଶ୍ୱର ଗିରିଙ୍କର କଣ୍ଠସ୍ୱର – ''ଏବେ ଭାରତକୁ ଫେରିଆସ । ମୁଁ ଧୈର୍ଯ୍ୟର ସହ ଦୀର୍ଘ ୧୫ ବର୍ଷ କାଳ ତୁମର ପ୍ରତୀକ୍ଷା କରି ରହିଛି । ଖୁବ୍ ଶୀଘ୍ର ମୁଁ ଏଇ ମରଶରୀର ତ୍ୟାଗ କରି ଜ୍ୟୋତିର୍ମୟ ଧାମକୁ ଯାତ୍ରା କରିବି । ଯୋଗାନନ୍ଦ ! ତୁମେ ଫେରି ଆସ ।''

ବାହ୍ୟ ଚେତନା ପ୍ରାପ୍ତ ହେବାପରେ ଯୋଗାନନ୍ଦ ମାପି ଦେଖିଲେ ସତକୁ ସତ ସେ ଇତି ମଧ୍ୟରେ ୧୫ ବର୍ଷ ଅତିକ୍ରାନ୍ତ କରିସାରିଲେଣି ଆମେରିକାରେ । ଏବେ ଗୁରୁଦେବଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପର ହୋଇ ଉଠିଲେ । ବମ୍ବେର ବିରାଟ ବନ୍ଦରରେ ଜାହାଜ 'ରାଜପୁତନା' ନଙ୍ଗର ପକାଇଲା ୧୯୩୫ ମସିହା ଅଗଷ୍ଟ ୨୨ ତାରିଖ ଦିନ । ସ୍ୱାମିଜି ଭାରତର ପବିତ୍ର ଭୂମି ସ୍ପର୍ଶ କରି ନିଜକୁ ଧନ୍ୟ ମଣିଲେ, ତା'ର ପୁଣ୍ୟ ବାୟୁ ସେବନ କରି କୃତାର୍ଥ ହେଲେ । ଏବଂ ସାଦରେ ଗ୍ରହଣ କଲେ ଉପସ୍ଥିତ ଜନତାଙ୍କ ସ୍ୱାଗତ ଅଭିନନ୍ଦନକୁ ।

ଘରେ ପହଞ୍ଚି ବୃଦ୍ଧ ପିତାଙ୍କୁ ପ୍ରଣାମ ଜଣାଇବା ବେଳେ ସ୍ୱାମୀ ଯୋଗାନନ୍ଦଙ୍କର ମନେ ପଡ଼ିଗଲା ଯିବା ବେଳର ପ୍ରତିଶ୍ରୁତି କଥା – ''ବାପା, ଭଗବାନ୍ ଆମ ଦୁହିଙ୍କୁ ନିଶ୍ଚୟ ଆଉ ଥରେ ଏକାଠି କରିବେ ।...'' ଦୁହିଙ୍କ ଆଖିରେ କୃତଜ୍ଞତାର ଲୁହ । ସ୍ନେହରେ ଆଉଜିଗଲେ ବାପାଙ୍କ କୋଳକୁ । ସେତେବେଳକୁ ଆତ୍ମୀୟମାନଙ୍କ ଅବସ୍ଥା ମେଘ ଦେଖା ମୟୂରସମ । କାହାରି ପରତେ ନ ଥିଲା ଏମିତି ଏକ ସୌଭାଗ୍ୟର ଅଧିକାରୀ ହେବେ ବୋଲି । ଯୋଗାନନ୍ଦ ଆଉ କାଳ ବିଳମ୍ବ ନ କରି ଧାଇଁଲେ ଗୁରୁଦେବଙ୍କ ନିକଟକୁ । ଗୁରୁଦେବ ସେତେବେଳକୁ ଶ୍ରୀରାମପୁର ଆଶ୍ରମର ଉପର ମହଲାରେ ବିଶ୍ରାମ ନେଉଥା'ନ୍ତି । ସ୍ୱାମିଜି ସାଷ୍ଟାଙ୍ଗ ପ୍ରଣିପାତ କରି ଗୁରୁଦେବଙ୍କ ପାଦଧୂଳି ନେଇ କପାଳ ଛୁଆଁଇଲେ । ଗୁରୁଦେବ ସଙ୍ଗେ ସଙ୍ଗେ ଛାତିକୁ ଟେକିନେଇ ଆଲିଙ୍ଗନ କଲେ । ଏବଂ ତାଙ୍କଠାରୁ ଆମେରିକା ରହଣିର ସମସ୍ତ ବୃତ୍ତାନ୍ତ ଶୁଣିନେଲେ ।

ଦିନେ ସକାଳେ ଫଳ ଓ ଗୋଲାପ ଫୁଲର ଝୁଡ଼ିଟିଏ ଧରି ଆଶ୍ରମରେ ପହଞ୍ଚିଗଲେ ସ୍ୱାମି ଯୋଗାନନ୍ଦ । ଗୁରୁଦେବଙ୍କୁ ସେଦିନ ଏକା ପାଇ ବହୁତ ଖୁସୀରେ କହି ପକାଇଲେ – ''ଗୁରୁଦେବ, ମୁଁ ହାଇସ୍କୁଲରେ ପଢୁଥିବା ବେଳେ ଆପଣଙ୍କ ପାଖକୁ ଆସିବା ଆରମ୍ଭ କରିଥିଲି । ଏବେ ମୁଁ ଏତେ ବଡ଼ ହେଲିଣି, ମୋ ମୁଣ୍ଡର ଗୋଟାଏ ଦୁଇଟା ବାଳ ପାଚିଲାଣି । ଯଦିଓ ଆମ ସାକ୍ଷାତ୍‌ର ପ୍ରଥମ ମୁହୂର୍ତ୍ତରୁ ଆଜି ପର୍ଯ୍ୟନ୍ତ ଆପଣ ମୋ ଉପରେ ନୀରବ ସ୍ନେହ ଅଜାଡ଼ି ଚାଲିଛନ୍ତି, ତଥାପି କେବେ ବି ଥରେ ମୁହଁ ଖୋଲି କହି ନାହାନ୍ତି – 'ମୁଁ ତୁମକୁ ଭଲ ପାଏ ବୋଲି ।'

ଗୁରୁଦେବଙ୍କ ଆନତ ଦୃଷ୍ଟି ସ୍ନେହସିକ୍ତ ହୋଇ ଉଠିଲା । ବଡ଼ ବିନମ୍ର ହୋଇ କହିଲେ – ''ଯୋଗାନନ୍ଦ ! ମୋର ଭାଷାହୀନ ଅନ୍ତରରେ ସୁରକ୍ଷିତ ହୋଇ ରହିଥିବା ଗଭୀର ସ୍ନେହକୁ ମୋତେ କ'ଣ ପ୍ରାଣହୀନ ଭାଷାର ରାଜ୍ୟକୁ ଓହ୍ଲାଇ ଆଣିବାକୁ ପଡ଼ିବ ? ପୁଣି ଶବ୍ଦର ବା ସାମର୍ଥ୍ୟ କେତେ ?''

''ଗୁରୁଦେବ ! ମୁଁ ଜାଣେ ଆପଣ ମୋତେ ସବୁଠାରୁ ବେଶୀ ଭଲ ପାଆନ୍ତି । କିନ୍ତୁ ତଥାପି ଆପଣଙ୍କ ତୁଣ୍ଡରୁ ଶୁଣିବି ବୋଲି ମୋର କାନ ଛଟପଟ ହେଉଛି ।'' – ଉତ୍ତର ଦେଲେ ଯୋଗାନନ୍ଦ ।

''ବେଶ୍ । ତୁମେ ଯାହା ଚାହୁଁଛ, ତାହା ହେଉ । ମୋର ବିବାହିତ ଜୀବନରେ ପୁତ୍ରଟିଏ ପାଇ ତାକୁ ଯୋଗମାର୍ଗରେ ପ୍ରଶିକ୍ଷଣ କରିବା ପାଇଁ ଅନେକ ଦିନ ପର୍ଯ୍ୟନ୍ତ ଇଚ୍ଛୁକ ଥିଲି । କିନ୍ତୁ ଯେତେବେଳେ ତୁମେ ମୋର ଜୀବନରେ ଆସିଲ, ମୁଁ ସେହି ଦିନଠାରୁ ସେ ଆଶା ପରିତ୍ୟାଗ କରି ତୁମକୁ ମୋର ପୁତ୍ର ରୂପେ ପାଇଲି । ଯୋଗାନନ୍ଦ ! ମୁଁ ତୁମକୁ ସବୁଠାରୁ ବେଶୀ ଭଲ ପାଏ ।'' – ଗୁରୁଦେବଙ୍କ ଆଖିର ଲୁହ ସେତେବେଳକୁ ସ୍ପଷ୍ଟ ହୋଇ ଉଠୁଥାଏ । କୋଳାଗ୍ରତ କରିନେଲେ ସ୍ୱାମିଜିଙ୍କୁ ।

ଗୁରୁଦେବଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାରେ ନିଜକୁ ସାମିଲ କରିନେଇ ତାଙ୍କର ଆସନ୍ନ ତିରୋଧାନ ସମ୍ବନ୍ଧେ ମିଳିଥିବା ସୂଚନାକୁ ସେ ମନରୁ ପୂରାପୂରି ଭୁଲିଗଲେ । ଅଳ୍ପ କିଛି ଦିନ ପରେ ପଡୁଥିବା କୁମ୍ଭମେଳାକୁ ଯିବା ପାଇଁ ଗୁରୁଦେବଙ୍କଠାରୁ ଅନୁମତି ଭିକ୍ଷା କଲେ । ଉଦ୍ଦେଶ୍ୟ ଥିଲା ସେଠାରେ ବାବାଜିଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିବ । କିନ୍ତୁ ଗୁରୁଦେବଙ୍କ ଉତ୍ତର ଥିଲା ଖୁବ୍ ରୋକ୍‌ଠୋକ୍ – ''ତୁମେ ଯଦି ଯିବାକୁ ଚାହୁଁଛ ଯାଇପାର । ମାତ୍ର ସେଠାରେ ତୁମେ ବାବାଜିଙ୍କ ଦର୍ଶନ ପାଇବ ନାହିଁ ।'' ସ୍ୱାମିଜି ଗୁରୁଦେବଙ୍କ ଅନାଗ୍ରହତା ବୁଝୁଥିଲେ ବି ତାଙ୍କ ସହ ଯିବା ପାଇଁ ଯୋଜନା କରିଥିବା ଅନ୍ୟ କେତେ ଜଣଙ୍କ ଇଚ୍ଛାକୁ ବାଧା ଦେବା ଲାଗି ଉଚିତ ମଣିଲେ ନି । ଶେଷରେ ଗୁରୁଦେବଙ୍କଠାରୁ ନୀରବ ଆଶୀର୍ବାଦ ଗ୍ରହଣ କରି ଛୋଟ ଦଳଟି ସହ ସେ ଆହ୍ଲାବାଦ ଯାତ୍ରା କଲେ । ସେଠାରେ ସେ ବହୁ ସାଧୁ ସନ୍ଥଙ୍କ ସାକ୍ଷାତ୍ ଲାଭ କଲେ ସତ ମାତ୍ର ବହୁ ଅନ୍ୱେଷା ସତ୍ତ୍ୱେ ମଧ୍ୟ ବାବାଜିଙ୍କର ଦର୍ଶନ ପାଇପାରିଲେ ନାହିଁ ।

ସ୍ୱାମୀ ଯୋଗାନନ୍ଦ ଆହ୍ଲାବାଦରୁ କଲିକତା ଫେରି ଆସିଲେ । ଶ୍ରୀରାମପୁର ଆଶ୍ରମ ଆସି ଜଣେ ଗୁରୁଭାଇଙ୍କଠାରୁ ଜାଣିଲେ ଯେ ଗୁରୁଦେବ ତାଙ୍କର ଶେଷଇଚ୍ଛା ପୂରଣ ସକାଶେ ପୁରୀ ଆଶ୍ରମରେ ଅବସ୍ଥାନ କରୁଛନ୍ତି । ଏହି ସମ୍ବାଦର ମର୍ମ ସେ ବେଶ୍ ବୁଝି ପାରିଲେ । ଏବଂ ଗୁରୁଦେବଙ୍କ ଜୀବନ ରକ୍ଷା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ଜଣାଇଲେ । ହଠାତ୍ ଅନ୍ତର ଭିତରୁ ଏକ ଦିବ୍ୟ କଣ୍ଠସ୍ୱର ସେ ଶୁଣିପାରିଲେ, 'ଆଜି ରାତିରେ ତୁମେ ପୁରୀ ଯାଅ ନାହିଁ । ତୁମର ପ୍ରାର୍ଥନା ମଞ୍ଜୁର କରାଯାଇ ପାରିବ ନାହିଁ ।''

ସ୍ୱାମିଜି ବୁଝିପାରିଲେ ଭଗବାନ୍ ଚାହାନ୍ତି ନାହିଁ ଯେ ଗୁରୁଦେବଙ୍କ ଜୀବନରକ୍ଷା ପାଇଁ ପ୍ରାର୍ଥନା ମାଧ୍ୟମରେ ତାଙ୍କ ସହ ଟଣା ଓଟରା ଖେଳ ହେଉ । କାରଣ ତାହା ବିଧି-ନିର୍ଦ୍ଦିଷ୍ଟ । ଆନ୍ତର ନିର୍ଦ୍ଦେଶ ମାନି ତା'ପରଦିନ ସଂଧ୍ୟାରେ ସେ ପୁରୀ ଯିବା ପାଇଁ ଟ୍ରେନ୍ ଧରିଲେ । ଟ୍ରେନ୍ ଛାଡ଼ିବା ସମୟରେ ସେ ସ୍ପଷ୍ଟ ଦେଖି ପାରିଲେ ଆକାଶଢଙ୍କା କଳାମେଘ ଭିତରେ ଶ୍ରୀଯୁକ୍ତେଶ୍ୱରଙ୍କର ମୂର୍ତ୍ତି । ତାଙ୍କର ମୁଖମଣ୍ଡଳ ଖୁବ୍ ଗମ୍ଭୀର ଓ ଦୁଇ କଡ଼ରେ ଦୁଇଟି ଉଜ୍ଜ୍ୱଳ ଆଲୋକ । ସ୍ୱାମିଜି ବଡ଼ ବିନୟ ହୋଇ ପଚାରିଲେ – ''ସବୁ କ'ଣ ଶେଷ ?'' ସେହି ଛାୟାମୂର୍ତ୍ତି ମୁଣ୍ଡ ଟୁଙ୍ଗାରି ଧୀରେ ଧୀରେ ଅଦୃଶ୍ୟ ହୋଇଗଲେ ।

ପୁରୀ ଆଶ୍ରମରେ ପହଞ୍ଚିଲା ବେଳକୁ ସ୍ୱାମିଜିଙ୍କର ପ୍ରାୟ ସଂଜ୍ଞାହୀନ ଅବସ୍ଥା । ଅନ୍ତର ଭିତରୁ ସେ ଏକ କୋମଳ କଣ୍ଠ ସ୍ୱର ଶୁଣିପାରିଲେ – ''ଧୈର୍ଯ୍ୟ ଧର, ଶାନ୍ତ ହୁଅ ।'' ତା'ପରେ ସେ ନିଜକୁ ନିଜ ଭିତରୁ ଆବିଷ୍କାର କଲେ, ଦୃଢ଼ ହୋଇ ଉଠିଲେ ଶେଷକୃତ୍ୟ ସମାପନ ନିମନ୍ତେ । ଗୁରୁଦେବ ତାଙ୍କ କୋଠରି ଭିତରେ ସେମିତି ପଦ୍ମାସନରେ ବସିଥା'ନ୍ତି । ତାଙ୍କ ଶରୀରର ଚର୍ମ ଥିଲା ଚିକ୍କଣ ଓ କୋମଳ । ତାଙ୍କର ମୁଖ-ମଣ୍ଡଳରେ ପ୍ରକଟିତ ହେଉଥିଲା ଏକ ଆନନ୍ଦମୟ ପ୍ରଶାନ୍ତି । ସତେ ଯେମିତି ମୃତ୍ୟୁ ତାଙ୍କୁ ତଥାପି ସ୍ପର୍ଶ କରି ନାହିଁ । ସନ୍ନ୍ୟାସୀ ଓ ସ୍ୱାମୀମାନଙ୍କର ପ୍ରାଚୀନ ଶାସ୍ତ୍ରବିଧି ଅନୁଯାୟୀ ଶ୍ରୀଯୁକ୍ତେଶ୍ୱରଙ୍କ ପାର୍ଥିବ ଶରୀରକୁ ପୁରୀ ଆଶ୍ରମର ଉଦ୍ୟାନ ମଧ୍ୟରେ ସମାଧି ଦିଆଗଲା ୧୯୩୬ ମସିହା ମାର୍ଚ୍ଚ ୧୦ ତାରିଖ ଦିନ ।

ସ୍ୱାମୀ ଯୋଗାନନ୍ଦ ପୁରୀରୁ କଲିକତା ଫେରି ଆସିଲେ । ହେଲେ ଶ୍ରୀରାମପୁର ଆଶ୍ରମକୁ ଯିବାକୁ ଆଉ ତାଙ୍କର ମନ ବଳିଲା ନି । ଶ୍ରୀଯୁକ୍ତେଶ୍ୱରଙ୍କର ତରୁଣ ଶିଷ୍ୟ ପ୍ରଫୁଲର ରାଞ୍ଚି ସ୍କୁଲରେ ନାମଲେଖା ବ୍ୟବସ୍ଥା ହୋଇଯିବାରୁ ତାକୁ ପୁରୀ ଆଶ୍ରମରୁ ଡକାଇ ଆଣିଲେ । ପ୍ରଫୁଲ୍ଲ ଗୁରୁଦେବଙ୍କ ପାଖେ ପାଖେ ରହୁଥିଲା । ତା' ସରଳ ବ୍ୟବହାରରେ ସମସ୍ତେ ମୁଗ୍ଧ ହୋଇଯାଇଥିଲେ । ସେ ସ୍ୱାମିଜିଙ୍କୁ କହିଲା – ''ଆପଣ ଯେଉଁଦିନ ଆହ୍ଲାବାଦ ମେଳାକୁ ଗଲେ ଗୁରୁଦେବ ଖଟ ଉପରେ ଦୁମ୍ କରି ବସି ପଡ଼ିଲେ ଏବଂ ବଡ଼ ପାଟିରେ କହିବାକୁ ଲାଗିଲେ – 'ଯୋଗାନନ୍ଦ ଚାଲିଗଲା ! ଯୋଗାନନ୍ଦ ଚାଲିଗଲା । ବହୁତ କଥା କହିବାକୁ ଥିଲା । ତାକୁ ତା'ହେଲେ ମୋତେ ପୁଣି କେବେ କହିବାକୁ ହେବ ।' ତା'ପରେ ସେ କେତେ ଘଣ୍ଟା ଧରି ନୀରବରେ ସେମିତି ଖଟ ଉପରେ ବସି ରହିଲେ ।''

ଅଳ୍ପ କିଛି ଦିନ ପରେ ବମ୍ବେର ରିଜେଣ୍ଟ ହୋଟେଲରେ ଗୋଟିଏ କୋଠରିରେ ଧ୍ୟାନ କରୁଥିବା ସମୟରେ ହଠାତ୍ ଏକ ଅପୂର୍ବ ସ୍ୱର୍ଣ୍ଣାଭ ଆଲୋକରେ ତାଙ୍କର ଧ୍ୟାନ ଭଙ୍ଗ ହେଲା । ଆଖି ଖୋଲି ଦେଖନ୍ତି ସାମ୍ନାରେ, ଅତି ନିକଟରେ ଗୁରୁଦେବ ସଶରୀରେ ଦଣ୍ଡାୟମାନ । ଏବଂ ଅତ୍ୟନ୍ତ କୋମଳ ସ୍ୱରରେ କହୁଥା'ନ୍ତି – ''ପ୍ରିୟ ପୁତ୍ର ମୋର । ଯେଉଁ ତୀର୍ଥସ୍ଥାନରେ ମୋର ବାବାଜିଙ୍କ ସହ ପ୍ରଥମ ସାକ୍ଷାତ୍ ହୋଇଥିଲା ସେଠାକୁ ଯିବା ପାଇଁ ତୁମର ଆନନ୍ଦ ଓ ଆଶାରେ ବାଧା ସୃଷ୍ଟି କରିବାକୁ ମୁଁ ଚାହୁଁ ନ ଥିଲି । କେବଳ ଅଳ୍ପ କେତେ ସମୟ ପାଇଁ ମୁଁ ତୁମକୁ ଛାଡ଼ି ଯାଇଥିଲି । ଏବେ ପୁଣି ମୁଁ ତୁମ ପାଖରେ । ମୁଁ ପୁନରୁତ୍ଥିତ ହୋଇଛି, ପୃଥିବୀରେ ନୁହେଁ, ଏକ ସୂକ୍ଷ୍ମ ଜଗତରେ । ତୁମେ ଓ ସବୁ ଉଚ୍ଚକୋଟୀର ପ୍ରିୟଜନମାନେ ସେଠାରେ ମୋ' ସହିତ ରହିବା ପାଇଁ ଦିନେ ଆସିବ । ବ୍ୟସ୍ତ ହୁଅ ନାହିଁ ।''

ପରା-ଅପରା ଜଗତ୍ ସମ୍ବନ୍ଧରେ ବହୁ ତଥ୍ୟପୂର୍ଣ୍ଣ ଉପଦେଶ ଦେବା ପରେ ଗୁରୁଦେବ ଶେଷକୁ ଏତିକି ପ୍ରତିଶ୍ରୁତି ଦେଲେ – ''ବତ୍ସ ! ଏବେ ମୁଁ ତୁମଠାରୁ ବିଦାୟ ନେଉଛି । କିନ୍ତୁ ଯେତେବେଳେ ତୁମେ ନିର୍ବିକଳ୍ପ ସମାଧି ଦ୍ୱାରଦେଶରେ ପହଞ୍ଚି ମୋତେ ଡାକିବ ମୁଁ ଏମିତି, ଏଇ ଶରୀର ଧାରଣ କରି ତୁମ ପାଖକୁ ଆସିବି ।'' ଗୁରୁଦେବଙ୍କ ସଶରୀର ରୂପ କ୍ରମେ ଅନ୍ତର୍ଦ୍ଧାନ ହୋଇଗଲା । ବିସ୍ମୟ ଚକିତ ହୋଇ ପ୍ରଣାମ ଜଣାଇଲେ ସ୍ୱାମୀ ଯୋଗାନନ୍ଦ ।

❒❒❒

## ଯୋଗାନନ୍ଦଙ୍କ ଯୋଗ ଓ ଜୀବନ (୧୩)

# ଶେଷ ପୃଷ୍ଠା

## ସନ୍ତୋଷ କୁମାର ରଥ

ଗୁରୁଦେବ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କ ଶରୀର ଛାଡ଼ିବା ପରେ ଶିଷ୍ୟ ମହଲରେ ବିଷାଦର ଆତଙ୍କ ଖେଳିଗଲା । ସମସ୍ତେ ଭଗ୍ନପ୍ରାଣ । ସେମାନଙ୍କ ହତାଶାଭାବ ଦେଖିଲେ ମନେ ହେଉଥିଲା, ସତେ ଯେମିତି ନାବାଳକ ପୁଅର ବାପଛେଉଣ୍ଡ ଅବସ୍ଥା । ଆହା କହିବାର ଚାରା କାହାରି ନ ଥାଏ; ସମସ୍ତେ ତ ଅନାଥ । ସ୍ୱାମୀ ଯୋଗାନନ୍ଦ କିନ୍ତୁ ନିଜକୁ ଦୃଢ଼କଲେ, ବରିଷ୍ଠ ହିସାବରେ ଦାୟିତ୍ୱ ଓ କର୍ତ୍ତବ୍ୟସବୁ ତାଙ୍କର । ଶିଷ୍ୟ ଓ ଭକ୍ତମାନଙ୍କୁ ନେଇ ପ୍ରାଚୀନ ଶାସ୍ତ୍ରୀୟ ବିଧି ଅନୁଯାୟୀ ସେ ଗୁରୁଦେବଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କଲେ । ହେଲେ ତା'ପରେ ଗୁରୁଦେବଙ୍କ ଅନୁପସ୍ଥିତିକୁ ସହ୍ୟ ନ କରି ପାରି ପୁରୀରୁ କଲିକତା ଫେରି ଆସିଲେ । ପୁରୀ ଆଶ୍ରମର ସମସ୍ତ ଭାର ପଡ଼ିଲା ସ୍ୱାମୀ ସେବାନନ୍ଦଙ୍କ କାନ୍ଧରେ ।

ପୁରୀ ଆଶ୍ରମର ଅନତିଦୂରରେ ରହୁଥିଲେ ଜଣେ ବୟସ୍କା ଭଦ୍ର ମହିଳା । ଗୁରୁଦେବଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ଭକ୍ତି ଥିଲା ଅନନ୍ୟ । ଶିଷ୍ୟା ପ୍ରତି ଗୁରୁଦେବଙ୍କ ଆଦର ମଧ୍ୟ ଅନୁରୂପ । ସମୟେ ସମୟେ ପ୍ରାତଃ ଭ୍ରମଣରେ ଯିବାବେଳେ ଗୁରୁଦେବ ତାଙ୍କ ଘର ନିକଟରେ ଅଟକୁ ଥିଲେ ଏବଂ ବେଶ୍ କିଛି ସମୟ ତାଙ୍କ ସହ କଥା ହେଉଥିଲେ । ସେହି ଦିନର ସାକ୍ଷାତ୍ ପରେ ଶିଷ୍ୟା ଜଣକ ପୁଣି ଚାହିଁ ରହୁଥିଲେ ଆଗାମୀ ସାକ୍ଷାତ୍‌କୁ, ଶବରୀ ସତୃଷ୍ଣ ନୟନରେ । ଗୋଟିଏ ଦିନ ତାଙ୍କୁ ଲାଗୁଥିଲା ଗୋଟିଏ ଜନ୍ମର ପ୍ରତୀକ୍ଷା ପରି । ତଥାପି ସେଥିରେ ତାଙ୍କର ଆନନ୍ଦ ।

ଦିନେ ସନ୍ଧ୍ୟାରେ ଶିଷ୍ୟା ଜଣକ ଆଶ୍ରମରେ ଆସି ହାଜର, ଗୁରୁଦେବଙ୍କ ଦର୍ଶନ ପାଇବା ନିମନ୍ତେ । ସେତେବେଳକୁ ଗୁରୁଦେବଙ୍କ ମହାସମାଧି ଲାଭ ସପ୍ତାହେ ବିତିଗଲାଣି । ଏକଥା ତାଙ୍କୁ ଜଣା ଥାଉ ବା ନ ଥାଉ, ପୁଣି ଥରେ ଜଣାଇ ଦିଆଗଲା । ତଥାପି ସେ ଜିଦ୍‌ଧରି ବସିଲେ ଗୁରୁଦେବଙ୍କ ଦର୍ଶନ ପାଇଁ । ସ୍ୱାମୀ ସେବାନନ୍ଦ ଶେଷକୁ ବାଧ୍ୟ ହୋଇ କହିଲେ – ''ମା' ! ମୋ ସହିତ ଆସ । ସାମ୍ନା ବଗିଚାରେ ଥିବା ଗୁରୁଦେବଙ୍କ ସମାଧି ନିକଟକୁ ମୁଁ ତୁମକୁ ନେଇଯିବି । ତେବେ ଯାଇ ତୁମର ବିଶ୍ୱାସ ହେବ ।''

''ତାହା ଅସମ୍ଭବ, ଗୁରୁଦେବଙ୍କ ପାଇଁ ସମାଧି ନାହିଁ । ଅନ୍ୟଦିନ ପରି ଆଜି ସକାଳ ଦଶଟା ବେଳେ ସେ ମୋ ଦୁଆର ବାଟ ଦେଇ ବୁଲିଗଲେ ଏବଂ ସେତିକି ବେଳେ ମୁଁ ତାଙ୍କ ସହିତ ଅନେକ ସମୟ ଧରି କଥା ହେଲି । ସେ ମୋତେ କହିଲେ – 'ଆଜି ସନ୍ଧ୍ୟାରେ ଆଶ୍ରମକୁ ଆସ ।' ସେଇଥିପାଇଁ ତ ମୁଁ ଆସିଛି, ତାଙ୍କରି ଆଶୀର୍ବାଦ ନେବା ପାଇଁ ।'' – ହସକୁ ଭିତରେ ଚାପି ରଖି ବଡ଼ ଦୃଢ଼ ଭାବରେ କହିଲେ ଶିଷ୍ୟା ଜଣକ ।

ଭଦ୍ର ମହିଳାଙ୍କ ଦମ୍ଭୋକ୍ତିରେ ଆଶ୍ରମ ଆବୋରା ଦୁଃଖ ଓ ବିଷାଦ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ଉପସ୍ଥିତ ସନ୍ନ୍ୟାସୀବର୍ଗ ସଜାଗ ହୋଇ ଉଠିଲେ । ଗୁରୁଦେବଙ୍କ ସୂକ୍ଷ୍ମଦର୍ଶନ ଲାଭ କରି ଏବଂ ତାଙ୍କ ନିର୍ଦ୍ଦେଶ ପାଳନ କରି ଆଶୀର୍ବାଦ ପାଇଁ ସେ ଯେ ଆଜି ଆଶ୍ରମ ଆସିଛନ୍ତି, ଏଥିରେ ଆଉ କାହାରି ସନ୍ଦେହ ରହିଲା ନାହିଁ । ବିସ୍ମୟାଭିଭୂତ ସେବାନନ୍ଦ ନତଜାନୁ ହୋଇ କହିଲେ, ''ମା, ଆଜି ଆପଣ ମୋର ହୃଦୟରୁ ଏକ ମସ୍ତବଡ଼ ବୋଝ ଉଠାଇ ଦେଲେ । ମୋର ଭ୍ରମ ଦୂର ହେଲା । ଗୁରୁଦେବ ସୂକ୍ଷ୍ମ ଶରୀରରେ ଆମରି ପାଖରେ ରହିଛନ୍ତି । ଗୁରୁଦେବ ପୁନରୁତ୍ଥିତ ହୋଇଛନ୍ତି ।''

''ହଁ, ଆଜି ସକାଳେ ସ୍ପଷ୍ଟ ଦିବାଲୋକରେ ସେ ଯେଉଁ ଦିବ୍ୟ ଶରୀର ଧାରଣ କରି ମୋତେ ଦର୍ଶନ ଦେଲେ, ଗୁରୁଦେବ ତାଙ୍କ ସ୍ୱରୂପ ସମ୍ବନ୍ଧରେ ତାହାହିଁ ସୂଚାଇ ଦେବାକୁ ଚାହୁଥିଲେ ।'' – ପ୍ରତ୍ୟୁତ୍ତରରେ ସମ୍ମତି ଜଣାଇଲେ ଶିଷ୍ୟା ଜଣକ ।

ସ୍ୱାମୀ ଯୋଗାନନ୍ଦ କଲିକତା ଫେରି ଆସିବା ପରେ ମଧ୍ୟ ଶ୍ରୀରାମପୁର ଆଶ୍ରମ ଯିବା ପାଇଁ ଆଉ ଆଗ୍ରହୀ ହେଲେ ନି । ଅଳ୍ପକିଛି ଦିନ ଭାରତର କେତେକ ବିଶିଷ୍ଟ ସ୍ଥାନ ଭ୍ରମଣ କରି ସେ ଲଣ୍ଡନ ଯାତ୍ରା କଲେ ଏବଂ ସେଠାରୁ ୧୯୩୬ ମସିହା ଶେଷ ଆଡ଼କୁ ଆମେରିକାରେ ଆସି ପହଞ୍ଚିଲେ । ଲସ୍‌ଏଞ୍ଜେଲସ୍ ଆଶ୍ରମରେ ବଡ଼ଦିନ ଉତ୍ସବ ଉପଲକ୍ଷେ ସବୁପ୍ରକାରର ଆୟୋଜନ ଚାଲିଥାଏ । ସ୍ୱାମିଜି ପହଞ୍ଚିଯାଇ ଖୁବ୍ ଆନନ୍ଦିତ ହେଲେ । ଭାରତରୁ ନେଇ ଯାଇଥିବା ବହୁବିଧ

ଉପହାର ସେ ନିଜେ ଆମେରିକାର ପ୍ରିୟଜନ ଓ ଶିଷ୍ୟମାନଙ୍କୁ ବାଣ୍ଟିଲେ । ଗୁରୁଦେବଙ୍କ ହାତରୁ ଉପହାର ଗ୍ରହଣ କରି ଶିଷ୍ୟବର୍ଗ ଆପେ ଏତେ ଖୁସି ଯେ ଆନ ଖୁସିକୁ ତଉଲିବାକୁ ସେମାନଙ୍କର ତର ନ ଥାଏ । ମି. ଡିକ୍‌ସନ୍ ନିଜ ଲକ୍ଷ ପୁଡ଼ିଆଟିର ବନ୍ଧା ଫିତାକୁ ସଙ୍ଗେ ସଙ୍ଗେ ଖୋଲିବା ପାଇଁ ପ୍ରସ୍ତୁତ ହୋଇଗଲେ । ସେହି ଉପହାର ପୁଡ଼ିଆଟିର ଗୁଡ଼ିଆ କାଗଜକୁ ପରସ୍ତ ପରସ୍ତ ଖୋଲିଲାବେଳେ ସେ ଅନୁଭବ କରୁଥା'ନ୍ତି, ତାଙ୍କ ହୃଦୟର ଆବୃତ ଆବରଣସବୁ ସତେଯେମିତି ଉନ୍ମୁକ୍ତ ହୋଇଯାଉଛି । ଅନୁଭବ କଲେ ଗୋଟାଏ ଅଫୁରନ୍ତ ଆନନ୍ଦ, ଯାହା ବହୁଦିନରୁ ଅପ୍ରାପ୍ତ ଥିଲା । ହଠାତ୍ ତାଙ୍କର ବୋଧ ହେଲା ସେହି ଅଜଣା ପ୍ରାପ୍ତିହିଁ ହେଉଛି ତାଙ୍କ ପ୍ରତୀକ୍ଷାର ପୂର୍ଣ୍ଣାହୁତି ।

''ରୁପାର କପ୍''– ଆନନ୍ଦ ବିହ୍ୱଳ ହୋଇ ଚିତ୍କାର କରି ଉଠିଲେ ମି. ଡ଼ିକ୍‌ସନ୍ । କିଛି ଦୂର ଘୁଞ୍ଚିଯାଇ ସେ ହତବାକ ହୋଇ ବସି ରହିଲେ । ସନ୍ଧ୍ୟା ମହୋତ୍ସବ ଶେଷ ହୋଇଯିବା ପରେ ସେ ଯାଇ ସ୍ୱାମିଜିଙ୍କୁ କହିଲେ, ''ଗୁରୁଦେବ, ଉପହାର ପାଇଁ ନୁହେଁ, ରୁପାକପ୍‌ଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ । ଏଇଟି ପାଇଁ ମୁଁ ତେୟାଳିଶ ବର୍ଷ ହେଲା ଅପେକ୍ଷା କରି ରହିଥିଲି । ସେ ଏକ ଲମ୍ବା କାହାଣୀ... ।'' ମି. ଡିକ୍‌ସନ୍ ପୁଣି ନୀରବ ହୋଇଗଲେ । ତାଙ୍କ ନୀରବତାକୁ ସ୍ୱାମିଜି ସହ୍ୟ କରି ନେଇଥିଲେ ବି ସେ ନିଜେ ପାରିଲେ ନାହିଁ । ଖୋଲି ବସିଲେ ସେହି ଅଦ୍ଭୁତ କାହାଣୀର ଖିଅକୁ :

''ଆମେ ସେତେବେଳେ ନୋବାସ୍କର ସହରରେ ରହୁଥାଉ; ମୋତେ ମାତ୍ର ପାଞ୍ଚ ବର୍ଷ ବୟସ । ସହରଟି ଛୋଟ ହେଲେ ବି ପ୍ରାକୃତିକ ସୁଷମାରେ ଭରପୂର । ଦିନେ କୌତୁକବଶତଃ ମୋ ବଡ଼ ଭାଇ ପ୍ରାୟ ପନ୍ଦର ଫୁଟ ଗଭୀରର ଏକ ଜଳାଶୟ ମଧ୍ୟକୁ ମୋତେ ଠେଲି ଦେଲେ । ମୁଁ ପାଣିରେ ଉବୁଟୁବୁ ହେଉଥାଏ । ଦ୍ୱିତୀୟଥର ବୁଡ ଦେବାବେଳେ ପାଣି ଭିତରେ ବହୁରଙ୍ଗ ବିଶିଷ୍ଟ ଏକ ଉଜ୍ଜ୍ୱଳ ଆଲୋକ ମୋ ଚାରିଆଡ଼େ ଛାଇ ହୋଇଗଲା । ସେହି ଆଲୋକ ମଧ୍ୟରେ ମୁଁ ଦେଖିପାରିଲି ଏକ ସୁନ୍ଦର ମୂର୍ତ୍ତି; ପ୍ରଶାନ୍ତ ଦୃଷ୍ଟି, ହସ ହସ ମୁଖ । ଅଭୟ ମୁଦ୍ରାରେ ସେ ସ୍ଥିର ନିଶ୍ଚଳ ହୋଇ ବସି ରହିଥା'ନ୍ତି । ଯେତେବେଳେ ମୋର ଶରୀର ପୁଣି ଥରେ ପାଣି ଭିତରକୁ ବୁଡ଼ିବାକୁ ଲାଗିଲା, ସେତେବେଳକୁ ମୁଁ ପୂରାପୂରି ଅଣନିଃଶ୍ୱାସୀ, ବଞ୍ଚିବାର ଶେଷ ରାହା ଖୋଜୁଥାଏ । ଠିକ୍ ସେତିକିବେଳକୁ ମୋ' ହାତ ପାହାନ୍ତାରେ ଆସି ଲାଗିଲା ଉଇଲୋ ଗଛର ସରୁ ଡାଳଟିଏ । ଜୀବନ ବିକଳରେ ମୁଁ ତାକୁ ଜାବୁଡ଼ି ଧରିଲି । ମୋର ଭାଇ ଓ ତା'ର ସାଙ୍ଗମାନେ ସେହି ଡାଳ ସାହାଯ୍ୟରେ ବହୁ କଷ୍ଟରେ ମୋତେ ଉପରକୁ ଉଠାଇ ଆଣିଲେ ଏବଂ ପ୍ରାଥମିକ ଚିକିତ୍ସା ପରେ ଯାଇ ମୁଁ ସାଷ୍ଟମ ହେଲି ।

''ତାହାର ଠିକ୍ ବାର ବର୍ଷ ପରର ଘଟଣା । ମୁଁ ସେତେବେଳେ ସତର ବର୍ଷର ଯୁବକ, ମା'ଙ୍କ ସହିତ ଚିକାଗୋ ସହରକୁ ଯାଇଥାଏ । ୧୮୯୩ ମସିହା ସେପ୍‌ଟେମ୍ବର ମାସରେ ସେଠାରେ 'ୱାର୍ଲ୍‌ଡ୍ ପାର୍ଲିଆମେଣ୍ଟ୍ ଅଫ୍ ରିଲିଜିଅନ୍‌ସ୍'ର ଅଧିବେଶନ ଚାଲିଥିଲା । ସାରା ସହରର ଆବେଶ ଲାଗୁଥାଏ ପୂରାପୂରି ଭିନ୍ନ; ଶୁଦ୍ଧ ଓ ପବିତ୍ର । ମା'ଙ୍କ ସହିତ ଗୋଟିଏ ପ୍ରଧାନ ରାସ୍ତା ଦେଇ ଯାଉଥିବାବେଳେ ହଠାତ୍ ମୁଁ ପୁଣିଥରେ ସେହିଭଳି ଏକ ଆଲୋକ ସ୍ଫୁରଣର ଅନୁଭୂତି ଲାଭକଲି । ଆମଠାରୁ ଅଳ୍ପ କେଇ ପାଦ ଆଗରେ ଜଣେ ବ୍ୟକ୍ତି ଧୀରେ ଧୀରେ ଆଗକୁ ଚାଲିଥା'ନ୍ତି । ତାଙ୍କର ସେହି ପ୍ରଶାନ୍ତ ଚେହେରା କ୍ରମେ ମୋ ଭିତରେ ସ୍ୱଷ୍ଟ ହୋଇଉଠିଲା । ମୁଁ ତାଙ୍କୁ ଅନୁସରଣ କଲି, ମା' ମଧ୍ୟ ମୋ ସହିତ ଥାଆନ୍ତି । କିଛିବାଟ ଯିବାପରେ ସେ ଗୋଟିଏ ହଲ୍‌ର ଦ୍ୱାର ନିକଟକୁ ଯାଇ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ । ମୁଁ ଚିତ୍କାର କରି କହିଉଠିଲି, 'ମା' ! ପିଲାବେଳେ ମୁଁ ପାଣି ଭିତରେ ବୁଡ଼ି ଯାଉଥିବା ବେଳେ ଯେ ମୋତେ ଦେଖା ଦେଇଥିଲେ, ଏ ସେହି ବ୍ୟକ୍ତି ।'

''ମା' ଓ ମୁଁ ସେହି ହଲ୍ ଭିତରେ ପ୍ରବେଶ କଲୁ ଏବଂ ଦେଖିଲୁ ସେହି ବ୍ୟକ୍ତି ଜଣକ ବକ୍ତୃତା ମଞ୍ଚ ଉପରେ ଆସୀନ । ତାଙ୍କ ଓଜସ୍ୱିନୀ ବକ୍ତୃତା ଶୁଣିବା ପରେ ଜାଣିଲୁ ଯେ ସେହି ଅନ୍ୱେଷିତ ବ୍ୟକ୍ତି ହେଉଛନ୍ତି ସ୍ୱାମୀ ବିବେକାନନ୍ଦ, ଭାରତରୁ ହିନ୍ଦୁ ଧର୍ମର ପ୍ରତିନିଧି ସ୍ୱରୂପ ଆସିଛନ୍ତି । ସଭା ଅନ୍ତେ ମୁଁ ତାଙ୍କ ନିକଟକୁ ଯାଇ ସାକ୍ଷାତ୍ କଲି । ତାଙ୍କ ମଧୁର ହସ ସୂଚାଇ ଦେଉଥାଏ ସତେ ଯେମିତି ଆମେ ଦୁହେଁ ବହୁ ପରିଚିତ, ପୁରାତନ ବନ୍ଧୁ । ଅନ୍ତର ଭିତରେ ମୁଁ ଅନୁଭବ କରୁଥାଏ ଗୋଟାଏ ବ୍ୟାକୁଳତା, ହେଲେ ବ୍ୟକ୍ତ କରିପାରୁ ନ ଥାଏ । ସେତେବେଳକୁ ତାଙ୍କର ଅନ୍ତର୍ଭେଦୀ ଦୃଷ୍ଟି ମୋର ଚକ୍ଷୁ ଉପରେ ସ୍ଥିର । ମୋର ଆନ୍ତର ଭାବକୁ ଲକ୍ଷ୍ୟ କରି ସେ କହିଲେ,''ନା, ବତ୍ସ ! ମୁଁ ତୁମର ଗୁରୁ ନୁହେଁ । ତୁମର ଗୁରୁ ପରେ ଆସିବେ । ସେ ତୁମକୁ ଗୋଟିଏ ରୁପାର କପ୍ ଦେବେ । ତୁମେ ବର୍ତ୍ତମାନ ଯେତିକି ଧାରଣ କରିବାକୁ ସମର୍ଥ, ତା'ଠାରୁ ବହୁତ ଅଧିକ ଆଶୀର୍ବାଦ ସେ ତୁମ ଉପରେ ଅଜାଡ଼ି ଦେବେ ।''

ନିଜ ଛୁଆଁ କଥାଗୁଡ଼ାକ କହିଲାବେଳେ ମି. ଡିକ୍‌ସନ୍ ବିହ୍ୱଳ ହୋଇ ଉଠୁଥା'ନ୍ତି । ଶରୀରରେ ତାଙ୍କର ରୋମାଞ୍ଚ । ସ୍ମୃତିର ଚରିତ୍ରମାନେ ସତେଯେମିତି ତାଙ୍କ କାନ୍‌ଭାସ୍‌ରେ ଆଜି ବି ଜୀବନ୍ତ । ସ୍ୱାମୀ ଯୋଗାନନ୍ଦ ଆଶିଷଭରା ଦୃଷ୍ଟିରେ ନୀରବ ସମର୍ଥନ ଜଣାଉଥା'ନ୍ତି । ମି. ଡିକ୍‌ସନ୍ ପୁଣି କହିବାକୁ ଆରମ୍ଭ କଲେ :

''ଅଳ୍ପକିଛି ଦିନ ପରେ ମୁଁ ଚିକାଗୋ ସହର ଛାଡ଼ିଲି । ତା' ପରଠାରୁ ମୁଁ ସ୍ୱାମୀ ବିବେକାନନ୍ଦଙ୍କୁ ଆଉ ଦେଖିବାର ସୁଯୋଗ ପାଇ ନାହିଁ । କିନ୍ତୁ ସେ କହିଥିବା ପ୍ରତିଟି ଶବ୍ଦ ମୋର ଅନ୍ତରର ଗଭୀରତମ ପ୍ରଦେଶରେ ଅଲିଭା କାଳିରେ ଲେଖାହୋଇ ରହିଥିଲା । କିନ୍ତୁ ଭାଗ୍ୟର କି ବିଡ଼ମ୍ବନା; ଅନେକ ବର୍ଷ ବିତିଗଲା, ହେଲେ କୌଣସି ଗୁରୁଙ୍କର ସାକ୍ଷାତ୍ ଲାଭ ମୋର କପାଳରେ ଜୁଟିଲା ନାହିଁ । ଦିନେ ରାତିରେ ମୁଁ ଗଭୀର ପ୍ରାର୍ଥନା କଲି, ମୋର ଗୁରୁଙ୍କୁ ପାଇବା ପାଇଁ ଭଗବାନଙ୍କ ନିକଟରେ ଆକୁଳ ନିବେଦନ ଜଣାଇଲି । କେତେ ଘଣ୍ଟା ପରେ ସଙ୍ଗୀତର କୋମଳ ଝଙ୍କାରରେ ମୋର ନିଦ ଭାଙ୍ଗିଗଲା । ଦେଖିଲି ସ୍ୱର୍ଗୀୟ ଦେବଦୂତମାନେ ବଂଶୀ ବାଦନ କରି ମୋ ସମ୍ମୁଖରେ ଆବିର୍ଭୂତ ହେଲେ । ଅଳ୍ପ ସମୟ ପରେ ସେହି ମଧୁର ମୂର୍ଚ୍ଛନା ସହ ସେମାନେ ଅପସରି ଗଲେ ।''

ସ୍ୱାମୀ ଯୋଗାନନ୍ଦ ଲୁଚାଇବାକୁ ଚେଷ୍ଟା କରୁଥିଲେ ବି ସ୍ମିତହାସ୍ୟ ତାଙ୍କ ଆନନରେ ଉକୁଟି ଉଠୁଥାଏ । ଶିଷ୍ୟର ଅତୁଟ ବର୍ଣ୍ଣନାକୁ ସେ ପ୍ରାଣଭରି ଉପଭୋଗ କରୁଥା'ନ୍ତି । ନ ଜାଣିବା ଭଙ୍ଗୀରେ କହି ପକାଇଲେ, ''ତା'ପରେ କ'ଣ ହେଲା ?''

ମି. ଡିକ୍‌ସନ୍ ସେତେବେଳକୁ ଆନନ୍ଦରେ ଅଧୀର । ଅପହଞ୍ଚ ଆକାଶ ଯେମିତି ତାଙ୍କ ଅଞ୍ଜିଆରରେ । କାଳ ବିଳମ୍ବ ନ କରି ଉତ୍ତର ଦେଲେ, ''ସେଇଟା ହେଉଛି ୧୯୨୫ ମସିହାର କଥା । ତା'ପରଦିନ ମୁଁ ଏହି ଲସ୍‌ଏଞ୍ଜେଲସ୍ ସହରକୁ ଆସିଥିଲି ଆପଣଙ୍କ ବକ୍ତୃତା ଶୁଣିବା ପାଇଁ । ଏବଂ ସେତେବେଳେହିଁ ଜାଣିଲି ମୋର ପ୍ରାର୍ଥନା ଗୃହୀତ ହୋଇଯାଇଛି ।''

ନୀରବରେ ଦୁହେଁ ପରସ୍ପରକୁ ଚାହିଁ ଟିକିଏ ହସିଲେ । ଶିଷ୍ୟର କୃତଜ୍ଞତା ଗୁରୁଦେବଙ୍କ ଚରଣ ପଖାଳି ଦେଲା । ମି. ଡିକ୍‌ସନ୍ ତାଙ୍କ ଶେଷ ଅର୍ଘ୍ୟ ଅର୍ପଣ କରି କହିଲେ, ''ଗୁରୁଦେବ, ମୁଁ ଏଗାର ବର୍ଷ ହେଲା ଆପଣଙ୍କର ଶିଷ୍ୟତ୍ୱ ଲାଭ କଲିଣି । ସମୟେ ସମୟେ ରୁପାର କପ୍ କଥା ଭାବେ । ପୁଣି ଭାବେ ସ୍ୱାମୀ ବିବେକାନନ୍ଦଙ୍କ କଥା ତ କେବେ ଅନ୍ୟଥା ହେବ ନି, ତେବେ କ'ଣ ତାହା ରୂପକ ମାତ୍ର ! ଆପଣଙ୍କଠାରୁ ଏଇ ଉପହାରଟି ପାଇବାବେଳେ ମୁଁ ତୃତୀୟ ଥର ପାଇଁ ସେହି ଅତ୍ୟୁଜ୍ଜ୍ୱଳ ଆଲୋକର ସ୍ଫୁରଣ ଲାଭ କରିଥିଲି । ଆଜି ମୁଁ ଧନ୍ୟ ହୋଇଛି ।''

କ୍ରମେ ଆମେରିକାର ବହୁ ସଂଖ୍ୟକ ନରନାରୀ ସ୍ୱାମୀ ଯୋଗାନନ୍ଦଙ୍କ ପ୍ରଚାରିତ କ୍ରିୟାଯୋଗକୁ ଅଙ୍ଗୀକାର କରିନେଲେ, ଆହୁରି ଅନେକ କେନ୍ଦ୍ର ଗଢ଼ି ଉଠିଲା ସେହିମାନଙ୍କ ପ୍ରଚେଷ୍ଟାରେ । ଦିନେ ସନ୍ଧ୍ୟାରେ ସନ୍‌ଡିଆଗୋର ଜଣେ ପ୍ରତିଷ୍ଠିତ ଧର୍ମଯାଜକ ସ୍ୱାମୀ ଯୋଗାନନ୍ଦଙ୍କୁ ଏକାକୀ ପାଇ ପ୍ରଶ୍ନ କଲେ, ''ସ୍ୱାମିଜି ! ସତ କୁହନ୍ତୁ, ଆମେରିକାରେ ଏସବୁ କ'ଣ ସାର୍ଥକ ହୋଇଛି, ଆପଣ କ'ଣ ଏଥିରେ ସନ୍ତୁଷ୍ଟ ?''

''ମୋର ଉତ୍ତର 'ହଁ', ହଜାରେବାର 'ହଁ' । ଏହା ନିଶ୍ଚିତ ରୂପେ ସାର୍ଥକ ହୋଇଛି । ଶାଶ୍ୱତ ଆଧ୍ୟାତ୍ମିକ ବନ୍ଧନରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ନିକଟତର ହୋଇଛନ୍ତି । ଏହା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି, ଏସବୁ ମୋର ଗୁରୁଦେବଙ୍କ ଆଶୀର୍ବାଦ ।'' — ସ୍ୱାମିଜିଙ୍କ ଧୀର ଅଥଚ ଦୃଢ଼ ପ୍ରତ୍ୟୁତ୍ତରରେ ପ୍ରଶ୍ନକର୍ତ୍ତା ନିଶ୍ଚୁପ୍ । ତର୍କର ପକ୍ଷ ଲୋଡ଼ିବାକୁ ସେ ସେତେବେଳକୁ ଆଉ ଆଗ୍ରହୀ ନୁହନ୍ତି; ବରଂ ଉନ୍ମୁଖ ତଥ୍ୟ ପ୍ରତି । ସ୍ୱାମିଜି ମଧ୍ୟ କାର୍ପଣ୍ୟତା ନ ଦେଖାଇ ବଡ଼ ଧୈର୍ଯ୍ୟର ସହ ବୁଝାଇଲେ :

''ଭାରତର ଯେଉଁ ମହାନ୍ ଗୁରୁମାନେ ପାଶ୍ଚାତ୍ୟ ଜଗତ୍ ସମ୍ବନ୍ଧରେ ଆଗ୍ରହୀ, ସେମାନେ ଉତ୍ତମରୂପେ ହୃଦୟଙ୍ଗମ କରିଛନ୍ତି ଆଧୁନିକ ସମସ୍ୟା ସମୂହକୁ । ସେମାନେ ଜାଣନ୍ତି ଯେତେଦିନ ପର୍ଯ୍ୟନ୍ତ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବୈଶିଷ୍ଟ୍ୟକୁ ପରସ୍ପର ଆଦରି ନ ନେଇଛନ୍ତି, ସେତେଦିନ ପର୍ଯ୍ୟନ୍ତ ପୃଥିବୀର ସମସ୍ୟାଗୁଡ଼ିକର ସମାଧାନ ହେବ ନାହିଁ । ପ୍ରତ୍ୟେକ ଗୋଲାର୍ଦ୍ଧ ପାଇଁ ଅପର ଗୋଲାର୍ଦ୍ଧର ସର୍ବୋତ୍କୃଷ୍ଟ ଗୁଣଧର୍ମର ପ୍ରୟୋଜନୀୟତା ରହିଛି । ଏକଥା ସତ୍ୟ ଯେ ପ୍ରାଚ୍ୟ ଜଗତରେ ଦୁଃଖକଷ୍ଟ ମୁଖ୍ୟତଃ ଭୌତିକ କ୍ଷେତ୍ରରେ, ମାତ୍ର ପାଶ୍ଚାତ୍ୟ ଜଗତର କ୍ଲେଶ ମାନସିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ । କିନ୍ତୁ ଏସବୁର ସମନ୍ୱୟ ଆବଶ୍ୟକ । ଏହି ପରିପୂର୍ଣ୍ଣ ସଭ୍ୟତାର ଆଦର୍ଶ ଏକ ଅଳୀକ କଳ୍ପନା ନୁହେଁ । ହଜାର ହଜାର ବର୍ଷ ଧରି ଭାରତ ଏହାହିଁ ଚାହି ରହିଛି, ଯାହା ଦିନେ ପୂର୍ଣ୍ଣତା ଲାଭ କରିବ ।''

ସ୍ୱାମୀ ବିବେକାନନ୍ଦଙ୍କ ପରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମିଳନ ଧାରାକୁ ଅଧିକ ତ୍ୱରାନ୍ୱିତ କରିଥିଲା ସ୍ୱାମୀ ଯୋଗାନନ୍ଦଙ୍କ ଯୌଗିକ ଶିକ୍ଷା ପଦ୍ଧତି । ଏହା ଯେ ବିଧିନିର୍ଦ୍ଦିଷ୍ଟ ସେକଥା ସେ

ସଦାସର୍ବଦା ସ୍ମରଣରେ ରଖିଥିଲେ । ବାବାଜିଙ୍କ ନିର୍ଦ୍ଦେଶ ପାଳନହିଁ ଥିଲା ତାଙ୍କ ଜୀବନର ଏକମାତ୍ର ବ୍ରତ : ''ହଁ, ମୁଁହିଁ ତୁମକୁ ଆମେରିକା ଯିବା ପାଇଁ ନିର୍ବାଚନ କରିଛି । ତୁମେ ସେଠାରେ କ୍ରିୟା ଯୋଗର ବାର୍ତ୍ତା ପ୍ରଚାର କରିବ । ଭୟ କର ନାହିଁ । ତୁମେ ସୁରକ୍ଷିତ ।''

ସ୍ୱାମୀ ଯୋଗାନନ୍ଦଙ୍କର ସଙ୍ଗୀତ ପ୍ରତି ଗଭୀର ଅନୁରାଗ ରହିଥିଲା । ସେ ଶଙ୍କର, ରବୀନ୍ଦ୍ରନାଥ ଓ ବହୁ ପୁରାତନ ପ୍ରାଚ୍ୟ ସଙ୍ଗୀତକୁ ଇଂରାଜୀରେ ଅନୁବାଦ କରି ପାଶ୍ଚାତ୍ୟ ସ୍ୱରଲିପିରେ ଗାନ କରୁଥିଲେ । ଥରେ ନିଉୟର୍କର ଏକ ସାଧାରଣ ସଭାରେ ଗୁରୁ ନାନକଙ୍କ ଲିଖିତ ଏକ ହିନ୍ଦୀ ଭଜନକୁ ସେ ଏତେ ସୁନ୍ଦର ଗାନ କରିଥିଲେ ଯେ ଉପସ୍ଥିତ ପ୍ରାୟ ତିନି ହଜାର ଶ୍ରୋତା ଏକ ଘଣ୍ଟା ପର୍ଯ୍ୟନ୍ତ ତାଙ୍କ ସହ ସମ ତାଳରେ ଗାଇ ଉଠିଥିଲେ । ସମସ୍ତେ ଆନନ୍ଦରେ ବିଭୋର । ତାଙ୍କ ମତରେ : ସଙ୍ଗୀତର ଭାଷା ସାର୍ବଜନୀନ । ଭାରତୀୟ ସଙ୍ଗୀତରେ ଥିବା ଆତ୍ମାର ଅଭିଳାଷ ହୃଦୟଙ୍ଗମ କରିବାକୁ ଆମେରିକାବାସୀମାନେ ଅସମର୍ଥ ହେବେ ବା କାହିଁକି !

ସ୍ୱାମିଜି ବଡ଼ ଆଦରରେ ସମସ୍ତଙ୍କୁ ଗ୍ରହଣ କରି ନେଉଥିଲେ, ସେ ପ୍ରାଚ୍ୟର ହେଉ ଅବା ପାଶ୍ଚାତ୍ୟର ହେଉ । ଭଗବାନଙ୍କୁ କୃତଜ୍ଞତା ଜଣାଇ କହୁଥିଲେ, ''ପ୍ରଭୁ ! ଆପଣ ଏହି ସନ୍ନ୍ୟାସୀକୁ ଏକ ବିରାଟ ପରିବାର ଦେଇଛନ୍ତି ।'' ସତରେ ମା' କୋଳରେ ଥିବାବେଳେ ତାଙ୍କ ମା'ଙ୍କ ପ୍ରତି ଲାହିଡ଼ୀ ମହାଶୟଙ୍କ ଭବିଷ୍ୟବାଣୀହିଁ ସତ୍ୟ : ''ଛୋଟ ମା' ! ତୁମର ପୁଅ ଜଣେ ଯୋଗୀ ହେବ । ଏକ ରେଳ ଇଞ୍ଜିନ୍ ପରି ବହୁ ଆତ୍ମାଙ୍କୁ ଅଧ୍ୟାତ୍ମ ମାର୍ଗରେ ନେଇ ଭଗବାନଙ୍କ ରାଜ୍ୟରେ ପହଞ୍ଚାଇ ଦେବ ।''

ସେ ଦିନ ଥିଲା ୧୯୫୨ ମସିହା ମାର୍ଚ୍ଚ ୭ ତାରିଖ ସନ୍ଧ୍ୟା । ଲସ୍‌ଏଞ୍ଜେଲ୍‌ସ୍‌ଠାରେ ଭାରତୀୟ ରାଷ୍ଟ୍ରଦୂତଙ୍କ ସମ୍ମାନାର୍ଥେ ଆୟୋଜିତ ସଭାରେ ସ୍ୱାମୀ ଯୋଗାନନ୍ଦଙ୍କୁ ଅନୁରୋଧ କରାଯାଇଥିଲା ଧର୍ମ ସମ୍ବନ୍ଧରେ କିଛି କହିବା ପାଇଁ । ତାହାହିଁ ଥିଲା ତାଙ୍କ ଜୀବନର ଶେଷ ବକ୍ତବ୍ୟ । ସଭା ଶେଷ ହେବା ପରେ ସେ ମହାସମାଧି ଲାଭ କରିଥିଲେ । ସେତେବେଳକୁ ତାଙ୍କର ବୟସ ମାତ୍ର ୫୯ ବର୍ଷ । ମାର୍ଚ୍ଚ ୨୭ ତାରିଖ ଦିନ ତାଙ୍କ ଶରୀରକୁ ସମାଧି ଦିଆଯାଇଥିଲା । ସେପର୍ଯ୍ୟନ୍ତ ତାଙ୍କ ଶରୀରରେ ବିଘଟନର କୌଣସି ଆଭାସ ନ ଥିଲା ।

(ସମାପ୍ତ)

❑❑❑

## ଶ୍ରୀରାମକୃଷ୍ଣ ଚରିତାମୃତ (୧)

# ଶୁଭଲଗ୍ନ

## ସନ୍ତୋଷ କୁମାର ରଥ

ସବୁଜିମା ବିସ୍ତରି ଯାଇଛି ଦିଗ୍‌ବଳୟର ଆହୁରି ଆଗକୁ । ସେଇ ସବୁଜ ସମୁଦ୍ର ମଧ୍ୟରେ ସମୃଦ୍ଧିରେ ଅଳସ ଭାଙ୍ଗନ୍ତି କାମାରପୁକୁରର ଜମିଦାର ଗୋଷ୍ଠୀ । ପ୍ରକୃତରେ କହିବାକୁ ଗଲେ କାମାରପୁକୁର ହେଉଛି ଛୋଟ ଛୋଟ ତିନୋଟି ପଲ୍ଲୀର ସମାହାର, ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାରେ । କୃଷି ହେଉଛି ଗ୍ରାମବାସୀଙ୍କ ବେଉସା । ଅବଶ୍ୟ ଆବୁଲୁସ୍ କାଠରେ ଚମତ୍କାର ହୁକା ବନାଇ କଲିକତା ଚାଲାଣ କରି ଥୋକେ ମଧ୍ୟ କୁଟୁମ୍ବ ପୋଷନ୍ତି । କ୍ଷୁଦିରାମ ସେଇ ଗାଁର ଗରିବ ବ୍ରାହ୍ମଣ ଜଣେ । ସତ୍ୟନିଷ୍ଠତା, ତ୍ୟାଗ ଓ ତିତିକ୍ଷାରେ ଅନ୍ୟ କେହି ତାଙ୍କ ତୁଲ ନ ହୋଇ ପାରିଥିବାରୁ, ସାରା ଇଲାକାରେ ତାଙ୍କର ଖ୍ୟାତି ଯେମିତି, ମାନ୍ୟତା ସେମିତି । ତାଙ୍କର ପତ୍ନୀ ଚନ୍ଦ୍ରମଣି ଦେବୀ; ରୂପବତୀ, ସରଳା, ଦେବଦ୍ୱିଜପରାୟଣା । ଦୁହିଙ୍କର ସଧର୍ମାପଣିଆ ଦେଖିଲେ ମନେହୁଏ ଗାର୍ହସ୍ଥ୍ୟାଶ୍ରମର ଆଦର୍ଶ ଦୃଷ୍ଟାନ୍ତଟିଏ ।

ଖରା ସେତେବେଳ ପର୍ଯ୍ୟନ୍ତ ଝାଉଁଳି ନ ଥାଏ । ବସାଫେରନ୍ତା କ୍ଷୁଦିରାମ ପଥଶ୍ରାନ୍ତ ହୋଇ ଆଉଜିଗଲେ ଦୁବ ଘେରା ଗୋଟାଏ ଦ୍ରୁମ ମୂଳକୁ । ସୁଶୀତଳ ଛାଇ ଓ ଚୋରା ପବନର କୋମଳ ସ୍ପର୍ଶ କେତେବେଳେ ଯେ ତାଙ୍କୁ କୋଳେଇ ନେଇଛି ସେକଥା ସେ ଜାଣନ୍ତି ନି । ହଠାତ୍ ଚମକି ଚାହିଁଲେ । ନିଜର ନିଃସଙ୍ଗ ସ୍ଥିତିକୁ ପରଖିନେଇ ସ୍ଥିର କଲେ ତାହା ନିଶ୍ଚୟ ସ୍ୱପ୍ନାଦେଶ । କିନ୍ତୁ ମନେ ହେଉଥିଲା ବାସ୍ତବଠାରୁ ଆହୁରି ସତ୍ୟ ସେ ସ୍ୱପ୍ନ ଓ ସେ ସ୍ମୃତି : ଭଗବାନ୍ ଶ୍ରୀରାମଚନ୍ଦ୍ର ଗୋଟିଏ ବାଳକ ବେଶରେ ଆସି କହିଦେଇ ଗଲେ, "ମୁଁ ସେଇ ବୃକ୍ଷମୂଳେ ଅନାହାରରେ ପଡ଼ି ରହିଛି । ମୋତେ ତୋର ଘରକୁ ନେଇଯା । ତୋର ସେବା ଗ୍ରହଣ କରିବା ପାଇଁ ମୁଁ ଅଭିଳଷିତ ।"

କ୍ଷୁଦିରାମ ସେତେବେଳକୁ ଗୋଟାପଣେ ଝାଳ ଜୁଡୁବୁଡୁ । ହୃଦୟରେ କମ୍ପନ, ଦେହରେ ରୋମାଞ୍ଚ । ସନ୍ଦେହକୁ ସହୋଦର କରି ସତ୍ୟକୁ କଷଟି ତଉଲା କରିବାକୁ ତାଙ୍କର ଆଉ ମନ ବଳିଲା ନି । ଦୃଢ଼ତାର ସହ ଆଗେଇ ଯାଇ ଦେଖିଲେ – ଗଛମୂଳରେ ଥୁଆ ହୋଇଛି ସୁନ୍ଦର କମନୀୟ ଶାଳଗ୍ରାମଟିଏ । ଆଉ ତାକୁ ଫଣାଟେକି ଆବୋରି ରହିଛି ଗୋଟାଏ ନାଗ ସାପ । ବଡ଼ ଅଦ୍ଭୁତ ସେ ଦୃଶ୍ୟ; ସତେ ଅବା ବିଷ୍ଣୁଙ୍କର ଅନନ୍ତ ଶୟନ । ସାପଟିର ଜଳନ୍ତା ମଣି ତୁଲ ଆଖି ଦୁଇଟି ଉପରେ କ୍ଷୁଦିରାମଙ୍କ ଦୃଷ୍ଟି ପଡ଼ିବା କ୍ଷଣି, ନାଗସାପଟି ବଡ଼ ସଂଭ୍ରମର ସହ ଆଡ଼େଇ ଗଲା ପ୍ରଭୁଙ୍କୁ ବ୍ରାହ୍ମଣଙ୍କ ଜିମା ଦେଇ । ଏଣିକି ଭଗବାନ୍ ଭକ୍ତର ଦାସ; ସୁଅ ଭସା ପଥର ।

କ୍ଷୁଦିରାମ ଆନନ୍ଦରେ ବିହ୍ୱଳ ହୋଇ ଚିତ୍କାର କରି ଉଠିଲେ, "ଜୟ ରଘୁବୀର, ଜୟ ରଘୁବୀର... ।" କାଳ ବିଳମ୍ବ ନ କରି ଶାଳଗ୍ରାମକୁ ମୁଣ୍ଡ ଉପରେ ଥୋଇ ସେ ସିଧା ଘରକୁ ଫେରିଲେ । ସେହିଦିନଠୁ 'ରଘୁବୀର' ଠାକୁର ଘର ଖଟୁଳିରେ ରହି ପୂଜା ପାଇଲେ ଏବଂ ସାରା ପରିବାରର ହେଲେ ଆରାଧ୍ୟ – ଅଗ୍ରଦେବତା ।

ଦିନେ ପରେ ଦିନ ଗଡ଼ିଚାଲିଲା । ଏଣିକି ମାଣ ଭରଣା କରିବାକୁ କ୍ଷୁଦିରାମ ଆଉ ଚିନ୍ତିତ ନୁହନ୍ତି । ସଂସାରର ଭାର ରଘୁପତିଙ୍କ ଉପରେ । ତାଙ୍କରି ସେବା ପୂଜାରେ ପତିପତ୍ନୀ ଦୁହେଁ ବିଭୋର । ହଠାତ୍ ଦିନେ ପଦବ୍ରଜରେ ଗୟାଧାମ ଯାତ୍ରାକରି ତୀର୍ଥ ପର୍ଯ୍ୟଟନର ଅଭିଳାଷ ମେଣ୍ଟାଇବାର ସଂକଳ୍ପ ନେଲେ କ୍ଷୁଦିରାମ । ସେତେବେଳକୁ ତାଙ୍କ ବୟସ ଷାଠିଏ । କାଶୀ ଧାମର ବିଶ୍ୱନାଥଙ୍କୁ ଦର୍ଶନ ସାରି ଗୟାଧାମରେ ପହଞ୍ଚିଲା ବେଳକୁ ଫଗୁଣର ଫେରନ୍ତାବେଳ । ପୂରା ଚୈତ୍ର ମାସଟି ସେ ସେଇଠାରେହିଁ କଟାଇ ଦେଲେ । ନିଜର ପିତୃଋଣ ପରିଶୋଧ ନିମନ୍ତେ ଗଦାଧରଙ୍କ ଶ୍ରୀପାଦପଦ୍ମରେ ପିଣ୍ଡ ପ୍ରଦାନ କରି ସେ କୃତାର୍ଥ ମଣିଲେ ।

ସେଦିନ ରାତିରେ ତାଙ୍କର ଏକ ଅପୂର୍ବ ଅନୁଭୂତି ହେଲା: ସେ ମନ୍ଦିର ବେଢ଼ାରେ ନିଶ୍ଚିନ୍ତରେ ଶୋଇଛନ୍ତି, ଏବଂ ପିତୃପୁରୁଷମାନେ ପ୍ରୀତ ହୋଇ ତାଙ୍କୁ ଆଶୀର୍ବାଦ କରୁଛନ୍ତି । ସଙ୍ଗେ ସଙ୍ଗେ ଏକ ଅଦୃଷ୍ଟ ପୂର୍ବ ଦିବ୍ୟଜ୍ୟୋତିଃରେ ସାରା ମନ୍ଦିରର ବେଢ଼ା ଉଦ୍‌ଭାସିତ ହୋଇ ଉଠିଲା । ସେ ତାଙ୍କ ଅଜାଣତରେ ଆଗେଇ ଚାଲିଥା'ନ୍ତି ମନ୍ଦିରର ଗର୍ଭଗୃହ ଆଡ଼କୁ । ସତେଯେମିତି ଏକ ଯାଦୁକାରୀ ଶକ୍ତିର ମୋହିନୀ ଆକର୍ଷଣ । ସେ ଅନୁଭବ କଲେ ସିଂହାସନରେ ସୁଖାସୀନ ସେହି ଅପୂର୍ବ

ଜ୍ୟୋତିଧାରୀ ପୁରୁଷ ଜଣକ ତାଙ୍କୁ ଇଙ୍ଗିତ ଦେଉଛନ୍ତି ଆହୁରି ନିକଟକୁ ଆସିବା ପାଇଁ । ତାଙ୍କରି ସ୍ତବ ଗାନ କରି ସେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶୁଭ୍ର ଶୀତଳ ଥିଲା ସେ ଜ୍ୟୋତିଃର ସ୍ପର୍ଶ; ଦିବ୍ୟ ଆନନ୍ଦର ଏକ ପ୍ରବାହ ।

''କ୍ଷୁଦିରାମ ! ତୁମର ଭକ୍ତିରେ ମୁଁ ଅତ୍ୟନ୍ତ ପ୍ରସନ୍ନ । ତୁମ ପୂଜା ଆରାଧନାରେ ମୁଁ ତୁଷ୍ଟ । ଏଥର ପୁତ୍ରରୂପେ ମୁଁ ତୁମରି ଗୃହରେ ଅବତୀର୍ଣ୍ଣ ହୋଇ ତୁମର ସ୍ନେହ, ଆଦର ଗ୍ରହଣ କରିବି ।'' – ଗଦାଧରଙ୍କ ଏମନ୍ତ ଉକ୍ତିରେ ଭାବ ବିହ୍ୱଳ ହୋଇ ଉଠିଲେ କ୍ଷୁଦିରାମ । ଅକିଞ୍ଚନର ସ୍ୱର୍ଗପ୍ରାପ୍ତି । କିନ୍ତୁ ମନରେ ତାଙ୍କର ଶଙ୍କା ଜାତ ହେଲା । ବଡ଼ ନେହୁରା ହୋଇ କହିଲେ, ''ପ୍ରଭୁ, ମୁଁ ଯେ ଦରିଦ୍ର ବ୍ରାହ୍ମଣଟିଏ । ସତକୁ ସତ ଆପଣ ମୋର ପୁତ୍ର ହୋଇ ଜନ୍ମ ହେଲେ, ମୋ ପରି ଦରିଦ୍ର କ'ଣ ଆପଣଙ୍କ ହେପାଜତ କରିପାରିବ ? ଆପଣ ମୋତେ ଦର୍ଶନ ଦେଇଛନ୍ତି, ତାହାହିଁ ମୋର ପରମ ଭାଗ୍ୟ ।'' କିନ୍ତୁ ସେହି ଜ୍ୟୋତିର୍ମୟ ପୁରୁଷଙ୍କ ଆଶ୍ୱାସନା ଥିଲା ଶୀତଭାନୁଙ୍କ କିରଣସମ, ''ଭୟ କର ନାହିଁ କ୍ଷୁଦିରାମ, ତୁମେ ଯାହା ଦେବ ମୁଁ ପରମ ତୃପ୍ତିର ସହ ତାହା ଗ୍ରହଣ କରିବି । ମୋର ଅଭିଳାଷ ପୂରଣ ହେବାରେ ଆପତ୍ତି କର ନାହିଁ । ଏଥର ଧରାରେ ମୋର ଭିନ୍ନ କାର୍ଯ୍ୟ ।''

କ୍ଷୁଦିରାମଙ୍କ ଶରୀରରେ ସେତେବେଳକୁ ପୂର୍ଣ୍ଣିମା-ପରଶ ଢେଉ ସମ ଉଚ୍ଛୁଳା ପୁଲକ । ବିଛଣାରେ ଥାଇ ଜାଣିଲେ ରାତି ଆହୁରି ଢେର ବାକି ଅଛି । ନିଜକୁ ସ୍ଥୂଳଚେତନାଭୂତ କରି ପୁଣି ଥରେ ଭାବିନେଲେ – ସତରେ କ'ଣ ମୋର ଏ ସ୍ୱପ୍ନ ସାର୍ଥକ ହେବ; ପ୍ରଭୁ ମୋର ପୁତ୍ର ହୋଇ ଜନ୍ମ ହେବେ ! ଏଇ ମରତରେ ପୁଣି ଥରେ ଲୀଳା କରିବେ ! ହେଲେ କାହିଁ ଦଶରଥ, କାହିଁ ନନ୍ଦରାଜା, ଆଉ ଏ ଦରିଦ୍ର... । ଠିକ୍ ଅଛି ଏହି ସୌଭାଗ୍ୟ ନ ହେବା ଯାଏଁ ଏ ଅଭାଗା କାହାରି ଆଗରେ ଏହା ପ୍ରକାଶ କରିବ ନାହିଁ । ରଘୁପତି ଭରସା, ଗଦାଧର ଭରସା ।

ଅଳ୍ପ କିଛି ଦିନ ପରେ ଆସନ୍ତା ଆଷାଢ଼କୁ ଆଖିରେ ରଖି କ୍ଷୁଦିରାମ ଗାଁକୁ ଫେରି ଆସିଲେ । ବେଳହୁଁ ହୁସିଆର ନ ହେଲେ ଜମି ଦି'ମାଣ ପଡ଼ିଆ ରହିଯିବ । ଯଜମାନଙ୍କ ବେଭାର ତ ଶଙ୍ଖତର୍ପଣ; ମାସ ଛ'ଟାକୁ ନିଅଣ୍ଟ । ନିଜ ବେଉସାରେ ଲାଗିପଡ଼ିଲେ । ମନର କଥା କିନ୍ତୁ ମନରେ ଥାଏ । ହେଲେ ମାସ କେଇଟାରେ ଘରଣୀଙ୍କ ହାବଭାବ ଦେଖି ଆଚମ୍ବିତ ହେଲେ । ସଂସାରର ବାସନାମୟ କୋଳାହଳ ମଧ୍ୟରୁ ଦୂରେଇଯାଇ ମନ ତାଙ୍କର କେଉଁ ଏକ ଉଚ୍ଚତର ଭୂମିରେ ଆସୀନ । ସାର୍ବଜନୀନ ପ୍ରେମଭାବ ସତେ ଯେମିତି ତାଙ୍କୁ ଆବୋରି ବସିଛି । ଦିନେ କଥା ବାଉଳାରେ କହୁ କହୁ ଚନ୍ଦ୍ରାଦେବୀ ତାଙ୍କ ଅଲୌକିକ ଅନୁଭୂତି କଥା କହି ପକାଇଲେ – ''ହେ ଜାଣିଚ ! ଦିନେ ମୁଁ ଶିବମନ୍ଦିର ସାମନାରେ ଠିଆ ହୋଇ ପୂଜାରୀଙ୍କ ସହ କଥା ହେଉଛି ଦେଖିଲି ମହାଦେବଙ୍କ ଶ୍ରୀଅଙ୍ଗରୁ ଦିବ୍ୟଜ୍ୟୋତିଃ ବାହାରି ସାରା ମନ୍ଦିରଟି ଝଲସି ଉଠିଲା । ସମୁଦ୍ରର ଢେଉ ପରି ସେହି ଆଲୋକର ଗତି ଥିଲା ମୋରି ଆଡ଼କୁ ।''

''ଆଉ, ତା'ପରେ'' – କ୍ଷୁଦିରାମଙ୍କ ମୁହଁରେ ପ୍ରଶ୍ନବାଚୀ, ସଂଶୟ ମିଶା ଆନନ୍ଦ ।

''ହଠାତ୍ ମୋର ମନେ ହେଲା ସେସବୁ ସତେ ଯେମିତି ମୋରି ଆଡ଼କୁ ଧସେଇ ପଶି ଆସୁଛି । ଭୟରେ ମୁଁ ଚେତା ହରାଇ ବସିଲି । ପୂଜାରୀ ଗୋସେଇଁ ମୋର ସେବା ଶୁଶ୍ରୂଷା କରି ମୋତେ ଚେତା କରାଇଲେ । ମୋର କିନ୍ତୁ ସେହି ଦିନଠୁ ଧାରଣା ହେଉଛି ଯେ ସେହି ଜ୍ୟୋତିଃ ସତେକି ମୋର ଉଦର ମଧ୍ୟରେ ରହିଯାଇଛି, ଆଉ ମୋର ଗର୍ଭସଂଚାର ହୋଇଛି ।''– ଏତିକି କହି ଚନ୍ଦ୍ରାଦେବୀ ଲାଜେଇ ଗଲେ ।

ପତ୍ନୀଙ୍କ କଥା ଶୁଣି କ୍ଷୁଦିରାମଙ୍କ ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା । ମାଟିଢ଼ଙ୍କା ବୀଜ ଦୁଇପତ୍ର ମେଲି ଆଲୁଅ ଦେଖିଲା । ସେ ଜାଣିଲେ କଥାଟା ନିଶ୍ଚୟ ସତ ହେବ । ପାଖଲଗା ହୋଇ କାନରେ ଚୁପକରି କହିଲେ, ''ଦେଖ, ଆଜିଠାରୁ ତୁମର ଏଭଳି ଅଲୌକିକ ଅନୁଭୂତିର କଥା ମୋ ଛଡ଼ା ଆଉ କାହାରି ଆଗରେ କହିବ ନାହିଁ । ଗୟାଧାମରେ ଶ୍ରୀଗଦାଧର ମୋତେ ଦର୍ଶନ ଦେଇ କହିଛନ୍ତି : ଆମର ପୁଣି ପୁତ୍ର ସନ୍ତାନଟିଏ ହେବ, ଭଗବାନ୍ ନିଜେ ଆସିବେ ଆମ କୋଳକୁ ।''

ପତି ଅନୁଗତା ଚନ୍ଦ୍ରାଦେବୀ ଆନନ୍ଦରେ ଅଧୀରା ହୋଇ ଉଠିଲେ । ଭଗବାନ୍ ପୁଣି ଥରେ ଅବତାର ନେବେ, ପୁଣି ତାଙ୍କରି କୋଳରେ । ଧାଇଁଗଲେ ଠାକୁର ଘରକୁ, ରଘୁବୀରଙ୍କ ପାଖକୁ । ଆଖିର ଲୁହରେ ଭିଜାଇଦେଲେ ପଣତକୁ । ତାଙ୍କୁ ଲାଗିଲା ସତେଯେମିତି ବାଳ-ଗୋପାଳ ଗୁରୁଣ୍ଡି ଗୁରୁଣ୍ଡି ତାଙ୍କରି ଆଡ଼କୁ ଧାଇଁ ଆସୁଛନ୍ତି ସେଇ ଭିଜା ପଣତକୁ ଧରିବା ପାଇଁ ।... ଭାବିବାକୁ ଆଉ ତାଙ୍କର ସାହସ ହେଲା ନି । ଆଖି ଆଗରେ ଭାସିଗଲା କୌଶଲ୍ୟାଙ୍କ ସ୍ନେହ, ଯଶୋଦାଙ୍କ ଆକଟ । କେତେ ଭାଗ୍ୟବତୀ ସତରେ ସେମାନେ ! ହଠାତ୍ କଳା ବାଦଲ ଖଣ୍ଡେ

ତାଙ୍କ ଫର୍ଚା ଆକାଶକୁ ଛାଇଦେଲା । ମଣିଷ ମନ, ମନକୁ ପାପ ଛୁଇଁଲା । କୂଳଛୁଆଁ ଭାବନା ଗୁଡାକରେ ଭଙ୍ଗା ପଡ଼ିଗଲା । ତଥାପି ମନକୁ ଆଶ୍ୱାସନା ଦେଲେ – ବିଧାତା ଯେତେ ଦାଉ ସାଧିଲେ ବି ସେ କିନ୍ତୁ ଏଥର ଆଉ ଯେମିତି ତାଙ୍କ ଜୀବନ ଶଙ୍ଖାଳିକୁ ପାଖ ଛଡ଼ା କରିବାକୁ ଦେବେ ନି ।

ଦିନ ଗଡ଼ିଚାଲିଲା । କ୍ରମେ ଦିବ୍ୟ ଦର୍ଶନ ଓ ଅଲୌକିକ ଅନୁଭୂତିର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଲା । ଋତୁମାନଙ୍କ ସମ୍ଭାରରେ ଋତୁମତୀ ଚନ୍ଦ୍ରାଦେବୀ ବିଭୋର ହୋଇ ଉଠୁଥାଆନ୍ତି । ଅପେକ୍ଷା ବସନ୍ତକୁ । ବସନ୍ତ ଆସି ଛୁଇଁଗଲା ତାଙ୍କ ମନକୁ, ପୁଣି ତାଙ୍କ ବନକୁ । ସମସ୍ତେ ପୁଷ୍ପିତ ହୋଇ ଉଠିଲେ । ଏଣିକି ପ୍ରତୀକ୍ଷା ପାରିଜାତ ପାଇଁ ।

ସେ ଦିନ ଥିଲା ଫାଲ୍‌ଗୁନୀ ଶୁକ୍ଳ ଦ୍ୱିତୀୟା । ଆସନ୍ନ ପ୍ରସବା ଚନ୍ଦ୍ରାଦେବୀ ଗର୍ଭସ୍ଥ ସନ୍ତାନଭାରରେ କାତର ହୋଇ ଉଠିଲେ । ରଘୁବୀରଙ୍କ ମଧ୍ୟାହ୍ନ ମଣୋହି ଓ ସନ୍ଧ୍ୟା ଆଳତି ଶେଷ ହୋଇ ପହଡ଼ ପଡ଼ିଲା । ସମସ୍ତେ ବିଶ୍ରାମ ନେଲେ । ହେଲେ କ୍ଷୁଦିରାମଙ୍କ ଆଖିକୁ ନିଦ ନ ଥାଏ । ଅପେକ୍ଷା ସେଇ ଶୁଭଲଗ୍ନକୁ । ମନେ ପଡ଼ିଯାଉଥାଏ ଗଦାଧରଙ୍କ ସ୍ୱପ୍ନାଦେଶ, ପୁଣି ରଘୁବୀରଙ୍କୁ ଶାଳଗ୍ରାମ ରୂପେ ପାଇବାର ସେ ଦିନର ଅନୁଭୂତି । ବଡ଼ ଅଦ୍ଭୁତ ଏସବୁ – ପ୍ରଭୁ ! ତୁମେହିଁ ରାମ, ତୁମେହିଁ କୃଷ୍ଣ । ଯାହା ତୁମର ଇଚ୍ଛା ।

ରାତି ପାହିବାକୁ ଆଉ ଅଧଘଡ଼ିଏ ବାକି ଥାଏ । ବ୍ରାହ୍ମ ମୁହୂର୍ତ୍ତର ଶଙ୍ଖଧ୍ୱନିସହ ଶୁଭିଲା କୁଆଁ କୁଆଁ ରାବ, ଢିଙ୍କିଶାଳର ଗମ୍ଭୀରା ଭିତରୁ । ସମସ୍ତେ ଉଦ୍‌ବିଗ୍ନ । ଖବର ମିଳିଲା ପୁଅଟିଏ ହୋଇଛି – ଦିବ୍ୟକାନ୍ତ ମଣି ତୁଲ ଝଟକ, ଚେହେରା ଡଉଲ ଡାଉଲ । ସତେକି ଛଅ ମାସର ପିଲାଟିଏ । ସମସ୍ତେ ଆନନ୍ଦ ବିଭୋର । ଦୁଆରେ ଦୀପ ଜଳିଲା ।

କ୍ଷୁଦିରାମ ନିଜେ ଶାସ୍ତ୍ରଜ୍ଞ ଥିଲେ । ଜ୍ୟୋତିଷ ବିଦ୍ୟାରେ ବେଶ୍ ପାରଙ୍ଗମ । ତାଙ୍କର ସେଇ ନବଜାତ ଚତୁର୍ଥ ସନ୍ତାନର ଜନ୍ମଲଗ୍ନ ନିରୂପଣ କରିବାକୁ ଯାଇ ସେ ଦେଖିଲେ ସେଦିନ ୧୮୩୬ ମସିହା ଫେବ୍ରୁଆରି ମାସ ୧୮ ତାରିଖ, ବୁଧବାରର ପାହାନ୍ତି ସକାଳ । ତିଥି ଶୁକ୍ଳ ଦ୍ୱିତୀୟା । ଗ୍ରହ, ନକ୍ଷତ୍ରମାନଙ୍କର ଯୋଗାଯୋଗ ମଧ୍ୟ ବଡ଼ ଅଦ୍ଭୁତ । ସମସ୍ତେ ତୁଙ୍ଗ ସ୍ଥାନରେ ବିରାଜମାନ କରିଛନ୍ତି । ଅନ୍ୟାନ୍ୟ ଜ୍ୟୋତିଷମାନେ ବାଳକର ଜନ୍ମଜାତକ ପ୍ରସ୍ତୁତ ସମୟରେ ମଧ୍ୟ ସେଇ ଗୋଟିଏ ମତ ଦେଲେ – ପିଲାଟି ଶୁଭଲଗ୍ନରେ ଜନ୍ମ ହୋଇଛି । ସେ ନାରାୟଣଙ୍କ ଅଂଶ ସମ୍ଭୂତ ମହାପୁରୁଷ ରୂପେ ପ୍ରସିଦ୍ଧି ଲାଭ କରିବ ଏବଂ ଧର୍ମରେ ଗୋଟିଏ ନୂତନ ସଂସ୍କାର ଆଣି ଲୋକ ପୂଜ୍ୟ ହେବ ।

ଜ୍ୟୋତିଷମାନଙ୍କ ଭବିଷ୍ୟବାଣୀକୁ କ୍ଷୁଦିରାମ ସତ ମଣୁଥିଲେ ବି ନିଜ ଅନୁଭୂତି କଥା କାହାରି ଆଗରେ ପ୍ରକାଶ କରୁ ନ ଥା'ନ୍ତି । ଜାତକନିର୍ଣ୍ଣୀତ ରାଶିନାମ ଅନୁସାରେ ପିଲାଟିର ନାମ ଶମ୍ଭୁଚନ୍ଦ୍ର ବୋଲି ରଖାଗଲା । ହେଲେ ଗୟାଧାମର ସ୍ୱପ୍ନଦର୍ଶନକୁ ସ୍ମରଣ କରି କ୍ଷୁଦିରାମ ବାଳକର ନାମ ଦେଲେ ଗଦାଧର (ଶ୍ରୀରାମକୃଷ୍ଣଙ୍କ ପିଲାଦିନର ନାମ) । ଗାଁର ଜମିଦାର ସ୍ୱ-ଇଚ୍ଛାରେ ସମସ୍ତ ଖର୍ଚ୍ଚ ବହନ କରି ତା'ର ଅନ୍ନପ୍ରାଶନ କରାଇଲେ ।

ଶିଶୁପୁତ୍ର ଗଦାଧର ପ୍ରତି ସମସ୍ତଙ୍କ ମୋହ ବଢ଼ିବାରେ ଲାଗିଲା । ଚନ୍ଦ୍ରାଦେବୀ ପୁଅକୁ ଘଡ଼ିକ ଲାଗି ବି ପାଖଛଡ଼ା କଲେ ନି, ଛାଇ ଅନ୍ଧାର ହେଲେ ଟାଣି ନିଅନ୍ତି କୋଳକୁ । ଘରେ ତାଙ୍କର ନିତି ଭିଡ଼ । ଗାଁ ସ୍ତ୍ରୀଲୋକମାନେ କାମ ପାଇଟି ସାରି ଥରେ ଆସି ଗଦାଧରକୁ ଦେଖିଯିବା ପାଇଁ ଉଛନ୍ନ ହୋଇ ଉଠନ୍ତି । ଚନ୍ଦ୍ରାଦେବୀଙ୍କ ପାଖରେ ସଭିଙ୍କର ସେ ଗୋଟିଏ ନାଲିସ – ''ଭଉଣି ! କ'ଣ କରିବୁ କୁହ ? କାହିଁକି କେଜାଣି ପିଲାଟିକୁ ସବୁବେଳେ ଦେଖିବାକୁ ଲୋଭ ହୁଏ । ବଡ଼ ଶୁଭବେଳାରେ ତା'ର ଜନ୍ମ । ଯେତେ ଦେଖିଲେ ବି ମନ ଛାଡ଼େ ନି ।'' ଚନ୍ଦ୍ରାଦେବୀ ବି ଠିକ୍ ସେଇଆ ଭାବନ୍ତି – ତାଙ୍କ କାହ୍ନା ଲାଗି ସିନା ଆଜି ଘରେ ଏତେ ଗହଳ !

କାଳକ୍ରମେ ପିତା-ମାତା ଦୁହେଁ ଅପାସୋରା କଥାକୁ ପାସୋରି ପକାଇଲେ ଏବଂ ଭଗବାନ୍ ଯେ ଅବତାର ରୂପେ ତାଙ୍କରି କୋଳରେ ଜନ୍ମ ନେଇଛନ୍ତି ଏକଥା ଆଉ ହେଜ ହେଲା ନି । ତାହାହିଁ ଥିଲା ମହାମାୟାଙ୍କ ଐଶୀ ଖେଳ, ଭଗବାନଙ୍କ ଦିବ୍ୟଲୀଳା ।

(କ୍ରମଶଃ)

❑❑❑

ଶ୍ରୀରାମକୃଷ୍ଣ ଚରିତାମୃତ (୨)

# ଚିତ୍ତ ଚୋର

## ସନ୍ତୋଷ କୁମାର ରଥ

ସାଇତା ସଂସାର ଏମିତି ଉଜୁଡ଼ି ଯିବ ବୋଲି ଚନ୍ଦ୍ରାଦେବୀଙ୍କର ପରତେ ନ ଥିଲା । କପାଳର ସିନ୍ଦୂର ପୋଛି ହୋଇଗଲା, ସଂସାରର ଭାର ପଡ଼ିଲା ତାଙ୍କରି ଉପରେ । ବାପଛେଉଣ୍ଡ ଗଦାଧର (ଶ୍ରୀରାମକୃଷ୍ଣ)ଙ୍କର ବୟସ ସେତେବେଳକୁ ମାତ୍ର ସାତବର୍ଷ । ଦୀର୍ଘ ଚଉରାଳିଶ ବର୍ଷ କ୍ଷୁଦିରାମଙ୍କ ସହ ପାଦରେ ପାଦ ମିଳାଇ ଚାଲିବାର ସୌଭାଗ୍ୟକୁ ସେ ଆଉ ଫେରି ଚାହିଁଲେ ନି । ରଘୁବୀରଙ୍କୁ ଭରସା କରି ତାଙ୍କ ଫୁଟା ଡଙ୍ଗାର ମଙ୍ଗ ଧରିଲେ । ଉଜାଣି ସୁଅରେ ସେ ଏବେ ନାଆ ବାହିବେ । ସଅଁପି ଦେଲେ ନିଜକୁ ତାଙ୍କରି ଚରଣରେ ।

ସ୍ନେହ ବିଧୁର ଗଦାଧରଙ୍କର ବାଳଚପଳତାରେ ଦେଖାଦେଲା ଗୋଟାଏ ବିରାଟ ପରିବର୍ତ୍ତନ । ଆସ୍ତେ ଆସ୍ତେ ସେ ନିର୍ଜନତା-ପ୍ରିୟ ହୋଇ ଉଠିଲେ । ସାଙ୍ଗ ସାଥୀଙ୍କ ଗହଣରୁ କେତେବେଳେ ଯେ ସେ ନିଜକୁ ଓହରାଇ ନିଅନ୍ତି, ସେକଥା କେହି ଜାଣନ୍ତି ନି । ହୁରି ପଡ଼ିଯାଏ, ଖୋଜି ଖୋଜି ହୋସ୍ ଉଡ଼େ । ଶେଷକୁ ସେ ମିଳନ୍ତି ଭୂତୀରଖାଲ୍ ଶ୍ମଶାନରେ ତ ନ ହେଲେ ମାଣିକ ରାଜାଙ୍କ ନିର୍ଜନ ଆମ୍ବ ବଗିଚାର ନିଃସଙ୍ଗ ପଥଚାରୀ ଭାବେ । ପୁଣି ବେଳେ ବେଳେ ସେ ଆକାଶର ଶୂନ୍ୟତାକୁ ଚାହିଁ ଏମିତି ବସି ରହନ୍ତି ଯେ ମନେହୁଏ ସତେ ଯେମିତି ସେହି ଶୂନ୍ୟମୟଙ୍କ ସାଥିରେ ସେ ନିଜକୁ ହଜାଇ ଦେଇଛନ୍ତି । ମାତ୍ର ଚନ୍ଦ୍ରାଦେବୀଙ୍କ ଛାତିରେ ଛନକା ପଶେ, ବୁଝାବୁଝି କରି ପୁଅକୁ ଘରକୁ ବାହୁଡ଼େଇ ନିଅନ୍ତି । ହେଲେ ପରଦିନ ଯାହାକୁ ସେଇଆ, ପୁଣି ପଇଁତରା ମାରିବାକୁ ହୁଏ ।

ଟିକିଏ ଦୂରରେ ଗ୍ରାମର ଅଗ୍ନିକୋଣରେ ଥିଲା ଗୋଟାଏ ପାନ୍ଥଶାଳା । ଲୋକେ କୁହନ୍ତି, ତୀର୍ଥଯାତ୍ରୀଙ୍କ ସହାବସ୍ଥାନ ନିମନ୍ତେ ଲାହାବଂଶୀୟ ଜମିଦାର ଗୋଷ୍ଠୀର ତାହା ଏକ ଚରମ ବଦାନ୍ୟତା । ଦାଣ୍ଡିମୂଳିଆ ଘରଗୁଡ଼ିକ ପୁରୁଣା ହୋଇଯାଇଥିଲେ ବି ବେଶ୍ ଉପଯୋଗୀ । ଆଠକାଳି ବାରମାସୀ ତୀର୍ଥଯାତ୍ରୀଙ୍କ ଭିଡ଼ ଜମେ । ବିଶେଷ କରି ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ଯାଉଥିବା ଯାତ୍ରୀମାନଙ୍କର ତାହାହିଁ ଥିଲା ସେ ଅଞ୍ଚଳର ଏକମାତ୍ର ସାହାରା । ସମୟେ ସମୟେ ସାଧୁ ସନ୍ନ୍ୟାସୀଙ୍କ ସାନ୍ନିଧରେ ସେ ପବିତ୍ର ହୋଇଉଠେ ଏବଂ ଗ୍ରାମବାସୀମାନେ ସେମାନଙ୍କୁ ଭିକ୍ଷା ଦେଇ କୃତାର୍ଥ ହୁଅନ୍ତି । ଏଣିକି ଗଦାଧରଙ୍କର ନଜର ପଡ଼ିଲାଣି ତା'ରି ଉପରେ । ମନବଳାନ୍ତି ସାଧୁସନ୍ଥଙ୍କ ସାନ୍ନିଧ ଲାଭ କରିବା ପାଇଁ । ଘର ଲୋକଙ୍କ ଅଗୋଚରରେ ସେ ସେଠାକୁ ଯାଇ ଆରମ୍ଭ କରିଦେଲେ ସେବାକାର୍ଯ୍ୟ । ଏଡ଼େ ବାଳୁତ ବୟସରେ ରନ୍ଧା ପାଣିଠୁ ଆରମ୍ଭ କରି ଜାଳେଣି କାଠ ଯୋଗାଇଦେବା ପର୍ଯ୍ୟନ୍ତ, କେଉଁ କାମରେ ତାଙ୍କର ଦ୍ୱିଧା ନ ଥିଲା । ଦିନେ ଦିନେ ସାରା ଦିନଟା ତାଙ୍କର ସେଇଠି କଟିଯାଏ । ସମସ୍ତେ ଅବାକ୍, ଏବୟସରେ ପୁଣି ଏମିତି ଅତିଥିଚର୍ଚ୍ଚା ! କଥାଟା କାହାରି ଅଛପା ରହିଲା ନି ।

ସାଧୁସନ୍ନ୍ୟାସୀମାନେ ପୁଅ ଉପରେ ପ୍ରସନ୍ନ ହେଉଛନ୍ତି ପୁଅର ମଙ୍ଗଳ ହେବ ଭାବି, ଚନ୍ଦ୍ରାଦେବୀ ଆକଟ ନ କରି ଚୁପ୍ ରହିଥିଲେ । ତେଣୁ ଗଦାଧରଙ୍କର ଆନନ୍ଦ କହିଲେ ନ ସରେ । ଚାହିଦା ମୁତାବକ ଚିଜ ଏବେ ତାଙ୍କ ହାତ ପାହାନ୍ତାରେ । ଚାଟଶାଳୀର ପାଠ ତାଙ୍କର ପସନ୍ଦ ନୁହେଁ । ବିଦ୍ୟା କ'ଣ ପୋଥିରେ ଅଛି ତାହା ତ ଅନ୍ତରରେ; ସମୟ ଆସିଲେ ପଦ୍ମ କଳିକା ସଦୃଶ ଆପେ ଆପେ ଖୋଲିଯିବ – ଏ ହେତୁବୋଧ ବୋଧହୁଏ ତାଙ୍କର ପିଲାଟି ଦିନରୁ ଆସି ଯାଇଥିଲା ।

ସାଧୁସଙ୍ଗ କରିବାର ଆକାଙ୍କ୍ଷା ଗଦାଧରଙ୍କର କ୍ରମଶଃ ତୀବ୍ର ହେବାକୁ ଲାଗିଲା । ତାଙ୍କର ମନୋଭାବ ଦେଖିଲେ ମନେ ହେଉଥିଲା; ତାଙ୍କର ଆନ୍ତରବୋଧ ବଡ଼ ଗଭୀର । ସଂସାରର ସବୁ ତତ୍ତ୍ୱ ସତେ ଯେମିତି ତାଙ୍କୁ ଜଣା । ବିଶ୍ୱାମିତ୍ର ନିଜ ତପସ୍ୟାର ସମସ୍ତ ଫଳ ଅର୍ପଣ କରି ପୃଥିବୀର ଯେଉଁ ଗତିକୁ ସ୍ଥିର କରିପାରି ନ ଥିଲେ, ଏକ ମୁହୂର୍ତ୍ତ ଲାଗି ବଶିଷ୍ଠଙ୍କ ସଙ୍ଗଲାଭର ଫଳ ଅର୍ପଣ କରି ତାହା ସେ କରିବାକୁ ସକ୍ଷମ ହୋଇ ପାରିଥିଲେ – ସତ୍‌ସଙ୍ଗର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସ୍ୱରୂପ ଏକଥା ବି ସତେ ଯେମିତି ତାଙ୍କୁ ଅଜଣା ନ ଥିଲା । ମାତ୍ର ପୁଅର ଗତିବିଧି ଦେଖି ମା' ମନରେ ଖଟକା ଲାଗିଲା । କେତେବେଳେ ଭୋଳାନାଥ ପୁଅ ତାଙ୍କର ଗୋଟାପଣେ ବିଭୂତି ବିମଣ୍ଡିତ ତ, ପୁଣି କେତେବେଳେ ମାଳା ତିଳକ ଧାରଣ କରି ଘରକୁ ଫେରେ ।

ଦିନେ ଦିନେ ଅଣ୍ଟାରେ କୌପୀନ, ହାତରେ କମଣ୍ଡଳୁ । ଗଦାଧରଙ୍କର ଏମିତି ବେଶଭୂଷାରେ ଚନ୍ଦ୍ରାଦେବୀଙ୍କର ଭୟ ଜାତ ହେଲା, ଭାବିଲେ – ଚୁମ୍ବକର ସ୍ପର୍ଶରେ ଲୁହା ମଧ୍ୟ ଚୁମ୍ବକତ୍ୱ ପ୍ରାପ୍ତ ହୁଏ ।

ମା'ର ଅକୁହା କୋହ ଓ ଆଖିର ଲୁହକୁ ଲକ୍ଷ୍ୟ କଲେ ଗଦାଧର ଏବଂ ବୁଝିପାରିଲେ ସେହିଁ ହେଉଛନ୍ତି ତାଙ୍କ ବେଦନାର କେନ୍ଦ୍ରବିନ୍ଦୁ । ଘଡ଼ିଏ ନୀରବ ରହି ଭାବିଲେ । ଭିତରଟା ତାଙ୍କର କୋହରି ଉଠିଲା, ଭଲମନ୍ଦ ତଉଲିବାକୁ ଆଉ ତର ସହିଲା ନି । ସ୍ଥିର କରିନେଲେ – ଆଶୀର୍ବାଦ ଆଶାରେ ଅଶାନ୍ତି ଦେଇ କିଛି ଲାଭ ନାହିଁ । ମା'ର ପଣତରେ ତା'ର ଆଖିକୁ ପୋଛିଦେଇ କହିଲେ, ''ମା' ତୁମେ ବ୍ୟସ୍ତ ହୁଅ ନି, କାଲି ଯାଇ ପାନ୍ଥଶାଳାରେ ମନା କରିଦେଇ ଆସିବା ପରେ, କଥା ଦେଉଛି ମୁଁ ଆଉ ସେଠାକୁ ଯିବି ନି ।''

''ଆପଣମାନେ ମୋତେ ଚେଲା କରି ନେଇଯିବେ ବୋଲି ମୋର ମା'ର ମନରେ ଆଶଙ୍କା ଜାତ ହୋଇଛି । ତେଣୁ ମୁଁ ଆଉ ପାନ୍ଥଶାଳା ଆସିବି ନାହିଁ, କି ଆପଣମାନଙ୍କର ସେବାକାର୍ଯ୍ୟ କରିପାରିବି ନାହିଁ । ମୋତେ କ୍ଷମା କରିବେ ।'' – ବଡ଼ ବିନମ୍ରତାର ସହ ଏତିକି କହି ଗଦାଧର ସାଧୁମାନଙ୍କଠାରୁ ଶେଷ ବିଦାୟ ଗ୍ରହଣ କଲେ ।

ମେଘଢଙ୍କା ସକାଳପରି ସାରା ପାନ୍ଥଶାଳାଟା ମାନ୍ଦେଇ ଗଲା । ସତେ ଯେମିତି କାହ୍ନା ବିନା ଗୋପର ଅବସ୍ଥା । କାହାରି ମନରେ ହରଷ ନାହିଁ, ନିଆଁ-ପାଣି ବାସନ୍ଦଠାରୁ ଯେମିତି ଆହୁରି ଘୋର ବିପତ୍ତି ପଡ଼ିଲା ସେମାନଙ୍କୁ । ଶେଷକୁ ସଭିଏଁ ଚନ୍ଦ୍ରାଦେବୀଙ୍କ ନିକଟରେ ଆସି ହାଜର ହେଲେ ।

''ନାବାଳକ ପିଲାକୁ ଭୁଲାଇ ଶିଷ୍ୟ କରି ସଙ୍ଗରେ ନେଇଯିବା ଜଣେ ସାଧୁର ଧର୍ମ ନୁହେଁ ମା' । ତାହା ଏକ ଗର୍ହିତ କାର୍ଯ୍ୟ । ପିତାମାତାଙ୍କ ବିନା ଅନୁମତିରେ ଏଭଳି କାର୍ଯ୍ୟ, ଅପହରଣ ବୃତ୍ତି ଛଡ଼ା ଭିନ୍ନ କିଛି ନୁହେଁ । ପୁଣି ଗଦାଧର ଭଳି ପିଲାକୁ... ଆମମାନଙ୍କର ସେ ଉଦ୍ଦେଶ୍ୟ ନାହିଁ । ଆମକୁ କ୍ଷମା କରିବେ ।''– ଗଣ ଅନୁରୋଧ ଜଣାଇଲେ ସନ୍ନ୍ୟାସିବୃନ୍ଦ ।

ସନ୍ନ୍ୟାସୀମାନଙ୍କର ସାଧୁଜନୋଚିତ ଆଶ୍ୱାସନାରେ ଚନ୍ଦ୍ରାଦେବୀଙ୍କର ମନରୁ ଆଶଙ୍କାର ମେଘ ଦୂର ହୋଇଗଲା । ବୁଝିପାରିଲେ ଭୟଟା ତାଙ୍କରି ଭିତରେହିଁ ବସା ବାନ୍ଧିଛି; ବାହାରେ କେଉଁଠି ନାହିଁ । ଗଦାଧରକୁ ପାଖକୁ ଡାକି କହିଲେ, ''ବାବା ମୋର ! ତୁ ପୂର୍ବ ପରି ପାନ୍ଥଶାଳା ଯାଇ ସେବା କର୍ମ କରିବୁ । ମୁଁ ଆଉ ତୋତେ ବାରଣ କରିବି ନାହିଁ ।'' ଗଦାଧରଙ୍କର ମୁହଁରେ ସେତେବେଳକୁ ବାଳସୂର୍ଯ୍ୟର ଦ୍ୟୁତି । ଖୁସୀରେ ମା'କୁ କୁଣ୍ଢାଇ ଧରିଲେ ।

ଆସନ୍ତା ଫଗୁଣକୁ ଗଦାଧରଙ୍କୁ ଆଠ ପୂରି ନଅ ଚାଲିବ । ବ୍ରାହ୍ମଣ କୁଳର ବିଧି ଅନୁଯାୟୀ ସେହି ବର୍ଷ ବ୍ରତୋପନୟନ ହେବାର କଥା । ଏମିତି ତ ଘରର ଆୟ ସମୁଦ୍ରକୁ ଶଙ୍ଖେ, ତଥାପି ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ହେଲେ ସମସ୍ୟା ହେଲା ଧନୀ । ଗଦାଧର ତାକୁ ପ୍ରତିଶ୍ରୁତି ଦେଇଥିଲେ ଯେ ବ୍ରତଘର ବେଳେ ତା' ନିକଟରୁ ପ୍ରଥମେ ବ୍ରତଭିକ୍ଷା ଗ୍ରହଣ କରି ସେ ତାକୁ ମା' ବୋଲି ସମ୍ବୋଧନ କରିବେ । କିନ୍ତୁ ଗଦାଧରଙ୍କ ବଡ଼ଭାଇ ରାମକୁମାର ଏକଥା ଶୁଣି ଅଗ୍ନିଶର୍ମା । ''ସେ ଯେ ନୀଚ ବଂଶଜା, କମାର ଘରର କନ୍ୟା । ଏ ବଂଶରେ ତାହା ଚଳିବ ନାହିଁ ।''– ଗଦାଧରଙ୍କୁ ରୋକଠୋକ୍ ନାସ୍ତିବାଣୀ ଶୁଣାଇ ଦେଲେ ରାମକୁମାର ।

ଅଳ୍ପବୟସ୍କ ହେଲେ ବି ଗଦାଧର ଥିଲେ ଗଭୀର ସତ୍ୟନିଷ୍ଠ । ସେ ତାଙ୍କ ପ୍ରତିଶ୍ରୁତିରେ ଅଟଳ ରହିଲେ । ଶେଷକୁ ସମାଧାନ ପାଇଁ କଥାଟି ଗ୍ରାମର ପ୍ରବୀଣ ପିତୃସ୍ଥାନୀୟ ଧର୍ମଦାସ ଲାହାଙ୍କ କାନକୁ ଗଲା । ''ସତ୍ୟଭଙ୍ଗ ହେଉଛି ଏକ ଅପରାଧ । ଜଣେ ମିଥ୍ୟାବାଦୀ କ'ଣ କେବେ ବ୍ରାହ୍ମଣୋଚିତ ଯଜ୍ଞୋପବୀତ ଧାରଣର ଅଧିକାରୀ ହୋଇ ପାରିବ ?''– ଗଦାଧରଙ୍କର ଏମନ୍ତ ମନ୍ତବ୍ୟକୁ ସମସ୍ତେ ଅଙ୍ଗୀକାର କଲେ ଏବଂ ଶେଷରେ ଧର୍ମଦାସ ରାୟ ଦେଲେ, ''ଗଦାଧରଙ୍କ ଯୁକ୍ତି ଗ୍ରହଣଯୋଗ୍ୟ । ଯଦିଓ ଏ ବଂଶରେ ଏଭଳି ଘଟଣା ପୂର୍ବରୁ କେବେ ବି ଘଟି ନାହିଁ । ତଥାପି ବହୁ ସଦ୍‌ବଂଶଜ ବ୍ରାହ୍ମଣ ପରିବାରରେ ଏଭଳି ଘଟିବାର ଦୃଷ୍ଟାନ୍ତ ରହିଛି ।''

ବ୍ରତୋପନୟନ ପରେ ଗଦାଧରଙ୍କ ଈଶ୍ୱରାନୁରାଗ ଆହୁରି ବଢ଼ିବାରେ ଲାଗିଲା । ସେ ସବୁ ଦେବାଦେବୀଙ୍କର ପୂଜା ଆରାଧନାକୁ ସମାନ ଗୁରୁତ୍ୱ ପ୍ରଦାନ କରୁଥିଲେ ଏବଂ ସମସ୍ତଙ୍କୁ ଆପଣାର ମନେ କରୁଥିଲେ । ଥରେ ଗ୍ରାମର ଜମିଦାର ଲାହା ବାବୁଙ୍କ ଘରେ ଶ୍ରାଦ୍ଧୋତ୍ସବ ହେଉଥିଲା । ଏହି ଅବସରରେ ପଞ୍ଚକୋଶର ସବୁ ପଣ୍ଡିତମାନେ ନିମନ୍ତ୍ରିତ ହୋଇଥା'ନ୍ତି । ଲାହାବାବୁ ଗଦାଧରଙ୍କୁ ବଡ଼ ଆଦରରେ ସଭାରେ ସ୍ଥାନ ଦେଇଥା'ନ୍ତି । ତର୍କର ଝଡ଼ ବୋହିଗଲା ପଣ୍ଡିତ ମହାସଭାରେ, ମାତ୍ର ଗଦାଧର ସେମିତ ନିଶ୍ଚୁପ । ମାନସିକ ତର୍କବୁଦ୍ଧି ସର୍ବଦା ଯଥାର୍ଥ ସତ୍ୟକୁ ବିକୃତ କରିଥାଏ ଏବଂ ବୋଧି ସଂଜାତ ପ୍ରଜ୍ଞାର

ପ୍ରତିରୋଧ କରିଥାଏ – ଏକଥା ବୋଧେ ସେ ବୁଝିସାରିଥିଲେ । ଶେଷରେ ଜମିଦାର ମହୋଦୟ ବାଳକ ଗଦାଧରଙ୍କୁ ତାଙ୍କ ମତାମତକୁ ଉପସ୍ଥାପନା କରିବାକୁ ଅନୁରୋଧ କଲେ । ଗଦାଧରଙ୍କ ସିଦ୍ଧାନ୍ତ ଅନ୍ଧାରଆଡ଼ିଆ ଦୀପଶିଖା ପରି ସମସ୍ତ ଅଜ୍ଞାନତାକୁ ଆଡ଼େଇଦେଲା ଏବଂ ସଭିଏଁ ଅନୁଭବ କଲେ ସେମାନଙ୍କର ଜ୍ଞାନର ପରିସର କେତେ କ୍ଷୁଦ୍ର ଓ ସଂକୀର୍ଣ୍ଣ । ଗ୍ରାମବାସୀମାନେ ସେଦିନ ଗଦାଧରଙ୍କର ଅଲୌକିକ ପ୍ରତିଭାର ପରିଚୟ ପାଇ ବିସ୍ମିତ ହୋଇ ଉଠିଲେ ।

ବିଦ୍ୟାଳୟ ଯାଇ ପାଠପଢ଼ିବା କାମଟା ଗଦାଧରଙ୍କୁ ବୋଝ ବୋହିଲା ପରି ଲାଗେ । ଘରକାମରେ ମା'ଙ୍କୁ ସାହାଯ୍ୟ କରିବା, ଏବଂ ରଘୁବୀରଙ୍କ ସେବାପୂଜାରେ ଘଣ୍ଟା ଘଣ୍ଟା ବିତେଇ ଦେବାରେ ସେ ଭାରି ଆନନ୍ଦ ପାଉଥିଲେ । ବଂଶୀସ୍ୱନରେ ଉଚ୍ଚାଟ ହୋଇ ଗୋପାଙ୍ଗନାମାନେ କୁଞ୍ଜମୁହାଁ ହେବା ଭଳି ସଞ୍ଜ ହେଲେ ଗାଁ ସ୍ତ୍ରୀଲୋକମାନେ ଧାଉଁଥିଲେ ଚନ୍ଦ୍ରାଦେବୀଙ୍କ ଘରକୁ । ଗଦାଧର ସେମାନଙ୍କୁ ପୁରାଣ ପଢ଼ି ଶୁଣାଉଥିଲେ । ବେଳେ ବେଳେ ଛାନ୍ଦ, ଚଉପଦୀ ଆଦି ସୁଲଳିତ କଣ୍ଠରେ ଗାନ କରୁଥିଲେ । ହେଲେ ସେହି ଗାଁର ଦୁର୍ଗାଦାସ ବଣିକ ଥିଲେ ଜଣେ ନିଆରା ସ୍ୱଭାବର ମଣିଷ; ଅତ୍ୟନ୍ତ ଅହଂକାରୀ ଓ ଏକଶିଙ୍ଗିଆ । ଗଦାଧରଙ୍କ ସହ ଗାଁ ସ୍ତ୍ରୀଲୋକମାନଙ୍କ ଆଦର ବେଭାର ତାଙ୍କର ପସନ୍ଦ ନୁହେଁ । ତେଣୁ ତାଙ୍କ ଘରର ସ୍ତ୍ରୀଲୋକମାନେ ଖଞ୍ଜା ଡେଇଁ ବାହାରକୁ ବାହାରିବା କି ବାହାର ମଣିଷ କେହି ତାଙ୍କ ଖଞ୍ଜାଶାଳକୁ ପଶିବା ନେଇ ସେ କଟକଣା ଜାରି କରିଥା'ନ୍ତି । କଡ଼ା ନଜର ଗଦାଧର ଉପରେ । ଦିନେ ବଡ଼ ଦମ୍ଭରେ କହିଲେ, ''ମୋ ଘର ଭିତରେ କେହି କେବେ ପଶି ନାହିଁ କି ମୋ ଘରର ସ୍ତ୍ରୀଲୋକମାନଙ୍କୁ କେହି କେବେ ଦେଖି ନାହିଁ ।'' ହଠାତ୍ ଗଦାଧରଙ୍କ କାନରେ କଥାଟା ପଡ଼ିଗଲା । ସେ ଶୁଣାଇଲା ପରି କହିଲେ, ''ପରଦା ଘୋଡ଼ାଇ କ'ଣ କେହି ସ୍ତ୍ରୀଲୋକଙ୍କୁ ରକ୍ଷା କରିପାରିବ ? ସତ୍‌ଶିକ୍ଷା ଓ ଈଶ୍ୱର ଆରାଧନା ବଳରେ ସେମାନେ ସୁରକ୍ଷିତ ହୁଅନ୍ତି । ମୁଁ ଯଦି ଇଚ୍ଛା କରିବି, ତେବେ ତୁମ ଘରକୁ ଯାଇ ସେମାନଙ୍କ ସହ କଥା ହୋଇ ପାରିବି ।''

ଦୁର୍ଗାଦାସଙ୍କୁ କଥାଟା ବଡ଼ ଅପସନ୍ଦ ଲାଗିଲା । ଯଦିଓ ସେ ଗଦାଧରକୁ ବହୁତ ଭଲ ପାଆନ୍ତି ତଥାପି ଚଢ଼ା ଗଳାରେ କହିଲେ, ''କେମିତି ପାରିବ, ଦେଖିବା ଦେଖି ।'' ଗଦାଧର ମୌନେ ପ୍ରସ୍ଥାନ କଲେ ।

ଆଉ ଦିନକର କଥା । ସଞ୍ଜ ବୁଡ଼ିବାକୁ ଅଳ୍ପ ସମୟ ବାକିଥାଏ, ଦୁର୍ଗାଦାସ ଦାଣ୍ଡ ଦୁଆରେ ବସିଥା'ନ୍ତି । ଗରିବ ସ୍ତ୍ରୀଲୋକଟିଏ ଆସି ବଡ଼ ନେହୁରା ହୋଇ କହିଲା, ''ଆଜ୍ଞା ! ତଳ ସାହିର ତନ୍ତିଘରର ବୋହୂ ମୁଁ, ହାଟକୁ ସୂତା ବିକିବାକୁ ଆସିଥିଲି । ମୋର ସାଙ୍ଗସାଥୀମାନେ ମୋତେ ଛାଡ଼ି ଚାଲିଗଲେଣି । ସଞ୍ଜ ହୋଇଆସୁଛି, ଏକୁଟିଆ ଯିବା ପାଇଁ ମୋତେ ଡର ଲାଗୁଛି । ଦୟାକରି ଆଜି ରାତିଟା ମୋତେ ଆପଣଙ୍କ ଘରେ ରହିବାକୁ ଅନୁମତି ଦିଅନ୍ତୁ ।'' ଦୁର୍ଗାଦାସ ମୁଣ୍ଡଟେକି ଚାହିଁଲେ । ଅଧାବୟସୀ ସ୍ତ୍ରୀଲୋକଟି ସତରେ ଏକା ଏକା ଯିବ ବା କେମିତି । ଆଜି କାଲି ତ ବେଳ କାଳ ଖରାପ, ପୁଣି ଦେହରେ ମେଞ୍ଚେ ରୁପାର ଗହଣା ।

''ଆଚ୍ଛା ତୁମର ଏତେ ବିଳମ୍ବ ହେଲା କାହିଁକି ?''– ପ୍ରଶ୍ନ କଲେ ଦୁର୍ଗାଦାସ । ମୁଣ୍ଡରୁ ଟୋକେଇଟାକୁ କାଖକୁ ଖସାଇ ଆଣି ତନ୍ତିଆଣୀ କହିଲା, ''ଗୋସେଇଁ, ଆଜି ବେପାର ବଡ଼ ମାନ୍ଦା । ଗରାଖ ଅନିସାରେ ଉଛୁର ହେଇଗଲା । ତଥାପି ଚାରି ବେଣ୍ଟି ସୂତା ବହକି ପଡ଼ିଛି । ଆର ପାଳିକି ଯାହା କପାଳେ ଥିବ ।''

ତା'ର ପିନ୍ଧା ଲୁଗାରୁ ବାହାରୁ ଥିବା ଫୁରୁଫୁରୁ ଗନ୍ଧରେ ଦୁର୍ଗାଦାସ ସେତେବେଳକୁ ଟିକିଏ ଅସ୍ୱସ୍ତି ବୋଧ କଲେଣି, ''ଠିକ୍ ଅଛି ଖଞ୍ଜା ଭିତରକୁ ଯାଇ ବଡ଼ ବୋହୂଙ୍କୁ ଦେଖାକର, ରାତିଟା ବିଶ୍ରାମ ନେଇ ସକାଳୁ ଚାଲିଯିବ । ହଁ, ତୁମ ଘର ମଣିଷ କିଛି ଆପତ୍ତି କଲେ ଆମେ ସେଥିପାଇଁ ଦାୟୀ ହେବୁ ନି ।''– ଏତିକି କହି ଦୁଆର ମୁହଁରୁ ଆଡ଼େଇଗଲେ ଦୁର୍ଗାଦାସ ଏବଂ ଓଢ଼ଣାଟିକୁ ଆଉଟିକେ ଟାଣିଦେଇ ଅଧାନୁଆଁ ହୋଇ ଦାଣ୍ଡ ଏରୁଣ୍ଡି ଡେଇଁ ଭିତରକୁ ଚାଲିଗଲା ସ୍ତ୍ରୀଲୋକଟି ।

ଘରର ବୋହୂମାନେ ତାକୁ ବେଢ଼ିଗଲେ । ତା' ପାଛିଆ ଆଡ଼େଇ ଦେଖିଲେ । ଭାବିଥିଲେ ତନ୍ତବୁଣା ଗାମୁଛା, ନ ହେଲେ ରାତିପିନ୍ଧା ଖଣ୍ଡେ ଅଧେ ମିଳିବ ବୋଲି । ମନଉଣା କରି ଶେଷରେ କୁମ୍ଭପକା ଲୁଗାଦୁଇ ଖଣ୍ଡ ଆଉ ପାଳିକୁ ବରାଦ କଲେ । ଢିଙ୍କିଶାଳର ସାମନା ବାରଣ୍ଡାରେ ତା'ର ବିଶ୍ରାମ ପାଇଁ ବ୍ୟବସ୍ଥା ହେଲା ଏବଂ ମୁଢ଼ି, ଚୁଡ଼ା ଯାହା ଥିଲା ତାକୁ ଖାଇବା ପାଇଁ ଦେଲେ । ତନ୍ତିଘର ବୋହୂ କି କୁହୁକ ଜାଣିଥିଲା କେଜାଣି ଘଡ଼ିକ ଭିତରେ ସଭିଙ୍କୁ ମୋହ କରିଦେଲା । କାମପାଇଟି ଛାଡ଼ି ସଭିଏଁ ତାହା ସହ ହସ କୌତୁକରେ ମାତିଗଲେ ।

ସଞ୍ଜ ଗଡ଼ି ରାତି ସେତେବେଳକୁ ପହରେ ହେଲାଣି । ଗଦାଧର ଏତେ ରାତିଯାଏଁ ଘରକୁ ନ ଫେରି ଥିବାରୁ ଚନ୍ଦ୍ରାଦେବୀ

ବ୍ୟସ୍ତ ହୋଇ ପଡ଼ିଲେ । ମା' ମନ ଯେତେ ବୁଝୁଥିଲେ ବି ସେତେ ଅବୁଝା, ଆଉ ତା'ର ସେନେହ ଅମପା । ମଝିଆ ପୁଅ ରାମେଶ୍ୱରଙ୍କୁ ପଠାଇଲେ ଖୋଜିବା ପାଇଁ । ବିଚରା ନିଖୋଜ ହେଉଥିବା ଜାଗାସବୁ ତନଖ୍ ନେବାପରେ ବଡ଼ ବ୍ୟସ୍ତ ହୋଇ ''ଗଦାଧର, ଗଦାଧର'' ବୋଲି ଗାଁ ଦାଣ୍ଡରେ ଚିତ୍କାର କରିବାକୁ ଲାଗିଲା ।

''ଭାଇ ଯାଉଛି, ଯାଉଛି । ମୁଁ ଏଇଠି ଅଛି ।''– ଚିତ୍କାର ଶୁଭିଲା ଦୁର୍ଗାଦାସଙ୍କ ଖଞ୍ଜା ଭିତରୁ । ଗଦାଧର ଏକ ଡିଆଁକେ ଆସି ଦାଣ୍ଡରେ ହାଜର । ସମସ୍ତେ ତାଜୁବ୍ ହୋଇଗଲେ । ଦୁର୍ଗାଦାସ ବୁଝିଗଲେ ତାଙ୍କ ଅହଂକାର ଉପରେ ଏହା ଏକ ଶକ୍ତ ପ୍ରହାର । ଘଡ଼ିଏ ପରେ କଥାଟା ଭାବି ମନେ ମନେ ହସିଲେ – କାହ୍ନା ତା'ହେଲେ ଏମିତି ରାଇ ମାନ ଭାଙ୍ଗୁଥିଲେ । ଖଞ୍ଜା ଭିତରୁ ଭାସିଆସିଲା ହସର ଲହରୀ ।

(କ୍ରମଶଃ) ❑

শ্রীরামকৃষ্ণ চরিতামৃত (৩)

# ଦିବ୍ୟ ଝଲକ

## ସନ୍ତୋଷ କୁମାର ରଥ

ତୁଳସୀ ଦୁଇ ପତରରୁ ବାସିଲା ପରି, ମହକ ଖେଳିଗଲା କାମାରପୁକୁରର ପାଖଆଖ ଗାଁମାନଙ୍କୁ । ଚର୍ଚ୍ଚା ଗଦାଧରକୁ ନେଇ । ବଡ଼ ଅଦ୍ଭୁତ ତା'ର ଢଙ୍ଗରଙ୍ଗ । କେତେବେଳେ ସାଙ୍ଗ ସାଥୀଙ୍କୁ ମେଳି କରି ଖେଳ ତ, କେତେବେଳେ ପୁଣି ଏକା ଏକା ନିଃସଙ୍ଗତା ସାଥୀରେ । ସମସ୍ତଙ୍କ ନଜର କିନ୍ତୁ ତା'ରି ଉପରେ ।

ହାଲଦାର ପୋଖରୀ ଗାଁର ସବୁଠାରୁ ବଡ଼ ପୋଖରୀ । ପ୍ରଶସ୍ତ, ଚଉହଦି ଉଚ୍ଚା ହିଡ଼ ଘେରିଆ । ହିଡ଼ ଉପରେ ପୁଣି ଠାଏ ଠାଏ ବଡ଼ ବଡ଼ ଗଛ ବାଟୋଇମାନଙ୍କୁ ଛାଇ ଦେବା ପାଇଁ ଯେମିତି ଅଟକି ରହିଥା'ନ୍ତି । ଗାଧୁଆ ପାଧୁଆ, ଲୁଗା ପଖାଳିବା ପାଇଁ ଗାଁ ଲୋକଙ୍କର ସକାଳେ, ସଞ୍ଜେ ତୁଠରେ ଭିଡ଼ ଜମେ । ମହିଳାମାନଙ୍କର ଗାଧୁଆ ତୁଠ ଗୋଟାଏ ପଟକୁ ଅଣ ଆଡ଼ିଆ ହୋଇ, ପୁରୁଷ ତୁଠଠାରୁ ଢେର ଦୂରରେ । ମାତ୍ର ପାଣି ଚବର ଚବରଠାରୁ ପରଚର୍ଚ୍ଚା ଓ ଥଟ୍ଟା ପରିହାସର ଲହର ମହିଳା ତୁଠରୁ ଉବୁକି ଉଠେ । ପୁଣି ବେଳେ ବେଳେ ଶୁଭେ, ''ଆଜି ତୋର ମା'କୁ କହୁଛି । ତୁ କେମିତି ପାଣି ଛିଟିକା ମାରି ମୋ ପାଲଟା ଲୁଗାକୁ ଅଧା ଓଦା କରିଛୁ, ରହିଥା ଦେଖି ।'' ଗଦାଧର ଏକଥାକୁ ଶୁଣି ନ ଶୁଣିଲା ପରି । ସେ ଭଲକରି ଜାଣେ ସବୁ ଆକଟ ତା' ପାଇଁ ପାଣିର ଗାର । ଦିନେ ଜଣେ ବୟସ୍କା ଭଦ୍ରମହିଳା ଟିକେ ରାଗିଯାଇ କହିଲେ, ''ତୁ ପରା ବଡ଼ ହେଲୁଣି । ଏଣିକି ଆମ ତୁଠକୁ ଆସିବା ଭଲ କଥା ନୁହେଁ ।''

ଏବେ ଗାଧୁଆ ତୁଠ ଉସୁଆସ, ହେଲେ କାହାରି ମନରେ ହରସ ନ ଥାଏ । ତିନି ଦିନ ପରେ ତୁଠ ବାରଣ କରିଥିବା ପ୍ରୌଢ଼ାଙ୍କୁ ଭେଟି ଗଦାଧର ପଚାରିଲା, ''ତୁମେ କହିବା ଦିନଠୁ ମୁଁ ଆଉ ତୁମ ତୁଠକୁ ଯାଉ ନାହିଁ । ହେଲେ ଏଇ ଗଛ ଉହାଡ଼ରେ ରହି ପ୍ରଥମ ଦିନ ଚାରିଜଣ, ତା' ପରଦିନ ଛଅଜଣ ଓ ଗତ କାଲି ଆଠଜଣ ସ୍ତ୍ରୀ ଲୋକଙ୍କୁ ଗାଧୋଇ ଥିବାର ଦେଖିଛି । ହେଲେ ମୋର ତ କାହିଁ କିଛି ଖରାପ ହେଲା ନି । ତେବେ କ'ଣ ତୁମେ ମିଛ କହିଛ ?'' ଗଦାଧରକୁ କିଛି ନ କହିପାରି ମନେ ମନେ ହସି ପାଣି ମାଠିଆ ଧରି ଫେରିଗଲେ ପ୍ରୌଢ଼ା ଜଣକ । ଚନ୍ଦ୍ରାଦେବୀ ପରେ ପୁଅକୁ ଡାକି କହିଲେ, ''ବାପରେ, ମୁଁ ସବୁ ଶୁଣିଛି । ତୋତେ ସିନା ଖରାପ ଲାଗୁ ନି ହେଲେ ସେମାନେ ପରା ଲଜ୍ୟାବୋଧ କରୁଛନ୍ତି । ଯେକେହି ସ୍ତ୍ରୀ ଲୋକର ଅପମାନ ହେଲେ ସେଇଟା ମୋର ଅପମାନ । ତୁ କ'ଣ ସେଇଆ ଚାହୁଁ ?''

ଗଦାଧର ସେତେବେଳକୁ ନିଶ୍ଚୁପ୍ । କଥାଟା ଯେ ଏତେ ଗହୀରକୁ ଗଲାଣି ତାଙ୍କର ଧାରଣା ନ ଥିଲା । ଭଲ, ମନ୍ଦ ତଉଲିବାର ତରାଜୁ ଯାହା ପାଇଁ ସବୁବେଳେ ସମତୁଲ ସେ ବା କାହୁଁ ଜାଣିବ ଗୁରୁ-ଲଘୁର ଭେଦ ? ନୀଳ ଆକାଶର ପକ୍ଷୀ କ'ଣ ବୁଝେ ଖାଲ ଢିପର ବେଭାର ! ତଥାପି ମା'ର କଥା ପଦକ ତାଙ୍କ ପାଇଁ ବେଦ ବାକ୍ୟ । ସେହି ଦିନଠୁ ସେ ଆଉ ଗାଧୁଆ ତୁଠ ଆଡ଼କୁ ମୁହଁ ଫେରାଇ ନାହାନ୍ତି କି ତୁଠ ଫେରନ୍ତା ସ୍ତ୍ରୀ ଲୋକମାନଙ୍କୁ ଆଡ଼ ଆଖିରେ ଅନାଇ ନାହାନ୍ତି ।

ଗଦାଧର ଭଲ ପାଆନ୍ତି ପ୍ରକୃତିକୁ, ନିର୍ଜନତାକୁ । ବେଳେ ବେଳେ ଏକା ହୋଇଯାଆନ୍ତି, ନିଜକୁ ହଜାଇ ଦିଅନ୍ତି – ବୋଧହୁଏ ଖୋଜି ପାଇବା ପାଇଁ କିଏ କାହାର । ସେଦିନ ସେମିତି ଚାଙ୍ଗୁଡ଼ିରେ ମୁଢ଼ି ଧରି ବାହାରି ପଡ଼ିଲେ ଗହୀରକୁ । ଶ୍ରାବଣୀ ସକାଳ ମେଘ ଆଢ଼େଇ ପାଣି ଖରା ଚାଇଁ ଚାଇଁ ମାରୁଥାଏ । ଗୀତ ଗାଇ ଗାଇ ସେ ଏକା ଏକା ଚାଲିଥା'ନ୍ତି ଧାନବିଲର ଅଙ୍କାବଙ୍କା ହିଡ଼ ଦେଇ । ନଜର ଥାଏ କିନ୍ତୁ ଅଚ୍ଛ ମେଘଢଙ୍କା ଆକାଶକୁ; ସୀମାହୀନଙ୍କୁ ମାପିବାର ସତେ ଯେମିତି ଭାରି ଇଚ୍ଛା । ହଠାତ୍ କାହୁଁ କୁଆଡୁ ମାଡ଼ି ଆସିଲା କଳା ବାଦଲ, ଛାଇଗଲା ଆକାଶକୁ । ଅନ୍ଧାର ଘୋଟିଗଲା କୁରୁକ୍ଷେତ୍ରର ଅଚାନକ ସନ୍ଧ୍ୟାପରି । ପ୍ରକୃତିର ଅପରୂପ ଶୋଭାରେ ଗଦାଧର ସେତେବେଳକୁ ପୂରାପୂରି ତଲ୍ଲୀନ । ଗହୀର ଘେରିଆ ସେଇ କଳା ଚାଦୁଆ ଭିତରେ ଧୋବ ଫର ଫର ଦଳେ ବଗ ହଠାତ୍ ଡେଣା ଝାଡ଼ି ଝାଡ଼ି ଚାଲିଗଲେ । ବିଦ୍ୟୁତର ଚମକ ପରି ସେଇ ଅପୂର୍ବ ଦୃଶ୍ୟ ଦେଖି ଗଦାଧର ନିଜର ଚେତନ ଶକ୍ତି ହରାଇ ବସିଲେ, ଟଳି ପଡ଼ିଲେ ଉଠିଆ କ୍ଷେତ ଭିତରକୁ ।

ଘରକୁ ଫେରିବା ବେଳକୁ ଗଦାଧର ସୁସ୍ଥ । ମାତ୍ର

ଚନ୍ଦ୍ରାଦେବୀଙ୍କ ଦୁଃଖ ମନରେ ଚକର କାଟୁଥାଏ – ''ସେଦିନ କ୍ଷେତରେ ମୂଲିଆମାନେ ନ ଦେଖିଥିଲେ ମୋ ପୁଅର ଅବସ୍ଥା ଯେ କ'ଣ ହୋଇଥା'ନ୍ତା ରଘୁବୀରଙ୍କୁ ଜଣା । ଏମିତି ଯଦି ପୁଣି ପିହୁଳା ମାରେ... ।'' ସତରେ ମା'ର ସ୍ନେହ ଅଣ୍ଟି ସାଇତା । ସେ ବା କାହୁଁ ବୁଝିବ ଭାବ ସମାଧିର ରହସ୍ୟ ? ପାଟିରେ ବ୍ରହ୍ମାଣ୍ଡ ଦର୍ଶନ କରିବା ପରେ ବି ପୁଅ ଉପରେ ଛାଇ ପଡ଼ିଗଲେ ସେଇ ମା' ମନ ତ ପୁଣି ବୁଝୁ ନ ଥିଲା, ଚିହିଁକି ଉଠୁଥିଲା ତା'ର ସୁରକ୍ଷା ପାଇଁ । ସଂସାର ସୁରକ୍ଷା ପାଇଁ ତା' ପୁଅ ଯେ ଗୋବର୍ଦ୍ଧନ ମୁଣ୍ଡେଇ ପାରିବ ସେ ସୌଭାଗ୍ୟ ବି ସେ ଲୋଡ଼େ ନାହିଁ ।

ଦେବୀ ବିଶାଳାକ୍ଷୀଙ୍କ ପୂଜାପୀଠ କାମାରପୁକୁରର ପ୍ରାୟ ଦୁଇ ମାଇଲ ଭିତରକୁ । ଖୋଲା ପଡ଼ିଆରେ ଦେବୀ ଉଭା ହୋଇଛନ୍ତି କାହିଁ କେଉଁ ଯୁଗରୁ । ବଡ଼ ପ୍ରତ୍ୟକ୍ଷ ତାଙ୍କର ମହିମା । ସବୁଦିନ ପାଖ ଗାଁ-ଗଣ୍ଡାରୁ ଦଶପଚାଶ ଲୋକଙ୍କ ଭିଡ଼ ଜମେ । ଦେବୀଙ୍କ ପୂଜା-ଅର୍ଚ୍ଚନା ପାଇଁ ଧରାବନ୍ଧା ନିୟମ ନାହିଁ କି ଭୋଗ ଆଳତିର ନିର୍ଧାର୍ଯ୍ୟ ସମୟ ନାହିଁ । ପଣ୍ଡାପଡ଼ିଆରୀ ମଧ ନାହାନ୍ତି । ନିଜ ଇଚ୍ଛାରେ ନିଜେ ପୂଜିବ । ମନ୍ଦିର ଗଢ଼ାଇବାକୁ ଚାହିଁଥିଲେ କେବେଠୁ ବଡ଼ ଖିଲାଣରେ କଂସା ଗୋବଦିଆ ଦିପୁରୁଷିଆ କବାଟ ଲଗା ହୋଇ ସାରନ୍ତାଣି । ମଥାନ କଳସୀରେ ବାର ହାତିଆ ନେତ ଝୁଲୁଥା'ନ୍ତା । ହେଲେ ଦେବୀ ଏସବୁଥିରେ ଧାର ଧାରନ୍ତି ନି । ସେ ପରା ଗରିବ ଦୁଃଖହାରିଣୀ !

ଦେବୀଙ୍କ ମୂର୍ତ୍ତି କିନ୍ତୁ ବଡ଼ ମନୋଲୋଭା । କଳା ମୁଗୁନି ପଥରରେ ତିଆରି, ଚୁଆ ଚନ୍ଦନରେ ଜରଜର । ମଥାରେ ଗୋଟାଏ ବଡ଼ କଂସାର ଆଖି ଝକଝକ କରୁଥାଏ । ପୂଜା ଆରାଧନା ସାରି ଭକ୍ତମାନେ ଫେରିଗଲା ପରେ ଦେବୀଙ୍କ ଚରଣ ତଳେ ଥିବା ଭୋଗ ଓ ଦୁଇ, ଚାରି ଅଣା ତମ୍ବା ପଇସା ଉପରେ ଗାଈଆଳ ପିଲାଙ୍କର ମାଲିକାନା । ସେମାନଙ୍କ ଉପଚାରକୁ ଉପଦ୍ରବ ମନେକରି ଥରେ ଜଣେ ଧନିଲୋକ ଦେବୀଙ୍କ ପୀଠ ଚଉଭେଦି ପାଚେରି ବେଢ଼େଇ ଦେଲେ । ସେମାନଙ୍କ ଉପରେ ଚଡ଼କ ପଡ଼ିଲା । ମାତ୍ର ଦିନ କେଇଟାରେ ସେଇ ପାଚେରି ଦେହରେ ବଡ଼ ବଡ଼ ଫାଟ ଦେଖାଦେଲା, ଭୁଶୁଡ଼ି ପଡ଼ିବା ପ୍ରାୟ । ସଭିଏଁ ଜାଣିଲେ ଦେବୀ ରୁଷ୍ଟ ହୋଇଛନ୍ତି । ସେହି ଦିନଠୁ ତା'ର ମରାମତି ପାଇଁ କେହି ମନ ବଳାଇଲେ ସ୍ୱପ୍ନାଦେଶ ମିଳେ, ''ନାଁ, ସେସବୁ ମୋର ଲୋଡ଼ା ନାହିଁ । ମୁଁ ଚାହିଁଥିଲେ ମୋ ପାଇଁ ସୁନାର ମନ୍ଦିର ଗଢ଼ାଇ ଦେଇ ପାରିଥାଆନ୍ତି । ମୁଁ ଏମିତି ଖରାତରାରେ ଥିବି ଆଉ ମୋ ଦକ୍ଷିଣା ପଇସା ସେଇ ଗାଈଆଳ ପିଲାମାନେହିଁ ନେଉଥିବେ । ସେଥିରେ ମୋର ଆନନ୍ଦ ।''

ଥରେ କାମାରପୁକୁରର ଦଳେ ସ୍ତ୍ରୀଲୋକ ଦେବୀଙ୍କ ଦର୍ଶନ ନିମନ୍ତେ ଯିବା ପାଇଁ ଏକଜୁଟ ହେଉଥିବା ବେଳେ ଗଦାଧରଙ୍କ କାନରେ ପଡ଼ିଗଲା । ଗଦାଧର ନଛୋଡ଼ବନ୍ଦା । ସମସ୍ତଙ୍କର କିନ୍ତୁ ଭୟ, ଏତେ ଛୋଟ ପିଲା ଏତେ ବାଟ ଚାଲି ଚାଲି ଯିବ ବା କେମିତି ! ଭୁଲେଇବାର ସମସ୍ତ ପ୍ରଚେଷ୍ଟା ଶେଷକୁ ହାର ମାନିଲା । ଗଦାଧର ଚାଲିଥା'ନ୍ତି ମଝିରେ ଗୀତ ଗାଇ ଗାଇ, ଆଉ ଅନ୍ୟମାନେ ତାଙ୍କ ସହ ତାଳ ଦେଇ ହସ-କୌତୁକ କରି ଚାଲିଥା'ନ୍ତି, ସତେ ଯେମିତି ଗୋଟାଏ ସଂକୀର୍ତ୍ତନ ପଟୁଆର ।

ବାଟ ଅଧାରେ ଗଦାଧରଙ୍କ ଗୀତଗାଇବା ହଠାତ୍ ଥମ୍ ହୋଇଗଲା । ଗୋଟାଏ ପଥର ମୂର୍ତ୍ତିପରି ତାଙ୍କ ଦେହ ହାତ କ୍ରମଶଃ ଜଡ଼ ପାଲଟି ଗଲା, ଆଖିରେ ଲୋତକର ଧାର । ତାଙ୍କୁ ଦେଖି ସମସ୍ତଙ୍କର ଭାଳେଣି ପଡ଼ିଗଲା । ସୂର୍ଯ୍ୟ ସେତେବେଳକୁ ମଥାନ ଛୁଆଁ ହେବାକୁ ବସିଲେଣି । ସମସ୍ତେ ଭାବିନେଲେ ଏହା ନିଶ୍ଚୟ ଅଂଶୁଘାତ । ନିରୁପାୟ ହୋଇ ପାଖ ପୋଖରୀରୁ ପାଣି ଆଣି ମୁହଁରେ ଛାଟିଲେ, ଢୋକେ ପିଆଇ ଦେଲେ । ହେଲେ ବିଶେଷ କିଛି ଲାଭ ହେଲା ନି । ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନବାଚୀ – ଏବେ କ'ଣ କରିବା, ଚନ୍ଦ୍ରାଦେବୀଙ୍କୁ କି ଉତ୍ତର ଦେବା ? ଏତେ ଛୋଟ ପିଲାକୁ ଚଲାଇ ଚଲାଇ ଆଣିବା ଆମର ସତରେ ଭୁଲ ହୋଇଛି ।

ଜମିଦାର ଧର୍ମଦାସଙ୍କ ବିଧବା ଭଉଣୀ ପ୍ରଶାନ୍ତା କିନ୍ତୁ ଠିକ୍ ଜାଣିଥିଲେ – ଏ ଯେ ସାଧାରଣ ବାଳକ ନୁହନ୍ତି, ଆଜି ନ ହେଲେ କାଲି ସମସ୍ତେ ଜାଣିବେ । ସେ ସଭିଙ୍କୁ ଡାକି କହିଲେ, ''ଦେବୀ ବିଶାଳାକ୍ଷୀ ଆମ ଗଦାଧରର ଶରୀରରେ ଉଭା ହୋଇଛନ୍ତି । ସେ ଆମକୁ ଏଇଠି ଦର୍ଶନ ଦେବେ ।''

''ମା' ବିଶାଳାକ୍ଷି, ତୁମେ ଆମକୁ ରକ୍ଷା କର । ତୁମର କରୁଣା ଆମ ଉପରେ ଢାଳି ଦିଅ ।''– ସମସ୍ତେ କରଯୋଡ଼ି ସମବେତ ପ୍ରାର୍ଥନା ଜଣାଇଲେ ଗଦାଧରଙ୍କ ସମ୍ମୁଖରେ । ଆଶ୍ଚର୍ଯ୍ୟର କଥା ସଙ୍ଗେ ସଙ୍ଗେ ଗଦାଧର ସୁସ୍ଥ ହୋଇ ଉଠିଲେ । ପ୍ରଫୁଲ୍ଲ ବଦନରେ ଗୀତ ସହ ଆରମ୍ଭ ହେଲା ତାଙ୍କର ସେମିତି ଉନ୍ମାଦ ନୃତ୍ୟ । ତାଙ୍କ ସହ ତାଳ ଦେଲେ ଅନ୍ୟମାନେ । ଗଦାଧରଙ୍କ ହସରେ ଦେବୀଙ୍କ ଲାସ୍ୟ । ମନେ ହେଉଥାଏ ଦେବୀ ସତେଯେମିତି କହୁଥା'ନ୍ତି – ସଭିଏଁ ଦିନେ ଜାଣିବେ,

ତୁମ ବିନା ମୋର ସ୍ଥିତି ନାହିଁ, କି ମୋର ବିନା ତୁମର ପ୍ରକାଶ ନାହିଁ ।

ସେହି ବର୍ଷ ଶିବରାତ୍ରୀ ଉପଲକ୍ଷେ ଗାଁ ମେଳଣ ପଡ଼ିଆରେ ପାଖ ଗାଁର ଯାତ୍ରାପାର୍ଟି ଆସି ଯାତ୍ରା କରିବାର ବ୍ୟବସ୍ଥା ହୋଇଥାଏ । ସାରା ଦଳଟି ଅଭିନୟ ଦୃଷ୍ଟିରୁ ବେଶ୍ ଦକ୍ଷ, ନିର୍ଦ୍ଦେଶନା ମଧ୍ୟ ତଦ୍ରୁପ । ଯାତ୍ରା ଶେଷ ନ ହେବା ଯାଏଁ ଦିନେକାଳେ କୌଣସି ଦର୍ଶକ ପଳାୟନପଛି ହେବାର କେହି କେବେ ଦେଖି ନି । ସେଇଥିପାଇଁ ସାରା ଇଲାକାରେ ତା' ନାଁ ଡାକ । ସଞ୍ଜ ପହରୁ ଲୋକେ ଶପ ପାରି ଜାଗା ସଜିଲ କରିଥାଆନ୍ତି । ସେଦିନ ବି ସେଇ ଦଶା ।

''ଶିବ ଚରିତ୍ରକୁ ବାଦ୍ ଦେଇ ତ ଆଜିର ନାଟକ କରିହେବ ନି, ଘୋଷଣା କରି ଦିଅନ୍ତୁ ଆଜି ପାଇଁ ନାଟକ ସ୍ଥଗିତ ରହିଲା ।''– ପାର୍ଟିର ମ୍ୟାନେଜର ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇଦେଲେ କାମାରପୁକୁରର ଦୁଇ, ଚାରି ଜଣ ମୁଖିଆଙ୍କୁ । ଘରେ ସେତେବେଳକୁ ସଞ୍ଜବତି ଜଳିଲାଣି । କଥାଟା ଘଡ଼ିକେ ଗାଁ ସାରା ପ୍ରସରି ଗଲା । ଥୋକେ ବଡ଼ ବିଷଣ୍ଣ ହେଲେ – ରାତି ଉଜାଗର ରହିବାର ମନସ୍କାମନା ଅପୂର୍ଣ୍ଣ ରହିଯିବ ଭାବି । ଆଉ ଦଳେ ଶିବ ଗୁଣଗାନ ଶ୍ରବଣ କରିବାରୁ ବଞ୍ଚିତ ହେଉଥିବା ଭାବ ଦେଖାଇ ମୁଣ୍ଡ କୋଡ଼ି ହେଲେ ।

''ଶିବଙ୍କୁ ଜର ହେଲା ବୋଲି ଆଉ କ'ଣ କେହି ଶିବ ନାହାନ୍ତି ।''– ମିଳିତ ପ୍ରତିବାଦ ଜଣାଇଲେ ଗ୍ରାମବାସିବୃନ୍ଦ । ନିର୍ଦ୍ଦେଶକ ମହୋଦୟ ନୀରବରେ ସବୁ ଶୁଣୁଥା'ନ୍ତି, ମନେ ହେଉଥାଏ ବଡ଼ ଚିନ୍ତିତ, ଠିଆ ହୋଇପଡ଼ି ହାତରେ ହାତଛନ୍ଦି ବଡ଼ ଗମ୍ଭୀର ଭାବରେ କହିଲେ, ''ତୁମମାନଙ୍କ ଭିତରୁ ଯଦି କେହି ପ୍ରସ୍ତୁତ, ମୋର ଆପତ୍ତି ନାହିଁ ।''

କହିବା ଓ କରିବା ଭିତରର ବ୍ୟବଧାନ କାହାକୁ ଅଛପା ନୁହେଁ । ଅଭିନୟ, ପୁଣି ଶିବ ଭୂମିକାରେ ! ଅସମ୍ଭବ । ଗହଳି ଆସ୍ତେ ପତଳା ହେବାକୁ ଲାଗିଲା । ''ଭଗବାନଙ୍କର ବରାଦ ନାହିଁ''– ସାମୂହିକ ସିଦ୍ଧାନ୍ତରେ ମନକୁ ବୁଝାଇ ଦେବା ବ୍ୟତୀତ ବୀତରାଗଙ୍କ ପକ୍ଷେ ଅନ୍ୟ ଉପାୟ ନ ଥିଲା । ମାତ୍ର ହଠାତ୍ କେହି ଜଣେ କହିପକାଇଲେ, ''ଗଦାଧର ଚାହିଁଲେ ପାରିବ ।'' ନିର୍ଦ୍ଦେଶକ ମୌନେ ସମ୍ମତି ଦେଲେ । ବିଦ୍ୟୁତ୍ ସରବରାହ ଫେରିଆସିବା ପରି ସମସ୍ତେ ଉତ୍‌ଫୁଲ୍ଲ ହୋଇ ଉଠିଲେ । ସିଧା ମୁହାଁଇଲେ ଗଦାଧରଙ୍କ ପାଖକୁ । ଗଣ ଅନୁରୋଧକୁ ଏଡ଼ାଇ ନ ପାରି ରାଜି ହେଲେ ଗଦାଧର ।

ସାରା ମେଳଣ ପଡ଼ିଆ ଲୋକାରଣ୍ୟ । ମଞ୍ଚ ଚାରିକଡ଼େ ନିଃସନ୍ଧା ମଣିଷ । ସମସ୍ତଙ୍କର ନଜର ନବାଗତଙ୍କ ପ୍ରତି । ମଞ୍ଚ ଉପରକୁ ଧୀର ପଦକ୍ଷେପରେ ଉଠିଲେ ସ୍ୱୟଂଭୂ । ଦେହରେ ଭସ୍ମ, ମଥାର ଜଟା ଲମ୍ବି ଆସିଛି ବକ୍ଷଦେଶ ପର୍ଯ୍ୟନ୍ତ । ଲଲାଟର ତୃତୀୟ ନେତ୍ରରୁ ବାହାରୁଥାଏ ଝଲକ; ହାତରେ ତ୍ରିଶୂଳ ଓ ଡମ୍ବରୁ । ଚାହାଣିରେ ଅତୀନ୍ଦ୍ରିୟତାର ସ୍ପର୍ଶ । ମଞ୍ଚ ପରିକ୍ରମା କରି ଶିବ କୈଳାସ ଶିଖରରେ ଧ୍ୟାନସ୍ଥ ହେଲେ । ପାର୍ଶ୍ୱସ୍ଥ କଳାକାର-ମାନଙ୍କର ଅଭିନୟ ଶେଷ ହେଲା । ମାତ୍ର ଶିବ ସେମିତି ଧ୍ୟାନ ମୁଦ୍ରାରେ ନିଶ୍ଚଳ । ନିର୍ଦ୍ଦେଶକଙ୍କ ସ୍ୱର କ୍ରମଶଃ ସ୍ପଷ୍ଟ ଶୁଣାଗଲା, ''ଗଦାଧର, ଏବେ ଚାଲିଆସ, ପରବର୍ତ୍ତୀ ଦୃଶ୍ୟ ଆରମ୍ଭ ହେବ ।''

''କେତେକ ଅନିବାର୍ଯ୍ୟ କାରଣ ବଶତଃ ଆଜିର ନାଟକ ସ୍ଥଗିତ ରହିଲା ।''– ଘୋଷଣା ଶୁଣିବା ପରେ ମଧ୍ୟ ଭାବ ବିହ୍ୱଳ ଦର୍ଶକବୃନ୍ଦ ସ୍ତବ୍ଧ ହୋଇ ଅନାଇ ରହିଥା'ନ୍ତି । ଅବଶ୍ୟ ଘଡ଼ିକେ ରହସ୍ୟଟା ବୁଝିଗଲେ । ଗଦାଧର ବାହ୍ୟ-ଚେତନା ଫେରି ପାଇବା ବେଳକୁ ସମସ୍ତେ ତାଙ୍କୁ ଘେରି ରହିଥା'ନ୍ତି, ଆରମ୍ଭ ହେଲା ଗୁଞ୍ଜରଣ, ''ଆହା କି ଅପୂର୍ବ ସେ ଦୃଶ୍ୟ, ସାକ୍ଷାତ୍ ଶିବଙ୍କର ପ୍ରତିଭୂ । ଗଦାଧରଙ୍କ କୋଟି ପରମାୟୁ ହେଉ ।'' ଯୋଗକୁ ମହାଦୀପ ଉଠିବା ସମୟ ହୋଇଯାଇଥାଏ, ଘଣ୍ଟଘଣ୍ଟା ଶୁଣି ମନ୍ଦିର ଆଡ଼କୁ ସମିଏଁ ମୁହାଁଇଲେ ।

ଗଦାଧର ଅଭିନୟ କରିବା ପାଇଁ ସେଦିନ କାହିଁକି ଯେ ଅମଙ୍ଗ ହେଉଥିଲେ ସେକଥା କେବଳ ବୋଧେ ସେହିଁ ଜାଣନ୍ତି; ଲବଣ-ପିତୁଳାର ସମୁଦ୍ର ସ୍ନାନ । କିନ୍ତୁ କଢ଼ି ଯେ ଫୁଟୁଛି ଅବଶ୍ୟ ଏକଥା ଗାଁ ଲୋକଙ୍କର ଏବେ ଟିକେ ହେଜ ହେଲାଣି ।

(କ୍ରମଶଃ) ❑

ଏପରି ଧରିନେବା ଠିକ୍ ନୁହେଁ ଯେ ଅବତାର ମଣିଷର ଜୀବନ-ଧାରାଠାରୁ ଭିନ୍ନ ଭାବରେ କାର୍ଯ୍ୟ କରନ୍ତି – ସେ ମାନୁଷୀ କ୍ରିୟାକଳାପକୁ ନେଇ, ମାନୁଷୀ ରୀତିରେ ଏବଂ ମାନୁଷୀ ଚେତନା ସହିତ ବାହ୍ୟ ଭାବରେ କାର୍ଯ୍ୟ କରନ୍ତି । କିନ୍ତୁ ତାହା ସହିତ ପଶ୍ଚାତରେ ଥାଏ ତାଙ୍କର ଭଗବତ୍ ଚେତନା ।

– ଶ୍ରୀଅରବିନ୍ଦ

ଶ୍ରୀରାମକୃଷ୍ଣ ଚରିତାମୃତ (୩)

# ଦୈବୀ ବିଧାନ

## ସନ୍ତୋଷ କୁମାର ରଥ

ସୁଅ ଘାଟ ଛୁଏଁ, ଛୁଇଁ ବହିଯାଏ । ବାହିନିଏ ଘଟଣ ଅଘଟଣ, ପତର ଆଉ ପଥର ସବୁକିଛିକୁ । ପ୍ରତିବାଦ ନୁହେଁ ପ୍ରବାହ ସହ ସାମିଲ ହୋଇ ଯିବାହିଁ ହେଉଛି ଜୀବନ । ଚନ୍ଦ୍ରାଦେବୀ ଏକଥା ବୁଝି ବଡ଼ ପୁଅ ରାମକୁମାରଙ୍କୁ ବୁଝାନ୍ତି । ବାପଛେଉଣ୍ଡ ଭାଇଭଉଣୀଙ୍କ ସହ ନିଜ ସଂସାରର ଭାର ନେଇ ସେ ଏବେ ଆଉ ମ୍ରିୟମାଣ ନୁହନ୍ତି, ବରଂ ପ୍ରସ୍ତୁତ ଢେଉ ଭାଙ୍ଗିବା ପାଇଁ ।

ଗଦାଧରଙ୍କୁ (ଶ୍ରୀରାମକୃଷ୍ଣ) ସେତେବେଳକୁ ଚଉଦ ପୂରି ପନ୍ଦର ଚାଲିଲାଣି । ସଂସାର-ସଉଦା ପ୍ରତି ତାଙ୍କର ଉଦାସଭାବ ଦେଖିଲେ ମନେହୁଏ ସତେ ଯେମିତି ଚାଟଶାଳୀ ଫେରନ୍ତା ଛୋଟ ଶିଶୁଟିଏ । ମାତ୍ର ଈଶ୍ୱର ଆରାଧନା, ସତ୍ୟନିଷ୍ଠତା ଓ ଧର୍ମାନୁରାଗରେ ସେ ବୟୋଜ୍ୟେଷ୍ଠଙ୍କଠାରୁ ପାଞ୍ଚପା । ସଭିଙ୍କୁ ଜଣା ନ ଥିଲେ ବି ଥୋକେ ଏକଥା ଜାଣନ୍ତି । ଚେଇଁ ରହିଥିବା ଲୋକ ପାଇଁ ସକାଳ ପରଶ ଅରୁଣିମାରେ ।

''ଯେତେହେଲେ ଘରର ବଡ଼ ବୋହୂ, ଭଗବାନ୍ ଭରସା । ଦେଖାଯାଉ ରାମକୁମାରଙ୍କ ଗଣନା ତ କେବେ ମିଛ ହୋଇ ନି''– କଥାଟା ଆସ୍ତେ ଗାଁରେ ରାଷ୍ଟ୍ର ହୋଇଗଲା । ଦିନ ଗଡ଼ିବା ସଙ୍ଗେ ସଙ୍ଗେ ଗାଁ-ବାଲାଙ୍କ ଧାରଣା କ୍ରମେ ବହଳ ବାନ୍ଧି ଆସୁଥାଏ । ଘରଲୋକେ ମଧ୍ୟ ବିଷଣ୍ଣ । ସବୁ ଆନନ୍ଦ, ଆତଙ୍କର ଛାଇ ଭିତରେ ସତେ ଯେମିତି ଦିକ୍ ଦିକ୍ କରୁଥାଏ । ତଥାପି ଆଶା ପୂନେଇଁ ଚାନ୍ଦ ପାଇଁ ।

ଦୀର୍ଘ ଦଶମାସର ସେଦିନ ପୂରନ୍ତା ଦିନ । ପ୍ରସବ ସମୟ ଉପସ୍ଥିତ ହେଲା । ଘରଲୋକେ ସମସ୍ତେ ଉଦ୍‌ବିଗ୍ନ ହୋଇ ଅନାଇ ରହିଥା'ନ୍ତି । ଖବର ମିଳିଲା ପୁତ୍ର ସନ୍ତାନ । ନବଜାତ ପୁତ୍ରର କାନ୍ଦଣା ସହ ସୂତିକା ଘରୁ ଘଡ଼ିକ ପରେ ଶୁଭିଲା ଘର ସ୍ତ୍ରୀଲୋକମାନଙ୍କର ବାହୁନା ସୁର । ବାହାରର ସବୁ ଆନନ୍ଦ ଥମ୍ ପଡ଼ିଗଲା । ପୂର୍ଣ୍ଣିମାରେ ସତେଯେମିତି ରାହୁଗ୍ରାସ । ପଦଚାରଣ କରୁଥିବା ବେଳେ ସ୍ଥାଣୁ ପାଲଟିଗଲେ ରାମକୁମାର; ବୁଝିନେଲେ – ଗଣନା ତାଙ୍କର ବ୍ୟର୍ଥ ହୋଇ ନି । ବଂଶରକ୍ଷା ହେଲା ସିନା ବାକି ଜୀବନଟା ଏବେ କିନ୍ତୁ ତାଙ୍କୁ ଏକାକୀ ଚାଲିବାକୁ ହେବ । ସବୁ ଦୁଃଖକୁ ସାଉଁଟି ନେଲେ ନିଜ ଦୀର୍ଘଶ୍ୱାସରେ ।

ସାନ ଭାଇ ରାମେଶ୍ୱରଙ୍କର ରୋଜଗାର ଘର ଶୂନ । ଏମିତିକି ନିଜ ପରିବାରର ବନ୍ଧୁ ବେଭାର ପାଇଁ ମଧ୍ୟ ସେ ନିର୍ଭର କରନ୍ତି ଜମିର ଆୟ ଉପରେ । ଲକ୍ଷ୍ମୀ ଯେତେ ବରଦ ହେଲେ ବି ନିଅଣ୍ଟ ଛାଇ ପରି ଗୋଡ଼ାଇ ଥାଏ । ଭରଣା କରିବା ଦାୟିତ୍ୱ ଥାଏ ରାମକୁମାରଙ୍କ ଉପରେ । ସେ ବା କାହୁଁ ଆଣିବେ ? କରଜକୁ ଆୟ ମଣି କିଛି ଦିନ ଫୁଟା ଡଙ୍ଗାକୁ ବାହିନେଲେ । ଶେଷକୁ ଟଳମଳ ଅବସ୍ଥା । ବାଧ୍ୟ ହୋଇ ଏକା ଏକା କଲିକତା ଚାଲିଗଲେ ରୋଜଗାର ଆଶାରେ ।

କଲିକତାର ଝାମାପୁକୁର ସାହିରେ ସଂସ୍କୃତ ଟୋଲଟିଏ ଖୋଲି କିଛି ଛାତ୍ରଙ୍କୁ ପଢ଼ାଇବା କାମ ଆରମ୍ଭ କଲେ ରାମକୁମାର । କ୍ରମେ ତାଙ୍କ ପାଣ୍ଡିତ୍ୟର ପରିଧି ବୃଦ୍ଧି ପାଇବାକୁ ଲାଗିଲା । ତିନି ବର୍ଷ ଭିତରେ ଛାତ୍ର ସଂଖ୍ୟା ବୃଦ୍ଧି ପାଇବାରୁ ରୋଜଗାରର ରାସ୍ତା ମଧ୍ୟ ଖୋଲିଗଲା । ଚିନ୍ତା କିନ୍ତୁ ଗଦାଧର ପାଇଁ । ସେତେବେଳକୁ ଗଦାଧର ଭିନ୍ନ ରାସ୍ତା ଧରିଲେଣି । ବିଦ୍ୟାଳୟ ଯିବା ପରିବର୍ତ୍ତେ ମାଣିକ ରାଜାଙ୍କ ଆମ୍ବତୋଟା ଭିତରେ ଗାଁ ପିଲାଙ୍କୁ ନେଇ ଆରମ୍ଭ ହୋଇଥାଏ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ବନ୍ଧୀୟ ସୁଆଙ୍ଗ । ପିଲାମାନଙ୍କ ଗୀତ ଓ ବଚନିକାରେ ସାରା ତୋଟାଟି ମୁଖରିତ ହୋଇଉଠେ । ଅଣ୍ଟାରେ ବଂଶୀ ଖୋସି ଶ୍ରୀକୃଷ୍ଣ ଭୂମିକା ଗଦାଧରଙ୍କୁ ବେଶ୍ ମାନେ । ସତେ ଅବା ସୁଦାମା, ସୁବଳଙ୍କ ସହ କାହ୍ନାର ଗୋପଲୀଳା ।

''ପ୍ରସ୍ତାବଟି ମନ୍ଦ ନୁହେଁ । ଗାଁ ନ ଛାଡ଼ିଲେ ଗଦାଧରର ପାଠ ହେବ ନି ।''– ଚନ୍ଦ୍ରାଦେବୀଙ୍କ ଉତ୍ତରରେ ଆଶ୍ୱସ୍ତ ହେଲେ ରାମକୁମାର । ଗାଁର ମୋହ ଛାଡ଼ି ଗଦାଧର ପିତୃତୁଲ୍ୟ ମଣୁଥିବା ରାମକୁମାରଙ୍କ ସହ କଲିକତା ଯିବା ପାଇଁ ରାଜି ହୋଇଗଲେ । ପାଠପଢ଼ା ନୁହେଁ, ବଡ଼ ଭାଇଙ୍କୁ କାମରେ ସାହାଯ୍ୟ କରିବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ । ଗାଁରେ କିନ୍ତୁ ହୁରି ପଡ଼ିଗଲା, ''ଜାଣିଛ, ଗଦାଧର କଲିକତା ଚାଲିଯାଉଛି, ପାଠ ପଢ଼ିବା ପାଇଁ ।'' କାହାରି ମନରେ ହରଷ ନ ଥାଏ । ସାଉଣ୍ଟା ସ୍ମୃତି ସାଇତି ରଖିବା ଛଡ଼ା ସେମାନଙ୍କର ଅନ୍ୟ ଉପାୟ ନ ଥିଲା ।

କାରଣ ସଭିଏଁ ଜାଣନ୍ତି କାହ୍ନା ଗୋପ ଛାଡ଼ିବା ପରେ ଆଉ ଫେରି ନ ଥିଲେ ।

କଲିକତାରେ ରହିବା ପରେ ମଧ ଗଦାଧରଙ୍କଠାରେ କିଛି ପରିବର୍ତ୍ତନ ଦେଖାଦେଲା ନାହିଁ । ବରଂ ପୂର୍ବପାଠର ପୁନରାବୃତ୍ତି । ତାଙ୍କ ପ୍ରତି ଆକୃଷ୍ଟ ହୋଇ, ତାଙ୍କଠାରୁ ଭଜନ ଓ ବଚନିକା ଶୁଣିବା ପାଇଁ ସହରର ସଂଭ୍ରାନ୍ତ ପରିବାରର ମହିଳାମାନଙ୍କର ଭିଡ଼ ଜମିଲା । ତାଙ୍କର ବ୍ୟବହାରରେ ମୁଗ୍ଧ ହୋଇ ଯଜମାନମାନେ ପୂଜା-ଅର୍ଚ୍ଚନା ପାଇଁ ଘରକୁ ଆମନ୍ତ୍ରଣ ଜଣାଇଲେ । କାମଟା ଅବଶ୍ୟ ଗଦାଧରଙ୍କୁ ବେଶ୍ ସୁହାଇଲା ଏବଂ ପାଠପଢ଼ାରୁ ମୁକ୍ତି ମିଳିଗଲା ବୋଲି ଭାବିନେଲେ ।

''ପାଠ ନ ପଢ଼ି ମୂର୍ଖ ହେଲେ ଭବିଷ୍ୟତ୍ ତୁମର ବ୍ୟର୍ଥ ହେବ । ତା'ଛଡ଼ା ଲୋକେ କ'ଣ କହିବେ''– ବଡ଼ ଭାଇଙ୍କର ଆକଟକୁ ସହ୍ୟ କରି ନ ପାରି ଗଦାଧର ସେଦିନ ମୁହେଁ ମୁହେଁ ଜବାବ ଦେଇ ଦେଲେ, ''ଚାଉଳ, କଦଳୀ ବନ୍ଧା ସେ ବିଦ୍ୟା ଶିଖିବାକୁ ମୋତେ ଭଲ ଲାଗୁ ନାହିଁ । ମୁଁ ଏପରି ବିଦ୍ୟା ଶିଖିବାକୁ ଚାହେଁ ଯେଉଁଥିରେ ମଣିଷ ଯଥାର୍ଥ ଜ୍ଞାନର ଅଧିକାରୀ ହୋଇ ପାରିବ, ଜୀବନ ଧନ୍ୟ ହେବ ।'' ରାମକୁମାର ଚୁପ୍ ହୋଇଯାଇ ଥିଲେ ବି ସନ୍ତୁଷ୍ଟ ନ ଥିଲେ । ବରଂ ମନକୁ ବୁଝାଇ ନେଲେ ମା' ପାଖରେ ରହି ବେଶୀ ଗେହ୍ଲା ହୋଇ ଯାଇଥିବାର ଏସବୁ ଫଳାଫଳ ।

ସେହି ଦିନଠାରୁ ରାମକୁମାର ଗଦାଧରଙ୍କର ସ୍ୱାଧୀନତାରେ ଆଉ ହସ୍ତକ୍ଷେପ କରନ୍ତି ନାହିଁ । ମନର ଦୁଃଖକୁ ଜଣାଇ ଦିଅନ୍ତି ଭଗବାନଙ୍କ ଚରଣରେ । କାହାରି ଭାଗ୍ୟକୁ ତ କେହି ବଦଳାଇ ଦେଇ ପାରିବ ନାହିଁ, ଯାହା ତା' ଭାଗ୍ୟରେ ଥିବ – ସବୁ ଭାବନାର ଶେଷରେ ଏତିକି ଯୋଡ଼ି ଦେଇ ପୂର୍ଣ୍ଣଚ୍ଛେଦ ଟାଣନ୍ତି । ସେ ବା କାହୁଁ ଜାଣିବେ ମରୁଡ଼ିରେ ଦିନେ ସାଗର ପାଲଟିବ ।

ନଈ ପାଲଟା ଝରଣାର ଧାରେ ଧାରେ ଗଲେ ମନେ ହୁଏ ତା' ଇଚ୍ଛାରେ ସେ ବୋହୁଛି । ହୋଇପାରେ, ମାତ୍ର ସେ ଇଚ୍ଛାର ଖିଅ ତ ଆଉ ଜଣକ ଲଗାମରେ ଗୁନ୍ଥା । ଯିଏ ସବୁ ନଈର ନିୟନ୍ତା । ଯାହାଙ୍କ ନିର୍ଦ୍ଦେଶକୁ କେବେ ବି ଏଡ଼େଇ ଦେଇ ହେବନି । ମଣିଷ ଏକଥା ଜାଣେ, ତଥାପି ଭୁଲିଯାଏ କାହିଁକି ? କାହିଁକି ମୁହାଣ ତା' ପାଇଁ ଏତେ ଦୂର ? – ନିଜର ଜଣା ଉତ୍ତରକୁ ନିଜକୁ ନିଜେ ପଚାରି ରାଣୀ ରାସମଣି ପୁଣି ଥରେ ପ୍ରଣାମ ଜଣାଇଲେ କାଳୀଙ୍କ ଚରଣରେ – ''ମା' ତୁମେହିଁ ମୋର ଭରସା ।''

ରାଣୀ ରାସମଣିଙ୍କୁ ସେତେବେଳକୁ ମାତ୍ର ଚଉରାଳିଶ ବର୍ଷ ବୟସ । ରାଜଚନ୍ଦ୍ର ଦାସଙ୍କ ଅକାଳ ବିୟୋଗ ଯୋଗୁଁ ବଂଶର ଖାନ୍‌ଦାନି, ସମ୍ପତ୍ତିର ସୁରକ୍ଷା ସହ ଚାରି ଜଣ ଝିଅଙ୍କର ବିବାହ ଦାୟିତ୍ୱ ପଡ଼ିଲା ତାଙ୍କରି ଉପରେ । ତାଙ୍କର ଉଦାର ସ୍ୱଭାବ, ଦାନଶୀଳ ମନୋବୃତ୍ତି ଓ ଈଶ୍ୱର ବିଶ୍ୱାସ ଯୋଗୁଁ ଖୁବ୍ ଶୀଘ୍ର ସେ ପ୍ରଜାମାନଙ୍କର ଆସ୍ଥା ଭାଜନ ହୋଇ ଉଠିଲେ । କେବଳ ସେତିକି ନୁହେଁ ରାଜସ୍ୱ ଆଦାୟ ନିମନ୍ତେ କରର ଭାର କମାଇ ଦେଇଥିବାରୁ ସାରା ଜାନ୍‌ବଜାର ମୌଜାର ପ୍ରଜାଗଣ ତାଙ୍କୁ ମା' ବୋଲି ମାନୁଥିଲେ । ମାତ୍ର ରାସମଣିଙ୍କ ଭିତରେ ଗୋଟାଏ ଦୁଃଖ ସବୁବେଳେ ଗୁମୁରୁଥାଏ – ମୋର ତ ଦାୟାଦ ନାହିଁ, ଏ ବଂଶର ଉତ୍ତରଦାୟୀ ହେବ କିଏ ? ଏ ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବ କିଏ ?

ମା' କାଳୀହିଁ ଥିଲେ ରାସମଣିଙ୍କ ଆରାଧ୍ୟା । ତାଙ୍କରି ଉପରେ ଭରସା ରଖି ସେ ଆଗେଇ ଚାଲିଥା'ନ୍ତି ନିରୋଳା ବେଳାଭୂମିରେ । ଦୁଃଖର ଢେଉ ଆସି ତାଙ୍କୁ ଛୁଇଁ ଯାଏ । ତଥାପି ସ୍ଥିର, ଅଟଳ । ତାଙ୍କର ସମର୍ପଣ ଭାବ ଥିଲା ତାଙ୍କ ସୁରକ୍ଷାର କବଚ । ନିଜର ଅହଂକାର ଠାରୁ ଦୂରେଇ ରହିବା ପାଇଁ ସେ ମା'ଙ୍କ ନାମରେ ମୋହର ତିଆରି କରି କାଗଜ ପତ୍ରରେ ଦସ୍ତଖତ କରୁଥିଲେ – ''ଶ୍ୟାମା ପଦାଭିଳାଷୀ ଦାସୀ ରାସମଣି'' । ମାତ୍ର ଦରକାର ପଡ଼ିଲେ ବ୍ରିଟିଶ ସରକାରଙ୍କ ସହ ଯୁଝିବା ପାଇଁ ମଧ ସେ ପ୍ରସ୍ତୁତ । ଏମିତିକି କେତେକ କ୍ଷେତ୍ରରେ ସରକାର ହାରମାନି ତାଙ୍କଠାରୁ ଟିକସ୍ ଆଦାୟ କରିବା ବନ୍ଦ କରିଦେଇଥିଲେ ।

ରାସମଣିଙ୍କ ତୃତୀୟ ଜାମାତା ମାଥୁର ବାବୁ ଥିଲେ ଟିକିଏ ଭିନ୍ନ ଦରର ମଣିଷ; ବିଚକ୍ଷଣ ବିଷୟ ବୁଦ୍ଧି-ସମ୍ପନ୍ନ ଓ କର୍ମତତ୍ପର । ତାଙ୍କରି ଉପରେ ସମସ୍ତ ଭାର ଅର୍ପଣ କରିଦେବାର ମସୁଧା ରଖିଥା'ନ୍ତି ରାସମଣି । ମାତ୍ର ବିରାଟ ଢେଉ ଗୋଟାଏ ପୁଣି ଥରେ ମାଡ଼ି ଆସିଲା ତାଙ୍କ ଅଧାଗଢ଼ା ବାଲିଘରକୁ ଭସାଇ ନେବା ଆଶାରେ । ଏଥର ବି ସେ ଛାତିକୁ ପଥର କରି ନେଲେ, ସହିନେଲେ ତୃତୀୟ କନ୍ୟାର ପ୍ରସବକାଳୀନ ଆକସ୍ମିକ ମୃତ୍ୟୁଶୋକକୁ । ପୁଣି ଥରେ ଚିନ୍ତା କଲେ – କାଗଜ ଡଙ୍ଗା ହେବା ତାଙ୍କ କପାଳ ଲିଖନ ନୁହେଁ । ବେଳା ଭୂମିର ପାହାଡ଼କୁ ଢେଉ କ'ଣ କେବେ ଭସାଇ ନେଇପାରିବ । ଭସା ପଥର ଖଣ୍ଡକ ପାଇଁ ଏତେ ଚିନ୍ତା କାହିଁକି । ରାସମଣି ନିଜର ଚତୁର୍ଥ କନ୍ୟାକୁ ଅର୍ପଣ କଲେ ମାଥୁରବାବୁଙ୍କ ହାତରେ ଏବଂ ତାଙ୍କୁ ଘର ଜୋଇଁଆ ଭାବରେ ବରଣ କଲେ ।

କିଛି ଦିନ ଅନ୍ତେ କର୍ମଜଞ୍ଜାଳରୁ ମୁକ୍ତ ହୋଇ ଶ୍ରୀ ବିଶ୍ୱନାଥ ଓ ଅନ୍ନପୂର୍ଣ୍ଣାଙ୍କୁ ଷୋଡ଼ଶୋପଚାରରେ ପୂଜା କରିବାର ଅଭିଳାଷୀ ହେଲେ ରାଣୀ ରାସମଣି । ସେଥିନିମନ୍ତେ କାଶୀଧାମକୁ ଯିବାର ସମସ୍ତ ବ୍ୟବସ୍ଥା ହୋଇଗଲା । ମାତ୍ର ଯିବାର ପୂର୍ବଦିନ ରାତିରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ଯେ ଦେବୀ ତାଙ୍କ ସମ୍ମୁଖରେ ଆବିର୍ଭୂତା – ''କାଶୀ ଯିବାର କିଛି ପ୍ରୟୋଜନ ନାହିଁ । ଗଙ୍ଗାକୂଳରେ ଏକ ମନୋରମ ସ୍ଥାନରେ ମୋର ମୂର୍ତ୍ତି ପ୍ରତିଷ୍ଠା କରି ପୂଜା ଓ ଭୋଗର ବ୍ୟବସ୍ଥା କର । ମୁଁ ସେହି ମୂର୍ତ୍ତି ମଧ୍ୟରେ ଆବିଷ୍ଟ ହୋଇ ତୋ ପାଖରୁ ପୂଜା-ଅର୍ଚ୍ଚନା ଗ୍ରହଣ କରିବି ।''

ଦେବୀଙ୍କ ଦର୍ଶନ ପରେ ରାଣୀ ରାସମଣିଙ୍କ ଭାବ ପୂରାପୂରି ବଦଳିଗଲା – ସକଳ ତୀର୍ଥ ଯାହାର ଚରଣରେ ତାଙ୍କୁ ଛାଡ଼ି କାଶୀଧାମ ଯିବାର କିବା ପ୍ରୟୋଜନ । ମାତ୍ର ପାରିବି ତ ! ସକାଳୁ ଉଠି ସଂକଳ୍ପ ନେଲେ –''ମା' ତୁମେହିଁ ତୁମର ମନ୍ଦିର ଗଢ଼ାଇ ଦିଅ । ମୁଁ ମୋର ସମସ୍ତ ଅର୍ଥ ତୁମରି ଚରଣରେ ଅର୍ପଣ କରୁଛି ।''

ବଡ଼ ଅଦ୍ଭୁତ ଦେବୀଙ୍କ ବିଧାନ । ଗଙ୍ଗାନଦୀର ଧାରକୁ ଲାଗି ଦକ୍ଷିଣେଶ୍ୱରଠାରେ କିଣା ହେଲା ଏକ ବିସ୍ତୀର୍ଣ୍ଣ ପ୍ରାନ୍ତର । ଆରମ୍ଭ ହେଲା ମନ୍ଦିର ଗଢ଼ା । ନବରତ୍ନ ଶୋଭିତ ବିରାଟ ମନ୍ଦିରର ଚାରିକଡ଼େ ସୁନ୍ଦର ଉଦ୍ୟାନଟିଏ ମଧ୍ୟ ପ୍ରସ୍ତୁତ ହେଲା । ଖର୍ଚ୍ଚର ସମସ୍ତ ଭାର ରାଣୀ ନିଜେ ବହନ କଲେ । ଦୀର୍ଘ ଆଠ ବର୍ଷ ବିତି ଯାଇଥିଲେ ବି ମନ୍ଦିର କାମ ଶେଷ ନ ହେବା ଦେଖି ରାଣୀ ଭାବିଲେ, ''ଏ ଜୀବନ ତ ଅନିଶ୍ଚିତ । ମୋ ଜୀବଦ୍ଦଶା ଭିତରେ ଯଦି ମନ୍ଦିର ପ୍ରତିଷ୍ଠା ନ ହୋଇ ପାରିବ, ତେବେ ଲାଭ କ'ଣ ।''

ସେଦିନ ଥିଲା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନଯାତ୍ରା, ୧୮୫୫ ମସିହା ମେ ମାସ ୩୧ ତାରିଖ । ପଞ୍ଜିକା ଅନୁସାରେ ଶୁଭଦିନ ଧାର୍ଯ୍ୟ ହୋଇଗଲା ସିନା ହେଲେ ପଣ୍ଡିତମାନେ ଅଡ଼ି ବସିଲେ, ''ରାଣୀ ରାସମଣି କୈବର୍ତ୍ତ ଘରର କନ୍ୟା । ତାଙ୍କ ନିର୍ମିତ ମନ୍ଦିରରେ ଅନ୍ନଭୋଗ ନିଷିଦ୍ଧ । କୌଣସି ବ୍ରାହ୍ମଣ ସେଠାରେ ଭୋଜନ କଲେ ସେ ବିଜାତୀୟ ହେବେ ।'' ରାଣୀଙ୍କର ଭାଳେଣି ପଡ଼ିଗଲା । ସବୁଠାରୁ ନିରାଶ ହୋଇ ଶେଷରେ ସେ ଝାମାପୁକୁର ଟୋଲ୍‌ର ପଣ୍ଡିତ ରାମକୁମାରଙ୍କ ଶରଣାପନ୍ନ ହେଲେ ।

''ପଣ୍ଡିତମାନଙ୍କର ରାୟକୁ ମୁଁ ସ୍ୱୀକୃତି ପ୍ରଦାନ କରୁଛି, ମାତ୍ର ରାଣୀ ଯଦି ଦେବୋତ୍ତର ସମ୍ପତ୍ତିକୁ କୌଣସି ବ୍ରାହ୍ମଣକୁ ଦାନ କରିଦେବେ ଏବଂ ତା'ପରେ ସେହି ବ୍ରାହ୍ମଣ ମନ୍ଦିର ପ୍ରତିଷ୍ଠା କରିବେ, ତେବେ ଶାସ୍ତ୍ରବିଧି ଅନୁଯାୟୀ ବ୍ରାହ୍ମଣମାନେ ସେଠାରେ ଅନ୍ନପ୍ରସାଦ ଗ୍ରହଣ କରିପାରିବେ ।'' ବହୁ ବିତର୍କ ପରେ ରାମକୁମାରଙ୍କର ଏମନ୍ତ ବିଚାରରେ ସମସ୍ତ ପଣ୍ଡିତବର୍ଗ ରାଜି ହେଲେ ଏବଂ ରାଣୀ ଅବିଳମ୍ବେ ମନ୍ଦିରର ସମସ୍ତ ସମ୍ପତ୍ତି ତାଙ୍କ କୁଳଗୁରୁଙ୍କୁ ହସ୍ତାନ୍ତର କରିଦେଲେ । ସୁଦୂର କାନ୍ୟକୁବ୍ଜ, ବାରାଣସୀ, ଶ୍ରୀହଟ୍ଟ, ଚଟ୍ଟଗ୍ରାମ, ଓଡ଼ିଶା ଆଦି ସ୍ଥାନର ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେଲା । ରାମକୁମାର ମଧ୍ୟ ଗଦାଧରଙ୍କୁ ସଙ୍ଗରେ ଆଣି ସେଠାରେ ଉପସ୍ଥିତ ହେଲେ ।

ମନ୍ଦିରର ବେଢ଼ା ଭିତରେ ଦ୍ୱାଦଶ ଶିବ ମନ୍ଦିର, ରାଧାକାନ୍ତ ମନ୍ଦିର, ପାକଶାଳା ସହ ପ୍ରଶସ୍ତ ପ୍ରାଙ୍ଗଣ ଭକ୍ତମାନଙ୍କୁ ଅପେକ୍ଷା କରି ରହିଥା'ନ୍ତି । ସବୁ ମାର୍ବଲ ଖଚିତ, ଚୂଡ଼ା ନବରତ୍ନରେ ତିଆରି । ମୁଖ୍ୟ ମନ୍ଦିରରେ ଶ୍ୟାମା ବହୁ ଅଳଙ୍କାର ବିଭୂଷିତା ହୋଇ ଶିବଙ୍କ ବକ୍ଷ ଉପରେ ଦଣ୍ଡାୟମାନ । ଦେବୀଙ୍କ ଚରଣରେ ସୁନାର ଖଡୁ, କଟିରେ କିଙ୍କିଣୀ ଓ ହାତରେ ବାଜୁ ଝକମକ କରୁଥାଏ । ଶ୍ୟାମା ତ୍ରିନୟନୀ, ଅଭୟଦାୟିନୀ । ତାଙ୍କର ପ୍ରଥମ ଦର୍ଶନରେ ଗଦାଧର ନିଜର ବାହ୍ୟଜ୍ଞାନ ହରାଇ ବସିଲେ ।

''ମହାଶୟ, ମୋର ଅନୁରୋଧ ରକ୍ଷା କରନ୍ତୁ । ମନ୍ଦିର ସିନା ପ୍ରତିଷ୍ଠା ହେଲା ମାତ୍ର ଦେଶାଚାର ଭୟରେ କୌଣସି ବ୍ରାହ୍ମଣ ମନ୍ଦିରର ସ୍ଥାୟୀ ପୂଜକ ହେବା ପାଇଁ ରାଜି ନୁହନ୍ତି । ଆପଣ ଏହି ଭାର ଗ୍ରହଣ କରନ୍ତୁ, ନୋହିଲେ ମୋର ସମସ୍ତ ଶ୍ରମ ପଣ୍ଡ ହେବ ।''– ରାଣୀଙ୍କ ଅନୁରୋଧରେ କିଂକର୍ତ୍ତବ୍ୟ ବିମୂଢ଼ ରାମକୁମାର । ଶେଷକୁ ସ୍ଥିର କଲେ – ''ଟୋଲ ପଛେ ବନ୍ଦ ହୋଇଯାଉ ଆଉ ଝାମାପୁକୁର ଫେରିବିନି । ଲୋକାଚାର ଯୋଗୁଁ ଦେବୀ କ'ଣ ଅପୂଜା ରହିଯିବେ ? ଲକ୍ଷ୍ମୀ ତ ପୁଣି ଚଣ୍ଡାଳ ଘରୁ ପୂଜା-ଅର୍ଚ୍ଚନା ଗ୍ରହଣ କରିଥିଲେ ।''

ଗଦାଧର ଅଳ୍ପଦିନ ପାଇଁ ଝାମାପୁକୁର ଯାଇ ବଡ଼ଭାଇ ନ ଫେରିବାରୁ ପୁଣି ଥରେ ଦକ୍ଷିଣେଶ୍ୱର ଫେରି ଆସିଲେ । ପ୍ରଥମେ ପ୍ରଥମେ ଅମଙ୍ଗ ହେଉଥିଲେ ବି ଗଙ୍ଗାର ପବିତ୍ରତା ଓ ଦେବୀଙ୍କର ମାୟାରେ କ୍ରମେ ଆବଦ୍ଧ ହୋଇ ପଡ଼ିଲେ । ସେତିକି ବେଳକୁ ତାଙ୍କର ଅତି ପ୍ରିୟ ଭଣଜା ହୃଦୟ ଆସି ସେଠାରେ ଜୁଟିଗଲେ । ଦିନେ ମାଥୁରବାବୁ ରାମକୁମାରଙ୍କୁ କହିଲେ, ''ଆପଣଙ୍କର ସାନ ଭାଇଙ୍କୁ ଦେବୀଙ୍କର ବେଶକାରୀ ରୂପେ ନିଯୁକ୍ତି ଦେବା ପାଇଁ ମୁଁ ଇଚ୍ଛୁକ ।''

''ଦେଖନ୍ତୁ ଆଜ୍ଞା ! ତା' ମନର ଅବସ୍ଥା କେତେବେଳେ କ'ଣ କିଛି ଠିକଣା ନାହିଁ । ଆପଣ ଏତେ ବଡ଼ ଦାୟିତ୍ୱରେ ତାକୁ ରଖନ୍ତୁ ନାହିଁ ।''– ମାତ୍ର ରାମକୁମାରଙ୍କ ଉତ୍ତର ମାଥୁରବାବୁଙ୍କୁ ନିଜ ସିଦ୍ଧାନ୍ତରୁ ବିରତ ହେବା ପାଇଁ କିଛି ବି ସାହାଯ୍ୟ କଲା ନାହିଁ । ଗଦାଧରଙ୍କ ସୁଦର୍ଶନ ରୂପ, ଅମାୟିକ ବ୍ୟବହାର ଓ ଭକ୍ତିଭାବରେ ସେ ଏତେ ମୋହିତ ହୋଇଯାଇ ଥିଲେ ଯେ ତାଙ୍କୁ 'ଠାକୁର' କେତେବେଳେ 'ରାମକୃଷ୍ଣ' ବୋଲି ସମ୍ବୋଧନ କରୁଥିଲେ । ବଡ଼ଭାଇଙ୍କ ପାଖରୁ ମାଥୁରବାବୁଙ୍କର ଅଭିପ୍ରାୟ ଜାଣି ପାରି ଠାକୁର ସବୁବେଳେ ନିଜକୁ ଅନ୍ତରାଳରେ ରଖୁଥିଲେ ।

ଦିନକର କଥା । କାଳୀ ମନ୍ଦିରକୁ ଯିବା ସମୟରେ ମାଥୁର ବାବୁଙ୍କର ନଜର ପଡ଼ିଗଲା ରାମକୃଷ୍ଣଙ୍କ ଉପରେ । ଇସାରା ଦେଇ ପାଖକୁ ଡାକିଲେ । ରାମକୃଷ୍ଣ କୁଣ୍ଠିତ ହୋଇ ହୃଦୟଙ୍କୁ କହିଲେ,''ତାଙ୍କ ପାଖକୁ ଗଲେ ସେ ମୋତେ ରହିବାକୁ କହିବେ, ତା'ହେଲେ ମୋତେ ଚାକିରି କରିବାକୁ ପଡ଼ିବ । ଚିରକାଳ ଆବଦ୍ଧ ହୋଇ ରହିବାକୁ ମୋର ଇଚ୍ଛା ନୁହେଁ ।''

ହୃଦୟ ମାମୁଙ୍କୁ ଜାଗାର ମାହାତ୍ମ୍ୟ ବିଷୟରେ ବହୁତ ବୁଝାଇଲେ । ରାମକୃଷ୍ଣ ନୀରବରେ ଶୁଣୁଥା'ନ୍ତି, ବୋଧହୁଏ ଭାବୁଥାନ୍ତି, ''ଲୋକେ ତା'ହେଲେ ଏବେ ବି ଭାବନ୍ତି ମୁଁ ନ ଜାଣି ସୁନା ମିରିଗ ପଛରେ ଧାଉଁଥିଲି ।''

ଶେଷରେ ଠାକୁର ତାଙ୍କୁ ସାନ୍ତ୍ୱନା ଦେଇ କହିଲେ,''ତୁ ଜାଣୁ ମା' କାଳୀଙ୍କ ଅଙ୍ଗରେ ଯେଉଁସବୁ ଅଳଙ୍କାର ରହିଛି ତା' ପାଇଁ ଦାୟୀ ରହିବାକୁ ହେବ । ମୋ ଦ୍ୱାରା ଏସବୁ କ'ଣ ସମ୍ଭବ । ତୁ ଯଦି ଏ କାର୍ଯ୍ୟର ଭାର ନେଇ ଏଠାରେ ରହୁ ତେବେ ମୋର ପୂଜକ ହେବାରେ କିଛି ଆପତ୍ତି ନାହିଁ ।''

ହୃଦୟ ତ ସେଠାକୁ ଚାକିରି ଅନ୍ୱେଷଣରେ ଆସିଥିଲେ ତେଣୁ ଖୁସୀ ହୋଇ କହିଲେ,''ମାମୁ, ଏହା ତ ସୌଭାଗ୍ୟର କଥା । ଏପରି ପବିତ୍ର ସ୍ଥାନରେ ପୁଣି ମହତ୍ ଲୋକଙ୍କ ଆଶ୍ରୟରେ ଚାକିରି କଲେ କ୍ଷତି କ'ଣ ? ଏଥିରେ କୁଣ୍ଠିତ ହେବାରେ କ'ଣ ଅଛି ?''

ଠାକୁର ଘାଟରୁ ମନ୍ଦିର ଆଡ଼କୁ ଚାହିଁ ରହିଥାନ୍ତି । ବିଧାତା ଆଉ ଗୋଟିଏ ଅଙ୍କ ପାଇଁ ପରଦା ଉନ୍ମୁକ୍ତ କଲେ ।

(କ୍ରମଶଃ)

❑❑❑

## ଶ୍ରୀରାମକୃଷ୍ଣ ଚରିତାମୃତ (୫)

# ଦେଖା ଦେ

## ସନ୍ତୋଷ କୁମାର ରଥ

ପାଣିଛୁଆଁ ପାହାଚରେ ସେଯାଏଁ ଶିଉଳି ବହଳ ବସି ନ ଥାଏ । ନୂଆ ତିଆରି ଘାଟ, ଘାଟ ପାହାଚ ଲମ୍ବିଯାଇଛି କାହିଁ କେତେ ତଳକୁ । ଉଛୁଳା ଜୁଆର ଉପର ପାହାଚର ପାଦ ଛୁଏଁ, ପୁଣି ଫେରିଯାଏ । ଶ୍ରୀରାମକୃଷ୍ଣ ସେଇ ଘାଟରେ ସ୍ନାନ କରନ୍ତି, ଜଳ ତର୍ପଣ କରନ୍ତି, ପବିତ୍ର ଗଙ୍ଗା ଜଳକୁ ମୁଣ୍ଡରେ ଛିଞ୍ଚି ତ୍ରିସନ୍ଧ୍ୟା ପାଇଁ ଶୁଦ୍ଧି ହୁଅନ୍ତି । ବେଳେବେଳେ ଗଙ୍ଗାର ଆରପାରିକୁ ଅନାଇ ରହି ଘଣ୍ଟା ଘଣ୍ଟା ଧରି ନିଶ୍ଚୁପ୍ ହୋଇ ଯାଆନ୍ତି । ସେତେବେଳେ ସେ ବୋଧେ ପାଆନ୍ତି ଯମୁନା ତଟରୁ କଦମ୍ବର ବାସ୍ନା, ଭାବନ୍ତି ଏବେ ପୁଣି ବଂଶୀ କାହା ନାମ ଧରି ଡାକିବ ।

ଭାଦ୍ରବ ମାସ, ବର୍ଷାର ପ୍ରକୋପ କମି ଭୋଦୁଅ ଖରା ଚାଇଁଚାଇଁ ମାରୁଥାଏ । ମନ୍ଦିର ପ୍ରତିଷ୍ଠା ହେବା ଦୁଇ ମାସ ପୂରିଲାଣି । ଦକ୍ଷିଣେଶ୍ୱରର ମହିମା ସାରା ପଞ୍ଚକୋଶରେ ସେତେବେଳକୁ ତୁଣ୍ଡବାଇଦ । ବେଉଷଣ କାମ ସରି ଯାଇଥିବାରୁ ଆଖ ପାଖ ଗାଁଗଣ୍ଡାରୁ ଲୋକଙ୍କ ଭିଡ଼ କ୍ରମେ ଜମି ଆସୁଥାଏ । ସେଦିନ ଥାଏ ନନ୍ଦ ଉତ୍ସବ, ଭାଦ୍ରବ କୃଷ୍ଣ ନବମୀ । ମନ୍ଦିର ବେଢ଼ା ଭକ୍ତଙ୍କ ପାଦରେ ଭରପୂର । ମଧ୍ୟାହ୍ନ ମଣୋହି ଶେଷ ହେବା ପରେ ଶ୍ରୀରାଧାଗୋବିନ୍ଦଙ୍କର ପହଡ଼ କାର୍ଯ୍ୟକ୍ରମ ଆରମ୍ଭ ହେଲା । ପହଡ଼ ଆଳତି ସରିବା କ୍ଷଣି ବାହାରର ସଂକୀର୍ତ୍ତନ ଓ ଜୟ ଜୟ ଧ୍ୱନି ଥମ୍ ପଡ଼ିଗଲା । ପୂଜକ ଶ୍ରୀ କ୍ଷେତ୍ରନାଥ ମୁଖ୍ୟ ଦରଜାରେ କିଳିଣୀ ଟାଣିଲେ ଏବଂ ଶୟନ କକ୍ଷର ପଲଙ୍କ ଉପରେ ମଖମଲି ଚାଦର ବିଛାଇ ଛିଞ୍ଚି ଦେଲେ ନିରୁତା ଗୋଲାପର ଜଳ । ମାତ୍ର ଶ୍ରୀଗୋବିନ୍ଦଜିଉଙ୍କୁ ମନ୍ଦିରରୁ ଶୟନ କକ୍ଷକୁ ବିଜେ କରାଉଥିବା ସମୟରେ ନିଜର ଅସାବଧାନତା ବଶତଃ ପୂଜକ ମହାଶୟ ହଠାତ୍ ଝୁଣ୍ଟି ପଡ଼ିଲେ । ସାରା ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧକାରମୟ ମନେହେଲା । ନିଃଶ୍ୱାସରେ ବତାସର ବାଆ । ବୁଦ୍ଧି ଉପାୟ ନ ପାଇ ଚଟାଣରୁ ଆଖି ପିଛୁଳାକେ ସାଉଣ୍ଟି ନେଲେ ବିଗ୍ରହଙ୍କୁ । ଦୁର୍ଯୋଗକୁ ବିଗ୍ରହଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିଲା । ଏତେ ବଡ଼ ପବିତ୍ର ଦିନରେ ଏଭଳି ଏକ ଅଘଟଣ ଯୋଗୁଁ ସମସ୍ତଙ୍କର ଭାଳେଣି ପଡ଼ିଗଲା । କଥାଟା ରାଣୀମା'ଙ୍କ କାନକୁ ଗଲା । ରାଣୀ ରାସମଣି ଓ ମଥୁରବାବୁ ଉପାୟ ନିର୍ଦ୍ଧାରଣ ପାଇଁ ସଙ୍ଗେ ସଙ୍ଗେ ସହରର ଖ୍ୟାତନାମା ପଣ୍ଡିତମାନଙ୍କୁ ଡକାଇ ଏକ ଜରୁରୀକାଳୀନ ସଭାର ଆୟୋଜନ କଲେ । ବହୁ ତର୍କ-ବିତର୍କ ପରେ ଆଲୋଚନାର ନିଷ୍କର୍ଷରେ ପଣ୍ଡିତମାନେ ସହମତ ହେଲେ ଯେ – ଭଗ୍ନ ବିଗ୍ରହ ତ ପୂଜା ଯୋଗ୍ୟ ନୁହେଁ, ତେଣୁ ମୂର୍ତ୍ତିଟିକୁ ଗଙ୍ଗା ଜଳରେ ବିସର୍ଜି ଦେଇ ନୂତନ ମୂର୍ତ୍ତି ସ୍ଥାପନାର ବ୍ୟବସ୍ଥା ହେଉ ।

ମାତ୍ର ଏଭଳି ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବାକୁ ମଥୁରବାବୁ ତତ୍ପର ନ ଥିଲେ । ମନରେ ତାଙ୍କର ଖଟକା ଲାଗିଲା । ଏସମ୍ବନ୍ଧରେ ଥରେ ଠାକୁରଙ୍କ ମତାମତ ଲୋଡ଼ିବା ପାଇଁ ସେ ରାଣୀମା'ଙ୍କୁ ଅନୁରୋଧ ଜଣାଇଲେ । ରାଣୀମା' ମଧ ପଣ୍ଡିତମାନଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ଥା'ନ୍ତି । ତେଣୁ ପୁନର୍ବିଚାର ପ୍ରସ୍ତାବକୁ ସେ ସାଦରେ ଗ୍ରହଣ କଲେ ।

''ରାଣୀଙ୍କ ଜୋଇଁମାନଙ୍କ ମଧ୍ୟରୁ ଯଦି କାହାର ପଡ଼ିଯାଇ ଗୋଡ଼ ଭାଙ୍ଗିଯାଏ, ତେବେ କ'ଣ ରାଣୀମା' ସେହି ଜୋଇଁଙ୍କୁ ତ୍ୟାଗ କରି ଆଉ ଜଣଙ୍କୁ ଆଣି ତାଙ୍କ ଜାଗାରେ ଜୋଇଁ କରାଇବେ, ନା ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଇବେ ? ଏକ୍ଷେତ୍ରରେ ମଧ ଠିକ୍ ସେହି ବିଚାର । ବିଗ୍ରହଙ୍କର ଗୋଡ଼ ଯୋଡ଼ା ଯାଇ ଯେପରି ପୂଜା ହେଉଥିଲା ସେହିପରି ପୂଜା ହେଉ । ବିଗ୍ରହଙ୍କୁ ବିସର୍ଜନ କରିବାର ଆବଶ୍ୟକତା ନାହିଁ ।'' – ରାମକୃଷ୍ଣଙ୍କର ଏଭଳି ମୀମାଂସା ଶୁଣି ରାଣୀ ରାସମଣି ଓ ମଥୁରବାବୁ ଦୁହେଁ ଖୁବ୍ ଆନନ୍ଦିତ ହୋଇ ଉଠିଥିଲେ ମଧ ନୀରବ ରହିଥା'ନ୍ତି । କେଇ ଜଣ ପଣ୍ଡିତ ନୂଆ ଧରା ନାଗସାପ ପଦ୍ମତୋଳା ଶୁଣିଲା ପରି ଚିହିଙ୍କି ଉଠିଲେ । ଅଭିମାନର ବିଷଦାନ୍ତ ସେମାନଙ୍କର ସେପର୍ଯ୍ୟନ୍ତ କଟି ନ ଥାଏ । ମାତ୍ର ଯେଉଁମାନେ ଯଥାର୍ଥରେ ଶାସ୍ତ୍ରଜ୍ଞ ଓ ବିବେକ-ବୁଦ୍ଧି ସମ୍ପନ୍ନ ସେମାନେ ରାମକୃଷ୍ଣଙ୍କ ବାସ୍ତବବାଦୀ ଚିନ୍ତାଧାରାକୁ ଧନ୍ୟ ଧନ୍ୟ ମଣିଲେ ଏବଂ ଆଶ୍ଚର୍ଯ୍ୟ ହେଲେ – କାହାରି ମୁଣ୍ଡକୁ ଏହା ଜୁଟି ନ ଥିଲା କିପରି !

''ଠାକୁର, ବିଗ୍ରହର ଭଙ୍ଗା ଗୋଡ଼କୁ ଯୋଡ଼ିବାର ଦାୟିତ୍ୱ ଆପଣଙ୍କର ଏବଂ ଆପଣହିଁ ଆଜିଠାରୁ ଶ୍ରୀଗୋବିନ୍ଦଜିଉଙ୍କର

ପୂଜା-ଅର୍ଚ୍ଚନାର ଭାର ଗ୍ରହଣ କରିବେ ।''– ରାଣୀମା'ଙ୍କର ଅନୁରୋଧକୁ ଏଡ଼ାଇବାର ଅବସର ନ ଥିଲା ଶ୍ରୀରାମକୃଷ୍ଣଙ୍କର । ପୁଣି ଉପସ୍ଥିତ ଜନତା ଯଜ୍ଞରେ ଆହୁତି ଢାଳିଲେ । ସଭିଙ୍କ ଆନନ୍ଦ ଉଲ୍ଲାସରେ ସେଦିନର ଉତ୍ସବ ମହୋତ୍ସବରେ ପରିଣତ ହେଲା ।

ପୂଜା କଲାବେଳେ ଠାକୁର ଭାବସାଗରରେ ଉବୁଟୁବୁ । ଗୋଟାଏ ଆପଣାର ବୋଧରେ ବନ୍ଧା ପଡ଼ିଥା'ନ୍ତି । ମଜ୍ଜି ଯାଆନ୍ତି, ହଜାଇ ଦିଅନ୍ତି ନିଜକୁ ଆଉ ଜଣକ ଭିତରେ । ସତେ ଯେମିତି ପାଲଟଣା ଜାହାଜ ପବନର ସୁଅ ଧରି ନେଇଛି, ନାଉରି ହଜାଇ ଦେଇଛି ତା' ଆହୁଲାକୁ, ତା କାତକୁ । କ୍ରମେ ଏକଥା ପାଖ ଦେଖାଙ୍କ ନଜରକୁ ଆସିଲା । କେହି କେହି ଲକ୍ଷ୍ୟ କଲେ ପୂଜା ସମୟରେ ତାଙ୍କର ଅବୟବ ଆହୁରି ତେଜୋଦୀପ୍ତ ହୋଇ ଉଠୁଛି; କଣ୍ଠରେ ବୀଣାର ମୂର୍ଚ୍ଛନା । ବିରୋଧୀ ପଣ୍ଡିତ ଓ ପୂଜକମାନେ ନଇଁ ଆସିଲେ, ସ୍ୱୀକାର କଲେ – ଏ ଯେ ସାକ୍ଷାତ୍ ବ୍ରାହ୍ମଣ୍ୟଦେବ, ମନୁଷ୍ୟ ଶରୀର ଧାରଣ କରି ପୂଜା କରିବାକୁ ବସିଛନ୍ତି । ସେହିଁ ପୂଜ୍ୟ, ସେହିଁ ପୂଜକ ।

ଅଳ୍ପ କିଛିଦିନ ଅନ୍ତେ ବଡ଼ଭାଇ ରାମକୁମାରଙ୍କ ଶରୀରରେ ଅସୁସ୍ଥତା ସ୍ଥାୟୀ ହୋଇଯିବା ଯୋଗୁଁ ବାର୍ଦ୍ଧକ୍ୟକୁ ବାଟ କଢ଼ାଇ ଆଣିଲା । ମନରେ ତାଙ୍କର ହରଷ ନ ଥାଏ । ଦେବୀଙ୍କ ଅବକାଶ, ମଙ୍ଗଳ ଆଳତି, ଆହ୍ନିକ ଓ ଷୋଡ଼ଶ ଉପଚାର ପୂଜାବିଧି ଲାଗି ସେ ଯେ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି ଏକଥା ରାଣୀମା' ଅନୁଭବ କରିପାରିଲେ । ସେ ମଥୁରବାବୁଙ୍କ ସହ ଆଲୋଚନା କରି ଠାକୁରଙ୍କୁ ଦେବୀଙ୍କ ପୂଜାର ଭାରଦେଇ, ରାଧାଗୋବିନ୍ଦଙ୍କ ପୂଜାର ଭାର ରାମକୁମାରଙ୍କୁ ପ୍ରଦାନ କଲେ । ଏଭଳି ଅଦଳବଦଳରେ ଶ୍ରୀରାମକୃଷ୍ଣ ରାଜି ହୋଇଗଲେ ସତ ମାତ୍ର ଦୀକ୍ଷା ନ ନେଇ ଦେବୀଙ୍କ ପୂଜା ଅର୍ଚ୍ଚନା କରିବା ଯେ ଅନୁଚିତ ଏକଥା ତାଙ୍କୁ ଜଣା ନ ଥିଲା । ଦେଶୋପଚାର ନୀତିରେ ସେ କଲିକତାର ପ୍ରବୀଣ ଶକ୍ତି ସାଧକ ଶ୍ରୀ କେନରାମ ଭଟ୍ଟାଚାର୍ଯ୍ୟ ମହାଶୟଙ୍କଠାରୁ ଶକ୍ତି ମନ୍ତ୍ରରେ ଦୀକ୍ଷିତ ହେଲେ ।

''ମଥୁର ବାବୁ, ହୃଦୟକୁ ପୂଜାର ଭାର ଦେଇ ଅଳ୍ପ କିଛିଦିନ ପାଇଁ ମୁଁ ଗାଁକୁ ଫେରିଯିବାକୁ ଚାହେଁ ।''– ସବିନୟ ଅନୁରୋଧ ଜଣାଇଲେ ରାମକୁମାର । ମଥୁର ବାବୁ ତାହା ଅନୁମୋଦନ କରିଥିଲେ ହେଁ ବିଧି ତାହା ପ୍ରତ୍ୟାଖ୍ୟାନ କରିଥିଲା । ରାମକୁମାର ନିଜର ଭିଟାମାଟିକୁ ଆଉ ଫେରି ପାରି ନ ଥିଲେ ।

ପିତୃତୁଲ୍ୟ ବଡ଼ଭାଇଙ୍କୁ ହରାଇ ରାମକୃଷ୍ଣଙ୍କ ଅନ୍ତରରେ ବୈରାଗ୍ୟର ବହ୍ନି ଆହୁରି ଜୋର୍‌ରେ ଶିଖା ଟେକିଲା । ବାହ୍ୟ ସମ୍ପର୍କ ଓ ଅଯଥା କଥାରୁ ଓହରେଇ ନେଇ ସେ ଗଭୀର ଭାବରେ ଅନ୍ତର୍ମୁଖୀ ହୋଇ ଉଠିଲେ । ସାରା ଦିନଟା ତାଙ୍କର କଟିଲା ମନ୍ଦିର ଭିତରେ – ଜଗନ୍ମାତାଙ୍କ ସହିତ । ଭକ୍ତ ରାମପ୍ରସାଦଙ୍କ ଭଜନ ତାଙ୍କର ଭାରି ପ୍ରିୟ । ସେଇ ଭଜନ ଗାଇ ଗାଇ ସେ ଦେବୀଙ୍କୁ ସ୍ନାନ କରାନ୍ତି, ବେଶ କରାନ୍ତି । ବେଳେବେଳେ ସେ ଏମିତି ବ୍ୟାକୁଳ ହୋଇ ଉଠନ୍ତି ଯେ ଆଖିର ଲୁହରେ ଅଧାତିନ୍ତା ହୁଏ ପିନ୍ଧା ଲୁଗା । ମାତ୍ର ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନ ଥାଏ ।

ରାତିରେ ମନ୍ଦିରର ଗର୍ଭଦ୍ୱାର ବନ୍ଦ ହୋଇଗଲେ ରାମକୃଷ୍ଣ କାହାରି ସହିତ ମିଶିବାକୁ ଭଲ ପାଆନ୍ତି ନାହିଁ ବରଂ ସମସ୍ତଙ୍କ ଅଗୋଚରରେ ପଞ୍ଚବଟୀର ପାର୍ଶ୍ୱସ୍ଥ କ୍ଷୁଦ୍ର ଅରଣ୍ୟକୁ ଚୁପ୍‌ଚାପ୍ ଚାଲି ଯାଆନ୍ତି । ସେଇଠି କଟେ ତାଙ୍କର ସାରାରାତି । ହୃଦୟ ଏକଥା ଲକ୍ଷ୍ୟ କରୁଥା'ନ୍ତି । ମାମୁ ଯିବାର ଅଳ୍ପ ସମୟ ପରେ ଦିନେ ରାତିରେ ହୃଦୟ ଅରଣ୍ୟ ଭିତରେ ପଶିଲେ । ଛାତିରେ ତାଙ୍କର ଛନକା, ସରୀସୃପର ଭୟ । କଣ୍ଟାଝଣ୍ଟା ଆଡ଼େଇ ଖାଲ-ଖମା ଭିତର ଦେଇ ଚାଲିଥା'ନ୍ତି, ହଠାତ୍ ଦେଖିଲେ ମାମୁ ତାଙ୍କର ଗୋଟିଏ ଅଁଳା ଗଛର ତଳେ ସୁଖାସୀନ ହୋଇ ଧ୍ୟାନମଗ୍ନ । ପ୍ରଶାନ୍ତ ଲଲାଟ, ଶରୀରରେ ଦ୍ୟୁତି ।

''ମାମୁ, ଏ କ'ଣ କରୁଛ । କାନ୍ଧରେ ପଇତା ନାହିଁ, ଦେହରେ ଲୁଗା ନାହିଁ । ତୁମେ ପାଗଳ ହୋଇଗଲ ନା କ'ଣ ?''– ଚିତ୍କାର କରି ଉଠିଲେ ହୃଦୟ ।

ନିଶାର ନିର୍ଜନତା ଚେଇଁ ଉଠିଲା ହୃଦୟଙ୍କ ଡାକରେ, ଜଣାଇ ଦେଲା ଅରଣ୍ୟକୁ ଏବଂ ସେ ବି ପୁଣି ଦୋହରାଇ କହିଲା – ତୁମେ ପାଗଳ ହୋଇଗଲ ନା କ'ଣ ? ମାତ୍ର ରାମକୃଷ୍ଣ ସେମିତି ସ୍ଥିର, ନିଶ୍ଚଳ । ଧ୍ୱନି-ପ୍ରତିଧ୍ୱନିର ବଳୟରୁ ବହୁ ଊର୍ଦ୍ଧ୍ୱରେ । କେତେ ଥର ଡାକିବା ପରେ ତାଙ୍କର ଚେତନା ଲାଭ ହେଲା । ଜାଣିଲେ ହୃଦୟ ବହୁତ ବିବ୍ରତ । ଖୁବ୍ ଧୀର ସ୍ୱରରେ କହିଲେ, ''ଆରେ ତୁ କ'ଣ ଜାଣିଛୁ ? ଏହିଭଳି ପାଶମୁକ୍ତ ହୋଇ ଧ୍ୟାନ କରିବାକୁ ହୁଏ । ଜନ୍ମ ଆରମ୍ଭରୁ ମଣିଷ ଘୃଣା, ଲଜ୍ଜା, କୁଳ, ଶୀଳ, ଭୟ, ମାନ, ଜାତି ଓ ଅଭିମାନ – ଏହି ଅଷ୍ଟପାଶରେ ବନ୍ଧା ପଡ଼ିଛି । ଏଇ ପଇତା ହେଉଛି ମସ୍ତବଡ଼ ଅଭିମାନର ଚିହ୍ନ, ଗୋଟାଏ ପାଶ – 'ମୁଁ ବ୍ରାହ୍ମଣ, ସମସ୍ତଙ୍କ ଅପେକ୍ଷା ବଡ଼ । ମା'ଙ୍କୁ ଡାକିବାକୁ ହେଲେ ଏହିସବୁ ପାଶ ତ୍ୟାଗ

କରିବାକୁ ହୁଏ ଏବଂ ଏକାଗ୍ର ମନରେ ଡାକିବାକୁ ହୁଏ । ସେଥିପାଇଁ ଏସବୁ ଖୋଲି ଫୋପାଡ଼ି ଦେଇଛି । ଧ୍ୟାନକାର୍ଯ୍ୟ ଶେଷ ହେଲେ, ଫେରିବା ବେଳକୁ ପୁଣି ପିନ୍ଧିବି ।’’

ହୃଦୟ ଆଉ କିଛି ଉତ୍ତର ଦେଇ ନ ପାରି ସେଦିନ ସେଠାରୁ ଫେରି ଆସିଥିଲେ । ପାଣି ପହଁରା ମୀନ କାହୁଁ ମାପିବ ଜଳାଶୟର ଗଭୀରତା । ମାତ୍ର କଥାଟା ରାଷ୍ଟ୍ର ହୋଇଗଲା – ଠାକୁର ଭଗବାନଙ୍କ ପାଇଁ ପାଗଳ ।

‘‘ମା’, ତୁ ରାମପ୍ରସାଦଙ୍କୁ ଦେଖା ଦେଇଛୁ । ମୋତେ କାହିଁକି ଦେଖା ଦେବୁ ନାହିଁ ? ମୁଁ ଧନ, ଜନ, ଭୋଗ, ସୁଖ, କିଛି ଚାହେଁ ନାହିଁ । ମା’, ମୋତେ ଦେଖା ଦେ ମା’ !’’– ଠାକୁରଙ୍କର ସବୁବେଳେ ସେଇ ଗୋଟିଏ କଥା । ଆସ୍ତେ ଆସ୍ତେ ସେଇ ଭାବନାରେ ନିଜର ଖାଇବା, ଶୋଇବା ମଧ୍ୟ ଭୁଲିଗଲେ । ପୂଜା ସାରି ମନ୍ଦିର ଭିତରେ ମୁଣ୍ଡ ଉପରେ ଫୁଲଟିଏ ଥୋଇ ଦେଇ ଘଣ୍ଟା ଘଣ୍ଟା ଧ୍ୟାନସ୍ଥ ହୋଇଯାଆନ୍ତି । କ୍ରମେ ସେ ସମୟ-ଜ୍ଞାନ ମଧ୍ୟ ହରାଇ ବସିଲେ । ମନ୍ଦିର ବାହାରକୁ ଆସିଲେ ନିଜ ଶରୀରରେ ଅନୁଭବ କଲେ ଏକ ଅସ୍ୱସ୍ତିର ଭାବ; ମନରେ ଚଞ୍ଚଳତା ।

କ୍ରମେ ଶ୍ରୀରାମକୃଷ୍ଣଙ୍କର ଆଧ୍ୟାତ୍ମିକ ଉନ୍ମାଦଭାବ ଆହୁରି ବଢ଼ିବାକୁ ଲାଗିଲା । ତାଙ୍କ ପାଇଁ ବସ୍ତୁଗତ ପାର୍ଥକ୍ୟବୋଧର କିଛି ବି ମୂଲ୍ୟ ରହିଲା ନି । ଏମିତିକି ସୁନା, ରୁପା, ମାଟି, ପଥର – ସବୁ ତାଙ୍କ ଆଖିରେ ସମାନ । ଗଙ୍ଗା ଘାଟରେ ଠିଆ ହୋଇ ଗୋଟିଏ ହାତରେ କିଛି ମୁଦ୍ରା ଓ ଅନ୍ୟ ହାତରେ ଗଙ୍ଗାର କାଦୁଅ ମେଞ୍ଚାଏ ଧରି ଉନ୍ମତ୍ତ ହୋଇ କହିଉଠନ୍ତି – ‘‘ମାଟି ଟଙ୍କା’’ ‘‘ଟଙ୍କା ମାଟି’’ ପୁଣି ତାହାକୁ ଫିଙ୍ଗି ଦିଅନ୍ତି ଗଙ୍ଗାକୁ, ଛୋଟ ପିଲାଟିଏ ପରି ହାତ ତାଳି ଦେଇ ନାଚି ଉଠନ୍ତି –‘‘ମାଟି ଟଙ୍କା’’ ‘‘ଟଙ୍କା ମାଟି’’ । ପୁଣି ‘ସର୍ବ ଘଟେ ନାରାୟଣ’ ଭାବ ଏତେ ତୀବ୍ର ହୋଇ ଉଠେ ଯେ ମନ୍ଦିର ବେଢ଼ାରେ ଅନ୍ନଭୋଜନ ସାରିଥିବା ଭକ୍ତଙ୍କର ଅଇଁଠା ପତରକୁ ନିଜ ମୁଣ୍ଡ ଉପରେ ରଖି ଗଙ୍ଗାରେ ନେଇ ବିସର୍ଜନ କରନ୍ତି । ସେହି ଜାଗାକୁ ପାଣି ଛିଞ୍ଚି ଝାଡୁରେ ପରିଷ୍କାର କରି ଖୁବ୍ ଆନନ୍ଦିତ ହୁଅନ୍ତି – ଯାହାହେଉ, ଭଗବାନଙ୍କ ସେବା ପାଇଁ ଏ-ଶରୀର ଆଜି ସୁଯୋଗ ପାଇଛି ।

ମାତ୍ର ଘଡ଼ିକ ପରେ ପୁଣି ମନ୍ଦିରକୁ ଫେରି ଆସନ୍ତି । ଅଧା ଭୁଲା ଅଝଟ ପିଲାଟି ପରି କହି ଉଠନ୍ତି –‘‘ଦେଖା ଦେ, ଦେଖା ଦେ ମା’ !’’

ଫୁଲନ୍ତା ନଈକୁ ତ ଆଉ ସବୁଦିନ ରୋକି ହେବ ନି । ବନ୍ଧରେ ଗଳିଆ ପଡ଼ିଲା । ଭାବିଲେ – ‘‘ଜୀବନ ରଖି ଆଉ ଲାଭ କ’ଣ ।’’ ନଜର ପଡ଼ିଗଲା ମନ୍ଦିରରେ ଝୁଲୁଥିବା ଖଣ୍ଡାଟି ଉପରେ । ଧାଇଁଗଲେ । ମାତ୍ର ସେ ପରା ମା’ । ଆବିର୍ଭୂତା ହେଲେ ଜଗନ୍ମାତା । ତାଙ୍କର ଅପୂର୍ବ ରୂପ ଦ୍ୟୁତିରେ ଉଦ୍‌ଭାସିତ ହୋଇ ଉଠିଲା ଚତୁର୍ଦ୍ଦିଗ । ଠାକୁର ସଂଜ୍ଞାହୀନ ହୋଇ ତଳେ ପଡ଼ିଗଲେ ।

ବଡ଼ ଅଦ୍ଭୁତ ସେଦିନର ଅନୁଭୂତି । ଠାକୁରଙ୍କର ବୋଧ ହେଲା – ଘର, ଦ୍ୱାର, ମନ୍ଦିର ସବୁ ଯେମିତି କେଉଁ ଆଡ଼େ ବିଲୁପ୍ତ ହୋଇଯାଉଛି । ସବୁଆଡ଼ କେବଳ ଶୂନ୍ୟତାରେ ପୂର୍ଣ୍ଣ । ଆଉ ତାହାରି ଭିତରୁ ଏକ ଅସୀମ ଅନନ୍ତ ଚେତନ-ଜ୍ୟୋତିଃ, ସମୁଦ୍ରର ଢେଉ ପରି ତାଙ୍କ ଆଡ଼କୁ ମାଡ଼ି ଆସୁଛି । ଦେଖୁଦେଖୁ ସେ ସେଇ ତରଙ୍ଗ ମଧ୍ୟରେ କେଉଁଆଡ଼େ ନିଶ୍ଚିହ୍ନ ହୋଇଗଲେ । କେବଳ ଶାନ୍ତି, ପରମ ଶାନ୍ତି ।

ଶ୍ରୀରାମକୃଷ୍ଣ ଆଖି ଫେରାଇଲେ ମା’ଙ୍କ ଆଡ଼େ । ମୃଣ୍ମୟୀ ମୂର୍ତ୍ତିର ଓଠରେ ସେତେବେଳେ ଚେନାଏ ହସ । ମା’ ସତେ ଯେମିତି କହିବାକୁ ଚାହାନ୍ତି – ତୁ ପରା ମୋତେ ଶହେ ଆଠ ପଦ୍ମ ନ ଦେଇ ପାରି ତୋର ରାଜୀବ ଲୋଚନ ନାମକୁ ସାର୍ଥକ କରିଥିଲୁ । ଏତେ ବ୍ୟସ୍ତ କାହିଁକି ? ଏଥର ବି ଅନେକ କାମ କରିବାକୁ ଅଛି । ଆଜି ନ ହେଲେ ବି ଲୋକେ କାଲି ଜାଣିବେ; ସେଇ ରାମ, ସେଇ କୃଷ୍ଣ, ସେହିଁ ରାମକୃଷ୍ଣ ।

(କ୍ରମଶଃ) ❑

ଭଗବାନ୍ ଯେତେବେଳେ ମଣିଷର ରୂପ ନେଇଥା’ନ୍ତି ଓ ତାଙ୍କର ବାହ୍ୟ ମଣିଷ ପ୍ରକୃତିକୁ ନିଜ ଉପରେ ନେଇଥା’ନ୍ତି, ତାହା କେବଳ ମଣିଷକୁ ପଥ ଦେଖାଇବା ପାଇଁ, କିନ୍ତୁ ସେ କେବେ ମଧ୍ୟ ଭଗବାନ୍ ହୋଇ ରହିବାରୁ ବିରତ ହୁଅନ୍ତି ନାହିଁ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃ. ୪୬) – ଶ୍ରୀଅରବିନ୍ଦ

শ্রীরামকৃষ্ণ চরিতামৃত (৬)

# ଦକ୍ଷିଣେଶ୍ୱରର ଅବତାର

## ସନ୍ତୋଷ କୁମାର ରଥ

ରାତି ସେତେବେଳକୁ ବେଶ୍ ଭାରୀ । ନିଶାର ନିଃଶବ୍ଦତା ଘେରି ରହିଥାଏ ମନ୍ଦିରର ବେଢ଼ା ଚଉହଦି । ବାଟଘାଟସବୁ ନିସ୍ତବ୍ଧ, ନିଦ୍ରାଛନ୍ନ । କାନ ଡେରିଲେ ଶୁଭେ ଚହଲା ଢେଉର କଳ କଳ ଶବ୍ଦ, ମନେହୁଏ ଘୁମନ୍ତ ଗଙ୍ଗାର ଘୁଙ୍ଗୁଡ଼ି ପରି । ଶ୍ରୀରାମକୃଷ୍ଣଙ୍କ ଆଖିକୁ କିନ୍ତୁ ନିଦ ନ ଥାଏ, ଭାବନା ମା'ଙ୍କୁ ନେଇ – ''ଲୋକେ ତଥାପି ଜାଣନ୍ତି ନି; ମୃଣ୍ମୟୀ ମୂର୍ତ୍ତିରେ ତୁହିଁ ବିରାଜିଛୁ । ମୁଁ କିନ୍ତୁ ଜାଣେ, ତୋ ନାସିକାରେ ହାତ ଦେଇ ଦେଖିଛି, ସତକୁ ସତ ତୁ ନିଃଶ୍ୱାସ ପ୍ରଶ୍ୱାସ ନେଉଛୁ । ତନ୍ନ ତନ୍ନ କରି ବହୁବାର ଦେଖିଛି – ରାତିର ଦୀପ ଆଲୁଅରେ ମନ୍ଦିର ଭିତରେ ତୋ ଦିବ୍ୟ ଶରୀରର ଛାଇ କେଉଁଠି ବି ପଡ଼େ ନାହିଁ । ତୁ ଏବେ ଦେଖା ଦେ ମା, ଦେଖା ଦେ ।''

ବହଳ ଅନ୍ଧାର ଭିତରୁ ହଠାତ୍ ଶୁଭିଲା ଛମ୍ ଛମ୍ ଶବ୍ଦ । ଠାକୁର କାନ ଡେରିଲେ – ଏତ ପାଉଁଜିର ଛମ୍ ଛମ୍ ଶବ୍ଦ; କ'ଣ କେହି ନର୍ତ୍ତକୀ ! ଏତେ ରାତିରେ... । ସେ ଶବ୍ଦ ଘୁଞ୍ଚି ଘୁଞ୍ଚି ଯାଉଥାଏ ମନ୍ଦିର ଆଡ଼କୁ । ଠାକୁରଙ୍କ ପ୍ରାଣରେ ପୁଲକ, ମନରେ ବିସ୍ମୟ । କବାଟ ଖୋଲି ବାହାରି ଆସିଲେ ନିଜ କୋଠରିରୁ । ଦେଖି ଚମକି ଉଠିଲେ – ''ଆଃ ! ମା' ଭଗବତୀ ସାକ୍ଷାତ୍ ଠିଆ ହୋଇଛି ମନ୍ଦିରର ଦ୍ୱିତଳ ବାରଣ୍ଡାର ଧାରରେ । ଆଲୁଳାୟିତା କେଶ, ଷୋଡ଼ଶୀ ରୂପ । ସେଇ ବସନ, ସେଇ ଭୂଷଣ । ଦିବ୍ୟ ଜ୍ୟୋତିଃ ଝଟକୁ ଥାଏ ସର୍ବାଙ୍ଗରୁ । କେତେବେଳେ ଦୃଷ୍ଟି କଲିକତା ଆଡ଼କୁ ତ, କେତେବେଳେ ପୁଣି ଗଙ୍ଗା ଆଡ଼କୁ । ସେ ଦୃଷ୍ଟିରେ କେବଳ କରୁଣାର ବର୍ଷା ।''

ହୃଦୟ ନ ଦେଖିଥିଲେ ବି, ଦେଖିଛନ୍ତି ତାଙ୍କ ମାମୁଙ୍କୁ । ବହୁବାର ଦେଖିଛନ୍ତି – ମାମୁଙ୍କ ଉପସ୍ଥିତିରେ ମନ୍ଦିର ଭିତରର ପରିବେଶ ପୂରାପୂରି ବଦଳି ଯାଏ । ଅନୁଭୂତ ହୁଏ ଏକ ଅନିର୍ବଚନୀୟ ଆନନ୍ଦ । ପୂଜା ସମୟରେ ସେ ହଜାଇ ବସନ୍ତି ନିଜର ବାହ୍ୟଜ୍ଞାନ, ଭୁଲି ଯାଆନ୍ତି ନିଜକୁ । ମନ୍ଦାର ଫୁଲ ଓ ବେଲ ପତ୍ରକୁ ଏକାଠି କରି ସେ ନିଜ ମୁଣ୍ଡ, ଛାତି ଓ ପାଦରେ ଛୁଆଁଇ, ତା'ପରେ ତାକୁ ନେଇ ଜଗଦମ୍ବାଙ୍କ ପାଦପଦ୍ମରେ ଅର୍ପଣ କରନ୍ତି । କେବେ କେବେ ପୁଣି ସିଂହାସନ ଉପରକୁ ଉଠିଯାଇ ଗଭୀର ସ୍ନେହବଶରେ ଦେବୀଙ୍କ ସହ କଥା ହୁଅନ୍ତି, ଗୀତ ଗାଆନ୍ତି, ହାସ ପରିହାସ କରନ୍ତି । ପୁଣି କେତେବେଳେ ତାଙ୍କ ହାତରେ ହାତ ରଖି ଆରମ୍ଭ କରିଦିଅନ୍ତି ନୃତ୍ୟ । ଭୋଗ ସମୟରେ ଥାଳାକୁ ମା'ଙ୍କ ପାଟି ପାଖକୁ ନେଇ କୁହନ୍ତି – 'ମା, ଖାଇ ଦେ ମା; ଖାଇ ଦେ । ଓଃ, ମୁଁ ନ ଖାଇଲେ ତୁ ଖାଇବୁ ନି । ଏଇ କଥା । ଏଇ ଦେଖେ ମୁଁ ଖାଇଲି । ଏବେ ତୁ ଖାଇଦେ ।' ହୃଦୟ ବୁଝି ସାରିଥିଲେ – ସବୁରି ଭିତରେ ଭଗବତ୍ ଦର୍ଶନର ଉପଲବ୍ଧି ଯେ ମାମୁଙ୍କର ହୋଇଛି ଏକଥା ମିଛ ନୁହେଁ । ସେ କିନ୍ତୁ କାହାକୁ ଏକଥା ଜଣାଇଲେ ନାହିଁ । ବାଟୋଇ କିନ୍ତୁ ଜାଣେ ବଣ ମଲ୍ଲୀର ବାସ୍ନା । ଖୋଜି ପାଏ ଲୁଚା ଫୁଲକୁ ସେଇ ଅଜଣା ବାସ୍ନାର ରାହା ଧରି ଧରି । ମାତ୍ର ସଭିଏଁ ତ ଇନ୍ଦ୍ରଧନୁର ରଙ୍ଗରେ ଭୋଳା, ବାସ୍ନାରେ ବାୟା ହେଉଛି ବା କିଏ ?

ଠାକୁରଙ୍କର ଏମନ୍ତ ବେଭାର ଦେଖି ମନ୍ଦିରର ଖାଜାଞ୍ଚି ଓ ପୂଜକଗଣ ସ୍ଥିର ନିଶ୍ଚିତ ଯେ ଠାକୁର ଗୋସେଇଁ ପାଗଳ ହୋଇ ଯାଇଛନ୍ତି ନତୁବା ତାଙ୍କ ଦେହରେ କେଉଁ ଉପଦେବତାଙ୍କର ଆବେଶ ହୋଇଛି । କଥାଟା ମଥୁରବାବୁଙ୍କୁ ଜଣାଇଦେବା ଉଦ୍ଦେଶ୍ୟରେ ସଭିଏଁ ଉପସ୍ଥିତ ହେଲେ – ''ଆଜ୍ଞା, ଆମ କଥା ମିଛ ମଣୁଥିଲେ ଆପଣ ନିଜେ ଆସି ତଦାରଖ କରିପାରନ୍ତି । କଥାଟା ମିଛ ନୁହେଁ । ତାଙ୍କର ଆଚାର ବ୍ୟବହାର ବଡ଼ ଅଦ୍ଭୁତ । ଏମିତି ପାଗଳାମିକୁ ପ୍ରଶ୍ରୟ ଦେଲେ କେତେବେଳେ ଯେ କ'ଣ ଘଟିବ କିଛି କହିହେବ ନି ।''

''ପାଗଳ ଠାକୁର ଏଇଥର କାମରୁ ନିଶ୍ଚୟ ବରଖାସ୍ତ ହେବ । ମା' ଭଗବତୀ କେତେଦିନ ବା ଆଉ ବରଦାସ୍ତ କରିଥା'ନ୍ତେ !'' – ଅଭିଯୋଗର ଆଶୁ ଫଳାଫଳ ନିଜେ ଧାର୍ଯ୍ୟ କରି ବଡ଼ ଖୁସୀରେ ଫେରି ଆସିଲେ ପଣ୍ଡା ପଢ଼ିଆରୀ ଦଳ ।

ମଥୁରବାବୁ କାହାକୁ କିଛି ନ ଜଣାଇ ଦିନେ କାଳୀ-ମନ୍ଦିରରେ ଆସି ହାଜର ହୋଇଗଲେ । ସେତେବେଳକୁ ପୂଜା ଉଠିବାବେଳ । ମନ୍ଦିରର ଗୋଟିଏ କୋଣରେ ଖୁଣ୍ଟଟା ପରି ଠିଆ ହୋଇ ଲକ୍ଷ୍ୟ କଲେ ଠାକୁରଙ୍କ ଗତିବିଧି । ଠାକୁର ସେତେବେଳକୁ ଭାବୋନ୍ମତ୍ତ । କେତେବେଳେ ନୃତ୍ୟର ତାଣ୍ଡବ

ତ କେତେବେଳେ ପୁଣି ଜଡ଼ବତ୍ ସ୍ଥିର । ସେଇ ମୃଣ୍ମୟୀ ମୂର୍ତ୍ତିକୁ ଆପଣେଇ ନେଇ କହି ଚାଲିଥା'ନ୍ତି — ''ମା, ଗ୍ରହଣ କର । ତୋରି ପ୍ରସାଦକୁ ତୁହିଁ ଗ୍ରହଣ କର । ସବୁ ତ ତୋର, ମୋର ଅପରାଧ ମାର୍ଜନା କର ।''

ମଥୁରବାବୁ ସେମିତି ଗମ୍ଭୀର ଅବସ୍ଥାରେ ଅନ୍ୟ କୌଣସି ବିଷୟ ତଦାରଖ ନ କରି ମନ୍ଦିରରୁ ଫେରି ଆସିଲେ । ବହୁ ଜଣଙ୍କ ଉକ୍ତିକୁ ବିନା ବିଚାରରେ ସତ ମଣିନେବାଟା ଯେ ଏକ ପ୍ରକାର ପକ୍ଷପାତିତା, ସେଦିନ ତାଙ୍କର ତାହା ହୃଦ୍‌ବୋଧ ହେଲା । ଏବଂ ଜାଣିଲେ, ସେ ଏବେ ପାଇଛନ୍ତି ବଣ ମଲ୍ଲୀର ସନ୍ଧାନ — ଠାକୁର ଜଣେ ସାଧାରଣ ପୂଜକ ନୁହନ୍ତି । ତାଙ୍କଠାରେ ଦିବ୍ୟତାର ପ୍ରକାଶ ଘଟିଛି । ଆଉ ତାଙ୍କରି ଆରାଧନା ଫଳରେ ସ୍ୱୟଂ ଜଗନ୍ମାତାଙ୍କର ଆବିର୍ଭାବ ଘଟିଛି ଦକ୍ଷିଣେଶ୍ୱରରେ । ଏହାଠାରୁ ଆଉ ବଡ଼ ସୌଭାଗ୍ୟର କଥା କ'ଣ ଅଛି ?

''ଠାକୁର ମହାଶୟ ଯେମିତି ପୂଜା କରନ୍ତୁ ନା କାହିଁକି କେହି ଯେମିତି ତାଙ୍କ ପୂଜାରେ ବ୍ୟାଘାତ ସୃଷ୍ଟି ନ କରନ୍ତି । ଆଉ ଯିଏ ଅଭିଯୋଗ ବାଢ଼ିବ, ସେହିଁ ଦଣ୍ଡପାଇବ ।'' — ପରଦିନ ମନ୍ଦିରର ମୁଖ୍ୟ ପୂଜକକୁ ଡାକି ଆଦେଶ ଦେଲେ ମଥୁରବାବୁ ।

ଆଉ ଦିନକର କଥା । ସେଦିନ ରାଣୀ ରାସମଣି ସ୍ୱୟଂ ମନ୍ଦିରରେ ଉଭା । ବୈଶାଖୀର ପହିଲି ବର୍ଷାପରି କର୍ମଚାରୀ ଓ ପୂଜକଗଣ କାମ ଗୋଟାଇ ନେବାରେ ଲସର ପସର । ନିଷ୍ଠାପରତା ସତେ ଯେମିତି ସେମାନଙ୍କର ଗୋଟାଏ ବଦଅଭ୍ୟାସ । ରାଣୀଙ୍କର ନଜର କିନ୍ତୁ ଭିନ୍ନ ଦିଗରେ । ସେ ଦେବୀଙ୍କ ସମ୍ମୁଖରେ ଆସନପାତି ପୂଜା ଆହ୍ନିକାଦି ଆରମ୍ଭ କରିଦେଲେ । ଠାକୁରଙ୍କୁ ସମ୍ମାନର ସହ ଡାକି ତାଙ୍କ ସାମନାରେ ବସାଇଲେ । ଠାକୁର ସେତେବେଳକୁ ରାମପ୍ରସାଦ ଓ କମଳାକାନ୍ତଙ୍କ ଭଜନ ଗାନରେ ବିଭୋର । ତାଙ୍କ କଣ୍ଠରୁ ଶ୍ୟାମା ସଙ୍ଗୀତ ଲାଗେ ସତେ ଯେମିତି ବଂଶୀର ମୂର୍ଚ୍ଛନା ।

ନିଜ ଶରୀରରେ ଆଘାତ ପାଇ ଧ୍ୟାନ ମୁଦ୍ରାରୁ ଚମକି ଉଠିଲେ ରାଣୀ ରାସମଣି । ''କେବଳ ସେହି ଭାବନା ? ଏଠାରେ ମଧ୍ୟ ସେହି ଭାବନା ।'' — ବିରକ୍ତ ହୋଇ ଗର୍ଜି ଉଠିଲେ ଠାକୁର । ମନ୍ଦିରର କର୍ମଚାରୀ, ରାଣୀଙ୍କ ପରିଚାରିକା ଓ ଜନତାଙ୍କ ମଧ୍ୟରେ ଖେଳିଗଲା ଗୋଟାଏ ଗୁଞ୍ଜରଣ — ଦେଖୁଛ ପାଗଳ ଠାକୁରର ଏ କି କାଣ୍ଡ । ରାଣୀମା'ଙ୍କୁ ଅପମାନ । ''ଧର, ଧର, ମାର, ମାର'' — ଚିତ୍କାର ଶୁଭିଲା ବାହାରୁ । ରାଣୀ ମା' ଉଠି ଠିଆ ହେଲେ, ପାଖରେ ଠାକୁର । ଦୁହେଁ ସ୍ଥିର, ଅବିଚଳିତ । ସତେ ଯେମିତି ସବୁ ଅସ୍ୱାଭାବିକତା ତାଙ୍କ ବଳୟର ବାହାରେ ।

''ଶାନ୍ତ ହୁଅ, କ୍ଷାନ୍ତ ହୁଅ'' — ଇଙ୍ଗୀତରେ ପ୍ରକାଶ କଲେ ରାଣୀମା' । ଘଡ଼ିକେ ସବୁ ଥମ୍ ପଡ଼ିଗଲା ।

''ନରମାୟା ତ ନାରାୟଣଙ୍କୁ ଅଗୋଚର । ଠାକୁର କେମିତି ଜାଣିଲେ ମୁଁ ମକଦମାର ହାରଜିତ୍ ଭାବନା ନେଇ ବ୍ୟସ୍ତ ଥିଲି । ତେବେ କ'ଣ ଠାକୁର... ।'' — ଭାବନାରୁ ଓହରିଯାଇ ରାଣୀମା' ଭକ୍ତିଭରା କୃତଜ୍ଞତା ଜଣାଇଲେ ଠାକୁରଙ୍କୁ । ସ୍ୱୀକାର କରିନେଲେ ନିଜର ଅପରାଧ । ଏବେ ସେ ବୁଝି ପାରିଛନ୍ତି — ସମଧର୍ମୀ ହେଲେ ବି ଚେତନାର ସ୍ତରରେ ଜଣେ ଅନ୍ୟ ଜଣକଠାରୁ କେତେ ଭିନ୍ନ । ବେତନ ଆଶାରେ ପୂଜକ ସାଜିଥିବା ମଣିଷ କାହୁଁ ବା ବୁଝିବ ଠାକୁରଙ୍କର ଭାବଘରର ରହସ୍ୟ । ଭୂଇଁ ଗୁମୁରା ପାରା କ'ଣ ଜାଣେ ନୀଳ ଆକାଶର ବେଭାର ? ତଥାପି ଦକ୍ଷିଣେଶ୍ୱରରୁ ଫେରି ଆସିବା ପୂର୍ବରୁ ମନ୍ଦିରର ପୂଜକ ଓ କର୍ମଚାରୀମାନଙ୍କୁ ଡାକି ନିର୍ଦ୍ଦେଶ ଦେଲେ, ''ଆଜି ଯାହାସବୁ ଘଟିଗଲା ଠାକୁର ମହାଶୟଙ୍କର କୌଣସି ଦୋଷ ନାହିଁ । ତୁମେମାନେ ତାଙ୍କୁ କିଛି ବି କହିପାରିବ ନାହିଁ ଏବଂ ଏଣିକି ତାଙ୍କ ପୂଜାର ପଦ୍ଧତିକୁ କେହି ବି ବିରୋଧ କରିବ ନାହିଁ ।''

ବଢ଼ିଲା ନଈର ପଉନ ସୀମା ଲଂଘନ କଲାପରି ଠାକୁରଙ୍କ ଭିତରେ ଭାବର ଜୁଆର କ୍ରମେ ପ୍ରବଳ ହେବାକୁ ଲାଗିଲା । ସେ କାଳାକାଳ ବିଚାର ହରାଇ ବସିଲେ । ମା' କାଳୀଙ୍କର ପୂଜାବିଧିରେ କିଛି ଠିକ୍ ଠିକଣା ରହିଲା ନି । ମଥୁର-ବାବୁ ଏସବୁ ଲକ୍ଷ୍ୟ କରୁଥା'ନ୍ତି । ଏଣିକି ତାଙ୍କ ମନରେ ସନ୍ଦେହ ଜାତ ହେଲାଣି — ଠାକୁରଙ୍କର ସତରେ ମସ୍ତିଷ୍କ ବିକୃତି ଘଟିଛି । ତା' ନ ହୋଇଥିଲେ ରାଣୀଙ୍କ ଶରୀରରେ ଆଘାତ ଦେଇଥା'ନ୍ତେ ! ପୁଣି ଦିନ ଘଡ଼ିଏ ଯାଏଁ ଦେବୀଙ୍କ ମଙ୍ଗଳ ଅବକାଶ ନ କରି ଭଜନଗାନରେ ବ୍ୟସ୍ତ, ମଧ୍ୟାହ୍ନ ମଣୋହି ହେବାବେଳକୁ ସଞ୍ଜ ଛୁଉଁଛି । ଏସବୁ ତ ଆଗରୁ ଦେଖା ନ ଥିଲା । ତେଣୁ ସେ କଲିକତାର ପ୍ରସିଦ୍ଧ କବିରାଜ ଗଙ୍ଗାପ୍ରସାଦ ସେନଙ୍କ ଦ୍ୱାରା ଠାକୁରଙ୍କର ଚିକିତ୍ସାର ବ୍ୟବସ୍ଥା କରିଦେଲେ ।

ଆଉ ଦିନକର କଥା । ଦକ୍ଷିଣେଶ୍ୱରର ଶିବ ମନ୍ଦିରରେ ଠାକୁର ଭାବ ବିହ୍ୱଳ ହୋଇ ଶିବ ମହିମ୍ନଃ ସ୍ତୋତ୍ର ପାଠ କରୁ କରୁ ହୃଦୟର ଭାବାବେଗ ରୋକି ନ ପାରି ଉଚ୍ଚ ସ୍ୱରରେ କାନ୍ଦୁଥା'ନ୍ତି । ଉପସ୍ଥିତ କର୍ମଚାରିବୃନ୍ଦ ଦଉଡ଼ି ଆସିଲେ । ଯୋଗକୁ

ମଥୁର ବାବୁ ସେଦିନ ସେଠାରେ ଉପସ୍ଥିତ ଥିବାରୁ ସେ ମଧ୍ୟ ବିବ୍ରତ ହୋଇ ଦଉଡ଼ି ଆସିଲେ । ''ସାବଧାନ ! ଯାହାର ମୁଣ୍ଡ ଉପରେ ଦଶଟା ମୁଣ୍ଡ ଅଛି । ସେହିଁ କେବଳ ଠାକୁର ମହାଶୟଙ୍କୁ ଛୁଇଁ ପାରିବ ।'' – ମନ୍ଦିର ଭିତରକୁ ଧସେଇ ପଶିଯାଇ ଉଚ୍ଚ ଗଳାରେ କହି ଉଠିଲେ ମଥୁରବାବୁ । ଦଲକାଏ ପବନରେ ତେଜା ବଳିତା ଲିଭିଗଲା ପରି କର୍ମଚାରୀଙ୍କର ତାସଲ୍ୟ ମନୋଭାବ ହଠାତ୍ ମଉଳି ଗଲା । ସମସ୍ତେ ବାହାରେ ନୀରବ ଦ୍ରଷ୍ଟା ହୋଇ ଅଟକି ରହିଲେ ।

କିଛି ସମୟ ପରେ ଠାକୁର ନିଜର ବାହ୍ୟ ସଂବିତ୍ ଫେରି ପାଇଲେ । ସାମନାରେ ମଥୁର ବାବୁଙ୍କୁ ଦେଖି ଛୋଟ ପିଲାଟିଏ ପରି ଭୟବିଜଡ଼ିତ କଣ୍ଠରେ କହି ପକାଇଲେ, ''ଆଜ୍ଞା ! ଅସାଷ୍ଟମ ହୋଇ କିଛି ଅପରାଧ କରି ପକାଇଛି କି ?''

''ନା, ବାବା ! ସେମିତି କିଛି ନୁହେଁ । ଆପଣ ସ୍ତବ ପାଠ କରୁଥିଲେ, କାଳେ କେହି କିଛି ନ ବୁଝି ଆପଣଙ୍କୁ ବିରକ୍ତ କରିବ, ସେଥିପାଇଁ ମୁଁ ଏଠାରେ ଠିଆ ହୋଇ ରହିଛି ।'' – ଉତ୍ତର ଦେଲେ ମଥୁରବାବୁ । ଆଶ୍ୱସ୍ତ ହେଲେ ଠାକୁର ।

ପାଶ୍ଚାତ୍ୟ ଶିକ୍ଷାର ଛାପ ପଡ଼ିଥିବାରୁ ମଥୁରବାବୁଙ୍କୁ ଶାସନଗତ କାଇଦା-କଟକଣା ବେଶ୍ ଜଣା । ସହଜେ ତ ଉଚ୍ଚାଭିମାନୀ ପୁଣି ତର୍କପ୍ରିୟ । ତେଣୁ ମୌଜାର କୌଣସି କର୍ମଚାରୀ ତାଙ୍କ ମୁହଁ ଉପରେ ଜବାବ ଦେବା ପାଇଁ ସାହସ କରନ୍ତି ନି । ସଭିଏଁ ଜାଣନ୍ତି ଜାନବଜାର ଜମିଦାର ବଂଶର ସେହିଁ ହେଉଛନ୍ତି ଏକମାତ୍ର ଉତ୍ତରାଧିକାରୀ; ପ୍ରଜାଙ୍କ ହର୍ତ୍ତାକର୍ତ୍ତା । ମାତ୍ର ଆଜିକାଲି ତାଙ୍କ ଚଳଣିକୁ ଲକ୍ଷ୍ୟ କଲେ ମନେହୁଏ ନଦୀ ଭିନ୍ନ ମୋଡ଼ ନେଇ ସାଗର ଖୋଜୁଛି ।

ଦିନେ ଠାକୁର ତାଙ୍କ ଘରର ଉତ୍ତର ପୂର୍ବ କୋଣରେ ଯେଉଁ ଲମ୍ବା ବାରଣ୍ଡାଟି ପୂର୍ବ ପଶ୍ଚିମ ହୋଇ ଲମ୍ବିଛି ତା'ରି ଉପରେ ପଦଚାରଣ କରୁଥିଲେ । ଠିକ୍ ସେତିକିବେଳେ ପଞ୍ଚବଟୀର 'ବାବୁକୋଠି'ରେ ମଥୁରବାବୁ ଚୁପ୍‌ଚାପ୍ ବସିଥା'ନ୍ତି । ବ୍ୟବଧାନର ଦୂରତ୍ୱ ବେଶୀ ନ ହୋଇଥିବାରୁ ନଜର ପଡ଼ିଲା ଠାକୁରଙ୍କ ଉପରେ । ସେହିଠାରୁ ସେ ଚାହିଁ ରହିଥା'ନ୍ତି ଠାକୁରଙ୍କ ଆଡ଼େ । ଆଖିରେ ପଲକ ନ ଥାଏ । ଠାକୁରଙ୍କର କିନ୍ତୁ ତାଙ୍କ ପ୍ରତି ନିଘା ନ ଥାଏ । ସେ ତ ସେତେବେଳକୁ ମା'ର କୋଳରେ । କୋଳ ଯା'ର ଲମ୍ବିଛି ଏ ପାରିରୁ ସେ ପାରି ଯାଏଁ ।

''ମଥୁରବାବୁ, ତୁମେ ଏ କ'ଣ କରୁଛ । ତୁମେ ଯେ ରାଣୀ ମା'ଙ୍କ ଜ୍ୱାଇଁ । ଏପରି ଅବସ୍ଥାରେ ଦେଖିଲେ ଲୋକେ କ'ଣ କହିବେ । ଉଠ, ସ୍ଥିର ହୁଅ'' – ଠାକୁରଙ୍କ କଥା ଶୁଣିବାକୁ ମଥୁରବାବୁ ସେତେବେଳକୁ ପ୍ରସ୍ତୁତ ନ ଥା'ନ୍ତି । ଆଖିର ଲୁହରେ ଧୋଇ ଦେଲେ ଠାକୁରଙ୍କ ଚରଣ ଯୁଗଳ । ଠାକୁର ଆଦରରେ ତଳୁ ଟେକିନେଲେ ନିଜର ବକ୍ଷ ଉପରକୁ । ମଥୁରବାବୁ କୃତାର୍ଥ ମଣିଲେ ।

କିଛି କ୍ଷଣ ପରେ ସାଧାରଣ ଅବସ୍ଥାକୁ ଫେରି ଆସି ମଥୁରବାବୁ କହିବାକୁ ଆରମ୍ଭ କଲେ, ''ବାବା, ମୁଁ ଆଜି ଏକ ଅଦ୍ଭୁତ ଦୃଶ୍ୟ ଉପଭୋଗ କଲି । ଆପଣ ଏଇ ବାରଣ୍ଡାରେ ବୁଲୁଥା'ନ୍ତି, ମୁଁ ଚାହିଁ ରହିଥାଏ । ହଠାତ୍ ମୁଁ ସ୍ପଷ୍ଟ ଦେଖିପାରିଲି ଆପଣ ଯେତେବେଳେ ଏପଟକୁ ଆସୁଥା'ନ୍ତି ସେତେବେଳେ ଆପଣ ଆମର ଏହି ମନ୍ଦିରର ଆନନ୍ଦମୟୀ ମା', ଆଉ ଯେତେବେଳେ ସେପଟକୁ ଯାଉଥା'ନ୍ତି ସେତେବେଳେ ଜଟା ଜୁଟଧାରୀ ବ୍ୟାଘ୍ରଚର୍ମ ପରିହିତ ସାକ୍ଷାତ୍ ଦେବଦେବ ମହାଦେବ । ପ୍ରଥମେ ଭାବିଲି – ଏହା ମୋ ଚକ୍ଷୁର ଭ୍ରମ । ମାତ୍ର ଭଲ କରି ଆଖି ପୋଛି ଦେଖେ – ସେହି ଏକା ଦୃଶ୍ୟ, ଏକା କଥା । ଯେତେବାର ଦେଖିଲି ସେହି ସମାନ ଦୃଶ୍ୟ ।''

ମଥୁରବାବୁଙ୍କ ସ୍ମୃତିର ସିଲଟରୁ ଏମନ୍ତ ଲେଖାକୁ ଲିଭାଇ ଦେବାକୁ ଠାକୁର ବହୁତ ଚେଷ୍ଟା କଲେ, ଅନେକ କଥା କହି ବୁଝାଇଲେ, ହେଲେ କିଛି ଲାଭ ହେଲାନି । ବରଂ ସେ ଏବେ ସ୍ଥିର ନିଶ୍ଚିତ – ''ଠାକୁର ଆଉ କେହି ନୁହନ୍ତି, ଏ ଯୁଗର ଅବତାର । ନରରୂପ ଧାରଣ କରି ଦକ୍ଷିଣେଶ୍ୱରରେ ଅବତୀର୍ଣ୍ଣ ହୋଇଛନ୍ତି ।''

ଠାକୁର ସେତେବେଳକୁ ଚୁପ୍ ହୋଇ ଠିଆ ହୋଇଥା'ନ୍ତି, ଭାବୁଥା'ନ୍ତି – ''ମା, ତୁ ଏ କ'ଣ କଲୁ !''

(କ୍ରମଶଃ) ❑

ବୁଦ୍ଧଙ୍କ ଆବିର୍ଭାବ ପରଠାରୁ ଦୁଇ ହଜାର କିଂବା ତଦୂର୍ଦ୍ଧ୍ୱ ବର୍ଷ ଧରି ପୂର୍ବରୁ ଯେଉଁସବୁ ବିକାଶ ଘଟିଯାଇଛି ସେସବୁ ଦକ୍ଷିଣେଶ୍ୱରର ଅବତାର ଶ୍ରୀରାମକୃଷ୍ଣଙ୍କ ଦ୍ୱାରା ଆଧ୍ୟାତ୍ମିକ ଶିକ୍ଷା ତଥା ଅନୁଭୂତିରେ ସାମଞ୍ଜସ୍ୟ ଆଣିବା ନିମନ୍ତେ ଏକ ପ୍ରସ୍ତୁତିରେ ପରିଣତ ହୋଇଛି । ଏହି କାର୍ଯ୍ୟର ଚରମ ଶିଖର ଦିଗରେ କାର୍ଯ୍ୟାରମ୍ଭ ନିମନ୍ତେ ସେ ଆସିଥିଲେ ।

(SABCL Vol. I, p. 799) — ଶ୍ରୀଅରବିନ୍ଦ

## ଶ୍ରୀରାମକୃଷ୍ଣ ଚରିତାମୃତ (୭)

# ଦେବୀ ଦର୍ଶନ

## ସନ୍ତୋଷ କୁମାର ରଥ

ଦିନ ଗଡ଼ି ସଞ୍ଜ ହେଲା । ଗତାନୁଗତପନ୍ଥୀମାନଙ୍କ ପାଇଁ କିଛି ଫରକ ପଡ଼ିଲା ନି । ମେଢ଼ିବୁଲା ମଣିଷ ଅବା କାହୁଁ ଜାଣିବ ଅତିକ୍ରାନ୍ତ ପଥ, ଅପହଞ୍ଚ ଲକ୍ଷ୍ୟଠାରୁ କେତେ ନ୍ୟୂନ । ମାତ୍ର ଜାଣିଲେ ପାଗଳା ଠାକୁର; ଶାଶ୍ୱତଙ୍କ ପଞ୍ଜିକାରୁ ଗୋଟିଏ ଦିନ ଅତିକ୍ରାନ୍ତ ହୋଇଗଲା । ନିଜ ରକ୍ଷଣ ସେତେବେଳକୁ ତାଙ୍କ ପାଇଁ ଅସମ୍ଭବ । ଦୁମ୍ କରି ପଡ଼ିଯିବାର ଶବ୍ଦ ସହ ବିକଳ କଣ୍ଠ ଶୁଭିଲା ମନ୍ଦିର ଭିତରୁ – ''ମା' ଏବେ ବି ଦେଖାଦେଲୁ ନି, ଆଉ ଗୋଟିଏ ଦିନ ପୁଣି ବୃଥାରେ କଟିଗଲା । ଦେଖା ଦେ ମା', ଦେଖା ଦେ ।'' ବାହାରର ଶଙ୍ଖ, ଘଣ୍ଟା ଧ୍ୱନି ସହ ମିଳାଇ ଗଲା ସେ ସ୍ୱର । କାହାରି କାନରେ ବାଜିଲା ନି । ମାତ୍ର ଲକ୍ଷେ ଯୋଜନରେ ଥିଲେ ବି ଶୁଣିବା ବାଲା ଶୁଣେ ସେ ପ୍ରତିଧ୍ୱନି । ଆଲୋକ ବର୍ଷଠାରୁ ଆହୁରି ତୀବ୍ର ସେ ଶବ୍ଦର ଗତି ।

ଦିନକୁ ଦିନ ଏ ଭାବଟା ବଢ଼ିବାକୁ ଲାଗିଲା – ଠାକୁର ନିଜ ଶରୀର ଓ ପ୍ରାଣିକ ଆବେଗ ସକଳ ପ୍ରତି ସଚେତନତା ହରାଇ ବସିଲେ । ନିଜକୁ ପାଶ ମୁକ୍ତ କରିଦେଲେ ଆହାର, ନିଦ୍ରା, ଭୟର ବନ୍ଧନରୁ, ସେମାନେ ବି ନିରସ୍ତ୍ର, ନିରୁପାୟ । ଅନ୍ଧାର କେତେ ଦିନ ବା ଘୋଡ଼ାଇ ରଖିଥା'ନ୍ତା ସକାଳକୁ !

ଲୋକେ ଦେଖନ୍ତି – ଯତ୍ନ ଅଭାବରୁ ଠାକୁରଙ୍କର ମୁଣ୍ଡର ବାଳ ଜଟା ଧରି ଆସିଲାଣି । ଧ୍ୟାନ କରି ବସିବା ସମୟରେ ପକ୍ଷୀମାନେ ଆସି ସେଇ ଜଟା ଭିତରୁ ସେମାନଙ୍କର ଖାଦ୍ୟ ସଂଗ୍ରହ ପାଇଁ ପ୍ରୟାସ କରନ୍ତି । ପୁଣି ମା'ର ଚରଣରେ ମଥା ପିଟି ପିଟି ମୁହଁ ଲହୁଲୁହାଣ । ବେଶଭୂଷା ଅସ୍ତବ୍ୟସ୍ତ । ମାତ୍ର ଶ୍ରୀରାମକୃଷ୍ଣଙ୍କୁ ଏସବୁ ଅଜଣା । ଶରୀର ଚେତନାଠାରୁ ସେ ଯେ କାହିଁ କେତେ ଉର୍ଦ୍ଧ୍ୱରେ । ଇଚ୍ଛା କେବଳ ନିତ୍ୟ ସାଯୁଜ୍ୟ ।

ମଥୁରବାବୁଙ୍କ ବିଶ୍ୱାସ ଘରେ ଅବିଶ୍ୱାସ ଓ ସନ୍ଦେହର ରାଜୁତି ପୁଣି ଆରମ୍ଭ ହୋଇଗଲା – ''ସତରେ କ'ଣ ଠାକୁର କାମ-କାଞ୍ଚନର ଆସକ୍ତିରୁ ସଂପୂର୍ଣ୍ଣ ରୂପେ ମୁକ୍ତ ? ବୋଧହୁଏ ମନ୍ଦିର ଭିତରେ ଦିନରାତି କଟୁଥିବାରୁ ତାଙ୍କର ଏମିତି ସବୁ ପାଗଳାମି ବାହାରୁଛି । ଆଚ୍ଛା ଦେଖିବା ଦେଖି...।'' ଅଦ୍ଭୁତ ଯୋଜନାଟିଏ ତାଙ୍କ ମୁଣ୍ଡକୁ ଜୁଟିଗଲା । ଦଳ ଆଡ଼ିଆ ତୁଠ କେତେ ଘଡ଼ି ବା ସମ୍ଭଳା ପଡ଼ିଥା'ନ୍ତା ? ନିରୁତା ଜଳ ମୁନ୍ଦାକ ପୁଣି ଢାଙ୍କି ହୋଇଗଲା ।

ମଥୁରବାବୁଙ୍କ ଫିଟନ୍ ଗାଡ଼ି ଅଟକିଲା ମେଛୁଆ ବଜାରର ଗୋଟିଏ ଗଳି ଭିତରେ । ନିଦକ ଭାବେ ଗାଡ଼ି ଭିତରେ ବସିଥା'ନ୍ତି ଶ୍ରୀରାମକୃଷ୍ଣ । ଅନେକ ଦିନ ପରେ ସହର ବୁଲି ଆସିଥିଲେ ବି ଅଚାନକ ଅଭ୍ୟର୍ଥନା ପ୍ରତି ତାଙ୍କର କୌଣସି ଆଶଙ୍କା ନ ଥାଏ । ''ବାବା, ଆପଣ ଏଇଠି ବିଶ୍ରାମ ନେଉଥା'ନ୍ତୁ । ମୁଁ ଅଳ୍ପ ସମୟ ଭିତରେ କିଛି କାମ ସାରି ଫେରି ଆସିବି ।'' – ସାମନା ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦେଇ ଫେରିଗଲେ ମଥୁରବାବୁ । ଘର ଭିତରୁ ତରୁଣୀ ଜଣେ ଆଦରରେ ପାଛୋଟି ନେଲେ ଠାକୁରଙ୍କୁ ।

ବୈଠକ ଘରର ସାଜସଜା ଦେଖି ଠାକୁର ଅବାକ୍ । ଚଟାଣ ଉପରେ ମୋଟା ମୋଟା ଗଦି, ତା' ଉପରେ କାନ୍ଥ ଆଉଜା ହୋଇ ରଖା ହୋଇଥାଏ ଗୋଲେଇ ତକିଆ ସବୁ । ମଖମଲି ଚାଦର ଉପରେ ବିଛାଡ଼ି ହୋଇ ପଡ଼ିଥାଏ ଗୋଲାପର ପାଖୁଡ଼ା । ଘର ସାରା ଅତରର ବାସନା । ଠାକୁର ଆସନ ଗ୍ରହଣ କଲେ । ପାଖ କୋଠରିର ପରଦା ଆଡ଼େଇ ବାହାରି ଆସିଲେ ଅପ୍ସରୀ ତୁଲ ରୂପବତୀ ମହିଳା ଜଣେ । ଜରିଲଗା ପୋଷାକ ସହ ତାଙ୍କର ଆଭୂଷଣ ଝକମକ କରୁଥାଏ । ଚାହାଣିରେ ତାଙ୍କର ତରଙ୍ଗର ଗତି । ନୂପୁରର ତାଳେ ତାଳେ ଆରମ୍ଭ ହେଲା ତାଙ୍କ ନୃତ୍ୟର ଛନ୍ଦ । ଏଣେ ଠାକୁର ଭାବ ବିହ୍ୱଳ । ସେଇ ତାଳ ସହ ମା' ମା' କହି ତାଙ୍କ ସୁମଧୁର କଣ୍ଠରେ ଆରମ୍ଭ କରିଦେଲେ ଶ୍ୟାମା ସଙ୍ଗୀତ । ସଙ୍ଗୀତର ମୂର୍ଚ୍ଛନାରେ ଠାକୁର ସମାଧିସ୍ଥ ହୋଇଗଲେ । ମୋହନ ମୁଦ୍ରା ପ୍ରଦର୍ଶନ କରୁଥିବା ବେଳେ ନର୍ତ୍ତକୀଙ୍କର ନଜର ପଡ଼ିଗଲା ଠାକୁରଙ୍କ ଉପରେ – ନୂପୁରର ଗତି ଥମ୍ ପଡ଼ିଗଲା । ହୃଦୟରେ ତାଙ୍କର ଭିନ୍ନ ଏକ ଯନ୍ତ୍ରଣା – ବାତ୍ସଲ୍ୟର ମମତା । ସଙ୍ଗେ ସଙ୍ଗେ ଠାକୁରଙ୍କୁ କୋଳକୁ ଟେକି ନେଇ ମୁହଁରେ ଜଳ ଛିଞ୍ଚି ସାଷ୍ଟମ କରାଇଲେ ।

''ମା, ତୁମେ ଦେଖା ଦେଲ ମା' ।'' – ଠାକୁର ହାତ ଯୋଡ଼ି ନମସ୍କାର ଜଣାଇଲେ । ନର୍ତ୍ତକୀଙ୍କ ଆଖିରୁ ଝରି ପଡ଼ିଲା ଦୁଇଟୋପା ଲୁହ – ମା'ର ମମତା । ମଥୁରବାବୁ ଠିକ୍ ସେତିକି

ବେଳକୁ ଆସି ପହଞ୍ଚିଗଲେ । କଲିକତାର ଶ୍ରେଷ୍ଠ ରୂପବତୀ ବାରାଙ୍ଗନା ଲକ୍ଷ୍ମୀ ବାଈଙ୍କର ଯେ ଏମନ୍ତ ଦଶା ହେବ ଏକଥା ତାଙ୍କର ପରତେ ନ ଥିଲା । ଚାହିଁଲେ ଠାକୁରଙ୍କ ଆଡ଼େ । ଦଳ ଘୋଡ଼ିଆ ତୁଠ ଏବେ ତାଙ୍କର ପୂରା ପରିଷ୍କାର । ''ବାବା, ମୋର ଅପରାଧ ମାର୍ଜନା କରନ୍ତୁ ।'' – ବିନୀତ ଅନୁରୋଧ ଜଣାଇଲେ ମଥୁରବାବୁ ।

ସେହିଦିନଠାରୁ ମଥୁରବାବୁ ବଡ଼ ବିଷଣ୍ଣ । ଦକ୍ଷିଣେଶ୍ୱର ଆସିଲେ ଠାକୁରଙ୍କ କୋଠରି ସାମନାରେ ଠିଆ ହୋଇ କେତେ କ'ଣ ଭାବନ୍ତି । ଠାକୁର ଏକଥା ଜାଣିପାରିଲେ । ଦିନେ ପାଖକୁ ଆସି ଅତି ଆଦରରେ କହିଲେ, ''ଜାଣ, ଓଦା ଦିଆଶିଲି କାଠିକୁ ଯେତେ ଘଷିଲେ ବି ନିଆଁ ଧରିବ ନି । କାମ-କାଞ୍ଚନ ଆସକ୍ତିରୁ ମୁକ୍ତ ନ ହେଲେ ଆତ୍ମହାର ଅଗ୍ନି ହୃଦୟରେ କେବେ ବି ଜଳିବ ନି ।'' ମଥୁରବାବୁଙ୍କ ମଥା ସେତେବେଳକୁ ନଇଁ ଆସିଲାଣି । ହୃଦୟରେ ଗ୍ଲାନିର କୋହ । ଠାକୁର ତାଙ୍କ କାନ୍ଧ ଉପରେ ହାତ ରଖି ପୁଣି କହିଲେ, ''କୁହ ତ ଦେଖି, ଲୋକେ ସ୍ତ୍ରୀ ପୁତ୍ରାଦିଙ୍କ ମୃତ୍ୟୁରେ ବା ବିଷୟ-ସମ୍ପତ୍ତି ହରାଇ ଆଖିରୁ ମାଠିଆ ମାଠିଆ ଲୁହ ଢାଳନ୍ତି, ମାତ୍ର ଭଗବାନଙ୍କୁ ପାଇଲି ନାହିଁ ବୋଲି କେହି କ'ଣ କେବେ କାନ୍ଦିବାର ଦେଖିଛ ? ଭଗବାନଙ୍କ ପାଇଁ କେହି ଥରେ ହେଲେ ଏପରି କାନ୍ଦୁ ଦେଖି – କିପରି ସେ ଦର୍ଶନ ନ ପାଇବ ।''

ମଥୁରବାବୁ ଆଶ୍ଚର୍ଯ୍ୟ ହେଲେ, ଭାବିଲେ – ଠାକୁର ତାଙ୍କ ମନର କଥା ଜାଣିଲେ କେମିତି ? ସେ ତା'ହେଲେ କେଉଁ ଏକ ଅଲୌକିକ ଶକ୍ତିର ଅଧିକାରୀ ନିଶ୍ଚୟ । ତାଙ୍କରି ପଥ ଅନୁସରଣ କଲେ ଭାବ ସମାଧିର ଅସୀମ ଆନନ୍ଦକୁ ଅନୁଭବ କରି ହେବ । ଇଚ୍ଛାକୁ ସମ୍ଭାଳି ନ ପାରି ଦିନେ ଯାଇ ଠାକୁରଙ୍କ ପାଖରେ ହାଜର, ''ବାବା ! ମୋର କିପରି ଭାବ ସମାଧି ହେବ । ମୋତେ ଥରେ ତାହା କରାଇ ଦିଅନ୍ତୁ ।'' ନ ଶୁଣିବା ଭଙ୍ଗୀରେ ଠାକୁର ବ୍ୟସ୍ତ ରହିଲେ । ମଥୁରବାବୁ ପୁନର୍ବାର ଅନୁରୋଧ କରିବାରୁ ମୃଦୁହାସ୍ୟ ସହ କହିଲେ, ''ଭାବ ସମାଧି ! ହେବ, ତା'ର ସମୟ ଆସିଲେ ହେବ । ସେଥିପାଇଁ ତୁମର ଏତେ ବ୍ୟସ୍ତତା କାହିଁକି ? ତୁମେ ତ ବେଶ୍ ଭଲରେ ଅଛ । ଏପଟ-ସେପଟ ଦୁଇ ପଟ ସମ୍ଭାଳିଛ । ଏସବୁ ହେଲେ ସଂସାରରୁ ମନ ଛାଡ଼ିଯିବ । ସେତେବେଳେ ତୁମର ବିଷୟାନୁଷ୍ଠାନର ଭାର କିଏ ଗ୍ରହଣ କରିବ ?''

ମଥୁରବାବୁ କିନ୍ତୁ ନଛୋଡ଼ବନ୍ଦା । ପାରିଧିକୁ ଯାଇ ଖାଲି ହାତରେ ଫେରି ଆସିବାଟା ତାଙ୍କର ପସନ୍ଦ ନୁହେଁ । ସହଜେ ତ ଏକଜିଦିଆ, ପୁଣି ଶୁଭସ୍ୟ ଶୀଘ୍ରମ୍ ନୀତିରେ ଠାକୁରଙ୍କୁ ପୁନର୍ବାର ଅନୁରୋଧ ଜଣାଇଲେ । ବାଳକବତ୍ ଠାକୁରଙ୍କର ଉତ୍ତର, ''ଠିକ୍ ଅଛି । ମତେ ବା କ'ଣ ଜଣା ଅଛି ? ମା'ଙ୍କୁ କହିବି, ସେ ଯାହା କରିବେ ।''

ଠାକୁରଙ୍କ ପ୍ରତି ମଥୁରବାବୁଙ୍କର ଶ୍ରଦ୍ଧା ଓ ସମ୍ମାନ ଭାବ ବଢ଼ି ବଢ଼ି ଚାଲିଥାଏ । ସବୁ କଥାରେ ତାଙ୍କରି ମତକୁ ମାନିନେବାକୁ ସେ ଶ୍ରେୟଃ ମଣୁଥା'ନ୍ତି । ଭଗବତ୍ ଆରାଧନା ଏବେ ତାଙ୍କ ନିତିଦିନିଆ କାମ ଭିତରୁ ଗୋଟାଏ । ସକାଳେ ସଞ୍ଜେ ନିତି ଧ୍ୟାନରେ ବସନ୍ତି । ଏମିତି କରୁ କରୁ ମଥୁରବାବୁଙ୍କର ସତକୁ ସତ ଦିନେ ଭାବ ସମାଧି ହୋଇଗଲା । ବିକଳ ହୋଇ ଠାକୁରଙ୍କୁ ଡକାଇ ପଠାଇଲେ ।

''ବାବା ! ବହୁତ ହେଲା । ଆଜିକୁ ତିନି ଦିନ ହେଲା ଏଇ ଅବସ୍ଥା । ବିଷୟ କର୍ମ କରିବାକୁ ଚେଷ୍ଟା କଲେ ମଧ ସେ ଆଡ଼କୁ ଟିକିଏ ହେଲେ ମନ ବଳୁ ନାହିଁ । ତୁମର ଭାବ ତୁମେ ଫେରାଇ ନିଅ ଠାକୁର । ଏସବୁ ମୁଁ ଚାହେଁ ନାହିଁ ।'' – ଠାକୁରଙ୍କ ପାଦ ଦୁଇଟି ଜାବୁଡ଼ି ଧରି ଆକୁଳ କଣ୍ଠରେ କହି ଉଠିଲେ ମଥୁରବାବୁ । ମଥୁରବାବୁ ସେତେବେଳକୁ ଆଉ ସେଇ ପୁରୁଣା ମଥୁରବାବୁ ନୁହନ୍ତି । ଆଖି ଦୁଇଟା ଲାଲ, ଅବିରତ ଅଶ୍ରୁର ଧାର । ଈଶ୍ୱରଙ୍କ କଥା କହୁ କହୁ ହୃଦୟରେ ଆନନ୍ଦର କୋହ, ଛାତି ଥର ଥର, ଦେହରେ ଶିହରଣ । ଠାକୁର ସେତେବେଳକୁ ମନେ ମନେ ହସୁଥା'ନ୍ତି । ମଥୁରବାବୁ ପୁଣି ନେହୁରା ହୋଇ ପ୍ରାର୍ଥନା ଜଣାଇଲେ, ''ବାବା ! ମୋତେ ଏଥିରୁ ଶୀଘ୍ର ଉଦ୍ଧାର କର । ମୋର ଏସବୁ ଲୋଡ଼ା ନାହିଁ ।''

''ତୁମକୁ ତ ମୁଁ ସେକଥା ଆଗରୁ କହିଛି ।'' – ହସି ହସି ଉତ୍ତର ଦେଲେ ଠାକୁର । ମଥୁରବାବୁଙ୍କ ଛାତିକୁ ଆଉଁସି ଦେଇ ତାଙ୍କର ଭାବ ପ୍ରଶମିତ କରିଦେଲେ । ଆଶ୍ୱସ୍ତ ହେଲେ ମଥୁରବାବୁ । ଗୋଟାଏ ଦୀର୍ଘଶ୍ୱାସରେ ସାରା ଜଗତକୁ ସାଉଁଟି ନେଲେ । ସତେ ଯେମିତି ବୁଡ଼ି ଯାଉଥିବା ଅବସ୍ଥାରୁ ପୁନର୍ଜୀବନ ଲାଭ କରିଛନ୍ତି । ଠାକୁର ଏବେ ରହସ୍ୟକୁ ଉନ୍ମୋଚନ କଲେ – ''ପ୍ରକୃତ କଥା ହେଲା – କେବଳ ଭାବ ବା ସମାଧି ହୋଇଗଲେ ଚଳିବ ନାହିଁ । ତାକୁ ସହ୍ୟ କରିବାର ବା ଧାରଣ କରିବାର ସାମର୍ଥ୍ୟ ଥିବା ଦରକାର । ଯଦି ମନ ଭିତରେ ସାମାନ୍ୟତମ ବାସନା ଥାଏ, ଶରୀର ଶୁଦ୍ଧ ହୋଇ ନ ଥାଏ, ତେବେ ଏହାକୁ ଧରି ରଖିବା ଅସମ୍ଭବ ।''

ଠାକୁରଙ୍କ ମୁହଁରୁ ଏସବୁ କଥା ଶୁଣିଲେ ମନେ ହୁଏ – ଯେହେତୁ ସେ ଏକଥା ନିଜ ଜୀବନରେ ପରୀକ୍ଷା କରି ସତ୍ୟ ବୋଲି ପ୍ରମାଣ ପାଇଛନ୍ତି; ତେଣୁ ଏତେ ଦୃଢ଼ ଭାବରେ ଏସବୁ କହି ପାରୁଛନ୍ତି । ତାଙ୍କର ପୁଣି ଗୋଟିଏ ନୁହେଁ ବହୁ ରାସ୍ତା ଦେଇ ଭଗବାନଙ୍କର ଭିନ୍ନ ଭିନ୍ନ ବିଭାବକୁ ଆପେଣେଇବାର ଇଚ୍ଛାଟା ହଠାତ୍ ତେଜି ଉଠିଲା । ଇଚ୍ଛା ହେଲା ଏଥର ଦାସ୍ୟ ଭାବରେ ତାଙ୍କୁ ଆରାଧନା କରିବେ ତାଙ୍କରି ସାନ୍ନିଧ୍ୟ ଲାଭ କରିବେ । ତେଣୁ ସେ ନିଜ ଭିତରେ ମହାବୀରଙ୍କର ଭାବ ଆରୋପ କରି ସାଧନା ଆରମ୍ଭ କରିଦେଲେ । ଶ୍ରୀରଘୁବୀରଙ୍କ ଦର୍ଶନ ପାଇବା ପାଇଁ ମନ ତାଙ୍କର ବିକଳ ହୋଇ ଉଠିଲା । କାମ ସରିଗଲେ ନିକାଞ୍ଚନିଆ ପଞ୍ଚବଟୀକୁ ଚାଲି ଯାଆନ୍ତି ଧ୍ୟାନ ଧାରଣା କରିବାକୁ । ଗଛ ଉପରେ ବସି ରାମ-ସୀତାଙ୍କ ଗୁଣଗାନ କରନ୍ତି । ସେଇ କେତେ ଦିନ ରନ୍ଧାଖାଦ୍ୟ ତାଙ୍କୁ ଆଉ ରୁଚିଲା ନି । ଫଳମୂଳ ହେଲା ସାରା ଦିନର ଆହାର । ଏମିତିକି ଫଳର ଚୋପା ଚାଞ୍ଛିବା କି ତାକୁ କାଟି କରି ଖାଇବାର ଆବଶ୍ୟକତାକୁ ସେ ମଧ୍ୟ ଭୁଲି ଗଲେ । କ୍ରମେ ତାଙ୍କ ଚାଲିଚଳଣି ଓ ଶାରୀରିକ ଗଠନରେ ବିରାଟ ପରିବର୍ତ୍ତନ ଦେଖା ଦେଲା । ସେ ଆଉ ପୂର୍ବପରି ଚାଲି ନ ପାରି ଖୁପ୍ ଖୁପ୍ କରି ଡେଇଁ ଡେଇଁ ଚାଲିବାକୁ ଲାଗିଲେ । ସତେ ଯେମିତି ପଞ୍ଚବଟୀର ବୁଢ଼ା ମାଙ୍କଡ଼ଟିଏ !

ପରବର୍ତ୍ତୀ କାଳରେ ଶିଷ୍ୟମାନେ ଯେତେବେଳେ ଗୁରୁଦେବଙ୍କର ଏଇ ଦାସ୍ୟ ଭକ୍ତି-ସାଧନ ସଂପର୍କରେ ଜାଣିଲେ ସେତେବେଳେ ଆହୁରି ଅନେକ ପ୍ରଶ୍ନ ପଚାରି ବସିଲେ । ଶ୍ରୀରାମକୃଷ୍ଣ ଦ୍ୱିଧାଶୂନ୍ୟ ଭାବରେ କହିଲେ, ''ହଁ, ସେତେବେଳେ ମୁଁ ମହାବୀରଙ୍କର ବହୁତ ଗୁଣର ଅଧିକାରୀ ହୋଇ ଯାଇଥିଲି । ମୋର ଲୁଗାକୁ ଅଣ୍ଟାରେ ଏମିତି ଗୁଡ଼ାଇ ଦେଉଥିଲି ଯେ ଡେଇଁବା ବେଳେ ତାହା ଲାଞ୍ଜ ପରି ଦୋହଲୁଥିଲା ଏବଂ ଗଛ ଉପରେ ବସି ରଘୁବୀରଙ୍କ ନାମଜପ କରିବା ସମୟରେ ମୋର ଆଖି ମାଡ଼ି ମାଡ଼ି ପଡୁଥିଲା, ଠିକ୍ ଗୋଟାଏ ଘୁମନ୍ତ ମାଙ୍କଡ଼ ପରି । ସବୁଠାରୁ ଆଶ୍ଚର୍ଯ୍ୟର କଥା ମୋର ମେରୁଦଣ୍ଡ ହାଡ଼ର ସବାତଳ ଅଂଶ ଗୋଟିଏ ଇଞ୍ଚ ବଢ଼ିଯାଇଥିଲା, ଯେଉଁଠାରୁ ପଶୁମାନଙ୍କର ଲାଞ୍ଜ ବାହାରେ ।''

''ଗୁରୁଦେବ, ସେ ହାଡ଼ଟି କ'ଣ ଏବେ ବି ସେମିତି ଅଛି ?'' – ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଶିଷ୍ୟ ଜଣେ; ଅନ୍ୟମାନେ ମଧ୍ୟ ଅନୁସନ୍ଧିତ୍ସୁ ଜାଣିବା ପାଇଁ ।

''ନା । ଯେତେବେଳେ ମୋ ମନରୁ ଦାସ୍ୟଭକ୍ତି-ସାଧନର ଭାବ ଦୂର ହୋଇଗଲା କାଳକ୍ରମେ ତାହା ପୂର୍ବପରି ସାଧାରଣ ଅବସ୍ଥାକୁ ଫେରି ଆସିଲା ।'' – ଉତ୍ତର ଦେଲେ ଶ୍ରୀରାମକୃଷ୍ଣ ।

ଗୁରୁଦେବଙ୍କ ମୁଖରୁ ଏମିତି ଅଦ୍ଭୁତ କ୍ରିୟାକର୍ମ ଶୁଣି ଶିଷ୍ୟ-ବର୍ଗ ହତବମ୍ବ । ଚେତନାଗତ ସ୍ତରରେ ଏକତ୍ମତା ଲାଭ କରିବା ଫଳରେ ତାହାର ପ୍ରତିକ୍ରିୟା ସ୍ୱରୂପ ଅତି ସ୍ଥୂଳ ଭୌତିକ ଶରୀରର ଯେ ଅନୁରୂପ ପରିବର୍ତ୍ତନ ଘଟିବା ସମ୍ଭବ, ଏକଥା ବିଜ୍ଞାନ ସ୍ୱୀକାର କରୁ ବା ନ କରୁ ସେଦିନ ଶିଷ୍ୟମାନଙ୍କ ମନରେ ଆଉ ସନ୍ଦେହ ରହିଲା ନି ।

''ଆଉ ଦିନକର କଥା, ମୁଁ ଯେ ଧ୍ୟାନ କରୁ ଥାଏ ତା' ନୁହେଁ । ଏମିତି ଖାଲି ଖାଲି ବସିଥାଏ । ହଠାତ୍ ଜଣେ ଜ୍ୟୋତିର୍ମୟୀ ଅପରୂପା ନାରୀ ମୋ ସାମନାରେ ଆବିର୍ଭୂତ ହୋଇ ସାରା ଇଲାକାଟାକୁ ଆଲୋକିତ କରିଦେଲେ । ତାଙ୍କର ଦୃଷ୍ଟି ସ୍ନେହ ଓ କରୁଣାରେ ଭରପୂର । ସେ ଚତୁର୍ଦ୍ଦିଗ ମୋହିତ କରି ଉତ୍ତର ଦିଗରୁ ଦକ୍ଷିଣ ଆଡ଼କୁ ଅଗ୍ରସର ହେଲେ । ସେତେବେଳକୁ ମୁଁ ସ୍ତମ୍ଭୀଭୂତ, ଭାବୁଥାଏ ଇଏ କିଏ ? ଇଏ କ'ଣ କେହି ମାନବୀରୂପୀ ଦେବୀ ? ଠିକ୍ ସେତିକିବେଳକୁ ଗୋଟାଏ ହନୁମାଙ୍କଡ଼ ହୁପ୍ ହୁପ୍ ଶବ୍ଦ କରି କେଉଁ ଆଡୁ ଛୁଟି ଆସିଲା ଏବଂ ଦେବୀଙ୍କ ପାଦତଳେ ଲୋଟିଗଲା । ମୋ ମନ ଭିତରେ କିଏ ଯେମିତି କହି ଉଠିଲା – 'ଜାଣି ପାରୁ ନାହୁଁ ଏଇ ପରା ଜନକନନ୍ଦିନୀ ଦେବୀ ସୀତା ।' '' – ଏତିକି କହିବା ବେଳକୁ ଠାକୁରଙ୍କ ଶରୀରରେ ରୋମାଞ୍ଚ, କଣ୍ଠରୁଦ୍ଧ ହୋଇ ଆସୁଥାଏ ।

''ଗୁରୁଦେବ ! ତା'ପରେ ?'' – ସମସ୍ତେ ଏକ ସ୍ୱରରେ ପ୍ରଶ୍ନ କରି ବସିଲେ ।

ଇଚ୍ଛା ନ ଥିଲେ ବି ଠାକୁର କହିବା ପାଇଁ ବାଧ୍ୟ ହେଲେ – ''ସେତେବେଳକୁ ମୋ ହୃଦୟର ସ୍ପନ୍ଦନ ମାତ୍ରାଧିକ । ମୁଁ ମା' ମା' କହି ତାଙ୍କ ପାଦ ତଳେ ଲୋଟିଗଲି । ସେ ସହସା ଆସି ମୋ ଶରୀରରେ ପ୍ରବିଷ୍ଟ ହେଲେ । ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇ ମୁଁ ମୋର ବାହ୍ୟଜ୍ଞାନ ହରାଇ ସେଇଠାରେ ପଡ଼ିଗଲି ।''

ଉପସ୍ଥିତ ଶ୍ରୋତୃବୃନ୍ଦ ସମସ୍ତେ ନତ ମସ୍ତକ । ଠାକୁର ହଠାତ୍ ସଚେତନ ହୋଇଗଲେ । ବିକଳ କଣ୍ଠରେ କହି ପକାଇଲେ, ''ମା' ମୁଁ ଏ କ'ଣ କଲି !''

(କ୍ରମଶଃ)

❑❑❑

## ଶ୍ରୀରାମକୃଷ୍ଣ ଚରିତାମୃତ (୮)

# ଅଭିଶାପ ନୁହେଁ ଆଶୀର୍ବାଦ

## ସନ୍ତୋଷ କୁମାର ରଥ

ନିଜ ଚଢ଼ା ପାହାଡ଼ର ଶିଖରକୁ ଉଠିଗଲେ ଚଢ଼ାଶେଷ ହୋଇ ଯାଏ ନି । ଯିଏ ପ୍ରକୃତ ଚଢ଼ାଳି ସେ ଜାଣେ ତା' ପାଇଁ ଆହୁରି ଉଚ୍ଚତର ଶିଖରସବୁ ବାକି ରହିଛି । ସେତେବେଳେ ସେ ଦେଖେ, ଆଗରୁ ଯାହା ଦେଖି ପାରୁ ନ ଥିଲା, ସେ ଶୁଣେ ଆଗରୁ ଯାହା ଶୁଣିପାରୁ ନ ଥିଲା । ଆଉ ଭାବନା ଲମ୍ବିଯାଏ ଅପରାର୍ଦ୍ଧରୁ ପରାର୍ଦ୍ଧକୁ, ଭୂମିରୁ ଭୂମାକୁ । ସେଇତକକୁହିଁ ସେ ମଣେ ତା' ମେହେନତର ପାଉଣା । ତଥାପି ସେ ଥମି ଯାଏ ନି, ପାଉଣା ଭରଣା କରିବାକୁ ତ ସେ ଚଢୁ ନ ଥିଲା । – ଠାକୁର ଏକଥା ଜାଣନ୍ତି । ସେଥିପାଇଁ ବୋଧେ ସେ ତୁଷ୍ଟ ନୁହନ୍ତି । ମାତ୍ର ହଳଧାରୀ ଏସବୁ ତତ୍ତ୍ୱର ଧାର ଧାରନ୍ତି ନି । ତାଙ୍କ ମତରେ ସେ ଚଉଦ ପା । ଶିଖର ଚଢ଼ା ତ ଦୂରର କଥା, ନିଜ ଜ୍ଞାନ ଗଣ୍ଡୂଷକୁ ନେଇ ସେ ବେଉସା କରନ୍ତି, ସଫରୀ ଅବା କେତେ ଗହୀରକୁ ଯିବ ?

ହଳଧାରୀ ଶାସ୍ତ୍ରଜ୍ଞ, ଭାଗବତ ଓ ଅଧ୍ୟାତ୍ମ-ରାମାୟଣ ପ୍ରତି ବିଶେଷ ଅନୁରକ୍ତ ଏବଂ ଯାଜନ ବିଦ୍ୟାରେ ପାରଙ୍ଗମ । ପୁଣି ମଥୁରବାବୁଙ୍କ ଦ୍ୱାରା ଦକ୍ଷିଣେଶ୍ୱରରେ ପୂଜକ ପଦ ପାଇବାଠୁ ସେ ଧରାକୁ ସରା ମଣନ୍ତି । କଥା କଥାକେ ନିଆଁବାଣ । ଲୋକଙ୍କର ଧାରଣା – ହଳଧାରୀ ବାକ୍‌ସିଦ୍ଧ, ତାଙ୍କ କଥା ଅନ୍ୟଥା ହେବ ନି । କିନ୍ତୁ ବୈଷ୍ଣବ ବୋଲେଇ ପରକୀୟା ପ୍ରେମ ସାଧନରେ ରତ ଥିବା କଥା ଥୋକେ କାହିଁକି, ଏବେ ସଭିଏଁ ଜାଣିଲେଣି । ସଭିଏଁ ଜାଣିଥିଲେ ବି ତାଙ୍କ ପଛରେ ଟୁପୁରୁଟାପର ହୁଅନ୍ତି ସିନା ସତ୍ୟକୁ ସାମନା କରିବାକୁ କାହାରି ସାହସ ନ ଥାଏ । କାଳେ ଶାପ ଫଳିଯିବ ।

ଠାକୁରଙ୍କୁ ଏକଥା ଅସହ୍ୟ ବୋଧହେଲା । ଜଣେ ପୂଜକର ଯଦି ଏମନ୍ତ ଦଶା ହୁଏ, ତେବେ ସର୍ବନାଶ । ଏଣେ ପୁଣି ସେ କୁଟୁମ୍ବ ଲେଖା ଭାଇ ହେବେ । ଠିକ୍ କଲେ କଷଟି ଚିହ୍ନଟ ହେଲା ପରେ ଗିଲ୍‌ଟିକୁ ସୁନା ନୁହେଁ ବୋଲି କହିବାରେ କ୍ଷତି ନାହିଁ । ବରଂ ମୋହମୁକ୍ତ କରିଦେବା ଦରକାର । କାମିନୀ-କାଞ୍ଚନ ମୋହ ନ ଯିବା ଯାଏଁ ଈଶ୍ୱର ଲାଭ ଅସମ୍ଭବ । ଏମିତିକି ସେଦିଗରେ ଯିବାକୁ ମନ ମଧ୍ୟ ବଳିବ ନାହିଁ ।

''ଏତେ ବଡ଼ ଆସ୍ପର୍ଦ୍ଧା ! ତୁ ମୋ'ଠାରୁ ସାନ ହୋଇ ମୋତେ ଏପରି ଅବଜ୍ଞା କଲୁ ? ତୋ ମୁଖରୁ ରକ୍ତ ପଡ଼ିବ !'' – ପଦ୍ମତୋଳା ଶୁଣି ବିଷଧର ସର୍ପପରି ଗର୍ଜି ଉଠିଲେ ହଳଧାରୀ । ଠାକୁରଙ୍କର କିନ୍ତୁ କିଛି ପ୍ରତିକ୍ରିୟା ନ ଥାଏ, ଭୟ ବି ନ ଥାଏ । ଯିଏ ଭଗବତୀଙ୍କ ଶକ୍ତିରେ ସୁରକ୍ଷିତ, ଏମିତି କ'ଣ ବା ଅଛି ତାକୁ ପ୍ରତିହତ କରିବ ?

ସେତେବେଳକୁ ଦକ୍ଷିଣେଶ୍ୱରର ମହିମା ତୁଣ୍ଡ ବାଇଦ । ଫୁଲର ମହକ ପରି ମହିମା ପ୍ରସରି ଯାଏ; ଜଳି ଉଠେ ପୁଣି ଲିଭିଯାଏ । ଏବେ ବହୁ ଦର୍ଶକ ଓ ଭକ୍ତଙ୍କର ନିତି ଭିଡ଼ । ତୀର୍ଥଯାତ୍ରୀମାନେ ଗଙ୍ଗାସାଗର ମେଳା ଓ ଜଗନ୍ନାଥ ଧାମକୁ ଯିବା ସମୟରେ କାଳୀବାଡ଼ିରେ ପାଦ ପକାଇ ଦେଇ ଯାଆନ୍ତି । ସେମାନଙ୍କ ମଧ୍ୟରୁ ସାଧୁ ସନ୍ନ୍ୟାସୀମାନେ ରାଣୀ ରାସମଣିଙ୍କ ଆଦର ଅଭ୍ୟର୍ଥନା ଏଡ଼ାଇ ନ ପାରି ଦୁଇ, ଚାରି ଦିନ ସକାଶେ ଡେରା ପକାନ୍ତି । ଠାକୁରଙ୍କର ଭାରି ଆନନ୍ଦ । ସାଧୁ ସେବା ସହ କାହାଠାରୁ ପ୍ରାଣାୟାମ ତ କାହାଠାରୁ ହଠଯୋଗ ଶିଖିବାରେ ଆଗ୍ରହୀ । ହଳଧାରୀଙ୍କ ଶାପ ସେତେବେଳକୁ ତାଙ୍କ ସ୍ମୃତିର ଅଗୋଚର । ମାତ୍ର ଦିନ କେଇଟା ବିତିଛିକି ନାହିଁ ଦିନେ ରାତି ଆଠଟା କି ନଅଟା ହେବ ହଠାତ୍ ଠାକୁରଙ୍କ ମୁହଁରୁ ସତକୁ ସତ ରକ୍ତ ପଡ଼ିବା ଆରମ୍ଭ ହୋଇଗଲା । ଶିମ୍ବ ପତ୍ରର ରସ ପରି ଗାଢ଼ ସବୁଜିଆ ତା'ର ରଙ୍ଗ । ସମସ୍ତେ ଅବାକ୍, ହଳଧାରୀ ମଧ୍ୟ ଖବର ପାଇ ଦଉଡ଼ି ଆସିଲେ । ଯୋଗକୁ ସେତିକିବେଳକୁ ଜଣେ ପ୍ରାଚୀନ ପଞ୍ଚାୀ ସିଦ୍ଧ ଯୋଗୀ ଦକ୍ଷିଣେଶ୍ୱରରେ ଅବସ୍ଥାନ କରୁଥିଲେ । ସେ ସେଇ ରକ୍ତର ରଙ୍ଗ ଓ ବେଗ ଦେଖି କହି ପକାଇଲେ, ''ଆଚ୍ଛା ! ତୁମେ ନିଶ୍ଚୟ ପ୍ରାଣାୟାମ ଓ ହଠଯୋଗ ସାଧନା କରୁଛ । ହଠଯୋଗ ଶେଷରେ ଜଡ଼ ସମାଧି ହୁଏ । ତୁମର ମଧ୍ୟ ତାହା ହେଉଥିଲା । ସୁଷୁମ୍ନାର ଦ୍ୱାର ଖୋଲିଯାଇ ରକ୍ତ ମୁଣ୍ଡକୁ ଉଠିଯାଇଥିଲା । କିନ୍ତୁ ତାହା ମୁଣ୍ଡ ଭିତରକୁ ନ ଯାଇ ଯୋଗକୁ ଆଉ ଗୋଟାଏ ବାଟ ଫିଟାଇ ପାଟି ଦେଇ ବାହାରି ଆସିଲା । ଜଡ଼ ସମାଧି ହୋଇ ଯାଇଥିଲେ ତାହା ଆଉ ଭାଙ୍ଗି ନ ଥା'ନ୍ତା । ମା' ଭଗବତୀଙ୍କ କରୁଣା, ତୁମର ଶରୀର ଦ୍ୱାରା ତାଙ୍କର ବିଶେଷ କାର୍ଯ୍ୟ କରିବାର ଅଛି । ସେଥିପାଇଁ ତୁମେ ଆଜି ରକ୍ଷା ପାଇଗଲ ।''

ହଳଧାରୀ ସେତେବେଳକୁ ଲଜ୍ଜିତ । ଠାକୁର ବାଳକବତ୍ ଧାଇଁଲେ ମା'ଙ୍କ ପାଖକୁ । ଉପସ୍ଥିତ ଦେଖଣାହାରୀ ଆଚମ୍ବିତ – ଅଭିଶାପ ପୁଣି କ'ଣ ଏମିତି ଆଶୀର୍ବାଦ ହୋଇଯାଏ ! ଜୟ ମା କାଳି, ଜୟ ମା କାଳି !

ସାଧୁଙ୍କର ସେଦିନର ଚେତାବନୀ ଥିଲା ଅତ୍ୟନ୍ତ ପ୍ରାଞ୍ଜଳ । ସେ ସ୍ପଷ୍ଟ କରିଦେଲେ ଯେ – ହଠଯୋଗ ଓ ପ୍ରାଣାୟାମ ଏ ଯୁଗଧର୍ମୀ ନୁହେଁ । ବର୍ତ୍ତମାନର ସମୟ ରାଜଯୋଗ ସାଧନ ନିମନ୍ତେ ପ୍ରଯୁଜ୍ୟ । କାରଣ କଳିଯୁଗର ମଣିଷ ଅଳ୍ପାୟୁ ପୁଣି ଖାଦ୍ୟ ଭିତ୍ତିକ ଶକ୍ତି ଉପରେ ପୂର୍ଣ୍ଣ ନିର୍ଭରଶୀଳ । ତଥାପି ଯଦି ଜଣେ ଏହା ଶିକ୍ଷା କରିବାକୁ ଇଚ୍ଛା କରୁଥାଏ ତେବେ ସେ ସଦା ସର୍ବଦା ତା'ର ଗୁରୁଙ୍କ ନିକଟରେ ରହିବ ଏବଂ ନିଜର ଖାଦ୍ୟ, ବିଶ୍ରାମ ଓ ବ୍ୟାୟାମ ପ୍ରତି ନିଷ୍ଠାପର ହେବ । ଏଥିରେ ସାମାନ୍ୟତମ ବ୍ୟତିକ୍ରମ ହେଲେ ସାଧକର ଶରୀରରେ ନାନା ପ୍ରକାରର ଅସୁସ୍ଥତା ଦେଖା ଦେଇଥାଏ । ତେଣୁ ଏଯୁଗରେ ଏସବୁର ଆବଶ୍ୟକତା ନାହିଁ । ବରଂ ମଣିଷ ଯଦି ନିୟତ ଭଗବାନଙ୍କୁ ସ୍ମରଣରେ ରଖିପାରେ ତେବେ ସେ ନିଶ୍ଚୟ ତାଙ୍କୁ ପ୍ରାପ୍ତ ହେବ । ଧ୍ୟାନ-ଧାରଣା ଓ ଭକ୍ତିଭାବ ହେଉଛି ଏଯୁଗର ସବୁଠାରୁ ସହଜ ଓ ସରଳ ପନ୍ଥା ।

କାହିଁକି କେଜାଣି ଠାକୁରଙ୍କ ମନରେ ଦିନେ ଭାବାନ୍ତର ସୃଷ୍ଟି ହେଲା । ହୃଦୟକୁ ଡାକି କହିଲେ – ''ଜାଣିଛୁ, ତପସ୍ୟା କରିବା ଲାଗି ଗୋଟିଏ ନୂତନ ପଞ୍ଚବଟୀ ସ୍ଥାପନାର ବାସନା ମନରେ ଜାଗିଛି । ଭାବୁଛି ଯେଉଁଠାରେ ସାଧନା କୁଟୀର ଅଛି ତାହାରି ପଶ୍ଚିମ ପଟକୁ ଲାଗି ରହିଥିବା ସ୍ଥାନଟି ଉପଯୁକ୍ତ ହେବ ।'' ହୃଦୟ ନିଜର ସମ୍ମତି ଜଣାଇଲେ ଏବଂ ମଥୁରବାବୁ ପ୍ରସ୍ତାବକୁ ଅନୁମୋଦନ କଲେ ।

ଠାକୁର ନିଜ ହାତରେ ଗୋଟିଏ ଅଶ୍ୱତ୍ଥ ଗଛ ପୋତିଲେ ଏବଂ ହୃଦୟ ଦ୍ୱାରା ଅଶୋକ, ବେଲ, ଅଁଳା, ତୁଳସୀ, ଅପରାଜିତା ଆଦି କେତେ କିସମର ଗଛ ପୋତି ସୁନ୍ଦର ଉଦ୍ୟାନଟିଏ ତିଆରି କରିଦେଲେ । ମଥୁରବାବୁଙ୍କ ସାହାଯ୍ୟରେ ବିଭିନ୍ନ ତୀର୍ଥରୁ ପବିତ୍ର ମାଟି ଆଣି ପଞ୍ଚବଟୀରେ ଛିଞ୍ଚିଦେଲେ । ''ଉଦ୍ୟାନଟିଏ ସିନା ହେଲା, ହେଲେ ତା'ର ସୁରକ୍ଷା ପାଇଁ ବାଡ଼ଟିଏ କରିବା ତ ଦରକାର ।'' – ଭାବନାକୁ ଭିତରେ ରଖିଥା'ନ୍ତି ଠାକୁର ।

''ଗୋସେଇଁ ମହାପ୍ରଭୁ ! ଗଙ୍ଗା ସ୍ରୋତରେ ଗୋଟାଏ ଗୋଛା ବାଉଁଶ ଓ ବିଡ଼େ ଦଉଡ଼ି ଭାସି ଆସି ଆମ ଘାଟରେ ଲାଗିଛି । ପଞ୍ଚବଟୀର ବାଡ଼ ପାଇଁ ସେତକ ଢେର ହେବ ।'' – ତହିଁ ପରଦିନ ସକାଳୁ ସକାଳୁ ମନ୍ଦିରର ପୂଜକ ଆସି ଖବର ଦେଲା । ଜଗଦମ୍ବାଙ୍କ ଅପାର କୃପାକୁ ଠାକୁର ଅନୁଭବ କଲେ, ଭାବିଲେ, ''ଯାହା ଚାହୁଁଛି ତ ତାହା ପାଖରେ ଅଛି । ଅଥଚ ଲୋକେ ନାନା ସ୍ଥାନ ଘୂରନ୍ତି କାହିଁକି !''

ଠାକୁରଙ୍କ ପ୍ରତି ଭଗବତୀଙ୍କର ଏପରି ଅଯାଚିତ କରୁଣା କଥା ଚାରିଆଡ଼େ ଚହଳ ପଡ଼ିଲାଣି । ସମସ୍ତେ ବୁଝିଲେଣି – ପାଗଳା ଠାକୁରର କିଛି ଗୋଟାଏ ନିଆରା ଗୁଣ ରହିଛି । ତା' ନ ହୋଇଥିଲେ ସବୁବେଳେ ମା' ମା' ହେଇ ଜୀବନ ଯାଉଥା'ନ୍ତା ! ମାତ୍ର ହଳଧାରୀଙ୍କ ପକ୍ଷରେ ଏହା ଅସହ୍ୟ । ଠାକୁରଙ୍କ ଦିବ୍ୟାନୁଭୂତି କଥା କେହି ଚର୍ଚ୍ଚା କରୁଥିଲେ, ସେ କ୍ଷୁବ୍ଧ ହୋଇ କୁହନ୍ତି, ''ଏଗୁଡ଼ାକ ମିଥ୍ୟା, ମାୟା ଦର୍ଶନ । ଗୋଟାଏ ଅପରିପକ୍ୱ ଚିନ୍ତାଧାରାର ଏସବୁ ଭାବାନ୍ତର ।''

ଏସବୁ ଶୁଣି ଶୁଣି ଠାକୁରଙ୍କର ଦିନେ ନିଜର ଉପଲବ୍ଧିଗୁଡ଼ିକ ଉପରେ ସନ୍ଦେହ ଜାତ ହେଲା । ଭାବିଲେ – ''ତାହା ହେଲେ କ'ଣ, ଯେତେସବୁ ଈଶ୍ୱରୀୟ ରୂପ ଦର୍ଶନ କରିଛି, ଆଦେଶ ପାଇଛି ସେ ସମସ୍ତ ଭୁଲ୍ ? ମା' ମୋତେ କ'ଣ ଫାଙ୍କି ଦେଇଛି ।'' ମନ ତାଙ୍କର ବଡ଼ ବ୍ୟାକୁଳ ହୋଇ ଉଠିଲା । ଅଭିମାନରେ କାନ୍ଦି କାନ୍ଦି ଛୋଟ ଶିଶୁଟିଏ ପରି ଧାଇଁଲେ ମା'ଙ୍କ ପାଖକୁ । ଚରଣ ଧରି ମିନତି କଲେ, ''ମା ! ନିରକ୍ଷର ମୂର୍ଖ ବୋଲି ସତରେ କ'ଣ ତୁ ମୋତେ ଠକି ଦେଲୁ । କହ ମା', କହ !''

ମନ୍ଦିର ସେତେବେଳକୁ ନିଶୁନ୍ । ଠାକୁର ଭାବବିହ୍ୱଳ ହୋଇ ଅନାଇ ରହିଥା'ନ୍ତି ଉତ୍ତର ଆଶାରେ । କିଛି କ୍ଷଣ ପରେ ଦେଖିଲେ – ସହସା ଚଟାଣ ଉପରୁ କୁହୁଡ଼ି ଭଳି ଧୂଆଁ ଉଠି ସାରା ସ୍ଥାନଟି ପୂର୍ଣ୍ଣ ହୋଇଗଲା । ସେହି କୁହୁଡ଼ିଆ ଧୂଆଁ ଭିତରୁ ରୂପ ନେଲା ଏକ ଜୀବନ୍ତ ସୌମ୍ୟ ମୂର୍ତ୍ତି । ଠାକୁର ସେମିତି ନିଶ୍ଚଳ ହୋଇ ଅନାଇ ରହିଥା'ନ୍ତି । ତାଙ୍କ ଆଖିରେ ପଲକ ନ ଥାଏ । ''ଆରେ ତୁ, ଭାବ ମୁଖର ହୋଇ ରହ ।'' – ଏହିପରି ତିନି ଥର କହି ସେହି ମୂର୍ତ୍ତି ପୁଣି କୁଆଡ଼େ ଅଦୃଶ୍ୟ ହୋଇଗଲା । ତା' ଅର୍ଥ ଭାବରେ ମିଳଇ ହରି, ତର୍କେ ବହୁ ଦୂର ।

କ୍ରମଶଃ ଠାକୁରଙ୍କର ଭାବ ବିହ୍ୱଳତା ଏତେ ବଢ଼ିଗଲା ଯେ କ୍ରିୟା କର୍ମ କରିବାରେ ମନର ସାଧାରଣ ଭାରସାମ୍ୟ ହରାଇ ବସିଲେ । ଦିନେ ସେ ପୂଜା କରୁଥିବା ସମୟରେ ପାଖରେ ହୃଦୟ ଓ ମଥୁରବାବୁ ଉପସ୍ଥିତ ଥାଆନ୍ତି । ନିଜର ପୂଜା ଆସନରୁ ଉଠିପଡ଼ି କ'ଣ ଭାବିଲେ କେଜାଣି, ହୃଦୟର ହାତ ଧରି ଆଣି ତାଙ୍କୁ ସେଇ ଆସନରେ ବସାଇଲେ ଏବଂ ମଥୁରବାବୁଙ୍କୁ କହିଲେ,

''ଆଜିଠାରୁ ହୃଦୟ ମା'ଙ୍କର ପୂଜା ଆରାଧନା କରିବ । ମା' କହିଛନ୍ତି ସେ ମୋରି ପରି ତା'ଠାରୁ ପୂଜା ଗ୍ରହଣ କରିବେ ।''

ମଥୁରବାବୁ ଏବେ ବିଷମ ସଂକଟରେ ପଡ଼ିଲେ । 'ହଁ' କରିବେ କି 'ନାହିଁ' କରିବେ ହଠାତ୍ କିଛି ସ୍ଥିର କରି ପାରିଲେ ନାହିଁ । ତାଙ୍କ ମାନସିକ ବିଚାର ଯେ ଏଥିପାଇଁ ଅଯୋଗ୍ୟ – ସେ ନିଜେ ବୁଝିପାରିଲେ । କେବଳ ଏତିକି ମାତ୍ର କହିଲେ, ''ମା'ଙ୍କ ଇଚ୍ଛାହିଁ ପୂର୍ଣ୍ଣ ହେଉ ।''

ଠାକୁର ଯେ କାଳୀ ମନ୍ଦିରର ପୂଜାକାର୍ଯ୍ୟ ଛାଡ଼ି ଦେଇଛନ୍ତି, ଏକଥା ପାଣିରେ ଟେକାଟିଏ ପଡ଼ିଲା ପରି ଚହଲିଗଲା ଏ କୂଳରୁ ସେ କୂଳକୁ; ଦକ୍ଷିଣେଶ୍ୱରରୁ କାମାର ପୁକୁରକୁ । ଅଘଟଣ ସତେ ଯେମିତି ବନ୍ୟାର ସୁଅ, ବହନ୍ତା ନଈର ବେଗଠାରୁ ଢେର ବେଶୀ । ଠିକ୍ ସେମିତି କଥାଟା ଖୁବ୍ ଶୀଘ୍ର ତାଙ୍କ ମା' ଓ ଭାଇଙ୍କ କାନରେ ପଡ଼ିଗଲା । ଚନ୍ଦ୍ରାଦେବୀ ସ୍ଥିର ହୋଇଗଲେ – ''ଏସବୁ ପୁଅର ପାଗଳାମି ।'' ତେଣୁ ଗାଁକୁ ଫେରି ଆସିବା ପାଇଁ ପୁଅ ପାଖକୁ ଖବର ପଠାଇଲେ । ପୁଅର ଫେରନ୍ତା ବାଟକୁ ଶୋଷିଲା ଚାତକ ପରି ଅନାଇ ରହିଥା'ନ୍ତି । ମା' ମନ, ମନକୁ ପାପ ଛୁଉଁ ଥାଏ । ସିଏବା କାହୁଁ ଜାଣିବେ ଯେ ଯିଏ ଗିରି ଗୋବର୍ଦ୍ଧନ ଟେକୁଥିଲା, ପାଟିରେ ବ୍ରହ୍ମାଣ୍ଡ ଧାରଣ କରିଥିଲା ସେ କ'ଣ କେବେ ପାଗଳ ହୋଇପାରେ !

ଠାକୁର ଫେରି ଆସିଲେ ମା'ର କୋଳକୁ । ଚନ୍ଦ୍ରାଦେବୀ ଲକ୍ଷ୍ୟ କଲେ – ପୁଅ ଭିତରେ ଗୋଟାଏ ବିରାଟ ପରିବର୍ତ୍ତନ । ସେ ଆଉ ପୂର୍ବର ସେହି ଚପଳ ଗଦାଧର ନୁହେଁ; ପାଲଟି ଯାଇଛି ଅତ୍ୟନ୍ତ ଉଦାସୀନ, ନିର୍ଲିପ୍ତ, ଭାବଗମ୍ଭୀର ମଣିଷଟିଏ । କଥା କଥାକେ ମା'ର ଆଲେଖ୍ୟ, ଭାବ ଉନ୍ମାଦ । ଘର କି କୁଟୁମ୍ବ ପ୍ରତି ଟିକିଏ ମୋହ ନାହିଁ । ସାରା ଦିନ କଟେ 'ଭୂତୀର ଖାଲ' ନ ହେଲେ 'ବୁଧୁଇ ମୋଡ଼ଲ' ଶ୍ମଶାନରେ । ସେଇଠି ମା'ର ଆରାଧନା ଓ ପୂଜା-ଅର୍ଚ୍ଚନା । ପୂଜା ଶେଷରେ ମଶାଣିଚଣ୍ଡୀ ଓ ଅନ୍ୟାନ୍ୟ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ସେ ଭୋଗ ନିବେଦନ କରନ୍ତି । ସେସବୁ ବାୟୁବେଗରେ ଉର୍ଦ୍ଧ୍ୱକୁ ଉଠିଯାଇ ଶୂନ୍ୟରେ କେଉଁଆଡ଼େ ଲୀନ ହୋଇ ଯାଉଥିଲା ।

ଦିନକର ଘଟଣା, ଠାକୁର ପାଲିଙ୍କିରେ ବସି ହୃଦୟଙ୍କ ଗାଁକୁ ଯାଉଥିଲେ । କାମାର ପୁକୁରରୁ ଶିହିଡ଼ି ଯିବା ପାଇଁ ପାଦଚଲା ସରୁ ରାସ୍ତା କେତେବେଳେ ଧାନ କ୍ଷେତ ଭିତରେ ତ କେତେବେଳେ ପୁଣି ହଜିଯାଏ ବୁଦୁବୁଦୁକିଆ ଜଙ୍ଗଲ ଭିତରେ । ବର୍ଷାଦିନେ ଘାସ ଘୋଡ଼ିଆ ଗୁଳା ଭିତରୁ ରାସ୍ତା ଠାବ କରିବା କାଠିକର ପାଠ । ଅବଶ୍ୟ ଲକ୍ଷ୍ୟ ସ୍ଥିର ଥିଲେ କେହି କେବେ ବାଟ ହୁଡ଼େ ନି । ବେହେରାମାନେ ଲସର ପସର ହେଇ ମାଡ଼ି ଚାଲିଥା'ନ୍ତି ହିଡ଼ ବାଡ଼ ଡେଇଁ । ପକ୍ଷୀର କାକଳି, ଛାଇ ଛାଇଆ ଥଣ୍ଡା ବାଆ ସହ ହିଡ଼ବନ୍ଧା ଧାଡ଼ି ଧାଡ଼ି ଗଛର ଶୋଭାକୁ ଉପଭୋଗ କରୁଥିଲେ ଠାକୁର । ଉପରେ ନୀଳ ଆକାଶ । ହଠାତ୍ ତାଙ୍କର ମନେ ହେଲା – ନିଜ ଶରୀରରୁ ବାହାରି ଆସିଲେ ଦୁଇ ଜଣ କିଶୋର ବାଳକ । ଶ୍ୟାମ କାନ୍ତି ରୂପ, ସରଳ ଚପଳ ଭାବଭଙ୍ଗୀ । କେତେବେଳେ ସେମାନେ ସେହି ଜଙ୍ଗଲିଆ ଲଟା ଗହଳରୁ ହାତପାହାନ୍ତା ଫୁଲଗୁଡ଼ାକୁ ତୋଳି ଆଣୁଥା'ନ୍ତି ତ, କେତେବେଳେ ପୁଣି ବୁଦା ଉହାଡ଼ରେ ଲୁଚି ଯାଇ ଏକ ଆନକୁ ଖୋଜି ପାଇବାର ଇସାରା ଦେଉଥାଏ । କେତେବେଳେ ଅବା ହାସ ପରିହାସ, ପୁଣି କେତେବେଳେ ଶାନ୍ତ, ଶିଷ୍ଟ ହୋଇ ଚାଲିଥା'ନ୍ତି ପାଲିଙ୍କିର ଧାରେ ଧାରେ । ବେହେରାମାନଙ୍କୁ କିନ୍ତୁ ଏସବୁ ଅଜଣା । ବେଶ୍ କିଛିବାଟ ଆନନ୍ଦ ଉଲ୍ଲାସରେ କଟାଇଦେବା ପରେ ବାଳକ ଦୁଇ ଜଣ ପୁନର୍ବାର ଠାକୁରଙ୍କ ଶରୀରରେ ଲୀନ ହୋଇଗଲେ ।

ଏହି ଅଲୌକିକ ଦର୍ଶନର ପ୍ରାୟ ଦେଢ଼ ବର୍ଷ ପରେ ଜଣେ ବିଶିଷ୍ଟ ଯୋଗ-ସାଧିକା ଦକ୍ଷିଣେଶ୍ୱର ଆସିଥିଲେ । ସେ ଠାକୁରଙ୍କର ଏମିତି ଏକ ଅତିଭୌତିକ ଅନୁଭୂତି କଥା ଶୁଣି ଘଡ଼ିଏ ଗମ୍ଭୀର ହୋଇଗଲେ । ତା'ପରେ କହିଲେ, ''ବାବା ! ତୁମେ ଠିକ୍ ଦେଖିଛ । ଏଥର ନିତ୍ୟାନନ୍ଦଙ୍କ ଖୋଳରେ ଚୈତନ୍ୟଙ୍କର ଆବିର୍ଭାବ । ଶ୍ରୀନିତ୍ୟାନନ୍ଦ ଓ ଶ୍ରୀଚୈତନ୍ୟ ଏଥର ଏକ ସଙ୍ଗରେ ଏକାଧାରରେ ଆସି ଅବସ୍ଥାନ କରୁଛନ୍ତି । ତୁମରି ଭିତରେ ଅବସ୍ଥାନ କରୁଛନ୍ତି । ସେଥିପାଇଁ ତୁମର ଏଭଳି ଦିବ୍ୟ ଦର୍ଶନ ହେଲା । ଧନ୍ୟ ବାବା, ଧନ୍ୟ ତୁମର ମହିମା !''

ହାତଗଣା କେଇଜଣଙ୍କୁ ଛାଡ଼ିଦେଲେ, ଠାକୁର ଯେ ଐଶୀ ଗୁଣର ଅଧିକାରୀ – ଏକଥା ସଭିଙ୍କର ସେପର୍ଯ୍ୟନ୍ତ ହୃଦ୍‌ବୋଧ ହୋଇ ନ ଥାଏ । ବରଂ ସ୍ୱଭାବରେ ଭିନ୍ନତା ଦେଖି ସାଇ ପଡ଼ିଶା, ଜ୍ଞାତି-କୁଟୁମ୍ବ ସମସ୍ତଙ୍କର ଏବେ ସେଇ ଗୋଟାଏ ଚର୍ଚ୍ଚା, ଗୋଟିଏ ଆକ୍ଷେପ – ''ଏମିତି କେତେ ପାଗଳାମି ଦେଖିଛୁ । କାନ୍ଧରେ ଯୁଆଳି ପଡ଼ିଗଲେ ସବୁ ଠିକ୍ ହୋଇଯିବ ।''

ଚନ୍ଦ୍ରାଦେବୀ ଏବେ ଭାବିଲେଣି – ପୁଅର ସଂସାର ବିମୁଖତା ଏଡ଼ାଇବା ପାଇଁ ତାହାହିଁ ବୋଧେ ଉପାୟ । ମାତ୍ର ମୁହଁ ଖୋଲି କେହି ଏକଥା ସିଧା ସଳଖ କହି ନ ଥା'ନ୍ତି ।

(କ୍ରମଶଃ) ❑

## ଶ୍ରୀରାମକୃଷ୍ଣ ଚରିତାମୃତ (୯)

# ପୁଅାଣୀଘର

## ସନ୍ତୋଷ କୁମାର ରଥ

ଖୋଜିଲେ ମିଳୁ ନି, କି ନ ଖୋଜି ରହି ହେଉ ନି – ଏମିତି ଏକ ପରିସ୍ଥିତିରେ ପଡ଼ିଥା'ନ୍ତି ଚନ୍ଦ୍ରାଦେବୀ । ବାପ ଛେଉଣ୍ଡ ପିଲାମାନଙ୍କର ଦାୟିତ୍ୱ ଥିଲା ତାଙ୍କରି ଉପରେ । ଭରସା କରିଥିଲେ ବଡ଼ ପୁଅ ରାମ କୁମାରକୁ । ମାତ୍ର ତାଙ୍କର ଦେହାନ୍ତ ହେବା ସେତେବେଳକୁ ଦୁଇ ବର୍ଷ ପୂରିଲାଣି । ଏଣେ ନିଜ ପରିବାରର ଅନାଟନ ସହ ମା' ଭାଇଙ୍କ କଥା ବୁଝୁବୁଝୁ ରାମେଶ୍ୱର ଉବୁଟୁବୁ । ଚନ୍ଦ୍ରାଦେବୀ ଜାଣନ୍ତି, ହେଲେ ନିରୁପାୟ । ଗଦାଧର (ରାମକୃଷ୍ଣ)ର ସଂସାର ବିରାଗ ପଣଟା କାଟିବା ପାଇଁ ତାଙ୍କ ସାମନାରେ ସେଇ ଗୋଟାଏ ବାଟ । ତଥାପି ଭୟ ଥାଏ – ଏମିତି ଉନ୍ମତ୍ତ ଅବସ୍ଥାରେ ସେ ଯଦି ଜାଣିଦିଏ ତେବେ ସବୁ ଫସର ଫାଟିଯିବ ।

ସତକୁ ସତ କଥାଟା ଗଦାଧରଙ୍କୁ ଅଛପା ରହିଲା ନି । ଆଶ୍ଚର୍ଯ୍ୟର କଥା କୌଣସି ବିରୋଧ ନ କରି ପ୍ରସ୍ତାବକୁ ସେ ଗ୍ରହଣ କରିନେଲେ । ସତେ ଯେମିତି ଛୋଟ ପିଲାଙ୍କ ବାଲିଘର ଖେଳ, ମିଛିମିଛିକା ଘର ସଂସାର । ମନେ ହେଉଥିଲା ତାଙ୍କ ଧାରଣା, ତା'ଠାରୁ ଅଧିକା କିଛି ନୁହେଁ । ଏପଟେ କିନ୍ତୁ ରାମେଶ୍ୱର ନୟାନ୍ତ, ପାତ୍ରୀଟିଏ ପାଇଁ ଆଖପାଖ ସବୁ ଗାଁରେ ଧନ୍ଦି ହେଉଥା'ନ୍ତି । ଶେଷକୁ ନିରାଶାକୁ ଆଶ୍ରା କଲେ । ଚନ୍ଦ୍ରାଦେବୀ ମଧ୍ୟ ବଡ଼ ବିବ୍ରତ । ଗଦାଧର ଏକଥା ଜାଣିପାରିଲେ । ଦିନେ ହଠାତ୍ ମା' ଓ ବଡ଼ଭାଇଙ୍କୁ ଡାକି କହିଲେ, ''ଏଠି ସେଠି ଖୋଜି କିଛି ଲାଭ ନାହିଁ । ଜୟରାମବାଟୀ ଗ୍ରାମର ଶ୍ରୀରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଘରେ ବିବାହଯୋଗ୍ୟା ପାତ୍ରୀଟିଏ ଅଛି । ସେହିଁ ମୋ ପାଇଁ ଉଦ୍ଦିଷ୍ଟ, ସେହିଠାକୁ ଯାଅ ।''

ଚନ୍ଦ୍ରାଦେବୀଙ୍କୁ ମନେ ହେଲା ଏହା ଯେମିତି ଏକ ଦୈବବାଣୀ । ଲୋକ ପଠାଇ ଖୋଜନେଲେ, ଆହୁରି ଆଶ୍ଚର୍ଯ୍ୟ ହେଲେ । ଦ୍ୱନ୍ଦ୍ୱର ଦୋଳନରୁ ସେତେବେଳକୁ ସେ ସମ୍ପୂର୍ଣ୍ଣ ମୁକ୍ତ । ଅବିଳମ୍ବେ ଶୁଭଲଗ୍ନ ଧାର୍ଯ୍ୟ କରିବା ପାଇଁ ସହମତି ଦେଲେ ।

ସାରଦା ଦେବୀଙ୍କୁ ସେତେବେଳକୁ ମାତ୍ର ପାଞ୍ଚବର୍ଷ ବୟସ; ୧୮୫୩ ମସିହା ଡିସେମ୍ବର ୨୨ ତାରିଖରେ ତାଙ୍କର ଜନ୍ମ । ଝିଅମାନେ ସ୍କୁଲ ଯାଇ ପାଠ ପଢ଼ିବା ସେପର୍ଯ୍ୟନ୍ତ ଗାଁ ଗହଳିରେ ଚାଲୁ ହୋଇ ନ ଥାଏ । ପୁଣି କୁଳୀନ ବ୍ରାହ୍ମଣ ପରିବାରରେ କଥାଟା ରକ୍ଷଣଶୀଳତାକୁ ଉପହାସ କରେ । ତେଣୁ ସାରଦାଦେବୀଙ୍କ ସାରାଦିନ କଟୁଥିଲା ଘର ଭିତରେ । କଣ୍ଢେଇ ଖେଳିବାରେ ସେ ଖୁବ୍ ଆନନ୍ଦ ପାଉଥିଲେ । କାଳୀ ଓ ଲକ୍ଷ୍ମୀଙ୍କ ମାଟି କଣ୍ଢେଇକୁ ଫୁଲ, ଧୂପ ଦେଇ ଅର୍ଚ୍ଚନା କରୁଥିଲେ, ତାଙ୍କରି ସାମନାରେ ବସି ଧ୍ୟାନ କରୁଥିଲେ । ଅନ୍ୟ ସମୟରେ ଘରକାମରେ ମା'ଙ୍କୁ ସାହାଯ୍ୟ କରିବା ସହ ଦରକାର ହେଲେ କ୍ଷେତରେ କାମ କରୁଥିବା ଲୋକମାନଙ୍କ ପାଇଁ ଖାଇବା ନେଇ ଯାଉଥିଲେ ।

ଜୟ ରାମବାଟୀର ଅନ୍ୟମାନଙ୍କଠାରୁ ରାମଚନ୍ଦ୍ର ମଜୁମଦାରଙ୍କ ଚଳଣି ଟିକିଏ ସ୍ୱଚ୍ଛଳ ଥିଲା । ଗାଁର ସମସ୍ତେ ପ୍ରାୟ ନିର୍ଭର କରୁଥିଲେ ଚାଷ ଜମି ଉପରେ । ଧାନ ହେଉଛି ସେମାନଙ୍କର ମୁଖ୍ୟ ଆମଦାନି । କଷ୍ଟେମଷ୍ଟେ ବର୍ଷ ବିତିଯାଏ, ମାତ୍ର ବଢ଼ି-ମରୁଡ଼ି ହେଲେ ବର୍ଷ-ଭରଣା ପାଇଁ ସାତ ପିଣ୍ଡା ହେବାକୁ ହେଉଥିଲା । ଥରେ ବଙ୍ଗଳାରେ ଘୋର ମରୁଡ଼ି ପଡ଼ିଲା । ନଅଙ୍କ ଦୁର୍ଭିକ୍ଷରେ ଲୋକ ଆଉଟି ପାଉଟି ହୋଇଗଲେ । ଯୋଗକୁ ପୂର୍ବ ସାଲର କିଛି ବହଳା ଧାନ ଥିବାରୁ ରାମଚନ୍ଦ୍ରଙ୍କ ଘରେ ଖେଚୁଡ଼ି ରନ୍ଧା ହୋଇ ଗାଁ ବାଲାଙ୍କୁ ପଙ୍ଗତ ଦିଆ ହେଲା । ଲୋକ ମରଣ ମୁହଁରୁ ବର୍ତ୍ତିଗଲେ । ଉଭୟେ ସ୍ୱାମୀ-ସ୍ତ୍ରୀଙ୍କ ଅକାତର ବଦାନ୍ୟତା ପାଇଁ ସାରା ଇଲାକାରେ କଥା ରହିଗଲା । ସାରଦାଦେବୀ ଥିଲେ ସେମାନଙ୍କର ଏକମାତ୍ର କନ୍ୟା ।

ସେତେବେଳେ ସାମାଜିକ ବିଧି ବ୍ୟବସ୍ଥା ଅନୁଯାୟୀ ବରପକ୍ଷ କନ୍ୟାପକ୍ଷକୁ କନ୍ୟାପଣ ଦେବା ପ୍ରଥା ପ୍ରଚଳନ ଥିଲା । ତେଣୁ ରାମେଶ୍ୱର ତିନିଶହ ଟଙ୍କା କନ୍ୟାପଣ ଦେଇ ୧୮୫୯ ମସିହା ମେ ମାସର ଶୁଭ ତିଥିରେ ବିବାହ ଉତ୍ସବ ଅନୁଷ୍ଠିତ କରାଇଲେ । ସେକାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳନ ଥିବାରୁ, ଶ୍ରୀରାମକୃଷ୍ଣଙ୍କୁ ଯେ ତେଇଶି ପୂରି ଚବିଶି ଚାଲୁଥିଲା ସେକଥା କାହାରି ଶ୍ରୁତିକଟୁ ହେଲା ନି ।

ଚନ୍ଦ୍ରାଦେବୀ ଏବେ ବହୁତ ଖୁସୀ । ସଦ୍‌ବଂଶୀୟା ବୋହୂଟିର ସଂସ୍ପର୍ଶରେ ଆସି ଉନ୍ମନା ପୁଅ ତାଙ୍କର ଘର ସଂସାର

ଧରି ଦେବ । ମନଗଢ଼ା ଆନନ୍ଦ ଭିତରେ କିନ୍ତୁ ଭାବନାଟିଏ ଘୁଣ ଖାଉଥିଲା – ଜମିଦାର ଲାହାବାବୁଙ୍କ ଘରୁ ମାଗି ଆଣିଥିବା ଗହଣାତକ ଯେ ଫେରାଇ ଦେବାକୁ ହେବ । ହେଲେ ଏକଥା ସେ କେମିତି କହିବେ । କେମିତି ପୁଅାଣୀ ବୋହୂ ଦେହରୁ ନିଜ ହାତ ପିନ୍ଧା ଗହଣାକୁ ମୁକାଳି ଆଣିବେ ।

ଦିନ ବୁଡ଼ି ସଞ୍ଜ ହେଲା । ଆଷାଢ଼ ଛୁଆଁ ଆକାଶ ପରି ଘୋଡ଼ାଇ ରଖିଥିଲା ତାଙ୍କୁ ସେଇ ଭାବନା । ତଥାପି ମନର କୋହକୁ ମନରେ ରଖିଥା'ନ୍ତି । ଗଦାଧର କିନ୍ତୁ ମା'ର ଅକୁହା କୋହକୁ ବୁଝିପାରିଲେ । ସେଦିନ ରାତିରେ ସାରଦାଦେବୀଙ୍କ ଦେହରୁ ସବୁ ଗହଣା ଖୁବ୍ ସାବଧାନରେ ଖୋଲି ଆଣିଲେ । ସାରଦାଦେବୀ ସେତେବେଳକୁ ନିଘୋଡ଼ ନିଦରେ । ସତେ ଯେମିତି ଏନ୍ତୁଡ଼ିଶାଳରୁ ମୁକୁଳିବା ପାଇଁ ମହାମାୟାଙ୍କ କାଳ ନିଦ୍ରାରେ କଂସର କାରାଗାରରେ ପ୍ରହରୀ ନିଦ୍ରାଛନ୍ନ ।

''ଏ କ'ଣ ! ମୋ ଦେହରୁ ଗହଣା ସବୁ କିଏ କାଢ଼ି ନେଲା ।''– ନିଦ ଭାଙ୍ଗିବା ପରେ ସାରଦାଦେବୀଙ୍କ ଚେତା ପଶିଲା । ଚନ୍ଦ୍ରାଦେବୀଙ୍କର ସେତେବେଳକୁ ଆଖି ଛଳ ଛଳ । ଭାବିଲେ – ଛୋଟ ବାଳିକାର ଗହଣାସୁହାଗ ମନର ସରଳତାକୁ ପ୍ରତାରଣା କରିବା ଅପେକ୍ଷା ବରଂ ସଂଭ୍ରମ ରକ୍ଷାର ବୃଥା ଅଭିମାନରୁ ଦୂରେଇ ରହିବା ଉଚିତ ଥିଲା । ପାଣ୍ଡବଙ୍କ ଦରିଦ୍ରତା ତ କୁନ୍ତିଙ୍କୁ କଷଣ ଦେଇ ନ ଥିଲା; କି ବଂଶ ଗରିମାକୁ ମ୍ଳାନ କରିଦେଇ ନ ଥିଲା ।

''ମା' ଲୋ, ବ୍ୟସ୍ତହୁଅ ନା ! ଗଦାଧର ତୋ ପାଇଁ ଏହାଠାରୁ ଆହୁରି ସୁନ୍ଦର ଅଳଙ୍କାର ସବୁ ଗଢ଼ାଇ ଆଣିବ ।''– ସାନ୍ତ୍ୱନା ଦେଲେ ଚନ୍ଦ୍ରାଦେବୀ ।

ଦୁର୍ଯୋଗକୁ ସେହିଦିନ ସାରଦାଦେବୀଙ୍କ କକା ଆସି ପହଞ୍ଚି ଗଲେ, ନୂଆ ସମୁଦୁଣୀଙ୍କ ପରିଚର୍ଚ୍ଚା ଗ୍ରହଣ କରିବାକୁ । ନୂଆ ବନ୍ଧୁ, ଆଦର ଅଭ୍ୟର୍ଥନାରେ ହେଳା ନ ଥାଏ । ମାତ୍ର ସେ ଯେତେବେଳେ ଜାଣିଲେ ଯେ ତାଙ୍କ ଝିଆରୀ ଦେହରୁ ପିନ୍ଧାଗହଣା ସବୁ ବାହାର କରି ନିଆଯାଇଛି ଏବଂ ସେସବୁ ଧାର ସୂତ୍ରରେ ଆସିଥିଲା, ସେତେବେଳେ ସେ ପାଲଟିଗଲେ ଗୋଟାଏ ଜୀବନ୍ତ ଆଗ୍ନେୟଗିରି । ରାଗର ଲାର୍ଭା ଧୋଇପୋଛି ଦେଲା ନୂଆ ହୋଇ ଗଜୁରୁ ଥିବା ସମ୍ବନ୍ଧ ଟିକକୁ ।

''ଏକଥା ଜାଣିଥିଲେ ଏମିତି ଘରେ ଆମେ ଝିଅକୁ ଦେଇ ନ ଥା'ନ୍ତୁ''– ଝିଆରୀକୁ ସାଙ୍ଗରେ ନେଇଯିବା ବେଳେ ସମୁଦୁଆଣୀକୁ ଚେତାବନୀ ଦେଇଗଲେ ।

ଏମିତି ଏକ ଅଚାନକ ଅଘଟଣକୁ ସାମନା କରିବାକୁ ପଡ଼ିବ ବୋଲି ଚନ୍ଦ୍ରାଦେବୀ କେବେ ବି ଭାବି ନ ଥିଲେ । ଦୁଃଖ ଓ ଅପମାନରେ ସେ ଲେସି ହୋଇଗଲେ । ''ସାରା ଜୀବନ କ'ଣ ମୁଁ ତାହା ହେଲେ ଏମିତି ଦୁଃଖର ଦାସୀ ହୋଇ ରହିଥିବି ।''– ନିଜର କୋହକୁ ଚାପି ରଖିଲେ ଚନ୍ଦ୍ରାଦେବୀ । ଜାଣନ୍ତି, ମୁହଁ ଖୋଲିଲେ ପୁଅ ମନରେ ଆଘାତ ହେବ । ଗଦାଧରଙ୍କର କିନ୍ତୁ କିଛି ପ୍ରତିକ୍ରିୟା ନ ଥାଏ । ମାନ ଅପମାନ ସତେଯେମିତି ତାଙ୍କ ପାଇଁ ବେଳାଭୂମିର ଚଲା ପାଦ ଚିହ୍ନ । ସାନ୍ତ୍ୱନା ଦେଇ କହିଲେ, ''ମା', ଏମାନେ ବର୍ତ୍ତମାନ ଯାହା କହିବାର କହନ୍ତୁ, ଯାହା କରିବାର କରନ୍ତୁ । ବାହାଘରଟାକୁ ତ ଆଉ ଫେରାଇ ନେଇ ପାରିବେ ନାହିଁ । ଏତେ ବ୍ୟସ୍ତ କାହିଁକି ?''

ଚାହୁଁ ଚାହୁଁ ବର୍ଷେ ବିତିଗଲା । ଗଦାଧର କଲିକତା ଫେରିଯିବା ପାଇଁ ଛଟପଟ ହେଲେ । ଘରର ଅନାଟନ ମଧ ବଢ଼ିବାକୁ ଲାଗିଲା । ମାତ୍ର ହାତ ପାହାନ୍ତାରେ ମିଳିଥିବା ଧନକୁ କାନି ଗଇଣ୍ଠା କରି ରଖିବାକୁ ଚନ୍ଦ୍ରାଦେବୀଙ୍କର ଭାରି ଇଚ୍ଛା । ପୁଅର ଯିବା କଥା ଶୁଣିଲେ ଖୁବ୍ ବିବ୍ରତ ହୋଇ ଉଠୁଥିଲେ । ସବୁବେଳେ ଦିନ ଗଡ଼ାଇ ଚାଲିଲେ । ଗଦାଧରଙ୍କ ମନ କିନ୍ତୁ ଖୋଜୁଥିଲା ଭିନ୍ନ ଗୋଟାଏ ଚିଜ – ଦକ୍ଷିଣେଶ୍ୱର । କିଛିଦିନ ପରେ କୁଳର ପ୍ରଥା ଅନୁଯାୟୀ ଶ୍ୱଶୁର ଘରୁ ଆସିଥିବା କ୍ୱାଇଁ ନିମନ୍ତ୍ରଣକୁ ରକ୍ଷା କରିବା ପାଇଁ ବାଧ ହେଲେ ଗଦାଧର ଏବଂ ସାରଦାଦେବୀଙ୍କୁ ସଙ୍ଗରେ ଧରି କାମାର ପୁକୁରକୁ ଫେରି ଆସିଲେ । ସେତେବେଳକୁ ସାରଦାଦେବୀଙ୍କ ବୟସ ସାତ ବର୍ଷ; ଢେଉ ପୋଛି ଦେଇଥିଲା ଅତୀତର ପାଦ ଚିହ୍ନକୁ ।

ହୃଦୟର ଆବେଗ ଅସହ୍ୟ ବୋଧ ହେଲା ଠାକୁରଙ୍କର । ଅସ୍ୱସ୍ତିରେ ଅଣନିଃଶ୍ୱାସୀ ହୋଇ ଉଠିଲେ । ପ୍ରାୟ ଏକ ବର୍ଷ ସାତମାସ ରହଣି ପରେ ସେ ଦକ୍ଷିଣେଶ୍ୱର ଫେରି ଆସିଲେ; ମା' କାଳୀଙ୍କ ପାଖକୁ । ଘଡ଼ିକ ଭିତରେ ଭୁଲିଗଲେ – ମା', ସ୍ତ୍ରୀ, ଭାଇ, ସଂସାର, ବନ୍ଧୁବାନ୍ଧବ ସବୁକିଛିକୁ । ପୁଣି ଆରମ୍ଭ ହେଲା ଅହର୍ନିଶି ସ୍ମରଣ, ମନନ, ଜପ ଆଉ ଧ୍ୟାନ । ତାଙ୍କ ବକ୍ଷ ରକ୍ତିମ ବର୍ଣ୍ଣ ଧାରଣ କଲା, ଶରୀରରେ କମ୍ପନ । ଠାକୁର ଭୁଲିଗଲେ ଆହାର, ନିଦ୍ରା ।

ଏମିତି ଦିନ ପରେ ଦିନ ବିତିଗଲା ମା'ର ଆରାଧନାରେ । ଶରୀରର ସୁରକ୍ଷା ପାଇଁ ଠାକୁର ସମ୍ପୂର୍ଣ୍ଣ ବୀତସ୍ପୃହ । ଖବର ପହଞ୍ଚିଲା କାମାର ପୁକୁରରେ । ପୁଅର ପାଗଳାମି କଥା ଶୁଣି ମା' ମନ ବୁଝିଲା ନି । ଚନ୍ଦ୍ରାଦେବୀ ବ୍ୟସ୍ତ

ହୋଇ ଶେଷକୁ ମୁକୁନ୍ଦପୁର ଶିବଙ୍କ ପାଖରେ ଯାଇ ଅଧିଆ ପଡ଼ିଲେ । ତିନିଦିନ, ତିନିରାତି ନ ଖାଇ ନ ପିଇ ମନ୍ଦିର ଭିତରେ କଟିଗଲା । ଶେଷକୁ ରାତ୍ରିର ଶେଷ ପ୍ରହରରେ ଅନ୍ଧକାର ଭିତରେ ଆବିର୍ଭୂତ ହେଲେ ଶିବ; ଦେହରେ ବ୍ୟାଘ୍ରଚର୍ମ, ମୁଣ୍ଡରେ ଜଟା, ଭସ୍ମବିଭୂଷିତ ସର୍ବାଙ୍ଗ ଶରୀର । ସ୍ୱସ୍ତି ମୁଦ୍ରାରେ ଅଭୟ ବାଣୀ ମିଳିଲା, ''ଭୟ କରିବାର କିଛି କାରଣ ନାହିଁ, ତୁମର ପୁତ୍ର ପାଗଳ ନୁହେଁ । ତାଙ୍କ ମଧ୍ୟରେ ଅସମ୍ଭବ ପ୍ରକାରେ ଦିବ୍ୟ ପରମ ସତ୍ତାଙ୍କର ଜାଗରଣ ଘଟିଛି । ସେ ସେହି ଚେତନାର ।'' ସେହି ଦିନଠାରୁ ଚନ୍ଦ୍ରାଦେବୀଙ୍କ ମନର ଭୟ ଦୂର ହେଲା, କାରଣ ସେ ଜାଣନ୍ତି ମୁକୁନ୍ଦପୁର ଶିବ ପ୍ରତ୍ୟକ୍ଷ, କେହି କେବେ ନିରାଶ ହୋଇ ନି ।

ଏଣେ ହୃଦୟ ମାମୁଙ୍କ ସୁସ୍ଥତା ପାଇଁ କଲିକତାର ବିଶିଷ୍ଟ କବିରାଜ ଗଙ୍ଗ ପ୍ରସାଦଙ୍କଠାରୁ ଔଷଧ ଆଣି ଦେଉଥିଲେ ଏବଂ ଦେହର ଜ୍ୱାଳା କମିବା ପାଇଁ ମାଲିସ ତେଲ ଆଣି ଲଗାଇ ଦେଉଥିଲେ । ମାଥୁର ବାବୁ ମଧ୍ୟ ଠାକୁରଙ୍କ ପାଇଁ ବହୁତ ବ୍ୟସ୍ତ । ସେତେବେଳର ଅବସ୍ଥା କଥା ବର୍ଣ୍ଣନା କରି ଠାକୁର ପରବର୍ତ୍ତୀ କାଳରେ କହିଥିଲେ, ''ସବୁ ମା'ର କୃପା । ଆଧ୍ୟାତ୍ମିକ ଭାବର ପ୍ରାବଲ୍ୟ ଘଟିଲେ ସାଧାରଣ ମଣିଷର ଦେହ ମନରେ ଏଭଳି ହେବା ଦୂରେ ଥାଉ – ଏହାର ଏକ ଚତୁର୍ଥାଂଶ ବିକାର ଉପସ୍ଥିତ ହେଲେ ଶରୀର ଧାରଣ ଅସମ୍ଭବ । ଦିନର ଅଧିକାଂଶ ସମୟରେ ଜଗନ୍ମାତାଙ୍କର ବିଭିନ୍ନ ରୂପ ଦର୍ଶନ ଯୋଗୁଁ ମୁଁ ସେସବୁ ଭୁଲି ଯାଉଥିଲି । ରକ୍ଷା ମିଳୁ ଥିଲା । ନ ହେଲେ ଏ ଖୋଳଟା ରହିବା ଅସମ୍ଭବ ହୋଇଥା'ନ୍ତା । ଦୀର୍ଘ ଛଅବର୍ଷ ହେଲା ମୋର ନିଦ୍ରା ହୋଇ ନ ଥିଲା । ଚକ୍ଷୁ ସମ୍ପୂର୍ଣ୍ଣ ପଲକଶୂନ୍ୟ ହୋଇ ଯାଇଥିଲା । ଏମିତିକି ଚେଷ୍ଟା କରି ମଧ୍ୟ ପଲକ ପକାଇ ପାରୁ ନ ଥିଲି । ବିକଳ ହୋଇ କହୁଥିଲି, 'ମା ! ଯାହା ହେବାର ହେଉ, ଶରୀର ପଛେ ଯାଉ, ତୁ କିନ୍ତୁ ମୋତେ ଛାଡ଼େ ନା, ମୋତେ ଦେଖା ଦେ । ମୋତେ ଦେଖା ଦେ ।' ସେତେବେଳେ କେବଳ ତା'ରି ବାଣୀ ଅନ୍ତରରୁ ଶୁଣି ଆଶ୍ୱସ୍ତ ହେଉଥିଲି ।''

ଠାକୁର ସବୁ ଜାଣୁଥିଲେ ବି ଚୁପ୍ ଥା'ନ୍ତି । ହୃଦୟର କଥା ଅନୁଯାୟୀ ଔଷଧ ଖାଇ ନିଅନ୍ତି । କିଏ ବା କାହିଁ ଜାଣିବ । ଗଛତଳେ ବିଶ୍ରାମ ନେଇଥିବା ସବୁ ବାଟୋଇ କ'ଣ ଜାଣନ୍ତି ଗଛର ମାହାତ୍ମ୍ୟ, ନା ମନେ ରଖନ୍ତି ତା ଆଶ୍ରାକୁ । ଦିନକର କଥା । ଠାକୁର କବିରାଜଙ୍କ ସାମନାରେ ବସି ପଚରା ପ୍ରଶ୍ନର ଉତ୍ତର ଦେଉଥିଲେ । ସେଦିନ ଆଉ ଜଣେ କବିରାଜ ସେଠାରେ ଉପସ୍ଥିତ ଥିଲେ ଏବଂ ଖୁବ୍ ମନୋଯୋଗ ସହକାରେ ଠାକୁରଙ୍କ ବର୍ଣ୍ଣିତ ରୋଗର ଉପସର୍ଗ ସବୁ ଶୁଣୁଥିଲେ । ସେ ହଠାତ୍ କହି ଉଠିଲେ, '' ଉପସର୍ଗରୁ ଜଣା ପଡୁଛି ସେ ସବୁବେଳେ ଭଗବତ୍ ପ୍ରେମରେ ମତୁଆଲା । ଏହା ଔଷଧ ଦ୍ୱାରା ଉପଶମ ହେବ ନାହିଁ ।'' ଠାକୁର ମନେ ମନେ ହସିଲେ – ''ଏ ହେଉଛି ପ୍ରଥମ ଡାକ୍ତର ଯେକି ପ୍ରକୃତ ରୋଗ ନିରୂପଣ କରିପାରିଲେ ।'' ମାତ୍ର ମାଥୁର ବାବୁ ଓ ଅନ୍ୟମାନେ ଆଖିବୁଜି ଆଲୁଅ ସାମନାରେ ଠିଆ ହୋଇଥା'ନ୍ତି; ଆଲୁଅ ପାଇଁ ଆତୁର ।

ଆଉ ଏକ ଅଘଟଣ ଘଟିଗଲା ୧୮୬୧ ମସିହାର ପ୍ରାରମ୍ଭରେ । ରାଣୀ ରାସମଣି ହଠାତ୍ ଆମାଶୟ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ରୋଗର ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାକୁ ଲାଗିଲା । ବୈଦ୍ୟମାନଙ୍କର ପ୍ରତିଶ୍ରୁତି ପ୍ରତି ଆସ୍ଥା ତୁଟିଗଲା । ରାଣୀ ଶେଷ କେଇଟା ଦିନ କାଳୀଘାଟରେ ଥିବା ଆଦିଗଙ୍ଗା କୋଠିରେ କଟାଇବା ପାଇଁ ମନ ବଳାଇଲେ । ଦେହରକ୍ଷାର ଅବ୍ୟବହିତ ପୂର୍ବରୁ ତାଙ୍କୁ ଏକ ସୁସଜ୍ଜିତ ନୌକାରେ ଗଙ୍ଗା ବକ୍ଷକୁ ଅଣାଯାଇଥିଲା ଏବଂ ରାଜକୀୟ ପ୍ରଥା ଅନୁଯାୟୀ ବହୁ ପ୍ରକାରର ଆଲୋକ ତାଙ୍କ ଚାରିକଡ଼େ ସଜା ଯାଇଥିଲା । ମାତ୍ର ସେହି ଆଡ଼ମ୍ବରପୂର୍ଣ୍ଣ ସାଜସଜା ଦେଖି ସେ ହଠାତ୍ କହି ଉଠିଲେ, ''କାଢ଼, କାଢ଼, ଏ ଆଲୋକ ସବୁ ମୋ ପାଖରୁ କାଢ଼ି ନିଅ । ଏସବୁ ରୋଷଣି ମୋତେ ଭଲ ଲାଗୁ ନାହିଁ । ବର୍ତ୍ତମାନ ମୋର ମା' ଜଗନ୍ମାତା ବିଜେ କରୁଛନ୍ତି, ଏଇ ମୋରି ଆଡ଼କୁ ଆସୁଛନ୍ତି । ତାଙ୍କ ଶ୍ରୀଅଙ୍ଗର ପ୍ରଭାରେ ଚତୁର୍ଦ୍ଦିଗ ଆଲୋକିତ ହୋଇ ଉଠୁଛି ।'' କଥା ଶେଷ ନ ହେଉଣୁ ରାଣୀ ଜଗନ୍ମାତାଙ୍କ କୋଳରେ ଚିର ନିଦ୍ରା ଗ୍ରହଣ କଲେ ।

(କ୍ରମଶଃ)

❑❑❑

ଶ୍ରୀଅରବିନ୍ଦ କୌଣସି କିଛିକୁ ବାଦ୍ ଦେଇ ନାହାନ୍ତି, ସେ ସବୁକିଛିକୁ ସମ୍ମିଳିତ ଓ ସମସ୍ତ ଦୃଷ୍ଟିକୋଣକୁ ସମନ୍ୱିତ କରିଛନ୍ତି ।

– ଶ୍ରୀମା

### ଶ୍ରୀରାମକୃଷ୍ଣ ଚରିତାମୃତ (୧୦)

# ଅଗ୍ନିପରୀକ୍ଷା

## ସନ୍ତୋଷ କୁମାର ରଥ

ଫୁଟ୍‌ପାଥରେ ଗଛ ଦେଖିଛ ? ଯେତେଦିନ ତାହା ଚାରା ଅବସ୍ଥାରେ ଥାଏ ସେତେଦିନ ତା'ର ଚାରି ପାଖରେ ବାଡ଼ ଦେବାକୁ ହୁଏ । ନ ହେଲେ ଗାଈ ଗୋରୁ ଖାଇଯିବେ । ଗଛର ଗଣ୍ଡି ମୋଟା ହୋଇଗଲେ ଆଉ ବାଡ଼ର ଆବଶ୍ୟକତା ନାହିଁ । ସେତେବେଳେ ହାତୀ ବାନ୍ଧି ଦେଲେ ବି ଗଛ ଭାଙ୍ଗିବ ନାହିଁ । ଗଛ ଯଦି ବଡ଼ କରି ଦେଇ ପାରିଲ ତେବେ ଆଉ ଭାବନା କ'ଣ ? ଭୟ କ'ଣ ? ପ୍ରଥମେ ବିବେକ ଲାଭ ପାଇଁ ଚେଷ୍ଟା କର । ତେଲ ଲଗାଇ ପଣସ ଭାଙ୍ଗ, ହାତରେ ଅଠା ଲାଗିବ ନାହିଁ । – ଠାକୁରଙ୍କ ପାଖରୁ ଏମିତି କଥାଗୁଡ଼ାକ ଶୁଣିଲେ ମରମରେ ଗୁଳି ଭେଦି ଯାଏ, ଯିଏ ତା'ର ମରମ ବୁଝେ । ମାତ୍ର ହାତଗଣତି କେଇ ଜଣଙ୍କୁ ବାଦ୍ ଦେଲେ ସଭିଙ୍କ ପାଇଁ ସେ ପାଗଳା ଠାକୁର । ମଥୁରବାବୁ ଏବେ କିନ୍ତୁ ବେଶ୍ ନଇଁ ଆସିଲେଣି, ବିଶ୍ୱାସ ଜମାଟ ବାନ୍ଧିଲାଣି । ରାଣୀ ରାସମଣିଙ୍କ ଦେହାନ୍ତ ପରଠୁ ସମ୍ପତ୍ତିବାଡ଼ି ଓ ମନ୍ଦିରର ଭଲ ମନ୍ଦ ଦାୟିତ୍ୱସବୁ ତାଙ୍କରି ଉପରେ । ସବୁ କଥାରେ ଠାକୁରଙ୍କ ପରାମର୍ଶ ଲୋଡ଼ନ୍ତି । ସେ ଏବେ ଚେତି ଗଲେଣି – ବିଷୟ ବାସନାରେ ବୁଡ଼ିଯିବା ଅତି ସହଜ; ମାତ୍ର ପଦ୍ମପତ୍ର ପରି ହେବାକୁ ହେବ ।

ଠାକୁରଙ୍କ ଆଖିରେ ପଲକ ନାହିଁ । ମା' ପାଇଁ ମରମରେ ବ୍ୟଥା । ଉଜାଗର ରାତିର ସିନ୍ଦୂରା ଫାଟିଲା । ଅଧାପାହାନ୍ତିରୁ ଠାକୁର ସଜ ହୋଇଗଲେ ମନ୍ଦିର ପଛପଟ ବଗିଚାରୁ ଫୁଲ ତୋଳିବା ପାଇଁ । ବଗିଚାରେ ବାରମାସୀ ଫୁଲର ସମ୍ଭାର । ଫୁଲ ଆଣି ନିଜେ ମାଳା ଗୁନ୍ଥନ୍ତି । ''ଗଳାରେ ଗଜରା, ତା' ସାଙ୍ଗକୁ ଟହ ଟହ ଜବାର ଦୋସରି ମାଳା, ମା'କୁ ବେଶ୍ ମାନିବ ।'' – ଚିତ୍ରପଟ ପ୍ରତିବିମ୍ବିତ ହେଲା ଠାକୁରଙ୍କ ଭାବନାରେ । ଠାକୁର ମୁଗ୍ଧ ହେଲେ । କାମଟା ନିତି ଦିନର ହେଲେ ବି ଠାକୁରଙ୍କୁ ଲାଗେ ନିତି ନୂଆ । ମା'ର କାମ ମନମୁତାବକ ନ ହେଲେ ତାଙ୍କୁ ଶାନ୍ତି ମିଳୁ ନ ଥିଲା ।

ସେଦିନ ସ୍ତବ ଗାଇ ଗାଇ ଠାକୁର ଫୁଲ ତୋଳୁଥିଲେ, ନଜର ପଡ଼ିଲା ମହିଳାମାନଙ୍କ ଘାଟ ଆଡ଼କୁ । ଗଙ୍ଗା ବକ୍ଷରୁ ଧାଡ଼ି ଧାଡ଼ି ପାହାଚ ଲମ୍ବି ଆସିଛି ଉପର ଯାଏଁ, ଉପରେ ଚାନ୍ଦିନୀ ଆଉ ତା'ର କଡ଼କୁ ନହବତ ଖାନା । ଘାଟ ମୁହଁଟି ବଉଳଗଛ ଯୋଗୁଁ ସଭିଏଁ ଡାକନ୍ତି ବଉଳ ଘାଟ । ନୌକା ଲାଗିଲା ସେଇ ଘାଟରେ । ତା'ରି ଭିତରୁ ଗୈରିକ ବସ୍ତ୍ର ପରିହିତା, ଆଲୁଳାୟିତ କେଶୀ ଭୈରବୀ ବେଶଧାରୀ ସୁନ୍ଦରୀ ରମଣୀ ଜଣେ ବାହାରି ମୁହାଁଇଲେ ଘାଟବନ୍ଧା ଚାନ୍ଦିନୀ ଆଡ଼େ । ହାତରେ ଛାତି ଆଉଜା ହୋଇ ରହିଥାଏ କେଇଖଣ୍ଡ ବହି । ମନ୍ଦିରର ପୂର୍ଣ୍ଣ ଅବୟବ ସେଇଠୁ ସ୍ପଷ୍ଟ ଦିଶୁଥାଏ । ଭୈରବୀ ଜଣକ ହାତଟେକି ପ୍ରଣାମ ଜଣାଇଲେ । ଠାକୁର ଦୂରରୁ ସବୁ ଲକ୍ଷ୍ୟ କରୁଥିଲେ ଏବଂ ଫୁଲ ତୋଳା ଶେଷ ହୋଇଯାଇଥିବାରୁ କୋଠରିକୁ ଫେରି ଆସିଲେ ।

''ଯା' ଘାଟରୁ ଭୈରବୀଙ୍କୁ ଏଠାକୁ ଡାକି ଆଣିବୁ ।'' – ଠାକୁରଙ୍କ ନିର୍ଦ୍ଦେଶ ହୃଦୟକୁ ସୁହାଇ ନ ଥିଲେ ବି ବିଚରା ମାମୁଙ୍କ କଥାକୁ ଏଡ଼ାଇ ପାରିଲା ନାହିଁ । ଏମିତି ଜଣେ ଅପରିଚିତାଙ୍କୁ ଆମନ୍ତ୍ରଣ ଜଣାଇବାକୁ ତା'ର ଜମା ଇଚ୍ଛା ନ ଥିଲା । ମାତ୍ର ବଉଳଘାଟକୁ ଯାଇ ଦେଖେ ଭୈରବୀ ସତେ ଯେମିତି ତା' ବାଟ ଚାହିଁ ବସିଛନ୍ତି ।

''ଆପଣଙ୍କୁ ମୋର ଈଶ୍ୱର ଭକ୍ତ ମାମୁ ଡକାଇ ପଠାଇଛନ୍ତି । ସେ ଆପଣଙ୍କୁ ଦର୍ଶନ କରିବାକୁ ଚାହାନ୍ତି ।'' – ହୃଦୟଙ୍କ କଥା ନ ସରୁଣୁ ଭୈରବୀ ପ୍ରସ୍ତୁତ ହୋଇଗଲେ, ଅନୁସରଣ କଲେ । ହୃଦୟକୁ କଥାଟା ଟିକିଏ ଖଟକା ଲାଗିଲା, ଭାବିଲା ବାର୍ତ୍ତାବହର ଏତେ ଗରଜ କାହିଁକି ?

– ''ବାବା ! ତୁମେ ଏହିଠାରେ ରହିଛ ? ତୁମେ ଗଙ୍ଗାକୂଳରେ ରହିଛ ଜାଣି ମୁଁ ଖୋଜିବୁଲୁଥିଲି । ମୋର ଭାଗ୍ୟ ଏତେ ଦିନ ପରେ ତୁମର ଦର୍ଶନ ପାଇଲି ।'' – ଭୈରବୀଙ୍କ କଥାରେ ଠାକୁର ବିହ୍ୱଳ, ହୃଦୟ ତଟସ୍ଥ । ହାତ ତାଳି ଦେଇ ଠାକୁର ଦୁଇ ଥର ଘୂରିଗଲେ । ପାଖକୁ ଆସି ପଚାରିଲେ – ''ମୋ କଥା ତୁମେ କିପରି ଜାଣିଲ ମା' ।'' ଭୈରବୀ ଆନନ୍ଦରେ ଉପଭୋଗ କରୁଥା'ନ୍ତି, ଠାକୁରଙ୍କ ଲୀଳା । ତାଙ୍କ ସରଳତାକୁ ସୁହାଇଲା ଭଳି କହିଲେ, ''ସବୁ ଜଗଦମ୍ବାଙ୍କ କୃପା ।''

ଠାକୁର ସେତେବେଳକୁ ବାଳକବତ୍ । ଛୋଟ ପିଲାଟି ପରି ପଚାରି ବସିଲେ, ''କୁହ ମା, ଈଶ୍ୱରଙ୍କ କଥା ଶୁଣିଲାବେଳକୁ

ମୋର କାହିଁକି ବାହ୍ୟଜ୍ଞାନ ଲୋପ ହୋଇ ଯାଉଛି, ଦେହରେ ଦହନ, ଆଖିରେ ନିଦ୍ରାହୀନତା, ତେବେ କ'ଣ ସତରେ ମୁଁ ପାଗଳ ? ନା ମୋର କିଛି କଠିନ ବ୍ୟାଧି ହୋଇଛି ?''

ଭୈରବୀଙ୍କ ସେତେବେଳକୁ ଭିନ୍ନ ରୂପ । ଯଶୋଦାଙ୍କର ବାସଲ୍ୟ ସ୍ନେହର ସ୍ପର୍ଶରେ ସେ ସେତେବେଳକୁ ମୁକୁଳା ବରଫ ତୁଲ୍ୟ । ତଥାପି ଆକଟ କରିବା ଭଙ୍ଗୀରେ କହିଲେ, ''ତୁମକୁ ବାବା କିଏ ପାଗଳ ବୋଲି କହିବ ? ଏମିତି ଅବସ୍ଥା ହୋଇଥିଲା ଶ୍ରୀମତୀ ରାଧାରାଣୀଙ୍କର । ଏମିତି ଭାବ ହୋଇଥିଲା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର । ଏସବୁ ଶାସ୍ତ୍ରରେ ଉଲ୍ଲେଖ ରହିଛି । ମୋ ପାଖରେ ଏ ଯେଉଁସବୁ ପୋଥି ଅଛି, ତହିଁରୁ ପଢ଼ି ଦେଖାଇ ଦେବି ଯେ ଈଶ୍ୱରଙ୍କୁ ଯେଉଁମାନେ ଏକ ମନ ହୋଇ ଡାକିଛନ୍ତି, ସମସ୍ତଙ୍କର ଏହିଭଳି ଦଶା ହୋଇଛି । ତୁମେ ନିଶ୍ଚିନ୍ତ ରୁହ ।''

କ୍ରମେ ଭୈରବୀଙ୍କର ଅପତ୍ୟ ଭାବ ଆଷାଢ଼ ଛୁଆଁ ନଈ ପରି ବଢ଼ି ବଢ଼ି ଚାଲିଲା । ସ୍ନେହବଶରେ ସେ ଦକ୍ଷିଣେଶ୍ୱରରେ ବେଶ୍ କିଛି ଦିନ ରହିଗଲେ । ପ୍ରତିଦିନ ଠାକୁରଙ୍କ ସହ ଧ୍ୟାନଧାରଣା ଓ ଆଳାପ ଆଲୋଚନାରେ ସମୟ ବିତାଇଲେ । ଦିନେ ଭୈରବୀ ମଥୁରବାବୁଙ୍କୁ ଡାକି କହିଲେ, ''ଆପଣ ଭଲ ଭଲ ଶାସ୍ତ୍ରଜ୍ଞ ବ୍ରାହ୍ମଣମାନଙ୍କୁ ସମବେତ କରାନ୍ତୁ । ମୁଁ ସେମାନଙ୍କ ଆଗରେ ଏକ ସତ୍ୟ ଉପସ୍ଥାପନ କରିବି ।'' ଠାକୁର ମଧ୍ୟ ଛୋଟ ପିଲାଟି ପରି ଏହି ପ୍ରସ୍ତାବକୁ ଗ୍ରହଣ କରିନେଲେ ।

ମଥୁରବାବୁ ଏବେ ନିରୁପାୟ । ଠାକୁରଙ୍କ ସ୍ୱୀକୃତିକୁ ସେ ତ କେବେ ବି ଏଡ଼ାଇ ଦେଇ ପାରିବେ ନାହିଁ, ସବୁ ସଂଶୟ ସତ୍ତ୍ୱେ ବି ସେ ବାଧ୍ୟ ହେଲେ । କଲିକତାର ପଣ୍ଡିତ ମହଲରେ ଶ୍ରୀ ବୈଷ୍ଣବ ଚରଣଙ୍କର ସେତେବେଳେ ଖୁବ୍ ପ୍ରତିପତ୍ତି ଥିଲା । ତେଣୁ ତାଙ୍କ ସହ ଅନ୍ୟାନ୍ୟ ନିମନ୍ତ୍ରିତ ପଣ୍ଡିତମାନେ ସଭାମଞ୍ଚରେ ଉପସ୍ଥିତ ହେଲେ । ସତେ ଯେମିତି ସୂର୍ଯ୍ୟଙ୍କ ସହ ଅନ୍ୟାନ୍ୟ ଗ୍ରହ ନକ୍ଷତ୍ର । ଗୋଟିଏ ସୌରମଣ୍ଡଳ । ଅନ୍ୟ ପଟରେ ଠାକୁର, ମଥୁରବାବୁ ଓ ତାଙ୍କ କର୍ମଚାରିବୃନ୍ଦ । ସହସା ବୀର ଦର୍ପରେ ଭୈରବୀ ବ୍ରାହ୍ମଣୀ ସମସ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ । ସମସ୍ତେ ସ୍ତବ୍ଧ, ଉତ୍କଣ୍ଠିତ ତାଙ୍କ ଓଜସ୍ୱିତା ପ୍ରତି । ସେ ପୁରାତନ ଶାସ୍ତ୍ର ଏବଂ ବହୁ ଆଚାର୍ଯ୍ୟ ଓ ଭକ୍ତ ଶିରୋମଣିଙ୍କ ଜୀବନଚର୍ଯ୍ୟା ଆଲୋଚନା କରି ପ୍ରମାଣ କରିବାକୁ ଚେଷ୍ଟା କଲେ ଯେ ଶ୍ରୀରାମକୃଷ୍ଣ ଦେବଙ୍କ ଶାରୀରିକ ବିକାରସବୁ କେବଳ ଅତ୍ୟଧିକ ପରିମାଣରେ ଭଗବତ୍ ଉନ୍ମୀଳନ ବ୍ୟତୀତ ଅନ୍ୟ କିଛି ନୁହେଁ । ତାଙ୍କ କଥା ଶୁଣି ଲାଗୁଥିଲା – ପୁଅ ପ୍ରତି ହୋଇଥିବା ଅନ୍ୟାୟକୁ ବରଦାସ୍ତ ନ କରି ପାରି ମା ଯେମିତି ଭାରୀ ରାଜ ସଭାରେ ନ୍ୟାୟ ଚାହୁଁଥିଲା, ଚାହୁଁଥିଲା ତା' ପୁଅର ହୃତ ସମ୍ମାନ । ସତକୁ ସତ ତାହାହିଁ ହେଲା । ସଭା ସାଙ୍ଗ ହେବା ପୂର୍ବରୁ ଶ୍ରେଷ୍ଠ ପଣ୍ଡିତ ବୈଷ୍ଣବଚରଣ ଘୋଷଣା କଲେ – ''ଯେଉଁ ଊନବିଂଶ ପ୍ରକାରର ଭାବ ବା ଅବସ୍ଥାର ସମ୍ମିଳନରେ 'ମହାଭାବ'ର ଉଦୟ ହେବା କଥା ଶାସ୍ତ୍ରରେ ଉଲ୍ଲେଖ ରହିଛି ଏବଂ ଯାହା ଶ୍ରୀରାଧାଙ୍କ ଓ ଶ୍ରୀଚୈତନ୍ୟଦେବଙ୍କଠାରେ ଦେଖା ଦେଇଥିଲା, ସେହିସବୁ ଲକ୍ଷଣମାନ ଶ୍ରୀରାମକୃଷ୍ଣଠାରେ ଏବେ ପରିଲକ୍ଷିତ ହେଉଛି । ଆମମାନଙ୍କ ପରି ସାଧାରଣ ମଣିଷର ଶରୀର ସେହି ମହାଭାବର ପ୍ରାବଲ୍ୟକୁ ଧାରଣ କରିବା ଆଦୌ ସମ୍ଭବ ନୁହେଁ । ଏହା କେବଳ ମହାତ୍ମାମାନଙ୍କ ପକ୍ଷରେହିଁ ସମ୍ଭବ ହୋଇଥାଏ ।''

ମଥୁରବାବୁ ଓ ଅନ୍ୟାନ୍ୟ ପଣ୍ଡିତମାନେ ବୈଷ୍ଣବ ଚରଣଙ୍କ ଏମନ୍ତ ନିଷ୍ପତ୍ତି ଶୁଣି ଆଶ୍ଚର୍ଯ୍ୟ ହେଲେ ଏବଂ ନିର୍ବିବାଦରେ ନିଷ୍ପତ୍ତିକୁ ଗ୍ରହଣ କରିନେଲେ । କରତାଳିରେ ସଭାସ୍ଥଳ ଉଚ୍ଛୁଳି ଉଠିଲା । ସମସ୍ତଙ୍କ ମୁହଁରେ ଜୟଜୟକାର । ଠାକୁର ସେଇଠି ଉପସ୍ଥିତ ଥିଲେ । ଛୋଟ ପିଲାଟିଏ ପରି ମଥୁରବାବୁଙ୍କୁ ଚୁପ୍ କରି କହିଲେ, ''କ'ଣ ଏମାନେ କହୁଛନ୍ତି ? ଯା' ହେଉ ବାବୁ ! ରୋଗ ନୁହେଁ ତ ! ଏମିତି ଜାଣି ମୁଁ ଖୁସୀ, ମୋ ମନ ଆନନ୍ଦ ।''

ଏହାପରଠାରୁ ବୈଷ୍ଣବଚରଣଙ୍କ ଜୀବନରେ ବିରାଟ ପରିବର୍ତ୍ତନ ଘଟିଲା । ବେଶ୍ କିଛି ଦିନ ଧରି ସେ ଠାକୁରଙ୍କ ପାଖକୁ ଯିବା ଆସିବା କରିବାକୁ ଲାଗିଲେ । ଲୋକେ ଦେଖନ୍ତି ସମୟେ ସମୟେ ମନ୍ଦିର ବେଢ଼ାରେ ନତୁବା ଠାକୁରଙ୍କ କୋଠରିରେ ବସି ଶାସ୍ତ୍ର ଆଲୋଚନା କରନ୍ତି ମାତ୍ର ଠାକୁର କିଛି କହିଲେ ଶୁଆ ପରି ମୁଣ୍ଡ ଟୁଙ୍ଗାରି ସବୁକିଛିକୁ ମାନି ନିଅନ୍ତି । ଲାଗେ ତାଙ୍କ ଭିତରର ସେଇ ଲବଣପିତୁଳାଟି ଏବେ ସାଗର ସ୍ନାନ ପାଇଁ ପ୍ରସ୍ତୁତ ।

କିନ୍ତୁ ଠାକୁରଙ୍କ ଜୀବନରେ ଅଗ୍ନି ପରୀକ୍ଷାର ଶେଷ ନାହିଁ, ଯେମିତି ସମୁଦ୍ରର ଲହଡ଼ି । ଦିନେ ଗୌରୀ ପଣ୍ଡିତ ନାମକ ଜଣେ ବିଶିଷ୍ଟ ତାନ୍ତ୍ରିକ ସାଧକ ଆସି ଦକ୍ଷିଣେଶ୍ୱରରେ ପହଞ୍ଚିଲେ । ସେ ବହୁ ଅଲୌକିକ କ୍ଷମତାର ଅଧିକାରୀ ଥିଲେ । ମାତ୍ର ଚାକ୍ଷୁଷ ପ୍ରମାଣ ବିନା ଶାସ୍ତ୍ରଗତ ପ୍ରାମାଣ୍ୟ ଉପରେ ତାଙ୍କର ବିଶ୍ୱାସ ନ ଥିଲା । ତେଣୁ ଦିନେ ସକାଳଓଳି କାଳି ମନ୍ଦିରର ସମ୍ମୁଖ ନାଟ ମନ୍ଦିରରେ ପୁଣି ଥରେ ସଭାର ଆୟୋଜନ କରାହେଲା । ଗୌରୀ ପଣ୍ଡିତଙ୍କର ଉଦ୍ଦେଶ୍ୟ ଥିଲା ସର୍ବ ସମ୍ମୁଖରେ ଠାକୁରଙ୍କ ମଧ୍ୟରେ ଯେ ଦିବ୍ୟତ୍ୱର ଆବେଶ ଘଟିଛି, ସେ ଯେ ମହାଭାବର

ଅଧିକାରୀ, ଏହାର ସ୍ଥୂଳ ପ୍ରମାଣ । ପ୍ରକୃତରେ ଜଣେ ଜ୍ଞାନୀ ସୂର୍ଯ୍ୟଙ୍କୁ ଉପହାସ କରି ନିଜର ଜ୍ଞାନ ଦୀପାଳି ଧରି ରାତ୍ରିର ଘୋର ଅନ୍ଧକାର ଭିତରେ ଯେତେବେଳେ ଅଜଣା ଦରବକୁ ଖୋଜି ବସେ ସେତେବେଳେ ଭଗବାନ୍ ଟିକେ ମୁରୁକି ହସା ଦିଅନ୍ତି । ନିଜକୁ ଆଡ଼େଇ ରଖନ୍ତି ତା'ରି ଦୀପର ରୁଖା ତଳେ । ମାତ୍ର ସେକଥା ସେ ଜାଣେ ନି । ସେ ଜାଣେନି ବି ସେଇ ଆଲୁଅରେ ସିଏ (ଭଗବାନ୍) ଧରାଦେବେ ନି । ଯେପର୍ଯ୍ୟନ୍ତ ଦୀପତଳର ଅବିଶ୍ୱାସ ଅନ୍ଧାର ନ ଘୁଞ୍ଚିଛି ।

ମଥୁରବାବୁଙ୍କଠାରୁ ନିମନ୍ତ୍ରଣ ପାଇ ପଣ୍ଡିତ ବୈଷ୍ଣବଚରଣ ସେଦିନ କଲିକତାରୁ ଆସି ଠାକୁରଙ୍କ ପାଦରେ ପ୍ରଣତ ହେଲେ । ବହୁ ପଣ୍ଡିତ, ଭକ୍ତ ଓ ଦର୍ଶକଙ୍କ ମେଳରେ ନାଟ ମନ୍ଦିର ରୁନ୍ଧି ହୋଇ ରହିଥିଲା ଏବଂ ମନ୍ଦିର ବେଢ଼ାରେ ଭିଡ଼ ଜମି ଆସୁଥିଲା । ଜଣେ ନୀରବ ଦ୍ରଷ୍ଟାର ଭୂମିକା ତୁଲାଇବା ବ୍ୟତୀତ ମଥୁରବାବୁଙ୍କର ଅନ୍ୟ ଉପାୟ ନ ଥିଲା । କେବଳ ମା'ଙ୍କୁ ଡାକୁଥା'ନ୍ତି । ଠିକ୍ ସେତିକିବେଳେ ଠାକୁରଙ୍କର ଭାବ ସମାଧି ହୋଇଗଲା । ସେ ଭାବବିଭୋର ହୋଇ ବୈଷ୍ଣବ-ଚରଣଙ୍କ କାନ୍ଧ ଉପରେ ବସି ପଡ଼ିଲେ ଏବଂ ଏହି ମହାଭାବ ବୈଷ୍ଣବଚରଣଙ୍କ ହୃଦୟକୁ ଏଭଳି ଆବିଷ୍ଟ କରି ରଖିଲା ଯେ ସେ ତତ୍କ୍ଷଣାତ୍ ଅତି ଉଚ୍ଚକୋଟୀର ଗୋଟିଏ ସ୍ତବରଚନା କରି ଗାନ କରିବାକୁ ଲାଗିଲେ । ଉପସ୍ଥିତ ଦର୍ଶକ ମଣ୍ଡଳୀ ସମସ୍ତେ ସେତେବେଳକୁ ଭାବରେ ଅଧାଭିଜା ଖାଲି ଅପେକ୍ଷା କରି ରହିଥା'ନ୍ତି ଗୌରୀ ପଣ୍ଡିତଙ୍କୁ । ଅବଶ୍ୟ ଗୌରୀ ପଣ୍ଡିତଙ୍କ ନ୍ୟାୟଦର୍ଶିତା ପ୍ରତି ସମସ୍ତଙ୍କର ଅତୁଟ ଆସ୍ଥା । ତଥାପି ସମସ୍ତେ ଉଦ୍‌ବିଗ୍ନ । ଠିକ୍ ଏତିକିବେଳେ ସଭା ମଝିରେ ଗୌରୀ ପଣ୍ଡିତ ଠିଆ ହୋଇ ନିଜର ବୟାନ ଆରମ୍ଭ କଲେ – ''ଠାକୁର ଯେତେବେଳେ ପଣ୍ଡିତଜିଙ୍କୁ ଏଭଳି କୃପା କଲେଣି, ସେତେବେଳେ ମୁଁ ଆଜି ଆଉ ତାଙ୍କ ସଙ୍ଗେ ବାଦ ପ୍ରତିବାଦରେ ପ୍ରବୃତ୍ତ ହେବି ନାହିଁ । ମୁଁ ପ୍ରେରଣା ପ୍ରସୂତ ହୋଇ କହୁଛି ଯେ ଠାକୁରଙ୍କ ସମ୍ବନ୍ଧେ ଆମ୍ଭ ଦୁହିଙ୍କର ମତ ସମାନ । ତେଣୁ ତାଙ୍କ ମତକୁ ଖଣ୍ଡନ କରିବା ନିଷ୍ପ୍ରୟୋଜନ । ଅତଏବ ମୋର ବିରୋଧାଭାସକୁ ମୁଁ ପ୍ରତ୍ୟାହାର କରି ନେଉଛି ।'' ସମସ୍ତେ ତାଜୁବ । ମଥୁରବାବୁଙ୍କ ଆଖି ସେତେବେଳକୁ ଛଳ ଛଳ । ଅଳ୍ପ ସମୟ ମଧ୍ୟରେ ସଭା ସାଙ୍ଗ ହେଲା ।

ସେହିଦିନଠାରୁ ଗୌରୀ ପଣ୍ଡିତ ମଧ୍ୟ ମଝିରେ ମଝିରେ ଦକ୍ଷିଣେଶ୍ୱରକୁ ଯା' ଆସ କଲେ, ମାଠିଆରେ ଛିଦ୍ରଟିଏ ହେଲେ ଜଳ ପ୍ରବାହକୁ ଆଉ କ'ଣ ରୋକି ହୁଏ । ଦିନକର କଥା, ଠାକୁରଙ୍କ ପାଖରେ ବୈଷ୍ଣବଚରଣ ଓ ଗୌରୀ ପଣ୍ଡିତ ଉଭୟେ ବସିଥିଲେ । ଶାସ୍ତ୍ର ଆଲୋଚନା ଚାଲିଥିଲା । ଠାକୁର ଗୌରୀ ପଣ୍ଡିତଙ୍କୁ ପରଖିବା ଉଦ୍ଦେଶ୍ୟରେ କହିଲେ, ''ଆଚ୍ଛା କହିଲ, ବୈଷ୍ଣବ ଚରଣ ଏଇ ଶରୀରଟାକୁ (ନିଜକୁ ଦେଖାଇ) ଅବତାର ବୋଲି କହୁଛି । ଏହା କ'ଣ ସତ ହୋଇପାରେ ? ତୁମର କ'ଣ ମତ ?''

ଗୌରୀ ପଣ୍ଡିତ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, – ''ବୈଷ୍ଣବଚରଣ ଆପଣଙ୍କୁ ଅବତାର କହେ ? ତାହା ତ ଭୁଲ୍ । ସେ ଆପଣଙ୍କୁ ନ୍ୟୂନ କରି ଦେଉଛି, ବରଂ ମୋର ମତ ଯାହାଙ୍କଠାରୁ ଯୁଗେ ଯୁଗେ ଅବତାରମାନେ ଜଗତ୍ କଲ୍ୟାଣ ନିମନ୍ତେ ଅବତୀର୍ଣ୍ଣ ହୋଇଥା'ନ୍ତି, ଯାହାଙ୍କ ଶକ୍ତିରେ ସେ ସେହି କାର୍ଯ୍ୟ ସଂପାଦନ କରନ୍ତି – ଆପଣ ହେଉଛନ୍ତି ସ୍ୱୟଂ ସେହି ।''

ଗୌରୀ ପଣ୍ଡିତଙ୍କ ବିଶ୍ୱାସ ଯେ ସେତେବେଳକୁ ବଟବୃକ୍ଷ ପାଲଟିଲାଣି ଏକଥା ଜଣା ଥିଲା । ସୂର୍ଯ୍ୟ ଥରେ ଉଇଁଲେ ଅନ୍ଧାର ଉଭେଇଯାଏ । ଠାକୁର ହସି ହସି କହିଲେ, ''ଆରେ ବାପ୍‌ରେ, ତୁମେ ଯେ ତାକୁ ବଳିଗଲ ! ଆଚ୍ଛା କହିଲ ଦେଖି ! ତୁମେ ମୋଠାରେ ଏମିତି କ'ଣ ଦେଖିଲ ଯେ, ଏତେ ବଡ଼ କଥା କହିଲ ?''

''ଶାସ୍ତ୍ର ବିଧି ଅନୁସାରେ ନୁହେଁ କି କୌଣସି ପ୍ରାମାଣ୍ୟକୁ ଭିତ୍ତି କରି ନୁହେଁ, ମୁଁ ମୋ ନିଜ ଆନ୍ତର ଅନୁଭବରୁ ଏକଥା କହୁଛି । ଆଉ ଏ ବିଷୟରେ ଯଦି କେହି ମୋର ବିରୋଧାଚରଣ କରେ ତେବେ ମୁଁ ମୋ ଧାରଣା ପ୍ରମାଣ କରିବାକୁ ପ୍ରସ୍ତୁତ । ମାତ୍ର ସତ୍ୟ ସର୍ବଦାହିଁ ସତ୍ୟ ।'' – ଦୃଢ଼ ସ୍ୱରରେ ଉତ୍ତର ଦେଲେ ଗୌରୀ ପଣ୍ଡିତ ।

ଠାକୁର ପୂରାପୂରି ନୀରବ । ମନେ ମନେ ଭାବିଲେ, ''ଅଜଣା ନ ରଖିଲେ ତ ଅଭୀଷ୍ଟ ସିଦ୍ଧ ହୋଇ ପାରିବ ନାହିଁ କି ସମୟ ନ ଆସିବା ଯାଏଁ ସବୁ ସତ୍ୟକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ । ମା' ତୁ ଏବେ ରକ୍ଷା କର ।''

ଗୌରୀ ପଣ୍ଡିତ ସେତେବେଳକୁ ଠାକୁରଙ୍କ ଉପରେ ଏକାଗ୍ର । ନିଜକୁ ତଉଲି ନେଲେ, ସଅଁପି ଦେଲେ ନିଜର ପାଣ୍ଡିତ୍ୟକୁ ଠାକୁରଙ୍କ ପାଦପଦ୍ମରେ, ତାଙ୍କୁ ଲାଗିଲା – ଭଗବତ୍ ପ୍ରାପ୍ତି ଲାଗି ତାଙ୍କ ପଥ ସତେ ଯେମିତି ଏବେ ଉନ୍ମୁକ୍ତ । ଠାକୁର ଛୋଟ ପିଲାଟିଏ ପରି ହାତଯୋଡ଼ି ବସିଥା'ନ୍ତି । ପଣ୍ଡିତଙ୍କ ଆଡ଼କୁ ଚାହିଁ କହିଲେ, ''ତୁମେମାନେ ସବୁ ଏତେ କଥା କହୁଛ । କେଜାଣି ବାବୁ, ମୁଁ ତ ଏସବୁ କଥା କିଛି ଜାଣି ନି । ଜୟ ମା' ଜୟ ମା' ।''

(କ୍ରମଶଃ) ❑

### ଶ୍ରୀରାମକୃଷ୍ଣ ଚରିତାମୃତ (୧୧)

# ଅପତ୍ୟ ସ୍ନେହ

## ସନ୍ତୋଷ କୁମାର ରଥ

କଥାଟା ସହଜ ଲାଗେ । ହେଲେ ଯେତେ ଲାଗେ ସେତେ ନୁହେଁ – ଏକ ଲକ୍ଷ୍ୟ ଅନେକ ପଥ । କେହି ଲକ୍ଷ୍ୟ ଜାଣେ ମାତ୍ର ସଠିକ୍ ପଥ ଜାଣେ ନା । ପୁଣି କେହି ପଥ ଜାଣେ ମାତ୍ର ଲକ୍ଷ୍ୟ ପ୍ରତି ସଚେତନ ନୁହେଁ । ସେଥିପାଇଁ ଏତେ ବିଳମ୍ବ, ଆଲୁଅ ଅନ୍ଧାର ଭିତରେ ଲୁଚକାଳି ଖେଳ । ମାତ୍ର ଦିନେ ନା ଦିନେ ଅପହଞ୍ଚ ରାସ୍ତା ଶେଷ ହେବ ଏବଂ ଅପେକ୍ଷୀଙ୍କୁ ଭେଟିବାକୁ ହେବ । ସେ ଯେ ଆମ ଯାତ୍ରାର ଦ୍ୱାରଦେଶରେ ଆମକୁ ଅପେକ୍ଷା କରି ରହିଛନ୍ତି – ଠାକୁରଙ୍କୁ ଏକଥା ଅଜଣା ନୁହେଁ । ତଥାପି ଇଚ୍ଛାକରି ସବୁପଥକୁ ପରଖି ନେଲେ । ଆଉ ଜଣାଇ ଦେଲେ, ''ବସ୍ତୁ ଏକ, ନାମ ମାତ୍ର ଅଲଗା । ସମସ୍ତେ ସେଇ ଏକା ଜିନିଷକୁ ଚାହାନ୍ତି । ଖାଲି ଯାହା ଭିନ୍ନ ନାମ, ଭିନ୍ନ ଜାଗା, ଭିନ୍ନ ଯାତ୍ରା । ଠିକ୍ ଯେମିତି ଗୋଟିଏ ପୋଖରୀରେ ଅନେକଗୁଡ଼ିଏ ଘାଟ ରହିଛି; ହିନ୍ଦୁମାନେ ଯେଉଁ ଘାଟରୁ ଜଳ ନେଉଛନ୍ତି କହୁଛନ୍ତି 'ଜଳ', ମୁସଲମାନମାନେ ଆଉ ଗୋଟିଏ ଘାଟରୁ ତାକୁହିଁ ନେଇ କହୁଛନ୍ତି 'ପାନୀ' ଏବଂ ଖ୍ରୀଷ୍ଟିଆନମାନେ ନେଉଥିବା ଚିଜକୁ କହୁଛନ୍ତି 'ୱାଟର୍' । କଥାଟା ଏକ, ଏକ ରାମ ତାଙ୍କର ହଜାର ନାମ ।''

ମନ୍ଦିର ପାଇଁ ମଥୁରବାବୁ ଏବେ ମୁକ୍ତହସ୍ତ । ଦୈନନ୍ଦିନ ବିଧିବିଧାନ ସହ ଠାକୁରଙ୍କ ଇଚ୍ଛା ଉପରେ କଟକଣା ଜାରି ନ କରିବାକୁ ଖାଜାଞ୍ଚି ଉପରେ କଡ଼ା ହୁକୁମ ! ପୁଣି ସାଧୁସନ୍ଥମାନଙ୍କ ପାଇଁ ଦକ୍ଷିଣେଶ୍ୱରର ଦୁଆର ମେଲା । ତୀର୍ଥ ଯାତ୍ରା ସମୟରେ ସଭିଏଁ ପ୍ରାୟ ସେଇଠି ଡେରା ପକାନ୍ତି । ରେଳ ଚାଲିବା ଦିନଠୁ ଭିଡ଼ ଢେର କମି ଗଲାଣି ତଥାପି ପଡ଼ିଆ ପଡ଼େ ନି । ଠାକୁରଙ୍କର ମହା ଆନନ୍ଦ । ଯେ କେହି ସଂପ୍ରଦାୟ ଆସିଲେ ଠାକୁର ଆଦର କରନ୍ତି; ତାଙ୍କର ଜ୍ଞାନ ମାଣକ ଉଧାର ନେଇ ତାକୁ ପାଞ୍ଚପା କରନ୍ତି, ମୁଣ୍ଡି ମାରନ୍ତି । ମାତ୍ର ଏକଥା ସଭିଏଁ ଜାଣୁ ନ ଥିଲେ । କେମିତି ବା ଜାଣିବେ ? ଉଭା ଦେଉଳର ପୋତା ମାପିବା କ'ଣ ଏତେ ସହଜ !

ତନ୍ତ୍ର ସାଧନାର ଏକ ବଳିଷ୍ଠ ମାର୍ଗ, କଠୋର ସଂଯମର ଭିତ୍ତି ଉପରେ ପ୍ରତିଷ୍ଠିତ । ମାତ୍ର କେତେକ ମନ୍ଦବୁଦ୍ଧି ତନ୍ତ୍ରସାଧକ ନିଜର ନିମ୍ନ ପ୍ରବୃତ୍ତିର ଚରିତାର୍ଥ ନିମନ୍ତେ ଏହି ଶକ୍ତିର ଅଧିକାରୀ ହୋଇ ତାହାର ଅପପ୍ରୟୋଗ କରୁଥିଲେ ଏବଂ ବହୁପ୍ରକାରର ଅସାମାଜିକ କ୍ରିୟାକଳାପ ଘଟାଇ ଶାସ୍ତ୍ରକୁ କଳୁଷିତ କରୁଥିଲେ । ଠାକୁରଙ୍କ ପ୍ରତି ଏହା ଅସହ୍ୟ ହେଲା । ଜଗନ୍ମାତାଙ୍କର ଏଭଳି ଅବମାନନାକୁ ଠାକୁର ବା କିପରି ସହ୍ୟ କରନ୍ତେ । ସେ ଭୈରବୀ ବ୍ରାହ୍ମଣୀଙ୍କଠାରୁ ତନ୍ତ୍ର ଶିକ୍ଷା ଆରମ୍ଭ କଲେ । ଠାକୁରଙ୍କ ପରି ଉତ୍ତମ ଅଧିକାରୀକୁ ଶିକ୍ଷାଦାନ ଦେବାର ସୁଯୋଗ ପାଇ ଭୈରବୀଙ୍କ ହୃଦୟ ଆନନ୍ଦରେ ଭରି ଉଠିଲା । ସେ ତାନ୍ତ୍ରିକ କ୍ରିୟାର ଉପଯୋଗୀ ଉପକରଣ ଯୋଗାଡ଼ କରିବା ପାଇଁ ଗଙ୍ଗାର ଧାରେ ଧାରେ ସାରାଦିନ ଘୂରିବୁଲିଲେ । ଅନ୍ଧାର ଢାଙ୍କି ହେଲାପରେ ପଞ୍ଚବଟୀକୁ ଫେରି ଆସିଲେ । ସେଦିନ ଥିଲା ଅମାବାସ୍ୟା । ମନ୍ଦିରର ଉତ୍ତର କୋଣରେ ଠାକୁରଙ୍କ ହାତଲଗା ବିଲ୍ୱଗଛ ମୂଳେ ତିଆରି ହେଲା ଦୁଇଟି ବେଦି । ଠାକୁରଙ୍କ ପାଇଁ ତିଆରି ହୋଇଥିବା ବେଦି ଉପରେ ସଂଗ୍ରହ କରି ଆଣିଥିବା ପଞ୍ଚପ୍ରାଣୀଙ୍କ ମସ୍ତକକଙ୍କାଳକୁ ସଜାଡ଼ି ଦେଲେ ଭୈରବୀ : ଚାରିକଡ଼େ ବିଲୁଆ, ସାପ, କୁକୁର ଓ ମଇଁଷିର ମୁଣ୍ଡ ଏବଂ ମଝିରେ ମଣିଷର । ଠାକୁର ସେହି ଆସନରେ ବସିଲେ ଏବଂ ତାଙ୍କୁ ସାମ୍ନାକରି ବସିଲେ ଭୈରବୀ । ନିଶବ୍ଦତା ଶୁଣୁଥାଏ କେବଳ ତା'ର ସ୍ୱର, ଅନ୍ଧାର ଦେଖୁଥାଏ ତା' ନିଜକୁ । ଜପ, ପୁରଶ୍ଚରଣ ଓ ଧ୍ୟାନାଦିରେ କଟିଗଲା ସାରା ରାତି । ଠାକୁର ସିଦ୍ଧ ହେଲେ ।

ତନ୍ତ୍ର ସାଧନା ସମ୍ବନ୍ଧରେ କହୁ କହୁ ଠାକୁର ଦିନେ କହି ପକାଇଲେ, ''ସେତେବେଳେ ମୁଁ ଯେ କି ଅଦ୍ଭୁତ କଥା ମାନ ପ୍ରତ୍ୟକ୍ଷ କରିଛି ତା'ର ଇୟତ୍ତା ନାହିଁ । ତନ୍ତ୍ର ଶାସ୍ତ୍ରର ଚଉଷଠି ପ୍ରକାର ସାଧନ ପ୍ରଣାଳୀକୁ ଭୈରବୀ ଗୋଟି ଗୋଟି କରି ଅନୁଷ୍ଠାନ କରାଇଥିଲେ । କଠିନ କଠିନ ସାଧନ – ସାଧାରଣତଃ ଯେଉଁଗୁଡ଼ିକ କରୁକରୁ ବହୁ ସାଧକ ପଥଭ୍ରଷ୍ଟ ହୋଇଥା'ନ୍ତି । ସେସବୁ ମଧ କରାଇଥିଲେ । ମାତ୍ର ମା' ଜଗଦମ୍ବାଙ୍କ କୃପାରୁ ମୁଁ ସେ ସବୁଥିରୁ ଉତ୍ତୀର୍ଣ୍ଣ ହୋଇଥିଲି । ଏମିତି କି ଏସମସ୍ତ ଶିକ୍ଷା ଶେଷ କରିବାକୁ ମୋତେ ତିନି ଦିନରୁ ଅଧିକ ଲାଗି ନ ଥିଲା ।''

ତନ୍ତ୍ର ସାଧନାରେ ସିଦ୍ଧିଲାଭ ପରଠାରୁ ଠାକୁରଙ୍କ

ଶରୀରରେ କେତେକ ପରିବର୍ତ୍ତନ ଦେଖା ଦେଲା । ତାଙ୍କର ସୁଷୁମ୍ନା ଦ୍ୱାର ସଂପୂର୍ଣ୍ଣରୂପେ ଉନ୍ମୋଚିତ ହୋଇଯିବା ଫଳରେ ଉନ୍ମାଦଭାବ ଆହୁରି ଅଧିକ ପରିମାଣରେ ବଢ଼ିଗଲା । ବାଳକବତ୍ ଆଚରଣ, କେବଳ ମା'ର ପୂଜା ଆଉ ଆରାଧନା । ସମୟ ବିତିଲା ସେଇଥିରେ । ତନ୍ମୟତା ଏତେ ବଢ଼ିଗଲା ଯେ ପବିତ୍ରତା ଦୃଷ୍ଟିରୁ ତୁଳସୀ ପତ୍ର ଓ ସଜନା ପତ୍ର ମଧ୍ୟରେ ଫରକ ଜାଣିବା ସମ୍ଭବ ହେଲା ନାହିଁ । ଏମିତିକି ଥରେ ମଥୁରବାବୁ ଓ ହୃଦୟର ଉପସ୍ଥିତିରେ ସେ କହି ପକାଇଲେ, ''ଜାଣିଛ, ଧର୍ମଲାଭ ପାଇଁ ବହୁଲୋକ ମୋ ପାଖକୁ ଆସିବେ, କୃତାର୍ଥ ହେବେ ।''

''ବେଶ୍ ହେବ । ସେତେବେଳେ ସମସ୍ତେ ମିଶି ତୁମକୁ ନେଇ ଆନନ୍ଦ କରିବୁ ।'' ଉତ୍ତର ଦେଲେ ମଥୁର ବାବୁ । ଠାକୁରଙ୍କ ଚେତା ପଶିଲା, ଭାବିଲେ, ''ମା' ଏ କ'ଣ ହେଲା, ସଭିଏଁ ଜାଣିଲେ ମୁଁ କ'ଣ ଲୋକ ଶିକ୍ଷା ଦେଇପାରିବି ?''

ଠାକୁରଙ୍କର ସରଳ ଶରଣାଗତିର ଭାବ ସମସ୍ତଙ୍କୁ ଆକୃଷ୍ଟ କଲା । ମା' ପାଖରେ ଛୋଟ ପିଲାର ଅଳିପରି ତାଙ୍କର ପୂଜା ଅର୍ଚ୍ଚନା, ତାଙ୍କର ଭକ୍ତି ଭାବ, ଜଳବତ୍ ତରଳମ୍ । ପୁଣି କେତେବେଳେ ଭାବ ସମାଧି । ସାଧୁସନ୍ଥଙ୍କ ସହ କ୍ରମେ ଗୃହସ୍ଥମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଲା । ସନ୍ଧ୍ୟାରେ ଆସର ହେଲା । ଦିନେ ସନ୍ଧ୍ୟା ଆସରରେ ଜଣେ ପ୍ରଶ୍ନ କଲା, ''ବାବା ! ଭଗବାନଙ୍କୁ ପାଇବାର ବାଟ କ'ଣ ?'' ଠାକୁର ଉପରକୁ ହାତ ଟେକି ଉତ୍ତର ଦେଲେ, ''ତାଙ୍କୁ କିଏ ଜାଣିବ ? ମୁଁ ଜାଣିବା ପାଇଁ ଚେଷ୍ଟା କରେ ନାହିଁ । ମୁଁ ଖାଲି ମା'କୁ ଜାଣେ, ମା' ମା' ବୋଲି ଡାକେ । ଯାହା ତା'ର ଇଚ୍ଛା । ମୋର ବିରାଡ଼ି ଛୁଆର ଭାବ । ବିରାଡ଼ି ଛୁଆ କେବଳ ମ୍ୟାଉଁ ମ୍ୟାଉଁ କରିଥାଏ । ମା' ତାକୁ ନେଇ କେତେବେଳେ ହାଣ୍ଡିଶାଳରେ ତ ପୁଣି କେତେବେଳେ ବାବୁଙ୍କ ବିଛଣାରେ । ତା' ମା'ର କେତେ ଐଶ୍ୱର୍ଯ୍ୟ ସେ ସେକଥା ଜାଣେ ନାହିଁ । ଜାଣିବାକୁ ମଧ୍ୟ ଚାହେଁ ନାହିଁ । ସେ ଜାଣେ ମୋ'ର ମା' ଅଛି ମୋର ଭାବନା କ'ଣ ? ଚାକରାଣୀ ପୁଅ ବି ଜାଣେ – ମୋର ମା' ଅଛି । ବାବୁର ପୁଅ ସଙ୍ଗେ ଝଗଡ଼ା ହେଲେ କହେ, 'ରହ, ମୁଁ ମା'କୁ କହିଦେବି । ମୋର ମା' ଅଛି ।' ଆମର ସେଇ ଭାବ ଦରକାର । ମୁଁ ଅଧିକ କିଛି ଜାଣି ନି । ମା' ମା' ।'' ଠାକୁର ଆସର ଛାଡ଼ି କୋଠରି ଭିତରକୁ ପଶିଗଲେ ।

ସେତେବେଳେ ନାରାୟଣ ଶାସ୍ତ୍ରୀ ଥିଲେ ଜଣେ ନାମକରା ପଣ୍ଡିତ । ପ୍ରାଚୀନ ପନ୍ଥୀ ଗୁରୁକୁଳାଶ୍ରମର ପ୍ରଥା ଅନୁଯାୟୀ ବ୍ରହ୍ମଚାରୀ ରୂପେ ସେ ଦୀର୍ଘ ପଚିଶ ବର୍ଷ ଗୁରୁଗୃହରେ ରହି ନାନାଦି ଶାସ୍ତ୍ର ଉପରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ପୁଣି ସାତ ବର୍ଷ ନବଦ୍ୱୀପରେ ରହି ନ୍ୟାୟଶାସ୍ତ୍ର ପଢ଼ା ଶେଷ କରିଥିଲେ । ତଥାପି ତାଙ୍କର ତୃପ୍ତି ନ ଥିଲା । ଅସାଧାରଣହିଁ ଖୋଜେ ଅସାଧାରଣଙ୍କୁ । ଶୁଣା ଖବରକୁ ପରଖି ନେବା ଆଶାରେ ସେ ଦକ୍ଷିଣେଶ୍ୱର ଆସିଲେ, ମାତ୍ର ଠାକୁରଙ୍କ ସହ ସାକ୍ଷାତ୍ ହେବା ମୁହୂର୍ତ୍ତରୁହିଁ ତାଙ୍କ ଭିତରର ଜମାଟବାନ୍ଧା ଅଭିମାନ ଖରା ଛୁଆଁ କୁହୁଡ଼ି ପରି କୁଆଡ଼େ ଉଭେଇଗଲା । ସେ ଠାକୁରଙ୍କର ଶରଣାପନ୍ନ ହେଲେ । ବେଶ୍ କିଛି ଦିନ ଦକ୍ଷିଣେଶ୍ୱରରେ ରହିଲେ । ଶାସ୍ତ୍ରିଜି ସୁଯୋଗ ଅପେକ୍ଷାରେ ଥାଆନ୍ତି । ଦିନେ ଠାକୁରଙ୍କୁ ଏକାନ୍ତରେ ପାଇ ନିଜ ଅଭିଳାଷ ବ୍ୟକ୍ତ କଲେ, ''ଠାକୁର, ମୋତେ ନିଶ୍ଚୟ ସନ୍ନ୍ୟାସ ଦୀକ୍ଷା ଦେବାକୁ ହେବ । ଶାସ୍ତ୍ରରେ ଲେଖା ଅଛି ସିଦ୍ଧସଂକଳ୍ପ ମହାପୁରୁଷଙ୍କଠାରୁ କୃପାଲାଭ କରିପାରିଲେ ମଣିଷର ସଂସାର ବାସନା ଦୂର ହୁଏ ଓ ବ୍ରହ୍ମଜ୍ଞାନ ଉଦୟ ହୁଏ । ତେଣୁ ମୁଁ ଆପଣଙ୍କ ଶରଣାପନ୍ନ ହେଲି ।'' ଶାସ୍ତ୍ରିଜି ସେତେବେଳକୁ ନଛୋଡ଼ବନ୍ଧା । ଠାକୁର ଶେଷରେ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କଲେ ଏବଂ ସେ ଠାକୁରଙ୍କ ଚରଣବନ୍ଦନା କରି ବ୍ରହ୍ମୋପଲବ୍ଧି ନିମନ୍ତେ ଯାତ୍ରା ଆରମ୍ଭ କଲେ । ଅବଶ୍ୟ ସେହି ଦିନଠାରୁ କେହି ତାଙ୍କୁ ଦେଖିବାକୁ ପାଇ ନ ଥିଲେ କି ତାଙ୍କ ସନ୍ଧାନ ମଧ୍ୟ ମିଳି ନ ଥିଲା ।

ନିଜ ବାଜା ଭଲ ବାଜୁଛି ବୋଲି ପ୍ରଶଂସା ପାଇବାର ଅଭିଳାଷ ନ ରଖିଥିଲେ ବି ଠାକୁରଙ୍କର ଖ୍ୟାତି ବଢ଼ି ବଢ଼ି ଚାଲିଲା । ପବନ ବାହିନେଲା ଫୁଲର ମହକକୁ, ରାଇଜରୁ ରାଇଜକୁ । ମାତ୍ର ଚିହ୍ନିଲାହିଁ କେବଳ ଚିହ୍ନିଲା । ଜଟାଧାରୀ ବାବା ସେ ବାସ୍ନାର ରାହା ଧରି ଧରି ପହଞ୍ଚିଲେ ଦକ୍ଷିଣେଶ୍ୱରରେ । ବାବା ଯୁଆଡ଼େ ଗଲେ ବି ତାଙ୍କ ସଙ୍ଗରେ ଥାଆନ୍ତି ବାଳକ ରାମଚନ୍ଦ୍ର; ତାଙ୍କ ଆଦରର ଧନ ରାମଲାଲା, ସୁନ୍ଦର ସୁଠାମ ଅବୟବ, ଦିବ୍ୟକାନ୍ତି ରୂପ, ମନୋଲୋଭା ସ୍ଥାପତ୍ୟ – ଧନ୍ୟ ସେ ବିନ୍ଧାଣି ! ଠାକୁର ଲକ୍ଷ୍ୟକଲେ : ବାବା ରାମଲାଲ ପାଇଁ ପାଗଳ । ଅପତ୍ୟ ସ୍ନେହରେ ଜୁଡୁବୁଡୁ । ସକାଳପହରୁ ପହଡ଼ ପଡ଼ିବାଯାଏ କେବଳ ତା'ରି କଥା, ତା'ରି ଭାବନା । ପାହାନ୍ତି ପହରରୁ ବାବା ଉଠିପଡ଼ି ରାମଲାଲର ନିତ୍ୟକର୍ମ ଶେଷ କରିଦେଇ ହାତ ରନ୍ଧା ଖେଚୁଡ଼ି ଖାଇବାକୁ ଦିଅନ୍ତି । ତା'ର କିନ୍ତୁ ବଡ଼ ଅଳି, ଖାଇଲାବେଳକୁ ବାବାଙ୍କୁ କେତେ କଥା କହିବାକୁ ପଡ଼େ ପୁଣି କେତେ ଦୃଶ୍ୟ ଦେଖାଇବାକୁ ହୁଏ । ବାବାଙ୍କର

କିନ୍ତୁ କୌଣସି କଥାରେ ଊଣା ନ ଥିଲା । ଭଳିକି ଭଳି ପୋଷାକ, ମଥାରେ ଚନ୍ଦନ ଟିପା ଦେଇ ସଜାଇ ଦିଅନ୍ତି ରାମଲାଲାକୁ, କେତେବେଳେ ଝୁଲଣାରେ ବସି ଝୁଲାନ୍ତି ତ ପୁଣି କେତେବେଳେ ଧନୁର୍ବିଦ୍ୟା ଶିଖାନ୍ତି ।

ଜଟାଧାରୀ ବାବାଙ୍କର ଏମନ୍ତ ଗତିବିଧିକୁ ଠାକୁର ନିରୀକ୍ଷଣ କରୁଥିଲେ । କ୍ରମେ ଠାକୁରଙ୍କ ମଧ୍ୟରେ ବାତ୍ସଲ୍ୟ ସ୍ନେହର ଭାବ ଉଦ୍ରେକ ହେଲା । ସେ କହନ୍ତି,– ‘‘ମୁଁ ମଧ୍ୟ ରାମଲାଲାର ସ୍ନେହରେ ବନ୍ଧା ପଡ଼ିଗଲି । ସକାଳେ ସଞ୍ଜରେ ଯାଇ ତା’ରି ପାଖରେ ବସିଲି, ତା’ରି ସାଙ୍ଗରେ ଖେଳିଲି । ମୁଁ ଥିବା ତକ ସେ ବାବାଙ୍କ ସହିତ ଖେଳେ, ବେଶ୍ ଭଲରେ ଥାଏ, ମାତ୍ର ମୁଁ ଯେତେବେଳେ ଘରକୁ ଚାଲିଆସେ ସେତେବେଳେ ସେ ମୋ’ ପଛେ ପଛେ ଚାଲିଆସେ । ତା’ର ଢଙ୍ଗ ବଡ଼ ବିଚିତ୍ର । କେତେବେଳେ ସେ ମୋ ଆଗେ ଆଗେ ତ କେତେବେଳେ ମୋ ପଛେ ପଛେ ନାଚି ନାଚି ଚାଲିଥାଏ । ପୁଣି କେତେବେଳେ ମୋ କୋଳରେ ବସିବାକୁ ଅଳିକରେ । ବଡ଼ ଅଝଟ, ବଡ଼ ଚଞ୍ଚଳ । ଘଡ଼ିକ ଭିତରେ କୋଳରୁ ଖସିଯାଇ, ଖରାରେ ଡିଆଁ ମାରିବ ନ ହେଲେ କଣ୍ଟା ବଣରେ ପଶି ଫୁଲ ତୋଳିବ । ମନ ହେଲେ ଗଙ୍ଗାରେ ଯାଇ ବୁଡ଼ ଦେବ ।’’

ରାମଲାଲାର ଗୁଣକୀର୍ତ୍ତନ କରୁ କରୁ ଠାକୁରଙ୍କର ଭାବସମାଧି । ତଥାପି କହି ଚାଲିଥା’ନ୍ତି – ‘‘ଜଟାଧାରୀ ବାବା ଢେର ଦିନ ଦକ୍ଷିଣେଶ୍ୱରରେ ରହିଗଲେ । କାରଣ ରାମଲାଲା ମୋତେ ଛାଡ଼ି ଯିବା ପାଇଁ ଅମଙ୍ଗ ଥିଲା । ପୁଣି ବାବା ତାକୁ ଛାଡ଼ିବା ପାଇଁ ନାରାଜ । ଆମ ଦୁହିଙ୍କର ଅନ୍ଧର ଲଉଡ଼ି, ଆଦରର ଧନ ଥିଲା । ଦିନେ ବାବା ରନ୍ଧାରନ୍ଧି ସାରି ଖୁଆଇଦେବା ପାଇଁ ଖୋଜି ବୁଲୁଛନ୍ତି, ହେଲେ ରାମଲାଲା କୁଆଡ଼େ ଅନ୍ତର୍ଦ୍ଧାନ । ବାବା ଆସି ଦେଖିଲେ ସେ ମୋରି ସାଥିରେ ଖେଳୁଛି । ଭୋକ ଶୋଷ ସବୁ ଭୁଲି ଯାଇଛି । ଏମିତି ବାରଂବାର ଘଟିଲା । ତାହାରି ଲୀଳାରେ ମୋର ଯେ କେତେବେଳେ ଦିନ କଟୁଥିଲା ମୁଁ ମଧ୍ୟ ଜାଣୁ ନ ଥିଲି ।’’

ଠାକୁର ହଠାତ୍ ଚୁପ୍ ହୋଇଗଲେ । ସେଇ ଆଡ଼କୁ ଚାହିଁ ରହିଥିଲେ, ଦେଖୁଥିଲେ ଅତୀତକୁ ବର୍ତ୍ତମାନର ଆବଦ୍ଧ ଆୟତନ ଭିତରେ । ବୋଧହୁଏ ଚାହୁଁ ନ ଥିଲେ ସବୁକିଛିକୁ ପ୍ରକାଶ କରିଦେବା ପାଇଁ । ମାତ୍ର ପାର୍ଶ୍ୱସ୍ଥ ଶ୍ରୋତା ଜଣେ ଉଦ୍‌ବିଗ୍ନତାର ସହ କହି ପକାଇଲେ, ‘‘ତା’ପରେ । ବାବା କ’ଣ ରାମଲାଲାକୁ ଗାଳି ଦେଲେ । ବାରଣ କଲେ ଆପଣଙ୍କ ପାଖକୁ ନ ଆସିବା ପାଇଁ ?’’

ଠାକୁର ଆଉ ନୀରବ ରହିପାରିଲେ ନାହିଁ । ଅପତ୍ୟ ସ୍ନେହର ଜୁଆର ରୋକିବା କଷ୍ଟକର ହୋଇପଡ଼ିଲା । କହିଲେ – ‘‘ନା, ସେମିତି ନୁହେଁ । ବରଂ ଦିନେ ଦେଖେ ଜଟାଧାରୀ ବାବା ଆସି କୃତାଞ୍ଜଳି ପୁଟରେ ମୋ ସାମନାରେ ଠିଆ ହୋଇଛନ୍ତି, ଆଖି ତାଙ୍କର ଢଳଢ଼ଳ । ବାଷ୍ପରୁଦ୍ଧ କଣ୍ଠରେ କହିଲେ, ‘ରାମଲାଲା ମୋତେ କୃପା କରି ମୋ’ ପ୍ରାଣର ପିପାସା ମେଣ୍ଟାଇଛି । ମୁଁ ଯେମିତି ଚାହିଁଥିଲି ସେ ସେମିତି ଦେଖା ଦେଇଛି । ଆଉ ଏକଥା ବି କହିଛି ଯେ ସେ ଏଠା ଛାଡ଼ି ଯିବାକୁ ଚାହେଁ ନାହିଁ । ତୁମକୁ ଛାଡ଼ି ଯିବାକୁ ତା’ର ଆଗ୍ରହ ନାହିଁ । ମୋ’ର ଅବଶ୍ୟ ଆଉ ଦୁଃଖ ନାହିଁ । ତୁମ ପାଖରେ ସେ ବେଶ୍ ସୁଖରେ ଅଛି, ଖେଳବୁଲ କରୁଛି । ତାରି ଖୁସୀରେ ମୋର ଖୁସୀ । ସେଥିପାଇଁ ଭାବୁଛି ତାକୁ ତୁମ ପାଖରେ ଛାଡ଼ି ଦେଇ ମୁଁ ଏଠାରୁ ଚାଲିଯିବି । ତୁମ ପାଖରେ ସେ ସୁଖରେ ଅଛି – ଏତିକି ଭାବି ଭାବି ମୋର ଦିନ ଯିବ । ସେତିକିରେ ମୋର ଆନନ୍ଦ । ମୋ ପ୍ରେମର ସାର୍ଥକତା ।’ ବାବା ସେ ଦିନ କାନ୍ଧରେ ଝୁଲା ଧରି ବାହାରିଗଲେ, ଆଉ ଫେରିଲେ ନାହିଁ ।’’

ଠାକୁର ତନ୍ମୟ ହୋଇ ଚାହିଁ ରହିଥିଲେ ଜଟାଧାରୀ ବାବାଙ୍କଠାରୁ ପାଇଥିବା ରାମଚନ୍ଦ୍ରଙ୍କ ସେଇ ବାଳୁତ ମୂର୍ତ୍ତିଟି ଆଡ଼କୁ । ହାତରେ ଉଠାଇନେଲେ କୋଳକୁ । ପ୍ରତିବିମ୍ବ ମିଳାଇଗଲା ଚହଲା ପାଣିରେ ।

(କ୍ରମଶଃ)

❑❑❑

ରାମକୃଷ୍ଣ ପ୍ରକୃତରେ କ’ଣ ଥିଲେ ? ସେ ଥିଲେ ଏକ ମଣିଷ ମଧ୍ୟରେ ଅଭିବ୍ୟକ୍ତ ଭଗବାନ୍, କିନ୍ତୁ ଭଗବାନ୍ ତାଙ୍କର ଅନନ୍ତ ନୈର୍ବ୍ୟକ୍ତିକତା ଓ ତାଙ୍କର ବିଶ୍ୱଗତ ବ୍ୟକ୍ତିତ୍ୱ ନେଇ ପଶ୍ଚାତରେ ରହିଥା’ନ୍ତି ।

(SABCL - Vol. - 17, page. 98) — ଶ୍ରୀଅରବିନ୍ଦ

ଶ୍ରୀରାମକୃଷ୍ଣ ଚରିତାମୃତ (୧୨)

# ଭିନ୍ନ ଦିଗନ୍ତ

## ସନ୍ତୋଷ କୁମାର ରଥ

ଦୀପଦଣ୍ଡି ପରି ଆସର ମଝିରେ ଠାକୁର । ପ୍ରଶ୍ନର ଢ଼େଉ ଚହଲି ଉଠୁଥିଲା, ପୁଣି ଧିମେଇ ଯାଉଥିଲା । କେତେବେଳେ କେଉଁ କୂଳରୁ ଢେଉ ଉଠୁଥିଲା ତା'ର ଇୟତ୍ତା ନ ଥିଲା । ମାତ୍ର ସବୁ ପହୁଁଚ ସେଇ ଗୋଟିଏ ଜାଗାରେ । ନାଗେଶ୍ୱରୀ ଶୁଣିବା ପାଇଁ ସାପମାନେ ବିଳ ଛାଡ଼ି ଦଉଡ଼ି ଆସନ୍ତି ଆଉ ପେଡ଼ି ଧରା ହୋଇ ପଡ଼ି ରହନ୍ତି, କେଳା ପାଖରେ ଥିବା ଯାଏଁ । ଠିକ୍ ସେହି ଅବସ୍ଥା ଠାକୁରଙ୍କ ପାଖରେ ଥିବା ବେଳେ ଭକ୍ତମାନଙ୍କର ଗୋଟାଏ ନିଆରା ଭାବନା, ନିଆରା ସ୍ଥିତି ।

''ଠାକୁର ! ଆମେ ସବୁ ଗୃହୀ, ଜଞ୍ଜାଳୀ ମଣିଷ । ଭଗବାନଙ୍କୁ ପାଇବାର ସହଜ ସରଳ ମାର୍ଗଟି କ'ଣ ?'' – ପ୍ରଶ୍ନ କଲେ ଭକ୍ତ ଜଣେ ଏବଂ ପ୍ରଶ୍ନର ଚବକାରେ ଚହଲି ଉଠିଲା ଧିମେଇ ଯାଇଥିବା ଚଞ୍ଚଳତା । କଥାଟାକୁ ସଭିଏଁ ଆପଣେଇ ନେଲେ, ନିଜର ମଣିଲେ । ବର୍ଷା ଭିଜା ମାଟିରୁ ଛତୁ ଫୁଟିବା ପରି ନଇଁ ଯାଇଥିବା ମୁଣ୍ଡ ସବୁ ସଳଖି ଉଠିଲେ ।

ଠାକୁର ସେତେବେଳକୁ ଭାବଜଗତରେ, ଅର୍ଦ୍ଧ ତରଳ ଅବସ୍ଥା । ବଡ଼ ମଧୁର ଭାବରେ କହିଲେ – ''ପ୍ରେମର ମାର୍ଗହିଁ ଶ୍ରେଷ୍ଠ ମାର୍ଗ । ଭଗବାନଙ୍କୁ ଭଲ ପାଇବାକୁ ହେବ । ଗୌରୀ କହୁଥିଲେ – ରାମଙ୍କୁ ଜାଣିବାକୁ ହେଲେ ସୀତାଙ୍କ ପରି ହେବାକୁ ହେବ । ଭଗବାନଙ୍କୁ ଜାଣିବାକୁ ହେଲେ ଭଗବତୀଙ୍କ ପରି ହେବାକୁ ହେବ । ଭଗବତୀ ଯେପରି ଶିବଙ୍କ ପାଇଁ କଠୋର ତପସ୍ୟା କରିଥିଲେ, ସେହିପରି ତପସ୍ୟା କରିବାକୁ ହେବ । ପୁରୁଷଙ୍କୁ ଜାଣିବା ପାଇଁ ପ୍ରକୃତି ଭାବ ଆଶ୍ରୟ କରିବାକୁ ପଡ଼ିବ – ସଖୀଭାବ, ଦାସୀଭାବ, ମାତୃଭାବ । ତା' ବିନା ଅନ୍ୟ ପନ୍ଥା ନାହିଁ ।'' ଠାକୁରଙ୍କ ସାଧନା ବଡ଼ ବିଚିତ୍ର । ଯେତେବେଳେ ଯେଉଁ ଭାବର ଆବେଶ ସେତେବେଳେ ସେମିତି ପ୍ରକାଶ । ଦେହ, ମନ, ପ୍ରାଣ ସବୁ ଜଡ଼େଇ ଦେଉଥିଲେ କେବଳ ସେହି ଭାବରେ । ପୂରାପୂରି ଜୁଡୁବୁଡୁ । ସେ ପୁଣି ବେଶୀ ଦିନ ପାଇଁ ନୁହେଁ । ଯେମିତି ଋତୁଚକ୍ର । ଗ୍ରୀଷ୍ମର ପ୍ରବାହ ନ ଥାଏ ଶୀତରେ କି ବର୍ଷାରେ । ସେମିତି କେତେବେଳେ ସଖ୍ୟ ଭାବ ତ କେତେବେଳେ ଦାସ୍ୟ ଭାବ । ଆଉ କେତେବେଳେ ମା' ମା' କହି ଲୋଟି ଯାଉଥିଲେ ମା'ର ଚରଣରେ, ଛୋଟ ବିରାଡ଼ି ଛୁଆର ଭାବ ନେଇ । ସାଧନା ପରେ ସାଧନା, ଉପଲବ୍ଧି ପରେ ଉପଲବ୍ଧି । ଉତ୍ତୋରଣର ପାହାଚ ଲମ୍ବି ଯାଉଥିଲା ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ।

ହଠାତ୍ ମଧୁରଭାବ-ସାଧନ ନିମନ୍ତେ ମନ ତାଙ୍କର ବ୍ୟାକୁଳ ହୋଇ ଉଠିଲା । ଭଗବାନଙ୍କୁ ପାଇବେ ନିଜର ବଲ୍ଲଭ ରୂପେ – ଭାବନା ମାତ୍ରେ ଶିହରି ଉଠିଲେ ଠାକୁର । ମନସ୍ଥ କଲେ – ଆଜିହିଁ ଜଳାଞ୍ଜଳି ଦେବି ମୋର ପୁରୁଷ-ଜନୋଚିତ ଗୁଣ ଗ୍ରାମକୁ । ଏ ସାରା ସଂସାରରେ କେବଳ ତୁମେହିଁ ପୁରୁଷ । ମୁଁ ତୁମରି ସେବାଦାସୀ । ତୁମେ ପରା ଗୋପୀ-ଚିତ୍ତଚୋର । ତୁମେ କ'ଣ ମୋ ଚିତ୍ତହାରୀ ହେବ ନି ?

ଦୀର୍ଘ ଛଅ ମାସ କାଳ ଠାକୁର ଏହି ଭାବ ସାଧନାରେ ରହିଲେ । ରମଣୀ ବେଶ ଧାରଣ କଲେ । ଶାଢ଼ି, ଗହଣାରେ ଆଭୂଷଣ କଲେ ନିଜକୁ । କଥାରେ ଚପା ଚପା ହସ, ଚାଲିରେ ମରାଳର ଛନ୍ଦ, ଚାହାଣିରେ ମୃଗର ଚଞ୍ଚଳତା । କେତେବେଳେ ସେ ଗୋପର ଲଳନା ତ, କେତେବେଳେ ପୁଣି ରାଧାରାଣୀ । ଅଭିସାରିକା ସାଜିଲେ ବ୍ରଜରସିକ ଶ୍ରୀକୃଷ୍ଣଙ୍କ ପାଇଁ, ଏମିତି ସାରା ରାତି କଟିଲା ଉଜାଗରରେ । ଗଙ୍ଗାକୂଳରେ ବସି ଡକେଇ ରହିଲେ ଯମୁନାର ଉଜାଣି ଜୁଆରକୁ, କଦମ୍ବର ବାସ୍ନା ଆଉ ବଂଶୀର ସ୍ୱନକୁ । ଅତୀତର ପାସୋରା ଅପାସୋରା ସ୍ମୃତିସବୁ ଧସେଇ ଆସିଲେ । ଭାବନା ଭିନ୍ନ ମୋଡ଼ ନେଲା । – ନିଜର ନାଗର ପଣକୁ ଧିକାର କଲେ । ବୁଝିଲେ କୁଞ୍ଜଫେରନ୍ତା ବାଟକୁ ଚାହିଁ ବସିବା ସତରେ କେତେ ବେଦନାଦାୟକ । ମାତ୍ର ରାଧାର ପ୍ରେମ ଉଚ୍ଚାଟନ ତୀବ୍ର ନ ହେବା ଯାଏଁ କୃଷ୍ଣ କ'ଣ କେବେ ଧରାଦିଏ ?

କ୍ରମେ ଠାକୁରଙ୍କର ସାଧନା ପ୍ରାଣ ଓ ଶରୀର ସ୍ତରରେ ଆହୁରି ଅଧିକ କ୍ରିୟାଶୀଳ ହେବାକୁ ଲାଗିଲା । କୃଷ୍ଣ ବିରହ-ବେଦନା ଏତେ ପ୍ରବଳ ହେଲା ଯେ ତା'ର ପ୍ରଭାବରେ ତାଙ୍କ ଶରୀରର ଲୋମକୂପ ଭିତରୁ ବେଳେ ବେଳେ ରକ୍ତ ବିନ୍ଦୁ ନିର୍ଗତ ହେଉଥିଲା । ଦେହର ଗ୍ରନ୍ଥିସବୁ ନିଜର ସ୍ୱାଭାବିକତାକୁ ହରାଇ

ନାରୀସୁଲଭ ଢଙ୍ଗରେ କ୍ରିୟା କରିବାକୁ ଆରମ୍ଭ କଲେ । ଫଳରେ ଯେତେସବୁ ଅସ୍ୱାଭାବିକତା ଦେଖା ଦେଲା । ସମୟେ ସମୟେ ଠାକୁର ମୃତ ପ୍ରାୟ ନିଶ୍ଚେଷ୍ଟ ଓ ସଂଜ୍ଞାଶୂନ୍ୟ ହୋଇ ଭୂମି ଉପରେ ପଡ଼ି ରହୁଥିଲେ । ମାତ୍ର ଚେତନାରେ ବିହାର କରୁଥିଲେ ବ୍ରଜ ବିନୋଦ ।

ଠାକୁରଙ୍କର ମନେ ପଡ଼ିଗଲା ଗୌରୀଙ୍କ କଥା – ''ରାମଙ୍କୁ ଜାଣିବାକୁ ହେଲେ ସୀତାଙ୍କ ପରି ହେବାକୁ ହେବ । ଭଗବାନଙ୍କୁ ଜାଣିବାକୁ ହେଲେ ଭଗବତୀଙ୍କ ପରି ହେବାକୁ ହେବ । ... ପୁରୁଷଙ୍କୁ ଜାଣିବା ପାଇଁ ପ୍ରକୃତି ଭାବକୁ ଆଶ୍ରା କରିବାକୁ ହେବ ।'' ତେଣୁ ସେ ସ୍ଥିର ନିଶ୍ଚିତ ହେଲେ, ମହାଭାବ ସ୍ୱରୂପିଣୀ ରାଧାରାଣୀଙ୍କର କୃପାଲାଭ ନ କଲେ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍ ଦର୍ଶନ ମିଳିବା ଅସମ୍ଭବ । ଆରମ୍ଭ କଲେ ପ୍ରେମଘନ ସ୍ୱରୂପିଣୀ ରାଧାଙ୍କର ଉପାସନା । ଧ୍ୟାନରେ ନିରନ୍ତର ସେହି କନକବର୍ଣ୍ଣାଙ୍କ ଶ୍ରୀଚରଣରେ ନିଜକୁ ଅର୍ପଣ କଲେ । ଶେଷରେ ତୁଷ୍ଟା ହେଲେ ଦେବୀ । ଠାକୁର ସଚେତନ ଭାବରେ ଅନୁଭବ କଲେ ଶ୍ରୀରାଧାଙ୍କର ଏକ ଜ୍ୟୋତିର୍ମୟ ରୂପ ତାଙ୍କ ଶରୀରରେ ପ୍ରବେଶ କଲା, ପୁଲକିତ ହୋଇ ଉଠିଲା ସର୍ବାଙ୍ଗ । ସେହିଦିନଠାରୁ ସେ ସର୍ବଦା ନିଜକୁ ଶ୍ରୀରାଧା ରୂପେ ଉପଲବ୍ଧି କରିବାକୁ ଲାଗିଲେ । ସେ ଯେ ଜଣେ ପୁରୁଷ – ଏକଥା ସ୍ୱପ୍ନରେ ସୁଦ୍ଧା ଆସିଲା ନାହିଁ ।

ଠାକୁର ଏବେ ରାଧା ରୂପେ ନିଜକୁ ସଜାଇ ରଖୁଥିଲେ । ଦେହରେ ଅଗୁରୁ ଚନ୍ଦନର ଭୁରୁ ଭୁରୁ ଗନ୍ଧ, କବରୀରେ ଫୁଟା ଫୁଲ । ପାଦରେ ନୂପୁର ଆଉ ଅଲକ୍ତକ । ସବୁବେଳେ ସତେ ଯେମିତି କାହା ବାଟକୁ ଚାହିଁ ରହୁଥିଲେ, ଆଉ ଅଳ୍ପକେ ଆନମନା ହୋଇ ଯାଉଥିଲେ । ରାତିର ବୟସ ବଢ଼ିବାକୁ ଲାଗିଲା, ହେଲେ ଠାକୁର କୋଠରିକୁ ଫେରିଲେ ନାହିଁ । ନିକାଞ୍ଚନିଆ ଜାକୁଜାକୁଆ ଅନ୍ଧାର ଭିତରେ ବସି ରହିଲେ ବଗିଚାର ଅଧାଉଠା ପଥରଟାକୁ ଆଡ଼ କରି । ବୋଧେ ଭାବୁଥିଲେ ସେଦିନର କଥା :

ସାରା ରାଇଜରେ ହୁରି ପଡ଼ିଲାଣି – ରାତି ପାହିଲେ କୃଷ୍ଣ ଗୋପ ଛାଡ଼ି ମଥୁରା ଯିବେ ଅକ୍ରୂର ସାଥିରେ । ସେତ ପଣତବନ୍ଧା ନାଗର ନୁହନ୍ତି, କିଏ ବା ତାଙ୍କୁ ବାନ୍ଧି ରଖିବ । ତଥାପି ଗୋପୀମାନେ ମୁହୁର୍ମୁହୁଃ ମୂର୍ଚ୍ଛା ହୋଇ ଯାଉଥା'ନ୍ତି, ପୁଣି ବାଉଳି ହୋଇ ଧାଉଁ ଥା'ନ୍ତି ଏକୁଞ୍ଜରୁ ସେକୁଞ୍ଜକୁ – ଶେଷ ବସନ୍ତର ସ୍ପର୍ଶ ଟିକେ ପାଇବା ପାଇଁ । ରାତି ସେତେବେଳକୁ ଅଧାରୁ ଅଧିକା । ମାତ୍ର ରାଧା ସେମିତି ନିଭୃତରେ ଏକା ବସିଥା'ନ୍ତି ପଥରଟି ଉପରେ – ବଡ଼ ନିଶ୍ଚିନ୍ତ, ନିଦକ ଭାବରେ । କାରଣ ସେ ଜାଣନ୍ତି କୃଷ୍ଣ ନିଶ୍ଚୟ ଆସିବେ ଆଉ କହିବେ, ''ରାଧା, କାଳର ପ୍ରବାହରେ ସଂସାର ଆମର ଏ ମିଳନ ଆଉ ଦେଖିବ ନି । ମାତ୍ର ଏତିକି ଜାଣିରଖ, ରାଧାର କୃଷ୍ଣ ଗୋପଛାଡ଼ି ଯାଉ ନି । ସେ ସବୁଦିନ ତୁମରି ପାଖରେ, ତୁମର ହୋଇ ରହିବ । ସେ ରାଧାର । ବିରହ କି ବିଚ୍ଛେଦ ରାଧାର ବିଧାନ ନୁହେଁ ।''

ସତକୁ ସତ ଚପା ପାଦ ଶବ୍ଦ ବାସ୍ତବ କଲା ଭାବନାକୁ । ଆଖିର ଲୁହରେ ରାଧା ଧୋଇ ଦେଲେ ପଦଯୁଗଳ । ପାଟ ପଣତରେ ପୋଛିନେଲେ କଦମ୍ବର ବାସନା, ସାଇତି ରଖିଲେ ବଂଶୀର ସ୍ୱନ ନିଜ କନ୍ଦରରେ । ତା'ପରେ ଏତିକି ମାତ୍ର କହିଲେ, ''ପ୍ରଭୁ, ତୁମେ ମୋର । ତୁମ ବିନା ମୋର ସ୍ଥିତି ନାହିଁ କି ଗତି ନାହିଁ; ଏହା ମୋତେ ଅଜଣା ନୁହେଁ ।''

'ରାଧା' – କୃଷ୍ଣଙ୍କର ଅସ୍ଫୁଟ ସ୍ୱର ଆଡ଼େଇ ଦେଲା ଅନ୍ଧାରକୁ । ଇଥର ଆଲିଙ୍ଗନ କଲା ପୃଥିବୀକୁ ।

ଠାକୁର ଭାବନା ଭିତରୁ ବାହାରି ଆସି ପ୍ରକୃତିସ୍ଥ ହେଲେ । ମାତ୍ର ଅଧା ଭିଜା ଆଖିକୁ ପୋଛିନେଇ ସ୍ପଷ୍ଟ ଦେଖିଲେ – ସଚ୍ଚିଦାନନ୍ଦ ପୁରୁଷୋତ୍ତମ ରାଧାବଲ୍ଲଭ ରୂପ ଧାରଣ କରି ଠିଆ ହୋଇଛନ୍ତି । ଦେହରେ ତାଙ୍କର ପୀତାମ୍ବରୀ, ହାତରେ ବଂଶୀ, ଆଉ ଶିରରେ ବାଙ୍କ ମୟୂର ଚୂଳ । ପଦ୍ମର ମହକରେ ମହକି ଉଠୁଥିଲା ଚଉଦିଗ । ଠାକୁର ପୁଣି ଥରେ ଆଖି ଫେଡ଼ି ଅନାଇ ରହିଲେ । ସେହି ଦିବ୍ୟକାନ୍ତି ରୂପ ଠାକୁରଙ୍କର ଶ୍ରୀଅଙ୍ଗରେ ବିଲୀନ ହୋଇଗଲା । ଠାକୁର ମୂର୍ଚ୍ଛାଗଲେ ।

ପରବର୍ତ୍ତୀ କାଳରେ ଠାକୁର ଏହି ଉପଲବ୍ଧି ସମ୍ବନ୍ଧରେ ଥରେ କହିଥିଲେ, ''ସେତେବେଳେ ଶ୍ରୀକୃଷ୍ଣଙ୍କ ଚିନ୍ତାରେ ସଂପୂର୍ଣ୍ଣ ତନ୍ମୟ ହୋଇ ମୁଁ ନିଜର ପୃଥକ୍ ଅସ୍ତିତ୍ୱବୋଧକୁ ହରାଇ ବସୁଥିଲି । କେବେ କେବେ ଆପଣାକୁ ଶ୍ରୀକୃଷ୍ଣ ବୋଲି ବୋଧ କରୁଥିଲି ତ ପୁଣି କେତେବେଳେ ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତ ସମସ୍ତଙ୍କୁ ଶ୍ରୀକୃଷ୍ଣଙ୍କ ବିଗ୍ରହ ରୂପେ ଦର୍ଶନ କରୁଥିଲି ।''

ଏହି ମଧୁରଭାବ-ସାଧନା ସମୟରେ ଠାକୁରଙ୍କର ଆଉ ଗୋଟିଏ ଦିବ୍ୟ ଦର୍ଶନ ହୋଇଥିଲା । ଥରେ ବିଷ୍ଣୁମନ୍ଦିରର ଚଉତରା ଉପରେ ବସି ସେ ଭାଗବତ ଶୁଣୁଥିଲେ । ସାମନାରେ ଭଗବାନଙ୍କର ମନୋଲୋଭା ମୂର୍ତ୍ତି । ଶ୍ରୀକୃଷ୍ଣଙ୍କ ଲୀଳାର ମଧୁର

ବର୍ଣ୍ଣନା ଶୁଣୁ ଶୁଣୁ ଠାକୁରଙ୍କର ଭାବାବେଶ ହୋଇଗଲା । ତତ୍‌କ୍ଷଣାତ୍ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଜ୍ୟୋତିର୍ମୟ ରୂପ ଦର୍ଶନ କଲେ ଏବଂ ତାଙ୍କର ପ୍ରତ୍ୟୟ ହେଲା ଭଗବାନଙ୍କର ଶ୍ରୀପାଦ ପଦ୍ମରୁ ଏକ ଦିବ୍ୟ ଜ୍ୟୋତିରେଖା ଝଟକି ଆସି ପ୍ରଥମେ ଭାଗବତକୁ ସ୍ପର୍ଶ କରି ପରେ ତାଙ୍କରି ବକ୍ଷଦେଶରେ ବିଲୀନ ହୋଇଗଲା । ସେତେବେଳେ ତାଙ୍କର ଏହି ବୋଧ ହେଲା ଯେ ଭାଗବତ, ଭକ୍ତ ଓ ଭଗବାନ୍ – ତିନୋଟି ଭିନ୍ନ ରୂପରେ ପ୍ରକାଶିତ ହୋଇଥିଲେହେଁ ତିନିହେଁ ଏକ, ଏକ ପୁଣି ତିନି ।

ମଧୁର ଭାବ ସାଧନାରେ ସିଦ୍ଧ ହୋଇ ଠାକୁର ତଥାପି ତୃପ୍ତ ନ ଥିଲେ । ସୁଡ଼ଙ୍ଗ ଯେତେ ଅନ୍ଧକାର ହେଉପଛେ ଗୋଟାଏ ପରେ ଗୋଟାଏ ଅତିକ୍ରମ କରି ସେପାରି ଆଲୋକ ପ୍ରାପ୍ତ ହେବା ଥିଲା ତାଙ୍କ ସାଧନାର ବୈଶିଷ୍ଟ୍ୟ । ଏହାପରେ ସର୍ବଭାବାତୀତ ବେଦାନ୍ତ ପ୍ରସିଦ୍ଧ ଅଦ୍ୱୈତ ଭାବ ସାଧନାର ପ୍ରବଳ ପ୍ରେରଣା ତାଙ୍କ ମନରେ ଉଦୟ ହେଲା । ବଡ଼ ଅଦ୍ଭୁତ ଏ ସାଗର ସଙ୍ଗମ – ଗୋଟାଏ ପଟେ ମା'ର ପୂଜା ଅର୍ଚ୍ଚନା, ଚରଣ ବନ୍ଦନା ଓ ପୂର୍ଣ୍ଣ ସମର୍ପଣ; ଅନ୍ୟପଟେ ଅଦ୍ୱୈତ ବ୍ରହ୍ମ ସାଧନା ପ୍ରତି ଅନୁରାଗ । ଯିଏ ମୃଣ୍ମୟୀ ମୂର୍ତ୍ତି ଭିତରେ ପାଇଛି ଚିନ୍ମୟୀ ଦେବୀଙ୍କର ସ୍ପର୍ଶ ଓ ସ୍ପନ୍ଦନ, ଅବଲୀଳାକ୍ରମେ ଯିଏ ପୁଣି ଅଫିଟା ଗଣ୍ଠିକୁ ଫିଟାଇ ଗଇଁଠାଇ ଦେଇ ପାରିଛି ନିଜକୁ ଭିନ୍ନ ଏକ ଡୋରରେ, ସିଏ ଯେ ନିରାକାର ବ୍ରହ୍ମଙ୍କର ଉପାସନା କରିବ – ସତ ହୋଇଥିଲେ ବି ଆଶ୍ଚର୍ଯ୍ୟ ହେବାଟା ସ୍ୱାଭାବିକ । ଆଉ ତା'ର ପ୍ରତ୍ୟୁତ୍ତରରେ ଠାକୁର କହିଛନ୍ତି, ''ସମୁଦ୍ର କୂଳରେ ଯିଏ ସର୍ବଦା ବାସ କରେ ତା ମନରେ ବେଳେ ବେଳେ ବାସନା ଜାତ ହୁଏ ଯେ – ସମୁଦ୍ର ତ ରତ୍ନାକର ତା' ରତ୍ନ ଭଣ୍ଡାରର ସମ୍ଭାର ସେ ଥରେ ଦେଖାନ୍ତା କି ! ଠିକ୍ ସେମିତି ମା'କୁ ପାଇ ମା' ପାଖରେ ଥାଇ ମଧ ମୋର ଇଚ୍ଛା ହେଲା – ଅନନ୍ତ ଭାବମୟୀ ଅନନ୍ତ ରୂପିଣୀଙ୍କୁ ନାନା ରୂପରେ କେମିତି ଦେଖନ୍ତି କି ! ଆଉ ତାଙ୍କରି ଇଙ୍ଗିତରେ ମୁଁ ତାଙ୍କରି ତୁରୀୟ ରୂପ ଦର୍ଶନ ନିମନ୍ତେ ଅଦ୍ୱୈତ ସାଧନାରେ ଅଗ୍ରସର ହୋଇଥିଲି ।''

କଥାଟା ମିଛ ହେଲା ନି । ଅଳ୍ପ ଦିନ ପରେ ୧୮୬୫ ମସିହାର ଶେଷ ଆଡ଼କୁ ବିଶିଷ୍ଟ ବ୍ରହ୍ମ ଉପାସକ ତୋତାପୁରୀ ଦକ୍ଷିଣେଶ୍ୱରରେ ଆସି ପହଞ୍ଚିଲେ । ନର୍ମଦା ନଦୀ କୂଳରେ କୁରୁକ୍ଷେତ୍ର ନିକଟସ୍ଥ ଲୁଧିୟାନାରେ ଥିଲା ତାଙ୍କ ଗୁରୁଙ୍କର ଆଶ୍ରମ । ଗୁରୁଙ୍କର ଦେହାନ୍ତ ପରେ ସେହିଁ ହେଲେ ମଠାଧୀଶ । ବ୍ରହ୍ମଜ୍ଞ ହେବା ପରେ ପରିବ୍ରାଜକ ରୂପେ ନାନା ତୀର୍ଥ ପର୍ଯ୍ୟଟନ କରିବାର ଇଚ୍ଛା ହେବାରୁ ସେ ପ୍ରଥମେ ପୁରୁଷୋତ୍ତମଧାମକୁ ଯାଇ ଜଗନ୍ନାଥଙ୍କ ଦର୍ଶନ କଲେ । ପୂର୍ବ ଭାରତର ତୀର୍ଥ ସ୍ଥାନ ସବୁ ଦର୍ଶନ କରି ଉତ୍ତର ପଶ୍ଚିମାଞ୍ଚଳକୁ ଫେରିବା ସମୟରେ ସେ ଦକ୍ଷିଣେଶ୍ୱର ଦର୍ଶନ ପାଇଁ ମନ ବଳାଇ ଥିଲେ । ଗୃହତ୍ୟାଗୀ ସନ୍ନ୍ୟାସୀ ଭାବରେ ଗୋଟିଏ ଜାଗାରେ ତିନି ଦିନରୁ ଅଧିକା ନ ରହିବାର ବ୍ୟବସ୍ଥାକୁ ସେ ନିଜ ଯାତ୍ରାର ନିୟମ ରୂପେ ଧାର୍ଯ୍ୟ କରିଥିଲେ ।

ଦର୍ପଣ ତୁଲ ଲଲାଟ, ଦୀର୍ଘ ବପୁ, ଜଟାଜୂଟଧାରୀ ସନ୍ନ୍ୟାସୀଙ୍କର ଖଣ୍ଡିଏ କୌପୀନ ବ୍ୟତୀତ ବିବସ୍ତ୍ର ଥିଲା ସର୍ବାଙ୍ଗର ଅଙ୍ଗବାସ । ମାତ୍ର ଦୃଷ୍ଟି ଥିଲା ଅନ୍ତର୍ଭେଦୀ । ପ୍ରତିଟି ବସ୍ତୁ ଓ ସର୍ବଭୂତରେ ସେ ବ୍ରହ୍ମଦର୍ଶନ କରୁଥିଲେ । ସମାଧି ସମୟରେ ସେ ବ୍ରହ୍ମସ୍ଥ ହୋଇଯାଉଥିଲେ ଏବଂ ଅନ୍ୟ ସମୟରେ 'ସ୍ୱୟଂ ପରମବ୍ରହ୍ମ ମାୟା ମାଧମରେ ଜଗତ୍ ରୂପେ ସୃଷ୍ଟ ହୋଇଛନ୍ତି' – ଏହି ବୋଧ ତାଙ୍କର ହେଉଥିଲା ।

ଗଙ୍ଗାଘାଟରେ ଘୂରି ବୁଲୁ ବୁଲୁ ସନ୍ନ୍ୟାସୀଙ୍କର ନଜର ପଡ଼ିଗଲା ଠାକୁରଙ୍କ ଉପରେ । ଘାଟର ଗୋଟିଏ କଡ଼ରେ ଆନମନା ହେଇ ବସିଥିଲେ, ବୋଧହୁଏ ଭାବୁଥିଲେ ଅରୂପାଙ୍କର କେଉଁ ଏକ ରୂପକୁ । ସନ୍ନ୍ୟାସୀ ସ୍ଥିର ହୋଇଗଲେ, ପ୍ରାଣ ତାଙ୍କର ଉଦ୍‌ବେଳିତ ହୋଇ ଉଠିଲା । ସେ ବୁଝିପାରିଲେ – ଏ ଜଣେ ସାଧାରଣ ପଥିକ ନୁହନ୍ତି, ଭିନ୍ନ ରାସ୍ତା, ଭିନ୍ନ ଏହାଙ୍କ ଲକ୍ଷ୍ୟ । ପୁଣି ପଟଳର ସ୍ୱଚ୍ଛତା ପ୍ରଶ୍ରୟ ଦେଲା ଆଲୋକକୁ । ତୋତାପୁରୀ ଆଉ ଟିକେ ନିଶ୍ଚିତ ହେଲେ ଏବଂ ଦୂରତାକୁ ଦୂରେଇ ଦେଇ କହିଲେ, ''ତୁମେ ତ ବେଶ୍ ଉତ୍ତମ ଆଧାର ବୋଲି ମନେ ହେଉଛ, ତୁମେ କ'ଣ ବେଦାନ୍ତ ସାଧନ କରିବ କି ?''

ଠାକୁର ଜାଣିଲେ ସମୁଦ୍ର ଭେଟିବା ପାଇଁ ଏ ଆଉ ଏକ ମୁହାଣ ଛୁଆଁ ସୁଅ । କିନ୍ତୁ ନିଜ ରାହା ତ ଆଉ ଜଣକ ହାତରେ । ବଡ଼ ନିର୍ବିକାର ଭାବରେ ଉତ୍ତର ଦେଲେ, ''ଦେଖ, ମୁଁ କ'ଣ କରିବି ନ କରିବି, ସେ କଥା ମୁଁ କିଛି ଜାଣେ ନାହିଁ । ମୋର ମା' ଜାଣେ, ସେ କହିଲେ ମୁଁ କରିବି ।''

''ଠିକ୍ ଅଛି, ତୁମେ ଯାଅ, ତୁମ ମା'ଙ୍କୁ ଏକଥା ପଚାରି ଆସ । କାରଣ ମୁଁ ବେଶୀ ଦିନ ଏଠାରେ ରହି ପାରିବି ନାହିଁ ।'' ସନ୍ନ୍ୟାସୀଙ୍କ ନିର୍ଦ୍ଦେଶରେ ଠାକୁର ମନ୍ଦିର ଆଡ଼କୁ ମୁହାଁଇଲେ । ମା' ଜଗଦମ୍ବାଙ୍କ ସାମନାରେ ଭାବାବିଷ୍ଟ ହେଉ ହେଉ ସ୍ପଷ୍ଟ ଶୁଣିଲେ, ''ହଁ, ଶିକ୍ଷା କର । ତୋତେ ଶିଖାଇବା ପାଇଁ ତ ମୁଁ ଏ ସନ୍ନ୍ୟାସୀଙ୍କୁ ଏଠାକୁ ଅଣାଇଛି ।''

ଠାକୁରଙ୍କ ହର୍ଷୋତ୍‌ଫୁଲ୍ଲ ବଦନ ଦେଖି ତୋତାପୁରୀ ବୁଝିପାରିଲେ ଏହା ସମ୍ମତିର ସୂଚନା ଏବଂ ଏକଥା ବି ଅବୁଝା ରହିଲା ନି ଯେ ଯୁବକଙ୍କର ଆରାଧ୍ୟା ହେଉଛନ୍ତି ମନ୍ଦିରର ମୃଣ୍ମୟୀ କଳେବର ।

ସାଧନ ବିଧି ଆରମ୍ଭ ହେଲା । ଜ୍ଞାନମାର୍ଗୀ ତୋତାପୁରୀ ଠାକୁରଙ୍କର ଶିଶୁ ସୁଲଭ ଭକ୍ତି ଭାବ ଓ ଭେକ ପ୍ରତି ସାମାନ୍ୟ ଅବଜ୍ଞା ପ୍ରକାଶ କରି କହିଲେ, ''ବେଦାନ୍ତ-ସାଧନରେ ଉପବିଷ୍ଟ ହେବା ପୂର୍ବରୁ ତୁମକୁ ଶିଖାସୂତ୍ର ପରିତ୍ୟାଗ କରିବାକୁ ପଡ଼ିବ ଓ ସନ୍ନ୍ୟାସ ଗ୍ରହଣ କରିବାକୁ ପଡ଼ିବ ।'' ଠାକୁର ଏବେ ଟିକେ ଚିନ୍ତାରେ ପଡ଼ିଲେ । ଯଦି ଏକଥା ଜଣା ପଡ଼ିଯାଏ ତେବେ ତାଙ୍କ ବୃଦ୍ଧାମାତାଙ୍କ ମନରେ ନିଶ୍ଚୟ କଷ୍ଟ ହେବ । ମା'ର ଅସନ୍ତୋଷରେ ସିଦ୍ଧି ପୂର୍ଣ୍ଣତା ପ୍ରାପ୍ତ ହେବ ନି । ତେଣୁ ସେ କଥାଟା ପ୍ରକାଶ କରିଦେଲେ । ତୋତାପୁରୀ ସମ୍ମତ ହେଲେ ଏବଂ ଶୁଭ ମୁହୂର୍ତ୍ତ ଉପସ୍ଥିତ ହେଲେ ଗୋପନରେ ଦୀକ୍ଷା ଦେବେ ବୋଲି ପ୍ରତିଶ୍ରୁତି ଦେଲେ ।

ପ୍ରଥମେ ସେ ଠାକୁରଙ୍କର ଏବଂ ଠାକୁରଙ୍କ ପିତୃପୁରୁଷଙ୍କ ଆତ୍ମାର ତୃପ୍ତି ନିମନ୍ତେ ଶ୍ରାଦ୍ଧାଦି କ୍ରିୟା ଶେଷ କରିଦେଲେ । ତତ୍‌ପରେ ଶୁଭ ବ୍ରାହ୍ମମୁହୂର୍ତ୍ତରେ ପଞ୍ଚବଟୀ ନିକଟସ୍ଥ କୁଟୀରରେ ଯଜ୍ଞବେଦୀ ପ୍ରସ୍ତୁତ କରି ଉଭୟ ଗୁରୁ ଶିଷ୍ୟ ସମିଧ ହୁତାଶନରେ ଆହୁତି ପ୍ରଦାନ କଲେ । ସନ୍ନ୍ୟାସ ରୀତି ଅନୁଯାୟୀ ଠାକୁର ଶିଖାସୂତ୍ର ମଧ୍ୟ ଆହୁତି ଦେଲେ ଏବଂ ଗୁରୁଙ୍କ ପ୍ରଦତ୍ତ କୌପୀନ, କଷାୟ ବସ୍ତ୍ର ଓ ଭିନ୍ନ ଏକ ନାମ ଧାରଣ କଲେ । ତା'ପରେ ବ୍ରହ୍ମଜ୍ଞ ତୋତାପୁରୀ ଠାକୁରଙ୍କୁ ନେତିବାଦ ସୂତ୍ରରେ ଜଗତ୍ ମାୟା, ଏକମାତ୍ର ବ୍ରହ୍ମହିଁ ସତ୍ୟ ଓ ସନାତନ – ଶିକ୍ଷା ଦେଲେ । ଏବଂ କହିଲେ, ''ସମସ୍ତ ନାମ ରୂପର ସୀମା ମଧ୍ୟରୁ ମୁକୁଳି ଯାଇ ଅଖଣ୍ଡ ସଚ୍ଚିଦାନନ୍ଦଙ୍କୁ ନିଜ ସ୍ୱରୂପ ବୋଲି ସାକ୍ଷାତ୍ କରି ଧ୍ୟାନସ୍ଥ ହୁଅ ।'' ନିର୍ବିକଳ୍ପ ସମାଧି ହେଉଛି ବେଦାନ୍ତୋକ୍ତ ଜ୍ଞାନମାର୍ଗର ଚରମ ଫଳାଫଳ । ମାତ୍ର ଶତ ଚେଷ୍ଟା ପରେ ମଧ୍ୟ ଠାକୁରଙ୍କ ପକ୍ଷରେ ନିର୍ବିକଳ୍ପ ସମାଧି ସମ୍ଭବ ହେଲା ନି । ଶେଷରେ ସତ୍ୟକୁ ସାମନା କଲେ, ''ଗୁରୁଦେବ, ସମ୍ଭବ ନୁହେଁ । ମନ ନୀରବ ହେବା ମାତ୍ରେ ମୁଁ ଦେଖୁଛି ଜଗଦମ୍ବାଙ୍କର ସେଇ ଲାସ୍ୟମୟୀ ଚିଦ୍‌ଘନୋଜ୍ଜ୍ୱଳ ମୂର୍ତ୍ତି । ସମ୍ପୂର୍ଣ୍ଣ ନିର୍ବିକଳ୍ପ ହୋଇ ଆତ୍ମସ୍ଥ ହେବା ମୋ ପକ୍ଷରେ ସମ୍ଭବ ନୁହେଁ ।''

ଗୁରୁଦେବ ସେତେବେଳକୁ ଅଗ୍ନିଶର୍ମା । କୁଟୀର ଭିତରେ ଅଣ୍ଡାଳୁ ଅଣ୍ଡାଳୁ ହାତରେ ପଡ଼ିଲା ତାଙ୍କର ଭଙ୍ଗା କାଚ ଖଣ୍ଡେ । ବଡ଼ ନିର୍ଦ୍ଦୟ ଭାବରେ ଠାକୁରଙ୍କର ଭ୍ରୂଯୁଗଳ ମଧ୍ୟରେ ସେହି କାଚରେ ବିନ୍ଧିଦେଇ କହିଲେ, ''ଏବେ ମନକୁ ଚାରି ଆଡୁ ଗୋଟାଇ ଆଣି ଏଇ ବିନ୍ଦୁରେ ଏକାଗ୍ର ହୁଅ । ନିର୍ବିକଳ୍ପ ସମାଧି ଲାଭ କର ।''

ଠାକୁରଙ୍କ ଚେଷ୍ଟା ପୁଣି ବ୍ୟର୍ଥ ହେଲା । ଶେଷକୁ ଠାକୁର ନିଜର ଜ୍ଞାନ ଅସିରେ ସେହି ମୂର୍ତ୍ତିକୁ ଦି'ଖଣ୍ଡ କରି ନାମ ରୂପ ରାଜ୍ୟର ଊର୍ଦ୍ଧ୍ୱକୁ ଉଠିଗଲେ ଏବଂ ସମାଧିରେ ମଗ୍ନ ହେଲେ । ଗୁରୁଦେବ ଆଶ୍ୱସ୍ତ ହେଲେ ଏବଂ କୁଟୀରର ଦ୍ୱାର ବନ୍ଦ କରି ବାହାରେ ଅପେକ୍ଷା କରି ରହିଲେ । ଛାଇ କଟି ରାତି ହେଲା ହେଲେ ଠାକୁର ସେମିତି ନିଶ୍ଚଳ । ଶ୍ୱାସ-ପ୍ରଶ୍ୱାସ ରୁଦ୍ଧ, ଦେହରେ ପ୍ରାଣର ପ୍ରକାଶ ମାତ୍ର ନାହିଁ । କିନ୍ତୁ ମୁଖ ମଣ୍ଡଳ ପ୍ରଶାନ୍ତ ଓ ଜ୍ୟୋତିଃପୂର୍ଣ୍ଣ । ଏମିତି ତିନି ଦିନ, ତିନି ରାତି କଟିଗଲା । ଗୁରୁଦେବ ତାଜୁବ ହେଲେ । ଦୀର୍ଘ ଚାଳିଶ ବର୍ଷର ସାଧନାରେ ଯାହା ସମ୍ଭବ ହୋଇ ନ ଥିଲା ତାହା ତିନି ଦିନରେ ହେଲା କେମିତି । ଏହା କ'ଣ ଦୈବୀ ମାୟା !

ଗୁରୁଦେବ ଠାକୁରଙ୍କ ଶରୀର ସ୍ପର୍ଶ କଲେ ମାତ୍ର ଠାକୁର ସେମିତି ସ୍ପନ୍ଦନହୀନ ଓ ପ୍ରତିକ୍ରିୟାହୀନ । ଶେଷରେ ସେ ଖୁବ୍ ଉଚ୍ଚ ସ୍ୱରରେ 'ହରି ଓମ୍' ମନ୍ତ୍ର ଉଚ୍ଚାରଣ କରି ଧ୍ୟାନ ଭଙ୍ଗ କରିବାର ପ୍ରକ୍ରିୟା ଆରମ୍ଭ କଲେ । ତାଙ୍କର ଗୁରୁଗମ୍ଭୀର ସ୍ୱର ପଞ୍ଚବଟୀର ନୀରବତା ଆବୃତ୍ତି କଲା । ଠାକୁର ଧୀରେ ଧୀରେ ଅଦ୍ୱୈତ ଭୂମିରୁ ଭାବରାଜ୍ୟର ଚେତନା ଭୂମିକୁ ଓହ୍ଲାଇ ଆସିଲେ ଏବଂ ବ୍ରହ୍ମଜ୍ଞ ଶିଷ୍ୟ ଗୁରୁଦେବଙ୍କ ପଦବନ୍ଦନା କଲେ ।

❑❑❑

... ସେଇ ପୁଣ୍ୟାତ୍ମାମାନଙ୍କ ମଧ୍ୟରେ ରାମକୃଷ୍ଣ ଥିଲେ ସର୍ବଶେଷ ଓ ସର୍ବଶ୍ରେଷ୍ଠ । କାରଣ ଅନ୍ୟମାନେ ଯେତେବେଳେ ଭଗବାନଙ୍କର ଏକକ ଓ ସୀମିତ ବିଭାବକୁ ଉପଲବ୍ଧି କରିଥିଲେ, ସେତେବେଳେ ସେ ଭଗବାନଙ୍କୁ ଅନନ୍ତ ବୈଚିତ୍ର୍ୟର ସମାହାର ରୂପେ ତାଙ୍କର ଅନନ୍ତ ଏକତ୍ୱ ମଧ୍ୟରେ ଉପଲବ୍ଧି କରିଥିଲେ ।

(SABCL – Vol. 1, p. 800) — ଶ୍ରୀଅରବିନ୍ଦ

## ଶ୍ରୀରାମକୃଷ୍ଣ ଚରିତାମୃତ (୧୩)

# ମହାଭାବ

## ସନ୍ତୋଷ କୁମାର ରଥ

ଫଳ ହେଲେ ଫୁଲ ଆପଣା ଛାଏଁ ଝଡ଼ିପଡ଼େ । ବ୍ରହ୍ମଜ୍ଞାନ ହେଲେ ମଣିଷ ଆପେ ଆପେ ଅହଂଜ୍ଞାନ ଶୂନ୍ୟ ହୋଇଯାଏ । ସାରା ଜଗତରେ ସେ ସେତେବେଳେ ଏକ-ଭିନ୍ନ ଦ୍ୱିତୀୟକୁ (ବ୍ୟକ୍ତି କିଂବା ବସ୍ତୁ) ଦେଖିପାରେ ନାହିଁ । ସେ ଭୟଶୂନ୍ୟ ହୋଇଯାଏ । ଠାକୁର କହୁଥିଲେ, ''ବ୍ରହ୍ମଜ୍ଞାନରେ ସଂପୂର୍ଣ୍ଣ ରହିଲେ ଜୀବର ଦେହ ଶୁଖିଲା ପତ୍ର ପରି ଆପେ ଆପେ ଝଡ଼ି ପଡ଼େ । ତାକୁ ଆଉ ଏ ସଂସାରକୁ ଫେରି ଆସିବାକୁ ହୁଏ ନାହିଁ – ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତ ହୁଏ ।''

ପଶ୍ଚିମ ଭାରତୀୟ ସନ୍ନ୍ୟାସୀ ତୋତାପୁରୀ ଦୀର୍ଘ ଚାଳିଶ ବର୍ଷ ବ୍ରହ୍ମଜ୍ଞାନ ସାଧନା ପରେ ଏହି ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତ ହୋଇଥିଲେ । ସେ ନିତ୍ୟ ମୁକ୍ତ ବାୟୁ ସଦୃଶ ବାଧାଶୂନ୍ୟ ହୋଇ ସ୍ୱ-ଇଚ୍ଛାରେ ବିଚରଣ କରୁଥିଲେ । ସଂସାରର ଦୋଷ ଗୁଣ ତାଙ୍କୁ ସ୍ପର୍ଶ କରିପାରୁ ନ ଥିଲା । ଯତି ଧର୍ମ ପାଳନ କରି ପରିବ୍ରାଜକ ଥିବାବେଳେ ସେ ଗୋଟିଏ ଜାଗାରେ ତିନି ଦିନରୁ ଅଧିକ କାଳ ନ ରହିବାର ପାରଙ୍ଗମତା ଅର୍ଜନ କରି ପାରିଥିଲେ । ଅବଶ୍ୟ କଥାଟିକୁ ଭିନ୍ନ ଭଙ୍ଗୀରେ କହିଲେ – କୌଣସି ଜାଗାର ଆକର୍ଷଣ ତାଙ୍କ ବିକର୍ଷଣଠାରୁ ବଳବତ୍ତର ନ ଥିଲା, ବୋଧହୁଏ ଠିକ୍ ହେବ । ମାତ୍ର ସନ୍ନ୍ୟାସୀ ଚୁମ୍ବକର ମୋହିନୀ ମାୟାରୁ ମୁକୁଳି ପାରିଲେ ନାହିଁ । ଭୁଲିଗଲେ ନିଜର ବ୍ରତ । ଏକାଦିକ୍ରମେ ଦୀର୍ଘ ଏଗାର ମାସ କଟାଇଦେଲେ ଦକ୍ଷିଣେଶ୍ୱରରେ, ଠାକୁରଙ୍କ ପାଖରେ । ଜଗତ୍ ଆଶ୍ଚର୍ଯ୍ୟ ମଣିଲା । ତୁଣ୍ଡ ସୁତୁଣ୍ଡ ହେଲା – ଧନ୍ୟ ସେ ପାଗଳା ଠାକୁର, ଧନ୍ୟ ତା' କିମିୟା ।''

ନାଗା-ସନ୍ନ୍ୟାସୀମାନେ ଧୁନିକୁ ମହା ପବିତ୍ର ମଣନ୍ତି । କି ଖରା କି ବର୍ଷା ଧୁନି ଜଳୁଥାଏ, ସେମାନେ ତାହାରି ପାଖରେ ବସି ନିଜ ବ୍ରହ୍ମାଗ୍ନିକୁ ପ୍ରଜ୍ୱଳିତ କରାନ୍ତି । ତୋତାପୁରୀ ସେହି ଅଭ୍ୟାସରୁ ବାଦ୍ ଯାଇ ନ ଥିଲେ । ପଞ୍ଚବଟୀର ବୃକ୍ଷତଳେ ଦିନ ରାତି ଜଳୁଥିଲା ତାଙ୍କ ଧୁନି । ସେହିଠାରେ ବସି ଧ୍ୟାନ, ଧାରଣା, ବେଦାନ୍ତ-ଚର୍ଚ୍ଚା ହେଉଥିଲା ଏବଂ ଶିଷ୍ୟ ଗୁରୁଙ୍କର ଉପଦେଶ ଘେନା କରୁଥିଲେ । ଦିନକର କଥା । ଧୁନି ଚାରିକଡ଼କୁ ଛାଡ଼ି ସନ୍ଧ୍ୟା ସେତେବେଳକୁ ଆବୋରି ନେଇଥିଲା ସାରା ପଞ୍ଚବଟୀକୁ । ଠାକୁର ଓ ତୋତାପୁରୀ ଦୁହେଁ ବସିଥା'ନ୍ତି ଧୁନିକୁ ସାମନା କରି, ପରସ୍ତ ଅନ୍ଧାର ଭିତରେ ଧୂମଳ ଅଗ୍ନିଶିଖା ସୂଚାଇ ଦେଉଥାଏ ଦୁହିଙ୍କର ଉପସ୍ଥିତିକୁ । ଠିକ୍ ସେତିକିବେଳେ ବଗିଚାର ମାଳୀ ଜଣେ ତା' ଓଠଚପା ବିଡ଼ି ମୁହଁରେ ନିଆଁ ଦେବା ପାଇଁ ଧୁନିରୁ ଟାଣିନେଲା ଜଳନ୍ତା କାଠ ଖଣ୍ଡେ । ପ୍ରଥମ ଦଲକା ଧୂଆଁ ମିଶିଗଲା ଧୁନିର ଧୂମଳ ଭିତରେ । ଅଗ୍ନି – ସେ ସର୍ବଂଦାହୀ । ମାତ୍ର ନଜର ପଡ଼ିଗଲା ସନ୍ନ୍ୟାସୀଙ୍କର । ରାଗ ଜରଜର ହୋଇ ହାତରେ ଚିମୁଟା ଧରି ସୁହୁସି ଆସିଲେ ମାଳୀ ଆଡ଼କୁ, ''ମୂର୍ଖ, ଅକାଳ କୁଷ୍ମାଣ୍ଡ । ଜାଣି ନାହୁଁ ଏ ଅଗ୍ନିର ମହତ୍ତ୍ୱ କ'ଣ ? ତୋର ଏତେ ସାହସ, ପୁଣି ମୋ ସାମନାରେ ।''

ବିଚରା ମାଳୀ ବଡ଼ କାକୁସ୍ତରେ ମୁଣ୍ଡ ନୁଆଁଇ ରହିଥାଏ ଝଡ଼ ଦୋହଲା ଗଛଟିଏ ପରି । ସବୁ ଆନନ୍ଦ ତା'ର ଫିକା ପଡ଼ିଗଲା । ଅଧାଜଳା ବିଡ଼ି ଖଣ୍ଡକ ଅତେଜା ଦୀପର ସଳିତା ପରି ଲାଗି ରହିଥିଲା ତା' ଓଠରେ । ଠାକୁରଙ୍କର ସେତେବେଳକୁ ଅର୍ଦ୍ଧବାହ୍ୟ ଅବସ୍ଥା, ଧୁନିର ଶିଖାରେ ଉଠି ଚାଲିଥିଲେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ । ମାତ୍ର ଗୁରୁଦେବଙ୍କର ଏମନ୍ତ କାଣ୍ଡରେ ଠାକୁର ଠୋ ଠୋ ହସି ଉଠିଲେ ।

''ତୁମେ ଏପରି ହସୁଛ କାହିଁକି ?'' – ପ୍ରଶ୍ନ କଲେ ତୋତାପୁରୀ । ଠାକୁର ହସି ହସି କହିଲେ, ''ତୁମର ବ୍ରହ୍ମଜ୍ଞାନର ଦଉଡ଼ ଦେଖି ହସୁଛି ହେ ! ଆଉ କେଉଁଥି ପାଇଁ ନୁହେଁ । ଯିଏ ଏଇ ମୁହଁରେ କହୁଥିଲା ବ୍ରହ୍ମ ବିନା ଦ୍ୱିତୀୟ ସତ୍ତା ନାହିଁ । ଜଗତର ସମସ୍ତ ବସ୍ତୁ ଓ ବ୍ୟକ୍ତି କେବଳ ତାଙ୍କରି ପ୍ରକାଶ । ଆଉ ଏବେ ! ସବୁକଥା ଭୁଲିଯାଇ ସେଇ ପୁଣି ମଣିଷକୁ ମାରିବାକୁ ଚିହିଁକି ଆସୁଛି । ଆହା, ମାୟାର କି ଅଦ୍ଭୁତ ପ୍ରଭାବ !''

ଠାକୁରଙ୍କ ଚେତବନୀ ଶୁଣି ସନ୍ନ୍ୟାସୀ ବେଶ୍ କିଛି ସମୟ ଗମ୍ଭୀର ହୋଇଗଲେ । ସ୍ଥିତଧୀ ଅବସ୍ଥା ଲାଭ ପରେ କହିଲେ, ''ତୁମେ ଠିକ୍ କହିଛ । କ୍ରୋଧର କବଳରେ ପଡ଼ି ମୁଁ ସବୁକଥା ଭୁଲିଯାଇଥିଲି । କ୍ରୋଧ ବଡ଼ ମାରାତ୍ମକ ଚିଜ, ଚିହ୍ନିବା କଷ୍ଟ । ମାତ୍ର ଆଜିଠାରୁ ଆଉ କ୍ରୋଧର ବଶବର୍ତ୍ତୀ ହେବି ନାହିଁ । ତ୍ରିବାର ସତ୍ୟ କରୁଛି – ଏଇ ମୁହୂର୍ତ୍ତରୁ ମୁଁ କ୍ରୋଧ ପରିତ୍ୟାଗ କଲି ।''

ସତକୁ ସତ ସେହି ଦିନଠାରୁ ସନ୍ନ୍ୟାସୀଙ୍କୁ କେହି କେବେ ରାଗିବାର ଦେଖି ନାହିଁ ।

କ୍ରମେ ଠାକୁରଙ୍କ ସହ ତୋତାପୁରୀଙ୍କର ସମ୍ପର୍କ ଆହୁରି ନିବିଡ଼ ହେଲା । ଭୁଲିଗଲେ ତାଙ୍କର ସନ୍ନ୍ୟାସ ବ୍ରତ – ତିନି ଦିନିଆ ରହଣିର ବିଧି ବ୍ୟବସ୍ଥା । ପଞ୍ଚବଟୀରେ ଗଢ଼ିଲେ ତାଙ୍କ ସଂସାର । ସାଥିରେ ଥାଏ ଗୋଟେ ଲୋଟା, ଗୋଟେ ଲମ୍ବା ଚୁମୁଟା, ଆଉ ହରିଣ ଚମର ଧ୍ୟାନାସନ । ମାଘୁଆ ଜାଡ଼ର ଜଗୁଆଳି ଥିଲା ଖଣ୍ଡେ ମୋଟା ଚାଦର ତାଙ୍କ ଦିଗମ୍ବର ଶରୀର ଉପରେ । ଧ୍ୟାନ ଧାରଣା ପରି ଲୋଟା, ଚିମୁଟାକୁ ମାଜି ଚିକ୍ ଚିକ୍ କରିବା ଥିଲା ସନ୍ନ୍ୟାସୀଙ୍କର ଏକ ନିତ୍ୟକର୍ମ । ଦିନେ ଏକ ଅଳସ ମୁହୂର୍ତ୍ତକୁ ଚିମୁଟି ଦେଇ ଠାକୁର କହିଲେ, ''ତୁମର ତ ବ୍ରହ୍ମଜ୍ଞାନ ଲାଭ ହୋଇଛି, ତୁମେ ସିଦ୍ଧ ହୋଇଛ, ପୁଣି କାହିଁକି ଧ୍ୟାନାଭ୍ୟାସ କରୁଛ ?''

ସନ୍ନ୍ୟାସୀ ଛାଡ଼ିବା ପାତ୍ର ନୁହନ୍ତି । ଶିଷ୍ୟର ମୃଦୁ ଆକ୍ଷେପକୁ ଆଡ଼େଇ ଦେବାକୁ ଯାଇ ତତ୍‌କ୍ଷଣାତ୍ ଅଙ୍ଗୁଳି ନିର୍ଦ୍ଦେଶ କଲେ, ''ଦେଖୁଛ ଲୋଟାଟିକୁ, କିପରି ଚକ୍‌ମକ୍ କରୁଛି । ମୁଁ ଯଦି ତାକୁ ସବୁଦିନ ନ ମାଜେ ତେବେ କ'ଣ ସେ ଏମିତି ଚକ୍‌ମକ୍ କରିବ ? ଦିନ କେତେଟାରେ ମଳିନ ପଡ଼ିଯିବ । ମନ ମଧ୍ୟ ଠିକ୍ ସେହିପରି । ଧ୍ୟାନାଭ୍ୟାସ କରି ମନକୁ ଏହିପରି ମଜାଘଷା ନ କଲେ ମନ ମଧ୍ୟ ମଳିନ ହୋଇଯିବ ।''

''କିନ୍ତୁ ଯଦି ସୁନାର ଲୋଟା ହୁଏ ? ତା'ହେଲେ ସବୁ ଦିନ ନ ମାଜିଲେ ମଧ୍ୟ ମଇଳା ହୋଇ ଯିବ ନି ।'' – ଠାକୁରଙ୍କ ପ୍ରତ୍ୟୁଦାହରଣରେ ସନ୍ନ୍ୟାସୀ ସ୍ତବ୍ଧ ହୋଇଗଲେ । ହସି ହସି କହିଲେ, ''ହଁ, କଥାଟା ସତ । ଆଉ ଜାଣେ, ତୁମର ମନ ସୁନାର ଲୋଟା ଭଳି ଉଜ୍ଜ୍ୱଳ, ସଦା ଉଜ୍ଜ୍ୱଳ । ମାତ୍ର କେତେ ଜଣକର ବା ସୁନା ଲୋଟା ଅଛି !''

ଠାକୁରଙ୍କ ପରି ଆଧାର ବାସ୍ତବିକ ବିରଳ । ନିରନ୍ତର ନିର୍ବିକଳ୍ପ ଅଦ୍ୱୈତ ଭୂମିରେ ଅବସ୍ଥାନ କରୁଥିବା ଅବସ୍ଥାରେ ଶରୀର ସମ୍ବନ୍ଧରେ ନିଜର ବାହ୍ୟ ସଚେତନତା ହରାଇ ବସୁଥିଲେ । ସେତେବେଳେ 'ମୁଁ ମୋର' – 'ତୁ, ତୋର' ଏହି ଭାବ ମଧ୍ୟ ରହୁ ନ ଥିଲା । ଏହି ଅବସ୍ଥାରେ ସେ ମାସ ମାସ ବିତାଇ ଦେଉଥିଲେ । ଥରେ କଥା ପ୍ରସଙ୍ଗରେ କହି ପକାଇଲେ, ''ଏଭଳି ଅବସ୍ଥାରେ ଶରୀର କେବଳ ଏକୋଇଶ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିପାରେ । ତା'ପରେ ଶୁଖିଲା ପତ୍ର ଗଛରୁ ଖସି ପଡ଼ିଲା ପରି ଝଡ଼ିପଡ଼େ । ମାତ୍ର ମୋର ଏ ଦେହ କ'ଣ ଆଉ ଥାଆନ୍ତା ? ଜଣେ ସାଧୁ ତା'ର ଯତ୍ନ ନେଉଥିଲେ ।... କିଛିଦିନ ପରେ ମା'ଙ୍କ ବାଣୀ ଶୁଣିଲି – 'ତୁ ଭାବମୁଖ (ନିର୍ଗୁଣ ଓ ସଗୁଣ ମଧ୍ୟବର୍ତ୍ତୀ ଅବସ୍ଥା) ହୋଇରହ । ତୋ ଦ୍ୱାରା ମୋର ଅନେକ କାମ କରିବାର ଅଛି । ତୁ ଲୋକଶିକ୍ଷା ଦେବୁ ।''

ମାସ କେତୋଟି ବିତିଛି କି ନାହିଁ, ତୋତାପୁରୀଙ୍କ ସୁସ୍ଥ ସବଳ ଶରୀରରେ ପ୍ରଥମ କରି ଅସୁସ୍ଥତାର ଆଭାସ ମିଳିଲା । ସେ ଭାବିଲେ – ବୋଧହୁଏ ବଙ୍ଗଦେଶର ଜଳବାୟୁର ଏହା ଏକ ସାମୟିକ ଅସହଯୋଗିତା । ମାତ୍ର ରକ୍ତ ଆମାଶୟ ରୋଗର ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାକୁ ଲାଗିଲା । ପେଟର ଯନ୍ତ୍ରଣା ଅସହ୍ୟ ବୋଧ ହେଲା । ଶରତ ଆକାଶକୁ ଘୋଟିଗଲା ଧୂମାଳ ମେଘ । ନୀରବ ନିଶ୍ଚଳ ମନ ତାଙ୍କର ଯନ୍ତ୍ରଣା ଜର୍ଜରିତ ହୋଇଉଠିଲା, ଦେହଗତ ହୋଇ ରହିଲା । ସ୍ୱାମିଜି ହାଡ଼ ମାଂସର ସେଇ ଅନିତ୍ୟ ପଞ୍ଜୁରିଟି ପ୍ରତି ଅତ୍ୟନ୍ତ ଅନାଗ୍ରହୀ ହୋଇ ଉଠିଲେ, ଭାବିଲେ – ''ମୁଁ ଜାଣେ ମୁଁ କୌଣସିମତେ ଏ ଶରୀର ନୁହେଁ । ତେବେ ଏହି ଅସହଯୋଗୀ ପଚା ଦେହଟା ସଙ୍ଗେ ରହି ଲାଭ କ'ଣ ? କାହିଁକି ଏତେ ଯନ୍ତ୍ରଣା ଭୋଗ କରିବି ? ବିସର୍ଜନହିଁ ଶ୍ରେୟସ୍କର ।''

ମୁକୁରରେ ମଇଳା ଜମିଗଲା ପରି ସ୍ୱାମିଜିଙ୍କର ବ୍ରହ୍ମଦର୍ଶୀ ମନ ନିଜର ନିଜତ୍ୱ ହରାଇ ବସିଲା । ନିଜ ନାଆର ନିଜେ ନାଉରି ହୋଇ ଭୁଲିଗଲେ ଦିଗବାରିଣୀର ନିର୍ଦ୍ଦେଶକୁ । ରାତିର ବହଳ ନିସ୍ତବ୍ଧତା ଭିତରେ ପହଞ୍ଚିଲେ ଗଙ୍ଗା କୂଳରେ । ଘୁମନ୍ତ ଗଙ୍ଗା ସେତେବେଳକୁ ଫୁଲି ଫୁଲି କୂଳ ଖାଉଥାଏ । ଜଳ, ସ୍ଥଳ, ଆକାଶ ସମସ୍ତେ ସ୍ତବ୍ଧ ଚକିତ ଦୃଷ୍ଟିରେ ଚାହିଁ ରହିଥା'ନ୍ତି ସ୍ୱାମିଜିଙ୍କୁ । ପେଟର ଯନ୍ତ୍ରଣା ସେତେବେଳକୁ ଆହୁରି ଅଧିକ । ତଥାପି ସ୍ୱାମିଜି ଘଡ଼ିକ ପାଇଁ ଏକାଗ୍ର ହେଲେ, ହାତଯୋଡ଼ି ପ୍ରାର୍ଥନା ଜଣାଇଲେ, ''ହେ ପଞ୍ଚଭୂତ, ମୋର ଏଇ ଶରୀର ତୁମକୁ ପ୍ରଦାନ କରୁଛି । ହେ ଅନନ୍ତ ପୁରୁଷ ବିଶ୍ୱାତ୍ମା ! ମୋର ଏଇ ଅବିନଶ୍ୱର ଆତ୍ମା ତୁମରିଠାରେ ବିଲୀନ ହେଉ ।''

ଧୀର ପଦକ୍ଷେପରେ ଘାଟରୁ ଓହ୍ଲାଇ ଆସିଲେ ସ୍ୱାମିଜି । ପ୍ରବେଶ କଲେ ଗଙ୍ଗାର ବହମାନ ସ୍ରୋତ ମଧ୍ୟରେ । ପାଣିଛୁଆଁ ପାହାଚ ସେତେବେଳକୁ କାହିଁ କେତେ ପଛରେ । ମାତ୍ର ଏ କି ଆଶ୍ଚର୍ଯ୍ୟ – ସ୍ୱାମିଜିଙ୍କୁ ସେଇ ଛାତିଏ ପାଣି । ଯେତେ ଆଗକୁ ଗଲେ ବି ପାଣିର ପତନ ଆଉ ବଢୁ ନ ଥିଲା; ଅଷ୍ଟମୀ ରାତିର ବସୁଦେବଙ୍କ ଯମୁନା ଯାତ୍ରାପରି ।

''ହେ ଭାଗୀରଥୀ ! ତୁମେ କ'ଣ ଏଡ଼େ ନିର୍ଦ୍ଦୟ !

ପ୍ରାଣ ବିସର୍ଜନ ପାଇଁ ଜଳ ମୁନ୍ଦିଏ ଦେବା ପାଇଁ ଏଡ଼େ ଅକିଞ୍ଚନ ତୁମେ ! ହାୟ ଭାଗ୍ୟ ମୋର !'' — ଗଙ୍ଗା ମଝିରେ ଥାଇ ମନସ୍ତାପ କଲେ ସ୍ୱାମିଜି । ଠିକ୍ ସେତିକିବେଳକୁ ହଠାତ୍ ତାଙ୍କ ଆଗରେ ଗୋଟିଏ ଉଜ୍ଜ୍ୱଳ ଆଲୋକ ଉଦ୍‌ଭାସିତ ହୋଇ ଉଠିଲା । ସର୍ବାଙ୍ଗ ଶରୀର ତାଙ୍କର ପୁଲକିତ ହୋଇ ଉଠିଲା । ସେ ଚିତ୍କାର କରି ଉଠିଲେ, ''ମା', ମା, ବିଶ୍ୱଜନନି, ଅଚିନ୍ତ୍ୟ ଶକ୍ତିରୂପିଣି ମା ! ଏ କ'ଣ ଦେଖୁଛି । ଜଳ, ସ୍ଥଳ, ଆକାଶ ସର୍ବତ୍ର ତୁହିଁ ବିଦ୍ୟମାନ । ତୁହିଁ  ଜୀବନ, ତୁହିଁ ମୃତ୍ୟୁ । ତୁହିଁ ଶରୀର । ମନ, ପ୍ରାଣ, ପୁଣି ତା'ର ଅତୀତ — ତୁରୀୟା, ନିର୍ଗୁଣା ମା !''

ସ୍ୱାମିଜି ପାଣି ଭିତରୁ ଧୀରେ ଧୀରେ ଉପରକୁ ଉଠି ଆସିଲେ । ତାଙ୍କର ଏକ ଅଦ୍ଭୁତ ଅନୁଭୂତି ହେଲା — ''ଏତେ ଦିନ ଧରି ଯାହାଙ୍କୁ ବ୍ରହ୍ମ ବୋଲି ଉପାସନା କରୁଥିଲି, ଅରୂପ ଅନନ୍ତ ବୋଲି ବିବେଚନା କରିଥିଲି, ସେହିଁ ମା ! ଶିବଶକ୍ତି ଏକ ଓ ଅଭିନ୍ନ — ବ୍ରହ୍ମ ଆଉ ବ୍ରହ୍ମଶକ୍ତି ଅଭେଦ ।'' ଶରୀରରେ ଯନ୍ତ୍ରଣା ଥିଲେ ସୁଦ୍ଧା ସେତେବେଳକୁ ଆଉ ତା'ର ଅନୁଭବ ନ ଥିଲା । ସ୍ୱାମିଜି ଫେରି ଆସିଲେ ପଞ୍ଚବଟୀକୁ । ଧୁନି ପାଖରେ ବସି ରାତିର ବାକି ପ୍ରହରଗୁଡ଼ିକୁ କଟାଇ ଦେଲେ ଜଗଦମ୍ବାଙ୍କ ଧ୍ୟାନ ଓ ନାମ ଜପରେ ।

ରାତି ପାହି ସକାଳ ହେଲା । ସ୍ୱାମିଜି ସେମିତି ମା'ର ନାମ କୀର୍ତ୍ତନରେ ମଗ୍ନ । ଠାକୁର ସ୍ୱାମିଜିଙ୍କର ଶାରୀରିକ କୁଶଳତା ଜାଣିବା ପାଇଁ ସେଠାରେ ଆସି ପହଞ୍ଚିଲେ, ମାତ୍ର ଆଶ୍ଚର୍ଯ୍ୟ ହେଲେ — ସେ ଆଉ ସେ ପୁରୁଣା ତୋତାପୁରୀ ନୁହନ୍ତି । ଗୁରୁଦେବ ତାଙ୍କର ଜଣେ ଭିନ୍ନ ମଣିଷ, ହସ ହସ ମୁଖ ମଣ୍ଡଳ, ଅନ୍ତର ବାହାର ଆନନ୍ଦରେ ପୁଲକିତ । ଶରୀରରେ ରୋଗ ଯନ୍ତ୍ରଣାର କୌଣସି ଚିହ୍ନ ନାହିଁ । ସ୍ୱାମିଜି ଠାକୁରଙ୍କୁ ବସିବା ପାଇଁ ଇଙ୍ଗିତ ଦେଲେ ଏବଂ ଧୀରେ ଧୀରେ ଆରମ୍ଭ କଲେ ଗତ ରାତିର ଅଭିଜ୍ଞତା, ''ଜାଣ, ରୋଗହିଁ ମୋର ବନ୍ଧୁର କାର୍ଯ୍ୟ କରିଛି । ଯନ୍ତ୍ରଣାରେ ଅଧୀର ହୋଇ ମୁଁ ପ୍ରାଣ ବିସର୍ଜନ ପାଇଁ ଯାଇଥିଲି । ମାତ୍ର ଗଙ୍ଗା ବକ୍ଷରେ ଜଗଦମ୍ବାଙ୍କ ଦର୍ଶନ ଲାଭ କଲି, ତାଙ୍କରି କୃପାରୁ ମୋର ସବୁ ରୋଗ ଭଲ ହୋଇଗଲା । ଏତେ ଦିନ ମୁଁ ଅଜ୍ଞ ଥିଲି ।''

ଠାକୁର ଏକଥା ଶୁଣି ଛୋଟ ପିଲାଟିଏ ପରି ହସି ହସି ଗଡ଼ିଗଲେ, କହିଲେ, ''ତା' ହେଲେ ମା'ଙ୍କୁ ଯେ ଆଗରୁ ମାନୁ ନ ଥିଲ ? ମୋ ପାଖରେ ଶକ୍ତି ମିଥ୍ୟା; ବ୍ରହ୍ମହିଁ ସତ୍ୟ, ସନାତନ ବୋଲି ତର୍କ କରୁଥିଲ ? ଏବେ ବୁଝିଲ ତ ! ମୋତେ ସେ ଆଗରୁ ବୁଝାଇ ଦେଇଛନ୍ତି — ଅଗ୍ନି ଆଉ ତା'ର ଦାହିକା ଶକ୍ତି ଯେମିତି ପୃଥକ୍ ନୁହେଁ, ସେହିପରି ବ୍ରହ୍ମ ଆଉ ଶକ୍ତି ଅଭେଦ, ଏକ ।''

''ହଁ, ଏବେ ବୁଝୁଛି, ବେଦାନ୍ତର ଅଦ୍ୱୈତ ଭାବ ନେଇ ନିର୍ବିକଳ୍ପ ସମାଧି ଲାଭ କରିବା ପରେ ମଧ୍ୟ ତୁମେ ଯେ ମା' ନାମ ଜପ କରୁଥିଲ, ମା'ଙ୍କ ଗୁଣ କୀର୍ତ୍ତନ କରୁଥିଲ, ତାହା ନିରର୍ଥକ ନୁହେଁ । ବ୍ରହ୍ମ-ଦର୍ଶନ ପରେ ମଧ୍ୟ ଆମ ଚତୁଃପାର୍ଶ୍ୱରେ ରହିଥିବା ଧୂଆଁଳିଆ ଭାବରୁ ମୁକ୍ତି ପାଇବା ପାଇଁ ଏହା ଏକାନ୍ତ ସହାୟକ । ନ ହେଲେ ଅଜ୍ଞାନତା ଆମକୁ ଅନ୍ଧ କରିଦେବାର ସମ୍ଭାବନା ରହିଛି'' — ନିଜର ଅଭିନବ ବୋଧକୁ ବ୍ୟକ୍ତ କଲେ ତୋତାପୁରୀ ।

ସକାଳର ସାହାନାଇ ବାଜି ଉଠିଲା ମନ୍ଦିରର ପ୍ରାଙ୍ଗଣରୁ । ଧୁନି ଛାଡ଼ି ଦୁହେଁ ମୁହାଁଇଲେ ଦକ୍ଷିଣେଶ୍ୱରକୁ । ପ୍ରଣତ ପ୍ରଣତି ଜଣାଇଲେ ଜଗଦମ୍ବାଙ୍କ ଚରଣରେ ।

(କ୍ରମଶଃ)

❑❑❑

ଯେଉଁ ଦର୍ଶନବିତ୍‌ମାନେ ଜଗତକୁ ମାୟା ବୋଲି କହି ପ୍ରତ୍ୟାଖ୍ୟାନ କରନ୍ତି, ସେମାନେ ଅନେକ ପ୍ରଜ୍ଞା, ସଂଯମ ତଥା ପବିତ୍ରତାର ଅଧିକାରୀ ହୋଇ ରହିଥା'ନ୍ତି ମାତ୍ର ମୁଁ ବେଳେବେଳେ ଏକଥା ମଧ୍ୟ ନ ଭାବି ରହିପାରେ ନାହିଁ ଯେ ସେମାନେ ଏପରି କରି କିଞ୍ଚିତ୍ ନିର୍ବୋଧତାର ବି ପ୍ରମାଣ ଦିଅନ୍ତି ଏବଂ ପରମେଶ୍ୱର ସେମାନଙ୍କୁ ଭାରି ସହଜରେ ଠକିବା ଲାଗି ବାଟ ଛାଡ଼ି ଦିଅନ୍ତି ।

— ଶ୍ରୀଅରବିନ୍ଦ

## ଶ୍ରୀରାମକୃଷ୍ଣ ଚରିତାମୃତ (୧୪)

# ଏକ ଓ ଅଭିନ୍ନ

## ସନ୍ତୋଷ କୁମାର ରଥ

ତେଲସରା ଦୀପର ସରନ୍ତା ସଳିତା ଟିକକୁ ତେଜିଦେବା ପରେ, ପବନ ଦଲକାକୁ ଅନିଷା କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ମଥୁରବାବୁ ଖୁବ୍ ବିଚଳିତ ମନେ ହେଉଥିଲେ । କଲିକତାର ବିଶିଷ୍ଟ ଡାକ୍ତର ଓ ବୈଦ୍ୟ ସେତେବେଳକୁ ଆଶା ଛାଡ଼ି ଦେଲେଣି । ''ଜୀବନର ଶେଷ ଚଉଠରେ ଭଗବାନଙ୍କର ଏ ଯେ କି ଅଦ୍ଭୁତ ପରୀକ୍ଷା — ଠାକୁରଙ୍କର ଦେଖାଶୁଣା, ମନ୍ଦିର ପରିଚାଳନା, ଜଗଜ୍ଜନନୀଙ୍କ ସେବାରୀତିରୁ ମୋତେ ତା'ହେଲେ କ'ଣ ବଞ୍ଚିତ ହେବାକୁ ହେବ ! ମୁଁ ଯେ ଏ ବଂଶର ଜାମାତା ମାତ୍ର ।'' — ଘାରି ହେଉଥିଲେ ମଥୁରବାବୁ ।

ଜଗଦମ୍ବା ଦାସୀ ସେତେବେଳକୁ ବେହୋସ ଅବସ୍ଥାରେ । ଭୟଙ୍କର ଗ୍ରହଣୀ ରୋଗରେ ଆକ୍ରାନ୍ତ ହୋଇ ପଡ଼ିବା ପରେ ଶରୀରର ଶକ୍ତି ତିଳ ତିଳ ହୋଇ ନିଃଶେଷ ହୋଇ ଆସୁଥାଏ । ମଥୁରବାବୁ ଜାଣି ସାରିଥିଲେ — ଆଉ ବେଶୀ ସମୟ ନୁହେଁ, ଶେଷ ଦଲକା ପବନ ପୋଛି ନେଇଯିବ ଦୀପର ନିସ୍ତେଜ ଶିଖାଟିକୁ । ଆଉ ସେ ସବୁଦିନ ପାଇଁ ହରାଇ ବସିବେ ତାଙ୍କର ଦ୍ୱିତୀୟ ପତ୍ନୀଙ୍କୁ । ଭାବନା ତାଙ୍କର ଘୁଞ୍ଚିଗଲା, ମନେ ପଡ଼ିଗଲା ସେଦିନର କଥା :

''ହେ ଭଗବାନ୍ ! ମୁଁ ଯେ ମା' । ଜଣେ ବିଧବା ନାରୀର କପାଳରେ ପୁଣି କ'ଣ ଏଇଆ ଲେଖାଥିଲା ? କରୁଣାମୟୀର ମରଣ ମୁହଁ ଦେଖିବାକୁ କ'ଣ ମୁଁ ଜିଇଁ ରହିଥିଲି ? କି ନିଷ୍ଠୁର ତୁମର ବିଧାନ ।'' — ଶୋକ ବିଧୁରା ରାଣୀ ରାସମଣିଙ୍କୁ ଆଶ୍ୱାସନା ଦେବା ପାଇଁ ମଥୁରବାବୁଙ୍କ ମୁହଁରେ ଭାଷା ନ ଥିଲା । ଭଙ୍ଗା ଘରର ଅଭଙ୍ଗା କାଚ୍ଚିଟିଏ ପରି ମନେ କରୁଥିଲେ ସେ ନିଜକୁ ଅଲୋଡ଼ା, ହତଭାଗା । ରାଣୀ ଏକଥା ବୁଝିପାରିଲେ । ନିଜର କୋହକୁ ଚାପିରଖି ଚାହିଁଲେ ସାମ୍ନାର ଅସରନ୍ତା ରାସ୍ତାକୁ । ନିଜର ଧୀମତ୍ତାରେ ବଢ଼ାଇଲେ ଆଉ ଗୋଟିଏ ପାଦ ।

''ମୋର ଅନୁରୋଧ ରକ୍ଷା କରନ୍ତୁ । ଆପଣ ମୋର ଚତୁର୍ଥ କନ୍ୟା ଜଗଦମ୍ବା ଦାସୀର ପାଣିଗ୍ରହଣ କରି ଏ ବଂଶର ଗୁରୁ ଦାୟିତ୍ୱ ବହନ କରନ୍ତୁ । ମୁଁ ଏ ଦାୟିତ୍ୱରୁ ମୁକ୍ତି ଚାହେଁ ।'' — ରାଣୀଙ୍କ ପ୍ରସ୍ତାବକୁ ଏଡ଼ାଇ ଦେବାର ଅବସ୍ଥା ନ ଥିଲା ମଥୁରବାବୁଙ୍କର । କାରଣ ପୁତ୍ରସନ୍ତାନ ନ ଥିବା ଯୋଗୁଁ ତୃତୀୟ କନ୍ୟାକୁ ବିବାହ ଦେବା ପରେ ରାଣୀ ତାଙ୍କରି ମୁଣ୍ଡରେହିଁ ମୌଜା ପରିଚାଳନାର ଗୁରୁଭାର ଥାପିଦେବାର ମସୁଧା କରିସାରିଥିଲେ । ହେଲେ ଦଇବ ସହିଲା ନି । ରାଣୀ କିନ୍ତୁ ଫେରନ୍ତା ବାଟର ବାଟୋଇ ନ ଥିଲେ । ଅସାଧାରଣହିଁ ଚିହ୍ନେ ଅସାଧାରଣକୁ ।

ମଥୁରବାବୁ ପୁଣି ଥରେ ଆଖି ଫେରାଇଲେ ଜଗଦମ୍ବାଙ୍କ ମୃତ୍ୟୁ ଆସନ୍ନ ଶରୀର ଆଡ଼କୁ । ଚମ୍ପା ଚହଟ ମୁହଁଟା ପାଣ୍ଡୁର ପଡ଼ି ଆସୁଥିଲା । ମୃଦା ଓଠ ଦୁଇଟା ବ୍ୟସ୍ତତାରୁ କ୍ଷାନ୍ତ ହେବା ପାଇଁ ପ୍ରବର୍ତ୍ତାଉ ଥିଲା । କିନ୍ତୁ ମଥୁରବାବୁ ଥିଲେ ନାରାଜ । ହଠାତ୍ କ'ଣ ଭାବିଲେ କେଜାଣି, ସିଧା ଧାଇଁଲେ ଠାକୁରଙ୍କ ପାଖକୁ । ତାଙ୍କ ପାଦତଳେ ଲୋଟିଯାଇ ନିବେଦନ କଲେ, ''ବାବା ! ମୋର ତ ଯାହା ହେବାର ତାହା ହୋଇଯିବା ଭଳି ଲାଗୁଛି । ପୁଣି ତୁମ ସେବା-ଅଧିକାରରୁ ମଧ୍ୟ ଚିରଦିନ ଲାଗି ବଞ୍ଚିତ ହେବି । ମୋତେ ଏ ସଂକଟରୁ ଉଦ୍ଧାର କରନ୍ତୁ ।''

''ଭୟ ନାହିଁ, ତୁମର ପତ୍ନୀ ଆରୋଗ୍ୟ ଲାଭ କରିବେ ।'' — ଠାକୁରଙ୍କ ଅଭୟବାଣୀ ଶୁଣି ମଥୁରବାବୁ ଆଶ୍ୱସ୍ତ ହେଲେ । ମେଘମୁକ୍ତ ହେଲା ଶରଦ ଆକାଶ । ଫେରି ଆସି ଦେଖନ୍ତି ସତକୁ ସତ ଜଗଦମ୍ବାଙ୍କ ଅବସ୍ଥାରେ ବହୁ ଉନ୍ନତି ଘଟିଛି । କ୍ରମେ ସେ ସୁସ୍ଥ ହୋଇ ଉଠିଲେ ବେଉଷଣ ପରର ଧାନ କ୍ଷେତ ପରି । ମାତ୍ର ସେହି ରୋଗର ଲକ୍ଷଣ ଦେଖାଦେଲା ଠାକୁରଙ୍କ ଶରୀରରେ । ଦୀର୍ଘ ଛଅମାସ କାଳ ପେଟରେ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ହେଲା । ତଥାପି ଆନନ୍ଦର ଊଣା ନ ଥିଲା । ଏକଥା ଅବଶ୍ୟ ସେ ସ୍ୱୀକାର କରିଥିଲେ, ''ମଥୁର ଯେ ଚଉଦ ବର୍ଷକାଳ ମୋର ସେବା କରିଥିଲା; ତାହା କ'ଣ ସେ ଶୂନ୍ୟରେ କରିଥିଲା । ମା' ତାକୁ ଏଇ ଶରୀର ଦେଇ ସବୁ କିଛି ଦେଖାଇ ଦେଲେ । ଏଇ ଶରୀର ଆଦରି ନେଲା ଜଗଦମ୍ବା ଦାସୀଙ୍କ ରୋଗ ଭୋଗକୁ । ମା', ଧନ୍ୟ ତୋର ଲୀଳା । ଧନ୍ୟ ତୋର କରୁଣା ।''

ବେଦାନ୍ତ ସାଧନ ପରଠାରୁ ବହୁ ଦିବ୍ୟ ଅନୁଭୂତି ଠାକୁରଙ୍କ ସାଧନ ଜୀବନର ସାନ୍ନିଧ୍ୟ ଲାଭ କରିଥିଲେ । ବାହାରକୁ ଜଣା ନ ପଡୁଥିଲେ ବି 'ନେତି ନେତି' 'ଅସ୍ତିଭାତିପ୍ରିୟ',

'ଅୟମାତ୍ମା ବ୍ରହ୍ମ' ଆଦି ପ୍ରସିଦ୍ଧ ତତ୍ତ୍ୱମାନ ତାଙ୍କର ମଜ୍ଜାଗତ ହୋଇ ଯାଇଥିଲା । ଦିନ ରାତି ସେ ସେହିଥିରେହିଁ ବିଚରଣ କରୁଥିଲେ । ଆଉ ଶରୀର ବୋଧ ବିବର୍ଜିତ ମନ ତାଙ୍କର ବୁଡ଼ି ରହିଥିଲା ଶାନ୍ତିର ସରୋବରରେ । ବେଦାନ୍ତ ସିଦ୍ଧ ପଣ୍ଡିତମାନଙ୍କର ହାତ ଚାଖଣ୍ଡ ମପା ନୀତିକୁ ସେ ହେୟ ମଣୁଥିଲେ । ପୁଣି ଦରକାର ହେଲେ ସେମାନଙ୍କର କଳହରେ ସମାଧାନର ସାମିଆନା ଟାଣୁଥିଲେ । କ୍ରମଶଃ ତାଙ୍କର ସଂବୋଧି ଆହୁରି ପ୍ରଦୀପ୍ତ ହେବାକୁ ଲାଗିଲା । ସେ ଜାତିସ୍ମର ହୋଇ ଉଠିଲେ; ଜାଣିପାରିଲେ ପୂର୍ବ ଜନ୍ମଗୁଡ଼ିକର ଲୀଳାଖେଳା – ସବୁବେଳେ ହାତରେ ଧନୁଶର, ନୋହିଲେ ସୁଦର୍ଶନ; ଅରାତି ଦମନ ପାଇଁ, ଧର୍ମ ସଂସ୍ଥାପନା ପାଇଁ । ସୂର୍ଯ୍ୟବଂଶ ଓ ବୃଷ୍ଣି ବଂଶର ଐତିହ୍ୟ କଥା ମନେ ପଡ଼ିଗଲେ ସେ ନୀରବରେ ନତଶିର ହୋଇ କୃତଜ୍ଞତା ଜଣାଉଥିଲେ ତାଙ୍କର ପୂର୍ବଜଙ୍କୁ । ମାତ୍ର ଥରେ ତାଙ୍କ ଅଜାଣତରେ କଥାଟାର ଗଣ୍ଠି ଖୋଲିଗଲା । କହୁ କହୁ କହି ପକାଇଲେ, ''ଯିଏ ରାମ, ସିଏ କୃଷ୍ଣ, ସିଏହିଁ ଏ ଯୁଗରେ ଶ୍ରୀରାମକୃଷ୍ଣ । ଲୋକ କଲ୍ୟାଣ ନିମନ୍ତେ ମା'ର ଏ କି ଲୀଳା !'' ଅଳ୍ପ କେଇଜଣଙ୍କୁ ଛାଡ଼ି ଦେଲେ କଥାଟାର ଗହନ ଅର୍ଥ କାହାରି ମରମ ଛୁଇଁ ନ ଥିଲା । କୁହୁଡ଼ି ପହଁରା ଲୋକ ଅବା କାହୁଁ ଜାଣିବ ସୂର୍ଯ୍ୟଙ୍କ ସମାରୋହ ? ସଭିଏଁ ମାତ୍ର ଚିହ୍ନିଥିଲେ – ଦକ୍ଷିଣେଶ୍ୱରର ପାଗଳା ଠାକୁର ।

ଅଦ୍ୱୈତ ସାଧନ ବେଳେ ଠାକୁର ପାଲଟି ଯାଇଥିଲେ ପୂରାପୂରି ଗୋଟିଏ ଭିନ୍ନ ମଣିଷ, ଉଦାରତାର ଚରମ ଅବସ୍ଥା । ସବୁକିଛିକୁ ସେ ସମାନ ମଣୁଥିଲେ, ଆଉ ଜାଣି ପାରିଥିଲେ ଏ ସୃଷ୍ଟିରେ ଯେତେ ପଥ, ଯେତେ ମତ ସବୁ କେବଳ ସେଇ ସତ୍ୟ ସନାତନଙ୍କ ଉଦ୍ଦେଶ୍ୟରେ ।

''ବାବା, ଅଦ୍ୱୈତ ସାଧନରେ ସିଦ୍ଧି ହୋଇଗଲେ, ସାଧକର କ'ଣ ଭଗବତ୍ ପ୍ରାପ୍ତି ହୋଇଯିବ ? ତା'ର ସବୁ ସଂଶୟ ଦୂର ହୋଇଯିବ ?'' – ନିରୋଳା ଭକ୍ତ ଜଣକର ବିଶ୍ୱାସ କେବଳ କୂଳରେ ଠିଆହୋଇ ଅଥଳ ସମୁଦ୍ରର ଗଭୀରତା ମାପିବା ପାଇଁ ଅଣ୍ଟା ଭିଡୁଥିଲା । ଠାକୁର ସେତେବେଳକୁ ଭାବରେ ଉବୁଟୁବୁ । ଟଳମଳ ମତୁଆଲା ଚାଲି, ଆଖି ଅଧାବୁଜା । ହାତଟିକୁ ଉପରକୁ ଟେକି ଧରିଥିଲେ । ଆଣ୍ଠୁଲୁଚା ଲୁଗାର ଆରପାଖ କାନିଟିକୁ ବେକରେ ଗୁଡ଼ାଇ ଆଣି କହିଲେ, ''ଏହା ଶେଷ କଥାରେ ! ଶେଷ କଥା । ଈଶ୍ୱର ପ୍ରେମର ଚରମ ପରିଣତି ସ୍ୱରୂପ ସର୍ବଶେଷରେ ଏହା ସାଧକ ଜୀବନରେ ସ୍ୱତଃ ଆସି ଉପସ୍ଥିତ ହୋଇଥାଏ, ଯଦି ତା'ର ଈଶ୍ୱରଙ୍କ ପ୍ରତି ଐକାନ୍ତିକ ଶ୍ରଦ୍ଧା ଥାଏ ।''

୧୮୬୬ ମସିହାର କଥା । ଦିନେ ଗୋବିନ୍ଦ ରାୟ ନାମକ ଜଣେ ସୁଫୀ-ଧର୍ମାବଲମ୍ବୀ ନିଷ୍ଠାପର ମୁସଲମାନ ସାଧକ ଆସି ଦକ୍ଷିଣେଶ୍ୱରରେ ପହଞ୍ଚିଲେ, ପଞ୍ଚବଟୀର ଶାନ୍ତ ପରିବେଶରେ ମୁଗ୍ଧ ହୋଇ ସାଧୁଜଣକ ଆସ୍ଥାନ ଜମାଇବାକୁ ମନ ବଳାନ୍ତେ, ଠାକୁରଙ୍କ ସ୍ୱାଗତ ସମ୍ଭାଷଣ ତାଙ୍କୁ ସାହାରା ଦେଲା ଏବଂ ଖୁବ୍ ଶୀଘ୍ର ଠାକୁରଙ୍କ ପରି ସମର୍ପିତ ଆଧାରକୁ ପାଇ ସାଧୁ ପାଲଟିଗଲେ ଗୋଟିଏ ଆଶ୍ରୟଦାତା ବଟବୃକ୍ଷ । ଆରମ୍ଭ ହେଲା ଗୁରୁଶିଷ୍ୟଙ୍କର ଆଦାନପ୍ରଦାନ ।

ମାମୁଙ୍କର ଏମନ୍ତ ରୀତିକୁ କିନ୍ତୁ ହୃଦୟର ସମର୍ଥନ ନ ଥିଲା । ''ଯେତେହେଲେ ସେ ଜଣେ ମୁସଲମାନ । ହେଲେ ନିଜର ଲୋକଟା ଯେତେବେଳେ ଅବୁଝା, ଅନ୍ୟକୁ ଦୋଷ ଦେଇ ଲାଭ କ'ଣ ? ଶେଷକୁ ଜାତି ଧର୍ମ ବୁଡ଼ିବାକୁ କପାଳରେ ଥିଲା !'' – ରାଗ ଗରଗର ହୋଇ ନିଜକୁ ସମ୍ଭାଳି ନେଲେ ହୃଦୟ । ସାଧୁଙ୍କର ହାବଭାବରୁ ତାଙ୍କର କିନ୍ତୁ ସନ୍ଦେହ ହେଲା । ଖୋଜ ନେଇ ଜାଣିଲେ – ସାଧୁଜଣକ ପ୍ରକୃତରେ କ୍ଷତ୍ରିୟ ବଂଶରେ ଜନ୍ମ । ବହୁ ଧର୍ମ ସଂପ୍ରଦାୟର ନିକଟତର ହେବାର ଅଭିଳାଷ ତାଙ୍କର ପିଲାଦିନରୁହିଁ ଥିଲା । ମାତ୍ର ଇସଲାମ ଧର୍ମର ମୁକ୍ତ ଫାଶରେ ସେ ଏମିତି ବନ୍ଧା ପଡ଼ିଗଲେ ଯେ ନିଜକୁ ମୁକୁଳେଇବାର ଅନିଚ୍ଛାକୁ ସେ ନିଜେ ଆଦରି ନେଲେ । ଧର୍ମାନ୍ତରୀକରଣ ରୀତିରେ ସେ ହେଲେ ମୁସଲମାନ ଏବଂ କୋରାନ୍ ହେଲା ତାଙ୍କର ପଥପ୍ରଦର୍ଶକ ।

ଠାକୁର ସାଧୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କରି ନିର୍ଦ୍ଦେଶ ମୁତାବକ କର୍ମସବୁ ଆରମ୍ଭ କରିଦେଲେ । ଖାଇବା ରହିବା ହେଲା ମଥୁରବାବୁଙ୍କ ଘରେ । ମଥୁରବାବୁ ସହରରୁ ଜଣେ ମୁସଲମାନ ବବୁର୍ଚ୍ଚିକୁ ଡକାଇ ତାହାରି ନିର୍ଦ୍ଦେଶରେ ଜଣେ ବ୍ରାହ୍ମଣ ରୋଷେଇଆ ଦ୍ୱାରା ଠାକୁରଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କଲେ । ଆଖି ଦେଖନ୍ତାରେ ଠାକୁର ପାଲଟିଗଲେ ଗୋଟାପଣେ ଜଣେ ମୁସଲମାନ । ବେଶ ପୋଷାକ ଚାଲିଚଳନ ସବୁକିଛି ବଦଳିଗଲା । ବଡ଼ ଅଦ୍ଭୁତ ତାଙ୍କର ସାଧନା, – ଏକମୁଖୀ ନଈ ସତେ ଯେମିତି ସାଗର ଛୁଆଁ ନ ହେବା ଯାଏ ଅଣନିଃଶ୍ୱାସୀ ।

ସେହି ସମୟର ସାଧନ ସମ୍ବନ୍ଧରେ ଥରେ ଠାକୁର କହିଥିଲେ, ''ସେତେବେଳେ ମୁଁ ଖାଲି 'ହେ ଆଲ୍ଲା' 'ହେ ଆଲ୍ଲା' ମନ୍ତ୍ର ଜପ କରୁଥିଲି । ସଦାସର୍ବଦା ସେହି ଭାବରେ

ରହୁଥିଲି । ମୁଁ ଯେ ହିନ୍ଦୁ – ଏଇ ଭାବ ମନରୁ ଲୁପ୍ତ ହୋଇଯାଇଥିଲା । ହିନ୍ଦୁ ଦେବାଦେବୀଙ୍କୁ ପ୍ରଣାମ କରିବା ତ ଦୂରର କଥା, ଦର୍ଶନ କରିବାର ଇଚ୍ଛା ମନକୁ ଆସୁ ନ ଥିଲା । ଏହି ଭାବରେ ମୁଁ ମାତ୍ର ତିନିଦିନ ରହିଥିଲି ଏବଂ ଇସଲାମ ଧର୍ମ ସାଧନର ଫଳ ମୋର ହସ୍ତଗତ ହୋଇଥିଲା ।''

ସବୁଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ପାଇଁହିଁ ଠାକୁର ଏଭଳି କୃଚ୍ଛ ସାଧନା ସବୁ କରୁଥିଲେ । ଇସଲାମଧର୍ମ ସାଧନ କଲାବେଳେ ପ୍ରଥମେ ସେ ଜଣେ ଦୀର୍ଘ ଶ୍ମଶ୍ରୁଧାରୀ ଜ୍ୟୋତିର୍ମୟ ପୁରୁଷଙ୍କର ଦିବ୍ୟ ଦର୍ଶନ ଲାଭ କରିଥିଲେ ଏବଂ ଠିକ୍ ପରେ ପରେ ତାଙ୍କର ସଗୁଣ ବ୍ରହ୍ମଙ୍କର ଉପଲବ୍ଧି ହୋଇଥିଲା । ମନ ତାଙ୍କର ତୁରୀୟ ନିର୍ଗୁଣ ବ୍ରହ୍ମରେ ବିଲୀନ ହୋଇଯାଇଥିଲା । ହିନ୍ଦୁ ଓ ମୁସଲମାନଙ୍କ ଭିତରେ ପର୍ବତ ପ୍ରମାଣ ଯେଉଁ ବ୍ୟବଧାନ ରହିଛି ତାହା ଅଜ୍ଞାନ ପ୍ରସୂତ ବ୍ୟବଧାନ । ତାହା ଦିନେ ନା ଦିନେ ଦୂର ହୋଇଯିବ – ଏହି ବୋଧ ତାଙ୍କର ଆସିଥିଲା ଏବଂ ସେ ଉପଲବ୍ଧି କଲେ – ''ବେଦାନ୍ତର ଆତ୍ମିକ ଐକ୍ୟ ଏବଂ ଇସଲାମ ଧର୍ମର ସାମାଜିକ ଭ୍ରାତୃତ୍ୱବୋଧ ମିଳିତ ହୋଇ ଏକ ପୂର୍ଣ୍ଣାଙ୍ଗ ଭାରତ ଗଢ଼ି ଉଠିବ । ସେତେବେଳେ ସମସ୍ତ ନରନାରୀ ଏକ ବ୍ରହ୍ମ ବା ଆତ୍ମ ସ୍ୱରୂପ ବୋଲି ଜ୍ଞାନ କରିବେ ।''

ଆଉ ଏକ ଘଟଣାରୁ ଠାକୁର ଅଦ୍ୱୈତଭାବ ସାଧନରେ ଯେ କେତେବେଶୀ ଆତ୍ମସ୍ଥ ହୋଇ ଉଠିଥିଲେ ତା'ର ସୂଚନା ମିଳେ । କେତେବେଳେ ସେ ବିଶ୍ୱଗତ ଚେତନା ସହ ଏକୀଭୂତ ହୋଇ ଯାଉଥିଲେ ତ ପୁଣି କେତେବେଳେ ନିଜ ମଧ୍ୟରେ ସେହି ଚେତନାକୁ ସଂଜୀବିତ କରି ପାରୁଥିଲେ । ତାଙ୍କର ଭୌତିକ ଶରୀର ଉପରେ ମଧ୍ୟ ତାହାର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହେଉଥିଲା । ଲୋକ ଆଶ୍ଚର୍ଯ୍ୟ ମଣୁଥିଲେ ସତ ମାତ୍ର ଅବିଶ୍ୱାସ କରିବା ପାଇଁ ଖୋରାକ ଖୋଜୁ ନ ଥିଲେ ।

ସେଦିନ ଠାକୁର ଘାଟବନ୍ଧା ଚାନ୍ଦିନୀ ଉପରେ ଠିଆ ହୋଇ ଚାହିଁ ରହିଥିଲେ ଗଙ୍ଗାକୁ । ଉଛୁଳା ସ୍ରୋତରେ ସାମିଲ ହୋଇ ସେ ବୋଧେ ହଜାଇ ଦେଇଥିଲେ ନିଜକୁ – କାଳରୁ କାଳାତୀତ । ତାଙ୍କର ମନେ ହେଉଥିଲା – ଏସବୁ ମା'ର ଲୀଳା । ଏଲୀଳାର ସତେ ଯେମିତି ଶେଷ ନାହିଁ; 'ଭବସାଗରେ ଉଠୁଛି ବୁଡୁଛି କେତେ ଯେ ତରୀ' । ଠାକୁର ହାତ ତାଳି ଦେଇ ନାଚି ଉଠିଲେ –ଜାଣେ ଲକ୍ଷକ ଭିତରେ ଜଣେ ଦୁଇ ଜଣ ମୁକ୍ତ ହୋଇ ଉଠନ୍ତି । ବାକି ସମସ୍ତେ ଘାଟରେ ବନ୍ଧା । ଠିକ୍ ସେତିକିବେଳକୁ ନାଉରୀ ଦୁଇଜଣଙ୍କ ହଟ୍ଟଗୋଳରେ ଠାକୁରଙ୍କ ସେ ଉଚ୍ଚ ଭାବନା ଘାଟ ଛୁଇଁଲା । କାତ ଧରି ନାଉରୀ ଦୁଇ ଜଣ ନିଜ ନିଜ ଡଙ୍ଗା ଉପରେ ଠିଆ ହୋଇ ରହିଥା'ନ୍ତି ପରସ୍ପରକୁ ସାମନାକରି । ଜଣେ ହୃଷ୍ଟପୁଷ୍ଟ ମାତ୍ର ବାଣ୍ଟୁରା ଆଉ ଅନ୍ୟ ଜଣକ ଲହ ଲହକା କାଉଁରିଆ କାଠି । ମଙ୍ଗବନ୍ଧା ଦଉଡ଼ି ସେପର୍ଯ୍ୟନ୍ତ ଘାଟରୁ ମୁକୁଳି ନ ଥାଏ । ଆରମ୍ଭ ହୋଇଗଲା ଦୁହିଙ୍କ ଭିତରେ ବିତଣ୍ଡା ଯୁକ୍ତି । ତୁଣ୍ଡ ହୁଡ଼ିବାକୁ ଧାପେ ବାକି । କ୍ରମେ କୁହୁଳା ଧୂଆଁ ଝୁଲ ଧରିଲା, ଭୁସ୍‌କିନି ଜଳି ଉଠିଲା । ମୁଣ୍ଡର ଠେକାକୁ ଅଣ୍ଟାରେ ବାନ୍ଧି ସବଳିଆ ଜଣକ ଝାମ୍ପ ଦେଲା ଦୁର୍ବଳିଆର ଡଙ୍ଗାକୁ । ଡଙ୍ଗା ଦୋହଲି ଉଠିଲା । ନିଜକୁ ସମ୍ଭାଳି ନେଇ ରାଗ ଜର ଜର ହୋଇ ଦୁର୍ବଳିଆର ପିଠିରେ ସବଳିଆ ଥୋଇଲା ଏକ ଥାପଡ଼ । ''ତୋର ଏତେ ବହପ, କାଲିଠାରୁ ତୋତେ ଯଦି ଘାଟ ବାସନ୍ଦ ନ କରି ଦେଇଛି, ତେବେ ଏ ବେଉସା ମୋର ଏତିକି । ଜାଣିରଖ ଏ କାଠି ଭାଙ୍ଗିଯିବ ପଛେ ନଇଁବାର ନୁହେଁ ।'' – ଓଠ ଘୋଡ଼ିଆ କଅଁରା ନିଶ ପୁଳାକ ଆଉଁଶି ଦେଇ ଉତ୍ତର ଦେଲା ଦୁର୍ବଳିଆ । ଓଗାଳି ଧରିଲା କାତଟିକୁ ।

ଠାକୁର ଉପରେ ଥାଇ ଛୋଟ ପିଲାଟିଏ ପରି ଚିତ୍କାର କରି କାନ୍ଦି ଉଠିଲେ । ହୃଦୟ ଧାଇଁ ଆସିଲା ଘାଟକୁ । ଠାକୁରଙ୍କ ଅବସ୍ଥା ଦେଖି ସେ ସେତେବେଳକୁ ସୁଦର୍ଶନ ଚକ୍ରର ଖର୍ବ ମୂର୍ତ୍ତି ଧାରଣ କଲାଣି, ''ମାମୁ ! କିଏ ତୁମକୁ ଏମିତି ମାରିଛି ଶୀଘ୍ର କୁହ । ମୁଁ ତା'ର ମୁଣ୍ଡ ଏଇ ଗଙ୍ଗା ସ୍ରୋତରେ ଭସାଇ ଦେବି ।'' ହୃଦୟର ରୁଦ୍ର ଭାବ ଦେଖି ବିଚରା ନାଉରିଆ ଦୁଇ ଜଣ ନିଜ ନିଜକୁ ଅପରାଧୀ ଭାବି ଚମ୍ପଟ ।

''ନା ରେ, ମୋତେ କେହି ମାରି ନାହାନ୍ତି । ଆହା, ବିଚରାଟିକୁ କେତେ କଷ୍ଟ ହୋଇ ନ ଥିବ ! ସେଇଥିରେ ପୁଣି ନାଆ ବାହିବ ।'' – ଠାକୁରଙ୍କ ଉଦାର ଭାବ ଦେଖି ହୃଦୟ ହତଭମ୍ବ । ପିଠି ସେତେବେଳକୁ ଫୁଲି ଲାଲ ପଡ଼ି ଗଲାଣି । ପିଠିକୁ ଆଉଁଶି ଦେଉ ଦେଉ ହୃଦୟ ଭାବୁଥିଲା – ''ଏହା କ'ଣ ସମ୍ଭବ । ଶୁଣିଥିଲି ସୁଦାମ ଗୋଡ଼ରେ କଣ୍ଟା ଗଳିଯିବା କଷ୍ଟ ଶ୍ରୀକୃଷ୍ଣ ଦ୍ୱାରକାରେ ପାଉଥିଲେ । ହେଲେ ଆଜି ତ ଦେଖୁଛି ନାଉରିଆ ପିଠିର ମାଡ଼ ମାମୁଙ୍କ ପିଠିରେ । ପାଞ୍ଚ ଆଙ୍ଗୁଠିର ଚିହ୍ନ ଆସିଲା କେମିତି ! ହେ ଭଗବାନ୍, ଏ କି ରହସ୍ୟ । ତେବେ କ'ଣ ଇଏ ମଣିଷ ନୁହନ୍ତି ।''

ଠାକୁରଙ୍କ ମୁହଁରେ କରୁଣାର ହସ, ଅନାଇ ରହିଥିଲେ ସେଇ ଅଦୃଶ୍ୟ ନୌକାଟି ଆଡ଼େ । ❑

### ଶ୍ରୀରାମକୃଷ୍ଣ ଚରିତାମୃତ (୧୫)

# ଅଦର୍ଶନ ଦର୍ଶନ

## ସନ୍ତୋଷ କୁମାର ରଥ

ଆବୋରା ଅସୁସ୍ଥତା ଆହୁରି ବଢ଼ିବାକୁ ଲାଗିଲା । ଶରୀର ଅସହ୍ୟ ବୋଧକଲା ଯନ୍ତ୍ରଣାକୁ ଅଧିକଦିନ ସାହାରା ଦେବା ପାଇଁ । ଠାକୁର କିନ୍ତୁ ନିର୍ବିକାର । ଯିଏ ଯେତେ ଅନୁରୋଧ କଲେ ବି ନିଜର ସୁସ୍ଥତା ଯାଚନା କରିବା ପାଇଁ ସେ ପୂରାପୂରି ଅମଙ୍ଗ । ବରଂ ବେଳ ପଡ଼ିଲେ କୁହନ୍ତି – ''ଦୂର୍ ହୁଅ । ମା'କୁ କ'ଣ ଏସବୁ କୁହାଯାଏ । ମୋର ଯଦି ସିଦ୍ଧି ଆସିଯାଏ, ଏଠାରେ ଡାକ୍ତରଖାନା ଖୋଲିଯିବ । ଲୋକମାନେ ଆସି କହିବେ ମୋର ରୋଗ ଭଲ କରି ଦିଅ । ସିଦ୍ଧି କ'ଣ ଭଲ ? ଯେଉଁମାନେ ହୀନ ବୁଦ୍ଧି, ସେମାନେ ସିଦ୍ଧି ଚାହାନ୍ତି । ମୋର ଲୋଡ଼ା ନାହିଁ ।''

ସମସ୍ତେ ନୀରବ । ମଥୁରବାବୁ ଅଗତ୍ୟା ଶେଷ ସିଦ୍ଧାନ୍ତ ନେଲେ – ସ୍ଥାନ ପରିବର୍ତ୍ତନ ଯୋଗୁଁ ଯଦି ଉପଶମ ମିଳିପାରିବ ତେବେ ପରଖିନେଲେ କ୍ଷତି କ'ଣ ? ଠାକୁର କିଛିମାସ ନିଜ ଜନ୍ମଭୂମି କାମାରପୁକୁରରେ କଟାଇ ଆସିବାହିଁ ଶ୍ରେୟସ୍କର ହେବ । ତାହାହିଁ ହେଲା, ଦୀର୍ଘ ଆଠ ବର୍ଷ ପରେ ୧୮୬୬ ମସିହା ମେ ମାସରେ ଠାକୁର ଦକ୍ଷିଣେଶ୍ୱରରୁ କାମାରପୁକୁର ଯାତ୍ରା କଲେ ।

ଯଶୋଦା ଫେରି ପାଇଛନ୍ତି କୃଷ୍ଣଙ୍କୁ; ଗୋପରେ ମହୋତ୍ସବ । ଠିକ୍ ସେହି ଅବସ୍ଥା – କାମାରପୁକୁରରେ ଆନନ୍ଦର ହାଟ ବସିଲା । ଠାକୁରଙ୍କର ଖେଳସାଥୀ, ପାଖପଡ଼ିଶା ଓ ଆଖପାଖ ଗାଁର ପୂର୍ବ ପରିଚିତମାନଙ୍କର ଭିଡ଼ ଜମିଲା । ଯେ ଯେତେବେଳେ ଆସିଲେ ଆସର ମେଲିଲେ, ପ୍ରଶ୍ନର ମୁଣି ଖୋଲିଲେ ।

''ଠାକୁର ଆମେ ତ ସଂସାରୀ ଲୋକ, ଆମର କ'ଣ ବିଷୟ ଭୋଗ ଦୂର ହେବ ନି ? ଆମେ କ'ଣ ଭଗବାନଙ୍କୁ ପାଇ ପାରିବୁ ନାହିଁ ?'' – ଥୋକେ ପ୍ରଶ୍ନ କଲେ ।

ଠାକୁର ବୁଝିପାରିଲେ – ସଂସାରୀଙ୍କର ନଇ ପାରି-ହେବାର କଷ୍ଟ । କିଏ ଆଣ୍ଠୁଏ ପାଣିରେ ତ, କିଏ ମଝି ନଈରେ ଉବୁଟୁବୁ । ଆଉ କେହି ପହଁରା ନ ଜାଣି ପାରିହେବା ଆଶାରେ ଭେଳା ବାନ୍ଧୁଛି । ବଡ଼ ବିନମ୍ରତାର ସହ କହିଲେ, ''ସଂସାରରେ ରହି ଯେ ଭଗବାନଙ୍କୁ ଡାକେ ସେହିଁ ବୀର ପୁରୁଷ । ମାତ୍ର ଯେ ସଂସାର ଛାଡ଼ି ଦେଇଛି ସେ ତ ଭଗବାନଙ୍କୁ ନିଶ୍ଚୟ ଡାକିବ, ସେଥିରେ ବାହାଦୁରି କ'ଣ ? ପିମ୍ପୁଡ଼ି ପରି ସଂସାରରେ ରୁହ । ଏହି ସଂସାରରେ ନିତ୍ୟ ଅନିତ୍ୟ ମିଶି ରହିଛି; ବାଲିରେ ଚିନି ମିଶିଲା ପରି । ପିମ୍ପୁଡ଼ି ହୋଇ ଚିନି ଟିକକ ନେଇଯାଅ । ଜଳରେ ଦୁଧ ମିଶି ରହିଛି । ଚିଦାନନ୍ଦ ରସ ଆଉ ବିଷୟ ରସ । ହଂସ ପରି ଦୁଧକୁ ଗ୍ରହଣ କରି ଜଳକୁ ତ୍ୟାଗ କର; ଆଉ ପାଣିକୁଆ ପରି, ଦେହରେ ପାଣି ଲାଗିଲେ ଝାଡ଼ି ପକାଅ । ଦେହ ପରିଷ୍କାର, ଉଜ୍ଜ୍ୱଳ ହୋଇ ଉଠିବ ।''

ଠାକୁର ଆସିଥିବାରୁ ଗାଁର ସ୍ତ୍ରୀଲୋକମାନେ ସାରଦାଦେବୀଙ୍କୁ ଜୟରାମବାଟୀରୁ ଡକାଇ ଆଣିଲେ । ସେତେବେଳକୁ ତାଙ୍କୁ ଚଉଦ ବର୍ଷ ବୟସ । କହିବାକୁ ଗଲେ ବିବାହର ଆଠବର୍ଷ ପରେ ଶାଶୂ ଘରେ ଏହାହିଁ ଥିଲା ତାଙ୍କର ସ୍ୱାମୀଙ୍କ ସହିତ ପ୍ରଥମ ସାକ୍ଷାତ୍ । ନିଜର ପତ୍ନୀ ପାଖକୁ ଆସନ୍ତୁ ବା ନ ଆସନ୍ତୁ ସେସମ୍ବନ୍ଧରେ ଠାକୁର ଥିଲେ ସମ୍ପୂର୍ଣ୍ଣ ଉଦାସୀନ । ମାତ୍ର ସାରଦାଦେବୀଙ୍କ ସେବାନୁରାଗ ଦେଖି ସେ ତାଙ୍କୁ ଶିକ୍ଷାଦୀକ୍ଷାଦି ପ୍ରଦାନ କରି ତାଙ୍କର କଲ୍ୟାଣ-ସାଧନରେ ତତ୍ପର ହୋଇ ଉଠିଲେ । ସେତେବେଳେ ମନେ ପଡ଼ିଗଲା ତୋତାପୁରୀଙ୍କ ଚେତାବନୀ – ''ସ୍ତ୍ରୀ ନିକଟରେ ଥିଲେ ମଧ୍ୟ ଯାହାର ତ୍ୟାଗ, ବୈରାଗ୍ୟ, ବିବେକ, ବିଜ୍ଞାନ ସର୍ବତୋଭାବେ ଅକ୍ଷୁଣ୍ଣ ଥାଏ, ସିଏହିଁ ଯଥାର୍ଥରେ ବ୍ରହ୍ମଭାବରେ ପ୍ରତିଷ୍ଠିତ । ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ଯେ ସମଭାବରେ ଅର୍ଥାତ୍ ଆତ୍ମା ତୁଲ୍ୟ ବିବେଚନା କରିପାରେ ଏବଂ ତଦନୁରୂପ ବ୍ୟବହାର କରିପାରେ, ତାହାରହିଁ ଯଥାର୍ଥରେ ବ୍ରହ୍ମଜ୍ଞାନ ଲାଭ ହୋଇଥାଏ ।'' ଏହାହିଁ ହେଲା ଠାକୁରଙ୍କ ଜୀବନର ବ୍ରତ, ଇତିହାସରେ ଏକ ନବ ଦିଗନ୍ତ ।

ପ୍ରାୟ ସାତ ମାସର ରହଣିପରେ ଠାକୁର ହୃଦୟସହ ଦକ୍ଷିଣେଶ୍ୱରକୁ ଫେରି ଆସିଲେ । ଇତି ମଧ୍ୟରେ ଭାରତର ଉତ୍ତର ପଶ୍ଚିମାଞ୍ଚଳରେ ଥିବା ତୀର୍ଥ ସ୍ଥାନଗୁଡ଼ିକର ପରିଦର୍ଶନରେ ଯିବା ପାଇଁ ମଥୁରବାବୁ ମସୁଧା କରିଥା'ନ୍ତି । ଯୋଗକୁ ଠାକୁର ତାଙ୍କ ପ୍ରସ୍ତାବରେ ରାଜି ହୋଇଗଲେ ଏବଂ ହୃଦୟକୁ ସଙ୍ଗରେ ଧରି ୧୮୬୮ ମସିହା ଜାନୁଆରି ୧୭ ତାରିଖର ଶୁଭ ମୁହୂର୍ତ୍ତରେ

ଅନୁକୂଳ ଆରମ୍ଭ କଲେ । ପ୍ରଥମେ ଦେଓଘରେ ପହଞ୍ଚି ସେଠାରେ ଶ୍ରୀବୈଦ୍ୟନାଥଙ୍କ ଦର୍ଶନ ଶେଷକରି ସମସ୍ତେ କାଶୀଧାମକୁ ଯାତ୍ରା କଲେ । ମଥୁରବାବୁ ଲକ୍ଷ୍ୟ କଲେ ପ୍ରତିଟି ତୀର୍ଥ ସ୍ଥାନରେ ଠାକୁରଙ୍କର ଭିନ୍ନ ଭିନ୍ନ ଅନୁଭୂତି ସବୁ ହେଉଥିଲା । ସେ ଭାବାବିଷ୍ଟ ହୋଇଯାଉଥିଲେ ।

ନୌକା ଆଗେଇ ଚାଲିଥିଲା ବାରାଣସୀର ଧାରେ ଧାରେ । ମଣିକର୍ଣ୍ଣିକା ଘାଟ କାଶୀର ପ୍ରଧାନ ଶ୍ମଶାନ-ଭୂମି । ଠାକୁରଙ୍କ ଦୃଷ୍ଟି ହଠାତ୍ ସେହିଠାରେ ଅଟକି ଗଲା ଜଳା ଅଧା ଜଳା ଚିତାକୁ ଦେଖି । ବଡ଼ ବୀଭତ୍ସ ସେ ଦୃଶ୍ୟ । ମୃତ୍ୟୁ ଯେ ଜୀବନ ପଥର ପାଦଥପା ପାହାଚ ଏକଥା ଜଣା ଥିଲେ ବି ପୁରୁଣା ଦେହକୁ ବିସର୍ଜିଦେବା ବେଳକୁ ସ୍ୱଜନମାନେ ପଢ଼ା ଶ୍ଲୋକ ସବୁକୁ ବିରାଡ଼ି ଦେଖା ଶୁଆ ପରି ପାସୋରି ପକାନ୍ତି । ଦୁଃଖରେ ମ୍ରିୟମାଣ ହୋଇ ଉଠନ୍ତି । ଅବଶ୍ୟ ଘଡ଼ିକ ପରେ ପୁଣି ପାସୋରି ପକାନ୍ତି ସେଇ ଶ୍ମଶାନ ବୈରାଗ୍ୟକୁ, ନିଜର ଚିତା ସଜଡ଼ା ଭବିତବ୍ୟକୁ । ଏଇଟାହିଁ ସବୁଠାରୁ ବଡ଼ ରହସ୍ୟ ।

ମାତ୍ର ଠାକୁର ଥିଲେ ଭିନ୍ନ ଏକ ଜଗତରେ । ସେତେବେଳକୁ ସେ ବାହ୍ୟଜ୍ଞାନ ଶୂନ୍ୟ । ଦେହରେ ତାଙ୍କର ରୋମାଞ୍ଚ, ପ୍ରାଣରେ ପୁଲକ । ସମାଧି ଅବସ୍ଥାରୁ ଫେରି ଆସି ମଥୁରବାବୁଙ୍କୁ କହିଲେ, ''ମୁଁ କ'ଣ ଦେଖିଲି ଜାଣ ? ଦେଖିଲି ଜଟାଜୁଟଧାରୀ ଜଣେ ଦୀର୍ଘକାୟ ଶ୍ୱେତାଙ୍ଗ ପୁରୁଷ ଗମ୍ଭୀର ପଦ-ବିକ୍ଷେପରେ ଶ୍ମଶାନର ପ୍ରତ୍ୟେକ ଚିତା ନିକଟକୁ ଯାଇ ତା'ର ଶରୀରକୁ ସଯତ୍ନେ ଉତ୍ତୋଳନ କରୁଛନ୍ତି ଏବଂ କର୍ଣ୍ଣରେ ତାରକ ବ୍ରହ୍ମମନ୍ତ୍ର ପ୍ରଦାନ କରୁଛନ୍ତି । ଏଣେ ସ୍ୱୟଂ ଜଗଦମ୍ବା ମହାକାଳୀ ରୂପରେ ଚିତା ପାଖରେ ବସି ସସ୍ନେହେ ଜୀବର ସ୍ଥୂଳ, ସୂକ୍ଷ୍ମ ଓ କାରଣ ଜଗତର ବନ୍ଧନସବୁକୁ ଖୋଲି ତାକୁ ମୁକ୍ତ କରି ଦେଉଛନ୍ତି ।'' ମଥୁରବାବୁ ବୁଝିନେଲେ ପିଙ୍ଗଳଜଟାଧାରୀ ପୁରୁଷ ଜଣକ ହେଉଛନ୍ତି — କାଶୀର ବିଶ୍ୱନାଥ । ଆଉ ଠାକୁର ତାଙ୍କର ସାକ୍ଷାଦ୍ଦର୍ଶନ ଲାଭ କରିଛନ୍ତି ।

କାଶୀ ରହଣୀ ଦିନତକ ଠାକୁର ସବୁଦିନ ପାଲିଙ୍କିରେ ବସି ବିଶ୍ୱନାଥଙ୍କ ଦର୍ଶନ କରିବାକୁ ଯାଉଥିଲେ, ସଙ୍ଗରେ ରହୁଥିଲେ ହୃଦୟ । ବେଳେ ବେଳେ ସେଇ ପାଲିଙ୍କି ଉପରେ ଠାକୁର ଭାବାବିଷ୍ଟ ହୋଇ ଯାଉଥିଲେ । ବାଟରେ ଘାଟରେ ସାଧୁ ସନ୍ନ୍ୟାସୀମାନଙ୍କ ସହ ଦେଖା ହୋଇଗଲେ କଥାଶେଷ, ଆନନ୍ଦରେ ଅମାନିଆ ହୋଇଉଠୁଥିଲେ । ଥରେ ତ୍ରୈଲଙ୍ଗ ସ୍ୱାମୀଙ୍କ ସହ ଦେଖା ହୋଇଯିବାରୁ ଆଶ୍ଚର୍ଯ୍ୟ ହୋଇ କହି ଉଠିଲେ, ''ଏ କ'ଣ ଦେଖୁଛି, ସ୍ୱୟଂ ବିଶ୍ୱନାଥ ଯେ ତାଙ୍କ ଶରୀରକୁ ଆଶ୍ରୟ କରି ଉଭା ହୋଇଛନ୍ତି । ତାଙ୍କରି ଆଭାରେ ସମଗ୍ର କାଶୀ ଉଜ୍ଜ୍ୱଳ ହୋଇ ଉଠୁଛି ।''

ତ୍ରୈଲଙ୍ଗ ସ୍ୱାମୀ କିନ୍ତୁ ନୀରବ । ନିର୍ବିକାର ଦୃଷ୍ଟି ତାଙ୍କର ଛୁଇଁ ଯାଉଥାଏ ଜଡ଼ରୁ ଜୀବନ, ଭୂମିରୁ ଭୂମାକୁ । ଫରକ ନାହିଁ ପ୍ରତିକ୍ରିୟା ବି ନାହିଁ, ସତେଅବା ସର୍ବଂ ଖଳ୍ୱିଦଂ ବ୍ରହ୍ମର ପ୍ରକୃତ ଉପାସକ । ଠାକୁର ବୁଝିପାରିଲେ ତାଙ୍କର ଉଚ୍ଚତର ଜ୍ଞାନର ଅବସ୍ଥାକୁ ।

''ସ୍ୱାମିଜି, ଈଶ୍ୱର ଏକ ନା ଅନେକ'' — ପ୍ରଶ୍ନ କଲେ ଠାକୁର । ତ୍ରୈଲଙ୍ଗ ସ୍ୱାମୀ ଇଙ୍ଗିତ କରି ବୁଝାଇ ଦେଲେ — ସମାଧିସ୍ଥ ହୋଇ ଦେଖିଲେ ଏକ; ମାତ୍ର ଯେତେବେଳେ ମୁଁ, ତୁମେ, ଜୀବ, ଜଗତ୍ ଇତ୍ୟାଦି ଜ୍ଞାନ ନେଇ ଦେଖିବ ସେତେବେଳେ ସେ ଅନେକ । ଠାକୁର ଆଶ୍ଚର୍ଯ୍ୟ ହେଲେ — ଏହାହିଁ ପ୍ରକୃତରେ ପରମହଂସ ଅବସ୍ଥା । ନ ହେଲେ ଦ୍ୱୈତ ଓ ଅଦ୍ୱୈତ ବାଦ ବିଭେଦକୁ କ'ଣ ଏତେ ସହଜ ଓ ସରଳ ଭାବରେ ଜଣେ ପ୍ରକାଶ କରିପାରି ଥାଆନ୍ତା !

ପ୍ରୟାଗ ସଙ୍ଗମରେ ସ୍ନାନ ଓ ତ୍ରିରାତ୍ରବାସ କରି ଠାକୁର ବୃନ୍ଦାବନ ଯାତ୍ରା କଲେ । ସେଠାରେ ବାଙ୍କ ବିହାରୀଙ୍କ ମୂର୍ତ୍ତି ଦର୍ଶନ କରି ଏମିତି ଆତ୍ମହରା ହୋଇ ପଡ଼ିଲେ ଯେ ଆଲିଙ୍ଗନ କରିବା ପାଇଁ ଧାଇଁଗଲେ । ସନ୍ଧ୍ୟାହେଲେ ଠାକୁର ଭାବାବିଷ୍ଟ ହୋଇ ଯାଉଥିଲେ । ମନେ ପଡ଼ିଯାଉଥିଲା ସେଦିନର କଥା — ମୁଣ୍ଡରେ ବାଙ୍କ ମୟୂରଚୂଳ, ହାତରେ ବଂଶୀ, ଦେହରେ ପୀତ ବସନ । ଗୋଠ ବାହୁଡ଼ା ବେଳେ ଗୋପାଳ ବାଳକଙ୍କ ସହ କେତେ ଲୀଳା ଖେଳା । ଡେରି ହୋଇଗଲେ ମା' ଯଶୋଦାଙ୍କର ଆକଟ ଆଉ ତାଙ୍କର ବୟାନ । ସବୁ ଖାଲି ଘଡ଼ିକ ପାଇଁ, ସବୁ ଆକଟ ସବୁ ଅଭିମାନ ଖାଲି ବାଆଛୁଆଁ ବରଫ । କୋଳେଇ ନେଲେ ପାଣିର ଧାର ।

ବ୍ରଜ ଭୂମିରେ ସାଧକ ସାଧିକାଙ୍କ ଜପ ତପ ଅବସ୍ଥା ଠାକୁରଙ୍କୁ ବେଶ୍ ଆକର୍ଷଣ କଲା । ସେ ନିଜେ ମଧ ବହୁ ସମୟ ଧ୍ୟାନସ୍ଥ ରହୁଥିଲେ । ବର୍ଷୀୟସୀ ତପସ୍ୱିନୀ ଗଙ୍ଗାମାତାଙ୍କ ସହ ଯୋଗାଯୋଗ ହୋଇ ଯିବାପରେ ଠାକୁର ଏତେ ବିମୋହିତ ହୋଇ ପଡ଼ିଲେ ଯେ ବ୍ରଜଧାମ ଛାଡ଼ି ଫେରି ଯିବା ତାଙ୍କ ପକ୍ଷରେ କଷ୍ଟକର ହୋଇ ପଡ଼ିଲା । କାରଣ ଠାକୁର ତାଙ୍କରି ଭିତରେ ଶ୍ରୀମତୀ ରାଧିକାଙ୍କ ଆବିଷ୍ଟ ସ୍ୱରୂପକୁ ଦର୍ଶନ କରୁଥିଲେ,

ପାଇଥିଲେ ପ୍ରେମ ଓ ସମର୍ପଣର ଘନୀଭୂତ ସ୍ପନ୍ଦନ । ସମସ୍ତଙ୍କ ଆଗରେ ଠାକୁର ତାଙ୍କୁ 'ଦୁଲାଳୀ' ବୋଲି ସମ୍ବୋଧନ କରୁଥିଲେ, ସେ ମଧ୍ୟ ତାହା ଗ୍ରହଣ କରିଥିଲେ । ମନେ ହେଉଥିଲା ସତେ ଯେମିତି ବଂଶୀର ଡାକରେ ସେ ଉଚ୍ଚାଟ ହୋଇ ଉଠୁଥିଲେ, ଧାଇଁ ଯାଉଥିଲେ କୁଞ୍ଜରୁ କୁଞ୍ଜକୁ ।

ସେତେବେଳର ଅବସ୍ଥା ସମ୍ପର୍କରେ ଠାକୁର ଥରେ କହି ପକାଇଲେ, ''ବ୍ରଜକୁ ଯାଇ ସବୁକିଛି ଭୁଲ୍ ହୋଇଯାଇଥିଲା । ମନେ ହେଲା – ଆଉ ଫେରି ପାରିବି ନାହିଁ । ହେଲେ ମନେ ପଡ଼ିଗଲା ମା'ର କଥା । ଭିତରଟା କୋହରି ଉଠିଲା । ଏ ବୁଢ଼ୀ ବୟସରେ ଦକ୍ଷିଣେଶ୍ୱରରେ କିଏ ବା ତା' ଦେଖା ଶୁଣା କରିବ । ହେପାଯତ୍ନ କରିବ । କେବଳ ତା'ରି କଥା ମନେ ପଡ଼ିବାରୁ ସେଠାରେ ରହିପାରିଲି ନାହିଁ ।''

ଠାକୁର ବୁଝିଥିଲେ ମା'ର ଋଣକୁ ତ ଶୁଝି ହେବ ନି, ମାତ୍ର ନିଜର କର୍ତ୍ତବ୍ୟ ଟିକକୁ ତୁଲିଲେ କଳନ୍ତର ମିଆଦରେ ଋଣୀ ହେବା ଛଡ଼ା ଭିନ୍ନ କିଛି ନୁହେଁ । ସେ ତ ଦେବାଳୟ, ଉଭା ଯେତିକି ପୋତା ସେତିକି । ତାକୁ କ'ଣ କଳି ହେବ । ମାତୃଋଣ ସମ୍ବନ୍ଧରେ ଠାକୁର କହୁଥିଲେ – ''ସଂସାରରେ ବାପା ମା' ହେଲେ ପରମ ଗୁରୁ । ସେମାନେ ଯେତେ ଦିନ ବଞ୍ଚିଥିବେ ଯଥାସାଧ୍ୟ ସେମାନଙ୍କର ସେବା କରିବାକୁ ହେବ । କେବଳ ମାତ୍ର ଈଶ୍ୱରଙ୍କ ଲାଗି ବାପା ମା'ଙ୍କ ଆଜ୍ଞା ଲଂଘନ କରିହୁଏ, ସେଥିରେ ଦୋଷ ନାହିଁ । ଯିଏ ସାଧନ ପ୍ରୟାସୀ ସେ ସବୁଥିରୁ ମୁକ୍ତ । ଯେପରି ପ୍ରହ୍ଲାଦ – ବାପା ମନା କଲେ ମଧ୍ୟ କୃଷ୍ଣନାମ ନିଜ ତୁଣ୍ଡରୁ ଛାଡ଼ିଲା ନାହିଁ, ଧ୍ରୁବ – ମା' ବାରଣ କଲେ ସୁଦ୍ଧା ବଣକୁ ପଳାଇଗଲା ତପସ୍ୟା କରିବା ପାଇଁ – ସେଥିରେ ଦୋଷ ନାହିଁ ।''

ଠାକୁର ବୃନ୍ଦାବନର ମୋହ ପ୍ରାୟ ଗୋଟାଏ ପକ୍ଷ ଛାଡ଼ି ପାରିଲେ ନାହିଁ । ବହୁତ କଷ୍ଟରେ ବିଦାୟ ନେଲେ ଗଙ୍ଗାମାତାଙ୍କଠାରୁ, ରାଧାଙ୍କର ନିବେଦିତ ପ୍ରେମ ନିକଟରୁ । ମଥୁରବାବୁଙ୍କ ସହ ସେ ପୁନର୍ବାର କାଶୀକୁ ଫେରି ଆସିଲେ । ସେଠାରେ କିଛିଦିନ ରହିବା ପରେ ମଥୁରବାବୁ ଗୟା ଯିବା ପାଇଁ ମନ ବଳାନ୍ତେ ଠାକୁରଙ୍କର ମନେ ପଡ଼ିଗଲା ତାଙ୍କ ପିତାଙ୍କଠାରୁ ଶୁଣିଥିବା ସ୍ୱପ୍ନ ଦର୍ଶନ କଥା :

''ଗୟାଧାମରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ପ୍ରଦାନ କରି ବଡ଼ ନିଶ୍ଚିନ୍ତରେ ସେଦିନ ମୁଁ ବିଶ୍ରାମ ନେଲି । ବହୁ ଦିନର ଅଭିଳାଷ ମୋର ପୂର୍ଣ୍ଣ ହୋଇଥିଲା । ରାତି ସେତେବେଳକୁ ପ୍ରଥମ ପ୍ରହର, ଦେଖିଲି ଗଦାଧରଙ୍କର ଜ୍ୟୋତିର୍ମୟ ମୂର୍ତ୍ତି ମୋ ସାମନାରେ । ବୀଣାର ରାଗିଣୀ ପରି ସୁମଧୁର ସ୍ୱର ଭାସି ଉଠିଲା – 'କ୍ଷୁଦିରାମ ! ତୁମର ଭକ୍ତିରେ ମୁଁ ପ୍ରସନ୍ନ ହୋଇଛି । ଏବେ ମୁଁ ପୁତ୍ରରୂପେ ତୁମ ବଂଶରେ ଜନ୍ମ ନେବି, ତୁମର ସେବା ଗ୍ରହଣ କରିବି ।''

ପୁଣି ଥରେ ଶୁଭିଲା ସେଇ କଣ୍ଠସ୍ୱର – ''ଭୟ ନାହିଁ 'କ୍ଷୁଦିରାମ' । ତୁମର ଦରିଦ୍ରତା ମୋ ପାଇଁ ପ୍ରତିବନ୍ଧକ ହେବ ନାହିଁ । ତୁମେ ଯାହା ପ୍ରଦାନ କରିବ ପରମ ତୃପ୍ତିରେ ମୁଁ ତାହା ଗ୍ରହଣ କରିବି । ମୋର ଅଭିଳାଷ ପୂରଣ କରିବାରେ ତୁମେ ଆପତ୍ତି କର ନାହିଁ । ଏଥର ଅନେକ କାମ କରିବାର ଅଛି ।''

ଠାକୁର ସେତେବେଳକୁ ବଡ଼ ଚିନ୍ତିତ ଜଣା ପଡୁଥିଲେ । ମଥୁରବାବୁଙ୍କ ଅନୁରୋଧକୁ ଏଡ଼ାଇବାକୁ ଯାଇ କହିବା ପାଇଁ ବାଧ୍ୟ ହେଲେ, ''ଜାଣ ସେସ୍ଥାନକୁ ଗଲେ ମୋର ଶରୀର ରହିବ ନାହିଁ । ଗଭୀର ସମାଧି ଅବସ୍ଥା ପ୍ରାପ୍ତ ହେବ । ଏମିତିକି ମୁଁ ଆଉ ଏ ନିମ୍ନ-ମନୁଷ୍ୟ ଜଗତକୁ ଫେରିପାରିବି ନାହିଁ ।'' ମଥୁରବାବୁ ଏବେ ହୃଦୟଙ୍ଗମ କଲେ – ଠାକୁର, ଗଦାଧରଙ୍କର ସ୍ୱରୂପ ଛଡ଼ା ଭିନ୍ନ କିଛି ନୁହନ୍ତି । ମାତ୍ର ଚୁପ୍ ରହିଲେ ।

ଦୀର୍ଘ ଚାରିମାସକାଳ ତୀର୍ଥ ଭ୍ରମଣରେ କଟାଇବା ପରେ ଠାକୁର ମଥୁରବାବୁଙ୍କ ସହ ଦକ୍ଷିଣେଶ୍ୱର ଫେରି ଆସିଲେ । ସଙ୍ଗରେ ଆଣିଥିଲେ ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡର ରଜ । ତାହାକୁ ପଞ୍ଚବଟୀରେ ଛିଞ୍ଚିଦେଇ କହିଲେ, ''ଆଜିଠାରୁ ଏହି ସ୍ଥଳ ହେଲା ବୃନ୍ଦାବନତୁଲ୍ୟ ଦେବଭୂମି ।''

ଆଉ ଥରେ ଠାକୁର ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ଦର୍ଶନ କରିବା ଉଦ୍ଦେଶ୍ୟରେ ନବଦ୍ୱୀପ ବାହାରିଲେ । ସଙ୍ଗରେ ଥିଲେ ମଥୁରବାବୁ ଓ ହୃଦୟ । ସେଠାରେ ବହୁତ ଦେବାଦେବୀ ମନ୍ଦିର ବୁଲି ଦେଖିଲେ; ହେଲେ ଭଗବତ୍ ଉପସ୍ଥିତିକୁ ସେ ଅନୁଭବ କରିପାରିଲେ ନାହିଁ । ତେଣୁ ହଠାତ୍ ତାଙ୍କର ଭାବାନ୍ତର ଜାତ ହେଲା, ଭାବିଲେ – ଲୋକେ କୁହନ୍ତି ସେ (ଚୈତନ୍ୟଦେବ) ଅବତାର ବୋଲି, ମାତ୍ର... । ମୁଁ ନୌକାରେ ଉଠୁଛି, ଦେଖିଲି – ନଭମଣ୍ଡଳରୁ କିଶୋର ବାଳକ ଦୁଇଜଣ ଓହ୍ଲାଇ ଆସିଲେ । ଶରୀରର ଜ୍ୟୋତିଃ ତପ୍ତକାଞ୍ଚନ ତୁଲ୍ୟ । ମୁଁ ଚିତ୍କାର କରି ଉଠିଲି – 'ଏଇ ଆସିଗଲେ, ଆସିଗଲେ ।' ସେମାନେ ସଙ୍ଗେ ସଙ୍ଗେ ମୋ ଶରୀର ମଧ୍ୟରେ ପ୍ରବେଶ କରିଗଲେ । ମୁଁ ବାହ୍ୟଜ୍ଞାନ ହରାଇ ବସିଲି । ନୌକାରୁ ଖସି ପଡ଼ିଥା'ନ୍ତି, ଯୋଗକୁ ହୃଦୟ ଧରି ପକାଇଲା ।''

ତୀର୍ଥରୁ ଫେରିବାର ଅଳ୍ପଦିନ ପରେ ହୃଦୟ ନିଜ ସ୍ତ୍ରୀଙ୍କୁ ହରାଇବାରୁ ସଂସାରବିରାଗିପଣଟା ଉକୁଟି ଉଠିଲା । ମନସ୍ଥ କଲା – ''ମୁଁ ଏଥର ମାମୁଙ୍କ ପରି ବି ଜଣେ ହେବି ।'' ବାରଂବାର ଅନୁରୋଧ କରିବାରୁ ଠାକୁର ଅଗତ୍ୟା କହିଲେ, ''ଦେଖ, ତୋର ଭଗବତ୍ ଉପଲବ୍ଧି ଆଣି ଦେବା ପାଇଁ ମୁଁ ବା କିଏ ? ଯାହା ମା'ର ଇଚ୍ଛା, ତାହାହିଁ ହେବ । ଠିକ୍ ଅଛି ମୁଁ ମା'କୁ ଜଣାଇଦେବି ।''

ଦିନ କେତେଟା ବିତିଛି କି ନାହିଁ ହୃଦୟ ନିଜର ଭଗବତ୍ ଉପଲବ୍ଧିକୁ ପ୍ରକାଶ କରିବାକୁ ଯାଇ ଉନ୍ମତ୍ତବତ୍ ଚିତ୍କାର କଲା, ''ହେ ରାମକୃଷ୍ଣ ! ଆମେ ତ ମଣିଷ ନୋହୁଁ । ଚାଲ ଦେଶ ଦେଶ ବୁଲି ଜୀବୋଦ୍ଧାର କାର୍ଯ୍ୟରେ ବ୍ରତୀ ହେବା ।'' ମଥୁରବାବୁ ଏକଥା ଶୁଣି ତାଜୁବ୍ । ପ୍ରକୃତ ରହସ୍ୟଟା ଜାଣିବାକୁ ଚାହିଁବାରୁ ଠାକୁର କହିଲେ, ''ହୃଦୟ ଛଳନାରେ ଏପରି କରୁ ନାହିଁ, ଟିକିଏ ଦର୍ଶନ ଲାଗି ସେ ମା'କୁ ବ୍ୟାକୁଳ ହୋଇ ଧରିଥିଲା ତ ତେଣୁ ଏମିତି ହେଉଛି । ଆଧାର ପ୍ରସ୍ତୁତ ନୁହେଁ, ଏମିତି ଟିକିଏ ଦେଖେଇ ମା' ତାକୁ ପୁଣି ଶାନ୍ତ କରିଦେବେ ।''

ଆଉ ଏକ ଅଦ୍ଭୁତ ଅନୁଭୂତି ଲାଭ କଲା ହୃଦୟ । ନିଜ ଗାଁରେ ଶାରଦୀୟ ଦୁର୍ଗାପୂଜାର ଆୟୋଜନ କରି ଠାକୁରଙ୍କୁ ଯିବା ପାଇଁ ଅନୁରୋଧ କଲା । ''ତୁ ଦୁଃଖ କରୁଛୁ କାହିଁକି ? ମୁଁ ପ୍ରତିଦିନ ସୂକ୍ଷ୍ମ ଶରୀରରେ ତୋ'ର ପୂଜା ଦେଖି ଆସିବି । ମାତ୍ର ମୋତେ ଆଉ କେହି ଦେଖି ପାରିବେ ନାହିଁ'' – ପ୍ରତିଶ୍ରୁତି ଦେଲେ ଠାକୁର ।

ସତକୁ ସତ ସନ୍ଧିପୂଜା ସମୟରେ ହୃଦୟ ଠାକୁରଙ୍କ ସାକ୍ଷାତ୍ ସ୍ୱରୂପ ମା' ଦୁର୍ଗାଙ୍କ ମୂର୍ତ୍ତି ପାର୍ଶ୍ୱରେ ଦେଖିବାକୁ ପାଇଲା । ଠାକୁର ଏକଥା ଶୁଣି କହିଲେ, ''ପ୍ରକୃତରେ ଆଳତି ଓ ସନ୍ଧିପୂଜା ବେଳେ ତୋର ପୂଜା ଦେଖିବା ପାଇଁ ମୋର ପ୍ରାଣ ବ୍ୟାକୁଳ ହୋଇ ଉଠୁଥିଲା । ମୋର ଭାବ ହୋଇ ଯାଉଥିଲା । ମୁଁ ତୋର ଚଣ୍ଡୀମଣ୍ଡପ ଆଡ଼କୁ ଏକ ଜ୍ୟୋତିର୍ମୟ ପଥ ଦେଇ ମୁହାଁଉଥିଲି ।''

ହୃଦୟ ଠାକୁରଙ୍କ ଚରଣ ସ୍ପର୍ଶକରି କୃତାର୍ଥ ମଣିଲା । ଭାବିଲା – ଦାସ ହେବାର ସୌଭାଗ୍ୟ ସତରେ କେତେ ବଡ଼ ।

❑❑❑

## ଶ୍ରୀରାମକୃଷ୍ଣ ଚରିତାମୃତ (୧୬)

# ଷୋଡ଼ଶୀପୂଜା

## ସନ୍ତୋଷ କୁମାର ରଥ

ଚୁମ୍ବକ ଛୁଆଁ ଲୁହାଖଣ୍ଡକ ଚୁମ୍ବକତ୍ୱ ପାଇଗଲା ପରେ ସେ ଭୁଲିଯାଏ ପରଶର ଗହନତାକୁ । ଆସ୍ଥା ଆସେ ନିଜ ଉପରେ । ଲୋକ କୁହା କଥାକୁ ପରତେ ଯାଇ ଅଣ୍ଟା ଭିଡ଼ି ବସେ । ଭାବେ ସବୁକିଛି ତା'ର; ସେ ବି ଚୁମ୍ବକ । ଏମିତି ଅଘଟଣ ଘଟିଥିଲା ହୃଦୟର କପାଳରେ ।

ହୃଦୟ ସମ୍ପର୍କରେ ଠାକୁରଙ୍କର ଭଣଜା ସତ, ହେଲେ ସେ ସମ୍ପର୍କଠାରୁ ନିବିଡ଼ତା ନିଗାଡ଼ି ହୋଇ ପଡୁଥିଲା ତା'ର ସେବା ଧର୍ମ ଯୋଗୁଁ । ଲୋକେ ଦେଖନ୍ତି ସେ ଠାକୁରଙ୍କର ଭଲମନ୍ଦ ବୁଝେ, ପାଖଲଗା ହୋଇ ରହିଥାଏ । ତେଣୁ ତା' ପ୍ରତି ଭକ୍ତଙ୍କର ଆଦର ସମ୍ମାନ ଦିନକୁ ଦିନ ବଢ଼ି ଚାଲିଲା । ଏମିତିକି ଠାକୁରଙ୍କ ସାକ୍ଷାତ୍ ପାଇଁ ହୃଦୟର ଅନୁମୋଦନ କେତେବେଳେ ପୁଣି ଏକାନ୍ତ ଜରୁରୀ ମନେ ହେଉଥିଲା । ବେଳ ପଡ଼ିଲେ ଠାକୁରଙ୍କ ଉପରେ ସେ ଚଉଦ ପା' । ମୁଖଶାଳା ଭାବେ ତା' ଯୋଗୁଁ ମନ୍ଦିର, ପୁଣି ମନ୍ଦିର ଭିତରେ ଦେବତାର ପୂଜା ।

ଠାକୁରଙ୍କୁ କିନ୍ତୁ ଏସବୁ ଛୁଉଁ ନ ଥିଲା । ସେ ଜାଣିଥିଲେ ଏସବୁ ଅନ୍ଧାରର ଖେଳ । ଦୀପ ପାଖରେ ଥିଲେ ବି ଦୀପ ତଳର ଅନ୍ଧାର ରୁଖାକୁ ଆବୋରି ବସେ । ମାତ୍ର ଯିଏ ଜାଣେ ତା' ପାଇଁ ଘାଟ ଖୋଲା । 'ମୁଁ' ହେଉଛି ସବୁର ମୂଳ । ସେଥିରୁ ନ ମୁକୁଳିଲେ, ଯଥାର୍ଥ ସତ୍ୟକୁ ଧାରଣ କରିବା ଅସମ୍ଭବ । ଦିନେ କଥା-ପ୍ରସଙ୍ଗରେ ଠାକୁର କହିଲେ, ''ସନ୍ଧ୍ୟା ହେଲେ ଜୁଳୁଜୁଳିଆ ପୋକ ବାହାରେ, ସେ ଭାବେ ମୁଁହିଁ ଏହି ଜଗତକୁ ଆଲୁଅ ଦେଉଛି; କିନ୍ତୁ ଆକାଶରେ  ତାରା ଦେଖାଦେଲେ ତା'ର ଗର୍ବ ଭାଙ୍ଗି ଯାଏ । ସେତେବେଳେ ତାରାମାନେ ଭାବନ୍ତି ସେମାନେ ଜଗତକୁ ଆଲୁଅ ଦେଉଛନ୍ତି । ମାତ୍ର ଚାନ୍ଦ ଉଇଁଲେ ତାରାମାନେ ଲାଜରେ ମଉଳି ଯାଆନ୍ତି । ଚାନ୍ଦ ଭାବେ ତା' ଆଲୋକରେ ଜଗତ୍ ହସୁଛି । ସେହିଁ ଜଗତକୁ ଆଲୁଅ ଦେଉଛି । ଦେଖୁ ଦେଖୁ ସୂର୍ଯ୍ୟ ଉଏଁ, କିଛି ସମୟ ପରେ ଚାନ୍ଦ ଆଉ ଦେଖାଯାଏ ନାହିଁ । ଏହାହିଁ 'ମୁଁ'ର ଖେଳ, ଜଗତର ଲୀଳା ।'' ଠାକୁର ସେତେବେଳକୁ ଭାବାବିଷ୍ଟ । ବୋଧହୁଏ ସୃଷ୍ଟି ଓ ସ୍ରଷ୍ଟାଙ୍କର ମଧୁର ମିଳନର ଗହନ ତତ୍ତ୍ୱକୁ ସେ ଅଙ୍ଗୀକାର କରିନେଲେ । ଠାକୁରଙ୍କର ଏମିତି କଥା ଭକ୍ତଙ୍କର ମରମ ଭେଦେ । ନିଜକୁ ସଜାଡ଼ି ନେବାକୁ ସେମାନେ ସତତ ଚେଷ୍ଟା କରନ୍ତି । ହେଲେ 'ହୃଦୟ'ର କିଛି ପରିବର୍ତ୍ତନ ହେଲା ନାହିଁ । ଠାକୁରଙ୍କ କଥା ତା' ପାଇଁ ପାଣିର ଗାର । ଦିନୁ ଦିନ ତା' 'ମୁଁ' ପଣିଆ କୁଦରୁ ପାହାଡ଼, ପାହାଡ଼ରୁ ପର୍ବତ ବନିଲା ।

୧୮୭୧ ମସିହାର କଥା । ମଥୁରବାବୁ ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ, ଯେତେ ଔଷଧ ମହୌଷଧି ଦେଲେ ବି ନିରାକରଣର ଦରଜା ଦରଆଉଜା ରହିଲା । ଆଠ, ଦଶ ଦିନ ଶଯ୍ୟାଶାୟୀ ହୋଇ ରହିବା ପରେ ଜ୍ୱରର ପ୍ରକୋପରେ ସେ ପ୍ରଳାପ କରିବାକୁ ଲାଗିଲେ । ଠାକୁର ବୁଝିପାରିଲେ ମା' ତା'ର ସନ୍ତାନକୁ କୋଳକୁ ନେଇଯିବାକୁ ପ୍ରସ୍ତୁତ କରାଉଛି । ତେଣୁ ସେ ପ୍ରତିଦିନ ହୃଦୟକୁ ପଠାଇ ତାଙ୍କ ଖବର ବୁଝି ମା'କୁ ଜଣାଉଥିଲେ, ମାତ୍ର ନିଜେ ଯାଉ ନ ଥିଲେ । ଦିନେ ଠାକୁର ହୃଦୟକୁ ଯିବା ପାଇଁ ମଧ ବାରଣ କରିଦେଲେ । ଦୂତ ବା କାହୁଁ ଜାଣିବ ଦରବାରର ରହସ୍ୟ । ସେଦିନ ଅପରାହ୍ଣରୁ ଠାକୁର ମା'ଙ୍କ ପାଖରେ ପ୍ରାୟ ତିନି ଘଣ୍ଟା କାଳ ଧ୍ୟାନସ୍ଥ ରହିଲେ ଏବଂ ନିଜର ଜ୍ୟୋତିର୍ମୟ ଆବର୍ତ୍ତରେ ଭକ୍ତକୁ ସୁରକ୍ଷିତ ରଖି ଦୀର୍ଘ ପଥ ଅତିକ୍ରମ କରି ମା'ଙ୍କ ଚରଣରେ ଅର୍ପଣ କଲେ । ଘଡ଼ିକ ପରେ ସଭିଏଁ ଧାଡ଼ି ବାନ୍ଧିଲେ ଶେଷ ଦର୍ଶନ ପାଇଁ ।

ମଥୁରବାବୁଙ୍କ ବିୟୋଗ ପରେ ହୃଦୟର ମୁରବି ପଣିଆ ଆହୁରି ବଢ଼ିବାକୁ ଲାଗିଲା । ଅନ୍ୟମାନେ ଅସହ୍ୟ ବୋଧ କଲେ ବି ଠାକୁର ନୀରବ ରହିଥା'ନ୍ତି । ୧୮୮୧ ମସିହାରେ କୌଣସି ଏକ ବିଶେଷ ଉତ୍ସବ ଅବସରରେ ମଥୁରବାବୁଙ୍କ ପୁତ୍ର ତ୍ରୈଲୋକନାଥ ବିଶ୍ୱାସ ନିଜ ପରିବାର ସହ ଦକ୍ଷିଣେଶ୍ୱର ଆସିଥିଲେ । ହୃଦୟ ତାଙ୍କ ଦଶ ବର୍ଷ ଝିଅର ପାଦତଳେ ଫୁଲ ଧୂପ ଅର୍ପଣ କରି ପୂଜା ଅର୍ଚ୍ଚନା ଆରମ୍ଭ କରିଦେଲା । ହୃଦୟର ଏଭଳି ଅଯାଚିତ ଓ ଅସ୍ୱାଭାବିକ ଆଚରଣରେ କ୍ଷୁବ୍ଧ ହୋଇ ତ୍ରୈଲୋକନାଥ ତାକୁ ଦକ୍ଷିଣେଶ୍ୱର ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । କଥାଟା ଠାକୁରଙ୍କ କାନକୁ ଗଲା । ସେ କେବଳ ଏତିକି କହିଲେ – ''ହୃଦୟ ଯଦି ଏ ସ୍ଥାନ ଛାଡ଼ି ଚାଲିଯିବାକୁ

ଚାହେଁ, ତେବେ ଯାଉ, ତା'ର ମଙ୍ଗଳ ହେବ ।'' ତାହାହିଁ ହେଲା । ସେହି ଦିନଠାରୁ ହୃଦୟ ସବୁଦିନ ପାଇଁ ଦକ୍ଷିଣେଶ୍ୱର ଛାଡ଼ି ଚାଲିଗଲା ଏବଂ ଠାକୁରଙ୍କ ଦେହାନ୍ତର ତେର ବର୍ଷପରେ ଠାକୁରଙ୍କ ଶ୍ରୀପାଦପଦ୍ମକୁ ସ୍ମରଣ କରି ଶରୀର ତ୍ୟାଗ କଲା ।

ବିବାହର ଆଠ ବର୍ଷ ପରେ ଅର୍ଥାତ୍ ଚଉଦ ବର୍ଷ ବୟସରେ ସାରଦାଦେବୀ ଠାକୁରଙ୍କ ସାନ୍ନିଧ ଲାଭ କରିଥିଲେ, ଯେତେବେଳେ ଠାକୁର କିଛିଦିନ ପାଇଁ କାମାରପୁକୁର ଯାଇଥିଲେ । ଦକ୍ଷିଣେଶ୍ୱରକୁ ଫେରି ଆସିବା ପରେ ପୂର୍ବ ପ୍ରତୀକ୍ଷାର ପୁନରାବୃତ୍ତି ଘଟିଲା । ସାରଦାଦେବୀ ପୁଣି ଅଭିସାରିକା ସାଜିଲେ । ମାତ୍ର ସେ ପ୍ରତୀକ୍ଷାରେ ଚଞ୍ଚଳତା ନ ଥିଲା କି ଆଶଙ୍କା ବି ନ ଥିଲା । ବରଂ ସେ ଅନୁଭବ କରୁଥିଲେ – ହୃଦୟରେ ଅଫୁରନ୍ତ ଆନନ୍ଦ, ସତେ ଯେମିତି ପୂର୍ଣ୍ଣଘଟ ସ୍ଥାପିତ ହୋଇଥିଲା । ଠାକୁରଙ୍କ କଥା ସ୍ମରଣ କଲେ ଗୋଟିଏ ସ୍ଥିର ଦିବ୍ୟ ଉଲ୍ଲାସ ଭାବ ତାଙ୍କ ଅନ୍ତରର ଗଭୀରତାକୁ ପ୍ରବେଶ କରିଯାଉଥିଲା, ଯାହାକୁ ଭାଷାରେ ପ୍ରକାଶ କରିହେବ ନାହିଁ ।

ଫେରନ୍ତା ବାଟକୁ ଚାହୁଁ ଚାହୁଁ ଚାରି ବର୍ଷ ବିତିଗଲା । ବନ୍ଧୁବାନ୍ଧବ, ସାଇପଡ଼ିଶା ଏମିତିକି ଗାଁ ଲୋକଙ୍କ ତୁଣ୍ଡରେ ଗୁଜବର ଖଇ ଫୁଟିଲା । ପଙ୍କ ସାଉଁଟା ଲୋକ ପଦ୍ମଫୁଲର ବାସ୍ନା ପାଇବେ ବା କେମିତି । ତାଙ୍କର ତ ଗେଣ୍ଡା, ଶାମୁକା ସାଉଁଟା ମନ, ପାଣିକୁ ଗୋଳି କରିଦେବାରେ ମଉଜ । ସାରଦା ଦେବୀ କିନ୍ତୁ ନିର୍ବିକାର, ଗହୀର ପୋଖରୀର ଜଳ । ଟାହିଟାପରା, ଗାଧୁଆ ତୁଠର ଉଲୁଗୁଣା, ସବୁ ସହିଯାଉଥିଲେ ।

''ଆଲୋ ଜାଣିଲୁଣି, ପାଗଳା ଠାକୁରର କାଣ୍ଡ । ପୂଜା ଆରାଧନା ବେଳେ ଦେହରେ ଲୁଗା ରହୁ ନି । ପୂରାପୂରି ଉଲଗ୍ନ । ସବୁବେଳେ ହରି ହରି କହି ଘୂରି ବୁଲୁଛି । ଆହା, ତୋ କପାଳରେ କ'ଣ ବିଧି ଏଇଆ ଲେଖିଥିଲା ।'' – ସମବୟସୀଙ୍କ ଗଞ୍ଜଣା ଦିଆ ଦରଦ ସାରଦାଦେବୀଙ୍କୁ ଦୋହଲାଇ ଦେଲା । ଯେତେ ଚେଷ୍ଟା କଲେ ବି ଆଡ଼ିଆ ଭାବନା ଲେଉଟି ଦଂଶିଲା – ସତରେ କ'ଣ ସେ ଆଉ ସେମିତି ନାହାନ୍ତି । ପୂରାପୂରି ପାଗଳ । ମାତ୍ର ସେ ତ ଦେବତୁଲ୍ୟ, ଦେବତା କ'ଣ କେବେ ପାଗଳ ହୁଏ ? ସାରଦାଦେବୀ ଶେଷ ସିଦ୍ଧାନ୍ତ ନେଲେ – ଦକ୍ଷିଣେଶ୍ୱର ଯାଇ ନିଜ ଆଖିକୁ ସାକ୍ଷୀ କରିବେ । ମେଘ ଢଙ୍କା ସକାଳକୁ ଅପୁହା ରାତି କହିବାରେ କିଛି ଲାଭ ନାହିଁ ।

ଆଗରେ ଦୋଳ ପୂର୍ଣ୍ଣମୀ । ଗାଁର ସ୍ତ୍ରୀଲୋକ କେଇଜଣ ଗଙ୍ଗାରେ ଫଗୁଣ ବୁଡ଼ ଦେବା ପାଇଁ ସଜହେଲେ । ସେମାନଙ୍କ ତୀର୍ଥ ସଜିଲ ଦେଖି ସାରଦାଦେବୀଙ୍କ ମନ ଉଚ୍ଚାଟ ହେଲା । ରାମଚନ୍ଦ୍ର ମୁଖୋପାଧ୍ୟାୟ ବୁଝିପାରିଲେ ଝିଅର ମରମ ବ୍ୟଥା । ତେଣୁ ସେ ନିଜେ ଝିଅକୁ ଧରି କଲିକତା ଯିବା ପାଇଁ ମନସ୍ଥ କଲେ । ସେତେବେଳେ ବିଷ୍ଣୁପୁର କିଂବା ତାରକେଶ୍ୱର କେଉଁଠାରୁ ରେଳପଥ ନ ଥିଲା । ପଦବ୍ରଜହିଁ ଥିଲା ଏକମାତ୍ର ରାହା । ଭାଗ୍ୟକୁ ଭରସି ବାପ, ଝିଅ ଦୁହେଁ ପଦଯାତ୍ରା ଆରମ୍ଭ କରିଦେଲେ । ବାଟ ଅଧା ପାହାନ୍ତି ଅଖଭଙ୍ଗା ରଥ ପରି ସାରଦାଦେବୀ ଢଳିବାକୁ ଆରମ୍ଭ କଲେ । ଦେହରେ ସେତେବେଳକୁ ଜ୍ୱର । ଅନନ୍ୟୋପାୟ ହୋଇ ବାପ-ଝିଅ ଗୋଟିଏ ଚଟିଘର ଭଡ଼ାନେଇ ବିଶ୍ରାମ ନେଲେ । ଉପଶମର ଉପକ୍ରମ କିଛି ବି ଦେଖା ଦେଲା ନାହିଁ, ରାତି ବଢ଼ି ଚାଲିଲା, ସାରଦାଦେବୀ ଚେତା ହରାଇ ବସିଲେ ।

ପରବର୍ତ୍ତୀ କାଳରେ ସେଦିନର ଘଟଣାକୁ ବର୍ଣ୍ଣନା କରି ସାରଦାଦେବୀ ଥରେ କହି ପକାଇଲେ, ''ସେଦିନ ରାତିରେ ଜ୍ୱର ଦେହରେ ଖଇ ଫୁଟୁଥାଏ । ହଠାତ୍ ଦେଖିଲି ମୋ ମୁଣ୍ଡ ଉପରେ ଜଣେ ସ୍ତ୍ରୀ ଲୋକ ଆସି ବସିଲେ । ଦେହର ରଙ୍ଗ ଗାଢ଼ ଶ୍ୟାମଳ, ହେଲେ ଗଢ଼ଣ ଅପୂର୍ବ । ମୁହଁ ହସ ହସ କାନ୍ତିଯୁକ୍ତ । ଆଗରୁ ମୁଁ ଏମିତି ରୂପ କେବେ ବି ଦେଖି ନ ଥିଲି । ସେ ମୋ ଦେହ ଓ ମୁଣ୍ଡକୁ ଆଉଁସି ଦେଲେ । ଆଃ କି ସୁନ୍ଦର କୋମଳ ଆଉ ଶୀତଳ ସେ ସ୍ପର୍ଶ ! ଜ୍ୱରର ଜ୍ୱାଳା ଘଡ଼ିକେ କେଉଁଆଡ଼େ ଉଭାନ ହୋଇଗଲା । ଚକିତ ହୋଇ ପଚାରିଲି, 'ତୁମେ କିଏ ? କେଉଁଠାରୁ ଆସିଛ ?'

– 'ମୁଁ ତୁମର ଭଉଣୀ, ଦକ୍ଷିଣେଶ୍ୱରରୁ ଆସିଛି ।'

ମୁଁ ଚମକି ପଡ଼ି କହିଲି, 'ମୁଁ ତ ଦକ୍ଷିଣେଶ୍ୱର ଯାଉଛି । ଭାବିଥିଲି ତାଙ୍କୁ (ଠାକୁର) ଦେଖିବି, ତାଙ୍କରି ସେବାଦାସୀ ହେବି । ହେଲେ ମଝି ବାଟରେ ଏ ଅବସ୍ଥା । ମୋ ଭାଗ୍ୟରେ ସେ ସୌଭାଗ୍ୟ ଆଉ ନାହିଁ । ମୁଁ ଆଉ ତାଙ୍କୁ ଏ ଜନ୍ମରେ ଦେଖି ପାରିବି ନାହିଁ ।'

– 'ଏ କି କଥା ଗୋ ! ତୁମର ଜ୍ୱର ଭଲ ହୋଇଯାଉ, ତୁମେ ନିଶ୍ଚୟ ଯିବ । ତୁମ ପାଇଁ ମୁଁ ପରା ତାଙ୍କୁ ସେଠାରେ ଅଟକାଇ ରଖିଛି, ଆଉ ଏଠାକୁ ଆସିଛି ।' – ସେ କହିଲେ ।

ତାଙ୍କ ଆଶ୍ୱାସନାରେ ମୁଁ ନିଶ୍ଚିନ୍ତ ହୋଇଗଲି । ଶାନ୍ତିରେ ଶୋଇ ପଡ଼ିଲି ।''

ସକାଳୁ ଉଠି ବାପା ଦେଖନ୍ତି ଝିଅ ଦେହରୁ ଜ୍ୱର ଓହ୍ଲାଇ ଯାଇଛି, ଆଉ ସେ ବେଶ୍ ଫୂର୍ତ୍ତି । ଅସାଧାରଣକୁ ସାଧାରଣ

ମଣିବା ମଣିଷର ସ୍ୱଭାବ, ସେ ବା କାହୁଁ ଜାଣିବ କୃପାର କାରସାଦି । ଧୀର ମନ୍ଥର ଗତିରେ ଦୁହେଁ ପୁଣି ଯାତ୍ରା ଆରମ୍ଭ କରିଦେଲେ । ହେଲେ ଜ୍ୱରବାଧକା ପାଦ ପାହୁଣ୍ଡ ଗଣି ଚାଲିଲା । ଝିଅର ଏମନ୍ତ ଅବସ୍ଥା ଦେଖି ବାପା ଆହୁରି ବ୍ୟସ୍ତ ହୋଇ ପଡ଼ିଲେ । ବାଟ ମଝିରେ କିଏ ବା ସାହା ହେବ। ସାରଦାଦେବୀଙ୍କର ମନେ ପଡ଼ିଗଲା ଗତ ରାତିର କଥା – ''ତୁମେ ନିଶ୍ଚୟ ଯିବ, ତୁମ ପାଇଁ ପରା ତାଙ୍କୁ ସେଠାରେ ଅଟକାଇ ରଖିଛି ।'' ଭରସାକୁ ସାହାରା କଲେ । ସତକୁ ସତ କିଛି ବାଟ ଯାଉ ନ ଯାଉଣୁଁ ଶବାରି ଖଣ୍ଡିଏ ଜୁଟିଗଲା । ରାତି ପ୍ରାୟ ନଅଟା ବେଳକୁ ଯାଇ ଦକ୍ଷିଣେଶ୍ୱରରେ ପହଞ୍ଚିଲେ, ସାରଦାଦେବୀ ଫେରିପାଇଲେ ତାଙ୍କ ଈପ୍ସିତ ଆଶାକୁ ।

''ତୁମେ ଏତେ ଦିନକେ ଆସିଲ ? ଆଉ କ'ଣ ମୋର ବଡ଼ବାବୁ (ମଥୁରବାବୁ) ଅଛି ଯେ ତୁମର ଆଦର ଯତ୍ନ କରିବ ? ତୁମ ଲାଗି ପଥି-ଔଷଧ ନେଇ ଆସିବ ?'' – ବଡ଼ ବ୍ୟସ୍ତ ହୋଇ ଠାକୁର ଏକଥା କହିଲେ ଏବଂ ନିଜ କୋଠରିରେ ତାଙ୍କ ପାଇଁ ଶଯ୍ୟା ପ୍ରସ୍ତୁତ କରିଦେଲେ । ଦିନ ଚାରିଟାରେ ସାରଦାଦେବୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ । ଠାକୁର ତାଙ୍କର ରହିବା ବ୍ୟବସ୍ଥା ନିଜ ମା' ପାଖରେ ନହବତ ଘରେ ବନ୍ଦୋବସ୍ତ କରିଦେଲେ । ସାରଦାଦେବୀ ଏବେ ବୁଝିଗଲେ – ଠାକୁର ଯେମିତି ଥିଲେ ସେମିତି ଅଛନ୍ତି । ସଂସାରୀ ଲୋକଙ୍କ ଅପବାଦ ଅପଲାପ ମାତ୍ର, ଅନ୍ଧର ରୋଷଣି ଦେଖା ।

କାମାରପୁକୁରରେ ଯେଉଁ ଭାବନାରାଜି ଜାତ ହୋଇଥିଲା ତାହା ପୁଣି ଦୋହରାଇ ହୋଇଗଲା ଠାକୁରଙ୍କ ମନରେ । ମନେ ପଡ଼ିଗଲା ତୋତାପୁରୀଙ୍କ ବ୍ରହ୍ମଜ୍ଞାନ ଶିକ୍ଷା ଓ ଚେତାବନୀ – ''ସ୍ତ୍ରୀ ନିକଟରେ ଥିଲେ ମଧ୍ୟ ଯାହାର ତ୍ୟାଗ, ବୈରାଗ୍ୟ, ବିବେକ, ବିଜ୍ଞାନ ସର୍ବତୋଭାବେ ଅକ୍ଷୁଣ୍ଣ ଥାଏ, ସିଏହିଁ ଯଥାର୍ଥରେ ବ୍ରହ୍ମଭାବରେ ପ୍ରତିଷ୍ଠିତ ।'' ସମୟ ପାଇଲେ ସେ ସାରଦାଦେବୀଙ୍କୁ ମାନବଜୀବନର ମହତ୍ତର ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ, ଭଗବତ୍ ପ୍ରାପ୍ତିର ବହୁବିଧ ମାର୍ଗ ସମ୍ବନ୍ଧରେ ଶିକ୍ଷା ଦେବାକୁ ଆରମ୍ଭ କଲେ । ବିବାହର ଏତେ ବର୍ଷ ପରେ ମଧ୍ୟ ଠାକୁରଙ୍କର ଏଭଳି ଅଦ୍ଭୁତ ଆଚରଣ ଦେଖି ସାରଦାଦେବୀ ହତବମ୍ଭ । ଶେଷକୁ ଦିନେ ପାଦ ସେବା କରୁଥିବା ବେଳେ ସାହସ କରି ପଚାରି ବସିଲେ, ''ମୋତେ ତୁମେ କେଉଁ ଭାବରେ ଦେଖ ?''

''ଯେଉଁ ମା' ମନ୍ଦିରରେ ଅଛନ୍ତି, ସେହି ମା'ହିଁ ଏ ଶରୀରକୁ ଜନ୍ମ ଦେଇଛନ୍ତି ଆଉ ନହବତଖାନାରେ ରହୁଛନ୍ତି, ପୁଣି ସେଇ ମା' ମୋର ପଦସେବା କରୁଛନ୍ତି । କେହି ଭିନ୍ନ ନୁହନ୍ତି । ସତ କହୁଛି ତୁମକୁ ମୁଁ ସେହି ଆନନ୍ଦମୟୀ ରୂପରେ ଦେଖୁଛି ।'' – ବଡ଼ ନିର୍ବିକାର ଓ ନିରଳସ ଭାବେ ଉତ୍ତର ଦେଲେ ଠାକୁର । ସାରଦାଦେବୀ ଏବେ ବୁଝି ପାରିଲେ ସ୍ୱପ୍ନ ଦର୍ଶନର ରହସ୍ୟ – ''ମୁଁ ପରା ତୁମ ଭଉଣୀ, ଦକ୍ଷିଣେଶ୍ୱରରୁ ଆସିଛି ।''

୧୮୭୨ ମସିହାର ଜ୍ୟେଷ୍ଠ ଅମାବାସ୍ୟା । ଫଳହାରିଣୀ କାଳିକା-ପୂଜାର ପୁଣ୍ୟ ଦିବସ । ଠାକୁର ଏବର୍ଷ ଜଗଦମ୍ବାଙ୍କର ପୂଜା ମନ୍ଦିରରେ ନ କରି ନିଜ କୋଠରିରେ କରିବାର ମନସ୍ଥ କଲେ । ଦେବୀଙ୍କ ଲାଗି ଦକ୍ଷିଣ ପାର୍ଶ୍ୱରେ ଆସ୍ଥାନ ପ୍ରସ୍ତୁତ ହେଲା ଏବଂ ବେଦି ଚଉହଦି ଝୋଟି, ମୁରୁଜ, କଳସୀ ଦେଇ ସଜାଇ ଦିଆଗଲା । ରାତି ସେତେବେଳକୁ ନଅଟା । ଚାରିଆଡ଼ ଶୂନ୍‌ଶାନ୍ । ଠାକୁର ପୂଜା ସମୟରେ ଉପସ୍ଥିତ ରହିବା ପାଇଁ ସାରଦାଦେବୀଙ୍କୁ ଆଗରୁ କହିଥିବାରୁ ସେ ଆସି ପହଞ୍ଚିଗଲେ ।

ଠାକୁର ପୂର୍ବ ମୁଖା ହୋଇ ପୂଜାରେ ବସିଲେ । ଝୋଟି-ପକା ବେଦୀ ଉପରେ ଉତ୍ତର ମୁହାଁ ହୋଇ ବସିବା ପାଇଁ ସେ ସାରଦାଦେବୀଙ୍କୁ ଇଙ୍ଗିତ ଦେଲେ । ସାରଦାଦେବୀ ସେତେବେଳକୁ ନିଜର ମାନୁଷୀ ଇଚ୍ଛାକୁ ହରାଇ ସାରିଥିଲେ, ସତେ ଯେମିତି ସେ ଏକ ଚଳନ୍ତ ମୃଣ୍ମୟୀ ମୂର୍ତ୍ତି ମାତ୍ର । ନିର୍ଦ୍ଦେଶ ଅନୁଯାୟୀ ଆସ୍ଥାନ ଗ୍ରହଣ କଲେ । କଳସୀରୁ ମନ୍ତ୍ରପୂତ ଗଙ୍ଗାଜଳରେ ଠାକୁର ଆରମ୍ଭ କଲେ ଆବାହନ ମନ୍ତ୍ର, ''ହେ ବାଳେ ! ହେ ସର୍ବଶକ୍ତିମୟି, ସର୍ବାଧିଶ୍ୱରି ମାତଃ, ତ୍ରିପୁରା ସୁନ୍ଦରି ! ସିଦ୍ଧିର ଦ୍ୱାର ଉନ୍ମୁକ୍ତ କର । ଏହାଙ୍କ ଶରୀର ଓ ମନକୁ ପବିତ୍ର କରି ଆବିର୍ଭୂତା ହୁଅ ।'' ସାରଦାଦେବୀ ସେତେବେଳକୁ ବାହ୍ୟଜ୍ଞାନ ତିରୋହିତା । ଠାକୁର ସାକ୍ଷାତ୍ ଦେବୀଜ୍ଞାନରେ ଶାସ୍ତ୍ର ବିଧାନ ଅନୁଯାୟୀ ମନ୍ତ୍ରନ୍ୟାସ କରି ଷୋଡ଼ଶୋପଚାରରେ ପୂଜା ଆରମ୍ଭ କରିଦେଲେ । ଅର୍ଦ୍ଧବାହ୍ୟଜ୍ଞାନ ଦଶାରେ ମନ୍ତ୍ର ଉଚ୍ଚାରଣ କରୁ କରୁ ଠାକୁର ସମାଧିସ୍ଥ ହୋଇଗଲେ । ଦେବୀ ଓ ପୂଜକ ଆତ୍ମରୂପରେ ମିଳିତ ହେଲେ ।

ରାତିର ଦ୍ୱିତୀୟ ପ୍ରହର । ଠାକୁରଙ୍କ ସଂବିତ୍ ଜାଗ୍ରତ୍ ହେଲା । ଦେବୀଙ୍କ ପାଦପଦ୍ମରେ ଅର୍ଘ ପ୍ରଦାନ କରି ପାଠ କଲେ ବିସର୍ଜନ ମନ୍ତ୍ର, –

''ହେ ସର୍ବମଙ୍ଗଳ ସ୍ୱରୂପିଣି, ! ହେ ଶରଣ-ଦାୟିନି ! ତ୍ରିନୟନି ଗୌରି, ନାରାୟଣି ! ତୁମକୁ ପ୍ରଣାମ କରୁଛି ।''

ଠାକୁର ସାଷ୍ଟାଙ୍ଗ ପ୍ରଣାମ ଜଣାଇଲେ ଦେବୀଙ୍କ ଚରଣରେ । ପୁଣିଥରେ ହରାଇ ବସିଲେ ନିଜର ବାହ୍ୟଜ୍ଞାନ ।

(କ୍ରମଶଃ) ❑

শ্রীরামকৃষ্ণ চরিতামৃত (১৭)

# ଆତ୍ମୀୟତା

## ସନ୍ତୋଷ କୁମାର ରଥ

''ହେ ସ୍ୱର୍ଗାଧିପତି, ତୁମକୁ ଆରାଧନା କରୁଛୁ । ତୁମରି ସାମ୍ରାଜ୍ୟ ଏଠାରେ ପ୍ରତିଷ୍ଠା କର । ତୁମରି ସଙ୍କଳ୍ପ ଏଠାରେ କାର୍ଯ୍ୟକାରୀ ହେଉ, ଯାହା ସେଠାରେ ଘଟୁଛି । ଆଜି ଦିନର ଆମର ସର୍ବନିମ୍ନ ଆବଶ୍ୟକତାଗୁଡ଼ିକୁ ତୁମେହିଁ ପୂରଣ କରିଦିଅ । ଯିଏ ଆମର ବିରୋଧାଚରଣ କରୁଛି ତା'ର ବିରୋଧାଚରଣ କରିବା କଥାଟି ଆମେ ଯେମିତି ଭୁଲିଯାଉ । ସମସ୍ତ ପ୍ରଲୋଭନରୁ ମୁକ୍ତ କର, ସମସ୍ତ ମନ୍ଦ କାର୍ଯ୍ୟରୁ ଉଦ୍ଧାର କର ।''

ଶିକ୍ଷା ଛଳରେ ପୁଣି କହିଲେ, ''ମାଗ – ତୁମକୁ ନିଶ୍ଚୟ ମିଳିବ, ଖୋଜ – ତୁମେ ନିଶ୍ଚୟ ପାଇବ, ଦ୍ୱାରକୁ ଆଘାତ କର, ତାହା ନିଶ୍ଚୟ ଦିନେ ଖୋଲିଯିବ । ପ୍ରତ୍ୟେକଙ୍କ ପାଇଁ ଏହା ପ୍ରଯୁଜ୍ୟ । ଯିଏ ଯଥାର୍ଥରେ ମାଗିଜାଣେ, ଖୋଜିଜାଣେ ଏବଂ ଦ୍ୱାରରେ ଆଘାତ କରି ଜାଣେ, ତା' ପାଇଁ ସବୁ ସମ୍ଭବ ।'' – ପ୍ରାର୍ଥନା ଏମିତି କରିବାକୁ ହୁଏ ବୋଲି କହି ପ୍ରଭୁ ଯିଶୁ ଶିଷ୍ୟମାନଙ୍କର ମନସ୍କାମନା ପୂର୍ଣ୍ଣ କଲେ ।

ବାଇବେଲ ଗ୍ରନ୍ଥକୁ ବନ୍ଦ କରିଦେଇ ଭକ୍ତି ସହକାରେ ନିଜ ହାତରେ ମୁଣ୍ଡ ଓ ଛାତିକୁ ସ୍ପର୍ଶ କରି କ୍ରଶ୍ ଚିହ୍ନ ଆଙ୍କିଦେଲେ ଶମ୍ଭୁଚରଣ । ଠାକୁର ତାଙ୍କରି ପାଖରେ ବସି ଶୁଣୁଥିଲେ, ସେତେବେଳକୁ ଅର୍ଦ୍ଧ ବାହ୍ୟଜ୍ଞାନ-ଶୂନ୍ୟ ଅବସ୍ଥା । ପାଲଟଣା ଜାହାଜ ତାଙ୍କର ପବନକୁ ଆଶ୍ରାକରି ସ୍ରୋତର ଅନୁକୂଳରେ ଭାସି ଯାଇଥିଲା କାହିଁ କେତେ ଦୂର । ପଛରେ ରହିଗଲେ ଶମ୍ଭୁଚରଣ ଓ ଅନ୍ୟାନ୍ୟ ଉପସ୍ଥିତ ଭକ୍ତବୃନ୍ଦ । ସେମାନଙ୍କର ତ ହୁଳିଡଙ୍ଗା, ପୁଣି ଘାଟ ବନ୍ଧା ଦଉଡ଼ି ସେ ଯାଏଁ ମଙ୍ଗମୁକୁଳା ହୋଇ ନ ଥାଏ । ଯେତେ ଆହୁଲା ମାରିଲେ ବି ନାଆ ସେଇ ଅଚାକ ଭିତରେ ଚକର କାଟିବା ଛଡ଼ା ଅନ୍ୟ ଗତି ନ ଥିଲା । ଶମ୍ଭୁଚରଣ ଏକଥା ଜାଣିପାରିଲେ – ଠାକୁର ଈଶ୍ୱର ପୁତ୍ର ଯିଶୁଙ୍କ ପବିତ୍ର ବାଣୀ ଶୁଣୁ ଶୁଣୁ ଚେତନା ଜଗତରେ ତାଙ୍କର ସାନ୍ନିଧ ଲାଭ କରିସାରିଲେଣି । ସେ ମୁକ୍ତପୁରୁଷ –ଈଶ୍ୱରକୋଟୀ ।

ଶମ୍ଭୁଚରଣ କଲିକତାର ସିନ୍ଦୂରିଆପଟି ପଲ୍ଲୀର ଜଣେ ଖ୍ୟାତନାମା ବ୍ରାହ୍ମଧର୍ମୀ । ତାଙ୍କରି ଘରେ ପ୍ରତିଦିନ ସନ୍ଧ୍ୟାରେ ଆସର ଜମେ । ଠାକୁର ତ ମୁକ୍ତପୁରୁଷ, ସଭିଙ୍କର ଆଦର ତାଙ୍କ ପ୍ରତି । ସେଦିନ ଈଶ୍ୱରପୁତ୍ର ଯିଶୁଙ୍କର କାହାଣୀ ଓ ବାଣୀ ଶୁଣି ଖ୍ରୀଷ୍ଟଧର୍ମତତ୍ତ୍ୱ ପ୍ରତ୍ୟକ୍ଷ କରିବା ପାଇଁ ତାଙ୍କ ମନ ଉଚ୍ଚାଟ ହୋଇ ଉଠିଲା । ମା' ଜଗଦମ୍ବାଙ୍କୁ ମନର କଥା ଜଣାଇଲେ – ସମ୍ମତି ମିଳିଲା ।

ଦକ୍ଷିଣେଶ୍ୱର ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଯଦୁନାଥ ମଲ୍ଲିକଙ୍କର 'ଉଦ୍ୟାନ-ଗୃହ' । ଠାକୁର ମଝିରେ ମଝିରେ ସେଠାକୁ ବୁଲିବାକୁ ଯାଆନ୍ତି । ମାତ୍ର ସେଦିନ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଗଲା । ଠାକୁରଙ୍କ ଇଚ୍ଛାକୁ ମା' ଜଗଦମ୍ବା ଯେ ପୂରଣ କରିଦେଲେ – ଏକଥା କେବଳ ସେହିଁ ଜାଣିଲେ । ସେଦିନ ଘରେ ଯଦୁମଲ୍ଲିକ ଓ ତାଙ୍କ ମା' ଅନୁପସ୍ଥିତ ଥିବାରୁ ଘରର କର୍ମଚାରୀମାନେ ଠାକୁରଙ୍କୁ ନେଇ ବୈଠକଖାନାରେ ବସାଇ ଦେଲେ, ଯେହେତୁ ଠାକୁରଙ୍କ ପ୍ରତି ଗୃହକର୍ତ୍ତାଙ୍କ ଭକ୍ତି ଶ୍ରଦ୍ଧା ସେମାନଙ୍କୁ ଅଜଣା ନ ଥିଲା । ଠାକୁର ନୀରବରେ ବସିଥା'ନ୍ତି, ନଜର ପଡ଼ିଲା ଘରର କାନ୍ଥଟଙ୍ଗା ଛବିଗୁଡ଼ିକ ଉପରେ । ଛବିଗୁଡ଼ିକ ଏକକୁ ଆରେକ । ଇନ୍ଦ୍ରଧନୁର ସାତରଙ୍ଗ, କେଉଁଟି ଊଣା ନୁହେଁ । ତା' ସାଙ୍ଗକୁ ପୁଣି ନୀଳ ଆକାଶରେ ଇନ୍ଦ୍ରଧନୁର ସ୍ଥିତି ପରି ଘରର କାନ୍ଥରେ ଶୋଭା ପାଉଥିଲେ ସେସବୁ । ଠାକୁର ଦେଖୁ ଦେଖୁ ହଠାତ୍ ସ୍ଥିର ହୋଇଗଲେ – ମା' ମେରୀଙ୍କ କୋଳରେ ଯିଶୁଙ୍କର ବାଲ୍ୟ ଅବସ୍ଥା, ଚପଳ ହସ ସହ ଦିବ୍ୟକାନ୍ତି ରୂପ । ମନେ ପଡ଼ିଗଲା ବାଇବେଲରେ ଲେଖା ହୋଇଥିବା ଯିଶୁଙ୍କର ବାଣୀ । ଠାକୁର ଭାବାବିଷ୍ଟ ହୋଇଗଲେ ।

ସେଦିନର ଘଟଣା ମନେ ପକାଇ ଠାକୁର ଥରେ କହୁଥିଲେ, ''ହଠାତ୍ ମୋ ଆଗରେ ଛବିଟି ଜୀବନ୍ତ ଓ ଜ୍ୟୋତିର୍ମୟ ହୋଇ ଉଠିଲା । ଦେବ-ଜନନୀ ଓ ଦେବଶିଶୁଙ୍କ ଅଙ୍ଗରୁ ବାହାରୁଥିବା ଜ୍ୟୋତିଃ ମୋ ଆଡ଼କୁ ଛିଟିକି ଆସି ମୋର ମାନସିକ ଅବସ୍ଥାକୁ ଆମୂଳଚୂଳ ପରିବର୍ତ୍ତନ କରିଦେଲା । ମୁଁ ମୋର ଜନ୍ମଗତ ହିନ୍ଦୁ ସଂସ୍କାରଗୁଡ଼ିକ ହରାଇ ବସିଲି । ସେତେବେଳେ ମୁଁ ବିକଳ ହୋଇ ଡାକିଲି, ମା', ତୁ ମୋତେ ଏ କ'ଣ କରୁଛୁ । ମୋତେ ରକ୍ଷା କର ।' କିନ୍ତୁ କିଛି ଲାଭ ହେଲା ନି । ମୋ ଭିତରକୁ ଖ୍ରୀଷ୍ଟିଆନ ସଂସ୍କାରଗୁଡ଼ିକ ତରଙ୍ଗ

ବେଗରେ ମାଡ଼ି ଆସିଲେ । ଆଉ ମୁଁ ସେହି ତରଙ୍ଗରେ ଭାସିଗଲି । ସେତେବେଳେ ହିନ୍ଦୁ ଦେବାଦେବୀଙ୍କ ପ୍ରତି ମୋର ଶ୍ରଦ୍ଧା ଓ ଅନୁରାଗ କେଉଁ ଆଡ଼େ ବିଲୁପ୍ତ ହୋଇଗଲା । ଭୁଲିଗଲି ସେମାନଙ୍କର ନାମ ଓ ମାହାତ୍ମ୍ୟ । ଏହି ଅବସ୍ଥାରେ ମୁଁ ତିନିଦିନ ରହିଲି, ତା'ପରେ ସେହି ଭାବ ମୋ'ଠାରୁ ଦୂରେଇ ଗଲା ।''

ତିନି ଦିନ ଭାବାବିଷ୍ଟ ରହିବା ପରେ ଠାକୁର କ୍ରମେ ବାହ୍ୟଜ୍ଞାନ ଫେରି ପାଇଲେ । ଅନ୍ୟମାନେ ଆଶ୍ୱସ୍ତ ହେଲେ । ମାତ୍ର ତୃତୀୟ ଦିନ ଆଉ ଏକ ଅନୁଭୂତି ଲାଭ ହେଲା – ଠାକୁର ପଞ୍ଚବଟୀରେ ବୁଲୁ ବୁଲୁ ଦେଖିଲେ ଜଣେ ସୌମ୍ୟକାୟ, ଗୌରବର୍ଣ୍ଣ ଦେବମାନବ ତାଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ । ତାଙ୍କ ଦେହରୁ ଜ୍ୟୋତିଃ ଝଟକୁ ଥିଲା । କ୍ରମେ ସେହି ମୂର୍ତ୍ତି ଠାକୁରଙ୍କର ନିକଟରୁ ନିକଟତର ହେଲା । ଠାକୁରଙ୍କ ହୃଦୟରୁ ସେତେବେଳେ ସ୍ୱତଃ ସ୍ପନ୍ଦିତ ହେଲା – ''ଈଶାମସି'' । ତା'ପରେ ସେହି ଦେବମାନବ ଈଶା ବା ଯିଶୁ ଠାକୁରଙ୍କ ଦେହରେ ବିଲୀନ ହୋଇଗଲେ । ଠାକୁର ବାହ୍ୟଜ୍ଞାନ ହରାଇ ବସିଲେ, ତାଙ୍କର ଅନୁଭୂତି ହେଲା ସେ ଯେମିତି ସଗୁଣ ବିରାଟ ବ୍ରହ୍ମଙ୍କ ସହ ଏକୀଭୂତ ହୋଇଗଲେ । ଠାକୁର ପ୍ରାପ୍ତ ହେଲେ ଆଉ ଏକ ଧର୍ମର ନିଗୂଢ଼ ତତ୍ତ୍ୱ – ଖ୍ରୀଷ୍ଟଧର୍ମ ।

ଉପର ମୁଣ୍ଡରେ ବର୍ଷା ଥମିଗଲେ ବଢ଼ନ୍ତା ନଈ ପୁଣି ସୁନାବ୍ୟା ହୋଇଯାଏ । ଶ୍ରୀରାମକୃଷ୍ଣ ପାଲଟିଗଲେ ସେଇ ପୁରୁଣା ମଣିଷ, ସଭିଙ୍କର ପାଗଳା ଠାକୁର । ସକାଳୁ ସଞ୍ଜଯାଏ ଆରମ୍ଭ ହୋଇଗଲା ମା'ର ଆରାଧନା, ପୂଜା ଅର୍ଚ୍ଚନା । ସଞ୍ଜ ଆଳତି ସମୟରେ ଭିତରୁ ଶୁଭିଲା – ''ବେଦାନ୍ତ ଜାଣେ ନାହିଁ ମା ! ଜାଣିବାକୁ ଚାହେଁ ନାହିଁ – ମା' ତୋତେ ପାଇଲେ ମୋର ଆଉ କିଛି ଲୋଡ଼ା ନାହିଁ ।''

ସନ୍ଧ୍ୟା ଆସରରେ ଠାକୁର ବୁଝାଇଦେଲେ, ''କାହାକୁ, କି କୌଣସି ମତକୁ ବିଦ୍ୱେଷ କରିବା ଠିକ୍ ନୁହେଁ । ନିରାକାରବାଦୀ, ସାକାରବାଦୀ ସମସ୍ତେ ତାଙ୍କ ଆଡ଼କୁ ଯାଉଛନ୍ତି । ଜ୍ଞାନୀ, ଯୋଗୀ, ଭକ୍ତ ସମସ୍ତେ ତାଙ୍କୁହିଁ ଖୋଜୁଛନ୍ତି । ଜ୍ଞାନପଥର ଲୋକ ତାଙ୍କୁ କହନ୍ତି ବ୍ରହ୍ମ, ଯୋଗୀମାନେ କହନ୍ତି – ଆତ୍ମା, ପରମାତ୍ମା । ଭକ୍ତମାନେ କହନ୍ତି – ଭଗବାନ୍ । ଗୋଟିଏ ପଥ ଦେଇ ଠିକ୍ ଯାଇ ପାରିଲେ ତାଙ୍କ ପାଖରେ ପହଞ୍ଚି ହୁଏ । ସେତେବେଳେ ସବୁପଥର ଖବର ଜଣାଯାଏ ।''

''ଠାକୁର, କିପରି ତାଙ୍କର କୃପା ଲାଭ ହେବ ?'' – ପ୍ରଶ୍ନ କଲେ ଭକ୍ତ ଜଣେ ।

''ତାଙ୍କରି ନାମ ଗୁଣ କୀର୍ତ୍ତନ କର । ବିଷୟ ଚିନ୍ତା ତ୍ୟାଗ କର । ତୁମେ ଚାଷ କରିବା ପାଇଁ କ୍ଷେତକୁ ପାଣି ମଡ଼ାଉଛ । ମାତ୍ର ଗଳିଆ ପଡ଼ିଗଲେ ନାଳକାଟି ପାଣି ମଡ଼ାଇବା ବୃଥା । ଠିକ୍ ସେମିତି ଚିତ୍ତଶୁଦ୍ଧି ହେଲେ, ବିଷୟାସକ୍ତି ଚାଲିଗଲେ, ବ୍ୟାକୁଳତା ଆସିବ । ତୁମର ପ୍ରାର୍ଥନା ଈଶ୍ୱରଙ୍କ ନିକଟରେ ପହଞ୍ଚିବ । ସେତେବେଳେ କୃପା ଆପେ ଆପେ ବର୍ଷିବ । ସେ ପରା କୃପାସିନ୍ଧୁ, କରୁଣା-ସାଗର ।'' – ଠାକୁରଙ୍କ ଉତ୍ତରରେ ସମସ୍ତଙ୍କ ମନ ବୋଧ ହୋଇଗଲା । ବର୍ଷାଭିଜା ମାଟି ମୁକ୍ତି ପାଇଲା ସନ୍ତୁଳା ଗରମରୁ ।

ଠାକୁରଙ୍କ ଆଚରଣ ଦେଖି ସଭିଏଁ ଆଶ୍ଚର୍ଯ୍ୟ । ସାରଦାଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରିବା କଥାଟା କ୍ରମେ ରାଷ୍ଟ୍ର ହୋଇଗଲା । ମାତ୍ର ଫୁଲର ମହକ ମାଳୁଣୀ ପାଇଁ, କେଉଟୁଣୀକୁ ସୁହାଇଲା ନାହିଁ । ଥୋକେ ଅନର୍ଥ ମଣିଲେ – ସଭିଙ୍କୁ ମା' ମଣିଲେ ସଂସାର ତିଷ୍ଠିବ କେମିତି । ଠାକୁର କିନ୍ତୁ ନିର୍ବିକାର । ନିଜେ ଦୃଷ୍ଟାନ୍ତ ହେବା ପାଇଁ ସଦା ପ୍ରସ୍ତୁତ । ସେଥିପାଇଁ କହୁଥିଲେ, ''ସନ୍ନ୍ୟାସୀଙ୍କର ଷୋଳଣା ତ୍ୟାଗ ଦେଖିଲେ ଯାଇ ଲୋକଙ୍କର ସାହସ ହେବ । ତେବେ ସିନା ସେମାନେ କାମିନୀ କାଞ୍ଚନ ତ୍ୟାଗ କରିବାକୁ ଚେଷ୍ଟା କରିବେ । ଏ ତ୍ୟାଗ ଶିକ୍ଷା ଯଦି ସନ୍ନ୍ୟାସୀ ନ ଦିଏ ତେବେ ଦେବ କିଏ ? ଚିଦାତ୍ମା ହେଲେ ପୁରୁଷ – ଶ୍ରୀକୃଷ୍ଣ । ଚିତ୍‌ଶକ୍ତି ହେଲେ ପ୍ରକୃତି – ଶ୍ରୀରାଧା । ଭକ୍ତ ଏହି ଚିତ୍ ଶକ୍ତିଙ୍କର ଗୋଟିଏ ଗୋଟିଏ ରୂପ । ମା' ଜଗଦମ୍ବାଙ୍କର ସ୍ୱରୂପ ।''

ଷୋଡ଼ଶୀପୂଜା ପରେ ସାରଦାଦେବୀ ଦକ୍ଷିଣେଶ୍ୱରରୁ କାମାରପୁକୁରକୁ ଫେରିଗଲେ । ତାଙ୍କ ଯିବା ପରେ ପରେ ଶ୍ରୀରାମକୃଷ୍ଣଙ୍କ ବଡ଼ ଭାଇ ରାମେଶ୍ୱର ଗାଁକୁ ଯିବାକୁ ବାହାରିଲେ । ଠାକୁରଙ୍କର ଏକ ଅଦ୍ଭୁତ ଆଶଙ୍କା ଜାତ ହେଲା । ଦ୍ୱିଧା ଚିତ୍ତ ହୋଇ ସେ ପ୍ରକାଶ କଲେ, ''ତୁମେ ଗାଁକୁ ଯାଉଛ, ମାତ୍ର ଗୋଟିଏ କଥା ମନେରଖ, – ତୁମେ ଯଦି ସ୍ତ୍ରୀ ସଙ୍ଗଲାଭ କରିବ ତେବେ ଆଉ ଫେରି ପାରିବ ନାହିଁ ।''

ଠାକୁର ଯେ ସିଦ୍ଧ ପୁରୁଷ, ଏକଥା ଜଣା ଅଛି । ମାତ୍ର ଶ୍ରୀରାମଚନ୍ଦ୍ର ତ' ପୁଣି ଅବତାର ହୋଇ ସୁନା ମିରିଗ ପଛରେ ଦୌଡୁଥିଲେ, ସୀତାଙ୍କ ପ୍ରଲୋଭନକୁ ଅସ୍ୱୀକାର କରି ନ ପାରି ଭୁଲିଗଲେ ସୁନା ହରିଣର ହରଣ ରହସ୍ୟକୁ । ମୁଁ ତ' ଛାର । ପୁଣି ଠାକୁରଙ୍କ କଥା ଯେ ସବୁବେଳେ ସତ ହେବ ଏକଥା କିଏ କହିବ ? – ପ୍ରାଣିକ ପ୍ରଲୋଭନରେ ପ୍ରଲୁବ୍ଧ ହୋଇ ମନ

ବୁଝାଇଦେଲା ରାମେଶ୍ୱରଙ୍କୁ । ଭସା କାଠର ବା ଯୁ କେତେ, ଭାସିଗଲା ସୁଅର ପ୍ରବାହରେ । ଦୁଇଟା ଦିନ ବିତିଛି କି ନାହିଁ ରାମେଶ୍ୱରଙ୍କର ଅସୁସ୍ଥ ଖବର ଠାକୁରଙ୍କ ପାଖରେ ପହଞ୍ଚିଲା । ବଡ଼ ବ୍ୟସ୍ତ ହୋଇ ସେ କହି ପକାଇଲେ, ''ବାରଣକୁ ଯଦି ବରଣ କରିଥିବେ, ତେବେ ତ କଥା ଶେଷ । ଜାଣେ ନା ତାଙ୍କ ଜୀବନ ରହିବ କି ନାହିଁ ।''

ରାମେଶ୍ୱର ମଣିଷ ହିସାବରେ ବଡ଼ ସରଳ ଓ ଦୟାବନ୍ତ । ହାଣ୍ଡିଶାଳରୁ ବାସନ ବାହାର କରି ଦାନ କରିଦେବାକୁ ସେ ପଛାଉ ନ ଥିଲେ । ଗରିବର ବାପାମା' । ମାତ୍ର ଶୁଭେଚ୍ଛାର ସମ୍ଭାର ଅସୁସ୍ଥତାକୁ ଆଡ଼େଇ ଦେଇପାରିଲା ନାହିଁ । ବୟସ ସେତେବେଳକୁ ମାତ୍ର ୪୮ ବର୍ଷ । ସମସ୍ତେ ଝୁରିହେଲେ – ''ଆହା, ତା' ପୁଣ୍ୟଫଳ ତାକୁ ବାଟ କଢ଼ାଇନେବ । ମଣିଷ ପରି ମଣିଷ ଖଣ୍ଡେ ଥିଲା ।''

ଆଉ ଏକ ଅଦ୍ଭୁତ ଘଟଣା ଘଟିଲା ଗାଁ ସେମୁଣ୍ଡରେ । ଗୋପାଳ ସହ ରାମେଶ୍ୱରଙ୍କର ବନ୍ଧୁତା ଥିଲା ଖୁବ୍ ନିବିଡ଼ । ସମସ୍ତେ କୁହନ୍ତି – ଏମିତି ଯୋଡ଼ି ଯମ ଯାଉଁଳି ବାନ୍ଧିବ । ସେଦିନ ଅନ୍ଧାର ରାତି, ସାରା ଗାଁଟା ନିଦେଇ ଯାଇଥିଲା । କବାଟରେ ଶୁଭିଲା ଠକ୍ ଠକ୍ ଶବ୍ଦ – ''ମୁଁ ରାମେଶ୍ୱର, ଗଙ୍ଗାରେ ବୁଡ଼ ଦେବାକୁ ଯାଉଛି । ରଘୁବୀର ତୋତେ ଲାଗିଲେ, ସେ ଯେମିତି ଅପୂଜା ନ ରୁହନ୍ତି ।'' – କବାଟ ଖୋଲିବା ପାଇଁ ଗୋପାଳ ଚେଇଁ ଉଠିଲା । ପୁଣି ଶୁଭିଲା ସେଇ ସ୍ୱର ''ତୁ କବାଟ ଖୋଲିଲେ ବି ମୋତେ ଆଉ ଦେଖି ପାରିବୁ ନାହିଁ । ମୁଁ ଆଉ ସେଇ ରାମେଶ୍ୱର ନୁହେଁ ।'' ଅନ୍ଧାର ଆଡ଼େଇ ଗୋପାଳ ଧାଇଁଲା ରାମେଶ୍ୱରଙ୍କ ଘରକୁ । ସେତେବେଳକୁ ସେ ସ୍ୱର ଆଉ ସେ ଶରୀରରେ ନ ଥିଲା ।

ରାତି ପାହାନ୍ତି ତୁଣ୍ଡ, ବାଇଦ ହେଲା କାନରୁ କାନକୁ । ଠାକୁର ବଡ଼ ଅଡୁଆରେ ପଡ଼ିଲେ, 'ବୁଢ଼ୀମା'ଟା କେମିତି ସମ୍ଭାଳିବ ଏ ଦାରୁଣ ଦୁଃଖକୁ । ନିଶ୍ଚୟ ଚେତା ହରାଇ ବସିବ ।' ତଥାପି ସାମନା କରିବାର ସାହସ ନେଲେ ।

''ଏ ଜଗତ୍ କ୍ଷଣସ୍ଥାୟୀ, ଜନ୍ମ ହେଲେ ମରଣ ସ୍ଥିର । ଆଜି ନ ହେଲେ କାଲି, ଏଥିରେ ଦୁଃଖ କରିବାରେ କ'ଣ ଅଛି ?'' – ବୁଢ଼ୀମା'ର କଥାରେ ଠାକୁରଙ୍କ ଆଖିର ଲୁହ ଆଖି ପିଇଗଲା । ତାଟକା ହୋଇ ଭାବିଲେ – ଏସବୁ ମା' ଜଗଦମ୍ବାଙ୍କର ଲୀଳା । ତ' ନ ହେଲେ ତଟବୁହା ତଟିନୀ କ'ଣ ଏତେ ଶୀଘ୍ର ଶୁଣିଥା'ନ୍ତା ମୁହାଣର ମୂର୍ଚ୍ଛନା !

ଫେରିଯିବାର ଅଳ୍ପ କେଇଟା ମାସ ପରେ ସାରଦାଦେବୀ ପୁଣି ଥରେ ଦକ୍ଷିଣେଶ୍ୱର ଆସିବା ପାଇଁ ମନ ବଳାଇଲେ । ୧୮୭୪ ମସିହାର ଏପ୍ରିଲ ମାସ, ବୈଶାଖୀ ସହ ବାତୋଇଙ୍କ ବୈରଭାବ ଆରମ୍ଭ ହେଉଥାଏ । ସେଥିପାଇଁ କିନ୍ତୁ ତାଙ୍କର ଭ୍ରୂକ୍ଷେପ ନ ଥିଲା । ସାଙ୍ଗରେ ବାହାରିଲେ ରାମେଶ୍ୱରଙ୍କର ସାନପୁଅ, ଝିଅ ଏବଂ ଗାଁର କେଇଜଣ ସ୍ତ୍ରୀଲୋକ । ବଡ଼ ପୁଅ ରାମଲାଲ ସେତେବେଳକୁ ବାପାଙ୍କ ସ୍ଥାନ ପୂରଣ କରିଥା'ନ୍ତି ଦକ୍ଷିଣେଶ୍ୱରର ପୂଜକ ଭାବରେ । ପାହାନ୍ତି ସକାଳୁ ଯାତ୍ରା ଆରମ୍ଭ ହେଲା । ପଦଯାତ୍ରାହିଁ ଥିଲା ପଥ ଅତିକ୍ରମ କରିବାର ଏକମାତ୍ର ରାହା ଏବଂ ସମୟେ ସମୟେ ନିର୍ଜନ ପ୍ରାନ୍ତରରେ ଡକାଏତଙ୍କ ଆତିଥ୍ୟକୁ ଏଡ଼ାଇଦେବା ମଧ୍ୟ ସମ୍ଭବ ହେଉ ନ ଥିଲା । ସେଥିପାଇଁ ସନ୍ଧ୍ୟା ଛୁଇଁବା ପୂର୍ବରୁ ପ୍ରାନ୍ତର ଆରପାରି ଗାଁ ଧରିବା ପାଇଁ ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ । ସେମାନଙ୍କ ସହ ପାଦ ମିଳାଇବା ସାରଦାଦେବୀଙ୍କ ପକ୍ଷରେ କଷ୍ଟକର ହୋଇ ପଡ଼ିଲା, ମାତ୍ର ସେମାନଙ୍କର ଆତୁରତା ତାଙ୍କ ପାଇଁ ଆହୁରି କଷ୍ଟକର ବୋଧ ହେଲା । ନିଜର ଯାତନାକୁ ଯଞ୍ଜର ହବି କଲେ । ସେମାନଙ୍କୁ ବୁଝାଇ କହିଲେ, ''ମୋ ଲାଗି ତୁମେମାନେ ଆଉ ଅପେକ୍ଷା କର ନାହିଁ । ତୁମେସବୁ ଆଗରେ ଯାଇ ତାରକେଶ୍ୱର ଚଟିଘରେ ବିଶ୍ରାମ ନେଉଥାଅ, ମୁଁ ଯେତେ ଶୀଘ୍ରପାରେ ଯାଇ ଭେଟିବି ।''

ସନ୍ଧ୍ୟା ନଇଁ ଆସିଲା, ଅନ୍ଧାରକୁ ଆଶ୍ରାକରି ପାଦ ବଢ଼ାଇଲେ ସାରଦାଦେବୀ । ତାଙ୍କ ପାଦ ଥପା ଶବ୍ଦହିଁ ଥିଲା ଇଥରର ଏକମାତ୍ର ଚଞ୍ଚଳତା । ହଠାତ୍ ଜଣେ ବିରାଟକାୟ ପୁରୁଷ ତାଙ୍କର ସାମନାରେ ପାଚେରି ହେଲା । ହାତରେ ଠେଙ୍ଗା, ଦେହରେ ବୋଳି ହୋଇଥାଏ ବହଳ ଅନ୍ଧାର । ସାରଦା ଦେବୀ ଚୁପ୍ ହୋଇ ଠିଆ ହୋଇଗଲେ ସିଲଟ ହଜା ଚାଟଶାଳୀର ଶିଶୁଟିଏ ପରି । ନିରିମାଖି ଆଖି ଦୁଇଟି ଉପରେ ପଡ଼ିଲା ଜଳନ୍ତା ଆଖିର ଝୁଲ – ''କିଏ ଲୋ ତୁ, ଏ ଅସମୟରେ ଏଠି ଆସି ଠିଆ ହୋଇଛୁ ।''

''ବାପା, ମୋର ସଙ୍ଗୀମାନେ ମୋତେ ଏକା ଛାଡ଼ି ଚାଲିଗଲେଣି । ମୁଁ ବୋଧହୁଏ ବାଟ ଭୁଲିଗଲି । ତୁମେ ମୋତେ ସାଙ୍ଗରେ ନେଇ ସେମାନଙ୍କ ଜିମା କରିଦିଅ । ତୁମ ଜୋଇଁ ଦକ୍ଷିଣେଶ୍ୱରରେ ରାଣୀ ରାସମଣିଙ୍କ ପୂଜକ । ମୁଁ ତାଙ୍କରି ପାଖକୁ ଯାଉଛି । ତୁମେ ଯଦି ସେଠାକୁ ମୋତେ ନେଇ ଯାଆନ୍ତ, ତେବେ ସେ ତୁମକୁ ବହୁତ ଆଦର କରନ୍ତେ ।'' – ସାରଦାଦେବୀଙ୍କ କଥା ସରୁ ନ ସରୁଣୁ ଆଉ ଏକ ଛାୟା ପାଷାଣ ପାଲଟିଲା ।

ସାରଦାଦେବୀ ସାହସ ବାନ୍ଧିଲେ, ଯେତେହେଲେ ସେ ନାରୀ, ପୁରୁଷଟିର ସ୍ତ୍ରୀ ନିଶ୍ଚୟ ।

''ମା । ମୁଁ ତୁମର ଝିଅ ସାରଦା । ମହାବିଷମ ବିପଦରେ ପଡ଼ିଥିଲି ଭାଗ୍ୟକୁ ବାବା ଆଉ ତୁମେ ଦେଖା ହୋଇଗଲ । ନ ହେଲେ କ'ଣ ଯେ ମୋ ଅବସ୍ଥା ହୋଇଥା'ନ୍ତା ଭଗବାନଙ୍କୁ ଜଣା । ଏବେ ମୋର ଆଉ ଭୟ ନାହିଁ ।'' — ସାରଦାଦେବୀଙ୍କ ଆତ୍ମୀୟତାର ସ୍ପର୍ଶରେ ପାଦଫୁଟା କଣ୍ଟା ଫୁଲ ପାଲଟିଗଲା । ସ୍ୱାମୀ ସ୍ତ୍ରୀ ଦୁହେଁ ଦରଦୀ ହୋଇ ଉଠିଲେ, ଆଦରି ନେଲେ ଝିଅକୁ । ପାଖ ପଲାକୁ ନେଇଯାଇ ବଡ଼ ହେପାଯତ୍ନରେ ରାତି ପୁହାଇଲେ । ସକାଳୁ ସକାଳୁ ସଙ୍ଗୀମାନେ ଖୋଜି ଖୋଜି ଆସି ସେଠାରେ ପହଞ୍ଚିଲେ ଏବଂ ଡକାଏତ-ଦମ୍ପତିଙ୍କ ସହ ସାରଦାଦେବୀଙ୍କ ଆତ୍ମୀୟତା ଦେଖି ଆଶ୍ଚର୍ଯ୍ୟ ମଣିଲେ — ସତରେ ଭଗବାନ୍ ଭରସା । ନ ହେଲେ କ'ଣ ଭକ୍ଷକ ରକ୍ଷକ ହୋଇଥା'ନ୍ତା ।

ସାରଦାଦେବୀଙ୍କଠାରୁ ଏମନ୍ତ ବୃତ୍ତାନ୍ତ ଶୁଣି ଠାକୁର ବୁଝିପାରିଲେ — ''ସବୁ ମା'ର କୃପା । ପିଲା ଯଦି ମା'କୁ ଧରି ହିଡ଼ ଉପର ଦେଇ ଚାଲେ, ତା'ହେଲେ ବରଂ ଖାତରେ ପଡ଼ିଯାଇପାରେ । କିନ୍ତୁ ମା' ଯଦି ପିଲାର ହାତ ଧରେ, ସେ ପିଲା କେବେ ହେଲେ ପଡ଼େ ନାହିଁ ।''

(କ୍ରମଶଃ) ❑

## ଶ୍ରୀରାମକୃଷ୍ଣ ଚରିତାମୃତ (୧୮)

# ଯିଏ ନିରାକାର ସିଏ ସାକାର

## ସନ୍ତୋଷ କୁମାର ରଥ

''ପାଦରେ କଣ୍ଟା ଫୁଟିଲେ ଆଉ ଗୋଟିଏ କଣ୍ଟା ଦରକାର ହୁଏ, ତା'ପରେ ପାଦର କଣ୍ଟାଟି ବାହାର କରି ଉଭୟ କଣ୍ଟାକୁ ପକାଇ ଦିଆଯାଏ । ସେହିପରି ଅଜ୍ଞାନ କଣ୍ଟା ବାହାର କରିବା ପାଇଁ ଜ୍ଞାନ କଣ୍ଟା ପ୍ରୟୋଜନ ହୁଏ । ଅଜ୍ଞାନ ନାଶ ପରେ ଜ୍ଞାନ ଓ ଅଜ୍ଞାନ ଉଭୟକୁ ପକାଇ ଦେବାକୁ ହୁଏ । ସେତେବେଳେ ବିଜ୍ଞାନ ଅବସ୍ଥା ପ୍ରାପ୍ତ ହୁଏ ।'' – କଥାଟା ଠାକୁରଙ୍କ ମୁହଁରେ ଶୋଭାପାଏ । ଅଗ୍ନି ଆଉ ତା'ର ଦାହିକା ଶକ୍ତି ଯେମିତି ଅଭେଦ ଠାକୁରଙ୍କ କଥା ଓ କର୍ମ ସେମିତି ଏକ ଓ ଅଭେଦ ।

ଭକ୍ତଙ୍କ ମେଳ ଦକ୍ଷିଣେଶ୍ୱରରେ ଦିନୁ ଦିନୁ ବଢ଼ିବାକୁ ଲାଗିଲା । ଏମିତିକି ବାସଚହଟା ଫୁଲ ପ୍ରତି ଆକୃଷ୍ଟ ହେଲେ ବାଟ ଭାଙ୍ଗି ଚାଲିଯାଉଥିବା ବାଟୋଇ ପୁଣି ଅବାଟର ବାଟୋଇ । ଠାକୁରଙ୍କ ଦରଦ କିନ୍ତୁ ସଭିଙ୍କ ପାଇଁ ସମାନ । ବର୍ଷା କି ବୁଝେ ଖାଲ ଢ଼ିପର ବେଭାର । ନାସ୍ତିକ, ଆସ୍ତିକ ସମସ୍ତେ ବିଭୋର; ଶୁଣନ୍ତି ମନ୍ଦିର ଭିତରୁ ଠାକୁରଙ୍କ କଣ୍ଠସ୍ୱର – ''ମା ! ଏଇ ନିଅ ତୁମର ଅଜ୍ଞାନ, ଏଇ ନିଅ ତୁମର ଜ୍ଞାନ, ମୋତେ ଶୁଦ୍ଧ ଭକ୍ତି ଦିଅ । ଏଇ ନିଅ ତୁମର ପାପ-ପୁଣ୍ୟ, ଧର୍ମ-ଅଧର୍ମ, ଭଲ-ମନ୍ଦ, ମୋତେ ଶୁଦ୍ଧ ଭକ୍ତି ଦିଅ ।''

ଠାକୁରଙ୍କ ସାଧନ ପ୍ରଣାଳୀ ବଡ଼ ବିଚିତ୍ର । ମୁସଲମାନ ଧର୍ମ ଓ ଖ୍ରୀଷ୍ଟଧର୍ମ ପରେ ମନ ବଳିଲା ବ୍ରାହ୍ମସମାଜ ପ୍ରତି । ୧୮୭୫ ମସିହାର କଥା, ସେତେବେଳେ ଭାରତର ବହୁ ବିଦ୍ୱାନ୍ ହିନ୍ଦୁ ଧର୍ମରେ ସଂସ୍କାର ଆଣିବା ପାଇଁ ବ୍ରାହ୍ମସମାଜରେ ଯୋଗ ଦେଇଥା'ନ୍ତି । ବ୍ରହ୍ମହିଁ ସେମାନଙ୍କର ଉପାସ୍ୟ ଏବଂ ନିରାକାର-ବାଦ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସୀ । ମାନସିକ ଯୁକ୍ତିବୁଦ୍ଧିଙ୍କୁ ଏକକ ସମ୍ବଳ କରି ଭଗବାନଙ୍କୁ ଜାଣିବା ଓ ଜଣାଇବା ସେମାନଙ୍କର ଲକ୍ଷ୍ୟ । ବେଦ-ବେଦାନ୍ତ ଉପରେ ସେମାନଙ୍କ ଦର୍ଶନର ଭିତ୍ତି, ମାତ୍ର ବୈଦିକ କର୍ମକାଣ୍ଡ ଓ ଧାର୍ମିକ ଆଚରଣର ସେମାନେ ସମ୍ପୂର୍ଣ୍ଣ ବିରୋଧୀ । କଲିକତାର କେଶବ ଚନ୍ଦ୍ର ସେନ ସେହି ଗୋଷ୍ଠୀର ଜଣେ ବଳିଷ୍ଠ ନେତା । ସାମାଜିକ ଉନ୍ନତି ବିଧାନ ଓ ସଂସ୍କାର ମୂଳକ କାମରେ ସେ ଉତ୍ସର୍ଗୀ ଦେଇଥିଲେ ନିଜକୁ । ଦିନେ ଠାକୁର ହୃଦୟକୁ ସଙ୍ଗରେ ଧରି କେଶବ ସେନଙ୍କ ଉଦ୍ୟାନ ବାଟିକାରେ ଯାଇ ପହଞ୍ଚି ଗଲେ । ସେତେବେଳେ ସେ ଶିଷ୍ୟମାନଙ୍କ ଗହଣରେ ବସି ଭଜନ କୀର୍ତ୍ତନ କରୁଥା'ନ୍ତି । ହୃଦୟ ଯାଇ ଅନୁରୋଧ ଜଣାଇଲେ, ''ମହାଶୟ, ମୋର ମାମୁ ହରିକଥା ଓ ହରିଗୁଣ ଶୁଣିବାକୁ ଭାରି ଆଗ୍ରହୀ । ଆପଣଙ୍କ ସୁନାମ ଶୁଣି ଆପଣଙ୍କ ମୁହଁରୁ ଈଶ୍ୱରଙ୍କର ଗୁଣାନୁକୀର୍ତ୍ତନ ଶୁଣିବା ଲାଗି ଆସିଛନ୍ତି, ଅନୁମତି ମିଳିଲେ ନେଇ ଆସିବି ।''

''ବାବୁ ! ତୁମେ କୁଆଡ଼େ ଈଶ୍ୱରଙ୍କୁ ଦର୍ଶନ କରିଛ ! ଏହି ଦର୍ଶନ କି ଭଳି ତାହା ଜାଣିବାର ଇଚ୍ଛା ହେଉଛି । ସେଥିଲାଗି ତୁମ ପାଖକୁ ଆସିଛି ।'' – ଠାକୁରଙ୍କ ବିନମ୍ର କଥା ଶୁଣି କେଶବ ସେନ ହତଭମ୍ବ । ଆଦରରେ ଆତିଥ୍ୟ ପ୍ରଦାନ କଲେ । ଠାକୁର ସେତେବେଳକୁ ଭାବରେ ବିଭୋର, ଆରମ୍ଭ କରିଦେଲେ ମା'ର ଭଜନ । ହୃଦୟ ଠାକୁରଙ୍କ କାନରେ ପ୍ରଣବ ମନ୍ତ୍ର ଉଚ୍ଚାରଣ କରିବାରୁ ଠାକୁର ବାହ୍ୟ ଚେତନା ଫେରି ପାଇଲେ ଏବଂ ଆସରର ଆସ୍ପୃହା ଦେଖି କହି ପକାଇଲେ, ''ଗୋରୁ ଗୋଠକୁ ଅନ୍ୟ କୌଣସି ପଶୁ ପଶି ଆସିଲେ ସେମାନେ ତାକୁ ଶିଙ୍ଗ ହଲାଇ ତଡ଼ି ଦିଅନ୍ତି । ମାତ୍ର ଦଳର ଗୋଟିଏ ଗୋରୁ ଆସିଲେ ଦେହ ଚଟାଚଟି କରି ଆଦର କରନ୍ତି । ଆମର ଆଜି ସେହି ଅବସ୍ଥା ।'' ସମସ୍ତେ ଠାକୁରଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଇଲେ । କେଶବ ସେନ ଆଶ୍ଚର୍ଯ୍ୟ ହୋଇ ଭାବୁଥା'ନ୍ତି – ''ଇଏ କ'ଣ କିଛି ଗୋପନ ବିଦ୍ୟାର ଅଧିକାରୀ । କାହିଁକି ମୋ ଭିତରେ ଏତେ ଉନ୍ମାଦ, ଏତେ ଆକର୍ଷଣ ।''

କୋଇଲି କାଉ ବସାରେ ଅଣ୍ଡା ଦେଇଥାଏ, ସେକଥା କାଉକୁ ଅଜଣା, କାଉ ଭାବେ – ମୋ ଅଣ୍ଡା । ମାତ୍ର ଛୁଆ ଫୁଟିଲେ କୋଇଲି କାଉ ବସାରୁ ମୁକୁଳି ଆସେ । କେଶବ ସେନ ଯେ କୋଇଲି ଅଣ୍ଡା ଏବଂ ବ୍ରାହ୍ମ ଗୋଷ୍ଠୀରେ ଆଉ ବେଶୀ ଦିନ ନୁହେଁ – ଏକଥା ଠାକୁର ଜାଣିପାରିଥିଲେ । ଆଦରରେ ପାଖକୁ ଡାକି କହିଲେ, ''ତୁମର ଲାଞ୍ଜ ଛିଡ଼ିବା ସମୟ ଆସିଗଲାଣି । ବେଙ୍ଗ ଛୁଆର ଯେତେଦିନ ପର୍ଯ୍ୟନ୍ତ ଲାଞ୍ଜଥାଏ, ସେତେଦିନ ଯାଏ ସେ ପାଣିରେ ଥାଏ । ସ୍ଥଳ ଭାଗକୁ ଆସି ପାରେ ନାହିଁ । କିନ୍ତୁ ଲାଞ୍ଜ ଯେତେବେଳେ ଖସିଯାଏ, ସେତେବେଳେ ସେ

ପାଣି ଭିତରେ ରହିପାରେ, ପୁଣି ସ୍ଥଳ ଭାଗରେ ବି ବୁଲାବୁଲି କରିପାରେ – ସେହିପରି ମଣିଷର ଯେତେଦିନ ଯାଏ ଅବିଦ୍ୟା ରୂପକ ଲାଞ୍ଜ ଥାଏ ସେତେଦିନ ସେ ସଂସାର ଜଳରେ ରହିପାରେ । ଲାଞ୍ଜ ଖସିଗଲେ ସଂସାର ଓ ସଚ୍ଚିଦାନନ୍ଦ ଉଭୟ ବିଷୟରେ ଇଚ୍ଛାନୁସାରେ ବିଚରଣ କରିପାରେ । କେଶବ ! ତୁମର ବର୍ତ୍ତମାନ ସେହି ଅବସ୍ଥା ଆସିଗଲାଣି । ଏ ଅବସ୍ଥାରେ ଜଣେ ସଂସାର ଭିତରେ ରହିପାରେ, ପୁଣି ସଚ୍ଚିଦାନନ୍ଦ ଅବସ୍ଥାକୁ ମଧ୍ୟ ଯାଇପାରେ ।''

ସେଦିନ ଆସର ଶେଷରେ ଠାକୁର ଦକ୍ଷିଣେଶ୍ୱରକୁ ଫେରି ଆସିଲେ । ମାତ୍ର କେଶବ ସେନଙ୍କ ଦେହରେ ଠାକୁରଙ୍କ ଆତ୍ମୀୟତା ଭିଜା ଲୁଗା ପରି ଜଡ଼େଇ ରହିଲା । ସେହିଦିନଠାରୁ ଠାକୁରଙ୍କ ଦର୍ଶନ ପାଇଁ ସେ ପ୍ରାୟ ଦକ୍ଷିଣେଶ୍ୱର ଆସୁଥିଲେ ନୋହିଲେ କେବେ କେବେ ତାଙ୍କର କଲିକତାସ୍ଥିତ 'କମଳ କୁଟୀର' ଘରକୁ ନେଇଯାଉଥିଲେ । ପୁଣି କେବେ କେବେ ଠାକୁରଙ୍କୁ ଜାହାଜରେ ବସାଇ କୀର୍ତ୍ତନ କରି କରି ଗଙ୍ଗାବକ୍ଷରେ ବୁଲାଇ ଆଣୁଥିଲେ । କ୍ରମେ ବ୍ରାହ୍ମ ସମାଜର ପ୍ରକାଶିତ ପତ୍ରିକାରେ ଠାକୁରଙ୍କ ବାଣୀ ଓ ସାରଗର୍ଭକ ଆଲୋଚନା ସବୁ ସ୍ଥାନ ପାଇଲା । ଠାକୁର ଖୁବ୍ ସୁନ୍ଦର ଭାବରେ ହିନ୍ଦୁ ଓ ବ୍ରାହ୍ମ ଭିତରେ ରହିଥିବା ଭେଦକୁ ବୁଝାଇ ଦେଲେ, ''ତଫାତ୍ ଆଉ କ'ଣ ? ବ୍ରାହ୍ମମାନେ ନିରାକାର ପେଁ ଧରି ବଜାନ୍ତି, ଆଉ ହିନ୍ଦୁମାନେ ନାନା ପ୍ରକାରର ରାଗ ରାଗିଣୀରେ ବାଜା ବଜାଉଥା'ନ୍ତି । ଜଳ ଆଉ ବରଫ – ନିରାକାର ଆଉ ସାକାର । ଯାହା ଜଳ ତାହାହିଁ ବରଫ । ଜ୍ଞାନର ଉଷ୍ଣତାରେ ବରଫ ଜଳ ହୋଇଯାଏ, ପୁଣି ଭକ୍ତି ହିମରେ ଜଳ ବରଫ ହୁଏ ।''

ଠାକୁରଙ୍କ ସଂସ୍ପର୍ଶରେ ଆସି କେଶବ ସେନଙ୍କ ବନ୍ଧବନ୍ଧା ନଈ ଦେହରେ ଘଳିଆ ଫିଟିଲା, ଜ୍ଞାନର ସୀମା କ୍ରମେ ପ୍ରସରି ଗଲା । ସେ ନିଜେ ବୁଝି ବ୍ରାହ୍ମବାଦୀମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ କେବଳ ମାତ୍ର ନିରାକାର ସଗୁଣ ବ୍ରହ୍ମରୂପ ଈଶ୍ୱରଙ୍କର ଯଥାର୍ଥ ସ୍ୱରୂପ ନୁହେଁ କି ତାଙ୍କୁ ନିରାକାର ନିର୍ଗୁଣ ବୋଲି କହିବା ମଧ୍ୟ ଯଥେଷ୍ଟ ନୁହେଁ । କାରଣ ଈଶ୍ୱର ସାକାର-ଜଗତ୍ ରୂପେ ବ୍ୟକ୍ତ ହୋଇ ରହିଛନ୍ତି, ନିରାକାର ସଗୁଣ ବ୍ରହ୍ମ ରୂପେ ଜଗତର ନିୟାମକ ହୋଇ ରହିଛନ୍ତି । ପୁନଶ୍ଚ ସର୍ବଗୁଣର ଅତୀତ ହୋଇ ସର୍ବପ୍ରକାଶର ଭିତ୍ତି ସ୍ୱରୂପ ହୋଇ ସର୍ବଦା ଅବସ୍ଥାନ କରୁଛନ୍ତି । ତେଣୁ ସେହିଁ ସାକାର, ସେହିଁ ନିରାକାର, ପୁଣି ସେ ଯେ କ'ଣ, ସେକଥା କିଏ ବା କଳିପାରେ !

ଆଉ ଦିନକର କଥା, ଠାକୁର ମନ୍ଦିରର ଉତ୍ତର ପଟ ବାରଣ୍ଡାରେ ତକିଆକୁ ଆଉଜି ବସିଥା'ନ୍ତି । ଗୋଡ଼ ଦିଟା ଅଧା ଉଠା ହୋଇ ରହିଥାଏ । ଦେଖିଲେ ମନେ ହେଉଥିଲା – ବାବୁଗିରି ଠାକୁରଙ୍କର ସତେ ଯେମିତି ବଇରୀ ଥିଲା । ''ଦେଖିଲ, କେଶବ ଆସୁଛି କି ?'' – ପ୍ରଶ୍ନ କଲେ ଠାକୁର । ଏମିତି ଦୁଇ, ତିନିଥର ପ୍ରଶ୍ନ କରି ଚୁପ୍ ହୋଇଗଲେ । କିଛି ସମୟ ପରେ କେଶବ ସେନ ଦଳେ ଲୋକ ସାଙ୍ଗରେ ଧରି ଆସି ପହଞ୍ଚିଲେ । ଭୂମିଷ୍ଠ ହୋଇ ପ୍ରଣାମ କଲେ । ''କଲିକତାଯାକ ଲୋକଙ୍କୁ ଜୁଟାଇ ନେଇ ଆସିଛ – କ'ଣ ମୁଁ ଭାଷଣ ଦେବି, ସଭା ବସାଇବି । ମୁଁ ସେସବୁ ପାରିବି ନାହିଁ ।'' – ଏତିକି କହି ଠାକୁର ଗମ୍ଭୀର ହୋଇଗଲେ । ମେଘଢଙ୍କା ସୂର୍ଯ୍ୟକିରଣ ପରି ଠାକୁରଙ୍କ ମୃଦୁ ହସ ସେହି ଗମ୍ଭୀରତା ଭିତରୁ ଝଟକୁ ଥାଏ । ଆସ୍ତେ ପ୍ରଶ୍ନ ଉତ୍ତରରେ ଆସର ଜମି ଉଠିଲା । ମହର୍ଷି ଦେବେନ୍ଦ୍ରନାଥଙ୍କ ପ୍ରସଙ୍ଗରୁ କେଶବ ସେନ କଥା ପ୍ରସଙ୍ଗରେ ପଚାରି ବସିଲେ, ''ଠାକୁର, ଗୃହସ୍ଥର କ'ଣ ଭଗବତ୍ ଲାଭ ହେବ ନାହିଁ ।''

''ଦେଖ, ଯେତେ ଦିନ ମାୟା ଥାଏ, ସେତେଦିନ ମଣିଷ ପଇଡ଼ ଭଳି । ପଇଡ଼ରୁ ନାଳି ବାହାର କରିବାକୁ ଗଲେ ତା' ସହିତ ଶଢ଼େଇର କିଛି ଅଂଶ ଚାଲି ଆସେ । ଆଉ ଯେତେବେଳେ ମାୟା ଶେଷ ହୋଇଯାଏ, ସେତେବେଳେ ଶୁଖିଲା ନଡ଼ିଆ । ସେତେବେଳେ ନଡ଼ିଆ ଆଉ ଶଢ଼େଇ ପୃଥକ୍ ହୋଇଯାଏ । ଆତ୍ମା ହୁଏ ଅଲଗା, ଶରୀର ହୁଏ ଅଲଗା । ସେଇ ଯେ 'ମୁଁ' ବଡ଼ ଅସୁବିଧାରେ ପକାଏ । ପୁରୁଣା ଘରେ ଅଶ୍ୱତ୍ଥ ଗଛ ଉଠିଛି; ଖୋଳି ବାହାର କରିଦିଅ । ପୁଣି ପରଦିନ ଦେଖିବ, ଗୋଟିଏ କୁଆଁ ବାହାରିଛି – 'ମୁଁ' ମଧ୍ୟ ସେହିପରି, ମାତ୍ର 'ମୁଁ'ରୁ ମୁକୁଳିବାକୁ ହେବ । ମା'କୁ ଡାକିଲେ ସବୁ ସମ୍ଭବ ।''– ଠାକୁରଙ୍କ ଉତ୍ତର ଚୋରା ବସନ୍ତ, ପାକଳ ନିମ୍ବଗଛରେ ବାଜିଲେ ଚନ୍ଦନର ବାସ୍ନା ଚହଟେ । କେଶବ ସେନଙ୍କ ଜୀବନ ଧାରା ଅନୁରୂପ ଢଙ୍ଗରେ ବଦଳି ଗଲା । ସେ ନିଜ ଅନୁଗତ ସାଧକମାନଙ୍କୁ ଶ୍ରୀରାମକୃଷ୍ଣଙ୍କ ଆଦର୍ଶରେ ଜୀବନ ଗଠନ କରିବାକୁ ପ୍ରବର୍ତ୍ତାଇଲେ । ଶ୍ରୀରାମକୃଷ୍ଣଙ୍କ କଥିତ 'ସର୍ବଧର୍ମହିଁ ସତ୍ୟ' 'ଯେତେ ମତ ସେତେ ପଥ'– ଆଜି ଆଦର୍ଶକୁ ଭିତ୍ତି କରି ସେ 'ନବବିଧାନ' ନାମ ଦେଇ ଗୋଟିଏ ସ୍ୱତନ୍ତ୍ର ସମାଜ ଗଠନ କଲେ ଏବଂ ନିଜେ 'ମା' ନାମ ଜପ କରି ଭଗବାନଙ୍କୁ ମାତୃ ରୂପେ ଆରାଧନା କରିବାକୁ ଆରମ୍ଭ କରିଦେଲେ । ଫଳରେ 'ଭାରତ ବର୍ଷୀୟ ବ୍ରାହ୍ମସମାଜ' ଆଦର୍ଶ ଭିତ୍ତିରେ ଦୁଇ ଭାଗ

ହୋଇଗଲା । କେଶବ ସେନଙ୍କୁ ବିରୋଧ କରୁଥିବା ବ୍ରାହ୍ମବାଦୀ-ମାନେ 'ନବବିଧାନ'ରେ ଯୋଗ ନ ଦେଇ ଭିନ୍ନ ଏକ ଦଳ ଗଢ଼ିଲେ ଯାହାର ନାମ ରଖିଲେ — 'ସାଧାରଣ ବ୍ରାହ୍ମ-ସମାଜ' ।

ବଡ଼ ଅଦ୍ଭୁତ ଠାକୁରଙ୍କ ମୋହନ ବଂଶୀ । କାହ୍ନା ବ୍ରଜବାଳୀଙ୍କ ମନ କିଣିନେଲା ପରି ବହୁ ବ୍ରାହ୍ମବାଦୀ ଠାକୁରଙ୍କ ଶରଣାପନ୍ନ ହେଲେ । ମୂର୍ତ୍ତି ପୂଜାର ବିରୋଧୀ ଓ ନିରାକାରବାଦୀ-ମନ ମାନିନେଲା ମୃଣ୍ମୟୀ ଆଧାରରେ ଚିନ୍ମୟୀଙ୍କ ଆରାଧନାକୁ । ଭିଡ଼ ଜମିଲା ଦକ୍ଷିଣେଶ୍ୱରରେ ପୁଣି ଠାକୁର ବହୁବାର ନିମନ୍ତ୍ରିତ ହେଲେ ବ୍ରାହ୍ମସମାଜକୁ । ଖ୍ରୀଷ୍ଟ ଧର୍ମାବଲମ୍ବୀ ବ୍ରାହ୍ମସମାଜର ଅନ୍ୟତମ ବରିଷ୍ଠ ନେତା ରେଭରେଣ୍ଡ ପ୍ରତାପ ଚନ୍ଦ୍ର ମଜୁମଦାର ତାଙ୍କ ପ୍ରବନ୍ଧରେ ଲେଖିଥିଲେ, ''ତାଙ୍କ (ଶ୍ରୀରାମକୃଷ୍ଣ) ମୋ ମଧ୍ୟରେ କ'ଣ ବା ସାଦୃଶ୍ୟ ଅଛି ? ମୁଁ ଇଉରୋପୀୟ ଭାବାପନ୍ନ, ସଭ୍ୟ ଆତ୍ମାଭିମାନୀ ... ସେ ଜଣେ ଦରିଦ୍ର ହିନ୍ଦୁ ଭକ୍ତ । କିନ୍ତୁ ମୁଁ କାହିଁକି ତାଙ୍କ କଥା ଶୁଣିବା ଲାଗି ବହୁ ସମୟ ବସି ରୁହେ ? ମୁଁ ତ ଯିଶୁଖ୍ରୀଷ୍ଟଙ୍କର ଜଣେ ଏକାନ୍ତ ଭକ୍ତ ଓ ଅନୁଗତ, ମାତ୍ର କାହିଁକି ତାଙ୍କ ବାଣୀ ଶୁଣିବା ମାତ୍ରକେ ମୁଁ ମନ୍ତ୍ର ମୁଗ୍ଧ ହୋଇଯାଏ; ଏବଂ ଏକା ମୁଁ ନୁହେଁ, ମୋ ପରି ବହୁ ବ୍ୟକ୍ତି ଏପରି ହୋଇଥାଆନ୍ତି ।...''

ବ୍ରାହ୍ମବାଦୀ ଗିରିଶଚନ୍ଦ୍ର ସେନ ମଧ୍ୟ ଠାକୁରଙ୍କ ମୋହରେ ପଡ଼ିଗଲେ । ସେ ଥିଲେ କେଶବ ସେନଙ୍କ ସଂଗଠିତ 'ନବବିଧାନ' ସମାଜର ଅନୁଗତ । ତାଙ୍କର ସ୍ୱକ୍ଷୋକ୍ତି ପରବର୍ତ୍ତୀ କାଳରେ ଅନୁଗତମାନଙ୍କୁ ସଂଶୟମୁକ୍ତ କରିଥିଲା — ''ଭଗବାନଙ୍କର ମାତୃଭାବ ସମ୍ବନ୍ଧୀୟ ଧାରଣା ବ୍ରାହ୍ମସମାଜ ପରମହଂସଙ୍କ ଜୀବନରୁହିଁ ପାଇଥିଲା । ବିଶେଷତଃ ଆମମାନଙ୍କର ଆଚାର୍ଯ୍ୟ (କେଶବ ଚନ୍ଦ୍ରସେନ) ତାଙ୍କ ନିକଟରୁ ଈଶ୍ୱରଙ୍କୁ ମା' ବୋଲି ଡାକିବାକୁ ଏବଂ ଶିଶୁସୁଲଭ ଢଙ୍ଗରେ ତାଙ୍କରି ପାଖରେ ପ୍ରାର୍ଥନା କରିବାକୁ ଶିକ୍ଷା କରିଥିଲେ । ଏଥିପୂର୍ବରୁ ବ୍ରାହ୍ମଧର୍ମ ଜ୍ଞାନ ପ୍ରଧାନ ଓ ଶୁଷ୍କ ଯୁକ୍ତିତର୍କରେ ପୂର୍ଣ୍ଣ ଥିଲା । ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୀବନାଦର୍ଶ ବ୍ରାହ୍ମଧର୍ମରୁ ଶୁଷ୍କତା ଦୂର କରି ଏହାକୁ ଅଧିକ ପ୍ରିୟତମ ଓ ଭକ୍ତିମୟ କରିଥିଲା ।''

ଠାକୁର କିନ୍ତୁ ଏସବୁରୁ ବହୁ ଊର୍ଦ୍ଧ୍ୱରେ, ବାଳକବତ୍ । ତାଙ୍କ ପାଇଁ ବ୍ରହ୍ମ ଓ ଶକ୍ତି ଏକ ଓ ଅଭିନ୍ନ । ସନ୍ଦେହ ମୁକ୍ତ ହେବା ପାଇଁ ସେ ବାରଂବାର କହୁଥିଲେ, ''ସେହିଁ ନିରାକାର ସେ ପୁଣି ସାକାର । ସେ ମଧ୍ୟ ସ୍ୱରାଟ ଆଉ ବିରାଟ । ସେହିଁ ବ୍ରହ୍ମ ଓ ସେହିଁ ଶକ୍ତି । ତାଙ୍କର ଇତି ନାହିଁ ... ଆରମ୍ଭ ନାହିଁ । ତାଙ୍କ ଦ୍ୱାରା ସବୁ ସମ୍ଭବ । ଚିଲ ଶାଗୁଣା ଯେତେ ଉପରକୁ ଉଠନ୍ତୁ ନା କାହିଁକି, ଆକାଶକୁ ଛୁଇଁ ପାରିବେ ନାହିଁ । ଯଦି ପ୍ରଶ୍ନ କର ବ୍ରହ୍ମ କିପରି ... ତାହା କହି ହୁଏ ନାହିଁ । ସାକ୍ଷାତ୍କାର ହେଲେ ମଧ୍ୟ ମୁହଁରେ କହି ହୁଏ ନାହିଁ । ଯଦି କେହି ପ୍ରଶ୍ନ କରେ, କିପରି ଘିଅ ? ଉତ୍ତର ହେବ ଯେପରି ଘିଅ । ବ୍ରହ୍ମର ଉପମା ବ୍ରହ୍ମ, ଆଉ କିଛି ନୁହେଁ ।'' ❑

ବ୍ରାହ୍ମସମାଜ ନିଜର ପ୍ରାରମ୍ଭିକ ଅବସ୍ଥାରେ ଏକ ସାର୍ବଜନୀନ ବିଚାର ଉପରେ ପ୍ରତିଷ୍ଠିତ ଥିଲା । ସେଥିରେ ଯେଉଁ ସମନ୍ୱୟ ପାଇଁ ଉଦ୍ୟମ ହୋଇଥିଲା ତହିଁରେ ଉପାଦାନ ସଂଗ୍ରହରେ ବିଭିନ୍ନ ବିଶ୍ୱାସର ବିଷୟବସ୍ତୁ ସବୁ ସଂକଳିତ ହୋଇଥିଲା । ଏହା ବେଦାନ୍ତର ପ୍ରାଥମିକ ପ୍ରେରଣା ସହ ଯୁକ୍ତ କରିଥିଲା ଏପରି ସବୁ ବାହ୍ୟ ରୂପାବଳୀ ଯାହା ପାଶ୍ଚାତ୍ୟ ଏକେଶ୍ୱରବାଦ ଓ ସେହି ଭାବର ପାଖାପାଖି ଏବଂ ତା' ସହିତ ମିଶି ରହିଥିଲା ଖ୍ରୀଷ୍ଟିଆନ୍ ଧର୍ମର କିଛିଟା ପ୍ରଭାବ, ଧାର୍ମିକ ଯୁକ୍ତିବାଦ ଓ ବୌଦ୍ଧିକତାର ଏକ ବଳିଷ୍ଠ ମାତ୍ରା ।

(SABCL - Vol. 14, p. 418) — ଶ୍ରୀଅରବିନ୍ଦ

## ଶ୍ରୀରାମକୃଷ୍ଣ ଚରିତାମୃତ (୧୯)

# ପ୍ରଥମ ସ୍ପର୍ଶ

## ସନ୍ତୋଷ କୁମାର ରଥ

ଭରା ନଈର ଜଳରେ ଚାତକର ତୃଷା ମେଣ୍ଟେ ନି। ସେ ଶୋଷିଲା; ଚାହିଁ ରହେ ଆକାଶକୁ, ପହିଲି ବର୍ଷାକୁ। ଠାକୁରଙ୍କ ଅବସ୍ଥା ଅନୁରୂପ। ଏତେ ଭକ୍ତଙ୍କ ମେଳରେ ସେ ଯେ କାହା ପାଇଁ ଚାତକ କେବଳ ସେହିଁ ଜାଣନ୍ତି !

ଦୁଇଟି ଝିଅ ପରେ ପୁଅଟିଏ ପାଇଁ ଉହଳବିକଳ ହେଉଥା'ନ୍ତି ଭୁବନେଶ୍ୱରୀ ଦେବୀ। ପରିବାରର ଆଭିଜାତ୍ୟ, ପ୍ରସିଦ୍ଧ ଓକିଲ ହିସାବରେ ସ୍ୱାମୀ ବିଶ୍ୱନାଥ ଦତ୍ତଙ୍କ ଯଶପ୍ରଶଂସା କିଛି ବି ତାଙ୍କୁ ତୃପ୍ତ କରିପାରିଲା ନାହିଁ। ଶେଷର ସୁଅ-ଭସା କୁଟାଖିଅକୁ ଆଶ୍ରା କଲେ। ନିଜ ଦୁଃଖକୁ ପଣତ କରି ଚିଠି ଲେଖିଲେ କାଶୀରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ନିକଟକୁ। ସଅଁପି ଦେଲେ ନିଜକୁ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ନିକଟରେ।

ବହୁ ଦିନର ଈପ୍‌ସିତ ଆଶା ପୂରଣ ହେଲା। ତୁଷାର ଧବଳ ରଜତବର୍ଣ୍ଣ କୈଳାସେଶ୍ୱର ଆସି ସମ୍ମୁଖରେ ଦଣ୍ଡାୟମାନ। ହସ୍ତର ମୁଦ୍ରା ବରଦ। ଧୀରେ ଧୀରେ ସେହି ଦୃଶ୍ୟ ବଦଳିଗଲା। ଜଟାଜୁଟଧାରୀ ସ୍ୱୟଂଭୂ ପାଲଟି ଗଲେ ଦିବ୍ୟକାନ୍ତି ଯୁକ୍ତ ଛୋଟ ଶିଶୁଟିଏ। ଆଶ୍ରୟ ନେଲେ ମା'ର କୋଳରେ – ଭୁବନେଶ୍ୱରୀ ଦେବୀଙ୍କ ନିଦ ଭାଙ୍ଗିଗଲା। ରାତି ସେତେବେଳକୁ ପହରେ ବାକି, ମାତ୍ର ତାଙ୍କୁ ଲାଗୁଥାଏ ସତେ ଯେମିତି ଶତ ସୂର୍ଯ୍ୟଙ୍କ କିରଣ ଠୁଳ ହୋଇ ଆଡ଼େଇ ରଖିଛି ଅନ୍ଧାରକୁ। ଆନନ୍ଦରେ ବିଭୋର ହୋଇ ଉଠିଲେ – ''ହେ ଶିବ, ହେ ଶଙ୍କର, ହେ କରୁଣାମୟ, ତୁମେ ମୋର ପ୍ରାର୍ଥନା ପୂରଣ କଲ। ମୁଁ ଯେ ଅକିଞ୍ଚନ।'' ଭୂମିଷ୍ଠ ହୋଇ ପ୍ରଣାମ ଜଣାଇଲେ କାଶୀ ବିଶ୍ୱେଶ୍ୱରଙ୍କୁ।

୧୮୬୩ ମସିହା ଜାନୁଆରି ୧୨ ତାରିଖର ସୂର୍ଯ୍ୟ ସେ ପର୍ଯ୍ୟନ୍ତ ଉଇଁ ନ ଥା'ନ୍ତି, ବାକିଥାଏ ଛଅ ମିନିଟ୍। ସେଦିନ ଥିଲା ମକର ସପ୍ତମୀ, ପୁଷ ଜାଡ଼ରେ ବୁଡ଼ ଦେବା ପାଇଁ ଭିଡ଼ ଜମିଥାଏ ଗଙ୍ଗା ଘାଟରେ। ଘରେ ଘରେ ମହୋତ୍ସବ। ଠିକ୍ ସେତିକିବେଳେ ବିଶ୍ୱେଶ୍ୱରଙ୍କର ମାନୁଷୀ ବିଗ୍ରହ ଭୂମିଷ୍ଠ ହେଲେ ଦତ୍ତ ପରିବାରରେ। ନାମ ରଖାଗଲା ନରେନ୍ଦ୍ରନାଥ ଦତ୍ତ, ଘରର ଆତ୍ମୀୟମାନେ ବିଶ୍ୱେଶ୍ୱର ନାମ ରଖିବାକୁ ଯାଇ ଡାକିଲେ 'ବିଲେ' (ବିବେକାନନ୍ଦଙ୍କର ପିଲାଦିନର ନାମ)।

ପିଲାଦିନରୁ ନରେନ୍ଦ୍ରନାଥ ଥିଲେ ସଦା ଚଞ୍ଚଳ, ସ୍ପଷ୍ଟବାଦୀ ଓ ନିର୍ଭୀକ। ସମୟେ ସମୟେ ମା'ଙ୍କ ଆକଟଠାରୁ ବାଳ ଚପଳତା ଉବୁରି ଉଠିଲେ ଭୁବନେଶ୍ୱରୀ ଦେବୀ 'ଶିବ' 'ଶିବ' କହି ତାଙ୍କ ମୁଣ୍ଡରେ ପାଣି ଢାଳିଦେଉଥିଲେ ଏବଂ ସେ ସଙ୍ଗେ ସଙ୍ଗେ ଗଦ ଶୁଙ୍ଘା ସାପ ପରି ଶାନ୍ତ ପଡ଼ିଯାଉଥିଲେ। ଏଭଳି ଏକ ଅଭିନବ ଉପାୟ ବାହାର କରି ଭୁବନେଶ୍ୱରୀ ଦେବୀ ବେଶ୍ କିଛି ଦିନ ତ୍ରାହି ପାଇଗଲେ। ମାତ୍ର ଅତ୍ୟଧିକ ବିରକ୍ତ ହେଲେ କହି ପକାଉଥିଲେ, ''ମହାଦେବ ନିଜେ ନ ଆସି କେଉଁଠାରୁ ଏ ଭୂତଟାକୁ ପଠାଇଦେଲେ କେଜାଣି ? ଦେଖ୍ ବିଲେ, ତୁ ଏପରି ଦୁଷ୍ଟାମି କଲେ ମହାଦେବ ତୋତେ ଆଉ କୈଳାସ ଭିତରକୁ ପ୍ରବେଶ କରାଇ ଦେବେ ନାହିଁ।''

''ମା, ମୁଁ ଯଦି ସାଧୁ ହୁଏ, ଶିବ କ'ଣ ମୋତେ ତାଙ୍କ ପାଖକୁ ଫେରାଇ ନେବେ ନାହିଁ ? – ଉତ୍ତର ଦେଲେ ନରେନ୍ଦ୍ରନାଥ। ''ହଁ ନିଶ୍ଚୟ ନେବେ'' – ଅନ୍ୟମନସ୍କ ହୋଇ କହି ପକାଇଲେ ଭୁବନେଶ୍ୱରୀ ଦେବୀ। ମାତ୍ର ହୃଦୟଟା ତାଙ୍କ ଅଜଣା ଆଶଙ୍କାରେ କମ୍ପି ଉଠିଲା। ମନେ ପଡ଼ିଗଲା ଶଙ୍କରଙ୍କ କଥା (ବାଲ୍ୟୁତ ବୟସରୁ ସନ୍ୟାସୀ ହୋଇଯାଇଥିଲେ)। ଯେତେହେଲେ ମା' ମନ, ଦାୟୀରେ ନ ପଡ଼ିବା ଯାଏ ହୃଦୟ ବ୍ୟଥା ସହିବା କ'ଣ ଏତେ ସହଜ ? ଆଖି ପୋଛା ଭିଜା ପଣତରୁ ମନକୁ ଓହରେଇ ନେଇ ଭାବିଲେ – ଭଗବାନଙ୍କର ଯାହା ଇଚ୍ଛା ତାହାହିଁ ହେବ, ମୁଁ ବାଧା ଦେବାକୁ କିଏ ?

ନରେନ୍ଦ୍ରଙ୍କର ପିଲା ଦିନର ଖେଳ ଥିଲା ଭିନ୍ନ ଢଙ୍ଗର। କେତେବେଳେ ମା'ଙ୍କୁ ଅନୁକରଣ କରି ଶିବଙ୍କର ପୂଜା କରୁଥିଲେ ତ, ପୁଣି କେତେବେଳେ ମୂର୍ତ୍ତି ସାମନାରେ ବସି ଧ୍ୟାନସ୍ଥ ହୋଇ ଯାଉଥିଲେ। ଦିନେ ସନ୍ଧ୍ୟା ରତ ରତ। ନିଜେ ଦେହରେ ପାଉଁଶ ବୋଳି ହୋଇ ଶିବ ପାଲଟିଲେ। ତାଙ୍କୁ ଦେଖି ଅନ୍ୟ ସାଙ୍ଗମାନେ ମଧ୍ୟ ପାଉଁଶ ବୋଳି ହୋଇ ତାଙ୍କ ଚାରିକଡ଼ରେ ବସି ଧ୍ୟାନ କରିବାକୁ ଆରମ୍ଭ କରିଦେଲେ। ଅଳ୍ପ ସମୟ ବିତିଛି କି ନାହିଁ ଘର ଭିତରୁ ଚିତ୍କାର ଶୁଭିଲା – ''ସାପ, ସାପ''। ସାଙ୍ଗମାନେ ଘଡ଼ିକେ ଘରୁ ବାହୁଡ଼ିଗଲେ ଏବଂ ନରେନ୍ଦ୍ରଙ୍କ ବାପା ମା' ଓ

ଅନ୍ୟମାନେ ଆସି ରୁଣ୍ଡ ହୋଇଗଲେ । ସମସ୍ତେ ଭୟରେ ଜୁଡୁବୁଡୁ, ମାତ୍ର ନିରୁପାୟ । ବିଷଧର ସାପଟି ଫଣା ଟେକି ରହିଥିଲା ନରେନ୍ଦ୍ରଙ୍କ ସାମ୍ନାରେ । ଉଭୟେ ଧ୍ୟାନସ୍ଥ, ଯୋଗ ମୁଦ୍ରାରେ ସ୍ଥିର ନିଶ୍ଚଳ । କିଛି ସମୟ ପରେ ସାପଟି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା କେହି ତା'ର ଟେର ପାଇଲେ ନି । ନରେନ୍ଦ୍ରନାଥ ଧ୍ୟାନରୁ ଉଠି ଆଶ୍ଚର୍ଯ୍ୟ ହୋଇ କହିଲେ, ''ତୁମେମାନେ ସବୁ ଏଠି ! ମୁଁ ସାପ କଥା କିଛି ଜାଣି ନାହିଁ, ମୁଁ ଏକ ପ୍ରକାର ଅପୂର୍ବ ଆନନ୍ଦ ଉପଭୋଗ କରୁଥିଲି ।''

ରାମାୟଣ ଓ ମହାଭାରତର କାହାଣୀ ଶୁଣିବାକୁ ନରେନ୍ଦ୍ରନାଥ ଭାରି ଭଲ ପାଉଥିଲେ ଏବଂ ସେଥିରେ ବର୍ଣ୍ଣିତ ଅଲୌକିକତା ଓ ବୀରତ୍ୱର ପଟ୍ଟଭୂମିରେ ହଜାଇ ଦେଉଥିଲେ ନିଜକୁ । ବୀର ହନୁମାନ୍ ଯେ ଅମର, ଏବେ ବି ଜୀବିତ ଅଛନ୍ତି ଶୁଣି ଦିନେ ପୁରାଣ-ପଣ୍ଡାଙ୍କୁ ପ୍ରଶ୍ନକଲେ, ''ମହାଶୟ, ଆପଣ କହିଲେ ଯେ ହନୁମାନ୍ କଦଳୀ ଖାଇବାକୁ ଭଲ ପାଆନ୍ତି ଏବଂ କଦଳୀ ବଗିଚାରେ ରୁହନ୍ତି; ମୁଁ ସେଠାକୁ ଗଲେ ତା'ହେଲେ ତାଙ୍କୁ ଦେଖିପାରିବି ।'' ନରେନ୍ଦ୍ରଙ୍କ ଦୃଢ଼ତାକୁ ଏଡ଼ାଇ ଦେବାର ଚାରା ନ ଥିଲା ପଣ୍ଡା ମହାଶୟଙ୍କର । ବାଧ ହୋଇ 'ହଁ' ଭରିଲେ । ନରେନ୍ଦ୍ର ସମସ୍ତଙ୍କ ଅଗୋଚରରେ ସିଧା ଚାଲିଲେ ଘର ପାଖ କଦଳୀ ବଗିଚାକୁ । ଅନେକ ରାତି ପର୍ଯ୍ୟନ୍ତ ସେଇଠି ବସି ରହି, ଶେଷକୁ ଘରକୁ ଫେରିଆସିଲେ ଏବଂ ମା'ଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇଲେ । ବ୍ୟସ୍ତ ବିକଳ ମା' କୋଳ ସାଇତା କରି କହିଲେ, ''ଧନରେ, ତୁ ଦୁଃଖ କରନା । ଆଜି ହୁଏତ ହନୁମାନ୍ ରାମଙ୍କ କାମରେ କୁଆଡ଼େ ଯାଇଥିବେ । ଆଉ ଦିନେ ନିଶ୍ଚୟ ଦେଖା ହେବ ।'' ବିଶ୍ୱାସ ସଳଖି ଚାହିଁଲା, ଶିଶିର ଛୁଆଁ ବାଆରେ ଖରା ମଉଳା ଫୁଲଟା ପୁଣି ଫୁଟି ଉଠିଲା ନରେନ୍ଦ୍ରଙ୍କ ମୁହଁରେ ।

ଉଦୀୟମାନ ଯୁବକ ନରେନ୍ଦ୍ରନାଥଙ୍କ ଧୀ-ଶକ୍ତି, ଚପଳ-ଚଟୁଳ-ବାକ୍ୟ-ବିନ୍ୟାସ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଯୋଗୁଁ ସେ ଅନ୍ୟାନ୍ୟ ଛାତ୍ରମାନଙ୍କ ଗହଣରେ ନଭମଣ୍ଡଳର ସୂର୍ଯ୍ୟଙ୍କ ପରି ଝଟକି ଉଠିଲେ । ସେତେବେଳକୁ ସେ ଏଫ୍. ଏ. (ଆଜିର ବି. ଏ.) ପରୀକ୍ଷାର ଛାତ୍ର । ଆରମ୍ଭ ହେଲା ମନରେ ଏକ ଅଶାନ୍ତ ଝଡ଼; କିଏ ସେହି ସର୍ବଶକ୍ତିମାନ୍ ପୁରୁଷ ଯାହାଙ୍କ ଇଙ୍ଗିତରେ ଏ ବିଶ୍ୱ ପରିଚାଳିତ ହେଉଛି ? କେଉଁ ଶକ୍ତିରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ମଣ୍ଡଳ ନିଜ ନିଜ କକ୍ଷରେ ଘୂରୁଛନ୍ତି, କେମିତି ସୃଷ୍ଟି ହେଉଛି ଜଡ଼ ମଧ୍ୟରୁ ଜୀବନ ପୁଣି ଭୂତ ସକଳ ? ଯଦି ଈଶ୍ୱର ସର୍ବ ଭୂତରେ ବିଦ୍ୟମାନ, ଏପରିକି ଜଡ଼ରେ ମଧ୍ୟ କେହି କ'ଣ ଈଶ୍ୱରଙ୍କୁ ଦେଖିଛି ? ଏଇ ଜିଜ୍ଞାସା ଏତେ ପ୍ରବଳ ହେଲା ଯେ ସେ ବହୁ ଧର୍ମସଭା ଏବଂ ପ୍ରବଚନ ଆସରରେ ଯୋଗଦେଇ ଶେଷରେ ବକ୍ତାଙ୍କୁ ଯାଇ ପଚାରୁଥିଲେ, ''ମହାଶୟ, ଆପଣ ତ ଈଶ୍ୱରଙ୍କର ଏତେ ସୁନ୍ଦର ଗୁଣଗାନ କଲେ, ଆପଣ କ'ଣ ଈଶ୍ୱରଙ୍କୁ ଦେଖିଛନ୍ତି ? ମୋତେ ଦେଖାଇ ଦେଇ ପାରିବେ ?'' ଯେତେ ସବୁ ବାଗ୍ମୀ, ବିଜ୍ଞ ଓ ବୟସ୍କ ସଭିଏଁ ହାର ମାନିଲେ । ପ୍ରଶ୍ନପରି ସିଧା-ସଳଖ ଉତ୍ତର ଦେବା ପାଇଁ କାହାରି ଜୁ ନ ଥିଲା । କେହି କେହି ଭରସା ଦେଇ କହୁଥିଲେ, ''ହଁ, ସାଧନା କଲେ ନିଶ୍ଚୟ ସମ୍ଭବ । ଭଗବାନ୍ ତ ସବୁଠି ବିଦ୍ୟମାନ ।'' ଶେଷରେ ସେ ବ୍ରାହ୍ମ ସମାଜରେ ଯୋଗଦେଲେ, ହେଲେ ତାଙ୍କର ଶୋଷ ମେଣ୍ଟିଲାନି ।

ଦିନକର କଥା, ଠାକୁର କଲିକତାର ଶିମିଳା ପଲ୍ଲୀରେ ରହୁଥିବା ସୁରେନ୍ଦ୍ରନାଥ ମିତ୍ରଙ୍କ ଘରକୁ ନିମନ୍ତ୍ରିତ ହୋଇ ଯାଇଥିଲେ ଆସରରେ ଯୋଗ ଦେବା ପାଇଁ । ଠାକୁରଙ୍କ ବେଶଭୂଷା ବଡ଼ ଅଦ୍ଭୁତ, ଆଣ୍ଠୁଲୁଚା ଖଣ୍ଡେ ସାଧା ଧୋତି ସାଙ୍ଗକୁ କଳା ଜାମା, ଅଣ୍ଟାରେ ବନ୍ଧା ହୋଇଥିଲା ଦୋସଡ଼ା ଖଣ୍ଡକ । ମୁଣ୍ଡ ଅକୁଣ୍ଡିଆ । ସଭିଙ୍କ ଦୃଷ୍ଟି କିନ୍ତୁ ଠାକୁରଙ୍କ ଆଡ଼କୁ । ଗୋଲେଇ ତକିଆକୁ ଡିରାଦେଇ ଠାକୁର ବସି ପଡ଼ିଲେ ଭକ୍ତଙ୍କ ମେଳରେ । ଠାକୁର ଯେ ସଙ୍ଗୀତପ୍ରେମୀ ଏକଥା ସଭିଙ୍କୁ ଜଣା । ସେଦିନ ଭଲ ଗାୟକ ଜଣେ ନ ମିଳିବାରୁ ପଡ଼ୋଶୀ ନରେନ୍ଦ୍ରଙ୍କୁ ଡାକି ଆଣିଥିଲେ ସୁରେନ୍ଦ୍ରନାଥ । ମାତ୍ର ଉପକୂଳରେ ଉପଳ ଗଦା ଭିତରୁ ଠାକୁର ଯେ ଶାଳଗ୍ରାମ ସାଉଁଟି ପାଇବେ ଏକଥା କାହାରିକୁ ଜଣା ନ ଥିଲା । ପୁଣି କିଏ ବା କାହିଁ ଜାଣିବ ନରେନ୍ଦ୍ରଙ୍କ ଭିତରେ ବଟବୃକ୍ଷ ପରି ଏତେ ବଡ଼ ସମ୍ଭାବନା ଚେଇଁ ଶୋଇଛି ! ମାତ୍ର ଜାଣିଲେ ଠାକୁର । ଆସର ଶେଷରେ ନରେନ୍ଦ୍ରଙ୍କୁ ପାଖକୁ ଡାକି କହିଲେ, ''ବାବା, ତୁମେ ଦକ୍ଷିଣେଶ୍ୱର ନିଶ୍ଚୟ ଆସିବ । ମୁଁ ତୁମକୁ ଚାହିଁ ରହିଲି ।''

ଇତି ମଧ୍ୟରେ ଏଫ୍. ଏ. ପରୀକ୍ଷା ଯୋଗୁଁ ନରେନ୍ଦ୍ରନାଥ ଦକ୍ଷିଣେଶ୍ୱର ଯିବା କଥା ପୂରାପୂରି ଭୁଲିଗଲେ । ପରୀକ୍ଷା ଶେଷ ହେଲା, ପରେ ପରେ ତାଙ୍କର ବାପା ଓ ବନ୍ଧୁବାନ୍ଧବ ବେଶ୍ ତତ୍ପର ହୋଇ ଉଠିଲେ – ଆରମ୍ଭ ହେଲା ସଂସାର ବନ୍ଧନରେ ବାନ୍ଧିଦେବାର ଯୋଜନା । ମାତ୍ର ନରେନ୍ଦ୍ରନାଥ ପୂରାପୂରି ଅମଙ୍ଗ । ସଂସାର-ଜୀବନ କଥା ଭାବିଲା ବେଳକୁ ସେ ଯେ ଅନ୍ତର ମଧ୍ୟରେ ଏକ ଅଶାନ୍ତି ଅନୁଭବ କରୁଥିଲେ ଏକଥା ସେ

ଜଣାଇଦେଲେ । ତାଙ୍କର ଜଣେ ଆତ୍ମୀୟ ପାଖକୁ ଡାକି କହିଲେ, ‘‘ଦେଖ୍, ତୋର ଯଦି ପ୍ରକୃତରେ ସତ୍ୟ ଲାଭ କରିବାକୁ ଇଚ୍ଛାଥାଏ, ତେବେ ବ୍ରାହ୍ମସମାଜ କିଂବା ଏଠି ସେଠି ଘୂରି ନ ବୁଲି ଦକ୍ଷିଣେଶ୍ୱରର ପରମହଂସଙ୍କ ପାଖକୁ ଯା’, ସେହିଁ ଦେବେ ଯଥାର୍ଥ ଦିଗ୍‌ଦର୍ଶନ ।’’ ନରେନ୍ଦ୍ରନାଥ ଚମକି ଚାହିଁଲେ, ମାଟି ତଳର ଜୀବାଶ୍ମ ସତେ ଯେମିତି ଜୀବନ୍ତ ହୋଇଉଠିଲା ।

ଏଣେ ଠାକୁରଙ୍କ ଅବସ୍ଥା ଅସମ୍ଭାଳ, ଅପେକ୍ଷାର ଅପୁହା ରାତିକୁ ଜାଗର ଜାଳି ବସୁଥିଲେ । ଯାହାକୁ ଦେଖିଲେ ପଚାରୁଥିଲେ – ‘‘ତୁମେ ନରେନ୍ଦ୍ରକୁ ଦେଖିଥିଲ, କାହିଁ ସେ ତ ଆସିଲା ନି !’’ ଦିନେ ରାତି ଅଧରେ ପିନ୍ଧା ଲୁଗାକୁ ହାତରେ ଧରି ଘରୁ ବାହାରି ଆସିଲେ ଠାକୁର । ବାହାର ବାରଣ୍ଡାରେ ଶୋଇଥିଲେ କଲିକତାର ରାମଦୟାଲ ବାବୁ । ସେଦିନ ସେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ସହ ଆସିଥିଲେ ଠାକୁରଙ୍କ ଦର୍ଶନ ପାଇଁ । ‘‘ଆହେ, ଶୋଇ ଗଲଣି କି ?’’ – ରାମଦୟାଲ ବାବୁ ଧଡ଼ ପଡ଼ ହୋଇ ଉଠିପଡ଼ିଲେ, ଦେଖିଲେ ପାଖରେ ଠାକୁର । ପିଲାଛେଉଣ୍ଡ ବାପର ବିକଳ ଅବସ୍ଥା । ଆଖି ତାଙ୍କର ଛଳ ଛଳ ହୋଇଗଲା । ଠାକୁର କହିଲେ, ‘‘ଦେଖ, ନରେନ୍ଦ୍ର ଲାଗି ପ୍ରାଣ ଭିତରଟା ଗାମୁଛା ଚିପୁଡ଼ି ଦେଲା ଭଳି ଚିପୁଡ଼ି ହୋଇ ଯାଉଛି । ଆଖିକୁ ନିଦ ନାହିଁ । ଯେମିତି ହେଲେ ଆସି ମୋତେ ଥରେ ଦେଖା କରିବାକୁ ତାକୁ କୁହ । ସେ ଶୁଦ୍ଧ ସତ୍ତ୍ୱ ଗୁଣର ଆଧାର, ସାକ୍ଷାତ୍ ନାରାୟଣ । ତାକୁ ନ ଦେଖିଲେ ମୁଁ ରହିପାରୁ ନାହିଁ ।’’

ନରେନ୍ଦ୍ର ଦକ୍ଷିଣେଶ୍ୱର ଆସିଲେ । ସାଗର ଖୋଜା ନଈ ଯେ ମୁହାଣ ଛୁଇଁଲାଣି ସେକଥା ତାଙ୍କୁ ଜଣା ନ ଥିଲା । ମାତ୍ର ସାଗର ସ୍ୱାଗତ କଲା ନଈକୁ, ଆବୋରି ନେଲା ବକ୍ଷରେ । ‘‘ତୁ କିପରି ଏତେକାଳ ମୋତେ ଭୁଲି ଯାଇଥିଲୁ ? ତୁ ଆସିବୁ ବୋଲି ମୁଁ କେତେ ଦିନ ହେଲା ତୋ ବାଟ ଚାହିଁ ବସିଛି । ବିଷୟୀ ଲୋକମାନଙ୍କ ସଙ୍ଗେ କଥା କହି କହି ମୋ ମୁହଁ ପୋଡ଼ି ଗଲାଣି । ଆଜିଠାରୁ ତୋ ଭଳି ଜଣେ ଯଥାର୍ଥ ତ୍ୟାଗୀ ସହ କଥା ହୋଇ ଶାନ୍ତି ପାଇବି ।’’ – ଠାକୁର ଏତିକି କହୁ କହୁ ଭାବରେ ବିହ୍ୱଳ । ଆଖି ପାଣିଭସା ପଦ୍ମ ପରି ଢଳଢ଼ଳ ।

ନରେନ୍ଦ୍ର ସେତେବେଳକୁ ଗୋଲକଧନ୍ଦାରେ । ପରୀକ୍ଷା ପ୍ରବଣ ମନ ତାଙ୍କର ତଉଲୁ ଥିଲା ଠାକୁରଙ୍କ ମାନସିକ ସ୍ଥିତିକୁ- ଅତଳ ଅଥଳ ସେ ଗଭୀରତା, ଚାହାଣିରେ ଚୁମ୍ବକର ଆକର୍ଷଣ, କଥାରେ ବଂଶୀର ମୋହନ । ଭାବିଲେ – ଏତ ଉନ୍ମତ୍ତ ନୁହେଁ; ନିଶ୍ଚୟ ଜଣେ ଅସାଧାରଣ । ଠାକୁରଙ୍କ ଆଖିରେ ପଲକ ନ ଥିଲା । ଚାହିଁ ରହିଥିଲେ, ସେ ଚାହାଣି ଭେଦି ଯାଉଥିଲା ନରେନ୍ଦ୍ରଙ୍କ ହୃଦୟର ଗଭୀରତାକୁ । କୃତାଞ୍ଜଳିପୁଟରେ କହିଲେ, ‘‘ମୁଁ ଜାଣେ, ତୁମେ ସପ୍ତର୍ଷିମଣ୍ଡଳର ଜଣେ ଋଷି ନରରୂପୀ ନାରାୟଣ; ଜୀବର କଲ୍ୟାଣ କାମନା କରି ଦେହ ଧାରଣ କରିଛ ।’’

ସେଦିନ ଫେରି ଆସିଲେ ନରେନ୍ଦ୍ର, ହେଲେ ନିଜର କୁହୁଡ଼ି ଘୋଡ଼ିଆ ଘେର ଭିତରୁ ଖୋଜୁଥିଲେ ଠାକୁରଙ୍କ ଜ୍ୟୋତିଃ ମଣ୍ଡଳକୁ । ବ୍ରାହ୍ମ-ସମାଜକୁ ଯିବା ସେପର୍ଯ୍ୟନ୍ତ ପୂରାପୂରି ବନ୍ଦ ହୋଇ ନ ଥିଲା । କେବେ କେଉଁଠି ବ୍ରାହ୍ମ-ସମାଜର ଆସର ହେଲେ ସେ ଗୀତା ଗାଇବା ପାଇଁ ନିମନ୍ତ୍ରିତ ହେଉଥିଲେ, ଏଣେ ଦକ୍ଷିଣେଶ୍ୱର ଯାଉଥିଲେ । ଠାକୁରଙ୍କୁ ଏକଥା ଜଣାଥିଲା । ଥରେ ବ୍ରାହ୍ମ-ସମାଜର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ଠାକୁର କହି ପକାଇଲେ, ‘‘ଧ୍ୟାନରେ ଦେଖିଲି, କେଶବ (ବିଶିଷ୍ଟ ବ୍ରାହ୍ମବାଦୀ) ଯେଉଁ ଶକ୍ତି ବଳରେ ପ୍ରତିଷ୍ଠା ଲାଭ କରିଛି, ନରେନ୍ଦ୍ରଠାରେ ତାହାର ଅଠରଗୁଣ ଶକ୍ତି ରହିଛି । କେଶବଠାରେ ଜ୍ଞାନର ପ୍ରଦୀପ ଜଳୁଛି – ମାତ୍ର ଏହା ମଧ୍ୟରେ ଜ୍ଞାନର ସୂର୍ଯ୍ୟ ରହିଛି ।’’

‘‘ଆପଣ ଏ କ’ଣ କହୁଛନ୍ତି ? କେଉଁଠି ଜଗତ୍-ବିଖ୍ୟାତ କେଶବ ସେନ, ଆଉ କେଉଁଠି ଜଣେ ନଗଣ୍ୟ କଲେଜ ଛାତ୍ର ନରେନ୍ଦ୍ର – ଲୋକେ ଶୁଣିଲେ ଆପଣଙ୍କୁ ପାଗଳ ବୋଲି କହିବେ ।’’ – ପ୍ରତିବାଦର ସ୍ୱର ତୋଳିଲେ ନରେନ୍ଦ୍ରନାଥ । ଠାକୁର ଈଷତ୍ ହସି ଉତ୍ତର ଦେଲେ, ‘‘କ’ଣ କରିବି କହ, ମା’ ଯାହା ଦେଖାଇ ଦେଲେ, ମୁଁ ତାହାହିଁ କହୁଛି ।’’ ନରେନ୍ଦ୍ରଙ୍କ ବିସ୍ମୟ ଆହୁରି ବିସ୍ତରିଗଲା । ଦୃପ୍ତ କଣ୍ଠ ତାଙ୍କର ସ୍ୱତଃ କହି ଉଠିଲା, ‘‘ମା’ ଦେଖାଇ ଦେଲେ ନା ଆପଣଙ୍କ ମସ୍ତିଷ୍କର ଖିଆଲ – କିପରି ବୁଝିବି ? ମୋତେ ଏସବୁ ଖିଆଲ ପରି ମନେ ହୁଏ ।’’

ପାହାନ୍ତି ଅନ୍ଧାର ନରେନ୍ଦ୍ରଙ୍କ ମନରୁ ସେଯାଏଁ ଆଡ଼େଇ ହୋଇ ନ ଥାଏ, ପୁଣି ଆରମ୍ଭ ହେଲା ସମୁଦ୍ର ମନ୍ଥନ । ସେଇ ପୁରୁଣା ସଂଶୟ ଧରି ଦିନେ ଧାଇଁଗଲେ ମହର୍ଷି ଦେବେନ୍ଦ୍ରନାଥଙ୍କ (ବ୍ରାହ୍ମସମାଜର ଦିଗ୍‌ଦର୍ଶକ) ନିକଟକୁ – ‘‘ମହାଶୟ, ଆପଣ ଈଶ୍ୱରଙ୍କୁ ଦେଖିଛନ୍ତି ?’’ ମହର୍ଷି ଥରେ ଚାହିଁଲେ ନରେନ୍ଦ୍ରଙ୍କ ପ୍ରଶ୍ନିଳ ଆଖି ଦୁଇଟିକୁ ମାତ୍ର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । ଘଡ଼ିଏ ନୀରବତା ପରେ ଏତିକି କହିଲେ, ‘‘ନରେନ୍ଦ୍ର, ତୁମ ଆଖିରୁ ମୁଁ ବୁଝି ପାରୁଛି, ତୁମେ ଜଣେ ଯୋଗୀ ।’’ ନରେନ୍ଦ୍ର କିନ୍ତୁ

ସନ୍ତୁଷ୍ଟ ହେଲେ ନି, ଆଗ୍ନେୟଗିରିର ଉତ୍ତପ୍ତ ଲାର୍ଭାକୁ ହୃଦୟରେ ଚାପି ରଖି ଘରକୁ ଫେରି ଆସିଲେ । ସେତେବେଳକୁ ସେ ଉନ୍ମତ୍ତପ୍ରାୟ । ନିଜ କୋଠରିର ଧର୍ମ ଓ ଦର୍ଶନ ସମ୍ବନ୍ଧୀୟ ପୁସ୍ତକ ସବୁକୁ ଦୂରକୁ ଫିଙ୍ଗି ଦେଲେ – ଯଦି ଏହି ବହିଗୁଡ଼ିକ ମୋତେ ଈଶ୍ୱର ଲାଭ କରିବାରେ ସାହାଯ୍ୟ ନ କଲା ତେବେ ଏହାକୁ ପାଠକରି ଲାଭ କ'ଣ ?

ରୁଦ୍ଧ କୋଠରି ଭିତରେ ପଦଚାରଣା କରୁ କରୁ ହଠାତ୍ ତାଙ୍କର ମନେ ପଡ଼ିଗଲା ଠାକୁରଙ୍କ କଥା । ସହସା ଧାଇଁଲେ ଦକ୍ଷିଣେଶ୍ୱର, କିଛିଦିନର ବ୍ୟବଧାନ ପରେ । ଠାକୁର ସେତେବେଳକୁ ଭକ୍ତଙ୍କ ଗହଣରେ । ଦୂରରୁ ଠିଆ ହୋଇ ନରେନ୍ଦ୍ର ଭାବିଲେ – ଯଦି ଇଏ ବି 'ନା' କରି ଦିଅନ୍ତି, ତା'ହେଲେ ଉପାୟ କ'ଣ ? ଆଉ କାହା ପାଖକୁ ଯିବି ? ଝଡ଼ ପରି ପାଖକୁ ଧାଇଁ ଯାଇ କହିଲେ, ''ମହାଶୟ ଆପଣ କ'ଣ ଈଶ୍ୱରଙ୍କୁ ଦେଖିଛନ୍ତି ?'' ଠାକୁରଙ୍କ ମୁହଁରେ ମଧୁର ହସ । ସେ ଆଦୌ ଇତସ୍ତତଃ ନ ହୋଇ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ''ପୁତ୍ର ମୋର, ମୁଁ ଈଶ୍ୱରଙ୍କୁ ଦେଖିଛି । ମୁଁ ତୋତେ ଯେମିତି ଦେଖୁଛି ଆହୁରି ସ୍ପଷ୍ଟ ରୂପେ ତାଙ୍କୁ ଦେଖିଛି । ତୋତେ ମଧ୍ୟ ଦେଖାଇ ଦେଇ ପାରିବି, ଯଦି ମୋ କହିବା ଅନୁଯାୟୀ ଆଚରଣ କରୁ ।'' ହଠାତ୍ ଅପସରି ଗଲା ନରେନ୍ଦ୍ରଙ୍କ ସାମ୍ନାରୁ ମରୀଚିକାର ଦୃଶ୍ୟ, ଆଶା ହେଲା ନିଶ୍ଚୟ ପାଇବେ ଏବେ ଜଳର ସନ୍ଧାନ ।

କିଛି ଦିନ ବିତିଗଲା । ମଝିରେ ମଝିରେ ଦକ୍ଷିଣେଶ୍ୱର ଯିବା ପାଇଁ ମନ ଆସ୍ତେ ଡକାଉ ଥାଏ । ସେଦିନ ବାହାର ପାଖ ବାରଣ୍ଡାରେ ବସିଥିଲେ ଠାକୁର, ସାମ୍ନାରେ ନରେନ୍ଦ୍ର । ପାଖରେ ଘେରି ରହିଥିଲେ ଅଳ୍ପ କେଇଜଣ ଭକ୍ତ । ସନ୍ଧ୍ୟା ଆଳତିର ଘଣ୍ଟା ସେପର୍ଯ୍ୟନ୍ତ ବାଜି ନ ଥିଲା । ନରେନ୍ଦ୍ରଙ୍କ ମୁଣ୍ଡରେ ଘାରି ହେଉଥିଲା ସେଇ ଗୋଟିଏ ଭାବନା – କାହିଁ ଈଶ୍ୱର ଦର୍ଶନ ତ ହେଲା ନାହିଁ ? ଠାକୁର ଏକ ଲୟରେ ଚାହିଁ ରହିଥିଲେ ନରେନ୍ଦ୍ରଙ୍କୁ । ହଠାତ୍ କ'ଣ ଭାବିଲେ କେଜାଣି ଉଠିପଡ଼ି ନିଜର ଡାହାଣ ଗୋଡ଼କୁ ତାଙ୍କ କାନ୍ଧ ଉପରେ ଥୋଇଦେଲେ । ତତ୍କ୍ଷଣାତ୍ ସବୁକିଛି ଓଲଟପାଲଟ ହୋଇଗଲା । ନରେନ୍ଦ୍ର ଅନୁଭବ କଲେ ତାଙ୍କ ଚାରିପାଖର ସମସ୍ତ ବସ୍ତୁ କେଉଁଆଡ଼େ ବିଲୀନ ହୋଇ ଯାଉଛନ୍ତି, ସବୁ ଆଡ଼ ଖାଲି ଶୂନ୍ୟ, ମହାଶୂନ୍ୟ । ଆଉ ତାହାରି ମଧ୍ୟରେ ସେ ଏକା । କ୍ରମେ ତାଙ୍କ ଅହଂତ୍ୱର ସତ୍ତା ମଧ୍ୟ ବିଲୀନ ହେବାକୁ ଆରମ୍ଭ କଲା । ସେ ଭୟ ଓ ବିସ୍ମୟରେ ଚିତ୍କାର କରି ଉଠିଲେ, ''ଆହେ, ତୁମେ ଏ କ'ଣ କଲ; ମୋର ଯେ ବାପା-ମା ଅଛନ୍ତି ।'' ଠାକୁର ତାଙ୍କ ଛାତି ଉପରେ ହାତ ରଖିଦେଲେ । ନରେନ୍ଦ୍ର ଫେରି ପାଇଲେ ନିଜର ସ୍ୱାଭାବିକ ସ୍ଥିତିକୁ ଏବଂ ଦେଖିଲେ ସାମ୍ନାରେ ଠାକୁର; ଉଜ୍ଜ୍ୱଳ ଦେବମାନବ ମୃଦୁ ମୃଦୁ ହସୁଥିଲେ ।

❑❑❑

ରାମକୃଷ୍ଣ ପ୍ରକୃତରେ କ'ଣ ଥିଲେ ? ଏକ ମନୁଷ୍ୟ ସତ୍ତାରେ ପରମେଶ୍ୱରଙ୍କର ଅଭିବ୍ୟକ୍ତି ହୋଇ ରହିଥିଲେ । ମାତ୍ର ତାହାର ପଶ୍ଚାତରେ ସ୍ୱୟଂ ପରମେଶ୍ୱର ଆପଣାର ଅନନ୍ତ ନୈର୍ବ୍ୟକ୍ତିକତା ଓ ବିଶ୍ୱମୟ ବ୍ୟକ୍ତିକତା ସହ ବିଦ୍ୟମାନ । ଏବଂ ବିବେକାନନ୍ଦ ପ୍ରକୃତରେ କ'ଣ ଥିଲେ ? ସିଏ ଶିବଙ୍କର ଚକ୍ଷୁରୁ ନିର୍ଗତ ଏକ ଉଜ୍ଜ୍ୱଳ ଦୃଷ୍ଟିପାତ ସ୍ୱରୂପ ହୋଇ ରହିଥିଲେ ।

(SABCL, Vol. 17, Page - 98) — ଶ୍ରୀଅରବିନ୍ଦ

**ଶ୍ରୀରାମକୃଷ୍ଣ ଚରିତାମୃତ (୨୦)**

# ତଥାସ୍ତୁ

## ସନ୍ତୋଷ କୁମାର ରଥ

କାଳର ସୁଅରେ ଭାସିଯାଏ ପତର, ଆଉ ପଥର । ପ୍ରତିରୋଧ କରିବାର ତାକତ କାହାରି ନାହିଁ । ସେ ନାଚି ଜାଣେ, ନଚେଇ ଜାଣେ । କେତେ ଘଟଣ ଅଘଟଣକୁ ସାଉଁଟି ନେଇ କାହାକୁ ରଜା ବନାଏ, ନତୁବା ଗଢ଼ା ଦୁର୍ଗକୁ ଭାଙ୍ଗିଦେଇ ଯୁବରାଜଙ୍କ ହାତରେ ଧରାଇ ଦିଏ ଭିକ୍ଷାର ଥାଳ । ବଡ଼ ବିଚିତ୍ର କାଳର ପ୍ରବାହ । ଅବଶ୍ୟ କଥାଟା ଅଜଣା ନ ଥିଲେ ବି ନରେନ୍ଦ୍ର (ବିବେକାନନ୍ଦଙ୍କ ପିଲାଦିନର ନାମ)ଙ୍କ କପାଳରେ ଯେ ଏସବୁ ଘଟିବ କାହାରି ପରତେ ନ ଥିଲା ।

୧୮୮୪ ମସିହା ବି. ଏ. ପରୀକ୍ଷାର ଫଳାଫଳ ସେପର୍ଯ୍ୟନ୍ତ ବାହାରି ନ ଥାଏ । ବରାହନଗରର ଜଣେ ବନ୍ଧୁଙ୍କ ଘରକୁ ନିମନ୍ତ୍ରିତ ହୋଇଥିଲେ ନରେନ୍ଦ୍ର, ନୈଶ୍ୟ ଭୋଜନ ସାଙ୍ଗକୁ ସଙ୍ଗୀତ ଆସର ଥିଲା ସେଦିନ ସନ୍ଧ୍ୟାର ଏକ ମନୋଜ୍ଞ ଆୟୋଜନ । ଅନ୍ୟମାନଙ୍କ ସହ ଗାୟକମାନଙ୍କ ଗହଣରେ ବସିଥିଲେ ନରେନ୍ଦ୍ର । ତାଙ୍କ ସୁଲଳିତ କଣ୍ଠରୁ ବ୍ରାହ୍ମ ଭଜନ ଶୁଣିବା ପାଇଁ ସମସ୍ତେ ଆନନ୍ଦ ମୁଖର ହୋଇ ଅନାଇ ରହିଥିଲେ । ଠିକ୍ ସେତିକି ବେଳକୁ କେହି ଜଣେ ସହସା ଆସର ମଧ୍ୟକୁ ପଶି ଆସି ଏକ ଦୁଃସମ୍ବାଦ ଦେଲା, ନରେନ୍ଦ୍ର ଘରକୁ ଫେରିଗଲେ । ମାତ୍ର ସେତେବେଳକୁ ଆକସ୍ମିକ ହୃଦ୍‌ରୋଗର ଦଲକାଏ ପବନରେ ଦତ୍ତ ପରିବାରର ଜଳନ୍ତା ଦୀପଟା ଲିଭି ସାରିଥିଲା । ବାପ ଛେଉଣ୍ଡ ହେଲେ ନରେନ୍ଦ୍ର । ଆରମ୍ଭ ହେଲା ଭିନ୍ନ ଏକ ଅଙ୍କର ପ୍ରଥମ ଦୃଶ୍ୟ ।

ଓକିଲାତିଗିରି ବିଶ୍ୱନାଥ ଦତ୍ତଙ୍କୁ ବେଶ୍ ଖ୍ୟାତି ଦେଇଥିଲା ଏବଂ ରୋଜଗାର ମଧ୍ୟ ଥିଲା ଅନୁରୂପ । ମାତ୍ର ତାଙ୍କର ଉଦାରତା ଓ ପରୋପକାର ଗୁଣ ଯୋଗୁଁ ଶେଷ ଅବସ୍ଥା ବେଳକୁ ସଞ୍ଚୟଠାରୁ ଖର୍ଚ୍ଚର ପରିମାଣ ଥିଲା ମାତ୍ରାଧିକ । ତେଣୁ ବାପାଙ୍କ ଅନ୍ତେ ମା-ଭଉଣୀଙ୍କ ଭରଣ-ପୋଷଣ ସାଙ୍ଗକୁ ଋଣ ପରିଶୋଧର ଭାର ପଡ଼ିଲା ନରେନ୍ଦ୍ରଙ୍କ ଉପରେ । ନିରୁପାୟ । ବନ୍ଧୁବାନ୍ଧବମାନେ ଦେଖି ଅଦେଖା ହେଲେ, ଅଜଣା ମଣିଲେ । ରାସ୍ତା ଆଡ଼େଇ ଚାଲିଯିବାଟା ତାଙ୍କ ବ୍ୟସ୍ତତାର ସୂଚନା ଥିଲା । ନରେନ୍ଦ୍ର ଦେଖିଲେ, ସବୁ ବୁଝିଲେ — ଏଇଟାହିଁ ଜୀବନ । ତଥାପି ନିରାଶ ହେଲେ ନି । ଆଇନ ପଢ଼ା ସହ ଚାକିରି ଖଣ୍ଡିଏ ପାଇଁ ଦୁଆର ଦୁଆର ବୁଲିଲେ । ମାସ ପରେ ମାସ ବିତିଗଲା, ହେଲେ କିଛି ଲାଭ ହେଲା ନି । ଦରିଦ୍ରତା କ୍ରମେ ବଢ଼ିବାକୁ ଲାଗିଲା, ଖାଇବା ମୁଠାକ ଯୋଗାଡ଼ କରିବା ମଧ୍ୟ କଷ୍ଟକର ହୋଇ ପଡ଼ିଲା । ସାରାଦିନ ବୁଲି ବୁଲି ଫେରିବା ପରେ ନିଅଣ୍ଟ ଖାଦ୍ୟକୁ ଭାଗ ନ କରି ଅଧିକାଂଶ ଦିନ ଉପବାସରେ ଶୋଇ ଯାଉଥିଲେ ନରେନ୍ଦ୍ର । ଖାଇବା ପାଇଁ ଡାକିଲେ କହୁଥିଲେ, ''ମା' ତୁମେମାନେ ଖାଇ ଦିଅ, ବନ୍ଧୁଙ୍କ ଘରେ ନିମନ୍ତ୍ରଣ ଥିଲା ମୁଁ ଖାଇକରି ଆସିଛି ।''

ଦଇବ ଏମିତି ଦାଉ ସାଧିବ ବୋଲି ଭୁବନେଶ୍ୱରୀ ଦେବୀ କେବେ ବି ଭାବି ନ ଥିଲେ । ଉଆଁସୀ ଜୁଆର ପରି କୋହ ତାଙ୍କର କୂଳ ଭାଙ୍ଗିଲା । ନରେନ୍ଦ୍ର କିନ୍ତୁ ନିର୍ବିକାର । ଭଗବାନଙ୍କ ଉପରେ ଭରସା ରଖି ନିଜ ଫୁଟା ଡଙ୍ଗାକୁ ଆହୁଲା ମାରି ଚାଲିଲେ, ସେଇ ସାତତାଳ ଦରିଆରେ । ମା' ମନ କିନ୍ତୁ ସମ୍ଭଳା ପଡ଼ିଲାନି, କେତେ ଦିନ ବା ସହିଥା'ନ୍ତା, ଆଞ୍ଜୁଳା ଆଞ୍ଜୁଳା କରି ଉଝାଳି ଥାଆନ୍ତା ଫୁଟା ଡଙ୍ଗାର ଭରନ୍ତା ପାଣିକୁ । ଡଙ୍ଗା ଯେ ଟଳମଳ । ଦିନେ ସକାଳୁ ସକାଳୁ ସୁପ୍ତ ଆଗ୍ନେୟଗିରିଟା ଜୀବନ୍ତ ହୋଇ ଉଠିଲା, ''ଚୁପ୍ କର ଟୋକା ! ପିଲା ଦିନୁ ଖାଲି ଭଗବାନ୍, ଭଗବାନ୍ । ଭଗବାନ୍ ଆମର କ'ଣ କରିଦେଲେ ! ଦୁଃଖ କ'ଣ କପାଳରେ ଏମିତି ଆସେ !!''

ମା'ଙ୍କ କଥା ଶୁଣି ମନରେ ଘୋର ଆଘାତ ଲାଗିଲା, ସ୍ତମ୍ଭୀଭୂତ ହୋଇଗଲେ ନରେନ୍ଦ୍ର । ଭାବିଲେ — ସତରେ, ଭଗବାନ୍ କ'ଣ ଅଛନ୍ତି ? ଯଦିବା ଥାଆନ୍ତି, ସେ କ'ଣ ମଣିଷର ପ୍ରାର୍ଥନା ଶୁଣି ପାରନ୍ତି ନାହିଁ ? ସେ ଯଦି ଦୟାମୟ, ମଙ୍ଗଳମୟ ତେବେ ଦୁର୍ଭିକ୍ଷର କରାଳ କବଳରେ ପଡ଼ି ଲକ୍ଷ ଲକ୍ଷ ଲୋକ ମୁଠାଏ ଅନ୍ନ ନ ପାଇ ମରନ୍ତି କାହିଁକି ? ତେବେ ସେ କ'ଣ ନିଷ୍ଫଳ, ନିର୍ବିକାର ଭାବରେ ନିଷ୍ଠୁର ସୃଷ୍ଟିର ଦାନବଲୀଳା ଏମିତି ଦେଖୁଥିବେ ? ଯେଉଁ ଭଗବାନ୍ ଇହଲୋକରେ ବୁଭୁକ୍ଷୁକୁ ମୁଠେ ଅନ୍ନ ଦେଇ ବଞ୍ଚାଇ ପାରନ୍ତି ନାହିଁ, ସେ ପରଲୋକରେ ଅକ୍ଷୟ ଅନନ୍ତ ସ୍ୱର୍ଗର ଅଧିକାରୀ କରିବେ, ଏହା କ'ଣ ସମ୍ଭବ ? କାହିଁକି

ଏ ବୃଥା ଆଶା ? କାହିଁକି ଆମେ ତାଙ୍କୁ ଦୟାମୟ, ଦୁଃଖୀ ଦୁଃଖହାରୀ, ସର୍ବନିୟନ୍ତା ବୋଲି ଗୁହାରି କରିବା ? କ୍ଷୋଭ ଓ ଅଭିମାନରେ ପୂର୍ଣ୍ଣ ହୋଇଗଲା ନରେନ୍ଦ୍ରଙ୍କ ଅନ୍ତର । ତାଙ୍କ ଅଝାଳ ଛିଣ୍ଡା ଡଙ୍ଗାର ନାଉରି ଯେ ସେ ନୁହନ୍ତି – ଭଗବାନ୍; ଏକଥା ସେ ଭୁଲିଗଲେ ।

ଗ୍ରୀଷ୍ମ ଯାଇ ବର୍ଷା ଆସିଲା । ମାତ୍ର ଚାକିରି ଖୋଜାରୁ ତ୍ରାହି ମିଳିଲା ନାହିଁ । ସକାଳୁ ସଞ୍ଜ ଯାଏ ବର୍ଷାରେ ଭିଜି ଭିଜି ନିରାଶ ହୋଇ ସେଦିନ ଘରକୁ ଫେରୁଥିଲେ ନରେନ୍ଦ୍ର । ହଠାତ୍ ବାଟ ମଝିରେ ସେ କ୍ଳାନ୍ତି ଅନୁଭବ କଲେ । ତାଙ୍କ ଗୋଡ଼ ସତେ ଯେମିତି ଅବଶ ହୋଇଗଲା, କଣ୍ଠ ରୁଦ୍ଧ ହୋଇ ଆସିଲା । ଆଉ ଗୋଟାଏ ପାଦ ମଧ୍ୟ ଆଗେଇବା ସମ୍ଭବ ହେଲା ନାହିଁ । ପାଖ ଘରର ପଥର ବାରଣ୍ଡାକୁ ଶେଯ ମଣିଲେ; ଆଉଜା ଆଖିରେ ଦେଖିଲେ ଅଦ୍ଭୁତ ଏକ ଦୃଶ୍ୟ । ପରେ ସେ ସେଇ ଅନୁଭୂତି ସମ୍ବନ୍ଧରେ କହିଥିଲେ, ''କୌଣସି ଏକ ଦୈବୀଶକ୍ତି ପ୍ରଭାବରେ ସେଦିନ ଗୋଟିକ ପରେ ଗୋଟିଏ ହୋଇ ମୋ ଭିତରର ପର୍ଦ୍ଦା ଅପସରିଗଲା । ଏତେ ଦିନ ଧରି ଯେଉଁ ମନ ଆକୁଳ ହୋଇ ଖୋଜୁଥିଲା, ଈଶ୍ୱରଙ୍କର କରୁଣାମୟତାକୁ ଉପଲବ୍ଧି କରିପାରୁ ନ ଥିଲା, ସେସବୁ ବିଷୟର ଏକ ସ୍ଥିର ମୀମାଂସା ମୋ ଅନ୍ତରର ନିବିଡ଼ତମ ପ୍ରଦେଶରେ ଦେଖିବାକୁ ପାଇଲି । ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠିଲା ମୋ ଦେହ ଓ ମନ । ମୋ ଭିତରୁ ସତେ ଯେମିତି କେହି ଜଣେ କହି ଉଠିଲା – ଇତର ସାଧାରଣଙ୍କ ସଦୃଶ ଅର୍ଥୋପାର୍ଜନ କରି ଭୋଗସୁଖରେ କାଳ ଯାପନ କରିବା ପାଇଁ ତୋର ଜନ୍ମ ନୁହେଁ । ତୋର ଲକ୍ଷ୍ୟ ଭିନ୍ନ, ସଂସାର ନୁହେଁ ସନ୍ନ୍ୟାସ ।''

ଦୂର ବତିଘରର ଝାପ୍‌ସା ଆଲୋକ ଦିଶିଲା ନରେନ୍ଦ୍ରଙ୍କୁ । ମନରେ ସ୍ଥିର କରିନେଲେ ତାଙ୍କ ଅଜାଙ୍କ ପରି (ଶ୍ରୀ ଦୁର୍ଗାଚରଣ ଦତ୍ତ ୨୫ ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କରିଥିଲେ) ସେ ବି ସନ୍ନ୍ୟାସ ଧର୍ମକୁ ବରିନେବେ । ମାତ୍ର ଯିବା ପୂର୍ବରୁ ଠାକୁରଙ୍କୁ ଥରେ ସାକ୍ଷାତ୍ କରିବେ, ଶେଷ ପ୍ରଣାମ ଜଣାଇବେ ତାଙ୍କ ଚରଣରେ । ଯୋଗକୁ କଲିକତାର ଜଣେ ଭକ୍ତଙ୍କ ଘରକୁ ଠାକୁର ଆସୁଥିବାର ଖବର ମିଳିଗଲା, ମନ ଅସ୍ତି ସୂଚନା ଭଙ୍ଗୀରେ ଆଶ୍ୱସ୍ତ ମଣିଲା ।

''ନରେନ୍, ତୋତେ ଆଜି ମୋ ସହିତ ଦକ୍ଷିଣେଶ୍ୱର ଯିବାକୁ ହେବ ।'' – ନିର୍ଦ୍ଦେଶ ମିଳିଲା ଠାକୁରଙ୍କଠାରୁ । ଚମକି ପଡ଼ିଲେ ନରେନ୍ଦ୍ର – ସେ ଯେ ସନ୍ନ୍ୟାସ ହୋଇଯିବାର ସିଦ୍ଧାନ୍ତ ନେଇ ସାରିଛନ୍ତି । କିନ୍ତୁ ଠାକୁର ଏକଥା ଜାଣିଲେ କେମିତି ? ମଣିଷ ମନ – ଅଖୋଳା କୋଇଲା ଖଣି । ରାସ୍ତା ହୁଡ଼ି ଅଗତ୍ୟା ଦକ୍ଷିଣେଶ୍ୱର ଯିବା ପାଇଁ ବାଧ୍ୟ ହେଲେ ନରେନ୍ଦ୍ର । ଗୁମ୍ ମାରି ବସି ରହିଲେ ଗାଡ଼ି ଭିତରେ, ଠାକୁରଙ୍କ ପାଖରେ ।

ଭକ୍ତଙ୍କ ମେଲାଣି ପରେ ନିଜ କୋଠରିକୁ ଡାକିନେଲେ ଠାକୁର । ସେତେବେଳକୁ ନରେନ୍ଦ୍ର କୋଠରିରେ ଏକାକୀ, ସବୁ ଆଡ଼ ଶୂନ୍‌ଶାନ୍ । ନିଜ ଭିତର ରୁଦ୍ଧ ଆବେଗକୁ ଆଉ ସମ୍ଭାଳି ପାରିଲେ ନାହିଁ, ଆଖିର ଲୁହରେ ପଖାଳି ନେଲେ ନିଜକୁ । ଠାକୁର ସବୁ ବୁଝିପାରିଲେ । ଆଦରରେ ନିଜ ବକ୍ଷ ଉପରକୁ ଜଡ଼େଇ ନେଇ କହିଲେ, ''ନରେନ୍, ମୁଁ ଜାଣେ ତୁ ମା'ଙ୍କ କାର୍ଯ୍ୟ ପାଇଁ ଆସିଛୁ । ସଂସାରରେ ତୁ କେବେ ବି ରହିପାରିବୁ ନାହିଁ କି ସାଂସାରିକ ମୋହ ତୋତେ ବାନ୍ଧିପାରିବ ନାହିଁ । ମାତ୍ର ମୁଁ ଯେତେଦିନ ଅଛି, ସେତେଦିନ ମୋ' ପାଖରେ ରହିଥା ।''

ପରଦିନ ଦକ୍ଷିଣେଶ୍ୱରରୁ ଘରକୁ ଫେରି ଆସିଲେ ନରେନ୍ଦ୍ର । ହୁଡ଼ା ସାଇତା ଆଡ଼ିଆ ଦଳ ପୁଣି ବେଢ଼ିଗଲା ସୁତୁରା ପୋଖରୀକୁ – ସଂସାର ଚିନ୍ତାରେ ଭାରାକ୍ରାନ୍ତ ହୋଇ ଉଠିଲା ମନ । ଦିନକୁ ଦିନ ଅସ୍ୱସ୍ତି ବଢ଼ିବାକୁ ଲାଗିଲା । ଏବେ ସେ ଶ୍ୱାସରୁଦ୍ଧ । ଦିନେ ହଠାତ୍ ତାଙ୍କର ମନକୁ ଆସିଲା – ଠାକୁରଙ୍କ କଥା ତ ଈଶ୍ୱର ଶୁଣନ୍ତି, ତାଙ୍କୁ ଅନୁରୋଧ କରିବି ସେ ମୋ ମା' ଭଉଣୀଙ୍କ ଦୁଃଖ ଦୂର କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇବେ । ମୋ ଲାଗି ଏକଥା କରିବା ପାଇଁ ସେ କେବେ ବି ଅମଙ୍ଗ ହେବେ ନାହିଁ ।

ନରେନ୍ଦ୍ର ଆସି ଦକ୍ଷିଣେଶ୍ୱରରେ ହାଜର ହେଲେ ଏବଂ ଠାକୁରଙ୍କୁ ନିଜର ମନ କଥା ଅତି ସନ୍ତର୍ପଣରେ ଜଣାଇଲେ । ଠାକୁର ମୃଦୁମୃଦୁ ହସି କହିଲେ, ''ଆରେ ! ମୁଁ ଯେ ଏସବୁ କଥା କହି ପାରେ ନାହିଁ, ତୁ କ'ଣ ଏକଥା ଜାଣିନୁ ? ତୁ ଜଣାଉନୁ କାହିଁକି ? ତୁ ତ ମା'ଙ୍କୁ ମାନୁନୁ, ସେଥିପାଇଁ ତୋର ଏତେ କଷ୍ଟ ।''

ନରେନ୍ଦ୍ର କିନ୍ତୁ ନଛୋଡ଼ବନ୍ଧା, ଠାକୁରଙ୍କୁ ବିନୀତ ଅନୁରୋଧ ଜଣାଇ କହିଲେ, ''ମହାଶୟ, ଯେଉଁଥିରେ ମୋ ମା'ଭଉଣୀ ଦୁଇମୁଠା ଖାଇବାକୁ ପାଇବେ ସେପରି କିଛି ବ୍ୟବସ୍ଥା କରିବା ନିମିତ୍ତ ଆପଣ ମା'ଙ୍କୁ ଅନୁରୋଧ କରିବାକୁ ହେବ । ସେ ଆପଣଙ୍କ କଥା ନିଶ୍ଚୟ ଶୁଣିବେ ।''

''ଆରେ, ମୁଁ ଯେ କେତେଥର କହିଛି – ମା' ନରେନ୍ଦ୍ରର ଦୁଃଖକଷ୍ଟ ଦୂରକର । ତୁ ତ ମା'ଙ୍କୁ ମାନୁ ନାହୁଁ ।

ଆଚ୍ଛା ଆଜି ମଙ୍ଗଳବାର, ଆଜି ରାତିରେ କାଳୀ ଘରକୁ ଯାଇ ମା'ଙ୍କୁ ପ୍ରଣାମ କରି ତୁ ଯାହା ମାଗିବୁ ମା' ତୋତେ ନିଶ୍ଚୟ ଦେବେ । ମା' ଯେ ମୋର ଚିନ୍ମୟୀ ବ୍ରହ୍ମଶକ୍ତି, ଇଚ୍ଛାମୟୀ । ସେ ଇଚ୍ଛା କଲେ କ'ଣ ଯେ ନ କରି ପାରନ୍ତି ।'' — ଉତ୍ତର ଦେଲେ ଠାକୁର । ଠାକୁରଙ୍କ ଅଭୟ ବାଣୀରେ ନରେନ୍ଦ୍ରଙ୍କ ହୃଦୟରେ ଦୃଢ଼ ପ୍ରତ୍ୟୟ ଜାଗ୍ରତ୍ ହେଲା । ଅପେକ୍ଷା କରି ରହିଲେ ରାତ୍ରିର ସେଇ ଦିବ୍ୟମୁହୂର୍ତ୍ତକୁ ।

ରାତି ପହରକ ପରେ ମନ୍ଦିର ବେଢ଼ା ନିଶୂନ୍ ହୋଇଗଲା । ଦୀପର ଶିଖା ଆଡ଼େଇ ରଖିଥାଏ ଗର୍ଭ ମନ୍ଦିରର ଅନ୍ଧାରକୁ, ତହିଁ ଭିତରୁ ଝଟକୁ ଥାଏ ମା'ଙ୍କ ମୁଖମଣ୍ଡଳ । ଠାକୁର ମନ୍ଦିର ଭିତରକୁ ଯିବା ପାଇଁ ନରେନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଲେ । ସମସ୍ତ ସତ୍ତାକୁ ଏକୀଭୂତ କରି ନରେନ୍ଦ୍ର ପାଦ ପରେ ପାଦ ଥାପି ଆଗେଇଲେ ମା'ଙ୍କ ନିକଟକୁ । ହୃଦୟ ତାଙ୍କର ପ୍ରେମରେ ଆପ୍ଳୁତ, ଅନୁଭବ କଲେ ମା'ଙ୍କ ଚିନ୍ମୟୀ ସ୍ୱରୂପ ଝଟକି ଉଠିଲା ସେଇ ମୃଣ୍ମୟୀ ମୂର୍ତ୍ତି ମଧ୍ୟରୁ । କୃତାଞ୍ଜଳିପୁଟରେ ପ୍ରଣାମ ଜଣାଇ କହିଲେ, ''ମା' ବିବେକ ଦିଅ, ବୈରାଗ୍ୟ ଦିଅ, ଜ୍ଞାନ ଦିଅ, ଭକ୍ତି ଦିଅ — ଯଦ୍ଦ୍ୱାରା ମୁଁ ତୁମ ନିତ୍ୟ ଅବାଧ ଦର୍ଶନ ଲାଭ କରିପାରିବି । ମୋତେ ଏତିକି ଦିଅ ମା ।''

ପରମ ଆନନ୍ଦରେ ଫେରି ଆସିଲେ ନରେନ୍ଦ୍ର । ଠାକୁର ପ୍ରଶ୍ନ କଲେ, ''କିରେ, ମା'ଙ୍କ ପାଖରେ ସାଂସାରିକ ଅଭାବ ଦୂର କରିବା ପାଇଁ ପ୍ରାର୍ଥନା କଲୁ ତ ?''

''ନାହିଁ ଆଜ୍ଞା ! ଭୁଲି ଗଲି । କ'ଣ ହେବ । ବର୍ତ୍ତମାନ କ'ଣ କରିବି ।'' — ଟିକିଏ ଅପ୍ରସ୍ତୁତ ହୋଇ ଉତ୍ତର ଦେଲେ ନରେନ୍ଦ୍ର । ଠାକୁରଙ୍କ ମୁହଁରେ ସେତେବେଳକୁ ଚପା ହସ । ପୁଣି ଥରେ ମା'ଙ୍କ ନିକଟକୁ ଯିବା ପାଇଁ ନିର୍ଦ୍ଦେଶ ଦେଲେ ଠାକୁର । ଏଥର ଦୃଢ଼ ମନୋରଥ ହୋଇ ମନ୍ଦିର ମଧ୍ୟକୁ ପ୍ରବେଶ କଲେ ନରେନ୍ଦ୍ର । ମା'ଙ୍କ ନିକଟରେ ବାରଂବାର ପ୍ରଣାମ ଜଣାଇ ସେହି ଗୋଟିଏ କଥା ପ୍ରାର୍ଥନା କରି ବସିଲେ, ''ମା' ମୋତେ ଜ୍ଞାନ ଦିଅ, ମୋତେ ବିବେକ, ବୈରାଗ୍ୟ ଦିଅ ।''

''ଦୂର୍ ଟୋକା ! ନିଜକୁ ଟିକିଏ ସମ୍ଭାଳି ନେଇ ଏତିକି ପ୍ରାର୍ଥନା କରିପାରୁନୁ ? ଯା, ଆଉ ଥରେ ମା'ଙ୍କ ନିକଟକୁ ଯାଇ ଦୁଃଖ ଜଣା । ଯା — ଶୀଘ୍ର ଯା ।'' — ମୃଦୁ ଭର୍ତ୍ସନା କରି ଠାକୁର ତୃତୀୟ ଥର ପାଇଁ ନରେନ୍ଦ୍ରଙ୍କୁ ପଠାଇଲେ ।

ସେଦିନର କଥାକୁ ମନେ ପକାଇ ନରେନ୍ଦ୍ର କୁହନ୍ତି, ''ପୁଣି ଥରେ ମନ୍ଦିର ନିକଟକୁ ଗଲି । ମାତ୍ର ଭାବିଲି ଏଇ ତୁଚ୍ଛ କଥାଟା କହିବା ପାଇଁ ମା'ଙ୍କ ନିକଟକୁ ଆସିଛି । ଠାକୁର ଯେମିତି କହନ୍ତି — ରାଜାଙ୍କ ପ୍ରସନ୍ନତା ପ୍ରାପ୍ତି ପରେ ଲାଉ, କଖାରୁ ଭିକ୍ଷା କରିବା କେତେ ନିର୍ବୋଧତା ! ଏପରି ହୀନବୁଦ୍ଧି ମୋର ! ଘୃଣାରେ ନିଜକୁ ଧିକ୍କାର କଲି । ପ୍ରଣାମ ଜଣାଇ କହିଲି, ''ମା', ଅନ୍ୟ କିଛି ଚାହେଁ ନାହିଁ ମା' । ମୋତେ କେବଳ ଜ୍ଞାନ, ଭକ୍ତି ଦିଅ ।''

ନରେନ୍ଦ୍ର ଏବେ ହତବୁଦ୍ଧି । ଅମୀମାଂସିତ ସମସ୍ୟାର ଭାରକୁ ମଥାରେ ଧରି ଫେରି ଆସିଲେ ଠାକୁରଙ୍କ ନିକଟକୁ । ଠାକୁରଙ୍କ ମୃଦୁ ହସରୁ ବୁଝିଲେ ଏସବୁ ତାଙ୍କରି ଲୀଳା । ଅବଶେଷରେ ଠାକୁର ଆଶ୍ୱାସନା ଦେଇ କହିଲେ, ''ଆରେ, ତୋତେ କହିଲି ମା'ଙ୍କ ପାଖରୁ ଯାହା ଚାହିଁବୁ ତାହା ପାଇବୁ । ହେଲେ ତୁ ଯେତେବେଳେ ମାଗି ପାରିଲୁ ନାହିଁ, ତୋ ଅଦୃଷ୍ଟରେ ସଂସାର ସୁଖ ନାହିଁ । ମାତ୍ର ଏତିକି ମନେରଖ, ତୋ ପରିବାରର ଲୋକଙ୍କର କେବେହେଲେ ମୋଟା ଭାତ ଓ ଲୁଗାର ଅଭାବ ହେବ ନାହିଁ ।'' ନରେନ୍ଦ୍ର ଆଶ୍ୱସ୍ତ ହେଲେ । ❑

**ଶ୍ରୀରାମକୃଷ୍ଣ ଚରିତାମୃତ (୨୧)**

# ଜନ୍ମ-ଜନ୍ମାନ୍ତର

## ସନ୍ତୋଷ କୁମାର ରଥ

କମ୍ପାସ ଦିଗ ଦେଖାଏ, ଚାରିଦିଗକୁ ଘୂରୁଥାଏ । ମାତ୍ର ଚୁମ୍ବକର ସଂସ୍ପର୍ଶରେ ଆସିଲେ କଳ ଅଚଳ । କଣ୍ଟା ଏକମୁଖୀ ହୋଇ ରହେ । ଠିକ୍ ସେମିତି ସଂସାରୀ ଲୋକ କେହି ଠାକୁରଙ୍କ ସାନ୍ନିଧ୍ୟଲାଭ କଲେ ତାଙ୍କରି ଆଡ଼କୁ ମୁହାଁଇ ରହୁଥିଲେ । ସେତେବେଳେ ଭୁଲିଯାଉଥିଲେ ନିଜ ସଂସାର, ବେଉସାପତ୍ର । ଠାକୁରଙ୍କ ମୁଖନିଃସୃତ ବାଣୀ ତାଙ୍କ ପାଇଁ ନିରୁତା ଗଙ୍ଗାର ଜଳ । ଢୋକେ ପିଇଲେ ଶୋଷ ମେଣ୍ଟିଯାଏ – ତୃପ୍ତ ହୁଏ ମନ, ପ୍ରାଣ । ଆନ ଜଳ ଯେ ତା'ର ଭାଜନ ହେବ ଏକଥା ପରତେ ଆସେ ନି ।

କ୍ରମେ ଚହଟା ଫୁଲର ବାସ ଅଞ୍ଚଳରୁ ଅଞ୍ଚଳକୁ ବ୍ୟାପିଗଲା । ପଥିକ ବାଟ ଭାଙ୍ଗିଲେ ଦକ୍ଷିଣେଶ୍ୱରକୁ । ଠାକୁରଙ୍କ କୋଠରି ସାମନା ବାରଣ୍ଡା ନିଅଣ୍ଟ ପଡ଼ିଲା, ଲୋକେ ଆସନ ପାତିଲେ ସନ୍ଧ୍ୟା ବେଦନା ଦାନା ପରି । ଠାକୁରଙ୍କ କଥା ଶୁଣିଲେ ସମସ୍ତେ ବିଭୋର । କର୍ମର ମର୍ମ ବୁଝାଇବାକୁ ଯାଇ ଠାକୁର ଦିନେ କହିଲେ, ''ସଂସାରୀ ଲୋକ ନିଷ୍କାମ ଭାବରେ ଯଦି କାହାରିକୁ ଦାନ କରେ, ତାହା ନିଜର ଉପକାର, ପରୋପକାର ପାଇଁ ନୁହେଁ । ତାହାଦ୍ୱାରା ସର୍ବଭୂତରେ ଯେଉଁ ହରି ଅଛନ୍ତି ତାଙ୍କରିହିଁ ସେବା କରାଯାଏ । ହରିଙ୍କର ସେବା କରିବାରେ ଯଦି କେହି ମାନ ନ ଚାହେଁ, ଯଶଃ ନ ଚାହେଁ, ମରିବା ପରେ ସ୍ୱର୍ଗ ନ ଚାହେଁ, ଯେଉଁମାନଙ୍କର ସେବା କରୁଛି ତାଙ୍କଠାରୁ ପ୍ରତିଦାନରେ ଉପକାର ନ ଚାହେଁ, ତେବେ ସେପରି ସେବା ହେଲା ନିଷ୍କାମକର୍ମ ଅଥବା ଅନାସକ୍ତ କର୍ମ ।''

''ଠାକୁର, ଏହିଭଳି ନିଷ୍କାମ କର୍ମ କଲେ କ'ଣ ଆମର ସମସ୍ତ କଲ୍ୟାଣ ସାଧିତ ହେବ ? ଏହାହିଁ କ'ଣ କର୍ମ-ଯୋଗ ?'' – ବହୁ ଜଣଙ୍କ ମୁହଁରୁ ପ୍ରସ୍ତୁତ ହୋଇ ରହିଥିବା ପ୍ରଶ୍ନଗୁଡ଼ାକ ଝପଟି ଆସିଲେ । ଠାକୁରଙ୍କ ମୁହଁ ପ୍ରସନ୍ନ ହୋଇଉଠିଲା, କହିଲେ, ''ହଁ, ଏହାର ନାମ କର୍ମଯୋଗ । କର୍ମଯୋଗ ଈଶ୍ୱରଲାଭ ନିମନ୍ତେ ଏକ ବଳିଷ୍ଠ ପଥ । ସେଥିପାଇଁ ମୁଁ ବାରଂବାର କହୁଛି ସବୁକିଛି ଅନାସକ୍ତ ହୋଇ କର – ଦୟା, ଦାନ, ଅନ୍ୟର ମଙ୍ଗଳ-ସାଧନ, ସବୁକିଛି ।... ବାପା-ମା'ଙ୍କ ପାଖରେ ଯେଉଁ ସ୍ନେହ ଦେଖୁଛ ତାହା ମଧ୍ୟ ଭଗବାନଙ୍କର – ଜୀବର ରକ୍ଷା ଲାଗି ତାହା ଆମକୁ ଦିଆଯାଇଛି । ଦୟାଳୁ ଭିତରେ ଯେଉଁ ଦୟା ଦେଖୁଛ ତାହା ତାଙ୍କରି ଦାନ । ତୁମେ ଦୟା କର ବା ନ କର, ସେ କୌଣସି ନା କୌଣସି ପ୍ରକାରେ ତାଙ୍କ କାର୍ଯ୍ୟ କରିବେ । ତାଙ୍କ କାର୍ଯ୍ୟ କେବେବି ଅଟକି ରହିବ ନାହିଁ । ତେଣୁ ଆମର କର୍ତ୍ତବ୍ୟ ହେଲା – ତାଙ୍କର ଶରଣାଗତ ହେବା, ତାଙ୍କୁ ପାଇବା ପାଇଁ କର୍ମକରିବା, ତାଙ୍କ ନିକଟରେ ବ୍ୟାକୁଳ ପ୍ରାର୍ଥନା କରିବା ।''

ଠାକୁରଙ୍କ ନଜର ହଠାତ୍ ନଙ୍ଗର ପକାଇଲା ଶଶଧର ପଣ୍ଡିତଙ୍କ ଉପରେ, ''ଆହେ ପଣ୍ଡିତ ମହାଶୟ, ଆପଣ କିଛି କହିବା ହୁଅନ୍ତୁ ।''

''ଠାକୁର ! ଦର୍ଶନଶାସ୍ତ୍ର ପଢ଼ି ପଢ଼ି ମୋର ହୃଦୟ ଶୁଷ୍କ ହୋଇଯାଇଛି । ତେଣୁ ଆପଣଙ୍କ ନିକଟକୁ ଆସିଛି ଭକ୍ତିରସ ପାନ କରିବି ବୋଲି । ଆପଣ କହନ୍ତୁ, ମୁଁ ଶୁଣି ତୃପ୍ତ ହେବି ।''– ଉତ୍ତର ଦେଲେ ଶଶଧର ପଣ୍ଡିତ । ଠାକୁର ବୁଝିପାରିଲେ ପଣ୍ଡିତଙ୍କ ଦଶା, ଶୁଖିଲା ଭୂଇଁରେ ବାରବାଟି ଚାଷ । ତଥାପି ଏବେ ଯେ ମନ ବଳିଛି ସେତିକି ଯଥେଷ୍ଟ । ଚିନି ଚିନି କହିଲେ ତ ପାଟି ମିଠା ହୋଇଯିବ ନି, ତାକୁ ଖାଇବାକୁ ହେବ । ପୁଣି ପଣାକଲେ ପ୍ରାକୃତ ସୁଆଦ ମିଳିବ । ମାତ୍ର ସେଥିପାଇଁ ପାଣି ଦରକାର । ଭକ୍ତିରସ ଠିକ୍ ସେହିଭଳିଆ ।

ଠାକୁର ଟିକେ ଅଡୁଆରେ ପଡ଼ିଲେ । ଏଡ଼େ ବଡ଼ ପଣ୍ଡିତଙ୍କୁ ସେ ପୁଣି କେମିତି ବୁଝାଇବେ । ଚେଇଁ ଶୋଇଥିବା ଲୋକକୁ ଜଗାଇବା ଆହୁରି କଷ୍ଟକର ବ୍ୟାପାର । ତଥାପି ସଂକ୍ଷେପରେ ଏତିକି କହିଲେ, ''ମହାଶୟ, ମୁଁ ବା କ'ଣ କହିବି ? ସଚ୍ଚିଦାନନ୍ଦ ଯେ କି ପଦାର୍ଥ ତାହା କେହି କହିପାରିବେ ନାହିଁ । ପ୍ରଥମେ ସେ ହେଉଛନ୍ତି ଅର୍ଦ୍ଧନାରୀଶ୍ୱର । ସେହିଁ ପୁରୁଷ, ସେହିଁ ପ୍ରକୃତି – ଦୁଇଟି ନୁହେଁ, ଗୋଟିଏ କଥା । ମାତ୍ର ଆଉ ଗୋଟିଏ ପର୍ଯ୍ୟାୟ ତଳକୁ ଆସିଗଲା ପରେ ପୁରୁଷ ଓ ପ୍ରକୃତି ଅଲଗା ଅଲଗା ହୋଇଗଲେ । ଯେତେଦିନ ପର୍ଯ୍ୟନ୍ତ ସଚ୍ଚିଦାନନ୍ଦରେ ମନ ଲୀନ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ

ଦୁଇଟି କଥା କରିବାକୁ ପଡ଼ିବ — ତାଙ୍କୁ ଡାକିବାକୁ ପଡ଼ିବ, ସଂସାର କାର୍ଯ୍ୟ କରିବାକୁ ପଡ଼ିବ । ମାତ୍ର ମନ ଲୀନ ହୋଇଗଲେ ଆଉ କୌଣସି କାର୍ଯ୍ୟ କରିବାର ପ୍ରୟୋଜନ ନାହିଁ ।''

ଆଉ ଦିନକର କଥା । ଠାକୁରଙ୍କୁ ଦର୍ଶନ କରିବା ନିମନ୍ତେ ଅଘୋରମଣି ଦେବୀ ଦକ୍ଷିଣେଶ୍ୱରରେ ଆସି ପହଞ୍ଚିଲେ । ସେ ଥିଲେ ବାଳଶ୍ରୀ ବିଧବା, ଜାତିରେ ବ୍ରାହ୍ମଣ । ସନ୍ତାନସନ୍ତତି ନ ଥିବାରୁ ବୈଷ୍ଣବଧର୍ମ ଗ୍ରହଣ କରି ଗୋପାଳଙ୍କୁ ନିଜର ସନ୍ତାନରୂପେ ଅର୍ଚ୍ଚନା କରି ବାତ୍ସଲ୍ୟରସରେ ବୁଡ଼ି ରହୁଥିଲେ । ତେଣୁ ସଭିଏଁ ତାଙ୍କୁ ଭାବୁଥିଲେ ଗୋପାଳ-ମା' । ଠାକୁରଙ୍କ ଦର୍ଶନ ପରେ ତାଙ୍କର ଏକ ଅଦ୍ଭୁତ ଭାବ ଜାତହେଲା । ସୁଅଭସା ସୋଲ ପରି ସେ କେବଳ ଭାସି ଚାଲିଲେ । ଦକ୍ଷିଣେଶ୍ୱର ହେଲା ତାଙ୍କ ସୁଅର ଅନୁକୂଳ ଦିଗ, ଠାକୁର ହେଲେ ଦୀପଦଣ୍ଡି ।

ସେଦିନର ଅନୁଭୂତିକୁ ବର୍ଣ୍ଣନା କରିବାକୁ ଯାଇ ବ୍ରାହ୍ମଣୀ କହନ୍ତି, ''ମୁଁ ତ ବାପଘରେ ରହୁଥିଲି, ତେଣୁ ମୋ ଇଚ୍ଛାରେ ମୁଁ ଚଉଦପା । ଧ୍ୟାନ-ଜପରେ କେହି ମୋତେ ବାଧା ଦେଉ ନ ଥିଲେ । ଦିନେ ରାତି ତିନିଟାରେ ଉଠିପଡ଼ିଲି । ଆମଘରର ଲୋକେ ସମସ୍ତେ ଶୋଇଥିଲେ । ମୁଁ ଜପ ଶେଷ କରି ପ୍ରାଣାୟାମ ଆରମ୍ଭ କଲି । ଚାରିଆଡ଼ ଖାଲି ଖାଁ ଖାଁ ଅନ୍ଧାର ଲେପି ହୋଇ ରହିଥିଲା । କାଛ ଠଣାର ଦୀପକୁ ତେଜିଦେବାରୁ ଅନ୍ଧାର ଟିକେ ଆଡ଼େଇ ହୋଇଗଲା । ମୁଁ ପୁଣି ଧ୍ୟାନରେ ବସିଲି । ହଠାତ୍ ଦେଖେ ଠାକୁର ଶ୍ରୀରାମକୃଷ୍ଣଦେବ ଆସି ମୋ ବାମପଟେ ବସିଲେ । ଭାବିଲି ଏ ମୋ ଗୋପାଳ । ସାହସର ସହିତ ମୋ ବାମହାତରେ ଯେତେବେଳେ ତା' ବାମ ହାତଟି ଧରିଛି ସେତେବେଳେ ଠାକୁରଙ୍କର ସେହି ମୂର୍ତ୍ତି କୁଆଡ଼େ ମିଳାଇଗଲା । ତାଙ୍କ ଭିତରୁ ବାହାରି ଆସିଲା ଦଶମାସର ମୋ ସତ ଗୋପାଳ । ଗୁରୁଣ୍ଡି ଗୁରୁଣ୍ଡି ମୋ ସାମନାକୁ ଆସିଲା । ଗୋଟିଏ ହାତ ଟେକି ମୋ ଆଡ଼କୁ ଏକ ଲୟରେ ଚାହିଁ ରହିଲା । ତା'ର ସେ କମନୀୟ ରୂପ ଦେଖି ମୁଁ ସେତେବେଳକୁ ବିଭୋର । ଦେହରେ ମୋର ରୋମାଞ୍ଚ । ବଡ଼ ଅଝଟ, ଚଞ୍ଚଳମତି । ଦରୁଟି ତୁଣ୍ଡରେ ଆସି କହିଲା, 'ମା ! ମୋତେ ଲବଣି ଦେ । ମୋତେ ଲବଣି ଦେ ।' ଭିତରର କୋହକୁ ମୁଁ ଆଉ ସମ୍ଭାଳି ପାରିଲି ନାହିଁ, ଭୋ ଭୋ କରି କାନ୍ଦି ପକାଇଲି । କୋଳକୁ ନେଇ କହିଲି, 'ବାବା ! ମୁଁ ଯେ ଦୁଃଖିନୀ, କାଙ୍ଗାଳୀ । ଲବଣି କ୍ଷୀର ମୁଁ କାହୁଁ ପାଇବିରେ । ତୋତେ କ'ଣ ମୁଁ ଏ ଦରବ ଖୁଆଇ ପାରିବି !' ତା ଅଝଟ କିନ୍ତୁ କହିବାର ନ ଥିଲା । ସେଇ ଗୋଟିଏ ଜିଦ୍, 'ମୋତେ ଖାଇବାକୁ ଦେ ମା, ମୋତେ ବହୁତ ଭୋକ ।' ମୁଁ ଯେ କ'ଣ କରିବି ମୋତେ ବୁଦ୍ଧି ଉପାୟ ଦିଶିଲା ନି । ଭିତରଟା ମୋର କୋହରି ଉଠିଲା । ଶିକାରୁ ଶୁଖିଲା ନଡ଼ିଆ ଲଡୁ ଦି'ଟା ଆଣି ତା'ହାତରେ ଦେଲି । ଗେହ୍ଲାକରି କହିଲି, 'ବାବାରେ, ଧନ ମୋର, ମୋ ପାଖରେ ଆଉ କିଛି ନାହିଁ । ଏଇ କଦର୍ଯ୍ୟ ଜିନିଷ ଦେଲି ବୋଲି ତୁ କିଛି ଭାବିବୁ ନି ।'

''ସେଦିନ ମୋର ଆଉ କି ଜପ ? ଗୋପାଳ ଲୀଳାରେ ତ ମୁଁ ବିଭୋର । କେତେବେଳେ ସେ ଆସି ମୋ କୋଳରେ ବସି ପଡୁଥାଏ ତ କେତେବେଳେ ପୁଣି ଯାଇ କାନ୍ଧରେ । ଜପମାଳାକୁ ମୋ ହାତରୁ ନେଇ ଘର ସାରା ଗୁରୁଣ୍ଡି ବୁଲୁଥାଏ । କେତେବେଳେ ସେ ମୋ ପଛରେ ତ କେତେବେଳେ ପୁଣି ମୁଁ ତା ପଛରେ । ଏମିତି ରାତି ପାହିଲା । ସକାଳ ହେବାରୁ ଗୋପାଳକୁ ଧରି ଧାଇଁଲି ଦକ୍ଷିଣେଶ୍ୱର । ଗୋପାଳ ମୋ କାଖରେ ରହିଥାଏ । ମୋ କାନ୍ଧରେ ତା ମୁଣ୍ଡଟି ରଖି ସେ ଶୋଇଗଲା । ତା' ଲାଲ ଟୁକୁଟୁକୁ ପାଦ ଦୁଇଟା ମୋ ଛାତିରେ ଝୁଲୁଥାଏ । ସାରା ବାଟ ମୁଁ ଚାଲିଥାଏ, ଖାଲି ଆନନ୍ଦ ଆଉ ଆନନ୍ଦ । ମୋ ଛାତିରେ ମୋର ଗୋପାଳକୁ ଧରି ପହଞ୍ଚିଗଲି ଦକ୍ଷିଣେଶ୍ୱରରେ । ସାମନାରେ ଠାକୁର । ଗୋପାଳ ମୋ କୋଳରୁ ଓହ୍ଲାଇ ପଡ଼ିଲା । ଧାଇଁଲା ଠାକୁରଙ୍କ ଆଡ଼କୁ । ବିକଳ ହୋଇ ଡାକିଲି, 'ବାବା, ବାବା ମୋର, ଏ ଦୁଃଖିନୀ ମାଆ କୋଳକୁ ଥରେ ଆ ।' ଗୋପାଳ କିନ୍ତୁ ଆଉ ଫେରିଲା ନି, ଠାକୁରଙ୍କ ଶ୍ରୀଅଙ୍ଗରେ ସେ ମିଳାଇ ଗଲା ।''

ବ୍ରାହ୍ମଣୀର ଏମନ୍ତ ବର୍ଣ୍ଣନା ଶୁଣି ଠାକୁର ମୁରୁକି ମୁରୁକି ହସୁଥିଲେ । ସାରା ଦିନଟି ସେ ନିଜ ପାଖରେ ରଖିଲେ । ସ୍ନାନ ଆହାରର ସବୁ ବନ୍ଦୋବସ୍ତ କରିଦେଲେ । ସନ୍ଧ୍ୟା ହେବା ପୂର୍ବରୁ ବ୍ରାହ୍ମଣୀ ନିଜ ଗ୍ରାମକୁ ଫେରି ଆସିଲେ । ବାଟରେ ଆସିବା ବେଳେ ଦେଖନ୍ତି ଗୋପାଳ ତାଙ୍କ କୋଳରେ । ଘରକୁ ଫେରି କୋଳରେ ଧରି ଜପ କଲେ, ତା' ସହ କେତେ ରଙ୍ଗ ରସ ହେଲେ । ରାତିରେ କୋଳରେ ଧରି ଶୋଇପଡ଼ିଲେ । ସକାଳ ହେବାରୁ ଗୋପାଳ ଚାଲିଲା ବ୍ରାହ୍ମଣୀଙ୍କ ପଛେ ପଛେ । ବ୍ରାହ୍ମଣୀ ଦେଖିଲେ ଗୋପାଳ ବି ତାଙ୍କ ସହ କାଠ ଗୋଟାଉଛି । ରୋଷେଇ ଘରେ ଆଣି ଜମା କରୁଛି । ରାନ୍ଧିବାବେଳେ ଦୁଷ୍ଟ ଗୋପାଳ କେତେବେଳେ ପାଖରେ ବସୁଥାଏ ତ ପୁଣି କେତେବେଳେ ମା' ପିଠିରେ ଲାଉ ହୋଇ ପଡୁଥାଏ । କେତେ କ'ଣ ସବୁ

କହି ଯାଉଥାଏ । ମା' ଆଖିରେ ଲୁହ ଦେଖିଲେ ତା' ଅଳି-ଅଝଟ ଚୁପ୍ ପଡ଼ିଯାଏ । କୋଳକୁ ଯାଇ ପଣତରେ ଲୁହ ପୋଛିଦିଏ ।

ଘରଲୋକେ ଏସବୁ କଥା କିଛି ବୁଝନ୍ତି ନି । କେବଳ ଜାଣନ୍ତି ଅଘୋରମଣିକୁ ବୈଧବ୍ୟ ଯନ୍ତ୍ରଣା କାବୁ କରି ନି, ତା' ପୂଜା-ଅର୍ଚ୍ଚନାରେ ସେ ବ୍ୟସ୍ତ । ଜହୁରୀ ନ ହେଲେ କ'ଣ ହୀରା-ପଥରକୁ କେହି କେବେ ଚଲାବାଟରୁ ଉଠାଇ ନେଇପାରିବ ? ଗାଁ ଲୋକଙ୍କ ପାଇଁ ସେ କେବଳ ଗୋଡ଼ଆଡ଼ିଆ ପଥର ଖଣ୍ଡେ । ପୁଣି ପଥର ବା କାହୁଁ ବୁଝିବ ସେ ଯେ ହୀରା, ଧାଉଁଛି ଜହୁରୀ ପାଖକୁ ।

ଏମିତି ବେଶ୍ କିଛିଦିନ ବିତିଗଲା । ପ୍ରଣାମ କରି ଉଠିବା ବେଳକୁ ଦିନେ ଠାକୁର କହିଲେ, ''ତୁମେ ଆଉ ଏତେ ଜପତପ କାହିଁକି କରୁଛ ? ବେଶ୍ ହୋଇଗଲାଣି ।'' ବ୍ରାହ୍ମଣୀ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଲେ ଠାକୁରଙ୍କୁ । ଠାକୁର ଆଜି ଏସବୁ କ'ଣ କହୁଛନ୍ତି, କିଛି ବୁଝିପାରିଲେ ନାହିଁ । ନଈ ବା କାହୁଁ ଜାଣିବ ତା' ବହନ୍ତା ବାଟର ଦୂରତାକୁ, ପକ୍ଷୀ ବା କାହୁଁ ବୁଝିବ ତା ଉଡ଼ନ୍ତା ଉଚ୍ଚତାକୁ । ବ୍ରାହ୍ମଣୀ ଅଳିକରି କହିଲେ, ''ଠାକୁର ! କୁହ ତ, କ'ଣ ସବୁ ହୋଇଛି ? କାହିଁକି ଜପ କରିବି ନାହିଁ ! ମୋର କ'ଣ ସିଦ୍ଧି ହୋଇଗଲାଣି ?''

''ହଁ, ତୁମ ନିଜ ପାଇଁ ସବୁ ଜପତପ ଶେଷ ହୋଇଯାଇଛି । ତେବେ (ନିଜର ଶରୀରକୁ ଦେଖାଇ) ଏହି ଶରୀରଟା ଭଲ ରହିବ ବୋଲି ଯଦି ଇଚ୍ଛାଥାଏ ତେବେ କରିପାର ।''– ଆଶ୍ୱାସନାପୂର୍ଣ୍ଣ ଉତ୍ତର ଦେଲେ ଠାକୁର । ବ୍ରାହ୍ମଣୀ କଥାର ରହସ୍ୟ ବୁଝିପାରିଲେ, ଆବେଗଭରା କଣ୍ଠରେ କହିଲେ, ''ଠିକ୍ ଅଛି, ଏବେ ଯାହାକିଛି କରିବି କେବଳ ତୁମରି ପାଇଁ, ତୁମରି ପାଇଁ ।''

କ୍ରମେ ଠାକୁରଙ୍କ ଉପରେ ଇଷ୍ଟବୁଦ୍ଧି ପାଇବାଠାରୁ ବ୍ରାହ୍ମଣୀଙ୍କର ବାତ୍ସଲ୍ୟଭାବ ଦୂର ହୋଇଗଲା । କେବେ କେବେ ବ୍ୟାକୁଳ ହୋଇ ଖୋଜୁଥିଲେ ଯାଇ ଗୋପାଳର ଦର୍ଶନଲାଭ କରୁଥିଲେ । ମାତ୍ର ଦକ୍ଷିଣେଶ୍ୱର ଯିବା ବନ୍ଦହୋଇ ନ ଥାଏ । ଦିନେ ଠାକୁରଙ୍କ ପାଖକୁ ଯିବା ସମୟରେ ନରେନ୍ଦ୍ର (ବିବେକାନନ୍ଦ) ସେଠାରେ ଉପସ୍ଥିତ ଥିଲେ । ଠାକୁରଙ୍କ ନିର୍ଦ୍ଦେଶରେ ବ୍ରାହ୍ମଣୀ ଗୋପାଳର ଲୀଳା-ବିଳାସ ପୁଣି ଥରେ ବର୍ଣ୍ଣନା କଲେ । ନରେନ୍ଦ୍ରଙ୍କ ଆଖିରେ ପ୍ରେମର ଅଶ୍ରୁ । ଜ୍ଞାନ ତାଙ୍କର ସେତେବେଳକୁ ପ୍ରେମର ପାରାବାରରେ ବରଫଖଣ୍ଡଟିଏ ମାତ୍ର । ତାଙ୍କର ମନେହେଲା – ଦାମ୍ଭିକତାର ଉତ୍ତୁଙ୍ଗ ପାହାଡ଼ ଭାଙ୍ଗି ସତେଯେମିତି ଚୂରମାର୍ ହୋଇଯାଉଛି । ଲକ୍ଷ୍ୟକଲେ ଠାକୁରଙ୍କ ଆଡ଼କୁ, ଠାକୁରଙ୍କ ମୁହଁରେ ସ୍ମିତହାସ୍ୟ ।

ସେଦିନ ମଧ୍ୟ ଖୁବ୍ ସୁନ୍ଦର ସୁନ୍ଦର ଜିନିଷ ଆଣି ଠାକୁର ନିଜ ହାତରେ ଖାଇବାକୁ ଦେଲେ ବ୍ରାହ୍ମଣୀଙ୍କୁ । ବ୍ରାହ୍ମଣୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ଗୋପାଳ, ତୁମେ ମୋତେ ଖୁଆଇବାକୁ ଏତେ ଭଲପାଅ କାହିଁକି ?'' ଠାକୁର ଉତ୍ତର ଦେଲେ, ''ତୁମେ ଯେ ମୋତେ ଆଗେ କେତେ ଖୁଆଇଛ ?'' ବ୍ରାହ୍ମଣୀ କିଛି ନ ବୁଝିପାରି ପ୍ରଶ୍ନ କଲେ, ''ଆଗେ, ମାନେ କେବେ ?''

''ବୁଝି ପାରୁ ନାହଁ ମାତା, ପୂର୍ବ ଜନ୍ମରେ ।''– ଠାକୁରଙ୍କ ଉତ୍ତରରେ ବ୍ରାହ୍ମଣୀ ଭାବାବିଷ୍ଟ ହୋଇଗଲେ । ପାଟିରୁ ତାଙ୍କର ଅଜାଣତରେ ବାହାରି ଆସିଲା, ''ଗୋପାଳ ! କାହ୍ନା ମୋର !'' ❑

ଶ୍ରୀରାମକୃଷ୍ଣ ଚରିତାମୃତ (୨୨)

# ମାର୍ଗ ଦର୍ଶନ

## ସନ୍ତୋଷ କୁମାର ରଥ

ଗଛ ବାଟୋଇକୁ ଆଶ୍ରୟ ଦିଏ, ଥକା ମେଣ୍ଟାଏ । ଥକା ମେଣ୍ଟିଗଲେ ବାଟୋଇ ଚାଲେ ତା' ରାସ୍ତାରେ । ସେ ରାସ୍ତା କଣ୍ଟାଝଣ୍ଟା, ଖାଲଖମାରେ ଭରପୂର । କାହିଁ କେତେ ଦୂର ତା' ଯାତ୍ରା, ଅସରନ୍ତି ସେ ପଥ । ଥୋକେ ଯାଆନ୍ତି ପୁଣି ଥୋକେ ଆସନ୍ତି । ଗଛ କିନ୍ତୁ କେବେ ବି ଲୋଡ଼େ ନି ଦରଦୀ କୃତଜ୍ଞତା ଟିକକ । ବିମୁଖ ହୁଏ ନି ତାଙ୍କ ଭୁଲା ପଣିଆର ପୁନରାବୃତ୍ତିରେ । ବରଂ ସେ ଛାୟା ମେଲିଥାଏ ସଭିଙ୍କ ପାଇଁ, ଅନ୍ତରରୁ କହୁଥାଏ – ଆସ, ମୁଁ ଯେ ତୁମ ପାଇଁ ଅପେକ୍ଷିତ । ସୂର୍ଯ୍ୟଙ୍କର ଉତ୍ତାପକୁ ମୁଁ ବହନ କରିଛି, ବର୍ଷା କାକରକୁ ମୁଁ ମଥା ପାତିଛି, ସମସ୍ତ ଦୁଃବାୟୁକୁ ମୁଁହିଁ ସେବନ କରୁଛି । କେବଳ ତୁମରି ପାଇଁ । ତୁମେ ପରା ଆଶ୍ରିତ ।

ପାପୀ, ତାପୀ, ଦୁଃଖୀ, ଦରିଦ୍ର ସଭିଏଁ ନିଜ ସାଉଁଟା କଷ୍ଟକୁ ଅଜାଡ଼ିଦେଲେ ଠାକୁରଙ୍କ ଚରଣରେ । ମିନତିର ସତେ ଯେମିତି ଶେଷ ନାହିଁ । ଠାକୁର କିନ୍ତୁ ନିର୍ବିକାର । ଆପଣେଇ ନେବାରେ ଧୁରନ୍ଧର, ରାସ୍ତା କଡ଼ର ବପୁ ବିସ୍ତାର କରି ରହିଥିବା ବର୍ଷୀୟାନ୍ ବଟବୃକ୍ଷ ପରି । ନରେନ୍ଦ୍ରଙ୍କୁ (ବିବେକାନନ୍ଦ) ମଧ୍ୟ ସେ ସେହି ଉପଦେଶ ଦେଇଥିଲେ ।

ଠାକୁରଙ୍କ ଗଳାରେ ଏକ ଅଚାନକ ଯନ୍ତ୍ରଣାର ଆବିର୍ଭାବ ହେଲା । ଲଘୁ ଚିକିତ୍ସା ପରେ ତାହା ଉପଶମ ହେବାର କୌଣସି ସୂଚନା ନ ମିଳିବାରୁ ଭକ୍ତଗଣ ତାଙ୍କୁ କଲିକତା ନେଇ ଆସିଲେ । କାଶୀପୁରଠାରେ ଏକ ଉଦ୍ୟାନ ଗୃହରେ ଠାକୁରଙ୍କର ରହିବାର ବନ୍ଦୋବସ୍ତ କରା ହେଲା । ଗୃହୀ ଭକ୍ତଙ୍କଠାରୁ ବାଳକ ଭକ୍ତଗଣ ନିଜର ସମୟ ଓ ଶକ୍ତି ବିନିମୟରେ ସେବା କରିବାର ସୁଯୋଗ ପାଇବା ପାଇଁ ବେଶୀ ତତ୍ପର ହୋଇ ଉଠିଲେ । ନରେନ୍ଦ୍ର ଥିଲେ ସେମାନଙ୍କର ଦୃଷ୍ଟାନ୍ତ । ଘରଦ୍ୱାର ଛାଡ଼ି ସେ କାଶୀପୁରଠାରେ ସ୍ଥାୟୀ ଡେରା ପକାଇଲେ । ଠାକୁରଙ୍କ ସେବା ସହ ଧ୍ୟାନ ଧାରଣାରେ ସମୟ ବିତାଇଲେ । ଦିନେ ଦିନେ ଦକ୍ଷିଣେଶ୍ୱର ଯାଇ ପଞ୍ଚବଟୀ ମୂଳରେ ଧ୍ୟାନ କରୁଥିଲେ, ସାରା ରାତି ବିତି ଯାଉଥିଲା । ଠାକୁର ଏକଥା ଜାଣି ପାରି ଦିନେ ନରେନ୍ଦ୍ରଙ୍କୁ ଡାକି କହିଲେ, ''ଦେଖ, ତୁ ଯେ ଏତେ ଧ୍ୟାନ ଧାରଣା କରୁଛୁ କ'ଣ ପାଇଁ ? ତୋର କ'ଣ ଅଷ୍ଟୈଶ୍ୱର୍ଯ୍ୟ ଲାଭ କରିବାର ଲାଳସା ରହିଛି ? ତାହା କୌଣସି ଦିନ ମୋର କାମରେ ଲାଗି ନାହିଁ । ତୁ ଯଦି ଚାହୁଁ ମୁଁ ତୋତେ ଦେଇପାରେ ।''

''ଗୁରୁଦେବ, ଭଗବାନଙ୍କୁ ପାଇବାରେ ଏହା କ'ଣ ସହାୟକ ହେବ କି ?'' ନରେନ୍ଦ୍ରଙ୍କ ପ୍ରଶ୍ନରେ ଠାକୁର ଉତ୍ତର ଦେଲେ – ''ନା, ତାହା ହେବ ନାହିଁ । ମାତ୍ର କୌଣସି ଐହିକ ବାସନା ଅପୂର୍ଣ୍ଣ ରହିବ ନାହିଁ । ଏଇ ଜଡ଼ଗତ କାମନା ବାସନା ଥିବା ପର୍ଯ୍ୟନ୍ତ ଭଗବତ୍ ଲାଭ ସମ୍ଭବ ନୁହେଁ । ଯଦି ଚାହୁଁ ତାହା ତୃପ୍ତ କରିପାରୁ ।''

ସୁଡ଼ଙ୍ଗର ବାଟଭଙ୍ଗା ଦିକ୍ ଦିକ୍ ଆଲୋକକୁ ଛାଡ଼ି ଦେଇ ନରେନ୍ଦ୍ର ଦେଖିପାରିଲେ ଏକ ଉଜ୍ଜ୍ୱଳ ଆଭା । ବୁଝିପାରିଲେ ତାହାହିଁ ତାଙ୍କର ଦିଶାରି; ଦୂର ଅଥଚ ଲକ୍ଷ୍ୟ । ସେ ଖୁବ୍ ଲାଳାୟିତ ହୋଇଉଠି କହିପକାଇଲେ, ''ଗୁରୁଦେବ, ସେଥିରେ ମୋର ପ୍ରୟୋଜନ ନାହିଁ । ମୁଁ ଚାହେଁ ଆପଣଙ୍କ ପରି ସଦା ସର୍ବଦା ନିର୍ବିକଳ୍ପ ସମାଧି ଯୋଗରେ ସଚ୍ଚିଦାନନ୍ଦ-ସାଗର ମଧ୍ୟରେ ବୁଡ଼ି ରହିବାକୁ ।''

ଠାକୁର ଶୁଣି ନ ଶୁଣିଲା ପରି ହେଲେ । ମା'ର ନାମ ଗାନରେ ମଗ୍ନ ହୋଇଗଲେ । ନରେନ୍ଦ୍ରଙ୍କ ହୃଦୟର ଉଦ୍‌ବେଳନ କିନ୍ତୁ ଶାନ୍ତ ହୋଇ ନ ଥାଏ, ଅପ୍ରାପ୍ତକୁ ପ୍ରାପ୍ତ ହେବାର ଦୁର୍ବାର ପ୍ରଚେଷ୍ଟା, ଅନନ୍ୟ ଦୃଷ୍ଟ ଏକାଗ୍ରତା । ନରେନ୍ଦ୍ର ପୁଣି ଥରେ ଅନୁରୋଧ ଜଣାଇଲେ । ଠାକୁର ଏଥର ଅଳ୍ପ ଅଧୀରତା ପ୍ରକାଶ କରି କହିଲେ, ''ବାରଂବାର ଏକଥା କହିବାକୁ ଲାଜ ମାଡୁ ନାହିଁ ? ମୁଁ ଭାବିଥିଲି ତୁ ଗୋଟାଏ ବିରାଟ ବଟବୃକ୍ଷ ପରି ବଢ଼ି ଶତ ଶତ ଲୋକଙ୍କୁ ଶାନ୍ତିଛାୟା ପ୍ରଦାନ କରିବୁ । ତା' ନ କରି ତୁ ନିଜ ମୁକ୍ତି ଲାଗି ବ୍ୟସ୍ତ ହୋଇ ପଡ଼ିଛୁ, ଏତେ କ୍ଷୁଦ୍ର ଆଦର୍ଶ ତୋର ।''

ତିଖ ଖସା ଝରଣାର ନିର୍ଦ୍ଦିଷ୍ଟ ଗତିକୁ ସତେ ଯେମିତି କେହି ରୋକି ଦେଲା । ନରେନ୍ଦ୍ରଙ୍କ ଆଖି ଛଳ ଛଳ ହୋଇ ଉଠିଲା । ଅଭିମାନରେ ସେ କହି ପକାଇଲେ, ''ନିର୍ବିକଳ୍ପ ସମାଧି ନ ହେବା ପର୍ଯ୍ୟନ୍ତ ମୋ ମନ ଅନ୍ୟ କୌଣସି କଥାରେ ଶାନ୍ତ ହେବ ନାହିଁ; ତା' ଯଦି ନ ହୁଏ, ମୁଁ ଆଉ କିଛି କରିପାରିବି ନାହିଁ ।''

''ତୋ ଇଚ୍ଛା ଅନୁସାରେ ସବୁକିଛି କରିବୁ ବୋଲି କ'ଣ ତୁ ଭାବିଛୁ । ଯାହା ଜଗଦମ୍ବାଙ୍କ ଇଚ୍ଛା ତାହାହିଁ ହେବ । ତୁ ନ ଚାହିଁଲେ ବି ହେବ । ତୋ ହାତ ଧରି ସେ କରାଇ ନେବେ । ଜଗତ୍ କଲ୍ୟାଣ ପାଇଁ ତୋର ଜନ୍ମ । ଆଚ୍ଛା ଯା, ନିର୍ବିକଳ୍ପ ସମାଧି ହେବ ।'' — ଠାକୁର ପ୍ରସନ୍ନ ହେଲେ, ମୁହଁରେ ଈଷତ୍ ହାସ୍ୟ ।

ଠାକୁରଙ୍କ ଅସୁସ୍ଥତା ଭିନ୍ନ ଏକ ଆବେଶକୁ ଆହ୍ୱାନ କଲା । ତ୍ୟାଗୀ ବାଳକମାନେ ଘର ଓ ପରିବାରର ସ୍ନେହ ଶ୍ରଦ୍ଧାକୁ ଅଣଆଡ଼ିଆ କରି ପଡ଼ି ରହିଲେ କାଶୀ ପୁରରେ ଠାକୁରଙ୍କ ସେବା ପାଇଁ । ନରେନ୍ଦ୍ର ସେମାନଙ୍କର ନେତା ସାଜିଥିଲେ । ଠାକୁର ସେମାନଙ୍କର ଶ୍ରଦ୍ଧା ଓ ତ୍ୟାଗରେ ମୁଗ୍ଧ ହୋଇ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରିବା ପାଇଁ ସ୍ଥିର କଲେ । ଗୋଟିଏ ଶୁଭ ଦିନରେ ସେମାନଙ୍କୁ ଗେରୁଆ ବସ୍ତ୍ର ପ୍ରଦାନ କରି ନରେନ୍ଦ୍ରକୁ ଡାକି କହିଲେ, ''ତୁମେମାନେ ଅହଂକାର, ଅଭିମାନ ତ୍ୟାଗ କରି ଭିକ୍ଷା ଝୁଲି କାନ୍ଧରେ ପକାଇ ରାଜ ପଥରେ ଭିକ୍ଷା ମାଗିପାରିବ ?'' ବିନା ଦ୍ୱିଧାରେ ଗ୍ରହଣ କରିନେଲେ ସମସ୍ତେ । କଲିକତାର ରାଜ ରାସ୍ତାରେ ନୂତନ ଭିକ୍ଷୁକଙ୍କର ଆବିର୍ଭାବ ହେଲା । ଦେହରେ ଗୈରିକ ବସନ, ମୁହଁରେ ବାଳ ସୁଲଭ ଚପଳତା । ସହରରେ ଚହଳ ପଡ଼ିଗଲା, ଗୃହୀ ଭକ୍ତମାନେ ଭିକ୍ଷା ଦେବା ପାଇଁ ଆତୁର ହୋଇ ଉଠିଲେ । ସନ୍ଧ୍ୟା ପୂର୍ବରୁ ସମସ୍ତଙ୍କ ଝୁଲା ଭରପୂର । ସେଦିନ ସେମାନେ ସେହି ଭିକ୍ଷାଲବ୍ଧ ଦ୍ରବ୍ୟ ରନ୍ଧନ କରି ଗୁରୁଦେବଙ୍କ ପାଖରେ ଅର୍ପଣ କରି ପ୍ରସାଦ ରୂପେ ସେବନ କଲେ, ନିଜକୁ ବରି ନେଲେ ଗୃହତ୍ୟାଗୀ ସନ୍ନ୍ୟାସୀ ରୂପେ । ଠାକୁର ଆତ୍ମହରା ହୋଇ ଉଠିଲେ । ବୋଧହୁଏ ସେହି ଦିନହିଁ ତାଙ୍କ ସ୍ୱପ୍ନ ସାର୍ଥକ ହେଲା ଏବଂ ଭାବୀ ରାମକୃଷ୍ଣ ସଂଘର ମୂଳଦୁଆ ପଡ଼ିଲା ।

ଠାକୁରଙ୍କ କଥା ଗୃହୀ ଭକ୍ତମାନଙ୍କ ହୃଦୟ ଛୁଉଁଥିଲା । ବର୍ଷା ଅସରାକ ପରେ ଶୁଖିଲା ଭୂଇଁରୁ ଗଜୁରି ଉଠୁଥିଲା କେତେ ଗଛ । ବିହନ ଯେ ଖରାଖିଆ ହୋଇ ପଡ଼ି ରହିଥିଲା ତାହା ସେତିକିବେଳେହିଁ ଜାଣି ହେଉଥିଲା । ସେହି ତଳିରୁ ପୁଣି ଗଛ ବଢୁଥିଲା, ଫଳ ଫଳୁଥିଲା । କଥାଟା ମିଛ ନୁହେଁ । ଦରକାର ହେଲେ ଠାକୁର ଆଉ ଟିକେ କଷ୍ଟ କରି ସେହି ଗଛରେ ବାଡ଼ ଘେରାଉଥିଲେ, ତା'ର ବଙ୍କା ଡାଳକୁ କାଟି ସିଧା ବଢ଼ାଉଥିଲେ । ଏମିତି ଦିନକର ସନ୍ଧ୍ୟା ଆସରରେ ଲୋକ ଶିକ୍ଷାଦେବାକୁ ଯାଇ ଠାକୁର କହିଥିବା କାହାଣୀଟି ଏହିପରି —

ତୁମେମାନେ ଅହଂକାରୀ ହୀରାଲାଲର କଥା ଜାଣ । ଗରିବ ବ୍ରାହ୍ମଣଟିଏ, ହେଲେ ଗାଁର ସଭିଙ୍କର ପ୍ରିୟ । ନିଜ ମେହେନତରେ କରିଥିଲା ବଗିଚା ପରି ବଗିଚାଟିଏ । ସେଇଟି ବାରମାସୀ ଫୁଲ, ଫଳ, ପନିପରିବାରେ ଭରପୂର । ଶାଗ ପଟାଳି ଗୋଟାଏ ଉଜୁଡ଼ିବା ପୂର୍ବରୁ ଆଉ ଗୋଟାଏ ସଜାଡ଼ି ଦେଉଥିଲା । କ୍ଷେତର ହାନି ଲାଭ ପାଇଁ ସେ ସାରା ରାତି ପହରା ଦିଏ, ତା' କଟାକ୍ଷରୁ ମଣିଷ ତ ଦୂରର କଥା, ବିରାଡ଼ି ପିଲାଟିଏ ବି ହୁଗୁଲୁ ନ ଥିଲା । ବନ୍ଦ ଫାଟକ ଥିଲା ତା' ବଗିଚାର ସଜାଗ ପ୍ରହରୀ ।

''ହୁସିଆର, ତୁମକୁ ଧରିଲେ ଏମିତି ଶିକ୍ଷା ଦେବି ଯେ ଆଉ ଦିନେ ଏ ମାଟି ମାଡ଼ିବ ନି ।'' ହୀରାଲାଲର ଧମକରେ ପୂଜା ପାହାନ୍ତିରେ ପଶିଥିବା ଛୋଟ ପିଲାମାନେ ଚାଙ୍ଗୁଡ଼ି ଫୋପାଡ଼ି ଦୌଡ଼ନ୍ତି । ଦିନେ ଦ୍ୱିପହରେ ଖୁବ୍ ଜୋର୍‌ରେ ପବନ ବହିବାକୁ ଲାଗିଲା । ପବନ ଧକ୍କାରେ ଫାଟକ ଠିଆ ମେଲା । ହୀରାଲାଲ ଝଡ଼ା ଫଳ ସାଉଁଟିବାରେ ବ୍ୟସ୍ତ ଥିବା ସୁଯୋଗକୁ ହାତ ଛଡ଼ା ନ କରି ଗାଈଟିଏ ବଗିଚା ଭିତରକୁ ପଶିଗଲା । ବେଶ୍ କିଛି ସମୟ ପରେ ହୀରାଲାଲର ନଜର ପଡ଼ିଲା । ସେତେବେଳକୁ କଅଁଳ ଛନଛନିଆ ଶାଗ କିଆରି ଅଧା ଲଣ୍ଡା । ଗାଈ ମହାଆନନ୍ଦରେ ଚରି ଚାଲିଥାଏ । ହୀରାଲାଲ ଏଥର ପୂର୍ବପରି ପାଟି ନ କରି ମୋଟା ପାଞ୍ଚଣ ଖଣ୍ଡିଏ ଧରି ପାଦ ଚିପି ଚିପି ଅଇଲା ଗାଈ ପାଖକୁ । ନିର୍ଘୁମ ପିଟିଲା ।

ହୀରାଲାଲର ମାଡ଼ରେ ଗାଈ ସେତେବେଳକୁ ଅଧାପ୍ରାଣ । ତଥାପି ନିସ୍ତାର ନ ଥାଏ ବିଚରାର । ଶେଷକୁ ଚାରିକାତ ମେଲି ଚିତ୍‌ପଟାଙ୍ଗ ମାରି ପଡ଼ିଗଲା । ଡଙ୍କ ମୋଡ଼ିଦେଲା । ହୀରାଲାଲର ଚେତା ପଶିଲା — ଏ କ'ଣ କଲି । ବ୍ରାହ୍ମଣ ହୋଇ ଗୋରୁ ମାରିଲି । ଗୋହତ୍ୟା ମହାପାପ, ସାତଜନ୍ମ ନର୍କ ଭୋଗିବାକୁ ହେବ । ଲୋକେ କ'ଣ କହିବେ ?

ହୀରାଲାଲକୁ ବୁଦ୍ଧି ଉପାୟ ଦିଶିଲା ନି । କ୍ରୋଧର ବଶରେ ପଡ଼ି ତା'ର ଯେ ବୁଦ୍ଧି ନାଶ ହୋଇଛି ଏକଥା ଜାଣୁଥିଲେ ବି ଲୋକ କୁହାରୁ ନିବର୍ତ୍ତିବା ପାଇଁ ଏବେ ଉପାୟ ପାଞ୍ଚିଲା, ଭାବିଲା — ରାତି ହେଲେ ବଗିଚାର ଗୋଟାଏ କଣରେ ବଡ଼ ଗାତ ଖୋଳି ପୋତିଦେବି । କିଏ କାହିଁ ଜାଣିବ ।

ହୀରାଲାଲ ଗାଈର ମୃତ ଦେହ ଆଡ଼କୁ ପୁଣି ଥରେ ନଜର ପକାଇଲା । ତା' ମୁହଁରୁ ମେଞ୍ଚାଏ ଫେଣ ବାହାରି ପଡ଼ିଥିଲା, ଗୋଡ଼ଗୁଡ଼ାକ ଆସ୍ତେ ଲାଠି ହେଇଯାଉଥିଲା । ତା' ଦେହର ଛାବଳା ରଙ୍ଗ ଓ ମୁଣ୍ଡର ଚାନ୍ଦକୁ ଲକ୍ଷ୍ୟ କରି ବୁଝିନେଲା

ସେଇଟା ପ୍ରଧାନ ଘରର ଗାଈ । ମାତ୍ର ବୁଢ଼ୀ ହୋଇଯିବାରୁ ତାକୁ ଘରୁ ବିଦା କରିଦେଇଥିଲା । କାଞ୍ଜିଆହୁଦାରେ ଢେର୍ ଦିନ ରହିଲା, ହେଲେ କେହି ଦାବି ନ କରିବାରୁ ଖୁଣ୍ଟ ବନ୍ଧା ହୋଇ ଖାଇବାକୁ ଦେବାରେ କିଛି ଲାଭ ନାହିଁ ଜାଣି ମାଲିକ ମୁକାଳି ଦେଲା । ତେଣୁ ରକ୍ଷା । ନ ହେଲେ ମଣିଷ କ୍ଷତିପୂରଣ ସାଙ୍ଗକୁ ଜୋରିମାନା ମଧ ଗଣିଥା'ନ୍ତା ।

ପ୍ରଧାନ ବୁଢ଼ାକୁ ମନେ ମନେ ବୁହାଟେ ଗାଳିଦେଲା – ମୂର୍ଖ, ବୟସ ହୋଇଗଲା ବୋଲି କ'ଣ ଅଲୋଡ଼ା ହୋଇଗଲା । ତା' ହେଲେ ତୋ ବାପା-ମା'ଙ୍କୁ କ'ଣ ତୁ ଏମିତି ଘରୁ ତଡ଼ି ଦେବୁ ? ଆଉ ତୁ ବୁଢ଼ା ହେଲେ ! ହୀରାଲାଲର ମନ ତଥାପି ଶାନ୍ତି ହେଲା ନି, ପରିବେଶର ସୁରକ୍ଷା କଥା ଚିନ୍ତା କରି ଭାବିଲା – ଆଜି କାଲି କଂସେଇର ମଧ କିଛି ତତ୍ପରତା ନାହିଁ । ଗାଈ ଗୋରୁଗୁଡ଼ାକ ରାସ୍ତାରେ ବୁଲୁଛନ୍ତି, ଯା ତା' ବାଡ଼ିରେ ପଶୁଛନ୍ତି, ତାକୁ ନେଇ ଦି ପଇସା ରୋଜଗାର କରିଥିଲେ କ'ଣ ହୋଇ ନ ଥା'ନ୍ତା ।

ଯୋଗକୁ ହୀରାଲାଲର ଏଭଳି ସୁଚିନ୍ତିତ ମତାମତଗୁଡ଼ାକ ଉତ୍ତରପିଢ଼ିଙ୍କ କାନରେ ପଡ଼ି ନ ଥିଲା ।

ଭାବନାର ଭଉଁରି ଭିତରୁ ହୀରାଲାଲର ମୁଣ୍ଡକୁ ଗୋଟାଏ ସୁବୁଦ୍ଧି ଜୁଟିଗଲା । ଭାରି ଖୁସି ହେଲା । ଶୋକ କରିବା ବିଜ୍ଞତାର ପରିଚୟ ନୁହେଁ । ପ୍ରକୃତରେ ଭୁଲ୍‌ଟା ତା'ର ନୁହେଁ । କାରଣ ସେ ତ ଗୀତାରେ ପଢ଼ିଛି – ଆସକ୍ତିରୁ କାମନା, କାମନାରୁ କ୍ରୋଧ, କ୍ରୋଧରୁ ବିସ୍ମୃତି, ବିସ୍ମୃତିରୁ ବୁଦ୍ଧିନାଶ ହୋଇଥାଏ । ତେଣୁ ଏକଥା ଜାଣି ସେ ଏତେ ବଡ଼ ଭୁଲ୍ କରିବ ବା କେମିତି ? ସେ ତ ଗାଈକୁ ମାରି ନି, ଗାଈଟି ତା'ର ହାତର ପ୍ରହାରରେ ମରିଛି । ଶାସ୍ତ୍ର କହେ – ହାତ ଇନ୍ଦ୍ର ଶକ୍ତିରେ ପରିଚାଳିତ, ହାତ ଯାହା କରେ ସେ ସମସ୍ତ ଇନ୍ଦ୍ରହିଁ କରନ୍ତି । ଇନ୍ଦ୍ର ଯଦି ଗୀତାର ବାଣୀକୁ ସ୍ମରଣ କରିଥା'ନ୍ତେ ତେବେ କ'ଣ ଏତେ ବଡ଼ ବିପତ୍ତି ଘଟି ଥାଆନ୍ତା ? ମୋ ହାତର ବାଡ଼ି ତ କେବଳ ନିମିତ୍ତ ମାତ୍ର । ଠିକ୍ ଯେମିତି ଏତେ ବଡ଼ ମହାଭାରତ ଯୁଦ୍ଧ ଘଟିଗଲା ସତରେ କ'ଣ ଅର୍ଜୁନ କାହାକୁ ମାରିଥିଲା !

''ହୀରାଲାଲର ଆଶ୍ୱସ୍ତ ମନଟା ଅପରାହ୍ଣର ଶୀତଳ ପବନରେ ଆହୁରି ଶୀତଳେଇ ଗଲା । ହଠାତ୍ ତା'ର ନଜର ପଡ଼ିଗଲା ଠିଆମେଲା ଫାଟକ ଆଡ଼େ । ଦେଖିଲା କେହି ଜଣେ ବୃଦ୍ଧ ମୁଗ୍ଧ ଚକିତ ଦୃଷ୍ଟିରେ ଚାହିଁ ରହିଛନ୍ତି ତା'ର ଫୁଲ ବଗିଚା ଆଡ଼କୁ । ନିଶ୍ଚୟ ଜଣେ ପରିବେଶ ରସିକ ଆଗନ୍ତୁକ । ସଙ୍ଗେ ସଙ୍ଗେ ପାଖକୁ ଆସି ପାଛୋଟି ନେଲା ହୀରାଲାଲ – ଆସନ୍ତୁ ମହାଶୟ, ଭିତରର ଉଦ୍ୟାନ ଆହୁରି ରହସ୍ୟମୟ । ପ୍ରକୃତିର ଲୀଳା ବଡ଼ ଚମତ୍କାର । ସବୁ ମୁଁ ନିଜେ କରିଛି । ଏଇ ହାତରେ ଗଛ ପୋତିଛି, ପାଣି ଦେଇଛି, ଫୁଲ ଫୁଟେଇଛି, କାହାରି ସାହାଯ୍ୟ ଲୋଡ଼େ ନାହିଁ । ଏଇ ବୟସରେ ମେହେନତ କରିବି ନାହିଁ ତ ଆଉ କ'ଣ ବୁଢ଼ା ହେଲେ କରିପାରିବି ?

'ସତରେ ବ୍ରାହ୍ମଣ, ବଡ଼ ଚମତ୍କାର । ଖାଲି ପାରିଜାତ ଥିଲେ ଉପବନଟି ସ୍ୱର୍ଗର ଅମରାବତୀ ତୁଲ୍ୟ ହୋଇ ଉଠିଥା'ନ୍ତା । ହେବ, ନିଶ୍ଚୟ ହେବ ।' – ବୃଦ୍ଧଙ୍କ ଉଚ୍ଛାଟନରେ ହୀରାଲାଲ ଆହୁରି ଉତ୍‌ଫୁଲ୍ଲିତ ହୋଇ ଉଠିଲା । କ୍ଷଣକ ପାଇଁ ଭୁଲିଗଲା ତା'ର ପୂର୍ବର ମନସ୍ତାପ । ନିଜର ବଡ଼ିମାରେ ନିଜେ ମଦିର ଗଢ଼ିଲା, ଚୂଡ଼ା ମାରିଲା । ଭାବିଲା ସାତପୁରୁଷକୁ ଖ୍ୟାତି ରହିଯିବ । ଏଣେ ବୃଦ୍ଧ ନଜର ବେଢ଼େଇ ଚାଲିଥା'ନ୍ତି ବଗିଚାର ଉକୁଟା ଶୋଭାର ତାଳେ ତାଳେ । ହୀରାଲାଲ ତାଙ୍କ ପାଖେ ପାଖେ ରହି କର୍ତ୍ତା ବନାମ ପରିଦର୍ଶକର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିଲେ କର୍ତ୍ତୃବାଚକ ବାକ୍ୟ ପ୍ରୟୋଗ କରି । ମାତ୍ର ବୃଦ୍ଧଙ୍କ ଦୃଷ୍ଟି ଯେ ଦେଖଣା ଯୋଗ୍ୟ ଦୃଶ୍ୟରୁ ଅଣ ଆୟତ୍ତ ହୋଇଯାଉଥିଲା, ଏକଥାକୁ ଲକ୍ଷ୍ୟ କରିଥିଲେ ବି ତା'ର ରହସ୍ୟ ଅବୁଝା ରହିଥିଲା ହୀରାଲାଲଙ୍କ ପାଇଁ । ହଠାତ୍ ବୁଦା ଉହାଡ଼ରେ ଦୃଷ୍ଟିକୁ ଅଟକାଇ ରଖି ବୃଦ୍ଧ ଜଣକ ଆଶ୍ଚର୍ଯ୍ୟ ହୋଇ କହିଲେ, 'ଏ କ'ଣ, ଏ ଗାଈକୁ ମାଇଲା କିଏ ? ମନେ ହେଉଛି କେହି ପିଟି ପିଟି ମାରିଛି । କି ଜଘଣ୍ୟ ଏ କାଣ୍ଡ ?'

'ଆଜ୍ଞା, ମରିବାର ଯୋଗ ଥିଲା ସେ ମଲା । ସତ କହିବାକୁ ଗଲେ ଏହା ଇନ୍ଦ୍ରଦେବଙ୍କର କାଣ୍ଡ । ଛାଡ଼ନ୍ତୁ, ଅତୀତକୁ ମାପି କିଛି ଲାଭ ନାହିଁ ।' – ଦ୍ୱିଧା ଘୋଡ଼ିଆ କଣ୍ଠରେ ଉତ୍ତର ଦେଲେ ହୀରାଲାଲ ।

'ତୁମେ ଏ କ'ଣ କହୁଛ ? ଇନ୍ଦ୍ର କିପରି ଏ ଗାଈକୁ ମାରିଲେ' – ବୃଦ୍ଧଙ୍କର ଆଶ୍ଚର୍ଯ୍ୟ ହେବାଟା ଅସ୍ୱାଭାବିକ ମନେ ନ କରି ହୀରାଲାଲ କହିଲେ, 'ଆଜ୍ଞା, ବୟସ ଦୃଷ୍ଟିରୁ ଆପଣ ନିଶ୍ଚୟ ବିଜ୍ଞ । ଆପଣ କ'ଣ ଜାଣନ୍ତି ନାହିଁ ଯେ ଏଇ ହାତ ଇନ୍ଦ୍ର-ଶକ୍ତିରେ ପରିଚାଳିତ ? ଏଇ ହାତ-କୃତ ସମସ୍ତ କର୍ମର କର୍ତ୍ତା ମୁଁ ନୁହେଁ ସ୍ୱୟଂ ଇନ୍ଦ୍ରଦେବ । ଗାଈ ମୋ ଗଛ ଖାଇ ଯିବାରୁ ମୋ ହାତରେ ମୋଟା ପାଞ୍ଚଣ ମାଧମରେ ଇନ୍ଦ୍ରଦେବ ଗାଈଟିକୁ ଉଚିତ ଶାସ୍ତି ଦେଇଛନ୍ତି । ତେଣୁ ମୋ' ହାତ ନା ମୁଁ କେହି ଏ ପାପର ଭାଗିଦାର ନୋହୁଁ ।

'ଓଃ, ତା'ହେଲେ ଏ କୁକର୍ମ ଇନ୍ଦ୍ରଙ୍କର ଆଉ ପାପ ସବୁ ମଧ୍ୟ ତାଙ୍କର । ମାତ୍ର ତୁମେ ଯେତେବେଳେ ମୋତେ ବଗିଚା ବୁଲାଇ ଦେଖାଉଥିଲ ସେତେବେଳେ ତ କାହିଁ କହୁ ନ ଥିଲ ଏଇ ଶୋଭା ତୁମ ହାତ ଦ୍ୱାରା ନୁହେଁ, ଇନ୍ଦ୍ରଙ୍କ ଦ୍ୱାରା କୃତ ବୋଲି ?' – ବୃଦ୍ଧଙ୍କର ଉତ୍ତରରେ ମୂଢ଼ ହୀରାଲାଲ ସ୍ତବ୍ଧ ହୋଇଗଲା । ସାରା ଶରୀର ତା'ର ଘର୍ମାକ୍ତ । ସାମନାରେ ଦେଖିଲା ଇନ୍ଦ୍ର ଛଦ୍ମବେଶ ତ୍ୟାଗ କରି ସ୍ୱୟଂ ଦଣ୍ଡାୟମାନ । ନିମିଷକେ ଅନ୍ତର୍ଦ୍ଧାନ ହୋଇଗଲେ ।

ଠାକୁରଙ୍କ ଉପଦେଶ ସବୁ ଭକ୍ତମାନଙ୍କ ପାଇଁ ଥିଲା ଯଥାର୍ଥ ଚେତାବନୀ । ସେସବୁ ପ୍ରସରି ଗଲା ତୁଣ୍ଡରୁ ତୁଣ୍ଡକୁ, ଗଳ୍ପ ଆକାରରେ ।

❑❑❑

## ଶ୍ରୀରାମକୃଷ୍ଣ ଚରିତାମୃତ (୨୩)

# ତୁମେ ଆଉ ମୁଁ

## ସନ୍ତୋଷ କୁମାର ରଥ

ସୂର୍ଯ୍ୟ ଉଇଁଲେ ଡେଙ୍ଗୁରା ପିଟିବାକୁ ହୁଏ ନି । ଆଲୋକ ବିଛାଡ଼ି ପଡ଼େ । ମେଘ ଘୋଡ଼ିଆ ଆକାଶ ବି ଉଜ୍ଜ୍ୱଳ ହୋଇଉଠେ, ଅନ୍ଧାର ଆପେ ଆପେ ଆଡ଼େଇ ହୋଇଯାଏ । ଖାଲି ଯେ ପୂର୍ବମୁଖା ମଣିଷମାନେ ଅରୁଣିମାର ଆଭାକୁ ଆହ୍ଲାଦ କରନ୍ତି ସେକଥା ନୁହେଁ, ସଭିଏଁ ପାଆନ୍ତି ପାହାନ୍ତିର ସ୍ପର୍ଶ । କେହି କେହି କତରା ଘୋଡ଼ିଆ ସ୍ୱଭାବକୁ ଆପଣେଇ ନେଉଥିଲେ ବି ବେଶୀ ସମୟ ପାଇଁ ନୁହେଁ । କଢ଼ କଇଁ କ'ଣ ନ ମୁକୁଳି କେବେ ରହିପାରିବ ନା ସୂର୍ଯ୍ୟଙ୍କୁ ନ ଅନାଇ ଆଡ଼ କରିପାରିବ ? ନିଶ୍ଚୟ ମହକି ଯିବ ମଉଳିବା ପୂର୍ବରୁ ।

ଠାକୁରଙ୍କର ଏଇ ପ୍ରତ୍ୟୟ ଥିଲା — ଚେତନାର ଉନ୍ମୀଳନ ସୁନିଶ୍ଚିତ । ମା'କୁ ଡାକିଲେ ମା' କ'ଣ କେବେ ସନ୍ତାନର ଡାକ ନ ଶୁଣି ରହିପାରିବ ? ମାତ୍ର ଆମକୁ ଡାକିବାକୁ ପଡ଼ିବ । ଡାକିଲା ପରି ଡାକିବାକୁ ହେବ; ସେତେବେଳେ ଭାବିବାକୁ ହେବ — ଈଶ୍ୱର କେବଳ ବସ୍ତୁ ଆଉ ସବୁ ଅବସ୍ତୁ । ସାଧନା କରି କରି ଆଗେଇ ଗଲେ ଶେଷରେ ଜାଣି ହେବ ଯେ ଈଶ୍ୱର ଲାଭହିଁ କେବଳ ଜୀବନର ଉଦ୍ଦେଶ୍ୟ । ଠାକୁର ଆରମ୍ଭ କଲେ ଗପରୁ ଖିଏ, ଯାହା ଏବେ ବି ସ୍ମୃତି ସାଇତା ହୋଇ ରହିଛି :

''ଦିନକର ଘଟଣା, କାଠକଟାଳିଟିଏ କାଠ କାଟିବା ପାଇଁ ଜଙ୍ଗଲକୁ ଯାଇଥିଲା । କଣ୍ଟାଝଣ୍ଟା ଆଡ଼େଇ ଚାଲିଥାଏ ସେଇ ସରୁ ଅଙ୍କାବଙ୍କା ରାସ୍ତାରେ । ସବୁଆଡ଼ ନିକାଞ୍ଚନିଆ, ଜନମାନବ ଶୂନ୍ୟ । ବାଲ୍ୟ ଅଭ୍ୟାସ ଯୋଗୁଁ ନିର୍ଭୀକ ପଣିଆଟା ତାକୁ ବାଟ କଢ଼ାଇ ନେଉଥିଲା । ମାତ୍ର ବେଶୀ ଦୂର ଯିବାକୁ ପଡ଼େ ନି, ସଳଖ କାଠ ବେଙ୍କାଏ ହୋଇଗଲେ ତା'ର ଦିନକର ରୋଜଗାର ଭରଣା ହୋଇଯାଉଥିଲା । ବେଳ ଥାଉ ଥାଉ ଫେରିଆସେ । ସେଦିନ ବାଙ୍କ ମୁହାଁଟି ତାଳବଣିଆର ଆରପାରିରେ ଦେଖାହେଲା ଜଣେ ସନ୍ନ୍ୟାସୀଙ୍କ ସହିତ । ତାଙ୍କର ଅଚାନକ ଆବିର୍ଭାବ ଆଶ୍ଚର୍ଯ୍ୟଜନକ ମନେ ହେଉଥିଲେ ବି ଅସ୍ୱାଭାବିକ ବୋଧ ହେଲା ନି, ଏଥିପାଇଁ ଯେ ସନ୍ନ୍ୟାସୀ ଲୋକ ଧ୍ୟାନସ୍ଥ ହେବା ପାଇଁ ଆସ୍ଥାନଟିଏ ଉଣ୍ଡାଳୁଛନ୍ତି ବୋଧହୁଏ । କିଛି ନ କହି କାଠକଟାଳି ତା' ରାସ୍ତା ଧରିବାକୁ ମୋଡ଼ ବୁଲିବାବେଳେ ସନ୍ନ୍ୟାସୀ ଜଣକ ଆଗୁଆ ହୋଇ କହି ପକାଇଲେ, ''ଆଗେଇଯାଅ, ଆହୁରି ଆଗେଇଯାଅ ।''

ମୁହଁ ସଞ୍ଜ ଉତାରୁ କାଠକଟାଳିଟି ଘରକୁ ଫେରି ଆସି ହାଲିଆ ମେଣ୍ଟାଉଥିଲା ବେଳେ ମନେ ପଡ଼ିଗଲା ସନ୍ନ୍ୟାସୀଙ୍କ କଥା । ଭାବିଲା — ଗୋସେଇଁ ଏମିତି କଥା ପଦେ କହିଲେ କାହିଁକି ? ଠିକ୍ ଅଛି କାଲିକି ପରଖି ନେବା । ମାତ୍ର ଘଡ଼ିକ ପରେ ଛାଞ୍ଚଗଢ଼ା ମୂର୍ତ୍ତିପରି ମନଟା ବାଛି ନେଲା ତା'ର ପୁରୁଣା ଅଭ୍ୟାସକୁ — ସନ୍ନ୍ୟାସୀ ଲୋକ, ଆଗପଛକୁ କେହି ନାହିଁ । ମୁହଁ ଯୁଆଡ଼େ ଅନୁକୂଳ ସିଆଡ଼େ । ସେ ବା କାହିଁ ଆଉ ପଛକୁ ଫେରିବା କଥା ଚିନ୍ତିବେ । ସେଇଥି ପାଇଁ ବୋଧେ କହିଦେଲେ — 'ଆଗେଇ ଯାଅ' ।

ଦିନ ବିତିଗଲା । ସଂସାର ଜଞ୍ଜାଳରେ ରହି କାଠ କଟାଳିଟି ଭୁଲିଗଲା ସନ୍ନ୍ୟାସୀଙ୍କ ଚେତାବନି । ସତରେ ମେଡ଼ିବୁଲା ମୂଲିଆ ବା କାହିଁ ରଖିବ ଆଗେଇ ଯିବାର ମିଆଦ । ସେ କ'ଣ କେବେ ମାପି ଜାଣେ ପହଞ୍ଚ ଲକ୍ଷ୍ୟ ଓ ଅତିକ୍ରାନ୍ତ ପଥ ମଧ୍ୟରେ ରହିଥିବା ବ୍ୟବଧାନକୁ । ସେ ତ ବନ୍ଧା ଖାଲି ସେଇ ପରିଧିକଟା ଅରାକ ମଧ୍ୟରେ ।

ଦିନକୁ ଦିନ ମନମୁତାବକ ସଳଖ କାଠ ନ ମିଳିବାରୁ କାଠକଟାଳିଟି ଆଗଉଥିଲା ଆଗକୁ । ମାତ୍ର ବନ ସମ୍ପଦର ଅପଚୟ ହେତୁ ଘଞ୍ଚତା ଯେ ଘୁଞ୍ଚି ଘୁଞ୍ଚି ଯାଉଥିଲା ସେକଥାକୁ ତା'ର ହେଜ ନ ଥିଲା, କି ବୃତ୍ତିଟା ଯେ ପୈତୃକ ଅଧିକାର ନୁହେଁ ସେ ମୂର୍ଖତାରୁ ମୁକୁଳିବାର ଚେଷ୍ଟା ମଧ୍ୟ ନ ଥିଲା । ହଠାତ୍ ଦିନେ ସନ୍ନ୍ୟାସୀଙ୍କ କଥା ମନେ ପଡ଼ିଯିବାରୁ ଭାବିଲା — ଆଜି ହାତପାହାନ୍ତାରେ ମିଳିଲେ ବି କାଠ କାଟିବି ନି, ଆଗେଇବି, ଆହୁରି ଆଗେଇବି । ଦେଖିବି ସନ୍ନ୍ୟାସୀ କ'ଣ ପାଇଁ ସେଦିନ ଏମିତି କହିଥିଲେ — 'ଆଗେଇ ଯାଅ, ଆହୁରି ଆଗେଇ ଯାଅ' ।

ସତକୁ ସତ ଅନ୍ଧାର ଘେରିଆ ଘଞ୍ଚତାକୁ ଆଡ଼େଇ ଭିତରକୁ ପଶିଲା କଟାଳିଟି । ମନରେ ଭୟ ନ ଥାଏ, ବରଂ ଏକ ଅହେତୁକ ଉତ୍ସାହ ତାକୁ ବାଟକଢ଼େଇ ନେଉଥିଲା । ଖୁବ୍ ଆନନ୍ଦରେ ଆଗେଇ ଚାଲିଲା ଗହନରୁ ଗହନତାକୁ । ବାସନା

ପାଇଲା ଏକ ଅପୂର୍ବ ମହକ । କ୍ରମେ ସେଇ ମହକ ଆହୁରି ସ୍ପଷ୍ଟ ହେଲା ଏବଂ ସେ ନିଶ୍ଚିତ ହେଲା ଯେ ଆଗରେ ଚନ୍ଦନର ବଣ । ସେଦିନ ହାଟ ଫେରନ୍ତା ଢେର ଅଧିକା ରୋଜଗାର ହେଲା, ଆସନ୍ତାକାଲି ପାଇଁ ବହିଣା ମଧ୍ୟ ମିଳିଲା । ମନ ସନ୍ତୋଷ ।

କିଛିଦିନ ଧରି କାଠକଟାଳିଟିର ସେଇ ବେଉସାରେ ମନ ରହିଲା । ନିତି ଜଙ୍ଗଲ ଯାଏ, ବେଙ୍କାଏ ଚନ୍ଦନ କାଠ କାଟି ହାଟରେ ବିକିଦେଇ ଆସେ । ମାତ୍ର ଦିନେ ପୁଣି ମନେ ପଡ଼ିଗଲା ସନ୍ନ୍ୟାସୀଙ୍କର ଚେତାବନୀ । ମନ ତା'ର ଉଚ୍ଚାଟ ହେଲା । ସେ ଆଗେଇଲା ଆହୁରି ଗହନ ବନ ଭିତରକୁ । ଦୀର୍ଘପଥ, ଦୁର୍ଭେଦ୍ୟ ସେ ଅରଣ୍ୟ । ତଥାପି ଦୃଢ଼ ସଙ୍କଳ୍ପ ରଖି ଆଗେଇଲା । ସାମନାରେ ବାଟ ରୋକିଲା ଏକ ବିରାଟ ପାହାଡ଼ । ବହୁତ ମେହେନତ ପରେ ସେ ଉପରକୁ ଉଠିଲା, ଦେଖିଲା କୁଳୁ କୁଳୁ ନାଦରେ ଝରଣାଟିଏ ବହି ଯାଉଛି । ଝୁଲା ପଥରସନ୍ଧାରେ ଗୋଡ଼ରଖି ପାରି ହେଲା ଆରପାରିକୁ । ଅଳ୍ପ ବାଟ ପରେ ସନ୍ଧାନ ମିଳିଲା ଏକ ରୁପାର ଖଣି । ଆଖି ତା'ର ଚମକି ଉଠିଲା । ଅଣ୍ଟା ବନ୍ଧା ଗାମୁଛାକୁ ଗଅଁଠେଇ ଭରିନେଲା । ସଞ୍ଜକୁ ଫେରି ଭାବିଲା, ''ସନ୍ନ୍ୟାସୀଙ୍କ କଥା ମିଛ ନୁହେଁ, ଆଗେଇଲାରୁ ପାଇଲି । ଘର ଖର୍ଚ୍ଚ ଯେମିତି ବଢ଼ିଛି ନ ହେଲେ କ'ଣ କରିଥା'ନ୍ତି ? ଭଗବାନ୍ ଭରସା ।''

ଅଳ୍ପଦିନ ମଧ୍ୟରେ କାଠକଟାଳିଟି ବନିଗଲା ରୁପାବେପାରୀ । ନିତି ଜଙ୍ଗଲରୁ ଯାହା ସଂଗ୍ରହ କରିଥାଏ, ହାଟରେ ବିକିଦେଇ ଆସେ । ହେଲେ କିଛି ଦିନ ଉତାରୁ ମନର ଅସନ୍ତୋଷରେ ସନ୍ନ୍ୟାସୀଙ୍କ କଥା ମନେ ପକାଇ ସେ ଆହୁରି ଆଗେଇବାକୁ ମନ ବଳାଇଲା । ଚଢ଼ିଲା ପାହାଡ଼ ଶିଖରକୁ । ଶ୍ରମ ସେତେବେଳେ ତା'ର ଆଉ ବାଧକ ହେଲା ନି । ବରଂ ଆଗେଇବାର ସଙ୍କଳ୍ପ ବାଟକଢ଼ାଇ ନେଲା ଅପନ୍ତରା ରାଇଜକୁ । ଦିନେ ଦେଖିଲା ଗୋଟାଏ ଜାଗାରେ ପଥରଗୁଡ଼ାକ ବେଶ୍ ଚକ୍ ଚକ୍ କରୁଛି । ମନରେ ତା'ର ସନ୍ଦେହ ମିଶା କୌତୂହଳ । ସେଇ ପଥରରୁ ଖଣ୍ଡେ ନେଇ ବଜାର ଗଲା । ଢେର ପଇସା ମିଳିଲା । ମାତ୍ର ସେ ଯେ କେଉଁଠୁ ସେଇ ହୀରା ପଥର ପାଉଛି ତାହା କାହାକୁ ଜଣାଇଲା ନାହିଁ ।

ଅଳ୍ପଦିନ ମଧ୍ୟରେ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଗଲା ସେଇ କାଠକଟାଳିଟି । ପାଖ ସହରରେ ଘର କିଣିଲା, ନିଜର ବ୍ୟବସାୟ ପ୍ରତିଷ୍ଠାନ ଖୋଲି ଲବ୍ଧଧନକୁ ବହୁଗୁଣିତ କଲା । ସଭିଏଁ ଭୁଲିଗଲେ ତା' ଅତୀତ ଜୀବନର ଇତିବୃତ୍ତି । ମାତ୍ର ସେ କିନ୍ତୁ ଠିକ୍ ମନେ ରଖିଥିଲା ତା' ଉନ୍ନତିର ଗୋପନ ରହସ୍ୟଟିକୁ । ଦିନେ ତା' ଅନ୍ତରର ଅଶାନ୍ତି ଆହୁରି ତୀବ୍ର ହୋଇଉଠିଲା, ଭାବିଲା – ଏଇ ଧନ ସମ୍ପତ୍ତିର ପ୍ରାପ୍ତି ଲାଗି କ'ଣ ସନ୍ନ୍ୟାସୀ ଜଣକ କହିଥିଲେ – 'ଆଗେଇ ଯାଅ' ? ନାଁ ତାହା ହୋଇ ନ ପାରେ । ନିଶ୍ଚୟ ଆଉ କିଛି ରହସ୍ୟ ରହିଛି । ମୋତେ ସେଇ ପାହାଡ଼ର ଶିଖରକୁ ଯିବାକୁହିଁ ହେବ ।

ପରଦିନ ସକାଳୁ ଆରମ୍ଭ ହେଲା ତା'ର ଯାତ୍ରା । ପୂର୍ବ ପରିଚିତ ପାହାଡ଼ୀ ରାସ୍ତାକୁ ହେଜି ହେଜି ଆଗେଇଲା । ପ୍ରଲୋଭନ ସବୁ ତାକୁ ହାତ ଠାରିଲେ, ତଥାପି ସେ ଅଟକିଲା ନାହିଁ । ଚନ୍ଦନବଣ, ରୁପାଖଣି, ହୀରାଖଣିକୁ ଆଡ଼େଇ ଦେଇ ସେ ଆଗେଇଲା ଆହୁରି ଆଗକୁ । ପହଞ୍ଚିଲା ଯାଇ ଶିଖରରେ । ସେଠାକାର ଶାନ୍ତ ପରିବେଶରେ ଭିତରଟା ତା'ର ନୀରବି ଗଲା । ଭାବନାଗୁଡ଼ାକ ସତେ ଯେମିତି ପଳାତକ ସୈନିକଙ୍କ ପରି ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ । ଅବୋଧ ହେଲେ ବି ସେ ଖୋଜିଲା ତା'ର ରହସ୍ୟ । ହଠାତ୍ ନଜର ପଡ଼ିଗଲା ଗୁମ୍ଫାଟି ଉପରେ । ସରୁ ଅଣଓସାରିଆ ଗନ୍ତବ୍ୟ ପଥକୁ ଅଧାଢ଼ଙ୍କା କରି ରଖିଥିଲା ଉପରର ଝୁଲନ୍ତା ପଥର ଖଣ୍ଡକ । ସତେ ଯେମିତି ଆକସ୍ମିକ ପତନରୁ ବିରତ ହୋଇ ରହିଛି କାହିଁ କେଉଁ ଯୁଗରୁ । କାଠକଟାଳିଟିର ବୋଧ ଆହୁରି ସୁଦୃଢ଼ ହେଲା; ବୁଝିନେଲା ଏଠାରେ ସବୁକିଛି ସ୍ଥିର ଏବଂ ନିର୍ଦ୍ଧାରିତ, ଗୋଟାଏ ବିଧାନରେ ବନ୍ଧା । ନଇଁ ପଡ଼ି ଗୁମ୍ଫା ଭିତରକୁ ପ୍ରବେଶ କଲା ଅତି ସନ୍ତର୍ପଣରେ । ଝାପ୍‌ସା ଦେଖା ଆଖି ଆସ୍ତେ ଅଭ୍ୟସ୍ତ ହେଲା ଅନ୍ଧାରକୁ ଏବଂ ହାତର ସ୍ପର୍ଶରେ ବାରିନେଲା ପଥୁରିଆ କାନ୍ଥର ପ୍ରସ୍ଥ ଓ ଉଚ୍ଚତାକୁ । ତା'ରି ଭିତରେ ସେ ଅଧାନୁଆଁ ହୋଇ ଆଗେଇଲା । ତାକୁ ଲାଗୁଥିଲା ସେ ଯେମିତି ଗୋଟାଏ ଶାନ୍ତି ଆଉ ଶୀତଳତା ଆଡ଼କୁ ମୁହାଁଉଛି ସେଇ ଅନ୍ଧାର ଭିତରେ ।

ହଠାତ୍ ଚମକି ପଡ଼ିଲା କାଠକଟାଳିଟି । ସ୍ଥିର ହୋଇ ନିରୀକ୍ଷଣ କଲା – ସାମନାରେ ସନ୍ନ୍ୟାସୀ ଜଣେ ଧ୍ୟାନମଗ୍ନ । ଠିକ୍ ପଥରର ମୂର୍ତ୍ତିପରି । ମାତ୍ର ଦେହର ତେଜଃରେ ବାରି ହୋଇଯାଉଥିଲା କୌପୁନି ଖଣ୍ଡିକ; ଯାହାହିଁ ଥିଲା ତାଙ୍କର ଏକମାତ୍ର ପରିଧାନ । ଜଟା ଉନ୍ମୁକ୍ତ, ଆଜାନୁଲମ୍ବିତ । ପାଖରେ ଥୁଆ ହୋଇଥିଲା ତାଙ୍କ ଲୋଟା ଆଉ ଚୁମୁଟା । ପାଟିରୁ ତା'ର ଆପଣାଛାଏଁ ବାହାରି ପଡ଼ିଲା, ''ଗୋସେଇଁ ଆପଣ !'' ।

''ତୁମେ ଠିକ୍ ମନେ ରଖିଛ ବତ୍ସ ! ଆଗେଇ ଯିବାର ମନ୍ତ୍ରଟିକୁ ତୁମ ଜୀବନର ବ୍ରତ କରିଛ । ତୁମକୁହିଁ ମୁଁ ଅପେକ୍ଷା

କରି ରହିଛି ।'' — ସନ୍ନ୍ୟାସୀଙ୍କ ଗମ୍ଭୀର ସ୍ୱରକୁ ପ୍ରତିଧ୍ୱନିତ କଲା ଗୁମ୍ଫାର ନୀରବତା ।

କାଠକଟାଳିଟି ହାତଯୋଡ଼ି ବସି ରହିଲା ସନ୍ନ୍ୟାସୀଙ୍କ ସାମନାରେ । ତା'ର ମନେହେଲା ସେ ଯେମିତି କେତେ ଜନ୍ମ ବିତେଇ ଦେଇଛି ସେଇ ମୁହୂର୍ତ୍ତ କେତୋଟି ମଧ୍ୟରେ । ସେ ଏବେ ଆଉ ସେ ମେଡ଼ିବୁଲା ମୂଲିଆ ନୁହେଁ, କି ତା'ର ଯାତ୍ରା ସୀମିତତା ମଧ୍ୟରେ ସୀମାବଦ୍ଧ ନୁହେଁ । ପରିଧି କାଟି ସେ ଏବେ ଆଗେଇ ଯିବ କାହିଁ କେତେ ଦୂର, ଦିଗ୍‌ବଳୟ ଆରପାରି । ସନ୍ତର୍ପଣରେ କହିଲା, ''ଗୁରୁଦେବ, ମୋତେ ଶିଷ୍ୟ ରୂପେ ଗ୍ରହଣ କରନ୍ତୁ । ମୁଁ ଆଉ ଫେରି ଯିବାକୁ ଚାହେଁ ନାହିଁ । ଏବେ ବୁଝିଛି ଆଗେଇବାଟାହିଁ ଜୀବନ । ମାତ୍ର ମୋ ଚଳନ୍ତା ବାଟ ଯେ ଶେଷ ହୋଇ ଯାଇଛି । ଏବେ ମୋତେ ନୂଆ ବାଟ ଦେଖାନ୍ତୁ ।''

ସନ୍ନ୍ୟାସୀଙ୍କର ଆଶ୍ୱସ୍ତ ଚାହାଣି ଗ୍ରହଣ କରିନେଲା ସେ ବିନମ୍ର ନିବେଦନକୁ । ଅଭୟ ମୁଦ୍ରାରେ ଆଶୀର୍ବାଦ କରି କହିଲେ, ''ପ୍ରଗତିର ପଥ କେବେ ଶେଷ ହୁଏ ନି ବତ୍ସ ! ଏ ଯାତ୍ରା ଅସରନ୍ତି, ସୁଦୀର୍ଘ ଏ ପଥ । ଏଇ ଶିଖର ଶେଷ ନୁହେଁ । ମଣିଷ ଖାଲି ଯାହା ଥକା ମେଣ୍ଟାଏ, ମିଛ ସାନ୍ତ୍ୱନାର ସୌଧ ନିଜେ ଗଢ଼ିଭାବେ ତା' ଅକ୍ଳାନ୍ତ ଯାତ୍ରା ପାଇଁ ତାହାହିଁ ଶ୍ରେଷ୍ଠ ବରଦାନ ।''

ସନ୍ନ୍ୟାସୀଙ୍କର ପ୍ରସାରିତ ହସ୍ତ ଶିଷ୍ୟର ମଥା ସ୍ପର୍ଶ କଲା । ମୁଦ୍ରିତ ଚକ୍ଷୁ ତା'ର ଦେଖିଲା — ତା' ଚଲା ପଥ ଲମ୍ବିଯାଇଥିଲା ଉଚ୍ଚରୁ ଉଚ୍ଚତର ଶିଖରକୁ । କାହିଁ କେତେ ଦୂର । ଭରସି ପାରିଲା ନାହିଁ । ମାତ୍ର ସେ ସ୍ପଷ୍ଟ ଦେଖିଲା ସେପଥରେ ଆଗପଛ ହୋଇ ପଡ଼ିଥିଲା ଦୁଇଟି ଯୁଗଳ ପଦ ଚିହ୍ନ । ଆଖି ଖୋଲି ଦେଇ ପଚାରିଲା, ''ଗୁରୁଦେବ, ଏ ଯାତ୍ରୀ ଦୁଇ ଜଣ କିଏ ?''

ଗୁରୁଦେବ ସ୍ମିତହସି କହିଲେ, ''ଜାଣିପାରୁ ନାହଁ, ତୁମେ ଆଉ ମୁଁ !''

କାଠକଟାଳିଟି ବିସ୍ମିତ ହେଲା । ନେତ୍ର ସହ ବିସ୍ଫାରିତ ହୋଇଉଠିଲା ହୃଦୟ, ଏକ ତାନରେ ।

ଠାକୁରଙ୍କ କଥାର ମର୍ମ ଯେ ଏତେ ଗହନ; ଆସରର ଭକ୍ତମାନେ ଏବେ ଯାଇ ବୁଝିଲେ । ଜୁହାର ହୋଇ ଫେରିଗଲେ ନିଜ ନିଜ ଘରକୁ । ଠାକୁରଙ୍କ ଗଳାର ଯନ୍ତ୍ରଣା ସେତେବେଳକୁ ଢେର ବଢ଼ି ଯାଇଥିଲେ ବି ତାଙ୍କର ମା' ନାମ ଶୁଭୁ ଥିଲା ବେଶ୍ ଦୂରକୁ, ଯନ୍ତ୍ରଣାର ଆରପାରିକୁ । ❑

## ଶ୍ରୀରାମକୃଷ୍ଣ ଚରିତାମୃତ (୨୪)

# ଇଦାନୀଂ ରାମକୃଷ୍ଣ

ସନ୍ତୋଷ କୁମାର ରଥ

ନୀଡ଼ ବାହୁଡ଼ା ପକ୍ଷୀ କେବେ ପଥ ହୁଡ଼େ ନି । ଅନ୍ଧାର ଘୋଡ଼ିଆ ନୀଡ଼କୁ ତା'ର ଖୋଜି ପାଏ, ମୁଣ୍ଡ ଗୁଞ୍ଜେ । ଉଜୁଡ଼ିଗଲେ ପୁଣି ଗଢ଼େ, ଆଉ ସେଇଠି ତା' ସଂସାର ବଢ଼ାଏ । ବର୍ଷାବତାସିରେ ସେଇଟିହିଁ ତା'ର ସାହାରା । ମାତ୍ର ହୋମାପକ୍ଷୀ ଏସବୁଥିରୁ ମୁକ୍ତ । ସେ ଚାହେଁ ତା' ସନ୍ତାନର ପ୍ରଥମ ସକାଳ ନ ଦେଖୁ ନୀଡ଼ ବନ୍ଧା ଗୁଞ୍ଜୁଗୁଞ୍ଜୁଆ ଅନ୍ଧାରକୁ କି ନ ମାପୁ ଆବଦ୍ଧ ସଂକୀର୍ଣ୍ଣତାକୁ । ଯାହା ତା' ପାଇଁ ମଧ ଧାର୍ଯ୍ୟ ନ ଥିଲା । ସେଇଥିପାଇଁ ସେ ଉଡ଼ିଚାଲେ ଖୋଲା ଆକାଶର ଉପରକୁ, ଆହୁରି ଉପରକୁ । ସେଇଠି ମା' ହୋମା ପକ୍ଷୀଟି ଅଣ୍ଡା ଦିଏ । ଅଣ୍ଡାଟି ତିଖ ବେଗରେ ଖସିଆସେ ତଳକୁ । ତଳଛୁଇଁ ଚୂର୍‌ମାର୍ ହୋଇଯିବା ପୂର୍ବରୁ ଛୁଆ ହୋମାପକ୍ଷୀ ଉଡ଼ିଯାଏ ଆକାଶରୁ ଆକାଶକୁ । ସେ ଜାଣେ ଆକାଶହିଁ ତା'ର ନୀଡ଼, ଅନ୍ତରୀକ୍ଷ ତା' ଜୀବନର ଦୌଡ଼ ।

ଠାକୁର ଉଦାହରଣଟିକୁ ଆଣି ପକାଇଲେ ଆସର ମଝିରେ, ନରେନ୍ଦ୍ର ଆଉ ତା'ର ବନ୍ଧୁମାନଙ୍କୁ ଆଲେଖ୍ୟ କରି; ''ଦେଖୁନ ଏଇମାନଙ୍କ ଅବସ୍ଥା ଠିକ୍ ସେହିପରି । ସଂସାରରେ ଆବଦ୍ଧ ହେବା ପୂର୍ବରୁ ସଂସାର ଛାଡ଼ି ଈଶ୍ୱରଙ୍କ ଆଡ଼କୁ କେମିତି ଅଗ୍ରସର ହେଲେଣି । ଏମାନେ ତ ସବୁ ଈଶ୍ୱରକୋଟୀ । ଆଉ ନରେନ୍, ସବୁଥିରୁ ମୁକ୍ତ । ସାକ୍ଷାତ୍ ନାରାୟଣ – ଜୀବୋଦ୍ଧାର ନିମିତ୍ତ ଦେହଧାରଣ କରିଛି ।''

କାଶୀପୁରଠାରେ ଠାକୁରଙ୍କ ଗଳାରୋଗର ଚିକିତ୍ସା ଅବ୍ୟାହତ ରହିଥିଲା । କିନ୍ତୁ ତାହାର ଉପଶମଠାରୁ ଉପକ୍ରମ ଥିଲା ମାତ୍ରାଧିକ । ସେକଥା କେବଳ ଠାକୁରଙ୍କ ଅନ୍ତରଙ୍ଗ ସେବକଗଣ ଜାଣିଥିଲେ ବି ଅନ୍ୟାନ୍ୟ ଭକ୍ତଗଣ ଏତେବେଶୀ ଠଉରାଇ ପାରୁ ନ ଥିଲେ । କାରଣ ଠାକୁର ଦେହର ସମସ୍ତ ଯନ୍ତ୍ରଣାକୁ ସ୍ୱଇଚ୍ଛାରେ ଅଙ୍ଗୀକାର କରି ନେଇଥିଲେ, ଗରଳଗ୍ରାସୀ ଶିବତୁଲ୍ୟ । ନରେନ୍ଦ୍ରଙ୍କୁ କିନ୍ତୁ ଏକଥା ଅଜଣା ନ ଥିଲା । ଦିନେ ବଗିଚା ମଧ୍ୟରେ ବୁଲୁବୁଲୁ ତାଙ୍କର ଅନ୍ୟାନ୍ୟ ଗୁରୁଭାଇଙ୍କୁ ଡାକି କହିଲେ, ''ଠାକୁରଙ୍କ ଗଳା ରୋଗ ଯେଉଁ ହାରରେ ବୃଦ୍ଧି ପାଇଲାଣି ଦେହରକ୍ଷା ପାଇଁ ସେ ଯେ ମସୁଧା ନ କରିଛନ୍ତି ଏକଥା କିଏ ବା କହିବ ? ବେଳ ଥାଉ ଥାଉ ସେବା ଓ ସାଧନ ଭଜନ କରି ଯେତେଟା ପାରୁଛ ଆଧ୍ୟାତ୍ମିକ ଉନ୍ନତି କରିନିଅ । ନ ହେଲେ ମନସ୍ତାପହିଁ ସାର ହେବ । କାମନା-ବାସନାହିଁ ସର୍ବନାଶର ହେତୁ; ଏହାହିଁ ମୃତ୍ୟୁ । ବାସନା ତ୍ୟାଗ କର – ଆଗେଇଯାଅ ।''

କ୍ରମେ ଠାକୁରଙ୍କ ସେବା ଶୁଶ୍ରୁଷାରେ ନରେନ୍ଦ୍ର ଓ ତାଙ୍କ ବନ୍ଧୁମାନେ ଏତେବେଶୀ ଉଦ୍‌ଯୋଗୀ ହୋଇ ଉଠିଲେ ଯେ ଘର ସହିତ ସମ୍ପର୍କ ରକ୍ଷା ଗୌଣ ହୋଇଉଠିଲା । କାଶୀପୁର ଉଦ୍ୟାନରେ କଟିଲା ସକାଳ ସନ୍ଧ୍ୟା । ଭକ୍ତମାନଙ୍କର ସମାଗମ ମଧ ଦିନକୁ ଦିନ ବଢ଼ିବାରେ ଲାଗିଲା । ନରେନ୍ଦ୍ରଙ୍କ ବୈରାଗ୍ୟ ଭାବ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ, ଥରେ ପୁଷର ଶୀତୁଆ ସନ୍ଧ୍ୟାରେ ନରେନ୍ଦ୍ର ଗୋଟିଏ ବୃକ୍ଷ ମୂଳରେ ଧାନ କରୁଥିଲେ । ପାଖରେ ଅନ୍ୟ କେତେଜଣ ମଧ ଧାନ କରୁଥିଲେ । ହଠାତ୍ ତାଙ୍କ ନଜର ପଡ଼ିଲା ସାମନାର ଅଳିଆଗଦା ଉପରେ, ଗମ୍ଭୀର କଣ୍ଠରେ କହିଲେ, ''ଏଥିରେ ଅଗ୍ନି ସଂଯୋଗ କରିଦିଅ । ସାଧୁସନ୍ଥମାନେ ଯେମିତି ଧୁନି ଜଳାନ୍ତି ସେମିତି ଆମ୍ଭେମାନେ ମଧ ଧୁନି ଜଳାଇ ଆମ ଅନ୍ତରର ନିଭୃତ ବାସନାକୁ ଦଗ୍ଧ କରିଦେବା ।'' ସତକୁ ସତ ସେଦିନ ସମସ୍ତେ ଧୁନି ଜାଳି ଧାନସ୍ଥ ହୋଇଗଲେ । ଘରକୁ ଫେରିବା ବେଳକୁ ରାତି ଚାରିଟା ।

ଆଉ ଦିନକର କଥା, ନରେନ୍ଦ୍ର ସେତେବେଳକୁ ଅନ୍ୟ କେତେଜଣ ବାଳକଙ୍କ ସହ ସନ୍ନ୍ୟାସ ଲାଭ କରିସାରିଥିଲେ । ବୁଦ୍ଧଦେବଙ୍କ ବୈରାଗ୍ୟ ଭାବ ପ୍ରତି ତାଙ୍କର ଅନୁରାଗ ଜାତ ହେବାରୁ ସେ ତାଙ୍କରି ବିଷୟରେ ଆଲୋଚନା, ତଥ୍ୟ ସଂଗ୍ରହ ଓ ଅଧ୍ୟୟନ ଆଦି କରୁଥିଲେ । ଦିନେ ରାତିରେ ସମସ୍ତଙ୍କ ଅଗୋଚରରେ ଦୁଇଜଣ ଗୁରୁଭାଇ ତାରକ ଓ କାଳୀ (ପରବର୍ତ୍ତୀ କାଳରେ ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଅଭେଦାନନ୍ଦ)ଙ୍କୁ ସଙ୍ଗରେ ଧରି ସେ ଗଙ୍ଗାନଦୀ ପାରହୋଇ ବୁଦ୍ଧଗୟା ଅଭିମୁଖେ ଯାତ୍ରା କଲେ । ସକାଳୁ ସକାଳୁ ନିରୁଦ୍ଦିଷ୍ଟଙ୍କ ସମ୍ବନ୍ଧେ ଖୋଜା ଚାଲିଲା, ମାତ୍ର କୌଣସି ସନ୍ଧାନ ନ ମିଳିବାରୁ ଭକ୍ତଗଣ ବ୍ୟସ୍ତ ହୋଇ

ଠାକୁରଙ୍କୁ ଜଣାଇଲେ । ଠାକୁର ବଡ଼ ନିଶ୍ଚିନ୍ତ ହୋଇ ଅଳ୍ପ ହସି କହିଲେ, ''ତୁମେମାନେ ବ୍ୟସ୍ତ ହୁଅ ନାହିଁ । ସେ ନିଶ୍ଚୟ ଫେରି ଆସିବ । ଏସ୍ଥାନ ଛାଡ଼ି ଯିବାକୁ ତା'ର କ'ଣ ଆଉ ଜୁ ଅଛି ।''

ବୁଦ୍ଧଗୟାରେ ପହଞ୍ଚି ନରେନ୍ଦ୍ର ବୋଧିସତ୍ତ୍ୱ ମନ୍ଦିର ଦର୍ଶନ କଲେ । ଯେଉଁଠାରେ ବୁଦ୍ଧଦେବ ନିର୍ବାଣ ଲାଭ କରିଥିଲେ ସେହିଠାରେ ବସି ଦୀର୍ଘ ତିନି ଦିନ କଠୋର ତପସ୍ୟାରେ ରତ ରହିଲେ । ମାତ୍ର ସେଥିରେ ଶୋଷ ମେଣ୍ଟିଲା ନି । ଗୁରୁଦେବଙ୍କ ଚରଣ କମଳ ଯେ ଏକମାତ୍ର ଆଶ୍ରୟ, ଶୋଷ ମେଣ୍ଟାଇବାର ଏକମାତ୍ର ପନ୍ଥା – ଏକଥା ଭାବି ଗୁରୁଭାଇ ଦୁଇଜଣଙ୍କ ସହ କାଶୀ-ଉଦ୍ୟାନଗୃହକୁ ଫେରି ଆସିଲେ ନରେନ୍ଦ୍ର । ସେମାନଙ୍କୁ ଦେଖି ଠାକୁର ଓ ଭକ୍ତଗଣଙ୍କ ଆନନ୍ଦ ଉଚ୍ଛୁଳା ଗଙ୍ଗାର ସୁଅ ।

ସେହିଦିନଠାରୁ ନରେନ୍ଦ୍ରଙ୍କ ତପସ୍ୟା-ଭାବ ଆହୁରି ତୀବ୍ର ହୋଇ ଉଠିଲା । ଠାକୁରଙ୍କ ଶକ୍ତିକୁ ଆବାହନ କରି ସେ ଘଣ୍ଟା ଘଣ୍ଟା ଧରି ଧ୍ୟାନସ୍ଥ ରହୁଥିଲେ । ଦିନେ ହଠାତ୍ ତାଙ୍କର ମନେହେଲା ସେ ଏକ ଐଶୀଶକ୍ତିର ଅଧିକାରୀ ହୋଇଛନ୍ତି ଯାହା ହେଉଛି – ସ୍ପର୍ଶ ମାତ୍ରେ ଅନ୍ୟର ମନୋରାଜ୍ୟରେ ଆମୂଳଚୂଳ ପରିବର୍ତ୍ତନ କରିଦେଇ ପାରିବେ । ଆଗପଛ ନ ଭାବି ନରେନ୍ଦ୍ର ସେହି ଅଲୌକିକ ଶକ୍ତିର ପରୀକ୍ଷା ନିମନ୍ତେ ପାଖରେ ଧ୍ୟାନରେ ବସିଥିବା ଜଣେ ଗୁରୁଭାଇଙ୍କ ମସ୍ତକକୁ ସ୍ପର୍ଶ କରିଦେଲେ । ସତକୁ ସତ ସେ ପାଲଟିଗଲା ଗୋଟାଏ ଭିନ୍ନ ମଣିଷ । ଦ୍ୱୈତବାଦୀ, ସଗୁଣସାକାର ଈଶ୍ୱର ବିଶ୍ୱାସୀ ସେହି ଗୁରୁଭାଇଜଣକ ହୋଇଉଠିଲା ଜଣେ ଅଦ୍ୱୈତବାଦୀ ଜ୍ଞାନଯୋଗୀ । ଠାକୁର ଏକଥା ଜାଣି ପାରିଲେ । ସଙ୍ଗେ ସଙ୍ଗେ ନରେନ୍ଦ୍ରଙ୍କୁ ଡାକି ଶାସନ କରି କହିଲେ, ''ଜମା ନ ହେଉଣୁ ଖର୍ଚ୍ଚ ଆରମ୍ଭ ହୋଇଗଲା । ଆଜି ତାହାର କି ଅନିଷ୍ଟ କଲୁ ଜାଣୁ ? କିଭଳି ଏବଂ କେଉଁଠାରେ ଐଶୀଶକ୍ତିକୁ ପ୍ରୟୋଗ କରିବାକୁ ହେବ ତାହାକୁ ଭଲ ରୂପେ ନିରୀକ୍ଷଣ ନ କରି ପ୍ରୟୋଗ କରିବା ଠିକ୍ ନୁହେଁ ।''

ପରବର୍ତ୍ତୀ କାଳରେ ନରେନ୍ଦ୍ର ଜିଦି ଧରିବାରୁ ଠାକୁର ନିର୍ବିକଳ୍ପ ସମାଧିର ସୌଭାଗ୍ୟ ଥରଟିଏ ପାଇଁ ପ୍ରଦାନ କରିଥିଲେ ଏବଂ କହିଥିଲେ, ''ଆଉ ନୁହେଁ, ଏଥର ଚାବି ପଡ଼ି ରହିଲା । ଚାବି ମୋ ହାତରେ ରହିବ । କାମ ସରିଲେ ଖୋଲି ଦିଆଯିବ । ଜଗତ୍ କଲ୍ୟାଣ ନିମନ୍ତେ ତୋର ଜନ୍ମ ।'' ସେଦିନ ନରେନ୍ଦ୍ରଙ୍କ ହୃଦୟ ଆନନ୍ଦରେ ପୁଲକିତ ହୋଇଉଠିଲା, ବିଭୋର ହୋଇ ଉଠିଲେ ଏକ ଅଜଣା ବଂଶୀସ୍ୱନରେ । ମାତ୍ର ଠାକୁର କାତର ହୋଇ ମା'କୁ ପ୍ରାର୍ଥନା ଜଣାଇଲେ, ''ମା', ନରେନ୍ଦ୍ରର ଅଦ୍ୱୈତ-ଅନୁଭୂତିକୁ ତୋ ମାୟାଶକ୍ତି ଦ୍ୱାରା ଆବୃତ କରି ରଖ । ମୋର ତା' ଜରିଆରେ ଅନେକ କାମ କରିବାର ଅଛି ।''

ଠାକୁରଙ୍କର ଗଳାର ଯନ୍ତ୍ରଣା ଆହୁରି ବଢ଼ିବାକୁ ଲାଗିଲା । କଥା କହିବା କଷ୍ଟକର ହୋଇ ପଡ଼ିଲା । ତଥାପି ଫିସ୍‌ଫିସ୍ କରି ଭକ୍ତମାନଙ୍କୁ ଲୋକଶିକ୍ଷା ଦେବାରେ ଊଣା କରୁ ନ ଥିଲେ । ନିଜକୁ ଇଙ୍ଗିତ କରି କହିଲେ, ''କ'ଣ ଦେଖୁଛି ଜାଣ ? ଏ ଈଶ୍ୱରଙ୍କ ନିବାସ । ସେହିଁ କେବଳ ସବୁ ହୋଇଛନ୍ତି । ମନୁଷ୍ୟ ଆଉ ଜୀବ, ଯାହା ଦେଖୁଛ ସବୁଖାଲି ଚମଡ଼ାର ଖୋଳ । ସବୁରି ଭିତରେ ସେ । ସେମାନଙ୍କ ଭିତରେ ସେ ହାତ, ପାଦ, ମସ୍ତକ ହଲାଉଛନ୍ତି । ପୁଣି ଦେଖୁଛି ସେହିଁ ଘାତକ, ସେହିଁ ବଳି । ସେ ମଧ୍ୟ ଅର୍ଗଳି ।'' ଏତିକି କହୁ କହୁ ଠାକୁର ବାହ୍ୟଜ୍ଞାନ ହରାଇ ବସିଲେ ।

''ଠାକୁର ଆପଣ ଥରେ ମା'ଙ୍କୁ କୁହନ୍ତୁ । ସେ କ'ଣ ଆପଣଙ୍କ କଷ୍ଟ ଦୂର କରିଦେବେ ନାହିଁ ।'' – ସମବେତ ବିକଳ ଆବେଦନରେ ଠାକୁର ଅତିଷ୍ଠ ହୋଇ ଉଠିଲେ । ବାଧ୍ୟ ହୋଇ କହି ପକାଇଲେ, ''ସେହିଁ ଦେହ ଧାରଣ କରି, ଅବତାର ହୋଇ ଆସନ୍ତି । ଦେହ ଧାରଣ କଲେ କଷ୍ଟ ଅଛି । ଥରେ ଥରେ ଭାବେ, ଆଉ ଯେମିତି ଆସିବାକୁ ନ ହୁଏ ।''

୧୮୮୬ ମସିହା ଜୁଲାଇ ମାସର ଶେଷ ଭାଗ । ଠାକୁରଙ୍କ ଆହାର ଗ୍ରହଣ ବନ୍ଦ ହୋଇଗଲା । କେବଳ ଟିକିଏ ପାନୀୟ, ତାହା ପୁଣି ବହୁତ କଷ୍ଟରେ । ତଥାପି ସଦା ସଚେତନ ଥାଆନ୍ତି ଠାକୁର । ନରେନ୍ଦ୍ରକୁ ଡାକି ଚୁପ୍ କରି କହିଲେ, ''ମୋର ଏ ପିଲାଏ ରହିଲେ, ତୁ ସମସ୍ତଙ୍କ ଭିତରେ ବୁଦ୍ଧିମାନ୍ ଓ ଶକ୍ତିମାନ୍ । ଏମାନଙ୍କୁ ରକ୍ଷା କରିବୁ ଓ ସତ୍‌ପଥରେ ଚଳାଇବୁ – ମୁଁ ଖୁବ୍ ଶୀଘ୍ର ଶରୀର ତ୍ୟାଗ କରିବି ।'' ନ ଶୁଣି ବି ବୁଝିଗଲେ ସମସ୍ତେ, ମନ୍ଦିର କାନ୍ଥର ମୂର୍ତ୍ତିପରି ସ୍ଥାଣୁ ପାଲଟିଗଲେ ।

ଠାକୁର ପାଞ୍ଜି ମଗାଇ ଯୋଗୀନ୍‌କୁ (ପରବର୍ତ୍ତୀ କାଳରେ ଯୋଗାନନ୍ଦ) ପଢ଼ିବାକୁ କହି ଖୁବ୍ ମନୋଯୋଗ ସହକାରେ ଶୁଣିଲେ । ଶ୍ରାବଣ ପଚିଶ (ଅଗଷ୍ଟ ନଅ ତାରିଖ) ଦିନରୁ ଆରମ୍ଭ କରି ମାସଶେଷ ହୁଅନ୍ତେ ଆଉ ନ ପଢ଼ିବାକୁ ନିର୍ଦ୍ଦେଶ ଦେଲେ । ସେଇଟାହିଁ ଥିଲା ତାଙ୍କ ଯାତ୍ରାର ଶେଷ ପ୍ରାନ୍ତ, ଯେଉଁ ତୋରଣ ପାରି ହୋଇଗଲେ ସେ ମହାକାଳର ବନ୍ଧନରୁ ମୁକ୍ତ ହୋଇ ଯିବାର ସୂଚନା ବୋଧହୁଏ ପାଇ ସାରିଥିଲେ । ସତରେ ଯିଏ ବିଧିର ସ୍ରଷ୍ଟା, ସେ ପୁଣି ବିଧାନରେ ବନ୍ଧା ପଡ଼ିଥାଏ, ଏଇଟାହିଁ ଲୀଳାର ଚରମ ଉତ୍କର୍ଷତା ।

ଠାକୁର ନିଜର ଶୟନକକ୍ଷକୁ ନରେନ୍ଦ୍ରଙ୍କୁ ଏକାନ୍ତରେ ଡକାଇଲେ । ଶଯ୍ୟା ନିକଟରେ ବସି ରହିଲେ ନରେନ୍ଦ୍ର । ମୁହଁରେ ଭାଷା ନ ଥାଏ ମାତ୍ର ତାଙ୍କ ଅପଲକ ନେତ୍ର ଉପରେ ତିର୍ଯ୍ୟକ୍ ଦୃଷ୍ଟି ନିକ୍ଷେପ କଲେ ଠାକୁର । ବେଶ୍ କିଛି ସମୟ ଧରି ଉଭୟେ ନିଶ୍ଚଳ ଓ ନିର୍ବାକ୍ । ନରେନ୍ଦ୍ର ଅନୁଭବ କଲେ ସତେଯେମିତି ଠାକୁରଙ୍କଠାରୁ ନିର୍ଗତ ବିଦ୍ୟୁତ୍‌ର ତରଙ୍ଗ ତାଙ୍କ ଆଡ଼କୁ ବନ୍ଧ-ଭଙ୍ଗା ସୁଅପରି ଧସେଇ ଆସୁଥିଲା । ସେ ନିଜର ବାହ୍ୟଜ୍ଞାନ ହରାଇ ବସିଲେ । ଯେତେବେଳେ ସେ ପ୍ରକୃତିସ୍ଥ ହେଲେ, ଦେଖିଲେ ଠାକୁର ଅଶ୍ରୁବିସର୍ଜନ କରୁଛନ୍ତି । କାରଣ ଜାଣିବାକୁ ଚାହିଁବାରୁ ଠାକୁର କହିଲେ, ''ନରେନ୍, ଆଜି ତୋତେ ସର୍ବସ୍ୱ ଦେଇ ଦେଇ ଫକିର ହୋଇଗଲିରେ । ଏହି ଶକ୍ତି ସାହାଯ୍ୟରେ ତୁ ଜଗତର ଅଶେଷ କଲ୍ୟାଣ ସାଧନ କରିବୁ । କାର୍ଯ୍ୟ ଶେଷ ହୋଇଗଲେ ତୁ ସ୍ୱସ୍ଥାନକୁ ଫେରିଯିବୁ ।''

ଦୁଇଦିନପରେ ଠାକୁରଙ୍କ ଗଳାର ଯନ୍ତ୍ରଣା ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ଶରୀର ହରାଇବସିଲା ତା' ସହନ-ଶକ୍ତିକୁ । ପାଖରେ ଘେରି ରହିଥିଲେ ଭକ୍ତବୃନ୍ଦ । ଗିରୀଶ ଚନ୍ଦ୍ରଙ୍କ ଭାଇ ଅତୁଳ କୃଷ୍ଣ ନାଡ଼ି ଦେଖି ପ୍ରମାଦ ଗଣିଲେ ଏବଂ ଅବସ୍ଥା ସଂକଟାପନ୍ନ ବୋଲି ଘୋଷଣା କରିଦେଲେ । ନରେନ୍ଦ୍ରଙ୍କ ଖୋଲା ଆକାଶରେ ହଠାତ୍ ଅବିଶ୍ୱାସର ମେଘଖଣ୍ଡେ ଛାଇ ହୋଇଗଲା । ସେ ଭାବିଲେ – ରାମଚନ୍ଦ୍ର, ଗିରୀଶ ଆଦି ଭକ୍ତଗଣ ଠାକୁରଙ୍କୁ ଯେ ସ୍ୱୟଂ ଭଗବାନ୍ ବୋଲି ବିଶ୍ୱାସ କରନ୍ତି, ତାହା କ'ଣ ସତ୍ୟ ? ମୋ' ପାଇଁ ଏହା ଏବେ ମଧ୍ୟ ଅମୀମାଂସିତ ହୋଇ ରହିଛି । ଏହି ଭୀଷଣ ଦୁରାରୋଗ୍ୟ ବ୍ୟାଧି ମଧ୍ୟରେ ଯଦି ଠାକୁର ମୁକ୍ତ କଣ୍ଠରେ କହନ୍ତି ଯେ ସେ ପ୍ରକୃତରେ ପରମେଶ୍ୱରଙ୍କର ମାନବ ଅବତାର, ତେବେ ଯାଇ ମୁଁ ତାଙ୍କୁ ଅବତାର ବୋଲି ବିଶ୍ୱାସ କରିବି – ତା' ନ ହେଲେ କେବେ ନୁହେଁ ।''

ଯନ୍ତ୍ରଣା ଅତିଷ୍ଠ ଶରୀର କ୍ଷଣକ ପାଇଁ ସ୍ଥିର ହୋଇଗଲା, ଠାକୁରଙ୍କ ଚକ୍ଷୁଯୁଗଳ କରୁଣାସିକ୍ତ ହୋଇ ଉଠିଲା । ଦୃଢ଼ କଣ୍ଠରେ ସେ କହି ଉଠିଲେ, ''ନରେନ୍, ଏବେ ବି ତୋର ଅବିଶ୍ୱାସ ! ଏତିକି ଜାଣିରଖ ଯିଏ ରାମ, ଯିଏ କୃଷ୍ଣ, ସେ ଇଦାନୀଂ (ସଂପ୍ରତି) ରାମକୃଷ୍ଣ । କିନ୍ତୁ ତୋ'ର ବେଦାନ୍ତ ମତରେ ନୁହେଁ ।'' ନରେନ୍ଦ୍ର ଲଜ୍ଜିତ ହେଲେ, ଅନୁତାପରେ ଅନ୍ତର ତାଙ୍କର ଜଳିଉଠିଲା ।

ସେଦିନ ଥିଲା ୧୮୮୬ ମସିହା ଅଗଷ୍ଟ ୧୫ ତାରିଖ, ସନ୍ଧ୍ୟାବେଳଠୁ ଠାକୁରଙ୍କର ଶ୍ୱାସକଷ୍ଟ ଆରମ୍ଭ ହୋଇଗଲା । ସଭିଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ସେବକଗଣ କିଞ୍ଚିତ୍ ତରଳ ପଥ୍ୟ ଦେଇ ଶୁଆଇଦେଲେ । ଠାକୁର ସମାଧିସ୍ଥ ହୋଇଗଲେ, ଶରୀର କାଷ୍ଠବତ୍ ନିଶ୍ଚଳ ହୋଇଗଲା । ମାତ୍ର ରାତି ଦୁଇପ୍ରହର ବେଳକୁ ଠାକୁର ବାହ୍ୟ ଚେତନା ଲାଭ କଲେ, ଏବଂ କ୍ଷୁଧା ଲାଗୁଥିବାରୁ ବେଶ୍ କିଛି ପରିମାଣର ପଥ୍ୟ ଗ୍ରହଣ କଲେ । ସେ ଯେ ସୁସ୍ଥ ଅନୁଭବ କରୁଛନ୍ତି – ଏକଥା ପ୍ରକାଶ କଲେ । ଭକ୍ତଗଣ ଟିକିଏ ଆଶ୍ୱସ୍ତ ହେଲେ, ଆନନ୍ଦର ଶୀତଳ ପବନ ସତେଯେମିତି ସମସ୍ତଙ୍କୁ ଛୁଇଁଗଲା । ନରେନ୍ଦ୍ରଙ୍କ ଅନୁରୋଧରେ ଠାକୁର ତିନିଥର କାଳୀ ନାମ ଉଚ୍ଚାରଣ କରି ବାଳକବତ୍ ପୁନର୍ବାର ଶୋଇ ପଡ଼ିଲେ । ଠାକୁରଙ୍କର ସୁସ୍ଥତା ଦେଖି ନରେନ୍ଦ୍ର ମଧ୍ୟ ବିଶ୍ରାମ ପାଇଁ ତଳ ମହଲାକୁ ଚାଲିଗଲେ ।

ରାତି ସେତେବେଳକୁ ଗୋଟାଏ ଦୁଇ ମିନିଟ୍ । ହଠାତ୍ ଠାକୁରଙ୍କ ସର୍ବାଙ୍ଗ ଶରୀର ରୋମାଞ୍ଚିତ ହୋଇଉଠିଲା ଏବଂ ଏକ ଅପୂର୍ବ ଦିବ୍ୟ କାନ୍ତିରେ ଶରୀର ଉଦ୍ଭାସିତ ହୋଇଉଠିଲା । ପାର୍ଶ୍ୱସ୍ଥ ସେବକଗଣଙ୍କର ବୁଝିବା ପାଇଁ ସେତେବେଳକୁ ଆଉ କିଛି ବାକି ନ ଥିଲା । ବରଂ ମନେ ହେଉଥିଲା ସେମାନଙ୍କ ଅନ୍ତରରୁ ଦୋହରାଇ ଉଠିଲା ସେହି ସତ୍ୟଟି :

ଅଜୋ ନିତ୍ୟଃ ଶାଶ୍ୱତୋଽୟଂପରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ।

(ଗୀତା ୨/୨୦)

(ସେ ସବୁବେଳେ ଜନ୍ମହୀନ, ଶାଶ୍ୱତ ଏବଂ ପୁରାତନ । କ୍ଷଣ ବିଧ୍ୱଂସୀ ଶରୀରର ବିନାଶ ହୋଇଗଲେ ମଧ୍ୟ ଏହାଙ୍କର କୌଣସି ବିନାଶ ହୁଏ ନାହିଁ ।)

(ସମାପ୍ତ)

❑❑❑

ସେ (ଶ୍ରୀଅରବିନ୍ଦ) ସବୁବେଳେ ଆମ ସମସ୍ତଙ୍କ ସହ ରହିଛନ୍ତି । ଆମେ ଯଦି ଆବଶ୍ୟକ କଥାଟି କରିପାରୁ ତେବେ ଆମେ ସମସ୍ତେ ନିରନ୍ତର ତାଙ୍କ ସଂସ୍ପର୍ଶରେ ରହି ପାରିବୁ । ସେ ଆବଶ୍ୟକ କଥାଟି ହେଉଛି ଖାଲି ତାଙ୍କୁ ଭଲ ପାଇବା ।

– ଶ୍ରୀମା

ସ୍ୱାମୀ ବିବେକାନନ୍ଦ (୧)

# ଛିନ୍ନ ବନ୍ଧନ

## ସନ୍ତୋଷ କୁମାର ରଥ

କାଳର ପ୍ରବାହ ଉତ୍ତୁଙ୍ଗ ଯେତିକି ପ୍ରଶସ୍ତ ସେତିକି । ଧ୍ୱଂସର ନାଟକୀୟତା ମଧ୍ୟରେ ଉପସ୍ଥାପନା କରେ ଭିନ୍ନ ଏକ ଭବିତବ୍ୟ । ମାତ୍ର ସବୁକିଛି ରହସ୍ୟାବୃତ ।

ଠାକୁରଙ୍କ ଇହଲୀଳା ସମ୍ବରଣ ପରେ ମେଘ ଘୋଡ଼ିଆ ଆକାଶରୁ ସୂର୍ଯ୍ୟଙ୍କର କିରଣ ନିଶ୍ଚିହ୍ନ ହୋଇଗଲା ପରି ଲାଗିଲା । ସନ୍ନ୍ୟାସ-ପ୍ରୟାସୀ ବାଳକଗଣ ଓ ଗୃହିଭକ୍ତବୃନ୍ଦ ସମସ୍ତେ ମ୍ରିୟମାଣ; ଚିନ୍ତା – କିମ୍ କର୍ତ୍ତବ୍ୟମ୍ ।

କାଶିପୁରର ଉଦ୍ୟାନ-ଗୃହ ଠାକୁରଙ୍କ ଉଦ୍ଦେଶ୍ୟରେ ନିଆ ଯାଇଥିବାରୁ ମିଆଦ ପୂରିବା ମାତ୍ରେ ଅନାବଶ୍ୟକ ମନେ କରି ଗୃହିଭକ୍ତଗଣ ତାହାକୁ ଛାଡ଼ିଦେଲେ । ଫଳରେ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କର ମୁଣ୍ଡ ଗୁଞ୍ଜିବାର ଆଶ୍ରା ଟିକକ ନିଶ୍ଚିହ୍ନ ହୋଇଗଲା । ତା' ସାଙ୍ଗକୁ ପୁଣି ଭକ୍ତଗଣଙ୍କର ମାସିକ ସାହାଯ୍ୟ ବନ୍ଦ ହୋଇଯିବାରୁ ଅଭାବ ଅନଟନ ସହୋଦର ସାଜିଲେ । କେହି କେହି ଭକ୍ତ ପୁନରାୟ ସଂସାରକୁ ଫେରି ଯିବାର ପରାମର୍ଶ ମଧ୍ୟ ସେମାନଙ୍କୁ ଦେଲେ । ମାତ୍ର ସବୁ ନିଷ୍ଫଳ ହେଲା । ସୁରେନ୍ଦ୍ର ନାଥ ମିତ୍ରଙ୍କ ସାହାଯ୍ୟରେ ବରାହନଗରଠାରେ ଗୋଟିଏ ଘର ଭଡ଼ା ସୂତ୍ରରେ ନିଆଯାଇ ସେମାନଙ୍କର ଥଇଥାନର ବ୍ୟବସ୍ଥା କରାଗଲା ।

ଇତି ମଧ୍ୟରେ ଭିନ୍ନ ଏକ ସମର ପାଇଁ କ୍ଷେତ୍ର ପ୍ରସ୍ତୁତ ଥିଲା ଏବଂ ପୁନରାବୃତ୍ତି ହେଲା ଇତିହାସ । ମନେ ପଡ଼ିଯାଏ ସମୁଦ୍ର ମନ୍ଥନରୁ ପ୍ରାପ୍ତ ଅମୃତ କଳସୀର କିଏ ହେବ ଅଧିକାରୀ, ସୁର ନା ଅସୁର ? ସୁର ଓ ଅସୁରର ପଦବୀର ଅନ୍ତର୍ଭୁକ୍ତ ନ ହେଉଥିଲେ ବି ଦୁଇ ବିବାଦୀୟ ପକ୍ଷ ଗ୍ରହଣ କଲେ ବାଳ-ସନ୍ନ୍ୟାସିବୃନ୍ଦ ଓ ଭକ୍ତବୃନ୍ଦ । ସମତୁଲ ସଂଗ୍ରାମ ଆରମ୍ଭ ହୋଇଗଲା ଠାକୁରଙ୍କ ପବିତ୍ର ଭସ୍ମାସ୍ଥିପୂର୍ଣ୍ଣ କଳସଟି ପାଇଁ । ସେତିକିହିଁ ଥିଲା ସେମାନଙ୍କ ପାଇଁ ସନ୍ତକ – ଗୁରୁଦେବଙ୍କ ଜାଗ୍ରତ୍ ଉପସ୍ଥିତି । ସନ୍ନ୍ୟାସିଗଣ ତାହାକୁ ସୁରକ୍ଷିତ କରି ରଖିଥିଲେ ଏବଂ ସେସବୁର ଯଥାର୍ଥ ଅଧିକାରୀ ବୋଲି ନିଜକୁ ଭାଗ୍ୟବାନ୍ ମଣୁଥିଲେ । ମାତ୍ର ଗୃହିଭକ୍ତଙ୍କ ଯୁକ୍ତି ଥିଲା ଆଉ ପାଦେ ଆଗୁଆ, ''ତୁମେମାନେ ତ ସାଧୁ-ସନ୍ନ୍ୟାସୀ ମଣିଷ, କେତେବେଳେ କେଉଁଠି ରହିବ ତାହାର ଠିକ୍ ଠିକଣା ନାହିଁ । ଏତେ ବଡ଼ ଅମୂଲ୍ୟ ଚିଜକୁ ସାଇତିବ କେଉଁଠି ? ତେଣୁ ଗୁରୁଦେବଙ୍କ ଦେହାବଶେଷକୁ ଆମକୁ ଦେଇଦିଅ । ଆମେ ଯଥା-ସ୍ଥାନରେ ରଖି ତାହା ଉପରେ ମନ୍ଦିର ଗଢ଼ାଇବୁ ।''

ଏହି ସୁଯୋଗରେ ମହାତ୍ମା ରାମଚନ୍ଦ୍ର ଦତ୍ତ କାଁକୁଡ଼ଗାଛିରେ ଥିବା ନିଜର ଉଦ୍ୟାନ-ଗୃହଟିକୁ ଠାକୁରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା କଥା ଘୋଷଣା କରିଦେଲେ । ଭକ୍ତଗଣ ଆହୁରି ପୁଷ୍ଟ ହୋଇ ଉଠିଲେ । 'ମଇଁଷି ଶିଙ୍ଗ ଫଟା ଯୁଝିଲା ବେଳକୁ ଗୋଟା' – ନ୍ୟାୟର ଯଥୋଚିତ ପରାକାଷ୍ଠା ଦେଖାଇଲେ ଭକ୍ତଗଣ । ବହୁ ଭାବର ଉଦ୍ରେକ ହେଲା – ଠାକୁରଙ୍କ ଆଶୀର୍ବାଦ ଲାଭ ନିମନ୍ତେ ସେମାନେ ଯେ ଅଗ୍ରାଧିକାରୀ, ଏକଥା ପ୍ରଚାର କରିବାକୁ କେହି କେହି ଅଯଥାର୍ଥ ମଣିଲେ ନାହିଁ । ପକ୍ଷାନ୍ତରେ କଳସୀର ରକ୍ଷକ ଶଶୀ ଓ ନିରଞ୍ଜନ କିନ୍ତୁ ନିଜ ସଙ୍କଳ୍ପରେ ଅଟଳ । ସମସ୍ୟାରେ ପଡ଼ିଲେ ନରେନ୍ଦ୍ର (ବିବେକାନନ୍ଦ) । ଆସନ୍ନ ଭ୍ରାତୃବିଚ୍ଛେଦର ସମ୍ଭାବନା ଦେଖି ଉପାୟ ଖୋଜି ବସିଲେ । ମନେ ପଡ଼ିଗଲା ଠାକୁରଙ୍କ କଥା – ''ନରେନ୍, ମୋର ଏ ପିଲାମାନେ ରହିଲେ, ଏମାନଙ୍କୁ ତୁହିଁ ରକ୍ଷାକରିବୁ, ସତ୍ ପଥରେ ଚଳାଇବୁ ।'' ପୁଣି କହିଥିଲେ, ''ଜଗତର ହିତ ପାଇଁ ତୋର ଜନ୍ମ । ତୁ ଗୋଟାଏ ବିରାଟ ବରଗଛ ସାଜି ସମସ୍ତଙ୍କୁ ରକ୍ଷା କରିବୁ ।''

ନରେନ୍‌ଙ୍କର ନୀରବତା ଅନ୍ୟ ଗୁରୁ ଭାଇମାନଙ୍କର ଦୃଷ୍ଟି ଆକର୍ଷଣ କଲା । ତଥାପି ସମସ୍ତେ ନୀରବ, ଅଡୁଆ ଗଣ୍ଠିର ଖିଅ ଖୋଲିବାକୁ ନାରାଜ । ମୁଣ୍ଡ ନୁଆଁଇ ଦେଲେ ସତେ ଯେମିତି ସ୍ୱାଭିମାନର କୋଣାର୍କଟା ସମୂଳେ ଭୁଶୁଡ଼ି ପଡ଼ିବ ! ନରେନ୍ଦ୍ର ଶେଷ ସିଦ୍ଧାନ୍ତ ନେଲେ, ଅନ୍ୟ ଗୁରୁ ଭାଇମାନଙ୍କୁ ଡାକି ସାହସର ସହିତ କହିଲେ, ''ଦେଖ, ମହାପୁରୁଷମାନଙ୍କର ଦେହାବଶେଷ ନେଇ କଳହ ହେବା ଗୋଟିଏ ନୂଆ କଥା ନୁହେଁ । ମାତ୍ର ଆମ୍ଭେମାନେ ଯେ ସେହି ପନ୍ଥା ଅନୁସରଣ କରିବା ତାହା ଅତ୍ୟନ୍ତ ନିନ୍ଦନୀୟ । ଆମ୍ଭେମାନେ ସନ୍ନ୍ୟାସୀ; ଠାକୁରଙ୍କ ପବିତ୍ରତମ ଜୀବନରୁ ଆମେ ଯେଉଁ ସର୍ବୋଚ୍ଚ ଶିକ୍ଷା ପାଇଛେ ତାହାର

ଆଦର୍ଶକୁ ସମ୍ମୁଖରେ ରଖି ଜୀବନ ଗଠନ କରିବା ହେଉଛି ଆମର କର୍ତ୍ତବ୍ୟ ଏବଂ ତାହାହିଁ ହେବ ଆମ୍ଭମାନଙ୍କର ସର୍ବଶ୍ରେଷ୍ଠ ସମ୍ପଦ । ତେଣୁ ସେମାନଙ୍କ ଇଚ୍ଛା ମୁତାବକ କାର୍ଯ୍ୟ ହେଉ । ଆମ୍ଭେମାନେ ଯଦି ଗୁରୁଦେବଙ୍କ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିପାରିବା, ତାହାହେଲେ ଦେଖିବ ସମଗ୍ର ଜଗତ୍ ଆମ ପାଦତଳକୁ ଆସିବ ।''

ନରେନ୍ଦ୍ରଙ୍କ କଥାରେ କେହି ପ୍ରତିବାଦ କଲେ ନାହିଁ । ରକ୍ଷକ ଦୁଇଜଣ ଅଳ୍ପ କିଛି ରଖି ଦେହାବଶେଷ-ପୂର୍ଣ୍ଣ କଳସୀଟି ସେମାନଙ୍କ ହାତରେ ଅର୍ପଣ କଲେ । ଶେଷରେ ଏକ ଶୁଭ ମୁହୂର୍ତ୍ତରେ କାଁକୁଡ଼ଗାଛିଠାରେ ମନ୍ଦିର ସ୍ଥାପନା ଉଦ୍ଦେଶ୍ୟରେ ପବିତ୍ର ତାମ୍ରକଳସୀକୁ ସ୍ଥାପନା କରାଗଲା । ଭକ୍ତଗଣଙ୍କ ସମାରୋହକୁ ଆନନ୍ଦ ମୁଖରିତ କଲେ ସନ୍ନ୍ୟାସିବୃନ୍ଦ । ସତେ ଯେମିତି ସେହି ମହାନ୍ ଆଦର୍ଶକୁ ସେମାନେ ଆବାହନ କରୁଥିଲେ – ''ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟଃ ।'' ମୂଳୋତ୍ପାଟନ ହେଲା କଳହ ।

ତରୁଣ ସନ୍ନ୍ୟାସୀମାନେ ବରାହନଗରଠାରେ ଆସ୍ଥାନ ଜମାଇଲେ । ଅଭିଭାବକମାନଙ୍କର ଘନ ଘନ ଆମନ୍ତ୍ରଣକୁ ଉପେକ୍ଷା କରି ସାଂସାରିକ ମୋହ ବନ୍ଧନରୁ ମୁକ୍ତ ହେବାର ସୌଭାଗ୍ୟ ସେମାନଙ୍କର ପୁନର୍ବାର ହସ୍ତଗତ ହେବାକୁ ଲାଗିଲା । ପରୀକ୍ଷା ଦେବା ଆଳରେ ବାନ୍ଧି ରଖିଥିବା ଆତ୍ମୀୟ-ସ୍ୱଜନଙ୍କଠାରୁ କେତେକ ବାଳକ କୌଶଳରେ ଫେରି ଆସିଲେ । ମୁକ୍ତ ଆକାଶର ସ୍ୱାଦ ପାଇଥିବା ପକ୍ଷୀ କ'ଣ କେବେ ପିଞ୍ଜରା ବଦ୍ଧ ହୋଇ ରହିପାରିବ ! ସେ ଯେ ଅସୀମର ପୂଜାରୀ ।

ଅଭାବ-ଅଭିଯୋଗର ଦାୟିତ୍ୱ ବହନ କରିଥିବାରୁ ନରେନ୍ଦ୍ରଙ୍କୁ ଦିନ ଭିତରେ କେତେବେଳେ କେମିତି ଘରକୁ ଯିବାକୁ ହେଉଥିଲେ ବି ଅନ୍ୟ ସମସ୍ତ ସମୟ କଟୁଥିଲା ବରାହ ନଗରଠାରେ । ସେହିଠାରେ ଗୁରୁଦେବଙ୍କ ଚରିତ୍ର ଓ ଉପଦେଶ ଆଲୋଚନା ସହ ବେଦାନ୍ତ, ଦର୍ଶନଶାସ୍ତ୍ର, ପୁରାଣ ଆଦି ପାଠ କରି ସମୟ ବିତାଉଥିଲେ । ସମବେତ ଧ୍ୟାନ ଧାରଣାର ସମୟ ମଧ୍ୟ ନିର୍ଘଣ୍ଟ ହୋଇଥିଲା । କ୍ରମେ ଆରମ୍ଭ ହୋଇଗଲା କଠୋର ତପଃଚର୍ଯ୍ୟ – ଆଶ୍ରମ ଜୀବନର ଭିତ୍ତିଭୂମି । ସେତେବେଳେ ତାହା ଅଜଣା ଥିଲେ ବି ବରାହନଗର ମଠହିଁ ଥିଲା ଭବିଷ୍ୟତ୍ ସଂଘର ଅଙ୍କୁରୋଦ୍‌ଗମ ।

ତରୁଣ ସନ୍ନ୍ୟାସୀମାନଙ୍କର ଅଭିନବ ଉତ୍ସାହ ଓ କଷ୍ଟ ସହିଷ୍ଣୁତାରେ ମୁଗ୍ଧ ହୋଇ ବଳରାମ ବସୁ, ନାଟ୍ୟ ସମ୍ରାଟ ଗିରୀଶ ଘୋଷ, ଶ୍ରୀରାମକୃଷ୍ଣ କଥାମୃତର ପ୍ରଣେତା ମହେନ୍ଦ୍ର ନାଥ ଗୁପ୍ତ ପ୍ରମୁଖଙ୍କଠାରୁ ମିଳୁଥିବା ଆର୍ଥିକ ସାହାଯ୍ୟ ମୌଳିକ ଆବଶ୍ୟକତାକୁ ଭରଣା କରିବାକୁ ମଧ୍ୟ ଯଥେଷ୍ଟ ହେଉ ନ ଥିଲା । ତଥାପି ଦୃଢ଼ତାରେ ଅଟଳ ଥିଲେ ତରୁଣଗଣ । ସମବେଦନା ପ୍ରକାଶ କରି ଘରକୁ ବାହୁଡ଼େଇ ନେବାକୁ ଯଦି କାହାରି ପ୍ରିୟଜନ ଆସି ଅନୁରୋଧ ଜଣାଉଥିଲେ, ନରେନ୍ଦ୍ର ଦୃପ୍ତ ସିଂହ ତୁଲ୍ୟ ଗର୍ଜି ଉଠୁଥିଲେ, ''ଜାଣି ରଖ ! ଏ ଜୀବନ ଈଶ୍ୱର ଲାଭ ପାଇଁ ଉଦ୍ଦିଷ୍ଟ, ଇନ୍ଦ୍ରିୟଗତ ସୁଖ ଲାଭ ପାଇଁ ନୁହେଁ । ସନ୍ନ୍ୟାସୀର ମହିମମୟ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ହେବୁ ନାହିଁ । ଅଦୃଷ୍ଟରେ ଯାହା ଘଟୁ ନା କାହିଁକି ତ୍ୟାଗର ମହାନ୍ ଆଦର୍ଶକୁ ଆମେ ପ୍ରାଣପଣେ ଜାବୁଡ଼ି ଧରିବୁ । ଦେହର ପତନ ହେଉ – ସର୍ବସ୍ୱ ଯାଉ, ଉଦ୍ଦେଶ୍ୟ ଛାଡ଼ିବୁ ନାହିଁ । ଆମ୍ଭେମାନେ କ'ଣ ରାମକୃଷ୍ଣ ତନୟ ନୋହୁଁ ?''

ନରେନ୍ଦ୍ରଙ୍କର ନେତୃତ୍ୱ ନେବାର ଶୈଳୀ ବଡ଼ ବିଚିତ୍ର । ସେ ଥିଲେ ଏକାଧାରରେ ଶାସକ, ପଥପ୍ରଦର୍ଶକ ଏବଂ ହୃଦୟଗ୍ରାହୀ ଅଗ୍ରଜ । ତାଙ୍କର ସ୍ନେହ ଫଲ୍‌ଗୁର ଧାର ସମ ଅନ୍ତର୍ଭେଦୀ । ଗହନ ଏବଂ ଅଲଙ୍ଘ୍ୟ । ନିଜ ଗୁରୁଭାଇଙ୍କ ମନରେ କଷ୍ଟ ଦେଖିଲେ କିଂବା କେହି ପ୍ରିୟଜନଙ୍କ ପ୍ରତି ଅଯଥା ଭାବପ୍ରବଣତା ପ୍ରକାଶ କରୁଥିବାର ଲକ୍ଷ୍ୟ କଲେ ସେମାନଙ୍କ ସହ ଖୁବ୍ ହାସ୍ୟ କୌତୁକ କରୁଥିଲେ । କଥାଛଳରେ ଆଶ୍ୱାସନା ଦେଇ କହୁଥିଲେ, ''ତୁମେମାନେ ଜାଣ, ଠାକୁର ଏ ସଂସାରୀମାନଙ୍କୁ କ'ଣ କହୁଥିଲେ ? ଏମାନେ ଲୋକ ନା ପୋକ ? ତା'ର ଅର୍ଥ ହେଉଛି; କାମ-କାଞ୍ଚନର କ୍ରୀତଦାସ ଏମାନେ । ଏମାନେ କ'ଣ କହୁଛନ୍ତି ବା ନ କହୁଛନ୍ତି ଆମେ ସନ୍ନ୍ୟାସୀମାନେ ତାହା ଶୁଣି ବିଚଳିତ ହେବା ଉଚିତ ନୁହେଁ । ଈଶ୍ୱରଲାଭହିଁ ଜୀବନର ଏକମାତ୍ର ଲକ୍ଷ୍ୟ – ଗୁରୁଦେବ ଜୀବନରେ ଏହି ଆଦର୍ଶ ଦେଖାଇ ଯାଇଛନ୍ତି । ଆମେ ତାଙ୍କରି ଆଦର୍ଶ – ଜୀବନକୁହିଁ ଅନୁସରଣ କରିବା ।''

ସେତେବେଳର କଷ୍ଟ ପ୍ରକୃତରେ ଅବର୍ଣ୍ଣନୀୟ । ତରୁଣ ସନ୍ନ୍ୟାସୀମାନେ ପେଟ ଭରି ଖାଇବାକୁ ପାଉ ନ ଥିଲେ, ସୁସ୍ୱାଦୁ ବ୍ୟଞ୍ଜନ ତ ସ୍ୱପ୍ନର ବିଳାସ । ଦିନେ ବେଲୁଡ଼ ମଠରେ ପ୍ରସଙ୍ଗକ୍ରମେ କହୁ କହୁ ସ୍ୱାମୀ ପ୍ରେମାନନ୍ଦଜି କହି ପକାଇଲେ, ''ଆଜି ଯେ ଏତେ ବଡ଼ ମଠ ଦେଖୁଛ ତାହାର ଆରମ୍ଭ କେଉଁଠୁ ହୋଇଥିଲା ଜାଣ ? ବରାହ ନଗର ମଠହିଁ ଏହାର ଭିତ୍ତିଭୂମି । ଘରଟି ଭଡ଼ାରେ ନିଆଯାଇଥିଲା । ଉପର ମହଲାରେ ତିନୋଟି

ଘର ଥିଲା । ତଳ ମହଲା ଅବ୍ୟବହାର୍ଯ୍ୟ ହୋଇ ପଡ଼ିଥିଲା । ସନ୍ନ୍ୟାସୀମାନଙ୍କୁ ବେଳାଏ କେଉଁଦିନ ଖାଇବାକୁ ମିଳୁଥିଲା ତ, କେଉଁଦିନ ଅବା ମିଳୁ ନ ଥିଲା । ଖାଇବା ପାଇଁ ବାସନ ଖଣ୍ଡିଏ ମଧ୍ୟ ନ ଥିଲା । ବଗିଚାରୁ କଦଳୀ ପତ୍ର ଖଣ୍ଡିଏ କାଟିବାକୁ ଗଲେ ମାଳୀ ମାରି ଗୋଡ଼ାଉଥିଲା । ଶେଷରେ ଶଙ୍ଖସାରୁ ପତରରେ ଭାତ ବାଢ଼ି ଖାଉଥିଲେ । ଦୁଇ ଗୁଣ୍ଡା ଖାଇବା ପରେ ତଣ୍ଟି ଗଲୁ କରୁଥିଲା । ମାତ୍ର ସେଥିପ୍ରତି ସେମାନଙ୍କର ଭ୍ରୁକ୍ଷେପ ନ ଥିଲା । ପୂଜା, ଧ୍ୟାନ-ଧାରଣା ସବୁବେଳେ ଚାଲିଥାଏ । କ୍ରମେ ଜଣେ, ଦୁଇଜଣ କରି ଭକ୍ତମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ପୂଜା ଆଳତି ଦେଖି ସେମାନେ ମୁଗ୍ଧ ହେଲେ ।''

ଅଭାବ-ଅନାଟନର କଷାଘାତକୁ ଭୁଲେଇ ଦେଉଥିଲା ମମତାର ବନ୍ଧନ । ଗୋଟିଏ ପରିବାରର ସଦସ୍ୟ ଭଳିଆ ବାନ୍ଧି ହୋଇ ରହିଥିଲେ ବରାହନଗର ମଠର ସନ୍ନ୍ୟାସିବୃନ୍ଦ । ଝଡ଼ ଉଡ଼ା ପତ୍ରସବୁ ସତେ ଯେମିତି ଆଉ ଗୋଟିଏ ଜାଗାରେ ଠୁଳ ହୋଇଛନ୍ତି । ସେମାନେ ଯେ ଭିନ୍ନ ଭିନ୍ନ ଗଛର ଝରା ପତର ସେକଥା ସେତେବେଳକୁ ବିସ୍ମୃତ । ସବୁ ଭିନ୍ନତା ଭିତରେ ଏକତ୍ୱକୁ ସ୍ଥାପନା କରିବାର ସୂତ୍ରଧର ଥିଲେ ନରେନ୍ଦ୍ର । ନିଷ୍କପଟ ସ୍ନେହ ଥିଲା ତାଙ୍କ ବନ୍ଧନର ରଜ୍ଜୁ ।

ଦିନକର ଘଟଣା କୌଣସି ଏକ ବିଶେଷ କାରଣବଶତଃ ନରେନ୍ଦ୍ରନାଥ କଲିକତା ଯାଇଥିଲେ । ସଂଘର ପୁରୋଧା ଭାବରେ ଦାୟିତ୍ୱସବୁ ଥିଲା ତାଙ୍କରି ମୁଣ୍ଡରେ । କଲିକତାରୁ ଫେରି ଦେଖନ୍ତି ବାଳକ ସାରଦା (ପରବର୍ତ୍ତୀ କାଳର ସ୍ୱାମୀ ତ୍ରିଗୁଣାତୀତାନନ୍ଦ) ଗୋପନରେ ମଠଛାଡ଼ି ଚାଲିଯାଇଛନ୍ତି । ଭ୍ରାତୃବିଚ୍ଛେଦ ଦୁଃଖରେ ଅନ୍ତର ତାଙ୍କର କୋହରି ଉଠିଲା । ବଡ଼ ବିବ୍ରତ ହୋଇ ରାଖାଲ(ସ୍ୱାମୀ ବ୍ରହ୍ମାନନ୍ଦ)ଙ୍କୁ କହିଲେ, ''ତୁମେ ତାଙ୍କୁ କାହିଁକି ଛାଡ଼ିଦେଲ ? ମୁଁ ଏବେ କି ଦାରୁଣ ବିପତ୍ତିରେ ପଡ଼ିଛି । ଏକେତ ସଂସାର ଛାଡ଼ି ଆସିଥିଲି, ମାତ୍ର ଏଠାରେ ଆଉ ଗୋଟାଏ ମାୟାର ସଂସାର ଗଢ଼ିଛି, ପିଲାଟି ଲାଗି ପ୍ରାଣ ମୋର ବ୍ୟାକୁଳ ହୋଇ ଉଠୁଛି ।''

ନରେନ୍ଦ୍ରଙ୍କ ହୃଦୟର ସ୍ନେହ ପଥରକଟା ଝରଣା ପରି ବହିଗଲା । ମାତ୍ର ରାଖାଲ ସେତେବେଳକୁ ପାଲଟି ଯାଇଥିଲେ ପଥରର ମୂର୍ତ୍ତିଟିଏ । ଯୋଗକୁ କେହି ଜଣେ ଚିଠି ଖଣ୍ଡିଏ ଦେଇ କହିଲେ – ''ସାରଦା ଯିବା ସମୟରେ ଏହି ଚିଠିଟି ଲେଖି ଦେଇ ଯାଇଛି ।''

ନରେନ୍ଦ୍ର ଏକ ନିଃଶ୍ୱାସରେ ପଢ଼ିନେଲେ, ''ମୁଁ ପାଦରେ ଚାଲି ଚାଲି ବୃନ୍ଦାବନ ଯାଉଛି । ଏଠାରେ ରହିବା ମୋ ପକ୍ଷରେ ଅସମ୍ଭବ ହୋଇ ପଡୁଛି । ଭୟ – କାଳେ ମୋ ମନର ଗତି ପରିବର୍ତ୍ତିତ ହୋଇଯିବ । ମୁଁ ମଝିରେ, ମଝିରେ ପିତାମାତା, ଘର ଓ ଅନ୍ୟାନ୍ୟ ପରିଜନଙ୍କ ସମ୍ବନ୍ଧରେ ସ୍ୱପ୍ନ ଦେଖେ । ମନେହୁଏ ମୁଁ ଯେମିତି ସେଇ ମାୟାରେ ବାନ୍ଧି ହୋଇ ପଡୁଛି । ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ ମୁଁ ଇତି ମଧ୍ୟରେ ଦୁଇଥର ଘରକୁ ଯାଇ ଆତ୍ମୀୟ-ସ୍ୱଜନଙ୍କୁ ଦେଖି ଆସିଛି । ଅବଶ୍ୟ ତାହା ସମସ୍ତଙ୍କ ଅଗୋଚରରେ ହୋଇଥିଲେ ବି ମୁଁ ଏଠାରେ ରହିବା ଆଉ ଯୁକ୍ତିଯୁକ୍ତ ମଣୁ ନାହିଁ । ମାୟା ହାତରୁ ନିଷ୍କୃତି ପାଇବା ପାଇଁ ଦୂର ଦେଶକୁ ଚାଲିଯିବାର ସିଦ୍ଧାନ୍ତ ନେଲି ।''

''ଏବେ ବୁଝିଲ ତ, ସାରଦା କାହିଁକି ମଠ ଛାଡ଼ି ଚାଲିଯାଇଛି ।''– ଉତ୍ତର ଦେଲେ ରାଖାଲ । ଚିନ୍ତା ଅଧା ଆଡ଼ିଆ ହୋଇ ଯାଇଥିଲେ ବି ଗମ୍ଭୀର ଭାବରେ ଉତ୍ତର ଦେଲେ ନରେନ୍ଦ୍ର, ''ହଁ, ମୁଁ ମଧ୍ୟ ଏପରି ଅନୁଭବ କରିଛି । ମାୟାର ବନ୍ଧନରୁ ମୁକୁଳିବା ଏତେ ସହଜ ନୁହେଁ ।''

ନରେନ୍ଦ୍ରଙ୍କ ଦୃଷ୍ଟି ପ୍ରସରିଗଲା, ବୁଝିପାରିଲେ ସେ ଗୋଟିଏ ବନ୍ଧନରୁ ମୁକ୍ତ ହୋଇ ଆଉ ଏକ ଅଜଣା ବନ୍ଧନରେ ବାନ୍ଧି ହୋଇ ପଡ଼ିଛନ୍ତି । ବରାହନଗର ମଠ ଏବେ ତାଙ୍କ ପାଇଁ ଆଉ ଏକ ପରିବାର, ସେଥିରୁ ମଧ୍ୟ ମୁକୁଳିବାକୁ ପଡ଼ିବ । ପୁଣି ତରୁଣ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଯଦି କେହି ତୀର୍ଥଭ୍ରମଣରେ ଯିବା ପାଇଁ ଇଚ୍ଛୁକ ସେ ବା କାହିଁକି ବାଧା ଦେବେ ? ସାରଦା ତା'ର ପରିବାରକୁ ଯେ ଫେରିଯାଇ ନି, ତାହା ଯଥେଷ୍ଟ । ଠାକୁରଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।

ଗୁରୁଭାଇଙ୍କ ସମସ୍ତ ଅନୁରୋଧ ନିଷ୍ଫଳ ହେଲା, ବେଢ଼ି ମୁକୁଳା ରହିଗଲା । ନୂତନ ସକାଳକୁ ଅପେକ୍ଷା କରି ରହିଥିବା ନରେନ୍ଦ୍ରନାଥ ପରିବ୍ରାଜକ ବେଶ ଧାରଣ କରି ମଠତ୍ୟାଗ କଲେ । ❑

---

ବି.ଦ୍ର. : ଏହି ପତ୍ରିକାରେ ଧାରାବାହିକ ରୂପେ ପ୍ରକାଶିତ 'ଶ୍ରୀରାମକୃଷ୍ଣ-ଚରିତାମୃତ'ରେ ବିବେକାନନ୍ଦଙ୍କ ପୂର୍ବବର୍ତ୍ତୀ ଜୀବନ ବର୍ଣ୍ଣିତ ହୋଇଛି ।

ସ୍ୱାମୀ ବିବେକାନନ୍ଦ (୨)

# କୃତଜ୍ଞତା

## ସନ୍ତୋଷ କୁମାର ରଥ

ଏ ମଧୁର ମାୟାବନ୍ଧନକୁ ଛିନ୍ନ କରିବାକୁ ହେବ। ସମସ୍ତେ ଏକାଠି ରହିବାରୁ କ୍ରମେ ମାୟାର ବନ୍ଧନ ଜଡ଼େଇ ଧରୁଛି। ନା, ଆଉ ନୁହେଁ – ସଙ୍କଳ୍ପ ନେଲେ ନରେନ୍ଦ୍ର।

ସଙ୍କଳ୍ପ ନେବାର ପ୍ରସ୍ତୁତିପର୍ବ ଦୀର୍ଘ ନ ଥିଲା। ବିବେକ ଓ ବୈରାଗ୍ୟକୁ ବରଣ କରିବା ପାଇଁ ଯିଏ ମା'ଙ୍କ ନିକଟରେ ଦୟିନୀ ହୋଇଥିଲେ, ତାଙ୍କୁ କ'ଣ ମାୟାର ବନ୍ଧନ ବାନ୍ଧି ପାରି ଥାଆନ୍ତା ? ମନେ ପଡ଼ିଯାଇଥିବ ଅତୀତର ସ୍ମୃତି; ଠାକୁରଙ୍କ କଥା – ''ମୋର ଜିନିଷ, ମୋର ଜିନିଷ କହି ନିଜ ଜିନିଷକୁ ଭଲ ପାଇବାର ନାମ ମାୟା। ସେମିତି ଯିଏ କେବଳ ନିଜ ପରିବାର, ନିଜ ଦେଶର ଲୋକଙ୍କୁ ଭଲ ପାଏ, ତାହାର ନାମ ମାୟା। ସମସ୍ତଙ୍କୁ ଭଲ ପାଇବାର ନାମ ଦୟା। ସବୁ ଦେଶର ଲୋକଙ୍କୁ ଭଲ ପାଇବା, ସବୁ ଧର୍ମର ଲୋକଙ୍କୁ ଭଲ ପାଇବା ଏଇଟି ଦୟାରୁ ହୁଏ, ଭକ୍ତିରୁ ହୁଏ।

''ମାୟାରେ ମନୁଷ୍ୟ ବଦ୍ଧ ହୋଇଯାଏ, ଭଗବାନଙ୍କଠାରୁ ବିମୁଖ ହୁଏ। ମାତ୍ର ଦୟାରୁ ଈଶ୍ୱର ଲାଭ ହୁଏ।''

ମନରେ ତାଙ୍କର ଦ୍ୱନ୍ଦ୍ୱ ନ ଥିଲା, ଆତ୍ମବିଶ୍ୱାସର ଅଭାବ ମଧ୍ୟ ନ ଥିଲା। ହୃଦୟରେ ସାଇତା ହୋଇ ରହିଥିବା ଠାକୁରଙ୍କ ଉପଦେଶାବଳୀ ବରଂ ଭରି ଦେଉଥିଲା ଅଫୁରନ୍ତ ଉତ୍ସାହ। ସେତେବେଳେ ମନେ ପଡ଼ିଯାଇଥିବ ସେଦିନର ଘଟଣା; ''ଈଶ୍ୱର ରସର ସାଗର। ଏହି ରସର ସାଗରରେ ବୁଡ଼ିବାକୁ ତୋର କ'ଣ ଇଚ୍ଛା ହୁଏ ନି। ଆଚ୍ଛା ନରେନ୍, ତୋ ସାମନାରେ ସରାଏ ରସ ଅଛି, ଆଉ ତୁ ଯଦି ମାଛିଟିଏ ହୋଇଥା'ନ୍ତୁ, ତେବେ କେଉଁଠାରେ ବସି ରସ ଖାଇଥା'ନ୍ତୁ'' – ଠାକୁରଙ୍କ ପ୍ରଶ୍ନର ଉତ୍ତର ସହଜ ଭାବି ସେ କହିଥିଲେ – ''ଧାରରେ ବସି ଖାଇବି, ନ ହେଲେ ବୁଡ଼ିଯିବି, ପ୍ରାଣ ଯିବ।'' ଠାକୁରଙ୍କ ଉତ୍ତର ଥିଲା ଭିନ୍ନ ସ୍ତରର, ''ବାବା ! ସଚ୍ଚିଦାନନ୍ଦ ସାଗରରେ ସେ ଭୟ ନାହିଁ। ଏ ତ ଅମୃତର ସାଗର, ଏ ସାଗରରେ ବୁଡ଼ିଲେ ମଣିଷ ଅମର ହୁଏ। ଈଶ୍ୱରଙ୍କ ପାଇଁ ପାଗଳ ହେଉଥିବା ମଣିଷ କେବଳ ଏଥିରେ ଡୁବ ଦେବ।''

ରାତି ପାହିଲା, ଠାକୁରଙ୍କ ଉପଦେଶକୁ ପାଥେୟ କରି ପରିବ୍ରାଜକ ସାଜିଲେ ସନ୍ନ୍ୟାସୀ। ପଛରେ ରହିଗଲେ ଗୁରୁଭାଇ ଓ ବରାହନଗର ମଠ। ଭିନ୍ନ ଏକ ସତ୍ୟର ସନ୍ଧାନ ହେଲା ତାଙ୍କର ବ୍ରତ। ଜଗତ୍ ସେତେବେଳେ ତାଙ୍କୁ ଚିହ୍ନିଲା ବିବେକାନନ୍ଦ ରୂପରେ; ଶ୍ରୀରାମକୃଷ୍ଣ ସଂଘର ନେତା, ଭବିଷ୍ୟତ୍‌ର କର୍ଣ୍ଣଧାର।

ବିହାର ଓ ଉତ୍ତର ପ୍ରଦେଶର ବହୁ ମନ୍ଦିର, ତୀର୍ଥସ୍ଥାନ ଭ୍ରମଣ କରି ବିବେକାନନ୍ଦ ବାରାଣସୀ ଅଭିମୁଖେ ମୁହାଁଇଲେ। ଯେ କେହି ସ୍ୱାଗତ ଅଭିବାଦନ ଜଣାଇବାର ସୁଯୋଗ ପାଉଥିଲେ, ଜାଣି ପାରୁଥିଲେ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସାଇତା ସମ୍ଭାବନାକୁ। ଶାନ୍ତ ସମୁଦ୍ରହିଁ ରତ୍ନଗର୍ଭା। ଆବିଷ୍କାରର ପଥ କ୍ରମଶଃ ଉନ୍ମୁକ୍ତ ହେବାକୁ ଲାଗିଲା। ବଙ୍ଗ-ଗୌରବ ପଣ୍ଡିତ ଭୂଦେବ ମୁଖୋପାଧ୍ୟାୟ ମଧ୍ୟ ଆଶ୍ଚର୍ଯ୍ୟ ହେଲେ – ''ଏତେ ତରୁଣ ବୟସରେ ଏ ସନ୍ନ୍ୟାସୀ ଏତେ ଗଭୀର ଅନ୍ତର୍ଦୃଷ୍ଟି ଓ ବିପୁଳ ଅଭିଜ୍ଞତା ଲାଭକଲେ କିପରି ! ଯୁବକଙ୍କର ଭବିଷ୍ୟତ୍ ଯେ ଗୌରବମୟ ଏଥିରେ ସନ୍ଦେହ ନାହିଁ।''

ବାରାଣସୀରେ ପହଞ୍ଚି ବିବେକାନନ୍ଦ ବିଶ୍ୱେଶ୍ୱରଙ୍କର ଚଳନ୍ତି ପ୍ରତିମା ବୋଲାଉଥିବା ତ୍ରୈଲଙ୍ଗ ସ୍ୱାମୀଙ୍କୁ ସାକ୍ଷାତ୍ କରି ବହୁଦିନର ଅଭିଳାଷ ପୂର୍ଣ୍ଣ କଲେ। ତାଙ୍କ ତ୍ୟାଗ ଓ ତପସ୍ୟାର ମହାନତା ସମ୍ବନ୍ଧେ ସୂଚନା ପାଇଥିଲେ ଠାକୁରଙ୍କଠାରୁ। ସ୍ୱାମୀ ଭାସ୍କରାନନ୍ଦଜି ଥିଲେ ସେଠାକାର ଅନ୍ୟ ଜଣେ ଖ୍ୟାତନାମା ସାଧୁ। ସ୍ୱାମିଜି ତାଙ୍କ ଆଶ୍ରମକୁ ଗଲେ। ଆଦର ଅଭ୍ୟର୍ଥନାରେ ଊଣା ନ ଥିଲା। ମାତ୍ର ଉପଦେଶ ଛଳରେ ସ୍ୱାମୀ କହିପକାଇଲେ, ''ସେ ଯେତେ ବଡ଼ ଯୋଗଜନ୍ମା ହୋଇଥାଉ ପଛେ କେହି କେବେ ସମ୍ପୂର୍ଣ୍ଣ ରୂପେ କାମିନୀ-କାଞ୍ଚନ ତ୍ୟାଗ କରିପାରି ନାହିଁ।'' ସ୍ୱାମିଜିଙ୍କ ମାନସପଟରେ ଭାସି ଉଠିଲା ଠାକୁରଙ୍କ ପ୍ରତିଚ୍ଛବି। ଦୃଢ଼ ଅଥଚ ବିନୀତ ଭାବରେ ଉତ୍ତର ଦେଲେ, ''ମହାଶୟ, ଆପଣ ବିଶ୍ୱାସ ନ କରିପାରନ୍ତି। ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିଛି, ଯେ କାମ-କାଞ୍ଚନ ଭାବରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ।'' ବିଦ୍ରୂପର ହସ ହସି ଭାସ୍କରାନନ୍ଦଜି ପ୍ରତ୍ୟୁତ୍ତର ଦେଲେ, ''ତୁମେ ବାଳକ ମାତ୍ର, ଏ ବୟସରେ ସେସବୁ ବୁଝିବ ବା କେମିତି।'' ସ୍ୱାମିଜି ସେତେବେଳକୁ

ଅଗ୍ନିଶର୍ମା । ନିଜ ଗୁରୁଦେବଙ୍କର ଚରିତ୍ର ସଂହାର ତାଙ୍କ ପାଇଁ ଅସହ୍ୟ ହୋଇ ଉଠିଲା । ସେ ଦୃଢ଼ ସ୍ୱରରେ ପ୍ରତିବାଦ ଜଣାଇଲେ । ତାଙ୍କର ତେଜୋପୂର୍ଣ୍ଣ ବକ୍ତବ୍ୟ ଓ ଅକାଟ୍ୟଯୁକ୍ତି ଶୁଣି ଉପସ୍ଥିତ ଭକ୍ତବୃନ୍ଦ ସ୍ତମ୍ଭୀଭୂତ । କାରଣ ଆଜି ପର୍ଯ୍ୟନ୍ତ କେହି ହେଲେ ଭାସ୍କରାନନ୍ଦଜିଙ୍କ ପ୍ରତିପକ୍ଷ ହୋଇ ତର୍କ କରିବାକୁ ସାହସ କରି ନ ଥିଲେ । ସମସ୍ତେ ଅପେକ୍ଷା କରି ରହିଥିଲେ ଭାସ୍କରାନନ୍ଦଙ୍କ ପ୍ରତିକ୍ରିୟାକୁ ।

''ଏହାଙ୍କ କଣ୍ଠରେ ସରସ୍ୱତୀ ବସିଛନ୍ତି । ଏହାଙ୍କ ହୃଦୟରେ ଜ୍ଞାନାଲୋକ ପ୍ରଦୀପ୍ତ ହୋଇଛି ।'' — ନିଜ ଶିଷ୍ୟମାନଙ୍କ ଆଗରେ ଖୁବ୍ ବିନମ୍ରତାର ସହ ଘୋଷଣା କଲେ ସ୍ୱୟଂ ଭାସ୍କରାନନ୍ଦଜି । ମାତ୍ର ସ୍ୱାମିଜି ତାଙ୍କ ପ୍ରୀତି ସମ୍ଭାଷଣକୁ ଗ୍ରହଣ କରିବାକୁ ଆଉ ପ୍ରସ୍ତୁତ ନ ଥିଲେ । ନିଜ ଗୁରୁଦେବଙ୍କ ପ୍ରତି ହୋଇଥିବା ଅବମାନନାକୁ ଅସହ୍ୟ ମନେକରି ସେ ସେହି ସ୍ଥାନ ସତ୍ୱର ତ୍ୟାଗ କଲେ ।

ବିବେକାନନ୍ଦ ଅଯୋଧ୍ୟାରେ କିଛିଦିନ କଟାଇ ଲକ୍ଷ୍ନୌ ଓ ଆଗ୍ରା ବାଟେ ପଦବ୍ରଜରେ ବୃନ୍ଦାବନ ଅଭିମୁଖେ ଯାତ୍ରା କଲେ । ଅଯୋଧ୍ୟାରେ ଥିବାବେଳେ ଶ୍ରୀରାମଚନ୍ଦ୍ର ଓ ହନୁମାନଙ୍କ ପ୍ରତି ରହିଥିବା ବାଲ୍ୟକାଳର ଭକ୍ତିଭାବ କଥା ତାଙ୍କର ସ୍ମରଣ ହୋଇଥିଲା । ସେ ସେହି ପବିତ୍ର ମାଟିକୁ ମଥାରେ ମାରି ରାମାୟଣ ଗାନ ଓ ଶ୍ରବଣରେ ମୁଗ୍ଧ ହୋଇ ଉଠିଲେ । ବୀରଭକ୍ତ ହନୁମାନଙ୍କ ଉପରେ ରହିଥିବା ସେଦିନର ବିଶ୍ୱାସ ମଧ୍ୟ ତାଙ୍କ ସ୍ମୃତିରୁ ବିସ୍ମୃତ ହୋଇ ନ ଥିଲା :

ପୁରାଣ ପଣ୍ଡାଙ୍କ ପ୍ରତିଶ୍ରୁତି ଉପରେ ଭରସା ରଖି ମୁହାଁଇଲି କଦଳୀ ବଗିଚା ଆଡ଼କୁ, ସେହିଠାରେ ଦେଖାହେବ ହନୁମାନଙ୍କ ସହିତ । ଏକାକୀ ବସିଥାଏ, ସଞ୍ଜ ଗଡ଼ି ରାତି ହେଲା । ରାତି ଆହୁରି ବଢ଼ିଲା, ମନରେ ସନ୍ଦେହ ନ ଥାଏ କି ଭୟ ମଧ୍ୟ ନ ଥାଏ । ମାତ୍ର ରାତିଅଧକୁ ବିଫଳ ମନୋରଥ ହୋଇ ଘରକୁ ଫେରି ଆସିଲି । ବ୍ୟସ୍ତ ବିବ୍ରତା ମା' କିନ୍ତୁ ଆଶ୍ୱାସନା ଦେଇ କହିଲେ, ''ପୁଅରେ, ତୁ ଦୁଃଖ କର ନା, ଆଜି ହୁଏତ ହନୁମାନ୍ ରାମଙ୍କ କାମରେ କୁଆଡ଼େ ଯାଇଥିବେ, ଆଉ ଦିନେ ଦେଖା ହେବ ।''

ସେହିଦିନଠାରୁ ହନୁମାନଙ୍କ ଉପରେ ତାଙ୍କର ରହିଥିଲା ଅଜସ୍ର ଶ୍ରଦ୍ଧା । ପରବର୍ତ୍ତୀ କାଳରେ ସେ ବ୍ରହ୍ମଚର୍ଯ୍ୟ-ବ୍ରତାଭିଳାଷୀ ଯୁବକମାନଙ୍କୁ ମହାବୀରଙ୍କର ଚରିତ୍ରକୁ ଆଦର୍ଶ ରୂପେ ଗ୍ରହଣ କରିବା ପାଇଁ ଉପଦେଶ ଦେଉଥିଲେ, ଏବଂ ଅନନ୍ୟ ପରାକାଷ୍ଠା ଦାସ୍ୟ-ଭକ୍ତିରେ ଅନୁପ୍ରାଣିତ ହେବା ପାଇଁ ଯୁବକମାନଙ୍କୁ ପ୍ରବର୍ତ୍ତାଉ ଥିବା ବେଳେ ନିଜେ ଖୁବ୍ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ । ତାଙ୍କର ଇଚ୍ଛା ଥିଲା — ଦେଶର ସର୍ବତ୍ର ହନୁମାନଙ୍କର ପୂଜା ହେଉ । ଦୁର୍ବଳ, ଭୀରୁ ଜାତିର ହୃଦୟରେ ସାହସର ସଞ୍ଚାର ହେଉ । ତେବେ ଯାଇ ଜାଗରଣ ସମ୍ଭବ ହେବ ।

ବୃନ୍ଦାବନର ବିମୋହନ ସୌନ୍ଦର୍ଯ୍ୟରେ ମୋହିତ ହୋଇଗଲେ ବିବେକାନନ୍ଦ । ଯମୁନାର ଗୁମୁରା ଜୁଆର ମନେ ପକାଇଦେଲା, ଘାଟ ଫେରନ୍ତା ଗୋପୀଙ୍କର ଘଟ ଭଙ୍ଗା ହଟହଟା ଆଉ ବଂଶୀର ଉଚ୍ଚାଟନ । ବ୍ରଜ କିଶୋରଙ୍କର କାମଗନ୍ଧହୀନ ରାସଲୀଳାକୁ ଜଡ଼େଇ ଧରିଥିଲା ବୃନ୍ଦାବନ ଅରଣ୍ୟର ଲତାକୁଞ୍ଜ । ଆଉ ତାହାରି ଭିତରେ କଦମ୍ବର ଉପସ୍ଥିତିକୁ ଖୋଜି ଚାଲିଥିଲେ ସ୍ୱାମିଜି ।

ଦିନକର ଘଟଣା । ରାଧାକୁଣ୍ଡ ଜଳର ସ୍ୱଚ୍ଛତା ଦେଖି ସ୍ନାନ କରିବା ପାଇଁ ମନ ଉଚ୍ଚାଟ ହେଲା । ସ୍ୱାମିଜି ନିଜର ଏକମାତ୍ର ସମ୍ବଳ କୌପୀନ ଖଣ୍ଡିକ ଧୋଇ ଦେଇ ଘାଟରେ ଶୁଖାଇ କୁଣ୍ଡରେ ପଶିଲେ । ପବିତ୍ର ଜଳରେ ଦେହ, ମନ ତାଙ୍କର ପବିତ୍ର ହୋଇ ଉଠିଲା । ସ୍ନାନ ଅନ୍ତେ ଉଠି ଦେଖନ୍ତି ତାଙ୍କ କୌପୀନ ଖଣ୍ଡିକ ଯାଇ ଗଛ ଡାଳରେ ଲଟକିଛି, ପାଖରେ ମାଙ୍କଡ଼ଟି ତା' ଶ୍ରୀମୁଖକୁ ଦେଖାଇ ସତେ ଯେମିତି କହୁଥିଲା — ''କୃଷ୍ଣ ପ୍ରେମମତ୍ତ ସନ୍ନ୍ୟାସୀ ! କ'ଣ ଭୁଲିଗଲ ବସ୍ତ୍ର-ହରଣର ସେଇ ଅପୂର୍ବ ମହୋତ୍ସବ । ତୁମ ପୁରୁଷ ତେଜର କିଛି ବି ଅର୍ଥ ନାହିଁ । ଏଠି କେବଳ ସେହିଁ ପୁରୁଷ ଆଉ ସଭିଏଁ ଗୋପୀ ।''

ସ୍ୱାମିଜିଙ୍କୁ ବୁଦ୍ଧିବାଟ ଦିଶିଲା ନି, କୌପୀନଟିକୁ ଫେରାଇଦେବା ପାଇଁ ଅନୁନୟ ପ୍ରାର୍ଥନା ଜଣାଇଲେ ମାଙ୍କଡ଼କୁ । କିଛି ଲାଭ ହେଲା ନି । ବହିରାବରଣ ନୁହେଁ, କୌପୀନହିଁ ସନ୍ନ୍ୟାସୀର ପ୍ରକୃତ ବସ୍ତ୍ର । ନଗ୍ନ ଅବସ୍ଥାରେ ସେ ଯେ କିପରି ବୃନ୍ଦାବନ ଭ୍ରମଣ କରିବେ ସେହି ଚିନ୍ତାରେ ମ୍ରିୟମାଣ । ପ୍ରାର୍ଥନା ଜଣାଇଲେ ଶ୍ରୀରାଧାଙ୍କୁ । ଅଭିମାନଭରା ହୃଦୟରେ ପାଣିରୁ ଉଠି ଆସି ସ୍ୱାମିଜି ଅନନ୍ୟୋପାୟ ହୋଇ ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ । ମନେ ମନେ ସଙ୍କଳ୍ପ କଲେ — ପରିଧେୟ ବସ୍ତ୍ର ନ ପାଇବା ପର୍ଯ୍ୟନ୍ତ ସେହି ଜଙ୍ଗଲ ମଧ୍ୟରେ ସେ ଉପବାସରେ କଟାଇବେ । ହଠାତ୍ ଏକ ଅଦ୍ଭୁତ କାଣ୍ଡ ଘଟିଲା । କେହି ଜଣେ ଅପରିଚିତ ବ୍ୟକ୍ତିଙ୍କ କଣ୍ଠସ୍ୱର ସେ ଦୂରରୁ ଶୁଣି ପାରିଲେ । ପଛକୁ ଫେରି ଦେଖିଲେ, ଜଣେ ଲୋକ ଦ୍ରୁତ ପଦକ୍ଷେପରେ ତାଙ୍କ ନିକଟତର ହେବା ପାଇଁ ଚେଷ୍ଟା କରୁଥିଲା । ସ୍ୱାମିଜି

*(ଅବଶିଷ୍ଟାଂଶ ପୃଷ୍ଠା ୫୦ ରେ ଦେଖନ୍ତୁ)*

ସେଥିପ୍ରତି ଭ୍ରୂକ୍ଷେପ ନ କରି ଆଗକୁ ମାଡ଼ି ଚାଲିଲେ । କିଛି ସମୟ ମଧ୍ୟରେ ଲୋକଟି ସାମନାକୁ ଆସି ସ୍ୱାମିଜିଙ୍କ ହାତକୁ ବିନମ୍ର ଭାବେ ଗୋଟିଏ ଥାଳା ଟେକି ଦେଲା । ଥାଳାଟିରେ ଥିଲା ଆହାର ଉପଯୋଗୀ କିଛି ଫଳ ଓ ଖଣ୍ଡିଏ ଗୈରିକ ବସ୍ତ୍ର । ବସ୍ତ୍ର ଖଣ୍ଡିକ କୌପୀନ ପାଇଁ ଉପଯୋଗୀ । ସ୍ୱାମିଜି ମନ୍ତ୍ରମୁଗ୍ଧ ହୋଇ ଅନାଇ ରହିଥା'ନ୍ତି, ଲୋକଟି ଉପହାର ଦେଇ ସାରି ସେଇ ଜଙ୍ଗଲ ମଧ୍ୟରେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ।

ଦେବୀଙ୍କ ରହସ୍ୟ ସତରେ ବଡ଼ ଅଦ୍ଭୁତ । ମାତା କ'ଣ ପୁତ୍ରର କଷ୍ଟ ସହ୍ୟ କରି ରହିପାରିବ ! ସ୍ୱାମିଜିଙ୍କର ମନେ ପଡ଼ି ଯାଇଥିବ ଶଙ୍କରଙ୍କ କଥା ପଦକ :

କୁପୁତ୍ରୋ ଜାୟେତ କୋଚିଦପି କୁମାତା ନ ଭବତି ।

(କୁପୁତ୍ର ଜନ୍ମ ହେବାରେ ବିଚିତ୍ରତା ନାହିଁ ମାତ୍ର କୁମାତା ହେବା କେବେ ବି ସମ୍ଭବ ନୁହେଁ ।)

''ଜୟ ରାଧେ ଶ୍ରୀରାଧେ''– କହି କହି ସ୍ୱାମିଜି ଉନ୍ମତ୍ତବତ୍ ନୃତ୍ୟ କରିବାକୁ ଲାଗିଲେ । ଆଖିରୁ ତାଙ୍କର ଝରି ପଡୁଥିଲା କୃତଜ୍ଞତାର ଅଶ୍ରୁ । କୌତୂହଳବଶତଃ ସେ ପୁଣି ଥରେ ଫେରି ଆସିଲେ ରାଧାକୁଣ୍ଡ ନିକଟକୁ । ଗଛରେ ସେତେବେଳକୁ ମାଙ୍କଡ଼ ନ ଥିଲା ମାତ୍ର ତାଙ୍କ କୌପୀନ ଖଣ୍ଡିକ ପତିତପାବନଙ୍କ ବାନା ପରି ଫର୍‌ଫର୍ ଉଡୁଥିଲା । ହଠାତ୍ ତାଙ୍କର ମନେହେଲା ଭାଗବତ ବର୍ଣ୍ଣିତ ଗୋପଲୀଳାର ଏହା ଏକ ଅଭିନବ ଦୃଶ୍ୟ । କଦମ୍ବ ଉହାଡ଼ରେ ଶ୍ରୀକୃଷ୍ଣ ରହିଛନ୍ତି, ଗୋପୀଙ୍କର ବସ୍ତ୍ର ଝୁଲୁଛି ଗଛ ଡାଳରେ, ରହି ରହି ଶୁଭୁଛି ବଂଶୀର ସ୍ୱନ । ❑

ସ୍ୱାମୀ ବିବେକାନନ୍ଦ (୩)

# ଅଗ୍ନି-ପରୀକ୍ଷା

## ସନ୍ତୋଷ କୁମାର ରଥ

ଯାତ୍ରାର ସତେ ଯେମିତି ଶେଷ ନାହିଁ । କେହି ପଥ ଜାଣେ ହେଲେ ଲକ୍ଷ୍ୟ ଜାଣେ ନା; ପୁଣି କେହି ଲକ୍ଷ୍ୟ ଜାଣେ ହେଲେ ପଥ ଅଜଣା । ସ୍ୱାମିଜି ବୋଧହୁଏ ଦ୍ୱିତୀୟର ଅନ୍ତର୍ଭୁକ୍ତ । ଅସରନ୍ତି ପଥ, ଅବିରାମ ଗତି ।

ପରିବ୍ରାଜକ ସନ୍ନ୍ୟାସୀ ପରିଶ୍ରାନ୍ତ ମଣିଲେ । ହଠାତ୍ ଥକା ପାଦ ଦୁଇଟା ଥମି ଯିବାକୁ ସିଦ୍ଧାନ୍ତ ନେବାରୁ ଅସହଯୋଗିତା ବଢ଼ିଲା ଗତି ସହିତ । ସ୍ୱାମିଜି ବାଧ ହୋଇ ବିଶ୍ରାମ ନେଲେ ରେଳପଥର ଅଦୂର ଗଛଟି ମୂଳେ । ଆଶ୍ରା ଦେବାକୁ ଯାଇ ଗଛଟି ଟିକେ ଶଙ୍କିଗଲା – ଏଯେ ସେହି ବଟବୃକ୍ଷ, ଯାହାର ଛାୟାରେ ଦିନେ ହଜାର ହଜାର ଆର୍ତ୍ତ ଜନତା ଆଶ୍ରିତ ହେବେ । ଏକଥା କ'ଣ କେବେ ମିଥ୍ୟା ହୋଇ ପାରିବ ! ଏତ ଠାକୁରଙ୍କ ଚେତାବନୀ ।

ସକାଳ ସେତେବେଳକୁ ସଜ ହେଉଥାଏ । ଅଧାଘଉଡ଼ା ଅନ୍ଧାର ଆଡ଼େଇ ଯାଉଥାଏ ସେହି ଦୂରଗ ରେଳପଥ ଆଡ଼କୁ । ସ୍ୱାମିଜିଙ୍କ ଆଖି ଘୋଡ଼େଇ ହୋଇ ପଡ଼ିଲା । ରାତି ଡିଉଟି ସାରି ପାହାନ୍ତି ଫେରନ୍ତା ଶରତଚନ୍ଦ୍ରଙ୍କର ନଜର ପଡ଼ିଗଲା ସ୍ୱାମିଜିଙ୍କ ଉପରେ । ସକାଳର ସୁନେଲି କିରଣରେ ଝଟକୁ ଥାଏ ସନ୍ନ୍ୟାସୀଙ୍କର ସର୍ବାଙ୍ଗ ଶରୀର । ମୁଦ୍ରିତ ଚକ୍ଷୁ, ଶାୟିତ ବପୁ । ସତେଅବା ବୋଧିଦ୍ରୁମ ତଳେ ସ୍ୱୟଂ ବୋଧିସତ୍ତ୍ୱ ବିରାଜମାନ ।

ଶରତଚନ୍ଦ୍ର ଗୁପ୍ତ ହାତରସ୍ ଷ୍ଟେସନର ଷ୍ଟେସନ୍ ମାଷ୍ଟର୍ । ଖଣ୍ଡ-ମଣ୍ଡଳରେ ନାଁ ଡାକ । ଉଚ୍ଚପାହ୍ୟା, ଚାଲିଗଲେ ଲୋକ ଆଡ଼େଇ ଯାଆନ୍ତି । ବ୍ରିଟିଶ୍ ଅଧୀନସ୍ଥ ଥିଲେ ବି ବିଜାତିଆ ନୁହନ୍ତି । ସେଦିନ ସେ ଏକ ଯାଦୁକରୀ ଶକ୍ତିର ଟାଣରେ ଟାଣି ହୋଇ ସନ୍ନ୍ୟାସୀଙ୍କ ନିକଟକୁ ଆସିଲେ, ବିନମ୍ର ପ୍ରଣାମ ଜଣାଇ କହିଲେ, ''ମହାଶୟ, ଆପଣ ବଡ଼ କ୍ଳାନ୍ତ ଜଣା ପଡୁଛନ୍ତି । ବହୁପଥ ଅତିକ୍ରମ କରି ଆସିଛନ୍ତି ନିଶ୍ଚୟ । ମୋ' ଘରକୁ ଚାଲନ୍ତୁ; ସେହିଠାରେ ବିଶ୍ରାମ କରିବେ ।'' ସ୍ୱାମିଜି ନୀରବରେ ଅନୁସରଣ କଲେ ।

ଶରତଚନ୍ଦ୍ରଙ୍କ ଆନନ୍ଦ ପୁନେଇଁ ଛୁଆଁ ଜୁଆର ସମ କୂଳ ଲଙ୍ଘୁଥାଏ । ବହୁଦିନର ପ୍ରତୀକ୍ଷାରେ ଯେମିତି ପୂର୍ଣ୍ଣାହୁତି ଦିଆ ହୋଇଛି । ସ୍ୱାମିଜି ସ୍ନାନ, ଭୋଜନ ସାରି ସୁସ୍ଥ ହେବାପରେ ନିଜର ଅଭିଳାଷକୁ ବ୍ୟକ୍ତ କଲେ ଶରତଚନ୍ଦ୍ର, ''ସ୍ୱାମିଜି ! ବହୁଦିନ ଧରି ଆତ୍ମ-ଜ୍ଞାନ ଲାଭର ଆସ୍ପୃହା ଜାଗ୍ରତ୍ ହୋଇଛି । କିନ୍ତୁ ଉପଯୁକ୍ତ ଶିକ୍ଷକ ଖୋଜି ପାଇ ନାହିଁ । ଆପଣ ଯେତେବେଳେ ଦର୍ଶନ ଦେଇଛନ୍ତି, ଦୟାକରି ମୋତେ ଆତ୍ମଜ୍ଞାନ ପ୍ରଦାନ କରନ୍ତୁ ।''

ସ୍ୱାମିଜିଙ୍କଠାରୁ କୌଣସି ଉତ୍ତର ମିଳିଲା ନାହିଁ । ତାଙ୍କର ନୀରବତା ଯେମିତି ମାପିଚାଲିଥିଲା ଅଭିଳଷିତ ହୃଦୟର ଗଭୀରତାକୁ, ଲକ୍ଷ୍ୟ କରୁଥିଲା ମନର ଅଚଞ୍ଚଳତାକୁ । କିଛି ସମୟ ପରେ ସ୍ୱାମିଜି ଗୋଟିଏ ଭାବାର୍ଥବୋଧକ ସଙ୍ଗୀତ ଗାନ କଲେ । ଯାହାର ମର୍ମ ଥିଲା ବଡ଼ ଅଦ୍ଭୁତ – ''ଯଦି ତୁମର ମୋ' ପ୍ରତି ଏତେ ଶ୍ରଦ୍ଧା ରହିଛି, ନିଜକୁ ସମର୍ପି ଦେବାର ଆସ୍ପର୍ଦ୍ଧା କରିଛ, ତେବେ ତୁମର ସୁନ୍ଦର ମୁହଁଟିରେ ଭସ୍ମଲେପନ କରି ଆସ; ପାରିବ କି ?''

''ସ୍ୱାମିଜି ! ମୁଁ ଆପଣଙ୍କ ଆଜ୍ଞାବହ ଭୃତ୍ୟ । ଆପଣ ଯାହା ଆଦେଶ କରିବେ ମୁଁ ନିର୍ବିବାଦରେ ପାଳନ କରିବି । ଯଦି ଚାହାନ୍ତି ମୋତେ ପରୀକ୍ଷା କରି ପାରନ୍ତି ।''– ଦୃଢ଼ତାର ସହ ଉତ୍ତର ଦେଲେ ଶରତଚନ୍ଦ୍ର ।

ଶରତଚନ୍ଦ୍ରଙ୍କ ଆତିଥ୍ୟରେ ମୁଗ୍ଧ ହୋଇ ସ୍ୱାମିଜି ଦିନ କେତେଟା ପରିବ୍ରାଜକ ଜୀବନରୁ କ୍ଷାନ୍ତ ହେଲେ । ଦିନେ ସ୍ୱାମିଜିଙ୍କର ଗଭୀର ଚିନ୍ତାମଗ୍ନତାକୁ ଲକ୍ଷ୍ୟ କରି ଶରତଚନ୍ଦ୍ର ପ୍ରଶ୍ନ କଲେ, ''ସ୍ୱାମିଜି ! ଆଜି ଆପଣ ଏତେ ବିଷଣ୍ଣ ଦିଶୁଛନ୍ତି କାହିଁକି ?''

ଗୁରୁଦେବଙ୍କ ସାନ୍ନିଧ ଆହୁରି ସ୍ପଷ୍ଟ ହୋଇଉଠିଲା । ଦୀର୍ଘଶ୍ୱାସ ପକାଇ ସ୍ୱାମିଜି ଉତ୍ତର ଦେଲେ, ''ବତ୍ସ, ଗୋଟାଏ ମହତ୍ କାର୍ଯ୍ୟ ସମ୍ପାଦନା କରିବାର ଗୁରୁଭାର ମୋ' ସ୍କନ୍ଧରେ ଅର୍ପିତ; ମାତ୍ର ମୁଁ କ୍ଷୁଦ୍ର ଶକ୍ତି । ମୋ' ଦ୍ୱାରା ଏହା ସମ୍ଭବପର ନୁହେଁ ବୋଲି ହତାଶ ହେଉଛି । ଯେତେଦିନ କଟିଯାଉଛି, ସେତେ ସ୍ପଷ୍ଟ ବୁଝିପାରୁଛି ଯେ ସନାତନ ଧର୍ମର ଲୁପ୍ତ ଗୌରବର ପୁନରୁଦ୍ଧାର ଏକାନ୍ତ ଜରୁରୀ, ଯାହା ତାଙ୍କ ଅଭିପ୍ରେତ କର୍ମ ।

ଭାରତକୁ ପୁନର୍ବାର ଧର୍ମର ବୈଦ୍ୟୁତିକ ଶକ୍ତି ସାହାଯ୍ୟରେ ସଞ୍ଜୀବିତ କରିବାକୁ ହେବ ।''

''ସ୍ୱାମିଜି, ମୁଁ କ'ଣ ଆପଣଙ୍କର କୌଣସି କାର୍ଯ୍ୟରେ ଲାଗି ପାରିବି ନାହିଁ ?''– ପ୍ରତ୍ୟୁତ୍ତର ଦେଲେ ଶରତଚନ୍ଦ୍ର । ସନ୍ନ୍ୟାସୀ ସେତେବେଳକୁ ଭାବଗମ୍ଭୀର । ଚକ୍ଷୁ ବିସ୍ଫାରିତ । ଦୃଢ଼ କଣ୍ଠରେ କହିଲେ, ''ତୁମେ କ'ଣ ତ୍ୟାଗୀ ଜୀବନର ଦୁଃସହ କଠୋରତା ସହ୍ୟ କରିପାରିବ, ଭିକ୍ଷାପାତ୍ର ଧରି ରାସ୍ତାରେ ଠିଆ ହୋଇପାରିବ ?''

''ଆପଣଙ୍କ ଦୟା ହେଲେ ମୁଁ ନିଶ୍ଚୟ ପାରିବି ।''– ଦୁହେଁ ନୀରବ ରହିଲେ ।

ଅଳ୍ପଦିନ ପରେ ସ୍ୱାମିଜି ହାତରସ୍ ଛାଡ଼ି ପୁଣି ପରିବ୍ରାଜକ ଧର୍ମ ପାଳନ କରିବା ପାଇଁ ସଙ୍କଳ୍ପ ନେଲେ । ଗୋଟାଏ ଜାଗାରେ ବେଶୀ ଦିନ ରହିବା ସନ୍ନ୍ୟାସୀ ପକ୍ଷରେ ଅନୁଚିତ । କାରଣ ସ୍ନେହର ଆବେଶହିଁ ହୁଏ ତା' ବନ୍ଧନର ରଜ୍ଜୁ । ମାତ୍ର ସ୍ୱାମିଜିଙ୍କ ସଙ୍ଗସୁଖରୁ ବିଚ୍ୟୁତ ହେବା କଥା ଭାବି ଶରତଚନ୍ଦ୍ର ଅସହାୟ ଶିଶୁତୁଲ୍ୟ କହିଲେ, ''ସ୍ୱାମିଜି ! ଆପଣ ଯାହା କୁହନ୍ତୁ ନା କାହିଁକି, ଆପଣ ଯେଉଁଆଡ଼େ ଯିବେ ମୁଁ ଆପଣଙ୍କ ଅନୁଗମନ କରିବି । ମୋତେ ଆପଣଙ୍କ ଶିଷ୍ୟକରି ସଙ୍ଗରେ ନେଇ ଯାଆନ୍ତୁ ।''

''ବତ୍ସ ! ତୁମେ କ'ଣ ଭାବୁଛ ମୋ' ଶିଷ୍ୟ ହୋଇଗଲେ ତୁମ ଆଧ୍ୟାତ୍ମିକ ପିପାସା ମେଣ୍ଟିଯିବ ? କାହାର ଗୁରୁ ହେବାର ଯୋଗ୍ୟତା ମୋ' ପାଖରେ ଅଛି କି ନାହିଁ, ସେକଥା ମୁଁ ଜାଣେ ନା । ଭଗବାନଙ୍କ ଚରଣରେ ଆତ୍ମ-ସମର୍ପଣ କରି କାମ କରିଯାଅ । ସେହିଁ ତୁମର କଲ୍ୟାଣ ବିଧାନ କରିବେ । ମୋତେ ଏବେ ବିଦାୟ ଦିଅ । ମୁଁ ଶ୍ରୀଶ୍ରୀବଦ୍ରି-କେଦାରନାଥଙ୍କ ଦର୍ଶନ ପାଇଁ ଯିବାକୁ ସ୍ଥିର କରିଛି । ଦୁଃଖ କର ନା, ସମ୍ଭବ ହେଲେ ମୁଁ ପୁଣି ହାତରସ୍ ଫେରି ଆସିବି ।''– ଆଶ୍ୱାସନା ଦେଇ ପ୍ରସ୍ଥାନ ପାଇଁ ପ୍ରସ୍ତୁତ ହେଲେ ସ୍ୱାମିଜି । ଶରତଚନ୍ଦ୍ର କିନ୍ତୁ ନଛୋଡ଼ବନ୍ଦା ।

ସ୍ୱାମିଜି ଏବେ ନିରୁପାୟ । କିଛି ସମୟ ଚିନ୍ତା କରି କହିଲେ, ''ସତରେ କ'ଣ ତୁମେ ମୋର ଅନୁଗମନ କରିବା ପାଇଁ ପ୍ରସ୍ତୁତ ହୋଇଛ ?'' ମଥାପାତି ସମ୍ମତି ଦେଲେ ଶରତଚନ୍ଦ୍ର । ହଠାତ୍ ସ୍ୱାମିଜିଙ୍କ କଣ୍ଠରୁ ବାହାରି ଆସିଲା, ''ବେଶ୍, ମୋ' ଭିକ୍ଷା ଝୁଲି ନିଅ । ନିର୍ବିକାର ଚିତ୍ତରେ ଷ୍ଟେସନର କୁଲିମାନଙ୍କ ଘରୁ ତୁମେ ଭିକ୍ଷା ମାଗି ନେଇ ଆସିପାରିବ ?''

ଜଗତ୍ ଆଶ୍ଚର୍ଯ୍ୟ ମଣିଲା । ରାଜା ହରିଶ୍ଚନ୍ଦ୍ର ଶ୍ମଶାନ ରକ୍ଷକ ହେବାର କଥା ଯେ କଳ୍ପନାପ୍ରସୂତ କିଂବଦନ୍ତୀ ନୁହେଁ, ସେଦିନ ହୃଦ୍‌ବୋଧ ହେଲା ପ୍ରତ୍ୟକ୍ଷ ଦ୍ରଷ୍ଟାଙ୍କ ହୃଦୟରେ । ଷ୍ଟେସନ୍ ମାଷ୍ଟର୍ ଭିକ୍ଷା ମାଗୁଥିଲେ ନିଜର ଅଧସ୍ତନ କର୍ମଚାରୀଙ୍କ ବସ୍ତିରୁ । ଏ କ'ଣ ଦେବକୃଟ ନା ଅଗ୍ନିପରୀକ୍ଷା । ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେଲେ ଶରତଚନ୍ଦ୍ର । ଭିକ୍ଷା ସହିତ ଝୁଲି ଧରି ଫେରି ଆସିଲେ ସ୍ୱାମିଜିଙ୍କ ପାଖକୁ । ଆଶୀର୍ବାଦ କଲେ ସ୍ୱାମିଜି । ଗୁରୁଶିଷ୍ୟ ପରୀକ୍ଷାର ସ୍ମାରକୀ ରହିଲା ଇତିହାସରେ ।

ପିତାମାତାଙ୍କ ଅନୁମତି ନେଇ ସ୍ୱାମିଜିଙ୍କ ସହ ହାତରସ୍ ତ୍ୟାଗକଲେ ଶରତଚନ୍ଦ୍ର । ପରବର୍ତ୍ତୀ କାଳରେ ସେହିଁ ହେଲେ ସ୍ୱାମୀ ସଦାନନ୍ଦ, ସ୍ୱାମିଜିଙ୍କର ପ୍ରଥମ ଦୀକ୍ଷିତ ଶିଷ୍ୟ । ❑

ମୋର ସକଳ ସନ୍ତାନଙ୍କୁ, ସେମାନେ ପୃଥିବୀର ଯେ କୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଇଥାଏ ତାହା ତୋତେ ପ୍ରଦାନ କରୁଛି ଏବଂ ତୋତେ କହୁଛି, ''ନିଜକୁ ପ୍ରସ୍ତୁତ କର, ମୋ ସାହାଯ୍ୟ ତୋ ସହ ସବୁବେଳେ ରହିବ ।''

— ଶ୍ରୀମା

ସ୍ୱାମୀ ବିବେକାନନ୍ଦ (୪)

# ଗୁରୁ ପରମେଶ୍ୱର

## ସନ୍ତୋଷ କୁମାର ରଥ

ପଦର ପରେ ପଦର । ପଥପ୍ରାନ୍ତ ପାନ୍ଥ ନିବାସକୁ ଅପେକ୍ଷା ନାହିଁ, ବିରାମ ନାହିଁ ପଦବ୍ରଜର ।

ସ୍ୱାମିଜି ଆଗେଇ ଚାଲିଲେ ଗାଁରୁ ସହର, ଜନବସତିରୁ ଜନବସତି । ଲକ୍ଷ୍ୟ ସତେ ଯେମିତି ଦିଗନ୍ତ ଛୁଆଁ । ସାହସକୁ ସଞ୍ଚାର କରିଥାଏ ଉଦ୍‌ଗ୍ରୀବ ମସ୍ତକ ଓ ଦେହର ଗୈରିକ ବସନ; ସନ୍ନ୍ୟାସୀର ଆଭୂଷଣ । ସତେ ଯେମିତି ସମସ୍ତଙ୍କୁ ଆଗେଇ ନେବାର ଦାୟିତ୍ୱ ତାଙ୍କରି ଉପରେ ନ୍ୟସ୍ତ ।

ଅବଶ୍ୟ କଥାଟା ଶ୍ରୀରାମକୃଷ୍ଣଙ୍କୁ ବହୁତ ଆଗରୁ ଜଣାଥିଲା : ସେ କହୁଥିଲେ, ''ସାଧାରଣ ମଣିଷ ଜଗତ୍ ଶିକ୍ଷାର ଦାୟିତ୍ୱ ନେବା ପାଇଁ ସବୁବେଳେ ଡରେ । ଏଡ଼େ ଟିକେ ଶୁଖିଲା କାଠ, କେବଳ ନିଜେ ପାଣିରେ ଭାସିବାର ଶକ୍ତି ତା' ଭିତରେ ଥାଏ । ଦୈବାତ୍ ଯଦି ଛୋଟ ଚଢେଇଟିଏ ତା' ଉପରେ ବସିଗଲା ତେବେ କଥା ଶେଷ; କାଠଟି ତତ୍‌କ୍ଷଣାତ୍ ବୁଡ଼ିଯାଏ । ମାତ୍ର ନରେନ୍ଦ୍ର (ବିବେକାନନ୍ଦ) ସେପରି ନୁହେଁ; ସିଏ ହେଉଛି ବିରାଟ କାଠଗଣ୍ଡିଟିଏ । କେତେ କେତେ ମଣିଷ ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ନିଜ ଉପରେ ବହନ କରି ଗଙ୍ଗା ନଦୀରେ ଏପଟୁ ସେପଟକୁ ପାର କରାଇବ ।''

ସ୍ୱାମିଜିଙ୍କ ଠାଣିରେ ଟାଣି ହୋଇ ଯାଉଥିଲେ ବହୁ ଜନତା । ତାଙ୍କ ଆଚରଣରେ କର୍ମପ୍ରବଣତାର ସୁରାକ ପାଇ ବହୁ ବିଜ୍ଞ, ମନୀଷୀମାନଙ୍କ ମନରେ ସନ୍ଦେହ ଜାତ ହେଲା ନିଷ୍କର୍ମା ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଏ କ'ଣ ଏକ ବ୍ୟତିକ୍ରମ ? ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀର ପୁଣି ଏତେ ଗରଜ କାହିଁକି ? କର୍ମ ପ୍ରତି ଏତେ ଅନୁରାଗ କାହିଁକି ?

ସ୍ୱାମିଜି କିନ୍ତୁ ବୁଝିଥିଲେ କର୍ମ, ନୈଷ୍କର୍ମ୍ୟ ଓ ନିରାସକ୍ତ କର୍ମ ମଧ୍ୟରେ ରହିଥିବା ପ୍ରଭେଦକୁ । ଠାକୁରଙ୍କ ସେହି ମହତ୍ ଉପଦେଶ ତାଙ୍କ ସ୍ମରଣରେ ରହିଥିଲା – ''କାହାରି କର୍ମ-ତ୍ୟାଗ କରିବାର ବାଟ ନାହିଁ । ତୁମର ପ୍ରକୃତି ତୁମକୁ କର୍ମ କରାଇବ । ତାହା ତୁମ ଇଚ୍ଛାରେ କର ବା ନ କର । ତେଣୁ ଅନାସକ୍ତ ହୋଇ କର୍ମ କର; କର୍ମଫଳରେ ଆସକ୍ତି ରଖ ନାହିଁ । କର୍ମ ସେହିପରି କର ଯେପରି ପୂଜା, ଜପ-ତପ କରୁଛ, ଲୋକମାନ୍ୟ ହେବା ପାଇଁ ନୁହେଁ କି ପୁଣ୍ୟ କରିବା ପାଇଁ ନୁହେଁ ।

''ଏପରି ଅନାସକ୍ତ ହୋଇ କର୍ମ କରିବାର ନାମ କର୍ମଯୋଗ । ଭାରି କଠିନ । ଅବଶ୍ୟ କଳି ଯୁଗରେ ସହଜରେ ଆସକ୍ତି ଆସିଯାଏ । ମନେହୁଏ ଅନାସକ୍ତ ହୋଇ କର୍ମ କରୁଛି, କିନ୍ତୁ କେଉଁ ବାଟେ ଯେ ଆସକ୍ତି ଆସିଯାଏ ଜାଣି ହୁଏ ନାହିଁ । ଏଇ ଯେମିତି ପୂଜା ମହୋତ୍ସବ କଲି, ଗରିବ କାଙ୍ଗାଳମାନଙ୍କର ସେବା କଲି, ମନେହୁଏ ଅନାସକ୍ତ ହୋଇ କରୁଛି । ମାତ୍ର କେଉଁ ବାଟରେ ଯେ ଲୋକମାନ୍ୟ ହେବାର ଇଚ୍ଛା ଆସିଯାଏ, ତାହା ବି ଜାଣି ହୁଏ ନାହିଁ । ଏକାବେଳେକେ ଅନାସକ୍ତ ହେବା କେବଳ ସେହିମାନଙ୍କ ପାଇଁ ସମ୍ଭବ, ଯାହାର ଈଶ୍ୱର ଦର୍ଶନ ହୋଇଛି ।''

ଆଜିପରି ସେତେବେଳେ ମଧ୍ୟ ଥୋକେ ବିତର୍କ କରିଥିଲେ, ''ଠାକୁର, ହାସପାତାଳ, ଡିସପେନ୍‌ସରୀ କରିବା, ବାଟଘାଟରେ କୂଅ ଖୋଳାଇବା, ଏହିସବୁର କ'ଣ କିଛି ଉପକାରିତା ନାହିଁ ! ଏସବୁ କ'ଣ କୁକର୍ମ ?

ଠାକୁର ଅଳ୍ପ ହସି କହିଥିଲେ, ''ଏସବୁ କର୍ମ ଅନାସକ୍ତ ହୋଇ କରିପାରିଲେ ଭଲ, କିନ୍ତୁ ତାହା ବଡ଼ କଠିନ । ଏକଥା ମନେ ରଖିବ ଯେ ମାନବ ଜନ୍ମର ଉଦ୍ଦେଶ୍ୟ ହେଉଛି ଈଶ୍ୱର ଲାଭ; ହାସପାତାଳ, ଡିସପେନ୍‌ସରୀ କରିବା ନୁହେଁ । ଧର ଯଦି ଈଶ୍ୱର ତୁମ ସମ୍ମୁଖକୁ ଆସି କହିବେ, 'ତୁମେ କି ବର ଚାହଁ ?' ସେତେବେଳେ ତୁମେ କ'ଣ କହିବ ଯେ ମୋତେ କେତେଗୁଡ଼ିଏ ହାସପାତାଳ, ଡିସ୍‌ପେନ୍‌ସରୀ କରିବାକୁ ଦିଅ, ନା କହିବ – 'ହେ ଭଗବାନ୍, ତୁମ ପାଦପଦ୍ମରେ ମୋ'ର ଯେପରି ଶୁଦ୍ଧା ଭକ୍ତି ହୁଏ, ମୁଁ ଯେପରି ସର୍ବଦା ତୁମକୁ ଦେଖିବାକୁ ପାଏ ।' ଏତିକି ଜାଣି ରଖ ଈଶ୍ୱରହିଁ କେବଳ ନିତ୍ୟ ଆଉ ସବୁ ଅନିତ୍ୟ ।''

ସ୍ୱାମିଜି ଗାଜୀପୁରରେ ପହଞ୍ଚିବା ପରେ ସେଠାକାର ଖ୍ୟାତନାମା ପାଓହାରୀ ବାବାଙ୍କ ସହ ସାକ୍ଷାତ୍ କରିବା ପାଇଁ ମନ ବଳାଇଲେ । ପାଓହାରୀ ବାବାଙ୍କ ଲୀଳା ପ୍ରସଙ୍ଗ ବଡ଼ ଅଦ୍ଭୁତ । ବାରଣସୀଠାରୁ ତିରିଶ ମାଇଲ ଦୂର ଜାନପୁର

ନିକଟବର୍ତ୍ତୀ ପ୍ରେମପୁର ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମ । ପିଲାଟି ଦିନରୁ ଧୀମାନ୍ ଓ ମେଧାବୀ । ବ୍ୟାକରଣ ଓ ନ୍ୟାୟଶାସ୍ତ୍ରରେ ଉତ୍ତରୋତ୍ତର ଅଧ୍ୟୟନ ପାଇଁ ସେ ତାଙ୍କ ମାମୁଙ୍କ ଘରକୁ ଗାଜିପୁର ଗଲେ । ସେଠାରେ ସେ ରାମାନୁଜାଚାର୍ଯ୍ୟଙ୍କ ଗୋଷ୍ଠୀରେ ଯୋଗ ଦେଇ ଶାସ୍ତ୍ର ଅଧ୍ୟୟନରେ ବେଶ୍ ପାଣ୍ଡିତ୍ୟ ଅର୍ଜନ କଲେ । ଅଧ୍ୟୟନ ସହିତ ମଣିଷ ଜୀବନର ଉଦ୍ଦେଶ୍ୟ ଏବଂ ସାଂସାରିକ ମୋହ ବନ୍ଧନରେ ପଡ଼ି ଅଯଥା ବିଳମ୍ବନର କଥା ଚିନ୍ତା କରି ନିଜେ ବ୍ରହ୍ମଚାରୀ ହୋଇ ଈଶ୍ୱର ଉପାସନାର ବ୍ରତ ଗ୍ରହଣ କଲେ । ବାରାଣସୀର ଜଣେ ସାଧୁଙ୍କଠାରୁ ଅଦ୍ୱୈତ ବେଦାନ୍ତ ଅଧ୍ୟୟନ କରି ସେ ପୁନର୍ବାର ଗାଜିପୁର ଫେରି ଆସି ସାଧନ-ବ୍ରତ ଆରମ୍ଭ କଲେ । ନଦୀ କୂଳରେ ଥିବା କୁଡ଼ିଆ ଘର ଖଣ୍ଡିକ ହେଲା ତାଙ୍କ ନିଃସଙ୍ଗ ଜୀବନର ଚରାଭୂମି । ସେହିଠାରେ ସେ ଘଣ୍ଟା ପରେ ଘଣ୍ଟା ଏମିତିକି ସାରା ରାତି ଧ୍ୟାନସ୍ଥ ରହୁଥିଲେ । ଶରୀର ରକ୍ଷା ପାଇଁ ଖାଦ୍ୟର ଆବଶ୍ୟକତା ତାଙ୍କ ପାଇଁ ଅପରିହାର୍ଯ୍ୟ ନ ଥିଲା । କେବେ କେମିତି ମିଳୁଥିଲେ ଅତି ସାମାନ୍ୟ ଗ୍ରହଣ କରୁଥିଲେ ନ ହେଲେ ନାହିଁ । କଞ୍ଚା ନିମପତ୍ର ଥିଲା ତାଙ୍କର ସବୁଠାରୁ ପ୍ରିୟ ଖାଦ୍ୟ । ତେଣୁ ସେଠାର ଲୋକମାନେ ଅତି ଶ୍ରଦ୍ଧା ଓ ସମ୍ମାନରେ ''ପବନ ଆହାରୀ ବାବା'' ବା ପାଓହାରୀ ବାବା ବୋଲି ଡାକୁଥିଲେ ।

ବାବାଙ୍କର ଦର୍ଶନ ପାଇବା ଅତିଥିମାନଙ୍କ ପାଇଁ ବଡ଼ ମହର୍ଗ ଥିଲା । କଦବା କ୍ୱଚିତ୍ ଭିତରୁ ପ୍ରେରଣା ମିଳିଲେ କୁଡ଼ିଆ ମୁହଁକୁ ଆସି ଭିତରେ ରହି ଭକ୍ତଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ । ମାତ୍ର ବାବା ଆଗରୁ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ଅବଗତ ଥିବାରୁ ତାଙ୍କର ଶିଷ୍ୟ ବୋଲି ଜାଣି ପ୍ରଥମ ସାକ୍ଷାତରୁ ସ୍ୱାମିଜିଙ୍କୁ ଆଦର କରିଥିଲେ । ସମୟେ ସମୟେ ଉଭୟଙ୍କ ମଧ୍ୟରେ ଜଟିଳ ଦାର୍ଶନିକ ତତ୍ତ୍ୱ ସମ୍ବନ୍ଧୀୟ ଗଭୀର ଆଲୋଚନା ମଧ୍ୟ ହେଉଥିଲା । ମାତ୍ର ସେସବୁର ଗଭୀରତାକୁ ମାପ କରିବାର ସାମର୍ଥ୍ୟ ଉପସ୍ଥିତ ସୁଧୀବୃନ୍ଦଙ୍କର ନ ଥିଲା ।

କ୍ରମେ ସ୍ୱାମିଜିଙ୍କ ଅନ୍ତରରେ ବାବାଙ୍କ ପ୍ରତି ଶ୍ରଦ୍ଧାଭାବ ସହିତ ନିବେଦନର ଭାବ ଜାଗ୍ରତ୍ ହେଲା । ସେ ତାଙ୍କ ହଠଯୋଗ ସାଧନର ବହୁ ଉଚ୍ଚସ୍ତରୀୟ ସିଦ୍ଧି ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ଗୁରୁ ରୂପେ ବରଣ କରିବାକୁ ଅଭିଳାଷୀ ହେଲେ । ଥରେ ମନେ ମନେ ଭାବିଲେ, ''ଏତେ ଦିନ ଧରି ଭଗବାନ୍ ଶ୍ରୀରାମକୃଷ୍ଣଙ୍କ ଅହେତୁକ କୃପାର ଅଧିକାରୀ ହୋଇ ମଧ୍ୟ ଆଜି ପର୍ଯ୍ୟନ୍ତ ଶାନ୍ତି ଟିକିଏ ପାଇଲି ନାହିଁ କାହିଁକି ? ଉନ୍ନତିର ଆଭାସ ମଧ୍ୟ ନାହିଁ । ହୁଏତ ଏହି ବ୍ରହ୍ମଜ୍ଞ ପୁରୁଷଙ୍କ ସାହାଯ୍ୟରେ ମୁଁ ଶାନ୍ତି ଲାଭ କରିପାରିବି ।''

ସ୍ୱାମିଜିଙ୍କର ଏଇ ଭାବନାକୁ ଦେଖି ସୂର୍ଯ୍ୟଦେବ ବୋଧେ ଟିକିଏ ହସିଥିବେ – ଅବତାର ହୋଇ ଶ୍ରୀରାମଚନ୍ଦ୍ର ତ ପୁଣି ସୁନା ମିରିଗକୁ ଶିକାର କରିବେ ବୋଲି ଧାଇଁଥିଲେ, ନିଜେ ଯେ ରାଜୀବ ଲୋଚନ ସେକଥା ମଧ୍ୟ ବିସ୍ମରି ଯାଇଥିଲେ । ହଁ ନ ହେବ ବା କାହିଁକି ? – ସାମାନ୍ୟ କଳାମେଘ ଖଣ୍ଡେ ତ ପୁଣି ମୋଟେ ଢାଙ୍କି ଦେଇ ଦିନକୁ ରାତି କରି ଦେଇପାରେ !

ସତରେ ସ୍ୱାମିଜି ବୋଧହୁଏ ସେଦିନର ଘଟଣାକୁ ଭୁଲି ଯାଇଥିଲେ :

ନରେନ୍ଦ୍ରଙ୍କର ଅନାଗ୍ରହତା ଓ ଉଦାସ ଭାବକୁ ଲକ୍ଷ୍ୟ କରି ଠାକୁର ପ୍ରଶ୍ନ କଲେ – ''ନରେନ୍ ତୁ କ'ଣ ଚାହୁଁ ?''

''ଗୁରୁଦେବ, ଆପଣଙ୍କ ପରି ସର୍ବଦା ନିର୍ବିକଳ୍ପ ସମାଧି ଯୋଗରେ ରହି ପରମ ଶାନ୍ତିଲାଭହିଁ ମୋର କାମ୍ୟ ।''

ନରେନ୍ଦ୍ରଙ୍କ ଉତ୍ତରରେ ଠାକୁର ବିସ୍ମିତ ହୋଇ ଉଠିଲେ, ଜଗତ୍ କଲ୍ୟାଣ ପାଇଁ ଯାହାର ଜନ୍ମ, ଶତଶତ ଲୋକଙ୍କର ଦୁଃଖ ଭାରକୁ ବହନ କରିବାର ଶକ୍ତି ଯୋଗମାୟା ଯାହାକୁ ପ୍ରଦାନ କରିଛନ୍ତି ସେ ପୁଣି ଚାହେଁ ମୁକ୍ତି, ନିର୍ବିକଳ୍ପ ସମାଧିର ପରମାନନ୍ଦ ! ମାତ୍ର ଉପେକ୍ଷା କରି ପାରିଲେ ନାହିଁ ଶିଷ୍ୟର ବିନୀତ ଅନୁରୋଧକୁ । ଠାକୁର ଶେଷରେ କହିଲେ, ''ଠିକ୍ ଅଛି, ନିର୍ବିକଳ୍ପ ସମାଧି ନିଶ୍ଚୟ ହେବ । ମାତ୍ର ମନେ ରଖ, ଏହି ଥରଠାରୁ ତୋର ନିର୍ବିକଳ୍ପ ସମାଧି ଚାବି ଦିଆହୋଇ ରହିଲା; କାମ ଶେଷ ହେଲେ ଯାଇ ତୁ ତାହା ପାଇବୁ ।''

ରାତିର ଗଭୀରତାକୁ ଅପେକ୍ଷା କରି ରହିଥିଲେ ସ୍ୱାମିଜି । ସୁଯୋଗକୁ ଉପେକ୍ଷା କରିବା ଉଚିତ ନୁହେଁ । ଆଜିହିଁ ସେ ଦୀକ୍ଷା ଗ୍ରହଣ କରିବେ । ମାତ୍ର କାହିଁକି କେଜାଣି ସ୍ୱାମିଜିଙ୍କ ମନରେ ଗୋଟାଏ ଶଙ୍କା ଜାତ ହେଲା । ବିଜୁଳିର ଚମକରେ ଘୋଡ଼ିଆ ଅନ୍ଧାରଟା ସତେ ଯେମିତି ଆଡ଼େଇ ହୋଇଗଲା । ପୁଣି ଥରେ ଭାବିନେଲେ – କିଏ ମୋର ଗୁରୁ 'ଶ୍ରୀରାମକୃଷ୍ଣ ନା ପାଓହାରୀ ବାବା' । ସହସା ସେହି ଅନ୍ଧକାରମୟ କକ୍ଷଟି ଦିବ୍ୟାଲୋକରେ ଉଦ୍ଭାସିତ ହୋଇ ଉଠିଲା । ସ୍ୱଚକ୍ଷୁରେ ଦେଖିଲେ ଦକ୍ଷିଣେଶ୍ୱରର ସେହି ଦେବ ମାନବ ସମ୍ମୁଖରେ ଦଣ୍ଡାୟମାନ । କରୁଣାରେ ଆର୍ଦ୍ର ତାଙ୍କର ଚକ୍ଷୁଯୁଗଳ, ନିଶ୍ଚଳ, ନିଷ୍ପଲକ । ବରଦ ମୁଦ୍ରାରେ ଆଶ୍ୱାସନା ଦେଇ ସତେ ଯେମିତି କହୁଥିଲେ, ''ପ୍ରିୟ ଶିଶୁ

ମୋର, ତୋତେ ମୋର ସର୍ବସ୍ୱ ଦେଇ ଦେଇ ଫକିର ହୋଇ ଯାଇଛିରେ । ତଥାପି ତୋର ସନ୍ଦେହ । ତୁ କ'ଣ ସେସବୁ ଭୁଲିଗଲୁ । ଅନ୍ତିମ ଶଯ୍ୟାରେ ମୁଁ ପରା ତୋତେ ଦେଖାଇଥିଲି ମୋ'ର ପଶ୍ଚାତ୍ ସ୍ୱରୂପକୁ — ଏକ ଦେହେ ରାମ ଆଉ କୃଷ୍ଣ । ଯାହା ସଭିଙ୍କୁ ଅଗୋଚର ଥିଲା ।

''ତୁ କ'ଣ ଏକଥା ବି ଭୁଲିଗଲୁ — ସେଦିନ ଦକ୍ଷିଣେଶ୍ୱରରେ ନିଜର ପରିବାରର ସୁଖ ସମ୍ଭୋଗ ପ୍ରାର୍ଥନା କରିବାକୁ ମା'ଙ୍କ ପାଖକୁ ଗଲାବେଳେ ମୁଁ ପରା ତୋ' କଣ୍ଠରେ ବସି ତିନିବାର କୁହାଇଥିଲି — ମା' ମୋତେ ବିବେକ ଦିଅ, ମୋତେ ବୈରାଗ୍ୟ ଦିଅ । ମୋତେ ଜ୍ଞାନ, ଭକ୍ତି ଦିଅ ।

''ଯୁଗ ଯୁଗ ଧରି ମୁଁ ପରା ତୋରି ବାଟକୁ ଚାହିଁ ବସିଥିଲି । ପହିଲି ଦେଖାରେ ଅଜାଣତରେ ସମସ୍ତଙ୍କ ସମ୍ମୁଖରେ ମୋରି ପାଟିରୁ ବାହାରି ପଡ଼ିଥିଲା — 'ମୁଁ ଜାଣେ ତୁମେ ସପ୍ତର୍ଷିମଣ୍ଡଳର ଜଣେ ଋଷି — ନରରୂପୀ ନାରାୟଣ; ଜୀବର କଲ୍ୟାଣ କାମନା କରି ଦେହ ଧାରଣ କରିଛ ।' ସେସବୁ କ'ଣ ତୁ ଭୁଲିଗଲୁ ।''

ଇତ୍ୟବସରେ ରାତି ପାହିଗଲା, ଦୀକ୍ଷା ନେବାର ସୁଯୋଗ ହସ୍ତଗତ ହୋଇ ପାରିଲା ନାହିଁ । ପ୍ରଭାତରୁ ପୂର୍ବ ରାତିର ଦିବ୍ୟଦର୍ଶନକୁ ମସ୍ତିଷ୍କର ଦୁର୍ବଳତା ଭାବି ସ୍ୱାମିଜି ସେସବୁକୁ ଭୁଲିଯିବାକୁ ବସିଲେ ଏବଂ ସଂକଳ୍ପ ନେଲେ ଆଗାମୀ ରାତିରେ ସେ ନିଶ୍ଚୟ ଯାଇ ଦୀକ୍ଷା ଗ୍ରହଣ କରିବେ; ସେହି ବ୍ରହ୍ମଜ୍ଞ ପୁରୁଷଙ୍କୁ ଗୁରୁ ରୂପେ ବରଣ କରିବେ । ହଠଯୋଗରେ ସିଦ୍ଧ ହୋଇ ଲାଭ କରିବେ ପରମ ଶାନ୍ତି । ମାତ୍ର ସବୁକିଛି ପଣ୍ଡ ହେଲା । ପୂର୍ବବତ୍ ଶ୍ରୀରାମକୃଷ୍ଣ ତାଙ୍କ ଦିବ୍ୟ-ଶରୀରରେ ପୁଣି ଆବିର୍ଭୂତ ହେଲେ, ଆଶୀର୍ବାଦ ପ୍ରଦାନ କଲେ ସ୍ୱାମିଜିଙ୍କୁ । ତାଙ୍କର ସ୍ନେହର ଆବେଶରୁ ମୁକୁଳି ପାରିଲେ ନାହିଁ ସ୍ୱାମିଜି । ରାତି ପୁଣି ପାହିଗଲା ।

ଏହପିରି ସତେଇଶ ଦିନ ବିତିଗଲା, ମାତ୍ର ସ୍ୱାମିଜିଙ୍କର ଅଭୀଷ୍ଟ ପୂର୍ଣ୍ଣ ହୋଇପାରିଲା ନାହିଁ । ବାରଂବାର ବିଫଳ ହେବା ଯୋଗୁଁ ସେତେବେଳକୁ ସେ ସମ୍ପୂର୍ଣ୍ଣ ରୂପେ ଅତିଷ୍ଠ, ଯାହାଥିଲା ତାଙ୍କ ସ୍ୱଭାବର ସମ୍ପୂର୍ଣ୍ଣ ବିପରୀତ । ଦିନେ ରାତିରେ ସେ ନିଜ ଭିତରେ ଅସହ୍ୟ ବେଦନା ଅନୁଭବ କଲେ । ନିଜ ମର୍ମ-ବେଦନାରେ ବିଦୀର୍ଣ୍ଣ ହୋଇ ଚିତ୍କାର କରିବାକୁ ଲାଗିଲେ, ''ନା, ମୁଁ ଆଉ କାହାରି ପାଖକୁ ଯିବି ନାହିଁ । କେହି ମୋର ଗୁରୁ ନୁହେଁ । ହେ ରାମକୃଷ୍ଣ ! ତୁମେହିଁ ମୋର ଏକମାତ୍ର ଆରାଧ୍ୟ, ତୁମେହିଁ ମୋର ଗୁରୁ । ମୁଁ ତୁମର କ୍ରୀତଦାସ । ମୋର ଭ୍ରମ ଦୂର ହୋଇଛି । ଅପରାଧ କ୍ଷମା କର ପ୍ରଭୁ, ମୋର ଏ ଆତ୍ମହରା ଦୁର୍ବଳତାକୁ କ୍ଷମା କର ।'' ଭୂମିଷ୍ଠ ପ୍ରଣାମ ଜଣାଇଲେ ଗୁରୁଦେବଙ୍କୁ ।

ସ୍ୱାମିଜିଙ୍କର ସେତେବେଳେ ମନେ ପଡ଼ିଯାଇଥିବ ଗୀତାର ଏକାଦଶାହ ଅଧ୍ୟାୟରେ ବର୍ଣ୍ଣିତ ଅର୍ଜୁନଙ୍କର ପ୍ରାର୍ଥନା :

ହେ ମହାତ୍ମା, ଆଦି କର୍ତ୍ତା, ବ୍ରହ୍ମାରୁ ଗରିଷ୍ଠ !
ତିରସ୍କାର କରି ତୋରେ କରିଛି ଅବଜ୍ଞା,
ତେଣୁ ଆହେ ଅପ୍ରମେୟ ! କ୍ଷମା ଭିକ୍ଷା କରେ ।

ଭୂମିଷ୍ଠ ହୋଇଣ ତେଣୁ କରୁଛି ପ୍ରଣାମ
ପ୍ରସାଦ ବାଞ୍ଛାରେ ତବ ଆରାଧ୍ୟ ଈଶ୍ୱର !
କ୍ଷମେ ଯଥା ପିତା ପୁତ୍ରେ, ସଖାରେ ସୁହୃତ୍,
ପ୍ରେୟସୀରେ ପ୍ରିୟ, ତଥା ମୋରେ କ୍ଷମାକର ।

❑❑❑

ସ୍ୱାମୀ ବିବେକାନନ୍ଦ (୫)

# ଅଲବ୍ଧ ଅନୁଭୂତି

## ସନ୍ତୋଷ କୁମାର ରଥ

''କାମନାର ଉପଭୋଗରେ ବାସନାର ନିବୃତ୍ତି ହୁଏ ନାହିଁ, ଘୃତାହୁତି-ପ୍ରାପ୍ତ ଅଗ୍ନି ସଦୃଶ ଏହାର ବୃଦ୍ଧିହିଁ ସାର ହୁଏ ।'' – ସ୍ୱାମିଜିଙ୍କର ଗୋଟାଏ ବାକ୍ୟରେ ପଥପାର୍ଶ୍ୱ ଶ୍ରୋତୃବୃନ୍ଦଙ୍କର ଶୂନ୍ୟ ଦାମ୍ଭିକତାରେ ସତେ ଯେମିତି ଚଡ଼କ ପଡ଼ିଗଲା । ଥୋକେ ଗୋଟାଏ ପାଦ ପଛକୁ ଘୁଞ୍ଚି ଆସି ଭାବିଲେ – ତେବେ କ'ଣ ଏ ସଂସାର ମିଥ୍ୟା, ମାୟାର ଅଧୀନ । ଆମମାନଙ୍କୁ କ'ଣ ସଂସାର-ତ୍ୟାଗ କରିବାକୁ ହେବ । ଏହାତ ବୁଦ୍ଧଦେବଙ୍କର ଅନୁରୂପ ବୃତ୍ତାନ୍ତ ।

ସ୍ୱାମିଜି ବୁଝିପାରିଲେ ପରିବର୍ତ୍ତନ ବିମୁଖତାହିଁ ଘଣାପେଡ଼ା ବଳଦମାନଙ୍କର ଗୋଟାଏ ସହଜାତ ପ୍ରବୃତ୍ତି । ସେଥିରୁ ନ ଉବୁରିବା ଯାଏ ପ୍ରଗତି ଅସମ୍ଭବ । ତେଣୁ ସେ ଆହୁରି ସ୍ପଷ୍ଟ କରି କହିଲେ – ଇନ୍ଦ୍ରିୟବିଳାସ ହେଉ, ବା ବୁଦ୍ଧି ପରିଚାଳନା-ଜନିତ ସୁଖ ସମ୍ଭୋଗ ହେଉ ସେସବୁ କ୍ଷଣସ୍ଥାୟୀ, ସେସବୁ ମିଥ୍ୟା । ସେସବୁଥିରୁ ମୁକୁଳିବା ଦରକାର । ଅତିକ୍ରମ କରିଯିବା ଦରକାର ସମସ୍ତ ପ୍ରକାରର ପ୍ରତିବନ୍ଧକକୁ । ମାତ୍ର ସଂସାରକୁ ମିଥ୍ୟା, ମାୟା କହି ତହିଁରୁ ପଳାୟନ କରିବା ଉଚିତ ନୁହେଁ । ମାୟା ଭିତରେ ରହିହିଁ କାର୍ଯ୍ୟ କରିବାକୁ ହେବ । ଯଦି ଜଣେ କହେ, 'ମୁଁ ଏହି ନଦୀ ତଟରେ ବସିଛି, ଯେତେବେଳେ ସମସ୍ତ ଜଳ ପ୍ରବାହିତ ହୋଇ ସମୁଦ୍ରରେ ଯାଇ ମିଶିଯିବ, ସେତେବେଳେ ଯାଇ ମୁଁ ନଦୀ ପାର ହେବି ।' ଏହା ଯେମିତି ଅସମ୍ଭବ ଠିକ୍ ସେମିତି ଯଦି ଜଣେ କହେ, 'ପୃଥିବୀ ପୂର୍ଣ୍ଣ ମଙ୍ଗଳମୟ ହେଲେ ଯାଇ କାର୍ଯ୍ୟ କରିବି ଓ ଜୀବନ ଉପଭୋଗ କରିବି', ତାହା ମଧ୍ୟ ଅନୁରୂପ ଅସମ୍ଭବ । ସବୁ ଭିତରେ ରହି କର୍ମ କରିବାକୁ ହେବ । ମାତ୍ର କର୍ମର ବନ୍ଧନ ରହିବ ନାହିଁ କି ବୈରାଗ୍ୟ ମଧ୍ୟ ରହିବ ନାହିଁ । କର୍ମ ହେବ ସ୍ୱଧର୍ମ ପ୍ରେରିତ । ମନେହେଲା କଥାଟା କିଛିକାଂଶରେ ମରମକୁ ଭେଦିଲା ।

ସ୍ୱାମିଜିଙ୍କ ପରିବ୍ରାଜକ ଜୀବନରେ ପୂର୍ଣ୍ଣାହୁତି ଦିଆହୋଇ ନ ଥାଏ, ଦିନେ ଶୁଣିଲେ ଯେ ଠାକୁରଙ୍କ ଗୃହିଭକ୍ତ ବଳରାମ ବସୁଙ୍କର ପରଲୋକ ପ୍ରାପ୍ତି ହୋଇଛି । ସେ ଖୁବ୍ ଦୁଃଖିତ ହେଲେ । ସୁରେଶବାବୁଙ୍କ ମୃତ୍ୟୁ ପରେ ବଳରାମ ବାବୁହିଁ ବରାହନଗର ମଠର ବ୍ୟୟଭାର ସ୍ୱଇଚ୍ଛାରେ ବହନ କରିଥିଲେ । ଗୃହତ୍ୟାଗୀ ଯୁବ ସନ୍ନ୍ୟାସୀମାନଙ୍କର ତାହାହିଁ ଥିଲା ଏକମାତ୍ର ରାହା, ମୁଣ୍ଡ ଗୁଞ୍ଜିବାର ତାଳିପକା ସାମିଆନା । ଗୁରୁଭାଇଙ୍କ ବିୟୋଗ ଜନିତ ଦୁଃଖରେ ସ୍ୱାମିଜି ବିଳାପ କରୁଥିବାର ଦେଖି ଜଣେ ପଚାରିଲେ, ''ଏ କ'ଣ ସ୍ୱାମିଜି ! ଆପଣ ଜଣେ ସନ୍ନ୍ୟାସୀ – ଆପଣଙ୍କ ପକ୍ଷରେ ଶୋକାର୍ତ୍ତ ହେବା ଶୋଭାପାଏ ନା ।''

ସ୍ୱାମିଜି ଗମ୍ଭୀର ହୋଇଯାଇଥିଲେ । ପଥର ଶୁଷ୍କ, ପାଣ୍ଡୁ ମନେ ହେଉଥିଲେ ବି ଝରଣା ପାହାଡ଼ରୁହିଁ ଝରିଥାଏ । ମନେ ହେଉଥିଲା ସେହି ଉଦ୍‌ଗିରଣ ବେଶୀ ଡେରି ନୁହେଁ । ତାହାହିଁ ହେଲା । ହିମ ସାଗରରେ ଦେଖା ଦେଲା ସ୍ରୋତର ଧାରା । ସ୍ୱାମିଜି ସବାକ୍ ହେଲେ, ''ଆପଣ କ'ଣ ମନେ କରନ୍ତି ଯେ ସନ୍ନ୍ୟାସୀର ହୃଦୟ ବୋଲି କିଛି ନାହିଁ ? ସେ କ'ଣ ମଣିଷ ନୁହେଁ ? ପ୍ରକୃତ ସନ୍ନ୍ୟାସୀ ପର ପାଇଁ ସାଧାରଣ ମଣିଷଠାରୁ ଅଧିକ ଅନୁଭବି । ମୁଁ ତ ମଣିଷ ଭିନ୍ନ ଅନ୍ୟ କିଛି ନୁହେଁ । ପୁଣି ସେ ଯେ ମୋର ଗୁରୁଭାଇ । ଦିନେ ଦୁହେଁ ଏକାଠି ଶ୍ରୀରାମକୃଷ୍ଣଙ୍କ ପାଦତଳେ ବସି ଶିକ୍ଷା ଗ୍ରହଣ କରିଥିଲୁ । ନବଜନ୍ମ ଲାଭ କରିଥିଲୁ । ତାଙ୍କ ମୃତ୍ୟୁରେ ମୁଁ କାତର ହେଲେ ବିଚିତ୍ର କ'ଣ ? ପ୍ରସ୍ତର ପରି ଅନୁଭୂତିହୀନ ସନ୍ନ୍ୟାସ-ଜୀବନ ମୋର ସ୍ପୃହଣୀୟ ନୁହେଁ ।''

ପ୍ରଶ୍ନକର୍ତ୍ତା ସ୍ରୋତର ସେହି ପ୍ରଖରତାରେ ନିଜର ସ୍ଥିତି ହଜାଇ ବସିଥିବେ ନିଶ୍ଚୟ । ଦେଖିଥିବେ ସାଗର ନତୁବା ସ୍ୱର୍ଗ ।

ଠାକୁରଙ୍କ ଦେହାନ୍ତ ପରେ ସାରଦା ଦେବୀ ଗଙ୍ଗାର ପଶ୍ଚିମ କୂଳରେ ଥିବା ଘୁଷୁଡ଼ୀ ଗ୍ରାମରେ ଅବସ୍ଥାନ କରୁଥିଲେ । ପୁନର୍ବାର ତୀର୍ଥ ଭ୍ରମଣରେ ଯିବା ପାଇଁ ମନସ୍ଥ କରିବାରୁ ସ୍ୱାମିଜି ଅଖଣ୍ଡାନନ୍ଦଙ୍କୁ ସାଙ୍ଗରେ ନେବାର ଯୋଜନା କଲେ । ଦୁହେଁ ଆଶୀର୍ବାଦ ନେବା ପାଇଁ ମା'ଙ୍କ ନିକଟକୁ ଗଲେ । ମା' ଠାକୁରାଣୀଙ୍କ ପାଦପଦ୍ମରେ ପ୍ରଣାମ ଜଣାଇ ସ୍ୱାମିଜି ବଡ଼ ବିନୀତ ଭାବରେ କହିଲେ, ''ମା ! ଯେପର୍ଯ୍ୟନ୍ତ ଗୁରୁଦେବଙ୍କ ଈପ୍‌ସିତ କାର୍ଯ୍ୟ-ସମ୍ପନ୍ନ କରି ନ ପାରିଛି, ଯେପର୍ଯ୍ୟନ୍ତ ପ୍ରକୃତ ଜ୍ଞାନପ୍ରାପ୍ତ

ନ ହୋଇଛି ସେପର୍ଯ୍ୟନ୍ତ ଫେରି ଆସିବି ନାହିଁ । ତୁମେ ଆଶୀର୍ବାଦ କର ମୋର ସଂକଳ୍ପ ଯେପରି ସିଦ୍ଧ ହୁଏ ।''

ମା' ସାରଦାଦେବୀ ଠାକୁରଙ୍କ ନାମ ନେଇ ଆଶୀର୍ବାଦ କଲେ ଏବଂ କହିଲେ, ''ପୁତ୍ର ମୋର, ତୁ କ'ଣ ଯିବା ପୂର୍ବରୁ ତୋ'ର ମା'କୁ ଦେଖା କରିବୁ ନାହିଁ ?''

''ମା' ! ତୁମେହିଁ ମୋର ଏକମାତ୍ର ମା' । ତୁମେହିଁ ମୋର ସବୁକିଛି ।'' – ସ୍ୱାମିଜି ଉତ୍ତର ଦେଲେ । ଅଖଣ୍ଡାନନ୍ଦଙ୍କ ଆଖିରେ ଆନନ୍ଦର ଅଶ୍ରୁ । ଦୁହେଁ ପାଦ ସ୍ପର୍ଶ କଲେ । ସାରଦାଦେବୀଙ୍କ ହୃଦୟରେ ସେତେବେଳକୁ ଆନନ୍ଦ ଆଉ ବିଷାଦର ଲୁଚକାଳି ଖେଳ । କୋହର ହାବୁକାରେ କଣ୍ଠ ଥରି ଉଠିଲା । ଥର ଥର ଓଠରେ ଅଖଣ୍ଡାନନ୍ଦଙ୍କୁ କହିଲେ, ''ଧନରେ, ମୁଁ ମୋର ଅପାସୋରା ପସରାକୁ ତୋରି ଜିମା ଦେଇ ଦେଲି । ତୁ ତ ପାହାଡ଼ି ଯାତ୍ରା କଥା ଜାଣୁ । ମୋ ନରେନ୍ କଥା ତୁ ବୁଝିବୁ । ସେ ଯେମିତି ଭୋକ ଶୋଷ ନ ଭୋଗେ ।''

ନରେନ୍ ଚାଲିଗଲା ପରେ ବି ସାରଦା ଦେବୀଙ୍କ ଆଖିରୁ ଆଢ଼ ହୋଇ ନ ଥିଲେ । ମା' ସ୍ନେହରେ କେବେ ଭଟ୍ଟା ନ ଥାଏ । ଯଶୋଦାର ଉଚ୍ଛୁଳା ସ୍ନେହ କୂଳ ଲଙ୍ଘୁଥିଲା । ମନେ ପଡ଼ିଯାଇଥିଲା ତାଙ୍କର ଠାକୁରଙ୍କ କଥା । ଠାକୁର କହୁଥିଲେ, ''ବେଳେ ବେଳେ ଆକାଶରେ ସୂର୍ଯ୍ୟ ଆଉ ଚନ୍ଦ୍ର ଏକାଠି ଦିଶନ୍ତି, ଯେମିତି ଆମ ନରେନ୍ ପାଖରେ, ଭକ୍ତି-ଚନ୍ଦ୍ର ଓ ଜ୍ଞାନ-ସୂର୍ଯ୍ୟ ଏକାଠି ରହିଛନ୍ତି ।''

ତାଙ୍କ କଥାରେ, ''ନରେନ୍ ନିତ୍ୟସିଦ୍ଧ, ଈଶ୍ୱରକୋଟୀ । ତା'ର ଶିକ୍ଷା ବହୁ ଉଚ୍ଚକୋଟୀର । ସେ କାହାରିକୁ ବି ଖାତିର କରେ ନାହିଁ । ପୁଣି ସେ ଯେତେ ଜାଣେ, ସେତେ ପ୍ରକାଶ କରେ ନାହିଁ – କାଳେ ମୁଁ ଲୋକଙ୍କ ପାଖରେ କହି ବୁଲିବି ଯେ ନରେନ୍ ଏତେ ବିଦ୍ୱାନ୍ । ତା'ର ମାୟା, ମୋହ ନାହିଁ – କୌଣସି ବନ୍ଧନ ନାହିଁ । ଖୁବ୍ ଭଲ ଆଧାର ।''

ସେହି ଏକା ସମୟରେ ସ୍ୱାମିଜିଙ୍କର ଅନ୍ୟାନ୍ୟ ଗୁରୁଭାଇମାନେ ମଧ୍ୟ ପରିବ୍ରାଜକ ବ୍ରତ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କେହି କେହି ହୃଷୀକେଶ, ଆଉ କେତେଜଣ ହରିଦ୍ୱାର ଆଦି ସ୍ଥାନମାନଙ୍କରେ ଥିବା ଛୋଟ ଛୋଟ କୁଟୀରରେ ଅବା କେହି ଗିରିଗୁହାରେ ତପସ୍ୟାରତ ଥିଲେ । ସ୍ୱାମିଜିଙ୍କର କାହାରି ସହିତ ଭେଟ ହେଲେ କୁଶଳ ସମ୍ବାଦ ଗ୍ରହଣ କରି ଅବା ଆବଶ୍ୟକ ସାହାଯ୍ୟ ପ୍ରଦାନ କରି ଆଗେଇ ଯାଉଥିଲେ । ସେ ସହୋଦର ହେଉ ଅବା ସଖା ହେଉ ନିଜର ଅଭୀଷ୍ଟ ପୂର୍ଣ୍ଣ ନ ହେବା ଯାଏ ସ୍ନେହକୁ ଶୃଙ୍ଖଳ ବନାଇବା ତାଙ୍କ ସ୍ୱଧର୍ମର ସୀମା ବାହାରେ ଥିଲା ।

ସ୍ୱାମିଜି ହିମାଳୟର ଧ୍ୟାନ ଗମ୍ଭୀର ଛବି ଦେଖି ଭାବାବିଷ୍ଟ ହୋଇଗଲେ । ସମସ୍ତ ବାହ୍ୟ କ୍ରିୟାକଳାପ ନିମିଷକେ ନିଶ୍ଚିହ୍ନ ହୋଇଗଲା, ସେ ଅନ୍ତର୍ମୁଖୀ ହୋଇଉଠିଲେ । ବୋଧହୁଏ ସେତେବେଳକୁ ସେହି ଶୁଭ୍ର-ଶୀତଳ-ଶୈଳ ଶିଖରରେ ସେ ଗିରୀଶଙ୍କ ଉପସ୍ଥିତିକୁ ଉପଲବ୍ଧି କରୁଥିଲେ । ଅସମ୍ଭବ ନୁହେଁ, ସେ ଯେ ଶିବାଂଶଜାତ ସନ୍ତାନ ଏକଥା ସମସ୍ତଙ୍କୁ ଜଣାଥିଲା । ଜନ୍ମ ପୂର୍ବରୁ ମାତା ଭୁବନେଶ୍ୱରୀଙ୍କର ଏକ ଅଦ୍ଭୁତ ସ୍ୱପ୍ନ ଦର୍ଶନ ହୋଇଥିଲା :

ପ୍ରଭାତରୁ ଶିବ ମନ୍ଦିରରେ ସେ ଥିଲେ ଧ୍ୟାନମଗ୍ନା । ହଠାତ୍ ମନ୍ଦିରର ଗର୍ଭଗୃହ ଆଲୋକରେ ଉଦ୍ଭାସିତ ହୋଇ ଉଠିଲା । ସ୍ୱୟଂ କୈଳାସାଧିପତି ଆସି ତାଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ । ଶତ ସୂର୍ଯ୍ୟଙ୍କର କିରଣ ସତେ ଯେମିତି ଏକାଠି ଠୁଳ ହୋଇଥିଲା, ସେ ସେହି ଜ୍ୟୋତିଃକୁ ସାମନା କରିବାକୁ ଅସମର୍ଥ ମଣିଲେ, ଆଖି ତାଙ୍କର ଆଉଜିଗଲା । ସେ ଭକ୍ତି ସହକାରେ ପ୍ରଣାମ ଜଣାଇଲେ । ସ୍ୱୟଂଭୂ ଧୀରେ ଧୀରେ କ୍ଷୁଦ୍ର ଶିଶୁ ଆକାର ଧାରଣ କରି ତାଙ୍କ କୋଳରେ ଆଶ୍ରୟ ନେଲେ ।

ସତକୁ ସତ ୧୮୬୩ ମସିହା ଜାନୁଆରି ୧୨ ତାରିଖ, ସକାଳେ (ସୂର୍ଯ୍ୟୋଦୟର ୬ ମିନିଟ୍ ପୂର୍ବରୁ) ଭୁବନେଶ୍ୱରୀ ଦେବୀ ପୁତ୍ର ସନ୍ତାନ ଲାଭକଲେ । ସେଦିନ ଥିଲା ପୁଷ ସଂକ୍ରାନ୍ତି । ସ୍ୱପ୍ନ ଦର୍ଶନର ସାର୍ଥକତା ପାଇଁ ନାମ ରଖାଗଲା ''ବୀରେଶ୍ୱର'' । ପିଲା ଦିନର ଚଞ୍ଚଳତା ଓ ଚପଳତାରେ ଅତିଷ୍ଠ ହୋଇ ମା' ବେଳେ ବେଳେ ଏତେ ବିରକ୍ତ ହୋଇ ଉଠୁଥିଲେ ଯେ ପାଟିରୁ ତାଙ୍କର ବାହାରି ଆସୁଥିଲା, ''ମହାଦେବ ନିଜେ ନ ଆସି କେଉଁଠାରୁ ଗୋଟାଏ ଭୂତ ପଠାଇ ଦେଲେ କେଜାଣି ।'' ବୀରେଶ୍ୱର (ନରେନ୍ଦ୍ର) ଏକଥା ଶୁଣିଲେ ଶାନ୍ତ ହୋଇଯାଉଥିଲେ । ମାତ୍ର ଘଡ଼ିକ ପରେ ଯାହାକୁ ସେଇୟା । ମା' ଗୋଟିଏ ଅଭିନବ ଉପାୟ ଚିନ୍ତାକଲେ, ଯାହା ବେଶ୍ କିଛି ବର୍ଷ ପାଇଁ କାମ କରିଥିଲା । ମହାଦେବଙ୍କ ଶିରରେ ପାଣି ଢାଳି ସନ୍ତୁଷ୍ଟ କରିବା ପରି ଦୁଷ୍ଟ ପୁଅର ମୁଣ୍ଡରେ 'ଶିବ, ଶିବ' କହି ପାଣି ଢାଳି ଦେଉଥିଲେ । ସତକୁ ସତ ଗଦ ଶୁଙ୍ଘା ସାପ ପରି ଅସ୍ଥିର ବୀରେଶ୍ୱର ଶାନ୍ତ ହୋଇ ଯାଉଥିଲେ ।

ସ୍ୱାମିଜି ପ୍ରତ୍ୟହ ରାତିରେ ହିମାଳୟର ଗିରିଗୁହାରେ ଯାଇ ଧ୍ୟାନ କରିବାକୁ ଆରମ୍ଭ କଲେ । ମାତ୍ର ସମାଧିଲାଭର

ଅଭିଳାଷ ବ୍ୟର୍ଥ ହେଲା । ତାଙ୍କର ସମ୍ମୁଖରେ ଶ୍ରୀରାମକୃଷ୍ଣଙ୍କ ଜ୍ୟୋତିଷ୍ମାନ୍ ମୂର୍ତ୍ତି ଉଭାହୋଇ ପୁନର୍ବାର ଚେତାଇ ଦେଲା : ''ନବଯୁଗ ଆଗତ ପ୍ରାୟ, ଜଗତର କଲ୍ୟାଣ ତୋତେହିଁ କରିବାକୁ ହେବ । ଏହା ପୂର୍ବରୁ ନିର୍ବିକଳ୍ପ ସମାଧି ଲାଭ ହେବ ନାହିଁ ।''

ଅଳ୍ପଦିନର ରହଣି ପରେ ସ୍ୱାମିଜି ଆଲମୋଡ଼ା ଫେରି ଆସିଲେ ଏବଂ ଗୁରୁଭାଇ ଅଖଣ୍ଡାନନ୍ଦଙ୍କ ଅସୁସ୍ଥତା ହେତୁ ଚିକିତ୍ସା ପାଇଁ ଡେରାଡୁନ୍ ଗଲେ । ଗୁରୁଭାଇ ସୁସ୍ଥ ହୋଇଯିବା ପରେ ଦୁହେଁ ଆସି ହୃଷୀକେଶରେ ଡେରା ପକାଇଲେ । ସ୍ୱାମିଜି ଶାସ୍ତ୍ର ଆଲୋଚନା, ଧ୍ୟାନ-ଜପ ଆଦି ତପସ୍ୟାରେ ମଗ୍ନ ରହିଲେ । ମାତ୍ର ଭ୍ରମଣ-ଶ୍ରାନ୍ତ ଶରୀର ତାଙ୍କର ଉଗ୍ର ତପସ୍ୟାର ଭାର ସହ୍ୟ କରିପାରିଲା ନାହିଁ । ସେ ପ୍ରବଳ ଜ୍ୱର ଓ ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ଅବସ୍ଥା ସଂକଟାପନ୍ନ, ନାଡ଼ିର ଗତି କ୍ରମଶଃ କ୍ଷୀଣ ହେବାକୁ ଲାଗିଲା । ଅନ୍ୟମାନଙ୍କ ମଧ୍ୟରୁ ଅଖଣ୍ଡାନନ୍ଦ ଖୁବ୍ ବିକଳ ହୋଇ ଉଠୁଥିଲେ । ତାଙ୍କର ବୋଧେ ମନେ ପଡ଼ି ଯାଉଥିଲା ମା' ଠାକୁରାଣୀଙ୍କ ସେହି ସ୍ନେହପୂର୍ଣ୍ଣ କଥା କେଇପଦ, ''ନରେନ୍‌କୁ ତୋରି ଜିମା ଦେଇଦେଲି । ପାହାଡ଼ୀ ଇଲାକା, ତୁ ତା କଥା ବୁଝିବୁ ।''

''ଯେଉଁ ନରେନ୍‌ର ଭୋକଶୋଷକୁ ମା' ହୋଇ ସହିପାରୁ ନ ଥିଲେ ସେ କ'ଣ ସହିପାରିବ ଏ ଦାରୁଣ ଦୁଃସମ୍ବାଦକୁ । ହେ ଗୁରୁଦେବ, ହେ ଭଗବାନ୍ ! ତୁମେ ମୋତେ କି ଦାରୁଣ ବିପତ୍ତିରେ ପକାଇଲ । ମୁଁ ଯେ କି ଉତ୍ତର ଦେବି ।'' — ଅନ୍ତରରେ ଘାରି ହେଉଥିଲେ ଅଖଣ୍ଡାନନ୍ଦ । ସେତେବେଳେ ଶ୍ରୀରାମକୃଷ୍ଣ ଅନ୍ତରରେ ରହି ଚୁପି ଚୁପି ହସିଥିବେ — ତ୍ରେତୟାରେ ମୁଁ ବି ଏମିତି ବିପତ୍ତିରେ ପଡ଼ିଥିଲି । ଲକ୍ଷ୍ମଣର ଶକ୍ତିଭେଦ ସମୟରେ ଭ୍ରାତୃସ୍ନେହରେ ମୋହ ହୋଇ ଭୁଲିଯାଇଥିଲି ଭଗବତ୍ ଲୀଳାର ଅନ୍ତିମ ପରିଣତିକୁ । ଏମିତି ଶୋକ ବିହ୍ୱଳ ହୋଇ କହି ପକାଇଥିଲେ, ''ଯଦି ମୋର ଅନୁଜ ଜୀବନଦାନ ନ ପାଏ, ତେବେ ମାତା ସୁମିତ୍ରାଙ୍କୁ ମୁଁ ଯେ କି ଉତ୍ତର ଦେବି ।''

ସ୍ୱାମିଜିଙ୍କର ଏ ଯେ ଶେଷ ଅବସ୍ଥା ସଭିଏଁ ସ୍ଥିର-ନିଶ୍ଚିତ । ଗୁରୁଭାଇମାନେ ଅନ୍ୟ ଉପାୟ ନ ପାଇ ଶେଷକୁ ବିକଳରେ ଭଗବାନଙ୍କୁ ପ୍ରାର୍ଥନା କରି କାନ୍ଦିବାକୁ ଲାଗିଲେ । ହଠାତ୍ ଅଜଣା ସନ୍ନ୍ୟାସୀ ଜଣେ କୁଡ଼ିଆ ଭିତରକୁ ଯାଇ ସ୍ୱାମିଜିଙ୍କୁ ଗୋଟିଏ ଔଷଧ ଖାଇବାକୁ ଦେଲେ ଏବଂ ସ୍ୱାମିଜି ସଙ୍ଗେ ସଙ୍ଗେ ଆଖି ମେଲାଇଲେ ଓ କିଛି କହିବାକୁ ଚେଷ୍ଟା କରୁଥିଲେ । ଗୁରୁଭାଇ ଜଣେ ତାଙ୍କ ମୁହଁ ପାଖରେ କାନ ଦେବାରୁ ସେହି ଅସ୍ପଷ୍ଟ ସ୍ୱର ଶୁଣିପାରିଲେ, ''ଭାଇ ତୁମେମାନେ ଡ଼ର ନା, ମୁଁ ମରିବି ନାହିଁ । ଏବେ ବି ମୋର ବହୁ କାମ ବାକି ରହିଛି । ଗୁରୁଦେବଙ୍କ କାମ ଶେଷ ନ ହେବା ଯାଏଁ ମୁଁ ମରି ପାରିବି ନାହିଁ ।''

ସେହି ଅଜ୍ଞାତ ସନ୍ନ୍ୟାସୀ ଜଣକ ସେତେବେଳକୁ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଅଜଣା ରହସ୍ୟ ଟିକକ କିନ୍ତୁ କାହାରି ପାଇଁ ଅନୁପଲବ୍ଧ ନ ଥିଲା । ❑

ସ୍ୱାମୀ ବିବେକାନନ୍ଦ (୬)

# ପ୍ରଚ୍ଛନ୍ନ ଅସ୍ତିତ୍ୱ

## ସନ୍ତୋଷ କୁମାର ରଥ

ତୁମେ ଆସ୍ତିକ ହୁଅ, ନାସ୍ତିକ ହୁଅ, ଇହୁଦୀ ହୁଅ, ବୌଦ୍ଧ ହୁଅ ଅଥବା ଖ୍ରୀଷ୍ଟିଆନ ହୁଅ ନତୁବା ହିନ୍ଦୁ ହୁଅ, ସେଥିରେ କିଛି ଯାଏ ଆସେ ନାହିଁ । ତୁମେ ଯେ ମନୁଷ୍ୟ – ଏହାହିଁ ଯଥେଷ୍ଟ । ପ୍ରତ୍ୟେକ ମନୁଷ୍ୟର ଧର୍ମତତ୍ତ୍ୱ ଅନୁସନ୍ଧାନ କରିବାର ଶକ୍ତି ରହିଛି । ଅଧିକାର ମଧ୍ୟ ରହିଛି – ଯଦିଓ ସେ ନିଜ ଭିତରୁହିଁ ସେହି ପ୍ରଶ୍ନର ଉତ୍ତର ପାଇଥାଏ । – ଏକଥାକୁ ହୃଦୟଙ୍ଗମ କରିଥିଲେ ସ୍ୱାମିଜି । ପରିବ୍ରାଜକ ଜୀବନରେ ଅନ୍ୟକୁ ଉଦ୍‌ବୁଦ୍ଧ କରିବା ପାଇଁ ସେ କହୁଥିଲେ – ''ଭାରତର ପ୍ରାଚୀନ ପରମ୍ପରା ବଡ଼ ମହାନ୍ । ବେଦ ଘୋଷଣା କରେ : ହେ ଅମୃତର ପୁତ୍ରଗଣ, ହେ ଦିବ୍ୟଧାମ-ନିବାସିଗଣ, ଶ୍ରବଣ କର – ମୁଁ ଏହି ଅଜ୍ଞାନ ଅନ୍ଧକାରରୁ ଆଲୋକକୁ ଯିବାର ପଥ ଆବିଷ୍କାର କରିଅଛି; ଯିଏ ସକଳ ତମସାର ଊର୍ଦ୍ଧ୍ୱରେ, ତାହାକୁ ଜାଣିପାରିଲେହିଁ ସେଠାକୁ ଯାଇହୁଏ – ମୁକ୍ତିର ଅନ୍ୟ କୌଣସି ଉପାୟ ନାହିଁ । ଏହାହିଁ ଯଦି ଆମ ଜୀବନର ବ୍ରତ ହୁଏ, ଏହି ଭାବ ଯଦି ଜଗତର ବାୟୁ ମଣ୍ଡଳରେ ଖେଳିବୁଲେ ତେବେ ଆମେମାନେ ଯେଉଁ ବାୟୁକୁ ଶ୍ୱାସପ୍ରଶ୍ୱାସ ରୂପେ ଗ୍ରହଣ କରୁଛୁ ତାହାର ତାଳେ ତାଳେ ଧ୍ୱନିତ ହେବ – 'ତତ୍ତ୍ୱମସି' ।''

ସ୍ୱାମିଜିଙ୍କ କଥା ଶୁଣି ସଭିଙ୍କର ବିଶ୍ୱାସ ଜନ୍ମୁଥିଲା, ଆସ୍ଥା ଆସୁଥିଲା ନବଜୀବନର ଅଭ୍ୟୁଦୟ ପ୍ରତି । ବହୁ ଲୋକ ଅନୁଗାମୀ ହେବାକୁ ଲାଗିଲେ । କେହି କେହି ତର୍କ ମଧ୍ୟ କରୁଥିଲେ, ଉପହାସ କରୁଥିଲେ ତାଙ୍କ ସନ୍ନ୍ୟାସ ଜୀବନ ପ୍ରତି । ଥରେ ଆମ ସମାଜରେ ପ୍ରଚଳିତ ଥିବା ଧର୍ମାନ୍ଧତା ଓ ରକ୍ଷଣଶୀଳତାର ତୀବ୍ର ସମାଲୋଚନା କରି ସେ ଲୋକମାନଙ୍କୁ ବୁଝାଉଥିଲାବେଳେ ଜଣେ ଏକ ଅଦ୍ଭୁତ ପ୍ରଶ୍ନ କଲା, ''ସ୍ୱାମିଜି ! ଆପଣ ଗେରୁଆ ଲୁଗା ପିନ୍ଧୁଛନ୍ତି କାହିଁକି ? ଏହା କ'ଣ ଏକ ରକ୍ଷଣଶୀଳତାର ଚିହ୍ନ ନୁହେଁ ?''

ଖୁବ୍ ବିନମ୍ରତାର ସହ ସ୍ୱାମିଜି ଉତ୍ତର ଦେଲେ, ''ଗେରୁଆବସ୍ତ୍ର ସନ୍ନ୍ୟାସୀର ଆଭୂଷଣ ହୋଇପାରେ, ମାତ୍ର ମୋ ପାଇଁ ଏହା ଭିକ୍ଷୁକର ବସନ । ମୁଁ ଯଦି ସାଧାରଣ ଲୋକଙ୍କ ପରି ବସ୍ତ୍ରାଦି ପରିଧାନ କରି ବୁଲେ ତେବେ ଦରିଦ୍ର ଭିକ୍ଷୁକଗଣ ମୋତେ ବିତ୍ତଶାଳୀ ଭାବି ଭିକ୍ଷା ମାଗିବେ । ମୁଁ ଯେ ଜଣେ ଭିକ୍ଷୁକ, ମୋ ହାତରେ ପଇସାଟିଏ ବି ନାହିଁ । ପ୍ରାର୍ଥୀକୁ ନିରାଶ କଲେ ମୋ ମନରେ କଷ୍ଟ ହୁଏ । ମାତ୍ର ମୋର ଗୈରିକ ବସନ ଦେଖି ସେମାନେ ମୋତେ ତାଙ୍କରି ସାଥୀ ବୋଲି ଭାବି ନିଅନ୍ତି, ଏହାହିଁ ରହସ୍ୟ ।'' ପ୍ରଶ୍ନକର୍ତ୍ତାଙ୍କ ସମେତ ଅନ୍ୟମାନେ ମଧ୍ୟ ସ୍ତବ୍ଧ ହେଲେ, ଭାବିଲେ – ଧନ୍ୟ ଏ ସନ୍ନ୍ୟାସୀ । ଧନ୍ୟ ମଣିଷପଣିଆ । ଥୋକେ ଆଉ ପାଦେ ଆଗେଇଯାଇ ଭାବିଲେ – ସତରେ ବାହାର ଦେଖା ଦେଖା ନୁହେଁ, ବାହାର ଶୁଣା ଶୁଣା ନୁହେଁ, ଗଜା ଗଜୁରୁଛି ଭିତରେ ଭିତରେ ।

ବହୁ ପଥ ଅତିକ୍ରମ କରି ସ୍ୱାମିଜି ଆସି ପହଞ୍ଚିଲେ ଆଲୱାର ରାଜ୍ୟରେ । ଦେୱାନ ତାଙ୍କୁ ନିଜ ଘରକୁ ପାଛୋଟି ନେଲେ ଏବଂ ଶୁଭ ଖବରଟା ରାଜା ମଙ୍ଗଳ ସିଂଙ୍କୁ ଜଣାଇ ଦେଲେ । ରାଜା ସେତେବେଳକୁ ରାଜଧାନୀଠାରୁ ଦୁଇ କିଲୋମିଟର ଦୂରରେ ଥିବା ଭିନ୍ନ ଏକ ପ୍ରାସାଦରେ ରହୁଥିଲେ ।

''ଏଠାକୁ ଜଣେ ସନ୍ନ୍ୟାସୀ ଆସିଛନ୍ତି । ତାଙ୍କର ଇଂରାଜୀ ଭାଷାରେ ଖୁବ୍ ଦକ୍ଷତା ରହିଛି । ମହାରାଜା ଏହାଙ୍କ ସହିତ ଆଳାପ ଆଲୋଚନା କଲେ ସନ୍ତୁଷ୍ଟ ହେବେ, ଏଥିରେ ସନ୍ଦେହ ନାହିଁ ।'' – ଦେୱାନଙ୍କ ଚିଠିଟି ପଢ଼ି ଗୁଣଗ୍ରାହୀ ରାଜା ନିଜର ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ବାତିଲ କରି ରାଜଧାନୀକୁ ଫେରି ଆସିଲେ ।

ସ୍ୱାମିଜିଙ୍କୁ ଦେଖି ମହାରାଜା ମୁଗ୍ଧ ହେଲେ ଓ ପ୍ରଣାମ ଜଣାଇଲେ । ଆଳାପ ଆଲୋଚନା ମଝିରେ ମହାରାଜା ହଠାତ୍ ପ୍ରଶ୍ନକଲେ, ''ସ୍ୱାମିଜି ! ମୁଁ ଶୁଣିଛି ଆପଣ ଜଣେ ବିଦ୍ୱାନ୍ ଓ ମହାପଣ୍ଡିତ ବ୍ୟକ୍ତି । ଆପଣ ଇଚ୍ଛାକଲେ ପ୍ରଚୁର ଅର୍ଥ ଉପାର୍ଜନ କରିପାରନ୍ତେ; ତାହା ନ କରି ଭିକ୍ଷାବୃତ୍ତି ଅବଲମ୍ବନ କରିଛନ୍ତି କାହିଁକି ?''

''ମହାରାଜ ! ପ୍ରଥମେ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଆପଣ ରାଜା, ଏ ରାଜ୍ୟର ରକ୍ଷକ । ମାତ୍ର ରାଜକାର୍ଯ୍ୟରେ ଅବହେଳା କରି ସାହେବମାନଙ୍କ ସହିତ ମୃଗୟା ଇତ୍ୟାଦି ବୃଥା ଆମୋଦ-ପ୍ରମୋଦରେ କାଳକ୍ଷେପଣ କରନ୍ତି କାହିଁକି ?'' – ଉତ୍ତର ଛଳରେ ପ୍ରଶ୍ନକଲେ ସ୍ୱାମିଜି । ମାତ୍ର ସ୍ୱାମିଜିଙ୍କ ସ୍ପଷ୍ଟବାଦିତା

ଯେ ରାଜାଙ୍କ ପ୍ରତି ଅପମାନ ଏବଂ ପରିଣାମ ଭୟାବହ ହେବାର ଆଶଙ୍କା କରି ଉପସ୍ଥିତ ପାତ୍ରମନ୍ତ୍ରୀ ହତଚକିତ ହୋଇ ଉଠିଲେ । ରାଜା ବି ଟିକେ ବିଚଳିତ ବୋଧ ହେଉଥିଲେ, ମାତ୍ର ଅଗ୍ନି ସଂଯୋଗର ଅପରାଧୀ ତ ସେ ନିଜେ । ଟିକିଏ ଚିନ୍ତାକରି କହିଲେ, ''ହଁ, କିନ୍ତୁ କାହିଁକି କରେ କହି ପାରିବି ନାହିଁ, ଏହା ମୋତେ ଭଲ ଲାଗେ ବୋଲି ମୁଁ ନିଃସନ୍ଦେହରେ କହିପାରିବି ।''

''ମୋତେ ଭଲ ଲାଗେ ବୋଲି ଫକିର ବେଶରେ ମୁଁ ମଧ୍ୟ ଏଣେ ତେଣେ ବୁଲା ବୁଲି କରୁଛି ।''

ନିରୁପାୟ ହୋଇ କ୍ରୋଧ ସମ୍ବରଣ କରିଯିବା ଅପେକ୍ଷା ଅନ୍ୟ ଉପାୟ ନ ଥିଲା ମହାରାଜାଙ୍କର । ସେଦିନହିଁ ସେ ଅନୁଭବ କରି ପାରିଥିବେ ଶାସ୍ତ୍ର ବର୍ଣ୍ଣିତ ଅଙ୍ଗୁଳିମାଳର କଡ଼ା ହୁକୁମକୁ ଗୌତମ ବୁଦ୍ଧ ବେଖାତିର କରିବାଟା ଜଣେ ସନ୍ନ୍ୟାସୀ ପକ୍ଷରେ ଅସମୀଚୀନ ନୁହେଁ ।

ନିର୍ଭୀକତାହିଁ ସନ୍ନ୍ୟାସୀର ସ୍ୱଧର୍ମ ଯାହା ସ୍ୱାମିଜିଙ୍କର ଅନନ୍ୟ ବୈଶିଷ୍ଟ୍ୟ । ତେଣୁ ଏଭଳି ଜଣେ ସନ୍ନ୍ୟାସୀଙ୍କଠାରୁ କିଛି ଗୂଢ଼ ଜ୍ଞାନ ଲାଭ କରିବା ବରଂ ଶ୍ରେୟସ୍କର – ଭାବିଲେ ମହାରାଜ ।

ବହୁବିଧ ଆଲୋଚନା ପ୍ରସଙ୍ଗ ମଧ୍ୟରେ ମହାରାଜା ବଡ଼ ଚତୁରତାର ସହ ପ୍ରଶ୍ନ କଲେ, ''ସ୍ୱାମିଜି, ମୂର୍ତ୍ତି ପୂଜାରେ ମୋର ଲେଶମାତ୍ର ବିଶ୍ୱାସ ନାହିଁ, ଏହାଦ୍ୱାରା ମୋର କି ଦୁର୍ଗତି ହେବ ।'' ମହାରାଜାଙ୍କ ଉପେକ୍ଷା ମିଶ୍ରିତ ହସକୁ ଲକ୍ଷ୍ୟ କରି ସ୍ୱାମିଜି କହିଲେ, ''ମହାରାଜ, ଆପଣ କ'ଣ ମୋ ସହିତ ରହସ୍ୟ କରୁଛନ୍ତି ନା ମୋତେ ପରୀକ୍ଷା କରୁଛନ୍ତି ?''

''ନା, ନା ସ୍ୱାମିଜି ! ସେପରି ଭାବନ୍ତୁ ନାହିଁ । ପ୍ରକୃତରେ ମୁଁ ମାଟି, କାଠ, ପଥର ବା ଧାତୁ ନିର୍ମିତ ମୂର୍ତ୍ତିଗୁଡ଼ିକୁ ଭଗବାନଙ୍କର ସ୍ୱରୂପ ରୂପେ ବିବେଚନା କରି ଶ୍ରଦ୍ଧା କରିପାରେ ନାହିଁ; ଏଥିପାଇଁ କ'ଣ ମୋତେ ପରକାଳରେ କଠୋର ନିଗ୍ରହ ଭୋଗିବାକୁ ହେବ ?''– ଟିକିଏ ଶଙ୍କିଯାଇ ଉତ୍ତର ଦେଲେ ମହାରାଜା ।

ସ୍ୱାମିଜି କିଛିକ୍ଷଣ ନୀରବ ରହିଲେ । ଏବଂ ବୁଝିପାରିଲେ ବିଶ୍ୱାସ ଓ ଶ୍ରଦ୍ଧା ସ୍ଥାନରେ ମହାରାଜା ନିଜର ହେତୁବାଦୀ ମନକୁ ସର୍ବସ୍ୱ ବୋଲି ମଣୁଛନ୍ତି । ଦିନେ ତାଙ୍କର ବି ଏଇ ଅବସ୍ଥା ଥିଲା । ସେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରିପାରୁ ନ ଥିଲେ ବରଂ ସଭିଙ୍କୁ ପ୍ରଶ୍ନ କରୁଥିଲେ, ''ଆପଣ କ'ଣ ଈଶ୍ୱରଙ୍କୁ ଦେଖିଛନ୍ତି । ମୋତେ ଦେଖାଇଦେଇ ପାରିବେ ?'' କାହାଠାରୁ ମିଳି ନ ଥିଲା ସଠିକ୍ ଉତ୍ତର । ଏକା ଶ୍ରୀରାମକୃଷ୍ଣହିଁ ଶେଷରେ କହିଥିଲେ, ''ହଁ, ମୁଁ ଈଶ୍ୱର ଦର୍ଶନ କରିଛି । ତୋତେ ଯେପରି ପ୍ରତ୍ୟକ୍ଷ ଦେଖୁଛି, ତାହାଠାରୁ ସ୍ପଷ୍ଟ ଭାବରେ ଈଶ୍ୱରଙ୍କୁ ଦେଖିଛି । ଯା, ଭିତରକୁ ଯା, ମୃଣ୍ମୟୀ ମୂର୍ତ୍ତିରେ ଚିନ୍ମୟୀଙ୍କ ଦର୍ଶନ ଲାଭ କରିବୁ ।'' ତାଙ୍କରି ଶିଷ୍ୟ ଭାବରେ ସେ କ'ଣ ଆଜି ହାରିଯିବେ, ମହାରାଜାଙ୍କୁ ଉଚିତ ଶିକ୍ଷା ଦେଇ ପାରିବେ ନାହିଁ ? ସ୍ୱାମିଜି ସ୍ମରଣ କଲେ ଗୁରୁଦେବଙ୍କୁ ।

କକ୍ଷର କାନ୍ଥରେ ଟଙ୍ଗା ଯାଇଥିବା ଛବିଟି ଉପରେ ନଜର ପଡ଼ିଗଲା ସ୍ୱାମିଜିଙ୍କର । ଚିତ୍ରପଟଟିକୁ ହାତରେ ଧରି ପ୍ରଶ୍ନକଲେ ଦେଓ୍ୱାନଙ୍କୁ, ''ଏହା ବୋଧହୁଏ ମହାରାଜାଙ୍କର ଛବି ।'' ମୁଣ୍ଡହଲାଇ ନୀରବେ ସମ୍ମତି ଜଣାଇଲେ ଦେଓ୍ୱାନ । ସ୍ୱାମିଜି ସଙ୍ଗେ ସଙ୍ଗେ ଛବିଟିକୁ ତଳେ ରଖିଦେଇ ଦେଓ୍ୱାନଙ୍କୁ କହିଲେ, ''ଆପଣ ଏହା ଉପରେ ଛେପ ପକାନ୍ତୁ ।''

ଆକସ୍ମିକ ବଜ୍ରପାତ ସଦୃଶ ଛାତିଟା ଥରି ଉଠିଲା ଦେଓ୍ୱାନଙ୍କର । ଉପସ୍ଥିତ ସଭାସଦ୍ ସଭିଏଁ ସ୍ତବ୍ଧ, ସଭିଏଁ ନୀରବ ଦ୍ରଷ୍ଟା । ସ୍ୱାମିଜି ଆହୁରି ଦାମ୍ଭିକତା ସହକାରେ ଘୋଷଣା କଲେ, ''ଆପଣମାନଙ୍କ ମଧ୍ୟରୁ କେହି ଆସି ଏହା ଉପରେ ଛେପ ପକାନ୍ତୁ । ସତ୍ ସାହସର ପରିଚୟ ଦିଅନ୍ତୁ । ଏହା ତ ଖଣ୍ଡିଏ କାଗଜ ଭିନ୍ନ ଅନ୍ୟ କିଛି ନୁହେଁ । ତେବେ ଆପଣ ଆଗେଇ ଆସୁ ନାହାନ୍ତି କାହିଁକି ?'' ସଭାସଦ୍ ନୀରବ, ରାତିଶୁଆ ଗଛ ପରି ଝାଉଁଳା ମୁଖମଣ୍ଡଳ ।

''ଆପଣ ଏ କ'ଣ କହୁଛନ୍ତି ସ୍ୱାମିଜି ? ମହାରାଜାଙ୍କ ଚିତ୍ରପଟ ଉପରେ ଆମେ କ'ଣ ଛେପ ପକାଇ ପାରିବୁ !''– ପ୍ରତିବାଦ ଜଣାଇଲେ ଦେଓ୍ୱାନ ।

''ମହାରାଜାଙ୍କ ଚିତ୍ରପଟ, ସେଥିରେ ଯାଏ ଆସେ କ'ଣ । ଏଥିରେ ତ ଆଉ ସ୍ୱୟଂ ମହାରାଜା ନାହାନ୍ତି ? ଏହାତ ଖଣ୍ଡିଏ କାଗଜ ମାତ୍ର । ଏହା ତ ମହାରାଜାଙ୍କ ପରି କଥା କରିପାରିବ ନାହିଁ କି ହଲଚଲ ହୋଇପାରିବ ନାହିଁ । ତଥାପି ଆପଣମାନେ ଅସମ୍ମତ ହେଉଛନ୍ତି କାହିଁକି ?'' – ସ୍ୱାମିଜିଙ୍କ ଉତ୍ତରରେ ପରିସ୍ଥିତି ଓ ପରିବେଶ ଆହୁରି ଅସ୍ୱାଭାବିକ ହୋଇଉଠିଲା ।

''ଆପଣମାନେ ଏହା ଉପରେ ଛେପ ପକାଇ ପାରିବେ ନାହିଁ, ଏକଥା ମୁଁ ଜାଣେ; କାରଣ ଆପଣମାନେ ମନେ କରୁଛନ୍ତି ଯେ ଏହି ଚିତ୍ର ଉପରେ ଛେପ ପକାଇଲେ ମହାରାଜାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ ହେବ । ଏହା ତ ?'' – ହସି ହସି ଉତ୍ତର ଦେଲେ ସ୍ୱାମିଜି ।

ନୀରବେ ସମ୍ମତିକୁ ସମବେତ ଦର୍ଶନାର୍ଥୀ ଅଙ୍ଗୀକାର କରିନେଲେ । ଏଥର ମହାରାଜାଙ୍କୁ ବୁଝାଇବାକୁ ଯାଇ ସ୍ୱାମିଜି

କହିଲେ, ‘‘ଦେଖନ୍ତୁ ମହାରାଜ, ଗୋଟିଏ ଦିଗରୁ ବିଶ୍ୱାସ କଲେ ଏ ଫଟୋଟି ଆପଣ ନୁହଁନ୍ତି, ପୁଣି ଅନ୍ୟ ଦିଗରୁ ବିଚାର କଲେ ଚିତ୍ରରେ ଆପଣଙ୍କର ଅସ୍ତିତ୍ୱ ରହିଛି । ସେହି କାରଣରୁ କେହି ଏହା ଉପରେ ଛେପ ପକାଇବାକୁ ସାହସ କଲେ ନାହିଁ । ଆପଣ ରାଜା – ସେମାନେ ଆପଣଙ୍କ ଅନୁଗତ ଅଥବା ସେବକ । ଆପଣଙ୍କର ଅସମ୍ମାନକୁ ବରଦାସ୍ତ କରିବା ସେମାନଙ୍କର ଜ୍ଞ'ର ଅତୀତ । ଏହା ଯଦି ସତ୍ୟହୁଏ ତେବେ ଧାତୁ ଓ ପଥରରେ ଗଢ଼ା ମୂର୍ତ୍ତି ମଧ୍ୟରେ ଭଗବାନଙ୍କର ପ୍ରଚ୍ଛନ୍ନ ସ୍ୱରୂପ ଉପଲବ୍ଧ ହେବା ଅସମୀଚୀନ କାହିଁକି ହେବ ? ଭକ୍ତ ତ ଧାତୁ ବା ପଥରକୁ ପୂଜା କରୁ ନାହିଁ, ସେ ତା'ର ଆରାଧ୍ୟଙ୍କର ଉଦ୍ଦେଶ୍ୟରେ ନିଜର ଭକ୍ତିପୂତ ଅର୍ଘ୍ୟ ପ୍ରଦାନ କରୁଛି, ନିଜର ପୂଜା ଆରାଧନା ମାଧ୍ୟମରେ ସେ ସଅଁପି ଦେଉଛି ନିଜକୁ । ଆବିଷ୍କାର କରୁଛି ଅନନ୍ତଙ୍କୁ ସାନ୍ତ ମଧ୍ୟରେ, ନିରାକାରଙ୍କୁ ସାକାର ମଧ୍ୟରେ । ଠାକୁର କହୁଥିଲେ, 'ଯେ ନିରାକାର, ସେହିଁ ସାକାର । ସାକାରର ରୂପ ମଧ୍ୟ ମାନିବାକୁ ହୁଏ । କାଳୀ ରୂପ ଚିନ୍ତା କରୁ କରୁ ସାଧକ କାଳୀ ରୂପକୁହିଁ ଦର୍ଶନ କରେ । ତାହାପରେ ଦେଖିବାକୁ ପାଏ ଯେ ସେହି ରୂପ ଅଖଣ୍ଡରେ ଲୀନ ହୋଇଗଲା । ଯିଏ ଅଖଣ୍ଡ ସଚ୍ଚିଦାନନ୍ଦ ସେହିଁ କାଳୀ ।’’

ମହାରାଜାଙ୍କ ଆଖିରେ କୃତଜ୍ଞତା ଅଶ୍ରୁ । ହୃଦୟର ଆବେଗକୁ ଆଞ୍ଜୁଳା କରି ଅରପିଦେଲେ ସ୍ୱାମିଜିଙ୍କ ଶ୍ରୀଚରଣରେ, ‘‘ସ୍ୱାମିଜି ! ଆପଣଙ୍କ ଦୟାରୁ ମୂର୍ତ୍ତି ପୂଜା ସମ୍ବନ୍ଧରେ ମୋର ଏକ ଅଭିନବ ଅଭିଜ୍ଞତା ଜାତ ହେଲା । ଏତେ ଦିନ ଯାଏ ମୁଁ ଏହାର ପ୍ରକୃତ ରହସ୍ୟକୁ ବୁଝିପାରି ନ ଥିଲି । ଆଜି ଆପଣ ମୋର ଜ୍ଞାନ ଚକ୍ଷୁ ଖୋଲି ଦେଲେ ।’’

‘‘ଏକମାତ୍ର ଭଗବାନଙ୍କ ବ୍ୟତୀତ ଆଉ କାହାର କୃପା କରିବାର ଅଧିକାର ନାହିଁ । ଆପଣ ବିଶ୍ୱାସର ସହ ତାଙ୍କରି ଶରଣାଗତ ହୁଅନ୍ତୁ । ସେ ନିଶ୍ଚୟ ଆପଣଙ୍କୁ ଦୟା କରିବେ ।’’– କଲ୍ୟାଣ କରି ବିଦାୟ ନିମିତ୍ତ ପ୍ରସ୍ତୁତ ହେଲେ ସ୍ୱାମିଜି ।

ମହାରାଜା ପାଦଧୂଳି ଗ୍ରହଣ କରି କୃତାର୍ଥ ମଣିଲେ ଏବଂ ସଭାସଦ୍ ନୀରବରେ ହାୟ ହାୟ ହେଲେ । ❑

## ସ୍ୱାମୀ ବିବେକାନନ୍ଦ (୭)

# ପରିବ୍ରାଜକ ଜୀବନର ପୂର୍ଣ୍ଣାହୁତି

ସନ୍ତୋଷ କୁମାର ରଥ

ସ୍ୱାମିଜିଙ୍କ ଚିନ୍ତାରେ ଥିଲା ଭିନ୍ନତାର ଉପଲକ୍ଷ । ସେ ବେଦ ଓ ଉପନିଷଦର ନିଗୂଢ଼ ତତ୍ତ୍ୱକୁ ଖୁବ୍ ସରଳ ଓ ସୁନ୍ଦର ଭାବରେ ଉପସ୍ଥାପନା କରୁଥିଲେ, ଆତ୍ମୀୟଭାଜନ ହୋଇ ପାରୁଥିଲେ ସଭିଙ୍କର । ସେ ସଦାସର୍ବଦା ଚେତାଇ ଦେଉଥିଲେ – ''ସେହି ବ୍ୟକ୍ତି ତାହାର ମହାଶତ୍ରୁକୁ ମଧ୍ୟ ପ୍ରୀତ କରିପାରିବ ଯେ ଜାଣେ ଯେ ଏହି ଶତ୍ରୁ ସାକ୍ଷାତ୍ ବ୍ରହ୍ମ ସ୍ୱରୂପ । ସେହି ବ୍ୟକ୍ତି ସାଧୁ ବ୍ୟକ୍ତିଙ୍କୁ ଭଲ ପାଇପାରିବ, ଯେ ଜାଣେ ଯେ ସାଧୁ ବ୍ୟକ୍ତି ସାକ୍ଷାତ୍ ବ୍ରହ୍ମ ସ୍ୱରୂପ । ସଭିଙ୍କ ପଶ୍ଚାତରେ ସେହି ପ୍ରଭୁହିଁ ବିରାଜମାନ କରୁଛନ୍ତି । ଏହି ବୋଧ ଜାଗ୍ରତ୍ ହେଲେ ସେହି ବ୍ୟକ୍ତିର କ୍ଷୁଦ୍ର ଅହଂ ବିଲୁପ୍ତ ହେବ ଏବଂ ସେ ଈଶ୍ୱରଙ୍କୁ ନିଜ ମଧ୍ୟରେ ସ୍ଥାପନ କରିପାରିବ । ହେ ବୀରହୃଦୟ ଯୁବକଗଣ, ପ୍ରଥମେ ଈଶ୍ୱରଙ୍କ ରାଜ୍ୟର ଅନୁସନ୍ଧାନ କର, ତାହାହେଲେ ସବୁକିଛି ତୁମ ପାଖକୁ ଆସିଯିବ । ଏହାହିଁ ସର୍ବୋତ୍ତମ କର୍ତ୍ତବ୍ୟ, ଏହାହିଁ ଅସଲ ବୈରାଗ୍ୟ ।

ମୁଁ ପୁନର୍ବାର କହୁଛି – ''ଯୋଗୀ ହେବାର ଇଚ୍ଛାଥିଲେ ସ୍ୱାଧୀନ ହେବାକୁ ହେବ, ଏବଂ ଏପରି ଏକ ପରିବେଶରେ ରହିବାକୁ ହେବ ଯେଉଁଠାରେ ତୁମେ ଏକାକୀ ଓ ସର୍ବବିଧ ଉଦ୍‌ବେଗରୁ ମୁକ୍ତ । ଯେ ଆରାମପ୍ରଦ ସୁଖକର ଜୀବନ ଚାହେଁ ପୁଣି ଆତ୍ମଜ୍ଞାନ ଲାଭକରିବାକୁ ଚାହେଁ, ତାହାର ଅବସ୍ଥା ସେହି ମୂର୍ଖ ପରି, ସିଏହିଁ କାଠଗଣ୍ଡି ଭାବି କୁମ୍ଭୀରକୁ କୁଣ୍ଢାଇ ଧରି ନଦୀ ପାର ହେବାର ମସୁଧା କରିଥାଏ ।''

ଉପସ୍ଥିତ ସୁଧୀବୃନ୍ଦଙ୍କ କରତାଳିରେ ସଭାମଣ୍ଡପ ଉଚ୍ଛୁଳି ଉଠିଲା, ମାତ୍ର ସ୍ୱାମିଜି ସ୍ଥିର, କୂଳ ନ ଲଂଘିବାଟା ସତେ ଯେମିତି ଦରିଆର ସ୍ୱଧର୍ମ । ଦିନେ କିଂବା ଦୁଇଦିନର ରହଣିପରେ ସ୍ୱାମିଜି ଡେରା ଭାଙ୍ଗୁଥିଲେ । ଯେତେ ଅଭ୍ୟର୍ଥନା, ସେବା ସୌଭାଗ୍ୟ ଲାଭ କରିବାର କାକୁତି ମିନତି ସବୁକିଛି ପାଣି ଫାଟି ଯାଉଥିଲା । ପରିବ୍ରାଜକ ଜୀବନଚର୍ଯ୍ୟା ଥିଲା ତାଙ୍କର ବ୍ରତ । ସେ ଆଗେଇ ଚାଲିଲେ, ଭାରତର ବୁକୁ ଚିରି ଦେଖିଲେ ଦୀନ, ଦୁଃଖୀ, ଆର୍ତ୍ତଙ୍କ ଫୁଙ୍ଗୁଳା ପିଠିର ଶୀତ, ପେଟର ଦାଉ ଦାଉ ତାତିକୁ । ଅନୁଭବ କଲେ ଲକ୍ଷ ଲକ୍ଷ ଜନତାଙ୍କର ଅସ୍ଥାବର ସ୍ଥିତି ଓ ଅନିଶ୍ଚିତ ବର୍ତ୍ତମାନକୁ । ସେତେବେଳେ ମନେ ପଡ଼ିଗଲା ଠାକୁରଙ୍କ କଥା – 'ଭୋକିଲା ପେଟରେ ଧର୍ମଶିକ୍ଷା ଦିଆଯାଏ ନା ।' – ସ୍ୱାମିଜି ଏବେ ଉପାୟ ଖୋଜିଲେ ।

ଦେଶ ଭ୍ରମଣ ସମୟରେ ସ୍ୱାମିଜି ଏକଥା ମଧ୍ୟ ଲକ୍ଷ୍ୟ କଲେ ଯେ ଇଂରେଜ ସରକାରଙ୍କର ଅତ୍ୟାଚାରକୁ ବହୁଗୁଣିତ କରୁଥିଲେ ଆମ ଦେଶୀୟ କରଦ ରାଜାମାନେ । ନିରୀହ ଜନତାଙ୍କଠାରୁ କର ଆଦାୟ କରି ସରକାରଙ୍କ ଦରବାରରେ ପଏଠ କରିବା ଥିଲା ସେମାନଙ୍କର କର୍ତ୍ତବ୍ୟ ମାତ୍ର ଶୋଷଣ ଥିଲା ସେମାନଙ୍କର ସ୍ୱଧର୍ମ । ତଥାପି ସ୍ୱାମିଜି ତାଙ୍କୁ ଆଦର କରୁଥିଲେ । ଥରେ ଶୁଦ୍ଧାନନ୍ଦ ପ୍ରଶ୍ନ କଲେ, ''ସ୍ୱାମିଜି ! ଆପଣ ତ ଜଣେ ସନ୍ନ୍ୟାସୀ, ପୁଣି ପରିବ୍ରାଜକ, ଆପଣ ସନ୍ନ୍ୟାସୀ ହୋଇ ରାଜାରାଜୁଡ଼ାଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତି, ପୁଣି ତାଙ୍କ ଆତିଥ୍ୟ ଗ୍ରହଣ କରନ୍ତି କାହିଁକି ?''

ଚୋରା ବସନ୍ତ ଚନ୍ଦନ କାଠକୁ ଛୁଇଁଗଲା ପରି ଚପା ମହକଟା ଆପେ ଆପେ ମହକିଗଲା । ସ୍ୱାମିଜି ଉତ୍ତର ଦେଲେ, ''ତୁମେ ଜାଣ, ହଜାର ହଜାର ଦରିଦ୍ର ଲୋକଙ୍କୁ ଉପଦେଶ ଦେଇ ସତ୍‌କର୍ମ ପ୍ରତି ଆକୃଷ୍ଟ କରାଇବାରେ ଯେତିକି ଫଳ ମିଳିବ, ଜଣେ ରାଜାଙ୍କୁ ସେହି ଦିଗରେ ପ୍ରବର୍ତ୍ତାଇ ପାରିଲେ ତାହାଠାରୁ ଅଧିକ ଫଳ ମିଳିବ । ପ୍ରଜା ହେଲା ରାଜାର ଅଧୀନ । ଗରିବ ପ୍ରଜାର ଇଚ୍ଛା ହେଲେ ମଧ୍ୟ ସତ୍‌କାର୍ଯ୍ୟ କରିବାର କ୍ଷମତା ତା'ର କାହିଁ ? ପ୍ରଜାର ମଙ୍ଗଳ ବିଧାନ ତ ରାଜାର ହାତରେ । ଯଦି କୌଣସି ପ୍ରକାରେ ରାଜାର ମନକୁ ବଦଳାଇ ଦିଆଯାଇପାରେ, ତେବେ ହଜାର ହଜାର ପ୍ରଜାଙ୍କର ଅବସ୍ଥା ବଦଳିଯିବ, ଜଗତର ଅନେକ କଲ୍ୟାଣ ହେବ ।'' ସବୁସଂଶୟ ଦୂର ହୋଇଗଲା, ଶୁଦ୍ଧାନନ୍ଦଙ୍କ ଆଖି ଖୋଲିଗଲା ସାଗର ଛୁଆଁ ଆକାଶ ଆଡ଼କୁ ।

ସ୍ୱାମିଜିଙ୍କୁ ଅତିଥି ରୂପେ ପାଇବା ପାଇଁ ବହୁ ରାଜା ଓ ଧନାଢ଼୍ୟ ବ୍ୟକ୍ତିମାନେ ଉତ୍ସୁକ ଥିଲେ । ସୌଭାଗ୍ୟ ମଣୁଥିଲେ ସତ୍‌ସଙ୍ଗ ଲାଭରେ । ମହୀଶୂରର ମହାରାଜା ଥିଲେ ବଡ଼ ସରଳ ଓ ଉଦାର ପ୍ରକୃତିର । ବିଜ୍ଞତା ଥିଲା ତାଙ୍କର ଅନ୍ୟ ଏକ

ସଦ୍‌ଗୁଣ । ମହାରାଜା ତରୁଣ ସନ୍ନ୍ୟାସୀଙ୍କ ଅସାମାନ୍ୟ ପ୍ରତିଭା ଓ ପାଣ୍ଡିତ୍ୟର ପରିଚୟ ପାଇ ଆନନ୍ଦିତ ହେଲେ । ନିଜ ରାଜ ଦରବାରରେ ତାଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଦେଲେ । ଆନୁଗତ୍ୟ କିଂବା ଚଟୁଳତା ପ୍ରକାଶ କରିବା ସ୍ୱାମିଜିଙ୍କ ସ୍ୱଭାବର ବିରୋଧ୍ ଥିଲା । ସେ ମହାରାଜଙ୍କ କୌଣସି କାର୍ଯ୍ୟରେ ତ୍ରୁଟି ପରିଦର୍ଶନ କଲେ ବାଳକବତ୍ ତତ୍‌କ୍ଷଣାତ୍ ତୀବ୍ର ସମାଲୋଚନା କରୁଥିଲେ । ମହାରାଜା ସେଥିରେ ଆନନ୍ଦିତ ହେଉଥିଲେ ଏବଂ ନିଜକୁ ସୁଧାରି ନେଉଥିଲେ । ମାତ୍ର ଦିନେ ସ୍ୱାମିଜିଙ୍କ ଉପରେ ହଠାତ୍ କୋପ ପ୍ରକାଶ କରି କହିଲେ, ''ସ୍ୱାମିଜି ! ଆପଣ ବୋଧହୁଏ ଭୁଲି ଯାଇଛନ୍ତି ମୁଁ ମହୀଶୂରର ମହାରାଜ । ଆପଣ ଜଣେ ସାଧାରଣ ସନ୍ନ୍ୟାସୀ, ପୁଣି ମୋର ଆତିଥ୍ୟ ଗ୍ରହଣ କରିଛନ୍ତି । ଆପଣ ମୋତେ ଭୟ କରିବା ଉଚିତ, ଖୋସାମଦ କରିବା ଉଚିତ । ପ୍ରତିବଦଳରେ ଆପଣ ମୋ କାର୍ଯ୍ୟର ସମାଲୋଚନା କରୁଛନ୍ତି । ଏହା ମୋର ଚେତାବନୀ, ଭବିଷ୍ୟତରେ ଆପଣ ସାବଧାନ ରହିବେ । ନ ହେଲେ ଜୀବନ ସଂକଟାପନ୍ନ ହୋଇପାରେ ।''

ଉପସ୍ଥିତ ସଭାସଦ୍ ଆକସ୍ମିକ ଅସ୍ୱାଭାବିକତାକୁ ଆଶ୍ଚର୍ଯ୍ୟ ମଣିଲେ । କେହି କେହି ମୁଣ୍ଡ ଟୁଙ୍ଗାରିଲେ । ମାତ୍ର ସିଂହ ଛୁଆ କ'ଣ ଶୃଗାଳର ଚିତ୍କାରକୁ ଭୟ କରେ ? ସ୍ୱାମିଜି ଗମ୍ଭୀର ହୋଇ କହିଲେ, ''ମହାରାଜ ! ଆପଣଙ୍କ ପରିଚୟ ମୋତେ ଅଜଣା ନୁହେଁ । ଏକଥା ମଧ୍ୟ ଜାଣେ ଆପଣଙ୍କ ଅସଙ୍ଗତ କାର୍ଯ୍ୟ ଓ ଉକ୍ତିକୁ ସମର୍ଥନ କରିବା ପାଇଁ ବହୁ ପରିଷଦ ଅପେକ୍ଷାରତ । ମୁଁ ସନ୍ନ୍ୟାସୀ, ସତ୍ୟହିଁ ମୋର ତପସ୍ୟା । ସାମାନ୍ୟ ଜଡ଼ ଶରୀରର ଅନିଷ୍ଟ ଆଶଙ୍କାରେ ସତ୍ୟକୁ ପରିତ୍ୟାଗ କରିବି ? ଆପଣ ଜଣେ ବିଜ୍ଞ ହିନ୍ଦୁ ରାଜା ହୋଇ ଜଣେ ହିନ୍ଦୁ-ସନ୍ନ୍ୟାସୀଠାରୁ କ'ଣ ଏହିପରି ହୀନୋଚିତ କାର୍ଯ୍ୟ ପ୍ରତ୍ୟାଶା କରନ୍ତି ?''

ସ୍ୱାମିଜିଙ୍କ ସ୍ପଷ୍ଟୋକ୍ତିରେ ମହାରାଜା ଶତମୁଖର ହୋଇ ଉଠିଲେ ଏବଂ ତାହା ଯେ ଏକ ପରୀକ୍ଷାମୂଳକ ପ୍ରଶ୍ନ ଥିଲା ସେକଥା ସ୍ୱୀକାର କରି ସଭାସଦ୍‌ଙ୍କର ସଂଶୟରେ ପୂର୍ଣ୍ଣାହୁତି ଦେଲେ । ସେହିଦିନଠାରୁ ମହାରାଜାଙ୍କର ଶ୍ରଦ୍ଧା ଆହୁରି ବଢ଼ିଗଲା । ଦିନେ କୌଣସି ପର୍ବ ପାଳନ ଅବସରରେ ମହାରାଜା ସ୍ୱାମିଜିଙ୍କ ପାଦପୂଜା କରିବା ପାଇଁ ଜିଦ୍ ଧରନ୍ତେ ସ୍ୱାମିଜି ସମ୍ପୂର୍ଣ୍ଣ ନାରାଜ ହେଲେ । ଶେଷରେ ମହାରାଜା ନିଜର ଇଚ୍ଛାକୁ ପ୍ରତ୍ୟାହୃତ କରିବାକୁ ବାଧ୍ୟ ହେଲେ ।

ଆଉ ଦିନକର କଥା । ଦେୱାନଙ୍କ ସଭାପତିତ୍ୱରେ ରାଜପ୍ରାସାଦରେ ଏକ ବିଶେଷ ଆଲୋଚନାର ଆୟୋଜନ କରାଗଲା । ରାଜ୍ୟର ବହୁ ବିଶିଷ୍ଟ ପଣ୍ଡିତମାନେ ଏଥିରେ ଯୋଗ ଦେଲେ ଏବଂ ମହାରାଜା ସ୍ୱାମିଜିଙ୍କ ଉପସ୍ଥିତିକୁ ସ୍ୱାଗତ ଜଣାଇଲେ । ବେଦାନ୍ତର ବିଭିନ୍ନ ମତବାଦର ପକ୍ଷ ଗ୍ରହଣ କରି ପଣ୍ଡିତମାନେ ନିଜ ଯୁକ୍ତିରେ ଅଟଳ ରହିଲେ । କ୍ରମେ ବାଦାନୁବାଦ ଶିଖର ଛୁଇଁଲା, ବୈଶାଖୀର ତାତିଠାରୁ ଆହୁରି ଭୟାନକ । ପରିସ୍ଥିତି ଅଣଆୟତ୍ତ ହେବାରୁ ଦେୱାନ ସ୍ୱାମିଜିଙ୍କୁ ଇସାରା ଦେଲେ । ସ୍ୱାମିଜି ପଣ୍ଡିତବର୍ଗଙ୍କୁ ସାଦର ଅଭ୍ୟର୍ଥନା ଜଣାଇ ବେଦାନ୍ତର ବିଭିନ୍ନ ମତବାଦ ଯେ ପରସ୍ପରର ବିରୋଧୀ ନୁହେଁ ପରନ୍ତୁ ଗୋଟିଏ ଅନ୍ୟଟିର ପରିପୂରକ, ଏକଥା ପ୍ରମାଣ କରିଦେଲେ । ଆମର ବୈଦିକ ଶାସ୍ତ୍ରସମୂହ କେତେଗୋଟି ଦାର୍ଶନିକ ମତବାଦର ସମଷ୍ଟି ନୁହେଁ, ଏହା ସାଧକ-ଜୀବନର ଅନୁଭୂତ ସତ୍ୟ ଉପରେ ପର୍ଯ୍ୟବସିତ । ଏହା ଚିରନ୍ତନ, ଏହା ଶାଶ୍ୱତ । ସଭିଏଁ ସ୍ୱାମିଜିଙ୍କ ମତରେ ସହମତ ହେଲେ, ସାଧୁବାଦ ଜଣାଇଲେ ।

ମହାରାଜାଙ୍କ ଅନୁରୋଧ ଓ ଆତିଥ୍ୟରେ ରହଣି ତା' ନିୟମ ଭାଙ୍ଗିଲା । ସ୍ୱାମିଜି ବାଧ୍ୟ ହୋଇ ହଁ ଭରିଲେ । ବରଫ କଠିନ ମାତ୍ର ବେଳ ପଡ଼ିଲେ ଜଳବତ୍ ତରଳମ୍ । ଦିନେ କଥା ପ୍ରସଙ୍ଗରେ ମହାରାଜା କହିଲେ, ''ସ୍ୱାମିଜି ! ଆପଣଙ୍କ ପାଇଁ କିଛି କରିପାରିଲେ ମୁଁ ଧନ୍ୟ ମଣିବି । ଆପଣ ତ କିଛି ବି ଗ୍ରହଣ କରିବା ପାଇଁ ନାରାଜ । କୁହନ୍ତୁ ମୁଁ କ'ଣ କରିପାରେ ?''

''ଦୀର୍ଘ ଦିନର ଭାରତ-ଭ୍ରମଣରେ ମୋର ଏହି ଅଭିଜ୍ଞତା ହୋଇଛି ଯେ ଆମ୍ଭମାନଙ୍କର ବର୍ତ୍ତମାନ ପ୍ରୟୋଜନ ପାଶ୍ଚାତ୍ୟ ବିଜ୍ଞାନ ସାହାଯ୍ୟରେ ଆର୍ଥିକ ଓ ସାମାଜିକ ଅବସ୍ଥାର ନବୀକରଣ । କିନ୍ତୁ ଇୟୁରୋପୀୟମାନଙ୍କ ଦୁଆରେ ଠିଆହୋଇ କ୍ରନ୍ଦନ କଲେ କିଂବା ଭିକ୍ଷା ପ୍ରାର୍ଥନା କଲେ ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ । ବିନିମୟରେ ସେମାନଙ୍କୁ କିଛି ଦେବାକୁ ହେବ । ଭାରତବର୍ଷର ବର୍ତ୍ତମାନ ଦେବାଭଳି ଏକମାତ୍ର ଆଧ୍ୟାତ୍ମିକ ଜ୍ଞାନ ଛଡ଼ା ଆଉ କ'ଣ ଅଛି ? ସେଇଥିପାଇଁ ସମୟେ ସମୟେ ମୋର ଇଚ୍ଛାହୁଏ ଯେ ବେଦାନ୍ତର ଶାଶ୍ୱତ ଜ୍ଞାନକୁ ପ୍ରସରି ଦେବା ଲାଗି ପାଶ୍ଚାତ୍ୟ ଦେଶକୁ ଯିବି, ଯଦ୍ଦ୍ୱାରା ଆଦାନ-ପ୍ରଦାନ ସମ୍ବନ୍ଧ ସ୍ଥାପିତ ହୋଇପାରିବ । ଆପଣଙ୍କ ପରି ଉଦ୍‌ଯୋଗୀ ରାଜନ୍ୟବର୍ଗ ଚେଷ୍ଟା କଲେ ଅଳ୍ପାୟାସରେ କାର୍ଯ୍ୟ-ଆରମ୍ଭ ହୋଇପାରେ । ଆପଣ ଏହି ମହତ୍ କାର୍ଯ୍ୟରେ ଅଗ୍ରସର ହୁଅନ୍ତୁ, ଏହାହିଁ ମୋର

ଏକମାତ୍ର ପ୍ରାର୍ଥନା ।'' ସ୍ୱାମିଜିଙ୍କ ଉତ୍ତରରେ ଅତ୍ୟନ୍ତ ପ୍ରୀତ ହୋଇ ମହାରାଜା ସଙ୍ଗେ ସଙ୍ଗେ ଘୋଷଣା କଲେ — ''ସ୍ୱାମିଜି ଯଦି ହିନ୍ଦୁ ଧର୍ମ ପ୍ରଚାର କରିବା ପାଇଁ ପାଶ୍ଚାତ୍ୟ ଦେଶକୁ ଯାଆନ୍ତି, ତେବେ ମହୀଶୂରର ମହାରାଜା ସମସ୍ତ ବ୍ୟୟଭାର ବହନ କରିବେ ।''

ମହାରାଜା ସଙ୍ଗେ ସଙ୍ଗେ କେତେ ହଜାର ଟଙ୍କା ଦେବାକୁ ଇଚ୍ଛୁକ ହୁଅନ୍ତେ ସ୍ୱାମିଜି ପ୍ରତ୍ୟାଖ୍ୟାନ କରି କହିଲେ, ''ମହାରାଜ, ମୁଁ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭ୍ରମଣ କରିବା ଲାଗି ସଂକଳ୍ପ କରିଛି । ମୋର ପରିବ୍ରାଜକ ବ୍ରତ ଉଦ୍‌ଯାପିତ ନ ହେବା ପର୍ଯ୍ୟନ୍ତ ମୁଁ କିଛି ବି ଗ୍ରହଣ କରିପାରିବି ନାହିଁ, ଅନ୍ୟ କୌଣସି କାର୍ଯ୍ୟରେ ହସ୍ତକ୍ଷେପ ମଧ୍ୟ କରିବି ନାହିଁ ।'' ନିରାଶ ହେଲେ ମହାରାଜା ଓ ଦେୱାନ । ବିଦାୟ ଦେବାବେଳେ ଦେୱାନ କୋଚିନ ରାଜ୍ୟର ଦେୱାନଙ୍କ ନିକଟକୁ ପରିଚୟ ପତ୍ର ଦେଇ କହିଲେ, ''ସ୍ୱାମିଜି; ମୋର ଗୋଟାଏ ଅନୁରୋଧ ଦୟାକରି ରକ୍ଷା କରିବେ । ଆପଣ ପଦବ୍ରଜରେ ଭ୍ରମଣ କରି ଶରୀରକୁ ଆଉ ଅଧିକ କଷ୍ଟ ଭୋଗ କରିବାକୁ ଦେବେ ନାହିଁ । କୋଚିନ୍‌ର ଦେୱାନ୍ ଆପଣଙ୍କ ପାଇଁ ଯାତ୍ରାର ସୁବନ୍ଦୋବସ୍ତ କରିଦେବେ ।''

ସ୍ୱାମିଜି କୋଚିନ୍‌ରେ ଅଳ୍ପଦିନ ବିଶ୍ରାମ କରି ରାମେଶ୍ୱର ଏବଂ ତା'ପରେ କନ୍ୟାକୁମାରୀ ଅଭିମୁଖେ ଯାତ୍ରା କଲେ । ସେଠାରେ ପହଞ୍ଚି ସେ ଦେଖିଲେ — ଗୋଟାଏ ପଟେ ଭାରତର ପୂର୍ଣ୍ଣାବୟବ ଏବଂ ଅପରପଟେ ଉଚ୍ଛ୍ୱସିତ ସୁନୀଳ ସାଗର । ବିମୁଗ୍ଧ ହୋଇଉଠିଲେ ସ୍ୱାମିଜି । ଦରିଆ ଭିତରେ ଦରବୁଡ଼ା ହୋଇ ରହିଥିବା ଭାରତ ଭୂଖଣ୍ଡର ଶେଷ ପଥର ଖଣ୍ଡିକ ଉପରେ ବସି ସେ ଭାବିବାକୁ ଲାଗିଲେ — ''ଗୁରୁଦେବଙ୍କ ଆଦେଶ ବାଣୀକୁ ଅନ୍ତରରେ ଧାରଣ କରି ସାରା ଭାରତ ଭ୍ରମଣ କଲି, ଏବେ ମୋର ପରିବ୍ରାଜକ ବ୍ରତ ଉଦ୍‌ଯାପିତ ହୋଇଛି । ଚତୁର୍ଦ୍ଦିଗରେ ହା ଅନ୍ନର ଚିତ୍କାର । ବର୍ତ୍ତମାନ ମୁଁ କ'ଣ କରିବି ? ଆଉ କି କାମ ମୋ ପାଇଁ ବାକି ରହିଲା ?''

କପର୍ଦ୍ଦକ ଶୂନ୍ୟ ସନ୍ନ୍ୟାସୀ ସେ, କଟୀର କୌପୀନ ମାତ୍ର ସମ୍ବଳ ତାଙ୍କର । ଭାରତର ପୁନରୁଦ୍ଧାର ପାଇଁ ସେ ବା କ'ଣ କରିପାରିବେ । ଏଭଳି ନୈରାଶ୍ୟବାଦରେ ଅନ୍ତର ତାଙ୍କର ଆଲୋଡ଼ିତ ହୋଇ ଉଠିଲା, ଆଖିରେ ବେଦନାର ଅଶ୍ରୁ । ହଠାତ୍ କିନ୍ତୁ ଏକ ଦିବ୍ୟଜ୍ୟୋତିଃ ଝଟକି ଉଠିଲା, ସେ ସ୍ୱତଃ କହି ଉଠିଲେ, ''ଶ୍ରୀଶ୍ରୀ ଗୁରୁଦେବଙ୍କ ଆଶୀର୍ବାଦରେ ଏହି ମହାନ୍ କାର୍ଯ୍ୟଭାର ମୁଁହିଁ ଗ୍ରହଣ କରିବି । ଏହି ବିସ୍ତୀର୍ଣ୍ଣ ସାଗର ପାର ହୋଇ ଭାରତର ଲକ୍ଷ ଲକ୍ଷ ଦରିଦ୍ର ଜନତାଙ୍କ ପ୍ରତିନିଧି ସ୍ୱରୂପ ମୁଁ ପାଶ୍ଚାତ୍ୟ ଦେଶକୁ ଯିବି । ସେଠାରେ ଧୀ-ଶକ୍ତି ବଳରେ ଅର୍ଥୋପାର୍ଜନ କରି ସ୍ୱଦେଶକୁ ଫେରି ଆସିବି ଏବଂ ଅବଶିଷ୍ଟ ଜୀବନ ମାତୃଭୂମିର ଉନ୍ନତିକଳ୍ପେ ବ୍ୟୟ କରିବି । ଏହି ଚେଷ୍ଟାରେହିଁ ମୁଁ ମୋର ପ୍ରାଣ ବିସର୍ଜନ କରିବି ।''

ସୁଯୋଗ୍ୟ ସନ୍ତାନର ସଂକଳ୍ପରେ ଭାରତ ଜନନୀ ଉତ୍‌ଫୁଲ୍ଲିତ ହୋଇଉଠିଲେ, ଅନାଇ ରହିଲେ ସୌଭାଗ୍ୟକୁ ।

❑❑❑

স্বামী বিবেকানন্দ (৮)

# ତୁମରି ଇଚ୍ଛା ପୂର୍ଣ୍ଣ ହେଉ

## ସନ୍ତୋଷ କୁମାର ରଥ

ସ୍ୱାଧୀନତାର ସ୍ୱପ୍ନ ସେପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ହୃଦୟରେ ଚେଇଁ ନ ଥାଏ, ସ୍ୱାବଲମ୍ବୀ ହେବା ତ ଦୂରର କଥା । ସେତେବେଳକୁ ଊନବିଂଶ ଶତାବ୍ଦୀର ଶେଷ ଦଶକର ପାହାନ୍ତି । ସ୍ୱାମିଜି ପରିବ୍ରାଜକ ବ୍ରତ ଗ୍ରହଣ କରି ଚିହ୍ନିନେଲେ ଭାରତକୁ ଆଉ ତା'ର ଆବୋରା ଅନ୍ଧକାରର ପ୍ରଚ୍ଛନ୍ନ ସ୍ୱରୂପକୁ । ଦେଖିଲେ ଦରିଦ୍ରରୂପୀ ଦାନବ ବସିଛି ଜନନୀଙ୍କ ହୃଦସିଂହାସନରେ, ଅଜ୍ଞାନତା ଓ ଆଳସ୍ୟ ତାହାର ପାର୍ଶ୍ୱଚର । ଆଖିରେ ତାଙ୍କର ତତଲା ଲୁହର ବନ୍ୟା । ସେ ଭାବିଲେ, ''ସତରେ, ଆମ୍ଭେମାନେ ଲକ୍ଷ ଲକ୍ଷ ସନ୍ନ୍ୟାସୀ ଏହିମାନଙ୍କ ଅନ୍ନରେ ଜୀବନ ଧାରଣ କରି ଏମାନଙ୍କ ଲାଗି କ'ଣ କରିଛୁ ? ସନ୍ନ୍ୟାସୀ କ'ଣ ଗୋଟାଏ ପରାଙ୍ଗପୋଷୀ, ନିଷ୍କର୍ମା, କର୍ତ୍ତବ୍ୟହୀନ ମଣିଷଟିଏ, ସେ କ'ଣ ଖାଲି ଦର୍ଶନଶାସ୍ତ୍ର ଶିକ୍ଷା ଦେବ ? ଧିକ୍ ତା ଜୀବନ ! ହେ ମୋର ପ୍ରିୟ ମାତୃଭୂମି, ଜନନୀ ମୋର, ମୁଁହିଁ ସାତ ଦରିଆ ପାର ହୋଇ ଭାରତର ଲକ୍ଷ ଲକ୍ଷ ଦରିଦ୍ର ଲୋକଙ୍କ ପ୍ରତିନିଧି ସ୍ୱରୂପ ପାଶ୍ଚାତ୍ୟ ଦେଶକୁ ଯିବି । ଗୁରୁଦେବଙ୍କ ଆଶୀର୍ବାଦରୁ ଏହି ମହାନ୍ କାର୍ଯ୍ୟର ଭାର ମୁଁହିଁ ଗ୍ରହଣ କରି ଅଧ୍ୟାତ୍ମିକ ଜ୍ଞାନ ବିନିମୟରେ ଅର୍ଥ-ଉପାର୍ଜନ କରି ସ୍ୱଦେଶକୁ ଫେରି ଆସିବି ।''

ବୈଶାଖୀ ଯେ ବର୍ଷା ଗୋଟାଉ ଥାଏ ଏକଥା ଜାଣି ବି ସଭିଏଁ ଅଜଣା । ଏଇଟାହିଁ ପ୍ରକୃତି । ଆଉ ମଣିଷ ତାହାରି ହାତରେ ବନ୍ଧା । ଅବଶ୍ୟ କୋଟିକେ ଗୋଟିଏ ମଣିଷ ଭିନ୍ନ ଦରର, ତା ପାଇଁ କଡ଼ି ନିଅଣ୍ଟ ପଡ଼େ । ସେହିଁ ହୁଗାଳି ଦିଏ ଅପରର ବନ୍ଧା କଡ଼ିକୁ । ସେତେବେଳେ ଥୋକେ ମୁକୁଳି ଯାଆନ୍ତି ।

ସ୍ୱାମିଜି ଥିଲେ ସେହି ଦରର ମଣିଷଟିଏ । ତାଙ୍କର ଅଭୀପ୍‌ସା କେବେ ବି ବ୍ୟର୍ଥ ହୋଇନି । ଠିକ୍ ସେହି ସମୟରେ ଯୁକ୍ତରାଷ୍ଟ୍ରର ଚିକାଗୋ ସହରରେ ଏକ ବିରାଟ ଧର୍ମ ମହାସଭାର ଆୟୋଜନ ବାର୍ତ୍ତା ସବୁ ଦେଶକୁ ପ୍ରସରି ଗଲା । ପ୍ରତି ଧର୍ମର ପ୍ରତିନିଧିମାନେ ସେଠାରେ ଯୋଗ ଦେବେ ଏବଂ ପ୍ରତ୍ୟେକ ଧର୍ମର ମୌଳିକତା ଉପସ୍ଥାପନା ସହ ସଦ୍‌ଭାବନା ଓ ସଙ୍ଗତି ସ୍ଥାପନା ଥିଲା ଆୟୋଜନର ପରିଭାଷା । ଏହି ପରିପ୍ରେକ୍ଷୀରେ ମାଡ୍ରାସର ଶିକ୍ଷିତ ଯୁବଗୋଷ୍ଠୀ ହିନ୍ଦୁଧର୍ମର ପ୍ରତିନିଧିରୂପେ ସ୍ୱାମିଜିଙ୍କୁ ନିର୍ବାଚନ କରିବା କଥାଟା ଦେଶର ଜନସାଧାରଣଙ୍କୁ ସମୀଚୀନ ମନେହେଲା । ବହୁ ବିଦ୍ୱାନ୍, ରାଜାରାଜୁଡ଼ା ମଧ୍ୟ ଏହାକୁ ସମର୍ଥନ ଜଣାଇଲେ । ମାଡ୍ରାସର ଉତ୍ସାହୀ ଯୁବକଗୋଷ୍ଠୀ ଜନସାଧାରଣଙ୍କଠାରୁ ଅର୍ଥ ସଂଗ୍ରହ କରି ସ୍ୱାମିଜିଙ୍କ ଯାତାୟାତ ଖର୍ଚ୍ଚ ବହନ କରିବାର ମସୁଧା କଲେ । ଖୁବ୍ ଶୀଘ୍ର ପାଞ୍ଚଶହ ଟଙ୍କା ଆଦାୟ ହୋଇଗଲା । ମନେହେଲା ପାଣି ବୁନ୍ଦାଏ ବୁନ୍ଦାଏରେ ପାତ୍ର ଭରିଦେବା ଅସମ୍ଭବ ନୁହେଁ । ସେହି ଅର୍ଥକୁ ଭେଟିଦେଲେ ସ୍ୱାମିଜିଙ୍କ ଶ୍ରୀଚରଣରେ ।

ସ୍ୱାମିଜି କିନ୍ତୁ ସେତେବେଳକୁ ନିଜ କୋର୍ଟ୍‌ରେ ନିଜେ ଆସାମୀ । ହାରଜିତ୍ ନୁହେଁ ନ୍ୟାୟ ଦେବାରେ ନିରପେକ୍ଷତା ଅବଲମ୍ବନ କରିବାହିଁ ଥିଲା ସେତେବେଳର ତାଙ୍କର ମାନସିକ ସନ୍ତୁଳନ । ସେ ମାପିବାକୁ ଚାହୁଁଥିଲେ କେଉଁଟା ଠିକ୍, ବିଦେଶ ଯାତ୍ରାର ସାମୂହିକ ପ୍ରସ୍ତୁତି ତାଙ୍କ ଇଚ୍ଛାର ପ୍ରତିଫଳନ ଅଥବା ତାହା ଭଗବାନଙ୍କର ମହତୀ ସଂକଳ୍ପ । ଦୁଇଟି ମଧ୍ୟରୁ କେଉଁଟିକୁ ସେ ଗ୍ରହଣ କରିନେବେ । ପୁଣି ଭାବିଲେ ଏତେ ବଡ଼ ଧର୍ମ ଯାହା ସନାତନ; ଶାଶ୍ୱତ ଯାହାର ଅବଧି ତାହାର ପ୍ରତିନିଧି ହେବା ପାଇଁ ସେ କ'ଣ ସତରେ ଯୋଗ୍ୟ ? ଏହି ଧର୍ମର ସୁରକ୍ଷା ପାଇଁ ଯୁଗେ ଯୁଗେ ସ୍ୱୟଂ ପୁରୁଷୋତ୍ତମ ଅବତରି ଆସିଛନ୍ତି, ଧର୍ମକୁ ସଂସ୍ଥାପନା କରିଛନ୍ତି । ଠାକୁର ନିଜେ ରାମ ଓ କୃଷ୍ଣଙ୍କର ବିଭାବକୁ ନିଜ ଶରୀରରେ ଧାରଣ କରିଥିଲେ । ସେ କ'ଣ ଏଥିପାଇଁ ତାଙ୍କୁ ନିର୍ବାଚନ କରୁଛନ୍ତି ?

ନିଜର ଇଚ୍ଛାକୁ କଷଟି ଉତ୍ତଳ କରିବା ଉଦ୍ଦେଶ୍ୟରେ ସେ ଟିକିଏ କଠୋର ହୋଇ ଉଠିଲେ । ଶ୍ରଦ୍ଧାବାନ୍ ଶିଷ୍ୟମାନଙ୍କର ସଂଗୃହୀତ ଅର୍ଥକୁ ତାଙ୍କରି ହାତରେ ପ୍ରତ୍ୟାର୍ପଣ କରି କହିଲେ, ''ବତ୍ସଗଣ ! ମୁଁ ଶ୍ରୀଶ୍ରୀଜଗନ୍ମାତାଙ୍କ ହାତରେ ଯନ୍ତ୍ରଟିଏ ମାତ୍ର । ତାଙ୍କ ଇଚ୍ଛାହେଲେ ସେ ମୋତେ ବିଦେଶ ପଠାଇବେ । ତୁମ୍ଭେମାନେ ଏହି ଟଙ୍କା ଦରିଦ୍ର-ନାରାୟଣଙ୍କ ସେବାରେ ବ୍ୟୟ କର । ଦେଖାଯାଉ ମା'ଙ୍କର କ'ଣ ଇଚ୍ଛା ।''

ସମୁଦ୍ରର ଜୁଆର କୂଳ ଲଙ୍ଘିବାକୁ ଚାହିଁଲେ ତାକୁ କେହି

ରୋକି ପାରେ ନି, ଏକଥା ଶିଷ୍ୟମାନଙ୍କୁ ଜଣା ଥିଲା । ସବୁ ଆଶା ତାଙ୍କର ବ୍ୟର୍ଥ ହେଲା । ସ୍ୱାମିଜିଙ୍କ ଅଗ୍ରାହ୍ୟକୁ ଅନାଗ୍ରହରେ ଗ୍ରହଣ କଲେ । ମାତ୍ର ସ୍ୱାମିଜି ବୁଝିପାରିଲେ ସେମାନଙ୍କର ହତୋତ୍ସାହ । ପ୍ରବୋଧନା ଦେଇ କହିଲେ, ''ମୁଁ ସନ୍ନ୍ୟାସୀ, ନିଜର ଇଚ୍ଛାକୁ ସଂକଳ୍ପ କରି କୌଣସି କାର୍ଯ୍ୟ କରିବା ମୋ ପକ୍ଷରେ ଉଚିତ ନୁହେଁ । ଯଦି ଏହା ଭଗବାନଙ୍କର ଇଚ୍ଛା, ସେ ଉପାୟ ନିର୍ଦ୍ଧାରଣ କରିବେ । ଯାହା ବିଧି ନିର୍ଦ୍ଦିଷ୍ଟ ତାହା ଅନିବାର୍ଯ୍ୟ । ତୁମ୍ଭେମାନେ ବ୍ୟସ୍ତ ହୁଅ ନାହିଁ ।''

ହାଇଦ୍ରାବାଦର ନିଜାମଙ୍କ ନିମନ୍ତ୍ରଣକୁ ଏଡ଼ାଇ ନ ପାରି ସ୍ୱାମିଜି ଅଳ୍ପ କେତେଟା ଦିନ ପାଇଁ ହାଇଦ୍ରାବାଦ ଗଲେ । ସେଠାରେ ଷ୍ଟେସନରେ ପହଞ୍ଚିବା କ୍ଷଣି ସମବେତ ଜନତା ଜୟଧ୍ୱନି କରି ବହୁ ଆଦରରେ ତାଙ୍କୁ ପାଛୋଟି ନେଲେ । ସ୍ୱାମିଜି ରାଜମହଲରେ ଥିବା ସମୟରେ ବହୁ ପଣ୍ଡିତ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ହିନ୍ଦୁ ଧର୍ମ, ମୁସଲମାନ ଧର୍ମ ଓ ଖ୍ରୀଷ୍ଟ ଧର୍ମର ମୂଳ ସୂତ୍ରଗୁଡ଼ିକୁ ଏତେ ସୁନ୍ଦର ଭାବରେ ବ୍ୟାଖ୍ୟା କରି ସମଞ୍ଜସତା ପ୍ରତିଷ୍ଠା କଲେ ଯେ ମନେ ହେଲା ସତେ ଯେମିତି ପ୍ରତ୍ୟେକ ପ୍ରତ୍ୟେକର ପରିପୂରକ । ନବାବ ବାହାଦୁର ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କର ବିଦେଶ ଗସ୍ତ ନିମିତ୍ତ ଏକ ହଜାର ଟଙ୍କା ଦେବାକୁ ଆଗ୍ରହୀ ହୁଅନ୍ତେ ସ୍ୱାମିଜି କହିଲେ, ''ନବାବ ସାହେବ ! ଏଥିପୂର୍ବରୁ ମହୀଶୂରର ମହାରାଜା ମୋ ଗସ୍ତର ସମସ୍ତ ବ୍ୟୟ ଭାର ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିଲେ କିନ୍ତୁ ମୋର ମନେହୁଏ, ଏବେ ବି ସମୟ ଆସି ନାହିଁ । ଯଦି କେବେ ପାଶ୍ଚାତ୍ୟ ଦେଶକୁ ଯିବା ଲାଗି ଭଗବାନଙ୍କର ଆଦେଶ ପାଏ, ତେବେ ଆପଣଙ୍କ ନିବେଦନ ଗ୍ରହଣ କରିବି ।''

ସ୍ୱାମିଜି ପୁନର୍ବାର ମାଡ୍ରାସ ଫେରି ଆସିଲେ । ଭିତରର ଦ୍ୱନ୍ଦ୍ୱ କିନ୍ତୁ ଦୋଛକି ରାସ୍ତାରେ ଚକର ଖାଉଥାଏ – ''ଗୁରୁଦେବଙ୍କର ମୋ ପାଇଁ କି ଆଜ୍ଞା, କାହିଁ କିଛି ତ କହିଲେ ନାହିଁ । କେତେଥର ତ ମୋ ଆଗରେ କହିଥିଲେ, 'ତୋର ସମସ୍ତ ଉପଲବ୍ଧି ଏବେ ତାଲା ପଡ଼ି ରହିଲା । ଆଉ ଚାବି ମୋ ପାଖରେ ରହିଲା । ତୁ ମା'ଙ୍କର ଯେଉଁ କାର୍ଯ୍ୟ କରିବାକୁ ଆସିଛୁ, ତାହା ଶେଷ ହୋଇଗଲେ ତୁ ପୁଣି ଏହା ଫେରି ପାଇବୁ ।' ତେବେ କ'ଣ ବିଦେଶଯାତ୍ରାରେ ମା' ଠାକୁରାଣୀଙ୍କର ସମ୍ମତି ନାହିଁ ? ଏହା କ'ଣ ତାଙ୍କରି କାର୍ଯ୍ୟ ନୁହେଁ ? ଭାରତର ପୁନରୁତ୍ଥାନ କ'ଣ ସ୍ୱପ୍ନ ମାତ୍ର ।''

ସଂଶୟକୁ ସମାଦର କରିବାର ସମୟ ଶେଷ ହେଲା । ସ୍ୱାମିଜି ହଠାତ୍ ଦିନେ ସ୍ୱପ୍ନରେ ଦେଖିଲେ – ସେ ସମୁଦ୍ରକୂଳରେ ଠିଆ ହୋଇରହିଛନ୍ତି । ଶ୍ରୀରାମକୃଷ୍ଣ ତାଙ୍କ ଦିବ୍ୟଶରୀରରେ ସେହି ବିସ୍ତୀର୍ଣ୍ଣ ଜଳରାଶି ଉପରେ ପଦବ୍ରଜରେ ଅଗ୍ରସର ହେଉଛନ୍ତି ପଶ୍ଚିମକୁ ଏବଂ ତାଙ୍କୁ ଅନୁସରଣ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ଏହା ଯେ ତାଙ୍କ ବିଦେଶଯାତ୍ରା ନିମିତ୍ତ ଗୁରୁଦେବଙ୍କ ସମ୍ମତି ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ମାତ୍ର ମା'ଙ୍କଠାରୁ ଅନୁମତି ଓ ଆଶୀର୍ବାଦ ନ ପାଇଲେ ସେ କ'ଣ କେବେ ବି ଯାଇପାରିବେ ? ସ୍ୱାମିଜି ଅନେକ ଭାବିଚିନ୍ତି ଶେଷରେ ମା' ସାରଦାଦେବୀଙ୍କ ନିକଟକୁ ପତ୍ର ଖଣ୍ଡିଏ ଲେଖିଲେ । ପ୍ରାଣାଧିକ ପୁତ୍ର ନରେନ୍‌କୁ ପାଖଛଡ଼ା କରିବା ପାଇଁ ମା' ଠାକୁରାଣୀ ସଂପୂର୍ଣ୍ଣ ନାରାଜ ଥିଲେ । ଶେଷରେ ଠାକୁରଙ୍କ କଥା ସ୍ମରଣ କରି ଜଗତର କଲ୍ୟାଣ ନିମନ୍ତେ ନିଜର ହୃଦୟକୁ ପଥର କଲେ – କାହ୍ନା ତ କେବଳ ଗୋପର ନୁହେଁ ସେ ବି ମଥୁରାର ।

ମା'ଠାକୁରାଣୀଙ୍କ ସମ୍ମତି ପତ୍ର ପାଇ ସ୍ୱାମିଜି ଆନନ୍ଦରେ ଅଧୀର ହୋଇ ଉଠିଲେ । ପତ୍ରଖଣ୍ଡିକ ମୁଣ୍ଡରେ ଲଗାଇ ବାଳକପରି ନାଚି ନାଚି ଧାଇଁଲେ ସମୁଦ୍ରକୂଳକୁ । ସେଠାରେ ଶିଷ୍ୟ ଓ ଭକ୍ତଗଣଙ୍କୁ ଦେଖି ଉଚ୍ଛ୍ୱସିତ କଣ୍ଠରେ ଘୋଷଣା କଲେ, ''ବତ୍ସଗଣ ! ଶ୍ରୀଶ୍ରୀମା'ଙ୍କ ଆଦେଶ ପାଇଛି । ଏବେ ମୋର ସମସ୍ତ ସଂଶୟ-ଭାବନା ଦୂର ହୋଇଛି । ମୁଁ ଏବେ ଆମେରିକା ଯିବାକୁ ପ୍ରସ୍ତୁତ । କରୁଣାମୟୀ ଜନନୀ ଆଶୀର୍ବାଦ କରିଛନ୍ତି; ଆଉ ଚିନ୍ତା କ'ଣ ? ଏବେ ମୋ ପାଇଁ ଅର୍ଥ ସଂଗ୍ରହ କର । ରାଜା, ମହାରାଜାଙ୍କଠାରୁ ନୁହେଁ, ଜନସାଧାରଣଙ୍କଠାରୁ ଭିକ୍ଷା କରି ଅର୍ଥ ସଂଗ୍ରହ କର । ମୁଁ ତାଙ୍କରି ମୁଖପାତ୍ର ରୂପେ ଯିବାକୁ ଚାହେଁ ।''

ଆଉ ଏକ ଅଭାବନୀୟ ଅସୁବିଧାରେ ପଡ଼ିଲେ ସ୍ୱାମିଜି । ଖେତଡ଼ିର ମହାରାଜା ମଙ୍ଗଳ ସିଂହଙ୍କଠାରୁ ନିମନ୍ତ୍ରଣ ପତ୍ର ଧରି ମୁନ୍‌ସିଜି ଆସି ମାଡ୍ରାସରେ ପହଞ୍ଚିଲେ । ବଡ଼ ଅନୁନୟ ହୋଇ କହିଲେ, ''ଗୁରୁଜି ! ଆପଣଙ୍କ ଆଶୀର୍ବାଦରୁ ମହାରାଜା ପୁତ୍ର ସନ୍ତାନ ଲାଭ କରିଛନ୍ତି । କୁମାରଙ୍କର ଅନ୍ନପ୍ରାଶନ ଉତ୍ସବରେ ଆପଣଙ୍କୁ ଅନ୍ତତଃ ଦିନକ ପାଇଁ ଶେତଡ଼ି ଯିବାକୁ ହେବ । ଅନ୍ୟଥା ରାଜାସାହେବ ଦାରୁଣ ଆଘାତ ପାଇବେ । ଦୟାକରି ଆପଣ ନାହିଁ କରନ୍ତୁ ନାହିଁ । ଅମେରିକା ଯିବା ପାଇଁ ଆପଣଙ୍କର ଭାବିବାର କୌଣସି ପ୍ରୟୋଜନ ନାହିଁ, ମହାରାଜା ସବୁ ବନ୍ଦୋବସ୍ତ କରିଦେବେ । ଆପଣ ମୋ ସହିତ ଚାଲନ୍ତୁ ।''

ଶେଷରେ ବମ୍ବେଠାରୁ ଆମେରିକା ଯିବାର ପ୍ରସ୍ତାବ ସ୍ଥିର

ହେଲା; ସ୍ୱାମିଜି ମାଡ୍ରାସରୁ ବିଦାୟ ନେଲେ । ବିଶ୍ୱବିଦ୍ୟାଳୟର ଉଚ୍ଚତମ-ଉପାଧିଧାରୀ ଯୁବଗୋଷ୍ଠୀ, ଅଧ୍ୟାପକ ଓ ଶିଷ୍ୟବର୍ଗ ରାଜପଥରେ ଅଶ୍ରୁପୂର୍ଣ୍ଣ ନୟନରେ ପ୍ରଣିପାତ ଜଣାଇଲେ । ସ୍ୱାମିଜି ବ୍ୟଥିତ ହୃଦୟରେ ଖେତଡ଼ି ଯାତ୍ରାକଲେ ।

ସ୍ୱାମିଜିଙ୍କୁ ପାଇ ମହାରାଜା ଅଜିତ ସିଂଙ୍କ ହୃଦୟ ଆନନ୍ଦରେ ଉତ୍‌ଫୁଲ୍ଲିତ, ସତେ ଯେମିତି ମେଘ ଛୁଆଁ ମନ୍ଦିର ଚୂଡ଼ାର ନେତ । ଉତ୍ସବ ପରେ ପରେ ମହାରାଜା ବିଦେଶ ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ କରିବା ପାଇଁ ମୁନ୍‌ସିଙ୍କୁ ନିର୍ଦ୍ଦେଶ ଦେଲେ । ଏକଥା ମଧ୍ୟ ସ୍ପଷ୍ଟ କରିଦେଲେ ଯେ ରାଜ୍ୟର ସାଧାରଣ ତହବିଲରୁ ଟଙ୍କା ଖରଚ ହେବାରେ ଯଦି ପ୍ରତିବାଦ ଆସେ ତେବେ ସେ ତାହା ନିଜ ତହବିଲରୁ ଖରଚ କରିବେ । ମାତ୍ର ସ୍ୱାମିଜିଙ୍କର ଯାତ୍ରାରେ ଯେମିତି କୌଣସି ଅସୁବିଧା ନ ହୁଏ । ସ୍ୱାମିଜିଙ୍କ ପାଇଁ ପ୍ରଥମ ଶ୍ରେଣୀର ଟିକେଟ ସହ ରେଶମର ଆଲଖାଲ୍ଲା, ପଗଡ଼ି, ଜୋତା ଆଦି ନୂତନ ପୋଷାକ ପରିଚ୍ଛଦର ବ୍ୟବସ୍ଥା କରିଦିଆ ଗଲା ।

ସେଦିନ ଥିଲା ୧୮୯୩ ମସିହା ମେ ୩୧ ତାରିଖ । ଓରିୟେଣ୍ଟ କମ୍ପାନୀର 'ପେନିନ୍‌ସୁଲା' ଜାହାଜ ସ୍ୱାମିଜିଙ୍କୁ ବକ୍ଷରେ ଧରି ଆଗେଇ ଚାଲିଲା ଚିକାଗୋ ଅଭିମୁଖେ । ଡେକ୍ ଉପରେ ଠିଆ ହୋଇ ରହିଥିଲେ ସ୍ୱାମିଜି, ଅପଲକ ନେତ୍ର, ଦିଗହଜା ଦୃଷ୍ଟି । ଭାରତର ଶ୍ୟାମଳ ଛବି ଖଣ୍ଡିକ କ୍ରମେ ଅସ୍ପଷ୍ଟ ହୋଇଉଠିଲା, ହଜିଗଲା ସାଗର ବକ୍ଷରେ । ଅନ୍ତରରୁ ତାଙ୍କର ଉବୁକି ଉଠିଲା ହାବୁକାଏ କୋହ, ''ହେ ରହସ୍ୟମୟ ଆତ୍ମାରାମ ଗୁରୁଦେବ ! ତୁମେ ମୋତେ କ'ଣ ନିଷ୍କୃତି ଦେବ ନାହିଁ । ମୁଁ ଯେ ଆଜି ଭାରତମାଆର ପବିତ୍ର କୋଳ ଛାଡ଼ି ଯାଉଛି ଭୋଗଭୂମି ପାଶ୍ଚାତ୍ୟ ଦେଶକୁ । ତୁମରି ଇଚ୍ଛା ପୂର୍ଣ୍ଣ ହେଉ ।''

❑❑❑

## ସ୍ୱାମୀ ବିବେକାନନ୍ଦ (୯)

# ଉଦ୍‌ବୋଧନ

## ସନ୍ତୋଷ କୁମାର ରଥ

ଆକାଶ ଓ ସାଗରର ବୈଚିତ୍ର୍ୟପୂର୍ଣ୍ଣ ବର୍ଣ୍ଣବିଭାରେ ବିଭୋର ହୋଇ ଉଠୁଥିଲେ ସ୍ୱାମିଜି, ଜାହାଜର ଡେକ୍ ଉପରୁ । ମାତ୍ର ଅନ୍ତରରେ ଘୁଣ ଖାଉଥାଏ ଭାରତର ଦରିଦ୍ରତା, ଲକ୍ଷ ଲକ୍ଷ ଜନତାଙ୍କର ହା ଅନ୍ନର ହୁତାଶନ । ଯାତ୍ରୀ ସିନା ଶୋଇଯାଏ ହେଲେ ଜାହାଜର କ୍ୟାପ୍‌ଟେନ୍ କ'ଣ ଶୋଇ ପାରିବ, ସେ ଯେ କର୍ଣ୍ଣଧାର । ସ୍ୱାମିଜି ଆଙ୍କୁଥିଲେ ଆଗାମୀ ଭାରତର ନକ୍‌ସା । ଜଳ ଭଉଁରୀ ପରି ଥଳକୂଳ ହରାଉଥିଲେ କାହିଁ କେତେ ଭାବନା । ମାତ୍ର ସେହି ଭାବନାର ପ୍ରତିଟି ପ୍ରତିଧ୍ୱନିରେ ସେ ଶୁଣୁଥିଲେ ସେହି ଗୋଟିଏ କଥା – ଭାରତର ଯଦି ମୃତ୍ୟୁ ହୋଇଯିବ, ତା'ହେଲେ ଜଗତରୁ ସମସ୍ତ ଆଧ୍ୟାତ୍ମିକତା ଲୋପ ପାଇଯିବ । ନୈତିକତାର ସମସ୍ତ ମହାନ୍ ଆଦର୍ଶ ଲୋପ ପାଇଯିବ, ଧର୍ମ ପ୍ରତି ସମସ୍ତ ଆନ୍ତରିକ ମଧୁର ସହାନୁଭୂତି ଲୋପ ପାଇଯିବ । ଏ ପ୍ରକାର ଅବସ୍ଥା କିନ୍ତୁ କଦାପି ହୋଇ ନ ପାରେ ।... ଭାରତ ପୁନର୍ବାର ଉଠିବ, କିନ୍ତୁ ଜଡ଼ଶକ୍ତିରେ ନୁହେଁ, ଚୈତନ୍ୟର ଶକ୍ତିରେ; ଧ୍ୱଂସର ପତାକା ଉଡ଼ାଇ ନୁହେଁ, ଶାନ୍ତି ଓ ପ୍ରେମର ପତାକା ଉଡ଼ାଇ । ଏଥିପାଇଁ ଦରକାର – ବିଶ୍ୱାସ, ଦୃଢ଼ ବିଶ୍ୱାସ । ଠାକୁରଙ୍କ ଚରଣରେ ଅର୍ପଣ କଲେ ସବୁ ଭାବନାକୁ ।

ସ୍ୱାମିଜି ହିନ୍ଦୁ ଧର୍ମର ପ୍ରତିନିଧି ରୂପେ ଚିକାଗୋ ଯାଉଛନ୍ତି, ଏକଥା ଜାଣିଥିଲେ ବି ଅନୁପସ୍ଥିତ ଜନିତ ଅଜଣା ଦୁଃଖ ସଂକ୍ରମିତ ହୋଇଗଲା ସଖା, ସମର୍ଥକ ଓ ଶୁଭାକାଙ୍କ୍ଷି- ବୃନ୍ଦଙ୍କୁ । କେହି କେହି ନିଜର କୁହୁଳା କୋହକୁ ଚାପି ନ ପାରି ଅଶ୍ରୁ ବିସର୍ଜନ କଲେ । ଆତ୍ମୀୟତାର ଆଶ୍ଳେଷ ଆହୁରି ଘନୀଭୂତ ହେଲା । କଥାଟା ଅଚିରେ ରାଷ୍ଟ୍ର ହୋଇଗଲା । ଅଜଣା ଲୋକ ବି ଶୁଣାଶୁଣିରେ ହାୟ ହାୟ ହେଲେ ଆଉ ବୁଝିଲେ ହଜିଲା ମାଣିକ୍ୟର ମୂଲ । ତାଙ୍କ କୁହା କଥା, ତାଙ୍କ ଲେଖା ଚିଠି ଲୋକେ ପେଡ଼ିରେ ରଖିଲେ । ଦୁଃଖ ବିପତ୍ତିରେ କେତେ ସାହା ନ ହୋଇଛି ସତେ ସେଇ କଥା ଦି' ପଦ, ଜଣେ ତା' ସାଇତା ଚିଠି ଖଣ୍ଡକୁ ପୁଣିଥରେ ପଢ଼ିଲା, ଶୁଣିଲା ସ୍ୱାମିଜିଙ୍କ ସ୍ୱର ଯେମିତି କହୁଛି, ''ସତ୍ ପ୍ରକୃତିର ଲୋକମାନେ ମଧ୍ୟ ଏମିତି ନାନା ପ୍ରକାର ଦୁଃଖର ଆବର୍ତ୍ତ ମଧ୍ୟରେ ପଡ଼ିଥା'ନ୍ତି – ଏହା ବି ଜଗତର ବିଧାନ । ମାତ୍ର ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ଯେଉଁ ଆଘାତ ପାଇଛନ୍ତି ତାହା ଆପଣଙ୍କୁ ସେହି ବିରାଟ ସତ୍ତାର ସମୀପବର୍ତ୍ତୀ କରିବ – ଯାହା ଇହଲୋକ ଓ ପରଲୋକରେ ଏକମାତ୍ର ପ୍ରେମର ଆସ୍ୱଦ । ତା'ହେଲେ ସେ ଯେ ସର୍ବକାଳରେ ସର୍ବଭୂତଙ୍କ ଅନ୍ତରାତ୍ମାରେ ଅଧିଷ୍ଠିତ ଏବଂ ତାଙ୍କଠାରେ ଯେ ସମସ୍ତ ଜଗତ୍ ସ୍ଥିତ ଓ ଲୁପ୍ତ, ତାହା ଆପଣ ଉପଲବ୍ଧି କରିପାରିବେ । ଓଁ ତତ୍ ସତ୍, ଓଁ ଶାନ୍ତି ।''

ଭାରତ ଭୂଖଣ୍ଡର ଧୂସର ଛାୟା କ୍ରମେ ବିଲୀନ ହୋଇଗଲା । ଜାହାଜ ଆଗେଇ ଚାଲିଲା କଲମ୍ବୋ ଅଭିମୁଖେ । କଲମ୍ବୋରୁ ମାଳୟ ଓ ସିଙ୍ଗାପୁର ଦେଇ ଜାହାଜ ପହଞ୍ଚିଲା ହଂକଂରେ । ଚୀନଦେଶର ଏହା ଏକ ଅତି ସୁନ୍ଦର ଓ ବଡ଼ ସହର – ପାହାଡ଼ର ଢାଲୁ ଉପରେ ନିର୍ମିତ । ଜାହାଜ ପ୍ରାୟ ତିନି ଦିନ ରହିବାରୁ ସ୍ୱାମିଜି ଚୀନ ଦେଶର ସଭ୍ୟତା, ସଂସ୍କୃତି ଓ ଅର୍ଥନୈତିକ ମାନଦଣ୍ଡ ଉପରେ ବେଶ୍ କିଛି ତଥ୍ୟ ସଂଗ୍ରହ କରି ପାରିଲେ । ସେ ଦେଖିଲେ ଦେଶର ପୁରୁଷମାନଙ୍କଠାରୁ ସ୍ତ୍ରୀମାନେ ଅଧିକ କର୍ମଠ । ମା' କଙ୍ଗାରୁ ତା'ର ଛୁଆକୁ ପେଟ ପାଖରେ ଥଳିରେ ପୂରାଇ ବୁଲିଲା ଭଳି ଚୀନ ଦେଶର ମା'- ମାନେ ତାଙ୍କ ପିଲାଙ୍କୁ ପିଠିରେ ଧରି ବୁଲୁଥା'ନ୍ତି । ମାଝିର ସ୍ତ୍ରୀ ହାଲ ପାଖରେ ବସି ନୌକା ବାହୁଥାଏ, ପିଲା ଝୁଲୁଥାଏ ପିଠିରେ । ବେଳ ପଡ଼ିଲେ ସେ ନୌକାରୁ ନୌକାକୁ ଡେଇଁ ପଡ଼େ । ଅଦ୍ଭୁତ ସେ ଦୃଶ୍ୟ । ପିଲାଟିର ବି ଡରଭୟ ଟିକିଏ ନ ଥାଏ । ସେ ମଧ୍ୟ ବେଶ୍ ତତ୍‌ପର, କର୍ମଚଞ୍ଚଳ – ପର୍ଯ୍ୟବେକ୍ଷଣକୁ ଆୟୁଧ କରି । ଯେତେବେଳେ ଭାରତୀୟ ପିଲା ଗୁରୁଣ୍ଡିବାକୁ ଅକ୍ଷମ, ସେହି ବୟସରେ ସେ ମା'କୁ ଅନୁକରଣ କରି କାମ କରିବାକୁ ଆଗଭର । ସେଥିପାଇଁ ସେମାନେ ଏତେ କର୍ମଠ, ଦେଶର ଅର୍ଥନୈତିକ ମାନଦଣ୍ଡ ଏତେ ସୁଦୃଢ଼ ।

ସ୍ୱାମିଜିଙ୍କର ଦୃଷ୍ଟି ଆକର୍ଷଣ କଲା ଭାସମାନ ଅଟ୍ଟାଳିକା ଶ୍ରେଣୀ । ସେସବୁ ବଡ଼ ବଡ଼ ନୌକା ଉପରେ ନିର୍ମିତ ହୋଇଥିଲେ; ସୁ-ଉଚ୍ଚ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ । ଘରର ଚାରିକଡ଼ରେ

ବାରଣ୍ଡା – ମଝିରେ ରାସ୍ତା ଯାଇଥାଏ ଏ ଘରରୁ ସେ ଘରକୁ । ହଜାର ହଜାର ନୌକା ନିର୍ମିତ ଘରଗୁଡ଼ିକୁ ଦେଖିଲେ ସେମାନେ ଯେ ଭାସମାନ ଏକଥା ପ୍ରତ୍ୟୟ ହୁଏ ନି ବରଂ ଲାଗେ ଭୂଖଣ୍ଡର ଏହା ଏକ ବିସ୍ତାରିତ ଅଂଶ । ସତରେ ପ୍ରକୃତି କେତେ ବୈଚିତ୍ର୍ୟମୟ !

ଜାହାଜ ଆଗେଇଲା ଜାପାନ ଅଭିମୁଖେ । ସ୍ୱାମିଜି ନୀରବରେ ବସି ଚିନ୍ତା କରୁଥା'ନ୍ତି ଭାରତର ଐତିହ୍ୟ ଓ ପରମ୍ପରାର ମହାନତାକୁ । ଚିନ୍ତା କରୁଥା'ନ୍ତି ଅବକ୍ଷୟର କାରଣ – କାହିଁକି ଭାରତର ଏ ଦୁରବସ୍ଥା ? କାହିଁକି ନିଜର ସ୍ୱାବଲମ୍ବିତାକୁ ସମ୍ବଳ କରିବା ପାଇଁ ସେ ଆଜି ଅକ୍ଷମ ? ପରମୁଖାପେକ୍ଷିତାରୁ ତା'ର କ'ଣ ମୁକ୍ତି ନାହିଁ ? ଗଭୀର ରାତିହିଁ ସୂର୍ଯ୍ୟୋଦୟର ହେତୁ । ଜାପାନରେ ପହଞ୍ଚି ସ୍ୱାମିଜି ପାଇଲେ ଏକ ନୂତନ ଦିଶା । ସେ ଉଦ୍‌ବୁଦ୍ଧ ହୋଇ ଉଠିଲେ । ପରବର୍ତ୍ତୀ କାଳରେ ସେ ଲେଖିଥିବା ଚିଠିରୁ ମିଳେ ତା'ର ଝଲକ :

''ମୁଁ ଜାପାନର ତିନୋଟି ବଡ଼ ବଡ଼ ସହର ଦେଖିଛି । ... ଦେଖିଲେ ଜଣାପଡ଼େ ଜାପାନୀମାନେ ବର୍ତ୍ତମାନ କାଳରେ କ'ଣ ପ୍ରୟୋଜନ, ତାହା ବୁଝିପାରିଛନ୍ତି । ସେମାନେ ସମ୍ପୂର୍ଣ୍ଣ ଜାଗରିତ ହୋଇଛନ୍ତି । ଏମାନଙ୍କର ଯେଉଁ ଜିନିଷ ଅଭାବ, ତାହାକୁ ନିଜ ଦେଶରେ ତିଆରି କରିବାକୁ ଚେଷ୍ଟା କରନ୍ତି ।

''ମୁଁ ଏମାନଙ୍କର ଅନେକ ଗୁଡ଼ିଏ ମନ୍ଦିର ଦେଖିଲି । ପ୍ରତି ମନ୍ଦିରରେ କେତେକ ସଂସ୍କୃତ-ମନ୍ତ୍ର ପ୍ରାଚୀନ ବଙ୍ଗଳା ଅକ୍ଷରରେ ଲେଖାଅଛି । ମନ୍ଦିରର ପୁରୋହିତମାନଙ୍କ ମଧ୍ୟରୁ ଅଳ୍ପ ସଂଖ୍ୟକ ସଂସ୍କୃତ ବୁଝନ୍ତି । ଏମାନେ ବେଶ୍ ବୁଦ୍ଧିମାନ୍ । ବର୍ତ୍ତମାନ କାଳରେ ସର୍ବତ୍ର ଉନ୍ନତି ପାଇଁ ଯେଉଁ ତୃଷ୍ଣା ଦେଖାଯାଏ, ତାହା ପୁରୋହିତମାନଙ୍କ ମଧ୍ୟରେ ପ୍ରବେଶ କରିଛି । ଜାପାନୀମାନଙ୍କ ସମ୍ବନ୍ଧରେ ମୋର ଅନେକ କଥା କହିବାର ଅଛି, ମାତ୍ର ଚିଠିରେ ଲେଖିବା ସମ୍ଭବ ନୁହେଁ । ଆମ ଦେଶର ଯୁବକମାନେ ଦଳ ହୋଇ ପ୍ରତିବର୍ଷ ଚୀନ ଓ ଜାପାନ ଯାଆନ୍ତୁ । ଜାପାନ ଯିବା ବିଶେଷ ଦରକାର ।

''ଆସ, ଏମାନଙ୍କୁ ଦେଖିଯାଅ । ଯିବା ପରେ ଲଜ୍ଜାରେ ମୁହଁ ଲୁଚାଇବ । ଭାରତର ସତେ ଯେପରି ଜରାଜୀର୍ଣ୍ଣ ଅବସ୍ଥା ହୋଇ ବୁଦ୍ଧିଭ୍ରଂଶ ହୋଇଛି । ତୁମେମାନେ ଦେଶଛାଡ଼ି ବାହାରକୁ ଗଲେ ତୁମର ଜାତି ଯାଏ ! ହଜାର ହଜାର ବର୍ଷର ଏଇ ଜମାଟବନ୍ଧା କୁସଂସ୍କାରକୁ ମୁଣ୍ଡରେ ଧରି ବସିଛ ! ହଜାର ହଜାର ବର୍ଷ ଧରି ଖାଦ୍ୟାଖାଦ୍ୟର ଶୁଦ୍ଧାଶୁଦ୍ଧତା ନେଇ ଶକ୍ତିକ୍ଷୟ କରୁଛ ! ନିର୍ବୋଧ ତୁମେମାନେ । ହାତରେ ବହି ଧରି ସମୁଦ୍ର ତୀରରେ ପଦଚାରଣ କରୁଛ !... ତୁମମାନଙ୍କର ପ୍ରାଣ, ମନ କିରାଣିଗିରି କରିବାରେ ପଡ଼ି ରହିଛି, ନୋହିଲେ ଖୁବ୍ ଜୋର୍‌ରେ ଗୋଟାଏ ଦୁଷ୍ଟ ଓକିଲ ହେବାର ମତଲବ କରୁଛି । ଏହାହିଁ ଭାରତୀୟ ଯୁବକଗଣଙ୍କ ସର୍ବୋଚ୍ଚ ଆକାଙ୍କ୍ଷା ।

''ଆସ, ମନୁଷ୍ୟ ହୁଅ । ପ୍ରଥମେ ଦୁଷ୍ଟ ପୁରୋହିତମାନଙ୍କୁ ବାହାର କରିଦିଅ, କାରଣ ଏଇ ମସ୍ତିଷ୍କହୀନ ଲୋକଗୁଡ଼ାକ କେବେହେଲେ ବାଟକୁ ଆସିବେ ନାହିଁ । ସେମାନଙ୍କର ହୃଦୟ କେବେହେଲେ ପ୍ରସାର ଲାଭ କରିବ ନାହିଁ । ... ନିଜ ନିଜର ସଂକୀର୍ଣ୍ଣ ଗର୍ତ୍ତରୁ ବାହାରି ଆସି ଦେଖ – ସବୁଜାତି କିପରି ଉନ୍ନତି ପଥରେ ଚାଲିଛନ୍ତି ! ତୁମେ କ'ଣ ମଣିଷକୁ ଭଲପାଅ ? ତୁମେ କ'ଣ ଦେଶକୁ ଭଲପାଅ ? ତାହେଲେ ଆସ ଆମେ ଭଲ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବା । ପଛକୁ ଚାହଁ ନାହିଁ – ଅତି ପ୍ରିୟ ଆତ୍ମୀୟ ସ୍ୱଜନ କାନ୍ଦନ୍ତୁ ପଛେ, ପଛକୁ ଚାହଁ ନାହିଁ, ଆଗକୁ ଆଗେଇ ଆସ ।

''ଭାରତମାତା ଅନ୍ତତଃ ସହସ୍ର ଯୁବକବଳି ଚାହାନ୍ତି । ମନେରଖ ମନୁଷ୍ୟ ଦରକାର, ପଶୁ ନୁହେଁ । ପ୍ରଭୁ ତୁମମାନଙ୍କର ଏହି ଜଡବତ୍ ସଭ୍ୟତା ଭାଙ୍ଗିବା ପାଇଁ ଇଂରେଜ ସରକାରଙ୍କୁ ପ୍ରେରଣ କରିଛନ୍ତି ।...

''ଧୀରସ୍ଥିର ଅଥଚ ଦୃଢ଼ ଭାବରେ କାର୍ଯ୍ୟ କରିବାକୁ ହେବ । ଖବର କାଗଜରେ ପ୍ରଚାର କରିବା ନୁହେଁ । ସର୍ବଦା ମନେ ରଖିବ, ନାମଯଶଃ ଆମର ଉଦ୍ଦେଶ୍ୟ ନୁହେଁ ।''

ସ୍ୱାମିଜିଙ୍କର ପୁଞ୍ଜୀଭୂତ ଭାବନାକୁ ବକ୍ଷରେ ଧରି ଜାହାଜ ଆଗେଇ ଚାଲିଲା ଲକ୍ଷ୍ୟସ୍ଥଳକୁ ! ଜାପାନରୁ – ଚିକାଗୋ । ଜଗତ୍ ନ ଜାଣିଥିଲେ ବି ଜଗନ୍ନାତାଙ୍କୁ ଅଜଣା ନ ଥିଲା ତାଙ୍କ ସନ୍ତାନର ସାଇତା ଶକ୍ତିକୁ । ସେହିଁ ଭରି ଦେଇଥିଲେ ବୀଜ ମଧ୍ୟରେ ବୃକ୍ଷର ସମ୍ଭାବନାକୁ, ପ୍ରେରଣା ଦେଇଥିଲେ ଆର୍ତ୍ତମାନଙ୍କୁ ଆଶ୍ରୟ ଦେବାକୁ ତା'ର ବାହୁ ଛାୟାରେ । ସେ ସବୁ କ'ଣ କେବେ ବ୍ୟର୍ଥ ଯିବ ! ଅବଶ୍ୟ ଚାରା ଗଛକୁ ଏସବୁ ଅଜଣା ।

❑❑❑

ସ୍ୱାମୀ ବିବେକାନନ୍ଦ (୧୦)

# ମୂକଂ କରୋତି ବାଚାଳଂ

## ସନ୍ତୋଷ କୁମାର ରଥ

ସେ ଦିନ ଥିଲା ୧୮୯୩ ମସିହା ଜୁଲାଇ ୩୦ ତାରିଖ, ଦରିଆ ପାରିର ଦହଗଞ୍ଜ ଶେଷ ହେଲା, ସ୍ୱାମିଜି ପହଞ୍ଚିଲେ ଚିକାଗୋ ସହରରେ । ମୁଣ୍ଡରେ ପଗଡ଼ି, ଦେହରେ ଗୈରିକ ବସନ । ଉନ୍ନତ ଶିର ସନ୍ନ୍ୟାସୀଙ୍କ ଉଦାତ୍ତଠାଣି ସୂଚାଇ ଦେଉଥିଲା ପ୍ରାଚ୍ୟ ସନ୍ନ୍ୟାସୀଙ୍କ ସ୍ୱାଭିମାନକୁ । ସମସ୍ତେ ଆଚମ୍ବିତ ହେଲେ, ରାସ୍ତାଘାଟରେ ଭିଡ଼ ଜମିଲା । ମାତ୍ର ଅନ୍ଧ କି ବୁଝେ ମାଣିକ୍ୟର ମୂଲ । ପାଶ୍ଚାତ୍ୟ ଜନତା ହେୟଃ ମଣିଲେ, ଉପହାସ କଲେ – ସତେ ଯେମିତି ସେ ଗୋଟାଏ ଚିଡ଼ିଆଖାନାର ପିଞ୍ଜରା ମୁକ୍ତ ଜୀବ । ସ୍ୱାମିଜିଙ୍କର ସେଥିପ୍ରତି ଖାତିର ନ ଥିଲା । ସେ ଜାଣିଥିଲେ – ବଜାର ଭିତରେ ହାତୀ ଚାଲିଗଲେ କୋଳାହଳ ଶୁଭେ, କୁକୁରମାନେ ଭୁକି ଉଠନ୍ତି, ହେଲେ ହାତୀ କ'ଣ କେବେ ପଛକୁ ଫେରେ !

ସ୍ୱାମିଜିଙ୍କର ପ୍ରଧାନ ପ୍ରତିବନ୍ଧକ ହେଲା ଆର୍ଥିକ ଅନାଟନ । ଭାରତବାସୀଙ୍କ ମୁଠି ବନ୍ଧା ସଞ୍ଚିତ ଅର୍ଥ ଆମେରିକା ବଜାରରେ ସମୁଦ୍ରକୁ ଶଙ୍ଖେ । ଆଉ ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ଧର୍ମ ମହାସଭା ବସିବାକୁ ଆହୁରି ପ୍ରାୟ ତିନି ମାସ ବାକି ଅଛି ସେତେବେଳେ ସ୍ୱାମିଜି ଆହୁରି ବ୍ୟସ୍ତ ହୋଇ ପଡ଼ିଲେ । ତାଙ୍କର ସମ୍ବଳ ଯେ ତାଙ୍କ ଥଇଥାନ ନିମନ୍ତେ ନିହାତି ନ୍ୟୂନ, ଏମିତିକି ଫେରନ୍ତା ବାଟ ଖର୍ଚ୍ଚ ପାଇଁ ମଧ୍ୟ ନିଅଣ୍ଟ, ସେତେବେଳେ ସେ ଜଣେ ଶିଷ୍ୟଙ୍କ ପାଖକୁ ପତ୍ରରେ ଲେଖିଥିଲେ, ''ଏଠାକୁ ଆସିବା ପୂର୍ବରୁ ଯେଉଁସବୁ ସୁନେଲି ସ୍ୱପ୍ନ ଦେଖିଥିଲି, ତାହା ଭାଙ୍ଗିଯାଇଛି । ବର୍ତ୍ତମାନ ଅସମ୍ଭବ ସହ ଯୁଦ୍ଧ କରିବାକୁ ହେଉଛି । କେତେଥର ଭାବିଲିଣି ଏଦେଶରୁ ଚାଲିଯିବି; କିନ୍ତୁ ପୁଣି ଭାବୁଛି ମୁଁ ତ ଏକଲା ମଣିଷ, ଭଗବାନଙ୍କର ଆଦେଶ ପାଇଛି, ଭୟ କେଉଁଥିପାଇଁ ? ମୁଁ ସିନା କୌଣସି ପଥ ଦେଖିପାରୁ ନାହିଁ, କିନ୍ତୁ ତାଙ୍କ ଆଖିକୁ ତ ସବୁ ଦିଶୁଛି । ମରେ ବା ବଞ୍ଚେ, ଉଦ୍ଦେଶ୍ୟ ଛାଡ଼ିବି କାହିଁକି ?''

ଘୁଞ୍ଚା ପଦ୍ମକୁ ହାତ ପାହାନ୍ତା କରିବାକୁ ହେଲେ ଝଟା ଆଡ଼େଇ ଆଗେଇ ଯିବାକୁ ହେବ, ପଙ୍କ ଚକଟିବାକୁ ହେବ । ସ୍ୱାମିଜି ସାହସ ବାନ୍ଧିଲେ । ଦୈନନ୍ଦିନ ଖର୍ଚ୍ଚ କାଟ କରିବା ଉଦ୍ଦେଶ୍ୟରେ ସେ ବ୍ୟୟବହୁଳ ଚିକାଗୋ ସହର ତ୍ୟାଗ କରି ବୋଷ୍ଟନ ଅଭିମୁଖେ ଯାତ୍ରା କଲେ । ଏତେ ବଡ଼ ବଡ଼ ସହର ଏତେ କୋଳାହଳ, ମାତ୍ର ସେ ନିଃସଙ୍ଗ । ନା ଅଛି ବନ୍ଧୁ, ନା ସୁହୃଦ୍ । ସଭିଏଁ ଅଜଣା ଅପରିଚିତ । ମାତ୍ର ସେହି ଅଲକ୍ଷ୍ୟ ଯାତ୍ରା ମଧ୍ୟରେ ମିଳିଗଲା ଏକ ଅଜଣା ରାହା । ସେ ଆଚମ୍ବିତ ହେଲେ । ଗୁରୁଦେବଙ୍କର ଅଯାଚିତ କରୁଣାକୁ ଉଲ୍ଲେଖ କରି ସେ ଚିଠିରେ ଲେଖିଥିଲେ, ''ବର୍ତ୍ତମାନ ମୁଁ ବୋଷ୍ଟନର ଗୋଟିଏ ଗାଁରେ ଜଣେ ବୃଦ୍ଧା ମହିଳାଙ୍କ ଅତିଥି ରୂପେ ବାସ କରୁଛି । ଏହାଙ୍କ ସହିତ ରେଳଗାଡ଼ିରେ ହଠାତ୍ ସାକ୍ଷାତ୍ ହେଲା । ଏଠାରେ ରହିବା ଦ୍ୱାରା ମୋର ଗୋଟିଏ ସୁବିଧା ହୋଇଛି ଯେ ମୋର ପ୍ରତ୍ୟହ ଯେଉଁ ଏକ ପାଉଣ୍ଡ ଲେଖାଏଁ ଖର୍ଚ୍ଚ ହେଉଥିଲା ତାହା ବଞ୍ଚିଯାଉଛି । ଆଉ ତାଙ୍କର ଲାଭ ଏହି ଯେ, ସେ ତାଙ୍କର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ଆଣି ଭାରତରୁ ଆସିଥିବା ଏକ ଅଦ୍ଭୁତ ଜୀବକୁ ଦେଖାଉଛନ୍ତି ! ଏସବୁ ଯନ୍ତ୍ରଣା ସହିବାକୁ ମୁଁ ବାଧ୍ୟ । ତା' ସାଙ୍ଗକୁ ରହିଛି – ଅନାହାର, ଶୀତ ଏବଂ ମୋର ପୋଷାକ ପରିଚ୍ଛଦ ଜନିତ ଲୋକମାନଙ୍କର ବିଦ୍ରୂପ । ଏସବୁ ସହିତ ମୋତେ ଯୁଦ୍ଧ କରି ଚାଲିବାକୁ ହେଉଛି । ବସ୍ ! ଏକଥା ଜାଣିଥାଅ କୌଣସି ମହତ୍ କାର୍ଯ୍ୟ ଗୁରୁତର ପରିଶ୍ରମ ଓ କଷ୍ଟସ୍ୱୀକାର ବିନା ହୁଏ ନାହିଁ । ପ୍ରଭୁ ମୋତେ ଏହି କାର୍ଯ୍ୟ କରିବା ପାଇଁ ଡାକିଛନ୍ତି । ମୁଁ ସମସ୍ତ ଜୀବନ ନାନା ଦୁଃଖକଷ୍ଟ ଭୋଗି ଆସିଛି । ମୋର ପ୍ରାଣ-ପ୍ରିୟ ଆତ୍ମୀୟଙ୍କର ଅନାହାର ମୃତ୍ୟୁ ମୁଁ ଦେଖିଛି । ଲୋକେ ମୋତେ ଅବଜ୍ଞା ଓ ଉପହାସ କରିଛନ୍ତି, ଜୁଆଚୋର ବଦମାସ କହିଛନ୍ତି । ମୁଁ ସେସବୁ ମଧ୍ୟ ସହ୍ୟ କରିଛି । ଯେଉଁମାନେ ମୋତେ ଭଣ୍ଡ ବିବେଚନା କରନ୍ତି ମୋର ସେମାନଙ୍କ ପାଇଁ ଦୁଃଖ ହୁଏ । ସେମାନଙ୍କର କିଛି ଦୋଷ ନାହିଁ, କାରଣ ସେମାନଙ୍କର ଚକ୍ଷୁ ନିଜ ନିଜର କ୍ଷୁଦ୍ର ପରିଧିରେ ବାହାରେ ଆଉ କିଛି ଦେଖିପାରେ ନାହିଁ । ସେମାନଙ୍କର ନିୟମିତ କାର୍ଯ୍ୟ – ଆହାର, ପାନ, ଅର୍ଥ-ଉପାର୍ଜନ ଓ ବଂଶବୃଦ୍ଧି । ଏହାର ଊର୍ଦ୍ଧ୍ୱରେ ସେମାନେ କିଛି ବି ଜାଣନ୍ତି ନାହିଁ । ବରଂ ଉତ୍‌ଫୁଲ୍ଲିତ ହୋଇ କହନ୍ତି, – ଆମେ ସଭ୍ୟ ଶିକ୍ଷିତ ପାଶ୍ଚାତ୍ୟବାସୀ । କିନ୍ତୁ

ଭଗବାନ୍ ଅନନ୍ତ ଶକ୍ତିମାନ୍, ମୁଁ ଜାଣେ ସେ ମୋତେ ସାହାଯ୍ୟ କରିବେ ।

''ହେ, ମୋର ପ୍ରିୟ ଭ୍ରାତୃଗଣ, ଆମେମାନେ କ୍ଷୁଦ୍ର ଶକ୍ତି, ମାତ୍ର ବ୍ରତ ଆମର ଗୁରୁତର । ଆମେମାନେ ଜ୍ୟୋତିଃର ତନୟ, ଭଗବାନଙ୍କର ତନୟ । ଆମେମାନେ ସିଦ୍ଧିଲାଭ କରିବାହିଁ କରିବା । ମୁଁ ଏଠାରେ ଅକୃତକାର୍ଯ୍ୟ ହୋଇ ମରି ଯାଇପାରେ, ଅନ୍ୟ ଜଣେ ଏହି ଭାର ଗ୍ରହଣ କରିବ । ତୁଚ୍ଛ ଜୀବନ, ତୁଚ୍ଛ ମରଣ, ତୁଚ୍ଛ କ୍ଷୁଧା, ତୁଚ୍ଛ ପିପାସା । ପ୍ରଭୁ ଆମମାନଙ୍କର ନେତା । ପଛକୁ ଫେରି ଚାହଁ ନାହିଁ । କିଏ ପଡ଼ିଗଲା ଦେଖିବାକୁ ଯାଅ ନାହିଁ । ଆଗେଇ ଯାଅ, ଆଗେଇ ଯାଅ । ଏହି ଭାବ ନେଇ ଆଗେଇ ଗଲେ ଜଣେ ପଡ଼ିଗଲେ ଅନ୍ୟ ଜଣେ ତାହାର ସ୍ଥାନ ପୂରଣ କରିନେବ । ପ୍ରଭୁଙ୍କର ଜୟ ହେଉ ।''

ଭଦ୍ରମହିଳାଙ୍କ ଆତିଥ୍ୟରେ ସ୍ୱାମିଜିଙ୍କ ଅଶେଷ କଲ୍ୟାଣ ହେଲା । ଏମିତିକି ତାଙ୍କରି ପରାମର୍ଶ ଅନୁଯାୟୀ ସ୍ୱାମିଜି ନିଜର ପରିଚ୍ଛଦ ପରିବର୍ତ୍ତନ କରି ଗୋଟିଏ ଲମ୍ବା କଳା କୋଟ୍ ତିଆରି କଲେ ଏବଂ ନିଜର ସନ୍ନ୍ୟାସ ପୋଷାକକୁ ଧର୍ମମହାସଭା ପାଇଁ ସାଇତି ରଖିଲେ । ମାତ୍ର ଆଉ ଏକ ଗୁରୁତର ସମସ୍ୟାରେ ସେ ସଦାସର୍ବଦା ଘାରି ହେଉଥିଲେ । ଧର୍ମ ମହାସଭାରେ ହିନ୍ଦୁ ଧର୍ମର ପ୍ରତିନିଧି ସ୍ୱରୂପ ଯୋଗଦେବା ପାଇଁ ତାଙ୍କ ପାଖରେ କୌଣସି ପରିଚୟ-ପତ୍ର ନ ଥିଲା, ଯାହାକି ଏକାନ୍ତ ଅପରିହାର୍ଯ୍ୟ । ଦିନ ପାଖେଇ ଆସୁଥାଏ, ଭଗବାନଙ୍କୁ ବିକଳ ପ୍ରାର୍ଥନା ଜଣାଇବା ଛଡ଼ା ସ୍ୱାମିଜିଙ୍କର ଅନ୍ୟ ଉପାୟ ନ ଥିଲା ।

ଦିନେ ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଖ୍ୟାତନାମା ଅଧ୍ୟାପକ ଜେ. ଏଚ୍. ରାଇଟ୍ କୌଣସି କାର୍ଯ୍ୟରେ ଭଦ୍ରମହିଳାଙ୍କ ଘରକୁ ଆସିଥିଲେ । ସ୍ୱାମିଜିଙ୍କ ସହ ଆଳାପ ଆଲୋଚନା ହେଉ ହେଉ ତାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ସେ ସ୍ୱତଃ କହି ପକାଇଲେ, ''ଆପଣ ଚିକାଗୋ ଧର୍ମ ମହାସଭାକୁ ହିନ୍ଦୁ ଧର୍ମର ପ୍ରତିନିଧି-ସ୍ୱରୂପ ଯାଆନ୍ତୁ; ତା'ହେଲେ ବେଦାନ୍ତ ପ୍ରଚାର କାର୍ଯ୍ୟରେ ଆପଣ ସାଫଲ୍ୟ ଲାଭ କରିପାରିବେ ଏବଂ ମାନବଜାତିର ଅଶେଷ କଲ୍ୟାଣ ହେବ ।''

ସ୍ୱାମିଜି ନୀରବ ରହିଥା'ନ୍ତି । ତାଙ୍କ ନୀରବତା ମନେ ପକାଇ ଦେଉଥିଲା ରଙ୍ଗ ସଭାର ସେହି ଅଭାବନୀୟ ପରିସ୍ଥିତି : ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନଙ୍କ ସହ ପ୍ରତିଯୋଗୀ ହେବା ପାଇଁ ମହାରଥୀ କର୍ଣ୍ଣ ପ୍ରସ୍ତୁତ । ସେହିଁ ଏକମାତ୍ର ସମକକ୍ଷ । ମାତ୍ର ପ୍ରଶ୍ନ ଉଠିଲା — ସେ କ'ଣ ରାଜପୁତ୍ର ? ପରିଚୟ ? ସୂତପୁତ୍ର କର୍ଣ୍ଣ ମଥା ନତ କଲେ; ସଭାସଦ୍ ଗ୍ରହଣ କଲେ — ପ୍ରତିଯୋଗିତା ପାଇଁ ବୀରତ୍ୱ ନୁହେଁ ପରିଚୟର (ସାମାଜିକ ସ୍ୱୀକୃତି) ଅପରିହାର୍ଯ୍ୟତାକୁ ।

''କିନ୍ତୁ ମୋର ଯେ ପରିଚୟ-ପତ୍ର ନାହିଁ'' — ସଂକ୍ଷେପରେ ଉତ୍ତର ଦେଲେ ସ୍ୱାମିଜି ।

ଅଧ୍ୟାପକ ମହାଶୟ ଆଶ୍ଚର୍ଯ୍ୟ ହୋଇଉଠିଲେ । ଦୃଢ଼ ସ୍ୱରରେ କହିଲେ, ''ସ୍ୱାମିଜି ! ଆପଣଙ୍କୁ ପରିଚୟ ପତ୍ର ମାଗିବା ଯାହା, ସୂର୍ଯ୍ୟଙ୍କୁ ଆଲୋକ ଦେବା ଅଧିକାର ସାବ୍ୟସ୍ତ କରିବାକୁ କହିବା ଠିକ୍ ସେଇଆ ।''

ଅଧ୍ୟାପକ ମହାଶୟ ମହାସଭାର ପରିଚାଳକଙ୍କ ନିକଟକୁ ପତ୍ର ଖଣ୍ଡିଏ ଲେଖି ସ୍ୱାମିଜିଙ୍କ ହାତକୁ ବଢ଼ାଇ ଦେଲେ । ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ''ଆମର ସବୁ ପଣ୍ଡିତମାନଙ୍କୁ ଏକାଠି କଲେ ଯାହା ହେବ, ଏହି ଅଜ୍ଞାତନାମା ହିନ୍ଦୁ ସନ୍ନ୍ୟାସୀ ତାହାଠାରୁ ଅଧିକ ।'' ଏଭଳି ଆକସ୍ମିକ ସମାଧାନ ସମ୍ବଳିତ ପତ୍ର ଖଣ୍ଡିକ ଧରି ସ୍ୱାମିଜି ବୋଷ୍ଟନରୁ ଆସି ଚିକାଗୋରେ ପହଞ୍ଚିଗଲେ । ରେଳ ଷ୍ଟେସନରେ ପହଞ୍ଚିବା ପରେ ସାହେବଙ୍କ ଅଫିସ୍ ଖୋଜି ପାଇବା ପାଇଁ ଦୁଇ, ଚାରି ଜଣଙ୍କୁ ପଚରା ଉଚରା କଲେ । ମାତ୍ର କିଛି ଲାଭ ହେଲା ନାହିଁ । ସ୍ୱାମିଜିଙ୍କୁ ନିଗ୍ରୋ ମନେ କରି ସାହେବମାନେ ଉପେକ୍ଷା କଲେ, କେହି କେହି ଘୃଣାରେ ନାସିକା କୁଞ୍ଚନ କରି ବିରକ୍ତି ପ୍ରକାଶ କଲେ । ରାତ୍ରିଯାପନ କରିବା ପାଇଁ ହୋଟେଲରେ ସ୍ଥାନ ମଧ ମିଳିଲା ନାହିଁ । ଶେଷକୁ ସ୍ୱାମିଜି ଆଶ୍ରୟ ନେଲେ ଷ୍ଟେସନରେ ପଡ଼ିଥିବା ପ୍ୟାକିଙ୍ଗ୍ ବକ୍ସ ଭିତରେ । ବାହାରେ ସେତେବେଳକୁ ବରଫ ପଡୁଥାଏ । ମାତ୍ର ଦେହ ଘୋଡ଼ାଇବାକୁ ଗରମ ଲୁଗା ଖଣ୍ଡିଏ ବି ନ ଥିଲା । ପିଠିର ଶୀତ ଓ ପେଟର ତାତିରେ କଟିଲା ସାରା ରାତି । ପରଦିନ ସକାଳେ ସ୍ୱାମିଜି ରାଜରାସ୍ତାକୁ ବାହାରି ଆସିଲେ; ଅନାହାରରେ ଦେହ ହାତ ଅବଶ, ତଥାପି ଦ୍ୱାର ଦ୍ୱାର ବୁଲି ଭିକ୍ଷା କଲେ । ହେଲେ କାହାରି ହୃଦୟ ତରଳିଲା ନାହିଁ । ଗୁରୁଦେବଙ୍କୁ ବିକଳ ପ୍ରାର୍ଥନା ଜଣାଇ ସ୍ୱାମିଜି ରାଜରାସ୍ତା କଡ଼ରେ ବସି ରହିଲେ — ''ହେ, ପ୍ରଭୁ ଏ ଦୁଃଖର କ'ଣ ଶେଷ ନାହିଁ ? ମୋର ଏ ଅଭିଯାନରେ ତୁମର କ'ଣ ସ୍ୱୀକୃତି ନାହିଁ ? ତେବେ କାହିଁକି ଏତେ ପରୀକ୍ଷା ? ନା ତ୍ରେତୟା, ନା ଦ୍ୱାପର — ତୁମେ ତ କେବେ ବି ଏଭଳି ଦୁଃସହ ପରୀକ୍ଷାରେ କାହାକୁ ପକାଇ ନାହଁ ? ଉଭୟ ଶକ୍ତିକୁ ଧାରଣ କରି ଏବେ ଏତେ ନିଷ୍ଠୁର କାହିଁକି ? ପୁଣି ଏଇ ଅଧମ ଅନୁଗତ ପ୍ରତି !'' ହଠାତ୍

ସମ୍ମୁଖ ପ୍ରାସାଦର ଦ୍ୱାର ଖୋଲିଗଲା । ଭିତରୁ ଜଣେ ଅପୂର୍ବ ସୁନ୍ଦରୀ ରମଣୀ ସ୍ୱାମିଜିଙ୍କ ନିକଟକୁ ଆସି ଧୀର ସ୍ୱରରେ ପଚାରିଲେ, ''ମହାଶୟ ! ଆପଣ କ'ଣ ଧର୍ମ ମହାସଭାର ଜଣେ ପ୍ରତିନିଧି ?'' ସ୍ୱାମିଜି ହତଭମ୍ବ । ସେ ଯେ ବ୍ୟାରେଜ ସାହେବଙ୍କ ନିକଟକୁ ଆଣିଥିବା ରାଇଟ୍ ସାହେବଙ୍କ ପ୍ରଦତ୍ତ ପତ୍ର ଖଣ୍ଡିକ ବାଟରେ କେଉଁଠି ହଜାଇ ଦେଇଛନ୍ତି ଏବଂ ଏତେ ବଡ଼ ସହରରେ ତାଙ୍କ କାର୍ଯ୍ୟାଳୟ ଖୋଜିପାଇବା ତାଙ୍କ ପକ୍ଷରେ ଅସମ୍ଭବ – ଏକଥା ସ୍ୱୀକାର କରିନେଲେ । ସଦୟ-ହୃଦୟା ରମଣୀ ନିଶ୍ଚିତ ଆଶ୍ୱାସନା ପ୍ରଦାନ କଲେ ସ୍ୱାମିଜିଙ୍କୁ । ତାଙ୍କରି ସହାୟତାରେ ସବୁକିଛି ସୁବ୍ୟବସ୍ଥିତ ହୋଇଗଲା । ଧର୍ମ ମହାସଭା ଯଥା ସମୟରେ ଆରମ୍ଭ ହେଲା ଏବଂ ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖ ହେଲା ବିଶ୍ୱ ଇତିହାସରେ ଏକ ସ୍ମରଣୀୟ ଦିବସ । ସ୍ୱାମିଜିଙ୍କର ଓଜସ୍ୱିନୀ ବକ୍ତୃତାରେ ଧର୍ମ ଧର୍ମ ମଧ୍ୟରେ ରହିଥିବା ସମସ୍ତ କନ୍ଦଳ, ସଂକୀର୍ଣ୍ଣତା ଓ ପରଶ୍ରୀହୀନତା ଉପରେ ପଡ଼ିଲା ଚାବୁକ ପ୍ରହାର । ସମସ୍ତଙ୍କ ମନରେ ଆଶାର ସଞ୍ଚାର ହେଲା – ଆରମ୍ଭ ହେଲା ସମନ୍ୱୟର ପଟ୍ଟଭୂମିର ପ୍ରସ୍ତୁତି- ପର୍ବ ।

ସେ ଦିନର ବିବରଣୀ ପ୍ରଦାନ କରି ସ୍ୱାମିଜି ଜନୈକ ଶିଷ୍ୟଙ୍କୁ ଲେଖିଥିଲେ – ''ଧର୍ମ ମହାସଭା ଖୋଲିବା ଦିନ ଆମେ ସମସ୍ତେ 'ଶିଳ୍ପ ପ୍ରାସାଦ' ଅଟ୍ଟାଳିକାରେ ଏକତ୍ରିତ ହେଲୁ ।

''ସେଠାରେ ସବୁ ଜାତିର ଲୋକ ସମବେତ ହୋଇଥିଲେ । ଆମ ସମସ୍ତଙ୍କୁ ପ୍ଲାଟଫର୍ମ ଉପରେ ଶ୍ରେଣୀବଦ୍ଧ ଭାବରେ ବସାଇ ଦିଆଯାଇଥିଲା । ତଳେ ଗୋଟାଏ ହଲ୍, ଉପରେ ଏକ ପ୍ରକାଣ୍ଡ ଗ୍ୟାଲେରୀ । ସେଥିରେ ଆମେରିକାର ବଛା ବଛା ଛଅ, ସାତ ହଜାର ସୁଶିକ୍ଷିତ ନରନାରୀ ଖୁନ୍ଦାଖୁନ୍ଦି ହୋଇ ବସିଥା'ନ୍ତି । ଆଉ ମୁଁ ଯିଏ ଜାତ ହେବା ଦିନଠାରୁ କେବେହେଲେ ବି ସାଧାରଣ ସଭାରେ ବକ୍ତୃତା ଦେଇ ନାହିଁ, ସେ ଆସି ଏହି ମହାସଭାରେ ବକ୍ତୃତା ଦେବ ! ଘୋର ବିପଦରେ ପଡ଼ିଲି । ଯଥା ରୀତିରେ ସଭା କାର୍ଯ୍ୟ ଆରମ୍ଭ ହେଲା । ଜଣ ଜଣ କରି ପ୍ରତିନିଧିଙ୍କୁ ସଭା ସମକ୍ଷରେ ପରିଚିତ କରି ଦିଆହେଲା, ସେମାନେ ମଞ୍ଚକୁ ଆଗେଇ ଯାଇ କିଛି କିଛି କହିଲେ । ସେତେବେଳକୁ ମୋ ଛାତି ଧଡ଼ ଧଡ଼, ଜିଭ ଅଠା ଅଠା । ମୁଁ ଏତେ ଘାବରେଇ ଗଲି ଯେ ପୂର୍ବାହ୍ଣରେ ବକ୍ତୃତା ଦେବାକୁ ମୋର ଭରସା ପାଇଲା ନାହିଁ । ଅନ୍ୟମାନେ ବେଶ୍ କହିଗଲେ, କରତାଳି ଧ୍ୱନି ହେଲା । ସେମାନେ ସମସ୍ତେ ବକ୍ତୃତା ତିଆରି କରି ଆଣିଥିଲେ । ମୁଁ ନିର୍ବୋଧ ! ମୁଁ କିଛି ବି ପ୍ରସ୍ତୁତ କରି ନ ଥିଲି । ମୁଁ ଦେବୀ ସରସ୍ୱତୀଙ୍କୁ ପ୍ରଣାମ କରି ଅଗ୍ରସର ହେଲି । ବ୍ୟାରେଜ ସାହେବ ମୋର ପରିଚୟ କରାଇଦେଲେ । ମୋର ଗୈରିକ ବସନ ଶ୍ରୋତୃବୃନ୍ଦଙ୍କ ଚିତ୍ତ ଆକୃଷ୍ଟ କଲା ।

''ଯେତେବେଳେ ମୁଁ ଆମେରିକାର ଭାଇ-ଭଉଣୀ କହି ସମ୍ବୋଧନ କଲି, ସେତେବେଳେ ଦୁଇ ମିନିଟ୍ ପର୍ଯ୍ୟନ୍ତ ଏପରି କରତାଳି-ଧ୍ୱନି ହେଲା ଯେ କାନ ତାବଦା ପଡ଼ିଗଲା । ତା'ପରେ ମୁଁ ବକ୍ତୃତା ଆରମ୍ଭ କଲି । ଯେତେବେଳେ ମୋର ବକ୍ତୃତା ଶେଷ ହେଲା ମୁଁ ସେତେବେଳକୁ ହୃଦୟର ଆବେଗରେ ଏକପ୍ରକାର ଅବଶ ହୋଇ ଯାଇଥିଲି । ପରଦିନ ସବୁ ଖବର କାଗଜରେ ବାହାରି ପଡ଼ିଲା ଯେ ମୋ ବକ୍ତୃତାଟି ସମସ୍ତଙ୍କ ପ୍ରାଣକୁ ସ୍ପର୍ଶ କରିଛି । ସୁତରାଂ, ସମଗ୍ର ଆମେରିକା ମୋତେ ଜାଣି ପାରିଲା । ମୁଁ ଜଣେ ବିଖ୍ୟାତ ଲୋକ ହୋଇଗଲି । ପୁଣି ଯେଉଁଦିନ ହିନ୍ଦୁ ଧର୍ମ ସମ୍ବନ୍ଧରେ ମୋ ବକ୍ତୃତା ପାଠକଲି, ସେଦିନ ହଲ୍‌ରେ ଏତେ ଲୋକ ହୋଇଥିଲେ ଯେ ଆଉ କେଉଁଦିନ ଏତେ ଲୋକ ହୋଇ ନ ଥିଲେ । ମାତ୍ର ମୋର ଏତିକି ପ୍ରତ୍ୟୟ ହେଲା – ହେ ଭଗବାନ୍ ! ତୁମେହିଁ ଜଣେ ଘୁଙ୍ଗାକୁ ମହାବକ୍ତା କରିପାର । ତୁମରି ଜୟ ହେଉ ।'' ❑

স্বামী বিবেকানন্দ (১১)

# ପ୍ରବୃଦ୍ଧ ପ୍ରବାସୀ

## ସନ୍ତୋଷ କୁମାର ରଥ

''ମୁଁ ଏହିଠାରେ ଠିଆ ହୋଇଛି । ଯଦି ଚକ୍ଷୁ ମୁଦ୍ରିତ କରି ମୋ ସତ୍ତା ସମ୍ବନ୍ଧରେ ଚିନ୍ତା କରିବାର ଚେଷ୍ଟା କରେ – 'ମୁଁ' 'ମୁଁ' ବୋଲି କୁହେ; ତାହାହେଲେ ମନରେ କେଉଁ ଭାବ ଉଦୟ ହେବ ? ଏହି ଦେହହିଁ ମୁଁ – ଏହି ଭାବ ମନକୁ ଆସିବ । ତେବେ କ'ଣ ମୁଁ ଜଡ଼ର ସମଷ୍ଟି ଛଡ଼ା ଆଉ କିଛି ନୁହେଁ ? ବେଦ କହେ – ନା, ମୁଁ ଦେହ ନୁହେଁ, ମୁଁ ଦେହ ମଧ୍ୟସ୍ଥ ଆତ୍ମା । ଦେହ ମରିବ, କିନ୍ତୁ ମୁଁ ମରିବି ନାହିଁ । ମୁଁ ଏହି ଦେହ ମଧ୍ୟରେ ଅଛି ସତ; କିନ୍ତୁ ଦେହ ଯେତେବେଳେ ମରିଯିବ ସେତେବେଳେ ମୁଁ ବଞ୍ଚି ରହିବି ଏବଂ ତା' ପୂର୍ବରୁ ମଧ୍ୟ ଥିଲି । ଆତ୍ମା ଯଦି ଏକ ସୃଷ୍ଟ ପଦାର୍ଥ ହୋଇଥାଆନ୍ତା, ତା'ହେଲେ ଏହା ନିଶ୍ଚୟ ମରଣଶୀଳ ହୋଇଥାଆନ୍ତା, ସୁତରାଂ ଆତ୍ମା ସୃଷ୍ଟ ପଦାର୍ଥ ନୁହେଁ ।...

''ତେଣୁ ହିନ୍ଦୁ ନିଜକୁ ଆତ୍ମା ବୋଲି ବିଶ୍ୱାସ କରେ । ସେହି ଆତ୍ମାକୁ ତରବାରି ଛେଦ କରିପାରେ ନାହିଁ, ଅଗ୍ନି ଦଗ୍ଧ କରିପାରେ ନାହିଁ, ଜଳ ଆଦ୍ର କରିପାରେ ନାହିଁ କିଂବା ବାୟୁ ଶୁଷ୍କ କରିପାରେ ନାହିଁ । ସେହି ଆତ୍ମା ଏପରି ଗୋଟାଏ ବୃତ୍ତ ଯାହାର ପରିଧି କେଉଁଠାରେ ହେଲେ ନାହିଁ, ତାହାର କେନ୍ଦ୍ର ଦେହ ମଧ୍ୟରେ ଅବସ୍ଥିତ ଏବଂ ସେହି କେନ୍ଦ୍ରର ଦେହଠାରୁ ଦେହାନ୍ତରକୁ ଗମନ କରେ ଯାହାର ନାମ ମୃତ୍ୟୁ । ଆତ୍ମା ଜଡ଼ ନିୟମର ବଶୀଭୂତ ନୁହେଁ, ସେ ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱଭାବର; କିନ୍ତୁ କୌଣସି କାରଣ ବଶତଃ ଜଡ଼ରେ ଆବଦ୍ଧ ହୋଇ ରହିଛି ଓ ଜଡ଼ ମନେ କରୁଛି, ମାତ୍ର ମୁକ୍ତି ତାହାର ଆକାଂକ୍ଷା ।''

ନୀରବତାର ପ୍ରସ୍ଥ ସେତେବେଳକୁ ପ୍ରଶସ୍ତ କକ୍ଷର ଏ କାନ୍ଥରୁ ସେ କାନ୍ଥ ପର୍ଯ୍ୟନ୍ତ, ସମ୍ଭବତଃ ତଦୂର୍ଦ୍ଧ୍ୱ । ଧର୍ମ ମହାସଭାର ଶ୍ରୋତୃମଣ୍ଡଳୀ ସ୍ତବ୍ଧଚକିତ । ମାତ୍ର ସ୍ୱାମିଜି ଦୃପ୍ତ କଣ୍ଠରେ କହି ଚାଲିଥିଲେ ଶ୍ରାବଣର ଅବାରିତ ବର୍ଷା ପରି । ତାଙ୍କର ବକ୍ତବ୍ୟରେ ସମସ୍ତେ ଯେ ଆମୋଦିତ ହେଉଥିଲେ ତାହା ନୁହେଁ ଅଧିକାଂଶ ନିଜ ଭିତରେ ସୃଷ୍ଟି ହେଉଥିବା ଅଙ୍କୁରୋଦ୍‌ଗମର ସମ୍ଭାବନାକୁ ସାବ୍ୟସ୍ତ କରିବାକୁ ପ୍ରସ୍ତୁତ ହେଉଥିଲେ । ସେମାନେ ବୁଝିପାରିଥିଲେ ମେଘଢଙ୍କା ଆକାଶରେ ସୂର୍ଯ୍ୟୋଦୟ ଆଉ ବେଶୀ ଡେରି ନୁହେଁ – ସତ୍ୟହିଁ ଚିରନ୍ତନ, ସତ୍ୟହିଁ ଶାଶ୍ୱତ । ଏ ହିନ୍ଦୁ ସନ୍ନ୍ୟାସୀ ସେହି ସତ୍ୟକୁ ପ୍ରତିଷ୍ଠା କରିବା ପାଇଁ ଆମ୍ଭମାନଙ୍କ ସମ୍ମୁଖରେ ଦଣ୍ଡାୟମାନ, ଏ ଜଣେ ସାଧାରଣ ପ୍ରବର୍ତ୍ତକ ନୁହେଁ ବରଂ ପ୍ରବନ୍ଧକ । ତାହା ନ ହୋଇଥିଲେ ସେ କ'ଣ ଆମ୍ଭମାନଙ୍କୁ ଏପରି କହିପାରି ଥା'ନ୍ତେ :

''ହେ ଭାତୃଗଣ, ହେ ଭଗିନୀବୃନ୍ଦ, ଏହି ମଧୁର ନାମରେ ମୁଁ ତୁମମାନଙ୍କୁ ସମ୍ବୋଧନ କରିବାକୁ ଚାହେଁ, ତୁମେମାନେ ଅମୃତର ଅଧିକାରୀ । ହିନ୍ଦୁମାନେ ତୁମକୁ ପାପୀ ବୋଲି କହିବାକୁ ଚାହାନ୍ତି ନାହିଁ, ତୁମେମାନେ ଈଶ୍ୱରଙ୍କର ସନ୍ତାନ । ମର୍ତ୍ତ୍ୟ ଭୂମିର ଦେବତା ତୁମେମାନେ, ତୁମେ ପୁଣି ପାପୀ ? ମଣିଷକୁ ପାପୀ କହିବାହିଁ ଏକ ମହାପାପ । ଏହି ଭ୍ରମକୁ ଦୂର କରି ଦିଅ । ତୁମେମାନେ ଅମର ଆତ୍ମା, ମୁକ୍ତ ଆତ୍ମା – ଚିର ଆନନ୍ଦମୟ ।''– ଗୁଞ୍ଜରଣ ହେଲା, କ୍ରମେ ଜମାଟ ବାନ୍ଧିଲା କଥାଗୁଡ଼ାକ ଆମେରିକାବାସୀଙ୍କ ମନ ଆକାଶରେ । କେହି କେହି ଗଭୀର ଅନୁଶୀଳନ କଲେ – ପ୍ରକୃତରେ ଚର୍ଚ୍ଚକୁ ଯାଇ ପାପ ସ୍ଖଳନ କରିବାର ପନ୍ଥା ଏବଂ ପୋପ୍‌ମାନେ ଆମକୁ ପାପୀ ବୋଲି କହିବା ପଛରେ ଯେ ତାଙ୍କର ନ୍ୟସ୍ତ ସ୍ୱାର୍ଥ ନିହିତ ରହିଛି ଏକଥା ମିଛ ନୁହେଁ ।

ପ୍ରକୃତ ରହସ୍ୟଟି କ୍ରମେ ଲୋକମୁଖର ହେବାକୁ ଲାଗିଲା । ବିଶ୍ୱବାସୀ ବୁଝିଲେ ଯେ ଖ୍ରୀଷ୍ଟଧର୍ମକୁ ଶ୍ରେଷ୍ଠ ଓ ଚିରଞ୍ଜୀବୀ କରି ରଖିବାର ପ୍ରଚ୍ଛଦ ପଟର ପ୍ରଚେଷ୍ଟା ବ୍ୟର୍ଥ ହୋଇଛି । ପୁନଶ୍ଚ ଖ୍ରୀଷ୍ଟଧର୍ମର ଦୁଇ ବିବଦମାନ ଗୋଷ୍ଠୀ- କ୍ୟାଥୋଲିକ ଓ ପ୍ରୋଟେଷ୍ଟାଣ୍ଟଙ୍କ ମଧ୍ୟରୁ କ୍ୟାଥୋଲିକ୍‌ମାନେ ଏହି ଧର୍ମ ମହାସଭାର ଆୟୋଜନ କରିଥିଲେ । ସେମାନେ ଚାହୁଁଥିଲେ ଅନ୍ୟ ଗୋଷ୍ଠୀ ଅପେକ୍ଷା ସେମାନେ ଅଧିକ ପ୍ରଭାବଶାଳୀ ଓ ଯୁକ୍ତିଯୁକ୍ତ । ମାତ୍ର ସ୍ୱାମିଜି ଯେତେବେଳେ କୂପମଣ୍ଡୁକର ସଂକୀର୍ଣ୍ଣ ମତାନ୍ଧତାକୁ ଗଳ୍ପଛଳରେ ପ୍ରତିପାଦିତ କଲେ, ସେତେବେଳେ ପ୍ରତ୍ୟେକ ଧର୍ମର ନିର୍ବାଚିତ ପ୍ରତିନିଧିମାନେ ଲଜ୍ଜିତ ହେଲେ । ସ୍ୱାମିଜି ସ୍ପଷ୍ଟ ରୂପେ ସୂଚାଇ ଦେଲେ –''ହେ ଭାତୃବୃନ୍ଦ ! ଏହିପରି ସଂକୀର୍ଣ୍ଣ ଭାବହିଁ

ଆମ୍ଭମାନଙ୍କର ମତଭେଦର କାରଣ । ମୁଁ ଜଣେ ହିନ୍ଦୁ । ମୁଁ ମୋର ନିଜର କ୍ଷୁଦ୍ର କୂପରେ ବସି ରହିଛି ଏବଂ ସେହିଟିକୁ ସମଗ୍ର ଜଗତ୍ ବୋଲି ମନେ କରୁଛି, ଖ୍ରୀଷ୍ଟିଆନମାନେ ସେମାନଙ୍କର କୂପରେ ବସି ରହି ତାକୁ ସମଗ୍ର ଜଗତ୍ ବୋଲି ଭାବୁଛନ୍ତି । ମୁସଲମାନମାନେ ମଧ୍ୟ ତାଙ୍କ କୂପରେ ବସି ରହି ତାକୁ ସମଗ୍ର ଜଗତ୍ ବୋଲି ଭାବୁଛନ୍ତି । ହେ ଆମେରିକାବାସିଗଣ, ଆପଣମାନେ ଯେ ଆମମାନଙ୍କର ଏହିସବୁ କ୍ଷୁଦ୍ର ଜଗତଗୁଡ଼ିକର ଅବରୋଧ ଭାଙ୍ଗିବା ପାଇଁ ଯତ୍ନଶୀଳ ହୋଇଛନ୍ତି, ସେଥିପାଇଁ ଧନ୍ୟବାଦ । ମୁଁ ଆଶା କରୁଛି, ଭବିଷ୍ୟତରେ ଈଶ୍ୱର ଆପଣମାନଙ୍କୁ ଏହି ମହତ୍ ଉଦ୍ଦେଶ୍ୟ ସାଧନରେ ଅଧିକ ସହାୟ ହେବେ, ଏବଂ ତାହା ସଫଳ ହେବ ।''

ଚିକାଗୋ ସହରରେ ସ୍ୱାମିଜି ଆଉ ଜଣେ ହୋଇ ରହିଲେ ନି । ସହରର ପ୍ରାୟ ପ୍ରତି ଛକରେ ସ୍ୱାମିଜିଙ୍କର ପୂର୍ଣ୍ଣ ଅବୟବର ପ୍ରତିଛବି ଟଙ୍ଗା ହୋଇଗଲା । ତଳେ ତାଙ୍କର ନାମ ଲିଖିତ ଥିଲା । ରାସ୍ତାର ବାଟୋଇ ବହୁ ସଂଖ୍ୟାରେ ସଶ୍ରଦ୍ଧ ସମ୍ମାନ ଜଣାଉଥିଲେ ସମସ୍ତଙ୍କ ସମ୍ମୁଖରେ । ମନେ ହେଉଥିଲା ସ୍ୱାମିଜି ଆଉ ସନ୍ନ୍ୟାସୀ ନୁହଁନ୍ତି, ସେ ଆମେରିକାର ସମ୍ରାଟ । ସମସ୍ତଙ୍କ ହୃଦୟକୁ ସେ ଯେମିତି ଅଧିକାର କରି ନେଇଛନ୍ତି । ବ୍ରହ୍ମବିଦ୍ୟା ସମିତିର ନେତ୍ରୀ ଶ୍ରୀମତୀ ଆନିବେଶାନ୍ତଙ୍କ ମନ୍ତବ୍ୟ ଠିକ୍ ଅନୁରୂପ –''ମହିମାମୟ ମୂର୍ତ୍ତି, ଗୈରିକ ବସନ, ସୂର୍ଯ୍ୟଙ୍କ ପରି ଭାସ୍ୱର ମୁଖମଣ୍ଡଳ, ଦୃଷ୍ଟି ମର୍ମଭେଦୀ ଓ ମନୋହର – ସ୍ୱାମୀ ବିବେକାନନ୍ଦ ମୋ ଦୃଷ୍ଟି ପଥରେ ପ୍ରଥମେ ଏହିପରି ପ୍ରତିଭାତ ହୋଇଥିଲେ । ସେ ସନ୍ନ୍ୟାସୀ ରୂପେ ଖ୍ୟାତ, ମାତ୍ର ମୋ ପାଇଁ ତାହା ଗ୍ରହଣଯୋଗ୍ୟ ନୁହେଁ, ପ୍ରଥମ ଦୃଷ୍ଟିରେ ସେ ଯୋଦ୍ଧା ପରି ମନେ ହେଉଥିଲେ; ପ୍ରକୃତରେ ସେ ଥିଲେ ଜଣେ ଯୋଦ୍ଧା-ସନ୍ନ୍ୟାସୀ । ଚିକାଗୋ ଧର୍ମ ମହାସଭାରେ ସେ ସର୍ବକନିଷ୍ଠ ହେଲେ ମଧ୍ୟ ଅନ୍ୟ କାହାରିଠାରୁ ନ୍ୟୂନ ନ ଥିଲେ ବରଂ ଥିଲେ ପ୍ରାଚୀନତମ ଓ ଶ୍ରେଷ୍ଠତମ ସତ୍ୟର ଉପାସକ – ଜୀବନ୍ତ ଘନ-ବିଗ୍ରହ ।'' ମାତ୍ର ସ୍ୱାମିଜିଙ୍କୁ ଏସବୁ କିଛି ବି ଛୁଇଁ ନ ଥିଲା, ଜଳରେ ପଦ୍ମପତ୍ର ବେଷ୍ଟିତ କମଳ ସେ । ସେ ବୁଝିଥିଲେ କାଳସ୍ରୋତ ଉଜାଣି ବହିଛି । ବିଶ୍ୱବାସୀଙ୍କ ନିକଟରେ ପୁନରାୟ ଅମୃତର ବାର୍ତ୍ତା ଉପସ୍ଥାପନା କରିବାରେ ଭାରତ ସକ୍ଷମ ହୋଇଛି ଏବଂ ତାହାର ଫଳସ୍ୱରୂପ ତାଙ୍କୁ ଏ ଦେଶକୁ ଆସିବାକୁ ହୋଇଛି – ସେ ଜଣେ ସାମାନ୍ୟ ଦୂତ ମାତ୍ର, ସମାଚାର ବହନ କରି ଆଣିବା ହେଉଛି ତାଙ୍କର କାର୍ଯ୍ୟ ।

ସେ ସମସ୍ତଙ୍କୁ ବୁଝାଇବାକୁ ଚାହୁଁଥିଲେ – କେବଳ ଭୌତିକ ସାହାଯ୍ୟ ଦ୍ୱାରା ଜଗତର ଦୁଃଖ ଦୂର କରିବା ସମ୍ଭବ ନୁହେଁ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ପ୍ରକୃତି ପରିବର୍ତ୍ତିତ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଏହି ଭୌତିକ ଅଭାବଗୁଡ଼ିକ ଆସୁଥିବ, ତାହାର ଯେମିତି ଶେଷ ନାହିଁ । କାରଣ ଜଗତରେ ଯେଉଁ ସବୁ ଦୁଃଖ-କଷ୍ଟ ଓ ଅଶୁଭ ଦେଖୁ, ସେସବୁ ଅଜ୍ଞାନରୁ ବା ଅବିଦ୍ୟାରୁ ପ୍ରସୂତ । ମନୁଷ୍ୟକୁ ଜ୍ଞାନାଲୋକ ଦେବାକୁ ହେବ । ଏକମାତ୍ର ଅଧ୍ୟାତ୍ମଜ୍ଞାନହିଁ ଆମର ସମସ୍ତ ଦୁଃଖକୁ ଚିରକାଳ ପାଇଁ ଦୂର କରିପାରେ ।

ଆଲୋକର ଉଜ୍ଜ୍ୱଳତା ଯେତେ ତୀବ୍ର, ତାହାର ଛାୟା ସେତେ ଘନ । ସ୍ୱାମିଜି ଏଥିରୁ ବର୍ତ୍ତିଯାଇଥିଲେ ବି ବାଦ୍ ପଡ଼ିଯାଇ ନ ଥିଲେ । ସ୍ୱାମିଜିଙ୍କ ପ୍ରଶଂସାରେ ଈର୍ଷାପରାୟଣ ହୋଇ ଏବଂ ନିଜର ସମ୍ମାନ ଓ ରୋଜଗାରକୁ ଅସୁରକ୍ଷିତ ମନେ କରି କେତେକ ଖ୍ରୀଷ୍ଟିଆନ ମିଶନାରୀ ଓ ଥିଓସୋଫିଷ୍ଟ, ସ୍ୱାମିଜିଙ୍କ କୁତ୍ସାରଟନା କରିବାକୁ ଆରମ୍ଭ କରିଦେଲେ । ତାଙ୍କ ଚରିତ୍ରରେ କଳଙ୍କ ଲେପିବା ପାଇଁ ସୁନ୍ଦରୀ ଯୁବତୀମାନଙ୍କୁ ଟଙ୍କା ଦେଇ ସେମାନଙ୍କ ଦ୍ୱାରା ପ୍ରଲୋଭିତ କରାଇବାକୁ ଚେଷ୍ଟା କଲେ । ବ୍ରହ୍ମବାଦୀ ନେତାଗଣ ଏହି ସମସ୍ତ ମିଶନାରୀଗଣଙ୍କ ପଛରେ ରହି ଇନ୍ଧନ ଯୋଗାଉ ଥିଲେ । ସେମାନେ ଏତେ ଭୟଭୀତ ହୋଇ ଉଠିଥିଲେ ଯେ ତାଙ୍କ ସଂଘରେ ଏକଥା ମଧ୍ୟ ଘୋଷଣା କରି ଦିଆଗଲା ଯେ – ଯଦି କୌଣସି ସଭ୍ୟ ଭ୍ରମବଶତଃ ବିବେକାନନ୍ଦଙ୍କ ବକ୍ତୃତା ଶୁଣିବାକୁ ଯାଏ, ତାହାହେଲେ ସେ ସମିତିର ସବୁପ୍ରକାର ସାହାଯ୍ୟ ସହାନୁଭୂତିରୁ ବଞ୍ଚିତ ହେବ ଏବଂ ସଂଘଚ୍ୟୁତ ହେବ । ସ୍ୱାମିଜିଙ୍କୁ କିନ୍ତୁ ଏସବୁ ସ୍ପର୍ଶ କଲା ନାହିଁ । ସେ ପ୍ରଶଂସାରେ ଯେମିତି ନିରୁତ୍ସାହ ଥିଲେ, ନିନ୍ଦାରେ ମଧ୍ୟ ସେମିତି ନିରୁଦ୍ୱିଗ୍ନ । ସେ ନିର୍ବିକାର ଚିତ୍ତରେ ଓ ନୀରବରେ ଆପଣାର କାର୍ଯ୍ୟ କରି ଚାଲିଥିଲେ । ସହରର ଗୋଟିଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ଏପରିକି ଏକାଧିକ ସ୍ଥାନରେ ଭାଷଣ ଦେବା ପାଇଁ ପ୍ରସ୍ତୁତ ଥିଲେ । କେବେ କେହି ତାକୁ ସୁରକ୍ଷା କିଂବା ପ୍ରତିରକ୍ଷା ଜନିତ ବ୍ୟବସ୍ଥା ଗ୍ରହଣ କରିବା ପାଇଁ କିଂବା ଅତ୍ୟଧିକ ସ୍ପଷ୍ଟବାଦୀ ନ ହେବା ପାଇଁ ଉପଦେଶ ଦେଉଥିଲେ, ତେବେ ସେ ହସି ଉଠି କହୁଥିଲେ : ''... ତୁମେମାନେ କ'ଣ ଭାବିଛ, ମୁଁ ମୋ ହୃଦୟର ବାଣୀ ନ ଶୁଣି ବାହାର ଲୋକଙ୍କ ଖିଆଲ ଅନୁସାରେ ଚଳିବାକୁ ଯିବି ? ଏହି ନିର୍ବୋଧ ଜଗତ୍ ମୋତେ ଯାହା ତାହା କରିବାକୁ କହୁଛି; ସେସବୁ କରିବାକୁ ହେଲେ

ମୋତେ ଗୋଟାଏ ନିର୍ବୋଧ, ନିମ୍ନସ୍ତରର ଜୀବ-ବିଶେଷରେ ପରିଣତ ହେବାକୁ ହେବ, ତଦପେକ୍ଷା ମୃତ୍ୟୁ ବରଂ ଶ୍ରେୟସ୍କର । ମୋର ଯାହା କିଛି କହିବାର ଅଛି, ତାହା ମୁଁ ମୋ ନିଜ କଥାରେ, ନିଜ ଢାଞ୍ଚାରେ କହିବି । ମୁଁ ମୋ କଥାକୁ ହିନ୍ଦୁ, ଖ୍ରୀଷ୍ଟିଆନ କିଂବା ଅନ୍ୟ କୌଣସି ଢାଞ୍ଚାରେ ଢାଳିବି ନାହିଁ । ମୁଁ ଜାଣେ ମୁଁ ଜ୍ୟୋତିଃର ତନୟ । ଜ୍ୟୋତିଃର ତନୟଗଣ ସେପରି କରିପାରନ୍ତି ନାହିଁ । ଏହା ସନାତନ ନିୟମ ।''

ଆଉ ଏକ ଅଦ୍ଭୁତ କାଣ୍ଡ ଘଟିଲା ପ୍ରାଚ୍ୟ ଭୂଖଣ୍ଡରେ । ହିମ-ପ୍ରବାହ ପରି ସ୍ୱାମିଜିଙ୍କର ନିନ୍ଦା ଓ କୁତ୍ସାରଟନା ଭାରତର ସମ୍ବାଦପତ୍ରକୁ ସଂକ୍ରମିତ ହେବାକୁ ଲାଗିଲା । ମିଶନାରୀମାନଙ୍କ ଅପପ୍ରଚାରରେ ପ୍ରଭାବିତ ହୋଇ କେତେକ ରକ୍ଷଣଶୀଳ ହିନ୍ଦୁ-ସଂପ୍ରଦାୟ 'ବଙ୍ଗବାସୀ' ପତ୍ରିକାରେ ସ୍ୱାମିଜିଙ୍କ ଆହାର-ବିହାର ନେଇ ବହୁ ଗୁଜବ ପ୍ରକାଶ କଲେ । ବରାହନଗର ମଠର ଗୁରୁଭାଇମାନେ ଏହା ଯେ ଅପଳାପ, ଅକ୍ଳେକେ ଜାଣି ପାରିଥିଲେ, ମାତ୍ର ଭାରତୀୟ ଶିଷ୍ୟବୃନ୍ଦ କ୍ରମାଗତ ଗୁରୁନିନ୍ଦା ଶୁଣି ବିଚଳିତ ହୋଇଉଠିଲେ । କେହି କେହି ସଂଶୟ ସଂଘାତରୁ ତ୍ରାହି ପାଇବା ଆଶାରେ ସ୍ୱାମିଜିଙ୍କ ନିକଟକୁ ଚିଠି ଲେଖିଲେ । ଉତ୍ତର ମିଳିଥିଲା, ''...ମନେରଖ ମୁଁ କାହାରି ନିର୍ଦ୍ଦେଶରେ ଚଳିବାକୁ ପ୍ରସ୍ତୁତ ନୁହେଁ, ମୁଁ ମୋ ଜୀବନର ଉଦ୍ଦେଶ୍ୟ ଭଲରୂପେ ଜାଣିଛି । ମୁଁ କୌଣସି ପ୍ରକାର ହଟ୍ଟଗୋଳ, ନିନ୍ଦା ଇତ୍ୟାଦିକୁ ଖାତିର କରେ ନାହିଁ । ମୁଁ କ'ଣ କୌଣସି ବ୍ୟକ୍ତିବିଶେଷ କିଂବା ଜାତିବିଶେଷର କ୍ରୀତଦାସ ?... ତୁମେ କ'ଣ କହିବାକୁ ଚାହଁ ଯେ କୁସଂସ୍କାରାଚ୍ଛନ୍ନ, ନିଷ୍ଠୁର, ଦୁର୍ବଳଚେତା, ତଥାକଥିତ ଶିକ୍ଷିତଙ୍କ ମେଳରେ ରହିବା ଲାଗି ମୁଁ ଜନ୍ମଗ୍ରହଣ କରିଛି ? ମୁଁ ସବୁପ୍ରକାର କାପୁରୁଷତାକୁ ଘୃଣା କରେ । ଏହି ସମସ୍ତ କାପୁରୁଷ ଓ ରାଜନୈତିକ ନିର୍ବୋଧତା ସହିତ ମୋର କୌଣସି ସଂଶ୍ରବ ନାହିଁ । ଈଶ୍ୱର ଓ ସତ୍ୟହିଁ ମୋର ଏକମାତ୍ର ଆରାଧ୍ୟ – ଏହା ବ୍ୟତୀତ ଆଉସବୁ ଆବର୍ଜନା ମାତ୍ର ।''

ଅଳ୍ପ କିଛିଦିନ ପରେ ସ୍ୱାମିଜି ଚିକାଗୋରୁ ଲଣ୍ଡନଯାତ୍ରା କଲେ । ସେଠାରେ ମଧ୍ୟ ତାଙ୍କ ବାଗ୍ମିତା ଓ ବିଜ୍ଞତାରେ ସମସ୍ତେ ମୁଗ୍ଧ ହୋଇଗଲେ । ବହୁ ଅନୁଷ୍ଠାନ, ସଭାସମିତି ମାଧ୍ୟମରେ ତାଙ୍କୁ ସାଦର ସମ୍ମାନ ପ୍ରଦାନ କରାଗଲା । ସେମାନେ ତାଙ୍କୁ 'Cyclonic Hindu'ର ଆଖ୍ୟା ପ୍ରଦାନ କରିଥିଲେ । କାରଣ ତାଙ୍କ ବକ୍ତବ୍ୟରେ ଥିଲା ବିଦ୍ୟୁତର ସ୍ଫୁଲିଙ୍ଗ, ଚିନ୍ତାରେ ଥିଲା ତଡ଼ିତର ପ୍ରବାହ । ସେ ନିମିଷକେ ପ୍ରତିପ୍ରଶ୍ନ ଅଥବା ପ୍ରତ୍ୟୁତ୍ତର ପ୍ରଦାନ କରୁଥିଲେ । ଥରେ ଏକ ସଭାରେ ଇଂରେଜ ସମାଲୋଚକ ଜଣେ ପ୍ରଶ୍ନକଲେ, ''ସ୍ୱାମିଜି ! ଭାରତର ହିନ୍ଦୁମାନେ କ'ଣ କରିଛନ୍ତି ? ସେମାନେ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ଜାତିକୁ ଜୟ କରିପାରି ନାହାନ୍ତି ତ ?''

ସଙ୍ଗେ ସଙ୍ଗେ ଉତ୍ତର ମିଳିଲା, ''ପାରି ନାହାନ୍ତି ନୁହେଁ; ସେମାନେ କରି ନାହାନ୍ତି । ପୁଣି ଏହାହିଁ ହିନ୍ଦୁ ଜାତିର ଗୌରବ ଯେ ସେମାନେ କେବେହେଲେ ଭିନ୍ନ ଜାତିର ରକ୍ତରେ ଧରିତ୍ରୀକୁ ରଂଜିତ କରି ନାହାନ୍ତି । କାହିଁକି ସେମାନେ ଅନ୍ୟ ଦେଶକୁ ଅଧିକାର କରିବେ ? ତୁଚ୍ଛ ଧନ ଲାଳସାରେ ? ଭଗବାନ୍ ଚିରଦିନ ଭାରତକୁ ଦାତାର ମହିମାମୟ ଆସନରେ ପ୍ରତିଷ୍ଠା କରିଛନ୍ତି ! ସେମାନେ ଜଗତର ଧର୍ମଗୁରୁ ! ସେମାନେ କେବେ ବି ପରଧନହରଣକାରୀ ରକ୍ତପିପାସୁ ଦସ୍ୟୁ ନ ଥିଲେ । ଆଉ ସେହି କାରଣରୁ ମୁଁ ମୋ ପିତୃପୁରୁଷଙ୍କ ଗୌରବରେ ଗର୍ବ ଅନୁଭବ କରେ ।''

''ମହାଶୟ, ଆପଣଙ୍କ ମହାପୁରୁଷଗଣ ଯଦି ମାନବସମାଜକୁ ଧର୍ମଦାନ କରିବା ନିମିତ୍ତ ଏତେ ବ୍ୟଗ୍ର ଥିଲେ, ତାହାହେଲେ ସେମାନେ ଏ ଦେଶକୁ ଧର୍ମପ୍ରଚାର କରିବା ପାଇଁ ଆସି ନ ଥିଲେ କାହିଁକି ?''– ପ୍ରଶ୍ନକଲେ ଭିନ୍ନ ଜଣେ ଶ୍ରୋତା । ମୃଦୁ ହସି ସ୍ୱାମିଜି କହିଲେ, ''ତୁମର ପୂର୍ବ ପୁରୁଷମାନେ ସେତେବେଳେ ପଶୁତୁଲ୍ୟ ଗିରି ଗୁହାରେ ବାସ କରୁଥିଲେ, ନିଜର ଉଲଗ୍ନ ଶରୀରକୁ ସବୁଜ ପତ୍ରର ରସରେ ରଙ୍ଗାଉ ଥିଲେ, ଆମ ଦେଶର ମହାପୁରୁଷଗଣ କ'ଣ ସେତେବେଳେ ଅରଣ୍ୟରେ ସେହି ବଣ୍ୟ-ବର୍ବରଙ୍କୁ ଧର୍ମଶିକ୍ଷା ଦେଇଥା'ନ୍ତେ ?'' ଉପସ୍ଥିତ ଶ୍ରୋତୃବର୍ଗ ନୀରବରେ ସତ୍ୟକୁ ସ୍ୱୀକାର କରିନେଲେ, ତୁଚ୍ଛା ଦାମ୍ଭିକତା ଦୟନୀୟ ଭାବେ ପରାଜିତ ହେଲା ।

ଆଉ ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ଘଟିଥିଲା ସ୍ୱାମିଜିଙ୍କ ବିଦେଶ ରହଣୀ ସମୟରେ । ସ୍ୱାମିଜି ଜନୈକ ଅଧ୍ୟାପକଙ୍କ କାର୍ଯ୍ୟାଳୟରେ ଆଲୋଚନାରେ ବ୍ୟାପୃତ ଥିବା ସମୟରେ ଅଧ୍ୟାପକ ଜଣକ କିଛି ସମୟ ପାଇଁ ବାହାରକୁ ଚାଲିଗଲେ । ଅଳ୍ପ ସମୟପରେ ଫେରିଆସି ଦେଖନ୍ତି ସ୍ୱାମିଜି ଖଣ୍ଡିଏ କବିତା ପୁସ୍ତକକୁ ଓଲଟାଇ ଚାଲିଛନ୍ତି । ବହିଟିର ପୃଷ୍ଠା ଶେଷ ହୋଇଯିବା ପରେ ସ୍ୱାମିଜି କହିଲେ, ''କ୍ଷମା କରିବେ, ବହିଟି ପଢୁଥିଲି, ଆପଣ ବୋଧହୁଏ ଅନେକ ସମୟ ହେବ ଆସିଲେଣି ।'' ସନ୍ନ୍ୟାସୀଙ୍କ ଉତ୍ତର ଯେ ସତ୍ୟ ଏକଥା ଅଧ୍ୟାପକଙ୍କର ପରତେ ଗଲା ନି । ସେ ପରୀକ୍ଷା କରିବାକୁ ଯାଇ ପୁସ୍ତକରୁ କିଛି ଅଂଶ

ପ୍ରଶ୍ନ କଲେ । ସ୍ୱାମିଜି ଖୁବ୍ ସ୍ୱାଭାବିକ ରୀତିରେ ପଠିତ ପୁସ୍ତକଟିକୁ ଆବୃତ୍ତି କରିବାରେ ଲାଗିଲେ । ଅଧ୍ୟାପକଙ୍କ ବିଶ୍ୱାସ ବିସ୍ମରଣ ହେଲା, ଏବଂ ସେ ଏହି ନିଷ୍ପତ୍ତିରେ ନିଜକୁ ବୁଝାଇ ଦେଲେ ଯେ ସ୍ୱାମିଜି ବୋଧହୁଏ ବହିଟି ଆଗରୁ ପଢ଼ିଥିଲେ । ନଚେତ୍ ଚାରି ଶହ ପୃଷ୍ଠା ବିଶିଷ୍ଟ ବହିଟିକୁ ମାତ୍ର ଅଧଘଣ୍ଟାଏ ସମୟ ମଧ୍ୟରେ ଆୟତ୍ତ କରିବା କେବଳ ଦୁଃସାଧ୍ୟ ନୁହେଁ – ଅସମ୍ଭବ ।

ସ୍ୱାମିଜି ହସି ହସି ଉତ୍ତର ଦେଲେ, ''ଅଧ୍ୟାପକ ମହାଶୟ, ସଂଯତମନା ଯୋଗୀ ପାଖରେ ଏହା ଅସମ୍ଭବ ନୁହେଁ । ମୋ ମତରେ ଏହି କ୍ଷମତା ସମସ୍ତେ ଲାଭ କରିପାରିବେ । ଆଜୀବନ ଅଖଣ୍ଡ ବ୍ରହ୍ମଚର୍ଯ୍ୟର ଫଳ ସ୍ୱରୂପ ଏହି କ୍ଷମତା ସ୍ୱତଃ ମୋ ପାଖକୁ ଆସିଛି । ପାଶ୍ଚାତ୍ୟ ଦେଶରେ ଅନେକେ ଏହାକୁ ବିଶ୍ୱାସ ନ କରି ପାରନ୍ତି, କିନ୍ତୁ ଭାରତରେ ବ୍ରହ୍ମଚର୍ଯ୍ୟ ବଳରେ ଏ ପ୍ରକାର ସ୍ମୃତିଶକ୍ତିର ଅଧିକାରୀ ବିରଳ ନୁହନ୍ତି ।''

ସ୍ୱାମିଜି ଲଣ୍ଡନ ଓ ଅନ୍ୟାନ୍ୟ ବହୁ ଇଉରୋପୀୟ ଦେଶରେ ପ୍ରଚାର କାର୍ଯ୍ୟ ଶେଷକରି ପୁନର୍ବାର ଚିକାଗୋ ଫେରି ଆସିଲେ । ସେଠାରେ ସେ ପୂର୍ବପରି ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ । ମାତ୍ର ଅଳ୍ପ କେତେମାସ ପରେ ଏକ ଅଜଣା କୋହ ତାଙ୍କ ଭିତରେ ଗୁମୁରି ଉଠିଲା । ସବୁ ପ୍ରଭଞ୍ଜନ ସତେ ଯେମିତି ଶାନ୍ତ ପଡ଼ିଗଲା । ମନେ ପଡ଼ିଗଲା ଭାରତ ମା'ର ସ୍ନେହ ସରାଗ, ତା' ଶ୍ୟାମଳ ବକ୍ଷର ଆଲିଙ୍ଗନ । ସେ ଫେରି ଆସିବାକୁ ବାଳକ ପରି ଅଧୀର ହୋଇ ଉଠିଲେ । ତାଙ୍କର ଆତୁରତା ଅନ୍ୟମାନଙ୍କୁ ଆଚମ୍ବିତ କଲା । କେହି ଜଣେ ଉତ୍ସୁକ ହୋଇ ପ୍ରଶ୍ନ କଲେ, ''ସ୍ୱାମିଜି, ଦୀର୍ଘ ଚାରି ବର୍ଷ କାଳ ପାଶ୍ଚାତ୍ୟ ଭୂମିରେ ବିଳାସମୟ ନଗରୀମାନଙ୍କରେ କଟାଇବା ପରେ ଆପଣଙ୍କ ମାତୃଭୂମି ଆପଣଙ୍କୁ କିପରି ଲାଗିବ ?''

ସ୍ୱଦେଶ ପ୍ରେମିକ ସନ୍ନ୍ୟାସୀ ସତ୍ୱର ଉତ୍ତର ଦେଲେ, ''ପାଶ୍ଚାତ୍ୟ ଭୂମିକୁ ଆସିବା ଆଗରୁ ମୁଁ ଭାରତକୁ ଭଲ ପାଉଥିଲି; ଏବେ ଭାରତର ଧୂଳିକଣା ପର୍ଯ୍ୟନ୍ତ ମୋ ପାଖରେ ପବିତ୍ର, ଭାରତର ବାୟୁ ମୋ ପାଇଁ ମଳୟ, ବନ, ଉପବନ ମୋ ପାଇଁ ସ୍ୱର୍ଗର ନନ୍ଦନ-କାନନ; ଭାରତ ମୋ ପାଖରେ ତୀର୍ଥ ସ୍ୱରୂପ ।''

ସ୍ୱାମିଜି ସେତେବେଳକୁ ଭାବ ଜୁଡୁବୁଡୁ । ଆଖିର ନୀର ଅପେକ୍ଷା କରି ରହିଥିଲା ଧୋଇ ଦେବାକୁ ମା'ର ଚରଣ । ❑

## ସ୍ୱାମୀ ବିବେକାନନ୍ଦ (୧୨)

# ସକଳ ଘଟେ ନାରାୟଣ

## ସନ୍ତୋଷ କୁମାର ରଥ

ନୀଡ଼ ବାହୁଡ଼ା ପକ୍ଷୀ, ଗୋଠ ଫେରନ୍ତା ଗୋରୁ କେହି କେବେ ବାଟ ହୁଡ଼ନ୍ତି ନି । ସଭିଏଁ ମମତାରେ ବନ୍ଧା । ନିଜ ଭିଟାଭୂଇଁର ବାସ୍ନାରେ ସଭିଏଁ ବିଭୋର, ଯେମିତି ମା'ର କୋଳ । ସ୍ୱାମିଜି ଏଥିରୁ ଉବୁରି ନ ଥିଲେ ।

ଦୀର୍ଘ ତିନିବର୍ଷର ବିଦେଶ ରହଣି ପରେ ସ୍ୱାମିଜି ଭାରତ ଭୂଇଁକୁ ଫେରି ଆସୁଥିବାର ସମ୍ବାଦ ଅଚିରେ ବ୍ୟାପିଗଲା । ବ୍ୟାକୁଳ ହୋଇ ଉଠିଲେ ପାଶ୍ଚାତ୍ୟବାସୀ । ଆରମ୍ଭ ହୋଇଗଲା ବିଦାୟକାଳୀନ ପ୍ରସ୍ତୁତି ପର୍ବ । ବହୁ ସ୍ଥାନରେ ସଭା, ସମିତି ଓ ସମାବେଶର ଆୟୋଜନ କରାଗଲା । ହଜାର ହଜାର ଜନତା ସଶ୍ରଦ୍ଧ ସମ୍ବର୍ଦ୍ଧନା ଜଣାଇଲେ । ଆତିଥ୍ୟ ପ୍ରଦାନକାରୀ ବନ୍ଧୁ ଓ ଅନୁଗତ ଶିଷ୍ୟବୃନ୍ଦ ଯେ ଆତ୍ମୀୟତାରେ ବନ୍ଧା ପଡ଼ି ଯାଇଥିଲେ, ସେତିକିବେଳେହିଁ ସେମାନେ ଅନୁଭବ କଲେ । କଣ୍ଠ ସେମାନଙ୍କର ବାଷ୍ପରୁଦ୍ଧ, ଆଖି ଭିଜା ଭିଜା । ବିଶେଷ କରି ଇଂଲଣ୍ଡର ବନ୍ଧୁବର୍ଗ ଓ ଶିଷ୍ୟମଣ୍ଡଳୀଙ୍କଠାରୁ ବିଦାୟ ନେବା ସମୟରେ ସେମାନଙ୍କର ଶୋକାକୁଳ ନୀରବ ଅଭିବ୍ୟକ୍ତିରେ ସ୍ୱାମିଜିଙ୍କର କୋମଳ ହୃଦୟ ବିଗଳିତ ହୋଇ ଉଠିଲା । ଭାବାବେଗରେ ଅଧୀର ହୋଇ ସ୍ୱାମିଜି କହି ପକାଇଲେ, ''ମୁଁ ଏହି ଦେହ-ବନ୍ଧନରୁ ଛିନ୍ନ ହୋଇପାରେ, ଜୀର୍ଣ୍ଣ ବସ୍ତ୍ର ସଦୃଶ ମୁଁ ଏହାକୁ ପରିତ୍ୟାଗ କରିପାରେ; କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଜଗତର ପ୍ରତ୍ୟେକେ ଉଚ୍ଚତମ ସତ୍ୟକୁ ଉପଲବ୍ଧି କରିପାରି ନାହାନ୍ତି, ସେତେଦିନ ମୁଁ ମାନବ-ଜାତିର କଲ୍ୟାଣ କାମନା କରି ଧର୍ମ ପ୍ରଚାରରୁ ବିରତ ହେବି ନାହିଁ ।''

ଏମିତି ଆଉ ଏକ ଅଭାବନୀୟ ପରିସ୍ଥିତିରେ ପଡ଼ି ସ୍ୱାମିଜି ଭୀଷ୍ମ ଶପଥ ଗ୍ରହଣ କଲେ – ''ମୁଁ ଜାଣେ 'ବିଦେହ-ମୁକ୍ତି'ହିଁ ସର୍ବୋଚ୍ଚ ଅବସ୍ଥା । ମୋ ସାଧନା ଜୀବନରେ ମୁଁ ଭାରତ ଭ୍ରମଣ କରିଥିଲି, ଦିନ ପରେ ଦିନ ନିର୍ଜନ ଗିରି ଗୁହାରେ ଧ୍ୟାନସ୍ଥ ରହୁଥିଲି; ସେତେବେଳେ ମୁକ୍ତିଲାଭ ଆଶାରେ ଅନାହାରରେ ଶରୀରତ୍ୟାଗର ସଂକଳ୍ପ ନେଇଥିଲି । କିନ୍ତୁ ବର୍ତ୍ତମାନ ମୁକ୍ତିଲାଭ ପାଇଁ ଲେଶମାତ୍ର କାମନା ନାହିଁ । ବରଂ ଏହା ଧ୍ରୁବ ସତ୍ୟ ଯେ ଯେତେଦିନ ପର୍ଯ୍ୟନ୍ତ ଜଣେ ମାତ୍ର ବ୍ୟକ୍ତି ମାୟାରେ ଆବଦ୍ଧ ଥିବ, ସେପର୍ଯ୍ୟନ୍ତ ମୁଁ ମୁକ୍ତି ପ୍ରାର୍ଥନା କରିବି ନାହିଁ ।''

ପ୍ରଥମ ସାକ୍ଷାତରୁ ଠାକୁର ଠିକ୍ ଜାଣିଥିଲେ – ନରେନ୍ (ବିବେକାନନ୍ଦ) ଜଣେ ସାଧାରଣ ବାଳକ ନୁହେଁ, ସେ ସପ୍ତର୍ଷିମଣ୍ଡଳର ଜଣେ ଋଷି, ଭବିଷ୍ୟତ୍ ନିମନ୍ତେ ଏକ ପରିପୂର୍ଣ୍ଣ ଆଧାର । ତେଣୁ ଅନ୍ୟାନ୍ୟ ଶିଷ୍ୟମାନଙ୍କଠାରୁ ତାଙ୍କ ଉପରେ ଥିଲା ଠାକୁରଙ୍କର ଏକ ନିଆରା ଆସ୍ଥା । ସେଇଥି ପାଇଁ ବୋଧେ ନରେନ୍ ଯେତେବେଳେ ନିର୍ବିକଳ୍ପ ସମାଧି ନିମନ୍ତେ ବିନୀତ ପ୍ରାର୍ଥନା ଜଣାଇଥିଲେ, ସେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ବ୍ୟସ୍ତ ହୋଇ କହି ପକାଇଥିଲେ, ''ବାରଂବାର ଏକଥା କହିବାକୁ ଲାଜ ମାଡୁ ନାହିଁ ? ତୁ ବରଗଛ ସଦୃଶ ହୋଇ ଶତ ଶତ ଲୋକଙ୍କୁ ଛାୟା ପ୍ରଦାନ କରିବୁ । ତା' ନ ହୋଇ ତୁ ନିଜ ମୁକ୍ତି ନିମନ୍ତେ ବ୍ୟସ୍ତ ହୋଇ ପଡୁଛୁ । ଏତେ କ୍ଷୁଦ୍ର ଆଦର୍ଶ ତୋର !'' ଅବଶ୍ୟ ଶିଷ୍ୟର ବ୍ୟାକୁଳତାକୁ ଉପେକ୍ଷା କରି ନ ପାରି ସେ ତାହା ପ୍ରଦାନ କରିଥିଲେ, ମାତ୍ର କହି ରଖିଥିଲେ, ''ଆଉ ନୁହେଁ, ଏଥର ଚାବି ପଡ଼ି ରହିଲା, ଚାବି ମୋ ହାତରେ ରହିବ, କାମ ସରିଗଲେ ଖୋଲି ଦିଆଯିବ ।''

ମୁକ୍ତିର ସେ ତାଲା ଖୋଲିବା ପାଇଁ ସ୍ୱାମିଜି ଏବେ ଆଉ ଲାଳାୟିତ ନ ଥିଲେ, ବରଂ ନିଜ ଚାବିକୁ ନିଜେ ହଜାଇଦେବା ପାଇଁ ପ୍ରସ୍ତୁତ । ଖାଲି ସେତିକି ନୁହେଁ ଜୀବନରେ ଯାହା ସାଧ୍ୟାତୀତ ଥିଲା ତାକୁ ମଧ୍ୟ ସେ ଆୟତ୍ତ କରି ପାରିଥିଲେ । ମାନବପ୍ରୀତିର ଶିଖାରୋହଣ ତାଙ୍କ ପାଇଁ ସେତେବେଳକୁ ଆଉ ଅପହଞ୍ଚ ନ ଥିଲା । ବରଂ ସାନୁଦେଶରେ ପହଞ୍ଚି ସେ ବନ୍ଧା ପଡ଼ି ଯାଇଥିଲେ ବିଶ୍ୱ ପ୍ରୀତିରେ, ତାଙ୍କ ହୃଦୟରୁ ମନ୍ଦ୍ରିତ ହେଉଥିଲା ପ୍ରାଚୀନ ଋଷିଙ୍କର ବାଣୀ – ''ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ ।''... ଅଥବା ଗୀତାର ବାଣୀ – ''ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ (୧୨/୧୩) ।''...

ଇଂଲଣ୍ଡରେ ଥିବାବେଳେ ଜଣେ ବନ୍ଧୁଙ୍କ ପାଖକୁ ଲେଖିଥିବା ଚିଠିରୁ ଏହି ଭାବଟି ବେଶ୍ ବାରି ହୋଇ ପଡ଼େ । ସେ ଲେଖିଥିଲେ – ''ତୁମେ ଜାଣି ଖୁସୀ ହେବ ଯେ, ସ୍ୱ

ଅନୁଭୂତିରୁ ଅଶେଷ ଧୈର୍ଯ୍ୟର ସହିତ ପ୍ରତ୍ୟହ ମୁଁ ନୂଆ ନୂଆ କଥା ଶିକ୍ଷାଲାଭ କରୁଛି । ମୋର ମନେହୁଏ ଉଦ୍ଧତ ପ୍ରକୃତି 'ଆଙ୍ଗ୍ଲୋ-ଇଣ୍ଡିୟାନ୍'ଙ୍କ ମଧ୍ୟରେ ବି ମୁଁ ଦେବତ୍ୱର ସନ୍ଧାନ ପାଇବାକୁ ଆରମ୍ଭ କରିଛି । ବୋଧ ହେଉଛି ମୁଁ ଏହି ଅବସ୍ଥାରେ ପହଞ୍ଚିବାକୁ ଯାଉଛି, ଯେଉଁଠାରେ ସଇତାନ ବୋଲି ଯଦି କିଏ ଥାଏ, ତେବେ ତାକୁ ମଧ୍ୟ ଭଲ ପାଇ ପାରିବି । ତେରବର୍ଷ ତଳେ ମୋର ଏହି ଅବସ୍ଥା ନ ଥିଲା । ଏମିତିକି ମୋତେ ଯେତେବେଳେ କୋଡ଼ିଏ ବର୍ଷ ବୟସ ସେତେବେଳେ ମୁଁ ଥିଲି ସମ୍ପୂର୍ଣ୍ଣ ରୂପେ ମତାନ୍ଧ, ଏକଜିଦିଆ । କଲିକତାର ଯେଉଁ ରାସ୍ତାଗୁଡ଼ିକରେ ଥିଏଟର ହଲ୍, ସେସବୁ ରାସ୍ତା ଦେଇ ମୁଁ ଯାଉ ନ ଥିଲି । ମାତ୍ର ଏବେ ଯଦି ବେଶ୍ୟାମାନଙ୍କ ସହ ରହିବାକୁ ପଡ଼େ ତେବେ ବି ମୁଁ ପ୍ରସ୍ତୁତ । ତାଙ୍କ ପ୍ରତି କୌଣସି ପ୍ରକାର ହୀନମନ୍ୟତା ମୋ ମନରେ ଉଦୟ ହେବ ନାହିଁ ।... ଆଉ ଯେତେବେଳେ ମୋର ଭାବ-ସମାଧି ହୁଏ, ସେତେବେଳେ ମୋର ମନେହୁଏ ମୁଁ ସବୁଜିନିଷକୁ ଭଲ ପାଉଛି, ଆଲିଙ୍ଗନ କରୁଛି । ମୋର ଚେତନା ବିଶ୍ୱପ୍ରେମ ଆଡ଼କୁ ଅଗ୍ରସର ହେଉଛି – ଯାହାର ଅଧିକାରୀ ସ୍ୱୟଂ ପ୍ରଭୁ । ମୁଁ ସ୍ପଷ୍ଟ ଦେଖି ପାରୁଛି, ଆମେ ଯାହାକୁ ମନ୍ଦ ବୋଲି ଭାବୁଛେ ତାହା ଭ୍ରାନ୍ତି ମାତ୍ର ।''

ସ୍ୱାମିଜିଙ୍କର ଏଭଳି ମନୋଭାବକୁ ଗ୍ରହଣ କରିବା ପାଶ୍ଚାତ୍ୟ ବାସୀଙ୍କ ପକ୍ଷରେ ଅସହ୍ୟ ବୋଧ ହେଉଥିଲା । କେହି କେହି ଏସବୁକୁ ଉଦ୍ଭଟ ପରିକଳ୍ପନା ବୋଲି ଧରି ନେଇଥିଲେ । ଯାହାର ଦୃଷ୍ଟି ଯେତେ ପ୍ରଶସ୍ତ ତା'ର ଦିଗ୍‌ବଳୟ ସେତେ ସୁଦୂର – ଏକଥା ସ୍ୱାମିଜିଙ୍କୁ ଭଲକରି ଜଣାଥିଲା ଏବଂ ଜଣାଥିଲା ଚେତନାର ପ୍ରସ୍ତୁତି ନ ହେବା ପର୍ଯ୍ୟନ୍ତ ସମସ୍ତ ମହତ୍‌ବାଣୀହିଁ କେବଳ ଶବ୍ଦ ମାତ୍ର । ତଥାପି ସ୍ୱାମିଜି ନିଜ ଚେଷ୍ଟାରୁ ବିରତ ହେଉ ନ ଥିଲେ । ଠାକୁରଙ୍କ ନିର୍ଦ୍ଦେଶରେ ଆସିଛନ୍ତି ଯେତେବେଳେ ଲୋକଶିକ୍ଷା ଦେବା ପାଇଁ ସେ ସଦା ପ୍ରସ୍ତୁତ ଥିଲେ; ଥରେ ଆମେରିକାର ପ୍ରଶ୍ନୋତ୍ତର ସଭାରେ ଜଣେ ହଠାତ୍ ପ୍ରଶ୍ନ କଲେ, ''ସ୍ୱାମିଜି, ଅପବିତ୍ରତାର ଘନୀଭୂତ-ପ୍ରତିମା ସ୍ୱରୂପ ବେଶ୍ୟାମାନଙ୍କ ଦ୍ୱାରା ସମାଜର ଅମଙ୍ଗଳ ବ୍ୟତୀତ ଆଉ କିଛି ସାଧିତ ହୁଏ କି ?''

ସ୍ୱାମିଜିଙ୍କର ଚକ୍ଷୁ କରୁଣାସିକ୍ତ ହୋଇ ଉଠିଲା, ମୁଖ ମଣ୍ଡଳରେ ଖେଳିଗଲା ପ୍ରସନ୍ନତାର ପ୍ରଭା । ସେହି ଭାବ ସଞ୍ଚରି ଗଲା ଧ୍ୱନିର ରୂପ ନେଇ, ''ରାସ୍ତା ଉପରେ ସେମାନଙ୍କୁ ଦେଖି ଘୃଣାରେ ନାସିକା କୁଞ୍ଚନ କର ନାହିଁ । ସେମାନେ ବର୍ମ ପରି ରହି ଶତ ଶତ ସତୀ ନାରୀଙ୍କୁ ଲମ୍ପଟମାନଙ୍କ ଅତ୍ୟାଚାରରୁ ରକ୍ଷା କରୁଛନ୍ତି । ସେମାନଙ୍କୁ ଘୃଣା କର ନାହିଁ । ସେମାନଙ୍କୁ ଧନ୍ୟବାଦ ଦିଅ ।''

ଏହାର ଅଳ୍ପ ଦିନ ପରେ ସ୍ୱାମିଜି ଭାରତର ଜଣେ ବରିଷ୍ଠ ନୀତିବାଦୀଙ୍କଠାରୁ ଏକ ଅଦ୍ଭୁତ ସମସ୍ୟାର ସମାଧାନ ନିମନ୍ତେ ପତ୍ରଟିଏ ପାଇଲେ । ସମସ୍ୟାଟି ଥିଲା : ଦକ୍ଷିଣେଶ୍ୱର ମହୋତ୍ସବକୁ ଅନେକ ବେଶ୍ୟା ଆସୁଥିବାରୁ ଭଦ୍ରଲୋକମାନେ ଆସିବା ପାଇଁ ଅମଙ୍ଗ ହେଉଛନ୍ତି । କ୍ରମଶଃ ଉଚ୍ଚ ଜାତିର ଭଦ୍ର ଲୋକମାନଙ୍କର ସଂଖ୍ୟା କମିବାରେ ଲାଗିଛି । ତେଣୁ ଦର୍ଶନ ନିମନ୍ତେ ଦିନେ ସ୍ତ୍ରୀଲୋକ ଏବଂ ଅନ୍ୟ ଗୋଟିଏ ଦିନ ପୁରୁଷ ଲୋକଙ୍କ ପାଇଁ ବ୍ୟବସ୍ଥା ରହିବା ଉଚିତ କି ? କିଂବା ଏହାର ପ୍ରତିକାର ନିମନ୍ତେ ଆପଣ କିଛି ସୁଚିନ୍ତିତ ମତାମତ ଜଣାଇବେ ।

ସ୍ୱାମିଜି ଉତ୍ତରରେ ଲେଖିଲେ :

''ବେଶ୍ୟାମାନେ ଯଦି ଦକ୍ଷିଣେଶ୍ୱର ମହାତୀର୍ଥକୁ ଯାଇ ନ ପାରିବେ, ତେବେ କେଉଁଠାକୁ ଯିବେ ? ପାପୀମାନଙ୍କ ପାଇଁ ପ୍ରଭୁଙ୍କର ଯେତେ ବିଶେଷ କରୁଣା, ପୁଣ୍ୟବାନଙ୍କ ପାଇଁ ସେତେ ନୁହେଁ ।

''ସ୍ତ୍ରୀ-ପୁରୁଷ, ଧନୀ-ଦରିଦ୍ର, ଉଚ୍ଚ ଜାତି, ନୀଚ ଜାତି ଆଦି ଭେଦାଭେଦ ନରକର ଦ୍ୱାର ସ୍ୱରୂପ । ଏସବୁ ତୁମ ସଂସାର ମଧ୍ୟରେ ଥାଉ । ଯଦି ପବିତ୍ର ତୀର୍ଥ ସ୍ଥଳରେ ଏପରି ଭେଦା-ଭେଦ ରହେ, ତେବେ ତୀର୍ଥ ଏବଂ ନରକ ମଧ୍ୟରେ ପ୍ରଭେଦ କ'ଣ ? ଯେଉଁମାନେ ଠାକୁର ଘରକୁ ଯାଇ ମଧ୍ୟ ସେ ବେଶ୍ୟା, ସେ ନୀଚ ଜାତି, ସେ ଗରିବ, ସେ ଛୋଟ ଲୋକ ବୋଲି ଭାବନ୍ତି, ସେମାନଙ୍କର (ଅର୍ଥାତ୍ ତୁମେ ଯେଉଁମାନଙ୍କୁ ଭଦ୍ରଲୋକ ବୋଲି କହୁଛ) ସଂଖ୍ୟା ଯେତେ କମ୍ ହେବ ସେତେ ମଙ୍ଗଳ । ଯେଉଁମାନେ ଏହିସବୁ ବିଚାର ନେଇ ବ୍ୟସ୍ତ ସେମାନେ ଠାକୁରଙ୍କୁ କ'ଣ ବୁଝିବେ ? ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର ଯେ ଶତ ଶତ ବେଶ୍ୟା ଆସନ୍ତୁ ତାଙ୍କ ଚରଣରେ ମୁଣ୍ଡ ନୁଆଁଇବା ପାଇଁ, ବରଂ ଜଣେ ହେଲେ ଭଦ୍ରଲୋକ ଯଦି ନ ଆସନ୍ତି ତେବେ ନ ଆସନ୍ତୁ । ଖାଲି ବେଶ୍ୟା ନୁହେଁ ଚୋର, ଡକାୟତ, ମାତାଲ ସମସ୍ତଙ୍କ ପାଇଁ ପ୍ରଭୁଙ୍କ ଦ୍ୱାର ଅବାରିତ । ଏସବୁ ନିଷ୍ଠୁର ରାକ୍ଷସୀ ଭାବକୁ ମନରେ ସ୍ଥାନ ଦିଅ ନାହିଁ । ବାଇବେଲ୍‌ରେ କଥାଟିଏ ଅଛି : "It is easier for a camel to pass through the eye of a needle than for a rich man to enter the Kingdom of God." (ଜଣେ ଧନୀ ବ୍ୟକ୍ତି

ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ଅପେକ୍ଷା ଗୋଟିଏ ଓଟ ଛୁଞ୍ଚିର ରନ୍ଧ୍ରଦେଇ ପ୍ରବେଶ କରିବା ଅପେକ୍ଷାକୃତ ସହଜ ।)

ଚିଠିଟି ପାଇବା ପରେ ପ୍ରଶ୍ନକର୍ତ୍ତା, କର୍ମକର୍ତ୍ତା ଓ ପାରିଷଦଗଣଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହେଲା । ଏଭଳି ବିଶ୍ୱପ୍ରୀତି ଓ ସମଦର୍ଶିତା ଭାବ ବହୁଜନ ବିଦିତ ନୁହେଁ । ଅବଶ୍ୟ ଅଧିକାଂଶ ଏହାକୁ ବିରୋଧ ନ କରି ବରଂ ବିସ୍ମିତ ହେଲେ ଏବଂ ନିଜର ସ୍ଥିତି ସହିତ ତୁଳନା କରି ବୁଝି ପାରିଲେ – ଭୂମିଠାରୁ ଭୂମା ସତରେ କେତେ ମହାନ୍ । କାହାରି କାହାରି ପକ୍ଷରେ ଦିଗନ୍ତ ଦର୍ଶନ ଦୁରୂହ ମନେ ହୋଇଥିଲେ ବି ସ୍ୱାମିଜିଙ୍କ ନିର୍ଦ୍ଦେଶ ଭାବି ନୀରବେ ଆଦରି ନେଲେ ।

ସ୍ୱାମିଜିଙ୍କର ସିଦ୍ଧାନ୍ତ ଥିଲା ଦେଶ କାଳର ଅତୀତ । ଆଉ ଏକ ଚିଠିରୁ ଏହା ଆହୁରି ସ୍ପଷ୍ଟ ହୋଇ ଉଠେ । ସେ ଲେଖିଥିଲେ, ''ଭାରତକୁ ମୁଁ ଭଲ ପାଏ । ମାତ୍ର ମୋର ଦୃଷ୍ଟି ଦିନକୁ ଦିନ ପ୍ରସାରିତ ହେବାରେ ଲାଗିଛି । ଏବେ ଭାବୁଛି ଭାରତବର୍ଷ, ଇଂଲଣ୍ଡ ବା ଆମେରିକା ଏସବୁ ପୁଣି କ'ଣ ? ଭ୍ରାନ୍ତିବଶତଃ ଯେଉଁମାନଙ୍କୁ ଆମେ 'ମନୁଷ୍ୟ' ବୋଲି ଅଭିହିତ କରୁ, ସଭିଏଁ ନାରାୟଣ । ଆମେ ସେହି ନାରାୟଣଙ୍କରହିଁ ସେବକ । ଏକଥା ମନେରଖ ଯେଉଁ ବ୍ୟକ୍ତି ବୃକ୍ଷ ମୂଳରେ ଜଳ ସେଚନ କରେ, ସେ କ'ଣ ପ୍ରକାରାନ୍ତରେ ସମଗ୍ର ବୃକ୍ଷଟିରେ ଜଳ ସେଚନ କରେ ନାହିଁ କି ?''

ଭାରତ ଭୂଇଁରେ ପାଦ ଦେବା ପୂର୍ବରୁ ବଢ଼ନ୍ତା ବରଗଛ ଯେ ଛାୟା ଦେବା ପାଇଁ ସଜିଲ ହୋଇ ଗଲାଣି ଏକଥା ବାଟୋଇମାନଙ୍କ ପକ୍ଷରେ ଆଉ ଅବୁଝା ରହିଲା ନି । ସଭିଏଁ ସଜାଡ଼ି ହୋଇ ରହିଲେ ସ୍ୱାମିଜିଙ୍କୁ ସ୍ୱାଗତ କରିବା ପାଇଁ । ❑

स्वामी विवेकानन्द (१३)

# ପ୍ରତ୍ୟାବର୍ତ୍ତନ

## ସନ୍ତୋଷ କୁମାର ରଥ

ପାହାଡ଼ଟା ଦୂରକୁ ନ ଘୁଞ୍ଚିବା ଯାଏଁ ତା ଦେହରେ ମଣ୍ଡି ହୋଇ ରହିଥିବା ସୌନ୍ଦର୍ଯ୍ୟ ବହୁ ଚର୍ଚ୍ଚିତ ହୁଏ ନାହିଁ କି ତା'ର ଉତ୍ତୁଙ୍ଗତା ବହୁ ପର୍ଯ୍ୟଟକଙ୍କୁ ଉଦ୍‌ଗ୍ରୀବ କରାଏ ନାହିଁ । କଥାଟା ଯେମିତି ସତ୍ୟ ସେମିତି ଲୋକ ପ୍ରଚଳିତ । ପାଖଲଗା ଲୋକେ କେବଳ ଦେଖନ୍ତି ତାହାର ଧୂସର କଳେବରକୁ ଯାହା କିଳାପୋତା ଗୋଚର ଭୂଇଁର ଆରପାରି । ପୂର୍ଣ୍ଣ ଅବୟବଧାରୀ ପାହାଡ଼ ଦର୍ଶନର ସୌଭାଗ୍ୟ ଅବଶ୍ୟ କେଇ ଜଣକ ଜାତକରେ ଜୁଟେ, ମାତ୍ର ଟିକେ ବିଳମ୍ବରେ; ଦୂର ରାଇଜରୁ ଢୋଲ ଢାଉଁ ଢାଉଁ ଶୁଭିଲା ପରେ । ସେତେବେଳେ ଗାଁ ଲୋକଙ୍କ ଛାତି ଫୁଲି ଉଠେ, କମର ବନ୍ଧା ହୁଏ । ସମସ୍ତେ ସଜିଲ ହୋଇ ଉଠନ୍ତି ପାହାଡ଼ ମଥାନରେ ନେତ ବାନ୍ଧିବା ପାଇଁ । ଆଉ ସେତେବେଳକୁ ଯାଇ ଅରଣା ଭୂଇଁ ପାଲଟେ ତୀର୍ଥଧାମରେ; ସେମାନଙ୍କର ପ୍ରଚେଷ୍ଟା ହୁଏ ପରାର୍ଥ ଧର୍ମୀ ।

ଠିକ୍ ତାହାହିଁ ଘଟିଲା । ବିଦେଶ ରହଣୀ-କାଳୀନ ଧର୍ମ ପ୍ରଚାରରେ ସ୍ୱାମିଜିଙ୍କର ବେଦାନ୍ତ ଚର୍ଚ୍ଚା ଓ ହିନ୍ଦୁ ଧର୍ମର ମୌଳିକତା ଏତେ ବେଶୀ ଲୋକପ୍ରିୟତା ଲାଭ କଲା ଯେ ପାଶ୍ଚାତ୍ୟବାସୀଙ୍କ ପ୍ରଶଂସା ଦିନକୁ ଦିନ ଶତମୁଖର ହେବାକୁ ଲାଗିଲା । ସେମାନଙ୍କ ପାଇଁ ସ୍ୱାମିଜି ହୋଇ ଉଠିଲେ ପ୍ରେରଣା ପ୍ରଦାନର ଏକ ପ୍ରମୁଖ ପ୍ରସ୍ରବଣ, ଅବା ଏକ ସୀମାହୀନ ସାଗର । କେହି କେହି ତାଙ୍କୁ ଅଲବ୍ଧ ଜ୍ଞାନର ଏକ ଉତ୍ତୁଙ୍ଗ ଶିଖର ବୋଲି ବର୍ଣ୍ଣନା କରୁଥିଲେ । – ଏସବୁ ସମ୍ବାଦ ଭାରତ-ଭୂଇଁରେ ପ୍ରଚାର ହେବା କ୍ଷଣି ସମସ୍ତଙ୍କ ଭିତରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଲା । ଘୁଞ୍ଚା ପାହାଡ଼ ପ୍ରତି ସଭିଏଁ ନେତ୍ର ଫେଇଲେ । ବିଜୟୀ ପତାକାକୁ ନିଜର ବୋଲି କହି ଉଚ୍ଛୁଳି ଉଠିଲେ ଆଗକୁ । ବହୁଦିନରୁ ଭଟ୍ଟାପଡ଼ି ଯାଇଥିବା ବେଳାଭୂମି ପୁଣି ଜୁଆରିଆ ହେଲା । ସମସ୍ତେ ସଜାଗ ହୋଇଉଠିଲେ । ଆଉ ଯେତେବେଳେ ଜାଣିଲେ ସ୍ୱାମିଜି ଖୁବ୍ ଶୀଘ୍ର ଭାରତ ଫେରି ଆସୁଛନ୍ତି, ସେତେବେଳେ ସଭିଏଁ ଏକଜୁଟ ହେବାକୁ ଲାଗିଲେ ସେଇ ପତାକା ତଳେ । ମନେ ହେଉଥିଲା ସ୍ୱାମିଜିଙ୍କର ଗୋଟିଏ ଗୋଟିଏ ଶବ୍ଦର ସ୍ଫୁଲିଙ୍ଗ ବାଡ଼ବାଗ୍ନିର ରୂପ ନେବ; ବ୍ୟାପିଯିବ ପ୍ରଦେଶରୁ ପ୍ରଦେଶକୁ, ଆକୁମାରୀ ହିମାଳୟ ।

ସ୍ୱାମିଜି ବେଶ୍ ଜାଣିଥିଲେ ଭାରତୀୟ ଯୁବକମାନଙ୍କର ଆଳସ୍ୟପରାୟଣତା ଓ ଈର୍ଷାପରାୟଣତାର ଉତ୍କର୍ଷତା । ସେହି ସ୍ୱଭାବର ମୂଳୋତ୍ପାଟନ ପାଇଁ ଫେରିଆସିବା ପୂର୍ବରୁ ସେ ବାରଂବାର ବିଭିନ୍ନ ଲୋକଙ୍କୁ ବିଭିନ୍ନ ଅବସରରେ ଚିଠିରେ ଲେଖୁଥିଲେ : ''ଆମ ଜାତି ଉପରେ ମୋର କୌଣସି ଭରସା ନାହିଁ । କିଛି ଗୋଟାଏ ସ୍ୱାଧୀନ ଚିନ୍ତା କାହାରି ମୁଣ୍ଡରେ ଜୁଟେ ନାହିଁ । ସମସ୍ତେ ସେହି ଛିଣ୍ଡା କନ୍ଥାକୁ ନେଇ ଟଣାଟଣି । ଏବେ ସମୟ ଆସିଛି – ଗାଁ ଗାଁକୁ ଯାଅ, ଘର ଘର ବୁଲ, ଜଗତର କଲ୍ୟାଣ କର । ନିଜେ ପଛେ ନରକକୁ ଯାଅ, ପରର ମୁକ୍ତି ହେଉ । ନିଜର ଭଲ କେବଳ ପରର ଭଲରେ ହୁଏ, ନିଜର ଭକ୍ତି ଓ ମୁକ୍ତି କେବଳ ଅନ୍ୟର ଭକ୍ତି ଓ ମୁକ୍ତିରେ ହୁଏ । ସେହିଥିରେହିଁ ମାତିଯାଅ । ଠାକୁର ଯେପରି ତୁମମାନଙ୍କୁ ଭଲ ପାଉଥିଲେ, ମୁଁ ଯେପରି ତୁମମାନଙ୍କୁ ଭଲପାଏ, ତୁମେମାନେ ସେହିପରି ଜଗତକୁ ଭଲପାଅ ।

''ମୁଁ ମରେ ବା ବଞ୍ଚେ, ଦେଶକୁ ଯାଏ ବା ନ ଯାଏ, ତୁମେମାନେ କର୍ମ କରିଯାଅ । ସମସ୍ତଙ୍କ ଭିତରେ ପ୍ରେମ ବିତରଣ କର । ପରସ୍ପର ମଧ୍ୟରେ ଭେଦାଭେଦ ଭାବ ରଖ ନାହିଁ । ସଭିଏଁ ସମାନ । ସ୍ତ୍ରୀ ପୁରୁଷ ଉଭୟ ଦରକାର, ଆତ୍ମାରେ ସ୍ତ୍ରୀ-ପୁରୁଷ ଭେଦ ନାହିଁ । ହଜାର ହଜାର ପୁରୁଷ ଲୋଡ଼ା, ସ୍ତ୍ରୀ ଲୋଡ଼ା – ଯେଉଁମାନେ ନିଆଁ ପରି ହିମାଚଳରୁ କନ୍ୟାକୁମାରୀ; ଦକ୍ଷିଣମେରୁଠାରୁ ଉତ୍ତରମେରୁ ପର୍ଯ୍ୟନ୍ତ ସାରା ଦୁନିଆକୁ ବ୍ୟାପି ଯିବେ । ଏସବୁ ପିଲା ଖେଳ ନୁହେଁ, ପିଲାଖେଳର ସମୟ ଆଉ ନାହିଁ । ଯେଉଁମାନେ ପିଲାଖେଳ କରିବାକୁ ଚାହାନ୍ତି ଏବେଠୁ ଅଲଗା ହୋଇ ଯାଆନ୍ତୁ । ନ ହେଲେ ସେମାନଙ୍କ ପ୍ରତି ମହା ଆପଦ । Organisation ଅର୍ଥାତ୍ ସଂଘ ଆବଶ୍ୟକ – ଆଳସ୍ୟ ଦୂରକର । ନିଆଁ ପରି ବ୍ୟାପିଯାଅ, ସବୁ ଜାଗାକୁ ବ୍ୟାପିଯାଅ । ମୋ ଉପରେ ଭରସା ରଖ ନାହିଁ, ମୁଁ ମରେ ବା ବଞ୍ଚେ ତୁମେମାନେ ବ୍ୟାପିଯାଅ ।

''ବତ୍ସ, ଦୃଢ଼ ଭାବରେ ନିଜକୁ ଧରିରହ । କୌଣସି ଲୋକ ଆସି ତୁମକୁ ସାହାଯ୍ୟ କରିବ, ଏ ଭରସା ରଖ ନାହିଁ । ସମସ୍ତ ମାନବୀୟ ସାହାଯ୍ୟ ଅପେକ୍ଷା ପ୍ରଭୁ କ'ଣ ଅନନ୍ତ ଗୁଣରେ ଶକ୍ତିମାନ୍ ନୁହନ୍ତି ? ପବିତ୍ର ହୁଅ । ପ୍ରଭୁଙ୍କ ଉପରେ ଭରସା ରଖ । ସର୍ବଦା ତାଙ୍କରି ଉପରେ ନିର୍ଭର କର, ତାହାହେଲେ ଯାଇ ତୁମର ସବୁକିଛି ଠିକ୍ ହୋଇଯିବ ।''

ସ୍ୱାମିଜି ଭଲକରି ଅନୁଧ୍ୟାନ କରିଥିଲେ ପ୍ରାଚ୍ୟ ଓ ପାଶ୍ଚାତ୍ୟବାସୀଙ୍କ ମଧ୍ୟରେ ରହିଥିବା ତାରତମ୍ୟ ଓ ଆମମାନଙ୍କର ଅନ୍ତର୍ନିହିତ ଦୁର୍ବଳତାକୁ । ତଥାପି ସେ ଆଶାବାଦୀ, ନିଜର କର୍ମ ଉପରେ ଗଭୀର ଆସ୍ଥା । ନିଜ ଚିଠିରେ ସେ ଥରେ ନିଜର ମର୍ମ ବେଦନାକୁ ପ୍ରକାଶ କରି ଦେଇଥିଲେ :

''ଭାରତ ପରାଧୀନ, ଦାସତ୍ୱ ବରଣ କରିଛି । କାରଣ କ'ଣ ଜାଣ ? ଦାସ ଜାତିର ମୂଳ ପାପ ହେଉଛି ଈର୍ଷା ଏବଂ ଏହି ଈର୍ଷା, ଦ୍ୱେଷ ଓ ଅସହଯୋଗିତାହିଁ ଉକ୍ତ ଦାସତ୍ୱକୁ ଚିରସ୍ଥାୟୀ କରି ରଖେ । ଭାରତ ବାହାରକୁ ନ ଆସିଲେ ମୋର କଥାର ମର୍ମ ବୁଝିପାରିବ ନାହିଁ । ପାଶ୍ଚାତ୍ୟ ଜାତିର କାର୍ଯ୍ୟ ସିଦ୍ଧିର ରହସ୍ୟ ହେଉଛି ସହଯୋଗିତା । ଏମାନଙ୍କ ଶକ୍ତିର ମୂଳ ଭିତ୍ତି ହେଉଛି – ପାରସ୍ପରିକ ବିଶ୍ୱାସ, ବୁଝାମଣା ଓ ଗୁଣଗ୍ରାହିତା । ଯାହା ଆମ୍ଭମାନଙ୍କ ନିକଟରେ ବିରଳ । ପୁନଶ୍ଚ ଜଣେ ମାର୍କିନ୍ ବା ୟୁରୋପୀୟାନ୍ ବିଦେଶରେ ଥିବାବେଳେ ନିଜ ଦେଶର ଲୋକଙ୍କ ପକ୍ଷ ସର୍ବଦା ଗ୍ରହଣ କରିଥାଏ, ମାତ୍ର ଜଣେ ହିନ୍ଦୁ ସ୍ୱଦେଶ-ବାସୀକୁ ଅପମାନିତ ହେବାର ଦେଖିଲେ ଖୁବ୍ ଖୁସୀ ହୁଏ । ସେ ଯାହାହେଉ, ସେସବୁ ନିନ୍ଦା ଓ କୁତ୍ସା ପ୍ରତି ଆଦୌ ଭ୍ରୁକ୍ଷେପ କର ନାହିଁ । କେବଳ ଏତିକି ମନେରଖ – କର୍ମରେ ତୁମର ଅଧିକାର, ଫଳରେ ନୁହେଁ । ପାହାଡ଼ ପରି ଅଟଳ ହୋଇ ରୁହ, ସତ୍ୟର ଜୟ ସୁନିଶ୍ଚିତ । ଶ୍ରୀରାମକୃଷ୍ଣଙ୍କ ସନ୍ତାନଗଣଙ୍କର ଭାବ-ଘରେ ଯେପରି ଚୋରି ନ ହୁଏ, ତାହାହେଲେ ସବୁ ଠିକ୍ ହୋଇଯିବ ।

''ଭାରତର ପ୍ରୟୋଜନ – ତାହାର ଜାତୀୟ ଧମନୀରେ ନବ ବିଦ୍ୟୁତର ସଂଚାର କରିବା । ଏଭଳି କାର୍ଯ୍ୟ ଚିରକାଳ ହୋଇ ଆସିଛି ଏବଂ ଚିରକାଳହିଁ ଧୀର ଭାବରେ ହେବ । ବର୍ତ୍ତମାନ ଫଳାକାଙ୍କ୍ଷା ତ୍ୟାଗ କରି କେବଳ କର୍ମ କରିଯାଅ । ସର୍ବୋପରି ପବିତ୍ର ଓ ଦୃଢ଼ଚେତା ହୁଅ, ମନପ୍ରାଣରେ ଅକପଟ ହୁଅ, ମୁଁ ଯଦି ଭାରତରେ ଏ ପ୍ରକାର ଶହେଜଣ ଲୋକଙ୍କୁ ତିଆରି କରିଦେଇପାରେ, ତା'ହେଲେ ମୁଁ ଆନନ୍ଦ ଚିତ୍ତରେ ମରି ପାରିବି – ମୁଁ ବୁଝିବି ଯେ ମୋର କର୍ତ୍ତବ୍ୟ ଶେଷ ହୋଇଛି ।''

ସ୍ୱାମିଜିଙ୍କ କଟୂକ୍ତି ମଧ୍ୟରେ ରହିଥିଲା ନିଃସ୍ୱାର୍ଥପରତା ଓ ଦେଶ ପ୍ରେମର ଦ୍ୟୋତନା । ମହୁମାଛିର ଦଂଶନକୁ ଭ୍ରୁକ୍ଷେପ ନ କରି ମହୁପାଇବା ଆଶାରେ ଆଗେଇ ଆସିଲେ ହଜାର ହଜାର ଯୁବକଗଣ । ସ୍ୱାମିଜିଙ୍କ ଆତ୍ମତ୍ୟାଗର ବହୁଳ ଚର୍ଚ୍ଚା ଚାଲିଲା । ସଭିଏଁ ଆଖି ମଳିଲେ, ଜାଣିଲେ ମେଘଢ଼ଙ୍କା ଆକାଶ ସୂର୍ଯ୍ୟୋଦୟକୁ ଆଉ ବେଶୀ ସମୟ ଆଡୁଆଳ କରି ରଖି ପାରିବ ନାହିଁ । ସ୍ୱାମିଜିଙ୍କ ବାଣୀହିଁ ସତ୍ୟ ହେବ – ''ଉଠ, ଜାଗ, ସମ୍ମୁଖରେ ଦୀର୍ଘ ରଜନୀର ଅବସାନ, ଦିବାଲୋକ ଆସନ୍ନପ୍ରାୟ; ମହାତରଙ୍ଗ ଉତ୍‌ଥିତ ହୋଇଛି, ତାହାର ଉତ୍ତାଳ ପ୍ରବାହ କେହି ରୋଧ କରି ପାରିବ ନାହିଁ ।

''ଭାରତ ପୁନର୍ବାର ଉଠିବ, କିନ୍ତୁ ଜଡ଼ଶକ୍ତିରେ ନୁହେଁ, ଚୈତନ୍ୟର ଶକ୍ତିରେ । ଧ୍ୱଂସର ପତାକା ଉଡ଼ାଇ ନୁହେଁ; ଶାନ୍ତି ଓ ପ୍ରେମର ପତାକା ଉଡ଼ାଇ । ଅର୍ଥଶକ୍ତିରେ ନୁହେଁ, ଭିକ୍ଷା ପାତ୍ରର ଶକ୍ତିରେ ।

''ହେଇ ଦେଖ, ଭାରତମାତା ଧୀରେ ଧୀରେ ନୟନ ଉନ୍ମୀଳନ କରୁଛନ୍ତି । ସେ କିଛିକାଳ ନିଦ୍ରିତ ଥିଲେ ମାତ୍ର । ସୁତରାଂ ସଂହତି, ଶକ୍ତି ସଂଗ୍ରହ ଓ ଇଚ୍ଛାଶକ୍ତିର ସହଯୋଗ ମଧ୍ୟରେ ଭବିଷ୍ୟତ୍ ଭାରତକୁ ମହାନ୍ କରିବାର ସମସ୍ତ ରହସ୍ୟ ନିହିତ ରହିଛି ।... ଭାଇମାନେ, ଇଏ ଆଉ ଶୋଇବାର ସମୟ ନୁହେଁ, ଆସ ସମସ୍ତେ ହାଡ଼ଭଙ୍ଗା ପରିଶ୍ରମ କରିବା । ପ୍ରଥମରୁ ବଡ଼ ବଡ଼ ପରିକଳ୍ପନା କର ନାହିଁ । ସାଙ୍ଗଠନିକ କାର୍ଯ୍ୟକ୍ରମ ଧୀରେ ଧୀରେ ଆରମ୍ଭ କର; ପାଦକୁ ଚିପିଚିପି ଆଗକୁ ଚାଲ ।''

ତେଣେ ଭାରତ ଫେରନ୍ତା ଜାହାଜରେ ବସି ସ୍ୱାମିଜି ଦେଖୁଥିଲେ ସ୍ୱାଧୀନ ଭାରତର ଭବିଷ୍ୟତ୍ ସ୍ୱରୂପ । ସ୍ୱପ୍ନ ତାଙ୍କର ସୀମା ଲଂଘୁଥିଲା ମାତ୍ର ସେ ଜାଣିଥିଲେ ତାହା ଦିନେ ନା ଦିନେ ସତ୍ୟ ହେବ ।

''ମୁଁ ମାନସ ଚକ୍ଷୁରେ ଦେଖୁଛି; ସମସ୍ତ ବାଦ-ବିସମ୍ବାଦ, ଭେଦାଭେଦ ସତ୍ତ୍ୱେ ବି ଭବିଷ୍ୟତ୍ ଭାରତ ବୈଦାନ୍ତିକ ମସ୍ତିଷ୍କ ଓ ଇସଲାମୀୟ ଦେହ ଘେନି ମହାମହିମାରେ ଓ ଅପରାଜେୟ ଶକ୍ତିରେ ଜାଗ୍ରତ୍ ହେଉଛି ।... ଆମରି ମାତୃଭୂମିରେ ହିନ୍ଦୁ ଓ ଇସଲାମ, ଏହି ଦୁଇ ମହାନ୍ ମତର ସମନ୍ୱୟହିଁ ହେବ – ବୈଦାନ୍ତିକ ମସ୍ତିଷ୍କ ଓ ଇସଲାମୀୟ ଦେହ ।''– ଯିଏ ଏଭଳି ସ୍ୱପ୍ନର ଅଧିକାରୀ ଥିଲେ ଦୀର୍ଘ ଦିନର ବିଦେଶ ରହଣି ପରେ

ତାଙ୍କ ଫେରନ୍ତା ଯାତ୍ରା ବେଳେ ସେ ଯେ କେତେ କ'ଣ ନ ଭାବୁଥିବେ ସେକଥାକୁ କିଏ ବା କଳି ପାରିବ !

ସେଦିନ ଥିଲା ୧୮୯୭ ମସିହା ଜାନୁଆରି ୧୫ ତାରିଖର ସୂର୍ଯ୍ୟୋଦୟ । ଅରୁଣିମାର ସ୍ୱର୍ଣ୍ଣିମ ଆଭାରେ ସ୍ୱାମିଜି ଜାହାଜର ଡେକ୍ ମଧ୍ୟରୁ ଦର୍ଶନ କଲେ ସିଂହଳର ଶ୍ୟାମଳ ତଟ ଭୂମି — ଅଖଣ୍ଡ ଭାରତର ପୂର୍ଣ୍ଣାବୟବ । ସ୍ୱାମିଜିଙ୍କ ଚକ୍ଷୁ ଆନନ୍ଦ ବିସ୍ଫାରିତ, ଦେହରେ ପୁଲକ । ପବିତ୍ର ଭାରତର ଭୂମି ସ୍ପର୍ଶ କରିବେ, ଯାହା ତାଙ୍କ ପାଇଁ ପବିତ୍ର ତୀର୍ଥ ଭୂମି, ମର୍ତ୍ତ୍ୟର ଅମରାବତୀ ।

ଜାହାଜ ଧୀରେ ଧୀରେ କଲୋମ୍ବୋ ବନ୍ଦରରେ ପ୍ରବେଶ କରି ଲଙ୍ଗର ପକାଇଲା; ବାଷ୍ପୀୟ ପୋତର ଗୁରୁଗମ୍ଭୀର ଧ୍ୱନି ଘୋଷଣା କଲା ସ୍ୱାମିଜିଙ୍କ ବିଜୟର ଆଗମନ ବାର୍ତ୍ତା । ❑

ସ୍ୱାମୀ ବିବେକାନନ୍ଦ (୧୪)

# ସ୍ୱାଗତୋକ୍ତି

## ସନ୍ତୋଷ କୁମାର ରଥ

ସବୁ ଆଶା ଆକାଂକ୍ଷାକୁ ପୂର୍ଣ୍ଣାହୁତି ଦେଇଦେବାକୁ ପ୍ରସ୍ତୁତ ନ ଥିଲେ ସ୍ୱାମିଜି, ଯଦିଓ ଦେଖୁଥିଲେ ଭାରତ ଭୂଖଣ୍ଡକୁ ସିଂହଳର ହରିଦ୍ରାଭ ବେଳାଭୂମିରୁ । ହଠାତ୍ ଅନୁଭୂତ ହେଲା ଏକ ଉଦ୍‌ବେଳନ, ସ୍ୱାମିଜି ସ୍ତମ୍ଭୀଭୂତ ହେଲେ । ଏଇ ଭୂଇଁ ତାଙ୍କ ସ୍ୱପ୍ନର ଭାରତ ତ ନୁହେଁ ? କେତେଦିନ ଏଇ ଭୂଇଁ ଦାସତ୍ୱକୁ ବରଣ କରି ଏମିତି ଜୀର୍ଣ୍ଣ-ଶୀର୍ଣ୍ଣ ହୋଇ ରହିଥିବ ? ନିଜେହିଁ ଦେଲେ ନିଜର ଉତ୍ତର — ଭାରତର ସମସ୍ତ ଦୁରବସ୍ଥାର ମୂଳ କାରଣ ହେଲା ଜନସାଧାରଣଙ୍କର ଦାରିଦ୍ର୍ୟ । ଶହ ଶହ ବର୍ଷ ଧରି ପୁରୋହିତ ଶକ୍ତି ଓ ବିଜେତା ବିଦେଶିଗଣ ସେମାନଙ୍କୁ ପଦଦଳିତ କରି ରଖିଛନ୍ତି; ଫଳରେ ସେମାନେ ଭୁଲି ଯାଇଛନ୍ତି ଯେ ସେମାନେ ମନୁଷ୍ୟ । ଏକଥା ମଧ୍ୟ ଭୁଲି ଯାଇଛନ୍ତି ଯେ ହିନ୍ଦୁ ଧର୍ମ ପରି ଅନ୍ୟ କୌଣସି ଧର୍ମ ଏ ପୃଥିବୀ ବକ୍ଷରେ ମାନବତ୍ୱର ମହିମା ଏତେ ଉଚ୍ଚ କଣ୍ଠରେ ପ୍ରଚାର କରି ନାହିଁ, କି କୌଣସି ଜାତିକୁ ଦଳିତ ଅଧଃପତିତ କରି ରଖିବାର ଅପକର୍ମ କରି ନାହିଁ । ଏହାହିଁ ହେଉଛି ବରିଷ୍ଠତା । ମାତ୍ର ଏତେ ବଡ଼ ଅଧୋଗତି ଘଟିଲା କିପରି ? ଆମକୁ ଏହି ଅଧଃପତନର କାରଣ ଖୋଜି ବାହାର କରିବାକୁ ପଡ଼ିବ । ଆମେ ଯେତେବେଳେ ଭବିଷ୍ୟତ୍ ଭାରତ ଗଠନ କରିବାର ସିଦ୍ଧାନ୍ତ ନେଇଛେ — ସେତେବେଳେ ଅତୀତର ଯେଉଁସବୁ ଆଦର୍ଶ ଆମକୁ ମହାନ୍ କରି ଗଢ଼ିଥିଲା, ସେଗୁଡ଼ିକୁ ନିଶ୍ଚୟ ଉପଯୋଗ କରିବାକୁ ହେବ । ପୁନଶ୍ଚ ଯେଉଁସବୁ କାରଣ ଆମର ଅଧୋଗତି ଘଟାଇଥିଲା, ସେଗୁଡ଼ିକୁ ବର୍ଜନ କରିବାକୁ ହେବ । ଯେଉଁସବୁ କଥା ଆମେ ଜାଣି ନାହୁଁ ଅର୍ଥାତ୍ ବିଜ୍ଞାନ ଓ ବୈଷୟିକ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଆଦି ଶିଖିବାକୁ ହେବ । ଫଳରେ ଭାରତର ଜାତୀୟ ଜୀବନ ପୁନରାୟ ସରସ, ଜାଗ୍ରତ୍ ଓ ମହିମାମୟ ହୋଇ ଉଠିବ । ମାତ୍ର ଏସବୁ ନିର୍ଭର କରେ ଜନସାଧାରଣଙ୍କ ଉପରେ । ଯଦି ସେମାନେ ତାହା ନ କରନ୍ତି, ତା'ହେଲେ କି ଉପାୟ ଅବଲମ୍ବନ କରିବାକୁ ହେବ ? ହେ ଗୁରୁଦେବ, ତୁମ୍ଭେହିଁ ତ ସକଳ ମାର୍ଗର ନିୟନ୍ତା, ଏକମାତ୍ର ଆରାଧ୍ୟ । ମୋତେ ମାର୍ଗ ଦର୍ଶାଅ । — ଏମିତି ବହୁ ପୁଞ୍ଜୀଭୂତ ଭାବନାକୁ ସାଥିରେ ଧରି ସ୍ୱାମିଜି କଲମ୍ବୋ ବନ୍ଦରରେ ଅବତରଣ କଲେ । ସେଦିନ ଥିଲା ୧୮୯୭ ମସିହା ଜାନୁଆରି ପନ୍ଦର ତାରିଖ । କଲମ୍ବୋ ହିନ୍ଦୁସମାଜର ମୁଖପାତ୍ର ସ୍ୱରୂପ କୁମାରସ୍ୱାମୀ ମହୋଦୟ ପୁଷ୍ପମାଲ୍ୟ ପ୍ରଦାନ କରି ସ୍ୱାମିଜିଙ୍କୁ ସାଦର ଅଭ୍ୟର୍ଥନା ପ୍ରଦାନ କଲେ, ସାଥିରେ ଥିଲେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ । ଏସବୁ କୋଳାହଳ ଯେ ତାଙ୍କରି ଉଦ୍ଦେଶ୍ୟରେ ସ୍ୱାମିଜି ସେତିକି ବେଳେ ଯାଇ ପ୍ରତ୍ୟୟ ହେଲେ ।

ଏକ ସୁସଜ୍ଜିତ ବିମାନରେ ବସାଇ ଅଭ୍ୟର୍ଥନା-କାରୀମାନେ ସହର ପରିକ୍ରମା କରାଇଲେ । କ୍ରମେ ଜନତାଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା, ରାସ୍ତାଘାଟ କେବଳ ମୁଣ୍ଡମାଳ । ପୁରନାରୀମାନେ ଦୁବ, ଫୁଲ ଦେଇ ବନ୍ଦାପନା କରିବାକୁ ଆଗେଇ ଆସିଲେ । ତୋରଣ ପରେ ତୋରଣ ପାରି ହୋଇ ବିମାନ ଆଗେଇ ଚାଲିଲା 'ଦାରୁଗିନି' ଉଦ୍ୟାନ ସମ୍ମୁଖସ୍ଥ ଆୟୋଜିତ ମଣ୍ଡପ ଆଡ଼କୁ । ସ୍ୱାମିଜି ମଞ୍ଚାସୀନ ହେଲେ, ସମ୍ମୁଖରେ ଜନସମୁଦ୍ର । ସେହି ଉଚ୍ଛୁଳା ଲହଡ଼ି ଆଡ଼େଇ ଆଗେଇ ଆସିଲେ କୁମାର ସ୍ୱାମୀ, ପ୍ରଦାନ କଲେ ଏକ ଅଭିନନ୍ଦନ ପତ୍ର । କରତାଳିରେ ସହର ଓ ସାଗର ଉଚ୍ଛୁଳି ଉଠିଲା, ସରଗରମ ହୋଇ ଉଠିଲା ସେଦିନର ଅପରାହ୍ଣ ।

ଅଭିନନ୍ଦନ-ପତ୍ରର ଉତ୍ତର ପ୍ରଦାନ କରିବାକୁ ସ୍ୱାମିଜି ଦଣ୍ଡାୟମାନ ହେଲେ । ଅପରାହ୍ଣର ରକ୍ତିମ ଆଭାରେ ଗୈରିକ ବସନ ଆହୁରି ଉଜ୍ଜ୍ୱଳ ହୋଇ ଉଠିଲା ଏବଂ ତାଙ୍କ ମୁଖମଣ୍ଡଳରୁ ଝଟକି ଉଠିଲା ଏକ ସ୍ୱର୍ଣ୍ଣାଭ ଦ୍ୟୁତି । ସମସ୍ତେ ଆନନ୍ଦ ବିହ୍ୱଳିତ । ସ୍ୱାମିଜି କହିଲେ, ''ମୁଁ କୌଣସି ରାଜା ମହାରାଜା ନୁହେଁ କି ଧନାଢ଼୍ୟ ବ୍ୟକ୍ତି ନୁହେଁ, କି ଜଣେ ପ୍ରସିଦ୍ଧ ରାଜନୈତିକ ନେତା ମଧ୍ୟ ନୁହେଁ । ପରିଚୟ ମୋର କପର୍ଦ୍ଦକହୀନ ଜଣେ ଭିକ୍ଷୁକ ସନ୍ନ୍ୟାସୀ ଭାବରେ, ମାତ୍ର ଆପଣମାନେ ମୋତେ ଯେଉଁ ସାଦର ଅଭ୍ୟର୍ଥନା ପ୍ରଦାନ କଲେ, ସେଥିରୁ ମୋର ଏଇଆ ଅବବୋଧ ହେଲା ଯେ ହିନ୍ଦୁଜାତି ଏବେ ମଧ୍ୟ ତାହାର ଆଧ୍ୟାତ୍ମିକ ସମ୍ପଦ ହରାଇ ନାହିଁ । ତାହା ହୋଇଥିଲେ ଜଣେ ସନ୍ନ୍ୟାସୀ ପ୍ରତି ଏତେ ଭକ୍ତି ଶ୍ରଦ୍ଧା ପ୍ରଦର୍ଶନ କରିଥା'ନ୍ତେ ବା କାହିଁକି ? ହେ ହିନ୍ଦୁଗଣ,

ତୁମ୍ଭେମାନେ ନିଜର ଜାତୀୟ ଜୀବନର ଏହି ବିଶେଷତ୍ୱକୁ ହରାଅ ନାହିଁ । ଏମିତିକି ନାନା ପ୍ରକାର ପ୍ରତିକୂଳ ଅବସ୍ଥା ମଧ୍ୟରେ ଧର୍ମାଦର୍ଶକୁ ଦୃଢ଼ ବଳରେ ଧରି ରଖ ।''

ଶ୍ରୋତୃବର୍ଗ ଉଦ୍‌ବୁଦ୍ଧ ହୋଇ ଉଠିଲେ । ସ୍ୱାମିଜିଙ୍କର ଜୟଜୟକାର ଧ୍ୱନିରେ ସଭା ଉଛୁଳି ଉଠିଲା । ''ନାରାୟଣ... ଜୟ ମହାଦେବ, ଜୟ ମହାଦେବ'' କହି ସ୍ୱାମିଜି ଉତ୍‌ଫୁଲ୍ଲିତ ଜନତାଙ୍କୁ ଶାନ୍ତ କରାଇଲେ ସତ ମାତ୍ର ସମସ୍ତେ ଉଦ୍‌ବିଗ୍ନ ଆହୁରି ଅଧିକ ଶୁଣିବାକୁ । ସତେ ଯେମିତି ସୂର୍ଯ୍ୟଙ୍କର ସ୍ପର୍ଶରେ ଅଧାଫୁଟା କଢ଼ିମାନେ ଫୁଟିବା ପାଇଁ ଛଟପଟ ।

ପରଦିନ 'ଫ୍ଲୋରାଲ ହଲ୍'ରେ ସ୍ୱାମିଜି ଏକ ଉଦ୍‌ବୋଧନୀ ବକ୍ତୃତା ପ୍ରଦାନ କଲେ ଅପେକ୍ଷିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ । ତାହାର ସଂକ୍ଷିପ୍ତୀକରଣ ହେଲା :

ଯେଉଁ ସାମାନ୍ୟ କାର୍ଯ୍ୟ ମୋ ଦ୍ୱାରା କରାହୋଇଛି, ତାହା ମୋ ନିଜର କୌଣସି ଅନ୍ତର୍ନିହିତ ଶକ୍ତି ବଳରେ ହୋଇ ନାହିଁ; ପାଶ୍ଚାତ୍ୟ ଦେଶରେ ପର୍ଯ୍ୟଟନ ସମୟରେ ମୋର ଏହି ପବିତ୍ର ମାତୃଭୂମିରୁ ମୁଁ ଯେଉଁ ଉତ୍ସାହ ବାକ୍ୟ, ଯେଉଁ ଶୁଭେଚ୍ଛା, ଯେଉଁ ଆଶୀର୍ବାଣୀ ଲାଭ କରିଥିଲି, ସେହି ଶକ୍ତି ବଳରେ ତାହାହିଁ ହୋଇଛି – ଏହା ଅନସ୍ୱୀକାର୍ଯ୍ୟ । ପୂର୍ବେ ସବୁ ହିନ୍ଦୁଙ୍କ ପରି ମୁଁ ବିଶ୍ୱାସ କରୁଥିଲି, ମାତ୍ର ଆଜି ମୋର ଯାହା ଉପଲବ୍ଧି ହୋଇଛି, ତାହା ଏହି ସଭା ସମ୍ମୁଖରେ ଘୋଷଣା କରୁଛି – ଭାରତ ମୋର ମାତୃଭୂମି, ପୁଣ୍ୟଭୂମି, କର୍ମଭୂମି । ଯଦି ଏହି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ, ଯାହାକୁ 'ପୁଣ୍ୟଭୂମି' ନାମରେ ବିଶେଷିତ କରାଯାଇପାରେ, ଯଦି ଏପରି କୌଣସି ସ୍ଥାନ ଥାଏ, ଯେଉଁଠାରେ ମନୁଷ୍ୟଜାତି ଭିତରେ ସର୍ବାପେକ୍ଷା ଅଧିକ ଶାନ୍ତି, ଧୃତି, ଦୟା, ଶୌଚ ଆଦି ସଦ୍‌ଗୁଣର ବିକାଶ ହୋଇଛି, ଯଦି ଏପରି କୌଣସି ଦେଶ ଥାଏ, ଯେଉଁଠାରେ ସର୍ବାପେକ୍ଷା ଅଧିକ ଆଧ୍ୟାତ୍ମିକତା ଓ ଅନ୍ତର୍ଦୃଷ୍ଟିର ବିକାଶ ହୋଇଛି, ତେବେ ନିଶ୍ଚିତ ଭାବରେ କହିପାରେ ତାହା ଆମର ମାତୃଭୂମି ଭାରତବର୍ଷ । ଅତି ପ୍ରାଚୀନ କାଳରୁ ଏହିଠାରେ ବିଭିନ୍ନ ଧର୍ମର ସଂସ୍ଥାପକଗଣ ଆବିର୍ଭୂତ ହୋଇ ସମଗ୍ର ଜଗତକୁ ବାରଂବାର ସନାତନ ଧର୍ମର ପବିତ୍ର ଆଧ୍ୟାତ୍ମିକ ପ୍ଲାବନରେ ପ୍ଲାବିତ କରିଛନ୍ତି । ପୁନଶ୍ଚ ଏକଥା ମଧ୍ୟ ସତ୍ୟ ଯେ ଏହି ଭୂମିରୁ ଧର୍ମର ତରଙ୍ଗ ବ୍ୟାପି ଯାଇ ସମଗ୍ର ଜଗତର ଇହଲୋକ ସର୍ବସ୍ୱ ସଭ୍ୟତାକୁ ଆଧ୍ୟାତ୍ମିକ ଜୀବନ ପ୍ରଦାନ କରିବ । ସେହିଁ ହେବ ଜଗତର ରକ୍ଷକ, ଗୁରୁ ।

ଭାରତବର୍ଷର ଗୌରବଗାଥା ବର୍ଣ୍ଣନା କରୁ କରୁ ସ୍ୱାମିଜି ଭାବ ବିହ୍ୱଳ । ଉପସ୍ଥିତ ଶ୍ରୋତୃବୃନ୍ଦ ମନ୍ତ୍ରମୁଗ୍ଧ । ମନେ ହେଉଥିଲା ସମଗ୍ର ହଲ୍‌ଟି କେବଳ ସ୍ତବ୍ଧମୟ, ମାତ୍ର ସଜୀବ ଓ ସଚେତନ । ସେହି ଚେତନଶୀଳ ସତ୍ତାମାନେ ଆହୁରି ସଂଜୀବିତ ହୋଇ ଉଠିଲେ, ଯେତେବେଳେ ଶୁଣିଲେ ଭାରତର ଐତିହ୍ୟ :

ବନ୍ଧୁଗଣ ! ଆଧ୍ୟାତ୍ମିକତା ହେଉଛି ଭାରତର ଆନ୍ତର-ଜୀବନ । କାରଣ ଯେତେବେଳେ ଗ୍ରୀସ୍‌ର ଅସ୍ତିତ୍ୱ ନ ଥିଲା, ରୋମ୍ ଯେତେବେଳେ ଭବିଷ୍ୟତର ଅନ୍ଧକାର ଗର୍ଭରେ ଲୁକ୍‌କାୟିତ, ଯେତେବେଳେ ଆଧୁନିକ ୟୁରୋପୀୟମାନଙ୍କ ପୂର୍ବପୁରୁଷଗଣ ଜର୍ମାନୀର ଗଭୀର ଅରଣ୍ୟ ମଧ୍ୟରେ ଅସଭ୍ୟ ଅବସ୍ଥାରେ ରହି ନୀଳବର୍ଣ୍ଣରେ ନିଜ ନିଜକୁ ରଞ୍ଜିତ କରୁଥିଲେ, ସେତେବେଳେ ମଧ୍ୟ ଭାରତର ଆଧ୍ୟାତ୍ମିକତା କ୍ରିୟାଶୀଳ ଥିଲା । ଏମିତିକି ଆହୁରି ପ୍ରାଚୀନ କାଳରୁ – ଇତିହାସ ଯେଉଁଠାରେ ଅପହଞ୍ଚ ଏପରିକି କିଂବଦନ୍ତୀ ମଧ୍ୟ ସୁଦୂର ପରାହତ ସେହି ଯୁଗରୁ ଭାରତର ଆଧ୍ୟାତ୍ମିକତା ସଞ୍ଜୀବିତ । ଏବଂ ସଭ୍ୟତାର ସେହି ଆଦି ପାହାଚରୁ ଅବଧି ପର୍ଯ୍ୟନ୍ତ ଭାବ ପରେ ଭାବର ତରଙ୍ଗମାନେ ଏହି ଭାରତରୁ ପ୍ରସୃତ ହୋଇଛି । ଏହାର ପରମ୍ପରା ଓ ଐତିହ୍ୟ ଅତି ମହାନ୍ । ଜଗତର ସମସ୍ତ ଜାତି ମଧ୍ୟରେ ଆମେହିଁ କେବେ ଅନ୍ୟ ଜାତିକୁ ଯୁଦ୍ଧ-ବିଗ୍ରହ ଦ୍ୱାରା ଜୟ କରି ନାହୁଁ । ଅନ୍ୟକୁ ଶୋଷଣ ଓ ଶାସିତ କରି ବୃଥା ଆସ୍ଫାଳନ ଲାଭ କରି ନାହୁଁ । ବରଂ ପ୍ରତିବଦଳରେ ବିତରି ଦେଇଛୁ ଶାନ୍ତି ଓ ସଦିଚ୍ଛାର ମନ୍ତ୍ର, ଆଧ୍ୟାତ୍ମିକତାର ଶାଶ୍ୱତ ସଂହିତା ।...

ସେଦିନର ସଭା ସାଙ୍ଗ ହେଲା ମାତ୍ର ସ୍ୱାମିଜିଙ୍କ ପ୍ରତି ସିଂହଳବାସୀଙ୍କ ଅଭ୍ୟର୍ଥନାର ଶେଷ ନାହିଁ । ପ୍ରତିଦିନ ସଭା, ସମିତି ଓ ସମାରୋହ । ଜାନୁଆରି ୧୯ ତାରିଖରେ ସ୍ୱାମିଜି ଏକ ସ୍ୱତନ୍ତ୍ର ରେଳ ଗାଡ଼ିରେ କଲମ୍ବୋରୁ କାଣ୍ଡି ଯାତ୍ରା କଲେ । ଏବଂ ସେଠାରେ ଏକ ଅଭିନନ୍ଦନ ସଭାରେ ବକ୍ତୃତା ପ୍ରଦାନ କରି ଜାଫ୍‌ନା ଗଲେ । ଅନୁରାଧା ପୁରରୁ ଜାଫ୍‌ନା ପ୍ରାୟ ଶହେ କୋଡ଼ିଏ ମାଇଲ । ଏତେ ଦୀର୍ଘ ପଥ ସ୍ୱାମିଜି ବଳଦ ଗାଡ଼ିରେ ଧୀରେ ଧୀରେ ଯିବା ପାଇଁ ବାଧ୍ୟ ହେଲେ । କାରଣ କହିବା ବାହୁଲ୍ୟ ହେବ ଯେ ପଥ ସାରା ଗ୍ରାମବାସୀମାନେ (ଉଭୟେ ହିନ୍ଦୁ ଓ ବୌଦ୍ଧ) ସ୍ୱାମିଜିଙ୍କ ଦର୍ଶନ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ । ଚିକାଗୋ ସଫଳତା ସମ୍ବାଦ ଯେ ସିଂହଳର ଗାଁ ଗଣ୍ଡାର ଚାଷୀମାନେ ପାଇଥିଲେ, ଏହାହିଁ ଥିଲା ତା'ର ନିଦର୍ଶନ । ଏକଥା ଜାଣି ସ୍ୱାମିଜି ବିସ୍ମିତ ହେଲେ ।

ସନ୍ଧ୍ୟାବେଳକୁ ସ୍ୱାମିଜି ଜାଫ୍‌ନାରେ ପହଞ୍ଚିଲେ । ପ୍ରାୟ ପନ୍ଦର ହଜାର ଲୋକ ସ୍ୱାଗତ କରିବା ପାଇଁ ସେଠାରେ ଅପେକ୍ଷା କରି ରହିଥିଲେ । ସୁସଜ୍ଜିତ ରାଜପଥରେ ଶୋଭାଯାତ୍ରା ସ୍ଥାନୀୟ ହିନ୍ଦୁ କଲେଜ ପ୍ରାଙ୍ଗଣରେ ପ୍ରସ୍ତୁତ ଅଭିନନ୍ଦନ ମଣ୍ଡପ ଆଡ଼କୁ ଆଗେଇ ଚାଲିଲା । ଶେଷରେ ଜାଫ୍‌ନାରୁ ଖଣ୍ଡିଏ ଷ୍ଟିମର୍‌ରେ ଗୁରୁଭାଇ ଓ ଅନ୍ୟାନ୍ୟ ଶିଷ୍ୟବର୍ଗଙ୍କ ସହ ସ୍ୱାମିଜି ଭାରତ ଅଭିମୁଖେ ଯାତ୍ରା କଲେ ।

❑❑❑

## ସ୍ୱାମୀ ବିବେକାନନ୍ଦ (୧୫)

# ଏବେ କେନ୍ଦ୍ର ଭାରତବର୍ଷ

## ସନ୍ତୋଷ କୁମାର ରଥ

ଅରୁଣିମାର ସଂଦର୍ଶନରେ ଅମା ଅନ୍ଧାର ମଣିଷକୁ ଆଉ ତ୍ରସ୍ତ କରିପାରେନି, ବରଂ ସିଏ ନିଶ୍ଚିନ୍ତ ହୁଏ – ସୂର୍ଯ୍ୟୋଦୟ ସୁନିଶ୍ଚିତ । ଅପେକ୍ଷା କରି ରହେ ସେହି ଶୁଭ ସକାଳକୁ, ନୂତନ ଆଲୋକରେ ପଖାଳି ନେବାକୁ ନିଜର ଜଡ଼ୀଭୂତ ଅନ୍ଧାର ଓ ଅଜ୍ଞାନତାକୁ । ଭାରତବାସୀଙ୍କ ପ୍ରତୀକ୍ଷା ଥିଲା ଅନୁରୂପ; ସ୍ୱାଗତ କରିବେ ଆଗାମୀ ଯୁଗର ପଥପ୍ରଦର୍ଶକଙ୍କୁ, ସନ୍ନ୍ୟାସୀ ବୀର ସ୍ୱାମୀ ବିବେକାନନ୍ଦଙ୍କୁ । ସ୍ୱାମିଜି ମଧ୍ୟ ଅଧୀର ହୋଇ ଉଠିଥିଲେ କେବେ ଛୁଇଁବେ ମା'ର ଚରଣ, ନିଜକୁ ଲୋଟାଇ ଦେବେ ନଈଟିଏ ହୋଇ ସାଗର ବକ୍ଷରେ । ସେହି ମାହେନ୍ଦ୍ର ବେଳା ଉପସ୍ଥିତ ହେଲା । ଭାରତଭୂଇଁରେ ଶୁଭିଲା ସ୍ୱାମିଜିଙ୍କର ଜୟ ଜୟକାର; ଜନତାଙ୍କର ଉଚ୍ଛୁଳା ସୁଅ । ସଭିଏଁ ଆଗେଇ ଆସିଲେ ସ୍ୱାମିଜିଙ୍କ ନିକଟକୁ । ଅପୂର୍ବ ସେ ଦୃଶ୍ୟ ! ସତେ ଯେମିତି ସାଗର ପାଛୋଟି ନେଉଛି ମୁହାଣ ଛୁଆଁ ନଈକୁ ।

ରାମନାଦର ରାଜା ଭୂଇଁରେ ଲୋଟିଯାଇ ସ୍ୱାମିଜିଙ୍କୁ ପ୍ରଣାମ ଜଣାଇଲେ । ସଙ୍ଗେ ସଙ୍ଗେ ହଜାର ହଜାର ଉଦ୍‌ବୁଦ୍ଧ ଜନତା ନିଜର ଭକ୍ତିଅର୍ଘ୍ୟ ପ୍ରଦାନ କଲେ । ସଭିଏଁ ବ୍ୟାକୁଳ ସ୍ୱାମିଜିଙ୍କ ଚରଣ ଛୁଇଁବା ପାଇଁ । ଅସ୍ତଗାମୀ ସୂର୍ଯ୍ୟଙ୍କର ଲୋହିତ କିରଣ ପୀତ ବସ୍ତ୍ରର ଦ୍ୟୁତିକୁ ଦ୍ୱିଗୁଣିତ କରୁଥାଏ, ସେହି ଆଭାରେ ସ୍ୱାମିଜି ଆହୁରି ଦୀପ୍ତିମାନ୍ । ତାଙ୍କ ରାଜକୀୟ ଠାଣିରେ ସମସ୍ତେ ବିଭୋର ହୋଇଉଠିଲେ, ହୃଦ୍‌ଜୟୀ ସମ୍ରାଟଙ୍କୁ ପ୍ରଦାନ କରାଗଲା ଏକ ଅଭିନନ୍ଦନ ପତ୍ର । ସ୍ୱାମିଜି ସଶ୍ରଦ୍ଧେ ତାହାକୁ ଗ୍ରହଣ କରି ନିଜକୁ କୃତାର୍ଥ ମଣିଲେ ଏବଂ ପ୍ରତିଦାନରେ ପ୍ରଦାନ କଲେ ଏକ ମର୍ମସ୍ପର୍ଶୀ ବକ୍ତୃତା । ଉପସଂହାରରେ ଏତିକି କହିଲେ – ''ରାମନାଦ ରାଜା ମୋତେ ଯେଉଁ ଶ୍ରଦ୍ଧା ଦେଖାଇଛନ୍ତି, ସେଥିପାଇଁ କୃତଜ୍ଞତା ଜଣାଇବା ପାଇଁ ମୁଁ ଭାଷା ପାଉ ନାହିଁ । ଯଦି ମୋ ଦ୍ୱାରା କିଛି ସତ୍‌କାର୍ଯ୍ୟ ହୋଇଥାଏ, ତେବେ ସେଥିପାଇଁ ଭାରତର ଏହିଭଳି ମହାପୁରୁଷଙ୍କ ନିକଟରେ ମୁଁ ଋଣୀ; କାରଣ ଚିକାଗୋ ଯାତ୍ରାର ମୋର ପ୍ରେରଣା ପ୍ରଥମେ ମୁଁ ତାଙ୍କରି ନିକଟରୁହିଁ ପାଇଥିଲି । ସିଏହିଁ ମୋ ମୁଣ୍ଡରେ ଏହି ଧାରଣାଟିକୁ ପ୍ରବେଶ କରାଇ ମୋତେ ଉଦ୍‌ବୁଦ୍ଧ କରାଇଥିଲେ । ବର୍ତ୍ତମାନ ସିଏ ମୋ ସମୀପରେ ଦଣ୍ଡାୟମାନ, ଯିଏ କି ଏହି ଗୌରବର ଅଂଶୀଦାର । ତାଙ୍କର ଉତ୍ସାହ ଆଶାତୀତ । ଯଦି ଏହାଙ୍କ ପରି ଆଉ କେତେଜଣ ରାଜା ଆମ ପ୍ରିୟ ମାତୃଭୂମିର କଲ୍ୟାଣ ସାଧନ ନିମନ୍ତେ ଆଗ୍ରହୀ ହୋଇ ଉଠନ୍ତେ, ତେବେ ତାହାହିଁ ହୁଅନ୍ତା ସବୁଠାରୁ ଶ୍ରେଷ୍ଠ ଅବଦାନ ।''

ସଭା ସାଙ୍ଗ ପରେ ସ୍ୱାମିଜି ବିଶ୍ରାମ ନେବା ନିମନ୍ତେ ନିର୍ଦ୍ଦିଷ୍ଟ ବଙ୍ଗଳାକୁ ଯିବାର ବ୍ୟବସ୍ଥା କରାଗଲା । ଜନତାଙ୍କ ଜମାଟବନ୍ଧା ସୁଅ ଭିତରେ ଗାଡ଼ିଯିବା ଥିଲା ଏକ ଦୁରୂହ ବ୍ୟାପାର । ସମସ୍ତେ ଉତ୍‌କଣ୍ଠିତ ସ୍ୱାମିଜିଙ୍କର ସାନ୍ନିଧ୍ୟ ଲାଭ ପାଇଁ । ହଠାତ୍ ରାଜାଙ୍କର ଆଦେଶ ହେଲା ଗାଡ଼ିରୁ ଘୋଡ଼ାମାନଙ୍କୁ ଖୋଲି ଦେବା ପାଇଁ ଏବଂ ରାଜା ସାହେବଙ୍କ ସହିତ ଅନ୍ୟମାନେ ରାଜରାସ୍ତାରେ ଗାଡ଼ିକୁ ଟାଣି ଟାଣି ନେଇଗଲେ ସେହି ବଙ୍ଗଳା ନିକଟକୁ ।

ପରଦିନ ସ୍ୱାମିଜି ପ୍ରସିଦ୍ଧ ରାମେଶ୍ୱର ମନ୍ଦିର ଦର୍ଶନ କରିବାକୁ ଗଲେ । ଯେଉଁଠାରେ ସେ ନିଜର ପରିବ୍ରାଜକ ବ୍ରତ ଉଦ୍‌ଯାପନ କରିଥିଲେ । ଅତୀତ ଓ ବର୍ତ୍ତମାନ ମଧ୍ୟରେ ଅତିକ୍ରାନ୍ତ ହୋଇଯାଇଛି ଏକ ସୁଦୀର୍ଘ ସରଣୀ । ସେଦିନର ଅଜ୍ଞାତ ସନ୍ନ୍ୟାସୀ ଆଜି ମୁକୁଟବିହୀନ ସମ୍ରାଟ, ବିଶାଳ ବଟବୃକ୍ଷ ସାଜିବାର ନିଶ୍ଚିତ ସୂଚନା । ସେଠାରେ ମଧ୍ୟ ସ୍ୱାମିଜିଙ୍କୁ ବହୁ ଜନତାଙ୍କର ଗହଣରେ ସ୍ୱାଗତ ଅଭିନନ୍ଦନ କରାଗଲା । ସହସ୍ର ସ୍ତମ୍ଭ ବିରାଜିତ ଚାନ୍ଦିନୀ, ନାଟ୍ୟ ମନ୍ଦିର ଓ ଗର୍ଭଗୃହର ଅପୂର୍ବ କାରୁକାର୍ଯ୍ୟ ଦେଖି ସ୍ୱାମିଜି ମୁଗ୍ଧ ହୋଇଗଲେ, ଭିତରଟା ତାଙ୍କର ସ୍ତବ୍ଧ ହୋଇଗଲା । ହୃଦୟରେ ଜାଗ୍ରତ୍ ହେଲା ଭିନ୍ନ ଏକ ସ୍ପନ୍ଦନ । ବୋଧହୁଏ ମନ୍ଦିରର ଅଧୀଶ୍ୱରଙ୍କର ସାନ୍ନିଧ୍ୟ ଥିଲା ଏହାର ପଟ୍ଟଭୂମି । ପିଲାଟି ଦିନରୁ ଯିଏ ଶିବଙ୍କର ମୂର୍ତ୍ତି ସମ୍ମୁଖରେ ବସି ଧ୍ୟାନସ୍ଥ ହୋଇ ଯାଉଥିଲେ, ନିଜ ଦେହରେ ଭସ୍ମଲେପନ କରି ଜଟାଜୁଟଧାରୀ ଶିବ ପାଲଟି ମା'ଙ୍କ ନିକଟକୁ ଯାଇ କହୁଥିଲେ, ''ମା', ମୁଁ ଯଦି ସାଧୁ ହୁଏ, ଶିବ କ'ଣ ମୋତେ ତାଙ୍କ ପାଖକୁ ଫେରାଇ ନେବେ ନାହିଁ ?'', ତାଙ୍କ ପକ୍ଷରେ ଅସମ୍ଭବ କ'ଣ ! ସେଦିନ ମଧ୍ୟ ସ୍ନେହମୟୀ ମା' (ଭୁବନେଶ୍ୱରୀ ଦେବୀ) ଶିବଙ୍କୁ ସ୍ମରଣ କରି ତାଙ୍କରି

ଚରଣରେ ସଅଁପି ଦେଇ ଥିଲେ ନିଜର ସନ୍ତାନକୁ । ନିଜ ହୃଦୟର କ୍ଷଣିକ ଦୁର୍ବଳତାରୁ ଦୂରେଇ ଯାଇ ବରଂ ଭାବିଥିଲେ – ''ଭଗବାନଙ୍କର ଯାହା ଇଚ୍ଛା ତାହା ହେବ, ମୁଁ ବାଧା ଦେବାକୁ କିଏ ?''

ସ୍ୱାମିଜିଙ୍କ ହୃଦୟସ୍ଥ ଭାବ ଉକୁଟି ଉଠିଲା ବକ୍ତବ୍ୟରେ । ସର୍ବଦିଗରେ ସେ ଦର୍ଶନ କଲେ ସ୍ୱୟଂଭୂଙ୍କୁ । ମନ୍ଦିର ପ୍ରାଙ୍ଗଣରେ ଠିଆ ହୋଇ ଘୋଷଣା କଲେ,– ''ଯତ୍ର ଜୀବ ତତ୍ର ଶିବ ! ଏହି ମହାମନ୍ତ୍ରରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ନରନାରୀଙ୍କ ସେବାରେ ଅଗ୍ରସର ହେବା ହେଉଛି ପ୍ରକୃତ ଶିବଭକ୍ତି । ଖାଲି ପ୍ରତିମା ଉପାସନା ନୁହେଁ ଶିବଧାରୀ ଜୀବଙ୍କର ସେବା ହେଉଛି ଯଥାର୍ଥ ଉପାସନା । ଭାଇମାନେ, ଆସ ଆମେ ଏହି ମାର୍ଗରେ ଅଗ୍ରସର ହେବା ।'' ଏହି ଅବସରରେ ସେଦିନ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଦରିଦ୍ରନାରାୟଣଙ୍କୁ ଖାଦ୍ୟ, ବସ୍ତ୍ର ଓ ଅର୍ଥ ପ୍ରଦାନ କରାଯାଇଥିଲା ।

ସ୍ୱାମିଜି ଯେତେବେଳେ ପାଶ୍ଚାତ୍ୟ ଦେଶରେ ଧର୍ମପ୍ରଚାରରେ ବ୍ୟାପୃତ ଥିଲେ ସେତେବେଳେ ଆମଦେଶରେ ଓ ବିଦେଶରେ ତାଙ୍କ ନାମରେ ନାନା ପ୍ରକାର ନିନ୍ଦା, କୁତ୍ସାରଟନା ଆଦି କରାଯାଇଥିଲା । ମାତ୍ର ମାଡ୍ରାସର ଯୁବକବୃନ୍ଦ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ ବରଂ ସେମାନେ ଗୁରୁଦେବଙ୍କ ପ୍ରଶଂସାକୁ ବହୁମୁଖର କରିବାରେ ଉତ୍ସାହୀ ଥିଲେ । ସେହି ବୀର ହୃଦୟ, ଅକପଟ ଯୁବକବୃନ୍ଦଙ୍କ ଦ୍ୱାରା ସ୍ୱାମିଜିଙ୍କୁ ସାଦର ଅଭ୍ୟର୍ଥନା ଜଣାଇବା ଉଦ୍ଦେଶ୍ୟରେ ମାଡ୍ରାସଠାରେ ବିରାଟ ଆୟୋଜନ କରାଯାଇଥିଲା । ପୁରନାରୀମାନେ ରାଜରାସ୍ତାରେ ଆସି ସ୍ୱାମିଜିଙ୍କର ବନ୍ଦାପନା କଲେ । ସେମାନଙ୍କର ଭାବବିହ୍ୱଳତା ଦର୍ଶନ କଲେ ମନେ ହେଉଥିଲା – ସ୍ୱାମିଜି ଯେ ଶିବାଂଶ ଜାତ ଏହା ନିଃସନ୍ଦେହ । ତାଙ୍କ ବେଦାନ୍ତ ସମ୍ବନ୍ଧୀୟ ବକ୍ତବ୍ୟ ଶୁଣି ଜଣେ ପଣ୍ଡିତ ଆସି କହିଲେ, ''ସ୍ୱାମିଜି ! 'ବେଦାନ୍ତର ଅଦ୍ୱୈତବାଦ, ବିଶିଷ୍ଟ ଅଦ୍ୱୈତବାଦ, ଦ୍ୱୈତବାଦ ଆଦି ସମସ୍ତ ପ୍ରକାର ମତବାଦହିଁ ସତ୍ୟ ଓ ଚରମ ଉପଲବ୍ଧି ପଥରେ ଭିନ୍ନ ଭିନ୍ନ ସୋପାନ ମାତ୍ର' – ଆପଣଙ୍କର ଏହି ସିଦ୍ଧାନ୍ତ ତ ପୂର୍ବାଚାର୍ଯ୍ୟଗଣଙ୍କ ମଧ୍ୟରୁ କେହି କେବେ କହି ନାହାନ୍ତି । ବରଂ ନିଜର ପଥକୁ ଶ୍ରେଷ୍ଠ ମଣି ବାଦ ବିସମ୍ବାଦ କରିଥା'ନ୍ତି । ଧନ୍ୟ ଆପଣ, ଧନ୍ୟ ଆପଣଙ୍କ ସିଦ୍ଧାନ୍ତ ।'' ସ୍ୱାମିଜି ଅଳ୍ପ ହସି ଉତ୍ତର ଦେଲେ, ''ଏହା ମୋ ପାଇଁ ବାକି ଥିଲା, ସେଇଥିପାଇଁ ମୁଁ ଜନ୍ମଗ୍ରହଣ କରିଛି ।'' ଉପସ୍ଥିତ ସୁଧୀବୃନ୍ଦଙ୍କ ମଧ୍ୟରେ ହସର ଲହରୀ ଖେଳିଗଲା । ସ୍ୱାମିଜିଙ୍କର ଆଦର୍ଶ ଥିଲା ଅନ୍ୟ ସମାଜ ରକ୍ଷକଙ୍କଠାରୁ ଭିନ୍ନ । ତାଙ୍କ ପ୍ରସାରିତ ଦୃଷ୍ଟିରେ ସେ ଦେଖିଥିଲେ ଦିଗନ୍ତ ବିସ୍ତାରୀ ଦିଗ୍‌ବଳୟକୁ, ମଣିଷ ମଧ୍ୟସ୍ଥ ଅନ୍ତର୍ନିହିତ ସମାର୍ଥ୍ୟକୁ – ଯାହା ଭଗବତ୍ ଦତ୍ତ । ସେ ଥରେ ଗୋଟିଏ ଚିଠିରେ ଲେଖିଥିଲେ – ''ମୋର ଆଦର୍ଶ ହେଉଛି : ମଣିଷ ନିକଟରେ ତାହାର ଅନ୍ତର୍ନିହିତ ଦେବତ୍ୱର ବାଣୀ ପ୍ରଚାର କରିବାକୁ ହେବ ଏବଂ ସର୍ବକାର୍ଯ୍ୟରେ ସେହି ଦେବତ୍ୱ-ବିକାଶର ପନ୍ଥା ନିର୍ଦ୍ଧାରଣ କରିବାକୁ ହେବ । କୁସଂସ୍କାରର ଶିକୁଳିରେ ଏହି ସଂସାର ଆବଦ୍ଧ । ଯେ ଉତ୍‌ପୀଡ଼ିତ – ସେ ନର ହେଉ ବା ନାରୀ ହେଉ, ତାକୁ ମୁଁ କରୁଣା କରେ; ଆଉ ଯିଏ ଉତ୍‌ପୀଡ଼କ ସେ ମୋର ଅଧିକତର କରୁଣାର ପାତ୍ର ।'' ଏହି ଭାବକୁ ହୃଦୟରେ ଧାରଣ କରି ସ୍ୱାମିଜି ପ୍ରତିଟି ସଭାରେ ଭାରତୀୟମାନଙ୍କୁ ଉଦ୍‌ବୁଦ୍ଧ କରିବାକୁ ଲାଗିଲେ, ପ୍ରଚାର କଲେ – ''ମୁଁ ସଂସ୍କାରରେ ବିଶ୍ୱାସୀ ନୁହଁ, ସ୍ୱାଭାବିକ ଉନ୍ନତିରେ ବିଶ୍ୱାସୀ ।''

ସ୍ୱାମିଜିଙ୍କର ଆହ୍ୱାନ ଥିଲା ବଜ୍ର ସ୍ୱରୂପ କଠିନ, ତଡ଼ିତ୍ ପରି କ୍ଷିପ୍ର । ତାଙ୍କ ବାଣୀର ସ୍ପନ୍ଦନରେ ହୃଦୟତନ୍ତ୍ରୀ ଥରି ଉଠୁଥିଲା । ସମସ୍ତେ ସଜାଗ ହୋଇ ଉଠୁଥିଲେ । ସେ ଘୋଷଣା କଲେ – ''ଏବେ କେନ୍ଦ୍ର ଭାରତବର୍ଷ । ଭାରତରେ ଉନ୍ନତି ବିଧାନ ନିମନ୍ତେ ସର୍ବପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି, ଭାରତର ଜାତୀୟ ଜୀବନର ମେରୁଦଣ୍ଡ ସ୍ୱରୂପ ଧର୍ମ, ଯାହା କି ବିଭିନ୍ନ ପ୍ରକାରର ମତବାଦ ଯୋଗୁଁ ଖଣ୍ଡ ବିଖଣ୍ଡିତ ହୋଇଯାଇଛି ତାହାର ସମନ୍ୱୟ ସାଧନ । ଯାହା ଭଗବାନ୍ ଶ୍ରୀରାମକୃଷ୍ଣଦେବଙ୍କ ଆଦର୍ଶ ।

''ଯେଉଁମାନେ ଭବିଷ୍ୟତ୍ ଭାରତର ପୁନର୍ଗଠନ ନିମିତ୍ତ ପ୍ରକୃତରେ ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ଅଛନ୍ତି, ସେମାନଙ୍କୁ ଏହି ନବଯୁଗର ଧର୍ମ-ସେବା ବ୍ରତ ଗ୍ରହଣ କରିବାକୁ ହେବ । ଭାରତର ବିଶାଳ ଜନତା, ଯେଉଁମାନେ ବହୁ ଶତାବ୍ଦୀ ଧରି ନିଷ୍ପେଷିତ, ସେମାନଙ୍କର ଲୁପ୍ତ ପ୍ରାୟ ମନୁଷ୍ୟତ୍ୱକୁ ଖାଦ୍ୟ, ବିଦ୍ୟା ଓ ଆତ୍ମଜ୍ଞାନ ଦେଇ ଉଦ୍‌ବୁଦ୍ଧ କରିବାକୁ ହେବ । ତେବେ ଯାଇ ଭାରତର ସ୍ୱମହିମା ପୁନଃ ପ୍ରତିଷ୍ଠିତ ହୋଇପାରିବ ।''

ଭାରତର ଦରିଦ୍ର ଜନତାଙ୍କ ଦୁଃଖ ତାଙ୍କ ଚକ୍ଷୁରୁ ତନ୍ଦ୍ରା ଅପସରାଇ ନେଲା । ସବୁବେଳେ ସେଇ ଗୋଟିଏ ଚିନ୍ତା- ଭାରତର ପୁନଃଗଠନ । ଏଇଥିରେ ଅନ୍ୟକୁ ଉଦ୍‌ବୁଦ୍ଧ କଲେ, ନିଜକୁ ଆହୁତି ଦେଲେ । ନିଜର ଅନ୍ତର୍ଦାହକୁ ଚାପି ରଖିବା ଆଉ ସମ୍ଭବ ହେଲା ନାହିଁ, ଆଗ୍ନେୟଗିରିରୁ ଅଗ୍ନିର ଉଦ୍‌ଗିରଣ

ହେଲା : ''ମୁଁ ତୁମ୍ଭମାନଙ୍କ ନିକଟରେ ଏହି ଗରିବ, ଅଜ୍ଞ, ନିଷ୍ପେଷିତ ଜନତାଙ୍କ ଉଦ୍ଦେଶ୍ୟରେ ମୋର ପ୍ରାଣକୁ 'ଦାୟ' ସ୍ୱରୂପ ଅର୍ପଣ କରୁଛି । ଏବଂ ଆହ୍ୱାନ କରୁଛି, ଯାଅ ! ଏହି ମୁହୂର୍ତ୍ତରେ ସେହି ପାର୍ଥସାରଥିଙ୍କ ମନ୍ଦିରକୁ ଯାଅ, ଯେ ଗୋକୁଳରେ ଦୀନଦରିଦ୍ର ଗୋପଗଣଙ୍କର ସଖା ଥିଲେ, ତାଙ୍କରି ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ କର ଏବଂ ତାଙ୍କ ନିକଟରେ ଗୋଟିଏ ମହାବଳି ପ୍ରଦାନ କର । ଜାଣ, ସେହି ମହାବଳି ହେଉଛି – ଆତ୍ମତ୍ୟାଗ ।... ଆଉ ଏକଥା ମନେରଖ ତୁମକୁ-ମୋତେ ଭଲ ଲାଗୁ ବା ନ ଲାଗୁ, ସେଥିପାଇଁ ପ୍ରଭୁଙ୍କର କାର୍ଯ୍ୟ ଅଟକି ରହିବ ନାହିଁ । ସେ ସାମାନ୍ୟ ଧୂଳିରୁ ତାଙ୍କ କାର୍ଯ୍ୟ ନିମିତ୍ତ ଶତସହସ୍ର କର୍ମୀ ସୃଷ୍ଟି କରିପାରନ୍ତି । ତାଙ୍କ ଅଧୀନରେ ରହି କାର୍ଯ୍ୟ କରିବା ହେଉଛି ଆମ୍ଭମାନଙ୍କ ପକ୍ଷରେ ମହାସୌଭାଗ୍ୟ, ଗୌରବର ବିଷୟ ।''

ଜଡ଼ରେ ଜୀବନର ସଞ୍ଚାର ହେଲା, ତନ୍ଦ୍ରା ବିଜଡ଼ିତ ଆଖି ଫେରି ଚାହିଁଲା ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ, ଶୁଭିଲା ଗୁଞ୍ଜରଣ – ଏବେ କେନ୍ଦ୍ର ଭାରତବର୍ଷ ! ଚରୈବେତି, ଚରୈବେତି । ❑

ସ୍ୱାମୀ ବିବେକାନନ୍ଦ (୧୬)

# 'ସଂଘଂ ଶରଣଂ ଗଚ୍ଛାମି'

## ସନ୍ତୋଷ କୁମାର ରଥ

ଜୋତ୍ସ୍ନା ବିଜଡ଼ିତ ଚନ୍ଦ୍ରମାକୁ ଦେଖି ସମସ୍ତେ ବିମୁଗ୍ଧ । ଥୋକେ ଆତୁର ହୋଇ ଉଠନ୍ତି ଆପଣେଇ ନେବାକୁ ସେହି ସ୍ନିଗ୍ଧତାକୁ ଏବଂ ତାରିଫ କରନ୍ତି କାହିଁ କେତେ ଢଙ୍ଗରେ । କବିର କଳ୍ପନା, ଶିଳ୍ପୀର ଚାତୁରୀ ଆକାଶ ଛୁଏଁ । ସତେ ଯେମିତି ଆକାଶଟା କେବଳ ତାହାରି ପାଇଁ ଶୋଭାବନ୍ତ । କିନ୍ତୁ ଚନ୍ଦ୍ର ଜାଣେ, ନିଜର ବୋଲି ଯାହାକିଛି ସେସବୁ ନିଜର ନୁହେଁ; ସେ କେବଳ ଅଧିକାରୀ ମାତ୍ର । ସୂର୍ଯ୍ୟର ଆଲୋକରେ ସେ ଦୀପ୍ତ; ସକଳ ଜଗତ୍ ଯାହାଠାରୁ ସୃଷ୍ଟ ଏବଂ ଯାହା ଦ୍ୱାରା ପ୍ରତିପାଳିତ ସେ ସେହି ଆଲୋକରେ ପ୍ରତିଫଳିତ । ଶ୍ରୀରାମକୃଷ୍ଣଙ୍କ ପ୍ରତି ସ୍ୱାମିଜିଙ୍କର ଭବ୍ୟ ନିବେଦନ ଥିଲା ଅନୁରୂପ । ସେହିଁ କେବଳ ମାପି ଜାଣିଥିଲେ ସିନ୍ଧୁ ଓ ବିନ୍ଦୁର ଆନୁପାତିକ ସ୍ୱରୂପକୁ; ଗୁରୁଦେବଙ୍କ ନିକଟରେ ନିଜର ସ୍ଥିତିକୁ ସ୍ଥାପନା କରି । ମାତ୍ର ଅନ୍ୟମାନଙ୍କ ନିକଟରେ ଏହି କଥାକୁ ସେ କେବେ ବି ଜାହିର୍ କରୁ ନ ଥିଲେ, କି ନିଜର ବକ୍ତୃତା ମାଧ୍ୟମରେ ଗୁରୁଦେବଙ୍କର ଗୁଣ କୀର୍ତ୍ତନକୁ ପ୍ରୋତ୍ସାହନ ପ୍ରଦାନ କରୁ ନ ଥିଲେ । କାରଣ ସେ ବୁଝିଥିଲେ ଏହା କେବଳ ଏକ ଧୃଷ୍ଟତା, ସ୍ୱର୍ଗର ଶିଖାରୋହଣ ଅଭିଳାଷ ।

ସ୍ୱାମିଜି ନିଉୟର୍କଠାରେ 'ମଦୀୟ ଆଚାର୍ଯ୍ୟଦେବ' ଶୀର୍ଷକ ଗୋଟିଏ ବକ୍ତୃତାରେ ଥରକ ପାଇଁ ଶ୍ରୀରାମକୃଷ୍ଣଙ୍କ କଥା ବର୍ଣ୍ଣନା କରିଥିଲେ ଏବଂ ମାଡ୍ରାସଠାରେ 'ଭାରତୀୟ ମହାପୁରୁଷଗଣ'ଙ୍କ ସମ୍ବନ୍ଧରେ କହିବା ସମୟରେ ଗୁରୁଦେବଙ୍କ ସମ୍ବନ୍ଧରେ କିଞ୍ଚିତ୍ ସୂଚନା ମାତ୍ର ଦେଇଥିଲେ । ଏତଦ୍‌ଭିନ୍ନ ସେ କେବେ ବି କେଉଁଠି ନିଜ ବକ୍ତବ୍ୟର ମୁଖ୍ୟ ପ୍ରସଙ୍ଗ ରୂପେ ଠାକୁରଙ୍କୁ ଗ୍ରହଣ କରୁ ନ ଥିଲେ, କି ତାଙ୍କ ଅଲୌକିକତାର ଚର୍ଚ୍ଚା କରୁ ନ ଥିଲେ । କାରଣ ଗୁରୁଦେବଙ୍କ ସମ୍ବନ୍ଧରେ କହିବା ସମୟରେ ସେ ଏତେ ବେଶୀ ଭାବବିହ୍ୱଳ ହୋଇ ଉଠୁଥିଲେ ଯେ ଭାଷା ମାଧ୍ୟମରେ ସେସବୁକୁ ବ୍ୟକ୍ତ କରିବା ଅସମ୍ଭବ ହୋଇ ପଡୁଥିଲା । ସେ ନିଜର ଭାରସାମ୍ୟ ହରାଇ ବସୁଥିଲେ । ଥରେ କଥା ପ୍ରସଙ୍ଗରେ କହି ପକାଇଲେ – ''ସେହି ଅଦ୍ଭୁତ ପୁରୁଷଙ୍କୁ ମୁଁ ସମ୍ୟକ୍ ଭାବରେ ବୁଝିପାରି ନାହିଁ, ତେଣୁ ତାଙ୍କ ସମ୍ବନ୍ଧରେ କୌଣସି କଥା କହିବାକୁ ହେଲେ ଭୟ ହୁଏ, କାଳେ ମୁଁ ତାଙ୍କୁ ଛୋଟ କରି ପକାଇବି କି !''

ମାତ୍ର ଏକ ଅଭିନବ ଅଘଟଣ ଘଟିଲା । ନିଜର ଜନ୍ମଭୂମି କଲିକତାଠାରେ ଅଭିନନ୍ଦନ ଅବସରରେ ଅଭିନନ୍ଦନ ପତ୍ରରେ ଉଲ୍ଲିଖିତ ଶ୍ରୀରାମକୃଷ୍ଣଙ୍କ ବର୍ଣ୍ଣନା ଶୁଣି ସେ ନିଜର ଭାବାବେଗକୁ ଆଉ ଚାପି ରଖି ପାରିଲେ ନାହିଁ । ନିଜର ଇଷ୍ଟ, ପ୍ରାଣର ଦେବତା ଗୁରୁଦେବଙ୍କ ସମ୍ବନ୍ଧରେ କହିବାକୁ ଯାଇ କହି ପକାଇଲେ, ''ଶ୍ରୀରାମକୃଷ୍ଣଙ୍କ ଜୀବନରୁ ଆମ୍ଭେମାନେ ଗୋଟିଏ ମହାନ୍ ଆଦର୍ଶ ପାଇଥାଉ । ଯଦି ଏହି ଜାତି ଉଠିବାକୁ ଚାହେଁ; ନିଜର ସୌଭାଗ୍ୟକୁ ସ୍ୱାଗତ କରିବାକୁ ଚାହେଁ, ତେବେ ମୁଁ ନିଶ୍ଚିତ ଭାବରେ କହୁଛି – ଏହି ନାମରେ ସଭିଙ୍କୁ ମାତିବାକୁ ହେବ । ଏହି କାରଣରୁ ଆମ ଜାତୀୟ କଲ୍ୟାଣ ପାଇଁ, ଆମ ଧର୍ମର ଉନ୍ନତି ପାଇଁ, ଦେଶ ପୁନର୍ଗଠନ ପାଇଁ, କର୍ତ୍ତବ୍ୟ ବୁଦ୍ଧି ପ୍ରଣୋଦିତ ହୋଇ ମୁଁ ଆଜି ଏହି ମହାନ୍ ଆଧ୍ୟାତ୍ମିକ ଆଦର୍ଶକୁ ତୁମ୍ଭମାନଙ୍କ ସମ୍ମୁଖରେ ସ୍ଥାପନା କରୁଛି । ଆଉ ଏକଥା ମନେରଖ, ଆମ ଜାତୀୟ ଜୀବନର ପ୍ରଧାନ ଆଦର୍ଶ ହେଉଛି ଧର୍ମ । ଯାହା ଲାଭ କରିବାର ଏକମାତ୍ର ଉପାୟ ହେଉଛି ତ୍ୟାଗ । ଯଦି ଏହା ସହିତ ଯେଉଁ ସମସ୍ତ ଭାବ ବା ଆଦର୍ଶର ସାମଞ୍ଜସ୍ୟ ନାହିଁ, ଐକ୍ୟ ନାହିଁ, ତେବେ ତାହାକୁ ବର୍ଜନ କର – ତାହା ହିନ୍ଦୁ ଧର୍ମର ପରିସରଭୁକ୍ତ ନୁହେଁ ।''

ସ୍ୱାମିଜି ଧର୍ମର ସଂକୀର୍ଣ୍ଣତା କିଂବା ମୌଳିବାଦୀ-ମାନଙ୍କର ଅପରିବର୍ତ୍ତନୀୟ ମତବାଦରେ ସହମତ ନ ଥିଲେ । ତାଙ୍କ ଦୃଷ୍ଟିରେ ଧର୍ମର ବ୍ୟାପକତା ଥିଲା ଦେଶ କାଳର ଅତୀତ । ସମଗ୍ର ମାନବଜାତିକୁ ସେ ଏକ ଉଚ୍ଚତମ ଚେତନାରୁ ନିରୀକ୍ଷଣ କରୁଥିଲେ, ବ୍ରହ୍ମମୟ ମନେ କରୁଥିଲେ ସମଗ୍ର ଜଗତକୁ । ବିଦେଶରେ ଥିବାବେଳେ ସେ ଥରେ ଏକ ପତ୍ରରେ ଲେଖିଥିଲେ – ''ପ୍ରକୃତ କଥା ଏହି ଯେ ବ୍ରହ୍ମ ଆମ ଭିତରେହିଁ ରହିଛନ୍ତି । ଆମେହିଁ ସେହି ସୋଽହଂ, ସେହି ଶାଶ୍ୱତ ଦ୍ରଷ୍ଟା, ସେହି ଯଥାର୍ଥ ପୁରୁଷ, ଯେ କେବେହେଲେ ଇନ୍ଦ୍ରିୟ ଗୋଚର ନୁହନ୍ତି । ବରଂ ଇନ୍ଦ୍ରିୟର ଅତୀତ, ମନର ଅତୀତ, ବାକ୍‌ର

ଅତୀତ । ଚାଲ ଆମେ ତାଙ୍କରିହିଁ ଅନ୍ୱେଷଣ କରିବା, ବ୍ରହ୍ମ ଚେତନାରେ ନିଜକୁ ତଲ୍ଲୀନ କରିଦେବା ।''

ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ସ୍ୱାମିଜିଙ୍କର ବେଦାନ୍ତ ସମ୍ବନ୍ଧୀୟ ଜ୍ଞାନର ପରାକାଷ୍ଠା ଦେଖି ଦେଶୀୟ ପଣ୍ଡିତମାନେ ଈର୍ଷାନ୍ୱିତ ହୋଇ ଉଠିଲେ । ଥରେ କେତେଜଣ ବେଦଜ୍ଞ ଓ ଦର୍ଶନଶାସ୍ତ୍ରବିତ୍ ଗୁଜୁରାଟୀ ପଣ୍ଡିତ ସ୍ୱାମିଜିଙ୍କୁ ଘେରିଯାଇ ସଂସ୍କୃତ ଭାଷାରେ ତର୍କ କରିବା ଆରମ୍ଭ କରିଦେଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ଶାସ୍ତ୍ରଜ୍ଞାନ ସହିତ ସଂସ୍କୃତ ଭାଷାରେ ସ୍ୱାମିଜିଙ୍କର ବାଗ୍ମିତାର ପରୀକ୍ଷା । ମାତ୍ର ସ୍ୱାମିଜି ଯେତେବେଳେ ସଂସ୍କୃତ ଭାଷାରେ ଅନର୍ଗଳ ଉତ୍ତର ଦେଇ ଚାଲିଲେ ସେତେବେଳେ ସେମାନେ ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କର ସଂସ୍କୃତ ଭାଷା ପଣ୍ଡିତମାନଙ୍କଠାରୁ ଅଧିକ ଶ୍ରୁତି ମଧୁର ଓ ସୁଲଳିତ ହେଉଥିଲା । ପଣ୍ଡିତମାନେ ବହୁବିଧ ଜଟିଳ ଗ୍ରନ୍ଥର ଉପସ୍ଥାପନା କଲେ ମାତ୍ର ସ୍ୱାମିଜି ନିଜର ଧୀ-ଶକ୍ତି ବଳରେ ସେସବୁର ମୀମାଂସା ପ୍ରଦାନ କଲେ । ତର୍କରେ ମଗ୍ନ ଥିବା ସମୟରେ ସ୍ୱାମିଜି ଭୁଲ୍‌ବଶତଃ ଗୋଟିଏ ସ୍ଥଳରେ 'ସ୍ୱସ୍ତି' ସ୍ଥାନରେ 'ଅସ୍ତି' ପ୍ରୟୋଗ କରିଦେବାରୁ ପଣ୍ଡିତମାନେ ହସି ଉଠିଲେ । ମାତ୍ର ସ୍ୱାମିଜି ନିଜର ଭୁଲ୍ ସ୍ୱୀକାର କରି ବଡ଼ ବିନମ୍ର ଭାବରେ କହିଲେ, ''ମୁଁ ପଣ୍ଡିତମାନଙ୍କର ଦାସ, ମୋର ଏହି ସ୍ଖଳନ କ୍ଷମା କରନ୍ତୁ'' । ପଣ୍ଡିତମାନେ ସ୍ୱାମିଜିଙ୍କର ବିନମ୍ରତାରେ ମୁଗ୍ଧ ହୋଇଗଲେ ଏବଂ ଯଥାର୍ଥ ଜ୍ଞାନୀ ଯେ ଫଳନ୍ତି ବୃକ୍ଷତୁଲ୍ୟ, ସେଦିନ କଥାଟିର ପ୍ରମାଣ ମିଳିଲା । ବହୁ ସମୟ ଧରି ତର୍କ-ବିତର୍କ ଚାଲିବା ପରେ ସିଦ୍ଧାନ୍ତ ପକ୍ଷର ମୀମାଂସା ପର୍ଯ୍ୟାପ୍ତ ବୋଲି ପଣ୍ଡିତମାନେ ଘୋଷଣା କଲେ ଏବଂ ସ୍ୱାମିଜିଙ୍କୁ ସାଦର ଅଭିନନ୍ଦନ ଜଣାଇଲେ । ବୟୋଜ୍ୟେଷ୍ଠ ପଣ୍ଡିତଙ୍କ ସ୍ୱୀକାରୋକ୍ତିରେ ଉପସ୍ଥିତ ଜନତା ତୃପ୍ତ ହେଲେ । ସେ କହିଲେ ଯେ ବ୍ୟାକରଣରେ ଗଭୀର ବ୍ୟୁତ୍ପତ୍ତି ନ ଥିଲେ ବି ସ୍ୱାମିଜି ଶାସ୍ତ୍ରର ଗୂଢ଼ାର୍ଥ ଦ୍ରଷ୍ଟା, ମୀମାଂସା କରିବାରେ ଅଦ୍ୱିତୀୟ । ସ୍ୱୀୟ ପ୍ରତିଭା ବଳରେ ପ୍ରତିପକ୍ଷର ଯୁକ୍ତି ଖଣ୍ଡନ କରିବାରେ ସେ ଯେଉଁ ଅଦ୍ଭୁତ ପାଣ୍ଡିତ୍ୟ ପ୍ରଦର୍ଶନ କରିଛନ୍ତି ତାହା ଯଥାର୍ଥରେ ପ୍ରଶଂସନୀୟ । କରତାଳିରେ ପ୍ରତି-ଅଭିନନ୍ଦନ ଜଣାଇଲେ ଶ୍ରୋତୃବୃନ୍ଦ ।

ସ୍ୱାମିଜି କେବଳ ଜ୍ଞାନର ଅଧିକାରୀ ନ ଥିଲେ, ସେ ଥିଲେ ପ୍ରଜ୍ଞାଧାରୀ । ବାହ୍ୟ ଘଟଣାବଳୀ ଥିଲା ତାଙ୍କ ପାଇଁ ଏକ ଗୌଣ ବ୍ୟାପାର । ସେ ତାହାର ପଶ୍ଚାତରେ ରହିଥିବା ଗୂଢ଼ ରହସ୍ୟଟିକୁ ଉଦ୍‌ଘାଟନ କରିବାରେ ସତତ ସଚେଷ୍ଟ ରହୁଥିଲେ ଏବଂ ନିଜର ଆନ୍ତର ଚେତନାର ନିର୍ଦ୍ଦେଶରେ ନିଜକୁ ପରିଚାଳିତ କରୁଥିଲେ । ଏହାର ଏକ ଦୃଷ୍ଟାନ୍ତ ମିଳେ ଭିନ୍ନ ଏକ ଘଟଣାରୁ :

ସ୍ୱାମିଜିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ରହ୍ମଚାରୀ ଜୀବନଯାପନ କରିବା ଉଦ୍ଦେଶ୍ୟରେ କେତେଜଣ ଯୁବକ ଆଲମ ବଜାର ମଠରେ ଯୋଗ ଦେଇଥିଲେ । ସେତେବେଳେ ସ୍ୱାମିଜି ଥିଲେ ପାଶ୍ଚାତ୍ୟରେ । ଫେରି ଆସିବାପରେ ସେମାନେ ତାଙ୍କ ନିକଟରୁ ସନ୍ନ୍ୟାସ-ଦୀକ୍ଷା ଗ୍ରହଣ କରିବା ପାଇଁ ଉନ୍ମୁଖ ହୋଇ ଉଠିଲେ । ସ୍ୱାମିଜି ମଧ୍ୟ ସେମାନଙ୍କର ଉତ୍ସାହ ଦେଖି ଖୁବ୍ ଆନନ୍ଦିତ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣକର ପୂର୍ବ ଜୀବନ କଳଙ୍କିତ ଥିବାରୁ ତାହାକୁ ଦୀକ୍ଷା ପ୍ରଦାନ ନ କରିବା ପାଇଁ ଅନ୍ୟ ଗୁରୁଭ୍ରାତାମାନେ ଆପତ୍ତି ଜଣାଇଲେ ଏବଂ ତାହାକୁ ଆଶ୍ରମରୁ ବହିଷ୍କାର କରିଦେବା ପାଇଁ ଅନୁରୋଧ କଲେ । ମିଳିତ ପ୍ରତିବାଦର ସ୍ୱର ଖୁବ୍ ଦୃଢ଼ ହେବ ବୋଲି ସମସ୍ତେ ନିଃସନ୍ଦେହ ଥିଲେ ଏବଂ ଘଟଣାର ସତ୍ୟାସତ୍ୟ ତାହାକୁ ଇନ୍ଧନ ଯୋଗାଉ ଥିଲା । ମାତ୍ର ସ୍ୱାମିଜିଙ୍କ ବିଚାରର ରାୟ ହେଲା ବଡ଼ ଅଦ୍ଭୁତ । ସେ ଶିଷ୍ୟବର୍ଗଙ୍କୁ ଡାକି କହିଲେ, ''ତୁମେମାନେ ଯେଉଁ ପ୍ରତିବାଦ ଜଣାଇଛ ସେଥିରେ ମୁଁ ସମ୍ମତ । ମାତ୍ର ଆମେ ଯଦି ପାପୀକୁ ଆଶ୍ରୟ ଦେବାକୁ ସଙ୍କୁଚିତ ହେବା, ତା'ହେଲେ ଏମାନେ କେଉଁଠାରେ ଆଶ୍ରୟ ପାଇବେ ? ଏ ଯେତେବେଳେ ଉଚ୍ଚତର ପବିତ୍ର ଜୀବନଯାପନ କରିବାର ସଂକଳ୍ପ ନେଇ ସଂସାରତ୍ୟାଗ କରିଛି, ତାକୁ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ । ତୁମେ ଯଦି ଉଚ୍ଛୃଙ୍ଖଳ ଓ ଅସତ୍ ଚରିତ୍ର ବ୍ୟକ୍ତିମାନଙ୍କର ଚରିତ୍ର ସଂଶୋଧନ କରିବାକୁ ଅପାରଗ ହୋଇଥାଅ, ତେବେ ଗୈରିକ ବସ୍ତ୍ର ପରିଧାନ କରି ଆଚାର୍ଯ୍ୟତ୍ୱ ଗ୍ରହଣ କରିଛ କାହିଁକି ? ଅପରାଧୀ ସିଏ ନୁହେଁ, ତୁମେ ।'' ସ୍ୱାମିଜିଙ୍କର ସିଦ୍ଧାନ୍ତ ବଳବତ୍ତର ରହିଲା, ଅନ୍ୟାନ୍ୟ ଶିଷ୍ୟମାନେ ଆଉ ଆପତ୍ତି କଲେ ନାହିଁ ।

ସ୍ୱାମିଜି ନିଜର ବହୁ ଦିନର ଅଭିଳାଷକୁ ଚରିତାର୍ଥ କରିବା ପାଇଁ ଆଗଭର ହୋଇ ଉଠିଲେ । ସେ ବୁଝି ପାରିଥିଲେ ଏକ ନୂତନ ଯୁଗର ଅଭ୍ୟୁଦୟ ପାଇଁ ବ୍ୟଷ୍ଟିଗତ ନୁହେଁ ସଂଘବଦ୍ଧ ପ୍ରଚେଷ୍ଟା ଅନିବାର୍ଯ୍ୟ । ପାରସ୍ପରିକ ବୁଝାମଣା, ସହାବସ୍ଥାନ ଓ ଐକ୍ୟବଦ୍ଧ ସଂକଳ୍ପର ଯଥାର୍ଥ ବିନିଯୋଗ ହୋଇ ପାରିଲେ ଜାତୀୟସ୍ତରର ଦୁର୍ଯୋଗକୁ ଏଡ଼ାଇ ଦେବା ସମ୍ଭବପର ହେବ । ଆଲମବଜାର ମଠର କଳେବର ବୃଦ୍ଧି କରି ଏକ ବିଧିବଦ୍ଧ ସଂଘ ପ୍ରତିଷ୍ଠା କରିବା ନିମନ୍ତେ ସ୍ୱାମିଜି ଏକ ସଭାର ଆହ୍ୱାନ କଲେ । ସେଦିନ ଥିଲା ୧୮୯୭ ମସିହା ମଇ ପହିଲା । ଶ୍ରୀରାମକୃଷ୍ଣଙ୍କର

ଉଭୟ ଗୃହୀ ଓ ସନ୍ନ୍ୟାସୀ ଭକ୍ତବୃନ୍ଦ ବଳରାମବାବୁଙ୍କ ଭବନରେ ଏକତ୍ରିତ ହେଲେ । ସ୍ୱାମିଜି ସମବେତ ଭକ୍ତଗଣଙ୍କ ସମ୍ମୁଖରେ ନିଜକୁ ଅଭିବ୍ୟକ୍ତ କଲେ, ''ବହୁ ଦେଶ ବୁଲି ମୋର ଏହି ଅଭିଜ୍ଞତା ହୋଇଛି ଯେ ସଙ୍ଘ ବ୍ୟତୀତ କୌଣସି ବଡ଼ କାମ ହୋଇପାରିବ ନାହିଁ । ମାତ୍ର ଆମ ଦେଶରେ ପ୍ରଥମରୁ ସଙ୍ଘ ଗଠନ କରିବା କିଂବା ସାଧାରଣଙ୍କ ସମ୍ମତି ନେଇ କାର୍ଯ୍ୟ କରିବା ଏତେଟା ସୁବିଧାଜନକ ନୁହେଁ । କାରଣ ଆମ ଦେଶରେ ଶିକ୍ଷା ବିସ୍ତାର ଲାଗି ଯେତେବେଳେ ଇତର ଲୋକେ ସମାଧିକ ସହୃଦୟ ହେବେ, ଯେତେବେଳେ ମତଭେଦର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରୁ ଉବୁରିଯାଇ ପାରିବେ, ବାଦ-ବିବାଦ-ବିସମ୍ବାଦରୁ ମୁକ୍ତ ରହିପାରିବେ ସେତେବେଳେ ଯାଇ ସାଧାରଣ ମତାନୁସାରେ ସଙ୍ଘ କାର୍ଯ୍ୟ କରିପାରିବ । ସେଥିପାଇଁ ଏ ସଙ୍ଘର ଜଣେ ପ୍ରଧାନ ପରିଚାଳକ ରହିବା ଆବଶ୍ୟକ । ସମସ୍ତଙ୍କୁ ତାଙ୍କରି ଆଦର୍ଶ ମାନି ଚଳିବାକୁ ହେବ । ତା'ପରେ ସମସ୍ତଙ୍କ ମତ ନେଇ କାମ ହେବ ।

''ଆମ୍ଭେମାନେ ଯାହାଙ୍କ ନାଁରେ ସନ୍ନ୍ୟାସୀ ହୋଇଛେ, ଆପଣମାନେ ଯାହାଙ୍କୁ ଆଶ୍ରାକରି ଗୃହସ୍ଥାଶ୍ରମରେ ବ୍ରତୀ ହୋଇଛନ୍ତି, ଦେହାବସାନର ମାତ୍ର କୋଡ଼ିଏ ବର୍ଷ ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ୍ ମଧ୍ୟରେ ଯାହାଙ୍କ ନାମ ଓ ପୁଣ୍ୟ ବଳରେ ଐକ୍ୟ ସ୍ଥାପିତ ହୋଇ ପାରିଛି ଏବଂ ଯାହାଙ୍କ ଆଦର୍ଶ ଉପରେ ନୂତନ ଯୁଗର ଭିତ୍ତି ପ୍ରତିଷ୍ଠିତ – ଏ ସଙ୍ଘ ତାଙ୍କରି ନାମାନୁସାରେ ପ୍ରତିଷ୍ଠିତ ହେବ । ଆମ୍ଭେମାନେ ପ୍ରଭୁଙ୍କ ଦାସ, ଆପଣମାନେ ଏ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରନ୍ତୁ ।''

ସାଦରେ ପ୍ରସ୍ତାବ ଗୃହୀତ ହେଲା, ସଙ୍ଘର ନାମ ରଖାଗଲା 'ରାମକୃଷ୍ଣ ମିଶନ' ଏବଂ ସଭିଙ୍କ ହୃଦୟରେ ଜାଗି ଉଠିଲା ସେହି ପୁରାତନ ମନ୍ତ୍ର – 'ସଂଘଂ ଶରଣଂ ଗଚ୍ଛାମି' ।

❑❑❑

ସ୍ୱାମୀ ବିବେକାନନ୍ଦ (୧୭)

# ଅଦେଖା ଅନୁକମ୍ପା

## ସନ୍ତୋଷ କୁମାର ରଥ

ବହନ୍ତା ନଈର ସୁଅକୁ ଦେଖିଲେ କେବେ କ'ଣ କାହାରି ପରତେ ଆସେ ଯେ ଏସବୁ ସେଇ ନିଥର ପାହାଡ଼ର ବୁକୁ ସାଇତା ସମ୍ଭାର । ସେତ ଗୋଟାଏ ସ୍ଥାଣୁ, ସ୍ଥବିର, କଙ୍କରିଳ । ତାହାରି ହିଆରୁ ପୁଣି ଝରଣା ଝରି ଝରି ନଈ ପାଲଟିଛି । ବଡ଼ ଅଦ୍ଭୁତ ଏ ବିଧାନ ।

ଠିକ୍ ସେମିତି ବେଦାନ୍ତବାଦୀ ଜ୍ଞାନଯୋଗୀ ସ୍ୱାମିଜିଙ୍କର ଅବସ୍ଥା । ଠାଣିରେ ସିଂହର ବିକ୍ରମ, କଣ୍ଠ ବଜ୍ର ନିର୍ଘୋଷ, ଚାହାଣି ଦୃପ୍ତ, ମାତ୍ର ଭାବ ତାଙ୍କର ଛୋଟ ଶିଶୁଟିଏ ପରି ତରଳ, ଢଳ ଢଳ । ହୃଦୟ ତାଙ୍କର ଭକ୍ତିରସରେ ଆପ୍ଲୁତ ଯାହାକି ଜଣେ ସୁଦକ୍ଷ ଜ୍ଞାନଯୋଗୀ ପାଖରେ ବିରଳ ।

ରାମକୃଷ୍ଣ ମିଶନ ପ୍ରତିଷ୍ଠା ହୋଇଯିବା ପରେ ସ୍ୱାମିଜିଙ୍କର ଦାୟିତ୍ୱର ଗୁରୁଭାର ଆହୁରି ବଢ଼ିଗଲା । କାରଣ ଗୁରୁଭାଇମାନଙ୍କର ରକ୍ଷଣାବେକ୍ଷଣ ସହିତ ଦାରିଦ୍ର୍ୟ ଦୁଃଖକଷ୍ଟ ପ୍ରପୀଡ଼ିତ ଜନତାଙ୍କର ସୁରକ୍ଷାର ଭାରକୁ ସମାନୁପାତରେ ସେ ନିଜର ବ୍ରତ ରୂପେ ବହନ କଲେ । ତାଙ୍କର ଏଭଳି କ୍ରିୟା କର୍ମକୁ କେତେ ଜଣ ଗୁରୁଭାଇ ନାପସନ୍ଦ କରି ଅଭିଯୋଗ କଲେ ଯେ ଏସବୁ ପଶ୍ଚାତ୍ୟଧର୍ମିତା; ଗୁରୁଦେବଙ୍କ ଆଦର୍ଶର ବହିର୍ଭୂତ । ସ୍ୱାମିଜିଙ୍କ କଣ୍ଠ ଗମ୍ଭୀର ହୋଇଉଠିଲା, ଖୁବ୍ ଦୃଢ଼ ଭାବରେ କହିଲେ, ''ତୁମେମାନେ କ'ଣ କହିବାକୁ ଚାହଁ ଯେ ଆର୍ତ୍ତ, ରୋଗୀ, ଅନାଥମାନଙ୍କର ସେବା କରିବା ଦ୍ୱାରା ଜଣେ ମାୟାରେ ବାନ୍ଧି ହୋଇଯାଏ, ଏସବୁ ସନ୍ନ୍ୟାସୀର କର୍ମ ନୁହେଁ । 'ଈଶ୍ୱର ଅନ୍ୱେଷଣ କର, ଜଗତର ଉପକାର କରିବାକୁ ଯିବା ଅନଧିକାର ଚର୍ଚ୍ଚା ମାତ୍ର' – ଏଭଳି କଥା ଠାକୁର କହୁଥିଲେ ବୋଲି ଯଦି ଏସମସ୍ତ କାର୍ଯ୍ୟକୁ ମନ୍ଦବୋଲି ଭାବ, ତା'ହେଲେ ତୁମେମାନେ ଠାକୁରଙ୍କ ଉଦ୍ଦେଶ୍ୟକୁ ବିନ୍ଦୁମାତ୍ର ବୁଝି ନାହଁ ।''

ସଭିଏଁ ନୀରବ, ବିରୋଧୀମାନେ ହେଲେ ଆନତମୁଖା । ସ୍ୱାମିଜିଙ୍କର ଉତ୍ତାଳ ତରଙ୍ଗରେ କିନ୍ତୁ ସେଯାଏଁ ଭଟ୍ଟା ପଡ଼ି ନ ଥାଏ । ପୁନଶ୍ଚ ଶୁଭିଲା, ''ତୁମେମାନେ କ'ଣ ମନେ କରୁଛ ଯେ ଜ୍ଞାନ ଗୋଟାଏ ଶୁଷ୍କ ପାଣ୍ଡିତ୍ୟ ମାତ୍ର – ଯାହାକୁ ଅର୍ଜନ କରିବାକୁ ହେଲେ ହୃଦୟର କୋମଳତାକୁ ଉଚ୍ଛେଦ କରିଦେବାକୁ ହୁଏ, ତେବେ ହୃଦୟ ପାଲଟିଯିବ ଏକ ଊଷର କ୍ଷେତ୍ର । ଏହା ଏକ ବ୍ୟର୍ଥ ଅହମିକା ମାତ୍ର ଯାହା ମନୁଷ୍ୟକୁ କାପୁରୁଷ ଓ କର୍ମ ବିମୁଖ କରିପକାଏ ।... ଶାସ୍ତ୍ର କ'ଣ କହୁଛି, କିଏ ଶୁଣେ ? ମାତ୍ର ଏତିକି ମନେରଖ ମୁଁ ଯଦି ମୋ ତମୋଗ୍ରସ୍ତ ସ୍ୱଦେଶ-ବାସୀଙ୍କୁ କର୍ମଯୋଗ ଦ୍ୱାରା ଅନୁପ୍ରାଣିତ କରାଇ ମଣିଷ କରି ଠିଆ କରାଇ ଦେଇପାରେ ତାହାହେଲେ ମୁଁ ଆନନ୍ଦରେ ଲକ୍ଷେ ନରକକୁ ଯିବା ପାଇଁ ପ୍ରସ୍ତୁତ । ଆଉ ଏକଥା ସତ୍ୟ ମୁଁ ଆଉ କାହାରି ନୁହେଁ, ଯେଉଁମାନେ ନିଜ ଭକ୍ତି-ମୁକ୍ତି, କାମନା ତ୍ୟାଗ କରି ଦରିଦ୍ର-ନାରାୟଣଙ୍କ ସେବାରେ ନିଜର ଜୀବନ ଉତ୍ସର୍ଗ କରିବେ, ମୁଁ ସେହିମାନଙ୍କ ଚେଲା, ଭୃତ୍ୟ, କ୍ରୀତଦାସ ।''

ସତ୍ୟକୁ ଉପସ୍ଥାପନା କରିବା ସମୀଚିନ ମନେ ହେଉଥିଲେ ବି ସହ୍ୟ କରିବା ସମ୍ଭବ ନୁହେଁ । କାରଣ ସମସ୍ତେ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥା'ନ୍ତି । ନିଜ ଅନ୍ଧାର ନିଜକୁ ସୁହାଏ । ସ୍ୱାମିଜି ନୀରବ ହେଲେ, ତାଙ୍କର ଦୃପ୍ତ ମୁଖମଣ୍ଡଳରେ କରୁଣାର ଛବି ଫୁଟି ଉଠିଲା । ଦରିଦ୍ର ଉତ୍ପୀଡ଼ିତ ଜନତାଙ୍କ ଦୁଃଖରେ ଦୁଃଖୀ ହୋଇ ହୃଦୟ ତାଙ୍କର ବ୍ୟଥିତ ହୋଇ ଉଠିଲା । ସେ ସହସା ନିଜ ବିଶ୍ରାମ କକ୍ଷକୁ ଯାଇ ଦ୍ୱାର ବନ୍ଦ କରି ସମାଧିସ୍ଥ ହୋଇଗଲେ । ପ୍ରାୟ ଘଣ୍ଟାକ ପରେ ସେ ଯେତେବେଳେ ତାଙ୍କର ଗୁରୁଭାଇମାନଙ୍କ ପାଖକୁ ଫେରିଆସିଲେ, ସେତେବେଳକୁ ସେ ପାଲଟି ଯାଇଥିଲେ ମଝି ଦରିଆର ମଣିଷ । ସେଇ ଗଭୀରତା ଭିତରୁ ଉକୁଟି ଉଠୁଥିଲା ଅତୀତର ସ୍ମୃତି, ସ୍ଥିର ପ୍ରତିଷ୍ଠିତ ଠାକୁରଙ୍କ କଥା କେଇପଦ – ''ଜୀବେ ଦୟା ! ନାମେ ରୁଚି, ବୈଷ୍ଣବ ସେବନ – ଦୟା, କିଏ କାହାକୁ ଦୟାକରିବ ? ଦୟା ନୁହେଁ ସେବା, ସେବା ।'' ଠାକୁରଙ୍କ କଥା ପଦକ ଶୁଣି ନରେନ୍ (ବିବେକାନନ୍ଦ) ସେଦିନ ପାଇଥିଲେ ଏକ ନୂତନ ଦିଗ୍‌ଦର୍ଶନ । ଜଗତର ସେବାହିଁ ଭଗବତ୍ ଲାଭର ଅନ୍ୟ ଏକ ପନ୍ଥା, ସନ୍ନ୍ୟାସୀର ପରମ କର୍ତ୍ତବ୍ୟ । ଗ୍ରହଣ କରିଥିଲେ ନିଜର ବ୍ରତ ରୂପେ । ଆଜି ସେହି ଭାବରେ ବିଭୋର । ସମସ୍ତଙ୍କ ମୌନତାକୁ ଭଙ୍ଗକରି ସେ କହିଲେ, ''ଯାହାର ହୃଦୟ ଯେତେ ବେଶୀ ଭକ୍ତି ରସାପ୍ଲୁତ, ତାହାର ସ୍ନାୟୁଗୁଡ଼ିକ ସେତେ ବେଶୀ କୋମଳ

ହୋଇପଡ଼େ ଯେ ସେ ସାମାନ୍ୟ ଫୁଲର ଆଘାତ ପର୍ଯ୍ୟନ୍ତ ସହ୍ୟ କରିପାରେ ନାହିଁ । ତୁମେମାନେ ଜାଣ, ଆଜିକାଲି ମୁଁ ପ୍ରେମ-ଭକ୍ତିମୂଳକ ପୁସ୍ତକ ପଢ଼ିପାରେ ନାହିଁ । ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ କିଛି କହିବାକୁ ହେଲେ ଭାବରେ ଅଭିଭୂତ ହୋଇପଡ଼େ । ଅନ୍ତର୍ନିହିତ ଏହି ଭକ୍ତି ପ୍ରବାହର ଗତିରୋଧ କରିବା ଲାଗି ମୁଁ ନିରନ୍ତର ପ୍ରଚେଷ୍ଟା କରୁଛି ଏବଂ କର୍ମର କଠିନ ଶୃଙ୍ଖଳରେ ନିଜକୁ ବାନ୍ଧି ରଖୁଛି । କାରଣ ଏବେ ବି ଜଗତକୁ ମୋର ଯେଉଁ ବାର୍ତ୍ତା ଦେବାର ଅଛି ତାହା ଶେଷ ହୋଇ ନାହିଁ । ତେଣୁ ଭକ୍ତିର ପ୍ରାବଲ୍ୟ ଅଧିକ ହେଲେ ମୁଁ କଠୋର ଜ୍ଞାନର ରୁଦ୍ରଦଣ୍ଡ ସାହାଯ୍ୟରେ ଆଘାତ କରି ସେସବୁକୁ ସଂଯତ କରେ । ମୁଁ ଶ୍ରୀରାମକୃଷ୍ଣଙ୍କ କ୍ରୀତଦାସ, ସେ ମୋ କାନ୍ଧ ଉପରେ ଯେଉଁ କାର୍ଯ୍ୟଭାର ନ୍ୟସ୍ତ କରିଯାଇଛନ୍ତି, ଯେପର୍ଯ୍ୟନ୍ତ ମୁଁ ତାହାକୁ ସମାପ୍ତ କରି ନାହିଁ, ସେପର୍ଯ୍ୟନ୍ତ ସେ ମୋତେ ବିଶ୍ରାମ କରିବାକୁ ଦେବେ ନାହିଁ ।''

ସ୍ୱାମିଜିଙ୍କ ସମୀକ୍ଷାକୁ ସମର୍ଥନ ଜଣାଇଲେ ବିରୋଧ-ଭାଷୀ ଗୁରୁଭାଇମାନେ । ଅନନ୍ତ ଭାବମୟ ଠାକୁରଙ୍କୁ ସର୍ବତୋଭାବେ ବୁଝିବା ଯେ ଅତୀବ ଦୁଃସାଧ୍ୟ — କଥାଟି ସଭିଙ୍କର ହୃଦବୋଧ ହେଲା । ମୌନେ ସମର୍ଥନ ଜଣାଇଲେ ସ୍ୱାମିଜିଙ୍କୁ ।

ଆଉ ଦିନକର କଥା । ସ୍ୱାମିଜିଙ୍କ ଭାବ ସାଗରର ଗଭୀରତା ଯେ ଅଥଳ — ମାପିବାର ସୁଯୋଗ ମିଳିଲା ଗୁରୁଭାଇମାନଙ୍କୁ । ସେଦିନ ସ୍ୱାମିଜି ଋଗ୍‌ବେଦ ସଂହିତାର ବ୍ୟାଖ୍ୟାନ ଆରମ୍ଭ କରିଥିଲେ । ସାୟନ ଭାଷ୍ୟ ସହ ବେଦ ବାଖ୍ୟା କରୁ କରୁ ଆଚାର୍ଯ୍ୟଦେବ ଖୁବ୍ ଶୀଘ୍ର ତଲ୍ଲୀନ ହୋଇଗଲେ । ଶ୍ରୋତାବୃନ୍ଦଙ୍କ ଅବସ୍ଥା ମଧ୍ୟ ଅନୁରୂପ । ଠିକ୍ ସେହି ସମୟରେ ପ୍ରବେଶ କଲେ ନାଟ୍ୟସମ୍ରାଟ ଗିରୀଶ ଚନ୍ଦ୍ର ଘୋଷ । ସ୍ୱାମିଜିଙ୍କ ସହ ଯେ ଏଭଳି ଆକସ୍ମିକ ଯୋଗାଯୋଗ ଘଟିବ ସେଥିପ୍ରତି ସେ ଅଭିଳଷିତ ନ ଥିଲେ । ଦୁହେଁ ସମାଦରେ ପରସ୍ପରକୁ ଅଭ୍ୟର୍ଥନା ଜଣାଇବା ପରେ ଗିରୀଶବାବୁ ଆସନ ଗ୍ରହଣ କଲେ ସ୍ୱାମିଜିଙ୍କର ଅତି ନିକଟରେ । ସ୍ୱାମିଜି ଭାଷ୍ୟ-ମୁଖର ହେବା ପୂର୍ବରୁ କଥାଛଳରେ କହିଲେ, ''ଜି. ସି. (Girish Chandra), ତୁମେ ବୋଧହୁଏ ଏସବୁ ଜିନିଷ ପଢ଼ିବାର କୌଣସି ଆବଶ୍ୟକତା ବୋଧ କର ନାହିଁ; ଚିରକାଳ କୃଷ୍ଣ ଆଉ ରାମଙ୍କୁ ନେଇ କଟାଇ ଦେଲ ।''

ଭକ୍ତ ପ୍ରବର ଗିରୀଶବାବୁ ସ୍ୱାମିଜିଙ୍କୁ ଖୁବ୍ ଶ୍ରଦ୍ଧା କରନ୍ତି । ବଡ଼ ବିନୀତ ଭାବରେ ସେ କହିଲେ, ''ବେଦ ପଢ଼ି ମୋର ଆଉ କ'ଣ ହେବ ଭାଇ ! ବେଦ ବୁଝିବା ଭଳି ମୋର ବୁଦ୍ଧି ନାହିଁ କି ଅବସର ମଧ୍ୟ ନାହିଁ । ଏହିସବୁକୁ ଦୂରରୁ ଜୁହାର ହୋଇ ଠାକୁରଙ୍କ ଅଶେଷ କୃପାରୁ ମୁଁ ଏହି ଭବସାଗରରୁ ପାରି ହୋଇଯିବି । ତୁମେହିଁ ଉପଯୁକ୍ତ ଆଧାର । ସେ ତୁମରି ଜରିଆରେ ଲୋକଶିକ୍ଷା ଦେବେ; ଧର୍ମପ୍ରଚାର କରାଇବେ । ସେହି ହେତୁ ଏସବୁ ଜିନିଷ ତୁମେ ପଢୁଛ ଆଉ ପଢ଼ାଉଛ ।'' ଗିରୀଶବାବୁଙ୍କ ଆଖି ସେତେବେଳକୁ ଛଳ ଛଳ । ପବିତ୍ର ଋଗ୍‌ବେଦର ଗ୍ରନ୍ଥକୁ ପ୍ରଣାମ କରି ବାରଂବାର କହିବାକୁ ଲାଗିଲେ, ''ଜୟ ବେଦରୂପୀ ଶ୍ରୀରାମକୃଷ୍ଣଙ୍କ ଜୟ ।''

ବଡ଼ ଅଦ୍ଭୁତ ଏ ସୃଷ୍ଟିର ରହସ୍ୟ । ଯାହା ବେଦରେ ବର୍ଣ୍ଣିତ ହୋଇଛି ତାହା ଜଣେ ସାଧାରଣ ମଣିଷର ହେତୁବାଦୀ ମନ ପକ୍ଷରେ କଳନାତୀତ । ମାତ୍ର ଜଣେ ଯଦି ନିଜର ଆନ୍ତର ବୋଧକୁ ସ୍ପର୍ଶ କରେ ତେବେ ତାହାର ପ୍ରଜ୍ଞା ଜାଗ୍ରତ୍ ହୁଏ, ସେତେବେଳେ ସେ ଜାଣିପାରେ ପ୍ରତିଟି ଉପାଦାନର ଗୋଟିଏ ପ୍ରାନ୍ତ ଜଡ଼ ଏବଂ ଅନ୍ୟ ପ୍ରାନ୍ତରେ ରହିଛି ଚିନ୍ମୟ ସତ୍ତା । ଦୁହେଁ ପରସ୍ପରଠାରୁ ଅଭିନ୍ନ । ଆମେ ଯାହାକୁ ଜଡ଼ ବୋଲି ଅନୁଭବ କରୁଛୁ, ଚିନ୍ମୟ ସତ୍ତା ହେଉଛି ତାହାର ଆତ୍ମା ଓ ତାହାରି ଅନ୍ତର୍ଗତ ସତ୍ୟ । ଆମେ ଯାହାକୁ ଚିନ୍ମୟସତ୍ତା ବୋଲି ଅନୁଭବ କରୁଛୁ, ଜଡ଼ ହେଉଛି ତାହାର ଏକ ବାହ୍ୟ ଆବରଣ, ଏକ ରୂପ । ଏହି ସୃଷ୍ଟିତତ୍ତ୍ୱର ଗଣ୍ଠି ଖୋଲି ଖୋଲି ଗଲେ ଆହୁରି ଆଶ୍ଚର୍ଯ୍ୟ ଲାଗେ, ମନରେ ବହୁ ପ୍ରଶ୍ନ ଆସେ — ମନ, ପ୍ରାଣର ଅତୀତ ଯଦି ଜଡ଼, ଏହି ଜଡ଼ ସୃଷ୍ଟି ହେବା ପୂର୍ବରୁ ତେବେ କ'ଣ ଥିଲା ? ଜଣେ ଜିଜ୍ଞାସୁ ପକ୍ଷରେ ଏହା ଅସ୍ୱାଭାବିକ ନୁହେଁ । ମାତ୍ର ଏହାର ଏକ ଯଥାଯଥ ମୀମାଂସା ରହିଛି ଋଗ୍‌ବେଦରେ —

''ସେତେବେଳେ ସତ୍ ନ ଥିଲା, ଅସତ୍ ବି ନ ଥିଲା । ଆକାଶ ନ ଥିଲା ଅଥବା ଆକାଶ ଉପରେ ଯାହା ରହିଛି ତାହା ମଧ୍ୟ ନ ଥିଲା ।... ସେତେବେଳେ ମୃତ୍ୟୁ ନ ଥିଲା, ଅମୃତ ମଧ୍ୟ ନ ଥିଲା । ଦିନ ବା ରାତି ବା ଦିନ-ରାତିର ଜ୍ଞାନ ମଧ୍ୟ ନ ଥିଲା । ସେହି ସ୍ଥିର ଅବିଚଳ ପରମ ଏକ କେବଳ ଆପଣା ବିଧାନରେହିଁ ବିଦ୍ୟମାନ ରହିଥିଲେ । ସେତିକି ବ୍ୟତୀତ ଆଉ କିଛି ନ ଥିଲା, ତାହାର ଅତୀତ ମଧ୍ୟ କିଛି ନ ଥିଲା । ସେହି ଆଦି କ୍ଷଣରେ ଅନ୍ଧକାର ଅନ୍ଧକାର ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିଲା, ସକଳ କେବଳ ନିଶ୍ଚେତନାର ମହାସମୁଦ୍ର ରୂପେ ପଡ଼ି ରହିଥିଲା । କ୍ରମଶଃ ବିଶ୍ୱସତ୍ତା ବିଖଣ୍ଡିତତା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା କେବଳ ଆପଣା ତପଃ ଶକ୍ତିର ସାମର୍ଥ୍ୟ ଓ

ମହିମା ଧାରଣ କରି ସେହି ପରମ ଏକର ଆବିର୍ଭାବ ହେଲା ।''

ଏଭଳି ବ୍ରହ୍ମଜ୍ଞାନ ସମ୍ବନ୍ଧୀୟ ତତ୍ତ୍ୱକୁ ମୁଣ୍ଡରେ ପୂରାଇବାକୁ ଗିରୀଶବାବୁ ଇଚ୍ଛୁକ ହୁଅନ୍ତେ ବା କାହିଁକି ! ସେ ତ ଥିଲେ ଭକ୍ତିମାର୍ଗୀ, ଭକ୍ତିହିଁ ତାଙ୍କ ପାଇଁ ସର୍ବସ୍ୱ । ଯେମିତି ଆମ ଭାଗବତରେ ରହିଛି –

ଯାହାକୁ ହେଉ ତୁ ସଦୟ ।<br>
ଜ୍ଞାନ ତା ହୃଦୟେ ଉଦୟ ॥

ସେଦିନ ସ୍ୱାମିଜିଙ୍କ ବେଦ ବ୍ୟାଖ୍ୟାନ ଶୁଣି ଗିରୀଶବାବୁଙ୍କ ମୁଣ୍ଡରେ ଏକ ଅଦ୍ଭୁତ ଧାରଣା ଜାତ ହେଲା । ସେ ବଡ଼ ଆତୁର ହୋଇ ପଚାରି ବସିଲେ, ''ଆଚ୍ଛା ନରେନ୍, ତୁମେ ବେଦ-ବେଦାନ୍ତ ତ ଅନେକ ପଢ଼ିଛ ! କ୍ଷୁଧିତର ଅନ୍ନ ପାଇଁ ହାହାକାର, ଦରିଦ୍ରର ଦୁଃଖ, ଲମ୍ପଟର ବିଭତ୍ସ ପାପ – ଯାହା ସଚରାଚର ଦେଖିବାକୁ ପାଉ, ତାହାର ପ୍ରତିବିଧାନ ସମ୍ବନ୍ଧେ ବେଦ ବେଦାନ୍ତରେ କିଛି ଲେଖା ଅଛିକି ? ତୁମେ ସେଥିରୁ କିଛି ପ୍ରତିକାର ପାଇଛ ?''

ଗିରୀଶବାବୁଙ୍କ ମୁହଁରୁ ଏଭଳି ମର୍ମଭେଦୀ କଥା ଶୁଣି ସ୍ୱାମିଜି ନିର୍ବାକ୍ ହୋଇଗଲେ । ଆଖି ଆଗରେ ତାଙ୍କର ଭାସି ଉଠିଲା ସମାଜର ଦୁଃଖ କଷ୍ଟ ପ୍ରପୀଡ଼ିତ ଜନତାଙ୍କର ହାହାକାର, ଫୁଙ୍ଗୁଳା ଦେହର ଯନ୍ତ୍ରଣା । ତାଙ୍କର ଆୟତ ଆଖି ଲୁହରେ ଛଳ ଛଳ, ହୃଦୟରେ ବ୍ୟଥା । ସଙ୍ଗେ ସଙ୍ଗେ ସେ ସେହି ସ୍ଥାନ ତ୍ୟାଗ କରି ଚାଲିଗଲେ ।

ଅନୁଭବୀହିଁ ଜାଣେ ଅନ୍ୟ ହୃଦୟର ବ୍ୟଥା । ସ୍ୱାମିଜି ଚାଲିଗଲା ପରେ ଗିରୀଶବାବୁ ଶିଷ୍ୟମାନଙ୍କୁ କହିଲେ, ''ଦେଖିଲ, ତୁମ ଗୁରୁଦେବଙ୍କ ହୃଦୟ କିପରି ମହାନ୍, କେତେ ଅନୁକମ୍ପା ପ୍ରବଣ । ମୁଁ ତାଙ୍କୁ ଖାଲି ପଣ୍ଡିତ କି ପ୍ରତିଭାବାନ୍ ବୋଲି ସମ୍ମାନ କରେ ନାହିଁ, ଯେଉଁ ହୃଦୟ ମଣିଷର ଦୁଃଖ-କଷ୍ଟ କଥା ଶୁଣିଲେ କରୁଣାରେ ବିଗଳିତ ହୋଇଯାଏ, ସେ ସେହି ଅସୀମ ହୃଦୟର ଅଧିକାରୀ । ଏବେ ଦେଖିଲ ତ କିଛି ସମୟ ପୂର୍ବରୁ ବେଦ-ବେଦାନ୍ତର ଯେଉଁସବୁ ବ୍ୟାଖ୍ୟା ହେଉଥିଲା, ସେ ପାଣ୍ଡିତ୍ୟ ସେ ବିଚାର ବିଶ୍ଳେଷଣ କେଉଁଆଡ଼େ ଅନ୍ତର୍ହିତ ହୋଇଗଲା । ତୁମ ସ୍ୱାମିଜି ଏକାଧାରରେ ମହାଜ୍ଞାନୀ ପୁଣି ମହାଭକ୍ତ – ସେଥିପାଇଁ ମୁଁ ତାଙ୍କୁ ଏତେ ଶ୍ରଦ୍ଧା କରେ ।''

କିଛି ସମୟ ପରେ ସ୍ୱାମିଜି ଫେରି ଆସି ସ୍ୱାମି ସଦାନନ୍ଦଙ୍କୁ ଆର୍ତ୍ତ, ଦୁଃଖୀମାନଙ୍କ ପାଇଁ ଏକ ସେବାଶ୍ରମ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଲେ । ସଦାନନ୍ଦଜି ଗୁରୁଆଜ୍ଞା ଶିରୋଧାର୍ଯ୍ୟ ମଣିଲେ । ସ୍ୱାମିଜି ସପ୍ରତିଭ ହୋଇ କହିଲେ, ''ଦେଖ ଜି. ସି. (Girish Chandra) ଜଗତର ଦୁଃଖକଷ୍ଟ ଦୂର କରିବା ନିମିତ୍ତ, ଏପରିକି ଜଣକର ବେଦନା ଲାଘବ କରିବା ନିମିତ୍ତ ସହସ୍ରବାର ଜନ୍ମଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ ଅଛି । ନିଜର ମୁକ୍ତି ନୁହେଁ, ଅପର ମୁକ୍ତିହିଁ ମୋର କାମ୍ୟ ।''

ଗିରୀଶ ବାବୁ ଓ ଅନ୍ୟମାନେ ସ୍ୱାମିଜିଙ୍କ ଉତ୍ତୁଙ୍ଗ ଉଦାରତା ପାଖରେ ମଥାନତ କଲେ ଏବଂ ବୁଝିଗଲେ – ସବୁ ନଈପରି ଏ ନଈଟିଏ ନୁହେଁ । ଏ ଯେ ଅନ୍ତଃସଲିଳା-ଫଲ୍‌ଗୁ !

❑❑❑

ସ୍ୱାମୀ ବିବେକାନନ୍ଦ (୧୮)

# ସମଦର୍ଶୀତା

## ସନ୍ତୋଷ କୁମାର ରଥ

ଉପର ମୁଣ୍ଡରେ ବର୍ଷା ଢାଳିଲେ ବନ୍ଧବନ୍ଧା ନଈରେ ସୁଅ ଖେଳେ, ପାଣିର ପତନ କୂଳ ଛୁଏଁ । ସେତେବେଳେ ତା' ଫୁଲିଲା ଫୁଲିଲା ରୂପ ଦେଖିଲେ ମନେହୁଏ ନିଜ ବଡ଼ିମାରେ ନିଜେ ଉନ୍ମତ୍ତ, ପ୍ରମତ୍ତ । ବେଳ ପଡ଼ିଲେ ବନ୍ଧର ଆକଟ ନ ମାନି ଉଛୁଳି ଉଠେ ସୁଅ, ଉଜାଡ଼ି ବସେ ଜନବସତି, କ୍ଷେତ-ଖମାର । ହେଲେ ଦିନ କେଇଟାରେ ଯାହାକୁ ସେଇଆ । ସବୁ ପାଣି ଭାସିଯାଏ ସମୁଦ୍ରକୁ, ସବୁ ମୁହାଣ ପୁଣି ଶାନ୍ତ ପଡ଼ିଯାଏ । ସବୁ ପାଣିକୁ ଆବୋରି ନେଇ ସମୁଦ୍ର କିନ୍ତୁ ତା' ଧର୍ମ ତୁଟେନି କି କୂଳ ଲଂଘେନି । ସେ ସ୍ଥିର, ଅଚଞ୍ଚଳ । ସେଇଥିପାଇଁ ସେ ମହାନ୍ । ଆମେ ସାଧାରଣ ମଣିଷ ସବୁ ବଢ଼ନ୍ତା ନଈ, କାଣିଚାଏ ସମ୍ପଦର ଅଧିକାରୀ ହେଲେ କୂଳ ଲଘେଁ, ନ ହେଲେ ସ୍ୱର୍ଗକୁ ଶିଡ଼ି ଲମ୍ବାଇ ଥାଉ । ମାତ୍ର ସ୍ୱାମିଜି ଥିଲେ ସମୁଦ୍ର ସମାନ ସ୍ଥିର, ଅଚଞ୍ଚଳ । ଯେମିତି ଗୀତାରେ ବର୍ଣ୍ଣନା କରାଯାଇଛି :

''ଆଶୂର୍ୟ୍ୟମାଣମଚଳପ୍ରତିଷ୍ଠଂ –
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।''
(୨/୭୦)

(ଅର୍ଥାତ୍ ସମୁଦ୍ର ନାନା ନଦନଦୀମାନଙ୍କର ଜଳରେ ପରିପୂର୍ଣ୍ଣ ହେଉଥିଲେ ସୁଦ୍ଧା ବେଳା ଲଘଂନ ନ କରି ସେ ସ୍ଥିର ରହିଥାଏ ଏବଂ ଅନ୍ୟାନ୍ୟ ଜଳରାଶି ସେଥିରେ ପ୍ରବେଶ କଲେ ସୁଦ୍ଧା ତାହାର କ୍ଷୟ ବୃଦ୍ଧି ଘଟେ ନାହିଁ ।)

ଭାରତକୁ ଫେରି ଆସିବା ପରେ ଅଭ୍ୟର୍ଥନା ଓ ଅଭିନନ୍ଦନର ଇୟତ୍ତା ନ ଥିଲା । ମାତ୍ର ସନ୍ନ୍ୟାସୀର ରିକ୍ତ ଝୁଲାରେ ସେସବୁର ସ୍ଥାନ ଥିଲା ବେଳାଭୂମିର ବାଲିଗରଡ଼ାଟାଏ ପରି । ସ୍ୱାମିଜି ଯେମିତି ନିର୍ଲିପ୍ତ ସେମିତି ଶାନ୍ତ, ସମାହିତ । ହୃଦୟ ତାଙ୍କର ଭରି ଉଠୁଥିଲା ଶୁଭେଚ୍ଛା ଓ ସଦ୍‌ଭାବନାରେ । ତାହା ପୁଣି ଥିଲା ସୂର୍ଯ୍ୟଙ୍କ ରଶ୍ମିପ୍ରଦାନ କରି ନିରପେକ୍ଷ; ଫରକ ନ ଥିଲା ରାଜା ଓ ପ୍ରଜା ମଧ୍ୟରେ, କି ଧନୀ ଓ ଦରିଦ୍ର ମଧ୍ୟରେ । ପଣ୍ଡିତ ଓ ମୂର୍ଖ ସଭିଁଏ ତାଙ୍କ ଆଦରରେ ସମାଦର ।

ଦୃଷ୍ଟାନ୍ତଟିଏ ମିଳେ ଆଲୋୟାର୍‌ରେ ଅବସ୍ଥାନ କାଳରେ । ଷ୍ଟେସନରେ ପହଞ୍ଚିବା ପରେ ସହରର ସମ୍ଭ୍ରାନ୍ତ ଓ ଶିକ୍ଷିତ ବ୍ୟକ୍ତିମାନେ ଅଭ୍ୟର୍ଥନା କରିବା ପାଇଁ ଆଗେଇ ଆସିଲେ । ସାରା ଷ୍ଟେସନ ସ୍ୱାମିଜିଙ୍କର ଜୟଜୟକାରରେ କମ୍ପମାନ । ସ୍ୱାମିଜି ସହାସ୍ୟ ବଦନରେ ସମସ୍ତଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଲେ । ମାତ୍ର ଚକ୍ଷୁ ତାଙ୍କର ନିବଦ୍ଧ ହୋଇଥିଲା ଦରିଦ୍ର ଶିଷ୍ୟଟି ଉପରେ । ଷ୍ଟେସନର ଗୋଟିଏ କୋଣରେ ଠିଆ ହୋଇ ରହିଥିଲା ଶିଷ୍ୟଟି, ଚକ୍ଷୁ ନିଷ୍ପଲକ, ବେଶ ମଳିନ । ସ୍ୱାମିଜି ତତ୍‌କ୍ଷଣାତ୍ ତାକୁ ଆମନ୍ତ୍ରଣ କଲେ । ଶିଷ୍ୟଟି ସ୍ୱାମିଜିଙ୍କର ପଦଧୂଳି ଗ୍ରହଣ କରି କୃତାର୍ଥ ହେଲା । ତା'ଠାରୁ ଅନ୍ୟାନ୍ୟ ଭକ୍ତ ଓ ଶିଷ୍ୟଗଣଙ୍କର କୁଶଳବାର୍ତ୍ତା ଗ୍ରହଣ କଲେ । ସେତେବେଳକୁ ସମ୍ଭ୍ରାନ୍ତ ବଂଶୀୟ ଅଭ୍ୟର୍ଥନାକାରୀମାନେ ନୀରବରେ ଠିଆ ହୋଇ ରହିଥା'ନ୍ତି । ମନେ ହେଉଥିଲା ସ୍ୱାମିଜି ସତେ ଯେମିତି ସେମାନଙ୍କର ଉପସ୍ଥିତିକୁ ବିସ୍ମୃତ ହୋଇ ଯାଇଥିଲେ । ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ଏକ ଅନନ୍ୟ ବିଶେଷତ୍ୱ । ସେ ଯେତେବେଳେ ଯାହା ସହିତ କଥା ହେଉଥିଲେ ସେତେବେଳେ ତାହା ସହିତ ଏକାତ୍ମତା ସ୍ଥାପନ କରି ଦେଉଥିଲେ ଏବଂ ଏକକ ଓ ବହୁ ଉଭୟ ଉପରେ ତାଙ୍କର ପ୍ରାଧାନ୍ୟ ଥିଲା ସମାନୁପାତ ।

ପରିବ୍ରାଜକ ଜୀବନରେ ମାତ୍ର କେତେବର୍ଷ ସ୍ୱାମିଜି ଯେଉଁ ଭଳି ନିଜର ଝୁଲା ଧରି ଭିକ୍ଷା ଗ୍ରହଣ କରିଥିଲେ ଠିକ୍ ସେହିପରି ସହରର ଦ୍ୱାର ଦ୍ୱାର ବୁଲି ଭିକ୍ଷା ଗ୍ରହଣ କରିବା ଆରମ୍ଭ କରିଦେଲେ । ଧନୀ-ଦରିଦ୍ର ପ୍ରତି ତାଙ୍କର ବାଛବିଚାର ନ ଥିଲା । ହଠାତ୍ ସେ ପୂର୍ବ ସ୍ମୃତିକୁ ଫେରି ପାଇଲେ – ମନେ ପଡ଼ିଗଲା ତାଙ୍କର ସେହି ବିଧବା ମହିଳାର ଆତିଥ୍ୟ କଥା । ପୂର୍ବଥର ପରି ଏଥର ମଧ୍ୟ ତାହାର ଆତିଥ୍ୟ ଗ୍ରହଣ ପାଇଁ ସେ ଆଗଭର ହୋଇଉଠିଲେ । ବୃଦ୍ଧାଜଣକ ସତେ ଯେମିତି ତା' କୁଡ଼ିଆ ସଜାଡ଼ି ଶବରୀ ସତୃଷ୍ଣ ନୟନରେ ଅପେକ୍ଷା କରି ରହିଥିଲା ପ୍ରଭୁଙ୍କ ଆଗମନ ପାଇଁ । ନିର୍ଦ୍ଦିଷ୍ଟ ସମୟରେ ସ୍ୱାମିଜି ଶିଷ୍ୟବର୍ଗଙ୍କ ସହ ପହଞ୍ଚିଗଲେ ଏବଂ ଆନନ୍ଦରେ ସଭିଙ୍କ ସହ ତା' ଘରେ ବସି ରୁଟି ଖାଇଲେ । ରୁଟି ପରିବେଷଣ କରୁ କରୁ ବୃଦ୍ଧା ଜଣକ ଆନନ୍ଦରେ ଅଧୀର ହୋଇ ଉଠିଲେ । କେତେ ଜନ୍ମର ପ୍ରତୀକ୍ଷା

ସତେ ଯେମିତି ପୂର୍ଣ୍ଣ ହୋଇଛି । ବାଷ୍ପରୁଦ୍ଧ କଣ୍ଠରେ କହିଲେ, ''ବାବା, ମୁଁ ତ ଗରିବ । ଇଚ୍ଛା ଥିଲେ ବି ତୁମକୁ ଦେବା ଯୋଗ୍ୟ ମିଷ୍ଟାନ୍ନ କୁଆଡୁ ପାଇବି ? ମୋତେ କ୍ଷମା କରିବେ ।'' ସ୍ୱାମିଜିଙ୍କର ତୃପ୍ତି ଅପରିସୀମ, ସତେ ଯେମିତି ସୁଦାମାର ଖୁଦଭଜା, ନତୁବା ବିଦୁରର ଶାଗଭଜା ଖାଇ ଭଗବାନ୍ ତୃପ୍ତି ଲାଭ କରିଥିଲେ । ଶୁଖିଲା ରୁଟି ଖଣ୍ଡକ ଖାଇ ଖାଇ କହିଲେ, ''ମା' ତୁମର ଏହି ରୁଟି ପରି ମଧୁର ଖାଦ୍ୟଦ୍ରବ୍ୟ ମୁଁ କେବେ ଆହାର କରି ନାହିଁ । କେତେ ଦିନ ହେଲାଣି ମୁଁ ଏଥିପାଇଁ ଅପେକ୍ଷା କରି ରହିଥିଲି ।'' ବୃଦ୍ଧାଙ୍କ ଆଖିରେ ଆନନ୍ଦର ଅଶ୍ରୁ, ମନେ ମନେ ବୋଧହୁଏ ମଣୁଥିଲେ ଶବରୀ ତୁଲ୍ୟ ନିଜ ଜୀବନର ସାର୍ଥକତାକୁ । ଫେରିବା ବେଳକୁ ସ୍ୱାମିଜି ତାଙ୍କ ପରିବାରର ଜଣକ ହାତରେ ଶହେ ଟଙ୍କା ଗୁଞ୍ଜି ଦେଇ ଆସିଥିଲେ, ଯଦିଓ ସେ ଅମଙ୍ଗ ଥିଲେ ।

ଆଲୋୟାର୍‌ରୁ ସ୍ୱାମିଜି ଜୟପୁର ଯାତ୍ରା କରି, ସେଠାରୁ ଖେତେଡ଼ି ରଜାଙ୍କର ଆମନ୍ତ୍ରଣକୁ ସ୍ୱୀକାର କଲେ । ରାଜଦରବାରରେ ପହଞ୍ଚି ଯିବା ପରେ ପାରିଷଦଗଣ ଓ ସମ୍ଭ୍ରାନ୍ତ ବଂଶୀୟ ନାଗରିକମାନେ ଜଣ ଜଣ ହୋଇ ସ୍ୱାମିଜିଙ୍କର ପାଦଧୂଳି ଗ୍ରହଣ କଲେ ଏବଂ ଦରବାରର ପ୍ରଥା ଅନୁଯାୟୀ ସଭିଏଁ ଦୁଇ ଟଙ୍କା କରି ପ୍ରଣମୀ ଦେଲେ । ଶେଷରେ ରାଜବାହାଦୁର ପ୍ରଣାମ କରି ତିନି ହଜାର ଟଙ୍କା ସ୍ୱାମିଜିଙ୍କ ଚରଣରେ ଭେଟି ଦେଲେ । ସ୍ୱାମିଜି ସାଦରେ ଗ୍ରହଣ କଲେ ମାତ୍ର ପ୍ରାପ୍ତି ସ୍ୱୀକାରରେ ତାଙ୍କର ରହିଥିଲା ଏକ ସମତା ଭାବ — ଶଙ୍ଖେ ପାଇଁ ଯାହା, ସମୁଦ୍ର ପାଇଁ ସେଇଆ । ସମାନ ଆଦର ଶବରୀ ପାଇଁ, ସମ୍ରାଟ ପାଇଁ । ଅଭିନନ୍ଦନ ପତ୍ର ପାଠ କରାଯିବା ପରେ ସ୍ୱାମିଜି ଦେଶରେ ଶିକ୍ଷାର ବିସ୍ତାର ପାଇଁ ବହୁବିଧ ଯୋଜନା ପ୍ରସ୍ତୁତ କରିବା ପାଇଁ ରାୟବାହାଦୁରଙ୍କୁ ପରାମର୍ଶ ଦେଲେ । ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରି ସେ କହିଲେ, ''ଶିଶୁମାନଙ୍କୁ ଶିକ୍ଷା ଦେବାକୁ ହେଲେ ସେମାନଙ୍କ ପ୍ରତି ଅଗାଧ ବିଶ୍ୱାସସମ୍ପନ୍ନ ହେବାକୁ ପଡ଼ିବ, ସେମାନଙ୍କୁ ବିଶ୍ୱାସ କରିବାକୁ ହେବ । ପ୍ରତ୍ୟେକ ଶିଶୁ ଅନନ୍ତ ଐଶୀ-ଶକ୍ତିର ଆଧାର । ସେମାନଙ୍କୁ ଶିକ୍ଷା ଦେବା ସମୟରେ ଆମମାନଙ୍କୁ ସଚେତନ ହେବାକୁ ହେବ ଯେ ସେମାନେ ଯେପରି ନିଜେ ଚିନ୍ତା କରିବାକୁ ଶିଖନ୍ତି । ଏହି ମୌଳିକ ଚିନ୍ତାର ଅଭାବହିଁ ଭାରତର ହୀନ ଅବସ୍ଥାର କାରଣ । ଯଦି ଏହି ଭାବରେ ପିଲାମାନଙ୍କୁ ଶିକ୍ଷା ଦିଆଯାଏ ତେବେ ସେମାନେ ଉନ୍ନତ ମଣିଷ ହେବେ ଏବଂ ଜୀବନ-ସଂଗ୍ରାମରେ ନିଜ ସମସ୍ୟା ସମାଧାନ କରିବାକୁ ସମର୍ଥ ହେବେ ।''

ପରେ ରାଜବାହାଦୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ସ୍ୱାମିଜି ଆମ୍ଭମାନଙ୍କର ଧର୍ମାନ୍ଧତା ଓ କୁସଂସ୍କାରପ୍ରବଣତା ପ୍ରତି ଚାବୁକ ପ୍ରହାର କରିଥିଲେ । ଆମର ଜାତୀୟ ଜୀବନକୁ ଉନ୍ନତ କରିବାକୁ ହେଲେ ଆମମାନଙ୍କୁ କି ପ୍ରକାର ଶିକ୍ଷା ଗ୍ରହଣ କରିବାକୁ ହେବ ସେ ସମ୍ବନ୍ଧରେ ସୂଚନା ଦେଇ ସେଦିନ ସେ କହିଥିଲେ, ''ଆମେ ହିନ୍ଦୁ ନୋହୁଁ । କିଂବା ବୈଦାନ୍ତିକ ନୋହୁଁ — ଆମେ ଅସ୍ପୃଶ୍ୟତା ଜାବୁଡ଼ି ଧରି ଥିବା ଏକ ସଂକୀର୍ଣ୍ଣମନା ଗୋଷ୍ଠୀ । ଭାତହାଣ୍ଡି ହେଉଛି ଆମର ଉପାସ୍ୟ ଦେବତା, ଛୁଅଁନା, ଛୁଅଁନା ହେଲା ଆମ ମନ୍ତ୍ର । ମନେ ରଖ, ସମାଜର ଏହି କୁସଂସ୍କାରକୁ ସତ୍ୱର ଦୂର କରିବାକୁ ହେବ । ଏଥିପାଇଁ ଏକମାତ୍ର ମହୌଷଧି ଉପନିଷଦ୍ । ଉପନିଷଦର ଉଦାର ମତଗୁଡ଼ିକ ପ୍ରଚାର ହେଲେ ଏହା ଅଚିରେ ସାଧିତ ହେବ ।''

ଶିଶୁଶିକ୍ଷା ସହିତ ନାରୀଶିକ୍ଷାର ବ୍ୟବସ୍ଥାକୁ ମଧ୍ୟ ସ୍ୱାମିଜି ଗୁରୁତ୍ୱ ଦେଉଥିଲେ । କାରଣ ଜଣେ ନାରୀ ଶିକ୍ଷିତ ହେଲେ ଯାଇ ସମଗ୍ର ପରିବାର ଶିକ୍ଷାର ଅଧିକାରୀ ହେବା ସମ୍ଭବ । ମାତ୍ର ତତ୍‌କାଳୀନ ସମାଜ ଓ କୁସଂସ୍କାରଧର୍ମୀ ନେତୃ ସ୍ଥାନୀୟ ବ୍ୟକ୍ତିମାନେ ଏହାର ଘୋର ବିରୋଧୀ ଥିଲେ । ସେମାନଙ୍କର ଯୁକ୍ତି ଥିଲା — ନାରୀ-ସ୍ୱାଧୀନତା ହେଉଛି ଉଚ୍ଛୃଙ୍ଖଳତାର ନମୁନା; ଆମର ପ୍ରାଚୀନ ପରମ୍ପରା ଓ ରକ୍ଷଣଶୀଳତା ପ୍ରତି ଏକପ୍ରକାର ଅବମାନନା । ମାତ୍ର ସ୍ୱାମିଜିଙ୍କ ଚିନ୍ତା ଓ ଚେତନା ଥିଲା ଏସବୁଠାରୁ ବହୁ ଊର୍ଦ୍ଧ୍ୱରେ । ସେ ଦେଖୁଥିଲେ ସମୃଦ୍ଧ ଭାରତର ସ୍ୱପ୍ନ — ପ୍ରାଚ୍ୟ-ପାଶ୍ଚାତ୍ୟର ସାମଗ୍ରିକ ଉନ୍ନତି, ଯାହା ଭବିଷ୍ୟତ୍ ମାନବସମାଜ ଗଠନ ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

ସେତେବେଳକୁ ସ୍ୱାମିଜିଙ୍କ ଆଦର୍ଶରେ ପ୍ରଭାବିତ ହୋଇ ମାର୍ଗାରେଟ୍ ନୋବ୍‌ଲ ନିଜର ଅବଶିଷ୍ଟ ଜୀବନ ଭାରତରେ କଟାଇବେ ବୋଲି ସିଦ୍ଧାନ୍ତ ନେଇ ସାରିଥିଲେ । ଆସି ରହୁଥିଲେ ବେଲୁଡ଼ ମଠର ପୁରାତନ କୋଠାରେ । କିଛିଦିନ ପରେ ସ୍ୱାମିଜି ତାଙ୍କୁ ବ୍ରହ୍ମଚାରିଣୀ ରୂପେ ଗ୍ରହଣ କରି ଦୀକ୍ଷା ପ୍ରଦାନ କଲେ — ତାଙ୍କ ନାମ ହେଲା — 'ଭଗିନୀ ନିବେଦିତା' । ଭାରତରେ ନାରୀଶିକ୍ଷାର ଭାର ସ୍ୱାମିଜି ତାଙ୍କରି ହାତରେ ଅର୍ପଣ କଲେ ।

ଭାରତର ଉନ୍ନତିବିଧାନ ପାଇଁ ପ୍ରସ୍ତୁତ କରିଥିବା ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ସ୍ୱାମିଜି ଦିନକୁଦିନ

ଅଧିକ ତତ୍ପର ହୋଇଉଠିଲେ । ବହୁ ସହର ଓ ନଗର ଭ୍ରମଣ କରି ରାଜା-ମହାରାଜା ଓ ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ରହିଥିବା ମତଦ୍ୱୈଧ ଦୂର କରିବାର ପ୍ରଚେଷ୍ଟା ଆହୁରି ତ୍ୱରାନ୍ୱିତ ହୋଇଉଠିଲା । ମାତ୍ର ଏଥିରେ ବାଧା ଦେଲା ତାଙ୍କ ଶାରୀରିକ ଅସୁସ୍ଥତା । ସେଥିପାଇଁ ଅନ୍ୟମାନଙ୍କ ଅନୁରୋଧ ରକ୍ଷାକରି ସ୍ୱାମିଜି କିଛିଦିନ ପାଇଁ ଦାର୍ଜିଲିଂରେ ବିଶ୍ରାମ ନେଲେ; ସ୍ୱାସ୍ଥ୍ୟର ଅବସ୍ଥାରେ ଉନ୍ନତି ଦେଖାଦେଲା । ଠିକ୍ ସେହି ସମୟରେ କଲିକତାରେ ପ୍ଲେଗ୍ ରୋଗ ଭୀଷଣ ଭାବରେ ବ୍ୟାପିଗଲା । ଶହ ଶହ ହଜାର ହଜାର ଲୋକ ମରୁଛନ୍ତି ଶୁଣି ସ୍ୱାମିଜି ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ନିଜର ସୁସ୍ଥତା କଥା ଭୁଲିଯାଇ ସେ ଫେରି ଆସିଲେ କଲିକତାକୁ । ଭଗିନୀ ନିବେଦିତା, ମଠର ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କୁ ସଙ୍ଗରେ ନେଇ ସେବାକାର୍ଯ୍ୟ ଆରମ୍ଭ କରିଦେଲେ । ଏହି କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ କୁଆଡୁ ଆସିବ ବୋଲି ଜଣେ ଗୁରୁଭାଇ ପ୍ରଶ୍ନ କରିବାରୁ, ସ୍ୱାମିଜି ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ‘‘କାହିଁକି ? ଯଦି ପ୍ରୟୋଜନ ହୁଏ, ତାହାହେଲେ ମଠ ନିର୍ମାଣ ପାଇଁ କିଣା ଯାଇଥିବା ଜମି ବିକ୍ରି ହେବ । ହଜାର ହଜାର ଲୋକ ଯନ୍ତ୍ରଣା ଭୋଗ କରିବେ, ଆଉ ଆମେ ମଠରେ ବସି ରହିବା ? ଆମେ ସନ୍ନ୍ୟାସୀ, ମଠବାଡ଼ି ନ ହେଲା ତ ନାହିଁ, ଗଛ ତଳେ ରହିବା, ଭିକ୍ଷା କରି ଜୀବନ ବିତାଇବା ।’’ ସଭିଏଁ ଏକଜୁଟ ହୋଇଗଲେ, ସବୁ ସଂଶୟର ମୂଳୋତ୍ପାଟନ ଘଟିଲା ।

ସ୍ୱାମିଜିଙ୍କ ନେତୃତ୍ୱରେ ସେବାକାର୍ଯ୍ୟ ଆଗେଇ ଚାଲିଲା । ଚାରିଆଡୁ ସାହାଯ୍ୟର ସୁଅ ଛୁଟିଲା । ଯୋଗକୁ ମଠବାଡ଼ି ବିକ୍ରି କରିବାର ଆବଶ୍ୟକତା ପଡ଼ିଲା ନାହିଁ । ପ୍ଲେଗ୍ ରୋଗର ଭୟାବହତା ଦୂର ହୋଇଗଲା । ସମସ୍ତେ ତାଜୁବ୍ ହେଲେ – ଏ କେବଳ ଜଣେ ବେଦାନ୍ତବାଦୀ ସନ୍ନ୍ୟାସୀ ନୁହେଁ; ବରଂ ‘ଯତ୍ର ଜୀବ, ତତ୍ର ଶିବ’ ମନ୍ତ୍ରର ଯଥାର୍ଥ ଅଧିକାରୀ – ସ୍ୱାମୀ ବିବେକାନନ୍ଦ । ❑

ସ୍ୱାମୀ ବିବେକାନନ୍ଦ (୧୯)

# ବରଦାନ

## ସନ୍ତୋଷ କୁମାର ରଥ

ପ୍ରକୃତି ସୁନ୍ଦର ଦିଶେ ଫୁଲର ସମ୍ଭାରରେ । ସେ ଛୋଟ ଘାସ ଫୁଲଟିଏ ହେଉ, ଅଥବା ପଦ୍ମ ଅବା ପାରିଜାତ ହେଉ – ସଭିଏଁ ଫୁଲ; ମହକରେ ମହମହ । ସେକଥା ଫୁଲ ଜାଣୁ ବା ନ ଜାଣୁ, ପବନ କିନ୍ତୁ ଜାଣେ । ମହକରୁ ଜାଣେ ତା'ର ବିଭାବ ଓ ବୈଭବ । ବାହିନିଏ ସଙ୍ଗରେ ତା'ର ସୁଗନ୍ଧଟିକକ, ବିତରି ଦିଏ ଆନକୁ । ସେତେବେଳେ ଝରା ଫୁଲର ଆଦର ବଢ଼େ, ମର୍ଯ୍ୟାଦା ପାଏ ଆପଣା ଢଙ୍ଗରେ ।

ସ୍ୱାମିଜି ଥିଲେ ସେହି ଦରର ମଣିଷଟିଏ, ଅଦ୍ଭୁତ ଐଶୀଶକ୍ତିସମ୍ପନ୍ନ । ସେ ଯେଉଁଠାକୁ ଯାଉଥିଲେ, ସେ ଧନୀ ହେଉ ଅବା ଦରିଦ୍ର ହେଉ, ମୂର୍ଖ ହେଉ ବା ପଣ୍ଡିତ ହେଉ, ତା' ମଧ୍ୟସ୍ଥ ଅନ୍ତର୍ନିହିତ ସୁଗୁଣକୁ ସେ ଅଚିରେ ଠଉରାଇ ନେଉଥିଲେ ଏବଂ ଆକର୍ଷି ନେଉଥିଲେ; ଯେପରି ଫୁଲର ସୁଗନ୍ଧକୁ ବାୟୁ ସାଙ୍ଗରେ ବାହିନିଏ ।

''ଗୃହୀ ତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ।''

(ଗୀତା : ୧୫/୮)

ପ୍ଳେଗ ରୋଗର ପ୍ରକୋପ କମିଆସିବା ବେଳକୁ ଅତ୍ୟଧିକ ପରିଶ୍ରମ ହେତୁ ସ୍ୱାମିଜିଙ୍କର ଶାରୀରିକ ଅସୁସ୍ଥତା ଆରମ୍ଭ ହୋଇଗଲା । ସମସ୍ତଙ୍କ ଅନୁରୋଧ ରକ୍ଷା କରି ଜଳବାୟୁ-ପରିବର୍ତ୍ତନ ତଥା ବିଶ୍ରାମ ଉଦ୍ଦେଶ୍ୟରେ ସ୍ୱାମିଜି ହିମାଳୟ ଯିବା ପାଇଁ ରାଜି ହୋଇଗଲେ । ସଙ୍ଗରେ ଗଲେ ନିବେଦିତା ଏବଂ ଅନ୍ୟ କେତେ ଜଣ ଗୁରୁଭାଇ ଓ ପାଶ୍ଚାତ୍ୟ ଶିଷ୍ୟା । ଖେତଡ଼ିର ମହାରାଜା ଏହି ସମ୍ବାଦ ପାଇ ସ୍ୱାମିଜିଙ୍କ ସାକ୍ଷାତ୍ ଉଦ୍ଦେଶ୍ୟରେ ନୈନିତାଲରେ ଅବସ୍ଥାନ କରୁଥିଲେ । ସ୍ୱାମିଜି ସଦଳବଳେ ସେହିଠାରେ କିଛିଦିନ ପାଇଁ ଡେରା ପକାଇଲେ । ଅବସର ସମୟରେ ଭାରତର ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ କାହାଣୀ, ସହିତ ବେଦ, ଉପନିଷଦର ତଥ୍ୟକୁ ସେ ଏଭଳି ଉପସ୍ଥାପିତ କରୁଥିଲେ ଯେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଯାଉଥିଲେ । ସ୍ୱାମିଜି ସ୍ୱୟଂ ଭାବାବେଗରେ ବର୍ତ୍ତମାନକୁ ଭୁଲି ଯାଉଥିଲେ । କାରଣ ଭାରତ ଥିଲା ତାଙ୍କ ପାଇଁ ସ୍ୱର୍ଗ, ଯୌବନର ନନ୍ଦନବନ, ପ୍ରତିଟି ଧୂଳିକଣା ଥିଲା ତାଙ୍କ ପାଇଁ ପବିତ୍ର ନୈବେଦ୍ୟ । ତାହାର ଉନ୍ନତି-ବିଧାନ ଲାଗି ନିଜକୁ ଆହୁତି ଦେବାରେ ଥିଲା ନୈସର୍ଗିକ ଆନନ୍ଦ, ଜୀବନର ସାର୍ଥକତା ।

ଥରେ ତାଙ୍କର ଜଣେ ବାଲ୍ୟବନ୍ଧୁ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଆସି ପ୍ରସ୍ତାବଟିଏ ଉପସ୍ଥାପନ କଲେ – ''ନରେନ୍, ତୁମେ ଯଦି ଆମ ଦେଶର ଶିକ୍ଷିତ ଯୁବକମାନଙ୍କୁ ଭାରତୀୟ ସିଭିଲ ସର୍ଭିସ୍ (ICS) ପଢ଼ିବା ପାଇଁ ଇଂଲଣ୍ଡକୁ ପଠାଇବା ନିମିତ୍ତ ଅର୍ଥ ସଂଗ୍ରହ କରିପାରନ୍ତ, ତେବେ ସେମାନେ ଫେରିବା ପରେ ଦେଶର କଲ୍ୟାଣ ସାଧନ ନିମନ୍ତେ ବ୍ରତୀ ହୁଅନ୍ତେ ।''

ସ୍ୱାମିଜିଙ୍କ ଧମନୀ-ପ୍ରବାହରେ ଧକ୍କା ଲାଗିଲା । ସେ ବଡ଼ ଗମ୍ଭୀର ଭାବରେ ଉତ୍ତର ଦେଲେ, ''ଭାରତର କଲ୍ୟାଣ ? ତୁମେ ଗୋଟାଏ ବିରାଟ ଭୁଲ୍ କରୁଛ । ଏହି ଯୁବକମାନେ ଫେରି ଆସି ଇରୋପୀୟ ସମାଜରେ ମିଶିବା ଲାଗି ଚେଷ୍ଟାକରିବେ, ତାଙ୍କରି ସଭ୍ୟତା ଓ ସଂସ୍କୃତିକୁ ଅନୁକରଣ କରିବେ । ଦେଶର କଲ୍ୟାଣ କଥା ଭୁଲରେ ସୁଦ୍ଧା ଚିନ୍ତା କରିବେ ନାହିଁ ।'' ବନ୍ଧୁ-ଜଣକ ସ୍ୱାମିଜିଙ୍କ ଉତ୍ତର ଶୁଣି ତାଜୁବ ହେଲେ । ସତରେ ସ୍ୱାମିଜିଙ୍କ ଅନୁଶୀଳନ କେତେ ଗଭୀର – ଭାରତୀୟମାନଙ୍କର ନିଶ୍ଚେଷ୍ଟ, ଜଡ଼ତ୍ୱ, ପରାନୁକରଣ, ପରମୁଖାପେକ୍ଷିତା ପ୍ରତି ସତେ କେତେ ସଚେତନ ! ସେ ଜାଣନ୍ତି ପ୍ରତିଟି ବିଧାନ ଓ ତା'ର ପ୍ରତିବିଧାନ । ଦେଶପ୍ରେମହିଁ ତାଙ୍କ ଧମନୀର ପ୍ରବାହ, ତାଙ୍କ ଶ୍ୱାସ-ପ୍ରଶ୍ୱାସର ଛନ୍ଦ ।

ସ୍ୱାମିଜିଙ୍କ ଆୟତ ଆଖି ସେତେବେଳକୁ ଅଶ୍ରୁପୂର୍ଣ୍ଣ, ହୃଦୟ ବିଗଳିତ । ସେଠାରେ ଉପସ୍ଥିତଥିବା ଅନ୍ୟ ଜଣେ ବନ୍ଧୁ ସ୍ୱାମିଜିଙ୍କର ଏ ଅବସ୍ଥା ଦେଖି ହତଭମ୍ବ । ପରବର୍ତ୍ତୀ କାଳରେ ସେ ସେହି ଅପୂର୍ବ ଦୃଶ୍ୟକୁ ବର୍ଣ୍ଣନା କରି ଲେଖିଥିଲେ : ''ସେ ଦୃଶ୍ୟ ମୁଁ ଜୀବନରେ ଭୁଲିବି ନାହିଁ । ସ୍ୱାମିଜି ସଂସାରତ୍ୟାଗୀ ସନ୍ନ୍ୟାସୀ, ତଥାପି ଭାରତବର୍ଷ ତାଙ୍କ ହୃଦୟକୁ ଆବୋରି ରହିଛି । ତାଙ୍କର ସମସ୍ତ ସ୍ନେହ ଭାରତ ପ୍ରତି, ପ୍ରାଣ ଦେଇ ସେ ଭଲ ପାଉଥିଲେ ଭାରତକୁ । ଭାରତ-ସେବାରେ ସେ ତନୁ-ତର୍ପଣ କରିଥିଲେ । ତାଙ୍କ ହୃଦ୍‌ଯନ୍ତ୍ରରେ ଭାରତବର୍ଷ କମ୍ପିତ ହେଉଥିଲା, ତାଙ୍କ ଶିରା-ପ୍ରଶିରାରେ ଭାରତବର୍ଷ ସ୍ପନ୍ଦିତ ହେଉଥିଲା ।

ଗୋଟିଏ କଥାରେ – ଭାରତ ସହିତ ସେ ଏକୀଭୂତ ହୋଇ ଯାଇଥିଲେ ।''

ଅଳ୍ପଦିନର ରହଣି ପରେ ଝେଲମ୍ ଉପତ୍ୟକାର ମନୋରମ ଦୃଶ୍ୟଗୁଡ଼ିକର ଅପରୂପ ଶୋଭା ଉପଭୋଗ କରି କରି ସ୍ୱାମିଜି ଶ୍ରୀନଗରରେ ଆସି ପହଞ୍ଚିଲେ । ଯାତ୍ରା ସମୟରେ ସହଯାତ୍ରୀମାନଙ୍କୁ କାଶ୍ମୀରର ଇତିହାସ, କନିଷ୍କଙ୍କ କାହାଣୀ, ବୌଦ୍ଧଧର୍ମର ପ୍ରସାରରେ ଅଶୋକଙ୍କର ଅବଦାନ ସମ୍ବନ୍ଧୀୟ କାହାଣୀ ଶୁଣାଉ ଶୁଣାଉ ସେ ନିଜର ଖାଇବା କଥା ଭୁଲି ଯାଉଥିଲେ । ମାତ୍ର ସପ୍ତାହକ ମଧ୍ୟରେ ତାଙ୍କର ଭାବାନ୍ତର ଜାତ-ହେଲା । ସେ କ୍ରମଶଃ ଅନ୍ୟମାନଙ୍କଠାରୁ ନିଜକୁ ଓହରାଇ ନେଲେ, ପାଲଟିଗଲେ ଗୋଟାଏ ଭିନ୍ନ ମଣିଷ । ନୀରବତାକୁ ଆୟୁଧ କରି ନିର୍ଜନବାସ ଲାଗି ସେ ବ୍ୟାକୁଳ ହୋଇଉଠିଲେ । ସମୟେ ସମୟେ ଶିଷ୍ୟମାନଙ୍କ ଅଜ୍ଞାତସାରରେ ନିଜର ନୌକାରେ ଅନ୍ୟ ଏକ ସ୍ଥାନକୁ ସେ ଚାଲି ଯାଉଥିଲେ, ଏବଂ ତଲ୍ଲୀନ ହୋଇଯାଉଥିଲେ ପ୍ରକୃତିର ଭାବାବେଶରେ । ଦିନେ ମଧ୍ୟାହ୍ନ ଭୋଜନ ସମୟରେ ତ୍ୟାଗ ଓ ବୈରାଗ୍ୟପ୍ରବର ସ୍ୱାମିଜି ଏକାକୀ ଅମରନାଥ ଯିବାର ଅଭିଳାଷ ବ୍ୟକ୍ତକଲେ, ମାତ୍ର ବହୁ ଅନୁରୋଧ ପରେ ସ୍ୱାମିଜି କେବଳ ନିବେଦିତାଙ୍କୁ ସଙ୍ଗରେ ନେବା ପାଇଁ ରାଜି ହେବାରୁ ଅନ୍ୟମାନେ ଆଶ୍ୱସ୍ତ ହେଲେ । ତାଙ୍କର ଅନ୍ୟ ସହଯାତ୍ରୀ ଶିଷ୍ୟମାନେ ଫେଲରାମଠାରେ ସେମାନେ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବେ ବୋଲି ସ୍ଥିର ହେଲା ।

ହିମାଳୟର ଶୋଭାସମ୍ଭାର ଅନନ୍ୟ । ବରଫା-ଆବରା ଗିରିଶୃଙ୍ଗ ଉପରେ ସୂର୍ଯ୍ୟଙ୍କର ରଶ୍ମି ସମୟେ ସମୟେ ସ୍ଫଟିକ-ତୁଲ୍ୟ ଝଟକି ଉଠେ, ତାହାରି ମଧ୍ୟରେ ଲମ୍ବିଯାଇଛି ଗିରିପଥ । ସେ ପଥ ସଂକୀର୍ଣ୍ଣ ପୁଣି ତୀଖ । ଠାଏ ଠାଏ ପୁଣି ନିଶ୍ଚିହ୍ନ ତାହାର ରୂପରେଖ । ତାହାରି ଉପରେ ପାଦ ଥାପିଥାପି ଯାତ୍ରୀମାନେ ଆଗଉଥା'ନ୍ତି ଉପରୁ ଉପରକୁ, ଖୁବ୍ ସାବଧାନରେ । ଉଭୟ ପାର୍ଶ୍ୱରେ ପାତାଳମୁଖୀ ଗହ୍ୱର, ଅସାବଧାନତାକୁ ସତେ ଯେମିତି ଅପେକ୍ଷା କରି ରହିଥାଏ । ଯାତ୍ରୀମାନଙ୍କ ପାଇଁ ଏହା ଏକ ଚରମ ପରୀକ୍ଷା, ଲକ୍ଷ୍ୟପ୍ରାପ୍ତି ଦିଗରେ ଏକ ଅଦମ୍ୟ ପ୍ରଚେଷ୍ଟା । ମାତ୍ର ସମସ୍ତେ ଏକମୁଖୀ, କେବେ ଦର୍ଶନ ମିଳିବ ପ୍ରଭୁଙ୍କର, ହରହର ମହାଦେବଙ୍କର, ଭୋଳାନାଥଙ୍କର । ଅମରନାଥଙ୍କ ଜୟଗାନ ଭାସିଆସେ ଧୂଆଁଳିଆ ବରଫର ଶୀତୁଆ ଦଲକାରେ । ହିଆ ଥରିଉଠେ ।

ସ୍ୱାମିଜି ଯାତ୍ରୀମାନଙ୍କ ସହ ଆଗେଇ ଚାଲିଲେ ନିବେଦିତାଙ୍କୁ ସଙ୍ଗରେ ଧରି । ବଡ଼ ଦୁଃସହ ସେ ଅଭିଯାନ । ସାରାଦିନ ପଦବ୍ରଜ, ସନ୍ଧ୍ୟା ହେଲେ ବିଶ୍ରାମ । ଲୁଗା-ଟଙ୍ଗା କୁଡ଼ିଆ ଥିଲା ସେମାନଙ୍କର ସହାରା । ସନ୍ଧ୍ୟାରେ ସାଧୁ-ସନ୍ନ୍ୟାସୀମାନେ ଧୁନି ଜାଳି ତତ୍ତ୍ୱ ଆଲୋଚନା କରୁଥିଲେ । ସ୍ୱାମିଜି ସେମାନଙ୍କ ସହିତ ଯୋଗଦେଲେ । ସ୍ୱାମିଜିଙ୍କ ଆଲୋଚନା ଶୁଣି ସେ ଯେ ବ୍ରହ୍ମଜ୍ଞ ପୁରୁଷ ଏକଥା ସେମାନେ ବୁଝିପାରିଲେ ଏବଂ ଶ୍ରଦ୍ଧା ପ୍ରଦର୍ଶନ କଲେ । ନିବେଦିତାଙ୍କୁ ମଧ୍ୟ ଅନୁରୂପ ସାହାଯ୍ୟ ପ୍ରଦାନ କଲେ । ଜଣେ ବିଦେଶିନୀ ମହିଳାଙ୍କ ପ୍ରତି ସେମାନଙ୍କ ଏଭଳି ମନୋବୃତ୍ତି ବାସ୍ତବରେ ପ୍ରଶଂସନୀୟ ।

ଅମରନାଥଙ୍କ ପବିତ୍ର ଗୁହା ଯେ ଆଉ ବେଶୀ ଦୂର ନୁହେଁ ବିବେକାନନ୍ଦ ଜାଣିବା ପରେ ଆନନ୍ଦରେ ଅଧୀର ହୋଇ ଉଠିଲେ । ତାଙ୍କ ଦେହରେ ଦେଖାଦେଲା ଏକ ନୂତନ ପୁଲକ, ପ୍ରାଣରେ ଉଚ୍ଛ୍ୱାସ । କେମିତି ପ୍ରଭୁଙ୍କ ଦିବ୍ୟସାନ୍ନିଧ୍ୟ ଲାଭକରିବେ ସେ ଅସ୍ଥିର ହୋଇ ଉଠିଲେ । ସମସ୍ତ ଶୀତବସ୍ତ୍ର ତ୍ୟାଗ କଲେ । କୌପୁନି ଖଣ୍ଡିକ ହେଲା ତାଙ୍କ ବସ୍ତ୍ର, ଭସ୍ମ ହେଲା ତାଙ୍କ ଦେହର ଆଭୂଷଣ । ଗୁହା ଭିତରକୁ ପ୍ରବେଶ କଲେ ସ୍ୱାମିଜି । ସମ୍ମୁଖରେ ବିରାଜମାନ ଚିରତୁଷାର ଗଠିତ ଦେବଦେବ ମହାଦେବଙ୍କ ପ୍ରତିଭୂ ଅନାଦି ଅନନ୍ତ ଲିଙ୍ଗ । ଜାଜ୍ୱଲ୍ୟମାନ, ଅବର୍ଣ୍ଣନୀୟ ସେ ବିଭବ । ସ୍ୱାମିଜି ସାଷ୍ଟାଙ୍ଗ ପ୍ରଣିପାତ କରି ଧ୍ୟାନରେ ବସିଲେ, ସମ୍ପୂର୍ଣ୍ଣ ସମାଧି ଅବସ୍ଥା । ଶିବାଂଶଜାତ ବିବେକାନନ୍ଦଙ୍କ ସମାହିତ ଅବସ୍ଥା ସୂଚାଇ ଦେଉଥିଲା ସତେ ଯେମିତି ବିଲୀନ ହୋଇ ଯାଇଛି ବିନ୍ଦୁ ସିନ୍ଧୁର କଳେବର ମଧ୍ୟରେ, ହଜାଇଦେଇଛି ନିଜର ଅସ୍ତିତ୍ୱ । ପାଇଛି ତା'ର ଈପ୍‌ସିତ ଆନନ୍ଦଟିକକୁ ।

ମାତା ଭୁବନେଶ୍ୱରୀ ଦେବୀ ଉପସ୍ଥିତ ଥିଲେ ପାଇଥା'ନ୍ତେ ତାଙ୍କ ସ୍ୱପ୍ନଦର୍ଶନର ସତ୍ୟାସତ୍ୟ – ତୁଷାର ଧବଳ ରଜତକାନ୍ତି କୈଳାସେଶ୍ୱର ସ୍ୱୟଂ ସମ୍ମୁଖରେ ଆବିର୍ଭୂତ । ଜ୍ୟୋତିଃରେ ଆଖି ତାଙ୍କର ମୁଦି ହୋଇ ଯାଉଥାଏ । ଧୀରେ ଧୀରେ ଦୃଶ୍ୟର ପରିବର୍ତ୍ତନ ହେଲା । ସ୍ୱୟଂଭୂ କ୍ଷୁଦ୍ର ଶିଶୁ ଆକାର ଧାରଣ କରି ଜନନୀଙ୍କର କୋଳରେ ଆଶ୍ରୟ ନେଲେ । ଭୁବନେଶ୍ୱରୀ ଦେବୀଙ୍କ ନିଦ୍ରା ଭଙ୍ଗହେଲା । ''ହେ ଶିବ – ହେ ଶଙ୍କର – ହେ କରୁଣାମୟ'' କହି କହି ପ୍ରଣାମ କରିବାକୁ ଲାଗିଲେ । ଜାଣିଲେ ତାଙ୍କର ପୁତ୍ର ସନ୍ତାନ ହେବ, ତାହାହିଁ ହେଲା । ଶିଶୁ ଅବସ୍ଥାରୁ ନରେନ୍ (ବିବେକାନନ୍ଦଙ୍କର ପିଲାଦିନର ନାମ) ଶିବଙ୍କୁ ଆରାଧନା କରୁଥିଲେ । ନିଜ ଦେହରେ

ଭସ୍ମଲେପନ କରି ଶିବ-ରୂପ ଧାରଣ କରୁଥିଲେ, ଘଣ୍ଟାଘଣ୍ଟା ଧରି ଧ୍ୟାନସ୍ଥ ହୋଇ ଯାଉଥିଲେ । ଥରେ ସେ ଯାଇ ମା'ଙ୍କୁ କହିଲେ, ''ମା', ମୁଁ ଯଦି ସାଧୁ ହୁଏ, ଶିବ କ'ଣ ମୋତେ ତାଙ୍କ ପାଖକୁ ଫେରାଇ ନେବେ ନାହିଁ ?'' ମା'ଙ୍କ ମୁହଁରୁ ସ୍ୱତଃ ବାହାରି ପଡ଼ିଥିଲା, ''ହଁ ନିଶ୍ଚୟ ନେବେ ।'' ଅନ୍ୟମନସ୍କ ଭାବରେ କହି ଦେଇଥିବାରୁ ଭୁବନେଶ୍ୱରୀ ଦେବୀ କମ୍ପି ଉଠିଥିଲେ । ମାତ୍ର ମା'ର ଆଶୀର୍ବାଦ କେବେ ବୃଥା ଯାଏନି ।

ଗୁହା ଭିତରୁ ଫେରି ଆସିବା ପରେ ସ୍ୱାମିଜି ଆହୁରି ଜ୍ୟୋତିଷ୍ମାନ ହୋଇଉଠିଥିଲେ । ଦିବ୍ୟକାନ୍ତିଯୁକ୍ତ ମୁଖମଣ୍ଡଳରେ ତାଙ୍କର ସ୍ମିତହାସ୍ୟ । ଖୁବ୍ ଆନନ୍ଦରେ ସେ ନିବେଦିତାଙ୍କୁ କହିଲେ, ''ଦେବାଧିଦେବ ମହାଦେବ ଆଜି ମୋତେ ଇଚ୍ଛାମୃତ୍ୟୁ ବର ପ୍ରଦାନ କରିଛନ୍ତି ।'' ଆଉ ଗୋଟାଏ ଆଶ୍ଚର୍ଯ୍ୟର କଥା ଯେ ଆମର ରକ୍ଷଣଶୀଳ ହିନ୍ଦୁ ସନ୍ନ୍ୟାସୀମାନେ ନିବେଦିତାଙ୍କୁ ଗୁହା ଭିତରେ ପଶି ପ୍ରଭୁଙ୍କର ଦର୍ଶନ କରିବା ପାଇଁ ବାରଣ କରି ନ ଥିଲେ ।

ସ୍ୱାମିଜି ଶ୍ରୀନଗରକୁ ଫେରି ଆସିବା ପରେ କ୍ଷୀର-ଭବାନୀଙ୍କୁ ଦର୍ଶନ କରିବା ପାଇଁ ହଠାତ୍ ତାଙ୍କର ମନ ବଳିଲା । ଏଥର କିନ୍ତୁ କେହି ଯେପରି ତାଙ୍କୁ ଅନୁସରଣ ନ କରନ୍ତି ସେଥି ନିମନ୍ତେ ସେ ସାବଧାନ କରାଇ ଦେଲେ । ମା'ଙ୍କୁ ସ୍ମରଣ କରି ସ୍ୱାମିଜି ଆଗେଇ ଚାଲିଲେ । ତାଙ୍କର ଏଭଳି ଭାବାନ୍ତରର ରହସ୍ୟ କେବଳ ଜଗଜ୍ଜନନୀଙ୍କୁ ଜଣା । କ୍ଷୀରଭବାନୀର ପବିତ୍ର ପ୍ରସ୍ରବଣ ନିକଟରେ ପହଞ୍ଚି ସ୍ନାନକ୍ରିୟା ସମାପନ ପରେ ସ୍ୱାମିଜି ଉଗ୍ର ତପସ୍ୟାରେ ବ୍ରତୀ ହେଲେ । ପ୍ରତ୍ୟହ ସେ ମା'ଙ୍କ ନିକଟରେ ଦୁଧ, ଅରୁଆ ଚାଉଳ ଆଦି ପ୍ରଚୁର ପରିମାଣ ଅର୍ପଣ କଲେ । ଦିନେ ସେ ଯଜ୍ଞରେ ବସି ମହାମାୟାଙ୍କୁ ଆହ୍ୱାନ କରୁଛନ୍ତି, ହଠାତ୍ ତାଙ୍କ ଭିତରେ ବିଦ୍ୟୁତ୍‌ର ଏକ ଝଲକ ଖେଳିଗଲା । ଆଖି ଆଗରେ ଭାସିଗଲା ଦେବୀଙ୍କ ଉପାସ୍ୟ ଭଙ୍ଗା ମନ୍ଦିର । ସେହି ମନ୍ଦିରର ଜୀର୍ଣ୍ଣ କଳେବର ଦେଖି ମନରେ ଭାବାନ୍ତର ଜାତ ହେଲା – ଆହା ଏ କି ଦୁର୍ଦ୍ଦଶା ! ଯେତେବେଳେ ମୁସଲମାନମାନେ ଆସି ଏହି ମନ୍ଦିରକୁ ଭାଙ୍ଗି ଦେଇଥିଲେ ସେତେବେଳେ ହିନ୍ଦୁମାନେ କ'ଣ ତାଙ୍କର ଗତିରୋଧ କରିପାରିଲେ ନାହିଁ ? ମୁଁ ଯଦି ସେତେବେଳେ ଉପସ୍ଥିତ ଥାଆନ୍ତି ତେବେ ପ୍ରାଣପଣ କରି ଜନନୀଙ୍କ ମନ୍ଦିରକୁ ରକ୍ଷା କରିଥା'ନ୍ତି । କୌଣସିମତେ ମନ୍ଦିରକୁ ଏଭଳି ଧ୍ୱଂସମୁଖକୁ ଠେଲି ଦେଇ ନ ଥା'ନ୍ତି ।''

ସ୍ୱାମିଜିଙ୍କ ଅଶାନ୍ତ ଭାବନାର ଭଟ୍ଟା ପଡ଼ି ନ ଥାଏ । ହଠାତ୍ ଏକ ଦୈବବାଣୀ ଶୁଣା ଗଲା । ସ୍ୱାମିଜି ସ୍ପଷ୍ଟ ଶୁଣି-ପାରିଲେ ଜନନୀଙ୍କ କଣ୍ଠସ୍ୱର, ସ୍ନେହପୂର୍ଣ୍ଣ ଭର୍ତ୍ସନାର ବାଣୀ, ''ଯଦିବା ମୁସଲମାନମାନେ ମୋ ମନ୍ଦିରକୁ ଧ୍ୱଂସ କରି ପ୍ରତିମା ଅପବିତ୍ର କରିଛନ୍ତି, ସେଥିରେ ତୋର କ'ଣ ଅଛି ? ତୁ ମୋତେ ରକ୍ଷା କରିବୁ, ନା, ମୁଁ ତୋତେ ରକ୍ଷାକରିବି ?''

ପରଦିନ ସ୍ୱାମିଜି ଯଥାରୀତିରେ ପୂଜା-ଅର୍ଚ୍ଚନା ଆରମ୍ଭ କଲେ । ଗତକାଲିର କଥା ମନେ ପଡ଼ିବାରୁ ହେତୁବାଦୀ ମନ ତାଙ୍କର ସନ୍ଦେହ କଲା – ଏସବୁ ମନର ଭାବନା । ଭିକ୍ଷା-ସଂଗ୍ରହ କରି ମନ୍ଦିର ଗଢ଼ାଇବାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଇପାରେ । ନିଜ ଉପରେ ଭରସା ରଖି ଭାବିଲେ – ''ସନ୍ନ୍ୟାସୀର ସଂକଳ୍ପ କେବେ ବୃଥା ଯାଏନି, ମୁଁ କେବେ ବି ଅକୃତକାର୍ଯ୍ୟ ହେବି ନାହିଁ ।''

ସହସା ପୁନର୍ବାର ଦୈବବାଣୀ ଶୁଭିଲା, ଜନନୀଙ୍କ କଣ୍ଠସ୍ୱର, ''ଯଦି ମୋର ଇଚ୍ଛାହୁଏ ତାହା ହେଲେ ମୁଁ କ'ଣ ସାତ ମହଲା ସୁବର୍ଣ୍ଣ ମନ୍ଦିର ଏଇ ମୁହୂର୍ତ୍ତରେ ଗଢ଼ାଇ ଦେଇ ପାରିବି ନାହିଁ ? ଏସବୁ ମୋର ଇଚ୍ଛା । ମୋହରି ଇଚ୍ଛା ଯୋଗୁଁ ଆଜି ମନ୍ଦିର ଭଗ୍ନ ଅବସ୍ଥାରେ ପଡ଼ିରହିଛି ।''

ଅହଂକାରର ପର୍ଦ୍ଦା ବିଦୀର୍ଣ୍ଣ ହେଲା । ସ୍ୱାମିଜି ପ୍ରଣିପାତ କଲେ । ଦର୍ଶନ କଲେ ମହାମାୟାଙ୍କର ମହିମମୟୀ ସ୍ୱରୂପ, ଅନାଦି, ଅନନ୍ତ ସେ ରୂପ । ସେହିଁ ଢାଙ୍କି ରଖିଥିଲେ ସେହି ପର୍ଦ୍ଦାକୁ । ଏକଥା କେବଳ ଠାକୁରଙ୍କୁ ଜଣାଥିଲା । ସେ ଅଜ୍ଞାତସାରରେ ଥରେ କହିପକାଇଥିଲେ, ''ନରେନ୍ ଆମର ଲୋକଶିକ୍ଷା ଦେବ, ଜଗତର ଅଶେଷ କଲ୍ୟାଣ କରିବ । ମା' ଭଗବତୀ ତା' ହୃଦୟରେ ଅଜ୍ଞାନତାର ଗୋଟାଏ ପର୍ଦ୍ଦା ଢାଙ୍କି ଦେଇଛନ୍ତି । ତଦ୍ଦ୍ୱାରା ଅନେକେ କାମ କରାଇନେବେ ।''

ସ୍ୱାମିଜି ଶ୍ରୀନଗର ଫେରିଆସିଲେ । ମାତ୍ର ଭିନ୍ନ ଅନୁରାଗ, ଭିନ୍ନ ଆଚରଣ । ପୂର୍ବର ସେହି କର୍ମତତ୍ପରତାର ପରିଧାନ ସତେ ଯେମିତି ସେ ପାଲଟି ଦେଇ ଆସିଥିଲେ, ଦେଶପ୍ରେମର ଆଗ୍ନେୟଗିରି ପାଲଟି ଥିଲା ଗୋଟାଏ ଧୂସର ପାହାଡ଼ରେ । ଲାର୍ଭାସ୍ଫୁରଣର ସମସ୍ତ ସମ୍ଭାବନା ସତେ ଯେମିତି ନିଶ୍ଚିହ୍ନ । ଶିଷ୍ୟମାନେ ଏସବୁ ଲକ୍ଷ୍ୟ କରୁଥିଲେ ବି ସାହସ କରି କିଛି କହିପାରୁ ନ ଥିଲେ । ଦିନେ ପାଇଲେ ଏହାର ଉତ୍ତର । ଶୁଣି ପାରିଲେ ସ୍ୱାମିଜିଙ୍କ ଅନୁଚ୍ଚ କଣ୍ଠସ୍ୱର, ''ହରି ଓଁ ! ମୁଁ ଭୁଲ କରିଥିଲି । ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ ! ତୁମେହିଁ ସବୁ – ତୁମେହିଁ କର୍ତ୍ତା । ମୁଁ ତ ତୁମର ଅଜ୍ଞାନ ସନ୍ତାନମାତ୍ର ।''

❑❑❑

ସ୍ୱାମୀ ବିବେକାନନ୍ଦ (୨୦)

# ଉଦ୍‌ବୋଧନ

## ସନ୍ତୋଷ କୁମାର ରଥ

ସାଇତା ସମ୍ଭାବନା ଅଦେଖା ହୋଇଥିଲେ ବି ଅସମ୍ଭବ ନୁହେଁ । କିନ୍ତୁ କିଏ ଜାଣି ପାରିବ ସେ ସମ୍ଭାବନାକୁ ? ଜାଣିଥିଲେ ଠାକୁର – ଧୂଳିକଣା ସଦୃଶ ଛୋଟ ମଞ୍ଜିଟି ମଧ୍ୟରେ ସେ ପାଇଥିଲେ ବଟବୃକ୍ଷର ସନ୍ଧାନ । ଜାଣିଥିଲେ ସେ ବୃକ୍ଷ ହେବ ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ – ଅନନ୍ୟ । ଯାହା ଅନାଥ, ଆର୍ତ୍ତଙ୍କ ତ୍ରାଣକର୍ତ୍ତା । ଜଗତ୍ କଲ୍ୟାଣ ଯାହାର ସ୍ୱଭାବ ଓ ସ୍ୱଧର୍ମ । ସେହି ବୃକ୍ଷ ଏବେ ପରିପକ୍ୱ । ସେ ଚାହେଁ ଆଙ୍କିରଖିବ ତାହାର ପ୍ରତିବିମ୍ବକୁ – ଠାକୁରଙ୍କ ଇଚ୍ଛା ଯେମିତି ଭଙ୍ଗା ନ ପଡ଼େ । ସେଇଥିପାଇଁ ବୋଧେ ସ୍ୱାମୀ ବିରଜାନନ୍ଦଙ୍କ ପ୍ରତି ସ୍ୱାମିଜିଙ୍କର ଏତାଦୃଶ ଭର୍ତ୍ସନା – ସ୍ନେହପୂର୍ଣ୍ଣ ଅଥଚ କଟୁ । ଠାକୁରଙ୍କ ଗାଳିର ଅନୁରୂପ ।

କାଶ୍ମୀର ଭ୍ରମଣ ସାରି ସ୍ୱାମିଜି ବେଲୁଡ଼ ଫେରି ଆସିଲେ । ତାଙ୍କୁ ପାଇ ଗୁରୁଭାଇମାନେ ଆନନ୍ଦରେ ଅଧୀର । ମଠରେ ଭକ୍ତଗଣଙ୍କର ଭିଡ଼ ଜମିଲା । ସଭିଏଁ ଇଚ୍ଛୁକ ଦର୍ଶନ ପାଇଁ । ମାତ୍ର ସ୍ୱାମିଜିଙ୍କର ଶରୀରରେ ଅସୁସ୍ଥତାର ଚିହ୍ନ – ମୁଖମଣ୍ଡଳ ନିଷ୍ପ୍ରଭ, ଆଖିରେ ରକ୍ତର ପଟଳ । ସ୍ୱଭାବରେ ଅସ୍ୱାଭାବିକ ପରିବର୍ତ୍ତନ, ଗମ୍ଭୀର ଓ ଉଦାସୀନ । ଗୁରୁଭାଇମାନେ ଏହାର କାରଣ ଜାଣିବାକୁ ଚାହିଁବାରୁ ସେ ସଂକ୍ଷେପରେ ଉତ୍ତର ଦେଲେ, ''ମୁଁ କ'ଣ ଜାଣେ, ଯାହା ମା'ଙ୍କର ଇଚ୍ଛା ।'' ସନ୍ନ୍ୟାସୀମାନେ ବୁଝିପାରିଲେ କ୍ଷୀରଭବାନୀ ଓ ଅମରନାଥଠାରେ ସ୍ୱାମିଜିଙ୍କ କଠୋର ତପଶ୍ଚର୍ଯ୍ୟା ଯୋଗୁଁ ମନରେ ଏପ୍ରକାର ଭାବାନ୍ତର ନିଶ୍ଚୟ । ମାତ୍ର କିଏ ପରଖିବ ତାଙ୍କ ତରାଜୁକୁ ? ତଥାପି ସାହସ ବାନ୍ଧିଲେ କେତେଜଣ । ସେଠାକାର ଅନୁଭୂତି ସମ୍ପର୍କରେ ପ୍ରଶ୍ନ ପଚାରିବାରୁ ସ୍ୱାମିଜି ଅନିଚ୍ଛା ପ୍ରକାଶ କଲେ, ଏତିକି ମାତ୍ର କହିଲେ – ''ଅମରନାଥରୁ ଫେରିବା ସମୟରେ ଶିବ ମୋ ମୁଣ୍ଡରେ ପଶିଛନ୍ତି, କୌଣସିମତେ ବାହାରୁ ନାହାନ୍ତି ।'' ଯିଏ ଯେତିକି ବୁଝିଲେ ଚୁପ୍ ରହିଲେ । ତେବେ ଏତିକି ସତ୍ୟ – ଆଲୋକ ସ୍ୱଚ୍ଛତାକୁ ଭେଦି ଯାଏ, ବିକିରଣ କରେ, ପାଲଟିଯାଏ ଭିନ୍ନ ଏକ ଆଲୋକର ଆଧାର । ମାତ୍ର ଅସ୍ୱଚ୍ଛ କାହିଁ ବୁଝିବ ଏସବୁର ବେଭାର; ଏସବୁ ତ ଇନ୍ଦ୍ରିୟଗତ ଜ୍ଞାନର ଅଗୋଚର ।

ସ୍ୱାମିଜିଙ୍କୁ ମଠରୁ କଲିକତାସ୍ଥିତ ବଳରାମବାବୁଙ୍କ ଘରକୁ ଅଣାଗଲା । ସେହିଠାରେ ଚିକିତ୍ସାର ସବୁ ବନ୍ଦୋବସ୍ତ କରି ଦିଆହେଲା । କ୍ରମେ ସ୍ୱାମିଜି ସୁସ୍ଥ ହୋଇଉଠିଲେ, ଏବଂ ଭାବରାଜ୍ୟର ଅତ୍ୟୁଚ୍ଚ ଇଲାକାରୁ ପାଦେ ତଳକୁ ଖସିଲେ । ପୁନଶ୍ଚ ଦେଖାଦେଲା ପୂର୍ବର କର୍ମତତ୍ପରତା, ଉତ୍ସାହ ଓ ଉଦ୍ଦୀପନା । ଇତି ମଧ୍ୟରେ ମଠର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଯାଇଥିବାରୁ ପ୍ରତିଷ୍ଠା ନିମନ୍ତେ ସମସ୍ତ ପ୍ରକାରର ଆୟୋଜନ ଆରମ୍ଭ ହୋଇଗଲା । ବହୁ ଭକ୍ତଙ୍କ ସମାଗମ । ଠାକୁରଙ୍କ ଦେହାବଶେଷ-ରକ୍ଷିତ ପବିତ୍ର ତାମ୍ରପାତ୍ର ସହିତ ଠାକୁରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଗଲା । ସ୍ୱାମିଜି ଥିଲେ ଏହାର ପୁରୋଧା । କୃତାର୍ଥ ହେଲେ ସ୍ୱାମିଜି – ବହୁଦିନର ଅଭିଳାଷ ପୂର୍ଣ୍ଣ ହେଲା । ପ୍ରସନ୍ନ ବଦନରେ ନିଜର ଶିଷ୍ୟ ଶରତବାବୁଙ୍କୁ ମଠର ଭବିଷ୍ୟତ୍ ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଲେ, ''ଏହାହିଁ ହେବ ପ୍ରଧାନ କେନ୍ଦ୍ର । ଏହିଠାରେ ଯେଉଁ ଶକ୍ତିର ଅଭ୍ୟୁଦୟ ହେବ ତାହା ଜଗତକୁ ଆଚ୍ଛାଦିତ କରି ପକାଇବ, ମାନବଜାତିର ଧାରାକୁ ପରିବର୍ତ୍ତନ କରିଦେବ । ଜ୍ଞାନ, ଭକ୍ତି, ଯୋଗ ଓ କର୍ମର ଏକତ୍ର ସମନ୍ୱୟରେ ଗଠିତ ହେବ ଏକ ନୂତନ ଉଚ୍ଚତମ ଆଦର୍ଶ । ତାହା ଏହିଠାରୁ ବିଚ୍ଛୁରିତ ହେବ, ବ୍ୟାପିଯିବ ଦିଗଦିଗନ୍ତକୁ । ଯଥାର୍ଥ ଧର୍ମାନୁରାଗୀମାନେ ଆସି ଏହିଠାରେ ଏକଜୁଟ ହେବେ । ଏହିଠାରେ ସାଧୁମାନଙ୍କର ରହଣିର ବ୍ୟବସ୍ଥା ରହିବ । ଏବଂ ସାଧନ, ଭଜନ, ସେବାକର୍ମ ସହିତ ଜ୍ଞାନଚର୍ଚ୍ଚା ହେବ ସେମାନଙ୍କର ଦିନଚର୍ଯ୍ୟା ।''

ସ୍ୱାମିଜିଙ୍କ କର୍ମପ୍ରବଣତାରେ ଦେଖାଦେଲା ଉତ୍ତାଳ ତରଙ୍ଗ । ସଜାଗ ହୋଇ ଉଠିଲେ ଗୁରୁଭାଇମାନେ । ତାଙ୍କର ନିର୍ଦ୍ଦେଶକୁ ଅଗ୍ରାହ୍ୟ କରିବାର ଆସ୍ପର୍ଦ୍ଧା କାହାରି ନ ଥିଲା । ଠାକୁରଙ୍କ ଆଦର୍ଶ ଓ ଉପଦେଶକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଦେବା ପାଇଁ ଏକ ବଙ୍ଗଳା ପତ୍ରିକାର ପ୍ରକାଶନ ଦାୟିତ୍ୱ

ସ୍ୱାମିଜି ସ୍ୱାମୀ ତ୍ରିଗୁଣାତୀତଙ୍କ ଉପରେ ନ୍ୟସ୍ତକଲେ । ତାଙ୍କରି ଅକ୍ଲାନ୍ତ ଉଦ୍ୟମରେ ପତ୍ରିକାଟି ପ୍ରକାଶ ପାଇଲା ପାକ୍ଷିକ ଭିତ୍ତିରେ । ସ୍ୱାମିଜି ଏହାର ନାମ ରଖିଲେ 'ଉଦ୍‌ବୋଧନ' । ପରବର୍ତ୍ତୀ କାଳରେ ପ୍ରଚାର ଓ ପ୍ରସାର ଦିଗରେ ଏହା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ଠାକୁରଙ୍କ ଭାବର ପ୍ରଚାର, ଯାହା ଥିଲା ଲୋକଶିକ୍ଷା ନିମନ୍ତେ ଯଥାର୍ଥ ସଞ୍ଜୀବନ — ସ୍ୱାମିଜି ସେଥିନିମନ୍ତେ ତତ୍ପର ହୋଇଉଠିଲେ । ଆରମ୍ଭ ହେଲା ଏକ ନୂତନ ଅଧ୍ୟାୟ, ଏକ ନୂତନ ଯୁଗର ଅରୁଣିମା । ଲୋକଶିକ୍ଷା ବିନା ମାନବ ଚରିତ୍ରର ବିକାଶ ଅସମ୍ଭବ; ପୁନଶ୍ଚ ଚରିତ୍ରଗଠନ ବିନା ରାଷ୍ଟ୍ରଗଠନ ଦୁଃସ୍ୱପ୍ନ । ସ୍ୱାମିଜିଙ୍କ ଅନୁଭବରେ ଭ୍ରାନ୍ତି ନ ଥିଲା । ଅବଶ୍ୟ ଏସବୁ ଠାକୁରଙ୍କ ଇଚ୍ଛା । ବହୁ ପୂର୍ବରୁ ଠାକୁର ପ୍ରକାଶ କରିଥିଲେ — ନରେନ୍ ଆମର ଲୋକଶିକ୍ଷା ଦେବ, ଜଗତର କଲ୍ୟାଣ ସାଧନ କରିବ । ବଟବୃକ୍ଷ ସାଜି ଶତଶତ ଲୋକଙ୍କୁ ଛାୟା ପ୍ରଦାନ କରିବ । ନିଜର ନୁହେଁ, ଜଗତର ମୁକ୍ତି ହେବ ତା'ର ଧେୟ ।

ଆଜି ସେହି ଧ୍ୱନିର ପ୍ରତିଧ୍ୱନି ଶୁଭିଲା । ସମଗ୍ର ଭାରତବର୍ଷରେ ଶ୍ରୀ ଶ୍ରୀରାମକୃଷ୍ଣଙ୍କ ବାଣୀର ପ୍ରଚାର ନିମନ୍ତେ ସ୍ୱାମୀ ବିରଜାନନ୍ଦ ଓ ସ୍ୱାମୀ ପ୍ରକାଶାନନ୍ଦଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ସ୍ୱାମିଜି । ବିରଜାନନ୍ଦ ଟିକେ ଅମଙ୍ଗ ହେଲେ । ନିଜେ ଯେ ଏ କାର୍ଯ୍ୟ ନିମନ୍ତେ ଅଯୋଗ୍ୟ ଏକଥାକୁ ପ୍ରକାଶ କରିବାକୁ ଯାଇ ଖୁବ୍ ବିନୀତ ଭାବରେ କହିଲେ, ''ସ୍ୱାମିଜି ! ମୁଁ ତ କିଛି ଜାଣି ନାହିଁ ଲୋକଙ୍କୁ କ'ଣ କହିବି ।''

''ଯାଅ, କହିବ ଯେ ମୁଁ କିଛି ଜାଣି ନାହିଁ — ଏହାହିଁ ଗୋଟିଏ ମହତ୍ତମ ବାର୍ତ୍ତା ।'' — ଉତ୍ତର ଦେଲେ ସ୍ୱାମିଜି ।

ନିଜ ଆନ୍ତର-ବୈରାଗ୍ୟ ତାଡ଼ନାରେ ହେଉ ଅଥବା ଭଗବତ୍ ଉପଲବ୍ଧିର ଆନନ୍ଦ ଟିକକୁ ଆସ୍ୱାଦନ କରିବାକୁ ହେଉ, କାର୍ଯ୍ୟରୁ ଅବ୍ୟାହତି ନେବାକୁ ଚେଷ୍ଟା କରୁଥିଲେ ବିରଜାନନ୍ଦଜି । ସେଥିନିମନ୍ତେ ହେତୁବାଦୀ ମନ ତାଙ୍କର ଯୋଗାଇ ଦେଇଥିଲା ଉପଯୁକ୍ତ ଖୋରାକ । ସ୍ୱାମିଜିଙ୍କୁ କିନ୍ତୁ ଏସବୁ ବୁଝିବା ନିମନ୍ତେ ବିଳମ୍ୱ ହେଲା ନାହିଁ । ସତେ ଯେମିତି ବାରୁଦରେ ଅଗ୍ନି ସଂଯୋଗ ହେଲା, ଗର୍ଜି ଉଠିଲେ ସ୍ୱାମିଜି, ''ସ୍ୱାର୍ଥପରଙ୍କ ପରି ନିଜ ମୁକ୍ତି ପାଇଁ ଚେଷ୍ଟା କଲେ ତୁମେ ନର୍କକୁ ଯିବ ! ଯଦି ତୁମେ ସେହି ପୂର୍ଣ୍ଣବ୍ରହ୍ମଙ୍କୁ ଉପଲବ୍ଧି କରିବାକୁ ଚାହଁ, ତେବେ ଅନ୍ୟର ମୁକ୍ତି ଲାଗି ସାହାଯ୍ୟ କର — ନିଜର ମୁକ୍ତି ନୁହେଁ । ଏହାହିଁ ସର୍ବୋତ୍ତମ ସାଧନା ।''

ବିରଜାନନ୍ଦଜି ନୀରବ ରହିଲେ । ନିଜ ଇଚ୍ଛାକୁ ବିସର୍ଜି ଦେବା ପାଇଁ ଅବଶ୍ୟ ତାଙ୍କୁ ବେଶୀ ସମୟ ଲାଗିଲା ନାହିଁ । କାରଣ ସ୍ୱାମିଜିଙ୍କ ନେତୃତ୍ୱ ପ୍ରତି ତାଙ୍କର ଥିଲା ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ । ଶିଷ୍ୟର ଏତାଦୃଶ ଅବସ୍ଥାକୁ ଲକ୍ଷ୍ୟ କରି ସ୍ୱାମିଜିଙ୍କ ମୁଖ ମଣ୍ଡଳରେ ଖେଳିଗଲା ପ୍ରଶାନ୍ତିର ଭାବ । ଶିବାଂଶ ଜାତ ସନ୍ନ୍ୟାସୀ ପକ୍ଷରେ ଏହା ବିଚିତ୍ର ନୁହେଁ । ଶିବ ଯେ କ୍ଷଣକୋପୀ, ପୁଣି ମଙ୍ଗଳମୟ । ସସ୍ନେହେ ଉତ୍ତର ଦେଲେ ସ୍ୱାମିଜି, ''ବତ୍ସ ! ଜଗତର ହିତ ସାଧନରେ ବ୍ରତୀ ହୁଅ, ଫଳରେ ଆକାଙ୍କ୍ଷା ରଖ ନାହିଁ । ଯଦି ପରର ହିତ ସାଧନା କରି ନର୍କକୁ ଯିବାକୁ ହୁଏ, ସେଥିରେ କ୍ଷତି କ'ଣ । ବରଂ ଜୀବନ ଧନ୍ୟ ହେବ, ଜନ୍ମ ସାର୍ଥକ ହେବ ।''

ସ୍ୱାମିଜି ଶିଷ୍ୟ ଦୁଇଜଣଙ୍କୁ ସଙ୍ଗରେ ନେଇ ମଠର ମନ୍ଦିର ଭିତରକୁ ପ୍ରବେଶ କଲେ ଏବଂ ଠାକୁରଙ୍କ ମୂର୍ତ୍ତି ସାମନାରେ ବସି ଧ୍ୟାନସ୍ଥ ହୋଇଗଲେ । କିଛି ସମୟ ପରେ ଧ୍ୟାନରୁ ଉଠି ଆଶୀର୍ବାଦ ଦେଇ କହିଲେ, ''ମୁଁ ମୋର ଶକ୍ତିକୁ ତୁମ ମଧ୍ୟରେ ସଞ୍ଚାରି ଦେଇଛି । ଭଗବାନ୍ ସର୍ବଦା ତୁମ ସଙ୍ଗରେ ଅଛନ୍ତି, କୌଣସି ଚିନ୍ତା କର ନାହିଁ । ଏବେ ଆଗେଇ ଯାଅ ।'' ଶିଷ୍ୟ ଦୁଇଜଣ ସ୍ୱାମିଜିଙ୍କ ଚରଣଧୂଳି ଗ୍ରହଣ କରି ପ୍ରଚାର କାର୍ଯ୍ୟରେ ଢାକା ଯାତ୍ରା କଲେ ଏବଂ ପର ସପ୍ତାହରେ ସ୍ୱାମୀ ତୁରୀୟାନନ୍ଦ ଓ ସଦାନନ୍ଦ ଗୁଜୁରାଟ ଯାତ୍ରା କଲେ; ଆଗେଇ ଚାଲିଲା ଠାକୁରଙ୍କ ବାଣୀ-ପ୍ରଚାରର ଘୋଷ ଯାତ୍ରା ସାରା ଭାରତରେ । ସ୍ୱାମିଜି ରହିଲେ କେନ୍ଦ୍ରରେ, ମେଢ଼ି ସଦୃଶ ।

ସ୍ୱାମିଜି ବେଲୁଡ଼ ମଠରେ ରହିଥିବାରୁ ପ୍ରତ୍ୟହ ଦଳ ଦଳ କଲେଜ ଛାତ୍ର ଓ ଯୁବଗୋଷ୍ଠୀ ଦର୍ଶନ ଓ ଆଲୋଚନା ପାଇଁ ଆଗ୍ରହୀ ହେଲେ । ଅନୁରୋଧ ସ୍ୱୀକୃତ ହେଲା । ଧର୍ମ, ଦର୍ଶନ, ସାହିତ୍ୟ ଓ ବିଜ୍ଞାନ ସମ୍ବନ୍ଧରେ ଆଲୋଚନା ଚାଲିଲା । ସ୍ୱାମିଜିଙ୍କର ଓଜସ୍ୱିନୀ ବକ୍ତବ୍ୟରେ ଯୁବଗୋଷ୍ଠୀ ଉଦ୍‌ବୁଦ୍ଧ ହୋଇ ଉଠିଲେ । ତାଙ୍କ ଆଗରେ ଭାସି ଉଠୁଥିଲା ଦରିଦ୍ର ଭାରତର ହା-ଅନ୍ନ ଚିତ୍ର, ଚାଷୀ ମୂଲିଆଙ୍କ ନିଷ୍ପେଷଣ । ସ୍ୱାମିଜି ଏସବୁ କଥା ବର୍ଣ୍ଣନା କରୁଥିବା ସମୟରେ କେତେବେଳେ ଭାବଗମ୍ଭୀର ତ କେତେବେଳେ ଆଖିରେ ଅଶ୍ରୁ । ମାତ୍ର ତାଙ୍କର ଯଥେଷ୍ଟ ଭରସା ଥିଲା ନୂଆ ପିଢ଼ିର ଯୁବ ଗୋଷ୍ଠୀଙ୍କ ଉପରେ । ସେ ଦୃଢ଼ତାର ସହ ଘୋଷଣା କରୁଥିଲେ, ''ଦୁଇ ହଜାର ବୀର ହୃଦୟ, ବିଶ୍ୱାସୀ, ଚରିତ୍ରବାନ୍ ଓ ମେଧାବୀ ଯୁବକ ଏବଂ ତିରିଶ କୋଟି ଟଙ୍କା ହେଲେ ମୁଁ ଭାରତକୁ ନିଜ ଗୋଡ଼ରେ ଠିଆ

କରାଇଦେଇ ପାରିବି । ଭାରତ ହେବ ସ୍ୱାବଲମ୍ବୀ ଉନ୍ନତ ରାଷ୍ଟ୍ର ।''

ସ୍ୱାମିଜି ଏକଥା ଜାଣିଥିଲେ ଯେ ଏହା ଏତେ ସହଜ କାର୍ଯ୍ୟ ନୁହେଁ । ପର୍ବତ ପ୍ରମାଣ ବାଧାବିଘ୍ନ ଆମର ଗତିରୋଧ କରିବେ, ନୈରାଶ୍ୟ ଓ ଆଳସ୍ୟ ଆମକୁ ବିଭ୍ରମିତ କରିବେ ତଥାପି ଆମକୁ ଆଗେଇ ଯିବାକୁ ହେବ । ସମ୍ମୁଖରେ ରହିବେ ସନ୍ନ୍ୟାସିବୃନ୍ଦ । ସେମାନେ ସଂସାରର ବନ୍ଧନରୁ ମୁକ୍ତ – ତ୍ୟାଗ ସେମାନଙ୍କର ବ୍ରତ । ଥରେ ସଂଘର ବ୍ରହ୍ମଚାରୀ ଓ ସନ୍ନ୍ୟାସୀଙ୍କ ଆଗରେ ତାଙ୍କର ଭାବନାଟା ପ୍ରକାଶ ପାଇଗଲା, ''ଶୁଣ ବତ୍ସଗଣ ! ଶ୍ରୀରାମକୃଷ୍ଣ ଆସିଥିଲେ ଜଗତର କଲ୍ୟାଣ ନିମନ୍ତେ । ସେଥିନିମନ୍ତେ ସେ ନିଜକୁ ବିସର୍ଜି ଦେଇଛନ୍ତି । ମୋତେ, ତୁମକୁ ଓ ପ୍ରତ୍ୟେକଙ୍କୁ ଜଗତର କଲ୍ୟାଣ ନିମନ୍ତେ ନିଜକୁ ବିସର୍ଜି ଦେବାକୁ ହେବ । ବିଶ୍ୱାସ କର – ଆମରି ହୃଦୟ – କ୍ଷରିତ ରୁଧିର ବିନ୍ଦୁରୁ ମହାମହା ବୀରଯୋଦ୍ଧା ସୃଷ୍ଟି ହେବେ । ସେହିମାନେହିଁ ଜଗତକୁ ଆଲୋଡ଼ିତ କରିବେ । ଏକଥା ମଧ୍ୟ ମନେରଖ, ମୋ ପରି ହଜାର ହଜାର ବିବେକାନନ୍ଦ ବକ୍ତୃତା ଦେବା ପାଇଁ ଶରୀର ଧାରଣ କରି ନରଲୋକକୁ ଆସିବେ, ସେଥିପାଇଁ ଚିନ୍ତାକର ନାହିଁ ।''

ଗୋଟାଏ ଦୀପ ଯେପରି ସହସ୍ର ଦୀପକୁ ଜଳାଇ ଦିଏ, ଗୋଟିଏ ସୂର୍ଯ୍ୟ ଯେପରି ଜଗତକୁ ଜଗାଇ ଦିଏ, ସେହି ଅବସ୍ଥା ଦେଖାଦେଲା ଭାରତବର୍ଷରେ । ଯୁବଗୋଷ୍ଠୀ ଉଦ୍‌ବୁଦ୍ଧ ହେବାକୁ ଲାଗିଲେ, ଚୁମ୍ବକର ସ୍ପର୍ଶରେ ଲୁହା ଆକର୍ଷିତ ହେବାପରି ବାଛି ହୋଇଗଲେ ନିଃସ୍ୱାର୍ଥପର, ବୀର-ହୃଦୟ ଯୁବକଗଣ । ଭାରତବର୍ଷର ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ହେଲା ସେମାନଙ୍କର ବ୍ରତ, ଐକ୍ୟ ଓ ସଙ୍ଗତି ହେଲା ସେମାନଙ୍କର ମନ୍ତ୍ର । ସ୍ୱାମିଜି ଯେଉଁଠି ଶିଥିଳତା ଦେଖୁଥିଲେ, ସେଇଠି ପୁନଃ ପୁନଃ ଅଗ୍ନି ସଂଚାର କରୁଥିଲେ । ସେ ଅଗ୍ନିର ତେଜଃ ଥିଲା ପ୍ରଖର, ବାଡ଼ବାଗ୍ନି ସଦୃଶ, ''ଭାଇମାନେ ଉଠ, ଜାଗ, କେତେଦିନ ଏମିତି ଶୋଇ ରହିଥିବ ? ପୂର୍ବ ଆକାଶରେ ଅରୁଣୋଦୟ ହୋଇଛି, ସୂର୍ଯ୍ୟ ଉଦୟ ହେବାକୁ ଆଉ ବେଶୀ ଡ଼େରି ନାହିଁ । ତୁମ୍ଭେମାନେ ଏବେ ଅଣ୍ଟାଭିଡ଼ି ଲାଗିପଡ଼ – ସଂସାରର ମୋହରେ ବାନ୍ଧିହେଲେ କ'ଣ କିଛି ହେବ ? ଜଗତକୁ ଆସିଛ ଯେତେବେଳେ, ଗୋଟାଏ ଦାଗ ରଖିଯାଅ । ତା' ନ ହେଲେ ଗଛ, ପଥର ତ ଜନ୍ମ ହେଉଛନ୍ତି, ମରୁଛନ୍ତି – ଏଭଳି ଜନ୍ମ ନେଇ ଲାଭ କ'ଣ, ବରଂ ଗୋଟିଏ ମହତ୍ ଉଦ୍ଦେଶ୍ୟ ନେଇ ମର । ହେଇ ଦେଖ, ନିବେଦିତା ଇଂରେଜ ମହିଳା ହୋଇ ମଧ୍ୟ ତୁମମାନଙ୍କର ସେବାକରି ଶିଖିଛି । ତୁମେମାନେ ମଧ୍ୟ ପାରିବ । ତୁମ ମଧ୍ୟରେ ଅନନ୍ତ ଶକ୍ତି ରହିଛି । ସେହି ଶକ୍ତିକୁ ଜଗାଅ । ତେବେ ଯାଇ ତୁମର ବେଦାନ୍ତ ପଢ଼ା ସାର୍ଥକ ହେବ ।

''ଯାଅ, ଏହି ଭାବକୁ ଘରେ ଘରେ ନେଇ ପହଞ୍ଚାଇ ଦିଅ, ତେବେ ତୁମର ମଙ୍ଗଳ ହେବ, ଦେଶର ମଙ୍ଗଳ ହେବ ।''

❑❑❑

ସ୍ୱାମୀ ବିବେକାନନ୍ଦ (୨୧)

# ଭିନ୍ନ ଏକ ପ୍ରସ୍ତୁତି

## ସନ୍ତୋଷ କୁମାର ରଥ

ଅଭିଯାତ୍ରୀ ଯାତ୍ରାକୁ ନେଇ ଜିଏଁ । ସେଇଟାହିଁ ତା' ଜୀବନ, ତା' ଜିଇଁ ରହିବାର ସାର୍ଥକତା । ପୁଣି ଏଇ ଯାତ୍ରା ଯେ ଅସରନ୍ତି, ଏକଥା ବି ତାକୁ ଅଜଣା ନୁହେଁ – ଗୋଟାଏ ଶିଖର ହେଉଛି ଅପର ପଦକ୍ଷେପର ସାନୁ ଦେଶ । ମାତ୍ର ରହିଛି ବହୁ ଭିନ୍ନତା – କିଏ ଲକ୍ଷ୍ୟ ଜାଣେ ହେଲେ ପଥ ଜାଣେ ନା; ପୁଣି କିଏ ପଥ ଜାଣେ ମାତ୍ର ଲକ୍ଷ୍ୟ ତାକୁ ଅଜ୍ଞାତ । ଅବଶ୍ୟ ଜଣା-ଅଜଣାର ଏହି ଗୋଲକଧନ୍ଦାରୁ ମୁକ୍ତହେବାର ଦୃଷ୍ଟାନ୍ତ ମଧ ରହିଛି । ଯିଏ ଯଥାର୍ଥରେ ପ୍ରଜ୍ଞାଧାରୀ ସିଏହିଁ ଏସବୁଥିରୁ ମୁକ୍ତ; ସିଏ ଜୀବନର ଲକ୍ଷ୍ୟ ଜାଣେ, ପୁଣି ଯାତ୍ରାର ସଠିକ୍ ପଥ ମଧ ଜାଣେ । ତା' ପାଇଁ ଯାତ୍ରା ହେଉଛି ଶାଶ୍ୱତଙ୍କର ପଦଚିହ୍ନ । ଆଉ ସିଏହିଁ ହୁଏ ସାଧାରଣଙ୍କ ପାଇଁ ଅସାଧାରଣ; ଯାତ୍ରାର ଅଗ୍ରଦୂତ ଯଥାର୍ଥ ପଥ-ପ୍ରଦର୍ଶକ ।

ସ୍ୱାମିଜିହିଁ ଥିଲେ ଯଥାର୍ଥ ଅଭିଯାତ୍ରୀ : ପ୍ରଜ୍ଞାଧାରୀ ପୁରୁଷ । ତାଙ୍କରି ଆହ୍ୱାନରେ ଉଦ୍‌ବୁଦ୍ଧ ଜନତା ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ହେଉଥିଲେ ଏବଂ ସେମାନଙ୍କର ଯାତ୍ରାର ଦିଶାରୀ କ୍ରମଶଃ ପରିଷ୍କାର ହୋଇ ଯାଉଥିଲା । କେବଳ ଯେ ଭାରତୀୟମାନେ ଏହାର ଅଧିକାରୀ ଥିଲେ, ତା' ନୁହେଁ । ସ୍ୱାମିଜିଙ୍କର ମାନବପ୍ରୀତି ବ୍ୟାପି ଯାଇଥିଲା ଦେଶ ଦେଶାନ୍ତର । ସେ ଜାଣିଥିଲେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅଭିବୃଦ୍ଧି ନ ହେବାଯାଏଁ ମାନବଜାତିର ଯଥାର୍ଥ ବିକାଶ ଅସମ୍ଭବ । ସେଇଥିପାଇଁ ବୋଧେ ଦ୍ୱିତୀୟ ଥର ପାଶ୍ଚାତ୍ୟ ଭ୍ରମଣର ସିଦ୍ଧାନ୍ତ ନେଲେ ସ୍ୱାମିଜି । ସେଦିନ ଥିଲା ୧୮୯୯ ମସିହାର ଜୁନ ୨୦ ତାରିଖ । ସ୍ୱାମିଜି 'ଗୋଲକୁଣ୍ଡା' ଜାହାଜରେ ବସି କଲିକତାରୁ ଇଂଲଣ୍ଡ ଅଭିମୁଖେ ଯାତ୍ରାକଲେ । ଏହି ସମ୍ବାଦ ଅଚିରେ ପ୍ରସରି ଗଲା । ମାନ୍ଦ୍ରାଜବାସୀ ସ୍ୱାମିଜିଙ୍କୁ ବିଦାୟ ଅଭିନନ୍ଦନ ଜଣାଇବାକୁ ପ୍ରସ୍ତୁତ ହୋଇଗଲେ । ଆୟୋଜିତ ହେଲା ଏକ ବିରାଟ ସାଧାରଣ ସଭା । ସଭିଏଁ ଆନନ୍ଦରେ ଉଦ୍‌ବିଗ୍ନ, ଅପେକ୍ଷା କରି ରହିଥା'ନ୍ତି ସୂର୍ଯ୍ୟକାନ୍ତିଯୁକ୍ତ ସନ୍ନ୍ୟାସୀ – ସ୍ୱାମୀ ବିବେକାନନ୍ଦଙ୍କୁ ।

ସେହି ପ୍ରତୀକ୍ଷିତ ସୂର୍ଯ୍ୟୋଦୟ ଆଉ ବେଶୀ ଡେରି ନ ଥିଲା । 'ଗୋଲକୁଣ୍ଡା' ଜାହାଜ ମାନ୍ଦ୍ରାଜରେ ନଙ୍ଗର ପକାଇଲା । ମାତ୍ର ହଠାତ୍ ସମ୍ବାଦ ମିଳିଲା ଯେ ସ୍ୱାମିଜି ଜାହାଜରୁ ଓହ୍ଲାଇବେ ନାହିଁ । ସତେ ଯେମିତି ପୂର୍ବ ଆକାଶରେ ମେଘ ଛାଇ ହୋଇଗଲା, ଲିଭିଗଲା ସଜ ସକାଳର ଦ୍ୟୁତି । ସଭିଏଁ ଉଦାସ, ଭଗ୍ନ ମନୋରଥ । ଯେତେ ନେହୁରା ହେଲେ ବି କର୍ତ୍ତୃପକ୍ଷ ନାରାଜ – କଲିକତାରେ ପ୍ଲେଗ୍ ରୋଗର ପ୍ରକୋପ ଯେପର୍ଯ୍ୟନ୍ତ ପ୍ରଶମିତ ନ ହୋଇଛି ସେପର୍ଯ୍ୟନ୍ତ କଲିକତାର କୌଣସି ଯାତ୍ରୀଙ୍କୁ ମାନ୍ଦ୍ରାଜରେ ଓହ୍ଲାଇ ଦିଆଯିବ ନାହିଁ । ସ୍ୱାମିଜିଙ୍କ ପାଇଁ ମଧ ଏହି ନିୟମ ବଳବତ୍ତର ରହିଲା । ବରଂ ଅଧିକ କଠୋର ହୋଇ ଉଠିଲେ କର୍ତ୍ତୃପକ୍ଷ କାରଣ ଶାସକ ଗୋଷ୍ଠୀ ସ୍ୱାମିଜିଙ୍କ ଉପରେ ସନ୍ତୁଷ୍ଟ ନ ଥିଲେ । ସ୍ୱାଧୀନତାର ଅଗ୍ନି ଯାହା ଭିତରେ ଦାଉ ଦାଉ ହୋଇ ଜଳୁଛି, ପୁଣି ଯିଏ ବାଡ଼ବାଗ୍ନି ସଦୃଶ ପ୍ରସରି ଯାଉଛି କ୍ଷଣକ ମଧରେ, ତାକୁ ଅନୁଗତ କରିବାର ଆସ୍ପର୍ଦ୍ଧା ସେମାନେ ହରାଇ ବସିଥିଲେ । ସେଇଥିପାଇଁ ବୋଧେ କାଶ୍ମୀରରେ ମଠ ନିର୍ମାଣ କରିବାର ଅନୁରୋଧ ସରକାର ଅଗ୍ରାହ୍ୟ କରିଥିଲେ । କାରଣ ସେମାନେ ବୁଝି ସାରିଥିଲେ – ସ୍ୱାମିଜି ଅସାଧାରଣ, ଐଶ୍ୱରୀଶକ୍ତିସମ୍ପନ୍ନ । ଭାରତରେ ଐକ୍ୟ ପ୍ରତିଷ୍ଠା କରିବା ପାଇଁ ସେହିଁ ଅନନ୍ୟ ।

ପ୍ରତୀକ୍ଷିତ ଜନତାଙ୍କ ମଧରେ କେହି କେହି ନୌକା ଭଡ଼ାକରି ସ୍ୱାମିଜିଙ୍କ ଦର୍ଶନ ନିମନ୍ତେ ଜାହାଜ ନିକଟକୁ ଗଲେ । ସ୍ୱାମିଜି ଡେକ୍ ଉପରୁ ସମସ୍ତଙ୍କୁ ଦର୍ଶନ ପ୍ରଦାନ କଲେ ଏବଂ ଅଭିବାଦନ ଗ୍ରହଣ କଲେ । ବଡ଼ ହୃଦୟସ୍ପର୍ଶୀ ସେ ଦୃଶ୍ୟ । ଆଖିରେ ଲୁହ, ହୃଦୟରେ କୋହ । ଭ୍ରାତୃତ୍ୱର ବନ୍ଧନକୁ ପରାଧୀନତାର ଶୃଙ୍ଖଳ ସତେ ଯେମିତି ବିଚ୍ଛିନ୍ନକରି ଦେବାକୁ ଚାହୁଁଥିଲା । ମାତ୍ର କେତେ ଦିନ ! ବିଜୁଳିର ଚମକ, ଘଡ଼ଘଡ଼ିର ରଡ଼ିକୁ କେହି କ'ଣ ଏଡ଼ାଇ ଦେଇପାରିବ ? ବରଂ ସେଦିନ ସ୍ୱାମିଜି ନେଇଥିବେ ଅଗ୍ନି ଶପଥ – ଭାରତର ମୁକ୍ତି ଅନିବାର୍ଯ୍ୟ । ସ୍ୱାମିଜି ଡେକ୍ ଉପରୁ ବାହୁଡ଼ି ଯାଇଥିଲେ ବି ଜାହାଜ ବନ୍ଦର ନ ଛାଡ଼ିବାଯାଏ କେହି ବାହୁଡ଼ି ନ ଥିଲେ ।

'ବ୍ରହ୍ମବାଦିନ୍' ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ କେତେକ

ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ଏବଂ ଶ୍ରୀ ଗୁରୁଦେବଙ୍କର ସାନ୍ନିଧ୍ୟ ଲାଭ କରିବା ଉଦ୍ଦେଶ୍ୟରେ ଆଲସିଙ୍ଗା ମହାଶୟ ସେହି ଜାହାଜରେ ମାନ୍ଦ୍ରାଜରୁ କଲମ୍ବୋ ଯାତ୍ରାକଲେ । ଚାରିଦିନ ପରେ ଜାହାଜ କଲମ୍ବୋରେ ପହଞ୍ଚିଲା । ଜୟ ଜୟକାରରେ ମୁଖରିତ ହୋଇଉଠିଲା ସିଂହଳର ବେଳାଭୂମି । ଯୋଗକୁ କଲମ୍ବୋର କର୍ତ୍ତୃପକ୍ଷ ପ୍ଲେଗ୍ ରୋଗର ବିଭୀଷିକାକୁ ଅତିରଞ୍ଜନ କରି କୌଣସି ପ୍ରକାର ଆଇନ ପ୍ରଣୟନ କଲେ ନାହିଁ । ସ୍ୱାମିଜି ସ୍ୱଚ୍ଛନ୍ଦରେ ଜାହାଜରୁ ଅବତରଣ କରି ବହୁ ପୁରାତନ ବୌଦ୍ଧ ବାଳିକା ବିଦ୍ୟାଳୟର ଛାତ୍ରାବାସ ପରିଦର୍ଶନ କରିବାକୁ ଗଲେ । ସେଠାରେ ସ୍ୱାମିଜିଙ୍କୁ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଗଲା ।

ଦୀର୍ଘ ଯାତ୍ରା ଆରମ୍ଭ ହେଲା – ଜାହାଜ କଲମ୍ବୋ ବନ୍ଦରରୁ ଏଡେନ୍ ଅଭିମୁଖେ ଚାଲିଲା । ସ୍ୱାମିଜିଙ୍କ ସଙ୍ଗରେ ଥିଲେ ସ୍ୱାମୀ ତୁରୀୟାନନ୍ଦ ଓ ଭଗିନୀ ନିବେଦିତା । ଦୀର୍ଘ ଛଅ ସପ୍ତାହ କାଳ ଶ୍ରୀଗୁରୁଦେବଙ୍କ ସଙ୍ଗରେ ରହି ନିବେଦିତା ଭାରତର ସଂସ୍କୃତି, କଳା ଓ ସାହିତ୍ୟ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ ଏବଂ ନିଜ ଜୀବନରେ ସେସବୁକୁ ପ୍ରୟୋଗ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ତାଙ୍କ ମଧ୍ୟରେ ରହିଥିବା ଅଜ୍ଞାନ ଅନ୍ଧକାର ସୂର୍ଯ୍ୟଙ୍କର ସ୍ପର୍ଶ ଲାଭକଲା, ସେ ବହୁତ ନିକଟରୁ ଅନୁଧ୍ୟାନ କଲେ ଗୁରୁଦେବଙ୍କ ଜୀବନଚର୍ଚ୍ଚା, ଆଦର୍ଶ ଓ ପ୍ରଶସ୍ତ ହୃଦୟକୁ । ସେହି ସମୟର ଅମୂଲ୍ୟ କଥୋପକଥନ ଓ ଆଲୋଚନାକୁ ଭିତ୍ତିକରି ସେ ରଚନା କରିଥିଲେ ଏକ ଅଭିନବ ପୁସ୍ତକ ଯେଉଁଥିରେ ସ୍ୱାମିଜିଙ୍କ ଜୀବନ ଦର୍ଶନକୁ ଏକ ଉଚ୍ଚତମ ଭିତ୍ତିରୁ ଅବଲୋକନ କରାଯାଇଥିଲା । ସ୍ୱାମିଜି ଥିଲେ ତାଙ୍କ ପାଇଁ ସର୍ବସ୍ୱ, ତାଙ୍କର ଆରାଧ୍ୟ । ସେ ସେହି ପୁସ୍ତକଟିର ନାମ ରଖିଥିଲେ – My Master as I saw Him (ମୋ ପ୍ରଭୁ : ମୋ ଦୃଷ୍ଟିରେ) ।

ସମୁଦ୍ର ଯାତ୍ରା ସମୟରେ ସ୍ୱାମିଜିଙ୍କ ଗହ୍ୱରେ ଜୁଆର ଖେଳୁଥିଲା – କେତେବେଳେ ଭାବବିଭୋର ତ କେତେବେଳେ ଗୁରୁଗମ୍ଭୀର । ସବୁ କିନ୍ତୁ ଅପୂର୍ବ ପୁଳକଭରା, ଅଥଚ, ରହସ୍ୟ ମଝି ସମୁଦ୍ର ପରି ଅଥଳ । ଦିନେ ଅପରାହ୍ଣର ଦୃଶ୍ୟ ଉପଭୋଗ କରୁ କରୁ ସ୍ୱାମିଜି କହି ପକାଇଲେ, ''ଦେଖ, ଯେତେ ଦିନ ଯାଉଛି, ମୁଁ ସେତେ ସେତେ ଉପଲବ୍ଧି କରୁଛି ଯେ, ମନୁଷ୍ୟତ୍ୱ ଲାଭହିଁ ଜୀବନର ସର୍ବଶ୍ରେଷ୍ଠ ସାଧନା । ଏହି ଅଭିନବ ବାର୍ତ୍ତାକୁ ମୁଁ ସାରା ଜଗତରେ ପ୍ରଚାର କରିବି । ଏହି କଥା ମଧ୍ୟ କହିବି ଯେ – ଯଦି ଅନ୍ୟାୟ କରିବାକୁ ହୁଏ, ତେବେ ତାହା ମଣିଷ ପରି କର । ଯଦି ଦୁଷ୍ଟ ହେବାକୁ ହୁଏ, ତେବେ ବଡ଼ ଦୁଷ୍ଟ ହୁଅ । ମାତ୍ର ସବୁକିଛି ଭଗବାନଙ୍କ ଉଦ୍ଦେଶ୍ୟରେ ଓ ଭଗବାନଙ୍କ ନିର୍ଦ୍ଦେଶରେ ।''

ଆଉ ଦିନେ ସ୍ୱାମିଜି ଜାହାଜର ଡେକ୍ ଉପରେ ଠିଆ ହୋଇ ପଶ୍ଚିମ ଆକାଶକୁ ଚାହିଁ ରହିଥିଲେ । ଆଖି ତାଙ୍କର ସ୍ଥିର ହୋଇ ଯାଇଥିଲା ଅସ୍ତାଚଳ ସୂର୍ଯ୍ୟଙ୍କ ଉପରେ । ସୂର୍ଯ୍ୟଙ୍କର ରକ୍ତିମ ଆଭାରେ ଝଟକୁ ଥିଲା ପୀତ ବସ୍ତ୍ର, ମୁଖର ଦ୍ୟୁତି । ଅଦୂରରେ ଥିବା ଏଟ୍‌ନା ଆଗ୍ନେୟଗିରିର ଶିଖରରୁ ବାହାରୁଥିବା ଧୂଆଁସବୁ ମେଘକୁ ଧୂସର କରି ଦେଉଥିଲା । କ୍ରମେ ଅନ୍ଧାର ଭିତରୁ ଉଇଁଲେ ତାରା ଆଉ ଚାନ୍ଦ । ସମୁଦ୍ରପାଣି ଚକ୍ ଚକ୍ କରି ଉଠିଲା । ସନ୍ଧ୍ୟାର ଏହିଭଳି ସନ୍ଧିକ୍ଷଣରେ ଜାହାଜ କ୍ରମେ ମେସିନା ପ୍ରଣାଳୀରେ ପ୍ରବେଶ କରିବାକୁ ଲାଗିଲା । ସ୍ୱାମିଜି ସେମିତି ଡେକ୍ ଉପରେ ଠିଆ ହୋଇ ରହିଥା'ନ୍ତି । ପ୍ରକୃତିର ଶୋଭାରେ ବିଭୋର – ଜଳ ପରି ତରଳ, ତଲ୍ଲୀନ । ସେହି ବିମୁଗ୍ଧ ଅବସ୍ଥା, ଅଜାଣତରେ ତାଙ୍କ ପାଟିରୁ ବାହାରି ଆସିଲା, ''ମେସିନା ମୋତେ ଧନ୍ୟବାଦ ଦେବ ! କାରଣ ମୁଁ ତୁମକୁ ଏପରି ଅତୁଳ ସୌନ୍ଦର୍ଯ୍ୟ ପ୍ରଦାନ କରିଛି ।'' ସ୍ୱାମିଜି ସଚେତନ ହୋଇଉଠିଲେ । ଲଜ୍ଜିତ ହେଲେ । ସମୟେ ସମୟେ ଏମିତି ଘଟୁଥିଲା । ଦେବାଂଶ ଜାତ ସନ୍ନ୍ୟାସୀଙ୍କର ମୁଖରୁ ଯେ ସତ୍ୟ ନିସୃତ ହୋଇ ଯାଇଥିଲା ଏକଥା ମିଛ ନୁହେଁ – ମାତ୍ର ସବୁ ସତ୍ୟକୁ ମଣିଷ ସହ୍ୟ କରିପାରେ ନାହିଁ । ସେଇଥିପାଇଁ ଅବତାର ଓ ବିଭୂତିମାନେ ମଣିଷର ମୁଖା ପିନ୍ଧିଥା'ନ୍ତି, ଅଜ୍ଞାନତାର ପତଳା ପରଦାକୁ ସାଞ୍ଜୁ କରିଥା'ନ୍ତି ।

ଜୁଲାଇ ଏକତିରିଶ ତାରିଖରେ ସ୍ୱାମିଜି ଲଣ୍ଡନରେ ପହଞ୍ଚିଲେ । ପୁରାତନ ବନ୍ଧୁ, ଶିଷ୍ୟ ଓ ଦର୍ଶନାର୍ଥୀମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା । ସଭିଏଁ ସ୍ୱାଗତ ଅଭିନନ୍ଦନ ଜଣାଇବାକୁ ଆଗଭର । ସ୍ୱାମିଜି ଏଥର ଦର୍ଶନାର୍ଥୀ ଓ ଜିଜ୍ଞାସୁମାନଙ୍କ ସହ ବ୍ୟକ୍ତିଗତ ଧର୍ମ ଆଲୋଚନା ବ୍ୟତୀତ ସାଧାରଣ ସଭାସମିତିରେ ବକ୍ତୃତା ଦେବା ପାଇଁ ଉତ୍ସୁକ ନ ଥିଲେ । କ୍ରମେ ଆଗମନର ସମ୍ବାଦ ପ୍ରସରି ଗଲା ଦେଶ ଦେଶାନ୍ତର । ଆମେରିକାର ବନ୍ଧୁମାନଙ୍କର ଆଗ୍ରହକୁ ଏଡ଼ାଇ ଦେବା ସମ୍ଭବପର ହେଲା ନାହିଁ । ବାଧହୋଇ ସ୍ୱାମିଜି ମାତ୍ର ଦୁଇ ସପ୍ତାହର ରହଣି ପରେ ଆମେରିକା ଯାତ୍ରା କଲେ, ସଙ୍ଗରେ ଥିଲେ ସ୍ୱାମୀ ତୁରୀୟାନନ୍ଦ ଓ ଆମେରିକୀୟ ଶିଷ୍ୟା

ଦୁଇଜଣ । ଯାତ୍ରା ସମୟରେ ସ୍ୱାମିଜି ପ୍ରକୃତିର ଶୋଭାରେ ବିଭୋର ହୋଇ ଉଠୁଥିଲେ, ଜ୍ୟୋସ୍ନାର ସୌନ୍ଦର୍ଯ୍ୟ ଓ ସ୍ନିଗ୍ଧତା ଭିତରେ ନିଜକୁ ଏତେ ବେଶୀ ଜଡ଼ାଇ ରଖୁଥିଲେ ଯେ ବାହ୍ୟ ଚଳଣିରେ ଭିନ୍ନତା ଦେଖା ଦେଉଥିଲା । ସେତେବେଳେ ସେ ରହୁଥିଲେ ଭିନ୍ନ ଏକ ଜଗତରେ, କାହିଁ କେତେ ଊର୍ଦ୍ଧ୍ୱରେ । ଥରେ ଭିତରର ଭାବ ତାଙ୍କର ପ୍ରକାଶ ପାଇଗଲା, ‘‘ମାୟାରାଜ୍ୟର ଦୃଶ୍ୟଗୁଡ଼ିକ ଯଦି ଏତେ ସୁନ୍ଦର, ତେବେ ଏହାର ପଶ୍ଚାତରେ ରହିଥିବା ସେହି ସତ୍ୟ ସ୍ୱରୂପ କେତେ ସୁନ୍ଦର ନ ହୋଇଥିବେ ! ହେ ଭଗବାନ୍ ଧନ୍ୟ ତୁମେ, ଧନ୍ୟ ତୁମର ସୃଷ୍ଟି ।’’

ସ୍ୱାମିଜି ସେଠାରେ ପହଞ୍ଚିବା ପରେ ଦର୍ଶନାର୍ଥୀମାନଙ୍କର ସଂଖ୍ୟା ଅସମ୍ଭବ ପ୍ରକାରେ ବଢ଼ିବାକୁ ଲାଗିଲା । ବକ୍ତୃତା ଦେବା ପାଇଁ ସମସ୍ତଙ୍କର ଅନୁରୋଧ । ଅଳ୍ପ କିଛିଦିନ ପରେ ସ୍ୱାମିଜି ‘ଗୋଲଡେନ୍ ଗେଟ୍’ ହଲ୍‌ରେ ହଜାର ହଜାର ଶ୍ରୋତୃବୃନ୍ଦଙ୍କ ସମ୍ମୁଖରେ ପ୍ରଥମ ଓ ସୁପ୍ରସିଦ୍ଧ ବକ୍ତୃତା ପ୍ରଦାନ କଲେ । ଶୀର୍ଷକ ଥିଲା – ‘ସାର୍ବଜନୀନ ଧର୍ମର ଆଦର୍ଶ’ । ଶ୍ରୋତୃମଣ୍ଡଳୀ ମନ୍ତ୍ରମୁଗ୍ଧ, ବହୁ ସଂଖ୍ୟକ ଶ୍ରୋତା ଦୀର୍ଘ ଦୁଇଘଣ୍ଟା କାଳ ଦଣ୍ଡାୟମାନ ହୋଇ ରହିଥିଲେ ।

ସଭା ସାଙ୍ଗ ପରେ ଶ୍ରୋତୃମଣ୍ଡଳୀ ସ୍ୱାମିଜିଙ୍କର ଓଜସ୍ୱିନିତାକୁ କେବଳ ତାରିଫ୍ କଲେ ନାହିଁ ବରଂ ଅନୁଭବ କଲେ – ଏହିଁ ସେହି ପ୍ରଜ୍ଞାଧାରୀ ପୁରୁଷ ଯିଏକି ବାସ୍ତବରେ ଦେବଦୂତ ରୂପେ ଜଗତର କଲ୍ୟାଣ ନିମନ୍ତେ ଅବତୀର୍ଣ୍ଣ ହୋଇଛନ୍ତି । ସଭିଏଁ ଉଚ୍ଚକଣ୍ଠରେ ସାଧୁବାଦ ପ୍ରଦାନ କଲେ । ପ୍ରତ୍ୟହ ଛାତ୍ରମାନଙ୍କ ସହ ଯୋଗଶିକ୍ଷା ଓ ଆଳାପ ଆଲୋଚନାରେ ବ୍ୟସ୍ତରହି ସ୍ୱାମିଜି ବିଶ୍ରାମ ପାଇଁ ଅବସର ପାଉ ନ ଥିଲେ ସତ, ମାତ୍ର ତାଙ୍କଠାରେ ପୂର୍ବର ସେ କର୍ମ ପ୍ରବଣତା କି ଉଦ୍ଧାମତାର ଚିହ୍ନ ନ ଥିଲା । ବରଂ ଅନେକ ସମୟରେ ସେ ଭାବାବିଷ୍ଟ ହୋଇ ଯାଉଥିଲେ, ବୈରାଗ୍ୟ ଓ ଉଦାସ ତାଙ୍କୁ ଆବୋରି ବସୁଥିଲା । ଠିକ୍ ଯେମିତି ହୋଇଥିଲା କ୍ଷୀରଭବାନୀ ଓ ଅମରନାଥଙ୍କ ଦର୍ଶନ ପରେ । ସେଠାରେ ଥିବାବେଳେ ସେ ଏକ ଚିଠିରେ ଲେଖିଥିଲେ :

‘‘... ଜୀବନରେ ଅନେକ ସଂଗ୍ରାମ କରିଛି, ହାର-ଜିତ ହୋଇଛି – ବର୍ତ୍ତମାନ ପୁଟୁଳି ବାନ୍ଧି ସେହି ମହାନ୍ ମୁକ୍ତିଦାତାଙ୍କ ଅପେକ୍ଷାରେ ବସିଛି । ହେ ଶିବ ! ପାର କର ମୋର ନଉକା – ହେ ଶିବ ମୋ ତରିକୁ ପାର କରାଇ କୂଳକୁ ନେଇଯାଅ ।’’

‘‘ଅନେକ ଦିନ ହେଲା ମୁଁ ନେତୃତ୍ୱ ଛାଡ଼ି ଦେଇଛି । କୌଣସି ବିଷୟରେ ଏଇଟା ମୋର ଇଚ୍ଛା ବୋଲି କହିବାର ଅଧିକାର ମୋର ନାହିଁ । ତାଙ୍କରି ଇଚ୍ଛା ସ୍ରୋତରେ ମୁଁ ନିଜକୁ ଭସାଇ ଦେଇଛି । ଏଇଟାହିଁ ଜୀବନ, ଏଇଟାହିଁ ପରମ ମଧୁମୟ ମୁହୂର୍ତ୍ତ ବୋଲି ମନେହୁଏ ।... ଇତି ପୂର୍ବରୁ ମୋ କର୍ମ ଭିତରେ ଯଶମାନର ଭାବନା ଉଠିଥିଲା, ମୋ ଭଲ ପାଇବା ମଧ୍ୟରେ ବ୍ୟକ୍ତି ବିଚାର ଆସୁଥିଲା, ମୋ ପବିତ୍ରତା ମଧ୍ୟରେ ଫଳ-ଭୋଗର ଆକାଂକ୍ଷା ଥିଲା, ମୋ ନେତୃତ୍ୱ ମଧ୍ୟରେ ପ୍ରଭୁତ୍ୱର ଅନୁରାଗ ଥିଲା । ଏବେ ସେସବୁ ନିଶ୍ଚିହ୍ନ । ମୁଁ ସକଳ ବିଷୟରେ ଉଦାସୀନ – ତୁମରି ଇଚ୍ଛା ପୂର୍ଣ୍ଣହେଉ । ମା, ତୁମ ସ୍ନେହମୟ ବକ୍ଷରେ ମୋତେ ଧାରଣ କର । ଯେଉଁଆଡ଼େ ତୁମେ ମୋତେ ନେଇଯିବାକୁ ଚାହୁଁଛ, ସେହି ଅଶବ୍ଦ, ଅସ୍ପର୍ଶ, ଅଜ୍ଞାନ, ଅଦ୍ଭୁତ ରାଜ୍ୟକୁ ନେଇଯାଅ, ମୋର କୌଣସି ଦ୍ୱିଧା ନାହିଁ ।

‘‘ହଁ ଏବେ ମୁଁ ଠିକ୍ ଦେଖିପାରୁଛି । ମୋ ଆଗରେ ଅପାର, ଅନନ୍ତ ନିର୍ବାଣ-ସମୁଦ୍ର । ଗୋଟାଏ ଅସୀମ ଶାନ୍ତି । ମାୟାର ଏତେ ଟିକିଏ ଚିହ୍ନ ବର୍ଣ୍ଣ ନାହିଁ କି ସେହି ଶାନ୍ତିକୁ ଚହଲାଇ ପାରୁ ନାହିଁ । ମୁଁ ପ୍ରସ୍ତୁତ ମା, ମୁଁ ଏବେ ପ୍ରସ୍ତୁତ ।’’ ଏସବୁ ଆଉ କିଛି ନୁହେଁ; ପ୍ରସ୍ତୁତି ଭିନ୍ନ ଏକ ଯାତ୍ରା ଲାଗି ।

❑❑❑

ମୋର ସକଳ ସନ୍ତାନଙ୍କୁ, ସେମାନେ ପୃଥିବୀର ଯେ କୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଇଥାଏ ତାହା ତୋତେ ପ୍ରଦାନ କରୁଛି ଏବଂ ତୋତେ କହୁଛି, ‘‘ନିଜକୁ ପ୍ରସ୍ତୁତ କର, ମୋ ସାହାଯ୍ୟ ତୋ ସହ ସବୁବେଳେ ରହିବ ।’’

– ଶ୍ରୀମା

## ସ୍ୱାମୀ ବିବେକାନନ୍ଦ (୨୨)

# ପ୍ରେରଣାର ପବିତ୍ର ପ୍ଲାବନ

**ସନ୍ତୋଷ କୁମାର ରଥ**

ଆକାଶରେ ସାତ ରାଇଜର ମେଘ । ଧୂମାଳ ଘୋଟିଗଲା ଚୌଦିଗକୁ । ଆଖିକାନ ଆକତା ମାକତା । ଦ୍ରୁମସବୁ ଦୁହିଁ ହୋଇଗଲେ । ହେଲେ ଲମ୍ବା ଲହକା ନଡ଼ିଆ ଗଛଟା ଖାଲି ସାଇଁ ସାଇଁ ହୋଇ ଦୋହଲୁଥାଏ ତଳୁ ଉପର – ଉପରୁ ତଳ । ଦୋହଲୁଥାଏ ସେଇ ଗଛରେ ବନ୍ଧା ଛୋଟ ବସାଟି । ଅଣ ଆୟତ୍ତ । ମାତ୍ର ତା' ଭିତରର ପକ୍ଷୀଟି – ନିଶ୍ଚୁପ୍, ନିରୁଦ୍‌ବିଗ୍ନ । ସତେ ଯେମିତି ଝଡ଼ର ଝଟକା ତାକୁ ଛୁଉଁ ନ ଥାଏ ।... ଝଡ଼ ଥମିଗଲା, ଆଉଜା ଆକାଶଟାରୁ ମେଘ ଆଡ଼େଇ ହୋଇଗଲା । ଭଙ୍ଗା, ଦଦରା ଗଛସବୁ ଚାହିଁଲେ ଊର୍ଦ୍ଧ୍ୱକୁ – କ୍ଷୁବ୍ଧ, ଅଶାନ୍ତ, ଅସନ୍ତୁଷ୍ଟ । ସତେ ଯେମିତି ଭଗବାନହିଁ ଏସବୁଥି ପାଇଁ ଦାୟୀ ଏବଂ ଅପରାଧୀ । କ୍ଷୟକ୍ଷତିକୁ ମାଜଣା କରି ବର୍ଷିଗଲା ଗାଳି, ଅସରା ପରେ ଅସରା । ନିଶ୍ଚୁପ୍ ପକ୍ଷୀଟି କିନ୍ତୁ ଚୁପି ଚୁପି ହସିଲା । ସେ ଜାଣେ, ଭଲକରି ଜାଣେ – ଭଗବାନ୍ ପ୍ରକୃତରେ ପ୍ରତ୍ୟକ୍ଷ ଭାବରେ କିଛି ବି କରନ୍ତି ନାହିଁ । ସେ ସବୁକିଛି କରାନ୍ତି ପ୍ରକୃତି ମାଧ୍ୟମରେ । ସେ ସବୁର ପଶ୍ଚାତରେ ରହି ଅବଲୋକନ କରନ୍ତି, ସେହିଁ ସମସ୍ତ କର୍ମର ଦ୍ରଷ୍ଟା, ବିଶ୍ୱର ଚକ୍ଷୁ, ସେ ସକଳର ସାକ୍ଷୀ । ଆଉ ପରିବର୍ତ୍ତନ ହେଉଛି ପ୍ରକୃତିର ଧର୍ମ, ବିବର୍ତ୍ତନର ହେତୁ । ବିବର୍ତ୍ତନର ଗତି ସବୁବେଳେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ । ତେଣୁ ଝଡ଼ ହେଉ ଅଥବା ଶାନ୍ତ ସମୀରଣ ହେଉ, ସମସ୍ତ ପ୍ରକାରର ଅପୂର୍ଣ୍ଣତାର ଅନ୍ତରାଳରେ ରହିଛି ଏକ ଦିବ୍ୟ-ପରିପୂର୍ଣ୍ଣତା । ଏହି ପୂର୍ଣ୍ଣତାର ପରିପ୍ରକାଶ ଘଟିବା ଅବଶ୍ୟ ସମୟ ସାପେକ୍ଷ, କାରଣ ଏଥିପାଇଁ ରହିଛି ବହୁ ପ୍ରତିବନ୍ଧକ, ବହୁ ସୋପାନ, ବହୁ ଆବରଣ । ଆମ୍ଭମାନଙ୍କୁ ସେସବୁକୁ ଅତିକ୍ରମ କରିବାକୁ ହେବ, ସେସବୁକୁ ଉନ୍ମୋଚନ କରିବାକୁ ହେବ । ଝଡ଼ ହେଉଛି ଏଥି ନିମନ୍ତେ ଏକ ସହାୟକ, ଏକ ଆମନ୍ତ୍ରଣ ।

ଝଡ଼ ଭିତରର ହେଉ ବା ବାହାରର ହେଉ, ସେସବୁର ସମ୍ମୁଖୀନ ହୋଇ ସେଥିରୁ ବର୍ତ୍ତିବାକୁ ସ୍ୱାମିଜି ସଦାସର୍ବଦା ଉପଦେଶ ଦେଉଥିଲେ । ଏବଂ ନିଜେ ଥିଲେ ତାହାର ଏକ ଦୃଷ୍ଟାନ୍ତ । ତାଙ୍କର ଆଚରଣ ଥିଲା ଗୀତାର ବର୍ଣ୍ଣିତ ଶ୍ଳୋକ ପରି ''ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।,'' ଦୁଃଖରେ ଉଦ୍‌ବିଗ୍ନ ନୁହେଁ କି ସୁଖରେ ଉତ୍‌ଫୁଲ୍ଲ ନୁହେଁ । ସମଦର୍ଶିତା ଥିଲା ତାଙ୍କର ସ୍ୱଧର୍ମ ।

ଏହି ଝଡ଼କୁ ଆଲେଖ୍ୟ କରି ସ୍ୱାମିଜି ବିଦେଶରେ ଥିବାବେଳେ ତାଙ୍କର ଜଣେ ଶିଷ୍ୟଙ୍କ ପାଖକୁ ଲେଖିଥିଲେ – ''ଜୀବନ ହେଉଛି କେତେଗୁଡ଼ିଏ ଘାତ-ପ୍ରତିଘାତ ଓ ଭୁଲ୍-ଭଙ୍ଗିମାର ସମଷ୍ଟି ମାତ୍ର । ଜୀବନର ଉଦ୍ଦେଶ୍ୟ ଭୋଗ ନୁହେଁ – ଆତ୍ମିକ ଶିକ୍ଷା । ଏହାକୁ ବହୁ ପ୍ରକାରର ଅଭିଜ୍ଞତା ଭିତର ଦେଇ ଶିକ୍ଷା କରିବାକୁ ହୋଇଥାଏ । କିନ୍ତୁ ହାୟ ! ଯେତେବେଳେ ଆମର ପ୍ରକୃତ ଶିକ୍ଷା ଆରମ୍ଭ ହୁଏ, ଠିକ୍ ସେତିକିବେଳେହିଁ ଉପରୁ ଡାକରା ଆସେ । ଏହାହିଁ ହେଉଛି ଜୀବନ । ଜୀବନରେ ଆସେ ବହୁ ଝଡ଼ଝଞ୍ଜା, ଘୂର୍ଣ୍ଣିବାୟୁର ପ୍ରବାହ । ଏକଥା ମନେରଖ,– କାର୍ଯ୍ୟ ଉପର ଦେଇ ଝଡ଼ଟିଏ ବହିଗଲେ ତାହା ମଙ୍ଗଳକର; ତଦ୍ୱାରା ସବୁ ପରିଷ୍କାର ହୋଇଯାଏ ଏବଂ ଜିନିଷର ଅସଲ ରୂପଟି ଆମ ଆଗରେ ଫୁଟିଉଠେ । ପୁଣି ସେ କାମକୁ ନୂଆ କରି ଗଢ଼ିବାକୁ ହୁଏ – ବଜ୍ରଦୃଢ ଭିତ୍ତିରେ । ଏହାହିଁ ମୋର ଶୁଭେଚ୍ଛା ବୋଲି ଜାଣିବ ।''

ସ୍ୱାମିଜିଙ୍କ ଲେଖାରେ ଥିଲା ବିଦ୍ୟୁତ୍‌ର ସ୍ଫୁଲିଙ୍ଗ, ବାକ୍‌ରେ ବଜ୍ରର ନିର୍ଘୋଷ । ମାତ୍ର ତାଙ୍କ ଆଚରଣ ଥିଲା ଶାନ୍ତ-ସମାହିତ । ଯେ କେହି ତାଙ୍କ ସଂସ୍ପର୍ଶରେ ଆସୁଥିଲେ, ତାଙ୍କ ଅନ୍ତରର ସୁବାସକୁ ଆଘ୍ରାଣ କରିବା ପାଇଁ ମନ ବଳାଉଥିଲେ ସଭିଏଁ, ବାନ୍ଧିହୋଇ ପଡୁଥିଲେ ସେହି ବାସ୍ନାରେ । ବଡ଼ ଅଦ୍ଭୁତ ସେ ପୁରୁଷ, ବଡ଼ ଅଦ୍ଭୁତ ତାଙ୍କ ଆଚରଣ । ପ୍ରମାଣର ଅଭାବ ନାହିଁ; ଅବିଶ୍ୱାସର ଆଶଙ୍କା ମଧ୍ୟ ନାହିଁ । ଇଉରୋପର ବିଶିଷ୍ଟ ଗାୟିକା ଶ୍ରୀମତୀ କାଲ୍‌ଭେଙ୍କ ଆତ୍ମଜୀବନୀ ପଢ଼ିଲେ ଲାଗେ ଏହା ଅନ୍ୟ ଏକ ଦୃଷ୍ଟାନ୍ତ :

''ମୋ ପକ୍ଷରେ ସବୁଠାରୁ ଆନନ୍ଦ ଓ ଗୌରବର ବିଷୟ ଏହି କି ଯେ ମୁଁ ଈଶ୍ୱରଙ୍କୁ ଜାଣିଥିବା ଜଣେ ବ୍ୟକ୍ତିଙ୍କ ସହିତ ପରିଚିତ ହେବାର ସୌଭାଗ୍ୟ ଲାଭ କରିଥିଲି । ସେ ଜଣେ ମହାନ୍ ସାଧୁ, ଉଦାରଚେତା ସୁପୁରୁଷ । ସେ ଜଣେ ବିଖ୍ୟାତ ଦାର୍ଶନିକ ମଧ୍ୟ । ସେ ମୋତେ ନୂତନ ମାର୍ଗଦର୍ଶନ

କରାଇଥିଲେ, ସତ୍ୟକୁ ଉପଲବ୍ଧି କରିବାର ମହନୀୟ ଉପାୟର ସନ୍ଧାନ ଦେଇଥିଲେ, ଯାହା ଫଳରେ ଧର୍ମ ସମ୍ବନ୍ଧରେ ମୁଁ ପାଇଥିଲି ଏକ ନୂତନ ଦିଗ୍‌ଦର୍ଶନ । ଏହି ଅସାଧାରଣ ପୁରୁଷ ଜଣେ ବେଦାନ୍ତବାଦୀ ସନ୍ନ୍ୟାସୀ, ସର୍ବସାଧାରଣଙ୍କ ନିକଟରେ ସ୍ୱାମୀ ବିବେକାନନ୍ଦ; ସଂକ୍ଷେପରେ ସ୍ୱାମିଜି ରୂପେ ପରିଚିତ । ଜଣେ ବରିଷ୍ଠ ଧର୍ମପ୍ରଚାରକ ରୂପେ ଆମେରିକାର ସର୍ବତ୍ର ତାଙ୍କ ଯଶଃ ସୁପ୍ରତିଷ୍ଠିତ । ସେ ଯେଉଁ ସମୟରେ ଚିକାଗୋରେ ବକ୍ତୃତା ଦେଇଥିଲେ, ସେତେବେଳେ ମୁଁ ସେଠାରେ ଥିଲି ଏବଂ ନାନା କାରଣରୁ ମୁଁ ମାନସିକ ଅବସାଦଗ୍ରସ୍ତ ଓ ଦୁର୍ବଳ ହୋଇ ପଡ଼ିଥିଲି । ମୁଁ ସ୍ୱାମିଜିଙ୍କ ସହିତ ସାକ୍ଷାତ୍ କରିବା ଲାଗି ସ୍ଥିରକଲି । ମନରେ ମୋର କୌତୂହଳ ଜାତ ହେଲା – କେଉଁ ଶକ୍ତି ବଳରେ ସେ ମୋର ବନ୍ଧୁମାନଙ୍କର ହୃଦୟରେ ଶାନ୍ତି ଭରି ଦେଇଛନ୍ତି, ଥରେ ଦେଖିବା ଦେଖି ।

''ଦେଖା କରିବାର ସମୟ ମୋତେ ଜଣାଇ ଦିଆଗଲା, ମୁଁ ତାଙ୍କ ବାସ ଭବନରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଲି । ମୋତେ ତାଙ୍କ ପଢ଼ା ଘରକୁ ନିଆଗଲା । ସାକ୍ଷାତ୍ ପୂର୍ବରୁ ମୋତେ ଏତିକି କୁହାଗଲା ଯେ – ସ୍ୱାମିଜି ନ ପଚାରିବା ପୂର୍ବରୁ ମୁଁ ଯେପରି କିଛି ନ କୁହେ । ମୁଁ ସମ୍ମତ ହେଲି । ସେ ସେତେବେଳକୁ ଚଟାଣ ଉପରେ ଭାରତୀୟ ଢଙ୍ଗରେ ବସିଥିଲେ । ମୁଁ ତାଙ୍କ ପଶ୍ଚାତରେ ଠିଆ ହୋଇରହିଲି । ତାଙ୍କର ଉଜ୍ଜ୍ୱଳ ଗୈରିକ ବସନ ଚଟାଣରେ ଲୋଟୁଥିଲା । ମୁଣ୍ଡର ପଗଡ଼ି ସାମନାକୁ ସାମାନ୍ୟ ଝୁଙ୍କି ପଡ଼ିଥିଲା । ସେ କିନ୍ତୁ ସ୍ଥିର, ନିଶ୍ଚଳ ହୋଇ ବସିରହିଥିଲେ । ମୁଁ ମଧ୍ୟ ନିଶବ୍ଦରେ ଠିଆ ହୋଇ ରହିଥିଲି । କିଛି ସମୟ ପରେ ମୋ ଆଡ଼କୁ ନ ଚାହିଁ କହିଲେ, 'ଭଦ୍ରେ ! ତୁମ ମନ ଅତ୍ୟନ୍ତ ଉତ୍‌କଣ୍ଠିତ ଓ ଚଞ୍ଚଳ । ଶାନ୍ତ ହୁଅ । ମାନସିକ ଶାନ୍ତିହିଁ ସର୍ବାଗ୍ରେ ପ୍ରୟୋଜନ ।'

''ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଉଠିଲି । ମୁଁ ତାଙ୍କ ପାଖରେ ସମ୍ପୂର୍ଣ୍ଣ ଅପରିଚିତ, ଏମିତିକି ମୋ ନାମ ମଧ୍ୟ ତାଙ୍କୁ ଅଜଣା ମାତ୍ର ସେ ଖୁବ୍ ଶାନ୍ତ ଓ ଗମ୍ଭୀର ଭାବରେ ମୋ ଜୀବନର ସବୁ ଗୁପ୍ତ ଅଭିପ୍ରାୟ, ମୋ ଅଶାନ୍ତିର କାରଣ ଅତି ସହଜ ଓ ସରଳ ଭାବରେ କହିଗଲେ, ଯାହାର ବିନ୍ଦୁ ବିସର୍ଗ ମୁଁ ମୋର ଅନ୍ତରଙ୍ଗ ବନ୍ଧୁମାନଙ୍କ ନିକଟରେ ମଧ୍ୟ ପ୍ରକାଶ କରି ନ ଥିଲି । କେମିତି ଏସବୁ ସମ୍ଭବ ହେଲା ସେକଥା ମୁଁ ବୁଝିପାରୁ ନ ଥାଏ । ମନେ ହେଉଥିଲା ସବୁକିଛି ରହସ୍ୟମୟ, ଏକ ଉର୍ଦ୍ଧ୍ୱତର ବ୍ୟାପାର । ମୁଁ କହି ପକାଇଲି, 'ଆଚ୍ଛା, ଆପଣ ଏ ସମସ୍ତ କଥା ଜାଣିଲେ କିପରି ? ଆପଣଙ୍କୁ ମୋ କଥା କିଏ କ'ଣ କହିଛି ?'

''ମୁହଁରେ ତାଙ୍କର ମଧୁର ହସ । ସ୍ନେହଭରା ଦୃଷ୍ଟିରେ ସେ ମୋ ଆଡ଼କୁ ଫେରି ଚାହିଁଲେ, ସତେ ଯେମିତି ମୁଁ ଏକ ସରଳ ଅଜ୍ଞ ଶିଶୁ, ଯିଏକି ଏପରି ଅବାଞ୍ଛିତ ପ୍ରଶ୍ନ ପଚାରୁଛି, ଖୁବ୍ ଧୀର ଓ ଶାନ୍ତ ଭାବରେ କହିଲେ, 'ତୁମ ବିଷୟରେ ମୋତେ କେହି କିଛି କହି ନାହାନ୍ତି । କାହାଠାରୁ ଶୁଣିବା ଭଳିଆ କଥା ବା ଏଥିରେ କ'ଣ ଅଛି ? ମୁଁ ତୁମ ହୃଦୟକୁ ବହି ପରି ପଢ଼ିନେଲି । ଜଣେ ଭାରତୀୟ ସନ୍ନ୍ୟାସୀ ପକ୍ଷରେ ଏହା କିଛି ଅସମ୍ଭବ ନୁହେଁ ।''

ସ୍ୱାମିଜିଙ୍କର ଏଭଳି ଅସାଧାରଣ ଶକ୍ତି ପ୍ରତି ଭଦ୍ର ମହିଳାଙ୍କର ଆସ୍ଥା ସ୍ଥାପନା ହୋଇଗଲା । ସେ ଯେ ଜଣେ ଐଶୀ ଶକ୍ତିସମ୍ପନ୍ନ ପୁରୁଷ ଏଥିରେ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ବିଦାୟ ନେବା ବେଳକୁ ସ୍ୱାମିଜି ତାଙ୍କୁ କହିଲେ, 'ତୁମେ ଅତୀତ କଥାସବୁ ଭୁଲି ଯିବାକୁ ଚେଷ୍ଟାକର । ବିମର୍ଷ ଭାବ ଦୂର କରି ନିଜକୁ ସର୍ବଦା ପ୍ରଫୁଲ୍ଲ ରଖ । ସ୍ୱାସ୍ଥ୍ୟର ଯତ୍ନ ନିଅ । ନୀରବରେ ତୁମ ଦୁଃଖର କାରଣଗୁଡ଼ିକୁ ଛାତି ଭିତରେ ସାଇତି ରଖ ନାହିଁ । ତୁମର ସେଇ ରୁଦ୍ଧ ଭାବାବେଗକୁ ଅନ୍ୟ ବାଟରେ ପ୍ରକାଶ କରି ପକାଅ । ଧର୍ମ ଜୀବନର ସ୍ୱାଭାବିକ-ସ୍ୱଚ୍ଛନ୍ଦତା ଲାଗି ଏହାହିଁ ସର୍ବାଗ୍ରେ ଆବଶ୍ୟକ । ତୁମେ ସଙ୍ଗୀତ ଜାଣ, ସଙ୍ଗୀତ ତୁମ ପାଇଁ ସହାୟକ ହେବ ।' ''

ଭଦ୍ରମହିଳାଙ୍କ ଆତ୍ମ ଜୀବନୀର ବର୍ଣ୍ଣନା ତାଙ୍କ ଅନୁଭୂତି ପରି ଜୀବନ୍ତ । ସେ ନିଜେ ଲେଖିଛନ୍ତି, ''ମୁଁ ତାଙ୍କ ବାକ୍ ଓ ଅନନ୍ୟ ବ୍ୟକ୍ତିତ୍ୱର ଅସାମାନ୍ୟ ପ୍ରଭାବରେ ଅଭିଭୂତ ହୋଇ ସେଦିନ ଫେରିଆସିଲି । ମୁଁ ଅନୁଭବ କଲି, ଯେଉଁ ଜଟିଳ ସମସ୍ୟାଗୁଡ଼ିକ ମୋତେ ଘେରି ରହିଥିଲା, ଯାହାର ଅସ୍ୱାଭାବିକ ଉତ୍ତେଜନା ଯୋଗୁଁ ମୋ ମସ୍ତିଷ୍କ କ୍ଳାନ୍ତ ଓ ଅବଶ ହୋଇ ପଡୁଥିଲା, ସେସବୁ ପରିବର୍ତ୍ତେ ତାଙ୍କ ଶାନ୍ତ ସରଳ ଭାବରାଶି ସେଠାରେ ବିରାଜିତ ହେଲା । ମୁଁ ଅନୁଭବ କଲି ଏକ ପ୍ରଶାନ୍ତି ।

''ମୁଁ ପୁଣି ନୂଆରୂପେ ସଞ୍ଜୀବିତ ଓ ହର୍ଷୋତ୍‌ଫୁଲ୍ଲ ହୋଇଉଠିଲି । ଏହା କେବଳ ତାଙ୍କ ଅସୀମ ଇଚ୍ଛାଶକ୍ତିର ଫଳ । କାରଣ ମୁଁ ଭଲକରି ଜାଣିଥିଲି ଯେ ତଥାକଥିତ ସମ୍ମୋହନ ବିଦ୍ୟା କିଂବା ଅନୁରୂପ କୌଣସି ପ୍ରକ୍ରିୟା ମୋ ଉପରେ ସେ ପ୍ରୟୋଗ କରି ନ ଥିଲେ । ତାଙ୍କର ସୁଦୃଢ଼ ଚରିତ୍ରବଳ, ତାଙ୍କର ପବିତ୍ର ଓ ଅଦମ୍ୟ ସଂକଳ୍ପ ଶକ୍ତିହିଁ ମୋ ଭିତରେ ବିଶ୍ୱାସ ଓ ଶ୍ରଦ୍ଧାକୁ ସଞ୍ଜୀବିତ କରିଥିଲା । କ୍ରମେ ମୋର ତାଙ୍କ ସହିତ ଘନିଷ୍ଠତା ବଢ଼ିବାକୁ ଲାଗିଲା । ମୁଁ ଲକ୍ଷ୍ୟକଲି ସେ ସହଜରେ ଉତ୍ତେଜିତ ଓ ଚିନ୍ତାକୁଳ ଭାବ ଦୂର କରି ଶ୍ରୋତାଙ୍କୁ ଶାନ୍ତ

କରୁଥିଲେ, ତଦ୍ୱାରା ତାଙ୍କ କଥାଗୁଡ଼ିକ ସେମାନେ ଏକାଗ୍ର ଚିତ୍ତରେ ଶ୍ରବଣ କରୁଥିଲେ ଓ ଧାରଣ କରି ପାରୁଥିଲେ ।''

ଶ୍ରୀମତୀ କାଲ୍‌ଭେଙ୍କ ମନର ଭାବରେ ଦେଖାଦେଲା ଏକ ଅଭୂତପୂର୍ବ ପରିବର୍ତ୍ତନ । ସେ କ୍ରମଶଃ ସ୍ୱାମିଜିଙ୍କ ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହୋଇଉଠିଲେ । ସମୟ ପାଇଲେ ଧର୍ମ ସମ୍ବନ୍ଧୀୟ ବହୁବିଧ ଆଲୋଚନା କରୁଥିଲେ । ଥରେ ସ୍ୱାମିଜି ପୁନର୍ଜନ୍ମ, ମୋକ୍ଷ ଓ ମୁକ୍ତି ସମ୍ବନ୍ଧୀୟ ତତ୍ତ୍ୱର ବ୍ୟାଖ୍ୟା କରୁଥିଲେ । ସେ ସେସବୁକୁ ଖୁବ୍ ମନୋଯୋଗ ସହକାରେ ଶୁଣୁଥିଲେ ଏବଂ ଗ୍ରହଣ କରୁଥିଲେ । ମାତ୍ର ହଠାତ୍ ସେ ବିଚଳିତ ହୋଇଉଠିଲେ । ସ୍ୱାମିଜିଙ୍କ ତତ୍ତ୍ୱବୋଧନକୁ ଅଙ୍ଗୀକାର କରି ନେବାକୁ ସେ ଅସ୍ୱୀକାର କରିଦେଲେ । 'ଆତ୍ମା ପରମାତ୍ମାଙ୍କ ମଧ୍ୟରେ ବିଲୀନ ହୋଇଯିବ ଏବଂ ପରମ ପ୍ରଶାନ୍ତି ମଧ୍ୟରେ ଅବସ୍ଥାନ କରିବ – ଏହାହିଁ ସର୍ବଶେଷ ଓ ସର୍ବଶ୍ରେଷ୍ଠ ଅବସ୍ଥା' – ଏଭଳି ତତ୍ତ୍ୱ କଥା ଶୁଣିବାବେଳେ ତାଙ୍କ ମନରେ ଏକ ଅହେତୁକ ପ୍ରଶ୍ନ ଜାତ-ହେଲା । ସେ ସଙ୍ଗେ ସଙ୍ଗେ ସ୍ୱାମିଜିଙ୍କୁ ପ୍ରଶ୍ନ କଲେ, ''ଏହା ସମ୍ଭବ ନୁହେଁ । ତା'ହାଲେ ତ ମଣିଷ ତା' ନିଜର ସ୍ଥିତିକୁ ହରାଇ ବସିବ । ଲାଭ ବା କ'ଣ ହେବ ? ମୁଁ ଏହା ଭାବିପାରୁ ନାହିଁ ମୁଁ ମୋର 'ମୁଁତ୍ୱ' ଚାହେଁ । ଏକ ଅନନ୍ତ ମଧ୍ୟରେ ଚିର ବିଲୟ ଲାଭ କରିବା ତ ଦୂରର କଥା ଏଭଳି ଚିନ୍ତା ମୋତେ ଆତଙ୍କିତ କରି ପକାଉଛି ।'

ସ୍ୱାମିଜି ଖୁବ୍ ସୁନ୍ଦର ଉଦାହରଣଟିଏ ଦେଇ କହିଲେ, ''ଦିନେ ଏକ ବିନ୍ଦୁ ଜଳ ସମୁଦ୍ରରେ ପଡ଼ି ତୁମରି ପରି କାନ୍ଦିବାକୁ ଲାଗିଲା ଏବଂ ଠିକ୍ ତୁମରି ପରି ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ଆକୁଳ ହୋଇଉଠିଲା । ମହାସମୁଦ୍ର ତାକୁ ଚାହିଁ ହସି ହସି କହିଲା – 'ତୁମେ କାନ୍ଦୁଛ କାହିଁକି ? ମୁଁ ତ ତୁମ ଦୁଃଖର ଥଳକୂଳ ପାଉ ନାହିଁ ? ମୁଁ ତ ତୁମରିମାନଙ୍କର ସମଷ୍ଟି । ମୋ ସହିତ ମିଶି ତୁମେ ତୁମର ଭାଇଭଉଣୀମାନଙ୍କ ସହ ମିଶି ଯାଇଛ – ମହାସମୁଦ୍ର ପାଲଟି ଯାଇଛ । ଏହା ତ ଗୌରବର ବିଷୟ । ତୁମେ ଯଦି ପୁଣି ଥରେ ମୋଠାରୁ ସ୍ୱତନ୍ତ୍ର ହେବାକୁ ଚାହଁ ତେବେ ତୁମକୁ ସୂର୍ଯ୍ୟ ରଶ୍ମି ସାହାଯ୍ୟରେ ଉପରକୁ ଉଠି ମେଘର ଆଶ୍ରୟ ନେବାକୁ ହେବ । ସେଠାରୁ ତୁମେ କଲ୍ୟାଣ-ଆଶିଷ ରୂପେ ପୁଣି ଧରାପୃଷ୍ଠକୁ ଓହ୍ଲାଇ ଆସିବ । ମାତ୍ର ତା'ପରେ... ତୁମେ କ'ଣ ଏ ସୃଷ୍ଟିଚକ୍ରକୁ ରୁଦ୍ଧକରି ଦେଇ-ପାରିବ ନା ଏଥିରେ ବ୍ୟତିକ୍ରମ ଘଟାଇ ଦେଇପାରିବ । ଏଇଟାହିଁ ଭଗବାନଙ୍କର ଲୀଳା, ବିବର୍ତ୍ତନର ଧାରା ।''

ସ୍ୱାମିଜିଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ନମୁନା ଦେବାକୁ ଯାଇ ଶ୍ରୀମତୀ କାଲ୍‌ଭେ ଆଉ ଏକ ଘଟଣାର ଅବତାରଣା କରିଛନ୍ତି । ସେ ଲେଖିଛନ୍ତି – ''ଦିନେ ଆମେ କାଏରୋରେ ରାସ୍ତା ଭୁଲି-ଗଲୁ । ବୋଧହୁଏ ସେଦିନ ଆମେ ଖୁବ୍ ଆତ୍ମମଗ୍ନ ହୋଇ ଆଲୋଚନାରେ ରତ ଥିଲୁ । ସେଥିପାଇଁ ଭୁଲରେ ଏକ ଅପରିଷ୍କାର ପୂତିଗନ୍ଧମୟ ଗଳି ମଧ୍ୟରେ ପଶିଗଲୁ, ଦେଖିଲୁ କେତେଜଣ ଅର୍ଦ୍ଧନଗ୍ନ ସ୍ତ୍ରୀଲୋକ ଝରକାରେ ଉଙ୍କି ମାରୁଛନ୍ତି, କେହି କେହି ଘର ସାମନାରେ ଠିଆ ହୋଇଛନ୍ତି । ସେମାନଙ୍କ ଇଙ୍ଗିତ ବଡ଼ ଅଶ୍ଳୀଳ । ସ୍ୱାମିଜି ପ୍ରଥମେ କିଛି ଦେଖିପାରି ନ ଥିଲେ । ହେଲେ ମୋତେ ବହୁତ ଲଜ୍ୟା ବୋଧ ହେଉଥାଏ । ଗୋଟିଏ ଭଙ୍ଗାଘର ଆଗରେ ବେଞ୍ଚ ଉପରେ ଅସଂଯତ ଭାବରେ ବସିଥିବା ସ୍ତ୍ରୀଲୋକମାନେ ଉଚ୍ଚ ସ୍ୱରରେ ସ୍ୱାମିଜିଙ୍କୁ ଡାକିଲେ । ଏଭଳି ଏକ ଅସ୍ୱାଭାବିକ ପରିସ୍ଥିତି ଯୋଗୁଁ ଆମ୍ଭେମାନେ ହତଭମ୍ବ । ଆମ୍ଭମାନଙ୍କ ମଧ୍ୟରୁ ଜଣେ ଭଦ୍ରମହିଳା ସେ ସ୍ଥାନ ଛାଡ଼ି ଚାଲିଗଲେ । ସ୍ୱାମିଜି କିନ୍ତୁ ନିର୍ବିକାର । ସେମାନଙ୍କ ଆମନ୍ତ୍ରଣ ରକ୍ଷା କରି ଆମ୍ଭମାନଙ୍କ ସଙ୍ଗ ଛାଡ଼ି ସ୍ୱାମିଜି ସେ ଆଡ଼କୁ ଆଗେଇ ଚାଲିଲେ ।

''ସ୍ୱାମିଜି ସ୍ଥିରହୋଇ ଅନାଇ ରହିଥା'ନ୍ତି ସେମାନଙ୍କ ଆଡ଼କୁ । ଆଖିରେ ତାଙ୍କର ଆଖିଏ ଲୁହ । ନିଜ ଅନ୍ତରର କୋହକୁ ସମ୍ଭାଳି ନ ପାରି କହି ପକାଇଲେ, 'ହାୟ ହତଭାଗ୍ୟ ସନ୍ତାନଗଣ ! ବିଚାରୀଗୁଡ଼ିକ ରୂପର ଉପାସନା ଯୋଗୁଁ ଭଗବାନଙ୍କୁ ଭୁଲି ଯାଇଛନ୍ତି' । ସେହି ବାରାଙ୍ଗନାମାନେ ସେତେବେଳକୁ ନିର୍ବାକ୍, ପରସ୍ପର ପରସ୍ପରକୁ ଚାହିଁ ରହିଥା'ନ୍ତି । କେହି କେହି ଲଜ୍ୟାରେ ଆନତମୁଖା । ଜଣେ ଆଗେଇ ଆସି ସ୍ୱାମିଜିଙ୍କ ଗୈରିକ ବସ୍ତ୍ରର ଶେଷ ଅଂଶକୁ ଚୁମ୍ବନ କରି ଭକ୍ତି ଗଦ୍‌ଗଦ କଣ୍ଠରେ କହି ପକାଇଲା, 'ଏ ଆଉ କେହି ନୁହନ୍ତି, ଏ ଈଶ୍ୱରଙ୍କୁ ଜାଣିଥିବା ବ୍ୟକ୍ତି ।' ଅନ୍ୟ ଜଣେ ମହିଳା ଖୁବ୍ ସମ୍ଭ୍ରମତାର ସହିତ ନିଜର ମୁହଁକୁ ଘୋଡ଼ାଇ ଚାଲିଗଲା; ସ୍ୱାମିଜିଙ୍କ ପବିତ୍ର ଦୃଷ୍ଟିକୁ ସାମନା କରିବାକୁ ତାହାର ଯେମିତି ସାହସ ପାଇଲା ନାହିଁ । ସତେ ଯେପରି ସେ ଏକ ଉଦୀପ୍ତ ସୂର୍ଯ୍ୟ ।''

ସଭିଏଁ ସ୍ତବ୍ଧ । ଯିଏ ସଚେତନ ସେମାନେ ବୁଝି ପାରିଲେ – ସେ ଦିନର ରାସ୍ତା ଭୁଲ୍ ନ ଥିଲା, ବରଂ ଥିଲା ନୂତନ ଦିଗ୍‌ଦର୍ଶନ ନିମନ୍ତେ ଏକ ପବିତ୍ର ସରଣୀ, କରୁଣାର ନିର୍ଝର । ❑

## ସ୍ୱାମୀ ବିବେକାନନ୍ଦ (୨୩)

# ଅପରାହ୍ଣ

## ସନ୍ତୋଷ କୁମାର ରଥ

ସୂର୍ଯ୍ୟଙ୍କର ଏବେ ଛାଇ ବଢ଼ିଲା । ମଥାନ ଉପରର ସୂର୍ଯ୍ୟ ଗଡ଼ିଲେ ପଶ୍ଚିମରୁ ପଶ୍ଚିମକୁ । ନିରାଟ ଦିପହରର ଦ୍ୟୁତିରେ ଦେଖାଦେଲା ମଳିନତା, ସତେ ଯେମିତି ବିଶ୍ରାନ୍ତି ପାଇଁ ଏକ ପ୍ରସ୍ତୁତି । ମାତ୍ର ଅପରାହ୍ଣର ସେଇ ମଉଳା ତେଜରେ ରହିଥିଲା ଭିନ୍ନ ଏକ ବର୍ଣ୍ଣର ଛଟା, ପୀତ ଲୋହିତ – ଯେଉଁ ବର୍ଣ୍ଣ ବୈରାଗ୍ୟ ରଞ୍ଜିତ ସନ୍ନ୍ୟାସୀର ଆନ୍ତର ଆଭୂଷଣ । ପ୍ରଶାନ୍ତି ଓ ପୂର୍ଣ୍ଣତା ନିମନ୍ତେ ଏକ ଭବ୍ୟ ନିବେଦନ ।

ସ୍ୱାମିଜିଙ୍କ ଆଚରଣ ଓ ଗତିବିଧି ଦେଖିଲେ ଏକଥା ବେଶ୍ ସ୍ପଷ୍ଟ ହୋଇ ଉଠୁଥିଲା । ତାଙ୍କ ମଧ୍ୟାହ୍ନ ତେଜ ସତେ ଯେମିତି ଆଉଜି ଆସୁଥିଲା । ଦ୍ୱିତୀୟ ଥର ବିଦେଶ ଯାତ୍ରାରେ ଧର୍ମର ପ୍ରସାର ଓ ପ୍ରଚାରରେ ସେ ଆଉ ପୂର୍ବପରି ଉଦ୍‌ବିଗ୍ନ ନ ଥିଲେ । ତାଙ୍କର ଆବେଗରେ ନ ଥିଲା ବାଡ଼ବାଗ୍ନିର ସେ ତୀବ୍ରତା କି ଝଞ୍ଜାର ସେ ପ୍ରଖରତା । ବରଂ ସେ ଚାହୁଁଥିଲେ ଏକ ବିଶ୍ରାନ୍ତି । ଖୋଜୁଥିଲେ ସେହି ସ୍ଥାନ ଯେଉଁଠି ପାଇବେ ପରମ ଶାନ୍ତିର ମଧୁମୟ ସ୍ପର୍ଶ । ଆଲେଖ୍ୟର ପ୍ରମାଣ ମିଳେ ବିଦେଶରେ ଥିବା ବେଳେ ତାଙ୍କର ଏକ ପତ୍ରରୁ :

''...ମୋ ଜୀବନରେ ଏପରି ଗୋଟିଏ ସ୍ନିଗ୍ଧ କୋମଳତା ଓ ପ୍ରଶାନ୍ତି ଆସିଛି, ଯାହା ଏହା ପୂର୍ବରୁ କେବେହେଲେ ଆସି ନ ଥିଲା । ଏକାଧାରରେ କିପରି ଆସକ୍ତ ଓ ଅନାସକ୍ତ ରହିବାକୁ ହୁଏ, ମୁଁ ଏବେ ତାହାହିଁ ଶିଖୁଛି ଏବଂ ମନ ଉପରେ ପ୍ରଭୁତ୍ୱ ହାସଲର ଅଧିକାର ଲାଭ କରିଛି ।

''ମୋର ଏହି ବୋଧ ହୋଇଛି ଯେ – ମା'ଙ୍କର କାର୍ଯ୍ୟ ମା'ହିଁ କରୁଛନ୍ତି । ସେଥିପାଇଁ ବର୍ତ୍ତମାନ ବେଶୀ ମୁଣ୍ଡ ଖେଳାଇବା ଦରକାର ନାହିଁ । ମୋଭଳି ପତଙ୍ଗ ପ୍ରତି ମୁହୂର୍ତ୍ତରେ ହଜାର ହଜାର ସଂଖ୍ୟାରେ ସୃଷ୍ଟି ହେଉଛନ୍ତି ଓ ମରୁଛନ୍ତି । କିନ୍ତୁ ମା'ଙ୍କର କାର୍ଯ୍ୟ ଠିକ୍ ଚାଲିଛି, କିଛି ଫରକ ନାହିଁ । ବରଂ ମୁଁ ଯେତେବେଳେ ଏହାର କିଛି ବ୍ୟତିକ୍ରମ ଘଟାଇଛି, ସେତେବେଳେ ମୁହିଁ ଆଘାତ ପାଇଛି ।

''ଏବେ ମୋ ମନକୁ ଆସୁଛି – ମୁଁ ମୁକ୍ତ । ମୁଁ ମା'ର ସନ୍ତାନ । ମା'ହିଁ ସବୁ କର୍ମ କରନ୍ତି, ସବୁକିଛି ତାଙ୍କରି ଲୀଳା । ମୁଁ କାହିଁକି ମତଲବ ପୋଷଣ କରିବି ? ଆଉ କି ମତଲବ ବା ରଖିବି ? ବରଂ ମୋର ପରିକଳ୍ପନାର ଅପେକ୍ଷା ନ ରଖି, ମା'ଙ୍କର ଯେପରି ଅଭିରୁଚି ତାହାହିଁ କରିବି । ସେହିଁ ତ ଯନ୍ତ୍ରୀ, ଆମେ ତାଙ୍କ ହାତରେ ଯନ୍ତ୍ର ଛଡ଼ା ଆଉ କ'ଣ ବା ହୋଇ ପାରିବା ? ଜୟ ମା, ଜୟ ମା ।''

ସ୍ୱାମିଜିଙ୍କ ମନରୁ ଉଚ୍ଚାଭିଳାଷ ଓ ଦମ୍ଭୋକ୍ତିର ଅବସାନ ଘଟିଥିଲା । ନିଜକୁ କର୍ଣ୍ଣଧାର ସଜାଇ ବହୁ ଯୋଜନା ଓ ପରିକଳ୍ପନା କରିବାର ଉଚ୍ଚାକାଂକ୍ଷାରୁ କ୍ଷାନ୍ତ ହୋଇଥିଲେ । ମନେ ହେଉଥିଲା ସନ୍ନ୍ୟାସିପ୍ରବର ଏବେ ଭିନ୍ନ ମାର୍ଗୀ; ଗୀତାର ପବିତ୍ର ଶ୍ଳୋକର ମର୍ମାର୍ଥରେ ନିତ୍ୟ ଅବଗ୍ରାହୀ : ''କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।''

ସେତେବେଳର ଏକ ଚିଠିରୁ ତାଙ୍କର ଏହି ଭାବ ବେଶ୍ ସ୍ପଷ୍ଟ ହୁଏ ! ସେ ଲେଖିଥିଲେ, ''...ମୋ ତରଣୀ କ୍ରମଶଃ ଶାନ୍ତିର ସେହି ବନ୍ଦରର ନିକଟବର୍ତ୍ତୀ ହେଉଛି, ଯେଉଁଠାରୁ ସେ ଆଉ ବିତାଡ଼ିତ ହେବ ନାହିଁ । ମୋ ନିଜର ଆଉ କୌଣସି ଆକାଙ୍କ୍ଷା ବା ଉଚ୍ଚାଭିଳାଷ ନାହିଁ । ମା'ଙ୍କର ନାମ ଧନ୍ୟ ହେଉ । ମୁଁ ଶ୍ରୀରାମକୃଷ୍ଣଙ୍କର ଦାସ । ମୁଁ ଯନ୍ତ୍ର ମାତ୍ର – ଆଉ କିଛି ଜାଣେ ନାହିଁ । ଜାଣିବାର ଆକାଙ୍କ୍ଷା ମଧ୍ୟ ନାହିଁ । ଜୟ ଗୁରୁଦେବ ।''

ସ୍ୱାମିଜିଙ୍କ ଆନ୍ତର ବ୍ୟାକୁଳତା କ୍ରମଶଃ ବଢ଼ିବାକୁ ଲାଗିଲା । ପାଶ୍ଚାତ୍ୟ ଦେଶ ଓ ବିଦେଶଭ୍ରମଣ ତାଙ୍କୁ ଆଉ ସୁଖକର ବୋଧ ହେଲା ନାହିଁ । ମନେ ପଡ଼ିଲା ଭାରତ ମାଟିର ସେହି ପବିତ୍ର ବାସ୍ନା – ମା' ପଣତର ଆଶ୍ଳେଷ ଆଉ କୋଳର ଆଶ୍ରୟ । ସେ ବିକଳ ହୋଇଉଠିଲେ ଏବଂ ଫେରିଆସିଲେ ଭାରତକୁ ।

ସ୍ୱାମିଜିଙ୍କ ଆଚରଣରେ ସମସ୍ତେ ସ୍ତମ୍ଭୀଭୂତ । ସ୍ୱଭାବ ବାଳକବତ୍ ସରଳ ଓ ଚପଳ । ସେଦିନ ଥିଲା ୧୯୦୦ ମସିହା ଡିସେମ୍ବର ନଅ ତାରିଖର ରାତି । ବେଲୁଡ଼ ମଠର ସନ୍ନ୍ୟାସୀମାନେ ଭୋଜନ ରତ । ଠିକ୍ ଏହି ସମୟରେ ମାଳୀ ଦଉଡ଼ି ଆସି କହିଲା – 'ଆଜ୍ଞା ଗେଟ୍ ଚାବି ଦିଅନ୍ତୁ, କେହି ଜଣେ ସାହେବ

ବାହାରେ ଅପେକ୍ଷା କରିଛନ୍ତି ।' ଫାଟକ ଖୋଲା ହେବା ପରେ ଦେଖାଗଲା ଯେ ଗାଡ଼ି ଖାଲି, ସାହେବ ଅନ୍ତର୍ଦ୍ଧାନ । ମାତ୍ର ସାହେବ ସେତେବେଳକୁ ସମସ୍ତଙ୍କ ଅଲକ୍ଷ୍ୟରେ ମଠ ଭିତରକୁ ଆସି ଭୋଜନାଳୟ ସମ୍ମୁଖରେ ହାଜର । ସମସ୍ତେ ଆଶ୍ଚର୍ଯ୍ୟ । କିଏ ଏହି ସାହେବ । ମୁଣ୍ଡର ଟୋପି ସାମନାକୁ ଝୁଙ୍କି ପଡ଼ିଥିବାରୁ ସାହେବଙ୍କ ପରିଚୟ ସହଜେ ଜଣା ପଡୁ ନ ଥିଲା । ସ୍ୱାମୀ ପ୍ରେମାନନ୍ଦ ଦୀପ ଆଣି ଦେଖିଲେ – ସାହେବ ଜଣକ ଆଉ କେହି ନୁହନ୍ତି, ତାଙ୍କର ପ୍ରିୟ ଗୁରୁ ଭାଇ – ବିବେକାନନ୍ଦ । ସ୍ୱାମିଜି ସେତେବେଳକୁ ଛୋଟ ପିଲାଙ୍କ ପରି ଜୋରରେ ହସି ଉଠିଲେ ଏବଂ କହିଲେ, ''ବାହାରୁ ଖାଇବା ଘଣ୍ଟା ଶୁଣି ଭାବିଲି, ଶୀଘ୍ର ନ ପହଞ୍ଚିଲେ ରାତିରେ ଆଉ ଖାଇବାକୁ ମିଳିବ ନାହିଁ । ସେହି ହେତୁ ପାଚେରି ଡେଇଁ ଚାଲି ଆସିଲି । ଭାରି ଭୋକ ଲାଗୁଛି । ମୋତେ ଶୀଘ୍ର ଖାଇବାକୁ ଦିଅ ।'' ସ୍ୱାମିଜିଙ୍କର ଅଳି ଶୁଣି ସମସ୍ତେ ଆନନ୍ଦରେ ବିଭୋର ହୋଇ ଉଠିଲେ । ହସର ଜୁଆର ଖେଳିଲା । ସ୍ୱାମିଜି ବହୁଦିନ ପରେ ମଠର ଖେଚୁଡ଼ି ଖାଇ ତୃପ୍ତ ହେଲେ ।

ଆଉ ଦିନକର କଥା । ସ୍ୱାମିଜି ଯେ ଦରିଦ୍ରମାନଙ୍କ ପ୍ରତି କରୁଣାର ମୂର୍ତ୍ତିମନ୍ତ ବିଗ୍ରହ, ତାହାର ପ୍ରମାଣ ମିଳିଲା । ତାଙ୍କ ଦୁଃଖରେ ସେ ଯେ କେବଳ ଦୁଃଖୀ ହେଉଥିଲେ ତାହା ନୁହେଁ, ନିଜ ଅନ୍ତରର ଭାବରେ ସେ ସେମାନଙ୍କ ହୃଦୟକୁ ସ୍ପର୍ଶ କରି ପାରୁଥିଲେ, ନିଜକୁ ତଲ୍ଲୀନ କରିଦେଇ ପାରୁଥିଲେ । ଏହା ଯେ ଦିନେ ଘଟିବ ଏକଥା ଗୁରୁଦେବଙ୍କର ଦୈବବାଣୀ ଥିଲା । ଗୁରୁଦେବ କହିଥିଲେ, ''ଯେଉଁଦିନ ନରେନ୍ଦ୍ର ନିଜେ ସଂସାରର ଦୁଃଖକଷ୍ଟକୁ ଆଖିରେ ଦେଖିବ ଓ ବୁଝିବ, ସେଦିନ ତା' ଭିତରେ ରହିଥିବା ଗର୍ବ ଅପାର କରୁଣାରେ ଦ୍ରବୀଭୂତ ହୋଇଯିବ । ତା' ମଧ୍ୟରେ ଯେଉଁ ଅଟଳ ବିଶ୍ୱାସ ରହିଛି, ତାହା ଅନ୍ୟର ହୃଦୟରେ ଉତ୍ସାହ ଓ ଆତ୍ମବିଶ୍ୱାସ ଆଣି ଦେବାରେ ଯନ୍ତ୍ର ପରି କାର୍ଯ୍ୟ କରିବ । ସେ ସକଳ ଅହଂରୁ ମୁକ୍ତ ହେବ ।'' ତାହାହିଁ ହେଲା । ଜୀବନର ଅପରାହ୍ଣରେ ସ୍ୱାମିଜି ସମାଜର ପ୍ରତିଷ୍ଠିତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କର ମାନ୍ୟତା ଗ୍ରହଣ ନ କରି ଦୀନ-ଦରିଦ୍ରଙ୍କର ସହୋଦର ସାଜିଲେ । ତାଙ୍କରିଠାରେ ସ୍ଥାପନା କଲେ ନିଜ ହୃଦୟର ପ୍ରୀତି ଓ ସାଖ୍ୟ ଭାବ । ତାହାର ଏକ ଦୃଷ୍ଟାନ୍ତ ଏହିପରି :

୧୯୦୧ ମସିହାର କଥା । ପ୍ରତିବର୍ଷ ପରି ସେ ବର୍ଷ ମଧ୍ୟ ସାନ୍ତାଳ ସ୍ତ୍ରୀ ଓ ପୁରୁଷମାନେ ମଠର ଜମି ସଫା କରିବାକୁ ଆସିଥିଲେ । ସେମାନେ କର୍ମଠ ଯେମିତି ସଚ୍ଚୋଟ ସେମିତି । ସରଳତା ତାଙ୍କର ସ୍ୱତଃସ୍ଫୂର୍ତ୍ତ, ଝରଣାର ଜଳ ପରି ସ୍ୱଚ୍ଛ ଓ ଶୁଦ୍ଧ । ସ୍ୱାମିଜି ସେମାନଙ୍କୁ ଦେଖି ଖୁବ୍ ପ୍ରୀତ ହୋଇଗଲେ । ସେମାନଙ୍କ ସହିତ କେତେ ହାସ-ପରିହାସ ହେଲେ, ସେମାନଙ୍କ ସୁଖ-ଦୁଃଖର କାହାଣୀ ଶୁଣିଲେ । କପଟତା କିଂବା ବୃଥା ଆତ୍ମ-ଅଭିମାନ ସତେ ଯେମିତି ସେମାନଙ୍କୁ ସ୍ପର୍ଶ କରି ନ ଥିଲା । ସ୍ୱାମିଜିଙ୍କ କରୁଣାର୍ଦ୍ର ହୃଦୟ ବିଗଳିତ । ମନେ ହେଉଥିଲା ସେମାନେ ସତେ ଯେମିତି ତାଙ୍କର ଭାଇ, ବନ୍ଧୁ, କୁଟୁମ୍ବ । ଠିକ୍ ସେତିକି ବେଳକୁ ସ୍ୱାମୀ ସୁବୋଧାନନ୍ଦ ଆସି ପହଞ୍ଚିଲେ, ଦେଖିଲେ ସ୍ୱାମିଜି କଥାରେ ମଗ୍ନ । ତଥାପି ସନ୍ତର୍ପଣରେ କହିଲେ, ''ସ୍ୱାମିଜି, ଆପଣଙ୍କୁ ଦେଖା କରିବା ପାଇଁ କଲିକତାରୁ କେତେଜଣ ବିଶିଷ୍ଟ ଭଦ୍ରଲୋକ ଆସିଛନ୍ତି ।''

''ମୁଁ ସେମାନଙ୍କୁ ବର୍ତ୍ତମାନ ଦେଖା କରିପାରିବି ନାହିଁ, କି ଏଠାରୁ ଯାଇ ପାରିବି ନାହିଁ । ଜାଣ ମୁଁ ଏମାନଙ୍କ ସହିତ କେତେ ଖୁସୀରେ ଅଛି ।'' – ଉତ୍ତର ଦେଲେ ସ୍ୱାମିଜି । ସତକୁ ସତ ଆଗନ୍ତୁକ ଭଦ୍ର ବ୍ୟକ୍ତିଗଣ ସେଦିନ ସ୍ୱାମିଜିଙ୍କ ସାକ୍ଷାତ୍ ନ ପାଇ ମଠରୁ ଫେରି ଯାଇଥିଲେ ।

କୃଷ୍ଣ (ଡାକ ନାମ କେଷ୍ଟା) ଥିଲା ସାନ୍ତାଳମାନଙ୍କ ମଧ୍ୟରୁ ଜଣେ । ସ୍ୱାମିଜି ତାକୁ ବହୁତ ଭଲ ପାଉଥିଲେ । ଟିକିଏ ଫୁରୁସତ ହେଲେ ତା ସହିତ ଗପର ଆସର ମେଲୁଥିଲେ । ଦିନେ କେଷ୍ଟା ବଡ଼ ନେହୁରା ହୋଇ କହିଲା, ''ସ୍ୱାମିବାବା, ତୁ ଆମ କାମ ବେଳେ ଏଠାକୁ ଆସିବୁ ନାହିଁ । ତୋ ସହ କଥା ହେଲେ ଆମ କାମ ବନ୍ଦ ହୋଇ ଯାଉଛି ଆଉ ବୁଢ଼ାବାବା ଆସି ଆମକୁ ଗାଳି ଦେଉଛି ।'' କେଷ୍ଟାର କଥା ଶୁଣି ସ୍ୱାମିଜିଙ୍କର ଆଖି ଛଳ ଛଳ ହୋଇଗଲା । ତାକୁ ସାନ୍ତ୍ୱନା ଦେଇ କହିଲେ, ''ନା, ରେ, ବୁଢ଼ାବାବା ତୋତେ ଆଉ ଗାଳି ଦେବେ ନାହିଁ । ମୁଁ ତାଙ୍କୁ ମନା କରିଦେବି । ତୁ ତୋ ଗାଉଁଲି କଥା ଦିପଦ କହ ତ !''

ଦିନେ ସ୍ୱାମିଜି ମଠରେ ଖାଇବା ପାଇଁ କେଷ୍ଟାକୁ କହିଲେ । କେଷ୍ଟା କିନ୍ତୁ ନାରାଜ, ମୁଣ୍ଡ ହଲାଇ ନାହିଁ କରିଦେଲା । କାରଣ କ'ଣ ପଚାରିବାରୁ କୁଣ୍ଠ କୁଣ୍ଠ ହୋଇ କହିଲା, ''ଆମେ ଅଛୁଆଁ, ନୀଚ ଜାତି । ଆମେ ତୁମ ଛୁଆଁ ଜିନିଷ ଖାଇବୁ ନାହିଁ । ଆମେ ବିଭା ହୋଇ ସାରିଛୁ । ଏବେ ତୁମ ଛୁଆଁ ଲୁଣ ଖାଇଲେ ଆମର ଜାତି ଯିବ ବାବା ।'' ସ୍ୱାମିଜି ଉତ୍ତର ଦେଲେ, ''ଲୁଣ ଖାଇବୁ କାହିଁକି । ଲୁଣ ନ ଦେଇ ତରକାରି ରନ୍ଧା ହେଲେ ଖାଇବୁ ତ ?'' କେଷ୍ଟା ଏଥର ରାଜି ହୋଇଗଲା । ସେଦିନ ମଠରେ ସମସ୍ତଙ୍କ ପାଇଁ ଖାଇବାର ବନ୍ଦୋବସ୍ତ ହେଲା । ସ୍ୱାମିଜି ନିଜ

ହାତରେ ସେମାନଙ୍କୁ ଲୁଚି, ତରକାରି, ମିଠା, ଦହି ଆଦି ପରଶି ଦେଲେ । ସେମାନଙ୍କ ପାଖରେ ବସିଲେ । କେଷ୍ଟୋ ଖାଇଲାବେଳେ କହିଲା, ''ସ୍ୱାମି ବାବା, ତୁମେ ଏସବୁ ଜିନିଷ ପାଇଲ କେଉଁଠୁ ? ଏପରି ଦରବ ତ ଆମେ କେବେ ଖାଇ ନ ଥିଲୁ । ବଡ଼ ସୁଆଦିଆ ଏସବୁ ।'' ସେମାନଙ୍କ ଖୁସୀରେ ସ୍ୱାମିଜି ଉତ୍‌ଫୁଲ୍ଲିତ, ବିଭୋର । ପେଟ ପୂରାଇ ଖାଇବାକୁ ଦେବା ପରେ କହିଲେ, ''ତୁମେ ସବୁ ପରା ନାରାୟଣ । ଆଜି ଆମେ ନାରାୟଣଙ୍କୁ ଭୋଗ ଦେଲୁ ।''

ସ୍ୱାମିଜିଙ୍କ କଥା ଯେ ଖାଲି କଥା ନୁହେଁ ବରଂ ଅନୁଷ୍ଠାନ – ସେ ଦିନର ଆଚରଣ ଦେଖି ଉପସ୍ଥିତ ସନ୍ନ୍ୟାସୀ ଓ ବ୍ରହ୍ମଚାରିବୃନ୍ଦ ଉଚିତ ଶିକ୍ଷା ପାଇଲେ ।

ଖିଆ ସରିଲା, ସାନ୍ତାଳମାନେ ବିଶ୍ରାମ ନେବା ପାଇଁ ଚାଲିଗଲେ । ସ୍ୱାମିଜି ଜଣେ ଶିଷ୍ୟକୁ କହିଲେ, ''ଏହିମାନଙ୍କ ମଧ୍ୟରେ ମୁଁ ଆଜି ଭଗବାନଙ୍କର ସାକ୍ଷାତ୍ ଦର୍ଶନ ଲାଭ କଲି । ଏମାନେ ସାକ୍ଷାତ୍ ନାରାୟଣ । ଏଭଳି ସରଳତା, ଏଭଳି ନିର୍ମଳ ହୃଦୟ ଏବଂ ଅନାବିଳ ପ୍ରେମ ମୁଁ ଆଗରୁ କେବେ କେଉଁଠି ଦେଖି ନ ଥିଲି ।'' ଏହାପରେ ମଠର ସନ୍ନ୍ୟାସୀମାନଙ୍କୁ ଲକ୍ଷ୍ୟକରି ସ୍ୱାମିଜି କହିଲେ, ''ଦେଖ, ଏହି ଲୋକମାନେ ଦରିଦ୍ର ମାତ୍ର କେତେ ସରଳ ! ଏମାନଙ୍କର ଦୁଃଖରୁ କିଛିଟା ଦୂର କରିବାକୁ ହେବ । ନଚେତ୍ ଗେରୁଆ ପିନ୍ଧି ଲାଭ କ'ଣ ? ପରର ମଙ୍ଗଳ ପାଇଁ ସର୍ବସ୍ୱ ଅର୍ପଣ – ଏହାହିଁ ଯଥାର୍ଥ ସନ୍ନ୍ୟାସ । ଏବେ ଦେଖିଲ ତ ଏମାନଙ୍କ ଜୀବନରେ ଭଲ ଜିନିଷ ଟିକିଏ ବି ଜୁଟେ ନି । ବେଳେ ବେଳେ ଇଚ୍ଛା ହୁଏ ମଠଫଠ ସବୁ ବିକ୍ରୀ କରି ଦେବି, ଏହିସବୁ ଗରିବ-ଦୁଃଖୀ, ଦରିଦ୍ର-ନାରାୟଣଙ୍କୁ ବାଣ୍ଟି ଦେବି । ଆମେ ତ ସନ୍ନ୍ୟାସୀ, ଗଛ ତଳକୁ ଆଶ୍ରା କରିଛେ । ଆହା, ଦେଶର ଲୋକେ ଯେତେବେଳେ ଦୁଇ ମୁଠା ଖାଇବାକୁ ପାଉ ନାହାନ୍ତି, ହା ଅନ୍ନରେ ସାରା ଜୀବନ ବିତୁଛି – ସେତେବେଳେ ଆମର ଶଙ୍ଖଫୁଙ୍କା, ଘଣ୍ଟବଜା ସବୁ ବ୍ୟର୍ଥ, ଆମ ଲେଖାପଢ଼ା, ମୁକ୍ତିର ଅଭିଳାଷ ସବୁ ବ୍ୟର୍ଥ । ଚାଲ ସମସ୍ତେ ମିଶି ଗାଁ, ଗାଁ ବୁଲି ଚରିତ୍ର ଓ ସାଧନା ବଳରେ ବଡ଼ ବଡ଼ ଲୋକଙ୍କୁ ବୁଝାଇ କାନି ପତାଇ ଟଙ୍କା ଯୋଗାଡ଼ କରିବା ଏବଂ ଦରିଦ୍ର-ନାରାୟଣଙ୍କ ସେବାରେ ଜୀବନ ବିତାଇ ଦେବା ।''

ସ୍ୱାମିଜିଙ୍କ କରୁଣା ପ୍ରବଣ ହୃଦୟରେ ଦେଖା ଦେଇଥିଲା ବେଦନାର ଝଡ଼ । ହୃଦୟରୁ ସ୍ଫୁରିତ ହେଉଥିଲା ସେଇ ଗୋଟିଏ ଉଚ୍ଛ୍ୱାସ, ସହାନୁଭୂତିର ଆର୍ତ୍ତନାଦ । ସେ ଚାହୁଁଥିଲେ ଦେଶରୁ ଦାରିଦ୍ର୍ୟର ମୂଳୋତ୍ପାଟନ । ସୁସ୍ଥ ସବଳ ସମାଜ ଗଠନ ଯାହା ହେବ ଆଗାମୀ ଭାରତର ସ୍ୱରୂପ । ନିଜର ଗୁରୁଭାଇମାନଙ୍କୁ ନିର୍ଦ୍ଦେଶ କରି ସ୍ୱାମିଜି କହିଲେ, ''ଆହା, ଗରିବ ଦୁଃଖୀଙ୍କ ପାଇଁ କେହି କ'ଣ କେବେ ଭାବୁଛନ୍ତି – ଯେଉଁମାନେ ଜାତିର ମେରୁଦଣ୍ଡ । ଯାହାଙ୍କ ପରିଶ୍ରମ ଯୋଗୁଁ ଅନ୍ନ ମିଳୁଛି, ଯେଉଁ ମେହେନ୍ତର, ଚଣ୍ଡାଳମାନେ ଦିନେ କାମ ବନ୍ଦ କରିଦେଲେ ସହରରେ ହାହାକାର ପଡ଼ିଯିବ, ସେମାନଙ୍କୁ ସହାନୁଭୂତି ଦେଖାଇବା, ସେମାନଙ୍କ ସୁଖ-ଦୁଃଖରେ ଭାଗୀଦାର ହେବା ପାଇଁ ଦେଶରେ କେହି ନାହାନ୍ତି । ବରଂ ସେମାନଙ୍କୁ ଆମେ ଅସ୍ପୃଶ୍ୟ ବୋଲି ଘୃଣା କରୁଛେ; ଛୁଅଁ ନା, ଛୁଅଁ ନା ବୋଲି କହୁଛେ । ଏମାନେ ନ ଉଠିଲେ ମା' ଜାଗିବେ ନାହିଁ । ମୁଁ ଦିବ୍ୟଚକ୍ଷୁରେ ଦେଖୁଛି ଏମାନଙ୍କ ଭିତରେ ଓ ଆମ ଭିତରେ ଏକହିଁ ବ୍ରହ୍ମ, ଏକହିଁ ଶକ୍ତି । କେବଳ ଯାହା ବିକାଶରେ ତଫାତ ।''

ବିଦେଶରୁ ଫେରିବା ପରଠାରୁ ଶାରୀରିକ ଅସୁସ୍ଥତାରେ ସ୍ୱାମିଜି କ୍ରମାଗତ ପୀଡ଼ିତ ରହିଲେ । ଜଳବାୟୁ ପରିବର୍ତ୍ତନ ଲାଗି ସେ କିଛିଦିନ ପାଇଁ କାଶୀ ଯାତ୍ରା କଲେ । ସ୍ୱାସ୍ଥ୍ୟରେ କିଞ୍ଚିତ୍ ପରିବର୍ତ୍ତନ ଘଟିଲା ସତ ମାତ୍ର ଠାକୁରଙ୍କ ଜନ୍ମୋତ୍ସବ ଉପଲକ୍ଷେ ମଠକୁ ଫେରି ଆସିବା ପରେ ଅସୁସ୍ଥତା ମାତ୍ରାଧିକ ହୋଇ ଉଠିଲା । ଏମିତିକି ସ୍ୱାମିଜି ଶଯ୍ୟାଶାୟୀ ହୋଇ ପଡ଼ିରହିଲେ । ଜନ୍ମୋତ୍ସବ ଉପଲକ୍ଷେ ଆୟୋଜିତ ସମସ୍ତ ଆନନ୍ଦରେ ସତେ ଯେମିତି ଭଙ୍ଗା ପଡ଼ିଗଲା, ସମସ୍ତେ ବିଷାଦଗ୍ରସ୍ତ । ସ୍ୱାମିଜିଙ୍କ ଅନ୍ତରଙ୍ଗ ଶିଷ୍ୟ ଶରତଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ମନରଭାବକୁ ବୁଝି ପାରି ସ୍ୱାମିଜି କହିଲେ, ''କ'ଣ ଭାବୁଛ ! ଶରୀର ଜନ୍ମ ହୋଇଥିଲା, ମରିବ ନିଶ୍ଚୟ । ତୁମମାନଙ୍କ ଭିତରେ ଯଦି ଟିକିଏ ଭାବ ପୂରାଇ ପାରିଥିବି ତେବେ ଜାଣିବି ଦେହ ଧାରଣ ସାର୍ଥକ ହୋଇଛି, ଏ ଜନ୍ମ ସାର୍ଥକ ହୋଇଛି ।''

ସ୍ୱାମିଜିଙ୍କର ଏ ଅସୁସ୍ଥତା ସାଧାରଣ ଅସୁସ୍ଥତା ନ ଥିଲା । ଏକଥା ଅନ୍ୟମାନଙ୍କୁ ଜଣା ନ ଥିଲେ ବି ସ୍ୱାମିଜି ଠିକ୍ ଜାଣିଥିଲେ – ସୂର୍ଯ୍ୟାସ୍ତ ଆଉ ବେଶୀ ଡେରି ନୁହେଁ ।

❑❑❑

ସ୍ୱାମୀ ବିବେକାନନ୍ଦ (୨୪)

# ଶେଷ ସଂକେତ

## ସନ୍ତୋଷ କୁମାର ରଥ

ଅଜଣା ଭାବନା, ଅସରନ୍ତି ଇଲାକା ।

ବେଳ ଯେ ସେତେବେଳକୁ ରତ ରତ ଏକଥା କାହାରି ଭାବନାରେ ନ ଥିଲା । କାରଣ ମେଘୁଆ ଆକାଶରେ ମଉଳା ସୂର୍ଯ୍ୟଙ୍କ ଗତି ଠଉରାଇବା କଷ୍ଟ । ସଭିଏଁ ଭାବୁଥିଲେ ମେଘ ଆଡ଼େଇ ଗଲେ ସୂର୍ଯ୍ୟ ପୁଣି ତେଜିବେ, ସେହି ତେଜରେ ସେମାନେ ଆମୋଦିତ ହେବେ । ମାତ୍ର ବିଶ୍ରାନ୍ତି ଯଦି ବିଧାନ, ତେବେ ମେଘ ଆଡ଼େଇ ଗଲେ ବା ଲାଭ କ'ଣ ! ସେ ତ ନିମିତ୍ତ ମାତ୍ର ।

୧୯୦୨ ମସିହା, ସ୍ୱାମିଜିଙ୍କ ବୟସ ସେତେବେଳକୁ ମାତ୍ର ୩୯ ବର୍ଷ । ଗୋଟାଏ ଅଧାବହନ୍ତା ନଈ ଯେ ଏତେ ଶୀଘ୍ର ସାଗରର ଡାକ ଶୁଣିବ ଏକଥା କାହାରି ପରତେ ନ ଥିଲା । ଏମିତିକି ସ୍ୱାମିଜିଙ୍କ କଥାରୁ ମଧ କେହି କିଛି ଠଉରାଇ ପାରୁ ନ ଥିଲେ । ଦିନେ ସ୍ୱାମିଜି ଗୁରୁଭାଇମାନଙ୍କୁ ଡାକି କହିଲେ, ''ଦେଖ, ଏଇ ଦେହ ରଖି ଆଉ ଲାଭ କ'ଣ ? ପରର କଲ୍ୟାଣ କରି ଯଦି ପତନ ହୁଏ, ତେବେହିଁ ଶ୍ରେୟଃ । ଠାକୁର ଅସହ୍ୟ ରୋଗ-ଯନ୍ତ୍ରଣା ଭୋଗ କରି ମଧ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ପରର କଲ୍ୟାଣ ସାଧନ ନିମିତ୍ତ ଉପଦେଶ ଦେଇଥିଲେ, ମୋର କ'ଣ ତାହାହିଁ ଶିକ୍ଷା କରିବା ଉଚିତ ନୁହେଁ ? ତୃଣ ପରି ଅକିଞ୍ଚିତ୍କର ଏହି ଦେହ ଥାଉ ବା ଯାଉ, ମୁଁ ଖାତିର କରେ ନାହିଁ । ମୁକ୍ତି ମୋର ଆକାଙ୍କ୍ଷା ନୁହେଁ, ବରଂ ମୋ ଦେଶର ଭାଇମାନଙ୍କର ଆତ୍ମାର ଜାଗରଣ ନିମିତ୍ତ ମୁଁ ବାରଂବାର ଜନ୍ମଗ୍ରହଣ କରିବାକୁ ପ୍ରସ୍ତୁତ ।''

ଜୁନ ମାସ ଆରମ୍ଭରୁ ସ୍ୱାମିଜିଙ୍କର ଉଦାସୀନତା ତୀବ୍ର ଭାବରେ ପ୍ରକାଶ ପାଇଲା । ମଠର ସମସ୍ତ ପ୍ରକାର ସାଙ୍ଗଠନିକ କାର୍ଯ୍ୟରୁ ସେ ନିଜକୁ ଓହରାଇ ନେଲେ । ଏମିତିକି କେହି କେତେବେଳେ ତାଙ୍କର ପରାମର୍ଶ ଚାହୁଁଥିଲେ ସେ ନୀରବ ରହୁଥିଲେ, ଅଥବା ନିଜେ ନିଜର ସିଦ୍ଧାନ୍ତ ନେବାକୁ ଉପଦେଶ ଦେଉଥିଲେ । ଅଧିକାଂଶ ସମୟ ସେ ଧ୍ୟାନସ୍ଥ ରହୁଥିଲେ, ନତୁବା ଆତ୍ମସ୍ଥ ହୋଇ ପଦଚାରଣା କରୁଥିଲେ । ସ୍ୱାମିଜିଙ୍କର ଏତାଦୃଶ ଆଚରଣରେ କିନ୍ତୁ କାହାରି ସଂଶୟ ଜାତ ହୋଇ ନ ଥିଲା । ସଭିଏଁ ବୋଧହୁଏ ଭୁଲି ଯାଇଥିଲେ ଠାକୁରଙ୍କ ଚେତାବନୀ । ଥରେ ଠାକୁର କହିଥିଲେ, ''ଇଏ ଯେଉଁଦିନ ନିଜକୁ ଚିହ୍ନି ପାରିବ, ସେଦିନ ଶରୀର-ତ୍ୟାଗ କରିବ ।''

ଯୋଗୀବର ସେତେବେଳକୁ ଅନ୍ତର୍ମୁଖୀ ହୋଇ ସାରିଥିଲେ । କାରଣ ଥରେ କଥା ପ୍ରସଙ୍ଗରେ ଯେତେବେଳେ ଗୁରୁ ଭାଇ ଜଣେ ପଚାରିଲେ, ''ଆଚ୍ଛା ସ୍ୱାମିଜି ! ଆପଣ କିଏ ତାହା ବୁଝି ପାରିଛନ୍ତି କି ? ସେତେବେଳେ ସହସା ଉତ୍ତର ମିଳିଲା – ''ଏବେ ବୁଝୁଛି ।'' ତଥାପି ଶିଷ୍ୟବର୍ଗଙ୍କର ଚେତା ପଶିଲାନି । ତାଙ୍କର ଗମ୍ଭୀର ଭାବ ଦେଖି ସମସ୍ତେ ଯାହା ଖାଲି ନୀରବ ରହିଲେ । ମାତ୍ର ସ୍ୱାମିଜି ବୋଧହୁଏ ଶୁଣୁଥିଲେ ଗୀତାର ସେହି ଅମୃତ ତତ୍ତ୍ୱର ଝଙ୍କାର :

''ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।''
(୨/୨୭)

ମଠର ସଦସ୍ୟମାନଙ୍କ ପାଇଁ ଏହା ଅଗୋଚର ହୋଇପାରେ, ହେଲେ ସ୍ୱାମିଜି ଠିକ୍ ମନେ ରଖିଥିବେ ସେଦିନର ଉପଲବ୍ଧିକୁ । ଭସ୍ମ ବିଲେପିତ କଳେବର, କୌପୀନ ଖଣ୍ଡିକ ମାତ୍ର ଅଙ୍ଗବାସ । ସ୍ୱାମିଜି ପ୍ରବେଶ କଲେ ଗିରିଗୁହା ମଧକୁ । ସମ୍ମୁଖରେ ବିରାଜମାନ ଦେବାଧିଦେବଙ୍କ ଚିର ତୁଷାରାବୃତ ଅନାଦିଲିଙ୍ଗ – ଶ୍ରୀ ଶ୍ରୀ ଅମରନାଥ । ସାଷ୍ଟାଙ୍ଗ ପ୍ରଣାମ ଜଣାଇ ଧ୍ୟାନସ୍ଥ ହେଲେ ସ୍ୱାମିଜି । ଶିବାଂଶ ଜାତ ସନ୍ନ୍ୟାସୀଙ୍କର ସେଦିନ ହେଲା ଏକ ଅଲବ୍ଧ ଉପଲବ୍ଧି । ଆନନ୍ଦରେ ଅଧୀର ହୋଇ ଗୁହା ମଧ୍ୟରୁ ବାହାରି ଆସିଲେ ଏବଂ ନିବେଦିତାଙ୍କୁ କହିଲେ, ''ଜାଣ, ଦେବାଧିଦେବ ମହାଦେବ ଆଜି ମୋତେ ଇଚ୍ଛା ମୃତ୍ୟୁ ପ୍ରଦାନ କରିଛନ୍ତି ।''

ସେତେବେଳକୁ ଆଉ ସପ୍ତାହେ ବାକି ଥାଏ । ସ୍ୱାମିଜି ପାଞ୍ଜି ଖଣ୍ଡିକ ଆଣିବା ପାଇଁ ସ୍ୱାମୀ ଶୁଦ୍ଧାନନ୍ଦଙ୍କୁ କହିଲେ । ସେଇଟିକୁ ନିଜ ଘରେ ରଖି ଖୁବ୍ ମନୋଯୋଗ ସହକାରେ ପୃଷ୍ଠା ପରେ ପୃଷ୍ଠା ପଢ଼ିବାକୁ ଲାଗିଲେ । ମନ ତାଙ୍କର ଉଦ୍‌ବିଗ୍ନ, ଆଖି ଚଞ୍ଚଳ । ସତେ ଯେମିତି କୌଣସି ଏକ ବିଶେଷ କାର୍ଯ୍ୟ ପାଇଁ ଦେବ ମୁହୂର୍ତ୍ତକୁ ଧାର୍ଯ୍ୟ କରିବାକୁ ହେବ, କିନ୍ତୁ କ'ଣ

ସେହି କାର୍ଯ୍ୟ ଏବଂ କେଉଁ ଦିନ, କେଉଁ ଦଣ୍ଡ, କେଉଁ ଲିତାରେ ତାହା ସମାହିତ ହେବ ତାହା ଥିଲା ସଭିଁଙ୍କ ପାଇଁ ଅଗୋଚର । ପାଞ୍ଜି ପଢ଼ାରେ ବିରତି ଘଟିଲା, ଯୋଗୀବର ତୃପ୍ତ ହେଲେ । ସ୍ୱାମିଜିଙ୍କର ଦେହାନ୍ତ ହେବା ପରେ ଯାଇ ଗୁରୁଭାଇମାନେ ବୁଝି ପାରିଥିଲେ ଏହି ଅହେତୁକି କ୍ରିୟାକଳାପର ରହସ୍ୟ । ସେତେବେଳେ ମନେ ପଡ଼ି ଯାଇଥିଲା ଠାକୁରଙ୍କ କଥା । ଠାକୁର ଶ୍ରୀରାମକୃଷ୍ଣ ମଧ୍ୟ ମୃତ୍ୟୁର କିଛିଦିନ ପୂର୍ବରୁ ଜଣେ ଶିଷ୍ୟକୁ ଡାକି ପାଞ୍ଜି ପଢ଼ିବାକୁ କହିଥିଲେ । ତା'ପରେ କିଛି ପୃଷ୍ଠା ପଢ଼ିବା ପରେ ଠାକୁର କହିଲେ, ''ଥାଉ, ଆଉ ଦରକାର ନାହିଁ ।'' ସତରେ ଅନୁରୂପ ଢଙ୍ଗ, ଅନୁରୂପ ବିଚାର । ଯଥାର୍ଥ ଗୁରୁଙ୍କର ଯଥାର୍ଥ ଶିଷ୍ୟ ।

ସେତେବେଳକୁ ଆଉ ମାତ୍ର ତିନି ଦିନ ବାକିଥାଏ । ଆଗନ୍ତୁକମାନଙ୍କ ସହ ଆଳାପ ଆଲୋଚନାର ବ୍ୟବସ୍ଥା ବନ୍ଦ ହୋଇ ଯାଇଥିଲା । ସ୍ୱାମିଜି କେବଳ ଗୁରୁଭାଇମାନଙ୍କ ସହ ଯାହା ସମ୍ପର୍କ ରକ୍ଷା କରିଥିଲେ । ଅବଶ୍ୟ ଆତ୍ମୀୟତାର ଭାବ ଅନେକ ବଢ଼ି ଯାଇଥିଲା । ସମୟ ପାଇଲେ ସେମାନଙ୍କ ସହ ଶାସ୍ତ୍ର ଆଲୋଚନା କରୁଥିଲେ ଓ ସଂସ୍କୃତ ବ୍ୟାକରଣ ପଢ଼ାଉଥିଲେ । ଅନେକ ସମୟ କଟୁଥିଲା ଧ୍ୟାନ ଧାରଣା ଓ ଏକାନ୍ତ ଭ୍ରମଣରେ । ସେଦିନ କିନ୍ତୁ କେତେଜଣ ଗୁରୁଭାଇଙ୍କ ସହ ଗଙ୍ଗା କୂଳରେ ମଠ ଭିତରେ ବୁଲୁଥିବା ବେଳେ ହଠାତ୍ ଗୋଟିଏ ସ୍ଥାନକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ମୋର ମୃତ୍ୟୁ ହେଲେ ଏଇଠି ମୋର ଶବକୁ ଦାହ କରିବ ।'' ଶୁଣୁଥିବା ଗୁରୁଭାଇମାନେ କଥାକୁ ଏତେ ବେଶୀ ଗୁରୁତ୍ୱ ଦେଲେ ନାହିଁ ।

ସେଦିନ ଥିଲା ଏକାଦଶୀ । ସ୍ୱାମିଜି ଉପବାସ କରିଥିଲେ । ମାତ୍ର ପ୍ରାତଃ ଭୋଜନ ସମୟରେ ସେ ନିଜେ ଆସି ଭୋଜନଶାଳାରେ ଗୁରୁଭାଇମାନଙ୍କୁ ପରିବେଷଣ କଲେ । ସୁସ୍ୱାଦୁ ବ୍ୟଞ୍ଜନ ଓ ମିଠା ଦେଇ ସେମାନଙ୍କୁ ଆପ୍ୟାୟିତ କରିବାକୁ ଲାଗିଲେ । ଖାଇବା ସମୟରେ କେତେ ରକମର ହସ-କୌତୁକ, ଗଳ୍ପର ଆସର ଜମିଲା । ସମସ୍ତେ ହସି ହସି ବେଦମ୍ । ମନେ ହେଉଥିଲା ସ୍ୱାମିଜି ସତେ ଯେମିତି ସରଳ ଶିଶୁଟିଏ । କିନ୍ତୁ ଯେତେବେଳେ ଗମ୍ଭୀର ହୋଇ ବସି ରହୁଥିଲେ ସେତେବେଳେ ତାଙ୍କ ସାମନା ଦେଇ ଯିବା ପାଇଁ ଗୁରୁଭାଇମାନେ ସଙ୍କୋଚ ବୋଧ କରୁଥିଲେ, ଉତ୍ତର ଦେବା ତ ଦୂରର କଥା । ଖାଇବା ସରିଯିବା ପରେ ସ୍ୱାମିଜି ନିଜେ ସେମାନଙ୍କ ହାତକୁ ପାଣି ଟେକି ଦେଲେ ଏବଂ ନିଜ ଉତ୍ତରୀୟରେ ସେମାନଙ୍କର ମୁହଁ ହାତ ପୋଛିଦେଲେ । ମନେ ହେଉଥିଲା ମା'ର ଆଦର – ଅନୈସର୍ଗିକ, ଅତୁଳନୀୟ ।

ଗୁରୁଭାଇମାନେ ଏହାର ମର୍ମ ନ ବୁଝିଥିଲେ ବି ହତଭମ୍ଭ । ଜଣେ ପ୍ରଶ୍ନ କଲେ, ''ସ୍ୱାମିଜି ! ଆପଣ ଏ କ'ଣ କରୁଛନ୍ତି । ଏହିସବୁ କାର୍ଯ୍ୟ ଆମେ କରିବା ଉଚିତ । ଆମେ ଆପଣଙ୍କ ସେବକ । ଆପଣଙ୍କ ସେବା ଗ୍ରହଣ କରିବା ଆମର ପ୍ରାପ୍ୟ ନୁହେଁ ।'' ସ୍ମିତ ହସରେ ସ୍ୱାମିଜିଙ୍କ ବଦନ ଆହୁରି କୋମଳ ହୋଇ ଉଠିଲା, ଆଖିରୁ ଝରି ପଡ଼ିଲା କରୁଣାର ବର୍ଷା । ଖୁବ୍ ନରମ ଗଳାରେ କହିଲେ, ''କାହିଁ, ଯିଶୁଖ୍ରୀଷ୍ଟ କ'ଣ ତାଙ୍କ ଶିଷ୍ୟମାନଙ୍କର ପାଦ ଧୋଇ ଦେଇ ନ ଥିଲେ !''

''କିନ୍ତୁ ତାହା ଯେ ଶେଷ ଦିନ !'' – ମନକୁ ଆସିଥିଲେ ବି ଭରସି କହିପାରି ନ ଥିଲେ ଗୁରୁଭାଇ ଜଣକ । ସମସ୍ତେ ନୀରବ, କଣ୍ଠ ବାଷ୍ପରୁଦ୍ଧ ।

ସେଦିନ ଥିଲା ୧୯୦୨ ମସିହା ଜୁଲାଇ ଚାରି ତାରିଖ । ସ୍ୱାମିଜି ଭୋରରୁ ଉଠି ସବୁଦିନ ପରି ସମବେତ ଧ୍ୟାନକୁ ଯିବାକୁ ରାଜି ହେଲେ ନାହିଁ । ମନେ ପଡ଼ିଗଲା ତାଙ୍କର ଅତୀତର ବହୁ ସ୍ମୃତି । ସେହି ସ୍ମୃତିକୁ ନେଇ ସେ ଖୁବ୍ ଆନନ୍ଦିତ ହେଲେ । ସକାଳର ଚା ପିଇସାରି ଚାଲିଗଲେ ମଠର ଠାକୁର ଘରକୁ । ଘରର ସମସ୍ତ କବାଟ ଝରକା ବନ୍ଦ କରି ଦେଇ ଧ୍ୟାନରେ ବସିଲେ । ପୂର୍ଣ୍ଣ ସମାଧି ଅବସ୍ଥା । ଏଭଳି ରୁଦ୍ଧ କୋଠରିରେ ସେ କେବେ ବି ଧ୍ୟାନ କରନ୍ତି ନାହିଁ । ମାତ୍ର ତାହା ଥିଲା ଏକ ବ୍ୟତିକ୍ରମ । ବୋଧହୁଏ ନିର୍ବିକଳ୍ପ ସମାଧିର ଏହା ଏକ ଅନନ୍ୟ ସୂଚନା, ଯାହା ଠାକୁର ଚାବି ପକାଇ ରଖିଥିଲେ ଏବଂ କହିଥିଲେ, ''ଏଥର ଚାବି ପଡ଼ି ରହିଲା, ଚାବି ମୋ ହାତରେ ରହିବ, କାମ ସରିଲେ ଖୋଲି ଦିଆଯିବ ।'' ପ୍ରକୃତରେ ତାଙ୍କର କାମ ଶେଷ ହେବା ନ ହେବା କଥା କେବଳ ସେହିଁ ଜାଣନ୍ତି ।

ଦୀର୍ଘ ତିନି ଘଣ୍ଟା ପରେ ଭାବମଗ୍ନ ସ୍ୱାମିଜି ଢଳି ଢଳି ଶିଡ଼ିରେ ତଳକୁ ଓହ୍ଲାଇଲେ । କଣ୍ଠରେ ତାଙ୍କର ମୃଦୁ ଗୁଞ୍ଜରଣ – 'ମନ, ଚଲ ନିଜ ନିକେତନ' । ବାଳକ ନରେନ୍ଦ୍ରଙ୍କର ଏହା ଥିଲା ସବୁଠାରୁ ପ୍ରିୟ ଗୀତ, ଯାହାକୁ ଗୁରୁଦେବଙ୍କ ସହ ପ୍ରଥମ ସାକ୍ଷାତରେ ସେ ଗାଇଥିଲେ ଏବଂ ଗୁରୁଦେବ ତାହା ଶୁଣି ଭାବ ସମାଧି ଲାଭ କରିଥିଲେ । ଏତେ ବର୍ଷର ବ୍ୟବଧାନରେ ଆଜି ତାହାର ପୁନରାବୃତ୍ତି ।

ସେଦିନ ସ୍ୱାମିଜିଙ୍କ ମୁଖମଣ୍ଡଳ ଅଦ୍ଭୁତ ଏକ ଦ୍ୟୁତିରେ ଉଦ୍ଭାସିତ ହୋଇ ଉଠିଥିଲା, ଆଖି କରୁଣାସିକ୍ତ, ଏକାକୀ

ପଦଚାରଣ କରୁ କରୁ ଅସ୍ଫୁଟ ସ୍ୱରରେ ସେ ନିଜକୁ କିଛି କହୁଥିଲେ । ନିକଟରେ ଠିଆ ହୋଇଥିଲେ ସ୍ୱାମୀ ପ୍ରେମାନନ୍ଦ, ଶୁଣି ପାରିଲେ ସେହି ସ୍ୱର – ''ଯଦି ବର୍ତ୍ତମାନ ଆଉ ଜଣେ ବିବେକାନନ୍ଦ ଥାଆନ୍ତା ତେବେ ସେ ବୁଝି ପାରିଥା'ନ୍ତା ଯେ ଏ ବିବେକାନନ୍ଦ କ'ଣ କରିଛି । କିନ୍ତୁ କାଳକ୍ରମେ ଅନେକ ବିବେକାନନ୍ଦ ଜନ୍ମଗ୍ରହଣ କରିବେ । ମା'ଙ୍କ କାମ ଅବ୍ୟାହତ ରହିବ ।'' ଚମକି ପଡ଼ିଲେ ସ୍ୱାମୀ ପ୍ରେମାନନ୍ଦ ଏବଂ ବୁଝିଗଲେ ସ୍ୱାମିଜି ଭିନ୍ନ ଚେତନାସୀନ । ମାତ୍ର ମହାମାୟା ଯେ ତାଙ୍କର ସୂକ୍ଷ୍ମ ଅଜ୍ଞାନତାର ପରଦାକୁ ଅପସାରଣ କରି ନେଇଛନ୍ତି ଏବଂ ସ୍ୱାମିଜିଙ୍କର ଯେ ଏହା ଶେଷ ଅବସ୍ଥା, ବ୍ରହ୍ମଲୋକ ପ୍ରାପ୍ତିର ପ୍ରସ୍ତୁତି – ଏକଥା ବୁଝି ପାରିଲେ ନାହିଁ । ଏହା ତ ମହାମାୟାଙ୍କ ଲୀଳା – ବୁଝନ୍ତେ ବା କେମିତି !

ମଧାହ୍ନ ଭୋଜନର ଘଣ୍ଟା ବାଜିବାରୁ ସ୍ୱାମିଜି ପଂକ୍ତି ଭୋଜନରେ ଯୋଗଦେଲେ । ଗୁରୁଭାଇମାନଙ୍କ ଗହଣରେ ଆସନ ପାତି ବସି ପଡ଼ିଲେ । ସେ ଦିନର ଭୋଜନ ଆସରରେ ଥିଲା ଭିନ୍ନ ଏକ ଆନନ୍ଦ । ଲଘୁ ହସକୌତୁକ, ଆନନ୍ଦ-ଉଲ୍ଲାସ । ସ୍ୱାମିଜିଙ୍କ ସହିତ ଏକତ୍ର ଭୋଜନ କରି ଗୁରୁଭାଇମାନେ ଖୁବ୍ ଆନନ୍ଦିତ । କାରଣ ଶରୀର ଅସୁସ୍ଥ ହେବାଠାରୁ ବେଶ୍ କିଛି ଦିନ ଧରି ସେମାନେ ଏହି ସୌଭାଗ୍ୟରୁ ବଞ୍ଚିତ ହୋଇଥିଲେ । ସାମାନ୍ୟ ବିଶ୍ରାମ ପରେ ସ୍ୱାମିଜି ଗୁରୁଭାଇମାନଙ୍କୁ ବ୍ୟାକରଣ ପଢ଼ାଇବାକୁ ବସି ପଡ଼ିଲେ । ସବୁଦିନ ଅପରାହ୍ଣ ତିନିଟା ବେଳେ ପାଠପଢ଼ା ହେଉଥିଲା, ସେଦିନ କିନ୍ତୁ ଗୋଟାଏ ପନ୍ଦର ନ ହେଉଣୁ ଡକରା ପଡ଼ିଲା । ଲଘୁ କୌମୁଦୀ ବ୍ୟାକରଣ ଯାହା ଅତୀବ କ୍ଲିଷ୍ଟ ତାହାର ବ୍ୟାଖ୍ୟା ଆରମ୍ଭ କଲେ ସ୍ୱାମିଜି । ବହୁ ସରଳ ଭାବରେ, ବିଭିନ୍ନ ପ୍ରକାରର ଉଦାହରଣ ଦେଇ ସେ ସେହି ବିଷୟଟିକୁ ଶେଷ କଲେ । ସମୟ ସେତେବେଳକୁ ତିନି ଘଣ୍ଟା ଅତିକ୍ରାନ୍ତ ମାତ୍ର କେହି ଜଣେ ବି ବିରକ୍ତ ବୋଧ କରି ନ ଥିଲେ ।

ଅପରାହ୍ଣରେ ସ୍ୱାମିଜି ମଠ ବାହାରକୁ ବୁଲିବା ପାଇଁ ବାହାରିଲେ । ସଙ୍ଗରେ ଥିଲେ ସ୍ୱାମୀ ପ୍ରେମାନନ୍ଦ । ସନ୍ଧ୍ୟା ପୂର୍ବରୁ ଭ୍ରମଣ ଶେଷ କରି ସ୍ୱାମିଜି ଫେରି ଆସି ମଠ ବାରଣ୍ଡାରେ ବସି ରହିଲେ, କେତେଜଣ ସନ୍ନ୍ୟାସୀଙ୍କ ସହ ଅନ୍ତରଙ୍ଗ ଆଳାପ ଆଲୋଚନା କଲେ । ସନ୍ଧ୍ୟା ଆରତି ଆରମ୍ଭ ହେବାରୁ ବ୍ରହ୍ମଚାରିଗଣ ସ୍ୱାମିଜିଙ୍କୁ ପ୍ରଣାମ କରି ଠାକୁର ଘରକୁ ଚାଲିଗଲେ । ସ୍ୱାମିଜି ଧୀରେ ଧୀରେ ପଦଚାଳନା କରି ଉଠିଲେ ଉପର ମହଲାରେ ଥିବା ନିଜ ଶୋଇବା ଘରକୁ । ସଙ୍ଗେ ସଙ୍ଗେ ଘରର କବାଟ ଝରକା ଖୋଲି ଦେବା ପାଇଁ ସେ ସେବକ-ବ୍ରହ୍ମଚାରୀଙ୍କୁ ଇଙ୍ଗିତ ଦେଲେ । ସନ୍ଧ୍ୟା ସେତେବେଳକୁ ଆଗତପ୍ରାୟ । ଅନ୍ଧାର ଆକାଶରେ ନିସ୍ତବ୍ଧ ତାରକାଗଣ ମିଟି ମିଟି ହେଉଥିଲେ । ପରଦିନ ଅମାବାସ୍ୟା – ଶନିବାର । ସେହି ନିସ୍ତବ୍ଧତା ଭିତରେ ଗୁଞ୍ଜରିତ ହେଉଥିଲା ଗଙ୍ଗାର ମୃଦୁ ହିଲ୍ଲୋଳ । ସତେ ଯେମିତି ମୁରଲୀର ମୂର୍ଚ୍ଛନା । ଝରକା ପାଖକୁ ଆସି ସ୍ୱାମିଜି ନୀରବରେ ଠିଆ ହୋଇରହିଲେ । ଦୃଷ୍ଟି ତାଙ୍କ ପ୍ରସରି ଗଲା ଦକ୍ଷିଣେଶ୍ୱର ଆଡ଼କୁ । ସେହି ଘନ ଅନ୍ଧକାର ଭେଦ କରି ଦିବ୍ୟ-ଦୃଷ୍ଟି ଯେ କାହାକୁ ଅନ୍ୱେଷଣ କରୁଥିଲା ସେକଥା କେବଳ ସେହିଁ ଜାଣନ୍ତି । ମାତ୍ର ଏକଥା ସତ୍ୟ ତାଙ୍କ ଜ୍ଞାନଦୃଷ୍ଟି ସମ୍ମୁଖରେ କାଗଜ ପରି ପତଳା ଯେଉଁ ଆବରଣଟି ଥିଲା ତାହା ଆଜି ବିଦୀର୍ଣ୍ଣ । ଆତ୍ମୋପଲବ୍ଧିର ଶିଖର ଦେଶରେ ସେ ଆଜି ଦଣ୍ଡାୟମାନ – ଭିନ୍ନ ଏକ ଦୃଷ୍ଟି, ଭିନ୍ନ ଏକ ଉପଲବ୍ଧି ।

ବାହାରେ ବସି ଜପ କରିବା ପାଇଁ ବ୍ରହ୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇ ସ୍ୱାମିଜି ଜପମାଳା ଧରି ପଦ୍ମାସନରେ ବସି ପଡ଼ିଲେ । ତାହାହିଁ ଥିଲା ତାଙ୍କ ପାଇଁ ଶେଷ ଧ୍ୟାନ । ତଲ୍ଲୀନ ହୋଇଗଲେ ବ୍ରହ୍ମଲୋକରେ । ବାହାରେ ବ୍ରହ୍ମଚାରୀ ମଧ୍ୟ ଧ୍ୟାନସ୍ଥ । ପ୍ରାୟ ଘଣ୍ଟାକ ପରେ ଧ୍ୟାନରୁ ଉଠି ପଡ଼ି ସ୍ୱାମିଜି ଚଟାଣରେ ଶୋଇ ରହିଲେ ଏବଂ ବ୍ରହ୍ମଚାରୀଙ୍କୁ ଡାକି ବିଞ୍ଚିଦେବା ପାଇଁ କହିଲେ । ହାତରେ ଥାଏ ଜପମାଳା, ଦେହ କ୍ରମଶଃ ଶିଥିଳ ହୋଇ ଆସୁଥାଏ । ଜପମାଳାକୁ ଧରି ହାତ ତାଙ୍କର ହୃଦୟ ସ୍ପର୍ଶ କଲା । ହାତରେ ସେତେବେଳକୁ ମୃଦୁ କମ୍ପନ । ଦୁଇଟି ଗଭୀର ଦୀର୍ଘଶ୍ୱାସ ପରେ, ଶ୍ୱାସ ବାୟୁ ହଜିଗଲା ଇଥର ମଧ୍ୟରେ । ନିସ୍ତବ୍ଧତା ଆବୋରି ନେଲା କୋଠରିକୁ ଏବଂ ଦୀର୍ଘଦିନର କର୍ମମୁଖରତା ପରେ ଯୋଗୀବର ନେଲେ ଚିର ବିଶ୍ରାନ୍ତି ।

ଘଡ଼ିକ ମଧ୍ୟରେ ମଠ ଲୋକାରଣ୍ୟ । ସମସ୍ତେ ବ୍ୟଥିତ, ବ୍ୟାକୁଳ । ମାତ୍ର ନୀରବ । ସାରା ବାତାବରଣ ସ୍ତବ୍ଧ । ସେଇ ସ୍ତବ୍ଧତା ଭିତରେ ସ୍ୱର୍ଗର ବୀଣା ସତେ ଯେମିତି ଗାଇ ଉଠୁଥିଲା, ଯୋଗିବରଙ୍କ ପ୍ରିୟ ମନ୍ତ୍ରଟିକୁ :

''ବେଦାହ ମେତଂ ପୁରୁଷଂ ମହାନ୍ତମ୍,
ଆଦିତ୍ୟବର୍ଣ୍ଣଂ ତମସଃ ପୁରସ୍ତାତ୍;
ତ୍ୱମେବ ବିଦିତ୍ୱାତିମୃତ୍ୟୁମେତି
ନାନ୍ୟ ପନ୍ଥା ବିଦ୍ୟତେଽୟନାୟ ॥''

(ସମାପ୍ତ) ❑

# ଆଗେଇ ଯାଅ

## ସନ୍ତୋଷ କୁମାର ରଥ

ଛାଇପକା ଗଛ ବାଟୋଇ ପାଇଁ ସାହାରା । ବାଟ ଚାଲି ଚାଲି ଗୋଡ଼ରୁ ଯେତେବେଳେ ବାକୁଲି ଉଠେ, ତୁଣ୍ଡ ଝୋଲା ଝାଇଁ ମାରିଯାଏ, ହଂସା ଉଡ଼ିଗଲା ପରି ଲାଗେ, ସେତେବେଳେ ବାଟୋଇ ବାପୁଡ଼ା ତାହାରି ମୂଳରେ ଆଶ୍ରା ଲୋଡ଼େ । ଟିକିଏ ବିଶ୍ରାନ୍ତି ପରେ ସେ ପୁଣି ଅଣ୍ଟା ଭିଡ଼େ । ବୋଝ ହାଲୁକା ମୁଣ୍ଡ ତା'ର ଆବୋରି ନିଏ ସେହି ପୁରୁଣା ବୋଝକୁ । ମାପେନି ବୟସ କି ହଜିଲା ଜୁକୁ । ବରଂ ଭାବେ ଗୁଳାପକା ରାସ୍ତାହିଁ ତା' ପାଇଁ ଏକମାତ୍ର ବିଧାନ । ହାୟରେ ମଣିଷ ! ଥୋକେ ଚାଲିଗଲା ପରେ ଆଉ ଥୋକେ ଆସନ୍ତି । ଅସରନ୍ତି ଏ ଯାତ୍ରା, ଅମାପ ଏ ପଥ । ଗଛ ବୋଧେ ଏକଥା ଜାଣେ, ଆଉ ସେଇଥିପାଇଁ ତା'ର ଏ ଦରଦ । ଛାୟା ମେଲିଥାଏ ସଭିଙ୍କ ପାଇଁ, ନ ଶୁଭୁଥିଲେ ବି କହୁଥାଏ – ହେ ବାଟୋଇବୃନ୍ଦ ! ଆସ, ମୁଁ ଯେ ତୁମ ପାଇଁ ଅପେକ୍ଷମାଣ । ସୂର୍ଯ୍ୟଙ୍କର ଉତ୍ତାପକୁ ମୁଁ ବହନ କରିଚାଲିଛି, ବର୍ଷା-ବତାସିକୁ ମୁଁ ମଥା ପାତିଛି, ସମସ୍ତ ଦୁଃବାୟୁକୁ ମୁହିଁ ସେବନ କରୁଛି । କେବଳ ତୁମରି ପାଇଁ । ତୁମେ ପରା ମୋର ଆଶ୍ରିତ ।

ଠାକୁର ଶ୍ରୀରାମକୃଷ୍ଣଙ୍କ ଜୀବନ ଏତାଦୃଶ । ପାପୀ-ତାପୀ, ଦୀନ-ଦୁଃଖୀ, ସଭିଏଁ ନିଜ ସାଉଁଟା କଷ୍ଟକୁ ଅଜାଡ଼ି ଦିଅନ୍ତି ତାଙ୍କରି ଚରଣରେ । ଆଶ୍ରା ଲୋଡ଼ନ୍ତି । ମିନତିର ସତେ ଯେମିତି ଶେଷ ନାହିଁ । ଠାକୁର କିନ୍ତୁ ନିର୍ବିକାର । ଆପଣେଇ ନେବାରେ ଧୁରନ୍ଧର, ରାସ୍ତାକଡ଼ରେ ବପୁ ବିସ୍ତାର କରି ରହିଥିବା ସେହି ବଟବୃକ୍ଷ ପରି ।

ଠାକୁରଙ୍କ କଥାରେ ସୁଧା ବରଷେ । ସଭିଏଁ ତଟସ୍ଥ ହୋଇ ଶୁଣନ୍ତି, ଆଉ ସାଇତି ରଖିବା ପାଇଁ ନିଜ ମୁଦା ପେଡ଼ିର ଚାବି ଦରାଣ୍ଡନ୍ତି । ସେତେବେଳେ ମନେ ପଡ଼ିଯାଏ ଠାକୁରଙ୍କ କଥା – ଏପେଡ଼ି ଖୋଲିବାର ସବୁଠାରୁ ସହଜ ଉପାୟ ହେଉଛି 'ମା' ନାମ' । ମା'କୁ ଡାକିଲେ ତୁମ ଭିତରର ସବୁ ଦୁଆର ଖୋଲିଯିବ । ତୁମର ଜ୍ଞାନ ଉଦୟ ହେବ । ତୁମେ ଜାଣିବ – ଈଶ୍ୱର କେବଳ ବସ୍ତୁ, ଆଉ ସବୁ ଅବସ୍ତୁ । ଈଶ୍ୱରପ୍ରାପ୍ତିହିଁ ଜୀବନର ଶେଷ ଲକ୍ଷ୍ୟ । ମାତ୍ର ଏହାର ସାଧନ ନିମନ୍ତେ ଆଗେଇ ଯିବାକୁ ହେବ । ଠାକୁର ଆରମ୍ଭ କଲେ କଥାଟିଏ, ଯାହା ଏବେ ବି ସ୍ମୃତିସାଇତା ହୋଇ ରହିଛି ଭକ୍ତମଣ୍ଡଳରେ ।

ଦିନକର ଘଟଣା, କାଠକଟାଳିଟିଏ କାଠ କାଟିବା ପାଇଁ ଜଙ୍ଗଲକୁ ଯାଇଥିଲା । କଣ୍ଟାଝଣ୍ଟା ଆଡ଼େଇ ଚାଲିଥାଏ ସେଇ ସରୁ ଅଙ୍କାବଙ୍କା ରାସ୍ତାରେ । ସବୁଆଡ଼ ନିକାଞ୍ଚନ, ଜନମାନବ-ଶୂନ୍ୟ । ବାଳୁତ ଅଭ୍ୟାସ ଯୋଗୁଁ ନିର୍ଭୀକ ପଣିଆଟା ତାକୁ ବାଟ କଢ଼ାଇ ନେଉଥିଲା । ମାତ୍ର ବେଶୀ ଦୂର ଯିବାକୁ ପଡ଼େ ନି, ସଳଖ କାଠ ବେଙ୍କାଏ ହୋଇଗଲେ ତା'ର ଦିନକର ରୋଜଗାର ଭରଣା ହୋଇଯାଉଥିଲା । ବେଳ ଥାଉ ଥାଉ ଫେରିଆସେ । ସେଦିନ ବାଙ୍କମୁହାଁଟି ତାଳବଣିଆର ଆରପାରିରେ ଦେଖାହେଲା ଜଣେ ସନ୍ନ୍ୟାସୀଙ୍କ ସହିତ । ତାଙ୍କର ଅଚାନକ ଆବିର୍ଭାବ ଆଶ୍ଚର୍ଯ୍ୟଜନକ ମନେ ହେଉଥିଲେ ବି ଅସ୍ୱାଭାବିକ ବୋଧ ହେଲା ନି, ଏଥିପାଇଁ ଯେ ସନ୍ନ୍ୟାସୀ ଲୋକ ଧ୍ୟାନସ୍ଥ ହେବା ପାଇଁ ଆସ୍ଥାନଟିଏ ଉଣ୍ଡାଳୁଛନ୍ତି ବୋଧହୁଏ । କିଛି ନ କହି କାଠକଟାଳି ତା' ରାସ୍ତା ଧରିବାକୁ ମୋଡ଼ ବୁଲିବାବେଳେ ସନ୍ନ୍ୟାସୀ ଜଣକ ଆଗୁଆ ହୋଇ କହି ପକାଇଲେ, ''ଆଗେଇ ଯାଅ, ଆହୁରି ଆଗେଇ ଯାଅ ।''

ମୁହଁସଞ୍ଜ ଉତାରୁ କାଠକଟାଳିଟି ଘରକୁ ଫେରି ଆସି ହାଲିଆ ମେଣ୍ଟାଉଥିଲା ବେଳେ ମନେ ପଡ଼ିଗଲା ସନ୍ନ୍ୟାସୀଙ୍କ କଥା । ଭାବିଲା – ଗୋସେଇଁ ଏମିତି କଥାପଦେ କହିଲେ କାହିଁକି ? ଠିକ୍ ଅଛି କାଲିକି ପରଖି ନେବା । ମାତ୍ର ଘଡ଼ିକ ପରେ ଛାଞ୍ଚଗଢ଼ା ମୂର୍ତ୍ତିପରି ମନଟା ବାଛି ନେଲା ତା'ର ପୁରୁଣା ଅଭ୍ୟାସକୁ – ସନ୍ନ୍ୟାସୀ ଲୋକ, ଆଗପଛକୁ କେହି ନାହିଁ । ମୁହଁ ଯୁଆଡ଼େ ଅନୁକୂଳ ସିଆଡ଼େ । ସେ ବା କାହିଁ ଆଉ ପଛକୁ ଫେରିବା କଥା ଚିନ୍ତିବେ । ସେଇଥି ପାଇଁ ବୋଧେ କହିଦେଲେ – 'ଆଗେଇ ଯାଅ' ।

ଦିନ ବିତିଗଲା । ସଂସାର ଜଞ୍ଜାଳରେ ରହି କାଠ କଟାଳିଟି ଭୁଲିଗଲା ସନ୍ନ୍ୟାସୀଙ୍କ ଚେତାବନି । ସତରେ ମେଢ଼ିବୁଲା ମୂଲିଆ ବା କାହିଁ ରଖିବ ଆଗେଇ ଯିବାର ମିଆଦ – ସେ କ'ଣ କେବେ ମାପି ଜାଣେ ପହଞ୍ଚ ଲକ୍ଷ୍ୟ ଓ ଅତିକ୍ରାନ୍ତ ପଥ ମଧ୍ୟରେ ରହିଥିବା ବ୍ୟବଧାନକୁ ? ସେ ତ ବନ୍ଧା ଖାଲି ସେଇ ପରିଧିକଟା ଅରାକ ମଧ୍ୟରେ ।

ଦିନକୁ ଦିନ ମନମୁତାବକ ସଳଖ କାଠ ନ ମିଳିବାରୁ

କାଠକଟାଳିଟି ଜଙ୍ଗଲ କାଟି କାଟି ଆଗଉଥିଲା ଆଗକୁ । ମାତ୍ର ବନସମ୍ପଦର ଅପଚୟ ହେତୁ ଘଞ୍ଚତା ଯେ ଘୁଞ୍ଚି ଘୁଞ୍ଚି ଯାଉଥିଲା ସେକଥାକୁ ତା'ର ହେଜ ନ ଥିଲା, କି ବୃତ୍ତିଟା ଯେ ପୈତୃକ ଅଧିକାର ନୁହେଁ ସେ ମୂର୍ଖତାରୁ ମୁକୁଳିବାର ଚେଷ୍ଟା ମଧ୍ୟ ନ ଥିଲା । ହଠାତ୍ ଦିନେ ସନ୍ନ୍ୟାସୀଙ୍କ କଥା ମନେ ପଡ଼ିଯିବାରୁ ଭାବିଲା – ଆଜି ହାତପାହାନ୍ତାରେ ମିଳିଲେ ବି କାଠ କାଟିବି ନି, ଆଗେଇବି, ଆହୁରି ଆଗେଇବି । ଦେଖିବି ସନ୍ନ୍ୟାସୀ କ'ଣ ପାଇଁ ସେଦିନ ଏମିତି କହିଥିଲେ – 'ଆଗେଇ ଯାଅ, ଆହୁରି ଆଗେଇ ଯାଅ' ।

ସତକୁ ସତ ଅନ୍ଧାର ଘେରିଆ ଘଞ୍ଚତାକୁ ଆଡ଼େଇ ଭିତରକୁ ପଶିଲା କାଠକଟାଳି । ମନରେ ଭୟ ନ ଥାଏ, ବରଂ ଏକ ଅହେତୁକ ଉତ୍ସାହ ତାକୁ ବାଟକଢ଼େଇ ନେଉଥିଲା । ଖୁବ୍ ଆନନ୍ଦରେ ଆଗେଇ ଚାଲିଲା ଗହନରୁ ଗହନତାକୁ । ମହକ ପାଇଲା ଏକ ଅପୂର୍ବ ସୁଗନ୍ଧର । କ୍ରମେ ସେଇ ମହକ ଆହୁରି ସ୍ପଷ୍ଟ ହେଲା ଏବଂ ସେ ନିଶ୍ଚିତ ହେଲା ଯେ ଆଗରେ ଚନ୍ଦନର ବଣ । ଚନ୍ଦନକାଠ କାଟିଲା ମନଭରି । ସେଦିନ ହାଟଫେରନ୍ତା ଢେର ଅଧିକା ରୋଜଗାର ହେଲା, ଆସନ୍ତାକାଲି ପାଇଁ ବହିଣା ମଧ୍ୟ ମିଳିଲା । ମନ ସନ୍ତୋଷ ।

କିଛିଦିନ ଧରି କାଠକଟାଳିଟିର ସେଇ ବେଉସାରେ ମନ ରହିଲା । ନିତି ଜଙ୍ଗଲ ଯାଏ, ବେଙ୍କାଏ ଚନ୍ଦନ କାଠ କାଟି ହାଟରେ ବିକିଦେଇ ଆସେ । ମାତ୍ର ଦିନେ ପୁଣି ମନେ ପଡ଼ିଗଲା ସନ୍ନ୍ୟାସୀଙ୍କର ଚେତାବନୀ । ମନ ତା'ର ଉଚ୍ଚାଟ ହେଲା । ସେ ଆଗେଇଲା ଆହୁରି ଗହନ ବନ ଭିତରକୁ । ଦୀର୍ଘପଥ, ଦୁର୍ଭେଦ୍ୟ ସେ ଅରଣ୍ୟ । ତଥାପି ଦୃଢ଼ ସଙ୍କଳ୍ପ ରଖି ଆଗେଇଲା । ସାମନାରେ ବାଟ ରୋକିଲା ଏକ ବିରାଟ ପାହାଡ଼ । ବହୁତ ମେହେନତ ପରେ ସେ ଉପରକୁ ଉଠିଲା, ଦେଖିଲା କୁଳୁ କୁଳୁ ନାଦରେ ଝରଣାଟିଏ ବହିଯାଉଛି । ଝୁଲା ପଥରସନ୍ଧାରେ ଗୋଡ଼ରଖି ପାରିହେଲା ଆରପାରିକୁ । ଅଳ୍ପ ବାଟ ପରେ ସନ୍ଧାନ ମିଳିଲା ଏକ ରୁପାର ଖଣି । ଆଖି ତା'ର ଚମକି ଉଠିଲା । ଅଣ୍ଟାବନ୍ଧା ଗାମୁଛାକୁ ଗଅଁଠେଇ ଭରିନେଲା । ସଞ୍ଜକୁ ଫେରି ଭାବିଲା, ''ସନ୍ନ୍ୟାସୀଙ୍କ କଥା ମିଛ ନୁହେଁ, ଆଗେଇଲାରୁ ପାଇଲି । ଘର ଖର୍ଚ୍ଚ ଯେମିତି ବଢ଼ିଛି ନ ହେଲେ କ'ଣ କରିଥା'ନ୍ତି ? ଭଗବାନ୍ ଭରସା ।''

ଅଳ୍ପଦିନ ମଧ୍ୟରେ କାଠକଟାଳିଟି ବନିଗଲା ରୁପାବେପାରୀ । ନିତି ଜଙ୍ଗଲରୁ ଯାହା ସଂଗ୍ରହ କରିଥାଏ, ହାଟରେ ବିକିଦେଇ ଆସେ । ହେଲେ କିଛିଦିନ ଉତାରୁ ମନର ଅସନ୍ତୋଷରେ ସନ୍ନ୍ୟାସୀଙ୍କ କଥା ମନେ ପକାଇ ସେ ଆହୁରି ଆଗେଇବାକୁ ମନ ବଳାଇଲା । ଚଢ଼ିଲା ପାହାଡ଼ ଶିଖରକୁ । ଶ୍ରମ ସେତେବେଳେ ତା'ର ଆଉ ବାଧକ ହେଲା ନି । ବରଂ ଆଗେଇବାର ସଙ୍କଳ୍ପ ବାଟ କଢ଼ାଇ ନେଲା ଅପନ୍ତରା ରାଇଜକୁ । ଦିନେ ଦେଖିଲା ଗୋଟାଏ ଜାଗାରେ ପଥରଗୁଡ଼ାକ ବେଶ୍ ଚକ୍ ଚକ୍ କରୁଛି । ମନରେ ତା'ର ସନ୍ଦେହ ମିଶା କୌତୂହଳ । ସେଇ ପଥରରୁ ଖଣ୍ଡେ ନେଇ ବଜାର ଗଲା । ଢେର ପଇସା ମିଳିଲା । ମାତ୍ର ସେ ଯେ କେଉଁଠୁ ସେଇ ହୀରା ପଥର ପାଉଛି ତାହା କାହାକୁ ଜଣାଇଲା ନାହିଁ ।

ଅଳ୍ପଦିନ ମଧ୍ୟରେ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଗଲା ସେଇ କାଠକଟାଳିଟି । ପାଖ ସହରରେ ଘର କିଣିଲା, ନିଜର ବ୍ୟବସାୟ ପ୍ରତିଷ୍ଠାନ ଖୋଲି ଲବ୍ଧଧନକୁ ବହୁଗୁଣିତ କଲା । ସଭିଏଁ ଭୁଲିଗଲେ ତା' ଅତୀତ ଜୀବନର ଇତିବୃତ୍ତି । ମାତ୍ର ସେ କିନ୍ତୁ ଠିକ୍ ମନେ ରଖିଥିଲା ତା' ଉନ୍ନତିର ଗୋପନ ରହସ୍ୟଟିକକୁ । ଦିନେ ତା' ଅନ୍ତରର ଅଶାନ୍ତି ଆହୁରି ତୀବ୍ର ହୋଇଉଠିଲା, ଭାବିଲା – ଏଇ ଧନ ସମ୍ପତ୍ତିର ପ୍ରାପ୍ତି ଲାଗି କ'ଣ ସନ୍ନ୍ୟାସୀ ଜଣକ କହିଥିଲେ – 'ଆଗେଇ ଯାଅ' ? ନାଁ ତାହା ହୋଇ ନ ପାରେ । ନିଶ୍ଚୟ ଆଉକିଛି ରହସ୍ୟ ରହିଛି । ମୋତେ ସେଇ ପାହାଡ଼ର ଶିଖରକୁ ଯିବାକୁହିଁ ହେବ ।

ପରଦିନ ସକାଳୁ ଆରମ୍ଭ ହେଲା ତା'ର ଯାତ୍ରା । ପୂର୍ବ ପରିଚିତ ପାହାଡ଼ୀ ରାସ୍ତାକୁ ହେଜି ହେଜି ଆଗେଇଲା । ପ୍ରଲୋଭନ ସବୁ ତାକୁ ହାତ ଠାରିଲେ, ତଥାପି ସେ ଅଟକିଲା ନାହିଁ । ଚନ୍ଦନବଣ, ରୁପାଖଣି, ହୀରାଖଣିକୁ ଆଡ଼େଇ ଦେଇ ସେ ଆଗେଇଲା ଆହୁରି ଆଗକୁ । ପହଞ୍ଚିଲା ଯାଇ ଶିଖରରେ । ସେଠାକାର ଶାନ୍ତ ପରିବେଶରେ ଭିତରଟା ତା'ର ନୀରବି ଗଲା । ଭାବନାଗୁଡ଼ାକ ସତେ ଯେମିତି ପଳାତକ ସୈନିକଙ୍କ ପରି ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ । ଅବୋଧ ହେଲେ ବି ସେ ଖୋଜିଲା ତା'ର ରହସ୍ୟ । ହଠାତ୍ ନଜର ପଡ଼ିଗଲା ଗୁମ୍ଫାଟି ଉପରେ । ସରୁ ଅଣଓସାରିଆ ଗନ୍ତବ୍ୟ ପଥକୁ ଅଧାଡ଼ଙ୍କା କରି ରଖିଥିଲା ଉପରର ଝୁଲନ୍ତା ପଥର ଖଣ୍ଡକ । ସତେ ଯେମିତି ଆକସ୍ମିକ ପତନରୁ ବିରତ ହୋଇ ରହିଛି କାହିଁ କେଉଁ ଯୁଗରୁ । କାଠକଟାଳିଟିର ବୋଧ ଆହୁରି ସୁଦୃଢ଼ ହେଲା; ବୁଝିନେଲା ଏଠାରେ ସବୁକିଛି ସ୍ଥିର ଏବଂ ନିର୍ଦ୍ଧାରିତ, ଗୋଟାଏ ବିଧାନରେ ବନ୍ଧା । ନଇଁ ପଡ଼ି ଗୁମ୍ଫା ଭିତରକୁ ପ୍ରବେଶ କଲା ଅତି

ସନ୍ତର୍ପଣରେ । ଝାପ୍‌ସା ଦେଖା ଆଖି ଆସ୍ତେ ଅଭ୍ୟସ୍ତ ହେଲା ଅନ୍ଧାରକୁ ଏବଂ ହାତର ସ୍ପର୍ଶରେ ବାରିନେଲା ପଥୁରିଆ କାନ୍ଥର ପ୍ରସ୍ଥ ଓ ଉଚ୍ଚତାକୁ । ତା'ରି ଭିତରେ ସେ ଅଧାନୁଆଁ ହୋଇ ଆଗେଇଲା । ତାକୁ ଲାଗୁଥିଲା ସେ ଯେମିତି ଗୋଟାଏ ଶାନ୍ତି ଆଉ ଶୀତଳତା ଆଡ଼କୁ ମୁହାଁଉଛି ସେଇ ଅନ୍ଧାର ଭିତରେ ।

ହଠାତ୍ ଚମକି ପଡ଼ିଲା କାଠକଟାଳିଟି । ସ୍ଥିର ହୋଇ ନିରୀକ୍ଷଣ କଲା – ସାମନାରେ ସନ୍ନ୍ୟାସୀ ଜଣେ ଧ୍ୟାନମଗ୍ନ । ଠିକ୍ ପଥରର ମୂର୍ତ୍ତିପରି । ମାତ୍ର ଦେହର ତେଜଃରେ ବାରି ହୋଇଯାଉଥିଲା କୌପୁନି ଖଣ୍ଡିକ; ଯାହାହିଁ ଥିଲା ତାଙ୍କର ଏକମାତ୍ର ପରିଧାନ । ଜଟା ଉନ୍ମୁକ୍ତ, ଆଜାନୁଲମ୍ବିତ । ପାଖରେ ଥୁଆ ହୋଇଥିଲା ତାଙ୍କ ଲୋଟା ଆଉ ଚୁମୁଟା । ପାଟିରୁ ତା'ର ଆପଣାଛାଏଁ ବାହାରି ପଡ଼ିଲା, ''ଗୋସେଇଁ ଆପଣ !'' ।

''ତୁମେ ଠିକ୍ ମନେ ରଖିଛ ବତ୍ସ ! ଆଗେଇ ଯିବାର ମନ୍ତ୍ରଟିକୁ ତୁମ ଜୀବନର ବ୍ରତ କରିଛ । ତୁମକୁହିଁ ମୁଁ ଅପେକ୍ଷା କରି ରହିଛି ।'' – ସନ୍ନ୍ୟାସୀଙ୍କ ଗମ୍ଭୀର ସ୍ୱରକୁ ପ୍ରତିଧ୍ୱନିତ କଲା ଗୁମ୍ଫାର ନୀରବତା ।

କାଠକଟାଳିଟି ହାତଯୋଡ଼ି ବସି ରହିଲା ସନ୍ନ୍ୟାସୀଙ୍କ ସାମନାରେ । ତା'ର ମନେହେଲା ସେ ଯେମିତି କେତେ ଜନ୍ମ ବିତେଇ ଦେଇଛି ସେଇ ମୁହୂର୍ତ୍ତ କେତୋଟି ମଧ୍ୟରେ । ସେ ଏବେ ଆଉ ସେ ମେଡ଼ିବୁଲା ମୂଲିଆ ନୁହେଁ, କି ତା'ର ଯାତ୍ରା ସୀମିତତା ମଧ୍ୟରେ ସୀମାବଦ୍ଧ ନୁହେଁ । ପରିଧି କାଟି ସେ ଏବେ ଆଗେଇ ଯିବ କାହିଁ କେତେ ଦୂର, ଦିଗ୍‌ବଳୟ ଆରପାରି । ସନ୍ତର୍ପଣରେ କହିଲା, ''ଗୁରୁଦେବ, ମୋତେ ଶିଷ୍ୟରୂପେ ଗ୍ରହଣ କରନ୍ତୁ । ମୁଁ ଆଉ ଫେରି ଯିବାକୁ ଚାହେଁ ନାହିଁ । ଏବେ ବୁଝିଛି ଆଗେଇବାଟାହିଁ ଜୀବନ । ମାତ୍ର ମୋ ଚଳନ୍ତା ବାଟ ଯେ ଶେଷ ହୋଇ ଯାଇଛି । ଏବେ ମୋତେ ନୂଆ ବାଟ ଦେଖାନ୍ତୁ ।''

ସନ୍ନ୍ୟାସୀଙ୍କର ଆଶ୍ୱସ୍ତ ଚାହାଣି ଗ୍ରହଣ କରିନେଲା ସେ ବିନମ୍ର ନିବେଦନକୁ । ଅଭୟ ମୁଦ୍ରାରେ ଆଶୀର୍ବାଦ କରି କହିଲେ, ''ପ୍ରଗତିର ପଥ କେବେ ଶେଷ ହୁଏ ନି ବତ୍ସ ! ଏ ଯାତ୍ରା ଅସରନ୍ତି, ସୁଦୀର୍ଘ ଏ ପଥ । ଏଇ ଶିଖର ଶେଷ ନୁହେଁ । ମଣିଷ ଖାଲି ଯାହା ଥକା ମେଣ୍ଟାଏ, ମିଛ ସାନ୍ତ୍ୱନାର ସୌଧ ନିଜେ ଗଢ଼ି, ଭାବେ ତା' ଅକ୍ଳାନ୍ତ ଯାତ୍ରା ପାଇଁ ତାହାହିଁ ଶ୍ରେଷ୍ଠ ବରଦାନ ।''

ସନ୍ନ୍ୟାସୀଙ୍କର ପ୍ରସାରିତ ହସ୍ତ ଶିଷ୍ୟର ମଥା ସ୍ପର୍ଶ କଲା । ମୁଦ୍ରିତ ଚକ୍ଷୁ ତା'ର ଦେଖିଲା – ତା' ଚଲା ପଥ ଲମ୍ବିଯାଇଥିଲା ଉଚ୍ଚରୁ ଉଚ୍ଚତର ଶିଖରକୁ । କାହିଁ କେତେ ଦୂର । ଭରସି ପାରିଲା ନାହିଁ । ମାତ୍ର ସେ ସ୍ପଷ୍ଟ ଦେଖିଲା ସେପଥରେ ଆଗପଛ ହୋଇ ପଡ଼ିଥିଲା ଦୁଇଟି ଯୁଗଳ ପଦ ଚିହ୍ନ । ଆଖି ଖୋଲିଦେଇ ପଚାରିଲା, ''ଗୁରୁଦେବ, ଏ ଯାତ୍ରୀ ଦୁଇ ଜଣ କିଏ ?''

ଗୁରୁଦେବ ସ୍ମିତହସି କହିଲେ, ''ଜାଣିପାରୁ ନାହଁ, ତୁମେ ଆଉ ମୁଁ ! ଯୁଗଯୁଗାନ୍ତର ଆମର ଏ ଯାତ୍ରା ।''

କାଠକଟାଳିଟି ବିସ୍ମିତ ହେଲା । ନେତ୍ର ସହ ବିସ୍ତାରିତ ହୋଇଉଠିଲା ହୃଦୟ, ଏକ ତାନରେ ।

ଠାକୁରଙ୍କ କଥାର ମର୍ମ ଯେ ଏତେ ଗହନ; ଆସରର ଭକ୍ତମାନେ ଏବେ ଯାଇ ବୁଝିଲେ । ଜୁହାର ହୋଇ ଫେରିଗଲେ ନିଜ ନିଜ ଘରକୁ । ❑

Forward, for ever forward !
At the end of the tunnel is the light...
At the end of the fight is the victory !

– The Mother

ଆଗକୁ କେବଳ ଆଗକୁ !
ସୁଡ଼ଙ୍ଗର ଶେଷରେ ରହିଛି ଆଲୋକ...
ସଂଗ୍ରାମର ଶେଷରେ ରହିଛି ବିଜୟ !

– ଶ୍ରୀମା

# ଘେନ କୋଟି ନମସ୍କାର

## ସନ୍ତୋଷ କୁମାର ରଥ

କେଉଁ ଯୁଗୁ ପ୍ରଭୁ ଅବତରି ଅଛ
କେତେ ନାମ ରୂପ ବହି
ନିଜ ସରଜନା ମଧ୍ୟେ ସରଜିଛ
ଜଗତ ଉଦ୍ଧାର ପାଇଁ ।୧।

ପାର୍ଥିବ ଏଇ ପ୍ରକୃତି ଭାର
ବହିଛ ଆପଣା ସ୍କନ୍ଧେ
ପାଳିଚିଛ ତୁମେ ଶିଳା ଦର୍ଦ୍ଦୁର
ଝର ନିର୍ଝର ମଧ୍ୟେ ।୨।

ବନ ଉପବନ ଶିରୀଷ କୁସୁମ
ସବୁ ତୁମ ପରସାଦ
ସବୁରେ ଭରିଛ ସବୁ ପାଳିଚିଛ
କେଉଁଥିରେ ନାହିଁ ଖେଦ ।୩।

ତୁମରି ଆଶିଷେ ପାଳଟିଛି ପ୍ରଭୁ
କୁସୁମ କମଳ ହୋଇ
ତୁମରି ଚରଣେ ଲୋଟିଯିବା ପାଇଁ
କେତେ ଯୁଗୁ ଅଛି ଚାହିଁ । ।୪।

ପଙ୍କରୁ ଜନମ ହୋଇଥିଲି ବୋଲି
ନାମ ଯେ ପଙ୍କଜ ମୋର
ସେହି ଅବସାଦ ନିନ୍ଦା ଅପବାଦ
ହୋଇଅଛି ଆଜି ଦୂର । ।୫।

ତୁମ ନାଭିଦେଶୁ ଜନମି ଥିଲି ମୁଁ
ବ୍ରହ୍ମାଙ୍କୁ ଅଙ୍ଗରେ ଧରି
କିପରି ଭୁଲିବି ବରଦ ବିଭବ
ତୁମ ତୁଲେ ନାହିଁ ସରି ।୬।

ସେହିଦିନୁ ପ୍ରଭୁ ରହିଥିଲି ଚାହିଁ
ତୁମ ଆଗମନୀ ପାଇଁ
ତୁମେହିଁ ତ ମୋର ଉସତ ସକାଳ
ସଜଳ ଲୋଚନ ସାଇଁ ।୭।

ମୋର ନାମ ଧରି ଜନମିଲ ଶେଷେ
ଲିଭାଇଲ ଶୋକଭାର
ଶ୍ରୀଅରବିନ୍ଦ ! ଅରବିନ୍ଦର
ଘେନ କୋଟି ନମସ୍କାର । ।୮। ❑



# ଆତ୍ମ-ସମୀକ୍ଷା

## ସନ୍ତୋଷ କୁମାର ରଥ

ଗଛ ବାଟୋଇକୁ ଆଶ୍ରୟ ଦିଏ, ତା' ଥକା ମେଣ୍ଟାଏ । ଥକା ମେଣ୍ଟିଗଲେ ବାଟୋଇ ଚାଲେ ତା' ରାସ୍ତାରେ । ଅଜଣା ସେ ଯାତ୍ରା, ଅସରନ୍ତି ସେ ପଥ ।

ପାପୀ, ତାପୀ, ଦୁଃଖୀ, ଦରିଦ୍ର ସଭିଏଁ ନିଜ ସାଉଁଟା କଷ୍ଟକୁ ଅଜାଡ଼ି ଦିଅନ୍ତି ଠାକୁର ଶ୍ରୀରାମକୃଷ୍ଣଙ୍କ ଚରଣରେ । ମିନତିର ସତେ ଯେମିତି ଶେଷ ନାହିଁ । ଠାକୁର କିନ୍ତୁ ନିର୍ବିକାର । ଆପଣେଇ ନେବାରେ ଧୁରନ୍ଧର, ରାସ୍ତାକଡ଼ର ବପୁ ବିସ୍ତାର କରି ରହିଥିବା ସେହି ବର୍ଷୀୟାନ୍ ବଟବୃକ୍ଷ ପରି ।

ଠାକୁରଙ୍କ କଥା ଭକ୍ତଙ୍କ ହୃଦ ଶୀତଳେଇ ଦିଏ । ଆଶାର ସଂଚାର ହୁଏ । ଭୁଲା ବାଟରୁ ମୁହଁ ଫେରାଇ ଲୋକେ ଚଲାବାଟକୁ ଫେରି ଆସନ୍ତି । ବଦଳି ଯାଏ ଜୀବନ, ଉଜୁଡ଼ିଯାଏ ଅଲୋଡ଼ା ଅଭ୍ୟାସସବୁ । ଆରମ୍ଭ ହୁଏ ଆରୋହଣର ଯାତ୍ରା – ପାଦ-ପାଦକରି ଶିଖରରୁ ଶିଖରକୁ । ଏମିତି ଦିନକର ସନ୍ଧ୍ୟା ଆସରରେ ଲୋକଶିକ୍ଷା ଦେବାକୁ ଯାଇ ଶ୍ରୀରାମକୃଷ୍ଣ କହିଥିବା କାହାଣୀଟି 'ଆତ୍ମ-ସମୀକ୍ଷା'ର ଏକ ନିଛକ୍ ପ୍ରତିଶ୍ରୁତି :

ତୁମେମାନେ ଅହଂକାରୀ ହୀରାଲାଲର କଥା ଜାଣ । ଗରିବ ବ୍ରାହ୍ମଣଟିଏ, ହେଲେ ଗାଁର ସଭିଙ୍କର ପ୍ରିୟ । ନିଜ ମେହେନତରେ କରିଥିଲା ବଗିଚା ପରି ବଗିଚାଟିଏ । ସେଇଟି ବାରମାସୀ ଫୁଲ, ଫଳ, ପନିପରିବାରେ ଭରପୂର । ଶାଗ ପଟାଳି ଗୋଟାଏ ଉଜୁଡ଼ିବା ପୂର୍ବରୁ ଆଉ ଗୋଟାଏ ସଜାଡ଼ି ଦେଉଥିଲା । କ୍ଷେତର ହାନି ଲାଭ ପାଇଁ ସେ ସାରାରାତି ପହରା ଦିଏ, ତା' କଟାକ୍ଷରୁ ମଣିଷ ତ ଦୂରର କଥା, ବିରାଡ଼ି ପିଲାଟିଏ ବି ହୁଗୁଳୁ ନଥିଲା । ବନ୍ଦ ଫାଟକ ଥିଲା ତା' ବଗିଚାର ସଜାଗ ପ୍ରହରୀ ।

''ହୁସିଆର, ତୁମକୁ ଧରିଲେ ଏମିତି ଶିକ୍ଷା ଦେବି ଯେ ଆଉ ଦିନେ ଏ ମାଟି ମାଡ଼ିବ ନି ।'' ହୀରାଲାଲର ଧମକରେ ପୂଜା ପାହାନ୍ତିରେ ପଶିଥିବା ଛୋଟ ପିଲାମାନେ ଟାଙ୍ଗୁଡ଼ି ଫୋପାଡ଼ି ଦୌଡ଼ନ୍ତି । ଦିନେ ଦ୍ୱିପହରେ ଖୁବ୍ ଜୋର୍‌ରେ ପବନ ବହିବାକୁ ଲାଗିଲା । ପବନ ଧକ୍କାରେ ଫାଟକ ଠିଆ ମେଲା । ହୀରାଲାଲ ଝଡ଼ା ଫଳ ସାଉଁଟିବାରେ ବ୍ୟସ୍ତ ଥିବା ସୁଯୋଗକୁ ହାତ ଛଡ଼ା ନ କରି ଗାଈଟିଏ ବଗିଚା ଭିତରକୁ ପଶିଗଲା । ବେଶ୍ କିଛି ସମୟ ପରେ ହୀରାଲାଲର ନଜର ପଡ଼ିଲା । ଗାଈ ମହାଆନନ୍ଦରେ ଚରି ଚାଲିଥାଏ । ସେତେବେଳକୁ କଅଁଳ ଛନଛନିଆ ଶାଗ କିଆରି ଅଧା ଲଣ୍ଡା । ହୀରାଲାଲ ଏଥର ପୂର୍ବପରି ପାଟି ନ କରି ମୋଟା ପାଞ୍ଚଣ ଖଣ୍ଡିଏ ଧରି ପାଦ ଚିପି ଚିପି ଅଇଲା ଗାଈ ପାଖକୁ । ନିର୍ଘୁମ ପିଟିଲା ।

ହୀରାଲାଲର ମାଡ଼ରେ ଗାଈ ସେତେବେଳକୁ ଅଧାପ୍ରାଣ । ତଥାପି ନିସ୍ତାର ନ ଥାଏ ବିଚରାର । ଶେଷକୁ ଚାରିକାତ ମେଲି ଚିତ୍‌ପଟାଙ୍ଗ ମାରି ପଡ଼ିଗଲା । ଡଙ୍କ ମୋଡ଼ିଦେଲା । ହୀରାଲାଲର ଚେତା ପଶିଲା – ଏ କ'ଣ କଲି । ବ୍ରାହ୍ମଣ ହୋଇ ଗୋରୁ ମାରିଲି । ଗୋହତ୍ୟା ମହାପାପ, ସାତଜନ୍ମ ନର୍କ ଭୋଗିବାକୁ ହେବ । ଲୋକେ କ'ଣ କହିବେ ?

ହୀରାଲାଲକୁ ବୁଦ୍ଧି ଉପାୟ ଦିଶିଲା ନି । କ୍ରୋଧର ବଶରେ ପଡ଼ି ତା'ର ଯେ ବୁଦ୍ଧି ନାଶ ହୋଇଛି ଏକଥା ଜାଣୁଥିଲେ ବି ଲୋକ-କୁହାରୁ ନିବର୍ତ୍ତିବା ପାଇଁ ଏବେ ଉପାୟ ପାଞ୍ଚିଲା, ଭାବିଲା – ରାତି ହେଲେ ବଗିଚାର ଗୋଟାଏ କଣରେ ବଡ଼ ଗାତ ଖୋଳି ପୋତିଦେବି । କିଏ କାହିଁ ଜାଣିବ ।

ହୀରାଲାଲ ଗାଈର ମୃତ ଦେହ ଆଡ଼କୁ ପୁଣି ଥରେ ନଜର ପକାଇଲା । ତା' ମୁହଁରୁ ମେଞ୍ଚାଏ ଫେଣ ବାହାରି ପଡ଼ିଥିଲା, ଗୋଡ଼ଗୁଡ଼ାକ ଆସ୍ତେ ଲାଠି ହେଇଯାଉଥିଲା । ତା' ଦେହର ଛାବକା ରଙ୍ଗ ଓ ମୁଣ୍ଡର ଚାନ୍ଦକୁ ଲକ୍ଷ୍ୟ କରି ବୁଝିନେଲା ସେଇଟା ପ୍ରଧାନ ଘରର ଗାଈ । ମାତ୍ର ବୁଢ଼ୀ ହୋଇଯିବାରୁ ତାକୁ ଘରୁ ବିଦା କରିଦେଇଥିଲା । କାଞ୍ଜିଆହୁଦାରେ ଢେର୍ ଦିନ ରହିଲା, ହେଲେ କେହି ଦାବି ନ କରିବାରୁ ଖୁଣ୍ଟ ବନ୍ଧା ହୋଇ ଖାଇବାକୁ ଦେବାରେ କିଛି ଲାଭ ନାହିଁ ଜାଣି ମାଲିକ ମୁକାଳି ଦେଲା । ତେଣୁ ରକ୍ଷା । ନ ହେଲେ ମଣିଷ କ୍ଷତିପୂରଣ ସାଙ୍ଗକୁ ଜୋରିମାନା ମଧ୍ୟ ଗଣିଥା'ନ୍ତା ।

ପ୍ରଧାନ ବୁଢ଼ାକୁ ମନେ ମନେ ବୁହାଟେ ଗାଳିଦେଲା – ମୂର୍ଖ, ବୟସ ହୋଇଗଲା ବୋଲି କ'ଣ ଅଲୋଡ଼ା ହୋଇଗଲା । ତା'ହେଲେ ତୋ ବାପା-ମା'ଙ୍କୁ କ'ଣ ତୁ ଏମିତି ଘରୁ ତଡ଼ି ଦେବୁ ? ଆଉ ତୁ ବୁଢ଼ା ହେଲେ ! ହୀରାଲାଲର ମନ ତଥାପି ଶାନ୍ତି ହେଲାନି, ପରିବେଶର ସୁରକ୍ଷା କଥା ଚିନ୍ତାକରି ଭାବିଲା – ଆଜି କାଲି କଂସେଇର ମଧ୍ୟ କିଛି ତତ୍ପରତା ନାହିଁ । ଗାଈ-

ଗୋରୁଗୁଡ଼ାକ ରାସ୍ତାରେ ବୁଲୁଛନ୍ତି, ଯା ତା' ବାଡ଼ିରେ ପଶୁଛନ୍ତି, ତାକୁ ନେଇ ଦି ପଇସା ରୋଜଗାର କରିଥିଲେ କ'ଣ ହୋଇ ନଥା'ନ୍ତା । ଯୋଗକୁ ହୀରାଲାଲର ଏଭଳି ସୁଚିନ୍ତିତ ମତାମତଗୁଡ଼ାକ ଉତ୍ତରପିଢ଼ିଙ୍କ କାନରେ ପଡ଼ି ନଥିଲା ।

ଭାବନାର ଭଉଁରି ଭିତରୁ ହୀରାଲାଲର ମୁଣ୍ଡକୁ ଗୋଟାଏ ସୁବୁଦ୍ଧି ଜୁଟିଗଲା । ଭାରି ଖୁସି ହେଲା । ଶୋକ କରିବା ବିଜ୍ଞତାର ପରିଚୟ ନୁହେଁ । ପ୍ରକୃତରେ ଭୁଲ୍‌ଟା ତା'ର ନୁହେଁ । କାରଣ ସେ ତ ଗୀତାରେ ପଢ଼ିଛି – ଆସକ୍ତିରୁ କାମନା, କାମନାରୁ କ୍ରୋଧ, କ୍ରୋଧରୁ ବିସ୍ମୃତି, ବିସ୍ମୃତିରୁ ବୁଦ୍ଧିନାଶ ହୋଇଥାଏ । ତେଣୁ ଏକଥା ଜାଣି ସେ ଏତେ ବଡ଼ ଭୁଲ୍ କରିବ ବା କେମିତି ? ସେ ତ ଗାଈକୁ ମାରି ନି, ଗାଈଟି ତା'ର ହାତର ପ୍ରହାରରେ ମରିଛି । ଶାସ୍ତ୍ର କହେ – ହାତ ଇନ୍ଦ୍ର ଶକ୍ତିରେ ପରିଚାଳିତ, ହାତ ଯାହା କରେ ସେ ସମସ୍ତ ଇନ୍ଦ୍ରହିଁ କରନ୍ତି । ଇନ୍ଦ୍ର ଯଦି ଗୀତାର ବାଣୀକୁ ସ୍ମରଣ କରିଥା'ନ୍ତେ ତେବେ କ'ଣ ଏତେ ବଡ଼ ବିପତ୍ତି ଘଟିଥାଆନ୍ତା ? ମୋ ହାତର ବାଡ଼ି ତ କେବଳ ନିମିତ୍ତ ମାତ୍ର । ଠିକ୍ ଯେମିତି ଏତେ ବଡ଼ ମହାଭାରତ ଯୁଦ୍ଧ ଘଟିଗଲା ସତରେ କ'ଣ ଅର୍ଜୁନ କାହାକୁ ମାରିଥିଲା !

''ହୀରାଲାଲର ଆଶ୍ୱସ୍ତ ମନଟା ଅପରାହ୍ଣର ଶୀତଳ ପବନରେ ଆହୁରି ଶୀତଳେଇ ଗଲା । ହଠାତ୍ ତା'ର ନଜର ପଡ଼ିଗଲା ଠିଆମେଲା ଫାଟକ ଆଡ଼େ । ଦେଖିଲା କେହି ଜଣେ ବୃଦ୍ଧ ମୁଗ୍ଧ-ଚକିତ ଦୃଷ୍ଟିରେ ଚାହିଁ ରହିଛନ୍ତି ତା'ର ଫୁଲ ବଗିଚା ଆଡ଼କୁ । ନିଶ୍ଚୟ ଜଣେ ପରିବେଶ-ରସିକ ଆଗନ୍ତୁକ । ସଙ୍ଗେ ସଙ୍ଗେ ପାଖକୁ ଆସି ପାଛୋଟି ନେଲା ହୀରାଲାଲ – ଆସନ୍ତୁ ମହାଶୟ, ଭିତରର ଉଦ୍ୟାନ ଆହୁରି ରହସ୍ୟମୟ । ପ୍ରକୃତିର ଲୀଳା ବଡ଼ ଚମତ୍କାର । ସବୁ ମୁଁ ନିଜେ କରିଛି । ଏଇ ହାତରେ ଗଛ ପୋତିଛି, ପାଣି ଦେଇଛି, ଫୁଲ ଫୁଟେଇଛି, କାହାରି ସାହାଯ୍ୟ ଲୋଡ଼େ ନାହିଁ । ଏଇ ବୟସରେ ମେହେନତ କରିବି ନାହିଁ ତ ଆଉ କ'ଣ ବୁଢ଼ା ହେଲେ କରିପାରିବି ?

'ସତରେ ବ୍ରାହ୍ମଣ, ବଡ଼ ଚମତ୍କାର । ଖାଲି ପାରିଜାତ ଥିଲେ ଉପବନଟି ସ୍ୱର୍ଗର ଅମରାବତୀ ତୁଲ୍ୟ ହୋଇ ଉଠିଥା'ନ୍ତା । ହେବ, ନିଶ୍ଚୟ ହେବ ।' – ବୃଦ୍ଧଙ୍କ ଉଚ୍ଚାଟନରେ ହୀରାଲାଲ ଆହୁରି ଉତ୍‌ଫୁଲ୍ଲିତ ହୋଇଉଠିଲା । କ୍ଷଣକ ପାଇଁ ଭୁଲିଗଲା ତା'ର ପୂର୍ବର ମନସ୍ତାପ । ନିଜର ବଡ଼ିମାରେ ନିଜେ ମନ୍ଦିର ଗଢ଼ିଲା, ଚୂଡ଼ା ମାରିଲା । ଭାବିଲା ସାତପୁରୁଷକୁ ଖ୍ୟାତି ରହିଯିବ । ଏଣେ ବୃଦ୍ଧ ନଜର ବେଢ଼େଇ ଚାଲିଥା'ନ୍ତି ବଗିଚାର ଉଜ୍ଜ୍ୱଳ ଶୋଭାର ତାଳେ ତାଳେ । ହୀରାଲାଲ ତାଙ୍କ ପାଖେ ପାଖେ ରହି କର୍ତ୍ତା ବନାମ ପରିଦର୍ଶକର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିଲେ କର୍ତ୍ତୃବାଚକ ବାକ୍ୟ ପ୍ରୟୋଗ କରି । ମାତ୍ର ବୃଦ୍ଧଙ୍କ ଦୃଷ୍ଟି ଯେ ଦେଖଣାଯୋଗ୍ୟ ଦୃଶ୍ୟରୁ ଅଣଆୟତ୍ତ ହୋଇଯାଉଥିଲା, ଏକଥାକୁ ଲକ୍ଷ୍ୟ କରିଥିଲେ ବି ତା'ର ରହସ୍ୟ ଅବୁଝା ରହିଥିଲା ହୀରାଲାଲଙ୍କ ପାଇଁ । ହଠାତ୍ ବୁଦା ଉହାଡ଼ରେ ଦୃଷ୍ଟିକୁ ଅଟକାଇ ରଖି ବୃଦ୍ଧ ଜଣକ ଆଶ୍ଚର୍ଯ୍ୟ ହୋଇ କହିଲେ, 'ଏ କ'ଣ, ଏ ଗାଈକୁ ମାଇଲା କିଏ ? ମନେ ହେଉଛି କେହି ପିଟି ପିଟି ମାରିଛି । କି ଜଘନ୍ୟ ଏ କାଣ୍ଡ ?'

'ଆଜ୍ଞା, ମରିବାର ଯୋଗ ଥିଲା ସେ ମଲା । ସତ କହିବାକୁ ଗଲେ ଏହା ଇନ୍ଦ୍ରଦେବଙ୍କର କାଣ୍ଡ । ଛାଡ଼ନ୍ତୁ, ଅତୀତକୁ ମାପି କିଛି ଲାଭ ନାହିଁ ।' – ଦ୍ୱିଧାଘୋଡ଼ିଆ କଣ୍ଠରେ ଉତ୍ତର ଦେଲେ ହୀରାଲାଲ ।

'ତୁମେ ଏ କ'ଣ କହୁଛ ? ଇନ୍ଦ୍ର କିପରି ଏ ଗାଈକୁ ମାରିଲେ' – ବୃଦ୍ଧଙ୍କର ଆଶ୍ଚର୍ଯ୍ୟ ହେବାଟା ଅସ୍ୱାଭାବିକ ମନେ ନ କରି ହୀରାଲାଲ କହିଲେ, 'ଆଜ୍ଞା, ବୟସ ଦୃଷ୍ଟିରୁ ଆପଣ ନିଶ୍ଚୟ ବିଜ୍ଞ । ଆପଣ କ'ଣ ଜାଣନ୍ତି ନାହିଁ ଯେ ଏଇ ହାତ ଇନ୍ଦ୍ର-ଶକ୍ତିରେ ପରିଚାଳିତ ? ଏଇ ହାତ-କୃତ ସମସ୍ତ କର୍ମର କର୍ତ୍ତା ମୁଁ ନୁହେଁ ସ୍ୱୟଂ ଇନ୍ଦ୍ରଦେବ । ଗାଈ ମୋ ଗଛ ଖାଇ ଯିବାରୁ ମୋ ହାତରେ ମୋଟା ପାଞ୍ଚଣ ମାଧ୍ୟମରେ ଇନ୍ଦ୍ରଦେବ ଗାଈଟିକୁ ଉଚିତ ଶାସ୍ତି ଦେଇଛନ୍ତି । ତେଣୁ ମୋ' ହାତ ନା ମୁଁ କେହି ଏ ପାପର ଭାଗୀଦାର ନୋହୁଁ ।

'ଓଃ, ତା'ହେଲେ ଏ କୁକର୍ମ ଇନ୍ଦ୍ରଙ୍କର ଆଉ ପାପ ସବୁ ମଧ୍ୟ ତାଙ୍କର । ମାତ୍ର ତୁମେ ଯେତେବେଳେ ମୋତେ ବଗିଚା ବୁଲାଇ ଦେଖାଉଥିଲ ସେତେବେଳେ ତ କାହିଁ କହୁ ନ ଥିଲ ଏଇ ଶୋଭା ତୁମ ହାତ ଦ୍ୱାରା ନୁହେଁ, ଇନ୍ଦ୍ରଙ୍କ ଦ୍ୱାରା କୃତ ବୋଲି ?' – ବୃଦ୍ଧଙ୍କର ଉତ୍ତରରେ ମୂଢ଼ ହୀରାଲାଲ ସ୍ତବ୍ଧ ହୋଇଗଲା । ସାରା ଶରୀର ତା'ର ଘର୍ମାକ୍ତ । ସାମନାରେ ଦେଖିଲା ଇନ୍ଦ୍ର ଛଦ୍ମବେଶ ତ୍ୟାଗ କରି ସ୍ୱୟଂ ଦଣ୍ଡାୟମାନ । ନିମିଷକେ ଅନ୍ତର୍ଦ୍ଧାନ ହୋଇଗଲେ ।

ଶ୍ରୀରାମକୃଷ୍ଣଙ୍କର କଥାର ମର୍ମ ବଡ଼ ଗଭୀର । ଯିଏ ବୁଝିଲା କଥା ସିଏ ବୁଝିବେ – ସତରେ ନିଜ କୃତକର୍ମର ପ୍ରଶଂସା-ଭାଜନ ହେବା ପାଇଁ ଆମେ ଆଗେଇଆସୁ, ହେଲେ ଆପଣାକୃତ ଅପରାଧ ପାଇଁ ନିଜକୁ ଦାୟୀ କରୁନା ବରଂ ଦୋଷୀ ବନାଉ ଅନ୍ୟକୁ । ସତେ ଯେମିତି ନିଜେ ଗୋଟା ତୁଳସୀ ! ❑

# ଆତ୍ମ-ସମୀକ୍ଷା

## ସନ୍ତୋଷ କୁମାର ରଥ

ଗଛ ବାଟୋଇକୁ ଆଶ୍ରୟ ଦିଏ, ତା' ଥକା ମେଣ୍ଟାଏ । ଥକା ମେଣ୍ଟିଗଲେ ବାଟୋଇ ଚାଲେ ତା' ରାସ୍ତାରେ । ଅଜଣା ସେ ଯାତ୍ରା, ଅସରନ୍ତି ସେ ପଥ ।

ପାପୀ, ତାପୀ, ଦୁଃଖୀ, ଦରିଦ୍ର ସଭିଏଁ ନିଜ ସାଉଁଟା କଷ୍ଟକୁ ଅଜାଡ଼ି ଦିଅନ୍ତି ଠାକୁର ଶ୍ରୀରାମକୃଷ୍ଣଙ୍କ ଚରଣରେ । ମିନତିର ସତେ ଯେମିତି ଶେଷ ନାହିଁ । ଠାକୁର କିନ୍ତୁ ନିର୍ବିକାର । ଆପଣେଇ ନେବାରେ ଧୁରନ୍ଧର, ରାସ୍ତାକଡ଼ର ବପୁ ବିସ୍ତାର କରି ରହିଥିବା ସେହି ବର୍ଷୀୟାନ୍ ବଟବୃକ୍ଷ ପରି ।

ଠାକୁରଙ୍କ କଥା ଭକ୍ତଙ୍କ ହୃଦ ଶୀତଳେଇ ଦିଏ । ଆଶାର ସଂଚାର ହୁଏ । ଭୁଲା ବାଟରୁ ମୁହଁ ଫେରାଇ ଲୋକେ ଚଲାବାଟକୁ ଫେରି ଆସନ୍ତି । ବଦଳି ଯାଏ ଜୀବନ, ଉଜୁଡ଼ିଯାଏ ଅଲୋଡ଼ା ଅଭ୍ୟାସସବୁ । ଆରମ୍ଭ ହୁଏ ଆରୋହଣର ଯାତ୍ରା – ପାଦ-ପାଦକରି ଶିଖରରୁ ଶିଖରକୁ । ଏମିତି ଦିନକର ସନ୍ଧ୍ୟା ଆସରରେ ଲୋକଶିକ୍ଷା ଦେବାକୁ ଯାଇ ଶ୍ରୀରାମକୃଷ୍ଣ କହିଥିବା କାହାଣୀଟି 'ଆତ୍ମ-ସମୀକ୍ଷା'ର ଏକ ନିଛକ୍ ପ୍ରତିଶ୍ରୁତି :

ତୁମେମାନେ ଅହଂକାରୀ ହୀରାଲାଲର କଥା ଜାଣ । ଗରିବ ବ୍ରାହ୍ମଣଟିଏ, ହେଲେ ଗାଁର ସଭିଙ୍କର ପ୍ରିୟ । ନିଜ ମେହେନତରେ କରିଥିଲା ବଗିଚା ପରି ବଗିଚାଟିଏ । ସେଇଟି ବାରମାସୀ ଫୁଲ, ଫଳ, ପନିପରିବାରେ ଭରପୂର । ଶାଗ ପଟାଳି ଗୋଟାଏ ଉଜୁଡ଼ିବା ପୂର୍ବରୁ ଆଉ ଗୋଟାଏ ସଜାଡ଼ି ଦେଉଥିଲା । କ୍ଷେତର ହାନି ଲାଭ ପାଇଁ ସେ ସାରାରାତି ପହରା ଦିଏ, ତା' କଟାକ୍ଷରୁ ମଣିଷ ତ ଦୂରର କଥା, ବିରାଡ଼ି ପିଲାଟିଏ ବି ହୁଗୁଲୁ ନଥିଲା । ବନ୍ଦ ଫାଟକ ଥିଲା ତା' ବଗିଚାର ସଜାଗ ପ୍ରହରୀ ।

''ହୁସିଆର, ତୁମକୁ ଧରିଲେ ଏମିତି ଶିକ୍ଷା ଦେବି ଯେ ଆଉ ଦିନେ ଏ ମାଟି ମାଡ଼ିବ ନି ।'' ହୀରାଲାଲର ଧମକରେ ପୂଜା ପାହାନ୍ତିରେ ପଶିଥିବା ଛୋଟ ପିଲାମାନେ ଚାଙ୍ଗୁଡ଼ି ଫୋପାଡ଼ି ଦୌଡ଼ନ୍ତି । ଦିନେ ଦ୍ୱିପହରେ ଖୁବ୍ ଜୋର୍‌ରେ ପବନ ବହିବାକୁ ଲାଗିଲା । ପବନ ଧକ୍କାରେ ଫାଟକ ଠିଆ ମେଲା । ହୀରାଲାଲ ଝଡ଼ା ଫଳ ସାଉଁଟିବାରେ ବ୍ୟସ୍ତ ଥିବା ସୁଯୋଗକୁ ହାତ ଛଡ଼ା ନ କରି ଗାଈଟିଏ ବଗିଚା ଭିତରକୁ ପଶିଗଲା । ବେଶ୍ କିଛି ସମୟ ପରେ ହୀରାଲାଲର ନଜର ପଡ଼ିଲା । ଗାଈ ମହାଆନନ୍ଦରେ ଚରି ଚାଲିଥାଏ । ସେତେବେଳକୁ କଅଁଳ ଛନଛନିଆ ଶାଗ କିଆରି ଅଧା ଲଣ୍ଡା । ହୀରାଲାଲ ଏଥର ପୂର୍ବପରି ପାଟି ନ କରି ମୋଟା ପାଞ୍ଚଣ ଖଣ୍ଡିଏ ଧରି ପାଦ ଚିପି ଚିପି ଅଇଲା ଗାଈ ପାଖକୁ । ନିର୍ଘୁମ ପିଟିଲା ।

ହୀରାଲାଲର ମାଡ଼ରେ ଗାଈ ସେତେବେଳକୁ ଅଧାପ୍ରାଣ । ତଥାପି ନିସ୍ତାର ନ ଥାଏ ବିଚରାର । ଶେଷକୁ ଚାରିକାତ ମେଲି ଚିତ୍‌ପଟାଙ୍ଗ ମାରି ପଡ଼ିଗଲା । ତଙ୍କ ମୋଡ଼ିଦେଲା । ହୀରାଲାଲର ଚେତା ପଶିଲା – ଏ କ'ଣ କଲି । ବ୍ରାହ୍ମଣ ହୋଇ ଗୋରୁ ମାରିଲି । ଗୋହତ୍ୟା ମହାପାପ, ସାତଜନ୍ମ ନର୍କ ଭୋଗିବାକୁ ହେବ । ଲୋକେ କ'ଣ କହିବେ ?

ହୀରାଲାଲକୁ ବୁଦ୍ଧି ଉପାୟ ଦିଶିଲା ନି । କ୍ରୋଧର ବଶରେ ପଡ଼ି ତା'ର ଯେ ବୁଦ୍ଧି ନାଶ ହୋଇଛି ଏକଥା ଜାଣୁଥିଲେ ବି ଲୋକ-କୁହାରୁ ନିବର୍ତ୍ତିବା ପାଇଁ ଏବେ ଉପାୟ ପାଞ୍ଚିଲା, ଭାବିଲା – ରାତି ହେଲେ ବଗିଚାର ଗୋଟାଏ କଣରେ ବଡ଼ ଗାତ ଖୋଳି ପୋତିଦେବି । କିଏ କାହିଁ ଜାଣିବ ।

ହୀରାଲାଲ ଗାଈର ମୃତ ଦେହ ଆଡ଼କୁ ପୁଣି ଥରେ ନଜର ପକାଇଲା । ତା' ମୁହଁରୁ ମେଞ୍ଚାଏ ଫେଣ ବାହାରି ପଡ଼ିଥିଲା, ଗୋଡ଼ଗୁଡ଼ାକ ଆସ୍ତେ ଲାଠି ହେଇଯାଉଥିଲା । ତା' ଦେହର ଛାବକଳା ରଙ୍ଗ ଓ ମୁଣ୍ଡର ଚାନ୍ଦକୁ ଲକ୍ଷ୍ୟ କରି ବୁଝିନେଲା ସେଇଟା ପ୍ରଧାନ ଘରର ଗାଈ । ମାତ୍ର ବୁଢ଼ୀ ହୋଇଯିବାରୁ ତାକୁ ଘରୁ ବିଦା କରିଦେଇଥିଲା । କାଞ୍ଜିଆହୁଦାରେ ଢେର୍ ଦିନ ରହିଲା, ହେଲେ କେହି ଦାବି ନ କରିବାରୁ ଖୁଣ୍ଟ ବନ୍ଧା ହୋଇ ଖାଇବାକୁ ଦେବାରେ କିଛି ଲାଭ ନାହିଁ ଜାଣି ମାଲିକ ମୁକାଳି ଦେଲା । ତେଣୁ ରକ୍ଷା । ନ ହେଲେ ମଣିଷ କ୍ଷତିପୂରଣ ସାଙ୍ଗକୁ ଜୋରିମାନା ମଧ୍ୟ ଗଣିଥା'ନ୍ତା ।

ପ୍ରଧାନ ବୁଢ଼ାକୁ ମନେ ମନେ ବୁହାଟେ ଗାଳିଦେଲା – ମୂର୍ଖ, ବୟସ ହୋଇଗଲା ବୋଲି କ'ଣ ଅଲୋଡ଼ା ହୋଇଗଲା । ତା'ହେଲେ ତୋ ବାପା-ମା'ଙ୍କୁ କ'ଣ ତୁ ଏମିତି ଘରୁ ତଡ଼ି ଦେବୁ ? ଆଉ ତୁ ବୁଢ଼ା ହେଲେ ! ହୀରାଲାଲର ମନ ତଥାପି ଶାନ୍ତି ହେଲାନି, ପରିବେଶର ସୁରକ୍ଷା କଥା ଚିନ୍ତାକରି ଭାବିଲା – ଆଜି କାଲି କଂସେଇର ମଧ୍ୟ କିଛି ତତ୍ପରତା ନାହିଁ । ଗାଈ-

ଗୋରୁଗୁଡ଼ାକ ରାସ୍ତାରେ ବୁଲୁଛନ୍ତି, ଯା ତା' ବାଡ଼ିରେ ପଶୁଛନ୍ତି, ତାକୁ ନେଇ ଦି ପଇସା ରୋଜଗାର କରିଥିଲେ କ'ଣ ହୋଇ ନଥା'ନ୍ତା । ଯୋଗକୁ ହୀରାଲାଲର ଏଭଳି ସୁଚିନ୍ତିତ ମତାମତଗୁଡ଼ାକ ଉତ୍ତରପିଢ଼ିଙ୍କ କାନରେ ପଡ଼ି ନଥିଲା ।

ଭାବନାର ଭଉଁରି ଭିତରୁ ହୀରାଲାଲର ମୁଣ୍ଡକୁ ଗୋଟାଏ ସୁବୁଦ୍ଧି ଜୁଟିଗଲା । ଭାରି ଖୁସି ହେଲା । ଶୋକ କରିବା ବିଜ୍ଞତାର ପରିଚୟ ନୁହେଁ । ପ୍ରକୃତରେ ଭୁଲ୍‌ଟା ତା'ର ନୁହେଁ । କାରଣ ସେ ତ ଗୀତାରେ ପଢ଼ିଛି – ଆସକ୍ତିରୁ କାମନା, କାମନାରୁ କ୍ରୋଧ, କ୍ରୋଧରୁ ବିସ୍ମୃତି, ବିସ୍ମୃତିରୁ ବୁଦ୍ଧିନାଶ ହୋଇଥାଏ । ତେଣୁ ଏକଥା ଜାଣି ସେ ଏତେ ବଡ଼ ଭୁଲ୍ କରିବ ବା କେମିତି ? ସେ ତ ଗାଈକୁ ମାରି ନି, ଗାଈଟି ତା'ର ହାତର ପ୍ରହାରରେ ମରିଛି । ଶାସ୍ତ୍ର କହେ – ହାତ ଇନ୍ଦ୍ର ଶକ୍ତିରେ ପରିଚାଳିତ, ହାତ ଯାହା କରେ ସେ ସମସ୍ତ ଇନ୍ଦ୍ରହିଁ କରନ୍ତି । ଇନ୍ଦ୍ର ଯଦି ଗୀତାର ବାଣୀକୁ ସ୍ମରଣ କରିଥା'ନ୍ତେ ତେବେ କ'ଣ ଏତେ ବଡ଼ ବିପତ୍ତି ଘଟିଥାଆନ୍ତା ? ମୋ ହାତର ବାଡ଼ି ତ କେବଳ ନିମିତ୍ତ ମାତ୍ର । ଠିକ୍ ଯେମିତି ଏତେ ବଡ଼ ମହାଭାରତ ଯୁଦ୍ଧ ଘଟିଗଲା ସତରେ କ'ଣ ଅର୍ଜୁନ କାହାକୁ ମାରିଥିଲା !

''ହୀରାଲାଲର ଆଶ୍ୱସ୍ତ ମନଟା ଅପରାହ୍ଣର ଶୀତଳ ପବନରେ ଆହୁରି ଶୀତଳେଇ ଗଲା । ହଠାତ୍ ତା'ର ନଜର ପଡ଼ିଗଲା ଠିଆମେଲା ଫାଟକ ଆଡ଼େ । ଦେଖିଲା କେହି ଜଣେ ବୃଦ୍ଧ ମୁଗ୍ଧ-ଚକିତ ଦୃଷ୍ଟିରେ ଚାହିଁ ରହିଛନ୍ତି ତା'ର ଫୁଲ ବଗିଚା ଆଡ଼କୁ । ନିଶ୍ଚୟ ଜଣେ ପରିବେଶ-ରସିକ ଆଗନ୍ତୁକ । ସଙ୍ଗେ ସଙ୍ଗେ ପାଖକୁ ଆସି ପାଛୋଟି ନେଲା ହୀରାଲାଲ – ଆସନ୍ତୁ ମହାଶୟ, ଭିତରର ଉଦ୍ୟାନ ଆହୁରି ରହସ୍ୟମୟ । ପ୍ରକୃତିର ଲୀଳା ବଡ଼ ଚମତ୍କାର । ସବୁ ମୁଁ ନିଜେ କରିଛି । ଏଇ ହାତରେ ଗଛ ପୋତିଛି, ପାଣି ଦେଇଛି, ଫୁଲ ଫୁଟେଇଛି, କାହାରି ସାହାଯ୍ୟ ଲୋଡ଼େ ନାହିଁ । ଏଇ ବୟସରେ ମେହେନତ କରିବି ନାହିଁ ତ ଆଉ କ'ଣ ବୁଢ଼ା ହେଲେ କରିପାରିବି ?

'ସତରେ ବ୍ରାହ୍ମଣ, ବଡ଼ ଚମତ୍କାର । ଖାଲି ପାରିଜାତ ଥିଲେ ଉପବନଟି ସ୍ୱର୍ଗର ଅମରାବତୀ ତୁଲ୍ୟ ହୋଇ ଉଠିଥା'ନ୍ତା । ହେବ, ନିଶ୍ଚୟ ହେବ ।' – ବୃଦ୍ଧଙ୍କ ଉଚ୍ଛାଟନରେ ହୀରାଲାଲ ଆହୁରି ଉତ୍‌ଫୁଲ୍ଲିତ ହୋଇଉଠିଲା । କ୍ଷଣକ ପାଇଁ ଭୁଲିଗଲା ତା'ର ପୂର୍ବର ମନସ୍ତାପ । ନିଜର ବଡ଼ିମାରେ ନିଜେ ମନ୍ଦିର ଗଢ଼ିଲା, ଚୂଡ଼ା ମାରିଲା । ଭାବିଲା ସାତପୁରୁଷକୁ ଖ୍ୟାତି ରହିଯିବ । ଏଣେ ବୃଦ୍ଧ ନଜର ବେଢ଼େଇ ଚାଲିଥା'ନ୍ତି ବଗିଚାର ଉକୁଟା ଶୋଭାର ତାଳେ ତାଳେ । ହୀରାଲାଲ ତାଙ୍କ ପାଖେ ପାଖେ ରହି କର୍ତ୍ତା ବନାମ ପରିଦର୍ଶକର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିଲେ କର୍ତ୍ତୃବାଚକ ବାକ୍ୟ ପ୍ରୟୋଗ କରି । ମାତ୍ର ବୃଦ୍ଧଙ୍କ ଦୃଷ୍ଟି ଯେ ଦେଖଣାଯୋଗ୍ୟ ଦୃଶ୍ୟରୁ ଅଣଆୟତ୍ତ ହୋଇଯାଉଥିଲା, ଏକଥାକୁ ଲକ୍ଷ୍ୟ କରିଥିଲେ ବି ତା'ର ରହସ୍ୟ ଅବୁଝା ରହିଥିଲା ହୀରାଲାଲଙ୍କ ପାଇଁ । ହଠାତ୍ ବୁଦା ଉହାଡ଼ରେ ଦୃଷ୍ଟିକୁ ଅଟକାଇ ରଖି ବୃଦ୍ଧ ଜଣକ ଆଶ୍ଚର୍ଯ୍ୟ ହୋଇ କହିଲେ, 'ଏ କ'ଣ, ଏ ଗାଈକୁ ମାଇଲା କିଏ ? ମନେ ହେଉଛି କେହି ପିଟି ପିଟି ମାରିଛି । କି ଜଘଣ୍ୟ ଏ କାଣ୍ଡ ?'

'ଆଜ୍ଞା, ମରିବାର ଯୋଗ ଥିଲା ସେ ମଲା । ସତ କହିବାକୁ ଗଲେ ଏହା ଇନ୍ଦ୍ରଦେବଙ୍କର କାଣ୍ଡ । ଛାଡ଼ନ୍ତୁ, ଅତୀତକୁ ମାପି କିଛି ଲାଭ ନାହିଁ ।' – ଦ୍ୱିଧାଘୋଡ଼ିଆ କଣ୍ଠରେ ଉତ୍ତର ଦେଲେ ହୀରାଲାଲ ।

'ତୁମେ ଏ କ'ଣ କହୁଛ ? ଇନ୍ଦ୍ର କିପରି ଏ ଗାଈକୁ ମାରିଲେ' – ବୃଦ୍ଧଙ୍କର ଆଶ୍ଚର୍ଯ୍ୟ ହେବାଟା ଅସ୍ୱାଭାବିକ ମନେ ନ କରି ହୀରାଲାଲ କହିଲେ, 'ଆଜ୍ଞା, ବୟସ ଦୃଷ୍ଟିରୁ ଆପଣ ନିଶ୍ଚୟ ବିଜ୍ଞ । ଆପଣ କ'ଣ ଜାଣନ୍ତି ନାହିଁ ଯେ ଏଇ ହାତ ଇନ୍ଦ୍ର-ଶକ୍ତିରେ ପରିଚାଳିତ ? ଏଇ ହାତ-କୃତ ସମସ୍ତ କର୍ମର କର୍ତ୍ତା ମୁଁ ନୁହେଁ ସ୍ୱୟଂ ଇନ୍ଦ୍ରଦେବ । ଗାଈ ମୋ ଗଛ ଖାଇ ଯିବାରୁ ମୋ ହାତରେ ମୋଟା ପାଞ୍ଚଣ ମାଧ୍ୟମରେ ଇନ୍ଦ୍ରଦେବ ଗାଈଟିକୁ ଉଚିତ ଶାସ୍ତି ଦେଇଛନ୍ତି । ତେଣୁ ମୋ' ହାତ ନା ମୁଁ କେହି ଏ ପାପର ଭାଗୀଦାର ନୋହୁଁ ।

'ଓଃ, ତା'ହେଲେ ଏ କୁକର୍ମ ଇନ୍ଦ୍ରଙ୍କର ଆଉ ପାପ ସବୁ ମଧ୍ୟ ତାଙ୍କର । ମାତ୍ର ତୁମେ ଯେତେବେଳେ ମୋତେ ବଗିଚା ବୁଲାଇ ଦେଖାଉଥିଲ ସେତେବେଳେ ତ କାହିଁ କହୁ ନ ଥିଲ ଏଇ ଶୋଭା ତୁମ ହାତ ଦ୍ୱାରା ନୁହେଁ, ଇନ୍ଦ୍ରଙ୍କ ଦ୍ୱାରା କୃତ ବୋଲି ?' – ବୃଦ୍ଧଙ୍କର ଉତ୍ତରରେ ମୂଢ଼ ହୀରାଲାଲ ସ୍ତବ୍ଧ ହୋଇଗଲା । ସାରା ଶରୀର ତା'ର ଘର୍ମାକ୍ତ । ସାମନାରେ ଦେଖିଲା ଇନ୍ଦ୍ର ଛଦ୍ମବେଶ ତ୍ୟାଗ କରି ସ୍ୱୟଂ ଦଣ୍ଡାୟମାନ । ନିମିଷକେ ଅନ୍ତର୍ଦ୍ଧାନ ହୋଇଗଲେ ।

ଶ୍ରୀରାମକୃଷ୍ଣଙ୍କର କଥାର ମର୍ମ ବଡ଼ ଗଭୀର । ଯିଏ ବୁଝିଲା କଥା ସିଏ ବୁଝିବେ – ସତରେ ନିଜ କୃତକର୍ମର ପ୍ରଶଂସା-ଭାଜନ ହେବା ପାଇଁ ଆମେ ଆଗେଇଆସୁ, ହେଲେ ଆପଣାକୃତ ଅପରାଧ ପାଇଁ ନିଜକୁ ଦାୟୀ କରୁନା ବରଂ ଦୋଷୀ ବନାଉ ଅନ୍ୟକୁ । ସତେ ଯେମିତି ନିଜେ ଗୋଟା ତୁଳସୀ ! ❑

# ଏଭରେଷ୍ଟ୍‌ରେ ଉଡ଼ିଲା ମାଆଙ୍କ ପତାକା

## (ଯୋଗାବ୍ୟାସଙ୍କ* ନିଜସ୍ୱ ଅନୁଭୂତି)

ଅସାଧାରଣ ହେବାର ପ୍ରବୃତ୍ତି ନଥିଲେ ବି ଦୁଃସାହସିକତାକୁ ସ୍ୱୀକାର କରିବାର ଇଚ୍ଛା ଥିଲା ପିଲାଟି ଦିନରୁ । କାହିଁକି କେଜାଣି ଶୀର୍ଷାରୋହଣର ଅଭାବନୀୟ ଅନୁଭୂତିର ଭାବନାରେ ନିଜକୁ ସାମିଲ କରିଦେବାବେଳେ ଦେହ ମୋର ରୋମାଞ୍ଚିତ ହୋଇଉଠେ । ପ୍ରାଣରେ ଭରିଯାଏ ପୁଲକ, ଯାହା ବର୍ଣ୍ଣନାତୀତ । ଖାଲି ସେତିକି ନୁହେଁ, ବେଳେବେଳେ ମୁଁ ଲମ୍ଫଦିଏ, ଉପରୁ ତଳକୁ । ଖସିପଡ଼େ ଶିଖରରୁ ନିଗଡ଼କୁ । ଅଣନିଃଶ୍ୱାସୀ ହୋଇଉଠେ । ସେତେବେଳେ ଭାବେ ନା, ଏସବୁ କିଛି ନୁହେଁ, ବିଫଳତାହିଁ ସଫଳତାର ଆସ୍ଥାଳନ ।

ଏମିତି କେତେ ଭାବନା, କେତେ ସ୍ୱପ୍ନ ମିଶିଥିଲା ପିଲାଦିନର ଚପଳତାରେ । ୨୦୦୧ ମସିହା କଥା । ମୁଁ ସେତେବେଳେକୁ ଟିଟିଲାଗଡ଼(ବଲାଙ୍ଗିର ଜିଲା)ସ୍ଥିତ ଶ୍ରୀଅରବିନ୍ଦ ଯୋଗକେନ୍ଦ୍ରରେ ରହୁଥିଲି । ଦିନକର ଘଟଣା – ପାଠଚକ୍ରରେ ବସିଥାଏ, ଚିରନ୍ତନୀ ପୁସ୍ତକରୁ 'ଦୁଃସାହସିକ ଅଭିଯାନ' ଅଧ୍ୟାୟଟି ପଢ଼ା ହେଉଥିଲାବେଳେ ହଠାତ୍ ଏକ ବଳିଷ୍ଠ ଚିନ୍ତା ମୋ ଭିତରକୁ ଧସେଇ ପଶିଆସିଲା । ମୁଁ ଅନ୍ଧପରି ତାହାକୁ ଅନୁସରଣ କରିଚାଲିଲି । ସାମନାରେ ମାଆଶ୍ରୀଅରବିନ୍ଦଙ୍କ ଫଟୋ । ମନେହେଲା ମାଆ ସାକ୍ଷାତ୍ ବିଦ୍ୟମାନ । ମନେମନେ ପଚାରି ବସିଲି –''ମାଆ, ଏଭରେଷ୍ଟ ଶୃଙ୍ଗ ହେଉଛି ସର୍ବୋଚ୍ଚ ଶିଖର । ଆଉ ତାହାକୁ ଆରୋହଣ କରିବା ହେଉଛି ସବୁଠାରୁ ବଡ଼ ଦୁଃସାହସିକ ଅଭିଯାନ । ମୁଁ କ'ଣ ସେଇ ଅଭିଯାନରେ ଭାଗନେଇ ପାରିବିନି ? ତୁମେ ସାହା ହେଲେ ତୁମ ବିଜୟ ପତକା ନେଇ ମୁଁ ଏଭରେଷ୍ଟ ଶୃଙ୍ଗରେ ଉଡ଼ାଇବି । କୁହ ମାଆ, ତୁମେ ମୋତେ ସାହା ହେବ ତ !''

ମନରେ ଏହି ଚିନ୍ତା ଅହରହ ଘାରିହେଲା । ପର୍ବତାରୋହୀ ହେବାକୁ ହେଲେ କ'ଣ ସବୁ ଦରକାର – ତଥ୍ୟସବୁ ସଂଗ୍ରହ କଲି । ଶାରୀରିକ ପ୍ରସ୍ତୁତି ନିମନ୍ତେ କେତେକ ବିଶେଷ ଧରଣର ବ୍ୟାୟାମ ମଧ୍ୟ ନିୟମିତ ଅଭ୍ୟାସ କଲି । ପ୍ରସ୍ତୁତିର ପର୍ବ ଆଗେଇ ଚାଲିଲା । ଅବଶ୍ୟ ଏହି କଥା ମୁଁ ଜାଣିଥିଲି ଯେ ଅଭିଯାନଠାରୁ ଆଶା ମୋର ଥିଲା ଅଧିକ ଦୁଃସାହସିକ । କାରଣ ଏହା ଖୁବ୍ ବ୍ୟୟ-ସାପେକ୍ଷ, ଯେଉଁଥିପାଇଁ ମୁଁ ଅଯୋଗ୍ୟ । ତଥାପି ବିଶ୍ୱାସରୁ ବିଚ୍ୟୁତ ହୋଇ ନଥାଏ । ପ୍ରତିଦିନ ଏକାଧିକବାର ଶ୍ରୀଅରବିନ୍ଦଙ୍କ ରଚିତ ଦୁର୍ଗାସ୍ତୋତ୍ର ପାଠକଲେ ସବୁଠାରୁ ମୋତେ ଛୁଇଁଯାଏ –''ଦିଅ ମାଆ ପ୍ରାଣେ, ମନେ ଅସୁରର ଶକ୍ତି, ଅସୁରର ଉଦ୍ୟମ, ଦିଅ, ମା, ହୃଦୟରେ ବୁଦ୍ଧିରେ ଦେବଚରିତ୍ର, ଦେବଜ୍ଞାନ ।।'' ସାକ୍ଷାତ୍ ଭବାନୀ ଯେମିତି ମୋ ସାମନାରେ ବିଦ୍ୟମାନ । ମାଆଙ୍କ ଫଟୋକୁ ଲକ୍ଷ୍ୟ କରେ, ଆଶା ଭରସା ଏଭରେଷ୍ଟର ଶିଖର ଛୁଏଁ ।

ମାଆଙ୍କ ଅପାର କରୁଣାରୁ ୨୦୧୧ ମସିହାରେ ଏଭରେଷ୍ଟ ଶୃଙ୍ଗ ଆରୋହଣ ପାଇଁ ନିର୍ବାଚିତ ହୋଇଥିବା ଅଭିଯାତ୍ରୀ ଦଳରେ ସାମିଲ ହେବାର ସୁଯୋଗ ମିଳିଲା । ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି । ସଙ୍ଗେ ସଙ୍ଗେ ମୋ ଆଖି ଆଗରେ ଭାସିଉଠିଲା ସେଇ ଦୃଶ୍ୟ – ତୁଷାର ଧବଳ ଏଭରେଷ୍ଟର ଶିଖରରେ ଉଡୁଛି ମାଆଙ୍କର ବିଜୟ ପତାକା । ଝିରି ଝିରି ବରଫର ବୃଷ୍ଟି । ଆହା ! କି ଆନନ୍ଦ ! ଜୟ ମା ଜୟ ମା ।

ଅଭିଯାନ ପାଇଁ ଆଉ ମାତ୍ର ପନ୍ଦରଦିନ ବାକି । ସେତେବେଳକୁ ମୁଁ ଭୁବନେଶ୍ୱରରେ ଥାଏ । ବ୍ୟକ୍ତି-ବିଶେଷଙ୍କଠାରୁ ଅନୁଷ୍ଠାନ ପର୍ଯ୍ୟନ୍ତ, କେତେ ଦ୍ୱାର ବୁଲିଲି । କେହି ଉପହାସ କଲେ ତ କେହି ମୁହଁ ଫେରାଇଲେ । କାହାରି ପାଖରୁ ଆଶ୍ୱାସନା ଟିକେ ପାଇଲେ ମଉଳା ମନଟା ମୋର ଚେଇଁ ଉଠୁଥିଲା । ହେଲେ କିଛି ଲାଭହେଲା ନାହିଁ । ଅର୍ଥ ଯୋଗାଡ଼ର ସମସ୍ତ ଆଶା ବ୍ୟର୍ଥ ହେଲା । ମାଆଙ୍କ ଉପରେ

---

* ପର୍ବତ ଆରୋହୀ ମାତୃସନ୍ତାନ ଯୋଗାବ୍ୟାସ ଭୋଇ ତାଙ୍କର ନିଜସ୍ୱ ଅନୁଭୂତିକୁ ଓଡ଼ିଶାର ମୟୂରଭଞ୍ଜ ଜିଲା କପ୍ତିପଦା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିସରରେ ହୋଇଥିବା ''ରିଭୋରୋ ସ୍ପିରିଟ୍ - ୨୦୧୧ (RIVERO SPIRIT : An adventure with Spiritual Camp for the Youth)ରେ ୨୦୧୧ ମସିହା ଡିସେମ୍ବର ୨୯ ତାରିଖ ଅପରାହ୍ଣ ଅଧିବେଶନରେ ଶିବିରାର୍ଥୀମାନଙ୍କ ଗହଣରେ ବର୍ଣ୍ଣନା କରିଥିଲେ । ତାଙ୍କର ଅନୁଭୂତିକୁ ନେଇ ଆଲେଖ୍ୟଟି ପ୍ରସ୍ତୁତ କରାଯାଇଛି ।

ବୁହାଟେ ଅଭିମାନ ଅଜାଡ଼ି ଦେଲି । ମୋର ଠିକ୍ ମନେ ଅଛି, ସେଦିନ ଥିଲା ଏପ୍ରିଲ ପହିଲା । ପଣ୍ଡିଚେରୀ ଆଶ୍ରମରୁ ଆସିଥିବା ମାଆଙ୍କର ପୁଷ୍ପ-ପ୍ରସାଦ ମୋତେ ମିଳିଲା । ମନର କୋହ ସମ୍ଭାଳି ପାରିଲି ନାହିଁ । ସବୁ ବ୍ୟର୍ଥତା ଭିତରେ ଏପୁଣି କି ଭେଳିକି ! ସେଦିନ ରାତିରେ ନିରାଶ ହୋଇ ମୋ ପକେଟରେ ଥିବା ମାଆଙ୍କ ଫଟୋକୁ ଚାହିଁ ପ୍ରଶ୍ନ କଲି –''ଏ କି ପରୀକ୍ଷା ମା ! ତୁମର ପତାକା ନେଇ ଏଭରେଷ୍ଟ ଶିଖରରେ ଉଡ଼ାଇବାର ସୁଯୋଗ ମୋତେ କ'ଣ ଦେବ ନାହିଁ ? ଯଦି ତୁମେ ନଚାହଁ ତେବେ ମୋତେ ନିର୍ବାଚିତ କରୁଥିଲ କାହିଁକି ?'' ତା'ପରେ ମୁଁ ଶୋଇ ଯାଇଥିଲି । ସକାଳ ହେଲା, ଉଠି ପ୍ରସ୍ତୁତ ହେଉଥାଏ ଘରକୁ ଫେରିଯିବା ପାଇଁ । ହଠାତ୍ ମୋତେ ଜଣେ ବ୍ୟକ୍ତି ଫୋନ୍ କଲେ –''ତୁମର ଅର୍ଥ ଯୋଗାଡ଼ ହୋଇଯାଇପାରେ ।'' ମୁଁ ଥମ୍ ହୋଇଗଲି । ଅପରିଚିତ ହେଲେ ବି ପରିଚିତ ମନେ ହେଉଥିଲା ସେଇ କଣ୍ଠସ୍ୱର । ସତକୁ ସତ ଖୁବ୍ ଅୟସରେ ଆବଶ୍ୟକତାଠାରୁ ଅଧିକ ଅର୍ଥ (ପ୍ରାୟ ଅଣତିରିଶି ଲକ୍ଷ) ଯୋଗାଡ଼ ହୋଇଗଲା । ଆଖିରୁ ମୋର ଝରି ପଡ଼ିଲା କୃତଜ୍ଞତାର ଅଶ୍ରୁ । ମାଆଙ୍କର ଚରଣରେ ସଅଁପି ଦେଲି । ମନ ତଥାପି ପ୍ରଶ୍ନ କରୁଥାଏ – ଏହାହିଁ କ'ଣ ମାଆ ଭଗବତୀଙ୍କର ଅହେତୁକୀ କୃପା ? ପ୍ରସ୍ତୁତିର ଅନ୍ୟାନ୍ୟ ପର୍ବସବୁ ଖୁବ୍ ସୁରୁଖୁରୁରେ ହୋଇଗଲା । ଏପ୍ରିଲ ୧୫, ୨୦୧୧ରେ ମୁଁ ଓଡ଼ିଶାରୁ କାଠମାଣ୍ଡୁ ଅଭିମୁଖେ ଯାତ୍ରାକଲି ।

ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ପ୍ରାୟ ୮୮୪୮ ମିଟର ବା ୨୯,୦୮୪ ଫୁଟ । ପଥ ବିପଦ-ସଙ୍କୁଳ ଓ ବରଫାବୃତ । ତାପମାତ୍ରା -୪୦ ଡିଗ୍ରୀରୁ -୫୦ ଡିଗ୍ରୀ ସେଣ୍ଟିଗ୍ରେଡ୍ । ଅତ୍ୟଧିକ ନିମ୍ନ ତାପମାତ୍ରାରେ ଶରୀରକୁ ଅଭ୍ୟସ୍ତ କରିବା ପାଇଁ ଅଭିଯାନ ପୂର୍ବରୁ ସବୁ ପର୍ବତାରୋହୀ ପ୍ରାୟ ଗୋଟିଏ ମାସ ବେସ୍ କ୍ୟାମ୍ପ (Base Camp)ରେ ରହି ଶରୀରକୁ ଖାପଖୁଆଇ ଥାଆନ୍ତି । ବିଳମ୍ବ ହେତୁ ମୁଁ ଏହି ସୁଯୋଗରୁ ବଞ୍ଚିତ ହୋଇଥିଲି । ମାଉଣ୍ଟ ଏଭରେଷ୍ଟ ଚଢ଼ିବା ପାଇଁ ଚାରୋଟି ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ, ଯଥା – କ୍ୟାମ୍ପ ଏକ (୫୯୦୦ ମି.), କ୍ୟାମ୍ପ ଦୁଇ (୬,୪୦୦ ମି.), କ୍ୟାମ୍ପ ତିନି (୭,୨୦୦ ମି.) ଏବଂ ଶେଷ କ୍ୟାମ୍ପ – କ୍ୟାମ୍ପ ଚାରି (୮୦୦୦ ମି.) ଯାହାକୁ ଡେଥ୍‌ଜୋନ୍ ବୋଲି କହନ୍ତି ।

ଗୋଟାଏ ମାସ ବ୍ୟବଧାନରେ ମୁଁ ଯାଇ ବେସ୍ କ୍ୟାମ୍ପରେ ପହଁଞ୍ଚିଲି । ପାଗ ସେତେବେଳକୁ ବହୁତ ଖରାପ ଥିଲା ଏବଂ କେତେଜଣ ପର୍ବତାରୋହୀ ମଧ୍ୟ ମୃତ୍ୟୁବରଣ କରିସାରିଥିଲେ । ସେଦିନ ଥିଲା ମେ ୨ ତାରିଖ ୨୦୧୧ ମସିହା । ସମୟ ସନ୍ଧ୍ୟା ୬ଟା । ବେସ୍ କ୍ୟାମ୍ପରେ ପହଞ୍ଚିଯାଇ ଖୁସିରେ ମୁଁ ପାଟିକରି ଉଠିଲି – ''Victory to the Divine Mother.'' (ମା'ଙ୍କର ଜୟ ହେଉ) ।'' ଆନନ୍ଦର ଆଗ୍ନେୟଗିରିରୁ ସତେ ଯେମିତି ଲାର୍ଭା ଉଦ୍‌ଗିରଣ ହେଲା । ମୋର ଗାଇଡ୍ ପାସାଙ୍ଗ ସେର୍ପା (Pasang Sherpa) ଥିଲେ ଜଣେ ନେପାଳୀ । ବଳିଷ୍ଠ ଚେହେରା ସହ ଅତ୍ୟନ୍ତ ଦକ୍ଷ ଅଭିଯାତ୍ରୀ । ମୋ ଖୁସିରେ ସେ ମଧ୍ୟ ଖୁସି ହୋଇଗଲେ । ମାତ୍ର ମୋ ସ୍ଲୋଗାନରୁ କ'ଣ ବୁଝିଲେ କେଜାଣି ହଠାତ୍ ପ୍ରଶ୍ନ କଲେ – ''ତୁମେ କାହାର ଜୟଗାନ କରୁଛ ?''

''ମୋ ମାଆର ଯେ ମୋତେ ଏଠାକୁ ପଠାଇଛି ।''– ମୋ ଉତ୍ତରରେ ସେ ସନ୍ତୁଷ୍ଟ ହୋଇଗଲେ, ''ଖୁବ୍ ଭଲ, ଖୁବ୍ ଭଲ'' କହି ମୋ ପିଠି ଥାପୁଡ଼ାଇଲେ ।

ବେସ୍ କ୍ୟାମ୍ପର ଉଚ୍ଚତା ୫, ୫୬୪ ମି. । ସେଠାରେ ପହଞ୍ଚିବା ବେଳକୁ ଅନେକ ଥକି ଯାଇଥାଆନ୍ତି । ମାତ୍ର ମୋର ହାଇ ଅଲଟିଚୁଡ୍ ସିକ୍‌ନେସ୍ (high altitude sickness) ଟିକିଏ ବି ହୋଇ ନଥିଲା । ମୋର ଦୁର୍ଗାସ୍ତୋତ୍ର ଏବଂ ମା' ବହିର ତୃତୀୟ ଅଧ୍ୟାୟ ମୁଖସ୍ଥ ଥାଏ । ଚାଲିଲାବେଳେ ଦୁର୍ଗାସ୍ତୋତ୍ର ଏବଂ ମା' ବହିର ତୃତୀୟ ଅଧ୍ୟାୟ ବାରଂବାର ମନେ ମନେ ଆବୃତ୍ତି କରୁଥାଏ ଏବଂ ମାଆଙ୍କୁ ଡାକୁଥାଏ । ପଥ ତିଖ ଯେତିକି, ପିଚ୍ଛିଳ ସେତିକି । ବିପତ୍ତି ଅଜଗର ଭଳି ଆଁ-କରି ରହିଥାଏ । କେତେବେଳେ ଯେ କ'ଣ ଘଟିବ କିଏ କହିବ ? ତଥାପି ନିର୍ଭୀକ ଥାଏ । ମନେ ପଡିଯାଉଥାଏ ମାଆ ବହିର ତୃତୀୟ ଅଧ୍ୟାୟର ଧାଡ଼ି କେତୋଟି –''ଏହି (ମାଆଙ୍କ) କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ ।'' ଏମିତି ଚାଲିଲା ମୋ ଅଭିଯାନ ।

ଆମ କ୍ୟାମ୍ପର ନାମ ଥିଲା ''ସ୍ପିରିଚୁଆଲ ମାଉଣ୍ଟ ଏଭରେଷ୍ଟ ଏକ୍ସପେଡ଼ିସନ୍ – ୨୦୧୧'' (Spiritual Mount Everest Expedition-2011) । ଏହି ଅଭିଯାନରେ ଆମେ ୭ ଜଣ ପର୍ବତାରୋହୀ ଥିଲୁ । ଜଣେ ଝିଅ ଏବଂ ୬ ଜଣ ପୁଅ । ସେର୍‌ପାମାନଙ୍କର ସଂସ୍କୃତି ଓ ପରମ୍ପରା ଅନୁସାରେ ବେସ୍‌କ୍ୟାମ୍ପରୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭଗବାନ୍ ବୁଦ୍ଧଙ୍କୁ ଗୋଟିଏ ଦିନ ପୂଜାର୍ଚ୍ଚନା କରାଯାଏ । ସେହିଦିନ

ବୌଦ୍ଧଧର୍ମାବଲମ୍ବୀଙ୍କ ପୂଜକ ପୂଜା ଆରମ୍ଭ କଲାବେଳେ ମୁଁ ମାଆଙ୍କର ପତାକାକୁ ଦେଖାଇ 'ଆଧ୍ୟାତ୍ମିକ ପତାକାକୁ ବି ପୂଜା କରନ୍ତୁ' ବୋଲି କହିଲି । ଏହି ସମୟରେ ପୂଜକ ଜଣକ ପତାକାକୁ କେମିତି କେଉଁ ଜାଗାରେ ରଖିବେ ବୋଲି ତାଙ୍କ ମଧ୍ୟରେ ଆଲୋଚନା କଲେ । ସେତିକିବେଳେ ମୁଁ କହିଲି, ''ଯେଉଁଠି ବି ରଖନ୍ତୁ, ହେଲେ ତଳେ ରଖନ୍ତୁ ନାହିଁ ।'' ମୋତେ ପୂଜକ ଜଣକ ପଚାରିଲେ, ''ଏଇଟା କାହାର ପତାକା ?'' ମୁଁ କହିଲି, ''ମା'ଙ୍କର ପତାକା, ଭାରତବର୍ଷର ଆଧ୍ୟାତ୍ମିକ ପତାକା ।'' କିଛି ସମୟ ନୀରବ ରହିବା ପରେ, ପୂଜକ ଜଣକ କହିଲେ, ''ଯେହେତୁ ମାଆଙ୍କର ପତାକା, ଭଗବାନ୍ ବୁଦ୍ଧଙ୍କର ବି ମାଆ ଥିଲେ ।'' ତେଣୁ ଏହାକୁ ଭଗବାନ୍ ବୁଦ୍ଧଙ୍କର ମୂର୍ତ୍ତି ଉପରେ ରଖିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ସେହିପରି ରଖାଗଲା । ସେତିକିବେଳେ ପତାକାନିହିତ ମାତୃଶକ୍ତିକୁ ଅନୁଭବ କରୁଥିଲି ଓ ବାରଂବାର କୃତଜ୍ଞତାରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ମହାମହିମମୟ ଶ୍ରୀପଦାରବିନ୍ଦରେ ମୋର ମସ୍ତକ ନଇଁ ଯାଉଥିଲା ।

ଯେତେବେଳେ ଆମେ ବେସ୍ କ୍ୟାମ୍ପରୁ ପ୍ରଥମ କ୍ୟାମ୍ପ (୫,୯୦୦ ମି.) ପାଇଁ ଯାତ୍ରାରମ୍ଭ କଲୁ, ସେହି ସମୟରେ ଭୟଙ୍କର ଖୁମ୍ବୁ ଆଇସ୍ ଫଲ୍‌ର ସାମନା କରିବାକୁ ପଡ଼ିଥିଲା । ମୁଁ କ୍ୟାମ୍ପ-୧ରେ ଗୋଟିଏ ରାତି ରହିବା ପରେ ପୁଣି ଶରୀରକୁ ଟିକେ ଖାପ ଖୁଆଇବା ପାଇଁ ବେସ୍ କ୍ୟାମ୍ପକୁ ଫେରିଆସିଲି । କ୍ୟାମ୍ପ-୧ରେ ରହିବା ସମୟରେ ମୋର ମା'ଙ୍କର ଫଟୋଥିବା ଆଶୀର୍ବାଦ-ପୁଷ୍ପ ପ୍ୟାକେଟଟି ହଜିଗଲା । ଯାହାଫଳରେ ମୋର ବହୁତ ମନଦୁଃଖ ହେଲା । ବେସ୍ କ୍ୟାମ୍ପକୁ ଫେରି ମୁଁ ଏହିକଥା ଚିନ୍ତା କରୁଥାଏ । ମନକୁ ମା'ଙ୍କ ଆଡ଼କୁ ଲଗାଇ ଦେଇ ରାତିରେ ଟେଣ୍ଟ୍ ଭିତରେ ମା' ବହି ବାହାର କରି ପଢୁପଢୁ ଶୋଇପଡ଼ିଲି । ଏହି ସମୟରେ ଦେଖିଲି : ''ମୋ ସାମନାରେ ଗୋଟିଏ ଆଲୋକ ବରଫ ରାସ୍ତାରେ ଯାଉଛି । ସେହି ଆଲୋକକୁ ଅନୁସରଣ କରି କରି ମୁଁ ବି ଯାଉଛି । ସେହି ଆଲୋକ ଯାଇ ମାଉଣ୍ଟ୍ ଏଭରେଷ୍ଟର ଶିଖରରେ ପହଞ୍ଚିଗଲା ଏବଂ ତତ୍‌ସଙ୍ଗେ ସଙ୍ଗେ ମୁଁ ମଧ୍ୟ ଯାଇ ପହଞ୍ଚିଗଲି ।'' ସେତିକିବେଳକୁ ମୁଁ ମୋ ଗାଇଡ୍‌ଙ୍କ କଣ୍ଠସ୍ୱର ଶୁଣିଲି – ''ସାର୍ ! ପ୍ରସ୍ତୁତ ହୋଇଯାଆନ୍ତୁ ଯାତ୍ରା ଆରମ୍ଭ କରିବା ।'' ହଠାତ୍ ମୋ ନିଦ ଭାଙ୍ଗିଗଲା । ସେତେବେଳେ ରାତି ଦୁଇଟା । ମୁଁ ଟିକିଏ ଚମକି ପଡ଼ିଲି । ମୋ' ଆଖି ସାମନାରେ ସ୍ୱପ୍ନଟି ନାଚି ଉଠୁଥାଏ ଏବଂ କ୍ୟାମ୍ପର ରାସ୍ତା, ଆମେସବୁ କେଉଁଠି ରହିବୁ, କେମିତି କେଉଁ ବାଟ ଦେଇ ଆଗେଇବୁ... ସେସବୁ ଜଳ ଜଳ ହୋଇ ଦିଶୁଥାଏ – ଯାହାକି ମୁଁ ସ୍ୱପ୍ନରେ ଦେଖିଥିଲି । ମୋର ସ୍ୱପ୍ନର ଅନୁଭୂତି ମୁଁ ସେର୍‌ପା ଓ ଅନ୍ୟାନ୍ୟ ସଦସ୍ୟଙ୍କ ଆଗରେ କହିଲି, କିନ୍ତୁ ସେମାନେ ଟିକିଏ ଆଶ୍ଚର୍ଯ୍ୟ ହେଲେ ଏବଂ ମୋତେ କହିଲେ – ତୁମେ କାହାଠାରୁ ଏସବୁ ଶୁଣିଛ ? ମୋର ପୂର୍ଣ୍ଣ ଭରସା ଏବଂ ବିଶ୍ୱାସ ହେଲା ଯେ, ଏହା ନିଶ୍ଚିତ ଭାବରେ ମୋର ଅନ୍ତରର ଆରାଧ୍ୟ ଯୁଗାବତାର ଶ୍ରୀମାଶ୍ରୀଅରବିନ୍ଦଙ୍କର ଶକ୍ତି ଛଡ଼ା ଅନ୍ୟ କିଛି ନୁହେଁ । ତାଙ୍କର ଶକ୍ତି ଆଗରୁ ପଥ ପ୍ରସ୍ତୁତ କରି ଶିଖରରେ ପହଞ୍ଚି ସାରିଛି, ତେଣୁ ମୁଁ ନିଶ୍ଚୟ ସେଠାରେ ପହଞ୍ଚିବି । କାରଣ ସେହି ଶକ୍ତିହିଁ ମୋ ଭିତରେ କାର୍ଯ୍ୟ କରୁଛି ।

ଯେତେବେଳେ କ୍ୟାମ୍ପ-୩ (୭,୨୦୦ ମି.)ରୁ କ୍ୟାମ୍ପ-୪ (୮୦୦୦ମି.) ଡେଥ୍ ଜୋନ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ, ଏହାଥିଲା ମେ ୧୮ ତାରିଖ ଭୋର ଚାରିଟା । ଏହି ସମୟର ଯାତ୍ରା ବହୁତ କଷ୍ଟକର । ତା' ସାଙ୍ଗକୁ ଅନେକ ବରଫ ଝଡ଼ର ସାମନା କରିବାକୁ ପଡ଼ିଥିଲା । ମୁଁ ପାଟିରେ କେବଳ ଦୁର୍ଗାସ୍ତୋତ୍ର ଓ ମା' ବହିର ତୃତୀୟ ଅଧ୍ୟାୟ ବାରଂବାର ଆବୃତ୍ତି କରୁଥିଲି ଏବଂ ଆନ୍ତର ଚକ୍ଷୁରେ ମା'ଙ୍କୁ ଦେଖିଦେଖି ବାଟ ଚାଲୁଥିଲି । ଏହି ଯାତ୍ରାର ଅନୁଭୂତି ସବୁଠାରୁ ବେଶୀ ବିପଜ୍ଜନକ । ସବୁ ଯେମିତି ବିଗିଡ଼ି ବିଗିଡ଼ି ଯାଉଥାଏ ଏବଂ ମା' ତାକୁ ଆଶ୍ଚର୍ଯ୍ୟଜନକ ଭାବରେ ସଜାଡ଼ି ଦେଉଥାଆନ୍ତି । ସେଦିନ ପାଗ ବି ବହୁତ ଖରାପ ଥିଲା । ମୁଁ ମୋର ଦଳର ସଦସ୍ୟମାନଙ୍କୁ କହିଥିଲି : ''ମାଆ ଆମ ପାଖରେ ଅଛନ୍ତି । ସବୁକିଛି ଠିକ୍ ହୋଇଯିବ''... । ସେତିକିବେଳେ ପାସଙ୍ଗ ହସି ହସି କହିଥିଲେ, ''ଯୋଗାବ୍ୟାସର ମାଆଙ୍କର ଜୟ ହେଉ ।'' ପ୍ରକୃତରେ ଏହା ଯେ ମା'ଙ୍କର ଶକ୍ତି ସିଧାସଳଖ କାର୍ଯ୍ୟ କରୁଛି, ଏକଥା ହୃଦୟରେ ଅନୁଭବ କରୁଥିଲି । ମତେ ଲାଗୁଥାଏ : ''ଯେପରି ମୁଁ ନୁହେଁ, ମୋ ଭିତରେ ରହି ମା'ହିଁ ବାଟ କଢ଼ାଇ ନେଉଛନ୍ତି ।''

ସେଦିନ ସନ୍ଧ୍ୟା ୫ଟାରେ ଆମେ କ୍ୟାମ୍ପ-୪ ଡେଥ୍-ଜୋନ୍‌ରେ ପହଞ୍ଚିଲୁ । ଡେଥ୍‌ଜୋନ୍‌ର ଅର୍ଥ ସୁନିଶ୍ଚିତ ମୃତ୍ୟୁ । ସମୁଦ୍ରପତନଠାରୁ ଏହାର ଉଚ୍ଚତା ୮୦୦୦ ମି. । ସେଠାର ତାପମାତ୍ରା ବହୁତ କମ୍ । ଦେହର କମ୍ପନ ରୋକିବା କଷ୍ଟକର । ସର୍ବାଙ୍ଗ ହେମାଳ । ଥଣ୍ଡାରେ ହାଡ଼ ଭିତର କୋଲମାରି ଯାଉଥାଏ । ସେଠାରେ ପହଞ୍ଚି କରି ଆମ ଟେଣ୍ଟ ଭିତରେ ସମସ୍ତ ସଦସ୍ୟ ଠେଲାପେଲା ହୋଇ ବସିଲୁ । କିଛି ଗରମ ସୁପ୍ ଏବଂ ଜୁସ୍ ପାନକଲୁ ।

ଟେଣ୍ଟ୍ ଭିତରେ ଥିବା ସମୟରେ କ୍ଲିନିଙ୍ଗ୍ ଟିମ୍ (cleaning team)ର ଜଣେ ସେର୍ପା ଆସି ଆମ ସହ ଯୋଗଦେଲେ । ଏକ ଅହେତୁକୀ ଘଟଣା ଘଟିଲା । ସେ ମୋ ସହିତ ଖୁବ୍ ଜମିଗଲେ ଏବଂ ଯେତେବେଳେ ଜାଣିଲେ ଯେ ମୁଁ ଭାରତୀୟ ଏବଂ ମୋର ମାଉଣ୍ଟ୍ ଏଭରେଷ୍ଟ୍ ଚଢ଼ିବା ହେଉଛି ଏକ ଆଧ୍ୟାତ୍ମିକ ଅଭିଯାନ, ସେତେବେଳେ ତାଙ୍କ ମନରେ ପ୍ରଶ୍ନ ଆସିଲା – ଏହି ଆଧ୍ୟାତ୍ମିକ ଅଭିଯାନର ଅର୍ଥ କ'ଣ ଏବଂ କାହା ଉଦ୍ଦେଶ୍ୟରେ ? ମୁଁ ସୁଯୋଗ ପାଇଲି । ପକେଟରୁ ମା'ଙ୍କ ଫଟୋ ଥିବା ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍‌ଟି ବାହାର କରି ଦେଖାଇଲି ଏବଂ କହିଲି – ''ମା ଓ ଶ୍ରୀଅରବିନ୍ଦ ହେଉଛନ୍ତି ମୋର ଗୁରୁ, ମୋ ଭାଗ୍ୟର ନିୟନ୍ତା । ଦିନ ଆସିବ ସମଗ୍ର ମାନବଜାତି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବେ ଏବଂ ଭାରତହିଁ ହେବ ଆଧ୍ୟାତ୍ମିକ ପ୍ଲାବନର କେନ୍ଦ୍ରବିନ୍ଦୁ ।''

ସେ ସଙ୍ଗେସଙ୍ଗେ ନିଜ ପକେଟରୁ ବ୍ଲେସିଂଟିଏ ବାହାର କରି କହିଲେ –''ମୋ ପାଖରେ ମଧ୍ୟ ଅଛି । ମୁଁ ଏହାକୁ କ୍ୟାମ୍ପ୍ ସଫା କରିବା ସମୟରେ ବରଫରେ ପୋତିହୋଇ ରହିଥିବାର ଦେଖିଲି । ଭାବିଲି କେହି ଜଣେ ପର୍ବତ ଚଢ଼ାଳି ତା' ମାଆକୁ ଖୁବ୍ ଭଲପାଏ । ତେଣୁ ତାହାର ଫଟୋ ନେଇ ଚଢ଼ିବା ପାଇଁ ଆସିଛି । ଯାହାର ମାଆ ହେଲେ ବି ମାଆ ତ ମାଆ – ତା' ହୃଦୟର ସ୍ନେହ ଅମାପ ଆଉ ଅଭଙ୍ଗା । ସଭିଏଁ ତା'ର ସନ୍ତାନ ।''

''ସେର୍ପାଜି ! ଏ ବ୍ଲେସିଂ ମୋର । ମୁଁହିଁ କ୍ୟାମ୍ପରେ ହଜାଇ ବସିଥିଲି'' – କହିବା ସଙ୍ଗେ ସଙ୍ଗେ ସେ ମୋ ହାତକୁ ବ୍ଲେସିଙ୍ଗ୍‌ଟି ବଢ଼ାଇ ଦେଇ କହିଲେ – ଦେଖ, ତୁମର ମାଆ କେମିତି ତୁମ ପାଖକୁ ଫେରି ଆସିଛନ୍ତି; ଯଥାର୍ଥ ମାଆର ଯଥାର୍ଥ ସନ୍ତାନ । ତୁମର ଅଭିଯାନ ସଫଳ ହେଉ ।

ମୁଁ ମାଆଙ୍କର ବ୍ଲେସିଙ୍ଗ୍‌କୁ ମୁଣ୍ଡରେ ମାରି ଚୁମ୍ବନ ଦେଇ ଛାତିରେ ଆନନ୍ଦରେ ଚାପି ଧରିଲି, ମନେ ପଡ଼ିଗଲା ସେଇ ଧାଡ଼ିସବୁ – ''ଯଦି ମାଆ ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଙ୍କଟରୁ ପାର କରିଦେବ ... ... ।'' ମୁଁ ସେତେବେଳକୁ ସମ୍ପୂର୍ଣ୍ଣ ନିର୍ଭୀକ । ଆଖିରେ କୃତଜ୍ଞତାର ଅଶ୍ରୁ, ଦେହରେ ମାତୃ ଶକ୍ତିର ଅମିତ ପରାକ୍ରମ । ମୁଁ ମୋ ସାଥୀମାନଙ୍କୁ ଦୃଢ଼କଣ୍ଠରେ କହିଲି – ''ଏଭରେଷ୍ଟ୍ ଶିଖରରେ ପହଞ୍ଚିବାକୁ ଆମମାନଙ୍କୁ ଆଉ କେହି ବି ରୋକି ପାରିବେ ନାହିଁ । ବିଜୟ ସୁନିଶ୍ଚିତ । ଚାଲ ଆଗେଇ ଯିବା । ଜୟ ମାତାଜି, ଜୟ ମାତାଜି ।'' ସତକୁ ସତ ମୋ ନିର୍ଭୀକତାର ସାଞ୍ଜୁ ସମସ୍ତେ ପିନ୍ଧିନେଲେ । ଆରମ୍ଭ ହେଲା ଶେଷ ଅଭିଯାନ ।

ସେହି ମେ ୧୮ ତାରିଖ ରାତି ଘ ୯.୩୦ ମିନିଟରୁ ଡେଥ୍ ଜୋନରୁ ଶିଖର ଅଭିମୁଖେ ରାତିସାରା ଚାଲିଲୁ । ଗଲାବେଳେ ଅନେକ ଶବ ଦେଖୁଥାଉ । ସେସବୁ ମାଛ ବରଫରେ ପଡ଼ିଲା ପରି କଠିନ ହୋଇଯାଇଥା'ନ୍ତି । ଏହି ଦୁଃସାହସିକ, ବିପତ୍‌ସଂକୁଳ, ରୋମାଞ୍ଚକର ଯାତ୍ରା ସମୟରେ ବାଲ୍‌କୋନି, ରକ୍ ଏଲଭେନ୍, ଆଉ ଶେଷ ହେଲାରୀ ଷ୍ଟେପ୍ ଦେଇ ୧୯ ତାରିଖ ମେ ମାସ ୨୦୧୧ ମସିହା ସକାଳ ଘ.୯-୨୫ ମିନିଟରେ ଶିଖରରେ ପାଦଦେଲୁ । ପ୍ରଥମେ ମାଆଙ୍କର ଆଧ୍ୟାତ୍ମିକ-ପତାକା ଏଭରେଷ୍ଟରେ ଉଡ଼ାଇ, ପ୍ରଣାମ କରି ''Victory to The Divine Mother'' ସ୍ଲୋଗାନ୍ ଦେଇଥିଲୁ । ଭୌତିକ ଜଗତ୍ ଉପରେ ଏହା ଏକ ଆଧ୍ୟାତ୍ମିକ ବିଜୟ ଯେଉଁଥିପାଇଁ ଶିଖର ଶ୍ରେଣୀ ତୃଷିତ ହୋଇରହିଥିଲେ । ସମଗ୍ର ଜଗତ୍ ସେଦିନ ଦେଖିଲା ମା'ଙ୍କ ପତାକାର ବିଜୟ ବୈଜୟନ୍ତୀ ।

ଆମେମାନେ ଖୁସିରେ କାନ୍ଦୁଥିଲୁ କିନ୍ତୁ ଲୁହ ସଙ୍ଗେ ସଙ୍ଗେ ବରଫ ହୋଇ ଯାଉଥିଲା । ଭାରତର ତ୍ରିରଙ୍ଗା ପତାକା ଉଡ଼ାଇଲୁ । ମାଉଣ୍ଟ ଏଭରେଷ୍ଟରେ ସେଦିନ ତାପମାତ୍ରା ଥିଲା -(ମାଇନସ୍)୪୨° ସେଣ୍ଟିଗ୍ରେଡ୍ । ଆମେମାନେ ଶିଖରରେ ପ୍ରାୟ ୪୫ ମିନିଟ୍ ସମୟ ବିତାଇଲୁ । ମୁଁ ସତେ ଯେମିତି ମା'ଙ୍କୁ ଭୂସ୍ୱର୍ଗରେ ଦେଖୁଥିଲି, ଦେଖୁଥିଲି ପୂର୍ଣ୍ଣ-ସ୍ୱରୂପା ଭାରତ ଜନନୀଙ୍କୁ, ଯିଏ ସାରା ଜଗତରେ ଅନନ୍ୟା । ଧନ୍ୟ ହୋଇଥିଲା ସେଦିନ ଏଭରେଷ୍ଟର ଶିଖରଦେଶ । ଧନ୍ୟ ହୋଇଥିଲା, ହିମାଳୟର ଦିଗନ୍ତ କଳେବର । ବନ୍ଦନା ଜଣାଇଲି : ଏ ଯାତ୍ରା ହେଉଛି ଶ୍ରୀମାଶ୍ରୀଅରବିନ୍ଦଙ୍କର ଜୟଯାତ୍ରା; ଆଧ୍ୟାତ୍ମିକ ଶକ୍ତି ଓ ପ୍ରକୃତିର ମହାମିଳନ ।

ସଂଯୋଜନା ଓ ଉପସ୍ଥାପନା : ସନ୍ତୋଷ ରଥ

❑❑❑

# କ୍ରିକେଟ୍ କିଂବଦନ୍ତୀ ପୁରୁଷ : ସଚିନ୍

**ସନ୍ତୋଷ ରଥ**

ପୂର୍ଣ୍ଣାଙ୍ଗ ବିକାଶଧାରାରେ ଅଗ୍ରଗତି କରିବା ପାଇଁ ଶାରୀରିକ ଶିକ୍ଷାର ଅପରିହାର୍ଯ୍ୟତାକୁ ଏଡ଼ାଇ ଦିଆଯାଇ ନପାରେ । କାରଣ ଶରୀର ହେଉଛି ଆମର ମୂଳ ଭିତ୍ତି, ସ୍ଥୂଳ ସତ୍ତା । ଜଡ଼ ସ୍ତରରେ ସାଧାରଣତଃ ନମନୀୟତା ଓ ଗ୍ରହଣଶୀଳତାର ଯଥେଷ୍ଟ ଅଭାବ ରହିଥାଏ । ଯେଉଁଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଏକାନ୍ତ ଆବଶ୍ୟକ । ଏହି ପ୍ରଶିକ୍ଷଣର ମାଧ୍ୟମ ଭିନ୍ନ ଭିନ୍ନ ହୋଇପାରେ; ମାତ୍ର କ୍ରୀଡ଼ାହିଁ ତନ୍ମଧ୍ୟରୁ ଏକ ଓ ଅନନ୍ୟ ।

ଅଧୁନା ଭାରତବର୍ଷରେ ପ୍ରଚଳିତ କ୍ରୀଡ଼ା ମଧ୍ୟରେ ମୁଖ୍ୟତଃ କ୍ରିକେଟ୍ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ରାସ୍ତାଘାଟ, ଗ୍ରାମ, ସହର ସବୁଆଡ଼େ କ୍ରିକେଟର ପ୍ରାଧାନ୍ୟ; ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ । ସ୍କୁଲ ଓ କଲେଜ ସ୍ତରରେ ଛାତ୍ରମାନଙ୍କ ମଧ୍ୟରେ ଏହାର ବ୍ୟାପକତା ବେଶ୍ ବୃଦ୍ଧି ପାଇବାରେ ଲାଗିଛି । ଦେଖଣାହାରୀଙ୍କ ସଂଖ୍ୟା ମଧ୍ୟ ତତ୍ତୁଲ୍ୟ ।

କ୍ରିକେଟ୍ ଖେଳର ଉତ୍ପତ୍ତି ସମ୍ପର୍କରେ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା ବୈଦିକ ଭାରତବର୍ଷର ଐତିହ୍ୟ ସହ ସାମିଲ ନୁହେଁ, କି ଆର୍ଯ୍ୟାବର୍ତ୍ତର କ୍ରୀଡ଼ା-ପରମ୍ପରା ସହିତ ଏହାର କୌଣସି ମେଳ ନାହିଁ । ଭାରତରେ ପ୍ରଥମକରି ଏହି ଖେଳର ସୂତ୍ରପାତ ହୋଇଥିଲା ବ୍ରିଟିଶ ରାଜତ୍ୱ ସମୟରେ । ଇଷ୍ଟଇଣ୍ଡିଆ କମ୍ପାନୀର ସଦସ୍ୟମାନେ ହେଲେ ପ୍ରଥମ ସୂତ୍ରଧର । ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ମାଡ୍ରାସ, ବମ୍ବେ ଓ କଲିକତା ନଗରୀରେ ପ୍ରତିଷ୍ଠିତ ହେଲା କ୍ରିକେଟର ମୁଖ୍ୟ କେନ୍ଦ୍ରମାନ । କ୍ରମେ ସେମାନେ ଭାରତୀୟମାନଙ୍କୁ ପ୍ରଶିକ୍ଷଣ କରାଇ ଏହି ଖେଳର ପ୍ରସାର କରାଇଲେ । ୧୭୯୨ ମସିହାରେ କଲିକତା କ୍ରିକେଟ ଓ ଫୁଟ୍‌ବଲ୍ କ୍ଲବ ପ୍ରତିଷ୍ଠା ହୋଇଥିଲା । ୧୮୬୪ ମସିହାରେ ମାଡ୍ରାସ ଓ କଲିକତା ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟାଚହିଁ ଥିଲା ଭାରତରେ ପ୍ରଥମ ଶ୍ରେଣୀର କ୍ରିକେଟ୍ ମ୍ୟାଚ୍ । ସମ୍ପ୍ରତି ଭାରତ ଓ ଇଂଲଣ୍ଡ ବ୍ୟତୀତ ଅଷ୍ଟ୍ରେଲିଆ, ବାଙ୍ଗଲାଦେଶ, ନିଉଜିଲାଣ୍ଡ, ପାକିସ୍ତାନ, ସାଉଥ୍ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟ- ଇଣ୍ଡିଜ୍ ଓ ଜିମ୍ବାୱେ ପ୍ରଭୃତି ଦେଶମାନଙ୍କରେ ଏହି ଖେଳ ବହୁଳ ପ୍ରସାର ଲାଭ କରିଛି । ଏବଂ ଏହିମାନେ ICC (International Cricket Council)ର ସଦସ୍ୟ । ୧୯୭୫ ମସିହାରେ ଇଂଲଣ୍ଡଠାରେ ପ୍ରଥମ ୱାର୍ଲଡ଼ କପ୍ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏବଂ ଆପାତତଃ ପ୍ରତି ୪ ବର୍ଷରେ ଏହା ଭିନ୍ନ ଭିନ୍ନ ଦେଶରେ ଅନୁଷ୍ଠିତ ହେଉଛି । ଅଧୁନାତନ ଅନୁଷ୍ଠିତ ହୋଇଯାଇଥିବା ମ୍ୟାଚ୍ ସଂଖ୍ୟା ଦଶ, ଯହିଁରୁ ଭାରତ ଦୁଇଥର (୧୯୮୩, ୨୦୧୧) ୱାଲଡ଼ କପ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ଅବଶ୍ୟ ସମଗ୍ର ବିଶ୍ୱରେ କ୍ରିକେଟ୍ ଖେଳର ସର୍ବଶ୍ରେଷ୍ଠ ମାନ୍ୟତା ଲାଭ କରିବା ପାଇଁ ଭାରତର ଖେଳାଳିମାନେ ସଂକଳ୍ପବଦ୍ଧ ।

ପ୍ରତିଯୋଗିତା ହେଉଛି ପ୍ରଗତିର ଏକ ପଟ୍ଟଭୂମି, ସଂଗ୍ରାମର ରଣକ୍ଷେତ୍ର । ଏହି ସଂଗ୍ରାମରେ ଦୁର୍ଦ୍ଧର୍ଷ ସୈନିକ ତୁଲ୍ୟ ବିଜୟଶ୍ରୀ ପ୍ରାପ୍ତହେବା ପାଇଁ ଯେଉଁ ପରାକାଷ୍ଠା ପ୍ରଦାନ କରିଥା'ନ୍ତି; ତାହା ବ୍ୟକ୍ତିଗତ ସାଫଲ୍ୟ ପାଇଁ ନୁହେଁ, ତାହା ଥାଏ ଐକ୍ୟବଦ୍ଧ ଅଗ୍ରଗତି ଲାଗି ଏକ ବଳବତୀ ଆସ୍ପୃହା; ନିଜର ଦଳ ଓ ନିଜ ଦେଶ ପାଇଁ ନିଜ ସାମର୍ଥ୍ୟର ସର୍ବୋତ୍ତମ ପ୍ରତିଦାନ । ଏହାହିଁ ବୁଝିଥିଲେ ସଚିନ୍ । ଭାରତର ବିଜୟ ଓ ତାଙ୍କ ଦଳର ବିଜୟହିଁ ଥିଲା ତାଙ୍କ ଅନ୍ତରର ସର୍ବୋଚ୍ଚ ଅଭୀପ୍ସା । କ୍ରିକେଟ ରଣଭୂମିରେ ସେ ଥିଲେ ମହାଭାରତର ଅର୍ଜୁନଙ୍କ ପରି ଜଣେ ସ୍ଥିତପ୍ରଜ୍ଞ ଯୋଦ୍ଧା, ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ୍ । ଲକ୍ଷ୍ୟ ତାଙ୍କର ଅପ୍ରତିହତ, ଏକାଗ୍ରତା ଅଲଙ୍ଘ; ଯେଉଁଥିପାଇଁ ଭାରତର କ୍ରିକେଟ୍ ଖେଳାଳିମାନଙ୍କ ମଧ୍ୟରେ ସେ ଅନନ୍ୟ । ଏମିତିକି ଆନ୍ତର୍ଜାତିକ ସ୍ତରରେ ସେ ମଧ୍ୟ ବହୁ ମାନ୍ୟତା ଲାଭ କରିଛନ୍ତି । କେହି କେହି କୁହନ୍ତି ସେହିଁ ହେଉଛନ୍ତି କ୍ରିକେଟର ଭଗବାନ୍ । ମିଛ ନୁହେଁ, ପୂର୍ବତନ ଅଷ୍ଟ୍ରେଲିଆନ୍ ବ୍ୟାଟସ୍ ମ୍ୟାନ୍ ମାଥ୍ୟୁ ହେଡେନ୍ ସଚିନ୍‌ଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ – ''ମୁଁ ଭଗବାନଙ୍କୁ କ୍ରିକେଟ୍ ଖେଳିବାର ଦେଖିଛି ଏବଂ ସେ ଭାରତ ପାଇଁ ୪ର୍ଥ ନମ୍ବର ଖେଳାଳି ରୂପେ ବ୍ୟାଟିଂ କରନ୍ତି ।'' ପୁନଶ୍ଚ ''ସଚିନ୍ ହେଉଛନ୍ତି ଭାରତର କ୍ରିକେଟରୂପୀ ଶରୀରର ହୃଦୟ'' – କୁହନ୍ତି ଅମିତାଭ ବଚନ । ଏଇ ଉକ୍ତିର ସତ୍ୟତା ବହୁ ପ୍ରମାଣିତ । ୨୦୧୧ରେ ଭାରତ ଲାଭ କରିଥିଲା କ୍ରିକେଟ୍ ୱାର୍ଲ୍‌ଡ୍ କପ୍, ଯେଉଁ ଟିମ୍‌ରେ ସଚିନ୍ ଥିଲେ ଜଣେ ପ୍ରମୁଖ ଖେଳାଳି । ସେ ୨୦୦ ରନ୍ କରି ଓ ୬ଟି ସେଞ୍ଚୁରି ମାରି ୱାର୍ଲ୍‌ଡ୍ କପ୍ ଖେଳରେ ନୂତନ ରେକର୍ଡ ସୃଷ୍ଟି କରିଥିଲେ । ବିଶ୍ୱ ହୋଇଥିଲା ହତଚକିତ ।

ସଚିନ୍‌ଙ୍କ କ୍ରୀଡ଼ା-ଜୀବନ ବଡ଼ ରହସ୍ୟପୂର୍ଣ୍ଣ । ତାଙ୍କୁ ଯେତେବେଳେ ଷୋହଳ ବର୍ଷ ବୟସ, ଭାରତର ସର୍ବକନିଷ୍ଠ ଟେଷ୍ଟ କ୍ରିକେଟ ଖେଳାଳି ରୂପେ ପର୍ଦାପଣ କଲେ ଆନ୍ତର୍ଜାତୀୟ ରଣଭୂମିରେ । ସେଦିନ ଥିଲା ୧୯୮୯ ମସିହା ୧୬ ତାରିଖ । ପାକିସ୍ତାନ ବିପକ୍ଷରେ କରାଚିଠାରେ ଏକ-ଦିବସୀୟ ଖେଳରେ ଓ୍ୱାକର ୟୁନୁସ୍‌ଙ୍କ ବଲ୍‌ରେ ଯେତେବେଳେ ତାଙ୍କ ନାକରେ ଆଘାତ ଲାଗିଲା ସେତେବେଳେ ସମଗ୍ର ବିଶ୍ୱର ଦର୍ଶକମାନଙ୍କ ହୃଦୟରେ ତରୁଣ ଖେଳାଳିଙ୍କ ପ୍ରତି ଜାତ ହେଲା ଏକ ଅହେତୁକୀ ଅନୁକମ୍ପା । ଯାହା ଏବେ ବି ଅବିସ୍ମରଣୀୟ । ମାତ୍ର ତାହା ଥିଲା ତାଙ୍କ ଭୀଷ୍ମ-ପ୍ରତିଜ୍ଞାର ଅବସର – ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ୍ ହେବାର ରକ୍ତିମ ସ୍ୱାକ୍ଷର । ଆଘାତ ପରେ ମଧ ସଚିନ୍ ଖେଳ ଅବ୍ୟାହତ ରଖିଥିଲେ ଏବଂ ତାହାହିଁ ଥିଲା ଦୀର୍ଘ ୨୪ ବର୍ଷ ମଧ୍ୟରେ ଖେଳିଥିବା ୪୬୩ଟି ଏକ ଦିବସୀୟ ମ୍ୟାଚର ପ୍ରଥମ ପାବଚ୍ଛ । ଏଠାରେ ସୂଚନାଯୋଗ୍ୟ ଯେ ଏହି ଦିନିକିଆ ଖେଳଗୁଡ଼ିକରେ ସେ ମୋଟ ୪୯ଟି ଶତକ ୯୬ଟି ଅର୍ଦ୍ଧ ଶତକ ସହ ସର୍ବମୋଟ ୧୮୪୨୬ ରନ୍ ସଂଗ୍ରହ କରିଥିଲେ; ଯାହାର ବ୍ୟାଟିଂ ଆଭରେଜ ଥିଲା ୪୪.୮୩ ଏବଂ ସର୍ବୋଚ୍ଚ ରନ୍ ସଂଖ୍ୟା ଥିଲା ୨୦୦ ଏବଂ ସେ ଶେଷ ଆନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ର ଉଦ୍‌ଯାପନୀ କରିଥିଲେ ପାକିସ୍ତାନ ବିପକ୍ଷରେ ୧୮ ମାର୍ଚ୍ଚ ୨୦୧୨ରେ ।

ସଫଳତା ସଚିନ୍‌ଙ୍କୁ ପ୍ରଲୁବ୍ଧ କରିପାରି ନଥିଲା କି ବିଫଳତାରେ ସେ ହେଉ ନଥିଲେ ବୀତସ୍ପୃହ । ହାର୍-ଜିତ୍‌ର ସନ୍ତୁଳନ ମଧ୍ୟରେ ସମତା-ରକ୍ଷାର ସଦିଚ୍ଛା ଓ ପ୍ରେରଣା ପାଉଥିଲେ ତାଙ୍କ ପରିବାର ମଧ୍ୟରୁ । ବଡ଼ଭାଇ ଅଜିତ ତେନ୍ଦୁଲକର ଥିଲେ ତାଙ୍କର ପ୍ରଧାନ ପୃଷ୍ଠପୋଷାକ । ସେହିଁ ତାଙ୍କୁ କ୍ରିକେଟ୍ କୋଚ୍ ରମାକାନ୍ତ ଆଚରେକରଙ୍କ ପାଖକୁ ନେଇଯାଇଥିଲେ ଏବଂ ତାଙ୍କୁ କ୍ରିକେଟ୍ ଜଗତରେ ପ୍ରତିଷ୍ଠିତ କରିବା ପାଇଁ ନିଜେ କ୍ରିକେଟ୍ ଖେଳରୁ ଅବ୍ୟାହତି ନେଇଥିଲେ । ଅଜିତ୍ ଥିଲେ ସଚିନ୍‌ଙ୍କଠାରୁ ଦଶବର୍ଷ ବଡ଼ । ସଚିନଙ୍କୁ ଯେତେବେଳେ ୧୧ ବର୍ଷ ବୟସ ଅର୍ଥାତ୍ ୧୯୮୪ ମସିହାରେ ଅଜିତ୍ ସଚିନ୍‌ଙ୍କୁ କ୍ରିକେଟ୍ ଖେଳରେ ସାମିଲ୍ କରାଇଲେ, ସେତେବେଳେ ରମାକାନ୍ତ ଆଚେରକର ଥିଲେ ଦାଦର ଶିବାଜି ପାର୍କ(ମୁମ୍ବାଇ)ସ୍ଥିତ କ୍ରିକେଟ୍ କ୍ଲବର ପ୍ରମୁଖ କୋଚ୍ । ଗୁରୁ ଶିଷ୍ୟଙ୍କର ମିଳନର ଲଗ୍ନ ଥିଲା ବିଧିନିର୍ଦ୍ଦିଷ୍ଟ । ମାତ୍ର ପରଖିବା ପରୀକ୍ଷାରୁ ବର୍ତ୍ତି ନଥିଲେ ଶିଷ୍ୟ ସଚିନ୍ । କୋଚ୍‌ଙ୍କ ସମ୍ମୁଖରେ ଆରମ୍ଭ ହେଲା କ୍ରିକେଟ୍ ଖେଳ । କାହିଁକି କେଜାଣି ସେଦିନର ଖେଳରେ ସଚିନ୍ ନିଜର ସର୍ବୋଚ୍ଚ ସାମର୍ଥ୍ୟର ସଦ୍‌ବ୍ୟବହାର କରିପାରି ନଥିଲେ । କୋଚ୍ ହେଲେ ଅସନ୍ତୁଷ୍ଟ । – ''ଆପଣ ଖେଳ ଦେଖୁଥିବାରୁ ଅଧିକ ସଚେତନ ହୋଇ ସେ ଖେଳିଛି । ସେଇଟାହିଁ ତା'ର ଦୁରବସ୍ଥା । ଦୟାକରି ଆପଣ ଆଉ ଥରଟିଏ ତାକୁ ଖେଳିବାକୁ ସୁଯୋଗ ଦିଅନ୍ତୁ''– ଅନୁରୋଧ ଜଣାଇଲେ ବଡ଼ଭାଇ ଅଜିତ । ସମ୍ମତ ହେଲେ ରମାକାନ୍ତ । ଏଥର ସଭିଙ୍କ ଅଜାଣତରେ କୋଚ୍ ଗଛ ଉହାଡ଼ରେ ରହି ସମ୍ପୂର୍ଣ୍ଣ ଖେଳଟି ଦେଖିଲେ ଏବଂ ପ୍ରସନ୍ନ ହେଲେ ସଚିନଙ୍କ ଅନ୍ତର୍ନିହିତ ନୈପୁଣ୍ୟରେ ଆଉ ଗ୍ରହଣ କଲେ ନିଜ ଅନୁଷ୍ଠାନର ସଦସ୍ୟ ରୂପେ । ସେହିଦିନହିଁ ରମାକାନ୍ତ ଆଚରେକର ବୁଝିପାରିଥିଲେ – ସଚିନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ସମ୍ଭାବନାହିଁ ତାଙ୍କୁ କ୍ରିକେଟ୍ କିଂବଦନ୍ତୀର ନାୟକ ସାଜିବାରେ ସହାୟକ ହେବ, ଆଉ ସେହିଁ ହେବେ ତା'ର ଉତ୍ତରଦାୟୀ ।

କୋଚ୍‌ଙ୍କ ପରାମର୍ଶ ଅନୁଯାୟୀ ସଚିନ୍ ଦାଦରସ୍ଥିତ ସାରଦାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲକୁ ସ୍ଥାନାନ୍ତରିତ ହୋଇ ଆସିଲେ । କାରଣ ସେଠାର କ୍ରିକେଟ୍ ଟିମ୍ ଥିଲା ସବୁଠାରୁ ନାମକରା, ଯେଉଁଠାରୁ ବହୁ କ୍ରିକେଟ୍ ଖେଳାଳିଙ୍କର ଅଙ୍କୁରୋଦ୍‌ଗମ ହୋଇଥିଲା । ସକାଳେ ଓ ସନ୍ଧ୍ୟାରେ ଶିବାଜି ପାର୍କରେ ଆରମ୍ଭ ହେଲା ପ୍ରଶିକ୍ଷଣର ପର୍ବ । ଘଣ୍ଟା ଘଣ୍ଟା ଧରି ଚାଲେ ଅଧ୍ୟବସାୟ । ନିଷ୍ଠା ଓ ନୈପୁଣ୍ୟରେ ଟିକିଏ ବ୍ୟତିକ୍ରମ ହେଲେ କୋଚ୍ କ୍ଷୁବ୍ଧ ହୋଇଉଠୁଥିଲେ । କଟାକ୍ଷପାତ ହେଉଥିଲା ସଚିନ୍‌ଙ୍କ ଉପରେ । ସଚିନ୍ ଯେତେବେଳେ ହାଲିଆ ହୋଇ ଯାଉଥିଲେ, କୋଚ୍ ଘୋଷଣା କରୁଥିଲେ ଭିନ୍ନ ଏକ ପ୍ରୋତ୍ସାହନ । ଥରେ କୋଚ୍ ଷ୍ଟମ୍ପ ଉପରେ ଟଙ୍କିକିଆ ମୁଦ୍ରାଟିଏ ରଖି ଘୋଷଣା କଲେ – ଯିଏ ସଚିନଙ୍କୁ ଆଉଟ୍ କରିଦେବ ସିଏ ଏ ମୁଦ୍ରାଟି ଲାଭ କରିବ, ଆଉ ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସଚିନ୍ ଆଉଟ୍ ହେଉ ନଥିଲେ ତେବେ କୋଚ୍ ତାଙ୍କୁ ଟଙ୍କାଟିଏ ପୁରସ୍କାର ଦେଉଥିଲେ । ପ୍ରତିଟି ପରୀକ୍ଷାରେ ପ୍ରାୟ ସବୁ ସମୟରେ ସଚିନ୍‌ହିଁ ଜିତୁଥିଲେ, ଠିକ୍ ଯେମିତି ଦ୍ରୋଣଙ୍କ ପାଠ୍ୟଶାଳାରେ ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନ; ଅବ୍ୟର୍ଥ ନିଶାଣ ଚାଳନାରେ ଅପ୍ରତିହତ ପ୍ରତିଦ୍ୱନ୍ଦ୍ୱୀ । ମାତ୍ର କୋଚ୍ ସଚିନ୍‌ଙ୍କ ସମ୍ମୁଖରେ କେବେ ବି ନିଜର ସନ୍ତୋଷ ପ୍ରକାଶ କରୁ ନଥିଲେ ବରଂ ଆଶା କରୁଥିଲେ ଆହୁରି ଅଧିକ ଦକ୍ଷତା । ଉତ୍କର୍ଷତାର ସତେ ଯେମିତି ଶେଷ ନାହିଁ । ସଚିନ୍ ମଧ ଥିଲେ ଗ୍ରହଣଶୀଳତାର ଏକ ଉପଯୁକ୍ତ ଆଧାର ।

କ୍ରମେ ସ୍କୁଲସ୍ତରୀୟ ମ୍ୟାଚରୁ ସଚିନ୍ ଉନ୍ନୀତ ହେଲେ ଆନ୍ତଃରାଜ୍ୟ କ୍ରିକେଟ୍ ପ୍ରତିଯୋଗିତାକୁ । ୧୯୮୭ ମସିହା, ତାଙ୍କୁ ସେତେବେଳକୁ ଚଉଦ ବର୍ଷ ବୟସ । ରଣଜିତ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ସେ ମୁମ୍ବାଇ ଟିମ୍‌କୁ ପ୍ରତିନିଧିତ୍ୱ କଲେ । ସେହି ବର୍ଷ ଚେନାଇରେ ଖେଳୁଥିବା ସମୟରେ ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ଡେନିସ୍ ଲିଲି ବୋଲିଂ ଅପେକ୍ଷା ବ୍ୟାଟିଂରେ ବେଶୀ ଗୁରୁତ୍ୱ ଦେବା ପାଇଁ ସଚିନ୍‌ଙ୍କୁ ପରାମର୍ଶ ଦେଇଥିଲେ । କାରଣ ସେ ବୁଝିପାରିଥିଲେ ବ୍ୟାଟ୍‌ସମ୍ୟାନ୍ ହେଲେ ସଚିନ୍‌ଙ୍କ ଭବିଷ୍ୟତ୍ ଉଜ୍ଜ୍ୱଳମୟ ହେବ । ୧୯୮୭ର ୱାର୍ଲ୍ଡ୍ କପ୍ କ୍ରିକେଟ୍ ମ୍ୟାଚ୍ ପରେ ପରେ ସୁନୀଲ ଗାଭାସ୍କର କ୍ରିକେଟ୍ ମଇଦାନରୁ ଅବସର ଗ୍ରହଣ କରିଥିଲେ । ସଚିନ୍ ଦୁର୍ଭାଗ୍ୟବଶତଃ ତାଙ୍କ ସହ ଖେଳିବାର ସୁଯୋଗ ପାଇ ନଥିଲେ ।

ନିଜର ନିଷ୍ଠା ଓ ପ୍ରଚେଷ୍ଟା ବଳରେ ସଚିନ୍ ବ୍ୟାଟିଂ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ହାସଲ କଲେ । ଆରମ୍ଭ ହେଲା ସେଞ୍ଚୁରୀ କରିବାର ପର୍ବ । ୧୯୮୮ ମସିହା ଡିସେମ୍ବର ୧୧ ତାରିଖରେ ଗୁଜୁରାଟ ବିରୋଧରେ ଖେଳି ଯେତେବେଳେ ସେ ସେଞ୍ଚୁରୀ କରିଥିଲେ, ସେତେବେଳକୁ ତାଙ୍କୁ ମାତ୍ର ପନ୍ଦର ବର୍ଷ ବୟସ; ଭାରତର ସର୍ବକନିଷ୍ଠ କ୍ରିକେଟ୍ ଖେଳାଳି । ପୁନଶ୍ଚ ଅଷ୍ଟ୍ରେଲିଆ ବିରୋଧରେ ଖେଳି ସେହିବର୍ଷ ସେ ଡବଲ୍ ସେଞ୍ଚୁରୀ (୨୦୪ ରନ୍) କରିଥିଲେ । ୨୦୦୦ ରଣଜିତ୍ ଟ୍ରଫିରେ ସେ ପୁନର୍ବାର ଡବଲ୍ ସେଞ୍ଚୁରୀ (୨୩୩ ରନ୍)ର ଅଧିକାରୀ ହୋଇଥିଲେ, ତାମିଲ୍‌ନାଡୁ ବିରୋଧରେ ଖେଳି । ୧୯୮୯ ମସିହାରୁ ସଚିନ୍ ଆନ୍ତର୍ଜାତିକ ସ୍ତରରେ ଖେଳିବାର ସୁଯୋଗ ପାଇଲେ । ପ୍ରଥମେ ପାକିସ୍ତାନର କରାଚି ଏବଂ ପରେ ପରେ ନିଉଜିଲାଣ୍ଡ ଓ ଲଣ୍ଡନରେ ଖେଳିବାର ସୁଯୋଗ ପାଇଲେ । ୧୯୯୦ ମସିହାରେ ଇଂଲଣ୍ଡରେ ସେ ଯେତେବେଳେ ସେଞ୍ଚୁରୀ ମାରିଲେ (୧୧୯ ରନ୍) ସେତେବେଳେ ସେ ଥିଲେ ଦ୍ୱିତୀୟ ସର୍ବ କନିଷ୍ଠ କ୍ରିକେଟର, ଟେଷ୍ଟ ମ୍ୟାଚ୍ ସିରିଜରେ । ଦୀର୍ଘ ୨୪ ବର୍ଷ ମଧ୍ୟରେ (୧୯୮୯ ରୁ ୨୦୧୩) ସେ ସର୍ବମୋଟ ୨୦୦ଟି ଟେଷ୍ଟ ମ୍ୟାଚ୍ ଖେଳି ୫୧ଟି ସେଞ୍ଚୁରୀ, ୬୮ ଅର୍ଦ୍ଧ ସେଞ୍ଚୁରୀ ସହ ୧୫୯୨୧ ରନ୍ ସଂଗ୍ରହ କରିଥିଲେ ଯାହାର ଆଭରେଜ୍ ଥିଲା ୫୩.୭୯ ଏବଂ ସର୍ବୋଚ୍ଚ ରନ୍ ସଂଖ୍ୟା ଥିଲା ୨୪୮ ରନ୍ । ପରିସଂଖ୍ୟାନ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ସଚିନ୍‌ଙ୍କ ସର୍ବମୋଟ ରନ୍ ସଂଗ୍ରହ, ଟେଷ୍ଟ୍ ଓ ଏକଦିନିଆ ଖେଳରେ ହାସଲ କରିଥିବା ସେଞ୍ଚୁରୀର ସଂଖ୍ୟା ଥିଲା ସର୍ବାଧିକ, ଯାହାକି ପୂର୍ବରୁ କେହି ହାସଲ କରି ନଥିଲେ । ସଚିନ୍ ସୃଷ୍ଟି କଲେ ନୂତନ ରେକର୍ଡ । ଏବଂ ୧୯୯୬ ଓ ୨୦୦୩ରେ ଅନୁଷ୍ଠିତ ହୋଇଥିବା ୱାର୍ଲ୍ଡ୍ କପ୍ କ୍ରିକେଟ୍ ଖେଳରେ ସେ ମଧ୍ୟ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ । ମାତ୍ର ଭାରତ ବିଜୟଶ୍ରୀ ପ୍ରାପ୍ତ ହୋଇ ପାରି ନଥିଲା ।

ପୁରସ୍କାର ସଚିନଙ୍କ କୃତିତ୍ୱର ପ୍ରତିଦାନ ନୁହେଁ ବରଂ ତାଙ୍କୁ ମନେ ରଖିବାର ମାଧ୍ୟମ, ଚଳନ୍ତି କ୍ରୀଡ଼ାପ୍ରେମୀ ଓ ଆଗାମୀ ପିଢ଼ିର ଆଗନ୍ତୁକମାନଙ୍କ ପାଇଁ । ଭାରତ ସରକାରଙ୍କଠାରୁ ମିଳିଥିବା ଅର୍ଜୁନ ପୁରସ୍କାର (୧୯୯୪), ରାଜୀବ ଗାନ୍ଧି ଖେଳ ରତ୍ନ (୧୯୯୭-୯୮), ପଦ୍ମଶ୍ରୀ (୧୯୯୯), ପଦ୍ମବିଭୂଷଣ (୨୦୦୮) ଏବଂ ଭାରତ ରତ୍ନ (ମିଳିବ ୨୬ ଜାନୁଆରୀ ୨୦୧୪) କ୍ରିକେଟ କିଂବଦନ୍ତୀ ପୁରୁଷଙ୍କ ଲାଗି ଇତିହାସ ମାତ୍ର । ସେ ମଧ୍ୟ ୨୦୧୨ ମସିହାରେ ରାଜ୍ୟସଭାର ସଦସ୍ୟ ରୂପେ ମନୋନୀତ ହୋଇଥିଲେ । ସେତେବେଳେ ସେ ଥିଲେ ପ୍ରଥମ ସକ୍ରିୟ କ୍ରିକେଟ୍ ଖେଳାଳି (Active cricket player) । ଏତିକିରେ ସଚିନ୍‌ଙ୍କର ପୁରସ୍କାରର ସଂଖ୍ୟା ସୀମିତ ନୁହେଁ ସତ, ହେଲେ ଯେତେ ବଡ଼ ତାଲିକା ପ୍ରସ୍ତୁତ କଲେ ବି ଦୁଇଟି ପୁରସ୍କାର ସେଥିରୁ ବାଦ୍ ପଡ଼ିଯିବ । ଯାହାକୁ କୌଣସି ଅନୁଷ୍ଠାନ କେବେ ବି ଦେଇନି କି ଦେଇ ପାରିବନି, ଗୋଟିଏ ହେଲା ବାପା-ମାଆଙ୍କର ଆଶୀର୍ବାଦ ଓ ଅନ୍ୟଟି ପତ୍ନୀ ଅଞ୍ଜଳି ଦେବୀଙ୍କ ତ୍ୟାଗ; ଯେଉଁଥିପାଇଁ ସେ ହକଦାର ନୁହନ୍ତି, ବରଂ ଋଣୀ – ପ୍ରକାଶ କରିଛନ୍ତି ସଚୀନ୍ ଆପଣା ମନ୍ତବ୍ୟରେ ।

୧୪ ନଭେମ୍ବର ୨୦୧୩ ଟେଷ୍ଟ ମ୍ୟାଚ୍ ଦେଖିବା ପାଇଁ ମୁମ୍ବାଇ ୱାଙ୍ଖେଡ଼େ ଷ୍ଟାଡ଼ିୟମ୍ ହୋଇଥିଲା ଲୋକାରଣ୍ୟ । ଉତ୍କଣ୍ଠା ଓ ଅଭିବାଦନର ଆବେଗରେ ଉଚ୍ଛୁଳି ଉଠୁଥାଏ ପରିବେଶ । କିନ୍ତୁ କେହି ଜଣେ ବି ଦର୍ଶକ ଉତ୍କଣ୍ଠିତ ନଥିଲେ ଭାରତର ବିଜୟ ପାଇଁ କି ଉଦ୍‌ବିଗ୍ନ ନଥିଲେ ପରାଜୟ ପାଇଁ । ବିଜୟ ପରାଜୟର ଊର୍ଦ୍ଧ୍ୱେ ସେ ଅଭିଳାଷ – କେବଳ ପ୍ରତୀକ୍ଷା ସେହି ମୁହୂର୍ତ୍ତକୁ । ସେଦିନ ଥିଲା ସଚିନ୍‌ଙ୍କ କ୍ରିକେଟ୍ ଜୀବନର ଶେଷ ମ୍ୟାଚ୍, ୨୦୦ଟି ଟେଷ୍ଟ ମ୍ୟାଚ୍ ଖେଳିବାର ଅନ୍ତିମ ପର୍ବ । ୭୪ ରନ୍ କରି ୱେଷ୍ଟ୍ ଇଣ୍ଡିଜ୍‌ର ଖେଳାଳି ଶିଲଂ ଫୋର୍ଡଙ୍କ ଦ୍ୱାରା ଆଉଟ୍ ହେଲେ ସଚିନ୍ ତେନ୍ଦୁଲକର, କ୍ରିଜ୍‌ରୁ ବିଦାୟ ନେଲେ ସବୁଦିନ ପାଇଁ । ଦର୍ଶକ ମହଲ ସ୍ତବ୍ଧ । ଖାଲି ଷ୍ଟାଡ଼ିୟମ୍ ନୁହେଁ ସାରାଦେଶର ଦର୍ଶନାର୍ଥୀ ଶୁଣୁଥିଲେ ନିଜେ ନିଜର କଣ୍ଠସ୍ୱର – ଆଉ ଖେଳିବେନି ସଚିନ୍ ।

ଭାରତ କ୍ରିକେଟ ସୂର୍ଯ୍ୟଙ୍କର ଅସ୍ତିମ ଆଭା ଏବେ ମ୍ଲାନ । ବାଷ୍ପରୁଦ୍ଧ କଣ୍ଠ ଓ ଅଶ୍ରୁଳ ନୟନରେ ସଚିନ୍ ଅଭିବାଦନ ଜଣାଇଲେ ଦର୍ଶକଙ୍କୁ ଶେଷ ଦିନ ଖେଳର ସମାପ୍ତି ପରେ ଏବଂ ଘୋଷଣା କଲେ – ଏହି ଅବସରରେ ମୁଁ ପ୍ରଥମେ ମୋର ପିତା ରମେଶ ତେନ୍ଦୁଲକରଙ୍କୁ ସ୍ମରଣ କରି ଅଭିନନ୍ଦନ ଜଣାଉଛି, ଯିଏ ମୋ ଜୀବନର ପ୍ରଧାନ ପଥପ୍ରଦର୍ଶକ । ସିଏ ଆଜି ବିଂଯଗତ (୧୯୯୯) । ସିଏହିଁ ମୋତେ କହିଥିଲେ – ସ୍ୱପ୍ନକୁ ସାକାର କରିବା ପାଇଁ ସର୍ଟ୍‌କଟ୍ ରାସ୍ତା କିଛି ନାହିଁ, ଶ୍ରମ ଓ ତ୍ୟାଗ କରିବାକୁ ପ୍ରସ୍ତୁତ ହୁଅ ।... ଆଉ ମୋ ମାଆ, ମୁଁ ବୁଝିପାରେ ନାହିଁ ମୋ ଭଳି ଦୁଷ୍ଟ ଆଉ ଅଝଟ ପିଲାକୁ ସେ ସମ୍ଭାଳିଥିଲେ କିପରି, ଯାହା କେବେବି ସହଜ ନଥିଲା । ସାରାଜୀବନ ସେ ମୋ ସଫଳତା ପାଇଁ ପ୍ରାର୍ଥନା କରିଆସିଛନ୍ତି, ଯାହା ଫଳରେ ମୁଁ ଏତେଦିନ ଖେଳିବା ପାଇଁ ଶକ୍ତି ପାଇଛି ।... ଏବଂ ମୋର ବଡ଼ ଭାଇ ଓ ମୋର ସାର୍‌ଙ୍କୁ ମୁଁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ଯାହାଙ୍କ ବିନା ମୁଁ ଆଜି ସଚିନ୍ ତେନ୍ଦୁଲକର ହୋଇ ପାରିନଥା'ନ୍ତି । ମୁଁ ଅଭିନନ୍ଦନ ଜଣାଉଛି ମୋର ପତ୍ନୀ ଅଞ୍ଜଳି ମେହେଟାଙ୍କୁ, ଯିଏ ମୋତେ ବିବାହ କରି ନିଜର ଡାକ୍ତରୀ ବୃତ୍ତିକୁ ତ୍ୟାଗ କରିଥିଲେ । ଆଉ ମୋତେ ବୁଝାଉଥିଲେ – 'ତୁମେ ମନ-ପ୍ରାଣ ଦେଇ କ୍ରିକେଟ୍ ଖେଳ । ପୁଅଝିଅଙ୍କୁ ମଣିଷ କରିବାର ଦାୟିତ୍ୱ ସହିତ ଘର ସମ୍ଭାଳିବାର ଦାୟିତ୍ୱ ମୋ ଉପରେ ।'

ସେଦିନ ଷ୍ଟାଡ଼ିୟମରେ ଉପସ୍ଥିତ ଥିଲେ ଅଞ୍ଜଳିଦେବୀ ନିଜର ଝିଅ ସାରା (୧୬ ବର୍ଷ) ଓ ପୁଅ ଅର୍ଜୁନ (୧୪ ବର୍ଷ)ଙ୍କ ସହିତ । ସଚିନ୍‌ଙ୍କ ପ୍ରଶଂସାରେ ତାଙ୍କ ଆଖି ଛଳ ଛଳ । ''ସଚିନ୍‌ଙ୍କୁ ବାଦ୍ ଦେଇ କ୍ରିକେଟ୍ କଥା ମୁଁ ଭାବିପାରେ, କିନ୍ତୁ କ୍ରିକେଟ୍‌କୁ ବାଦ୍ ଦେଇ ସଚିନ୍‌ଙ୍କ ଜୀବନ କଥା ଭାବିବା ମୋ ପାଇଁ କଷ୍ଟ'' – ଅତି କଷ୍ଟରେ ଏତିକି ମାତ୍ର କହିଥିଲେ ଅଞ୍ଜଳି ଦେବୀ ।

ସଚିନ୍‌ଙ୍କ ମା' ରଜନୀ ତେନ୍ଦୁଲକର ହୁଇଲ୍ ଚେୟାରରେ ବସି ଷ୍ଟାଡ଼ିୟମ୍ ଆସିଥିଲେ ପ୍ରଥମ ଥର ପାଇଁ ପୁଅର ଶେଷ ଖେଳକୁ ଦେଖିବା ପାଇଁ । ସଚିନ୍ ଷ୍ଟାଡ଼ିୟମର ମାଟିକୁ ପ୍ରଣାମ କରି ମୁଣ୍ଡରେ ମାରି ଧାଇଁଲେ ମା'ଙ୍କ ପାଖକୁ । ପାଦଛୁଇଁ ପ୍ରଣତି ଜଣାଇଲେ । ଜନନୀ – ଜନ୍ମଭୂମି ସ୍ୱର୍ଗଠାରୁ ବି ମହାନ୍ । ବଡ଼ ମର୍ମସ୍ପର୍ଶୀ ସେ ଦୃଶ୍ୟ । କ୍ୟାପଟେନ୍ ଧୋନି ଓ ବିରାଟ କୋହଲି ସଚିନ୍‌ଙ୍କୁ କାନ୍ଧରେ ବସାଇ ଯେତେବେଳେ ଷ୍ଟାଡ଼ିୟମ୍ ସାରା ଘୂରାଇଲେ ସେତେବେଳେ ସାରା ପରିବେଶରେ କେବଳ ଜୟ ଜୟକାର – କ୍ରିକେଟର କିଂବଦନ୍ତୀ ପୁରୁଷ ହେ ସଚିନ୍ ! ତୁମକୁ ଅଭିନନ୍ଦନ । ❑

# କ୍ରୋଧାଗ୍ନି

## ସନ୍ତୋଷ ରଥ

ଅଗ୍ନି ନୁହେଁ ଖାଲି ତେଜା ଦୀପଶିଖା
ଜଳନ୍ତା ଚୁଲିର ଧାସ
ଧୂର୍ଜଟି ସାଜି ଭସ୍ମୀଭୂତ କରେ
ଭବିଷ୍ୟତ୍ ଇତିହାସ ।

ବାଡ଼ବାଗ୍ନି ଶିଖା ସାଗରୁ ସମ୍ଭୂତ
ଦାବାନଳ ଦହେ ବନ
ଜଠରାଗ୍ନିର ଦହନ ଜ୍ୱଳନ
ଉପଚାର ଅଟେ ଭିନ୍ନ ।

କ୍ରୋଧାଗ୍ନି କବଳୁ ନ ମିଳେ ନିସ୍ତାର
ଯତି ମତି ହୁଏ ନାଶ
ସୁର ଅବା ନର ସଭିଏଁ ନାଚାର
ଚେତନାକୁ କରେ ଧ୍ୱଂସ ।

କ୍ରୋଧ ସର୍ବଗ୍ରାସୀ ଅତି ଭୟାନକ
ବଶରୁ ହେଲେ ବାହାର
ହରେ ହିତାହିତ ସାତ ଜନ୍ମ ତପ
ପଶୁ ତୁଲ୍ୟ ହୁଏ ନର ।

ସ୍ଥିତପ୍ରଜ୍ଞ ନର ସ୍ଥିତଧୀ ମାନସ
କ୍ରୋଧକୁ କରେ ବର୍ଜନ
ରୂପାନ୍ତର ଲକ୍ଷ୍ୟେ ସେହି ଏକା କ୍ଷମ
ଯା' ହୃଦେ ତୋର ଆସ୍ଥାନ । ❑

Power is noble, when it overtops anger; destruction is grandiose, but it loses caste when it proceeds from vengeance. Leave these things, for they belong to a lower humanity.

(On Thoughts and Aphorisms : 211) – Sri Aurobindo

(CWM. Vol. 10, p. 276)

କ୍ରୋଧକୁ ନିଜର ବଶ କରି ରଖିଥିବା ସମୟରେ କ୍ଷମତା ସୁନ୍ଦର ଓ ଉଦାର ଦିଶେ; ଧ୍ୱଂସସାଧନ ମଧ୍ୟ ଭବ୍ୟ ହୋଇପାରେ, ମାତ୍ର ପ୍ରତିଶୋଧ ଦ୍ୱାରା ପ୍ରେରିତ ହୋଇଥିବା ସମୟରେ ତାହା ନିଜର ଜାତିକୁ ହରାଇ ଦେଇଥାଏ । ତୁମେ ଏସବୁକୁ ପରିତ୍ୟାଗ କର, କାରଣ ଏସବୁ ହେଉଛି ଏକ ନିମ୍ନସ୍ତରୀୟ ମନୁଷ୍ୟପଣର ସନ୍ତକ ।

— ଶ୍ରୀଅରବିନ୍ଦ

# କର୍ମ

## ସନ୍ତୋଷ ରଥ

ଶାନ୍ତ ସୁଶୀଳ ସମୁଦ୍ର ହିଲ୍ଲୋଳ
ଗଭୀର ଗର୍ଭ ଦେଶେ
ବେଳାବୁକେ ଖାଲି ଉତ୍ତାଳ ଲହରୀ
ଛୁଇଁ ପୁଣି ଫେରି ଆସେ ।

ଜୁଆର ଭଟ୍ଟାର ଖେଳା ଏ ଦୁନିଆ
ସୁଖ ଦୁଃଖେ ଭରପୂର
ତୁଚ୍ଛା ଆଡ଼ମ୍ବରେ ସଭିଏଁ ବାତୁଳ
ନ ଶୁଣନ୍ତି ଅନ୍ତଃସ୍ୱର ।

ମୁକ୍ତାତ୍ମା ସକଳ କର୍ମ ମୁଖର
ଶାନ୍ତ ସମୁଦ୍ର ସମ
ଲାଭାଲାଭ ଆଶା ନୁହଇ ପ୍ରତ୍ୟାଶା
ସେହୁ ଏକା ଯୋଗକ୍ଷେମ ।



କର୍ମ ଲିପ୍ସା ମନୁ ନ ତେଜି ମଣିଷ
ଅଜ୍ଞାନେ ହୁଏ ଅଧୀର
କର୍ତ୍ତାପଣ ଗଢ଼େ ସ୍ୱାଭିମାନ ଦୁର୍ଗ
ଭବିତବ୍ୟ ଅଗୋଚର ।

ନିରାସକ୍ତ କର୍ମ ଏକ ମାତ୍ର ଧର୍ମ
ନାହିଁ ତହିଁ ଅବସାଦ
ଅକର୍ମ, ବିକର୍ମ, ସୁକର୍ମ ମଧ୍ୟରେ
ଜାଣିହୁଏ ଭେଦାଭେଦ ।

ତୁମେ ହିଁ କର୍ତ୍ତା ତୁମେ ଶକ୍ତିଦାତା
କରଣ କାରଣେଶ୍ୱର
ବିଧିର ବିଧାତା ହେ ଜଗତ ତ୍ରାତା
ଅରପୁଛି କର୍ମ ମୋର । ❑

There is no disturbance in the depths of the Ocean, but above there is the joyous thunder of its shouting and its racing shoreward; so is it with the liberated soul in the midst of violent action. The soul does not act; it only breathes out from itself overwhelming action.

(Thoughts and Aphorisms : 278) – Sri Aurobindo
(CWM. Vol. 10, p. 292)

ମହାସାଗରଟିର ଗଭୀର ଗର୍ଭଗୁଡ଼ିକ ମଧ୍ୟରେ ଆଦୌ କୌଣସି ବିକ୍ଷୋଭ ନ ଥାଏ, ମାତ୍ର ଉପରି ଭାଗରେ ଏକ ଆନନ୍ଦ ଗର୍ଜନ ସହିତ କେବଳ ସେ ଚିତ୍କାର କରୁଥାଏ ଓ କୂଳ ଆଡ଼କୁ ମାଡ଼ି ଆସୁଥାଏ; ପ୍ରଚଣ୍ଡ କର୍ମମୁଖରତା ମଧ୍ୟରେ ମୁକ୍ତ ଆତ୍ମା ମଧ୍ୟ ଠିକ୍ ସେହିଭଳି ଅବସ୍ଥାରେ ରହିଥାଏ । ଆତ୍ମା ନିଜେ କର୍ମ କରେ ନାହିଁ; ତାହା ଆପଣାର ନିଃଶ୍ୱାସ ଦେଇ ଆପଣା ମଧ୍ୟରୁ କେବଳ ଦୁର୍ଦ୍ଦମନୀୟ କର୍ମର ଉଦ୍‌ଗୀରଣ କରିବାରେ ଲାଗିଥାଏ ।

– ଶ୍ରୀଅରବିନ୍ଦ

# ଆଧ୍ୟାତ୍ମିକ ଅନ୍ୱେଷା

## ସନ୍ତୋଷ ରଥ

ସୁଅ ଧାରେ ଧାରେ ନାଆଟି ବହୁଛି
ପବନ ରହିଛି ସାଥେ
ଅଝାଳ ଉଡ଼ାଇ ନାଉରି ଚାଲିଛି
ଧରିଛି ମଙ୍ଗ ହାତେ ।

ଜୀବନ ନଈରେ କେତେ ଝଡ଼ ଝଞ୍ଜା
ଭଉଁରି ରହିଛି ଜଗି
ନାଉରି ବାପୁଡ଼ା ନେହୁରା ହେଉଛି
ଯାଚନା ଜିଇଁବା ଲାଗି ।

ଆଧ୍ୟାତ୍ମିକ ସୁଏ ହେଲେ ଆଗୁସାର
ଉଜାଣି ବହଇ ନଈ
ପ୍ରତିଟି ମୁହୂର୍ତ୍ତ ଶଙ୍କା ସଙ୍କୁଳ
ଘାଟ ପାରିହେବା ପାଇଁ ।

କେତେ ମାନସିକ ବ୍ରତ ଉପବାସ
ମାଗୁଣିର ଶେଷ ନାହିଁ
ଉତ୍କୋଚ ଦେଇ ପ୍ରାର୍ଥନା ପରଶେ
ଆପଦେ ଆତୁର ହୋଇ ।



ସ୍ରୋତ ଅନୁକୂଳେ ଯାତ୍ରା ସରଳ
ନାହିଁ ରାତି ନାହିଁ ଭୀତି
ପ୍ରତିକୂଳ ସ୍ରୋତେ ନାଆ ବାହିବାରେ
ସାଧନାରେ ଅଗ୍ରଗତି ।

ଥିଲେ ଥାଉ ପଛେ ଜୁଆର ଭଟ୍ଟା
ଜୀବନର ହଟହଟା
ଆଧ୍ୟାତ୍ମିକ ପଥେ ବାଦଲ ଉହାଡୁ
ଦିଶେ ଅରୁଣିମା ଛଟା ।

ମଙ୍ଗୁଆଳ ସାଜି କେହି ଜଣେ ଆସି
ନାଆକୁ ବୁହାଇ ନିଏ
ମୁହାଣ ଡିଆଁଇ ନଈ ଆରପାରି
ସାଗରକୁ ଛୁଇଁ ଯାଏ । ❑

He who would win high spiritual degrees, must pass endless tests and examinations. But most are anxious only to bribe the examiner.
(Thoughts and Aphorisms : 272) – Sri Aurobindo
(CWM. Vol. 10, p. 291)

ଯିଏ ଆଧ୍ୟାତ୍ମିକତାର ଉଚ୍ଚତର ସୋପାନଗୁଡ଼ିକୁ ହାସଲ କରିବାର ଇଚ୍ଛା ରଖିଛି, ତାହାକୁ ଅଗଣିତ ଅନେକ ପରୀକ୍ଷା ମଧ୍ୟଦେଇ ଯିବାକୁ ପଡ଼ିବ । ମାତ୍ର, ଅଧିକାଂଶ ମନୁଷ୍ୟ ତ କେବଳ ପରୀକ୍ଷକଙ୍କୁ ଲାଞ୍ଚଦେଇ ପାର ହୋଇ ଯିବାକୁ ବ୍ୟାକୁଳ ହେଉଥା'ନ୍ତି ।

– ଶ୍ରୀଅରବିନ୍ଦ

# ମୃତ୍ୟୁ

ମୃତ୍ୟୁ ବୋଲି ଯାହା ଦେଖୁଛି ମଣିଷ
ବିଚ୍ଛେଦ ଅଙ୍କର କ୍ଷଣିକ ଆଭାସ ।
କାଳ ସ୍ରୋତେ ଭୁଲି ଆଦରେ ତନୁକୁ
କାଳଜୟୀ ମଣେ ଆପେ ଆପଣାକୁ ।

ମାତ୍ର ବିବଶ ନିଜ ମୃତ୍ୟୁ ବେଳାରେ
ଘଟ ବିଚ୍ଛେଦ ଭୟେ ହୃଦୟ ଥରେ,
ଜାଣେ ତୁଟା ଘଟ ନୁହେଁ ଅମର
ମୋହ ଫାଶେ ବନ୍ଧା ତା ସର୍ବ ଦ୍ୱାର ।

ଫେନ ବହୁଳ ଏଇ ଜୀବନ ସ୍ରୋତ
କେବେ ସୃଷ୍ଟ ପୁଣି କେବେ ବା ଅନ୍ତ,
ପରିଧାନ ତୁଲ୍ୟ କ୍ଷୀଣ କଳେବର
ଶାଶ୍ୱତ ଆତ୍ମାର ନଶ୍ୱର ମନ୍ଦିର ।
ପଞ୍ଚଭୂତେ ଗଢ଼ା ଏ କଳେବର
ଜରା ରୋଗ ବ୍ୟାଧି ତା ସହୋଦର,

ତା'ର ଉପଚାରେ ବନ୍ଧା ଥିଲେ ନର
ଭ୍ରମେ ଭ୍ରମୁଥାଏ ଯେହ୍ନେ କୃଷ୍ଣସାର ।
ଜୀର୍ଣ୍ଣ କଳେବର ଯାତନା ବହୁଳ
ତ୍ୟଜନେ ସମସ୍ୟା ହୋଇଥାଏ ଦୂର,
ଅଜର ଅମର ଆତ୍ମା ନିରାକାର
ପୁନର୍ଜନ୍ମ ଲଭେ ତେଜି କଳେବର ।

ବିବର୍ତ୍ତନ ପଥେ ନାହିଁ ପୂର୍ଣ୍ଣଚ୍ଛେଦ
ଜନ୍ମ ମୃତ୍ୟୁ ନୁହେଁ ଶେଷ ଅବଚ୍ଛେଦ,
ମୃତ୍ୟୁ ଏକ ମାତ୍ର ଅମୋଘ ଆୟୁଧ
ଲକ୍ଷ କଳନ୍ତର କରେ ପରିଶୋଧ ।

ମିତ୍ର ତୁଲ୍ୟ ଯେହୁ ବରିଛି ତାହାକୁ
ଆତ୍ମସ୍ଥ ପୁରୁଷ ଚିହ୍ନେ ଆପଣାକୁ,
ତେଜି ପରିଧାନ ତେଜି କଳେବର
ନବଜନ୍ମ ସୂତ୍ରେ ମୃତ୍ୟୁ ସୂତ୍ରଧର ।

**ସନ୍ତୋଷ ରଥ** ❑

An end have these bodies of an embodied soul that is eternal; it is not born nor dies nor is it that having been it will not be again. It is unborn, ancient, everlasting;... As a man casts from him his wornout garments and takes others that are new, so the embodied being casts off its bodies and joins itself to others that are new. Certain is the death of that which is born and certain is the birth of that which dies.

(Life Divine, p. 771) – Sri Aurobindo

ଏହିସବୁ ଦେହର ଅବଶ୍ୟ ଅନ୍ତ ରହିଛି, ମାତ୍ର ସେହିସବୁ ଦେହ ମଧ୍ୟରେ ରହିଥିବା ଦେହଧାରୀ ଆତ୍ମାର ଅନ୍ତ ନାହିଁ । ଏହି ଆତ୍ମାର ଜନ୍ମ ନାହିଁ ବା ମୃତ୍ୟୁ ନାହିଁ; ଥରେ ଜନ୍ମଲାଭ କରିସାରିବା ପରେ ତାହା ଯେ ଆଉ ଥରେ ଜନ୍ମ ନେବ ନାହିଁ, ତାହା କଦାପି ନୁହେଁ । ଆତ୍ମା ହେଉଛି ଅଜ, ନିତ୍ୟ ଓ ଶାଶ୍ୱତ ... ଯେକୌଣସି ପୁରୁଷ ଯେପରି ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ପରିଧାନ କରେ, ସେହିପରି ଦେହଧାରୀ ସତ୍ତା ଆପଣାର ପୁରାତନ ଶରୀରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟ ନୂତନ ଶରୀର ଗ୍ରହଣ କରେ । ଯିଏ ଜନ୍ମ ଗ୍ରହଣ କରିଛି ତାହାର ମୃତ୍ୟୁ ନିଶ୍ଚୟ ହେବ ଏବଂ ଯିଏ ମରୁଛି ତାହାର ଜନ୍ମ ନିଶ୍ଚୟ ହେବ ।

(ଦିବ୍ୟ ଜୀବନ - ୭୫୪) — ଶ୍ରୀଅରବିନ୍ଦ

# ଅନ୍ତିମ ଆକୁତି

## ସନ୍ତୋଷ ରଥ

ଫୁଲ ଫୁଟି ଯେବେ ଫୁଲ ଝରିଯାଏ
ବାଟର ବାଟୋଇ ଦେଖି
ସାଉଁଟି ନେଇ ସେ ବିଭୁ ଚରଣରେ
ଦେଇଥାଏ ତା'ର ଭେଟି । (୧)

ଝରିବା ଆଗରୁ ଝରା ଫୁଲଟିର
ଆକୁତି କି ଶୁଣି ନାହଁ
''ତୁମ ପାଇଁ ପ୍ରଭୁ ଜନମି ଥିଲି ମୁଁ
ଶୁଭୁ ନାହିଁ ମୋର କୋହ ! (୨)

ମୋ ତନୁ ମେଦୁର ରଙ୍ଗ ରୁଚିର
ପୀୟୂଷ ରହିଛି ମିଶି
ଭରିଛ ମହକ ବାସେ ତିନିଲୋକ
ଆଚମ୍ବିତ ପୁରବାସୀ । (୩)

କଳି ହୋଇ ଯେବେ ଅଳି କରିଥିଲି
ମରତେ ଆସିଲି ଖସି
ତୁମ ବରଦାନ ନୁହେଁ ମୋ ଅର୍ଜନ
ହେବା ପାଇଁ ସେବାଦାସୀ । (୪)

ଭଅଁର ଦୋଳିଛି ବାହୁଡ଼ି ଯାଇଛି
ବାନ୍ଧି ଥିଲା ଯେଉଁ ଫାଶ
ଦେଇ ନାହିଁ ଧରା ତୁମେ ମୋ ସାହାରା
ନାହିଁ ତହିଁ ଅବିଶ୍ୱାସ । (୫)

ବାସ୍ନା ଦେଇଛ କଣ୍ଟା ବି ଦେଇଛ
ଅରାତି ଦହନ ପାଇଁ
ହେଲେ ବି ଅବଳା ନୁହେଁ ମୁଁ ଦୁର୍ବଳା
ନ ପାରିବେ କେହି ଛୁଇଁ । (୬)

ରଖି ନାହିଁ ଆଶା ତୁଚ୍ଛ ସେ ପ୍ରଶଂସା
ସାଜିବାକୁ ରଙ୍ଗଶାଳା
ରଖିଅଛି ଆଶା ଭିନ୍ନ ମୋର ଦିଶା
ଉଆଁସି ହେଉଛି ବେଳା । (୭)

ପିନ୍ଧିଥିବ ଯେବେ ପାଟ ପୀତାମ୍ବରୀ
ଶିଖରେ ମୟୂର ପୁଚ୍ଛ
ସାଥେ ଦୋଳୁଥିବି ଚୂଡ଼ାରେ ତୁମର
ଆନ ଚିଜ ସବୁ ତୁଚ୍ଛ । (୮)

ଗଳାରେ ଗଜରା ତୁଳସୀ ଦୟଣା
ବନ ଫୁଲେ ଭରପୂର
ସବୁ ମହକରେ ମୋ ତନୁ ମହକ
ମିଶି ହେଉ ଏକାକାର । (୯)

ପୂରୁ ମୋ ସପନ ଶୁଭେ ବଂଶୀ ସ୍ୱନ
ଶିହରିତ ଦେହ ମନ
ସାର୍ଥକ କର ଶେଷ ଅଭିଳାଷ
କେତକୀର ନିବେଦନ ।'' (୧୦) ❑

ଅନ୍ତକାଳେ ମୋତେ ସ୍ମରି ଯେ ତେଜଇ କଳେବର,
ଲଭେ ସେ ମୋହରି ଭାବ, ଜାଣ ଅସଂଶୟ ସ୍ଥିର ।
ଯେଉଁ ଭାବ ସୁମରି ଯେ କଳେବର ତେଜେ ଅନ୍ତେ,
ସେ ଭାବ ସେ ପାଏ ପାର୍ଥ ! ସଦା ଯାହା ଚିତ୍ତେ ଚିନ୍ତେ ।
(ଗୀତା ଅଷ୍ଟମ ଅଧ୍ୟାୟ, ଶ୍ଳୋକ ୫,୬)

# ପ୍ରାଚ୍ୟ ପାଶ୍ଚାତ୍ୟ

## ସନ୍ତୋଷ ରଥ

ବିବର୍ତ୍ତନ ପଥେ ସଭିଏଁ ଆତୁର
ଉତ୍ତରଣ ସହଜାତ
ଜଡ଼ରୁ ଜୀବନ ସଞ୍ଚରଣ ସୂତ୍ରେ
ମନ ହୁଏ ଉଦ୍ଭାସିତ । (୧)

ଆଦିମ ଅଭ୍ୟାସ ବର୍ବର ନିଷ୍ଠୁର
ପ୍ରକୃତିର କ୍ରୀତଦାସ
କାହିଁ କେତେ ପଥ ଅତିକ୍ରମି ଶେଷେ
ସଭ୍ୟତାର ଶିଳାନ୍ୟାସ । (୨)

ପ୍ରାଚ୍ୟ ପାଶ୍ଚାତ୍ୟ ସମୃଦ୍ଧି ତଟରେ
ସଭ୍ୟତାର ଦୁଇ ପ୍ରାନ୍ତ
ଦୁହେଁ ଆଗୁସାର ଲକ୍ଷ୍ୟ ପଥରେ
ପ୍ରଗତିର ନାହିଁ ଅନ୍ତ । (୩)

ପ୍ରାଚ୍ୟ ସଂସ୍କୃତି ମୂଳାଧାର ଭିତ୍ତି
ଅନ୍ତଃସଲିଳ ଫଲ୍‌ଗୁ
ଅକ୍ଷୟ ଅଜେୟ ଚିର ଅପ୍ରମେୟ
ସିଦ୍ଧ ହେତୁବାଦ ଯୋଗୁଁ । (୪)

ପାଶ୍ଚାତ୍ୟ ସଂସ୍କୃତି ସଂସ୍କାର ରହିତ
ସମୃଦ୍ଧି ହିଁ ଉପଚାର
ପ୍ରମତ୍ତ ଉନ୍ମତ୍ତ ବାହ୍ୟ ବିଲୋଭନେ
ବୁଝେ ନାହିଁ ଅନ୍ତଃ ସ୍ୱର । (୫)

ଅହଂକାରେ ଭରା ଆଶାର ଫୁଆରା
ଆବିଷ୍କାରେ ମଗ୍ନ ମତି
ଯନ୍ତ୍ର ବହୁଳ ବିଜ୍ଞାନ ବିଚାର
ବିରଳ ଯା' ଆତ୍ମତୃପ୍ତି । (୬)

ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ନୁହେଁ ଉପାସନା
ବିଳାସେ ବିତଇ ଦିନ
ଶିଶୁ ହାତ ଗଢ଼ା ବାଲିଘର ଭଳି
ନିମିଷେ ହୋଇବ ଚୂର୍ଣ୍ଣ । (୭) ❑

Europe prides herself on her practical and scientific organisation and efficiency. I am waiting till her organisation is perfect; then a child shall destroy her.

(Thoughts and Aphorisms)

(CWM-10, p. 139) – Sri Aurobindo

''ୟୁରୋପ ତା'ର ବ୍ୟାବହାରିକ ଏବଂ ବୈଜ୍ଞାନିକ ସଙ୍ଗଠନ ଓ ଦକ୍ଷତାକୁ ନେଇ ଗର୍ବିତ । ସେ ସଂଗଠନ ପୂର୍ଣ୍ଣାଙ୍ଗ ହେବା ଯାଏ ଯାହା ଅପେକ୍ଷା; ତା'ପରେ ଶିଶୁଟିଏ ତାକୁ ଧ୍ୱଂସ କରିଦେବ ।''

— ଶ୍ରୀଅରବିନ୍ଦ

# ଜୀବନ ସଂଗ୍ରାମ

## ସନ୍ତୋଷ ରଥ

ଏଇ ଜୀବନଟା ଏକ କୁରୁକ୍ଷେତ୍ର
କେହି ନୁହେଁ କା'ର ଶତ୍ରୁ ଅବା ମିତ୍ର,
ବୃଥା ଅଭିମାନ ଗଢ଼େ ଅଟ୍ଟାଳିକା
ଚଲା ବାଟ ହୁଡ଼ି ଚାଲେ ଅଙ୍କାବଙ୍କା ।(୧)

ଜୀବନର ପଲା ନୁହେଁ ସମତୁଲ
ଶୁଝିବାକୁ ହୁଏ ଧାର୍ଯ୍ୟ ମହାସୁଲ,
କେହି ନ ଜାଣଇ ଶେଷ ପରିଣତି
ସପନେ ବିଭୋର ପାହେ ଯେତେ ରାତି ।(୨)

ପରାଜୟ ସହ ଯେବେ ହୁଏ ଭେଟ
ଭାଙ୍ଗି ତୁଟି ଯାଏ ଫମ୍ପା ଆଶା ଘଟ,
ଇନ୍ଦ୍ରଧନୁ ରଙ୍ଗ ଲାଗେ ଫିକା ଫିକା
ପ୍ରୀତି ପରାଗ ବିରାଗେ ଦିଏ ଧୋକା ।(୩)

ତୁଚ୍ଛା ବୀରତ୍ୱ ବେଭାର ଯାଏ ଧସି
ହାତୁ ଶରଦ ଜହ୍ନଟା ପଡ଼େ ଖସି,
ସଜ କଅଁଳ ସକାଳ ଥାଏ ଚାହିଁ
ମୃଦୁ ମଳୟ ନ ଛୁଇଁ ଯାଏ ବହି ।(୪)

ଯଦି ପଳାୟନ ବାଞ୍ଛେ ଭୀରୁ ମତି
ଲିଭି ଯିବ ଭାଲପଟୁ ବୀର ଖ୍ୟାତି,
ସଞ୍ଜ ନଇଁ ଗଲେ ଦିନ ଯାଏ ସରି
ମାତ୍ର ସକାଳଟା ନୁହେଁ ବେଶୀ ଡେରି ।(୫)

ନ ଡରି ଆହବେ ହୁଅ ଆଗୁସାର
ସଂଗ୍ରାମ ଆଙ୍କିବ ଆଗାମୀ ସ୍ୱାକ୍ଷର,
ଥିଲେ ପରାଜୟ ଆଦ୍ୟ ଭାଗ୍ୟଲେଖା
ଅନ୍ତିମେ ବିଜୟ କରିଛି ପ୍ରତୀକ୍ଷା ।(୬)

ଉଠି ସଜ ହୁଅ ଆହେ ସବ୍ୟସାଚୀ
ଗାଣ୍ଡିବ ଟଙ୍କାରେ ଝଟକିବ ପ୍ରାଚୀ,
ବାହୁଡ଼ିବେ 'ଛନ୍ତି ଯେ ଯେତେ ଅରାତି
ତୁଟି ଯିବ ମନୁ ରଣାଙ୍ଗନ ଭୀତି ।(୭)

ନିୟତି ନୁହଁଇ କା'ର ଅଧସ୍ତନ
ହାରଜିତ ସବୁ ତା'ର ନିର୍ବାଚନ,
କର୍ତ୍ତବ୍ୟ ସଂପାଦେ ହୁଅ ଯେ ସତ୍ୱର
ପ୍ରତି ପଦକ୍ଷେପ ନିମିତ୍ତ ମାତର ।(୮) ❑

If thou think defeat is the end of thee, then go not forth to fight, even though thou be the stronger. For Fate is not purchased by any man nor is Power bound over to her possessors. But defeat is not the end, it is only a gate or a beginning.

(Thoughts and Aphorisms) – Sri Aurobindo
(CWM-10, p. 286)

ଯଦି ତୁମେ ପରାଜୟକୁ ହିଁ ତୁମର ଶେଷ ପରିଣତି ବୋଲି ଭାବୁଥାଅ, ତେବେ ତୁମର ଅଧିକ ବଳ ଥିଲେ ମଧ ତୁମେ ସଂଗ୍ରାମ କରିବାକୁ ଯାଅ ନାହିଁ । କାରଣ କୌଣସି ମନୁଷ୍ୟ ନିୟତିକୁ କଦାପି କିଣିନେଇ ପାରିବ ନାହିଁ ଅଥବା ଯଥାର୍ଥ କ୍ଷମତା ମଧ କ୍ଷମତାକୁ ଅଧିକାର କରି ରହିଥିବା ବ୍ୟକ୍ତିମାନଙ୍କ ପାଖରେ କଦାପି ବନ୍ଧା ହୋଇ ରହି ନ ଥିବ । ମାତ୍ର, ପରାଜୟ କଦାପି ସର୍ବଶେଷ ପରିଣତି ନୁହେଁ; ଏହା ହେଉଛି କେବଳ ଏକ ତୋରଣ ଅଥବା ଏକ ଆରମ୍ଭ ମାତ୍ର ।

(ମାତୃରଚନାବଳି : ଦଶମ ଖଣ୍ଡ, ପୃଷ୍ଠା. ୪୧୧-୪୧୨) – ଶ୍ରୀଅରବିନ୍ଦ

# ନିର୍ବୋଧ ବିଚାର

## ସନ୍ତୋଷ ରଥ

ତାରାଙ୍କ ମେଳରେ ଜହ୍ନ ହସ ଦେଖି
ଅନ୍ଧାର ସରମି ଯାଏ,
ମାତ୍ର ଖଦ୍ୟୋତିକା ଉଡ଼ି ବୁଲି କହେ
ରୋଷଣିର ରାଣୀ ସିଏ । (୧)

ସାତସୁରେ ବନ୍ଧା ଯମୁନା ଲହରୀ
ମଧୁର ମୁରଲୀ ତାନ,
ସାରୁ ଗଛ ମୂଳେ ବେଙ୍ଗ ରଡ଼ି ଭାବେ
ସୁର ତା'ର ତାନସେନ । (୨)

ହାତୀ ଚାଲିଥାଏ ପାହୁଣ୍ଡ ପକାଇ
ଥାଟପାଟ ଶୂନ୍ ଶାନ,
ପଥ ପାର୍ଶ୍ୱେ ଶ୍ୱାନ ରୋଧେ ତା ଅୟନ
ମଣିଥାଏ ବଳବାନ୍ । (୩)

ଚାତକ ଆତୁରେ ଉଡ଼ି ବୁଲୁଥାଏ
ଊର୍ଦ୍ଧ୍ୱେ ଚନ୍ଦ୍ରାତପ ନଭ,
ଡେଣା ଲାଗିଗଲେ ପିପିଲିକା ମଣେ
ଗଗନକୁ ଚୁମ୍ବୀ ଯିବ । (୪)

ରାଜ ଦରବାର ଜ୍ଞାନର ଆଗାର
ବିଦୁଷ ପାଇଲେ ପୂଜା,
ମୂର୍ଖ ଚାଟୁକାର ମଣଇ ନିଜକୁ
ଜ୍ଞାନ ଗନ୍ତାଘର ରାଜା । (୫)

ନିର୍ବୋଧ ଭାଷଣ ମୂର୍ଖ ସମ୍ଭାଷଣ
ଦିବସେ ଦୀପାଳି ଶିଖା,
ସତ ବୋଲି ଯାହା ମଣୁଛି ଜଗତ
ପ୍ରଜ୍ଞାର ବିକୃତ ମୁଖା । (୬) ❑



I heard a fool discoursing utter folly and wondered what God meant by it; then I considered and saw a distorted mask of truth and wisdom.
(Thoughts and Aphorisms) – Sri Aurobindo
(CWM-10, p. 98)

ନିର୍ବୋଧଟିଏ ନିର୍ବୋଧତାପୂର୍ଣ୍ଣ ଭାଷଣ ଦେବାର ଶୁଣିଲି । କୌତୂହଳୀ ହୋଇ ଭାବିଲି, ଭଗବାନ୍ ତାହା ଦ୍ୱାରା କ'ଣ ବୁଝାଉଛନ୍ତି; ତା'ପରେ ବିବେଚନା କଲି ଓ ଦେଖିଲି ସତ୍ୟ ଓ ପ୍ରଜ୍ଞାର ଏକ ବିକୃତ ମୁଖା ।

— ଶ୍ରୀଅରବିନ୍ଦ

# କୃଷ୍ଣ ଦରଶନ

## ସନ୍ତୋଷ ରଥ

ଯଶୋଦା ନନ୍ଦନ    ହେ ମଧୁସୂଦନ
ଯମୁନା ପୁଳିନେ ରାଜ
ଶୁଭେ ବଂଶୀ ସ୍ୱନ    ଦହେ ଅପଘନ
ବହୁ ରୂପ ତୁମେ ସାଜ । (୧)

ତେଜି ଗୋପପୁର    ବଣ ଫୁଲ ହାର
ଗୋପାଙ୍ଗନା ରାସଲୀଳା
ଅଷ୍ଟପାଟ ସଖୀ    ହେଲେ ନିରିମାଖି
ମଥୁରାରେ କଲ ଖେଳା । (୨)

ମୁରଲୀର ସ୍ୱର    ହେଲା ସାତ ପର
ଶୁଭେ ନାଦ ପାଞ୍ଚଜନ୍ୟ
ଗାଣ୍ଡିବ ଟଙ୍କାର    ନିମିତ୍ତ ମାତର
ଶତ୍ରୁ ଦଂଶେ ସୁଦର୍ଶନ । (୩)

ତବ ବିଶ୍ୱରୂପ    ଅରୂପ ସ୍ୱରୂପ
ନାହିଁ ଆଦି ଅବା ଅନ୍ତ
କୁରୁକ୍ଷେତ୍ରେ ନାହିଁ    ଜୟ ପରାଜୟ
ସର୍ବେ ଅନ୍ତେ ଭାଗ୍ୟବନ୍ତ । (୪)

ମୂର୍ଖ ନରାଧମ    କାହୁଁ ବା ବୁଝିବ
ତୁମେ ଯେ ହୃଦୟେଶ୍ୱର
ପୂଜୁଥିବା ଯାଏଁ    ଦେଉଳ ଦିଅଁଙ୍କୁ
କୃଷ୍ଣ ନାମ ଅଗୋଚର । (୫)

ଭଜନ କୀର୍ତ୍ତନ    ତୀର୍ଥ ପର୍ଯ୍ୟଟନ
ଉପଚାର୍ଯ୍ୟ ପ୍ରହସନ
ମାନବ ମଧ୍ୟରେ    ମାଧବ ପୂଜନ
ମିଳେ କୃଷ୍ଣ ଦରଶନ । (୬)

ସ୍ୱର୍ଗ ପାରିଜାତ    ପାଂଶୁଳ ପର୍ଣ୍ଣାସ
ସବୁତ ତୁମରି ଦାନ
ସେହି ଏକା ଧନ୍ୟ    ଯେ କରେ ଦର୍ଶନ
ସର୍ବ ଭୂତେ ନାରାୟଣ । (୭) ❑

He who recognises not Krishna, the God in man, knows not God entirely; he who knows Krishna only, knows not even Krishna. Yet is the opposite truth also wholly true that if thou canst see all God in a little pale unsightly and scentless flower, then hast thou hold of His supreme reality.

(Thoughts and Aphorisms) – Sri Aurobindo

(CWM-10, pp. 253 - 254)

କୃଷ୍ଣଙ୍କୁ, ମଣିଷ ଭିତରେ ଥିବା ଭଗବାନଙ୍କୁ ଯିଏ ଚିହ୍ନେ ନା, ସିଏ ସମ୍ପୂର୍ଣ୍ଣ ଭଗବାନଙ୍କୁ ଜାଣେ ନା । ଯିଏ କେବଳ ମାତ୍ର କୃଷ୍ଣଙ୍କୁହିଁ ଜାଣେ, ସିଏ କୃଷ୍ଣଙ୍କୁ ବି ଜାଣେ ନା । ବିପରୀତ ସତ୍ୟ ବି ପୂର୍ଣ୍ଣତଃ ଠିକ୍ – ଯେ ତୁମେ ଯଦି ବିବର୍ଣ୍ଣ, ଶ୍ରୀହୀନ, ମହକହୀନ ଟିକି ଫୁଲଟିଏ ଭିତରେ ସମଗ୍ର ଭଗବାନଙ୍କୁ ଦେଖି ପାରିବ, ତେବେ ତୁମେ ତାଙ୍କ ପରମ ବାସ୍ତବ ସ୍ୱରୂପ ଧରିପାରିଛ ବୋଲି ବୁଝିବ ।

– ଶ୍ରୀଅରବିନ୍ଦ

# ତଟିନୀ

## ସନ୍ତୋଷ ରଥ

ନିର୍ଝର ରାଗିଣୀ ସାଜେ ତରଙ୍ଗିଣୀ
ତେଜି କଙ୍କରିଳ ଶଯ୍ୟା ସରଣି
ସ୍ରୋତସ୍ୱିନୀ ଧାର ବହେ ନିରନ୍ତର
ଭେଟିବାକୁ ସିନ୍ଧୁ ଭବ୍ୟ ବରଣି ।୧।

ରହିଯାଏ ଦୂରେ କନ୍ଦର ସେପାରେ
ଜନ୍ମଶାଳା ସ୍ମୃତି ସୁଖ ସପନ
ଉଦ୍ଧତ ପର୍ବତ ନ ରୋଧେ ତା ସ୍ରୋତ
କେବେ ଶାନ୍ତ ଅବା ଭୈରବୀ ତାନ ।୨।

ସ୍ତବ୍ଧ କଳରୋଳ ବିଜନେ ବିହ୍ୱଳ
ନୀଳ ନଭ ସାଥେ ହୁଅଇ ସାଥି
ତରଙ୍ଗ ମୁକୁରେ ପ୍ରତିବିମ୍ବ ଭରେ
ଉପତ୍ୟକା ଘନ ଶ୍ୟାମଳ ବୀଥି ।୩।

ଦିଗନ୍ତ ବିସ୍ତାରି ତଟିନୀର ଶିରି
ଶ୍ୟାମଳ କେଦାର ଭାଙ୍ଗେ ଅଳସ
ଶିଳ୍ପ ଅସୁମାରି ବନ୍ଦର ନଗରୀ
ଜନପଦେ ଭରା ତା' ତଟଦେଶ ।୪।

ନୀଳ ବୀଚିମାଳା କିଙ୍କିଣି ମେଖଳା
ପିପାସା ପରାଣେ ନୀର ପୀୟୂଷ
ଅପରୂପ ତା'ର ଶୋଭାର ଭଣ୍ଡାର
ମନ୍ଦାକିନୀ ମୃଦୁ ମଧୁର ଲାସ୍ୟ ।୫।

ମୁହାଣ ସେପାରି ସାଗର ଲହରି
ଚାହିଁଥାଏ ତା'ର ଫେରନ୍ତା ବାଟ
ସୁନାବ୍ୟା ଲହର ବହଇ ସତ୍ୱର
ଅନ୍ତିମେ ସରିତ ସାଗର ଭେଟ ।୬। ❑

(ଶ୍ରୀଅରବିନ୍ଦଙ୍କ ରଚିତ 'River' କବିତାର ଅବଲମ୍ବନରେ)

ନିଜ ସମୁଦ୍ର କଦାଚ ଖୋଜି ନପାଇବା ନଦୀଟିଏ (ଭଳି),
କାଳର ଧାରରେ ସେ ଜୀବନ ଓ ମୃତ୍ୟୁ ଭିତରେ ଥାଏ ଧାବମାନ;
(ସାବିତ୍ରୀ) — ଶ୍ରୀଅରବିନ୍ଦ

# ବିଜ୍ଞାନ

## ସନ୍ତୋଷ ରଥ

ହଜିଲା ମଣିଷ  ଖୋଜୁନି ନିଜକୁ
ଖୋଜୁଛି ମିଳିବା ଚିଜ
ଖୋଜି ପାଇଗଲେ  ଅୟସ ଗେଙ୍ଗୁଟି
ବିଜ୍ଞାନକୁ ମଣେ ପୂଜ୍ୟ ।

ନିଷ୍ପ୍ରାଣ ବିଜ୍ଞାନ  ମାନସ ସର୍ଜନ
ବୁଝେନା ଜୀବନ ତତ୍ତ୍ୱ
ବୃଥା ପରୀକ୍ଷଣ  ବ୍ୟର୍ଥ ନିରୀକ୍ଷଣ
ଜଡ଼ ମଧ୍ୟେ ସର୍ବଭୂତ ।

ସୁଠାମ ସୁନ୍ଦର  ଚତୁର ବେଭାର
ବୟସେ ପଳାଶ ଛିଟା
ବାହ୍ୟ ଅନୁରାଗ  କ୍ଷଣିକ ସରାଗ
ଆତ୍ମା ହୁଏ ହଟହଟା ।

ଆକାଶର ବ୍ୟାପ୍ତି  ସାଗର ପ୍ରଶସ୍ତି
ନାହିଁ ତହିଁ ପରାଭବ
ପରଖି୍ ନ ଜାଣି  କଷଟି ପଥରେ
ଆକଳନ ଅସମ୍ଭବ ।

ଦେଖୁଅଛି ନେତ୍ର  ଜଗତ ବିଚିତ୍ର
ଅଦୃଶ୍ୟେ ରହିଛି ବୀଜ
ହେଜ ଅସୁମାରି  ଗୁପ୍ତେ ଲୁପ୍ତ ଶିରୀ
ଜାଣିବା ନୁହେଁ ସହଜ ।

ସେ ଯେ ଅପ୍ରମେୟ  ଅଜ୍ଞାତ ଅଜ୍ଞେୟ
ବିଶ୍ୱାତୀତ ବିଶ୍ୱଗତ
ଫିଟିଲେ କବାଟ  ହୋଇ ଯିବ ଭେଟ
ଅନ୍ତରସ୍ଥ ସତ୍ୟାସତ୍ୟ । ❑

[ଶ୍ରୀଅରବିନ୍ଦଙ୍କ ରଚିତ Discoveries of Science (part - 3) ଅବଲମ୍ବନରେ ରଚିତ ।]

ବିଜ୍ଞାନ ଓ ଆଧ୍ୟାତ୍ମିକତା ଉଭୟଙ୍କର ଲକ୍ଷ୍ୟ ଏକ – ସେହି ଲକ୍ଷ୍ୟ ହେଉଛି ସର୍ବୋଚ୍ଚ ଦିବ୍ୟସତ୍ତାଙ୍କର ଉପଲବ୍ଧି । ଦୁଇଟି ମଧ୍ୟରେ ଏହି ଗୋଟିଏ ମାତ୍ର ପାର୍ଥକ୍ୟ ରହିଛି ଯେ ଦ୍ୱିତୀୟଟି ସେହି ଲକ୍ଷ୍ୟଟି ସମ୍ବନ୍ଧରେ ଅବଗତ ରହିଥାଏ ଓ ପ୍ରଥମଟି ସେ ବିଷୟରେ ଅବଗତ ନ ଥାଏ ।
(ଡିସେମ୍ବର, ୧୯୬୨)

– ଶ୍ରୀମା

ସିନ୍ଧୁରୁ ବିନ୍ଦୁଏ :

# ପାଷାଣ ପ୍ରତିମା

## ସନ୍ତୋଷ ରଥ

ସହର ସାରା ମନ୍ଦିରେ ଭରା
ସ୍ଥାପତ୍ୟେ ନାହିଁ ଊଣା
ଛୋଟ ଏକ ଦେଉଳ ଗର୍ଭେ
ଦେବୀଙ୍କ ଆରାଧନା ।୧।

ବିଗ୍ରହ ନୁହେଁ ଜାଗ୍ରତ ସେ ଯେ
ଦିବ୍ୟତା ଉଦ୍‌ଭାସି
ଅସୀମ, ଅନନ୍ତ, ଅମରତ୍ୱ ମିଶି
ଶରଣ ପଶନ୍ତି ଆସି ।୨।

ମହୀୟସୀ ତୁମେ ବିଶ୍ୱଜନନୀ
ସଂକଳ୍ପେ ଅଟଳ ମନ
ସୁପ୍ତିମଗ୍ନା ଧରଣୀର ବକ୍ଷେ
ବିସ୍ତରିଛ ବିତାନ ।୩।

ପ୍ରଜ୍ଞା ପ୍ରସୂତା ବାକ୍ ବିରହିଣୀ
ସର୍ବ ଶକ୍ତିମୟୀ
ମରୁ ପ୍ରାନ୍ତର ନଭମଣ୍ଡଳ
ନିଶ୍ଚଳେ ଥା'ନ୍ତି ଚାହିଁ ।୪।

ମନ ଓଢ଼ଣିର ଆଚ୍ଛାଦନେ ରହି
କହୁ ନାହିଁ କଥା ପଦେ
ତୁମେ ସର୍ବଜ୍ଞାତା, ଭୂତ ଭବିଷ୍ୟତ
କଳିକେ ପାରିବ ସତେ ।୫।

ଯେ ଯାଏଁ ମଣିଷ ତୁମ ଆଗମନ
ରହସ୍ୟକୁ ଭେଦି ନାହିଁ
ସେ ଯାଏଁ ତୁମର ପ୍ରଜ୍ଞା ପ୍ରସୂନ
ଗୁପ୍ତରେ ଥିବ ରହି ।୬।

ସୌମ୍ୟା ଶ୍ରୀମୟୀ ପାଷାଣ ତନୁରେ
ହୃଦୟକୁ ଯାଅ ଛୁଇଁ
ରହସ୍ୟମୟି ଗୋ ! ସ୍ଥିର ଅଚଞ୍ଚଳା
ପୂଜକ ହୃଦୟ ଗ୍ରାହୀ ।୭।

(ଶ୍ରୀଅରବିନ୍ଦଙ୍କ ରଚିତ 'The Stone Goddess' କବିତାର ମର୍ମଲିଖନ)

❑❑❑

---

'The Stone Goddess' କବିତା ସମ୍ପର୍କରେ ପଦେ :

ବରୋଦା ରହଣିକାଳରେ ଶ୍ରୀଅରବିନ୍ଦ ଏକଦା ନର୍ମଦା ନଦୀ କୂଳରେ ଥିବା ଚାଣୋଦ-କର୍ଣ୍ଣାଲି ସହରକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ । ସଙ୍ଗରେ ଥିବା ବନ୍ଧୁମାନେ ସେଠାକାର ମହାକାଳୀ ମନ୍ଦିର ଦର୍ଶନ କରିବାର ପ୍ରସ୍ତାବ ଦେଲେ । ମନ୍ଦିରର କାରୁଶିଳ୍ପ ଥିଲା ଖୁବ୍ ଉଚ୍ଚମାନର । ଶ୍ରୀଅରବିନ୍ଦ ଏଥିରେ ସମ୍ମତ ହୋଇଥିଲେ, ଯଦିଓ ସେ ପ୍ରତିମା ପୂଜା ପ୍ରତି ଏତେ ବେଶୀ ଆଗ୍ରହୀ ନଥିଲେ । ମାତ୍ର ସେଦିନ ସେଠାରେ ତାଙ୍କର ଏକ ଅଭିନବ ଅନୁଭୂତି ପ୍ରାପ୍ତ ହୋଇଥିଲା । ମହାକାଳୀଙ୍କର ସେହି ପାଷାଣ ପ୍ରତିମା ମଧ୍ୟରେ ଶ୍ରୀଅରବିନ୍ଦ ହଠାତ୍ ବିଶ୍ୱଜନନୀଙ୍କ ଅସୀମ ଶକ୍ତିର ବିଭାମୟତାକୁ ସନ୍ଦର୍ଶନ କରି ମୁଗ୍ଧ ହୋଇ ଯାଇଥିଲେ । ସେ ଅନୁଭବ କଲେ ମା'ଙ୍କର ଦୃଷ୍ଟି ସତେ ଯେମିତି ତାଙ୍କ ଅନ୍ତଃସତ୍ତାକୁ ଭେଦ କରିଯାଉଛି ।

ଅବଶ୍ୟ ଶ୍ରୀଅରବିନ୍ଦ ଏହି ଅନୁଭୂତିକୁ ପରବର୍ତ୍ତୀ କାଳରେ 'Letters on Yoga' (SABCL, Vol. 22, p. 199) ପୁସ୍ତକରେ ପ୍ରକାଶ କରିଛନ୍ତି ଏବଂ ୧୯୩୪ ରୁ ୧୯୩୭ ମସିହା ମଧ୍ୟରେ ଲିଖିତ ସନେଟ୍‌ଗୁଡ଼ିକ ମଧ୍ୟରେ 'The Stone Goddess' (Collected Poems, CWSA : Vol. 2, p. 608) କବିତାଟି ଅନ୍ୟତମ, ଯାହାକି ଏହି ଅନୁଭୂତି ଉପରେ ପର୍ଯ୍ୟବସିତ ।

ଏବେ ମଧ୍ୟ ମନ୍ଦିରର ମୁଖ୍ୟ ଦ୍ୱାର ନିକଟରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ଏହି ଅନୁଭୂତି ସମ୍ପର୍କରେ ଉଲ୍ଲେଖ ରହିଛି । ❑

**ସିନ୍ଧୁରୁ ବିନ୍ଦୁଏ :**

# ମୁକ୍ତ ଜୀବନ

## ସନ୍ତୋଷ ରଥ

ସକାଳ ଶେଫାଳି ଗଛ ତଳେ ଝରି
ହସୁଥାଏ ଖିଲି ଖିଲି
ଆଦର ପିଆସୀ କବରୀ ଗଜରା
ଅଧା ମରି କାନ୍ଦେ ଝୁଲି ।

କୋଇଲିର ତାନ ଗୋଠ ବଂଶୀ ସ୍ୱନ
ମନ ଛୁଏଁ ରହି ରହି
ସୁନା ପଞ୍ଜୁରିରେ ଶୁଆ ରାବୁଥାଏ
କର ମୋତେ ଏଥୁ ତ୍ରାହି ।

ଉଆଁସ ଆକାଶ ଦିଶେ ଝକମକ
ତାରା ହସ ଖିଲି ଖିଲି
ଲାଜକୁଳୀ ଅଗ କୁଆଁରୀ ସୁହାଗ
ଛୁଇଁ ଦେଲେ ଯାଏ ମରି ।

ନଈପଠା କୂଳେ ପଣତ ପଖାଳେ
କାଶତଣ୍ଡି ଝୁଲି ଝୁଲି
ମେଘ ଓଢ଼ଣିରୁ ଶାରଦ ଜହ୍ନଟା
ହସି ଚାହେଁ ଡୋଲି ଖୋଲି ।

ହଜିଯାଏ ହସ ଜୋଛନା ପରଶ
ଫେରି ଆସେ ଯେବେ ଦିନ
ବୈଶାଖୀ ଖରା କାହୁଁ ବା ବୁଝିବ
କାଶତଣ୍ଡି ଭିଜା ମନ ।

ବଣ ମଲ୍ଲୀ ବଣେ ଝରିବା ଜୀବନ
ନ ଲୋଡ଼େ ଆଦର ପ୍ରୀତି
ଝରା ଫୁଲ ବାସ ବଣର ମହକ
ବାସ ତା ଅଭୁଲା ସ୍ମୃତି ।

ନିଜର ସ୍ୱଭାବ ନୁହେଁ ପରାଭବ
ଥିଲେ ଥାଉ ପଛେ ଦାଗ
ମୁକୁଳା ଜୀବନ ସରଗ ସମାନ
ପରାଧୀନ ନର୍କ ଭୋଗ । ❑

"When you clutch at anything and try to make it your own with an egoistic sense of possession, then however beautiful and wonderful it may be, it loses its value and becomes ordinary."

(SABCL, Vol. 31, p. 255) – Sri Aurobindo

ଅର୍ଥାତ୍, ''ଯେତେବେଳେ ତୁମେ କୌଣସି ଜିନିଷକୁ ଜୋର୍ କରି ନିଜ ହାତ ମୁଠାରେ ଧରି ରଖ ଏବଂ ଅହଂକାରବଶତଃ ନିଜର ଅଧିକାରରେ ରଖିବାକୁ ଚେଷ୍ଟା କର, ସେତେବେଳେ ତାହା ଯେତେ ସୁନ୍ଦର ଓ ଆଶ୍ଚର୍ଯ୍ୟପ୍ରଦ ହୋଇଥାଉ ନା କାହିଁକି, ସେ ତାହାର ଗରିମା ହରାଇ ଅତି ସାଧାରଣ ହୋଇଯାଏ ।''

— ଶ୍ରୀଅରବିନ୍ଦ

ସିନ୍ଧୁରୁ ବିନ୍ଦୁଏ :

# ବିମର୍ଷ ବିଜୟ

## ସନ୍ତୋଷ ରଥ

ଗଗନ ପବନ        କମ୍ପେ ଘନ ଘନ
ବର୍ଷୁଛି ବହ୍ନି ତୁହାକୁ ତୁହା,
ଗର୍ଜେ କମାଣ        ଧୂମାଳ ଅୟନ
ଶରଣ ନିମନ୍ତେ ନ ମିଳେ ରାହା । (୧)

ସମୃଦ୍ଧ ସହର        ବିଜନ ବିସ୍ତର
ସୁଡ଼ଙ୍ଗ ହୁଅଇ ଆଶ୍ରୟସ୍ଥଳ,
ରହିଲେ ବି କାହିଁ        ନ ମିଳଇ ତ୍ରାହି
ଭିକ୍ଷା ଥାଳ ଧରି ଭ୍ରମୁଛି କାଳ । (୨)

ରୁଧିର ପିପାସା        ପିଶାଚର ତୃଷା
ମେଣ୍ଟି ନାହିଁ କେବେ ସମର ନିଶା,
ଗଢ଼ା ଇମାରତ୍        ହୁଏ ଧୂଳିସାତ୍
ସମରେ ନ ମିଳେ ଶାନ୍ତିର ଦିଶା । (୩)

ଲିଭିଛି ସିନ୍ଦୂର        ଭାଲପଟୁ କା'ର
ଛେଉଣ୍ଡ ହେଉଛି ଅଚିରେ କେହି,
ନ ହୋଇ ନିଧନ        ଦହେ ଅପଘନ
ଶୋକ ଜର ଜରେ କମ୍ପୁଛି ମହି । (୪)

ଶରଣ ଶିବିରେ        ଶରଣାର୍ଥୀ ମେଳେ
ନ ମେଣ୍ଟଇ ତୃଷା ଉଦର ଜ୍ୱାଳା,
ଦିନୁ ଦିନ ବିତେ        ଅରାତି ସଂଘାତେ
ତୁଟି ଯାଏ ଆଶା ଜୀବନ ଭେଳା । (୫)

ଶୋଣିତରେ ଭିଜା        ସମରର ଧ୍ୱଜା
ଦଂଶନ ଆଶାରେ ଆହତ ରୋଷ,
ଦୁର୍ଜୟ ଲାଳସା        ରିକ୍ତ ପରିଭାଷା
ହତଶିରୀ ହୁଏ ଆତ୍ମିକ ସ୍ୱର୍ଶ । (୬)

ହେଉ ବା ବିଜୟ        ଅବା ପରାଜୟ
ସମର ଯାତନା ଯମ ଯନ୍ତ୍ରଣା,
ଧ୍ୱଂସ ସ୍ତୂପ ତଳେ        ଦିକ୍ ଦିକ୍ ଜଳେ
ଆରଣ୍ୟକ କ୍ଷୁଧା ଶତ୍ରୁ ଗଞ୍ଜଣା । (୭) ❑

"War is a dangerous teacher and physical victory leads often to a moral defeat."

(CWSA, Vol. 25, p. 52) – Sri Aurobindo

ଅର୍ଥାତ୍, ''ଯୁଦ୍ଧ ଏକ ମାରାତ୍ମକ ଶିକ୍ଷାଦାତା ଏବଂ ଭୌତିକ ବିଜୟ ପ୍ରାୟତଃ ଏକ ନୈତିକ ପରାଜୟର କାରଣ ହୋଇଥାଏ ।''

– ଶ୍ରୀଅରବିନ୍ଦ

# ସହୋଦର

## ସନ୍ତୋଷ ରଥ

ବର୍ଷୁଛି ଗୁଳି    ମେଦିନୀ କମ୍ପାଇ
ଗର୍ଜେ କମାଣ ଘନ
ପାହିଯିବ ରାତି    ହାରିବେ ଅରାତି
ଶୁଭିବ ଦୁନ୍ଦୁଭି ତାନ । (୧)

ବିଜୟର ଧ୍ୱଜା    ହୋଇଯିବ ସଜା
ଶୋଣିତ ହବନ ଢାଳି
ପରାଜୟ ନୁହେଁ    ବୀରର ଜାତକ
ପାତିବନି ଭିକ୍ଷା ଥାଳି । (୨)

ଏ ଦେଶେ ଜନମି    ଧନ୍ୟ ହୋଇଛି
ଅର୍ଜିତ ଯେତେ ପୁଣ୍ୟ
ତୁ ମୋହର ସାଥୀ    ମୁଁ ତୋର
ସାରଥୀ
ତେଜି ଆସ ଅଭିମାନ । (୩)

ଗଢ଼ିବା ଶିବିର    ଅତୁଟ ଛପର
ଭାଙ୍ଗି ପାରିବେନି କେହି
ଜନକ ଜନନୀ    ସରଗ ପୁରରୁ
ସରାଗେ ଅଛନ୍ତି ଚାହିଁ । (୪)

ହାୟରେ ବିଧାତା    ଏ କି ହେଲା ଦଶା
ଏତେ ସରି କିଏ କଲା
ଅଧା ଫୁଟା କଢ଼ି    ବୃନ୍ତରୁ ଛିଣ୍ଡାଇ
ଅପଯଶ ରଚି ଦେଲା । (୫)

ମୁଁ ଯେ ଥିଲି ତା'ର    ଆଖିର ଆଲୁଅ
ଅକାଳେ ଗ୍ରାସିଲା ରାହୁ



ତା' ବିହୁନେ କେବେ    ଢାଳିବିନି ଲୁହ
ଅଧର ପିଇବ ଲହୁ । (୬)

ବୋଝ କାହିଁ ହେବ    ଏ ମର ଶରୀର
ସେ ଯେ ମୋର ସହୋଦର
ଦେଶ ଦଶ ପାଇଁ    ଶହୀଦ ହୋଇଛି
ଥିଲା ଏକା ଆପଣାର । (୭)

ଅପେକ୍ଷା କରିଛି    ଶ୍ମଶାନ ଭୂଇଁରେ
ଭେଟି ଦେବି ଶେଷ ଦାନ
ଲିଭିଯିବ ସବୁ    ଏ ଜନମ ପାଇଁ
ସମ୍ପର୍କର ଯେତେ ଚିହ୍ନ । (୮)

ହୃଦେ ରଖିଥିବି    ତା' ସ୍ନେହ ସନ୍ତକ
ସେହି ଏକା ମୋର ରାହା
ସଂଗ୍ରାମ ମୋର    ଅତୁଟ ରହିବ
ଲୋଡ଼ା ନାହିଁ ଆନ ସାହା । (୯)

ବିଶ୍ୱ ଯୁଦ୍ଧର    ବିଭୀଷିକା ଭୟ
ହେଲା ଇତିହାସ କଥା
ସବୁରି ଅନ୍ତରେ    ଆଜି ବି ରହିଛି
ଦୁଇ ଭାଇଙ୍କର ଗାଥା । (୧୦)

ବାଳୁତ ବୟସେ    ବୀରତ୍ୱ ତାହାର
ରଚିଗଲା ଇତିହାସ
ସାହସିକତାର    ସ୍ମାରକୀ ସ୍ୱରୂପ
ଚିର ଅମ୍ଳାନ ଯଶ । (୧୧) ❑



ଘଟଣାଟି ୧୯୪୫ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର । ଜାପାନର ଅବସ୍ଥା ଭୟାବହ । ଶ୍ମଶାନ ଭୂଇଁରେ ଅପେକ୍ଷା କରିଛି ବାଳକଟିଏ; କେତେବେଳେ ତା'ର ପାଳି ପଡ଼ିବ । 'ନା, କାନ୍ଦିବିନି'– ଶପଥ ନେଲା ବାଳକ । ସବୁ କୋହକୁ ଚାପିଧରିଲା ଓଠ । ଆଖିର ଲୁହ ବଦଳରେ ଓଠରୁ ଝରି ପଡ଼ିଲା କେଇ ବିନ୍ଦୁ ଲହୁ । ତଥାପି ଅବିଚଳ ତାହାର ଅପେକ୍ଷା ।

ବାଳକର ଏ ଅବସ୍ଥା ଦେଖି ଶ୍ମଶାନ ଜଗୁଆଳି ଦୟା ଦେଖାଇ କହିଲା 'ପିଠିର ବୋଝକୁ ମୋତେ ଦେଇ ଦିଅ ।' ପ୍ରତ୍ୟୁତ୍ତର ମିଳିଲା 'ଦେଇ ଦେବି ! ଏ ମୋ ପାଇଁ ବୋଝ ନୁହେଁ, ଏ ମୋର ଭାଇ ।'

ମୃତ ଭାଇର ଶବକୁ ପିଠିରେ ଧରି ସେମିତି ଠିଆ ହୋଇ ରହିଲା ବାଳକ...

ଏହି ମର୍ମସ୍ପର୍ଶୀ ଛବିଟି ଆମେରିକୀୟ ଫଟୋଗ୍ରାଫର୍ Joe O'Donnell ଉତ୍ତୋଳନ କରିଥିଲେ । ଯାହାର କାହାଣୀଟି ଏବେ ବି ଜାପାନରେ 'ସାହସିକତାର ସ୍ମାରକୀ' ଏବଂ ଛବିଟି 'ସାମର୍ଥ୍ୟର ପ୍ରତୀକ' ରୂପେ ବ୍ୟବହୃତ ହୁଏ ।

ଏହା ଏତେ ଯନ୍ତ୍ରଣାଦାୟକ ତଥାପି କେତେ ପ୍ରେରଣାପ୍ରଦ !

ସିନ୍ଧୁରୁ ବିନ୍ଦୁଏ :

# ଶ୍ରୀଅରବିନ୍ଦ ଶରଣଂ

## ସନ୍ତୋଷ ରଥ

ଅଖିଳ ମୋହନ ଆହେ ଜନାର୍ଦନ
ଆଦି ସୃଜନର ସ୍ପନ୍ଦନ
କାରଣ ତାରଣ ତୁମେ ଜାଗରଣ
ହିରଣ୍ମୟ ସତ୍ୟ ସନାତନ
ହୃଦ ମକରନ୍ଦ ଶ୍ରୀଅରବିନ୍ଦ
ଘେନ ଆମ ଅଭିନନ୍ଦନ ।୧।

ତୁମେ ଚେତନର ଚିତ୍ ଝଙ୍କାର
ତୁମେ ଶ୍ରୁତି ଶବ୍ଦ ଶୁଭ ଓଁକାର
ତୁମେ ଅଣାକାର ବ୍ୟାପ୍ତ ଚରାଚର
ଜୀବନ ହବନ ଯଜ୍ଞବେଦୀରେ
ତୁମେ ପୂର୍ଣ୍ଣାହୁତି ଯୋଗେଶ୍ୱର ।୨।

ତୁମେ ଅଧିମାନସର ତ୍ରାଣକର୍ତ୍ତା
ତୁମେ ଅତିମାନସର ଉଦ୍‌ଗାତା
ସମଗ୍ର ଜୀବନ ଯୋଗ ଅନୁପମ
ପୂର୍ଣ୍ଣଯୋଗ ପୂର୍ଣ୍ଣ ସଂହିତା
ଆହେ ସିଦ୍ଧିଦାତା
ରୂପାନ୍ତର ପାଇଁ ଅବୋଧ ଅକ୍ଷମ
କ୍ଷମ ଅପରାଧ ତୁମେ ଭର୍ତ୍ତା ।୩।

ତୁମେ ସଖା ତୁମେ ମୋର ସହୋଦର
ତୁମେ ସାରଥି ସାଜିଛ ମୋ ରଥର
ଚକ୍ରବ୍ୟୂହ ଯଦି ତୁମ ସରଜନା
ତ୍ରାହି କର ଆହେ ଚକ୍ରଧର
ଆହେ ଶ୍ୱେତାମ୍ବର
ଅପଲକ ତୁମ ନେତ୍ର ଯୁଗଳ
ପାତକ ପାବନୀ ଶ୍ରୀପୟର ।୪।

ତୁମେ କଳଙ୍କ ବିହୀନ ଶୁଭ୍ରତା
ବିଶ୍ୱ ଆନନ୍ଦ ଛନ୍ଦର ମାଦକତା
ତୁମ ଜନ୍ମବାସର ମହାନତା
ବିଧି ବରିଲା ଭାରତ ସ୍ୱାଧୀନତା
ଆଧ୍ୟାତ୍ମିକତାର ଜୈତ୍ର ଉଡ଼ାଇ
ଛିନ୍ନ କଲ ଯେତେ ସଂକୀର୍ଣ୍ଣତା
ଆହେ ମୁକ୍ତିଦାତା
ତୁମେ ଅତିମାନବର ଜନ୍ମଦାତା ।୫।

ଜ୍ଞାନ ନୁହେଁ ତୁମେ ପ୍ରଜ୍ଞାଭିଧାନ
ମୃତ୍ୟୁ ନୁହେଁ ତୁମେ ସଞ୍ଜୀବନ
ଅମରତ୍ୱ ପାଇଁ ତୁମ ଅଭିଯାନ
ବ୍ୟର୍ଥ ନୋହିବ କଦାଚନ
ଆହେ ପରମ ବ୍ରହ୍ମ
ଜନ୍ମ ବାସରରେ ବସୁଧା ବନ୍ଦଇ
ଘେନା କର ଆମ ନିବେଦନ ।୬।

❑❑❑

ଏହି ପୃଥିବୀର ଆଧ୍ୟାତ୍ମିକ ପ୍ରଗତିର ଇତିହାସରେ ଶ୍ରୀଅରବିନ୍ଦ ଯେଉଁ ସତ୍ୟଟିର ପ୍ରତିନିଧିତ୍ୱ କରୁଛନ୍ତି, ତାହା ଏକ ଶିକ୍ଷା ନୁହେଁ, ଏକ ସତ୍ୟୋଦ୍‌ଘାଟନ ମଧ୍ୟ ନୁହେଁ; ଏହା ହେଉଛି ଏକ ଋଦ୍ଧିମନ୍ତ କର୍ମଧାରା, ଯାହାକି ସିଧା ସେହି ସର୍ବୋଚ୍ଚ ପରମସତ୍ତାଙ୍କ ଠାରୁହିଁ ପ୍ରେରିତ ହୋଇ ଆସୁଛି ।

*୧୫ ଅଗଷ୍ଟ ୧୯୬୪* — ଶ୍ରୀମା

ସିନ୍ଧୁରୁ ବିନ୍ଦୁଏ :

# ବ୍ୟର୍ଥ ବିରୋଧ

## ସନ୍ତୋଷ ରଥ

କୌରବ ସମର ପ୍ରଖରୁ ପ୍ରଖର
କୁରୁକ୍ଷେତ୍ର ଥରହର,
ଥାଟ ପାଟ ଗଜ ହୋଇଛନ୍ତି ସଜ
ଯୁଝିବାକୁ ଚକ୍ରଧର ।୧।

ସପ୍ତ ମହାରଥୀ ସାତ୍ୟକି ସାରଥି
ଭୀଷ୍ମ ଆଦି ଯୋଦ୍ଧୃବର,
ସର୍ବେ ନିଜ ନିଜ ସାମର୍ଥ୍ୟ ସଜାଇ
ହୋଇଛନ୍ତି ଆଗଭର ।୨।

ଜଉଘର ଛଳ ସତରଞ୍ଜି ଖେଳ
କୁଟନୀତି ଆଖି ଠାର,
ମାତୁଳ ବଚନ ରଣାଙ୍ଗ ସମନ
ସତ ହୁଏ ସାତପର ।୩।

ବିଜୟର ସ୍ୱାଦ ହୁଅଇ ପ୍ରମାଦ
ଅଧର୍ମ ହୋଇଲେ ତ୍ରାସ
ପ୍ରତିହିଂସା ଛାଇ ସାରଥି ସାଜଇ
ସାଞ୍ଜୁ ସାଜେ ନିଜ ରୋଷ ।୪।

ବ୍ରହ୍ମ ଅସ୍ତ୍ର ଥାଇ ନ ମିଳଇ ତ୍ରାହି
ପରିଣାମ ହୁଏ ଭିନ୍ନ,
ଏକା ସୁଦର୍ଶନ କେ ହେବ ଭାଜନ
ବ୍ୟର୍ଥ ସବୁ ପ୍ରହସନ ।୫।

ଦାନ ପଣେ କର୍ଣ୍ଣ ଦୁର୍ଯ୍ୟୋଧନ ମାନ
ପୃଥୀରେ ବିରଳ ଯଶ,
ବିରୋଧ ପ୍ରୟାସ ଶେଷେ ନାଗଫାଶ
ପରମଙ୍କୁ ଉପହାସ ।୬।

ହେଲେ ବି ସାମନ୍ତ ସୁତ ପୁତ୍ର ମିତ୍ର
ବିରୋଧ ସର୍ବ ଅନର୍ଥ,
ଅସତ୍ୟ କି କେବେ ହୋଇବ ସମର୍ଥ
ଯୁଝିବାକୁ ପରମାର୍ଥ ।୭। ❑

All human will which is against the divine Will is an anti-divine will. That's all. No matter where it manifests, even in you !

(CWM-6, p. 457) The Mother

ମନୁଷ୍ୟର ଯେଉଁସବୁ ଇଚ୍ଛା ଦିବ୍ୟ ପରମଙ୍କ **ଇଚ୍ଛା**ର ବିରୋଧୀ ହୋଇ ରହିଥାଏ, ତାହା ଏକ ଦିବ୍ୟତା-ବିରୋଧୀ ଇଚ୍ଛା । ବାସ୍, ସେତିକି । ତାହା କାହା ଭିତରେ ଅଭିବ୍ୟକ୍ତ ହେଉଛି, ସେଥିରେ କିଛି ଯାଏ ଆସେ ନାହିଁ, ଏପରିକି ତୁମ ଭିତରେ ମଧ୍ୟ !

— ଶ୍ରୀମା

**ସିନ୍ଧୁରୁ ବିନ୍ଦୁଏ :**

# ସୁଖ

## ସନ୍ତୋଷ ରଥ

ସୁଖ ନୁହେଁ କେବେ ବଜାର ସଉଦା
ଗଭା ଖୋସା ଝରା ଗଜରା,
ଅଳସ ବିଳାସ ଫମ୍ପା ଅଭିଳାଷ
ସୁଖକୁ ନ ଦିଏ ସାହାରା ।୧।

ସେ ଯେ ଅଲିଅଳି ଏକଇ ଦୁଲାଳୀ
ସପନର ରାଜହଂସୀ,
ନ ଦିଅଇ ଧରା ଦରିଦ୍ର ପସରା
ଉପହାସ ଦିଏ ବର୍ଷି ।୨।

ତୁଳି ତଳ୍ପ ଶେଯ ରାଜଭୋଗ ସାଜ
ଲାଗେ ଅଦିନିଆ ବରଷା,
ମରୀଚିକା କେବେ ନୁହେଁ ସରୋବର
ଶୋଷକୁ ନମିଳେ ଭରସା ।୩।

ଜ୍ଞାନ କର୍ମ ଦୁହେଁ ସଖା ସହୋଦର
ଭାଗୀଦାର ଭାଗ୍ୟବନ୍ତ,
ସୁବର୍ଣ୍ଣ କଳସୀ ବରଷିଲେ ଥରେ
ଅଚେତନ ହନ୍ତସନ୍ତ ।୪।

କଣ୍ଟାକୁ ଆଡ଼େଇ ବାଟ ଚାଲୁଥିଲେ
ବାଟ ପଡ଼ିଯାଏ ନିଅଣ୍ଟ,
ସୁଡ଼ଙ୍ଗ ସେପାରି ଆଲୁଅ ଦୀପାଳି
ପ୍ରଗତିକୁ କରେ ପ୍ରକଟ ।୫।

ଜ୍ଞାନର ଅବଧି ଅମେୟ ଉଦଧି
କେହି ନୁହେଁ ତା'ର ସମ,
ଗଣ୍ଡକୀ ବେଳାରୁ ଯେତେ ସାଉଁଟିଲେ
ସରେ ନାହିଁ ଶାଳଗ୍ରାମ ।୬।

ଜଳ ଢଳ ଢଳ ତୁଠ ନିରିମଳ
ଦଳକୁ ପାରିଲେ ଆଡ଼େଇ,
ଶୋଷ ହୁଏ ତୋଷ ଭରଣା ପାରୁଶ
ସୁଖ ବହେ ଫଲ୍‌ଗୁ ହୋଇ ।୭। ❑

"Indeed, *making progress, overcoming a difficulty, learning something, seeing clearly into an element of unconsciousness* – these are the things that make one *truly happy*."

(CWM - Vol. 16, p. 32) The Mother

''ବାସ୍ତବିକ, ଅଗ୍ରଗତି କରିବା, କୌଣସି ଅସୁବିଧା ଉପରେ ବିଜୟ ହାସଲ କରିବା, କିଛି ଶିକ୍ଷା କରିବା, ଅଚେତନାର କୌଣସି ଉପାଦାନ ମଧ୍ୟକୁ ଏକ ସ୍ୱଷ୍ଟ ଅନ୍ତର୍ଦୃଷ୍ଟି ଲାଭ କରିବା,– ଏହିଗୁଡ଼ିକହିଁ ଜଣେ ବ୍ୟକ୍ତିକୁ ଯଥାର୍ଥ ଭାବରେ ସୁଖୀ କରାଇ ଥାଏ ।''

– ଶ୍ରୀମା

**ସିନ୍ଧୁରୁ ବିନ୍ଦୁଏ :**

# ବନ୍ଧୁର ପରିଭାଷା

## ସନ୍ତୋଷ ରଥ

ବନ୍ଧୁ ନୁହେଁ କେବେ ବନ୍ଧୁର ପଥ
ଚୋରା ବାଲି ସଜା ସୁଡ଼ଙ୍ଗ
ସେ ଯେ ମରୁଝର ଆଶା ବତୀଘର
ଇନ୍ଦ୍ରଧନୁ ଖଞ୍ଜା ସାରଙ୍ଗ । (୧)

ସେ ନୁହେଁ ବଇରୀ ବ୍ୟାଧ ପେଷାଦାରୀ
ସଂଘାତ ନୁହଁଇ ମସୁଧା
ଥୁଣ୍ଟା ଅପନ୍ତରା ଭଙ୍ଗା ଜୀବନରେ
ହରିତା ବରଣୀ ବସୁଧା । (୨)

ପ୍ରୀତି ରୁଖା ରଖା ମଙ୍ଗଳ ଦୀପାଳି
ପ୍ରେମ ତା'ର ଯହିଁ ସଳିତା
ସ୍ୱାର୍ଥର ଅଞ୍ଜଳି ଆହୁତି ଅରପି
ସେ ଯେ ଅଭାଗିନୀ ଭରତା । (୩)

ନୁହେଁ ଦଗାଦିଆ ଅଦିନ କୁଣିଆ
ଗ୍ରହଣ ଖଣ୍ଡିଆ ଚନ୍ଦ୍ରମା
ରାହୁ ମୁକ୍ତ ସୂର୍ଯ୍ୟ ସମ ତା'ର ତେଜ
ବନ୍ଧୁ ପଣ ସାଜେ ଧରମା । (୪)

ପ୍ରଗତି ପଥର ସେ ଯେ କର୍ଣ୍ଣଧାର
ପ୍ରତିଶ୍ରୁତି ନୁହେଁ ଛଳନା
ତା' ପ୍ରେରଣା ତୀର ଲଙ୍ଘେ ତିମିର
ସଦା ଅମଳିନ ଆଇନା । (୫)

ବନ୍ଧୁ ବନ୍ଧା ଡୋର ଅଜର ସଜୋର
ତୁଟେ ନାହିଁ ଅଦ୍ଧ ଅଦ୍ଧ
ରାଜ ଦରବାରେ ଶ୍ମଶାନ ଅନ୍ଧାରେ
ନାହିଁ ଆନ ପ୍ରତିଶବ୍ଦ । (୬)

ସେ ଭାବ ପୀରତି ପାବକ ପ୍ରତୀତି
ସ୍ୱର୍ଗ ସୁଧା ଝରା ନିର୍ଝର
ଜୀବନ କରଜ ଦେଏଣା ଖାତାରେ
ସାକ୍ଷୀ ନୁହେଁ ସ୍ୱର୍ଣ୍ଣ ସ୍ୱାକ୍ଷର । (୭) ❑

"Indeed, you should choose as friends only those who are wiser than yourself, those whose company ennobles you and helps you to master yourself, to progress, to act in a better way and see more clearly."

(CWM - Vol. 9, p. 58) The Mother

''ଯେଉଁମାନେ ତୁମଠାରୁ ଅଧିକ ବିଜ୍ଞ ଓ ବିବେକସମ୍ପନ୍ନ, ଯେଉଁମାନଙ୍କର ସାନ୍ନିଧ୍ୟ ତୁମକୁ ନୀତିନିଷ୍ଠ କରାଏ, ନିଜକୁ ନିଜର ନିୟନ୍ତ୍ରଣରେ ରଖିବାକୁ, ଅଗ୍ରଗତି କରିବାକୁ, ଅଧିକ ଭଲ କର୍ମ କରିବାକୁ ଓ ଅଧିକ ସ୍ୱଚ୍ଛ ଭାବରେ ଦେଖିପାରିବାକୁ ସାହାଯ୍ୟ କରେ, ତୁମେ କେବଳ ସେହିମାନଙ୍କୁହିଁ ଆପଣାର ବନ୍ଧୁ ଭାବେ ନିର୍ବାଚନ କରିପାରିବ ।''

— ଶ୍ରୀମା

ସିନ୍ଧୁରୁ ବିନ୍ଦୁଏ :

# ନୀରବତା

## ସନ୍ତୋଷ ରଥ

ନାହିଁ କୋଳାହଳ ଶବ୍ଦ କଳରୋଳ
ନିଃଶବ୍ଦ ନିଶ୍ଚଳ ନୀରବତା କୋଳ
କାହିଁ କେତେ ଯୁଗୁ ସେ ଅଛି ମଉନ
ତା' ମଧ୍ୟେ ପୃଥିବୀ ଘୂରେ ନିତିଦିନ ।୧।

ନୀରବତା ମନ୍ତ୍ର ସୃଜିଛି ଜଗତ
ବୀଜ ରୂପେ ପୁନଃ ହୋଇଛି ପ୍ରୋଥିତ
ପ୍ରଳୟ ପ୍ରସ୍ଥାନେ ସେହି ଏକା ରାଜେ
ବହଳ ଶୂନ୍ୟତା ଅଙ୍ଗରକ୍ଷୀ ସାଜେ ।୨।

ଅପଲକ ତା'ର ନେତ୍ର ଯୁଗଳ
ନିରେଖଇ ସଦା କର୍ମ ସକଳ
ଜଗତ ପୁସ୍ତକେ ଲେଖା ସର୍ବ ସୂକ୍ତ
ନୀରବତା ସୂତ୍ରେ ସେ ସର୍ବ ଗ୍ରଥିତ ।୩।

ନୀରବତା ମଧ୍ଯୁ ଭାବନାର ସୃଷ୍ଟ
ନୀରବତା ମଧ୍ୟେ ହୁଅଇ ପ୍ରବିଷ୍ଟ
ଜୀବନ ସମୁଦ୍ରେ ନିୟତ ମନ୍ଥନ
ମାତ୍ର ନୀରବତା ଶେଷ ସମାଧାନ ।୪।

ଇଥର ଆକାଶ ନୀରବତା ଭରା
ନିଜେହିଁ ନିଜକୁ ଦିଅଇ ଇସାରା
ଧ୍ୱନି ପ୍ରତିଧ୍ୱନି କ୍ଷଣିକ ଜୀବନ
ନିଶବଦ ମଧ୍ୟେ ହୁଅନ୍ତି ବିଲୀନ ।୫।

ନୀରବତା ସ୍ୱାଦ ନ ବୁଝଇ ଆନ
ଯା' ପାଇଁ ବ୍ୟାକୁଳ ମୁନି, ଜ୍ଞାନୀଜନ
ଏ ସାରା ଜୀବନ ସାଧନ ଅୟନ
ନୀରବେ ପ୍ରାପତ ଅନ୍ତିମ ସମନ ।୬।

ନୀରବ ସାନ୍ନିଧ୍ୟ ନୀରବତା ବୁଝେ
ହୃଦ ଆଇନାରେ ତୁମ ଛବି ଖୋଜେ
ଶୁଭେ ବଂଶୀ ସ୍ୱନ ଅଶୁଭା ଲହର
ବିଜନ ବେଳାରେ ହୁଏ ଏକାକାର ।୭। ❑

Silence is all, say the sages.
Silence watches the work of the ages;
In the book of Silence the cosmic Scribe has written his cosmic pages :
Silence is all, say the sages.
(Collected Poems - Vol. 2 : p - 644) Sri Aurobindo

''ନୀରବତା ସବୁକିଛି, କହିଥା'ନ୍ତି ବିଜ୍ଞ ବ୍ୟକ୍ତିଗଣ ।
ନୀରବତା ସତର୍କତା ସହ ଜଗି ଅଛି ଯୁଗ ଯୁଗର କର୍ମ ପ୍ରବାହ;
ନୀରବତାର ଗ୍ରନ୍ଥରେ ବିଶ୍ୱର ପୃଷ୍ଠାସବୁ ଲିପିବଦ୍ଧ କରିଛନ୍ତି ମହା ଜାଗତିକ ଲିପିକାର :
ନୀରବତା ସବୁକିଛି, କହିଥା'ନ୍ତି ବିଜ୍ଞ ବ୍ୟକ୍ତିଗଣ ।''

— ଶ୍ରୀଅରବିନ୍ଦ

**ସିନ୍ଧୁରୁ ବିନ୍ଦୁଏ :**

# ସ୍ମିତହାସ୍ୟ

## ସନ୍ତୋଷ ରଥ

ନୁହେଁ ସ୍ମିତହାସ୍ୟ    ଥଟ୍ଟା ପରିହାସ
ଉପହାସ ମିଶା ଗଞ୍ଜଣା
ଅଟ୍ଟହାସ୍ୟ ସ୍ୱାଦ    ରିକ୍ତ ପରମାଦ
ଚକ୍ରବୃଦ୍ଧି ସୁଧ ଖଜଣା ।୧।

କପଟୀର ହସ    ସତରଞ୍ଜି ଫାଶ
ସକାଳକୁ ଗ୍ରାସେ ଅକାଳ
ଫଳ ମହାକାଳ    ଆରକ୍ତ କରାଳ
ମଧୁମଖା ତିକ୍ତ ରସାଳ ।୨।

ଖୋଲା ହସ କୂଳ    ମେଳଣ ପ୍ରବାଳ
ଭଙ୍ଗା ନ ପାରଇ ଆଡ଼େଇ
ଉଆଁସୀ ଅନ୍ଧାର    ଭାଗ୍ୟଲେଖା ଗାର
ନିମିଷକେ ଯାଏ ଉଭାଇ ।୩।

ଲାଗେ ଫିକା ଫିକା    ମୟୂର ଚନ୍ଦ୍ରିକା
ଊଣା ଥିଲେ ହସ ଫରୁଆ
ଆଶା ଇନ୍ଦ୍ରପୁର    ଦରିଦ୍ର କୁଟୀର
ପିତାମ୍ବରୀ ଲାଜେ ଗେରୁଆ ।୪।

ତପତ ଅଙ୍ଗାର    ଯଦି ହୁଏ ଭାର
ତୁଟି ଯାଏ ସବୁ ସାହାରା
ହସ ପଞ୍ଚାମୃତ    ସଞ୍ଜୀବନୀ ମନ୍ତ୍ର
କଅଁଳି ଉଠଇ ଟାଙ୍ଗରା ।୫।

ଢେଉ ଟଳମଳ    ଫୁଟା କଳେବର
ସାତ ସିଆଁ ଭାଲ ଅଝାଲ
ହସର ଆହୁଲା    ବାହିନିଏ ଭେଳା
କୂଳ ଛୁଏଁ ଶେଷ ପାହୁଲ ।୬।

ଉଛୁଳେ ଯମୁନା    ଗୋପୀ ଆନମନା
ଶୁଣି ଦେଲେ ମଧୁ ମୂର୍ଚ୍ଛନା
ଗୋଲାପି ଅଧର    ହାସ୍ୟ ବଂଶୀ ସ୍ୱର
କୁଞ୍ଜ ଶିରି କଞ୍ଜ ନୟନା ।୭।

ସେ ହସ ଆଧାର    ଭୟ କରେ ଦୂର
ଫିଟି ଯାଏ ହୃଦ ଗୁମୁଟ
ମେଣ୍ଟି ଯାଏ ଆଣ୍ଟ    ଷଡ଼୍‌ରିପୁ ଘଟ
ନିଜେହିଁ ନିଜର ସମ୍ରାଟ ।୮। ❑

Learn to smile always and in all circumstances; to smile at your sorrows as well as your joys, your sufferings as well as your hopes, for in a smile there is a sovereign power of self-mastery.

(CWM, Vol. 14, p. 177) – The Mother

ସର୍ବଦା ଓ ସକଳ ପରିସ୍ଥିତିରେ ତୁମେ ହସିବାକୁ ଶିଖ; ସୁଖ ପରି ଦୁଃଖରେ ମଧ୍ୟ ହସିବାକୁ ଶିଖ, ଯନ୍ତ୍ରଣା ଓ ଆଶା ସବୁରି ମଧ୍ୟରେ ହସିବାକୁ ଶିଖ, କାରଣ ଏହି ହସିବା ଭିତରେହିଁ ନିଜ ଉପରେ ପ୍ରଭୁତ୍ୱ ହାସଲ କରିବାର ସର୍ବୋଚ୍ଚ ଶକ୍ତିଟି ନିହିତ ହୋଇ ରହିଥାଏ ।

– ଶ୍ରୀମା

**ସିନ୍ଧୁରୁ ବିନ୍ଦୁଏ :**

# ବିଫଳତା ବି ବନ୍ଧୁ

## ସନ୍ତୋଷ ରଥ

ଜୀବନଟା ନୁହେଁ     ଗୋଲାପି ଗାଲିଚା
ଆଷାଢ଼ୀ ଆକାଶ ବର୍ଷା ଝଡ଼ି
କେତେ ବୈଶାଖୀ     ଟଇତାଳି ତାତି
ସଜଡ଼ା ଉଜୁଡ଼ା ରଙ୍ଗ ଅଜାଡ଼ି । (୧)

ବାଟ ଖାଲ ଖମା     ଭରିଛି ଅରମା
ଖସଡ଼ା ପାହାଚ ଧାଡ଼ି କି ଧାଡ଼ି
ପତନ ଉତ୍ତାରୁ     ଉତ୍ଥାନର ଆଶା
ଧାପେ ଧାପେ କରି ଉଠଇ ଶିଡ଼ି । (୨)

ଅନ୍ଧାର ଆଲୁଅ     ଲୁଚକାଳି ଖେଳ
ବେଳାବୁକେ ଭରା ବିପଣି ମାଳା
ଆଶାର କଉଡ଼ି     ଅଣ୍ଟିରେ ସଜାଡ଼ି
ଜୀବନ ବୋଇତ ବାନ୍ଧିଛି ଭେଳା । (୩)

ସାଥୀ ଅନୁଭୂତି     ଦରଭୁଲା ସ୍ମୃତି
ଫୁଟା କଣ୍ଟା ପାଦୁ ପାରିଲେ କାଢ଼ି
ଅଧାବାଟୁ ଡରି     କେହି ଗଲେ ଫେରି
ଅଭିଜ୍ଞତା ସ୍ୱାଦ ଯାଏ ଉଜୁଡ଼ି । (୪)

ନୁହେଁ ପରିପକ୍ୱ     ନିମିତ୍ତ ମାତ୍ରକ
ସର୍ବେ ସବ୍ୟସାଚୀ ଜୀବନ ରଣେ
ଜୟ ପରାଜୟ     ନୁହଁଇ ପ୍ରମେୟ
ପୂର୍ଣ୍ଣତା ପ୍ରୟାସ ପ୍ରତିଟି କ୍ଷଣେ । (୫)

ବିଫଳତା ଭୟ     ବୁଦ୍‌ବୁଦ ପ୍ରାୟ
କ୍ଷଣେ ଜିଇ ପୁଣି ଯାଏ ଉଭାଇ
ଆଦିମ ଅର୍ଦଳି     ନ ବାନ୍ଧେ ପୁଟୁଳି
ଘୁଞ୍ଚେ ବିଭାବରୀ ବିକଚେ କଇଁ । (୬)

ହେଉ କାରାଗାର     ଅବା ସ୍ୱର୍ଗଦ୍ୱାର
ସମର ପ୍ରାଙ୍ଗଣ ଜୀବନ ପଣ
ମୁକ୍ତ ବାତାୟନ     ଶେଷ ସମାଧାନ
ଭରଣା ଗଉଣି ଶୁଝାଏ ଋଣ । (୭) ❑

"...it is certain that the experience of a life of failure and defeat is just as useful to the soul's growth as the experience of a life of success and victory;"

(CWM, Vol. 10, p. 56) – The Mother

''...ଏକଥା ନିଶ୍ଚିତ ଯେ ବିଫଳତା ଓ ପରାଜୟ ଭୋଗ କରିଥିବା ଜୀବନର ଅଭିଜ୍ଞତା; ସଫଳତା ଓ ବିଜୟ ପ୍ରାପ୍ତ କରିଥିବା ଜୀବନର ଅଭିଜ୍ଞତା ସହ ସମାନ ଏବଂ ଆତ୍ମାର ଅଭିବୃଦ୍ଧି ସାଧନରେ ସମ ଭାବରେ ଉପଯୋଗୀ ହୋଇଥାଏ ।''

— ଶ୍ରୀମା

ସିନ୍ଧୁରୁ ବିନ୍ଦୁଏ :

# ଅଲୋଡ଼ା ଅତୀତ

## ସନ୍ତୋଷ ରଥ

ଶଇଳ ଶିଖରୁ ଗିରି କନ୍ଦରରୁ
ନିର୍ଝର ଝରଇ ଗାଇ ସଙ୍ଗୀତ
ବହେ ଖରସ୍ରୋତ ବହଇ ନିରତ
ଭେଟିବାକୁ ସିନ୍ଧୁ, ତା' ମନୋରଥ । (୧)

ଥିଲେ ବି ସଙ୍କଟ ଘଟ ବାଟ ଘାଟ
ଲେଉଟି ଚାହେଁନି ବହନ୍ତା ନଈ
କାଳ ସ୍ରୋତ ଧାର ତୂଣୀରର ତୀର
ନ ଫେରଇ କେବେ ଚଳନ୍ତା ଛାଇ । (୨)

ଶୁଝିଲା କରଜ ହଜିଲା ଦରଜ
ହେଜିଲେ ହୁଅଇ ଗୁଣ ଦିଗୁଣା
ବୃଥା ପଶ୍ଚାତ୍ତାପ ମନର ସନ୍ତାପ
ଭରିବନି କେବେ ଗଳିଆ ବଣା । (୩)

ବିତିଲା ବୟସ ଫିକା ଆତ୍ମତୋଷ
ଗୋଦର ଗୋଡ଼ର ବାଟିଏ ଚାଷ
କୋଡ଼ଇ ଯେତିକି ମାଡ଼ଇ ସେତିକି
ମୁଗୁରା ମୁକୁଳା ଅବନ୍ଧା ଫାଶ । (୪)

ଅତୀତକୁ ଚାହିଁ ମନ ଗଲେ ଶୋଇ
ଫିଟେନି କବାଟ ସରେନି ବାଟ
ଚାଲିବାକୁ ହେବ ବାକି ଯାହା ଥିବ
ସଙ୍କଳ୍ପ ସଉଧ ଥିଲେ ଅତୁଟ । (୫)

ହେଲେ ବି ଉଜାଣି ଅନ୍ଧ ଯିବ ଜିଣି
କାଲିର ସକାଳ ଯାହାର ଦିଶା
ସେହି ଏକା କ୍ଷମ ଶ୍ରେଷ୍ଠରୁ ଉତ୍ତମ
ବର୍ତ୍ତମାନ ସାଥୀ ଭବିଷ୍ୟ ଆଶା । (୬)

ମନ ହେଲେ ରାଟ ହୋଇଯିବ ଭେଟ
ହଜିଲା କଉଡ଼ି ଖୋଜିଲା ଅଣ୍ଟି
ନିହାତି ଅଲଣା ଅତୀତ ଅଗଣା
ନ ଫେରିଲେ ଶୁଭେ ବିଜୟ ଘଣ୍ଟି । (୭) ❑

"Do not let your mind go back on a work that is finished. It belongs to the past and all rehandling of it is a waste of power."

(SABCL, Vol. 29, p. 287) – Sri Aurobindo

''ଯେଉଁ କାମଟି ଶେଷ ହୋଇଗଲା, ତୁମର ମନ ସେ ଆଡ଼କୁ ଆଉ ଫେରି ନ ଚାହୁଁ । କାରଣ ତାହା ଅତୀତର ପରିସରଭୁକ୍ତ ଏବଂ ସେସବୁର ରୋମନ୍ଥନ କରିବା ଶକ୍ତିର ଅପଚୟ ମାତ୍ର ।''

– ଶ୍ରୀଅରବିନ୍ଦ

**ସିନ୍ଧୁରୁ ବିନ୍ଦୁଏ :**

# ଅଫେରା ଜୀବନ

## ସନ୍ତୋଷ ରଥ

ବାସ ଭଳି ଭଳି ଚମ୍ପକ ଶେଫାଳି
ରଙ୍ଗ ଜୁଡ଼ୁବୁଡ଼ୁ କୃଷ୍ଣଚୂଡ଼ା
ପଳାଶ ପରାଗ ଭରା ଅନୁରାଗ
ବାର ମାସେ ରାଜେ ତେର ଆଖଡ଼ା । (୧)

ଅବନ୍ଧା ସେ ସ୍ରୋତ ବହେ ଅବିରତ
ପୋତେ ବସିଛନ୍ତି ସଖା ସୋଦର
ସରାଗ ସୁନ୍ଦର ସମ୍ପର୍କର ଡୋର
ଛିଣ୍ଡି କେବେ ପୁଣି ହୁଏ ସଜୋର । (୨)

ରହିଛି ବିପତ୍ତି ଝଡ଼ ଝଞ୍ଜା ଭୀତି
ଝଡ଼େ କେବେ ଫୁଲ, ଅଫୁଟା କଢ଼ି
ବଇଶାଖ ଶେଷେ ବରଷା ବରଷେ
ତୁଟି ଯାଏ ମନୁ ନିରାଶା ବେଢ଼ି । (୩)

ପ୍ରିୟଜନ ପ୍ରୀତି ନିଜ ପ୍ରତିପତ୍ତି
ମୋହ ଆଇନାରେ ଛବି ଦେଖଇ
ଭାବେ ଚିରସ୍ଥାୟୀ ଭସା ମେଘ ଛାଇ
ସ୍ୱପ୍ନ ଇନ୍ଦ୍ରଧନୁ ନଯିବ ଧୋଇ । (୪)

ବିଜନ ଶ୍ମଶାନ କେବେ ଦିଏ ଜ୍ଞାନ
କ୍ଷଣେ ଭାଳି ପୁଣି ହୁଅଇ ଭୋଗୀ
ନୁହେଁ କୃଷ୍ଣପକ୍ଷ ଜୀବନର ମୋକ୍ଷ
ହୁଏ ନାହିଁ କେହି ସଂସାର ତ୍ୟାଗୀ । (୫)

ଚିତା ଚଇତନ ଭସ୍ମ ପ୍ରଲେପନ
ବାହ୍ୟ ଆଭୂଷଣେ ନତୁଟେ ମୋହ
ଯେବେ ଉଠେ ଜଳି ଆନ୍ତର ଦୀପାଳି
ବିରାଗ ବେଦନା ହୁଏ ଅସହ୍ୟ । (୬)

ଫିଟିଲେ ଅନ୍ଧାର ଫିଟେ ବନ୍ଧା ଡୋର
ଘାଟରୁ ମୁକୁଳେ ମୁହାଣ ମୁଖେ
ସଂକଳ୍ପ ଆହୁଲା ପାରି କରେ ଭେଳା
ଶେଷ ନିଶି ପାହେ ସମୁଦ୍ର ବକ୍ଷେ । (୭)

ଲାଗେ ଆପଣାର ଗଭୀର ସାଗର
ବେଳା ବୁକେ ଆଉ ନଚାହେଁ ଫେରି
ଦୂରୁ କେହି ରହି କାନେ ଦିଏ କହି
ଫେରି ଗଲେ ଥରେ ହୋଇବ ଡେରି । (୮) ❑

"A mere restless dissatisfaction with the ordinary life is not a sufficient preparation for this Yoga. A positive inner call, a strong will and a great steadiness are necessary for success in the spiritual life."

(SABCL, Vol. 29, p. 27-28) – Sri Aurobindo

''ସାଧାରଣ ଜୀବନଚର୍ଯ୍ୟା ପ୍ରତି କେବଳ ଏକ ଅସ୍ୱସ୍ତିକର ଅସନ୍ତୋଷ ଏହି ଯୋଗର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ନୁହେଁ । ବରଂ ଏକ ସକାରାତ୍ମକ ଆନ୍ତର ଆହ୍ୱାନ, ଦୃଢ଼ ସଂକଳ୍ପ ଏବଂ ଅଟଳ ସ୍ଥିରତା ଆଧ୍ୟାତ୍ମିକ ଜୀବନର ସଫଳତା ପାଇଁ ଅପରିହାର୍ଯ୍ୟ ।''

– ଶ୍ରୀଅରବିନ୍ଦ

**ସିନ୍ଧୁରୁ ବିନ୍ଦୁଏ :**

# ତ୍ରିବିଧ

## ସନ୍ତୋଷ ରଥ

"The animal is satisfied with a modicum of necessity; the gods are content with their splendours. But man cannot rest permanently until he reaches some highest good."

(SABCL, Vol. 21, p. 51) – Sri Aurobindo

''ମାତ୍ର କେତୋଟି ଆବଶ୍ୟକତାର ପରିପୂରଣରେହିଁ ପଶୁ ସନ୍ତୁଷ୍ଟ ହୋଇଯାଏ; ଆପଣାର ଐଶ୍ୱର୍ଯ୍ୟ ପ୍ରାବଲ୍ୟରେ ଦେବତାମାନେ ବି ସନ୍ତୁଷ୍ଟ ରହନ୍ତି । ମାତ୍ର କୌଣସି ପରମ ଶିବର ପ୍ରାପ୍ତି ସମ୍ଭବ ନ ହେବା ଯାଏ ମନୁଷ୍ୟ କେବେହେଲେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ହୋଇ ବସି ପାରେ ନାହିଁ ।''

— ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି **'ତ୍ରିବିଧ'** କବିତାଟିର ପରିକଳ୍ପନା ଓ ରୂପାୟନ ।]

ତୁଠ ପରିଚ୍ଛନ୍ନ ନ ଲୋଡ଼େ ଜୀବନ
ପଙ୍କରେ ଲୋଟେ ଘୁଷୁରି
ପଶୁ କି ବୁଝିବ ସତ୍ତ୍ୱ ପରାଭବ
ପ୍ରବୃତ୍ତିକୁ ସାଥୀ କରି । (୧)

ଅରୁଚେ ଚିନ୍ତନ ହିତାହିତ ଜ୍ଞାନ
ପତନର ପଶ୍ଚାତ୍ତାପ
ଅଳ୍ପକରେ ତୋଷ ଇନ୍ଦ୍ରିୟ ସର୍ବସ୍ୱ
ନ ବୁଝଇ ପୁଣ୍ୟ ପାପ । (୨)

ମହିମା ମଣ୍ଡିତ ସ୍ୱର୍ଗେ ଦେବ ସୁତ
ବିଗତ ମୃତ୍ୟୁର ଭୟ
ଆନ୍ତର ପ୍ରଗତି ନ ଲୋଡ଼େ ଆକୁତି
ନାହିଁ ବୃଦ୍ଧି ନାହିଁ କ୍ଷୟ । (୩)

ପୂଜା ଉପଚାର ଭକ୍ତଙ୍କ ସତ୍କାର
ବରଣେ ବରଦ ଭାବ
ସନ୍ତୁଷ୍ଟିର ପାକ ହୁଅଇ ବାଧକ
ପ୍ରଗତି ନୁହେଁ ସମ୍ଭବ । (୪)

ନୁହେଁ ସେ ଦେବତା ସିଦ୍ଧ ସିଦ୍ଧି ଦାତା
ନୁହେଁ ଦେବ ମଘବାନ୍
ନିଜ କୃତ କର୍ମ ସ୍ୱଭାବ ସ୍ୱଧର୍ମ
ପଶୁତ୍ୱ କରେ ବର୍ଜନ । (୫)

ଅପ୍ରାପ୍ତିର ପ୍ରାପ୍ତି ମଣିଷ ପ୍ରକୃତି
ଆରୋହଣେ ଆଗଭର
ଉତ୍ଥାନ ପତନ ସାଧନ ଇନ୍ଧନ
ଲକ୍ଷ୍ୟ ତା'ର ରୂପାନ୍ତର । (୬)

ଅଳସ ବିଳାସ ଦେବଦାସୀ ହସ
ନ ମେଣ୍ଟାଏ ତା'ର ଶୋଷ
ସୀମିତ ଆୟୁଷ ମୃତ୍ୟୁ ନାଗଫାଶ
ତା' ପାଇଁ ହୁଏ ଆଶିଷ । (୭)

ହେଲେ ବି କଠିନ ମର୍ତ୍ତ୍ୟର ଅୟନ
ଦୁର୍ଲଭ ମମତ୍ୱ ଡୋର
ନ ହୋଇବ ସ୍ଥିର ମଣିଷ ବିଚାର
ମର୍ତ୍ତ୍ୟ ହେବ ସ୍ୱର୍ଗପୁର । (୮) ❑

**ସିନ୍ଧୁରୁ ବିନ୍ଦୁଏ :**

# ଧର୍ମ ବିସଂବାଦ

## ସନ୍ତୋଷ ରଥ

"The quarrels of religious sects are like the disputing of pots, which shall be alone allowed to hold the immortalising nectar. Let them dispute, but the thing for us is to get at the nectar in whatever pot and attain immortality."

(Thoughts and Aphorisms : 53) – Sri Aurobindo

''ବିଭିନ୍ନ ଧର୍ମଗୋଷ୍ଠୀ ଭିତରେ ଯେଉଁ ପରସ୍ପର କଳିକନ୍ଦଳ, ତାହା ଗୁଡ଼ିଏ ପାତ୍ର ଭିତରେ ବିବାଦ ଭଳି – କିଏ ଏକାକୀ ଅମୃତର ଆଧାର ହେବାକୁ ହକ୍‌ଦାର । ସେମାନେ ସେମିତି ବିବାଦରତ ରହନ୍ତୁ । ଆମ ଲକ୍ଷ୍ୟ ହେଲା ପାତ୍ର ଯାହା ହେଉନା କାହିଁକି ଅମୃତ ପାଖରେ ପହଞ୍ଚିବା ଏବଂ ଅମରତା ଉପଲବ୍ଧି କରିବା ।''

– ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଧର୍ମ ବିସଂବାଦ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଭରା ଉପବନ ମହକେ ଚନ୍ଦନ
ଚହଟେ ଚମ୍ପକ ମଲ୍ଲୀ ଦୋହଲି
କୁଆଁରୀ କେତକୀ ଓଢ଼ଣିକୁ ଢାଙ୍କି
କହେ ଭଅଁରକୁ ଆସିବୁ କାଲି । (୧)

କେ ବୋଲାଏ ସତୀ କା ଭାବ ପୀରତି
ସୁମନ ମନରେ ନ ବାନ୍ଧେ ବସା
ମନ୍ଦିର ଆଳତି ଦେବ ପୂଜା ନୀତି
ଚରଣେ ଶରଣ ପରାଣ ନିଶା । (୨)

ଯେତେ ରାଗରୁଷା ଅଲୋଡ଼ା ବଚସା
ସାଇତା ଅମାର ପଡ଼େ ନିଅଣ୍ଟ
ହୋଇଲେ ବି ଜ୍ଞାନୀ ମାନୀ ଅବା ଧନୀ
ମଣିଷ ମଣିଷ ନୁହଁଇ ମେଣ୍ଟ । (୩)

ଗୋଷ୍ଠୀ ଭିନ୍ନ ଭିନ୍ନ ଧର୍ମ କରେ ଛିନ୍ନ
ଏକତ୍ୱ ମମତ୍ୱ ସ୍ନେହ ବନ୍ଧନ
ଥିଲେ ବି ଏକାଠି ବଧୂର ବାହୁଟି
ରୁଣୁ ଝୁଣୁ ଶବ୍ଦ କରେ କଙ୍କଣ । (୪)

କୁଶଳୀ କଂସାରି ଗଢ଼ିଛି ସବୁରି
ତନୁ ମନ କାନ୍ତି ଶୋଭନ ଶିରୀ
ନ ପାରଇ ରୋକି ହୋଇଲେ ଏକାଠି
ବାଦ ବିସମ୍ବାଦ ବଢ଼େ ଆହୁରି । (୫)

ଜାତି ଧର୍ମ ନୀତି ଅଜବ ପଦ୍ଧତି
ଏକକୁ ଆରେକ ଚାହି ଟାପରା
ସମୁଦ୍ର ମନ୍ଥନ ନୁହେଁ ସମାଧାନ
ଅମୃତ ପାତ୍ରକୁ ଭିଡ଼ା ଓଟରା । (୬)

ନୁହେଁ ସେହି ଶ୍ରେଷ୍ଠ ବାନ୍ଧେ ଯେ ମୁକୁଟ
ଲହୁ ଲୁହ ଭିଜା ଯା' ତରବାରି
ସେ ଏକା ମହାନ୍ ବିତେ ଯା'ର ଦିନ
ଶାନ୍ତି ସୁଧା ମନ୍ତ୍ର ହୃଦୟେ ଧରି । (୭)

ଥିଲେ ଥାଉ ଶାଖା ଅନ୍ତେ ସବୁ ଯୋଖା
କଳହ ବିବାଦ ଶବ୍ଦ ନିର୍ଝର
ତଟିନୀ ଜୀବନ ହୋଇ ଯାଏ ଧନ୍ୟ
ଡେଇଁଲେ ମୁହାଣ ଲକ୍ଷ୍ମଣ ଗାର । (୮) ❑

**ସିନ୍ଧୁରୁ ବିନ୍ଦୁଏ :**

# ଶରଣାଗତ

## ସନ୍ତୋଷ ରଥ

"When you have nothing left, everything will be given to you. Because for those who are sincere and true, from the worst always comes the best."
(CWM, Vol. 2, p. 45) – The Mother

''ଯେତେବେଳେ ତୁମ ପାଖରେ ଆଉ କିଛି ହେଲେ ରହିବ ନାହିଁ, ସେତିକିବେଳେ ହିଁ ସବୁକିଛି ମିଳିବ । କାରଣ ଯେଉଁମାନେ ନିଷ୍ଠାଯୁକ୍ତ ଏବଂ ସତ୍ୟାଶ୍ରୟୀ ହୋଇ ରହିଥା'ନ୍ତି, ସେମାନଙ୍କ ଜୀବନରେ ସବୁଠାରୁ ଅଧିକ ଖରାପ ସ୍ଥିତିରୁହିଁ ସବୁଠାରୁ ଅଧିକ ଭଲଟି ଜନ୍ମ ଲାଭ କରିଥାଏ ।''

— ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଶରଣାଗତ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

କୁରୁସଭା ତଳେ ଦ୍ରୌପଦୀ ବିକଳେ
ଟେକି ଦେଇ ବେନି ହାତ
ହୋଇଲେ କାତର ମାନ ରକ୍ଷା କର
ମୁଁ ତୁମ ଶରଣାଗତ । (୧)

ପିତା ଯମ ସମ ରାଗେ ତମ ତମ
ପ୍ରହ୍ଲାଦ ହରି ଶରଣ
ଦଗ୍ଧ ହୁତାଶନ ପାଲଟେ ସୁମନ
ଫେରିଗଲା ଜନ୍ତୁରାଣ । (୨)

ହୋଇ ସହୋଦର ନ ହେଲା ନିଜର
ବଇରୀ ହେଲା ରାବଣ
ତେଜି ତରବାରି ଧରି ରାମ ତରୀ
ବିଭୂଷଣ ବିଭୀଷଣ । (୩)

ଘୋଟିଛି କରାଳ କୁରୁକ୍ଷେତ୍ର ସ୍ଥଳ
ଚଉଦିଗେ ଚିତା ଜଳେ
ହୋଇ ନିରିମାଖି ଭରତିଆ ପକ୍ଷୀ
ଜିଇ ଗଲା ଘଣ୍ଟି ତଳେ । (୪)

ନକ୍ର ଥିଲା ଛପି ଗ୍ରାସ ଭୟେ କମ୍ପି
ଗଜ ଡାକେ ତ୍ରାହି ତ୍ରାହି
ବ୍ୟାଧ ଜାଲେ ପଡ଼ି ହରିଣୀର ରଡ଼ି
କେ ଅବା ପାରିବ ସହି । (୫)

ଭାଙ୍ଗେ ଆଶ୍ରା ଡାଳ ଥିଲା ଯା' ସମ୍ବଳ
ବିଧି ହେଲେ ବିଡ଼ମ୍ବନ
ଅକାଳ ଚଡ଼କ ଭାଙ୍ଗି ଦିଏ ତଙ୍କ
ସପନର ଅଙ୍କୁରଣ । (୬)

ଫୁଟା ଡଙ୍ଗା ଧରି ହେଲା ବେଳେ ପାରି
ରୋଧିଲେ ରୋଧୁ ଭଉଁରୀ
ତରି ଯିବ ତରୀ କାତକୁ ପାଶୋରି
ସୁଅ ନେବ ପାରି କରି । (୭)

ଅଛି ମୋ ଭରସା ଭେଟିବାକୁ ଉଷା
ପାଶେ ଥିଲେ ତୁମେ ହରି
ପଙ୍ଗୁତ୍ୱ ମୋହର ପାଲଟେ ସୋଦର
ଲଙ୍ଘିବାକୁ ହିମ ଗିରି । (୮)

❑❑❑

ସିନ୍ଧୁରୁ ବିନ୍ଦୁଏ :

# ନିର୍ବାଚନ

## ସନ୍ତୋଷ ରଥ

"The choice is there at every minute; every minute you are faced with a choice: the choice to climb up or go down, the choice to progress or go backwards. But this choice does not imply that you prefer things to be like this or like that; it is a fact of every moment, an *attitude* you take."

(CWM, Vol. 8, p. 407) – The Mother

''ବାଛିବା ତ ପ୍ରତି ମୁହୂର୍ତ୍ତରେ ଲାଗି ରହିଛି; ତୁମ ସମ୍ମୁଖରେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ବାଛିବାକୁ ରହିଛି : ଆରୋହଣ ଓ ଅବରୋହଣ ଭିତରେ, ଅଗ୍ରଗତି କିମ୍ବା ପଶ୍ଚାଦ୍ ଗତି ମଧ୍ୟରେ । ମାତ୍ର ଏହି ନିର୍ବାଚନ କଦାପି ଏକଥାକୁ ବୁଝାଇବ ନାହିଁ ଯେ କଥାଟି ଏପରି ହେଉ ଅଥବା ସେପରି ହେଉ ବୋଲି ତୁମର ଗୋଟିଏ ଅଗ୍ରରୁଚି ରହିବ; ନିର୍ବାଚନ କରିବା ହେଉଛି ପ୍ରତ୍ୟେକ ମୁହୂର୍ତ୍ତର ଏକ ବାସ୍ତବ ସତ୍ୟ, ଯାହା ତୁମ ଦୃଷ୍ଟିକୋଣ ଉପରେ ନିର୍ଭର କରେ ।''

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ନିର୍ବାଚନ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

କେତେ ଅଙ୍କା ବଙ୍କା ଦିଶେ ଫିକା ଫିକା
ଅବାଟ ରହିଛି ଘେରି
କୁଆଶା ଅନ୍ଧାର ମରୀଚିକା ଘେର
ଦୂରୁ ଡାକେ ହାତ ଠାରି । (୧)

ଝଙ୍କା ବରଗଛ ହୋଇଯାଏ ପଛ
ଥୁଣ୍ଟା କଣ୍ଟା ବାଲିବନ୍ତ
ହଜାଇ ସାହାରା ଲାଗଇ ନୁଖୁରା
ଖୋଜି ହୁଏ ହନ୍ତସନ୍ତ । (୨)

ବାଟର ଦୋଛକି ରହିଛି ଅଟକି
ବାଟୋଇକି କରି ନିଘା
ଚାଲିବାକୁ ହେବ ବାକି ଯାହା ଥିବ
କାଳ ଧରି ଅଛି ପଘା । (୩)

ପ୍ରତିଟି ମୁହୂର୍ତ୍ତ ଦୋଛକିର ସର୍ତ୍ତ
ନିକିତି ତଉଲ ଫଳ
ବାଛିବାକୁ ହେବ ପଶ୍ଚିମ କି ପୂର୍ବ
ସ୍ୱର୍ଗ ଅବା ରସାତଳ । (୪)

କେବେ ଅନୁମାନ ଖେଳେ ଛକି ଶୂନ
ପରିଣାମ ହୁଏ ଭିନ୍ନ
ଶୁଝିବାକୁ ବାକି ନ ଯିବ ଅଟକି
ବରି ନେବ ସଂଶୋଧନ । (୫)

ମେଲିଛି ବିପଣୀ ରଙ୍ଗ ରସ ଠାଣି
ଜୀବନଟା ନିର୍ବାଚନ
ପ୍ରକୃତି ସକଳ ହୋଇଗଲେ ମେଳ
ହଟିଯିବ ପ୍ରଶ୍ନ ଚିହ୍ନ । (୬)

ହେଲେ ବତୀଘର ନିଜେ ହିଁ ନିଜର
ଅଗ୍ରରୁଚି ହେବ ପର
ଘାଟର ଅଝଟ ଅଯଥା ଉଚ୍ଚାଟ
ଉଛୁର ହୋଇବ ଦୂର । (୭) ❑

ସିନ୍ଧୁରୁ ବିନ୍ଦୁଏ :

# ଯନ୍ତ୍ରଣାର ଭେଟି

## ସନ୍ତୋଷ ରଥ

"If we suffer, it is because something in us has to be prepared for a rarer possibility of delight."

(CWSA, Vol. 23, p. 246) – Sri Aurobindo

''ଯଦି ଆମ୍ଭେମାନେ ଯନ୍ତ୍ରଣା ଭୋଗୁଥାଉ, ତାହାର କାରଣ କିଛି ଗୋଟିଏ ଆମ ଭିତରେ ଆନନ୍ଦର ଏକ ବିରଳ ସମ୍ଭାବନାକୁ ପ୍ରସ୍ତୁତ କରାଉଛି ।''

– ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଯନ୍ତ୍ରଣାର ଭେଟି**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ବୈଶାଖୀ ବେଭାର ଭୋଗେ ତିରସ୍କାର
ମଣନ୍ତି ସଭିଏଁ ନିଷ୍ଠୁର କେତେ
ଡହ ଡହ ତାତି ରଖିଛି ସାଇତି
ଭେଟି ଦେବ ନୀର ଜଗତ ହିତେ । (୧)

ଧାରା ଶିରାବଣ ବର୍ଷେ ଘନ ଘନ
ଭୀମ ଭୈରବ ଗର୍ଜନ କରି
ଶାନ୍ତ ସଲିଳ ଲଙ୍ଘେ ଦୁଇ କୂଳ
ଧାନ କ୍ଷେତେ ଖେଳେ ଜଳ ଭଉଁରୀ । (୨)

ଲାଗଇ ଅନିଷ୍ଟ ବନ୍ୟା, ବାଡ଼ି ରିଷ୍ଟ
ଚାଷୀର ସର୍ବସ୍ୱ ନିଅଇ ଲୁଟି
ମାଣକ ଉଧାର ଭରିଦିଏ ସେର
ଶିରପା ପିନ୍ଧାଏ ପଟୁଆ ମାଟି । (୩)

ମଣିଷ ଜୀବନ ନୁହେଁ କିଛି ଭିନ୍ନ
ରାହୁ ଜଗିଥାଏ ଉଜ୍ଜ୍ୱଳ ଶଶୀ
ଖେଳେ ଲୁଚକାଳି ଜୀବନ ପ୍ରହେଳୀ
ପୁନେଇଁ ରାତିରେ ଅନ୍ଧାର ଲେସି । (୪)

ଦେହ ମନ ପ୍ରାଣ ସ୍ୱର୍ଣ୍ଣିମ ତ୍ରିକୋଣ
ମଧ୍ୟେ ଦୀପଶିଖା ରଖେ ଘୋଡ଼େଇ
କଷଣ କଷଟି ପରଖେ ଆଉଟି
ଧୈର୍ଯ୍ୟ ଧାର୍ଯ୍ୟ ରେଖା ଉଠଇ ଚେଇଁ । (୫)

ଲାଗଇ ଯନ୍ତ୍ରଣା ବିଧିର ଗଞ୍ଜଣା
ହରିନେବ ସୁଖ ନ ଭାବି ଲବେ
ନୁହେଁ ସେ ତସ୍କର ଦିଏ ଉପହାର
ଯା'କିଛି ଜଗତେ ଘଟିନି କେବେ । (୬)

ବଡ଼ ଅସହଜ ଯନ୍ତ୍ରଣାର ବୋଝ
ପ୍ରାରବ୍ଧ ଖଜଣା ଥିଲେ ଅଶୁଝା
ଶୁଖା ନଈ ଧାର ପାଲଟେ ନିର୍ଝର
ଶୁଝିଲେ ଜୀବନୁ ଯାତନା ସଜା । (୭)

ଯନ୍ତ୍ରଣା ନଉଡ଼ି ଶିଳ୍ପୀର ହାତୁଡ଼ି
ଭାଙ୍ଗିରୁଜି ଗଢ଼େ ଅଗଢ଼ା ମୂର୍ତ୍ତି
ଜାଣି ଅଛି ସେହିଁ ଲୁଚି ଅଛି କାହିଁ
ଷଡ଼ ଛନ୍ଦେ ଛନ୍ଦା ଆତ୍ମାର ରତି । (୮)

❑❑❑

ସିନ୍ଧୁରୁ ବିନ୍ଦୁଏ :

# ବିମିଶ୍ର

## ସନ୍ତୋଷ ରଥ

"For me everything in human life is mixed, nothing is completely good, nothing completely bad."

(CWM, Vol. 13, p. 51) – The Mother

''ମୋ ପାଇଁ ମନୁଷ୍ୟ ଜୀବନରେ ସବୁକିଛି ବିମିଶ୍ର, କିଛି ବି ସମ୍ପୂର୍ଣ୍ଣ ରୂପେ ଭଲ ନୁହେଁ କି ସମ୍ପୂର୍ଣ୍ଣ ରୂପେ ମନ୍ଦ ମଧ୍ୟ ନୁହେଁ ।''

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ବିମିଶ୍ର**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଅଚଳ ସଚଳ ରିକ୍ତ କୋଳାହଳ
ଭଲ ମନ୍ଦ ମଧ୍ୟେ ବ୍ରହ୍ମାଣ୍ଡ ସ୍ଥିତି
ନ ଜାଣଇ କେହି ମିଶିଅଛି କାହିଁ
ସୁରାସୁର ଭାବ ଅମେଳ ଯତି । (୧)

ଅର୍ଦ୍ଧ ନାରୀଶ୍ୱର ଦୁହେଁ ପରାତ୍ପର
ମିଳନ ବିଚ୍ଛେଦ ନୁହେଁ ସଙ୍କଟ
ଜଗତ କଲ୍ୟାଣ ହେବ ଅକାରଣ
ଶିବ ଶିବା ଯେବେ ନୋହିବେ ଭେଟ । (୨)

ତିକ୍ତ ମଧୁର ଜୀବନ ବେଭାର
ଅନ୍ତୁଡ଼ିଶାଳରୁ କୁହୁଳା ଜୁଇ
ଚୋରା ଚଇତାଳି ଖେଳେ ଲୁଚକାଳି
ସପନ ବିଛାଏ ବୈଶାଖୀ ଛାଇ । (୩)

ମିଶାଣ ଫେଡ଼ାଣ ମାନ ଅଭିମାନ
ରହେ ଭାଗଶେଷ ଅଛିଣ୍ଡା ଅଙ୍କ
ଖେଳ ସତରଞ୍ଜି କାଳ ଦିଏ ଖଞ୍ଜି
ହରାଇ ଜିତାଏ ବଢ଼ାଇ ଫାଙ୍କ । (୪)

କେହି ନୁହେଁ ପର ନୁହେଁ ଆପଣାର
ବହନ୍ତା ଉଜାଣି ଲେଉଟେ ତୀର
ଶତ୍ରୁର ପରିଖା ପାଲଟେ ସୁରକ୍ଷା
କୁଆର ଭିତରେ ଭଙ୍ଗାର ଘର । (୫)

ଆଲୁଅ ଅନ୍ଧାର ଦୁହେଁ ସହୋଦର
ଜନମ ଜାଳଇ ମରଣ ଦୀପ
ନୁହେଁ କେହି ଧନୀ ମାନୀ ଅବା ଜ୍ଞାନୀ
ଭରମ ସାଇତେ ଅଜ୍ଞାନ ସ୍ତୂପ । (୬)

ନୁହଁଇ ନିରୁତା ମିଠା ଅବା ପିତା
ଜହ୍ନରେ ରହିଛି ଅଲିଭା ଦାଗ
ଅଜବ ଅତିଥି ଜୀବନର ତିଥି
କେବେ ବଂଶୀ ପୁଣି ବେହେଲା ରାଗ । (୭)

ଜୀବନ ପ୍ରଗତି ଲୋଡ଼ଇ ସଂଗତି
ମିଶ୍ର ସ୍ୱାଦ ଭରା ଯୋଡ଼ ବିଯୋଡ଼
ଆଲୋକ ଅନ୍ଧାର ଦୁହେଁ କର୍ଣ୍ଣଧାର
ବାଟେଇ ଦେବାକୁ ଗୁଳା ଶଗଡ଼ । (୮)

❑❑❑

ସିନ୍ଧୁରୁ ବିନ୍ଦୁଏ :

# ଫେରସ୍ତ

## ସନ୍ତୋଷ ରଥ

Never say, 'I have nothing to give to the Divine.' There is always something to give, for always you can give yourself in a better and more complete way.
(CWM, Vol. 14, p. 101) – The Mother

କେବେ କୁହ ନାହିଁ 'ଭଗବାନଙ୍କୁ ଦେବା ପାଇଁ ମୋ ପାଖରେ କିଛି ବି ନାହିଁ ।' ସବୁ ସମୟରେ ଦେବା ପାଇଁ ତୁମ ପାଖରେ କିଛି ନା କିଛି ରହିଛି; ତୁମେ ନିଜକୁ ଆହୁରି ଅଧିକ ଭଲ ରୂପେ ଏମିତିକି ସମ୍ପୂର୍ଣ୍ଣ ରୂପେ ମଧ ଦେଇ ପାରିବ ।

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଫେରସ୍ତ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ନାହିଁ ନାହିଁ ବୋଲି ଯେତେ ବିଳପିଲେ
ନାହିଁର ନାହିଁ ତ ଅନ୍ତ
ନ ଥିଲା ଦରବ ଅରପେ ଯେ ଭାବ
ସେହି ଏକା ଭାଗ୍ୟବନ୍ତ । (୧)

ନ ଜାଳି ଦୀପାଳି ନ ଡେଇଁ ଅର୍ଗଳି
ନରେନ୍ଦ୍ରେ ନ କରି ସ୍ନାନ
ଗୁମୁଟ ଅନ୍ଧାରେ ପହଡ଼ ବେଳାରେ
ଅନ୍ଧ କରେ ଦରଶନ । (୨)

ହେଲେ ବି ରାଜନ ନୁହଁଇ ଭାଜନ
ଦେବା ପାଇଁ ପାରିତୋଷ
ଗଡ଼ ଗଉଡୁଣୀ ଦେଇ ଦହିପାଣି
ମେଣ୍ଟାଇଲା ଝାଞ୍ଜି ଶୋଷ । (୩)

ଘାଟର ନଉକା ନ ହେଉ ନାୟିକା
ନ ବୁଡୁ ବେପାର ତା'ର
ନ ଲୋଡ଼ି କଉଡ଼ି ପାଦୁ ଧୂଳି ଝାଡ଼ି
କୈବର୍ତ୍ତ ସେବେ ପୟର । (୪)

ଶ୍ରୀଅଙ୍ଗର ସଜା କରିଲା କୁବ୍‌ଜା
ନ ଥାଇ ଅଙ୍ଗ ମାଧୁରୀ
ବାନ୍ଧେ ବାଙ୍କ ଶିଖା ତା' ସାଥେ ଚନ୍ଦ୍ରିକା
ଆଚମ୍ଭିତ ପୁରନାରୀ । (୫)

ନ ଜାଣଇ ତାଳ ସୁର ଲୟ ମେଳ
ଗାନ୍ଧର୍ବ ବିଦ୍ୟା ସମ୍ପଦ
କୁଆଁରୀ ଅଝଟ ଚିରିଦେଲା ପାଟ
ଶ୍ରୀ ଗୀତଗୋବିନ୍ଦ ପଦ । (୬)

ଧନ ଦାନ ବୋଧ ଦେଖଣା ଆୟୁଧ
ଅଫୁଟା ଆତସବାଜି
ପାରିଲେ ସଅଁପି ଅଭିମାନ ଟପି
କଳନ୍ତର ଯାଏ ଶୁଝି । (୭)

ନୁହେଁ କେହି ହୀନ ସମର୍ପଣେ ଦୀନ
ନିଜେହିଁ ନିଜ ସମ୍ପତ୍ତି
ତେଜିଲେ ସଳିତା ତେଜି ଉଠେ ସତ୍ତା
ଫେରସ୍ତେ ମିଳଇ ତୃପ୍ତି । (୮)

❑❑❑

**ସିନ୍ଧୁରୁ ବିନ୍ଦୁଏ :**

# ଆସ୍ତିକ ନାସ୍ତିକ

## ସନ୍ତୋଷ ରଥ

The Atheist is God playing at hide and seek with Himself; but is the Theist any other ? Well, perhaps; for he has seen the shadow of God and clutched at it.
(Thoughts and Aphorisms, 32) – Sri Aurobindo

ନାସ୍ତିକ ଆଉ କେହି ନୁହେଁ, ନିଜ ସହ ଲୁଚକାଳି ଖେଳରତ ଭଗବାନ୍ । କିନ୍ତୁ ଆସ୍ତିକ କ'ଣ ଭିନ୍ନ ? ହୁଏତ ଭିନ୍ନ; କାରଣ ସେ ଭଗବାନଙ୍କ ଛାୟା ଦେଖିଛି ଓ ତାକୁହିଁ ଜାବୁଡ଼ି ଧରିଛି ।

— ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ସୂକ୍ତକୁ ଆଧାର କରି '**ଆସ୍ତିକ ନାସ୍ତିକ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଶ୍ରାବଣ ଆକାଶ ସଜାଏ ତା' ବେଶ
କେବେ ଖରା କେବେ ଛାଇ,
ସଞ୍ଜ ଆସେ ନଇଁ ମେଘ ଢାଙ୍କି ହୋଇ
ଆକାଶେ ସୂରୁଜ ଥାଇ । (୧)

ସାଗର ଲହରୀ ଛୁଇଁ ଯାଏ ଫେରି
ଗଢ଼ି ଭାଙ୍ଗେ ବେଳାଧାର,
ବୟସର କଢ଼ି ଫୁଟି ଯାଏ ଝଡ଼ି
ଶୁଣି ଭୁଲେ କାଳ ସ୍ୱର । (୨)

ନାସ୍ତିକ ଭାବନା ବାନ୍ଧେ ସାମିଆନା
ସାରଥୀ ସେ ନିଜ ରଥେ,
ଭାବେ ଦେବ କିଳି ଫୁଟାଇ ଦମ୍ଭୋଳି
କାଳରଚା ଚଲା ପଥେ । (୩)

ନାହିଁ କେ ଈଶ୍ୱର ସେ ହିଁ ସର୍ବେଶ୍ୱର
ରୋଧିବାକୁ ତା'ର ଗତି,
ଖେଳେ ଲୁଚକାଳି ସ୍ରଷ୍ଟା ରଙ୍ଗବୋଳି
ମେରିଖନ୍ଧ ସାଜେ ମତି । (୪)

ନ ଜାଣେ ସେ ଜନ ତା' ମଧ୍ୟେ ଆସୀନ
ଖେଳରତ ଭଗବାନ୍,
ନିଜକୁ ଲୁଚାଇ ଖୋଜୁଥା'ନ୍ତି ସାଇଁ
କେବେ ପୂର୍ଣ୍ଣ କେବେ ଶୂନ । (୫)

ଆସ୍ତିକ ବିଚାର ଭିନ୍ନ ସରୋବର
ଫୁଟେ ଯହିଁ ନୀଳ କଇଁ,
ସେ କଇଁ ପରାଗ ଭରା ଅନୁରାଗ
ପୂଜୁଥାଏ ତୁମ ଛାଇ । (୬)

ତୁମେ ରଥ ପଥ ତୁମେ ପରମାର୍ଥ
ରହି ଖେଳ ଅନ୍ତରାଳେ,
ତୁମ ହାତ ଡୋରି ଅଦୃଶ୍ୟ ଜଞ୍ଜିରି
ନଚାଉଛି କଉଶଳେ । (୭)

ନୁହେଁ କେହି ନ୍ୟୂନ ତଉଲ ସମାନ
ଆସ୍ତିକ ନାସ୍ତିକ ତୁଳା,
ତୁମରି ସୃଜନ ଗୁଣଧର୍ମ ମାନ
ରଚିବାକୁ ଲୀଳା ଖେଳା । (୮)

❑❑❑

ସିନ୍ଧୁରୁ ବିନ୍ଦୁଏ :

# ଅବତାର

## ସନ୍ତୋଷ ରଥ

The chief purpose of the "avatar" is to give to man a concrete proof that the Divine can manifest upon earth.

(CWM, Vol. 15, p. 18) – The Mother

'ଅବତାର'ଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୁ ଏକ ସାକାର ପ୍ରମାଣ ଦେବା ଯେ ଭଗବାନ୍ ଏଇ ପୃଥିବୀପୃଷ୍ଠରେ ନିଜକୁ ଅଭିବ୍ୟକ୍ତ କରିପାରନ୍ତି ।

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଅବତାର**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଏ ସାରା ଜଗତ ନୁହଁଇ ସମ୍ପାତ
ନୁହେଁ ଆକସ୍ମିକ ଯାଦୁକ୍ରିୟା
ପ୍ରତିଟି ଘଟଣ ହୁଅଇ ନିଖୁଣ
ସେତୁ ସରଜନ୍ତି ଯୋଗମାୟା । (୧)

ତୁମ ସ୍ରଷ୍ଟା ପଣ ହୁଏ ଆଭୂଷଣ
ସୃଜନ ସଂହାର କ୍ରମ ଯତି
ନୁହଁଇ ଅଶ୍ରୁତ ଅବତାର ତତ୍ତ୍ୱ
ଅନୁପମ ତୁମ ଉପସ୍ଥିତି । (୨)

ପହିଲି ଚରଣ ହୁଅଇ କାରଣ
ଚରାଚର ଯେବେ ଜଳମୟ
ପଞ୍ଚ ଉପାଦାନ କରି ଏକତାନ
ବିରଚିଲ ପ୍ରାଣ କେତେ କାୟ । (୩)

କେ ଅଟଇ ଖର୍ବ ଗତିରେ କେ ଅର୍ବ
ବିବର୍ତ୍ତନ ପଥ ଅନୁସରି
ମନର କୋରକ ହେଲା ପରିପକ୍ୱ
ଅବଚେତନାର ବୁକୁ ଚିରି । (୪)

ତୁମରି ଇସାରା ନୁହଁଇ ବେସୁରା
ତୁମେ ଚିତ୍ରକର, ଚିତ୍ରାଙ୍କନ
କେହି ଭ୍ରଷ୍ଟ ମତି ରୋଧିଲେ ପ୍ରଗତି
ଅବତରି କର ସଂଶୋଧନ । (୫)

ହାତର କୋଦଣ୍ଡ ଦିଏ କା'ରେ ଦଣ୍ଡ
ପାଦଧୂଳି ତୁମ ସଞ୍ଜୀବନ
ବାହୁଡ଼ାଇ ବଂଶୀ ନ ହୋଇଣ ଅସି
ଯୁଦ୍ଧ ସମାପିଲା ସୁଦର୍ଶନ । (୬)

ଭାଙ୍ଗି ଉପଚାର ଲଙ୍ଘି ଧର୍ମ ଦ୍ୱାର
ଏକାକାର କଲ ପଥ ମତ
କଲ ଆବିଷ୍କାର ଉଷା କଳେବର
ରୂପାନ୍ତର ଯୋଗ ଗୂଢ଼ ତତ୍ତ୍ୱ । (୭)

ନାହିଁ ମନେ ଖେଦ ଅବା ଦ୍ୱିଧା ବୋଧ
ତୁମେ ଅବତାର ଅବତାରି
ଯୁଗ ଧର୍ମ ଘଟ ରହିଛି ଅତୁଟ
ତୁମେ ସର୍ବସୂତ୍ର ଅଧିକାରୀ । (୮)

❑❑❑

ସିନ୍ଧୁରୁ ବିନ୍ଦୁଏ :

# ହୃଦ ମନ୍ଦିର

## ସନ୍ତୋଷ ରଥ

Does one enter a temple with dirty feet?
Likewise, one does not enter the temple of the spirit with a sullied mind.
(CWM, Vol. 14, p. 341) – The Mother

ମଇଳା ପାଦରେ କେହି କ'ଣ କେବେ ମନ୍ଦିର ଭିତରକୁ ଯାଇପାରେ ?
ଠିକ୍ ସେହିପରି, ହୃଦୟ ମନ୍ଦିର ଭିତରକୁ କେହି ଜଣେ କଳୁଷିତ ମନ ନେଇ ପଶି ପାରିବ ନାହିଁ।
– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି **'ହୃଦ ମନ୍ଦିର'** କବିତାଟିର ପରିକଳ୍ପନା ଓ ରୂପାୟନ।]

ପରମ୍ପରା ବିଧି    ଅତୁଟ ଅବଧି
ମନ୍ଦିର ହୋଇଛି ଗଢ଼ା
ରତ୍ନ ସିଂହାସନ    ଦେବ ଅଧିଷ୍ଠାନ
ପରିକ୍ରମା ପାଇଁ ବେଢ଼ା। (୧)

କେତେ ଜନ୍ମ ସ୍ମୃତି    ଚାରୁକଳା କୀର୍ତ୍ତି
ମୁକୁଳା ରହିଛି ଦ୍ୱାର
ବେଢ଼ାକୁ ଆବୋରି    ରହିଛି ପାଚେରି
ତା' ମଧ୍ୟେ ଗମ୍ଭୀରା ଘର। (୨)

ପାର୍ଶ୍ୱ ଦେବଦେବୀ    ପ୍ରୀତି ରତି ଛବି
ନବରସ ରସେ ମଜ୍ଜି
ଷଡ଼ ରିପୁ ନାଚ    ଖସଡ଼ା ପାହାଚ
ହେଜ ଚାବି ଯାଏ ହଜି। (୩)

ଡାକେ ରହି ରହି    ଗବାକ୍ଷରୁ ଚାହିଁ
ଗର୍ଭଗୃହ ଜଳା ଦୀପ
ମିଛ ମାୟା ଖେଳା    ଘାଟ ବନ୍ଧା ଭେଳା
ଛାଡ଼ି ଅଜପାଙ୍କୁ ଜପ। (୪)

ନୁହଁଇ ସହଜ    ନ ହୋଇଲେ ସଜ
ପାହିବନି ଅମା ନିଶି
ଅଧୁଆ ପାଦରେ    ମନ୍ଦିର ଭିତରେ
ପାରିବ କି କେହି ପଶି। (୫)

ଚହଲା ଅନ୍ତର    ଉଛୁଳା ଜୁଆର
ନୁହେଁ କେବେ ମୂକ ସାକ୍ଷୀ
ଯା' ମନ ମୁକୁର    କାଚକେନ୍ଦୁ ନୀର
ଅଦେଖାଙ୍କୁ ପାରେ ଦେଖି। (୬)

ହେଲେ ସଚେତନ    ଚମକେ ମଥାନ
ଢାଙ୍କିଲେ ବି ମେଘ ରବି
ହୃଦୟ କନ୍ଦର    ପାଲଟେ ମନ୍ଦିର
ଧ୍ୟାୟି ପାରା ପ୍ରତିଛବି। (୭)

ମାତ୍ର ସେ ସୁବାସ    ଫୁଟାଫୁଲ ବାସ
ଜୀବନଟା ପାଣିଗାର
ବେଳ ଗଲେ ଗଡ଼ି    ପାରା ଯିବ ଉଡ଼ି
ଅଲୋଡ଼ା ଭବ ମନ୍ଦିର। (୮)

❑❑❑

# ଆକସ୍ମିକ ନୁହେଁ ଅଲୌକିକ

## ସନ୍ତୋଷ ରଥ

ଜନସମାଗମ ବଢ଼ିବାଟା ଅଜଣା ନଥିଲା, ମାତ୍ର ଜଣା ନଥିଲା ଏମିତି ଏକ ଅଲୌକିକ ସକାଳକୁ ଅପେକ୍ଷା କରି ରହିଥିଲା ସେଦିନର ସନ୍ଧ୍ୟା । ଆଶ୍ରମ ଲୋକାରଣ୍ୟ, ରାତି ପାହିଲେ ସୁବର୍ଣ୍ଣ ଦିବସ – ଫେବ୍ରୁଆରୀ ୨୯ ତାରିଖ ୨୦୨୪ ମସିହାର । କାହିଁ କେତେ ଜାଗାରୁ ମାତୃଭକ୍ତମାନଙ୍କ ଆଗମନ, ଅତିଥିଶାଳା ନିଅଣ୍ଟ ପଡୁଥାଏ ଥଇଥାନ ନିମନ୍ତେ । ତଥାପି ସମସ୍ତେ ମଗ୍ନ, ଉଲ୍ଲସିତ ଏଇଥିପାଇଁ ଯେ ଦୀର୍ଘ ୪ ବର୍ଷ ପରେ ପୁଣି ଥରେ ମିଳୁଥିବା ସୁଯୋଗର ସେମାନେ ହେବେ ଭାଗୀଦାର । ମିଳିବ ଶ୍ରୀମାଶ୍ରୀଅରବିନ୍ଦଙ୍କ କକ୍ଷ ଦର୍ଶନର ସୌଭାଗ୍ୟ । ଏଇ ଦର୍ଶନ ଦିବସର ଉଦ୍ଦେଶ୍ୟ ପଶ୍ଚାତରେ ରହିଛି ଏକ ଅଲୌକିକତା, ଯାହାର ରହସ୍ୟମୟ ବର୍ଣ୍ଣନା ଏହିପରି :

୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖ ବୁଧବାରର ସନ୍ଧ୍ୟା, ଆଶ୍ରମ ଅନ୍ତେବାସୀ ଓ ଭକ୍ତମାନେ ମା'ଙ୍କ ଗହଣରେ ଧ୍ୟାନସ୍ଥ, ପ୍ଳେ-ଗ୍ରାଉଣ୍ଡ ପରିସର ମଧ୍ୟରେ । ସୂକ୍ଷ୍ମ ଜଗତରୁ ମା'ଙ୍କୁ ନିର୍ଦ୍ଦେଶ ମିଳିଲା 'ସମୟ ସମାଗତ' । ମା ସଙ୍ଗେ ସଙ୍ଗେ ଗୋଟିଏ ସୁବର୍ଣ୍ଣ ହାତୁଡ଼ିରେ ପ୍ରତିବନ୍ଧକ ସାଜିଥିବା ସୁବର୍ଣ୍ଣ କବାଟକୁ ଭାଙ୍ଗି ଚୂର୍‌ମାର କରି ଦେଲେ ଏବଂ ଅବରୁଦ୍ଧ ଥିବା ଅତିମାନସ ଶକ୍ତି ସ୍ୱର୍ଣ୍ଣାଭ ଲାଭା ସଦୃଶ ଭୌତିକ ସ୍ତରକୁ ଓହ୍ଲାଇ ଆସିଲା । ରୂପାନ୍ତର ଯୋଗର ସବୁ ଅସମ୍ଭବ ସମ୍ଭବ ହେବାର ଧାର୍ଯ୍ୟ ପ୍ରତିଶୃତି ସେହି ଦିନହିଁ ମିଳିଲା । ଏହାର ଠିକ୍ ୪ ବର୍ଷ ପରେ ଅର୍ଥାତ୍ ଫେବ୍ରୁଆରୀ ୨୯ ତାରିଖ ୧୯୬୦ ମସିହାରେ ଆଶ୍ରମରେ ପାଳିତ ହେଲା ସୁବର୍ଣ୍ଣ ଦିବସ, ଯେଉଁଦିନ ଶ୍ରୀକୃଷ୍ଣଙ୍କ ଉପସ୍ଥିତରେ ମା' ସମାଗତ ସାଧକ ତଥା ଦର୍ଶନାର୍ଥୀମାନଙ୍କୁ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପ୍ରତୀକ ଥିବା ସ୍ୱତନ୍ତ୍ର ଭାବେ ନିର୍ମିତ ପଦକ ବିତରଣ କରିଥିଲେ । ସେଦିନ ସମଗ୍ର ଆଶ୍ରମ ପରିସରର ସାଜସଜ୍ଜା ଥିଲା ଅଭୂତପୂର୍ବ, ସୁବର୍ଣ୍ଣ ରଙ୍ଗର କପଡ଼ାରେ ଆଚ୍ଛାଦିତ ଚତୁର୍ଦ୍ଦିଗ ସୁବର୍ଣ୍ଣପୁରୀର ଶୋଭା ଧାରଣ କରୁଥିଲା ।

ସେକଥା ଆଜି ବିସ୍ମୃତ ହୋଇନି ଭକ୍ତଙ୍କ ମନରୁ ବରଂ ଏହି ବିଶେଷ ଦିବସରେ ଯୋଗ ଦେବାର ଆକାଂକ୍ଷାହିଁ ସେମାନଙ୍କୁ ଟାଣି ଆଣିଛି ଆଶ୍ରମକୁ, ଦର୍ଶନ ସ୍ରୋତରେ ସାମିଲ ହେବା ପାଇଁ । ସଭିଏଁ ଆତୁର । ମାତ୍ର ବଡ଼ ନିଆରା ଥିଲା ଜଣଙ୍କର ଆତୁରତା । ଯାହା ଗୁମୁରୁ ଥିଲା ଭିତରେ ଭିତରେ ଫଲ୍‌ଗୁ ସଦୃଶ । କିଏ ବା କାହିଁ ଜାଣିବ ସେଦିନ ସେ ସ୍ରୋତ ମୁହାଣ ପାରି ହେବ, ମିଶିଯିବ ସମୁଦ୍ରରେ । ସମାଧି ଦର୍ଶନହିଁ ହେବ ମିଳନର ସୁବର୍ଣ୍ଣ ସେତୁ; ଅପେକ୍ଷାର ଅନ୍ତିମ ମୁହୂର୍ତ୍ତ ।

ଅବଗୁଣ୍ଠନର ସମୟ ଏବେ ଅତିକ୍ରାନ୍ତ । ଘଟ ମୁହଁର ଘୋଡ଼ଣୀ ଉଗାରିଲେ କଥାଟା ସ୍ପଷ୍ଟ ହେବ । ମା'ଙ୍କ ଦିବ୍ୟ ଦର୍ଶନ ଓ ସ୍ଥୂଳ ସାନ୍ନିଧ ପାଇଥିବା ମାମୁଁ (ଗଦାଧର ମିଶ୍ର, ବୟସ ୮୧ ବର୍ଷ)ଙ୍କର ଏଥରର ପଣ୍ଡିଚେରୀ ଯାତ୍ରା ଗତାନୁଗତିକ ଥିଲେ ବି ପ୍ରସ୍ତୁତିରେ ଥିଲା ଟିକେ ତତ୍ପରତା, ବ୍ୟସ୍ତତା ନୁହେଁ । ଅବଶ୍ୟ ଏକଥାକୁ ସେତେବେଳେ କେହି ବି ଏତେ ଗୁରୁତ୍ୱ ଦେଇ ନଥିଲେ । ବିମାନ ଯାତ୍ରା ସମୟରେ ସହଯାତ୍ରୀମାନଙ୍କ ସହ ଆଳାପ ଆଲୋଚନା ଥିଲା ଖୁବ୍ ସ୍ୱାଭାବିକ । ଅପରାହ୍ଣରେ ପଣ୍ଡିଚେରୀରେ ପହଞ୍ଚି ଆଶ୍ରମ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ମାମୁଁ । ଯାତ୍ରାଜନିତ କ୍ଲାନ୍ତି ତାଙ୍କର ସହଗାମୀ ନଥିଲା । ଧ୍ୟାନ ପାଇଁ ଆଶ୍ରମ ପରିସର ସେଦିନ ଭରପୂର, ସତେ ଯେମିତି ଶାନ୍ତ ସମାହିତ, ଜନ ସମୁଦ୍ର । ତାହାରି ଭିତରେ ଥା'ନ୍ତି ମାମୁଁ । କୌଣସି ପ୍ରକାରର ଅସ୍ୱାଭାବିକତା ସେପର୍ଯ୍ୟନ୍ତ ତାଙ୍କୁ ଛୁଇଁ ନଥାଏ । ମାତ୍ର ଧ୍ୟାନ ସାରି ଫେରିବା ବେଳକୁ ଅଣନିଃଶ୍ୱାସୀ ଭାବଟା ଟିକିଏ ବାରି ହେଲା ।

''ମାମୁଁ ପାଣି ଟିକିଏ ପିଇବେ, ଏଇଠି (ଆଶ୍ରମ ଭିତରର ସିମେଣ୍ଟ ବେଞ୍ଚ) ଟିକିଏ ବସି ପଡ଼ନ୍ତୁ'' – ପ୍ରଶ୍ନ ଓ ଶୁଭେଚ୍ଛା ସହ ପାଣି ଗ୍ଲାସଟିଏ ବଢ଼ାଇ ଦେଲେ ଆଶ୍ରମର ପୁରୁଣା, ପରିଚିତ ସାଧକ ଜଣେ । ସାମାନ୍ୟ ସାହାରା ନେଇ ମାମୁଁ ବାହାରକୁ ବାହାରି ଆସିଲେ ଏବଂ ଉପସ୍ଥିତ ପରିଚିତ ବନ୍ଧୁମାନଙ୍କ ସହ ଫଟୋ ଉଠାଇଲେ ଆଶ୍ରମ ପାଚେରିର ପାଖଲଗା ହୋଇ । ସେତେବେଳକୁ ଫଟୋ ଉଠାଳି ବୋଧହୁଏ ଜାଣି ନଥିଲେ ଏଇଟାହିଁ ହେବ ସମସ୍ତଙ୍କ ପାଇଁ ଶେଷ ସନ୍ତକ ଏବଂ ସେହିଁ ହେବେ ତାଙ୍କ ପାଇଁ ଶେଷ ଫଟୋଗ୍ରାଫର ।

ରାତି ୧୦ଟା ବେଳକୁ ଛାତିର ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ଆଶ୍ରମ ନର୍ସିଂହୋମ ନିଆଗଲା । ସାମାନ୍ୟ ପରୀକ୍ଷା ପରେ ଅବସ୍ଥା ଗୁରୁତର ଥିବାରୁ G. H. (General Hospital)କୁ

ସ୍ଥାନାନ୍ତରିତ କରି ଦିଆଗଲା । ଅଳ୍ପ କେତେଜଣଙ୍କ ବ୍ୟତୀତ ଅନ୍ୟମାନେ ଏକଥା ଜାଣି ନଥା'ନ୍ତି । ରାତି ସେତେବେଳକୁ ଦୁଇଟା, ଅବସ୍ଥାରେ କୌଣସି ପ୍ରକାର ଉନ୍ନତି ଦେଖା ଦେଲା ନାହିଁ । ବରଂ କ୍ଷଣକୁ କ୍ଷଣ ଅବସ୍ଥା ଅଣାୟତ୍ତ । ଡାକ୍ତରମାନେ ସ୍ଥିର ନିଶ୍ଚିତ ହୋଇ ଗଲେଣି । ମାମୁଁଙ୍କୁ I.C.U.କୁ ନିଆଗଲା, ମୁହଁରେ ଅକ୍ସିଜେନ୍‌ର ମୁଖା । ରୋଗୀ କିନ୍ତୁ ସଚେତନ ଓ ସ୍ୱାଭାବିକ କଥାବାର୍ତ୍ତା କରୁଥା'ନ୍ତି । ''ମାମୁଁ, ମୋତେ ଏଥର ବାହାରକୁ ଯିବା ପାଇଁ ନର୍ସମାନେ ବାଧ କଲେଣି, ଆପଣ ଜୋର୍ ଜୋର୍‌ରେ ମା'ଙ୍କୁ ଡାକନ୍ତୁ, ସବୁ ଠିକ୍ ହୋଇଯିବ'' – କହିଲେ ଆଶ୍ରମ ଚିକିତ୍ସା ବିଭାଗର ସାଧକ ଜଣେ । ଏତିକି ବେଳେ ଉପସ୍ଥିତ ତାଙ୍କର ଆତ୍ମୀୟା ଜଣକ ତାଙ୍କ ମୁଣ୍ଡ ତଳେ ମା'ଙ୍କ ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍‌ଟି ରଖି ଦେଲେ । ମାମୁଁଙ୍କ ମୁଖମଣ୍ଡଳ ଆହୁରି ପ୍ରସନ୍ନ ଓ ପ୍ରଫୁଲ୍ଲିତ ହୋଇ ଉଠିଲା । ହାତ ଦୁଇଟା ଆଶୀର୍ବାଦ ମୁଦ୍ରାରେ ଉଠି ଆସିଲା ବିଦାୟୀ ସାଧକଙ୍କ ଆଡ଼କୁ । I.C.U.ରୁ ବାହାରି ଆସିଲେ ସାଧକ ଜଣକ ।

ସୁବର୍ଣ୍ଣ ଦିବସର ସିନ୍ଦୂରା ଫାଟିବାର ପୂର୍ବ ମୁହୂର୍ତ୍ତ । ସମସ୍ତ ଦେବଦେବୀଙ୍କ ସମେତ ସୂର୍ଯ୍ୟଦେବ ମଧ୍ୟ ପ୍ରସ୍ତୁତ ମା'ଙ୍କ ଦର୍ଶନ ନିମନ୍ତେ; ଫେରିଲେ ଉଇଁବେ ସମୁଦ୍ର ଉହାଡ଼ରୁ । ଭୋର ଚାରିଟାରେ ଖୋଲିଲା ମା'ଙ୍କ ରୁମ୍ । ଦିବ୍ୟ ଦର୍ଶନ, ଦିବ୍ୟ ଅନୁଭୂତି ଆଶାରେ ଶିଡ଼ିରେ ପାଦ ଥାପିଲେ ଆଶ୍ରମ ସାଧକ ବୃନ୍ଦ । ଶିଡ଼ି ନୁହେଁ, ଚେତନାର ଊର୍ଦ୍ଧ୍ୱାରୋହଣ, ପାବଚ୍ଛ ପରେ ପାବଚ୍ଛ, ରୁମ୍ ଦର୍ଶନର ପ୍ରତୀକାତ୍ମକ ଅନୁଭୂତି । ମାମୁଁ ଏ ଅବସର ଛାଡ଼ିବେ କାହିଁକି, ଯେଉଁଥିପାଇଁ ତ ଏତେ ଦିନର ପ୍ରତୀକ୍ଷା, ମୁହୂର୍ତ୍ତ ମୁହୁର୍ତ୍ତର ପ୍ରସ୍ତୁତି, ପୁଣି ଓଡ଼ିଶାରୁ ପଣ୍ଡିଚେରୀ ଯାତ୍ରା, ଅପେକ୍ଷା ସୁବର୍ଣ୍ଣ ଦିବସକୁ – "The day of the Lord." I.C.U.ର ସାମାନ୍ୟ କାଚ କବାଟ କ'ଣ ତାଙ୍କୁ ଅଟକାଇ ଦେଇ ପାରିବ ! ବିଜ୍ଞାନ କାହୁଁ ବୁଝିବ ଏକଥା ।

ସେଇ ଦେବ ମୁହୂର୍ତ୍ତରେ ଡାକ୍ତରଖାନାରୁ ଖବର ଆସିଲା ମାମୁଁ ଆଉ ନାହାନ୍ତି ।

ଚାରିଆଡ଼େ ଚହଳ ପଡ଼ିଗଲା । ଅନେକେ ଆଶ୍ଚର୍ଯ୍ୟ ହେଲେ ଓ ଅବିଶ୍ୱାସ କଲେ । ଥୋକେ ଭାବିଲେ ବଡ଼ ଆକସ୍ମିକ ଏ ମୃତ୍ୟୁ, ଏମିତି ଏକ ଦିନରେ ଏ ଏକ ଅଘଟଣ । ମାତ୍ର ଆଶ୍ରମବାସୀମାନେ ସ୍ତମ୍ଭୀଭୂତ, କୃତାର୍ଥ ମଣିଲେ ତାଙ୍କ ପ୍ରଚେଷ୍ଟାକୁ । ''ଏହା ଏକ ଇଚ୍ଛା ମୃତ୍ୟୁ । ଆଶ୍ରମ ଇତିହାସରେ ଏହା ଆଉ ଏକ ଅଭିନବ ପୃଷ୍ଠା ।'' – ଆତ୍ମସ୍ଥ ବିଜ୍ଞ ସାଧକ ଜଣେ ଭାବବିହ୍ୱଳ ହୋଇ ବର୍ଣ୍ଣନା କଲେ । ସେ ପୁଣି କହିଲେ, – ''ତୁମେମାନେ ଜାଣ ପବିତ୍ର ଦା' (Phillippe Barbier Saint Hilaire) ୧୯୬୯ରେ ଯେତେବେଳେ ଶରୀର ଛାଡ଼ିଲେ ତାଙ୍କ ଶରୀରର ସମସ୍ତ ସତ୍ତା ଧାପେ ଧାପେ କରି ମା'ଙ୍କ ସହିତ ବିଲୀନ ହୋଇଯାଇଥିଲା । ମା' ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ଆଜିର ଘଟଣା ମଧ୍ୟ କିଛି କମ୍ ନୁହେଁ । ଏତେ ଦୂରରୁ ଗଦାଧର ମା'ଙ୍କ କୋଳକୁ ଫେରି ଆସିଲେ, ଯେଉଁଠି ତାଙ୍କୁ ସଶରୀରେ ସାକ୍ଷାତ୍ ଲାଭ କରିଥିଲେ । ପୁଣି ଏଭଳି ଏକ ଦୁର୍ଲଭ ଦିନରେ । ଏହା କେବଳ ଆତ୍ମାର ସିଦ୍ଧାନ୍ତ । ଏହା ଆକସ୍ମିକ ନୁହେଁ ବରଂ ଅଲୌକିକ ଏ ପୂର୍ଣ୍ଣାହୁତି ।''

ସାଧକଙ୍କ ସମେତ ଅନ୍ୟମାନେ ଦିବଂଗତ ଆତ୍ମା ଓ ମା'ଙ୍କ ପ୍ରତି ଅନ୍ତରର କୃତଜ୍ଞତା ଜଣାଇଲେ ଏବଂ ସ୍ଥିର ନିଶ୍ଚିତ ହେଲେ ଯେ ମାମୁଁଙ୍କର ଜୀବନ ବ୍ୟାପୀ ସମର୍ପିତ ସାଧନାର ଏଇଟାହିଁ ଶ୍ରେଷ୍ଠ ପୁରସ୍କାର ।

❑❑❑



Gadadhar

ଗଦାଧର ମିଶ୍ର

(୧୬.୦୯.୧୯୪୩ – ୨୯.୦୨.୨୦୨୪)

ତାଙ୍କର ଦିବଂଗତ ଆତ୍ମା ପ୍ରତି ନବଜ୍ୟୋତି ପରିବାରର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ।

# ଚା' କପଟିଏ ପାଇଁ

## ସନ୍ତୋଷ ରଥ

ଖାଲି ଶିଖର ନୁହେଁ, ସାନୁଦେଶ ମଧ୍ୟ ହରାଇ ସାରିଥାଏ ହରିତ୍ ବର୍ଣ୍ଣର ମଧୁରିମା । ଚତୁର୍ଦ୍ଦିଗ ବରଫମୟ । ମୁଲାଏମ ଆସ୍ତରଣ ତଳେ ହିମାଳୟ ଦିଶୁଥାଏ, ସତେ ଯେମିତି ଶୁଭ୍ର ଭସ୍ମଧାରୀ ଶିବଙ୍କର ବିସ୍ତୃତ କଳେବର । ଚତୁର୍ଦ୍ଦିଗ ନିକାଞ୍ଚନ । ତୁହାକୁ ତୁହା ହେମାଳ ପବନ ବିଘଟିତ କରୁଥାଏ ତାପମାତ୍ରାକୁ । ବଡ଼ ଅସହ୍ୟ ସେ ପାଣିପାଗ । ତଥାପି ଉପତ୍ୟକା ମଣ୍ଡଳରୁ ଆରୋହୀ ସାଜିଥା'ନ୍ତି ଭାରତୀୟ ସେନାବାହିନୀର ଗୋଟିଏ ଦଳ । ହାତ ଗଣତିରେ ପନ୍ଦର ଜଣ । ଯବାନଙ୍କ ସାଥିରେ ଦଳପତି ଭାବେ ଥା'ନ୍ତି ମେଜର ସାହେବ; ବଳିଷ୍ଠ ଚେହେରା, ଶାଣିତ କଟାକ୍ଷ । ସାହସିକତାର ସାଞ୍ଜୁହିଁ ତାଙ୍କର କବଚ କୁଣ୍ଡଳ, ଯାହାକୁ ସାମ୍ନା କରିବା ପାଇଁ ଯମର ସମନ ମଧ୍ୟ ପଛଘୁଞ୍ଚା ଦିଏ ।

ଭାରତୀୟ ସେନାବାହିନୀ ତରଫରୁ ହିମାଳୟ ସୀମାନ୍ତରେ କର୍ତ୍ତବ୍ୟରତ ଯବାନମାନଙ୍କୁ ପ୍ରତି ତିନି ମାସରେ ଥରେ ପାଲଟାଇ ଦିଆଯାଏ । ଅର୍ଥାତ୍ ନୂଆ ଦଳ ନିଯୁକ୍ତ ହେଲେ ପୁରୁଣା ଦଳ ବେସ୍ କ୍ୟାମ୍ପକୁ ଫେରି ଆସନ୍ତି । ଏଥର କୁପ୍‌ଓ୍ୱାରା ସେକ୍‌ଟରର ପାଳି । ଠିକ୍ ସମୟରେ ପହଞ୍ଚି ଯିବା ପାଇଁ ସଭିଏଁ ତତ୍ପର ଥା'ନ୍ତି, ହେଲେ କୋହଲା ପାଗକୁ ବରଫ ବତାସୀ ବାଟ ରୋକି ଦେଉଥାଏ । ବେଳ ସେତେବେଳକୁ ସଞ୍ଜ ଲେଉଟାଣି, ଥଣ୍ଡାରେ ହାତଗୋଡ଼ କେମ୍ପା ମାରି ଯାଉଥାଏ ଯବାନମାନଙ୍କର ।

''ଗରମ ଚା' କପେ ମିଳି ଯାଆନ୍ତାନି'' – ଭାବିଲେ ମେଜର । ଅନ୍ୟମାନଙ୍କର ଇଚ୍ଛା ଥିଲେ ବି ଶୃଙ୍ଖଳା ଦୃଷ୍ଟିରୁ ଅପରିଗ୍ରହ । ଯୋଗକୁ କିଛି ସମୟ ପରେ ଚା' ଦୋକାନର ସନ୍ଧାନ ମିଳିଲା, ଦରଭଙ୍ଗା ସାଇନ୍ ବୋର୍ଡ଼ରୁ । ସଭିଁଏ ଖୁସି ।

ସବୁ ଆଶା ମରୀଚିକା ପାଲଟି ଗଲା । ଦୋକାନ ସାମନାରେ ଝୁଲୁଥିଲା ଗୋଟିଏ କଳଙ୍କି ଲଗା ତାଲା, ଆଉଜା ତାଟି କବାଟ ଦୁଇଟିକୁ ଜାବୁଡ଼ି ଧରି । ପାଖଆଖରେ ଦୋକାନୀର ଟେର୍ ମିଳିଲାନି ଯେତେ ଖୋଜିଲେ ବି ।

''ଦୋକାନୀ ନଥିଲେ ବି ଦୋକାନ ତ ଅଛି । ତାଲାଟାକୁ ଯଦି ଭାଙ୍ଗି ଦିଆଯାଏ ?'' ସାହସ ବାନ୍ଧି ଯବାନ ଜଣେ ପ୍ରସ୍ତାବ ବାଢ଼ିଲେ । ଅନ୍ୟମାନେ ନୀରବ ଦ୍ରଷ୍ଟା, ଅପେକ୍ଷା କରି ରହିଲେ ମେଜରଙ୍କ ଆଜ୍ଞାକୁ ।

ବଡ଼ ଧର୍ମ ସଙ୍କଟରେ ପଡ଼ିଲେ ମେଜର ସାହେବ । ତାଙ୍କୁହିଁ ବାଛି ନେବାକୁ ହେବ ନୈତିକତା ଓ ଆବଶ୍ୟକତା ମଧ୍ୟରୁ ଗୋଟିକୁ । କେଉଁଟି ଠିକ୍ ବାରଂବାର ପ୍ରଶ୍ନ କରୁଥା'ନ୍ତି ନିଜକୁ ନିଜେ । ଚଉଦ ଜଣ ଯବାନଙ୍କର ପ୍ରାଣର ଆତୁରତା, ଯେଉଁମାନେ ଦେଶ ପାଇଁ ସମର୍ପିତ ନା ଚୌର୍ଯ୍ୟ ବୃତ୍ତିରୁ ନିସ୍ତାର ଲାଭ କରିବାର ନିଜର ଧାର୍ମିକ ଆତ୍ମ ତୃପ୍ତି ।

''ମୁଁ ପଛେ ନର୍କ ଭୋଗେ, ଦେଶର କଲ୍ୟାଣ ହେଉ'' – ବିବେକ ଧପ୍ କରି ଜାଗି ଉଠି ଚେତାବନୀ ଦେଇଗଲା । ନୀରବେ ସମ୍ମତି ଦେଲେ ମେଜର ତାଲା ଭାଙ୍ଗିବା ପାଇଁ । ଆଶ୍ଚର୍ଯ୍ୟ ! ଚା' ପ୍ରସ୍ତୁତିର ସମସ୍ତ ଉପକରଣ ସହ ବିସ୍କୁଟ ଡବା ସଜିଲ ହୋଇ ରହିଥିଲା ଦୋକାନ ଭିତରେ । ଉଷୁମ ଚା' ଓ ବିସ୍କୁଟ ଖାଇ ସଭିଏଁ ପ୍ରାଣବନ୍ତ । ହେଲେ ମେଜର ଦ୍ୱିଧା ମୁକ୍ତ ନଥା'ନ୍ତି । ମନୁଆଁ ମନଟା ତାଙ୍କର ଟେଙ୍କା ଦେଉଥାଏ – ''କପେ ଚା' ପାଇଁ କଳଙ୍କ ଲାଗିବ ନି ତ !'' ଯବାନମାନଙ୍କର ଝିମା ପାଦ ଅସ୍ଥିର ହୋଇ ଉଠୁଥାଏ ଆଗେଇ ଯିବା ପାଇଁ । ଯଥା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଗଲେ ଦାୟିତ୍ୱ ଜୁଆଳି କାନ୍ଧେଇବା ପାଇଁ ।

କର୍ତ୍ତବ୍ୟରତ ଯବାନମାନଙ୍କର ନିଷ୍ଠା ଅଣତଉଲ । ନିଜର ସୁରକ୍ଷା କିଂବା ସ୍ୱଚ୍ଛନ୍ଦ ପ୍ରତି ଭ୍ରୂକ୍ଷେପ ନଥାଏ । ଲକ୍ଷ୍ୟ କେବଳ ଦେଶମାତୃକାର ସୁରକ୍ଷା । ମେଜରଙ୍କ ସଜାଗ ଦୃଷ୍ଟି ଶତ୍ରୁସେନାଙ୍କ ଉପରେ । କେତେବେଳେ ଯେ ସେମାନେ କେଉଁ ବ୍ୟୂହ ରଚିବେ ତା'ର କିଛି ଇୟତ୍ତା ନାହିଁ, ତଥାପି ସଭିଏଁ ତତ୍ପର ପ୍ରତିଆକ୍ରମଣର ତତ୍ପରତା ପ୍ରତି ।

ଶୀତ ସହିତ ଶୀତଳ ଲଢ଼େଇ କରୁ କରୁ ତିନିମାସ ବିତିଗଲା ହେଲେ ଶୀତ ସରି ନଥାଏ । ନିର୍ବିଘ୍ନରେ ଫେରିଲେ ପନ୍ଦର ଜଣ ଯାକ ସୀମାନ୍ତ ସୁରକ୍ଷା ଦାୟିତ୍ୱରୁ ମୁକ୍ତ ହୋଇ ।

''ଘର ମୁହାଁ ବଳଦର ଫୁର୍ତ୍ତି ଟିକେ ନିଆରା'' – କଥାଟା ବାରି ହୋଇ ପଡୁଥାଏ ସେମାନଙ୍କ ଚାଲିରୁ । ଠାଏ ଠାଏ ପାଦ ଗଳି ପଡୁଥାଏ ବରଫ ଢଙ୍କା ଖମା ଭିତରକୁ; ତଥାପି ଭ୍ରୂକ୍ଷେପ

ନାହିଁ । ଓଭର କୋଟ୍ ଓ ମୁଣ୍ଡର ଲୋମଶ ଟୋପିକୁ ସଜାଡ଼ିସୁଜୁଡ଼ି ଚାଲିଥା'ନ୍ତି ସେନା ଦଳ, ଦଳପତିଙ୍କ ସହ ।

ବାଟ ଅଧା ପନ୍ତରିଆ, ସଭିଏଁ ଅଟକିଲେ ସେହି ଚା' ଦୋକାନରେ । ଏଥର କିନ୍ତୁ ଦୋକାନ ଖୋଲା ଥିଲା । କୋତରା କମ୍ବଳଟାକୁ କାନ୍ଧରୁ ଖସାଇ ଦେଇ ଦୋକାନି ବାପୁଡ଼ା ସଜାଡ଼ି ହୋଇଗଲା ଏତେ ଗରାଖଙ୍କୁ ଦେଖି । ପାଛୋଟି ନେଲା ସେହି ଅଧା କାଛିଆ ଚାଳିଆ ଭିତରକୁ । ମୁହଁରେ ତା'ର ଅଧା ଖିଲିଆ ହସ; ମାନ୍ଦା ବେପାରଟା ତା'ର ଏବେ ଭରଣା ପଡ଼ି ଯିବ ।

ଗରମ ଚା' ଓ ବିସ୍କୁଟ ଖାଉ ଖାଉ ଦୋକାନିଙ୍କ ସହ ଗଳ୍ପ ଜମାଇଥା'ନ୍ତି ଯବାନମାନେ । ''ମଉସା, ଏଇ ଛୋଟ ଚା' ଦୋକାନରୁ କ'ଣ ଆପଣଙ୍କ ପରିବାରର ଗୁଜୁରାଣ ମେଣ୍ଟି ଯାଉଛି ।'' — ପ୍ରଶ୍ନ କଲେ କେହି ଜଣେ ।

ପେଜୁଆ ଆଖି ଦୁଇଟା ଛଳ ଛଳ ହୋଇ ଉଠିଲା । ''ବାବାରେ — ଭଗବାନ୍ ବଡ଼ ଦୟାଳୁ । କେତେ ବାଧାବିପତ୍ତିରୁ ସେ ମୋତେ ବଞ୍ଚାଇଛନ୍ତି, କହିଲେ କଥା ସରିବନି । ଏଇ ଚା' ଦୋକାନହିଁ ମୋର ଭାତ ହାଣ୍ଡି ।'' — ମୁଣ୍ଡର ଠେକୋଟାକୁ ପୁଣି ଥରେ ସଜାଡ଼ି ଦେଲେ ମଉସା । କଥା କଥାକେ ହାତ ଦୁଇଟା ଉପରକୁ ଉଠି ଯାଉଥାଏ କୃତଜ୍ଞତାରେ ।

''ଘରେ ଆପଣଙ୍କର ଆଉ କିଏ ସବୁ ?''

''ଭେଣ୍ଡିଆ ପୁଅ, ହେଲେ ଅକର୍ମଣ୍ୟ । ଏଇ ତିନିମାସ ତଳର କଥା, ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ପୁଅ ଚେତା ହରାଇ ପଡ଼ିଥିବା ଖବର ଶୁଣି ଘରକୁ ଧାଇଁଲି ଦୋକାନ ଚାବି ପକାଇ । ପୁଅର ଚେତା ଫେରିଲା, ହେଲେ ଶରୀର ରକ୍ତାକ୍ତ ଗୁଳି ମାଡ଼ରେ । ଡାକ୍ତରଖାନା ନେଇ ଚିକିତ୍ସା କରିବା ପାଇଁ ମୋ' ପାଖରେ ସେତେବେଳେ ପଇସାଟିଏ ନଥାଏ । କ'ଣ ବା କରିବି । ଟୁଣ୍ଟୁକା ଚିକିତ୍ସା ସାରି ପରଦିନ ସକାଳୁ ଫେରି ଆସିଲି ଦୋକାନରୁ ସଞ୍ଚିତ ଦି' ପଇସା ନେଇ ଯିବା ପାଇଁ । ଦେଖି ଅବାକ୍ — ଭଙ୍ଗା ତାଲାଟା ଝୁଲୁଛି ଦର ଆଉଜା ଦୋଫାଳି କବାଟରେ । ମନକୁ ପାପ ଛୁଇଁଲା । କେତେ କ'ଣ ଭାବି ଗଲି । ହେଲେ ଭିତରକୁ ଯାଇ ଦେଖେ ଚିନି ଡବା ଭିତରେ ଅଛି ସବୁଠୁ ବଡ଼ ନୋଟ ଖଣ୍ଡେ ।'' — କଣ୍ଠ ତାଙ୍କର ରୁଦ୍ଧ ହୋଇଗଲା ।

''ତା'ପରେ ... ?''

''ଜାଣିଲି, ମୋ' ଭଗବାନଙ୍କ ଦାତାପଣ । ଚା' ବିସ୍କୁଟ ଖାଇ ରଖି ଦେଇ ଯାଇଛନ୍ତି ସେ ଟଙ୍କା । ମୋର ମାସକର ଅର୍ଜନ । ସେଇ ଟଙ୍କାରେ ପୁଅର ଚିକିତ୍ସା କଲି, ବଞ୍ଚିଗଲା । ହେଲେ ଭାବିଲେ ଦୁଃଖ ଲାଗେ, ମୋ' ପାଇଁ ଭଗବାନଙ୍କୁ ତାଲା ଭାଙ୍ଗିବା କଷ୍ଟ ସହିବାକୁ ହେଲା ।'' — କଥା ସହ ଆଖିରୁ କୃତଜ୍ଞତାର ଅଶ୍ରୁ ପୋଛି ମଉସା ବାଟେଇ ଦେବା ପାଇଁ ସଜ ହେଲେ ।

ସମ୍ପୂର୍ଣ୍ଣ ଘଟଣାଟି ସମସ୍ତଙ୍କୁ ଜଣାଥିଲେ ବି ପ୍ରକାଶ ନକରିବା ପାଇଁ ଇସାରା ଦେଲେ ମେଜର । ସଭିଏଁ ସ୍ତବ୍ଧ, ମାତ୍ର ମେଜରଙ୍କ ଆନନ୍ଦ ଶିଖର ଛୁଆଁ । ଚିନି ଡବାରେ ରଖି ଦେଇ ଯାଇଥିବା ଦୁଇ ହଜାର ଟଙ୍କାର ନୋଟ ଖଣ୍ଡିକ ଯେ ଏଡ଼େ ମହତ୍ କାର୍ଯ୍ୟ ସାଧନ କରିବ, ତାହା କଳ୍ପନାତୀତ । ସମସ୍ତ ଦ୍ୱିଧା ଓ ଦ୍ୱନ୍ଦ୍ୱରୁ ଆଜି ସେ ମୁକ୍ତ ।

ଅକୁହା ଆନନ୍ଦକୁ ପ୍ରକାଶ କଲେ ମେଜର — ଆନନ୍ଦରେ କୁଣ୍ଢାଇ ପକାଇ ବୁଢ଼ା ମଉସାଙ୍କୁ ।

(କାହାଣୀଟି ଜଣେ ଯବାନଙ୍କ ବର୍ଣ୍ଣିତ ତଥ୍ୟ
ଉପରେ ଆଧାରିତ ।
କୃପ୍‌ୱାରା ସେକ୍ଟର; ଜାମ୍ମୁକାଶ୍ମୀର ।)

❑❑❑

ଜଣେ କ'ଣ କରେ, ସେଇଟା ବଡ଼ କଥା ନୁହେଁ — (ଅବଶ୍ୟ କରିବା କଥାଟା ଗୁରୁତ୍ୱପୂର୍ଣ୍ଣ, ତାହା ତ ପ୍ରମାଣିତ) । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା — ପ୍ରକୃତରେ ସେ ନିଜେ କ'ଣ । କାମଟି ଯାହା ହେଉ ନା କାହିଁକି, ଯେଉଁ ବାଟରେ ସେ କାମ କରାହୋଇଥାଉ ନା କାହିଁକି, ସବୁଠାରୁ ବଡ଼ କଥା ହେଲା କେଉଁ ଚେତନାରେ ରହି ସେହି କାର୍ଯ୍ୟଟି କରାଯାଇଛି ।

— ଶ୍ରୀମା

# ପିଟର ପାଦୁକା

## ସନ୍ତୋଷ ରଥ

ପରିଦର୍ଶନର ଶେଷ ପର୍ବ । ବେଢ଼ା ପଇଁତରା ମାରିଲାବେଳକୁ ଶୁଣାକଥାଗୁଡ଼ାକ ଫେରି ଆସି ଭିଜାଇ ଦେଉଥା'ନ୍ତି ତାଙ୍କ ମନକୁ – ଫେରନ୍ତା ମୌସୁମୀ ପରି । ଗାଇଡ୍‌ର ଡାହାଣ ବାଁ ହୋଇ ଚାଲିଥା'ନ୍ତି ମହେଶ ବାବୁ । ମହେଶ ବାବୁ ଜଣେ ଗବେଷକ ନହେଲେ ବି ପର୍ଯ୍ୟଟନରେ ବଡ଼ ସଉକ । ତଉଲନ୍ତି କିଂବଦନ୍ତୀ ଓ ଇତିହାସକୁ । ବେଳେବେଳେ ତାଙ୍କ ପ୍ରଶ୍ନଜାଲ ଗାଇଡ୍ ପାଇଁ ନାଗଫାଶ ପାଲଟେ । ଏଥର ବି ସେଇ ସମାନ କଥା ।

''ଏ ତ ବହୁ ପୁରାତନ ମନ୍ଦିର ! ଭାସ୍କର୍ଯ୍ୟରେ ଦ୍ରାବିଡ଼ କଳା ଓ ସଂସ୍କୃତିର ଚିତ୍ରକଳ୍ପ ସ୍ପଷ୍ଟ । ଆଚ୍ଛା, ଦେବୀ ମୀନାକ୍ଷୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏ ମନ୍ଦିର ଦେବାଧିଦେବ ମହାଦେବଙ୍କ ସହ ଯୋଡ଼ା ହେଲା କାହିଁକି ?'' – ପ୍ରଶ୍ନ କଲେ ମହେଶ ବାବୁ ।

ଗାଇଡ୍ ଖୋଲିଲେ ତାଙ୍କର ଉତ୍ତର ପେଡ଼ି, ''ଏ କିଂବଦନ୍ତୀ ପ୍ରାଚୀନ ହେଲେ ବି ଜୀବନ୍ତ । ସେତେବେଳେ ଦାକ୍ଷିଣାତ୍ୟରେ ପାଣ୍ଡିଆନ୍ ବଂଶାଧିକାରୀ ଯେତିକି ପରାକ୍ରମୀ ସେତିକି ପ୍ରଜାବତ୍ସଳ । ମାତ୍ର ଚଡ଼କ ପଡ଼ିଲା ରାଜା ମଳୟଧ୍ୱଜ ଓ ରାଣୀ କାଞ୍ଚନମାଳାଙ୍କ ଉପରେ । ଦୁହେଁ ଚିନ୍ତିତ ଉତ୍ତରାଧିକାରୀ ପାଇଁ । ପଣ୍ଡିତମାନଙ୍କ ପରାମର୍ଶ କ୍ରମେ ଆୟୋଜିତ ହେଲା ପୁତ୍ରେଷ୍ଟି ଯଜ୍ଞ । ସାଧୁ ସନ୍ଥମୟ ସାରା ମଦୁରାଇ ସହର ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ । ରାଜାରାଣୀଙ୍କ କାଷ୍ଠା ବ୍ରତରେ ବରଦ ହେଲେ ଦେବଗଣ । ପୂର୍ଣ୍ଣାହୁତି ସମୟରେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ଶୁଭ ସଙ୍କେତର ସୂଚନା ଦେଲା । ସମସ୍ତେ ଚକିତ, ରାଣୀଙ୍କ କୋଳରେ ତିନି ବର୍ଷର କନ୍ୟା ସନ୍ତାନ । ତନିମା ହେଲେ ବି ଅପରୂପା ତାଙ୍କ ରୂପଶ୍ରୀ । ଗୋଲାପୀ ଅଧର, କୁନ୍ଦ କାନ୍ତି ଦନ୍ତ ପଙ୍‌କ୍ତି ସାଙ୍ଗକୁ ଶ୍ରାବଣୀ ମେଘ ଆଉଟା କେଶଗୁଚ୍ଛ ନିତମ୍ବ ଛୁଆଁ । ସତେ ଯେମିତି ଯୋଗମାୟାଙ୍କ ହାତଗଢ଼ା ପ୍ରତିମା । ପଣ୍ଡିତମାନେ ସ୍ୱସ୍ତି ମନ୍ତ୍ର ପାଠ କଲେ, ରାଜାରାଣୀ କୃତାଞ୍ଜଳି ପୁଟରେ ପୁନରାବୃତ୍ତି କଲେ ।''

– ''ଏ ତ ବଡ଼ ଅଦ୍ଭୁତ କଥା । ମହାଭାରତ ଯୁଗର ଯାଜ୍ଞସେନୀଙ୍କ ଅନୁରୂପ ଜନ୍ମଜାତକ । ତା'ପରେ ?'' ପ୍ରଶ୍ନ କଲେ ମହେଶ ବାବୁ ବଡ଼ ଉଦ୍‌ବିଗ୍ନରେ ।

– ''ଶୁଭିଲା ଜୟ ଜୟକାର । ପଣ୍ଡିତଙ୍କଠାରୁ ପ୍ରଜାମଣ୍ଡଳୀ ସଭିଏଁ ତୁଷ୍ଟ । ଦୃଷ୍ଟି କନ୍ୟାରତ୍ନ ଉପରେ । ଆଖି ଦୁଇଟି ତାଙ୍କର ମୀନ ସଦୃଶ ହୋଇଥିବାରୁ ନାମାଙ୍କନ ହେଲା ମୀନାକ୍ଷୀ ।'' ଗାଇଡ୍ କହି କହି ବୁଲାଇ ଦେଖାଉଥା'ନ୍ତି ମନ୍ଦିରର ସ୍ଥାପତ୍ୟ । ଉତ୍ତୁଙ୍ଗ ଗୋପୁରମ୍ ଖୁବ୍ ଆକର୍ଷଣୀୟ । ତା' ସହିତ ସହସ୍ର ଖମ୍ବକକ୍ଷ ଆଉ ଏକ ବିସ୍ମୟ । ଖମ୍ବରେ ଖୋଦିତ ଚିତ୍ରକଳା ଆମ ଐତିହ୍ୟର ଏକ ଏକ ବ୍ୟାଖ୍ୟାନ । ନିଖୁଣ ସେ କାରୁକାର୍ଯ୍ୟ, ସତେ ଯେମିତି ନିହଣ ନୁହେଁ ତୂଳୀ ଅଙ୍କା ଚିତ୍ରପଟ । ଠାଏ ଠାଏ ସଂକ୍ଷେପରେ ସୂଚାଇ ଦେଉଥା'ନ୍ତି ଗାଇଡ୍ ମହାଶୟ । ସବୁଠାରୁ ବଡ଼ କଥା – ପ୍ରତିଟି ଖମ୍ବକୁ ଛୁଇଁଲେ ଭିନ୍ନ ଭିନ୍ନ ସ୍ୱରର ଝଙ୍କାର, ଧ୍ୱନିରୁ ପ୍ରତିଧ୍ୱନି । ସତରେ ବିଜ୍ଞାନ ବି ଠଉରାଇ ପାରିବନି ଏ କାରିଗରୀ ରହସ୍ୟ ।

ମହେଶ ବାବୁ ସ୍ଥାପତ୍ୟକୁ ତନ୍ନ ତନ୍ନ କରି ଦେଖୁଥା'ନ୍ତି, ହେଲେ ଭୁଲି ନଥା'ନ୍ତି ମୂଳ କିଂବଦନ୍ତୀର ଅଶୁଣା କାହାଣୀକୁ । ଚେତାଇ ଦେବାରୁ କାଲୁଆମରା କଣ୍ଠରେ କହିବାକୁ ଆରମ୍ଭ କଲେ ଗାଇଡ୍ – ''ମୀନାକ୍ଷୀଙ୍କ ଅପରୂପ ରୂପସମ୍ଭାର ଭିତରେ ଥିଲା ଏକ କାଳିମା; ଚନ୍ଦ୍ରରେ କଳଙ୍କ ପରି । ରାଜା ଓ ରାଣୀ ମ୍ରିୟମାଣ । ସାଷ୍ଟାଙ୍ଗ ଆକୁତି ଜଣାଇଲେ ଭଗବାନଙ୍କୁ ସେଇ ଯଜ୍ଞ ମଣ୍ଡପ ଉପରେ । ହଠାତ୍ ଶୂନ୍ୟ ବାଣୀ ହେଲା – 'ହେ ରାଜନ୍ ! କନ୍ୟା ତୁମ୍ଭର ଦୈବୀ ସମ୍ଭୂତା । ସେ ପ୍ରଜ୍ଞା ଧାରିଣୀ ଓ ପ୍ରମାଥିନୀ । ଦୁର୍ବାର ତାଙ୍କର ସଂକଳ୍ପ । ସେ ଅପରାଜିତା । ମାତ୍ର ସେ ଯେତେବେଳେ ଯୋଗେଶଙ୍କୁ ତାଙ୍କ ଈଶ ରୂପେ ପାଇବା ପାଇଁ ତପସିଦ୍ଧ ହେବେ, ସେତିକି ବେଳେ ତାଙ୍କର ତୃତୀୟ ସ୍ତନଟି ଆପେ ଆପେ ନିର୍ଶ୍ଚିହ୍ନ ହୋଇଯିବ । ସେ ହେବେ ଅଦ୍ୱିତୀୟା ।'

''ଆସନ୍ତୁ ପହଡ଼ ପଡ଼ିବା ପୂର୍ବରୁ ଦେବୀଙ୍କୁ ଦର୍ଶନ କରି ନେବେ ।'' – ଗାଇଡ୍‌ଙ୍କ ପ୍ରସ୍ତାବରେ ସହମତ ହୋଇ ଗର୍ଭଗୃହ ଆଡ଼କୁ ମୁହାଁଇଲେ ଦୁହେଁ ।

ସୂର୍ଯ୍ୟ ତେଜ ସେତେବେଳକୁ ରକ୍ତିମ ହୋଇ ନଥାଏ । ବାହାରେ ଶୁଭୁଥାଏ ଘଣ୍ଟା ଘଣ୍ଟିର ଶବ୍ଦ, ଭିତରେ ଭୟଙ୍କର ଭିଡ଼ । ପେଶୀ ପଡ଼ିଲେ ପେଷି ହୋଇଯିବ ସତେ । ଯୋଗକୁ

ପାଦ ଦୁଇଟା ଭୂଇଁଲଗା ହେବାର ହରାଇଥିବା ସୁଯୋଗକୁ ଫେରି ପାଇଲା । ମହେଶ ବାବୁ ଆଉ ଗୋଟିଏ ଖମ୍ବ ପାଲଟି ଗଲେ କାଷ୍ଠ ଆଉଜା ହୋଇ, କିନ୍ତୁ ପୂରାପୂରି ଦେବୀଙ୍କ ସାମନାସାମନି । ଅନୁଭବ କଲେ ମା ପାର୍ବତୀ ଓ ମହାଦେବଙ୍କ ସ୍ପନ୍ଦନ, କୈଳାଶର ଅଭିନବ ଦୃଶ୍ୟ ।

ମହେଶ ବାବୁଙ୍କ ଦର୍ଶନାନୁଭୂତି ଶୁଣି ଗାଇଡ୍ ମୁଗ୍ଧ – ''ବାସ୍ତବିକ ଆପଣଙ୍କ ସମ୍ବିତ୍‌ହିଁ ଆପଣଙ୍କ ସାରଥି । କଥାଟା ଠିକ୍ ସେଇଆ । ରାଜାଙ୍କ ଅନ୍ତେ ଦେବୀ ମୀନାକ୍ଷୀହିଁ ରାଜ୍ୟ ଶାସନର ଭାର ଗ୍ରହଣ କଲେ । ଅଭୁତ ତାଙ୍କର ଶାସନରୀତି । କେତେବେଳେ ସେ ପାଳୟିତ୍ରୀ ତ କେତେବେଳେ ପୁଣି ନିହନ୍ତ୍ରୀ; ମଳୟ ଓ ଝଞ୍ଜାର ମଧୁର ସଙ୍ଗମ । ସାମ୍ରାଜ୍ଞୀ ହେବା ପରେ ବି ଦିଗ୍‌ବିଜୟର ତୃଷା ମେଣ୍ଟିଲାନି । ସ୍ୱର୍ଗାଭିଯାନ ପାଇଁ ଦୁନ୍ଦୁଭି ନାଦ କଲେ ଦେବୀ ମୀନାକ୍ଷୀ । ଥରହର ଦେବଗଣ । ନିରୁପାୟ ହୋଇ ବିନତି ବାଢ଼ିଲେ କୈଳାଶପୁରରେ । ଦେବୀଙ୍କୁ ସାମ୍ନା କରିବା ପାଇଁ ସ୍ୱୟଂ ମହାଦେବ ଉଭା ହେଲେ । ମାତ୍ର ହଠାତ୍ ଯମୁନା ଉଜାଣି ବହିଲା । ଦେବୀ କାତ୍ୟାୟନୀ ରୂପ ତ୍ୟାଗ କରି ପାଲଟି ଗଲେ ତପସ୍ୱିନୀ, ପହିଲି ଦର୍ଶନରେ । ଆକାଂକ୍ଷା – ଯୋଗେଶଙ୍କୁ ଈଶ ରୂପେ ବରଣ କରିବେ । ତଲ୍ଲୀନ ହେଲେ ତପସ୍ୟାରେ ।''

ସନ୍ଧ୍ୟା ଆଳତିର ପ୍ରସ୍ତୁତି ପର୍ବ । ବେଢ଼ା ଭିତରର ଭିଡ଼ ବଢ଼ିବାକୁ ଲାଗୁଥାଏ । ଦୁହେଁ ଠିଆ ହୋଇଥା'ନ୍ତି ପୁଦୁମଣ୍ଡପ ଆଡ଼କୁ, ଶବ୍ଦ କୋଳାହଳକୁ ଅଣଆଡ଼ିଆ କରି । ମହେଶ ବାବୁଙ୍କର ସେଇ ସମାନ ପ୍ରଶ୍ନ – ''ତା'ପରେ ?''

– ''ମହାଦେବଙ୍କ ଆଜ୍ଞାକୁ ଅବଜ୍ଞା ନକରି କୈଳାସରୁ ମଦୁରାଇ ଫେରି ଆସିଲେ ସିନା, ମାତ୍ର ଦେବୀ ଥାଆନ୍ତି ନିଜ ବ୍ରତରେ ଅଟଳ । ପ୍ରଭୁ ନିରୁପାୟ । ଠିକ୍ ଆଠ ଦିନ ଅନ୍ତେ ମହାଦେବ ସୁନ୍ଦରେଶ୍ୱର ନାମ ଧାରଣ କରି ମର୍ତ୍ତରେ ଆବିର୍ଭୂତ ହେଲେ । ଦେବୀ ସେତେବେଳକୁ ଅନନ୍ୟ ସୁନ୍ଦରୀ । ମଦୁରାଇରେହିଁ ସମାପନ ହେଲା ବିବାହ କାର୍ଯ୍ୟ ବହୁ ଦେବଦେବୀଙ୍କ ଗହଣରେ । ସେହିଦିନଠାରୁ ଚୈତ୍ରମାସର 'ଥିରୁକଲ୍ୟାଣମ୍' ପର୍ବ ହେଲା ମଦୁରାଇର ସବୁଠାରୁ ବଡ଼ ମହୋତ୍ସବ ଏବଂ ମନ୍ଦିର ହେଲା ତାଙ୍କରି ଉଦ୍ଦେଶ୍ୟରେ ସମର୍ପିତ ।

''ଯେତେ ବର୍ଣ୍ଣିଲେ ବି ରାତି ପାହାନ୍ତା ହୋଇ ଯିବ ପଛେ ଦେବୀଙ୍କ ମାହାତ୍ମ୍ୟ ଅସରା ରହିଯିବ । ଇତିହାସର ପୃଷ୍ଠା – ଇଂରେଜ ସେତେବେଳକୁ ଦାକ୍ଷିଣାତ୍ୟ ଅକ୍ତିଆର କରି ସାରିଲେଣି । ପାଖାପାଖି ୧୮୧୨ ରୁ ୧୮୨୮ ମସିହାର କଥା । ପିଟର ସାହେବ ମଦୁରାଇର କଲେକ୍ଟର ଭାବରେ ନିଯୁକ୍ତି ପାଇଥା'ନ୍ତି । ବଡ଼ ଉଚ୍ଚମିଜାଜୀ । ଖ୍ରୀଷ୍ଟିଆନ ହେଲେ ବି ହିନ୍ଦୁ ଧର୍ମର ଦେବଦେବୀଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ଅଣତଉଲ । ଶାସନ କାର୍ଯ୍ୟ ସହିତ ମନ୍ଦିରର ପରିଚାଳନା ଭାର ମଧ୍ୟ ମୁଣ୍ଡେଇ ଥା'ନ୍ତି – ନିଜକୁ ସେବକ ଭାବି । ତାଙ୍କର ଭାବଭକ୍ତି ଦେଖି ଥୋକେ ତାଙ୍କୁ ପିଟର ପାଣ୍ଡିଆନ୍ ନାମରେ ଡାକନ୍ତି ।

''ସାହେବଙ୍କ ଆଚରଣ ଖୁବ୍ ରକ୍ଷଣଶୀଳ । ପ୍ରତିଦିନ ଅଫିସ ଯିବା ସମୟରେ ମନ୍ଦିର ସାମନାରେ ଘୋଡ଼ାରୁ ଓହ୍ଲାଇ ପଡ଼ନ୍ତି । ଏମିତିକି ମୁଣ୍ଡରୁ ଟୋପି ଓ ପାଦରୁ ଯୋତା ମଧ୍ୟ ଖୋଲି ଦିଅନ୍ତି, ଦେବୀଙ୍କ ସମ୍ମାନାର୍ଥେ । ଥରକର ଘଟଣା ଦୀର୍ଘ ଦୁଇଦିନ ଧରି ବର୍ଷା ଲାଗି ରହିଥାଏ ମଦୁରାଇରେ । ଗର୍ଜିଲା ମେଘ ସାଙ୍ଗକୁ ତୋଫାନୀ ତୁହାକୁ ତୁହା । ଭାଇଗାଇ ନଈର ଜଳପତନ ବଢ଼ିବାରେ ଲାଗିଲା । ରାତି ସେତେବେଳକୁ ଅଧାଅଧି । ସାହେବଙ୍କ ନିଘୋଡ଼ ନିଦରେ ବ୍ୟାଘାତ ସୃଷ୍ଟି କଲା କାହାର କୋମଳ କଣ୍ଠ ସ୍ୱର – 'ପିଟର, ଏଇ ଦିଗରେ ଚାଲି ଆସ ।' ସାହେବ ଉଠି ପଡ଼ି ଦେଖନ୍ତି ଘରର କବାଟ ଡେଇଁ ବାହାରି ଯାଉଛି ସୁନ୍ଦରୀ କନ୍ୟାଟିଏ । ଦେହରେ ସିଲ୍‌କ୍ ଶାଢ଼ୀ ଓ ଅଳଙ୍କାରର ଆଭୂଷଣ । ସାହେବ ଡେରି ନକରି ଘୋଡ଼ା ଧରି ଅନୁସରଣ କଲେ ସେହି କନ୍ୟାକୁ । ତଥାପି ପାରିଲେନି କି ପାଇଲେନି । କିଛି ସମୟ ପରେ ସେ କେଉଁ ଆଡ଼େ ଅଦୃଶ୍ୟ ହୋଇଗଲା । ସାହେବ ସେତେବେଳକୁ ଘରଠାରୁ ଅଳ୍ପ କିଛି ଦୂରରେ । ପଛକୁ ଫେରି ଦେଖନ୍ତି – ଭାଇଗାଇ ନଈର ବଢ଼ନ୍ତା ସୁଅ ତାଙ୍କ ବଙ୍ଗଳାକୁ ନିଶ୍ଚିହ୍ନ କରିଦେଲା । ପରଖି ନେଲେ ନିଜକୁ; ସେ ସ୍ୱପ୍ନ ଦେଖୁ ନାହାନ୍ତି ତ ! ଘୋଡ଼ାକୁ ଆଉଁସି ଦେଇ ଭାବିଲେ – ଏ ତ ଏକ ଅଲୌକିକତା । ଦୁଇଟା ଜୀବନ ଜଳ ସମାଧିରୁ ନିମିଷକେ ବର୍ତ୍ତିଗଲା । କାହାର ଏ ନିର୍ଦ୍ଦେଶ !''

ଗାଇଡ୍‌ଙ୍କ ବର୍ଣ୍ଣନାରେ ମହେଶବାବୁ ସ୍ତବ୍ଧ । ସ୍ୱତଃ ବାହାରି ଆସିଲା, ''ତା'ପରେ''... ?

– ''ପରଦିନ ଲୋକମୁଖର ହେଲା ଦେବୀଙ୍କ ମାହାତ୍ମ୍ୟ । ବତାସୀ ବାହୁଡ଼ି ଗଲା, ହେଲେ ସାକ୍ଷୀ ରହିଗଲା ସାହେବଙ୍କ ବଙ୍ଗଳାର ସୁଅଧୁଆ ସେଇ ଧ୍ୱଂସ ସ୍ତୂପ ।

''ମା'ଙ୍କ ଯୋଗୁଁ ଏତେ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିବାରୁ ପିଟର କିଛି ଗୋଟାଏ ଉପହାର ଦେବା ପାଇଁ

ମନ୍ଦିର ପୂଜକଙ୍କୁ ଅନୁରୋଧ ଜଣାଇଲେ । ଗୃହୀତ ହେଲା ତାଙ୍କ ଅନୁରୋଧ । ହେଲେ କି ଉପହାର ଦେବେ ସେକଥା ସେ ସ୍ଥିର କରିପାରୁ ନଥା'ନ୍ତି । ମନ ଦୋ ଦୋ ପାଞ୍ଚ । ଦେବୀଙ୍କର କ'ଣ ନାହିଁ ଯେ ସେ ପୁଣି କ'ଣ ଦେବେ । ମନେ ପଡ଼ିଗଲା ସେଦିନ ରାତିର ସେ ଦୃଶ୍ୟ । ଶିହରି ଉଠିଲା ସାହେବଙ୍କ ଦେହ । ସେ ସ୍ପଷ୍ଟ ଦେଖିଛନ୍ତି ଫୁଙ୍ଗୁଳା ଥିଲା ଦେବୀଙ୍କ ପାଦ ।

''ପର ବର୍ଷ 'ଥିରୁକଲ୍ୟାଣମ୍' ପର୍ବ ପୂର୍ବରୁ ଶେଷ ହେଲା ଉପହାର ଗଢ଼ଣ କାର୍ଯ୍ୟ । ଭେଟି ଦେଲେ ନେଇ ମନ୍ଦିରର ବଡ଼ ପୂଜାରୀଙ୍କୁ । ହୀରାନୀଳା ଖଚିତ ସୁବର୍ଣ୍ଣ ପାଦୁକା ହଳକ ଦେଖି ସମସ୍ତେ ଚକିତ ହୋଇ ଉଠିଲେ । 'ପିଟର ସାହେବ, ଆପଣ ଏଭଳି ସିଦ୍ଧାନ୍ତ ନେଲେ କାହିଁକି'— ପ୍ରଶ୍ନ କରିଥିଲେ ପୂଜାରୀ ମହାଶୟ ।

'' 'ଭାବିଲି, ମୋ ଭଳି ଅଧମର ଜୀବନ ରକ୍ଷା ପାଇଁ ମା ଯେମିତି ଖାଲି ପାଦରେ ଧାଇଁ ଆସିଥିଲେ, ଆଉ କାହା ପାଖକୁ ଯିବା ପାଇଁ ସେମିତି କଷ୍ଟ ତାଙ୍କୁ ଯେମିତି ନପଡ଼େ ।' — କହିଥିଲେ ପିଟର ପଣ୍ଡିତ ମଣ୍ଡଳୀଙ୍କୁ । 'ଧନ୍ୟ ତୁମେ, ଧନ୍ୟ ତୁମର ଭକ୍ତିଭାବ ! ଆଜିଠାରୁ ନଗର ପରିକ୍ରମା ସମୟରେ ଏଇ ପାଦୁକା ହଳକ ମା'ଙ୍କ ଚରଣ ତଳେ ଶୋଭା ପାଇବ, ଏହାର ନାମ ହେଲା 'ପିଟର ପାଦୁକା' । — ବଡ଼ ପୂଜାରୀ ଖୁସୀରେ ଘୋଷଣା କରିଥିଲେ ।''

ମହେଶ ବାବୁଙ୍କର ପୁଣି ସେଇ ସମାନ ପ୍ରଶ୍ନ — ''ତା'ପରେ ?''

— ''ଅବସର ନେବା ପରେ ମଧ୍ୟ ପିଟର ସାହେବ ତାଙ୍କ ଦେଶକୁ ଫେରିଯାଇ ନଥିଲେ । ତାଙ୍କରି ଅନ୍ତିମ ଇଚ୍ଛାକୁ ରକ୍ଷା କରାଯାଇ ଦେହାନ୍ତ ପରେ ତାଙ୍କୁ ମଦୁରାଇରେ ମନ୍ଦିର-ମୁହାଁ କରି କବର ଦିଆ ଯାଇଥିଲା ।'' — ଶେଷ ପୂର୍ଣ୍ଣଚ୍ଛେଦ ଟାଣି ଦେଇ ଗାଇଡ୍ ସଜ ହେଲେ ଯିବା ପାଇଁ ।

ମହେଶ ବାବୁଙ୍କ ଆଖି ଛଳ ଛଳ । ଗାଇଡ୍‌ଙ୍କୁ ପାଉଣା ବଢ଼ାଇ ଦେଇ ଭିଡ଼ ଭିତରେ ହଜି ଗଲେ ପୁଣି ଥରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ । ❑

# ପ୍ରଚ୍ଛଦ ପ୍ରେରଣା

## ସନ୍ତୋଷ ରଥ

ବାରଂବାର 'ନା' ଶୁଣୁଥିଲେ ବି ଅଟକ ରହିବାର ଯମଯନ୍ତ୍ରଣା ଯେ ଚିତ୍ରଗୁପ୍ତ ପଞ୍ଜିକାରୁ ଲୁପ୍ତ ହୋଇଯିବ ସେକଥା ନୁହେଁ । କିନ୍ତୁ ସେ କେମିତି 'ହଁ'କୁ ମାନି ନେବେ ! ଜୀବନବ୍ୟାପୀ ଆଦର୍ଶ ଓ ସଚ୍ଚୋଟତାର କଙ୍କର ଚଲା ବାଟ ଆଗେ ଏ ତ କିଛି ବି ନୁହେଁ । କେତେ କଣ୍ଟା ସେ ନିଜ ହାତରେ ପାଦରୁ ବାହାର କରିଛନ୍ତି, ଝୁଣ୍ଟିଛନ୍ତି ପୁଣି ପଡୁ ପଡୁ ଅଟକି ଯାଇ ଚାଲିଛନ୍ତି ନିଜକୁ ଆଶ୍ରା କରି । ଯାହାର ଜନ୍ମକୁଣ୍ଡଳୀର ଏମନ୍ତ ଦିଶା, ତା' ପାଇଁ ଥାନା ବାରଣ୍ଡା ବି ବଡ଼ଦାଣ୍ଡ ।

ବାଟା ହାଓ୍ୱାଇ ଚପଲରୁ ପାଦ ଏପଟ ସେପଟ କରି ବାଁ ପାଦକୁ ଟେକି ଦେଇ ଥକା ମାରିଲେ ମାଷ୍ଟର ମହାଶୟ; ବାରଣ୍ଡାର ଏକଣା ବେଞ୍ଚ ଉପରେ କାନ୍ଥ ଆଉଜା ହୋଇ । ବେଳ ଚାରିଟାରୁ ସଞ୍ଜ ଗଡ଼ିଲାଣି, ଚା କପଟିଏ ତୁଣ୍ଡ ଛୁଇଁନି । ବେଳେବେଳେ ସିପାହୀମାନଙ୍କ ନାଲି ଆଖି ପର୍ବ – ତତଲା ବୈଶାଖୀ । ତଥାପି ସାଲିସ କରିବାକୁ ମନ ବଳୁ ନଥାଏ ।

''ବୁଢ଼ା ହେଲଣି, ଏତେ ଆଣ୍ଟ, କିଏ ତ କହୁନି ତୁମେ ଚୋରି କରିଛ ବୋଲି । 'ହଁ' କହି ଦେଇଥିଲେ ଘରକୁ ଯାଆନ୍ତଣି । ଏବେ ବସିଥାଅ ବଡ଼ବାବୁ ଆସିବା ଯାଏଁ ।''– ନାଁ, ଗାଁ ଟିପି ସାରି ଦମ୍ଭୋକ୍ତି ପ୍ରଦାନ କଲେ ଥାନା ସାନବାବୁ ।

ଥାନା ଦୁଆର ସାହାଣ ମେଲା । ଆସିବା ଯିବାରେ ରୋକ ନାହିଁ । କେହି କେହି ଅଟକି ଯାଉଥିଲେ ତ୍ରିଶଙ୍କୁର ଭାବନା ନେଇ ତ ଆଉ କେହି ଭୋଗୁଥିଲେ ତକ୍ଷକର ଅଧାଗିଳା ଚୁଚୁନ୍ଦ୍ରା ବ୍ୟାଧି ।

''ତୁ କ'ଣ ଭାବିଛୁ ଏଫ.ଆଇ.ଆର୍.ଟା ଦେଇଦେଲେ ଫୋନ୍‌ଟା ମିଳିଯିବ ? ପୂଜା ଚାନ୍ଦା ନଦେଲେ କିଛି ହେବନି । ବରଂ ନୂଆଟେ କିଣି ଦେବାଟା ସଠିକ ସିଦ୍ଧାନ୍ତ ।''– ଦୁଇ ବନ୍ଧୁଙ୍କ ଅଙ୍କ କଷା ତଥାପି ଅଛିଣ୍ଡା ରହିଥାଏ ।

ଠିକ୍ ସେତିକି ବେଳକୁ ବାରଣ୍ଡା ସେ ପଟେ ଦି'ଜଣ ବିନା ଲାଇସେନ୍‌ସରେ ଗାଡ଼ି ଚଳାଇ ଧରା ପଡ଼ିଥିବାରୁ ନୁଙ୍ଗୁରୁ ପୁଙ୍ଗୁରୁ ହେଉଥା'ନ୍ତି । ନା ଭିତରକୁ ଯାଇ ପାରୁଥା'ନ୍ତି ନା ଏରୁଣ୍ଡି ଡେଇଁ ପାରୁଥା'ନ୍ତି । ଏସବୁ ଦେଖୁଥିଲେ ବି ବଡ଼ ନିର୍ବିକାର ମାଷ୍ଟରଙ୍କର ଚିତ୍ତ । ଭାବନା ଥିଲେ ବି ନଥିଲା ଲକ୍ଷ୍ମଣରେଖା ଟାଣିବାର ଯୋଜନା ନା ଡେଇଁବାର ଦ୍ୱିଧା । ଅପେକ୍ଷା ଖାଲି ବଡ଼ବାବୁଙ୍କୁ ।

ବେଳ ସେତେବେଳକୁ ମୁହଁ ଅନ୍ଧାର ଟପିଲାଣି । କ'ଣ ହେଲା କେଜାଣି ହଠାତ୍ ଦପ୍ତରବାସୀମାନେ କାର୍ଯ୍ୟବ୍ୟସ୍ତତାକୁ ଜାବୁଡ଼ି ଧରିଲେ । ମାଷ୍ଟ୍ରଙ୍କ ଚୋରା ହାଇଟା ମଧ୍ୟ ଚାପି ହୋଇଗଲା ଏସବୁ ଦେଖି । ବୁଝିଗଲେ ନିଶ୍ଚୟ ଏ ବଡ଼ବାବୁଙ୍କ ଜିପ୍ । ଭାଗ୍ୟକୁ ତାରିଫ ଜଣାଇଲେ ।

କିଛି ବଡ଼ ବର୍ଗର ଯଜମାନଙ୍କ ପାଇଁ ଜଳା ନାଲି ବତୀଟା ଲିଭିଯିବା ପରେ ଡକାହେଲେ ସାନବାବୁ । – ''ଆଜ୍ଞା, ସି.ସି. ଟି.ଭି. ଫୁଟେଜରୁ ଜଣକୁ ଚିହ୍ନଟ କରି ଡାକି ପଚରାଉଚରା କରିଛୁ । ଦୋକାନରେ ସେତେବେଳେ ସେ ଉପସ୍ଥିତ ଥିଲେ ବି ସନ୍ଦେହ ଘେରରେ ଥିବା ଯୁବକଙ୍କ ବିଷୟରେ ତାଙ୍କର କିଛି ମତାମତ ନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି । ଖାଲି ସେତିକି ନୁହେଁ, ପ୍ରଶ୍ନ କଲେ ପ୍ରତି ପ୍ରଶ୍ନର ଓଲଟା ଜବାବ । ସତେ ଯେମିତି ସେ ଗୋଟା ଧୂଆ ତୁଳସୀ ।'' – ଟେବୁଲ ଠାରୁ ଦୁଇହାତ ଦୂରରେ ଥାଇ ଉତ୍ତର ଦେଲେ ସାନବାବୁ, ବ୍ରିଟିଶ ଅମଳରୁ ଚଳି ଆସୁଥିବା ଅଧସ୍ତନର ସମ୍ଭ୍ରମତା ବଜାଇରଖି ।

''ଠିକ୍ ଅଛି, ତାଙ୍କୁ ଭିତରକୁ ପଠାଅ । ହଁ, ଆପଣ ଡନ୍ ବ୍ରଦରସ୍‌ଙ୍କ ଚାର୍ଯସିଟ୍ ଶୀଘ୍ର ପ୍ରସ୍ତୁତ କରନ୍ତୁ । ଏସ୍.ପି. ସାହେବ ତଲବ ଦେଲେଣି,'' – କହିଲେ ବଡ଼ବାବୁ ଅର୍ଜେଣ୍ଟ୍ ଫାଇଲ ଉପରୁ ଧ୍ୟାନ ନ ହଟାଇ ।

ରୁମ୍‌ର ପରିପାଟୀରେ ଅତ୍ୟାଧୁନିକତା ଖୁନ୍ଦି ହୋଇ ନଥିଲେ ବି ବଡ଼ବାବୁଙ୍କ ଉପସ୍ଥିତି ସବୁକିଛିକୁ ପାଲଟେଇ ଦେଉଥିଲା । ସାମନାରେ ବଡ଼ ଟେବୁଲ, ପଛପଟ କାନ୍ଥରେ ଟଙ୍ଗା ହୋଇଥାଏ ତଥାକଥିତ ଭାରତର ଭାଗ୍ୟ ବିଧାତାମାନଙ୍କ ତୈଳ ଚିତ୍ର, ବହୁତ ପୁରୁଣା । କାଚ କବାଟକୁ ଠେଲି ଭିତରକୁ ପଶିଲେ ମାଷ୍ଟ୍ର ମହାଶୟ – ନିର୍ଦ୍ୱନ୍ଦ୍ୱରେ ।

''ସାର୍, ଆପଣ ! ଆସନ୍ତୁ, ବହୁତ ଦିନରୁ ଭାବିଲିଣି ଆପଣଙ୍କୁ ଥରେ ଦେଖା କରିବି ବୋଲି, ହେଲେ କାର୍ଯ୍ୟବ୍ୟସ୍ତତାକୁ ବାହାନା କରି ମନ ବୁଝିଯିବାକୁ ବାଧ ହେଉଛି ।'' – ଅଧା ଝୁଙ୍କା ପ୍ରଣାମଟି ସାରି ପାଖ ଚୌକିରେ

ବସିବାର ଇଙ୍ଗିତ କଲେ ବଡ଼ବାବୁ । ଦୁହେଁ କିନ୍ତୁ ସେମିତି ଠିଆ ଠିଆ ।

''ଆପଣ ମୋତେ ଚିହ୍ନି ପାରୁଛନ୍ତି ତ ? ମୁଁ ସଂଗ୍ରାମ ପାଟଯୋଶୀ । ଆପଣଙ୍କ ଛାତ୍ର । ବହୁତ ଦୁଷ୍ଟ ଥିଲି ।''

— ''ଦୁଷ୍ଟ ପିଲାଙ୍କୁ ତ ମୁଁ ବେଶୀ ଭଲ ପାଏ ।''

— ''ସେଇଥି ପାଇଁ ତ ମୁଁ ଆଜି ମଣିଷ ହୋଇପାରିଛି । ଆପଣଙ୍କ ପ୍ରଚ୍ଛଦ ପ୍ରେରଣା ମୋ ଚଲା ବାଟର ସାମିଆନା ।

''ମନେ ଅଛି ସେଇଟା ମୋର ଶେଷ ବର୍ଷ — ଆପଣ ପ୍ରଧାନ ଶିକ୍ଷକ ପଦବୀକୁ ଉନ୍ନୀତ ହୋଇଥା'ନ୍ତି । ବିଜ୍ଞାନ ସହିତ ହେତୁ ଶାସ୍ତ୍ରର ସମୀକରଣ ଆପଣଙ୍କ ପଢ଼ାର ସ୍ୱତନ୍ତ୍ରତା, ଯାହା ଚୁମ୍ବକୀୟ । ସେଦିନ ଆପଣ ଆମ କ୍ଲାସର ପ୍ରଥମ ଧାଡ଼ିର ପାଞ୍ଚଜଣଙ୍କୁ ସାମନାକୁ ଡାକି ବାମ ହାତରେ ଗୋଟିଏ ବେଲୁନ୍ ଓ ଡାହାଣ ହାତରେ ଗୋଟିଏ ପିନ୍ ଧରାଇ ଦେଲେ । ମୁଁ ଥିଲି ମଝିରେ । ଆମେମାନେ କିଛି ବି ବୁଝିପାରୁ ନଥାଉ । ତା'ପରେ ଆପଣ ଘୋଷଣା କଲେ — 'ଏହା ମଧ୍ୟ ଏକ ପରୀକ୍ଷା । ପ୍ରତିସ୍ପର୍ଦ୍ଧାରେ ଚେତନାର ଅଭିନିବେଶତା । ମୁଁ ଏକରୁ ଦଶ ଗଣିବା ପରେ ଯାହା ହାତରେ ବେଲୁନ୍ ଥିବ ସେହିଁ ବିଜେତା ହେବ ଏବଂ ପୁରସ୍କାର ପାଇବ ।' ଆପଣଙ୍କ ଗଣା ନ ସରିବା ପୂର୍ବରୁ ଆମ ଭିତରେ ଆରମ୍ଭ ହେଇଗଲା ଖଣ୍ଡ ଯୁଦ୍ଧ, ମୁଁ ହିଁ ଆରମ୍ଭ କରିଥିଲି ଅନ୍ୟର ବେଲୁନ୍‌କୁ ଫୁଟାଇବାର ଅଭିପ୍ରାୟ । ଆୟୁଧ ସାଜିଲା ଡାହାଣ ହାତର ପିନ୍ ।''

— ''ହଁ ମନେ ପଡୁଛି । ଶ୍ରେଷ୍ଠ ହେବା ପାଇଁ ଏହା ଏକ ବିକୃତ ମାନସିକତା ।'' ଅର୍ଦ୍ଧ ପ୍ରଫୁଲ୍ଲିତ ବଦନରେ କହିଲେ ମାଷ୍ଟର ମହାଶୟ ।

''ଦଶ ଗଣିସାରି ଆପଣ ଫଳାଫଳ ଘୋଷଣା କରିବାକୁ ଯାଇ କହିଲେ — 'ପିଲାମାନେ ମୁଁ କହିଥିଲି ଯାହା ହାତରେ ବେଲୁନ୍ ଥିବ ସେ ବିଜୟୀ ହେବ । କିନ୍ତୁ ପ୍ରତିଦ୍ୱନ୍ଦ୍ୱୀର ଅନିଷ୍ଟ ଚିନ୍ତନହିଁ ତୁମ ସମସ୍ତଙ୍କ ପରାଜୟର ହେତୁ ପାଲଟିଛି । ମୁଁ ଦଶଟି ପୁରସ୍କାର ରଖିଥିଲି, ଚାହିଁଥିଲେ ତୁମେ ସମସ୍ତେ ତାହାର ହକଦାର ହୋଇ ପାରିଥା'ନ୍ତ ।' ତା' ପରଠୁ ମୋର ସମ୍ବିତ୍ ମୋତେ ଚେତାଇ ଦିଏ ପ୍ରତିଯୋଗିତାରେ ଶ୍ରେଷ୍ଠ ହେବା ନୁହେଁ, ଉତ୍ତମ ହେବାର ଅଭିଳାଷ ହିଁ ଯଥାର୍ଥ ସ୍ପର୍ଦ୍ଧା ।''

ବଡ଼ବାବୁଙ୍କ କୃତଜ୍ଞତାରେ ମୁଗ୍ଧ ହୋଇ ମାଷ୍ଟର ମହାଶୟ କହିଲେ — ''ବାଃ ! ଚମତ୍କାର । ଭାବିଥିଲି ମୋ ଶିକ୍ଷକ ଜୀବନ ଗୋଟାଏ ପରିତ୍ୟକ୍ତ ସରୋବର ।''

— ''ନା, ସାର୍ ଆପଣ ସେମିତି କାହିଁକି କହୁଛନ୍ତି । ପରିତ୍ୟକ୍ତ ସରୋବରହିଁ ପଦ୍ମ ଫୁଟାଇବାରେ ସାଜିପାରେ ପଙ୍କଭୂମି । ମୁଁ କ'ଣ ଭୁଲି ପାରିବି ସେ ଦିନକୁ । ଶେଷ ବର୍ଷର ପାଠ ଶେଷ କରି ପୁନରାବୃତ୍ତି ପାଇଁ ଆପଣ ତତ୍ପର । ଲଗାମ ଟିକିଏ ଢିଲା ହୋଇଗଲେ ଆମର କିନ୍ତୁ ଆରମ୍ଭ ହୋଇଯାଏ କେତେବେଳେ କ୍ରିକେଟ୍ ତ କେତେବେଳେ ତାରକାମାନଙ୍କର ଦାମ୍ପତ୍ୟ ଜୀବନର ଗୁମର ଚର୍ଚ୍ଚା ।

''ବିଜ୍ଞାନ ମେଳା ଆଉ ଅଳ୍ପ ଦିନ ଥାଏ । ଆପଣଙ୍କ ପ୍ରସ୍ତାବରେ ଆମେ ବହୁତ ଖୁସୀ — ଶେଷ ବର୍ଷର ପିଲାମାନଙ୍କର ମଡ଼େଲ ସ୍ମୃତିର ସନ୍ତକ ରୂପେ ସ୍କୁଲରେ ରଖାଯିବ ଯଦି ସେସବୁ ସ୍ୱତନ୍ତ୍ର ଓ ସ୍ୱକୀୟ ହୋଇଥାଏ । ଆରମ୍ଭ ହୋଇଗଲା ଯୋଜନା ପରେ ଯୋଜନା ବୁଦ୍‌ବୁଦ୍ ସମ ଭାବନାର ସୁଅରେ — ଘଡ଼ିକି ଘଡ଼ି ପଲଟୁଥାଏ । ଶେଷକୁ ସିଦ୍ଧାନ୍ତ ନେଲି ମଲ୍‌ଟି-ଲେନ୍ସଯୁକ୍ତ ଟେଲିସ୍କୋପିକ୍ କ୍ୟାମେରାଟିଏ ତିଆରି କରିବି । ଯାହାକୁ ଆଧାର କରି ଦେଖିହେବ ଗ୍ରହ ନକ୍ଷତ୍ରମାନଙ୍କ ଚଳନ । ଡ୍ରଇଂ କରି ଆପଣଙ୍କୁ ଦେଖାଇଲି, ସଂକ୍ଷିପ୍ତ ବିବରଣୀ ସହିତ । ଆପଣ ସଂଶୋଧନ କଲେ, ତାରିଫ ମଧ୍ୟ କଲେ ଗମ୍ଭୀର ଭାବରେ । ଜାଣିଥିଲି ବ୍ୟୟ ବହୁଳ ନୁହେଁ, ତତୋଽଧିକ । ଭଉଣୀ ବଳ ଦେଲା ବାପାଙ୍କଠୁ ବିଲ୍‌ଟା ପାଶ୍ କରିଦେବ ବୋଲି । କିନ୍ତୁ ସେସବୁ ସ୍ୱପ୍ନର ଇନ୍ଦ୍ରଧନୁ ।

— '' 'ତୁମେ କ'ଣ ଭାବିଛ ଝିଅ ବାହାଘର ପାଇଁ ସଞ୍ଚିତ ପଇସାଟା ଏଇଥିରେ ଖର୍ଚ୍ଚ କରିଦେବି । ଦୁଇ ଜଣଙ୍କର ସ୍କୁଲ ଦରମା ବ୍ୟତୀତ ଆଉ କିଛି ଦେଇ ପାରିବିନି । ଜାଣ ଘର କେମିତି ଚଳୁଛି ।' — ବୋଉକୁ ଏତିକି କହି ବାପା ସାଇକେଲ ଧରି ଚାଲିଗଲେ । ଯୋଗକୁ ଭଉଣୀ ଘରେ ନଥିଲା । ସେ ବି ଜାଣନ୍ତିନି ମୁଁ ଅଛି ବୋଲି । ବୋଉକୁ ବୁଝାଇଦେଲି — ଏଇଟା ମୋର ଭୁଲ୍, ତୋର ନୁହେଁ ।

''ସେତେବେଳକୁ ଦୁଇ ତିନି ଦିନ ହୋଇଯିବ । ମୋ କୁହୁଡ଼ି ପହଁରା ଭାବନାଟା ଫର୍ଚ୍ଚା ହୋଇଗଲାଣି । ଜାଣିଲିଣି ପିମ୍ପୁଡ଼ି ରୁଖା ଚଢ଼ିବାଟା ଠିକ୍ ନୁହେଁ । ମାତ୍ର ହଠାତ୍ ବିକ୍ରମ ଆସି କହିଲା — 'ଜାଣୁ, ସାର୍ ଆମ ଦଶ ଜଣଙ୍କୁ ପାଞ୍ଚଟି ଗ୍ରୁପ୍ କରି ଦେଇଛନ୍ତି । ମୁଁ ତୋ ସାଥିରେ ଅଛି । କହ କ'ଣ କରିବା ? ବଜେଟ୍ କଥା ଚିନ୍ତା କରନି । ବାବା 'ହଁ' କରିଛନ୍ତି । ଏମିତି ଗୋଟାଏ ଜିନିଷ କରିବା ଯାହା ପ୍ରଦର୍ଶନୀରେ ରେକର୍ଡ ହୋଇଯିବ ।' ତା' କଥା ଶୁଣି ମୁଁ ହତଭମ୍ବ ! ଭାବିଲି — ସାରଙ୍କ

ଯୋଜନା ପଲଟିଲା କେମିତି, ମୁଁ ତ କିଛି କହିନି ! ଶେଷରେ ସବୁ ସ୍ୱପ୍ନ ସତ ହୋଇଗଲା । ସମସ୍ତେ ଦେଖି ତାଜୁବ । ମଡ଼େଲଟି ଥିଲା ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ । 'ଏ ତ ଆକାଶ କଇଁଆ' – ପରସ୍ପର କଥା ହେଉଥା'ନ୍ତି । ଡ୍ରଇଂ ସ୍ୱଷ୍ଟ କରି ଦେଉଥିଲା ଟେଲିସ୍କୋପିକ୍ କ୍ୟାମେରା ପ୍ରସ୍ତୁତିର ପ୍ରତିଟି ପର୍ଯ୍ୟାୟକୁ । ଦରକାର ପଡ଼ିଲେ ପଦେ ପଦେ କହି ବୁଝାଇ ଦେଉଥିଲି ଯେମିତି ବିକ୍ରମର ଅଜ୍ଞତାଟା ଧରା ନପଡ଼େ । ତା'ର ତ ପାଠଘର ଶୂନ ।

''ପ୍ରଦର୍ଶନୀର ଦ୍ୱିତୀୟ ଦିନ ବାପା ଆସିଥିଲେ । ଦେଖିସାରି ସନ୍ତର୍ପଣରେ ଆପଣଙ୍କ ହାତକୁ ଧରି ପକାଇ ଥିଲେ – 'ସବୁ ଆପଣଙ୍କ ପାଇଁ ।' ଆଖି ମୋର ଜକେଇ ଗଲା ।

''ପ୍ରଶଂସାର ଶିରପା ପିନ୍ଧିଥିଲା ମଡ଼େଲ ତଳେ ରଖା ଯାଇଥିବା ତାମ୍ର ଫଳକ, ଯହିଁରେ ମୋ ନାମ ଥିଲା ଉପରେ । ବିକ୍ରମ ନାମ ତଳେ ଛୋଟ ଅକ୍ଷରରେ ଲେଖା ଯାଇଥିଲା । ଅନ୍ୟ କେହି ନ ଜାଣିଲେ ବି ସେଇଟା ଯେ ଆପଣ ତିଆରି କରି ଆଣିଥିଲେ ସେକଥା ମୁଁ ନିଶ୍ଚିତ ଥିଲି । ହଠାତ୍ ଭିତରୁ ଗୋଟାଏ କୋହ ଉଠି କହିଦେଲା – ପ୍ରତିଟି ଅର୍ଜୁନ ପଛରେ ଜଣେ ଜଣେ ଦ୍ରୋଣାଚାର୍ଯ୍ୟଙ୍କର ହାତ ଅଛି ।''

ବଡ଼ବାବୁଙ୍କ କଥା ଶୁଣି ମାଷ୍ଟ୍ରେ ଭାବୁଥିଲେ – ଫଳନ୍ତି ଗଛ ନଇଁ ପଡ଼ିବାଟା ମିଛ ନୁହେଁ । କିନ୍ତୁ କେଉଁ ବୀଜ ଯେ କେତେ ବଡ଼ ଗଛ ହେବ ସେକଥା କିଏ ଜାଣେ !

ଠିକ୍ ସେତିକି ବେଳକୁ ସାନବାବୁ ରୁମ୍ ଭିତରକୁ ପଶି ଆସିଲେ – ''ସାର୍, ବୁଢ଼ାଙ୍କ ଠାରୁ କିଛି ବୟାନ ମିଳିଲା !''

– ''ଚୁପ୍ କର, ସେ ମୋ ସାର୍ । କ୍ଷମା ଯାଚନା କରି ତାଙ୍କୁ ଘରେ ଛାଡ଼ିଦେଇ ଆସ । ବ୍ୟବସ୍ଥା କର ଦୋଷୀ ଚିହ୍ନଟ ପାଇଁ ଆଉ ଯେମିତି ତାଙ୍କୁ ଡକରା ନପଡ଼େ ।''

ବାଟେଇ ଦେବାବେଳେ ବଡ଼ବାବୁଙ୍କ ଫୋନ୍ ଆସିବାରୁ ମାଷ୍ଟର ମହାଶୟ କିଛି କହିବାକୁ ଯାଇ ଥମ୍ ପଡ଼ିଗଲେ ।

❑❑❑

# ଅଭିଶାପ ନୁହେଁ ଆଶୀର୍ବାଦ

## ସନ୍ତୋଷ ରଥ

ହରିତ୍‌ବର୍ଣ୍ଣା ଅରୋଭିଲ୍‌କୁ ପଦ-ପରିକ୍ରମା କରିବାର ଅନ୍ତିମ ପର୍ଯ୍ୟାୟରେ ପୂର୍ଣ୍ଣାହୁତି ଦେଲା ଅସରାଏ ବର୍ଷା । ଶୀତ ସହିତ ସାଲିସ କରି ଦାକ୍ଷିଣାତ୍ୟର ପଣତ ଭିଜାଏ ଫେରନ୍ତା ମୌସୁମୀ । ଏକଥା ଜାଣିଥିଲେ ବି ଭୋଗି ନଥିଲି ଭିଜା ଦେହର ଥୁରୁଥୁରିଆ ଶୀତ । ଆଶ୍ରା-ବିକଳ ଶରୀର ଦୁଇଟା ମୁଣ୍ଡ ଗୁଞ୍ଜିଲେ ପାଖାପାଖି ଗଛର ଗଣ୍ଡିକୁ ଆଉଜି । ଘଞ୍ଚତାର ଅଭାବ ନଥିଲା, ତଥାପି ଫୁଟା ଚନ୍ଦ୍ରତାପ ପରି ଶିରି ଶିରି ହୋଇ ପାଣି ଝରି ଆସୁଥାଏ ୟୁକାଲିପଟାସ୍ ଗଛର ପତ୍ର ଉହାଡ଼ରୁ । କାରଣ ଗଛଗୁଡ଼ାକ ଥିଲେ ସାବଧାନ ସିପାହୀ ସଦୃଶ ଠିଆ ଠିଆ । ଯୋଗକୁ ବର୍ଷା ବାହୁଡ଼ି ଗଲା । ଦରଭିଜା ହୋଇ ଆମେ ବର୍ତ୍ତି ଗଲୁ । ହେଲେ ମନକୁ ଭିଜାଇ ଦେଲା ସଂଶୟଟିଏ ।

ଆଚ୍ଛା, ଅରୋଭିଲ୍ ତ ଏଇ ପଞ୍ଚଦଶକର ପ୍ରକଳ୍ପ । ମାତ୍ର ଯେ ଦେଖିଛନ୍ତି, କହନ୍ତି – ଏ ସାରା ତାଲୁକଟା ଥିଲା ଉଷର ଭୂଇଁ, ଗେଙ୍ଗୁଟି ଭରା । ପୁଣି ଏତେ ଶ୍ୟାମଳିମାରେ ଭରି ହେଲା କେମିତି ? – ପ୍ରଶ୍ନ କଲି ସାଙ୍ଗରେ ଥିବା ବନ୍ଧୁ ଜଣଙ୍କୁ । ସେ ମୋର ପରିଚିତ ଥିଲେ ବି ତାଙ୍କ ମାତୃଭାଷା ଥିଲା ସ୍ଥାନୀୟ ।

– ''କୋଟାକାରାଇର ଅଭିଶପ୍ତ କାହାଣୀ ବଡ଼ ରହସ୍ୟମୟ । ଏଠି ନୁହେଁ, ଚାଲ ଆଗରେ କହିବି ।'' ଏତିକି କହି ଗାଡ଼ି ଚଳାଇଲେ ବନ୍ଧୁ ପଣ୍ଡିଚେରୀ ଫେରନ୍ତା ରାସ୍ତାର ଭିନ୍ନ ଦିଗରେ । ବିନା ବର୍ଷାତିରେ ଯିବା ପାଇଁ ନାରାଜ ଥିଲେ ବି ଜାଗାଟା ପାଖାପାଖି ଜାଣି ଚୁପ୍ ରହିଲି ।

ଅତ୍ୟୁଚ୍ଚ ନ ହେଲେ ବି ମନ୍ଦିର ବହୁ ପୁରାତନ । ସାମନାରେ ବଡ଼ ବଡ଼ ତେନ୍ତୁଳି ଗଛ, ପାର୍ଶ୍ୱରେ ସରୋବର ପଥର ବେଢ଼ଣ ମଧ୍ୟରେ । ଲେଖା ଫଳକରୁ ଜାଣିଲି ଏ ହେଉଛି ଇରୁମ୍ବାଇର ମହାକାଳେଶ୍ୱର ମନ୍ଦିର, ଚୋଳ ବଂଶୀୟ ରାଜାଙ୍କ ଦ୍ୱାରା ନିର୍ମିତ । ମାତ୍ର ଗର୍ଭଗୃହର ଶିବଲିଙ୍ଗ ସ୍ୱୟଂଭୁ; ଶିଳ୍ପୀକୃତ ନୁହେଁ । ପରିବେଶ ବେଶ୍ ଶାନ୍ତ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ପ୍ରଭୁଙ୍କ ଦର୍ଶନ ଓ ବେଢ଼ା ପରିକ୍ରମା ସାରି ସରୋବର ଆଡ଼କୁ ମୁହାଁଇଲୁ । ବନ୍ଧୁ ଜଣକ ତୁଠ ମଣ୍ଡପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ – ''ଏ ହେଉଛି କିଂବଦନ୍ତୀର କେନ୍ଦ୍ରସ୍ଥଳ । ଯଦିଓ ପୂର୍ବର ପିପ୍ପଳି ଗଛ ଆଉ ନାହିଁ, ଅଛି କିନ୍ତୁ ମଣ୍ଡପ ।''

ମୁଁ କିନ୍ତୁ ବୁଝି ପାରୁ ନଥାଏ ମୋ ପ୍ରଶ୍ନ ସହିତ ଏ ମନ୍ଦିର, ଏ ମଣ୍ଡପର କି ସମ୍ପର୍କ ରହିଛି । ତଥାପି ନିଘା ରଖିଥାଏ ସବୁକିଛିକୁ ।

''କିଂବଦନ୍ତୀ ହେଲେ ବି ଇତିହାସ ସହିତ ଜଡ଼ିତ ଏ କାହାଣୀ, ଯାହାର ମୂକସାକ୍ଷୀ ମହାକାଳେଶ୍ୱର । ବଡ଼ ଜୀବନ୍ତ ଓ ପ୍ରତ୍ୟକ୍ଷ ଠାକୁର । ଜନଶ୍ରୁତି ଅଛି ସେତେବେଳେ ଚୋଳ ବଂଶୀୟ ରାଜା ତୃତୀୟ କୁଲଥୁଙ୍ଗନ୍‌ଙ୍କ ରାଜୁତି । ଏ ସମସ୍ତ ଅଞ୍ଚଳ ଥିଲା ତୋଣ୍ଡେଇ ମଣ୍ଡଳମ୍‌ର ଅନ୍ତର୍ଗତ ଯାହାର ପରବର୍ତ୍ତୀ ନାମ 'ତୋଣ୍ଡେନାଡୁ'ରୁ 'ତାମିଲନାଡୁ' ହୋଇଛି । ଆଉ ଏ ଗ୍ରାମର ନାମ 'ଇଲୁପାଇ'ରୁ 'ଇରୁମ୍ବାଇ' ହୋଇଛି ।'' ବଡ଼ ତଥ୍ୟପୂର୍ଣ୍ଣ ଥିଲା ବନ୍ଧୁଙ୍କ ବ୍ୟାଖ୍ୟାନ । ପାଦ ସହିତ ପାଦ ମିଳାଇ କଥାକୁ ଆଗେଇ ନେଉଥା'ନ୍ତି । ଭାବିଲି ମୁଁ ଠିକ୍ ଲୋକକୁ ଧରିଛି । ବର୍ଷା ଭିଜା ଦେହଟା ସେତେବେଳକୁ ଶୁଖିଲା ଝଣଝଣ । ଦୁହେଁ ତୁଠ ପଥର ଉପରେ ଏକ କଣିଆ ହୋଇ ବସିଲୁ । ପାଗ ସେତେବେଳକୁ ଅନୁକୂଳ, ଫେରିବାର ଦକ ନଥାଏ ।

ଅଧା ଭିଜା ମାଟିର ବାସ୍ନା ବାରି କହିଲି – ''ଅରୋଭିଲ୍ ପଟେ ଯେତିକି ବର୍ଷା, ଏପଟେ ସେତିକି ବି ନାହିଁ । ଅନ୍ୟ ରାଜ୍ୟମାନଙ୍କ ସହ ତୁଳନା କଲେ ଲାଗେ ତାମିଲନାଡୁର ବର୍ଷା ଇନ୍ଦ୍ରଦେବଙ୍କର ଶଙ୍ଖ ତର୍ପଣ । ଠିକ୍ ନା !''

– ''ସେତିକି ପାଇଁ ବି କାର୍ପଣ୍ୟତା ପ୍ରକାଶ କଲେ ଇନ୍ଦ୍ର । କେତେ ଫେରନ୍ତା ମୌସୁମୀ ଆସି ଫେରିଗଲା ପଛେ ବର୍ଷା ଫେରିଲାନି । ପଡ଼ିଆ ପଡ଼ିଗଲା କ୍ଷେତଖମା । ସାରା ଇଲାକାରେ ମରୁଡ଼ିର ହାହାକାର । କୋଟାକାରାଇବାସୀ ବିଶେଷ ଯଜ୍ଞର ଆୟୋଜନ କଲେ ଇନ୍ଦ୍ରଦେବଙ୍କ ସନ୍ତୁଷ୍ଟି ପାଇଁ । ଶୁଭିଲା ଘଡ଼ଘଡ଼ି, କମ୍ପିଲା ଆକାଶମଣ୍ଡଳ, ହେଲେ ବର୍ଷିଲାନି ବର୍ଷା । ନିରାଶ ହୋଇ ଫେରିଗଲେ ପୀଡ଼ିତ ଗ୍ରାମବାସୀ ।'' ବନ୍ଧୁଙ୍କ କଥାରେ ଲଗାମ ଦେଇ ପ୍ରଶ୍ନ କଲି – ''ତା'ପରେ ?''

– ''ସେଦିନ ରାତିରେ ଇନ୍ଦ୍ରଦେବ ପ୍ରକଟ ହେଲେ, ସ୍ୱପ୍ନାଦେଶ ମିଳିଲା ରାଜାଙ୍କୁ – 'ହେ ରାଜନ୍, ତୁମ ରାଜ୍ୟର ଅନାବୃଷ୍ଟିର କାରଣ ମୁଁ ନୁହେଁ, ମହାକାଳେଶ୍ୱର ମନ୍ଦିର ସନ୍ନିକଟ ସରୋବର ମଣ୍ଡପ ଉପରେ ବସିଥିବା ତପସ୍ୱୀ । ତାଙ୍କ

ତପଃଉର୍ଜରେ ମୁଁ ଅତିଷ୍ଠ, ଜଳଧାରା ହୋଇ ବର୍ଷିବି କେମିତି ? ଉପାୟ ତୁମେ ନିର୍ଦ୍ଧାରଣ କର ।'

''ଚଡ଼କ ପଡ଼ିଲା ରାଜାଙ୍କ ଉପରେ । ରାଜ୍ୟ ସାରା ଢେଙ୍ଗୁରା ପିଟା ହେଲା, ହେଲେ ତପସ୍ୱୀଙ୍କର ତପଶ୍ଚର୍ଯ୍ୟାରେ ବିଘ୍ନ ଘଟାଇବାକୁ କେହି ଅଣ୍ଟା ଭିଡ଼ିଲେନି । – 'ଯେଉଁଠି ସ୍ୱୟଂ ଇନ୍ଦ୍ରଦେବ ଅସହାୟ ସେଠି ବଲ୍ଲୀ କାହୁଁ ତିଷ୍ଠିବ ! ସେ କ'ଣ ସ୍ୱର୍ଗର ଅପ୍‌ସରା, ନା ଦେବୀ ରତି ।'– ଭୀତୁ ଗ୍ରାମବାସୀ ଚର୍ଚ୍ଚା ବାଢ଼ିଲେ ।''

– ''କିଏ ସେ ବଲ୍ଲୀ, ସେ କ'ଣ ରାଜ ନର୍ତ୍ତକୀ ?''

– ''ଷୋଡ଼ଶୀ କୁଆଁରୀ ବଲ୍ଲୀ ଥିଲା ଏଇ ଗ୍ରାମର ଜଣେ ଚାଷୀର କନ୍ୟା । ମହାକାଳେଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପିତା । ସ୍ୱଇଚ୍ଛାରେ ଆସି ପ୍ରଭୁଙ୍କ ପାଖରେ ନୃତ୍ୟ ପ୍ରଦର୍ଶନ କରୁଥିବାରୁ ସଭିଏଁ ତାକୁ ଦେବନର୍ତ୍ତକୀ ବଲ୍ଲୀ ବୋଲି ଡାକୁଥିଲେ ।''

– ''ତା'ପରେ !''

– ''ରାଜାଙ୍କ ସମ୍ମତି କ୍ରମେ ବଲ୍ଲୀ ତପସ୍ୱୀଙ୍କ ଆଗରେ ଉଭା ହେଲା ସନ୍ତର୍ପଣରେ । କବରୀରେ ରଜନିଗନ୍ଧାର ଗଜରା, ଦେହରୁ ମହକୁ ଥାଏ ଅଗୁରୁ, ଚନ୍ଦନର ବାସ୍ନା । ଆଉ ଚାହାଣିରେ ଲୋଟୁଥିଲା ଚାତୁରୀର ଚାମର । ପର୍ଯ୍ୟାୟ ପରେ ପର୍ଯ୍ୟାୟ ପ୍ରୟୋଗ ପରେ ବି ନାଟ୍ୟଶାସ୍ତ୍ରର ସବୁ ମୋହମୁଦ୍ରା ବିଫଳ ହେଲା । ତପସ୍ୱୀ ଥା'ନ୍ତି ସେମିତି ତପୋମଗ୍ନ – ପଦ୍ମାସନ, ମୁଦ୍ରିତ ଚକ୍ଷୁ ପିପ୍ପଳ ଗଛର ଛାୟାତଳେ । ବଲ୍ଲୀ ହତୋତ୍ସାହ ନ ହୋଇ ଭିନ୍ନ ଉପାୟ ପାଞ୍ଚିଲା ।''

– ''କ'ଣ ଥିଲା ସେ ମୋହନାସ୍ତ୍ର ?'' ପ୍ରଶ୍ନ କଲି ।

– ''ବଲ୍ଲୀ କିଛି ସୁସ୍ୱାଦୁ ପାମ୍ପଡ଼ ପ୍ରସ୍ତୁତ କରି ତପସ୍ୱୀଙ୍କ ଚାରିକଡ଼େ ବିଞ୍ଚି ଦେଲା । ଯାହାର ଆକୃତି ଥିଲା ପିପ୍ପଳ ପତ୍ର ପରି । ତପସ୍ୱୀ ଶରୀର ରକ୍ଷା ଉଦ୍ଦେଶ୍ୟରେ ପାମ୍ପଡ଼ କେତୋଟି ସାଉଁଟି ନେଲେ ପିପ୍ପଳ ପତ୍ର ଭାବି । ସତକୁ ସତ ସୁସ୍ୱାଦୁ ଖାଦ୍ୟହିଁ ହେଲା ତପୋଭଙ୍ଗର ହେତୁ । ଚକ୍ଷୁ ଖୋଲି ପ୍ରକୃତିସ୍ଥ ହେଲେ ତପସ୍ୱୀ ଏବଂ କାରଣ ଜାଣିବା ପରେ ସ୍ୱସ୍ତି ମୁଦ୍ରା ପ୍ରଦର୍ଶନ କଲେ ବଲ୍ଲୀକୁ । ଜୟ ଜୟକାର ଶୁଭିଲା ମନ୍ଦିର ଚତୁଃପାର୍ଶ୍ୱରୁ । ସଭିଏଁ ଆଶ୍ୱସ୍ତ ହେଲେ – ଏଥର ବର୍ଷା ସୁନିଶ୍ଚିତ ।''

ଅବାକ୍ ହୋଇ ଅନାଇ ଥାଏ ବନ୍ଧୁଙ୍କ ଉତ୍ତରକୁ । ମୋର ଉତ୍କଣ୍ଠା ସେତେବେଳକୁ ଆକାଶଛୁଆଁ ।

– ''ସେ ଦିନର ସମାବେଶ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ବିଜୁଳିର ଚମକ ଭଳି ବଲ୍ଲୀର ପାଦ ଦୁଇଟା ଚଳଚଞ୍ଚଳ, 'ଆନନ୍ଦ ତାଣ୍ଡବ' ନୃତ୍ୟର ତାଳେ ତାଳେ । ସମ୍ମୁଖରେ ବସିଥା'ନ୍ତି ତପସ୍ୱୀ, ଭାବରେ ବିହ୍ୱଳ । ବଲ୍ଲୀ ନୁହେଁ, ଦେଖୁଥିଲେ ସାକ୍ଷାତ୍ ମହାକାଳେଶ୍ୱରଙ୍କ ତାଣ୍ଡବ ନୃତ୍ୟ କୈଳାସ ଶିଖରରେ । ଅପର ପଟେ ରାଜା ଓ ପ୍ରଜାମଣ୍ଡଳୀ । ହଠାତ୍ ତପସ୍ୱୀ ଉଠି ଆସିଲେ ନାଟମଣ୍ଡପ ଉପରକୁ । ନୃତ୍ୟ ଓ ବାଦ୍ୟସବୁ ଥମ୍ ପଡ଼ିଗଲା । ପଛରୁ ଶୁଭିଲା କଟୂକ୍ତି – 'ଏ କ'ଣ ! ତପସ୍ୱୀ ହୋଇ ନର୍ତ୍ତକୀର ପାଦ ସ୍ପର୍ଶ କଲ ।' ରାଜା ମଧ୍ୟ ମୌନେ ସମ୍ମତି ଦେଉଥିଲେ ।

''କ୍ଷୁବ୍ଧ ହୋଇ ଉଠିଲେ ତପସ୍ୱୀ – 'ହେ ପ୍ରଭୁ, ମୁଁ କ'ଣ ସତରେ ତୁମ ଚରଣରେ ଘୁଙ୍ଗୁର ବାନ୍ଧି ଦେଉ ନଥିଲି । ତୁମେ ଯଦି ଏଇ ମନ୍ଦିରରେ ବିରାଜମାନ, ସମ୍ମୁଖକୁ ଆସି ଏହାର ପ୍ରମାଣ ଦିଅ । ମୋତେ ଏ ଅପମାନରୁ ରକ୍ଷା କର । ଏବଂ ଯେଉଁଥି ପାଇଁ ମୋର ତପସ୍ୟା ଭଙ୍ଗ ହୋଇଛି ତାହା ଯେମିତି ସିଦ୍ଧ ନହେଉ ।'

''ଠିକ୍ ସେତିକିବେଳକୁ ମନ୍ଦିର ଗର୍ଭଗୃହରୁ ଝଲସି ଉଠିଲା ଶତ ଉଲ୍‌କାର ରଶ୍ମି । ମେଦିନୀ କମ୍ପମାନ ହେଲା । ବଡ଼ ପୂଜାରୀ ଚିତ୍କାର କରି ଉଠିଲେ, 'ଏ କ'ଣ ! ପ୍ରଭୁଙ୍କ ଲିଙ୍ଗ ପ୍ରତିମା ତିନିଧାର ହୋଇ ଯାଉଛି । ଆହେ ଧୂର୍ଜଟି ! ଅପରାଧ କ୍ଷମା କର । କ୍ଷାନ୍ତ ହୁଅ ।' ସମସ୍ତେ ତ୍ରସ୍ତ । ରାଜାଙ୍କ କ୍ଷମା ଯାଚନାରେ ତପସ୍ୱୀ ମଧ୍ୟ ଶାନ୍ତ ହୋଇ ପ୍ରାର୍ଥନା ଜଣାଇଲେ ମହାକାଳେଶ୍ୱରଙ୍କୁ – 'ପ୍ରଭୁ, ତୁମେହିଁ ଜ୍ଞାତା ତୁମେହିଁ ଜ୍ଞେୟ । ତୁମେହିଁ ସ୍ରଷ୍ଟା, ତୁମେହିଁ ସୃଷ୍ଟି । ତୁମେ ନିଜେହିଁ ନିଜକୁ ରକ୍ଷା କର, ପୁଣି ଗଢ଼ି ଉଠ ।'

''ସତକୁ ସତ ଏକ ଅପୂର୍ବ ପ୍ରଶାନ୍ତି ଫେରିଆସିଲା ମନ୍ଦିର ବେଢ଼ା ପରିସରରେ । ଲିଙ୍ଗ ପ୍ରତିମା ପୁଣି ଯୋଡ଼ି ହୋଇଗଲେ । କିନ୍ତୁ ତପସ୍ୱୀଙ୍କ ଅଭିଶାପ ସେପର୍ଯ୍ୟନ୍ତ ଅତୁଟ ଥାଏ । ଫେରାଇ ନେବା ପାଇଁ ସମସ୍ତଙ୍କର ଆକୁତି । ରାଜାଙ୍କ ଅନୁରୋଧ ରକ୍ଷା କରି ତପସ୍ୱୀ କହିଲେ, 'ଠିକ୍ ଅଛି, ବର୍ଷା ହେବ, ହେଲେ କୋଟାକାରାଇ ଅଞ୍ଚଳରେ ସେତିକିବେଳେ ଶ୍ୟାମଳିମା ଫେରି ଆସିବ, ଯେତେବେଳେ ବହୁ ଦୂର ଦୂରାନ୍ତରରୁ ଲୋକମାନେ ଆସି ରୁଣ୍ଡ ହେବେ ଏହି ଅଞ୍ଚଳରେ ।' ଏଇଟାହିଁ ଏ ଅଞ୍ଚଳର ଜନଶ୍ରୁତି ଓ ବିଶ୍ୱାସ ।''

ଏତିକି କହି ବନ୍ଧୁ ଫେରି ଆସିବା ପାଇଁ ତତ୍ପର ହେଲେ । ମୁଁ କିନ୍ତୁ ଭାବୁଥାଏ ଏହାକୁ କ'ଣ ଅଭିଶାପ କହି ହେବ, ବରଂ ଅରୋଭିଲ୍ ସ୍ଥାନ ସଂରକ୍ଷଣ ନିମନ୍ତେ ଏ ତ ଏକ ବିଧିବଦ୍ଧ ଯୋଜନା । ଭଗବତ୍ ଆଶୀର୍ବାଦ । ❑

# ତ୍ରିଶଙ୍କୁ ଦଶା

## ସନ୍ତୋଷ ରଥ

କାର୍ତ୍ତିକ ମାସର ଶୁକ୍ଳ ପକ୍ଷ । ମାସ ଭରଣା ହେବାକୁ ଆଉ ମାତ୍ର ଦିନ କେତେଟା ବାକି । ସବୁ ଦ୍ୱନ୍ଦ୍ୱର ଶେଷ ସିଦ୍ଧାନ୍ତ ତାକୁହିଁ ନେବାକୁ ହେବ – ଭାବିଲା ବଂଶୀଧର । ପୁଣି ଭାବିଲା ସିଦ୍ଧାନ୍ତର କୁଞ୍ଚିକାଠିଟା ବାବାଙ୍କ ହାତରେ ସଅଁପି ଦେଲେ ସମାଧାନର ଖିଅ ମିଳିଯିବ, ହେଲେ ସେଇ ଗୋଟିଏ ଉତ୍ତର, 'ସକାଳ ହେବାକୁ ଆହୁରି ଡେରି ଅଛି' ।

ରାମପୁରର ଗ୍ରାମବାସୀଙ୍କ ଆଦର ସ୍ନେହରେ ମଣିଷ ହେଇଛି ମାଆବାପା ଛେଉଣ୍ଡ ଶ୍ରୀଧର ବନାମ ବଂଶୀଧର । ବଡ଼ ଉଚ୍ଚମନା । ଧନ, ମାନକୁ ବିସର୍ଜି ଦିଏ ପର ପାଇଁ । କେହି ବୁଡ଼ି ଯାଉଥିଲେ ସେ ଡେଇଁ ପଡ଼େ ନିଜ ପିନ୍ଧା ଗାମୁଛା ଖଣ୍ଡକୁ ସଅଁପି ଦେଇ । ହେଲେ ଏବେ ତା' ଆକାଶ ଉଡ଼ାପଣକୁ ଈର୍ଷା କରନ୍ତି ପଞ୍ଜୁରି ବନ୍ଧା ସାରୀମାନେ ।

''ତୁ କ'ଣ ଏମିତି ବାଡୁଅ ହେଇ ବୁଲୁଥିବୁ । ବେକରେ ଜୁଆଳି ନ ପଡ଼ିଲେ ଅମଣିଆ ରହିଯିବୁ ଯେ ! ମଲେ ବାବନା ଭୂତ । ଆମେ ଥାଉ ଥାଉ ତା' କରେଇ ଦେବୁନି ।'' – ଜ୍ଞାତି କୁଟୁମ୍ବର ଟାପରା କଥା ତାକୁ ବହୁତ ବାଧେ । ସତରେ ସଂସାରୀ ଗୁଡ଼ାକ ମରୁଭୂମିର ଓଟ, ରକ୍ତାକ୍ତ ହେଲେ ବି ଶିଝୁ କଣ୍ଟାରୁ ମୁହଁ ଆଡ଼େଇ ନେବାକୁ ସଦା ଅମଙ୍ଗ । ବରଂ ଅନ୍ୟକୁ ବେଡ଼ି ପିନ୍ଧାଇ ଦେବାରେ ଆନନ୍ଦ । ଶ୍ରୀଧର ଏକଥା ବୁଝିଥିଲେ ବି ବୁଝାଇବାକୁ ଚେଷ୍ଟା କରେନି । ସେ ଜାଣିଛି ଉତ୍ତର ମିଳିବ – ''ବାବାଜିଙ୍କ ସହ ମିଶିମିଶି ଟୋକାଟା ବାବାଜି ହେଇଯିବ । ହେଲେ ଏସବୁ ଦି ଦିନିଆ ଶ୍ମଶାନ ବୈରାଗ୍ୟ ।''

ମାସେ ତଳର କଥା । ଗାଁମୁଣ୍ଡ ଆମ୍ବତୋଟା ଭିତରେ ସନ୍ନ୍ୟାସୀ ଜଣେ ଧ୍ୟାନସ୍ଥ ଥିବାର ଶ୍ରୀଧର ଦେଖିଲା । ବପୁବନ୍ତ ପୁରୁଷ । ଗେରୁଆ କୌପୁନୀ ସାଙ୍ଗକୁ ମୁଣ୍ଡର ଠେକା ଆବୋରି ଥାଏ ଚାରି ହାତିଆ ଜଟାକୁ । କପାଳରେ ତାଙ୍କର ଅଧାଝଡ଼ା ପାଉଁଶର ଚିତା ଝକ୍ ଝକ୍ କରୁଥାଏ । ପୁଣି ପରଦିନ ଯାଇ ଦେଖିଲା ସନ୍ନ୍ୟାସୀ ସେମିତି ଧ୍ୟାନମଗ୍ନ । ନିଶ୍ଚୟ ସିଦ୍ଧ ପୁରୁଷ – ଭାବିଲା ଶ୍ରୀଧର । ଗାଁ ମୁଖିଆଙ୍କ ସହମତି ନେଇ ସନ୍ତର୍ପଣରେ ଜଗି ବସିଲା ।

''ବାବା, ଆପଣ ଯଦି ଦୟା କରନ୍ତେ ଆମ ଗାଁ ସେପାରି ଏକଣା କୁଡ଼ିଆରେ ବାକି ଦିନତକ କଟାଇ ପାରନ୍ତି । ପାଖରେ ମନ୍ଦିର, ସ୍ନାନ ତର୍ପଣ ପାଇଁ ପୋଖରୀଟିଏ ମଧ୍ୟ ଅଛି ।'' – ଶ୍ରୀଧର ପ୍ରସ୍ତାବରେ ସମ୍ମତ ହେଲେ ବାବା ।

ସାଧୁସନ୍ଥଙ୍କ ପାଖଲଗା ହେବା ପାଇଁ ଶ୍ରୀଧରର ଭାରି ଆନନ୍ଦ । ଘର, ଚଉତରା ଗୋବର ପୋଛା କରି ଦେଇ କଳସୀରେ ଜଳ ଭରି ଦେଲା ବାବାଙ୍କ ପାଇଁ । ପରେ ଜାଣିଲା ଏଇଟା ତାଙ୍କର ଚତୁର୍ମାସ ବ୍ରତ । ବିଗତ ବାର ବର୍ଷ ହେଲା ବାବା ଆଷାଢ଼ ଶୁକ୍ଳ ଦ୍ୱାଦଶୀରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ଚାରି ମାସ ଧରି ଆଶ୍ରମ ଛାଡ଼ି ଘୂରି ବୁଲନ୍ତି । କେଉଁଠି କେତେ ଦିନ ରହିବେ ତା'ର କିଛି ଧାର୍ଯ୍ୟ ନଥାଏ । ସାଥିରେ କେବଳ କମ୍ବଳ ଆଉ କମଣ୍ଡଳୁ ।

''ଏବେ ବିରାଡ଼ି କପାଳେ ଶିକା ଛିଣ୍ଡିଛି ।'' – ସାମନା ହେଇଗଲେ ଗାଁ ଟୋକା ଦିପଦ ଶୁଣାଇ ଦିଅନ୍ତି । ଶ୍ରୀଧରର କିନ୍ତୁ ଖାତିର ନାହିଁ । ସକାଳ ହେଲେ ପଳେଇ ଆସେ ବାବାଙ୍କ ପାଖକୁ । ଏବେ କିନ୍ତୁ ଗାଁରୁ କେହି କେହି ଆସିଲେଣି । ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ସତ୍‌ସଙ୍ଗର ଆୟୋଜନ ହେଉଛି । ଅବଶ୍ୟ ବାବା ବହୁତ କମ୍ କୁହନ୍ତି, ଯଦି କେହି କେବେ ପ୍ରଶ୍ନ କରେ ।

''ବାବା, ଜୀବନଟା କ'ଣ ଗୋଟାଏ ସଂଘର୍ଷ, ବେଳେ ବେଳେ ରାହା ତୁଟି ଯାଉଛି ।'' – ପ୍ରଶ୍ନ କଲେ ଗାଁର ଯୁବକ ଜଣେ ।

''ଯାହାଙ୍କ ଜୀବନରେ ଗୁରୁ ମିଳି ନାହିଁ ତାଙ୍କ ପାଇଁ ଜୀବନଟା ସଂଘର୍ଷମୟ, ଆଉ ଯାହାଙ୍କୁ ଗୁରୁ ମିଳି ଯାଇଛି ତାଙ୍କ ପାଇଁ ଜୀବନ ଗୋଟାଏ ଖେଳ । ମାତ୍ର ଯେଉଁମାନେ ଗୁରୁଙ୍କ ନିର୍ଦ୍ଦେଶିତ ବାଟରେ ଚାଲୁଛନ୍ତି ତାଙ୍କ ପାଇଁ ଜୀବନ ଗୋଟିଏ ଉତ୍ସବ ।'' – ଉତ୍ତର ଦେଲେ ସନ୍ନ୍ୟାସୀ ।

ଅନ୍ୟ କିଏ କେତେ ବୁଝିଲେ କି ନାହିଁ ଶ୍ରୀଧର ଭିତରେ ଝିମା ଶିଖାଟା ତେଜି ଉଠିଲା ସତ, ହେଲେ କଳା ବାଦଲ ଖଣ୍ଡେ ତା' ଆଡ଼କୁ ପୁଣି ଥରେ ମାଡ଼ି ଆସିଲା ।

''ଏକଥା ଯଦି ସତ, ତା'ହେଲେ ସତ୍‌ମାର୍ଗୀ ଶିଷ୍ୟଙ୍କ ଜୀବନରେ ଏତେ ଦୁଃଖ ଆସୁଛି କାହିଁକି ?'' – ପ୍ରଶ୍ନ କଲା ଶ୍ରୀଧର ।

''ତାହା ତ ସ୍ୱାଭାବିକ । ଯେତେ ବଡ଼ ଶ୍ରେଣୀକୁ ଯିବ ପାଠ ଓ ପ୍ରଶ୍ନ ସେତିକି ସେତିକି କଷ୍ଟ ହୋଇଯିବ । ମାତ୍ର ପାସ କରିଗଲା ପରେ ଚାକିରି ଓ ସମ୍ବଳ ମଧ୍ୟ ସେତିକି ସେତିକି ବଢ଼ିଯିବ ।'' – ବଡ଼ ସରଳ ଲାଗୁଥିଲେ ବି ଖୁବ୍ ପ୍ରତୀକାତ୍ମକ ଥିଲା ବାବାଙ୍କ ଉତ୍ତର ।

ସେଦିନ ରାତିରେ ଶ୍ରୀଧର ଆଖିକୁ ଆଉ ନିଦ ନାହିଁ । ନିଜକୁ ନିଜେ ବହୁତ ପରଖିଲା, ଏଇଟା ଈଶ୍ୱର ଅନୁରାଗ ନା ସଂସାର ବିରାଗର ଭାବ । ସେ ଯାହା ହେଉ ବାବା ତାଙ୍କ ଗାଁରୁ ଡେରା ଭାଙ୍ଗିବା ପୂର୍ବରୁ ସବୁକିଛି ଫଇସଲା କରି ଦେବାକୁ ହେବ ।

ସିନ୍ଦୂରା ଫାଟୁ ନ ଫାଟୁଣୁ ଶ୍ରୀଧର ଯାଇ ବାବାଙ୍କ ପାଖରେ ହାଜର । ଜଳ ତର୍ପଣ ସାରି ବାବା ସେତେବେଳକୁ ଫେରୁ ଥାଆନ୍ତି । ବାବା ନ ଚାହୁଁଥିଲେ ବି ଚିତା, ତିଳକ ପାଇଁ ଭସ୍ମ, ଚନ୍ଦନ ପ୍ରସ୍ତୁତ କରି ସାରି କୁଶାସନ ପାରି ଦେଲା ଶ୍ରୀଧର । ଯୋଗଦଣ୍ଡ ଓ ଜପମାଳା ଯଥା ସ୍ଥାନରେ ରଖିଦେଲା । ପ୍ରାତଃ ପ୍ରାଣାୟମ ପାଇଁ ବାବା ଏବେ ପ୍ରସ୍ତୁତ ।

''ବାବା, ମୁଁ ଆପଣଙ୍କ ଶିଷ୍ୟ ହେବାକୁ ଚାହେଁ । ମୋ ପ୍ରତି ଦୟା କରନ୍ତୁ ।''– ସବିନୟ ଗୁହାରି ଜଣାଇଲା ଶ୍ରୀଧର ।

''କାଲିର ସକାଳ ଆହୁରି ଡେରି ଅଛି ।''– ଏତିକି କହି ବାବା ଧ୍ୟାନସ୍ଥ ହୋଇଗଲେ । ହାତର ଜପମାଳି ସ୍ଥିର ହୋଇଗଲା ।

ସପ୍ତାହେ ବିତିଗଲା । ଶ୍ରୀଧରର ସେବା ଭକ୍ତିରେ ଊଣା ନଥାଏ । ବାବା ମଧ୍ୟ ତା'ଉପରେ ବହୁତ ଖୁସୀ । ସମୟେ ସମୟେ ଆଶୀର୍ବାଦ କରନ୍ତି – ''ଯଶସ୍ୱୀ ହୁଅ, ସୁଖୀ ହୁଅ''; କିନ୍ତୁ କେବଳ କୁହନ୍ତିନି, ''ବତ୍ସ, ତୁମ ଅଭିଳାଷ ପୂର୍ଣ୍ଣ ହେବ ।'' ଯେଉଁଥି ପାଇଁ ଶ୍ରୀଧର ଆଉଟପାଉଟ ।

ଆଉ ଦିନେ ସନ୍ଧ୍ୟାରେ ଗାଁ ମୁଖିଆ ଜଣକ ପ୍ରଶ୍ନ କଲେ –''ବାବା, ସଂସାରରେ ରହି କ'ଣ ଭଗବତ୍ ପ୍ରାପ୍ତି ହୋଇ ପାରିବନି ?''

–''ନିଶ୍ଚିତ ହେବ ଯଦି ପ୍ରତିବନ୍ଧକ ନଥାଏ । ମାତ୍ର ଅହଂକାର ହେଉଛି ପ୍ରତିବନ୍ଧକର ହେତୁ ।''

–''ତା'ହେଲେ ସନ୍ନ୍ୟାସୀ ବଡ଼ ନା ସଂସାରୀ ବଡ଼ ?''

ରୋକଠୋକ ହେଲେ ବି ସନ୍ନ୍ୟାସୀ ଥିଲେ ବହୁତ ଧୈର୍ଯ୍ୟଶୀଳ । ଅପକ୍ଷପାତିତା ତାଙ୍କର ପରାକାଷ୍ଠା । ପ୍ରତ୍ୟୁତ୍ତରରେ କହିଲେ,''କାହାଣୀଟିଏ କହୁଛି ଶୁଣ – ଥରେ ଜଣେ ସନ୍ନ୍ୟାସୀ ତାଙ୍କ କୁଡ଼ିଆ ଲଗା ଚଉତରା ଉପରେ ଧ୍ୟାନସ୍ଥ ଥାଆନ୍ତି । ଶ୍ରାବଣୀ ଢଳା ମେଘରେ ଚତୁର୍ଦ୍ଦିଗ ଉବୁଟୁବୁ । ଯୋଗକୁ ବ୍ରାହ୍ମଣୀ ବେଙ୍ଗଟେ ତାଙ୍କ ଆଶ୍ରମ ଭିତରକୁ ପଶି ଆସି କେଁ-କଟର ରାବ ଦେଲା ସନ୍ଧ୍ୟା ବୁଡ଼ୁବୁଡ଼ୁ । ଧ୍ୟାନସ୍ଥ ସନ୍ନ୍ୟାସୀ କ୍ରୋଧାନ୍ୱିତ ହୋଇ ସେ ଦିଗରେ କଟାକ୍ଷପାତ କଲେ । ଶବ୍ଦ ଥମ୍ ହୋଇଗଲା । ପରଦିନ ଶିଷ୍ୟମାନେ ସାରୁବୁଦା ମୂଳେ ତାକୁ ଦେଖି ଚର୍ଚ୍ଚା ବାଢ଼ିଲେ –''ଆଃ କି ସୁନ୍ଦର ପଥର ବେଙ୍ଗଟିଏ, କିଏ ସେ ବିନ୍ଧାଣୀ । ଆଗରୁ ତ ଏଠି ନଥିଲା !''

ଏହା ଯେ ତାଙ୍କ କୃତ ସନ୍ନ୍ୟାସୀ ଜାଣିବି ଚୁପ୍ ରହିଲେ । ବିଚରା ପାଇଁ ଗ୍ଲାନି ଆସୁଥିଲେ ବି ଅବଚେତନ ମନଟା ତାଙ୍କର ଭିତରେ ଭିତରେ ଉତ୍‌ଫୁଲ୍ଲିତ – ସିଦ୍ଧି ପ୍ରାପ୍ତିର ସୂଚନା ପାଇ ।

ଥରେ ସେ ଭିକ୍ଷା ପାଇଁ ଜଣେ ଗରିବ ବ୍ରାହ୍ମଣର ଦ୍ୱାରସ୍ଥ ହୋଇ ଥାଆନ୍ତି । ବିଳମ୍ବ ହେବାରୁ ରାଗି ଯାଇ କହି ପକାଇଲେ, ''ଜଣେ ସିଦ୍ଧ ସନ୍ନ୍ୟାସୀଙ୍କ ସତ୍କାରରେ ବିଳମ୍ବ ହେବାର ପରିଣାମ ଭୟଙ୍କର ହୋଇପାରେ ।''

ଭିତରୁ ଶୁଭିଲା, ''ମୁଁ ତ ବ୍ରାହ୍ମଣୀ ବେଙ୍ଗ ନୁହେଁ ଯେ ପଥର ପାଲଟି ଯିବି । ଟିକେ ଅପେକ୍ଷା କରନ୍ତୁ ସନ୍ନ୍ୟାସୀ ।'' ବୃନ୍ଦାବତୀଙ୍କ ଝୋଟି ମୁରୁଜ ଶେଷ କରି ବ୍ରାହ୍ମଣୀ ଆସି କ୍ଷମା ଯାଚନା କଲେ । ସନ୍ନ୍ୟାସୀ ଆଶ୍ଚର୍ଯ୍ୟ ହୋଇ ଭାବୁଥା'ନ୍ତି – ଜଣେ ସାଧାରଣ ବ୍ରାହ୍ମଣୀ କେମିତି ଜାଣିଲେ ମୋ ତପୋଲବ୍ଧ ସିଦ୍ଧିକୁ । ଏଭଳି ମହୀୟସୀଙ୍କ ଠାରୁ ଭିକ୍ଷା ପାଇ ମୁଁ ଆଜି ଧନ୍ୟ ।

ସତ୍‌ସଙ୍ଗ ସାରି ସଭିଁଏ ଫେରିଗଲେ । ଅନ୍ୟମାନଙ୍କ ପାଇଁ ଅଜଣା ଥିଲେ ବି ଶ୍ରୀଧର କିନ୍ତୁ ଠିକ୍ ମନେ ରଖିଥିଲା, ରାତି ପାହିଲେ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ । ବାବା ଚତୁର୍ମାସ ବ୍ରତ ଉଜେଇଁ ଫେରିଯିବେ ତାଙ୍କ ଆଶ୍ରମକୁ । ଅଜଣା ଦୁର୍ଗମ ପଥ ସାଙ୍ଗରେ ନଗଲେ ଆଉ ଠାବ କରିପାରିବ ନାହିଁ । ଦୀପର ସଳିତାକୁ ଟିକେ ତେଜି ଦେଇ ନତଜାନୁ ହେଲା ଶ୍ରୀଧର – ''ବାବା, ଆପଣଙ୍କ ସାଙ୍ଗରେ ଯିବା ପାଇଁ ମୋତେ ଅନୁମତି ଦିଅନ୍ତୁ । ମୁଁ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ଉତ୍ସୁକ ।''

''କାଲିର ସକାଳ ଆହୁରି ଡେରି ଅଛି ।''– ସେଇ ସମାନ ଉତ୍ତର ମିଳିଲା ବାବାଙ୍କ ଠାରୁ ।

ଶ୍ରୀଧର କିନ୍ତୁ ନଛୋଡ଼ବନ୍ଦା । ସିଧା ପାଦ ଦୁଇଟିକୁ ଯାବୁଡ଼ି ଧରନ୍ତେ ବାବା ନିରୁପାୟ । ଘଡ଼ିଏ ନୀରବ ରହି କହିଲେ –''ତୁମେ କ'ଣ ପ୍ରସ୍ତୁତ ?''

''ମୁଁ ସବୁ ସର୍ତ୍ତ ପାଳିବାକୁ ପ୍ରସ୍ତୁତ । ମୋତେ ଦୀକ୍ଷିତ

କରନ୍ତୁ । ମୁଁ ଆପଣଙ୍କ ପରି ଜଣେ ସନ୍ନ୍ୟାସୀ ହେବାକୁ ଚାହେଁ ।'' ବିନତି ବାଢ଼ିଲା ଶ୍ରୀଧର ।

—''ଠିକ୍ ଅଛି । ଆଶ୍ରମରେ ପହଞ୍ଚିବା ପରେ ମୁଁ ତୁମର ଦୀକ୍ଷା ଉପନୟନ କରିବି, ଯଦି ବାଟରେ ଯିବା ସମୟରେ ତୁମ ଆଚରଣ ଶୁଦ୍ଧ ଥାଏ ।''

—''ମୋତେ କ'ଣ କରିବାକୁ ହେବ ଦୟାକରି ସ୍ପଷ୍ଟ କରି ଦିଅନ୍ତୁ ।''

—''ସନ୍ନ୍ୟାସୀର ପ୍ରଥମ ଚରଣ ତ୍ୟାଗ । ତୁମେ ନିଜ ସୁରକ୍ଷା ଚିନ୍ତାରୁ ପୂର୍ଣ୍ଣରୂପେ ମୁକ୍ତ ହେବାକୁ ହେବ । ସାଙ୍ଗରେ ଶୂନ୍ୟ କମଣ୍ଡଳୁ ବ୍ୟତୀତ ଆଉ କିଛି ବି ନେବ ନାହିଁ ।'' ସନ୍ନ୍ୟାସୀଙ୍କ ସବୁ ସର୍ତ୍ତକୁ ତଥାସ୍ତୁ ମଣିଲା ଶ୍ରୀଧର ।

ରାତି ପାହାନ୍ତା ପୂର୍ବରୁ ଦୁହେଁ ଗାଁ ଛାଡ଼ି ଚାଲିଗଲେ ସମସ୍ତଙ୍କ ଅଗୋଚରରେ । ସନ୍ନ୍ୟାସୀଙ୍କୁ ଅନୁସରଣ କରି ପାଦ ପକାଉ ଥାଏ ଶ୍ରୀଧର । କଣ୍ଟାଝଣ୍ଟାକୁ ଖାତିର ନାହିଁ । ହାତର କମଣ୍ଡଳୁ ଦୁଇଟା ସମାନ୍ତରାଳ ଭାବରେ ଆଗପଛ ହେଉଥା'ନ୍ତି ଜପ ମନ୍ତ୍ରର ତାଳେ ତାଳେ । ହଠାତ୍ ଶ୍ରୀଧର ଭୟରେ ଚିତ୍କାର କରି ଉଠିଲା —''ବାବା, ଟିକେ ରହି ଯାଆନ୍ତୁ । ସାମନାରେ ବିଷଧର ସର୍ପଟିଏ ଫଣା ଟେକିଛି ।'' ବାବା କିନ୍ତୁ ନିର୍ବିକାର ।

ବେଳ ସେତେବେଳକୁ ଦି' ଘଡ଼ି । ଚତୁର୍ଦ୍ଦିଗ ସୁନ୍ଦର ବନ, ଲତା, ଫଳମୂଳରେ ଭରପୂର । ଛୋଟ ଝରଣାର ଜଳ କାଚକେନ୍ଦୁ ସମ । ସକାଳ ପହରୁ ଉପବାସ; କିନ୍ତୁ ବାବା ତ କିଛି କହୁ ନାହାନ୍ତି । ନୀରବ ରହିବାକୁ ବାଧ୍ୟ ହେଲା ଶ୍ରୀଧର ।

କିଛିବାଟ ଯିବା ପରେ ପଡ଼ିଲା ଅପନ୍ତରା ଇଲାକା । ଘାସ ଚେନାଏ ବି ପାଦ ଛୁଉଁ ନଥାଏ । ସୂର୍ଯ୍ୟଙ୍କ ତୀର୍ଯ୍ୟକ୍ ତେଜ ବଡ଼ ଅସହ୍ୟ । ଉପରର ଝାଞ୍ଜି ସାଙ୍ଗକୁ ତତଲା ଗେଙ୍ଗୁଟି ପାଦକୁ ଝୁଣି ପକାଉ ଥାଏ । ଭୋକ, ଶୋଷରେ ପାଦ ଟଳମଳ । କ'ଣ ହେଲା କେଜାଣି ବାବା ଆଗ ଥକାମାରି ବସିଗଲେ । ବୋଧହୁଏ ମୁଣ୍ଡ ଚକର ଖାଇଲା । ଶ୍ରୀଧର ବହୁତ ବିବ୍ରତ ହୋଇ ପଡ଼ିଲା । ତା' କମଣ୍ଡଳୁରୁ ପାଣି ଟିକିଏ ପିଆଇ ଦେବାରୁ ବାବା ସାଷ୍ଟାମ ହୋଇ ଉଠିଲେ । ଝୁଲା ମୁଣିରୁ ଫଳ ଦୁଇଟି ବାହାର କଲା । ବଡ଼ ମଧୁର ଓ ରସାଳ ସେ ଫଳ, ଭୋକ ଶୋଷସବୁ ମେଣ୍ଟିଗଲା । ଶ୍ରୀଧର ଏବେ ଭାରି ଖୁସୀ, ତା' ଯୋଗୁଁ ଦୁହେଁ ବଞ୍ଚିଗଲେ ।

ବେଳ ସେତେବେଳକୁ ମୁହଁ ରତ ରତ । ବାବାଙ୍କର ବୀରଦର୍ପ ପୁଣି ଫେରି ଆସିଲା । ଲକ୍ଷ୍ୟ ଦିଗରେ ପାହୁଣ୍ଡ ମେଲିବା ପୂର୍ବରୁ ଶ୍ରୀଧରକୁ ସସ୍ନେହେ କହିଲେ — ''ବତ୍ସ, ତୁମେ ଏବେ ରାମପୁର ଫେରିଯାଅ । ଆଶ୍ରମ ତୁମର ଗନ୍ତବ୍ୟ ସ୍ଥଳ ନୁହେଁ ।''

ଅକାଳ ବୈଶାଖୀର ଚଡ଼କଟା ସତେ ଯେମିତି ଶ୍ରୀଧର ମୁଣ୍ଡରେ ଅଜାଡ଼ି ହୋଇ ପଡ଼ିଲା । ସ୍ୱତଃ କହି ପକାଇଲା — ''ବାବା, ମୋର ଅପରାଧ କ'ଣ ?''

— ''ଅପରାଧ ନୁହେଁ,ଏସବୁ ତୁମର ଅପରିପକ୍ୱତା । ପ୍ରଥମତଃ ତୁମେ ଯେଉଁ ସର୍ପ ଦେଖି ଭୟଭୀତ ହୋଇ ପଡ଼ିଲ ତାହା ସର୍ପ ନୁହେଁ । ତାହା ଥିଲା କୁଣ୍ଡଳିନୀ ଶକ୍ତିର ଏକ ପ୍ରତୀକାତ୍ମକ ଆଭାସ । ଦ୍ୱିତୀୟତଃ ମୁଁ ଥକା ମାରି ବସି ପଡ଼ିବାଟା ମୋର ଶାରୀରିକ ଦୁର୍ବଳତା ନୁହେଁ । ବରଂ ତୁମେ ବାଟରୁ ସଂଗ୍ରହ କରିଥିବା ଫଳ ଓ ଜଳର ରହସ୍ୟକୁ ଅନାବରଣ କରିବା ପାଇଁ ଏହା ଏକ ନାଟକୀୟ ପଟଭୂମି । ତୃତୀୟତଃ ଯିଏ ସାମାନ୍ୟ ସର୍ତ୍ତ ପାଳିବା ପାଇଁ ସଂକଳ୍ପବଦ୍ଧ ନୁହେଁ ସେ ଭଗବାନଙ୍କ ପାଇଁ ସମର୍ପିତ ହେବ ବା କିପରି । ସମର୍ପଣ ବିନା ସନ୍ନ୍ୟାସ ଧର୍ମ ପ୍ରବଞ୍ଚନା ମାତ୍ର ।'' — ଏତିକି କହି ବାବା ଆଉ ପଛକୁ ଫେରି ଚାହିଁଲେ ନାହିଁ, ନିମିଷେ କେଉଁ ଆଡ଼େ ନିଶ୍ଚିହ୍ନ ହୋଇଗଲେ ।

ଶ୍ରୀଧର ଏବେ ବୁଝିଗଲା ନା ଆଗକୁ ଯାଇପାରିବ, ନା ପଛକୁ ଫେରି ପାରିବ । ଏତ ତ୍ରିଶଙ୍କୁ ଦଶା । ଠିକ୍ ସେତିକି ବେଳକୁ ତା' ଭିତରର ଅନ୍ଧାରି ଲୁଚା ଆଲୁଅ ଟିକକ ତାକୁ ଚେତାଇ ଦେଲା — ''ବ୍ୟର୍ଥ ନୁହେଁ; ଏଇଟାହିଁ ସନ୍ନ୍ୟାସ ଜୀବନର ପହିଲି ଚରଣ । ଡେରି ହେଲେ ବି କାଲିର ସକାଳ ସୁନିଶ୍ଚିତ ।''

❑❑❑

ଭଗବାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଅ, କାରଣ ସେ ଯେକୌଣସି ମୁହୂର୍ତ୍ତରେ ଆସି ତୁମ ପାଖରେ ପହଞ୍ଚିଯାଇ ପାରନ୍ତି ।

— ଶ୍ରୀମା

# ପଥ ଦୁଇ

## ସନ୍ତୋଷ ରଥ

ଗୋଟିଏ ଛୋଟ ପିଲାକୁ ଯୋଗର ଅର୍ଥ ବୁଝାଇବା ପାଇଁ
ମା' ଏହି ଛବିଟି ଆଙ୍କିଥିଲେ । ମଣିଷ ରହିଛି ତଳେ,
ଭଗବାନ୍ ଉପରେ । ଅଙ୍କାବଙ୍କା ରେଖାଟି ସାଧାରଣ ଜୀବନ,
ସଳଖ ରେଖାଟି ଯୋଗ ଜୀବନ ।



A diagram by the Mother to explain to
a child the meaning of Yoga.
Man is at the bottom, the Divine at the top.
The wavy line is the path of the ordinary
life, the straight line the path of Yoga.

(The Mother, Painting and Drawing : p. 148)

ଜନମିଲେ ଥରେ          ମରତ ଭୂଇଁରେ
ପଛା କେହି ଅର୍ଜି ନାହିଁ
ଥିଲେ ବି ଫାଟକ          ନ ରୁହ ଅଟକ
ଡାକ ଶୁଭେ ରହି ରହି । (୧)

ସଜିଲ ରହିଛି          ପଥ ଦୁଇ ଗୋଟି
ଫେରନ୍ତା ଯାତ୍ରୀ ପାଇଁ
ନ ବୁଝେ ମଣିଷ          ନିହିତ ରହସ୍ୟ
ଭେଟିବାକୁ ହେଲେ ସାଇଁ । (୨)

ଅଙ୍କାବଙ୍କା ପଥ          ରଙ୍କା ପଥିକର
ମନ୍ଥର ହୁଅଇ ଗତି
ହେଲେ ବାଟବଣା          ନ ହୁଏ ଭରଣା
ଆୟୁଷଟା ଯାଏ ବିତି । (୩)

ଯୋଗୀର ଚୟନ          ସଳଖ ଅୟନ
ଉଜାଣିରେ ନାହିଁ ଭୀତି
ହେଲେ ବି କଠିନ          ଜୀବନ ନିଦାନ
ଉଛୁରରୁ ମିଳେ ମୁକ୍ତି । (୪)

ବିଚ୍ଛେଦୁ ମିଳନ          ତତ୍ତ୍ୱ ଚିରନ୍ତନ
ପଥ କିନ୍ତୁ ଭିନ୍ନ ଭିନ୍ନ
ନିଜେ ହିଁ ନିଜର          କଷଟି ପଥର
ସମ୍ପଦର ସୌଦାଗର । (୫) ❑

[ଶ୍ରୀମାଙ୍କ ପ୍ରଦତ୍ତ ଉକ୍ତିକୁ ଆଧାର କରି **'ପଥ ଦୁଇ'**
କବିତାଟିର ପରିକଳ୍ପନା ଓ ରୂପାୟନ ।]

